॥ ପୂର୍ଣ୍ଣ ପରମାତ୍ମନେ ନମଃ ॥

ଜୀବନର୍ ମାର୍ଗ

(Way of Living)

ଲେଖକ:- ସନ୍ଥ ରାମପାଲ ଦାସ
ଶିଷ୍ୟ
ସ୍ୱାମୀ ରାମଦେବାନନ୍ଦଜୀ ମହାରାଜ

ଜୀବ ହମାରୀ ଜାତି ହେ, ମାନବ (Mankind) ଧର୍ମ ହମାରା ।
ହିନ୍ଦୁ, ମୁସଲିମ, ଶିଖ୍, ଈଶାଇ, ଧର୍ମ ନହିଁ କୋଇ ନ୍ୟାରା ॥

Odiya/ओडिआ

ଅବଶ୍ୟ ଦେଖନ୍ତୁ

ସନ୍ତ ରାମପାଲଜୀ ମହାରାଜଙ୍କ ମଙ୍ଗଳ ପ୍ରବଚନ

ନେପାଳ 1 ରେ ସକାଳ 6:00 ରୁ 7:00

ଶ୍ରଦ୍ଧା MH ONE ରେ ଦ୍ୱିପ୍ରହର 2:00 ରୁ 3:00

ସାଧନା ରେ ରାତ୍ରି 7:30 ରୁ 8:30

ଈଶ୍ୱର ରେ ରାତ୍ରି 8:30 ରୁ 9:30

ପ୍ରକାଶକ:- ପ୍ରଚାର ପ୍ରସାର ସମିତି ଓ ସର୍ବ ଭକ୍ତଗଣ
ସତ୍‌ଲୋକ ଆଶ୍ରମ, ହିସାର-ଟୋହାନା ରୋଡ଼ ବରୱାଲା
ଜିଲା-ହିସାର (ହରିୟାଣା), ଭାରତ ।

ମୁଦ୍ରକ :- କବୀର ପ୍ରିଣ୍ଟର୍ସ
ସି-୧୧୭, ସେକ୍ଟର - ୩, ବୱାନା ଇଣ୍ଡଷ୍ଟ୍ରିଆଲ ଏରିଆ, ନୂଆଦିଲ୍ଲୀ

ସମ୍ପର୍କ ସୂତ୍ର - ୦୮୨୨୨୮୮୦୫୪୧, ୦୮୨୨୨୮୮୦୫୪୨,
୦୮୨୨୨୮୮୦୫୪୩, ୦୮୨୨୨୮୮୦୫୪୪, ୦୮୨୨୨୮୮୦୫୪୫,

e-mail :- jagatgururampalji@yahoo.com
visit us at :- www.jagatgururampalji.org.

ବିଷୟ ସୂଚୀ

କ୍ର.ସଂଖ୍ୟା	ବିବରଣୀ	ପୃଷ୍ଠା ସଂଖ୍ୟା
୧.	ଭୂମିକା	I-II
୨.	ଦୁଇ ପଦ	୦୧
୩.	ମାନବ ଜୀବନର ସାଧାରଣ ଚିନ୍ତାଧାରା	୦୪
୪.	କଥା :- ମାର୍କଣ୍ଡେୟ ଋଷି ଓ ଅପ୍‌ସରା ସମ୍ବାଦ	୧୨
୫.	ଆଜି ଭାଇକୁ ସମୟ ମିଳିଲା	୧୭
୬.	ଭକ୍ତି ନକରିବା କାରଣରୁ ହାନିର ଅନ୍ୟ ଏକ ବିବରଣୀ	୨୦
୭.	ଭକ୍ତି ନକଲେ ବହୁତ ଦୁଃଖ ମିଳିବ	୨୩
୮.	ଭକ୍ତିମାର୍ଗର ଯାତ୍ରା	୨୪
୯.	ବିବାହ କିପରି କରିବା	୨୫
୧୦.	ପ୍ରେମ ପ୍ରସଙ୍ଗ କ'ଣ ?	୨୭
୧୧.	ଭଗବାନ ଶିବଙ୍କ ଦ୍ୱାରା ନିଜ ପତ୍ନୀଙ୍କୁ ତ୍ୟାଗ କରିବା	୨୭
୧୨.	କୃତଘ୍ନୀ ପୁତ୍ର	୩୦
୧୩.	ନିଃସନ୍ତାନ ଦମ୍ପତ୍ତି ! ସାବଧାନ	୩୧
୧୪.	ବିବାହରେ ଅଜ୍ଞାନୀମାନେ ନାଚିଥାନ୍ତି	୩୧
୧୫.	ସନ୍ଥଙ୍କ ଶିକ୍ଷା	୩୨
୧୬.	ବିବାହ ପରର ଯାତ୍ରା	୩୪
୧୭.	ବିଶେଷ ମନ୍ଥନ	୩୭
୧୮.	ଚରିତ୍ରବାନଙ୍କ କଥା	୩୯
୧୯.	ସାଙ୍ଗସାଥିଙ୍କ ପ୍ରଭାବ ତଥା ପ୍ରଭୁଙ୍କ ପ୍ରତି ବିଶ୍ୱାସ	୪୦
୨୦.	କବୀର ପରମେଶ୍ୱରଙ୍କ ଦ୍ୱାରା କାଶୀ ସହରରେ ଭୋଜନ-ଭଣ୍ଡାରା ଦେବା	୪୩
	● ସେହି ଭୋଜନ-ଭଣ୍ଡାରରେ ଘଟିଥିବା ଅନ୍ୟ ଏକ ଅଲୌକିକ ଘଟଣା	୪୬
୨୧.	ହରଲାଲ ଜାଟଙ୍କ କଥା	୪୮
୨୨.	ତମାଖୁ ସେବନ ମହାପାପ	୫୧
୨୩.	ତମାଖୁର ଉତ୍ପତ୍ତି କଥା	୫୧
୨୪.	ତମାଖୁ ବିଷୟରେ ଅନ୍ୟାନ୍ୟ ବିଚାର	୫୪
୨୫.	ଗଧ-ଘୋଡ଼ା ବି ତମାଖୁ ପ୍ରତି ଘୃଣା କରନ୍ତି	୫୬
୨୬.	ନିଶା କରେ ସର୍ବନାଶ	୫୭
୨୭.	ପିତା-ମାତାଙ୍କର ସେବା ଓ ଆଦର କରିବା ଆମ୍ଭର ପରମ କର୍ତ୍ତବ୍ୟ	୬୨
୨୮.	ପିଲାମାନଙ୍କର ଭୁଲକୁ ପିତା ଯଥା ସମ୍ଭବ କ୍ଷମା କରିଦିଅନ୍ତି	୬୩
୨୯.	ସତସଙ୍ଗ ଦ୍ୱାରା ପରିବାରର କଳହ ସମାପ୍ତ ହୋଇଥାଏ	୬୯
୩୦.	ପୁହଲୋ ବାଇଙ୍କ ସଦୁପଦେଶ	୭୧

୩୧.	ବର୍ତ୍ତମାନ ସମୟର କିଛି ସତ୍ୟକଥା	୭୯
	● ଭକ୍ତ ସୁରେଶ ଦାସଙ୍କ ଉଜୁଡ଼ି ଯାଇଥିବା ପରିବାରକୁ ରକ୍ଷା କରିବା	୭୯
	● ସତସଙ୍ଗ ନଶୁଣିବା କାରଣରୁ ସର୍ବନାଶ ହେଲା	୮୨
	● ସତସଙ୍ଗକୁ ଯିବା ଦ୍ୱାରା ବଡ଼ ବିପଦ ଟଳି ଯାଇଥାଏ	୮୩
	● ମୀରାବାଈଙ୍କୁ ବିଷ ଦେଇ ମାରିବାର ବ୍ୟର୍ଥ ପ୍ରୟାସ	୮୫
	● ମୀରାବାଈଙ୍କୁ ସଦଗୁରୁଙ୍କ ଶରଣ ପ୍ରାପ୍ତି	୮୬
	● ଚୋର କେବେ ଧନୀ ହୋଇପାରେ ନାହିଁ	୯୨
	● ସାଂସାରିକ ଝଡ଼ଝଞ୍ଝା ମଧ୍ୟରେ ହିଁ ଭକ୍ତି କରିବାକୁ ପଡ଼ିବ	୯୬
	● ଚୌଧୁରୀ ଜୀତା ଜାଟଙ୍କୁ ଜ୍ଞାନ ପ୍ରାପ୍ତି	୯୮
	● ବେଶ୍ୟାର ଉଦ୍ଧାର	୧୦୧
	● ରଙ୍କା-ବଙ୍କା କଥା	୧୦୩
	● କବୀରଜୀଙ୍କ ଦ୍ୱାରା ଶିଷ୍ୟମାନଙ୍କର ପରୀକ୍ଷା ନେବା ବିଷୟ	୧୦୫
	● କବୀର ପରମେଶ୍ୱରଙ୍କୁ ଦନ୍ତାହାତୀ ଦ୍ୱାରା ମାରିବାର କୁଚେଷ୍ଟା	୧୧୩
୩୨.	ଦୀକ୍ଷା ପ୍ରାପ୍ତି ପଶ୍ଚାତ୍	୧୧୫
୩୩.	ପରମାତ୍ମାଙ୍କ ପାଇଁ କିଛି ବି ଅସମ୍ଭବ ନୁହେଁ	୧୧୫
୩୪.	ଏକ୍ ଲେବା ଏକ୍ ଦେବା ଦୂତଂ	୧୨୦
୩୫.	ଉଚ୍ଚାରଣ ଓ ଆଚରଣ ମଧ୍ୟରେ ପାର୍ଥକ୍ୟ ଭୟାନକ ଅଟେ	୧୨୨
୩୬.	ସତସଙ୍ଗରୁ ମିଳିଲା ଭକ୍ତିର ମାର୍ଗ	୧୨୩
୩୭.	କଥାବାଚକ ପଣ୍ଡିତ ମଣିରାମଙ୍କ କୃତ୍ୟ	୧୩୧
୩୮.	ରାଜା ପରୀକ୍ଷିତଙ୍କ ଉଦ୍ଧାର	୧୩୨
୩୯.	ପଣ୍ଡିତର ପରିଭାଷା	୧୩୪
୪୦.	ସୁଦାମା ପଣ୍ଡିତ ଥିଲେ	୧୩୫
୪୧.	ଅନୁରାଗ ସାଗର ଅଧ୍ୟାୟର ସାରାଂଶ	୧୩୬
	● ଭକ୍ତର ସ୍ୱଭାବ କିଭଳି ହେବା ଆବଶ୍ୟକ ?	୧୪୨
	● ମନ କିପରି ପାପ-ପୂଣ୍ୟ କରାଇଥାଏ	୧୪୭
	● ଭକ୍ତର ୧୬ ଗୁଣ (ଆଭୂଷଣ)	୧୪୭
	● କାଳ ଦ୍ୱାରା ପ୍ରଭାବିତ ଜୀବ ସଦଗୁରୁଙ୍କ ଜ୍ଞାନକୁ ସ୍ୱୀକାର କରେ ନାହିଁ	୧୫୦
	● ହଂସ (ଭକ୍ତ)ର ଲକ୍ଷଣ	୧୫୧
	● ଭକ୍ତ-ପରମାର୍ଥୀ ହେବା ଉଚିତ୍	୧୫୧
୪୨.	ଦୀକ୍ଷା ପ୍ରାପ୍ତି କରି ନାମ ସ୍ମରଣ କରିବା ଅନିର୍ବାର୍ଯ୍ୟ	୧୫୩
	● ଦଶ୍ ମୁକାମୀ ରେଖ୍‌ତା	୧୫୬
	● ଭକ୍ତ ଜତି ଏବଂ ସତୀ ହେବା ଉଚିତ୍	୧୫୮

୪୩.	ଗରୁଡ଼ ବୋଧ ଅଧ୍ୟାୟର ସାରାଂଶ	୧୬୬
୪୪.	ହନୁମାନ ବୋଧ ଅଧ୍ୟାୟର ସାରାଂଶ	୧୮୦
୪୫.	ଆମ୍ଭେମାନେ କାଳ ଜାଲରେ କିପରି ଫସିଲେ	୧୯୨
୪୬.	କାଳ ସହିତ କବୀର ପରମେଶ୍ୱରଙ୍କର ବାର୍ତ୍ତା	୧୯୨
	• ତିନିଯୁଗରେ ଅଳ୍ପ ସଂଖ୍ୟକ ଜୀବ ନେବା ପାଁଇ କାଳ ନିରଞ୍ଜନ ଦ୍ୱାରା କବୀରଜୀଙ୍କୁ ବଚନବଦ୍ଧ କରାଇବା	୧୯୫
୪୭.	ତେର ଗାଡ଼ି କାଗଜରେ ଲେଖିବା	୨୦୧
୪୮.	ବର୍ତ୍ତମାନ ପର୍ଯ୍ୟନ୍ତ କଳିଯୁଗ କେତେ ବିତିସାରିଛି	୨୦୫
୪୯.	ଗୁରୁ ବିନା ମୋକ୍ଷ ଅସମ୍ଭବ	୨୦୬
୫୦.	ପୂର୍ଣ୍ଣଗୁରୁଙ୍କ ବଚନ ଶକ୍ତି ବଳରେ ଭକ୍ତି ହୋଇଥାଏ	୨୦୭
୫୧.	ବାସୁଦେବଙ୍କ ପରିଭାଷା	୨୧୫
୫୨.	"ଭକ୍ତି କେଉଁ ପ୍ରଭୁଙ୍କର କରିବା ଉଚିତ୍"ଗୀତାନୁସାରେ	୨୨୧
୫୩.	ପୂଜା ଓ ସାଧନା ମଧ୍ୟରେ ପାର୍ଥକ୍ୟ	୨୩୪
୫୪.	ଦୁର୍ବାଶା ଋଷିଙ୍କ କୃତ୍ୟ	୨୪୦
୫୫.	ସୃଷ୍ଟି ରଚନା	୨୪୮
	• ସମସ୍ତ ଆତ୍ମା କାଳ ଜାଲରେ ଫସିଲେ କିପରି ?	୨୫୧
	• ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶଙ୍କରଜୀଙ୍କ ଉତ୍ପତ୍ତି	୨୫୫
	• ତିନିଗୁଣ କ'ଣ ? ପ୍ରମାଣ ସହିତ	୨୫୬
	• ବ୍ରହ୍ମ(କାଳ)ଙ୍କର ଅବ୍ୟକ୍ତ ରହିବା ପାଇଁ ପ୍ରତିଜ୍ଞା	୨୫୭
	• ନିଜ ପିତା(କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବ୍ରହ୍ମାଙ୍କ ପ୍ରୟାସ	୨୫୯
	• ମାତା (ଦୂର୍ଗା)ଙ୍କ ଦ୍ୱାରା ବ୍ରହ୍ମାଙ୍କୁ ଅଭିଶାପ ଦେବା	୨୬୦
	• ନିଜ ପିତା(କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବିଷ୍ଣୁଙ୍କ ପ୍ରସ୍ଥାନ ଓ ମାତାଙ୍କ ଆଶୀର୍ବାଦ ପ୍ରାପ୍ତି କରିବା	୨୬୧
	• ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ଥାପନା	୨୬୭
	• ପବିତ୍ର ଅଥର୍ବ ବେଦରେ ସୃଷ୍ଟି ରଚନାର ପ୍ରମାଣ	୨୬୯
	• ପବିତ୍ର ଋଗ୍‌ବେଦରେ ସୃଷ୍ଟି ରଚନାର ପ୍ରମାଣ	୨୭୩
	• ପବିତ୍ର ଶ୍ରୀମଦ୍ ଦେବୀ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ	୨୭୮
	• ପବିତ୍ର ଶିବ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ	୨୭୯
	• ଶ୍ରୀମଭଗବତ ଗୀତାରେ ସୃଷ୍ଟି ରଚନାର ପ୍ରମାଣ	୨୮୦
	• ପବିତ୍ର ବାଇବେଲ ଓ ପବିତ୍ର କୁରାନ ଶରୀଫରେ ସୃଷ୍ଟି ରଚନାର ପ୍ରମାଣ	୨୮୪
	• ପୂଜ୍ୟ କବୀର ପରମେଶ୍ୱର (କବିର ଦେବ)ଙ୍କ ଅମୃତ ବାଣୀରେ ସୃଷ୍ଟି ରଚନାର ପ୍ରମାଣ	୨୮୫

- ଆଦରଣୀୟ ଗରୀବ ଦାସ ସାହେବଜୀଙ୍କ ଅମୃତବାଣୀରେ ସୃଷ୍ଟି ରଚନାର ପ୍ରମାଣ ୨୮୭
- ଆଦରଣୀୟ ନାନକ ସାହେବଜୀଙ୍କ ଅମୃତବାଣୀରେ ସୃଷ୍ଟି ରଚନାର ସଙ୍କେତ ୨୯୩
- ଅନ୍ୟସନ୍ତମାନଙ୍କ ଦ୍ୱାରା ସୃଷ୍ଟି ରଚନାର ମନଗଢା କାହାଣୀ ୨୯୬

୫୬. ଭକ୍ତି ମର୍ଯ୍ୟାଦା ୨୯୮

- ନାମଦୀକ୍ଷା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକୀୟ ସୂଚନା ୨୯୮
- କର୍ମକାଣ୍ଡ ବିଷୟରେ ଏକ ସତ୍ୟକଥା ୩୦୯

୫୭. ଶାସ୍ତ୍ରାନୁକୂଳ ଭକ୍ତି ସାଧନାରୁ ଭକ୍ତମାନଙ୍କୁ ମିଳିଥିବା ଲାଭ ୩୧୬

- କିଡ୍‌ନୀ ଠିକ୍ କରିବା ଓ ଶୈତାନକୁ ମାନବ କରିବା ୩୧୬
- ଭକ୍ତ ଦୀପକ ଦାସଙ୍କ ପରିବାରର ଆତ୍ମକଥା ୩୧୮
- ୧୧୦୦୦ ଭୋଲ୍ଟ ତାରରୁ ମୁକ୍ତ କରିବା ୩୨୨
- ପରମେଶ୍ୱରଙ୍କ ଅସୀମ କୃପା ୩୨୫

ଭୂମିକା

ଜୀବନର ମାର୍ଗ ପୁସ୍ତକଟି ଘରେ-ଘରେ ରଖିବା ଯୋଗ୍ୟ ଅଟେ । ଏହାକୁ ପଢିବା ଓ ତଦନୁସାରେ ଆଚରଣ କରିବା ଦ୍ୱାରା ଆପଣ ଉଭୟ ଇହଲୋକ ଓ ପରଲୋକରେ ସୁଖରେ ରହିବେ । ପାପକର୍ମରୁ ଦୂରେଇ ରହିବେ, ପରିବାରର କଳହ ସମାପ୍ତ ହୋଇଯିବ । ଝିଅ-ବୋହୂମାନେ ନିଜ ପିତା-ମାତାଙ୍କର ବିଶେଷ ସେବା-ଶୁସ୍ରୂଷା କରିବେ । ଘରେ ପରମାତ୍ମାଙ୍କର ନିବାସ ହେବ । ଭୂତ-ପ୍ରେତ, ଭୈରବ-ବେତାଳ, ପିତୃପୁରୁଷ ଆଦି ଆତ୍ମାମାନେ ସେହି ପରିବାର ନିକଟକୁ ଆସିବେ ନାହିଁ । ଦେବତାମାନେ ସେହି ଭକ୍ତ ପରିବାରର ସୁରକ୍ଷା କରିବେ । ଯେଉଁମାନେ ଏହି ପୁସ୍ତକଟିକୁ ପଢି ଦୀକ୍ଷା ନେଇ ନିୟମାନୁସାରେ ସାଧନା କରିବେ ସେହି ଭକ୍ତମାନଙ୍କର ଅକାଳ ମୃତ୍ୟୁ ହେବ ନାହିଁ ।

ଏହି ପୁସ୍ତକଟିକୁ ପଢିବା ଦ୍ୱାରା ଉଜୁଡ଼ି ଯାଇଥିବା ପରିବାରର ରକ୍ଷା ହୋଇପାରିବ । ଯେଉଁ ଘରେ ଏହି ପୁସ୍ତକଟି ରହିଥିବ ତାହାକୁ ନିଶ୍ଚୟ ପଢିବା ଉଚିତ୍ ଯଦ୍ୱାରା ନିଶାସେବନ ଆପେ ଆପେ ଦୂର ହୋଇଯିବ କାରଣ ଏଥିରେ ଏମିତି ଅନେକ ପ୍ରମାଣ ଅଛି ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ମଦ, ତମାଖୁ ତଥା ଅନ୍ୟ ନିଶାଦ୍ରବ୍ୟ ପ୍ରତି ଏଭଳି ଘୃଣା ଜାତ ହେବ ଯେ ସେଗୁଡିକର ନାମ ଶୁଣିବା ମାତ୍ରେ ଶରୀର ଶିହରି ଉଠିବ । ସମ୍ପୂର୍ଣ୍ଣ ପରିବାର ସୁଖରେ ଜୀବନ-ଯାପନ କରିବ । ଜୀବନଯାତ୍ରା ସୁଗମ ହୋଇଯିବ କାରଣ ଏହି ପୁସ୍ତକ ଦ୍ୱାରା ଜୀବନର ମାର୍ଗ ପରିଷ୍କାର ହୋଇ ଯାଇଥାଏ ।

ପୂର୍ଣ୍ଣ ପରମାତ୍ମା କିଏ ? ତାଙ୍କ ନାମ କ'ଣ ? ତାଙ୍କ ଭକ୍ତିର ବିଧି କ'ଣ ? ଏହି ସମସ୍ତ ବିବରଣୀ ଉକ୍ତ ପୁସ୍ତକରେ ଆପଣଙ୍କୁ ମିଳିପାରିବ । ମାନବ ଜୀବନ ସଫଳ ହୋଇପାରିବ । ପରିବାରକୁ କୌଣସି ପ୍ରକାର ବାଧାବିଘ୍ନ ଆସିବ ନାହିଁ । ପରିବାର ଉପରେ ପରମାତ୍ମାଙ୍କ କୃପା ସର୍ବଦା ରହିବ । ଜୀବନର ଉପଯୁକ୍ତ ମାର୍ଗ ମିଳିବା ଦ୍ୱାରା ଜୀବନଯାତ୍ରା ସୁଗମ ହୋଇଯାଏ । ଯିଏ ଏହି ପୁସ୍ତକଟିକୁ ଘରେ ନ ରଖିବେ, ତାଙ୍କୁ ଜୀବନର ଉତ୍ତମ ମାର୍ଗ ନ ମିଳିବା କାରଣରୁ ସଂସାର ରୂପକ ଜଙ୍ଗଲରେ ବାଟବଣା ହୋଇ ସେହି ବ୍ୟକ୍ତି ନିଜ ଅମୂଲ୍ୟ ଜୀବନ ନଷ୍ଟ କରି ପରମାତ୍ମାଙ୍କ ଦରବାରକୁ ଯାଇ କେବଳ ପଶ୍ଚାତାପ କରିବା ବ୍ୟତୀତ ଅନ୍ୟ କିଛି ମିଳିବ ନାହିଁ । ସେତେବେଳେ ଆପଣଙ୍କୁ ଅନୁଭବ ହେବ ଯେ ଜୀବନର ଉତ୍ତମ ମାର୍ଗ ନ ମିଳିବାରୁ ମୋ ଜୀବନ ବ୍ୟର୍ଥ ହୋଇଗଲା । ଆପଣ ପୁଣି ବିନୟ ସହକାରେ ପରମାତ୍ମାଙ୍କୁ ପ୍ରାର୍ଥନା କରିବେ ଯେ ହେ ପ୍ରଭୁ ! ଦୟାକରି ମୋତେ ଆଉ ଏକ ମାନବ ଜୀବନ ଦିଅନ୍ତୁ, ମୁଁ ସହୃଦୟରେ ସତ୍ୟଭକ୍ତି କରିବି, ଜୀବନର ସତ୍ୟମାର୍ଗ ଅନ୍ୱେଷଣ କରିବା ପାଇଁ ସତସଙ୍ଗକୁ ଯିବି, ଆଜୀବନ ଭକ୍ତି କରି ନିଜର କଲ୍ୟାଣ କରାଇବି । ସେହି ପରମାତ୍ମାଙ୍କ ଦରବାର (କାର୍ଯ୍ୟାଳୟ)ରେ ଆପଣଙ୍କ ପୂର୍ବଜନ୍ମର ସେହି ଫିଲ୍ମ ଦେଖାଯିବ ଯେଉଁଥିରେ ଆପଣ ପୂର୍ବର ପ୍ରତ୍ୟେକ ମାନବ ଜନ୍ମରେ ଏହା ହିଁ କହିଥିଲେ ଯେ ମୋତେ ଆଉ ଏକ ମାନବ ଜୀବନ ଦିଅନ୍ତୁ । ମୁଁ କେବେ ବି କୁକର୍ମ କରିବି ନାହିଁ, ଅଖାଦ୍ୟ ଖାଇବି ନାହିଁ । ଜୀବନ ନିର୍ବାହ ଉଦ୍ଦେଶ୍ୟରେ କର୍ମ କରିବି ଏବଂ ଆଜୀବନ ଭକ୍ତି ମଧ୍ୟ କରିବି । ପୂର୍ଣ୍ଣ ସଦଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ନିଜର କଲ୍ୟାଣ କରାଇବି । ଏହି ମାନବ ଜୀବନରେ ଯେଉଁସବୁ ଭୂଲ୍ ହୋଇଛି, ତାହା ପୁନର୍ବାର କରିବି ନାହିଁ ।

ପରମାତ୍ମା ପୁଣି କହୁଛନ୍ତି, ତୁ ନିଜେ ନିଜକୁ ମୂର୍ଖ କରି, ନିଜର ଜୀବନ ନଷ୍ଟ କରି, ପାପର ଗାଡ଼ି ବୋଝେଇ କରି ଆସି ଛିଡ଼ା ହୋଇଛୁ, ମୋତେ ମଧ୍ୟ ମୂର୍ଖ କରିବାକୁ ଚାହୁଁଛୁ । ଏବେ ତୁ ନର୍କକୁ ଯାଆ, ପୁଣି ଚୌରାଶୀ ଲକ୍ଷ ପ୍ରାଣୀଙ୍କ ଶରୀରରେ ଭ୍ରମଣ କର । ପୁନର୍ବାର ଯେତେବେଳେ ତୋତେ ମାନବ (ସ୍ତ୍ରୀ/ପୁରୁଷ) ଶରୀର ମିଳିବ, ସାବଧାନ ହୋଇ ସନ୍ଥଙ୍କର ସତସଙ୍ଗ ଶୁଣି ନିଜର କଲ୍ୟାଣ କରାଇବୁ ।

ପାଠକବୃନ୍ଦଙ୍କୁ ଏହି ନିବେଦନ ଯେ ଏହି ପବିତ୍ର ପୁସ୍ତକଟିକୁ ପଢିବା ଦ୍ୱାରା ଆପଣଙ୍କର ଏକଶହ ଏକ (୧୦୧) ପିଢି, ଇହଲୋକ ଓ ପରଲୋକରେ ସୁଖୀ ହେବେ । ଏହାକୁ ପରମାତ୍ମାଙ୍କର ଆଦେଶ ଭାବି ସପରିବାରେ ପଢନ୍ତୁ । ଜଣେ ପଢି ଅନ୍ୟମାନଙ୍କୁ ଶୁଣାନ୍ତୁ କିମ୍ବା ପ୍ରତ୍ୟେକ ବ୍ୟକ୍ତି ପୁସ୍ତକ ନେଇ ପ୍ରତିଦିନ ପଢନ୍ତୁ । ଏଥିରେ ଲିଖିତ ପ୍ରତ୍ୟେକଟି ପ୍ରକରଣ (ବିଷୟ)କୁ ସତ୍ୟ ମାନନ୍ତୁ, ପରିହାସ କରନ୍ତୁ ନାହିଁ । ଏହା କୌଣସି ନାଟ୍ୟକାରର ଲେଖା ନୁହେଁ । ଏହା ପରମେଶ୍ୱରଙ୍କର ଦାସ ରାମପାଲ ଦାସ ଦ୍ୱାରା ହୃଦୟ ସହକାରେ ମାନବ କଲ୍ୟାଣ ଉଦ୍ଦେଶ୍ୟରେ ଲେଖାଯାଇଛି । ଏହାର ଲାଭ ଉଠାନ୍ତୁ ।

॥ ସତ୍ ସାହେବ ॥

ଲେଖକ

ଦାସଙ୍କର ଦାସ ରାମପାଲ ଦାସ
ପୁତ୍ର/ଶିଷ୍ୟ-ସ୍ୱାମୀ ରାମଦେବାନନ୍ଦଜୀ
ସତ୍ୟଲୋକ ଆଶ୍ରମ ବରୱାଲା
ଜିଲ୍ଲା-ହିସାର, ହରିୟାଣା (ଭାରତ)

ଦୁଇପଦ

ପ୍ରାଣୀର ଜୀବନ ଯାତ୍ରା ଜନ୍ମରୁ ପ୍ରାରମ୍ଭ ହୋଇଥାଏ । ତା'ଜୀବନର ଲକ୍ଷ୍ୟ ପୂର୍ବରୁ ନିର୍ଦ୍ଧାରିତ ହୋଇ ରହିଥାଏ । ଏହି ପବିତ୍ର ପୁସ୍ତକରେ ମାନବ ଜୀବନ-ଯାତ୍ରାର ମାର୍ଗ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ମାନବ(ସ୍ତ୍ରୀ/ପୁରୁଷ) ଜୀବନର ମୂଳ ଲକ୍ଷ୍ୟ ମୋକ୍ଷ ପ୍ରାପ୍ତି ଅଟେ । ଜୀବନ ମାର୍ଗରେ ପାପ ଓ ପୂଣ୍ୟ କର୍ମର ଗର୍ତ୍ତ ଓ କଣ୍ଟା ଥାଏ । ଆପଣଙ୍କୁ ଏହା ଆଶ୍ଚର୍ଯ୍ୟ ଲାଗୁଥିବ ଯେ ପାପକର୍ମ ଜୀବନ ଯାତ୍ରାରେ ବାଧକ ସାଜିଥାଏ, ପୂଣ୍ୟକର୍ମ ସୁଖଦାୟକ ହୋଇଥାଏ । ଏହାକୁ ଖାଲ(ଗର୍ତ୍ତ) କହିବା ଅନୁଚିତ୍ ।

ଏହାର ସଂକ୍ଷିପ୍ତ ବର୍ଣ୍ଣନା :-

ପାପ ରୂପୀ ଖାଲ ଓ କଣ୍ଟା : ଶାସ୍ତ୍ରବିଧି ଅନୁସାରେ ପରମାତ୍ମାଙ୍କ ସାଧନା କରି, ମୋକ୍ଷ ପ୍ରାପ୍ତି ନିମିତ୍ତ ମାନବ ଜୀବନ ମିଳିଥାଏ । ପାପକର୍ମ ଜନିତ କଷ୍ଟ ଭକ୍ତିରେ ବାଧା ସୃଷ୍ଟି କରିଥାଏ । ଉଦାହରଣ ସ୍ୱରୂପ, ପାପକର୍ମ କାରଣରୁ ଶରୀର ରୋଗଗ୍ରସ୍ତ ହେବା, ପଶୁଧନ ଓ ଫସଲ ହାନି ହେବା, ଋଣ ଭାର ବଢିବା ଇତ୍ୟାଦି । ଋଣୀ ବ୍ୟକ୍ତି ଦିନରାତି ଚିନ୍ତିତ ରହିଥାଏ ତେଣୁ ସେ ଭକ୍ତି କରିପାରେ ନାହିଁ । ପୂର୍ଣ୍ଣ ସଦଗୁରୁଙ୍କଠାରୁ ଦୀକ୍ଷା ନେବା ପରେ ପରମେଶ୍ୱର ସେହି ଭକ୍ତର ଉପରୋକ୍ତ ସମସ୍ତ କଷ୍ଟ ସମାପ୍ତ କରିଦିଅନ୍ତି । ତତ୍‌ପଶ୍ଚାତ ଭକ୍ତ ଅଧିକ ଶ୍ରଦ୍ଧାର ସହିତ ଭକ୍ତି କରିଥାଏ । ପରମାତ୍ମାଙ୍କ ପ୍ରତି ତାର ବିଶ୍ୱାସ ବଢିଥାଏ ତଥା ସେ ଦୃଢ ହୋଇଯାଏ । ପରନ୍ତୁ ଭକ୍ତକୁ ପରମାତ୍ମାଙ୍କ ପ୍ରତି ସମର୍ପିତ ହେବା ଉଚିତ୍ । ଯେପରି ପତିବ୍ରତା ନାରୀ କାମପୂର୍ତ୍ତି **(Sexual satisfaction)** ପାଇଁ କେହି ଯେତେ ସୁନ୍ଦର ହୋଇଥାଉନା କାହିଁକି ନିଜ ପତି ବ୍ୟତୀତ ଅନ୍ୟ କୌଣସି ପୁରୁଷକୁ ସ୍ୱପ୍ନରେ ସୁଦ୍ଧା ଚାହିଁ ନ ଥାଏ । ସ୍ୱାମୀ ଯଥା ସମ୍ଭବ ନିଜ ସ୍ତ୍ରୀ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରିଥାଏ ଏବଂ ବିଶେଷ ପ୍ରେମ ମଧ କରିଥାଏ । ଠିକ୍ ଏହିପରି ଦୀକ୍ଷା ପ୍ରାପ୍ତି ପରେ ପରମାତ୍ମାଙ୍କ ସହିତ ଆତ୍ମାର ସଂଯୋଗ ହୋଇଥାଏ । ଗୁରୁଜୀ ଆତ୍ମାର ବିବାହ ପରମାତ୍ମାଙ୍କ ସହିତ କରାଇ ଦିଅନ୍ତି । ଯଦି ସେହି ମାନବ ଶରୀରଧାରୀ ଆତ୍ମା ନିଜ ପତି ପରମେଶ୍ୱରଙ୍କ ପ୍ରତି ପତିବ୍ରତା ନାରୀ ସଦୃଶ ସମର୍ପିତ ହୋଇଥାଏ ଅର୍ଥାତ୍ ମନସ୍କାମନା ପୂର୍ତ୍ତି ପାଇଁ ପୂର୍ଣ୍ଣ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସି ଦେବା-ଦେବୀଙ୍କ ନିକଟରେ ଇଚ୍ଛା ରଖିନଥାଏ, ତେବେ ପତି ପରମେଶ୍ୱର ତା ଜୀବନ ମାର୍ଗରେ ବାଧକ ସାଜିଥିବା ସମସ୍ତ ପାପକର୍ମ ରୂପକ କଣ୍ଟାକୁ ସଫା କରିଦିଅନ୍ତି । ସେହି ଆତ୍ମାର ଜୀବନର ମାର୍ଗ ସୁଗମ ଓ ବାଧାବିଘ୍ନ ଶୁନ୍ୟ ହୋଇଯାଏ ତଥା ତାକୁ ଜୀବନର ଲକ୍ଷ୍ୟ ଅତି ସହଜରେ ମିଳିଯାଇଥାଏ । ସେହି ଆତ୍ମା ପାଇଁ ପରମାତ୍ମା କ'ଣ କରିଥାନ୍ତି ? ସେ ବିଷୟରେ ସନ୍ତ ଗରୀବ ଦାସଜୀ ପରମେଶ୍ୱର କବୀର ସାହେବଙ୍କଠାରୁ ପ୍ରାପ୍ତ ଜ୍ଞାନକୁ ଏହି ପ୍ରକାରେ କହିଛନ୍ତି :-

ଗରୀବ, ପତିବ୍ରତା ଜମୀଂ ପର , ଜ୍ୟୋ-ଜ୍ୟୋ ଧରି ହୈ ପାଁଓ୍ଵେ ।
ସମର୍ଥ ଝାଡୁ ଦେତ ହୈ, ନା କାଁଟା ଲଗ ଜାବୈ ॥

କବୀର ପରମେଶ୍ୱରଜୀ କହୁଛନ୍ତି ଯେ :-

କବୀର-ସାଧକ କେ ଲକ୍ଷଣ କହୁଁ, ରହେ ଜ୍ୟୋଁ ପତିବ୍ରତା ନାରୀ ।
କହ କବୀର ପରମାତ୍ମା କୋ, ଲଗୈ ଆତ୍ମା ପ୍ୟାରୀ ॥
ପତିବ୍ରତା କେ ଭକ୍ତି ପଥ କୋ, ଆପ ସାଫ କରେ କରତାର ।
ଆନ ଉପାସନା ତ୍ୟାଗ ଦେ, ସୋ ପତିବ୍ରତା ପାର ॥

ଭକ୍ତି କରିବା ଦ୍ୱାରା ପାପ ନଷ୍ଟ ହୋଇଯାଏ ଯାହା ଭକ୍ତି ମାର୍ଗରେ କଣ୍ଟା ସଦୃଶ ।

କବୀର, ଜବ ହୀ ସତ୍ୟନାମ ହୃଦୟ ଧରୋ, ଭୟୋ ପାପ କୋ ନାଶ ।
ଜୈସେ ଚିଙ୍ଗାରୀ ଅଗ୍ନି କି, ପଡ଼େ ପୁରାନେ ଘାସ ॥

ତେଣୁ ପୂର୍ଣ୍ଣଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ପ୍ରତ୍ୟେକ ସ୍ତ୍ରୀ-ପୁରୁଷ, ବାଳକ(ତିନିବର୍ଷରୁ ଉର୍ଦ୍ଧ), ବୃଦ୍ଧ ଓ ଯୁବକ ନିଶ୍ଚୟ ଭକ୍ତି କରିବା ଉଚିତ୍ ।

ଝ---ପୂଣ୍ୟ ମଧ୍ୟ ଭକ୍ତି ମାର୍ଗରେ ବାଧକ ଅଟେ :-

ପୁର୍ବଜନ୍ମର ପୂଣ୍ୟ କାରଣରୁ ଗୃହରେ ଧନବୃଦ୍ଧି ହେବା ସହିତ ସର୍ବ ସୁବିଧା ଉପଲବ୍ଧ ହୋଇଥାଏ । କାହାକୁ ରାଜ ସିଂହାସନ ମଧ୍ୟ ପ୍ରାପ୍ତ ହୋଇଥାଏ, ଯାହା ଭକ୍ତିମାର୍ଗରେ ବାଧକ ଅଟେ । ସେହି ସୁଖ ତାକୁ ପରମାତ୍ମାଙ୍କଠାରୁ ଅନେକ କୋଶ(ବହୁ କିଲୋମିଟର) ଦୂର କରି ଦେଇଥାଏ । ଏହିଭଳି ସୁଖ ଜୀବନର ମାର୍ଗରେ କଣ୍ଟା ସଦୃଶ୍ୟ । ପରମାତ୍ମା ପ୍ରାପ୍ତିର ଲକ୍ଷ୍ୟଠାରୁ ଏହା ଆତ୍ମକୁ ଦୂର କରି ଦେଇଥାଏ ।

କବୀର, ସୁଖ କେ ମାଥେ ପଥର ପଡ଼ୋ, ନାମ ହୃଦୟ ସେ ଜାଉଁ ।
ବଲିହାରୀ ଓ୍ୱା ଦୁଖକେ, ଜୋ ପଲ-ପଲ ନାମ ରଟାଉଁ ॥

ଜଣେ ଧନୀ ବା ରାଜପଦ ପ୍ରାପ୍ତ ବ୍ୟକ୍ତିକୁ ଥରେ ପରମାତ୍ମାଙ୍କ କଥା ଶୁଣାଇବାକୁ ଚେଷ୍ଟା କରନ୍ତୁ, ଦେଖିବେ ସେ କଥା ଶୁଣିବାକୁ କେବେ ବି ଆଗ୍ରହୀ ହେବେ ନାହିଁ । ଅନ୍ୟପଟେ ପାପକର୍ମ ଜନିତ କଷ୍ଟ ଭୋଗୁଥିବା ଜଣେ ବ୍ୟକ୍ତି ସହିତ ପରମାତ୍ମାଙ୍କ ଚର୍ଚ୍ଚା କରି କୁହନ୍ତୁ ଯେ ପରମାତ୍ମା ସମସ୍ତ ଦୁଃଖ-କଷ୍ଟ ଦୂର କରିଦିଅନ୍ତି, ଆପଣ ପରମାତ୍ମାଙ୍କ ଭକ୍ତି କରନ୍ତୁ । ଦେଖନ୍ତୁ, ଆତ୍ମ ଗ୍ରାମର ଅମୁକ ବ୍ୟକ୍ତି ସେହି ସନ୍ଥଙ୍କଠାରୁ ଦୀକ୍ଷା ନେଇ ସୁଖୀ ହୋଇଗଲେ । ସେ ମଧ୍ୟ ଆପଣଙ୍କ ଭଳି କଷ୍ଟରେ ଥିଲେ । ଏହା ଶୁଣି ସେହି ଦୁଃଖୀ ବ୍ୟକ୍ତି ତୁରନ୍ତ ଭକ୍ତି ପ୍ରାରମ୍ଭ କରିଥାନ୍ତି । ସେହି ଦୁଃଖ ତାଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଲା । ସୁଖୀ ବ୍ୟକ୍ତିଙ୍କୁ କିପରି ବୁଝାଇବା । ପୂଣ୍ୟରୂପକ ମଲେଇ-ରାବିଡି ତାଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଅଛି । ସେହି ଧନୀ ବ୍ୟକ୍ତି ନିଜର ସମସ୍ତ ପୁଣ୍ୟକୁ ଖର୍ଚ୍ଚ କରି, ନିସ୍ୱ ହୋଇ, ପାପର ମାଲ୍‌ଗାଡ଼ି ବୋଝେଇକରି ମୃତ୍ୟୁ ଉପରାନ୍ତ ଭୟଭୀତ ଅବସ୍ଥାରେ ନତମସ୍ତକ ହୋଇ ପରମାତ୍ମାଙ୍କ ଦରବାରକୁ ଯିବ । ତା'ପରେ ସେ କୁକୁର, ଗଧ, ଘୁଷୁରୀ ଆଦି ଜନ୍ମ ପାଇବ । ଏହା ବିପରୀତ ଦୁଃଖୀ-ନିର୍ଧନ ବ୍ୟକ୍ତିଟି ପରମାତ୍ମାଙ୍କ ଭକ୍ତି ତଥା ଦାନ-ଧର୍ମ କରି ବର୍ତ୍ତମାନ ଜୀବନରେ ମଧ୍ୟ ସୁଖୀ ହୋଇପାରିବ । ପାପକର୍ମରୁ ଦୂରେଇ ରହି ପୂଣ୍ୟରୂପୀ ମାଲ୍‌ଗାଡ଼ି ବୋଝେଇ କରି, ଭକ୍ତି ଧନରେ ଧନୀ ହୋଇ, ନିର୍ଭୟ ହୋଇ ପରମାତ୍ମାଙ୍କ ଦରବାରକୁ ଯିବ । ପରମାତ୍ମା ସେହି ଭକ୍ତକୁ ଆଲିଙ୍ଗନ କରିବେ ତଥା ଜଣେ ଧନୀ ବା ରାଜପଦ ପ୍ରାପ୍ତ ସୁଖୀ ବ୍ୟକ୍ତି ଯଦି ଭକ୍ତି କରେ ତେବେ ତା'ର ନିଶ୍ଚୟ କାର୍ଯ୍ୟସିଦ୍ଧି ହେବ । ମୋକ୍ଷ ପ୍ରାପ୍ତି ପାଇଁ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

ପ୍ରଶ୍ନ :- ଜଣେ ଭଦ୍ର ବ୍ୟକ୍ତି କହିଲେ, ମୁଁ କୌଣସି ନିଶାସେବନ କରେ ନାହିଁ, ସମସ୍ତ କୁକର୍ମରୁ ନିଜକୁ ଦୂରେଇ ରଖେ । ଅନ୍ୟ ଝିଅ-ବୋହୂମାନଙ୍କୁ ନିଜର ବୋଲି ଭାବେ । କୌଣସି ପାପକର୍ମ କରେ ନାହିଁ । ମୋର ଭକ୍ତି କରିବାର କୌଣସି ଆବଶ୍ୟକତା ନାହିଁ । ବହୁତ କୁକର୍ମରେ ଅଭ୍ୟସ୍ତ ଓ ବଦନାମ ହୋଇଥିବା ଏମିତି ଅନେକ ସ୍ତ୍ରୀ-ପୁରୁଷଙ୍କୁ ମୁଁ ସତସଙ୍ଗକୁ ଯିବାର ଦେଖିଛି ।

ଉତ୍ତର :- ଉଦାହରଣ ସ୍ୱରୂପ ଦୁଇ ଏକର ଜମି ଅଛି । ସେଥିରୁ ଗୋଟିଏ ଏକର ଜମିକୁ ଭଲଭାବରେ ପ୍ରସ୍ତୁତ କରାଯାଇଛି ଅର୍ଥାତ୍ ଜମିରେ ଥିବା ସମସ୍ତ ଅନାବନା ଘାସ ଓ ଲତା ଆଦିକୁ କାଟି ପରିଷ୍କାର କରି, ହଳ କିମ୍ବା ଟ୍ରାକ୍ଟରରେ ଚାଷକରି ରଖାଯାଇଛି କିନ୍ତୁ ବିହନ ବୁଣା ଯାଇନାହିଁ । କିନ୍ତୁ ଅନ୍ୟ ଜମିଟି ଯଦି ଅନାବନା ଘାସ ଓ ଲତା ଆଦିରେ ପରିପୂର୍ଣ୍ଣ ହୋଇ ରହିଛି ତେବେ ଉଭୟ ଜମି ବେକାର । ଯଦି କେହି ଦ୍ୱିତୀୟ ଜମିଟିକୁ ଚାଷ ଉପଯୋଗୀ କରି ସେହି ଜମିରେ ବିହନ ବୁଣିଲା, କିନ୍ତୁ ତା ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଜମି ଯେଉଁଥିରେ ବିହନ ବୁଣା ଯାଇନାହିଁ, ତେବେ ସେହି ଜମିଟି ପ୍ରଥମ ଜମିଠାରୁ ବହୁ ଗୁଣରେ ଉପଯୋଗୀ (ଉତ୍ତମ) ଅଟେ ।

ତେଣୁ ଆପଣ ଯଦି କୁବିଚାର, କୁକର୍ମ ରହିତ ଅଟନ୍ତି, ତେବେ ଆପଣଙ୍କୁ ଭକ୍ତି ରୂପକ ବିହନ ବୁଣିବାକୁ ପଡ଼ିବ, ତାହେଲେ ଆପଣଙ୍କ ଶରୀର ରୂପକ ଜମି ସାର୍ଥକ ହେବ ।

ଯେଉଁମାନେ କୁକର୍ମ କରୁଥିଲେ, ଜ୍ଞାନ ଉଦ୍ରେକ ହେଲାପରେ ସେମାନେ ଯଦି କୁକର୍ମ ତ୍ୟାଗ କରି ଭକ୍ତି କରୁଛନ୍ତି, ତେବେ ସେମାନେ ନିଜ ଜୀବନର ମାର୍ଗ ବଦଳାଇ ଶୁଦ୍ଧପୁତ ଜୀବନଯାପନ କଲେ ଯାହାଦ୍ୱାରା ସେମାନଙ୍କର ଲକ୍ଷ୍ୟସ୍ଥଳ ନିକଟ ହୋଇଗଲା ।

ଆପଣ ଆଗକୁ ପଢିବେ ଯେ, ଜଣେ ବେଶ୍ୟା କିପରି କବୀର ପରମାତ୍ମାଙ୍କ ସତସଙ୍ଗ ଶୁଣି ନିଜ ଜୀବନର ମାର୍ଗ ବଦଳାଇ ପାରିଲା ଏବଂ ନାମ ଦୀକ୍ଷା ନେଇ ସତସଙ୍ଗକୁ ଯିବାକୁ ଲାଗିଲା । ଏହା ନଗରବାସୀଙ୍କୁ ଭଲ ଲାଗିଲା ନାହିଁ । ସେମାନେ ପରସ୍ପର ମଧ୍ୟରେ କୁତ୍ସାରଟନା କରିବାକୁ ଲାଗିଲେ ଯେ କବୀରଙ୍କ ସତସଙ୍ଗକୁ ଦୁଃଶ୍ଚରିତ୍ରା ନାରୀମାନେ ଆସୁଛନ୍ତି, ସେ ଭଲ ସନ୍ଥ ନୁହଁନ୍ତି । ଖରାପ ଚରିତ୍ରର ଲୋକମାନେ ତାଙ୍କ ସତସଙ୍ଗକୁ ଆସୁଛନ୍ତି । ତେଣୁ ଆପଣମାନେ ନିଜ ଝିଅ-ବୋହୂମାନଙ୍କୁ ସେଠାକୁ ଯିବାକୁ ଦିଅନ୍ତୁ ନାହିଁ । ଁଲୋକମାନଙ୍କଠାରୁ ଏହିଭଳି କଥା ଶୁଣି କିଛି ଭକ୍ତ ମଧ୍ୟ ଗୁରୁଜୀଙ୍କ ପ୍ରତି ସେହିଭଳି ବ୍ୟବହାର କରିବାକୁ ଲାଗିଲେ । ତା'ପରେ ପରମେଶ୍ୱର କବୀର ସାହେବ କହିଲେ ଯେ :-

କୁଷ୍ଠୀ ହୋ ସନ୍ଥ ବନ୍ଦେଗୀ କୀଜିଏ ।
ଜେ ହୋ ବେଶ୍ୟା କୋ ପ୍ରଭୁ ବିଶ୍ୱାସ, ଚରଣ ଚିତ ଦୀଜିଏ ॥

ଭାବାର୍ଥ:- ଯଦି କୌଣସି ଭକ୍ତକୁ କୁଷ୍ଠ ରୋଗ ହୋଇଛି ଏବଂ ସେ ଭକ୍ତି କରୁଛି ତେବେ ଭକ୍ତ ସମାଜ ତାଙ୍କୁ ଘୃଣା କରିବା ଅନୁଚିତ୍ । ତାଙ୍କୁ ମଧ୍ୟ ପ୍ରଣାମ କର ଯେପରି ଅନ୍ୟ ଭକ୍ତମାନଙ୍କୁ କରାଯାଏ । ତାଙ୍କ ମନୋବଳ ବଢାଇବା ଉଚିତ୍, ତାଙ୍କୁ ସମ୍ମାନ ଦେବା ଉଚିତ । ଭକ୍ତି କରିବା ଦ୍ୱାରା ସେହି ଭକ୍ତର ଜୀବନ ସଫଳ ହେବ, ରୋଗ ମଧ୍ୟ ଠିକ୍ ହୋଇଯିବ । ଏହିଭଳି କୌଣସି ବେଶ୍ୟା(ଝିଅ /ଭଉଣୀ)କୁ ଯଦି ସତସଙ୍ଗକୁ ଆସି ଭକ୍ତି କାରିବା ପାଇଁ ପ୍ରେରଣା ହୁଏ ତେବେ ପରମାତ୍ମାଙ୍କ ଉପରେ ତା'ର ବିଶ୍ୱାସ ସୃଷ୍ଟି ହୋଇଛି ବୋଲି ଜାଣିବା । ସତସଙ୍ଗ ବିଚାର ଶୁଣି ତା'ର ସମସ୍ତ କୁଅଭ୍ୟାସ ଦୂର ହେବା ସହିତ କଲ୍ୟାଣ ନିଶ୍ଚୟ ହେବ । ସମାଜରୁ ଦୂରାଚାର ମଧ୍ୟ ଦୂର ହୋଇପାରିବ । ଯଦି ସେ ସତସଙ୍ଗକୁ ନ ଆସେ, ତେବେ ନିଜ ପାପକର୍ମର ପଶ୍ଚାତାପ ତାକୁ କିପରି ହେବ ? ଯେପରି ମଇଳା ବସ୍ତ୍ର ଯଦି ଜଳ ଓ ସାବୁନ ସଂସ୍ପର୍ଶରେ ନ ଆସିବ ତେବେ ସଫା ହେବ କିପରି ? ତେଣୁ ଏଭଳି ଦୁଶ୍ଚରିତ୍ରା ନାରୀ ଯଦି ଭକ୍ତି କରନ୍ତି ତେବେ ତାକୁ ମଧ୍ୟ ବିଶେଷ ଆଦରର ସହିତ ଆମନ୍ତ୍ରଣ କରନ୍ତୁ, ଯେପରି ସେ ସତସଙ୍ଗକୁ ଆସିବାକୁ ଲଜ୍ୟା ଅନୁଭବ କରିବ ନାହିଁ । ଯଦି ତାକୁ ସତସଙ୍ଗକୁ ଆସିବାକୁ ବାରଣ କରିବେ ତେବେ ଆପଣ ପାପରେ ଭାଗୀଦାର ହେବେ । ଆଗକୁ ଆପଣ ଏହି ପୁସ୍ତକ "ଜୀବନର ମାର୍ଗ"ର ପୃଷ୍ଠା ନଂ୧୦୫ରେ ଏକ ବିଷୟ ପଢିବେ ଯାହାର ହେଡ଼ିଙ୍ଗ ହେଉଛି "କବୀରଜୀଙ୍କ ଦ୍ୱାରା ଶିଷ୍ୟମାନଙ୍କର ପରୀକ୍ଷା" ।

ଶ୍ରୀମଦ୍ଭଗବତ ଗୀତା ଅଧ୍ୟାୟ ୯ ଶ୍ଳୋକ ନଂ ୩୦ରେ ପ୍ରମାଣ ଅଛି ଯେ ଯଦି କୌଣସି ଅତି ଦୁରାଚାରୀ ବ୍ୟକ୍ତି ବିଶ୍ୱାସର ସହିତ ପରମାତ୍ମାଙ୍କ ଭକ୍ତି କରନ୍ତି ତେବେ ତାଙ୍କୁ ମହାତ୍ମା ତୁଲ୍ୟ ସମ୍ମାନ ଦେବା ଉଚିତ୍ । ସନ୍ଥମାନଙ୍କର ଜ୍ଞାନ ଶୁଣି ସେମାନେ ବଦଳି ଯାଇ ନିଜର କଲ୍ୟାଣ କରାଇବେ । ତେଣୁ ସମସ୍ତ ମାନବ ଶରୀରଧାରୀ ପ୍ରାଣୀ ଗୁରୁଜୀଙ୍କ ଚରଣାଶ୍ରିତ ହୋଇ ପରମାତ୍ମାଙ୍କ ଭକ୍ତି କରିବା ସହିତ ଶୁଭକର୍ମ, ଦାନ-ଧର୍ମ ଆଦି ଅବଶ୍ୟ କରିବା ଉଚିତ୍ ।

ପୂଜ୍ୟ କବୀର ପରମେଶ୍ୱରଜୀ କହିଛନ୍ତି ଯେ :-

କବୀର, ମାନୁଷ ଜନ୍ମ ଦୁର୍ଲଭ ହୈ, ମିଲେ ନା ବାରମ୍ବାର ।
ତରବର ସେ ପତ୍ତା ଟୁଟ ଗିରେ, ବହୁର ନା ଲାଗେ ଡ଼ାର ॥

ଭାବାର୍ଥ :- କବୀର ପରମାତ୍ମା କହିଛନ୍ତି, ହେ ମାନବ ଶରୀରଧାରୀ ପ୍ରାଣୀ ! ଏହି ମାନବ ଜନ୍ମ (ସ୍ତ୍ରୀ/ପୁରୁଷ) ଅନେକ ଯୁଗ ପରେ ବହୁତ କଷ୍ଟରେ ମିଳିଥାଏ । ଏହା ବାରମ୍ବାର ମିଳେ ନାହିଁ । ଏହି ଶରୀର ଥିବା ପର୍ଯ୍ୟନ୍ତ ଶୁଭ କର୍ମ ତଥା ପରମାତ୍ମାଙ୍କ ଭକ୍ତି କର, ଅନ୍ୟଥା ଏହି ଶରୀର ଚାଲିଗଲେ ଆପଣ ପୁନର୍ବାର ଏହି ସ୍ଥିତି ଅର୍ଥାତ୍ ମାନବ ଶରୀର ପ୍ରାପ୍ତ ହୋଇପାରିବେ ନାହିଁ । ଯେପରି ବୃକ୍ଷରୁ ପତ୍ର ଝଡ଼ିବା ପରେ ସେହି ଡ଼ାଳରେ ପୁନର୍ବାର ଲାଗିପାରେ ନାହିଁ ।

ତେଣୁ ଏହି ମନୁଷ୍ୟ ଜନ୍ମକୁ ବ୍ୟର୍ଥ କରନ୍ତୁ ନାହିଁ । କବୀର ସାହେବ ପୁଣି କହିଛନ୍ତି ଯେ :-

କବୀର, ମାନୁଷ ଜନ୍ମ ପାୟକର, ନହୀଁ ରଟେ ହରି ନାମ ।
ଜୈସେ କୁଆଁ ଜଲ ବିନା, ବନବାୟା କ୍ୟା କାମ ॥

ଭାବାର୍ଥ :- ଅମୂଲ୍ୟ ମାନବ ଜୀବନ ପ୍ରାପ୍ତ କରି ଯଦି ଭକ୍ତି ନ କରୁଛନ୍ତି ତେବେ ସେହି ଜୀବନ ଜଳ ବିହୀନ ଏକ ସୁନ୍ଦର କୂପ ସଦୃଶ୍ୟ, ଯଦିବା ଜଳ ଅଛି ତାହା ଲବଣଯୁକ୍ତ (ପିଇବା ଉପଯୋଗୀ ନୁହେଁ) । ଯଦିଓ ତା'ର ନାମ କୂପ କିନ୍ତୁ ସେଥିରେ କୂପର (Well) କୌଣସି ଗୁଣ ନାହିଁ । ଠିକ୍ ଏହିଭଳି ଯେଉଁ ମନୁଷ୍ୟ ଭକ୍ତି କରେ ନାହିଁ ତାକୁ ମନୁଷ୍ୟ କୁହାଯାଉଥିଲେ ମଧ୍ୟ ତା'ଠାରେ ମନୁଷ୍ୟର କୌଣସି ଗୁଣ ନ ଥାଏ ।

ପୂର୍ବଜନ୍ମରେ କରିଥିବା ଶୁଭ-ଅଶୁଭ କର୍ମ ଏବଂ ଭକ୍ତି କାରଣରୁ କେହି ସୁସ୍ଥ ଥାଏ କିନ୍ତୁ ସେ ହଠାତ୍ ରୋଗଗ୍ରସ୍ତ ହୋଇଯାଏ ଏବଂ ସୁସ୍ଥ ହେବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ମଧ୍ୟ ଶେଷରେ ମୃତ୍ୟୁକୁ ପ୍ରାପ୍ତ ହୋଇଥାଏ । କେହି-କେହି ଜନ୍ମରୁ ହିଁ ରୋଗଗ୍ରସ୍ତ ହୋଇ ଆଜୀବନ କଷ୍ଟ ଭୋଗୀ ମୃତ୍ୟୁବରଣ କରିଥାଏ । କେହି ନିର୍ଦ୍ଧନ ହୋଇଥାଏ ତ କେହି ଧନବାନ ହୋଇ ଜନ୍ମ ହୋଇଥାଏ । କାହାର ପୁତ୍ର-କନ୍ୟା ଅଛନ୍ତି ତ କାହାକୁ ସନ୍ତାନ ପ୍ରାପ୍ତି ହୋଇ ନ ଥାଏ । କାହାକୁ କେବଳ କନ୍ୟା ପ୍ରାପ୍ତି ହୋଇଥାଏ, ଯେତେ ଇଚ୍ଛା କଲେ ମଧ୍ୟ ପୁତ୍ର ପ୍ରାପ୍ତି ହୋଇ ନ ଥାଏ । ମନୁଷ୍ୟ ପୂର୍ବଜନ୍ମର କର୍ମଫଳ ସ୍ୱରୂପ ଏହା ଭୋଗ କରିଥାଏ । ଯେପର୍ଯ୍ୟନ୍ତ ସେ ପୁନର୍ବାର ଭକ୍ତି ପ୍ରାରମ୍ଭ ନ କରିଛି ସେପର୍ଯ୍ୟନ୍ତ ପୂର୍ବ ସଂସ୍କାର ଆଧାରରେ ତାକୁ ଫଳ ପ୍ରାପ୍ତି ହୋଇଥାଏ । ଯେତେବେଳେ ପୂର୍ଣ୍ଣଗୁରୁଙ୍କଠାରୁ ଦୀକ୍ଷା ନେଇ ମର୍ଯ୍ୟାଦାର ସହିତ ଭକ୍ତି କରିବ ସେତେବେଳେ ଶୁଭ ସଂସ୍କାର ବୃଦ୍ଧି ହୋଇ ଦୁଃଖ ସମୟ ସୁଖରେ ବଦଳିବାକୁ ଲାଗେ ।

''ମାନବ ଜୀବନର ସାଧାରଣ ଚିନ୍ତାଧାରା''

ଯେପର୍ଯ୍ୟନ୍ତ ଯଥାର୍ଥ ଆଧ୍ୟାତ୍ମିକ ଜ୍ଞାନ ନ ହୋଇଛି, ସେପର୍ଯ୍ୟନ୍ତ ଜନସାଧାରଣଙ୍କର ଏହି ଧାରଣା ଥାଏ ଯେ :-

୧. ବଡ଼ ହୋଇ ପାଠ ପଢି ନିଜ ଜୀବିକା ନିର୍ବାହ ପାଇଁ କର୍ମ ସଂସ୍ଥାନ ଖୋଜି ତା'ପରେ ବିବାହ କରି ପରିବାର ପ୍ରତିପୋଷଣ କରିବା ଓ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବା । ପୁଣି ସେମାନଙ୍କୁ ରୋଜଗାର ମିଳିଯିବା ପରେ ସେମାନଙ୍କର ବିବାହ କରାଇ ପରମାତ୍ମାଙ୍କୁ ପ୍ରାର୍ଥନା କରିବା ଯେ ମୋ ସନ୍ତାନକୁ ସନ୍ତାନଟିଏ ଦିଅନ୍ତୁ । ଏହାପରେ ଆମ୍ଭର କର୍ତ୍ତବ୍ୟ ଶେଷ ହୋଇଗଲା । ଅନେକ ସମୟରେ ଗ୍ରାମମାନଙ୍କରେ ବୟସ୍କ ଲୋକମାନେ ଏକାଠି ବସି ନିଜ-ନିଜ ମଧ୍ୟରେ ସୁଖଦୁଃଖ ଆଲୋଚନା କରିଥାନ୍ତି । ଏକଦା ଜଣେ ବ୍ୟକ୍ତି କହିଲେ ଯେ ପରମାତ୍ମାଙ୍କ କୃପାରୁ ମୋର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି । କଠିନ ପରିଶ୍ରମ କରି ମୁଁ ସେମାନଙ୍କୁ ଲାଳନପାଳନ କରିଛି, ପାଠ ପଢାଇଛି ଓ ବିବାହ କରାଇଛି । ସମସ୍ତଙ୍କର ପୁଅ-ଝିଅ ଅଛନ୍ତି । ମୋ କର୍ତ୍ତବ୍ୟ ସରିଗଲା । ମୋର ବୟସ ୭୫ ବର୍ଷ ହୋଇସାରିଛି, ବର୍ତ୍ତମାନ ମୃତ୍ୟୁ ହୋଇଗଲେ ମଧ୍ୟ ମୋର କିଛି ଦୁଃଖ ନାହିଁ, ମୋ ଜୀବନ ସଫଳ ହେଲା । ବଂଶ ଆଗକୁ ବଢି ଚାଲିବ, ସଂସାରରେ ମୋର ନାମ ରହିବ ।

ବିବେଚନା :- ଉପରୋକ୍ତ ପ୍ରସଙ୍ଗରେ ସେହି ବ୍ୟକ୍ତିଙ୍କୁ ଯାହା ପ୍ରାପ୍ତ ହେଲା, ତାହା ପୂର୍ବ ନିର୍ଦ୍ଧାରିତ ସଂସ୍କାର(କର୍ମଫଳ) ଅନୁସାରେ ହିଁ ପ୍ରାପ୍ତ ହେଲା, ଏଥିରେ କିଛି ବି ଅଧିକ ମିଳିଲା ନାହିଁ ।

ଜଣେ ବ୍ୟକ୍ତିଙ୍କର ବିଭାଘର ହେଲା । ସନ୍ତାନ ରୂପରେ କନ୍ୟାଟିଏ ଜନ୍ମ ହେଲା । ଆମ୍ଭ ସମାଜରେ ଏହି ଧାରଣା ଅଛି ଯେ ପୁତ୍ର ନଥିବା ବ୍ୟକ୍ତିର ବଂଶ ରକ୍ଷା ହୋଇପାରେ ନାହିଁ । (କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ପୁତ୍ର-କନ୍ୟା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ) । ପୁଣି ଆଶା ରହିଲା ଯେ ଦ୍ୱିତୀୟ ସନ୍ତାନଟି ପୁତ୍ର ହେବ, ମାତ୍ର ଦ୍ୱିତୀୟଟି ମଧ୍ୟ କନ୍ୟା ହେଲା । ପୁଣି ଆଶା ରହିଲା ଯେ ପରମାତ୍ମାଙ୍କ କୃପାରୁ ତୃତୀୟ ସନ୍ତାନଟି ପୁତ୍ର ହେବ, ମାତ୍ର ତୃତୀୟଟି ମଧ୍ୟ କନ୍ୟା ହେଲା । ଏହିପରି ମୋଟ ପାଞ୍ଚଟି କନ୍ୟା ଜନ୍ମ ହେଲେ, ପୁତ୍ର ହେଲା ନାହିଁ । ଏହି ଉଦାହରଣରୁ ସ୍ପଷ୍ଟ ପ୍ରମାଣିତ ହେଲା ଯେ ନା ମନୁଷ୍ୟ ଇଚ୍ଛାରେ କିଛି ହେଉଛି, ନା ମନୁଷ୍ୟ ଦ୍ୱାରା କିଛି ହେଉଛି । ଯାହା କିଛି ଘଟୁଛି ସଂସ୍କାରବଶତଃ ହେଉଛି । ଏହା ପରମେଶ୍ୱରଙ୍କର ବିଧାନ ଅଟେ । ମାନବ ଶରୀର ପ୍ରାପ୍ତ ପ୍ରାଣୀକୁ ବର୍ତ୍ତମାନ ଜନ୍ମରେ ପୂର୍ଣ୍ଣସନ୍ତଙ୍କଠାରୁ ଦୀକ୍ଷା ନେଇ ଭକ୍ତି କରିବା ଉଚିତ୍

ତଥା ଦାନ-ପୂଣ୍ୟ, ଧର୍ମ ଓ ଶୁଭକର୍ମ ଅବଶ୍ୟ କରିବା ଉଚିତ୍ । ନଚେତ୍ ପୂର୍ବଜନ୍ମର ସମସ୍ତ ପୂଣ୍ୟଫଳକୁ ଏହି ଜନ୍ମରେ ସମାପ୍ତ କରି ଶୁନ୍ୟହସ୍ତରେ ପରମାତ୍ମାଙ୍କ ଦରବାରକୁ ଯିବ । ତା'ପରେ ପଶୁ-ପକ୍ଷୀଙ୍କ ଜୀବନ ଭୋଗୀବାକୁ ପଡିବ ।

ଯେପରି କୃଷକ ନିଜ କ୍ଷେତରେ ଧାନ, ଗହମ ଆଦି ବୁଣିଥାଏ । ପରିଶ୍ରମ କରି ସେହି ଫସଲକୁ ପରିପକ୍ୱ କରାଏ ଓ ପରେ ତାକୁ ଅମଳ କରି ନିଜ କୋଠିରେ ସୁରକ୍ଷିତ ରଖିଥାଏ । ଯଦି ସେ ଆସନ୍ତା ବର୍ଷ ପୁଣି ବିହନ ବୁଣି ଫସଲ ଅମଳ ନକରୁଛି ଏବଂ ପୁର୍ବ ବର୍ଷର ସଞ୍ଚିତ ଧାନ, ଗହମ ଆଦିକୁ ଖର୍ଚ୍ଚ କରୁଛି ତେବେ ବର୍ତ୍ତମାନ ତା'ପାଇଁ କୌଣସି ଅସୁବିଧା ନାହିଁ । କାରଣ ପୂର୍ବବର୍ଷର ସଞ୍ଚିତ ଧାନ-ଗହମ ଆଦି ବଳକା ଅଛି, କିନ୍ତୁ ସେହି ଖାଦ୍ୟ-ଶଷ୍ୟ ଦିନେ ନିଶ୍ଚୟ ଶେଷ ହୋଇଯିବ ଏବଂ ସେହି କୃଷକ ପରିବାର ଭିକାରୀ ହୋଇ ଭୋକ ଉପାସରେ ଛଟପଟ ହେବ । ଠିକ୍ ଏହିଭଳି ମନୁଷ୍ୟକୁ ଯାହା କିଛି ପ୍ରାପ୍ତ ହେଉଛି ତାହା ପୂର୍ବଜନ୍ମର ସଞ୍ଚିତ ପୁଞ୍ଜି ଅଟେ । ତେଣୁ ଏହି ଜନ୍ମରେ ଯଦି ଶୁଭକର୍ମ ତଥା ଭକ୍ତି ନ କରୁଛନ୍ତି ତେବେ ଭବିଷ୍ୟତ ଜୀବନ ନର୍କତୁଲ୍ୟ ହୋଇଯିବ ।

ଆଧାତ୍ମିକ ଜ୍ଞାନ ପ୍ରାପ୍ତି ପରେ ମନୁଷ୍ୟ ବୁଦ୍ଧିମାନ କୃଷକ ପରି ପ୍ରତିବର୍ଷ ପ୍ରତ୍ୟେକ ଋତୁରେ ଦାନ-ଧର୍ମ, ଓ ସୁମିରଣ ରୂପୀ ଫସଲ ଲଗାଇ ତାହାକୁ ସଂଗ୍ରହ କରି ନିଜ ଘରେ ଖାଇବା ସହିତ ବିକ୍ରି କରି ନିଜର ଖର୍ଚ୍ଚ ମଧ୍ୟ ଚଳାଇବ । ଅର୍ଥାତ୍ ପୂର୍ଣ୍ଣଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ତାଙ୍କ ନିର୍ଦ୍ଦେଶାନୁସାରେ ସାଧନା ତଥା ପ୍ରତି ସମାଗମରେ ଦାନ-ଧର୍ମ କରି ଭକ୍ତି ରୂପକ ଧନ ସଂଗ୍ରହ କରିବ । ତେଣୁ ପରମ ସନ୍ଥ ମାନବକୁ ଜୀବନର ମାର୍ଗଦର୍ଶନ କରାଇଥାନ୍ତି । ତାଙ୍କ ଦ୍ୱାରା ପ୍ରଦତ୍ତ ଆଧାତ୍ମିକ ସତ୍ୟଜ୍ଞାନ ସର୍ବ ଗ୍ରନ୍ଥ ପ୍ରମାଣ ଆଧାରିତ ଅଟେ ।

ଯେପରିକି ପୂର୍ବୋକ୍ତ ପ୍ରସଙ୍ଗରେ ଜଣେ ବୃଦ୍ଧ କହିଲେ ଯେ ମୁଁ ସମସ୍ତ ସନ୍ତାନଙ୍କର ଲାଳନ ପାଳନ କରି ବିବାହ କରାଇଦେଲି । ମାନବ ଜୀବନର ସମସ୍ତ କର୍ତ୍ତବ୍ୟ ମୋର ପୂର୍ଣ୍ଣ ହେଲା, ମୋ ଜୀବନ ସଫଳ ହେଲା । ଏବେ ମୃତ୍ୟୁ ହୋଇଗଲେ ମୋର ଚିନ୍ତା ନାହିଁ । ବିଚାରଯୋଗ୍ୟ ବିଷୟ ଏହା ଯେ ପୂର୍ବରୁ ଜମା କରିଥିବା ଧନକୁ ସେ ଖର୍ଚ୍ଚ କରିଦେଲା, ଭବିଷ୍ୟତ ପାଇଁ କିଛି ବି ସଂଗ୍ରହ କଲା ନାହିଁ, ଯେଉଁ କାରଣରୁ ସେହି ବ୍ୟକ୍ତିର ମାନବ ଜୀବନ ବ୍ୟର୍ଥ ହୋଇଗଲା ।

କବୀରଜୀ କହିଛନ୍ତି ଯେ :-

କ୍ୟା ମାଁଗୁ କୁଛ ଥିର ନା ରହାଇ । ଦେଖତ ନୈନ ଚଲା ଜଗ ଜାଇ ॥
ଏକ ଲଖ ପୁତ ସବା ଲଖ ନାତୀ । ଉସ ରାବଣ କେ ଦୀବେ ନା ବାତୀ ॥

ଭାବାର୍ଥ :- ଯଦି ଜଣେ ମନୁଷ୍ୟ ଗୋଟିଏ ପୁତ୍ର ଦ୍ୱାରା ନିଜ ବଂଶ ରକ୍ଷା କରିବାକୁ ଚାହୁଁଛି ତେବେ ଏହା ତାହାର ଭୂଲ ଧାରଣା ଅଟେ । ଯେପରି ଶ୍ରୀଲଙ୍କାର ରାଜା ରାବଣର ଏକଲକ୍ଷ ପୁତ୍ର ଓ ଏକଲକ୍ଷ ପଚିଶ ହଜାର ପୌତ୍ର(ନାତି) ଥିଲେ । କିନ୍ତୁ ତା ବଂଶରେ ପାଣି ଦେବା ପାଇଁ ବର୍ତ୍ତମାନ କେହି ଜଣେ ବି ନାହାଁନ୍ତି, ସମସ୍ତେ ବିନାଶ ହୋଇଗଲେ । ତେଣୁ ହେ ମାନବ ! ତୁ ପରମାତ୍ମାଙ୍କୁ ଏହା କ'ଣ ମାଗୁଛୁ ଯାହା ସ୍ଥାୟୀ ନୁହେଁ । ଆଧାତ୍ମିକ ଜ୍ଞାନ ଅଭାବରୁ ଏହିଭଳି କାମନା ମନରେ ସୃଷ୍ଟି ହେଉଛି । ପରମାତ୍ମା ଆପଣଙ୍କୁ ପ୍ରାରବ୍ଧର ଫଳ ଦେଉଛନ୍ତି । ଏଠାରେ ଆପଣଙ୍କ ଦ୍ୱାରା କୌଣସି କାର୍ଯ୍ୟ ସିଦ୍ଧି ହେଉନାହିଁ । ସେହି ବୃଦ୍ଧ ବ୍ୟକ୍ତିଙ୍କ ଅନୁସାରେ ପୁତ୍ର ଜନ୍ମ ହେଲେ ବଂଶ ରକ୍ଷା ହୋଇ ସଂସାରରେ ନିଜ ନାଁ ରହିଥାଏ । କୌଣସି ଗ୍ରାମରେ ପ୍ରଥମେ ଚାରିଜଣ କିମ୍ବା ପାଞ୍ଚଜଣ ବ୍ୟକ୍ତି ରହୁଥିଲେ । ସେମାନଙ୍କ ବଂଶରୁ ଶହ ଶହ ପରିବାର ସୃଷ୍ଟି ହୋଇ ସେମାନଙ୍କର ବଂଶ ବିସ୍ତାର ହେବାରେ ଲାଗିଲା । ସଂସାରରେ ସେମାନଙ୍କ ବଂଶର ନାଁ ମଧ୍ୟ ଅଛି, ମାତ୍ର ଶାସ୍ତ୍ରସମ୍ମତ ବିଧି ଅନୁସାରେ ଭକ୍ତି ନ କରିବା ଦ୍ୱାରା ପରମାତ୍ମାଙ୍କ ବିଧାନ ଅନୁସାରେ ସେହି ଭଦ୍ରବ୍ୟକ୍ତି ବର୍ତ୍ତମାନ କେଉଁଠି ଗଧ ହୋଇ କଷ୍ଟ ଭୋଗୁଥିବ । ସେଠାରେ ଗଧ ବଂଶ ବୃଦ୍ଧି କରିସାରିବା ପରେ ପୁଣି କୁକୁର ଜନ୍ମ ପାଇ ସେଠାରେ କୁକୁର ବଂଶ ବୃଦ୍ଧି କରି ପୁନର୍ବାର ଅନ୍ୟ ପ୍ରାଣୀଙ୍କ ଶରୀର ପ୍ରାପ୍ତ କରି ଅସଂଖ୍ୟ ଜନ୍ମ ପର୍ଯ୍ୟନ୍ତ କଷ୍ଟ ଭୋଗ କରିବ । ଭାବାର୍ଥ ହେଲା ଯେ ମାନବ ଜୀବନ ପ୍ରାପ୍ତ ପ୍ରାଣୀକୁ ସାଂସାରିକ

କର୍ତ୍ତବ୍ୟ କର୍ମ କରିବା ସହିତ ଆତ୍ମକଲ୍ୟାଣ ପାଇଁ ମଧ କର୍ମ କରିବା ଉଚିତ୍ । ଯାହାଦ୍ୱାରା ପରିବାରକୁ ଭୋଗିବାକୁ ଥିବା ପୂର୍ବ ପାପ ଜନିତ ସମସ୍ତ କଷ୍ଟ ଲାଘବ ହେବା ସହିତ ପରିବାର ସୁଖୀ ହୋଇଯିବ । ନଚେତ୍ ଉଭୟ ଶୁଭ ଓ ଅଶୁଭ କର୍ମର ଫଳ ଭୋଗ ସ୍ୱରୂପ କେବେ ସୁଖ ତ କେବେ ଦୁଃଖ ଭୋଗୀବାକୁ ପଡ଼ିଥାଏ ।

ଏକଦା ଏହି ଦାସ(ଲେଖକ)ଏକ ଗାଁରେ ତିନି ଦିବସୀୟ ସତସଙ୍ଗ-ପାଠ କରୁଥିଲା । ସେହି ପରିବାରର ଜଣେ ବନ୍ଧୁ ଏକ ଚାରିବର୍ଷର ବାଳକକୁ ସାଙ୍ଗରେ ଧରି ଆସିଲେ । ମୋ ସହିତ କଥାବାର୍ତ୍ତା ହେବା ସମୟରେ କହିଲେ ଯେ ମୋତେ ଚାରୋଟି ପୁତ୍ର ଓ ଦୁଇଟି କନ୍ୟା ସନ୍ତାନ ପ୍ରାପ୍ତି ହୋଇଛି । ସମସ୍ତଙ୍କର ବିବାହ କରିଦେଇଛି । ମୋ ଭଳି ସୁଖୀ ବ୍ୟକ୍ତି ଆମ ଗାଁରେ ବିରଳ । ତା'ପରେ ଏଭଳି ପରିସ୍ଥିତି ଆସିଲା ଯେ ଦୁଇବର୍ଷ ମଧରେ ମୋ ସଂସାର ସମ୍ପୂର୍ଣ୍ଣ ଉଜୁଡ଼ି ଗଲା । ଦୁଇଜଣ ପୁତ୍ର ମୋଟର ସାଇକେଲରେ ଶ୍ୱଶୂର ଘରକୁ ଯାଉଥିଲେ, ଦୁର୍ଘଟଣାରେ ଭଗବାନଙ୍କ ନିକଟକୁ ଚାଲିଗଲେ । ସେମାନଙ୍କ ସ୍ତ୍ରୀ ଦୁହିଁଙ୍କୁ ଅନ୍ୟ ଗ୍ରାମରେ ବିବାହ କରାଇଦେଇଛି । ଏହାର ଏକ ବର୍ଷ ପରେ ତୃତୀୟ ପୁତ୍ରର ଜମିରେ ଥିବା ନଳକୂପ ନିକଟରେ ସାପ କାମୁଡ଼ାରେ ମୃତ୍ୟୁ ହେଲା । ଚତୁର୍ଥ ଜଣକ ଏହି ଦୁଃଖରେ ହୃଦ୍‌ଘାତରେ ଚାଲିଗଲା । ସବୁ ବୋହୂମାନେ ବି ଚାଲିଗଲେ । ମୋ ପତ୍ନୀର ମାନସିକ ସନ୍ତୁଳନ ବିଗିଡ଼ିଗଲା । ମୋ ସାଥିରେ ଆସିଥିବା ଏହି ପିଲାଟି ବଡ଼ ଝିଅର ପୁଅ, ଯାହା ମୁହଁକୁ ଚାହିଁ ମୁଁ ସମୟ ବିତାଉଛି । ଝିଅକୁ ଘରେ ଆଣି ରଖିଛି । ପ୍ରିୟ ପାଠକବୃନ୍ଦଙ୍କୁ ନିବେଦନ ଯେ ବିବେକପୂର୍ବକ ବିଚାରକରି କାର୍ଯ୍ୟ କରନ୍ତୁ ଏବଂ ମନୁଷ୍ୟ ଜୀବନର ବାସ୍ତବିକ ମାର୍ଗ ଗ୍ରହଣ କରନ୍ତୁ ଓ ଭକ୍ତି ନିଶ୍ଚୟ କରନ୍ତୁ ।

ସନ୍ତାନ ପ୍ରାପ୍ତି ହେବା, ନ ହେବା ଆପଣଙ୍କ ପୂର୍ବଜନ୍ମର କର୍ମଫଳ ଅଟେ । ସନ୍ତାନମାନଙ୍କୁ ଯଦି ଧର୍ମ କର୍ମ ବିଷୟରେ ଜ୍ଞାନ ନ ହେବ ତେବେ ସେମାନେ ଯେତେ ସଦାଚାରୀ ହୁଅନ୍ତୁ ନା କାହିଁକି, ଯେ କୌଣସି ସମୟରେ ଭୂଲ୍ କରିଥାନ୍ତି । ସେ ସବୁ ଭୂଲ୍, ପାପ କର୍ମ କାରଣରୁ ହୋଇଥାଏ । ଜଣେ ବ୍ୟକ୍ତି କହିଲେ ଯେ ମୋ ଶ୍ୱଶୁର ଜଣେ ଜାଟ କୃଷକ ଥିଲେ । ସେ ଚାରି ଏକର ଜମିର ମାଲିକ ଥିଲେ । ଦିନରାତି ପରିଶ୍ରମ କରି ଆଉ ବାର ଏକର ଜମି କିଣିଲେ ଅର୍ଥାତ୍ ମୋଟ ଷୋହଳ ଏକର ଜମିର ସେ ମାଲିକ ହୋଇଗଲେ । ତାଙ୍କର ଚାରି ପୁଅ ଓ ଗୋଟିଏ ଝିଅ ଥିଲା । ସମସ୍ତଙ୍କର ବିଭାଘର ହୋଇଗଲା । ଷାଠିଏ ବର୍ଷ ବୟସରେ ତାଙ୍କୁ ପକ୍ଷାଘାତ ହେଲା । ଚାରି ପୁଅ ଅଲଗା ଅଲଗା ରହୁଥିଲେ ।

ସେ କିଛି ଦିନ ବଡ଼ପୁଅ ପାଖରେ ରହିଲେ, କିନ୍ତୁ ୬ ମାସରେ ଲୁଗାପଟାରୁ ଦୁର୍ଗନ୍ଧ ବାହାରିବାକୁ ଲାଗିଲା । ତା'ପରେ ତୃତୀୟ ପୁଅ ଘରେ ଯାଇ ରହିଲେ, କିଛି ଦିନ ପରେ ସେ ମଧ ନାକ ଟେକିବାକୁ ଲାଗିଲା । ଏହିଭଳି ବାପାଙ୍କ ସେବା କରି ଚାରି ପୁଅ ବିରକ୍ତ ହୋଇଗଲେ । ଶେଷରେ ଶ୍ୱଶୁରଙ୍କ ସେବା ପାଇଁ ଗ୍ରାମସଭା ଡାକି ନିଷ୍ପତ୍ତି ନିଆଗଲା ଯେ ଯେଉଁ ପୁଅ ବାପାଙ୍କ ସେବା କରିବ ତାକୁ ଦୁଇ ଏକର ଜମି ଅଧିକ ଦିଆଯିବ । ଏହି ଲୋଭରେ ସେବା କରିବା ପାଇଁ ସାନ ପୁଅ ରାଜି ହୋଇଗଲା, କିନ୍ତୁ ଛଅ ମାସ ସେବା କରିବା ପରେ କହିଲା ଯେ ମୋର ଆଉ ଧୈର୍ଯ୍ୟ ନାହିଁ । ବନ୍ଧୁବାନ୍ଧବ ପୁଣି ଏକତ୍ରିତ ହୋଇ ପୁଅମାନଙ୍କୁ ବୁଝାଇଲେ, ମାତ୍ର ସେବା କରିବା ପାଇଁ କେହି ରାଜି ହେଲେ ନାହିଁ । ସେହି ଭକ୍ତ କହୁଥାନ୍ତି ଯେ ମୋ ଶ୍ୱଶୁର କଥାବାର୍ତ୍ତା କରି ପାରୁନଥିଲେ କିନ୍ତୁ ଯେତେବେଳେ ସାନ ନାତି ତାଙ୍କ ପାଖକୁ ଆସେ ତାକୁ ମୁଣ୍ଡ ହଲେଇ ଡାକନ୍ତି, ମୋ ପାଖକୁ ଆ, ଗେହ୍ଲା କରିବି । ଏହିଭଳି ମୋହମାୟାରେ ସମସ୍ତେ ଭ୍ରମିତ । ପୁଅମାନେ ତ ସେବା କରି ବାପାକୁ ଖୁସି କରିଦେଲେ, ବର୍ତ୍ତମାନ ନାତିମାନଙ୍କର ପ୍ରୟାସ ବାକି ରହିଲା । ତା'ପରେ ସେହି ଦୁଇ ଏକର ଜମିକୁ ଠିକାରେ ଦେଇ ତାଙ୍କ ପାଇଁ ଜଣେ ଚାକର ରଖାଗଲା । ଶେଷରେ ବହୁତ କଷ୍ଟରେ ତାଙ୍କ ଜୀବନ ଗଲା ।

ବିଚାର କରନ୍ତୁ, ଏଭଳି କର୍ମଠ (ପରିଶ୍ରମୀ) ବ୍ୟକ୍ତିଙ୍କୁ ଯଦି ଏହି ଜ୍ଞାନ ମିଳିଥାନ୍ତା ଯେ

ଭକ୍ତି ଓ ଧର୍ମ ବିନା ମନୁଷ୍ୟ ଜୀବନ ନର୍କତୂଲ୍ୟ ହୋଇଯାଏ, ତେବେ ସେ ସାଂସାରିକ କର୍ମ କରିବା ସହିତ ପରମାତ୍ମାଙ୍କ ଭକ୍ତି ନିଶ୍ଚୟ କରିଥାନ୍ତା ତଥା ଏଭଳି ଦୁଃର୍ଦ୍ଦଶା କେବେ ଭୋଗ କରି ନଥାନ୍ତା । ସନ୍ତାନମାନେ ମଧ୍ୟ ଯଥାର୍ଥ ସେବା କରିଥାନ୍ତେ, ସତସଙ୍ଗରେ ଏହି ଶିକ୍ଷା ଦିଆଯାଇଥାଏ । ଶ୍ରଦ୍ଧାଳୁମାନଙ୍କୁ ଦୟା-ଧର୍ମର ଶିକ୍ଷା ପ୍ରଦାନ କରାଯାଇଥାଏ । ସତସଙ୍ଗ ସମୟରେ ଆଶ୍ରମକୁ ବୃଦ୍ଧ, ରୋଗୀ, ଶାରୀରିକ ଅକ୍ଷମ ବ୍ୟକ୍ତି, ଛୋଟପିଲାଙ୍କ ସହିତ ମା, ଭଉଣୀ ଓ ଝିଅମାନେ ମଧ୍ୟ ଆସିଥାନ୍ତି । ଆଶ୍ରମରେ ପୁରୁଣା ଭକ୍ତ ଓ ଭକ୍ତମତୀମାନଙ୍କୁ ସେବା ମିଳିଥାଏ । ସେମାନେ ଆଶ୍ରମକୁ ଆସିଥିବା ବୃଦ୍ଧ, ରୋଗୀ ଓ ଅସହାୟମାନଙ୍କର ସେବା କରିଥାନ୍ତି । ସେମାନଙ୍କୁ ଗାଧୋଇ ଦିଅନ୍ତି, ଲୁଗାପଟା ଧୋଇ ଦିଅନ୍ତି । ଭୋଜନାଳୟରୁ ଭୋଜନ ପ୍ରସାଦ ଆଣି ପେଣ୍ଡାଲରେ ବସିଥିବା ସେହି ଭକ୍ତଙ୍କୁ ଖୁଆଇ ଦିଅନ୍ତି, ଚାହା-କ୍ଷୀର ଆଦି ଦେଇଥାନ୍ତି । ବିଚାର କରନ୍ତୁ, ଯେଉଁ ପିଲା (ସତସଙ୍ଗକୁ ଆସୁଥିବା), ଝିଅ, ଭଉଣୀ, ମାତା ଓ ଭକ୍ତ ଭାଇ ସତସଙ୍ଗକୁ ଆସୁଥିବା ଅପରିଚିତ ବ୍ୟକ୍ତିମାନଙ୍କର ସେବା କରିଥାନ୍ତି, ସେମାନେ ଘରେ ନିଜ ପିତା-ମାତା, ଭାଇ-ଭଉଣୀ ଓ ଶାଶୁ-ଶ୍ୱଶୁରଙ୍କର ମଧ୍ୟ ଠିକ୍ ସେହି ଭାବରେ ସେବା କରିବେ । କାରଣ ସେମାନଙ୍କର ସ୍ୱଭାବ ସେହିଭଳି ହୋଇ ଯାଇଥାଏ । ସେମାନଙ୍କ ହୃଦୟରେ ଦୟାଭାବ ଭରି ହୋଇ ରହିଥାଏ । ପରମାତ୍ମାଙ୍କ ବିଧାନ ସହିତ ସେମାନେ ଭଲଭାବରେ ପରିଚିତ ହୋଇଥାନ୍ତି । ଯେପରି ପୂର୍ବ ପ୍ରସଙ୍ଗରେ ଜଣେ କର୍ମଠ(ପରିଶ୍ରମୀ) କୃଷକକୁ ପକ୍ଷାଘାତ ହେବା ଏବଂ ସନ୍ତାନମାନଙ୍କ ଦ୍ୱାରା ଅବହେଳିତ ହେବା ବିଷୟକୁ ବିଚାରକୁ ନେବା, ଯଦି ସେହି ପୁଅ ଓ ବୋହୂମାନେ ସତସଙ୍ଗକୁ ଯାଇଥାନ୍ତେ ତେବେ ସେମାନେ ନିଜ ପିତାଙ୍କର ଉଚିତ୍ ସେବା କରିଥାନ୍ତେ । ଯଦି ସେହି କୃଷକ ପରମାତ୍ମାଙ୍କ ଭକ୍ତି କରିଥାନ୍ତା ତେବେ ତା'ଶରୀର ନିଶ୍ଚୟ ସୁସ୍ଥ ରହିବା ସହିତ ଭକ୍ତି ଓ ଭଜନରେ ପ୍ରଭାବିତ ହୋଇ ସପରିବାରେ ତାଙ୍କୁ ବହୁତ ଆଦର କରିଥାନ୍ତେ । ଉଦାହରଣ ସ୍ୱରୂପ, ଭକ୍ତି କେବଳ ସାଧୁ-ସନ୍ଥମାନେ ହିଁ କରିଥାନ୍ତି, ଯେଉଁ କାରଣରୁ ସମସ୍ତ ଗ୍ରାମବାସୀ ତାଙ୍କର ସେବା-ସତ୍କାର କରିଥାନ୍ତି । ଏହି ପ୍ରକାରେ ଭକ୍ତି ଦ୍ୱାରା ପରମାତ୍ମାଙ୍କ ଶକ୍ତି ସ୍ୱତଃ ଅନ୍ୟକୁ ପ୍ରଭାବିତ କରି ଭକ୍ତିର ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ତେଣୁ ସାଧୁ-ସନ୍ଥଗଣ ଆମ୍ଭମାନଙ୍କୁ ଭକ୍ତି କରିବା ପାଇଁ ପ୍ରେରଣା ଦେଇଥାନ୍ତି । ସତସଙ୍ଗ ଦ୍ୱାରା ଜୀବନର ମାର୍ଗ ଉତ୍ତମ ହୋଇ ଯାଇଥାଏ ।

କବୀର ପରମେଶ୍ୱରଜୀ ପୁଣି କହିଛନ୍ତି ଯେ :-

ବିନ ଉପଦେଶ ଅଚମ୍ଭ ହେ , କ୍ୟାଁ ଜିବତ ହେ ପ୍ରାଣ ।
ଭକ୍ତି ବିନା କହାଁ ଠୌର ହୈ, ଯେ ନର ନେହାଁ ପାଷାଣ ॥

ଭାବାର୍ଥ :- ପରମାତ୍ମା କବୀର ସାହେବ କହୁଛନ୍ତି, ଆରେ ଅବୋଧ ମାନବ ! ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ଗୁରୁଦୀକ୍ଷା ଗ୍ରହଣ ନ କରି ତୁ କେଉଁ ଆଶାରେ ଜୀବିତ ଅଛୁ । ଏହି ଶରୀର ତୋର ନୁହେଁ, ଏହାକୁ ତ୍ୟାଗ କରି ତୋତେ ଯିବାକୁ ପଡିବ । ପୁଣି ଏହି ଧନସମ୍ପତ୍ତି ତୋ ନିଜର ହେଲା କିପରି ?

କବୀର, କାୟା ତେରୀ ହେ ନେହାଁ, ମାୟା କହାଁ ସେ ହୋୟ ।
ଭକ୍ତି କର ଦିଲ ପାକ ସେ, ଜୀବନ ହେ ଦିନ ଦୋୟ ॥

ଯେଉଁମାନଙ୍କର ଜ୍ଞାନ ନାହିଁ ଯେ ଭକ୍ତି ବିନା ଜୀବର କେଉଁଠି ମଧ୍ୟ ସ୍ଥାନ ନାହିଁ, ସେ ନର ଅର୍ଥାତ୍ ମାନବ ନୁହେଁ, ସେ ପଥର ଅଟେ । ସେମାନଙ୍କ ବୁଦ୍ଧିରେ ପଥର ପଡ଼ିଛି ଅର୍ଥାତ୍ ସେମାନଙ୍କ ବୁଦ୍ଧି ଭ୍ରଷ୍ଟ ହୋଇଯାଇଛି । କବୀରଜୀ ପୁଣି କହିଛନ୍ତି ଯେ :-

ବେଗାର (ବେଠି ଖଟିବା)ର ପରିଭାଷା :-

ଅଗମ ନିଗମ କୋ ଖୋଜ ଲେ, ବୁଦ୍ଧି ବିବେକ ବିଚାର ।
ଉଦୟ-ଅସ୍ତ କା ରାଜ ମିଲେ, ତୋ ବିନ ନାମ ବେଗାର ॥

ଭାବାର୍ଥ :- ପୂର୍ବକାଳରେ ପୋଲିସ ଥାନାରେ କାର-ଜିପ ଆଦି ନ ଥିଲା । ପୋଲିସକୁ

ଯେତେବେଳେ କେଉଁଠି ରେଡ୍ (ଛାପା) ମାରିବାକୁ ପଡେ ସେତେବେଳେ ସେମାନେ ଯେକୌଣସି ପ୍ରାଇଭେଟ୍ ତିନି ଚକିଆ ବା ଚାରି ଚକିଆ ଗାଡିବାଲାକୁ ଜବରଦସ୍ତି ଧରି ନିଅନ୍ତି ଏବଂ ସେହି ଗାଡି(ଥ୍ରୀହ୍ୱିଲର ବା ଫୋର ହ୍ୱିଲର)ରେ ବସି ଯେଉଁ ସ୍ଥାନକୁ ଯିବାର ଥାଏ ସେଠାକୁ ଯାଇଥାନ୍ତି । ଗାଡିବାଲା ନିଜେ ଡ୍ରାଇଭିଙ୍ଗ କରିବା ସହିତ ପେଟ୍ରୋଲ୍-ଡ଼ିଜେଲ ଖର୍ଚ୍ଚ ମଧ୍ୟ ନିଜ ପକେଟରୁ କରିଥାଏ । ସେଦିନ ତା'ର ଅନ୍ୟ ଭଡ଼ା ମଧ୍ୟ ହାତଛଡା ହୋଇଥାଏ । ପୋଲିସ ତାକୁ ଦିନସାରା ଚାରିଆଡେ ବୁଲାଇ ଥାଏ । ସାଧାରଣ ବ୍ୟକ୍ତି ଏହା ଭାବିଥାଏ ଯେ ଗାଡ଼ିବାଲା ଆଜି ବହୁତ ଅର୍ଥ ରୋଜଗାର କରିଥିବ, କାରଣ ସାରାଦିନ ଗାଡି ଚାଲିଛି । ମାତ୍ର ଡ୍ରାଇଭର ଜାଣେ ଯେ ସେଦିନ ତା ସହିତ କେଉଁ ଘଟଣା ଘଟିଛି । ଏହିଭଳି ରାଜା-ମହାରଜାମାନେ ଏହି ଜନ୍ମରେ ଭକ୍ତି ନ କରି କେବଳ ରାଜ୍ୟ ଶାସନକୁ ସମ୍ଭାଳିବାକୁ ଯାଇ ନିଜର ବହୁମୂଲ୍ୟ ଜୀବନକୁ ବ୍ୟର୍ଥ କରିଦିଅନ୍ତି । ସେମାନେ ସେହି ଡ୍ରାଇଭର ଭଳି ବେଠି ଖଟି ଏହି ସଂସାରରୁ ବିଦାୟ ନେଇଥାନ୍ତି । ପୂର୍ବଜନ୍ମର ଧର୍ମ-କର୍ମ ବଳରେ ସେହି ଆତ୍ମା ରାଜା ହୋଇ ଏହି ଜନ୍ମରେ ସେହି ପୂଣ୍ୟ ଫଳକୁ ଖର୍ଚ୍ଚ କରିଥାଏ । ଜନତା ଭାବିଥାନ୍ତି ଯେ ରାଜା ବହୁତ ସୁଖ ଭୋଗ କରୁଛନ୍ତି । କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ ଜଣାପଡିବ ଯେ ସେ ବେଗାରୀ ଖଟୁଛି ଅର୍ଥାତ ବିନା ପାରିଶ୍ରମିକରେ ଖଟୁଛି । ଭକ୍ତି ରୂପକ ଧନ ଉପାର୍ଜନ କରୁ ନାହିଁ । ଯଦି କେହି ବ୍ୟକ୍ତି ପୂର୍ଣ୍ଣଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ଭକ୍ତି କରୁ ନାହିଁ, ତାକୁ ଉଦୟ-ଅସ୍ତ ଅର୍ଥାତ୍ ସମ୍ପୂର୍ଣ୍ଣ ପୃଥିବୀର ରାଜପଦ ମିଳିଯାଏ, ତେବେ ତାହା ମଧ୍ୟ ସେହି ଥ୍ରୀହ୍ୱିଲର ଗାଡ଼ିଚାଳକ ସହିତ ସମାନ ଯିଏ ବ୍ୟର୍ଥ ପରିଶ୍ରମ କରୁଛି ଅର୍ଥାତ୍ ବହୁମୂଲ୍ୟ ସମୟ ନଷ୍ଟ କରୁଛି । ତାକୁ କିଛି ବି ଲାଭ ମିଳିବ ନାହିଁ । ତେଣୁ ରାଜା ହେଉ ବା ପ୍ରଜା, ଧନୀ ହେଉ ବା ନିର୍ଧନୀ, ସମସ୍ତଙ୍କୁ ଭକ୍ତିର ପ୍ରାରମ୍ଭ କରିବା ଉଚିତ୍ । ସେହି ମାର୍ଗରେ ଅଗ୍ରସର ହେଲେ ହିଁ ସେମାନଙ୍କର ଭବିଷ୍ୟତ ଉଜ୍ଜଳ ହେବ ।

ଝ:ପରମାତ୍ମା କବୀରଜୀ ନିଜ ଶିଷ୍ୟ ସନ୍ତୁ ଗରୀବ ଦାସଜୀଙ୍କୁ ତତ୍ତ୍ୱଜ୍ଞାନ ବୁଝାଇଲେ, ଯାହା ଏହି ପ୍ରକାରେ ଅଟେ :- (ରାଗ ଅସାବରୀ ଶବ୍ଦ ନଂ.୧)

ମନତୁ ଚଲରେ ସୁଖକେ ସାଗର, ଜହାଁ ଶବଦ ସିନ୍ଧୁ ରତ୍ନାଗର । (ଘୋଷା)
କୋଟି ଜନ୍ମ ତୋହେ ମରତା ହୋଗେ, କୁଛ ନେହାଁ ହାତ ଲଗାରେ ।
କୁକର-ସୁକର ଖର ଭୟା ବୋରେ, କୌଆ ହଂସ ବୁଗାରେ ॥ (୧)
କୋଟି ଜନ୍ମ ତୁ ରାଜା କିହ୍ନା, ମିଟି ନା ମନ କୀ ଆଶା ।
ଭିକ୍ଷୁକ ହୋକର ଦର-ଦର ହାଣ୍ଡୟା, ମିଲ୍ୟା ନା ନିର୍ଗୁଣ ରାସା ॥ ୨
ଇନ୍ଦ୍ର କୁବେର ଈଶ କୀ ପଦବୀ, ବ୍ରହ୍ମା, ବରୁଣ ଧର୍ମରାୟା ।
ବିଷ୍ଣୁ ନାଥ କେ ପୂରକୂଂ ଜାକର, ବହୁର ଅପୂଠା ଆୟା ॥ ୩
ଅସଂଖ ଜନ୍ମ ତୋହେ ମରତେ ହୋଗେ, ଜୀବିତ କ୍ୟୁଁ ନା ମରେ ରେ ।
ଦ୍ୱାଦଶ ମଧ୍ୟ ମହଲ ମଠ ବୋରେ, ବହୁର ନା ଦେହ ଧରେ ରେ ॥ ୪
ଦୋଜଖ ବହିଶତ ସଭି ତେ ଦେଖେ, ରାଜ-ପାଟ କେ ରସିୟା ।
ତୀନ ଲୋକ ସେ ତୃପ୍ତ ନାହାଁ, ୟହ ମନ ଭୋଗୀ ଖସିୟା ॥ ୫
ସତଗୁରୁ ମିଲେ ତୋ ଇଚ୍ଛା ମିଟେଁ, ପଦ ମିଲେ ପଦୈ ସମାନା ।
ଚଲ ହଂସା ଉସ ଲୋକ ପଠାଉଁ, ଜୋ ଆଦି ଅମର ଅସ୍ଥାନା । ୬
ଚାର ମୁକ୍ତି ଜହାଁ ଚମ୍ପୀ କରତୀ, ମାୟା ହୋ ରହି ଦାସୀ ।
ଦାସ ଗରୀବ ଅଭୟ ପଦ ପରସୈ, ମିଲେ ରାମ ଅବିନାଶୀ ॥୭

ସୂକ୍ଷ୍ମବେଦ ବାଣୀର ଭାବାର୍ଥ :-

ବାଣୀର ସରଳାର୍ଥ :- ଆତ୍ମା ଓ ମନକୁ ଯୋଗ୍ୟ ବିବେଚନା କରି ସନ୍ତୁ ଗରୀବ ଦାସଜୀ ଏହି ସଂସାରର ମାନବକୁ ବୁଝାଇ କହିଛନ୍ତି ଯେ "ଏହି ସଂସାର ଦୁଃଖର ଘର ଅଟେ । ଏହାଠାରୁ ଭିନ୍ନ ଅନ୍ୟ ଏକ ସଂସାର ଅଛି ଯେଉଁଠି କୌଣସି ଦୁଃଖ ନାହିଁ । ସେହି ସ୍ଥାନ ହେଉଛି ସନାତନ

ପରମଧାମ (ସତ୍ୟଲୋକ=ଅମରଲୋକ) ଯାହାର ପ୍ରଭୁ (ଅବିନାଶୀ ପରମେଶ୍ୱର) ସୁଖର ସାଗର ଅଟନ୍ତି ।

ସୁଖ ସାଗର ଅର୍ଥାତ୍ ଅମର ପରମାତ୍ମା ଏବଂ ତାଙ୍କ ରାଜଧାନୀ ଅମରଲୋକର ସଂକ୍ଷିପ୍ତ ପରିଭାଷା ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି :-

ଶଙ୍ଖୋ ଲହର ମେହର କୀ ଉପଜେଁ, କହର ନହୀଁ ଜହୀଁ କୋଇ ।
ଦାସ ଗରୀବ ଅଚଲ ଅବିନାଶୀ, ସୁଖ କା ସାଗର ସୋଇ ।

ଭାବାର୍ଥ :- ମୁଁ (ଲେଖକ) ଏକାନ୍ତ ଥିବା ସମୟରେ ବେଳେବେଳେ ମୋ ଅନ୍ତରରୁ ଏଭଳି ତରଙ୍ଗ ଉଠିଥାଏ ଯେଉଁ ସମୟରେ ସମସ୍ତେ ମୋତେ ଆପଣର ଲାଗନ୍ତି । କେହି ମୋତେ କେତେ ବି କଷ୍ଟ ଦେଇଥାଉନା କାହିଁକି, ତା' ପ୍ରତି ମୋ ମନରେ କୌଣସି ଦ୍ୱେଷ ଭାବ ରୁହେ ନାହିଁ । ସମସ୍ତଙ୍କ ପ୍ରତି ମୋର ଦୟା ଭାବ ସୃଷ୍ଟି ହୋଇଥାଏ । ଏହିଭଳି ଭାବନା ଅଳ୍ପ କିଛି ମିନିଟ୍ ପାଇଁ ରହିଥାଏ । ଏହାକୁ ''ମେହର୍ କୀ ଲହର୍'' କୁହାଯାଏ । ସତ୍ୟଲୋକ ଅର୍ଥାତ୍ ସନାତନ ପରମଧାମକୁ ଯିବା ପରେ ପ୍ରତ୍ୟେକ ପ୍ରଣୀକୁ ଏହିପରି ଆନନ୍ଦ ମିଳିଥାଏ ଏବଂ ସେଠାରେ ଏହିଭଳି ଅସଂଖ୍ୟ ତରଙ୍ଗ ଆତ୍ମାରେ ଉତ୍ପନ୍ନ ହୋଇଥାଏ । ଯେତେବେଳେ ସେହି ତରଙ୍ଗର ପ୍ରଭାବ ମୋ ଆତ୍ମାରୁ ଦୂର ହୋଇଯାଏ ସେତେବେଳେ ସେହି ଦୁଃଖମୟ ସ୍ଥିତି ପୁନର୍ବାର ଆରମ୍ଭ ହୋଇ ଯାଇଥାଏ । ତା'ପରେ ବିଭିନ୍ନ କଥା ମନକୁ ଆନ୍ଦୋଳିତ କରେ ଯେପରି, ଏଭଳି କଥା ମୋତେ ସେ କାହିଁକି କହିଲା ? ସେ ଭଲ ଲୋକ ନୁହେଁ, ମୋର ଅମୁକ କ୍ଷତି ହୋଇଗଲା, ଏଭଳି କାଣ୍ଡ କାହିଁକି ଘଟିଲା ଇତ୍ୟାଦି । ଏହାକୁ କହର୍ (ଦୁଃଖ)ର ଲହର୍ କୁହାଯାଏ ।

ସେହି ସତ୍ୟଲୋକରେ ଅସଂଖ୍ୟ ମେହର୍(ଦୟା)ର ତରଙ୍ଗ ଉଠେ, ସେଠାରେ କୌଣସି କହର୍ (ଭୟଙ୍କର ଦୁଃଖ) ନାହିଁ । ବାସ୍ତବରେ ତ ସତ୍ୟଲୋକରେ କୌଣସି ଦୁଃଖ ନାହିଁ । କହର୍‌ର ଅର୍ଥ ଭୟଙ୍କର କଷ୍ଟ । ଉଦାହରଣ ସ୍ୱରୂପ :- ଯେପରି ଗୋଟିଏ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିରୋଧୀମାନେ ଅନ୍ୟ ପକ୍ଷର ଗୋଟିଏ ପରିବାରର ତିନିଜଣ ସଦସ୍ୟଙ୍କୁ ହତ୍ୟା କରିଦେବା, କେଉଁଠି ଭୂମିକମ୍ପ କାରଣରୁ ହଜାର-ହଜାର ବ୍ୟକ୍ତି ମରିଯିବା ଇତ୍ୟାଦିକୁ କହର୍ କୁହାଯାଏ ଅର୍ଥାତ ଦୁଃଖର ପାହାଡ଼ ଛିଣ୍ଡି ପଡିବା । ଉପର ଲିଖିତ ବାଣୀରେ ସୁଖ ସାଗରର ପରିଭାଷା ବିଷୟରେ ସଂକ୍ଷିପ୍ତ ବର୍ଣ୍ଣନା ଅଛି । କୁହାଯାଇଛି ଯେ ସେହି ଅମରଲୋକ ଅଚଳ ଅବିନାଶୀ ଅର୍ଥାତ୍ ଯାହା କେବେ ବି ଧ୍ୱଂସ ହୁଏ ନାହିଁ ତଥା ସେଠାରେ ରହୁଥିବା ପରମେଶ୍ୱର ମଧ୍ୟ ଅବିନାଶୀ ଅଟନ୍ତି । ସେହି ସ୍ଥାନ ତଥା ସେହି ପରମେଶ୍ୱର ସୁଖର ସାଗର ଅଟନ୍ତି । ଯେପରି ସାମୁଦ୍ରିକ ଜାହାଜ ବନ୍ଦର ନିକଟରୁ ୧୦୦ ବା ୨୦୦ କି:ମି: ଦୂରକୁ ଚାଲିଯିବା ପରେ ଜାହାଜର ଯାତ୍ରୀମାନଙ୍କୁ ଜଳ ଅର୍ଥାତ୍ ସମୁଦ୍ର ବ୍ୟତୀତ ଆଉ କିଛି ବି ଦେଖିବାକୁ ମିଳେ ନାହିଁ, ସର୍ବତ୍ର ଜଳ ହିଁ ଜଳ ନଜର ଆସିଥାଏ । ଠିକ୍ ଏହିଭଳି ସତ୍‌ଲୋକ (ସତ୍ୟଲୋକ)ରେ ସୁଖ ବ୍ୟତୀତ ଅନ୍ୟ କିଛି ନାହିଁ ଅର୍ଥାତ୍ ସେଠାରେ କୌଣସି ଦୁଃଖ ନାହିଁ ।

ପୂର୍ବ ଲିଖିତ ବାଣୀର ସରଳାର୍ଥ :-

ମନ ତୁ ଚଲରେ ସୁଖ କେ ସାଗର, ଜହୀଁ ଶବ୍ଦ ସିନ୍ଧୁ ରତ୍ନାଗର ॥ (ଘୋଷା)
କୋଟି ଜନ୍ମ ତୋହେ ଭ୍ରମତ ହୋଗେ, କୁଛ ନହୀଁ ହାତ ଲଗାରେ ।
କୁକର ଶୁକର ଖର ଭୟା ବୌରେ, କୌଆ ହଂସ ବୁଗାରେ ॥

ଭାବାର୍ଥ :- ପରମେଶ୍ୱର କବୀରଜୀ ନିଜ ପ୍ରିୟ ଆତ୍ମା ସନ୍ତ ଗରୀବ ଦାସଜୀଙ୍କୁ ସୂକ୍ଷ୍ମବେଦ ବୁଝାଇଥିଲେ । ସେହି ଜ୍ଞାନକୁ ସନ୍ତ ଗରୀବ ଦାସଜୀ (ଗ୍ରାମ-ଛୁଡାଣୀ, ଜିଲ୍ଲା-ଝଜ୍ଜର, ହରିୟଣା ରାଜ୍ୟ ନିବାସୀ) ଆତ୍ମା ଓ ମନକୁ ଯୋଗ୍ୟ ପାତ୍ର ବିଚାରି ଏହି ବିଶ୍ୱ ମାନବକୁ କାଳ(ବ୍ରହ୍ମ) ଲୋକର କଷ୍ଟ ତଥା ସତ୍ୟଲୋକର ସୁଖ ସହିତ ପରିଚିତ କରାଇବା ସହିତ ଶାସ୍ତ୍ର ଆଧାରିତ ସତ୍ୟ ସାଧନା ଦ୍ୱାରା ସେହି ପରମଧାମକୁ ଫେରିଯିବା ପାଇଁ ପ୍ରେରଣା ଦେଲେ । ମନ୍ ତୁ ଚଲ୍‌ରେ ସୁଖ୍ କେ

ସାଗର ଅର୍ଥାତ୍ ସନାତନ ପରମଧାମକୁ ଚାଲିଯାଅ ଯେଉଁଠି ଶବ୍ଦ ନଷ୍ଟ ହୁଏ ନାହିଁ । ତେଣୁ ଏଠାରେ ଶବ୍ଦର ଅର୍ଥ ଅବିନାଶୀ ତତ୍ତ୍ୱ । ସେହି ସ୍ଥାନ ଅମରତ୍ୱର ସିନ୍ଧୁ ଅର୍ଥାତ୍ ସାଗର ଅଟେ ଏବଂ ମୋକ୍ଷ ରୂପକ ରତ୍ନର ଆଗର୍ ଅର୍ଥାତ୍ ଖଣି ଅଟେ । ଏହି କାଳ ଲୋକରେ ଆପଣ ଭକ୍ତି ମଧ କରିଛନ୍ତି କିନ୍ତୁ ଶାସ୍ତ୍ରାନୁକୂଳ ସାଧନାର ଜ୍ଞାନ ଦେବା ପାଇଁ କେହି ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ ଅନେକ କୋଟି ଜନ୍ମରୁ ଆପଣ ବାଟବଣା ହୋଇଛନ୍ତି । ଲକ୍ଷରୁ କୋଟି, କୋଟିରୁ ଅରବ ଏହିଭଳି ଟଙ୍କା ସଂଗ୍ରହ କରିବା ପ୍ରୟାସରେ ସାରା ଜୀବନକୁ ନଷ୍ଟ କରି ଦେଉଛନ୍ତି, ତା'ପରେ ମୃତ୍ୟୁ ହୋଇଯାଉଛି । ଜୀବନ ସାରା ସଂଗ୍ରହ କରିଥିବା ସେହି ବିପୁଳ ପରିମାଣର ଅର୍ଥ ଯାହା ପୂର୍ବଜନ୍ମର ସଂସ୍କାରରୁ ଆପଣଙ୍କୁ ମିଳିଥିଲା ତାହାକୁ ଛାଡ଼ି ଏ ସଂସାରରୁ ଚାଲିଗଲେ । ସେହି ଧନକୁ ଠୁଳ କରିବା ପାଇଁ ଯେଉଁ ପାପ କରିଥିଲେ ତାହା ଆପଣଙ୍କ ସହିତ ଗଲା । ଆପଣ ଏହି ମାନବ ଜୀବନରେ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ଦୀକ୍ଷା ଗ୍ରହଣ କରି ଶାସ୍ତ୍ରବିଧି ଅନୁସାରେ ଭକ୍ତି ସାଧନା ନ କରିବା କାରଣରୁ ଆପଣଙ୍କୁ କିଛି ବି ହସ୍ତଗତ ହେଲା ନାହିଁ । ପୂର୍ବ ଅର୍ଜିତ ପୂଣ୍ୟ ବଦଳରେ ଧନ ପ୍ରାପ୍ତ କଲେ । ସେହି ଧନ ଏଠାରେ ରହିଗଲା, ଆପଣଙ୍କୁ କିଛି ପ୍ରାପ୍ତି ହେଲା ନାହିଁ । ଆପଣଙ୍କୁ କେବଳ ଧନ ସଂଗ୍ରହ ପାଇଁ କରିଥିବା ପାପ ଏବଂ ଶାସ୍ତ୍ରବିରୁଦ୍ଧ ଭକ୍ତିର ପାପ ହିଁ ମିଳିଲା ।

ଯେଉଁ କାରଣରୁ ଆପଣ କୁକର = କୁକୁର, ଖର = ଗଧ, ସୁକର = ଘୁଷୁରୀ, କୌଆ = କାଉ, ହଂସ = ଏକ ପକ୍ଷୀ ଯିଏ ସରୋବରରୁ କେବଳ ମୋତି ଖାଇଥାଏ, ବୁଗା = ବଗ ପକ୍ଷୀ ଇତ୍ୟାଦି ଯୋନୀ ପ୍ରାପ୍ତ କରି କଷ୍ଟ ଭୋଗିଲେ ।

କୋଟି ଜନ୍ମ ତୁ ରାଜା କୀହ୍ନା, ମିଟି ନା ମନ କୀ ଆଶା ।
ଭିକ୍ଷୁକ ହୋକର ଦର - ଦର ହାଣ୍ଡୟା, ମିଲି ନା ନିର୍ଗୁଣ ରାସା ॥

ସରଳାର୍ଥ :- ହେ ମାନବ ! ଆପଣ କାଳ(ବ୍ରହ୍ମ)ର କଠିନରୁ କଠିନତମ ସାଧନା କଲେ । ଘର ତ୍ୟାଗ କରି ଜଙ୍ଗଲରେ ବାସ କଲେ, ପୁଣି ଗ୍ରାମ ଓ ନଗରକୁ ଆସି ଦୁଆରେ ଦୁଆରେ ଘୁରି ବୁଲିଲେ । ଜଙ୍ଗଲରେ ସାଧନାରତ ସାଧକ ଭିକ୍ଷା ପାଇଁ ନିକଟସ୍ଥ ଗ୍ରାମ ବା ନଗରକୁ ଯାଇଥାଏ । ଗୋଟିଏ ଘରୁ ପୁରା ଭିକ୍ଷା ନ ମିଳିଲେ ଅନ୍ୟ ଏକ ଘରୁ ଭିକ୍ଷା ନେଇ ଜଙ୍ଗଲକୁ ଚାଲି ଯାଇଥାଏ । ବେଳେବେଳେ ଗୋଟିଏ ଦିନର ଭିକ୍ଷାରେ ଦୁଇ-ତିନି ଦିନ ପର୍ଯ୍ୟନ୍ତ ଗୁଜୁରାଣ ମେଣ୍ଟାଇଥାନ୍ତି । ରୁଟିଗୁଡ଼ିକୁ ରୁମାଲ୍ ଭଳି ପତଳା କପଡ଼ାରେ ଗୁଡ଼ାଇ ଗଛ ଡ଼ାଳରେ ବାନ୍ଧି ଦିଅନ୍ତି । ସେହି ରୁଟିଗୁଡ଼ିକ ଶୁଖି ଯାଇଥାଏ । ସେଗୁଡ଼ିକୁ ପାଣିରେ ଭିଜାଇ ନରମ କରି ଖାଉଥିଲେ । ପ୍ରତିଦିନ ଭିକ୍ଷା ମାଗିବାରେ ଯେଉଁ ସମୟ ନଷ୍ଟ ହେଉଥିଲା ସେହି ସମୟକୁ ସଞ୍ଚୟ କରି ସେମାନେ କାଳବ୍ରହ୍ମର ସାଧନା କରୁଥିଲେ । ଭାବାର୍ଥ ହେଲା ଯେ ସେମାନେ ଜନ୍ମ-ମରଣରୁ ମୁକ୍ତି ପାଇବା ପାଇଁ ଅର୍ଥାତ୍ ସଂପୂର୍ଣ୍ଣ ମୋକ୍ଷପ୍ରାପ୍ତି ପାଇଁ ବେଦ ବର୍ଣ୍ଣିତ ବିଧି ତଥା ଲୋକବେଦ ଅନୁସାରେ ଘୋର ତପ କରୁଥିଲେ । କିନ୍ତୁ ସେମାନଙ୍କୁ ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ ନିର୍ଗୁଣ ରାସା ଅର୍ଥାତ ଗୁପ୍ତଜ୍ଞାନ ଯାହାକୁ ତତ୍ତ୍ୱଜ୍ଞାନ କୁହାଯାଏ, ତାହା ମିଳି ପାରିଲା ନାହିଁ । କାରଣ ଯଜୁଃର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ନଂ ୧୦ରେ ତଥା ଚାରିବେଦର ସାରାଂଶ ଶ୍ରୀମଦ୍ଭଗବତ ଗୀତାର ଅଧ୍ୟାୟ ୪ ଶ୍ଳୋକ ନଂ ୩୨ ଓ ୩୪ରେ କୁହାଯାଇଛି ଯେ ଯେଉଁ ଯଜ୍ଞ ଅର୍ଥାତ ଧାର୍ମିକ ଅନୁଷ୍ଠାନ ବିଷୟରେ ବିସ୍ତୃତ ଜ୍ଞାନ ସ୍ୱୟଂ ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ ପରମ ଅକ୍ଷର ବ୍ରହ୍ମ ନିଜ ମୁଖ କମଳରେ ଉଚ୍ଚାରଣ କରି ଶୁଣାଇଥାନ୍ତି, ତାହାହିଁ ତତ୍ତ୍ୱଜ୍ଞାନ ଅର୍ଥାତ୍ ସୂକ୍ଷ୍ମବେଦ ଅଟେ । ଗୀତା ଜ୍ଞାନଦାତା ବ୍ରହ୍ମ କହିଛନ୍ତି ଯେ ସେହି ତତ୍ତ୍ୱଜ୍ଞାନକୁ ତୁ ତତ୍ତ୍ୱଜ୍ଞାନୀଙ୍କ ନିକଟକୁ ଯାଇ ବୁଝ, ତାଙ୍କୁ ଦଣ୍ଡବତ ପ୍ରଣାମ କରିବ ଓ ନମ୍ରତା ପୂର୍ବକ ପ୍ରଶ୍ନ କରିବା ଦ୍ୱାରା ପରମାତ୍ମା ତତ୍ତ୍ୱକୁ ଭଲଭାବରେ ଜାଣିଥିବା ସେହି ତତ୍ତ୍ୱଦର୍ଶୀ ସନ୍ଥ ତୋତେ ତତ୍ତ୍ୱଜ୍ଞାନର ଉପଦେଶ ଦେବେ । ଏଥିରୁ ପ୍ରମାଣିତ ହେଲା ଯେ ତତ୍ତ୍ୱଜ୍ଞାନ ନା ବେଦରେ ଅଛି ନା ଗୀତା ଶାସ୍ତ୍ରରେ ଅଛି । ଯଦି ବେଦ ଓ ଗୀତାରେ ତତ୍ତ୍ୱଜ୍ଞାନ ଥାଆନ୍ତା ତେବେ ଆଉ ଏକ ଅଧ୍ୟାୟ ଅଧିକ କୁହାଯାଇଥାନ୍ତା ଯେ ସେହି ତତ୍ତ୍ୱଜ୍ଞାନକୁ ଅମୁକ ଅଧ୍ୟାୟରେ ପଢ । ସନ୍ଥ ଗରୀବ ଦାସଜୀ ମନକୁ ବାହାନା କରି

ମାନବ ଶରୀରଧାରୀ ପ୍ରାଣୀମାନଙ୍କୁ ବୁଝାଇଛନ୍ତି ଯେ ସେହି ନିର୍ଗୁଣ ରାସା ଅର୍ଥାତ୍ ତତ୍ତ୍ୱଜ୍ଞାନ ନ ମିଳିବା କାରଣରୁ କାଳବ୍ରହ୍ମର ସାଧନା କରି ଆପଣ କୋଟି-କୋଟି ଜନ୍ମ ପର୍ଯ୍ୟନ୍ତ ରାଜା ହୋଇଛନ୍ତି । ଏହା ସତ୍ତ୍ୱେ ମନର ଇଚ୍ଛା ମେଣ୍ଟିଲା ନାହିଁ କାରଣ ରାଜା ଚିନ୍ତା କରିଥାଏ ଯେ ସ୍ୱର୍ଗରେ ସୁଖ ଅଛି, ରାଜପଦରେ କୌଣସି ସୁଖ-ଶାନ୍ତି ନାହିଁ ।

ନିର୍ଗୁଣ ରାସାର ଭାବାର୍ଥ :- ନିର୍ଗୁଣର ଅର୍ଥ ହେଉଛି କୌଣସି ବସ୍ତୁ ଉପଲବ୍ଧ ଥାଇ ମଧ୍ୟ ତାହାର ଲାଭ ନ ମିଳିବା । ଯେପରି ଗଛର ମଞ୍ଜି ବା ବିହନରେ ଫଳ ଓ ଗଛ ନିର୍ଗୁଣ ରୂପରେ ଥାଏ, ସେହି ମଞ୍ଜିକୁ ମାଟିରେ ପୋତି ଜଳ ସିଞ୍ଚନ କରିବା ଦ୍ୱାରା ସେହି ସର୍ଗୁଣ ବସ୍ତୁ (ଗଛ ଓ ଗଛର ଫଳ)କୁ ପ୍ରାପ୍ତ କରାଯାଇଥାଏ । ଏହି ଜ୍ଞାନ ଅଭାବରୁ ଆମ୍ଭେ ଆମ୍ଭ ଗଛର ଫଳ ଓ ଛାଇରୁ ବଞ୍ଚିତ ହେଉଅଛେ । ରାସା = ଝିଞ୍ଜଟ୍ ଅର୍ଥାତ୍ ଜଟିଳ କାର୍ଯ୍ୟ । ସୂକ୍ଷ୍ମ ବେଦରେ ପରମେଶ୍ୱର କବୀରଜୀ କହିଛନ୍ତି ଯେ :-

ନଅ ମହଣ (୩୬୦ କି.ଗ୍ରା.) ସୂତ୍ = ଅଡୁଆ ସୂତା

କବୀର, ନୌ ମଣ ସୂତ ଉଲଝିୟା, ରଷି ରହେ ଝଖ ମାର୍ ।
ସତଗୁରୁ ଐସା ସୁଲଝା ଦେ, ଉଲଝେ ନ ଦୂଜୀ ବାର ॥

ସରଳାର୍ଥ :- ପରମେଶ୍ୱର କବୀର ସାହେବଜୀ କହିଛନ୍ତି ଯେ ଆଧ୍ୟାତ୍ମିକ ଜ୍ଞାନ ରୂପକ ନଅ ମହଣ ସୂତା ଛନ୍ଦି ହୋଇ ରହିଛି । ଏକ କି:ଗ୍ରା: ଅଡୁଆ ସୂତାକୁ ସଜାଡ଼ିବା ପାଇଁ ବୁଣାକାରକୁ ଗୋଟିଏ ଦିନରୁ ଅଧିକ ସମୟ ଲାଗେ । ଛନ୍ଦି ହୋଇ ରହିଥିବା ସୂତାକୁ ସଜାଡିବା ସମୟରେ ଯଦି ସୂତା ଛିଣ୍ଡିଯାଏ ତେବେ ବୁଣାଯାଉଥିବା କପଡ଼ାରେ ଗଣ୍ଠି ରହି ଯାଇଥାଏ । ଗଣ୍ଠିଥିବା କପଡ଼ାକୁ କେହି କିଣନ୍ତି ନାହିଁ । ତେଣୁ ପରମେଶ୍ୱର କବୀର ଜୁଲାହା(ବୁଣାକାର) ତନ୍ତିମାନଙ୍କର ସଠିକ୍ ଉଦାହରଣ ଦେଇ କହିଛନ୍ତି ଯେ ଯେପରି ଅଧିକ ଛନ୍ଦି ହୋଇ ରହିଥିବା ସୂତାକୁ କେହି ସଜାଡି ପାରନ୍ତି ନାହିଁ, ଠିକ୍ ସେହିପରି ଆଧ୍ୟାତ୍ମିକ ଜ୍ଞାନ ନଅ ମହଣ ଅଡୁଆ ସୂତା ଭଳି ଯାହାକୁ ସଦଗୁରୁ ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥ ଏଭଳି ସହଜରେ ସଜାଡି ଦେବେ ଯାହା ପୁନର୍ବାର ଅଡୁଆ ହେବ ନାହିଁ । ଛନ୍ଦି ହୋଇ ରହିଥିବା ଆଧ୍ୟାତ୍ମିକ ଜ୍ଞାନ ଅର୍ଥାତ୍ ଲୋକବେଦ ଆଧାରରେ ସାଧନା କରି ସ୍ୱର୍ଗ-ନର୍କ, ଚୌରାଶୀ ଲକ୍ଷ ପ୍ରାଣୀଙ୍କର ଜୀବନ ତଥା ପୃଥିବୀରେ କୌଣସି ରାଜ୍ୟ ପ୍ରାପ୍ତି କିମ୍ବା ସ୍ୱର୍ଗରେ ରାଜ୍ୟ ପ୍ରାପ୍ତି କଲ, ପୁଣି ଜନ୍ମ-ମୃତ୍ୟୁ ଚକ୍ରରେ ପଡ଼ି କଷ୍ଟ ଉପରେ କଷ୍ଟ ଭୋଗ କଲୁ । କାଳବ୍ରହ୍ମଙ୍କ ବେଦ ବର୍ଣ୍ଣିତ ବିଧି ଅନୁସାରେ ସାଧନା କଲ କିନ୍ତୁ ସେହି ପରମ ଶାନ୍ତି ଓ ସନାତନ ପରମଧାମ ପ୍ରାପ୍ତ ହେଲ ନାହିଁ ଯାହା ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ରେ କୁହାଯାଇଛି । ପରମେଶ୍ୱରଙ୍କର ସେହି ପରମପଦ ପ୍ରାପ୍ତ ହେଲା ନାହିଁ ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ସଂସାରକୁ ଲେଉଟି ଆସେ ନାହିଁ ଯାହା ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ କୁହାଯାଇଛି । କାଳବ୍ରହ୍ମଙ୍କର ସାଧନା ଦ୍ୱାରା ନିମ୍ନଲିଖିତ ଲାଭ ପ୍ରାପ୍ତି ହୋଇଥାଏ ।

ବାଣୀ ନଂ ୩ :- ଇନ୍ଦ୍ର-କୁବେର, ଇଶ କି ପଦବୀ, ବ୍ରହ୍ମା ବରୁଣ ଧର୍ମରାୟା ॥
ବିଷ୍ଣୁନାଥ କେ ପୁର କୂଁ ଜାକର ବହୁର ଅପୂଠା ଆୟା ॥

ସରଳାର୍ଥ :- କାଳବ୍ରହ୍ମଙ୍କର ସାଧନା କରି ସାଧକ ଇନ୍ଦ୍ର ପଦବୀ ମଧ୍ୟ ପ୍ରାପ୍ତ କରିଥାଏ । ଇନ୍ଦ୍ରପଦ ସ୍ୱର୍ଗର ରାଜପଦ ଅଟେ । ତାଙ୍କୁ ଦେବରାଜ ଅର୍ଥାତ୍ ଦେବତାମାନଙ୍କର ରାଜା ତଥା ସୁରପତି ମଧ୍ୟ କୁହାଯାଏ । ସେ ଜଳସେଚନ ବିଭାଗ ଅର୍ଥାତ୍ ବର୍ଷା ମନ୍ତ୍ରଣାଳୟକୁ ମଧ୍ୟ ନିଜ ଅଧିନରେ ରଖିଥାନ୍ତି ।

ପ୍ରଶ୍ନ :- ଇନ୍ଦ୍ର ପଦବୀ କିପରି ପ୍ରାପ୍ତ ହୋଇଥାଏ ?

ଉତ୍ତର :- ଅଧିକ ତପସ୍ୟା ଓ ଶହେ ମହଣ (୪ହଜାର କି:ଗ୍ରା) ଗାଈ କିମ୍ବା ମଇଁଷି ଘିଅ ପ୍ରୟୋଗ କରି ଧର୍ମଯଜ୍ଞ କରିବା ଦ୍ୱାରା ଗୋଟିଏ ଧର୍ମଯଜ୍ଞ ସମ୍ପୂର୍ଣ୍ଣ ହୋଇଥାଏ । ଏହିଭଳି ଶହେ ଧର୍ମଯଜ୍ଞ ନିର୍ବିଘ୍ନରେ ସଂପନ୍ନ କରିବା ପରେ ସାଧକ ଇନ୍ଦ୍ର ପଦବୀ ପ୍ରାପ୍ତ କରିଥାଏ । ତପସ୍ୟା ବା

ଯଜ୍ଞ ଚାଲିଥିବା ସମୟରେ ଯଦି ନିୟମ ଭଙ୍ଗ ହୋଇଯାଏ ତେବେ ପୁନର୍ବାର ନୂତନ ଭାବେ ଯଜ୍ଞ ବା ତପସ୍ୟା ଆରମ୍ଭ କରିବାକୁ ପଡ଼ିଥାଏ । ଏହି ପ୍ରକାରେ ଇନ୍ଦ୍ର ପଦବୀ ପ୍ରାପ୍ତ ହୋଇଥାଏ ।

ପ୍ରଶ୍ନ :- ଇନ୍ଦ୍ରଙ୍କର ଶାସନ କାଳ କେତେ ? ମୃତ୍ୟୁ ଉପରାନ୍ତ ଇନ୍ଦ୍ରପଦ ପରେ ପ୍ରାଣୀ କେଉଁ ଯୋନି ପ୍ରାପ୍ତ କରିଥାଏ ?

ଉତ୍ତର :- ଇନ୍ଦ୍ର, ସ୍ୱର୍ଗର ରାଜପଦରେ ୭୨ ଚୌକଡ଼ି ଅର୍ଥାତ୍ ୭୨ ଚତୁର୍ଯୁଗ ପର୍ଯ୍ୟନ୍ତ ରହିଥାଏ । ଏକ ଚତୁର୍ଯୁଗ = ସତ୍ୟଯୁଗ + ତ୍ରେତୟାଯୁଗ + ଦ୍ୱାପର ଯୁଗ + କଳିଯୁଗର ମୋଟ୍ ସମୟ, ଯାହା ୧୭୨୮୦୦୦+ ୧୨୯୬୦୦୦+ ୮୬୪୦୦୦+ ୪୩୨୦୦୦ କ୍ରମଶଃ ସତ୍ୟଯୁଗ + ତ୍ରେତୟାଯୁଗ + ଦ୍ୱାପର ଯୁଗ + କଳିଯୁଗର ମୋଟ୍ ସମୟ ଅର୍ଥାତ୍ ୪୩ ଲକ୍ଷ୨୦ ହଜାର ବର୍ଷରେ ଗୋଟିଏ ଚତୁର୍ଯୁଗ ହୋଇଥାଏ । ଏହିଭଳି ୭୨ ଚତୁର୍ଯୁଗ ପର୍ଯ୍ୟନ୍ତ ସେହି ସାଧକ ଇନ୍ଦ୍ରପଦରେ ରହି ସ୍ୱର୍ଗର ରାଜସୁଖ ଭୋଗ କରିଥାଏ । ଏକ କଳ୍ପ ଅର୍ଥାତ୍ ବ୍ରହ୍ମାଙ୍କର ଏକ ଦିନ(୧୦୦୮-ଏକ ହଜାର ଆଠ ଚତୁର୍ଯୁଗ ହୋଇଥାଏ)ରେ ୧୪ଜଣ ଆତ୍ମା ଇନ୍ଦ୍ରପଦରେ ରହି ନିଜ ପୂଣ୍ୟକର୍ମ ଭୋଗିଥାନ୍ତି । ଇନ୍ଦ୍ରପଦ ଭୋଗ କରି ସାରିବା ପରେ ସେହି ପ୍ରାଣୀ ଗଧ ଜୀବନ (ଯୋନି) ପ୍ରାପ୍ତ କରିଥାଏ ।

କଥା :- ''ମାର୍କଣ୍ଡେୟ ଋଷି ଓ ଅପ୍ସରା ସମ୍ବାଦ''

ଏକଦା ମାକଣ୍ଡେୟ ଋଷି ବଙ୍ଗୀୟ ତଟରେ ତପସ୍ୟା କରୁଥିଲେ । ଇନ୍ଦ୍ରପଦରେ ବିରାଜମାନ ଥିବା ଆତ୍ମାକୁ ଏହି ସର୍ତ୍ତ ଥାଏ ଯେ ତା ଶାସନକାଳ ଅର୍ଥାତ୍ ୭୨ ଚତୁର୍ଯୁଗ ଅବଧି ମଧ୍ୟରେ ପୃଥିବୀରେ ଯଦି ଇନ୍ଦ୍ରପଦ ପାଇଁ କୌଣସି ଯୋଗ୍ୟ ବ୍ୟକ୍ତି ତପସ୍ୟା କିମ୍ବା ଧର୍ମଯଜ୍ଞ କରିଥିବ ଏବଂ ତା କ୍ରିୟାରେ କୌଣସି ବାଧାବିଘ୍ନ ଘଟି ନ ଥିବ ତେବେ ସେହି ସାଧକକୁ ଇନ୍ଦ୍ର ପଦବୀ (ସିଂହାସନ) ଦିଆ ଯାଇଥାଏ । ବର୍ତ୍ତମାନର ସେହି ଇନ୍ଦ୍ରଠାରୁ ପଦବୀ ଛଡ଼ାଇ ନିଆଯାଇଥାଏ । ତେଣୁ ଇନ୍ଦ୍ର ନିଜ ଶାସନକାଳ ମଧ୍ୟରେ ଅନ୍ୟ କୌଣସି ସାଧକର ତପସ୍ୟା ବା ଧର୍ମଯଜ୍ଞକୁ ସମ୍ପୂର୍ଣ୍ଣ ହେବାକୁ ଦେଇନଥାଏ । ସେ ସେହି ସାଧକର ସାଧନାକୁ ଭଙ୍ଗ କରି ଦେଇଥାଏ । ସାଧନା ଭଙ୍ଗ କରିବା ପାଇଁ ଯେକୌଣସି କାର୍ଯ୍ୟ କରିବାକୁ ପଛୁନା କାହିଁକି ସେ ତାହା କରିବାକୁ ପଛାଇ ନ ଥାଏ ।

ଯେତେବେଳେ ଇନ୍ଦ୍ରଙ୍କୁ ତାଙ୍କ ଦୂତମାନେ ଜଣାଇଲେ ଯେ ବଙ୍ଗୀୟ ତଟରେ ମାର୍କଣ୍ଡେୟ ନାମକ ଜଣେ ଋଷି ତପସ୍ୟା କରୁଛନ୍ତି, ଏହା ଶୁଣି ରାଜା ଇନ୍ଦ୍ର ତତ୍କ୍ଷଣାତ୍ ମାର୍କଣ୍ଡେୟ ଋଷିଙ୍କ ତପସ୍ୟା ଭଙ୍ଗ କରିବା ପାଇଁ ଉର୍ବଶୀ(ଇନ୍ଦ୍ରର ପତ୍ନୀ)କୁ ପଠାଇଲେ । ସବୁ ପ୍ରକାର ଶୃଙ୍ଗାର କରି ଦେବପରୀ ଉର୍ବଶୀ ମାର୍କଣ୍ଡେୟ ଋଷିଙ୍କ ସମ୍ମୁଖରେ ନୃତ୍ୟ-ଗୀତ କରିବାକୁ ଲାଗିଲା । ନିଜ ସିଦ୍ଧିଶକ୍ତି ବଳରେ ଉର୍ବଶୀ ସେହି ବଙ୍ଗୀୟ ତଟ (ମାର୍କଣ୍ଡେୟ ଋଷିଙ୍କ ତପସ୍ୟା ସ୍ଥଳ)ରେ ବସନ୍ତ ଋତୁର ବାତାବରଣ ସୃଷ୍ଟି କରିଦେଲା । ଏଥିପ୍ରତି ମାର୍କଣ୍ଡେୟ ଋଷି କୌଣସି ଉତ୍ସୁକତା ଦେଖାଇଲେ ନାହିଁ । ଉର୍ବଶୀ ତାଙ୍କୁ ବିମୋହିତ କରିବା ପ୍ରୟାସରେ ନାଚି ନାଚି ନିଜ ଅଣ୍ଟାଡୋରକୁ ଛିଣ୍ଡାଇ ନିବସ୍ତ୍ର ହୋଇଗଲା । ଏହାପରେ ମାର୍କଣ୍ଡେୟ ଋଷି କହିଲେ, ହେ ଝିଅ ! ହେ ଭଉଣୀ ! ହେ ମାତା ! ଆପଣ ଏ କ'ଣ କରୁଛନ୍ତି ? ଆପଣ ଏହି ଘନଜଙ୍ଗଲ ମଧ୍ୟକୁ କ'ଣ ପାଇଁ ଆସିଛନ୍ତି ? ଉର୍ବଶୀ କହିଲା ଋଷିବର, ମୋ ରୂପ ଦେଖି ଏହି ବନଖଣ୍ଡର ସମସ୍ତ ସାଧକ ନିଜର ଧୈର୍ଯ୍ୟ ହରାଇ ସାରିଛନ୍ତି ମାତ୍ର ଆପଣ ତିଳେମାତ୍ର ବିଚଳିତ ହୋଇ ନାହାଁନ୍ତି, ଜଣାନାହିଁ ଆପଣଙ୍କ ଧ୍ୟାନ କେଉଁଠି ଥିଲା ? କୃପାକରି ଆପଣ ମୋ ସହିତ ଇନ୍ଦ୍ରଲୋକକୁ ଚାଲନ୍ତୁ, ନଚେତ୍ ମୋତେ ଦଣ୍ଡ ମିଳିବ ଏବଂ ସମସ୍ତେ କହିବେ ତୁ ପରାସ୍ତ ହୋଇ ଆସିଛୁ । ମାର୍କଣ୍ଡେୟ ଋଷି କହିଲେ, ମୁଁ ବ୍ରହ୍ମଲୋକରେ ସମାଧିସ୍ଥ ହୋଇ ସେଠାକାର ଉର୍ବଶୀମାନଙ୍କର ନୃତ୍ୟ ଦେଖୁଥିଲି । ସେମାନେ ଏତେ ସୁନ୍ଦର ଯେ ସେମାନଙ୍କ ସାଥିରେ ତୁମପରି ସାତ-ସାତଜଣ ଦାସୀ ଅଛନ୍ତି । ତେଣୁ ମୁଁ ତୁମକୁ କ'ଣ ଦେଖିବି, ତୁମ ପ୍ରତି କ'ଣ ଆସକ୍ତ ହେବି ? ଯଦି ତୁମଠାରୁ ଆଉ ଅଧିକ ସୁନ୍ଦର କେହି ଅଛନ୍ତି ତେବେ ତାକୁ ସାଥିରେ ଧରି ଆସ । ଏହା ଶୁଣି ଦେବପରୀ କହିଲା, ମୁଁ ଇନ୍ଦ୍ରର ପାଟରାଣୀ ଅର୍ଥାତ୍ ମୁଖ୍ୟ ରାଣୀ ଅଟେ । ସ୍ୱର୍ଗରେ ମୋ ଠାରୁ

ଅଧିକ ସୁନ୍ଦର ଆଉ କେହି ନାହାଁନ୍ତି ।

ଏହାପରେ ମାର୍କଣ୍ଡେୟ ଋଷି ପ୍ରଶ୍ନକଲେ ଯେ ଯେତେବେଳେ ଇନ୍ଦ୍ରଙ୍କର ମୃତ୍ୟୁ ହୋଇଯିବ ସେତେବେଳେ ତୁମେ କ'ଣ କରିବ ? ଉର୍ବଶୀ ଉତ୍ତର ଦେଲା ଯେ ମୁଁ ୧୪ଜଣ ଇନ୍ଦ୍ରଙ୍କୁ ଉପଭୋଗ କରିବି । ଭାବାର୍ଥ ହେଲା ଯେ ଶ୍ରୀ ବ୍ରହ୍ମାଙ୍କର ଗୋଟିଏ ଦିନ=୧୦୦୮ଟି ଚତୁର୍ଯୁଗ ଅଟେ ଯେଉଁଥିରେ ୭୨-୭୨ ଚତୁର୍ଯୁଗର ଶାସନକାଳ ପୂର୍ଣ୍ଣ କରି ୧୪ ଜଣ ଇନ୍ଦ୍ର ମୃତ୍ୟୁକୁ ପ୍ରାପ୍ତ କରିବେ । ଇନ୍ଦ୍ରର ରାଣୀ ହୋଇଥିବା ଆତ୍ମା କୌଣସି ଏକ ମାନବ ଜନ୍ମରେ ଏତେ ପୂଣ୍ୟ କରିଥାଏ ଯେ, ସେ ୧୪ଜଣ ଇନ୍ଦ୍ରଙ୍କର ପାଟରାଣୀ ହୋଇ ସ୍ୱର୍ଗର ସୁଖ ତଥା ପୁରୁଷଙ୍କର ସୁଖ ଭୋଗ କରିଥାଏ ।

ମାର୍କଣ୍ଡେୟ ଋଷି ପଚାରିଲେ, ଯେତେବେଳେ ସେହି ୧୪ଜଣ ଇନ୍ଦ୍ର ମରିଯିବେ ସେତେବେଳେ ତୁ କ'ଣ କରିବୁ ? ଉର୍ବଶୀ କହିଲା, ତା'ପରେ ମୁଁ ମୃତ୍ୟୁଲୋକ(ପୃଥିବୀ ଲୋକକୁ ମନୁଷ୍ୟଲୋକ ଅର୍ଥାତ୍ ମର୍ତ୍ୟଲୋକ କୁହନ୍ତି)ରେ ଗଧୁଣୀ ଜନ୍ମ ପ୍ରାପ୍ତ କରିବି ଏବଂ ପୂର୍ବରୁ ଯେତେ ଇନ୍ଦ୍ର ମରିଥିବେ ସେମାନେ ପୃଥିବୀରେ ଗଧ ଜନ୍ମ ପ୍ରାପ୍ତ କରି ମୋର ପତି ହେବେ ।

ମାର୍କଣ୍ଡେୟ ଋଷି କହିଲେ, ତେବେ ମୋତେ ଏଭଳି ଲୋକକୁ କାହିଁକି ନେଇ ଯିବାକୁ ଚାହୁଁଛୁ ଯାହାର ରାଜା ଗଧ ଓ ରାଣୀ ଗଧୁଣୀ ଯୋନି ପ୍ରାପ୍ତ ହୋଇଥାନ୍ତି ? ଉର୍ବଶୀ କହିଲେ, ନିଜ ସମ୍ମାନ ରକ୍ଷା କରିବା ପାଇଁ, ନଚେତ୍ ସେମାନେ କହିବେ ତୁ ପରାଜିତ ହୋଇ ଆସିଛୁ । ମାର୍କଣ୍ଡେୟ ଋଷି କହିଲେ, ଗଧୁଣୀଙ୍କର କି ସମ୍ମାନ ଅଛି ? ବର୍ତ୍ତମାନ ତୋର ପରିଚୟ ହେଉଛି ଗଧୁଣୀ କାରଣ ତୁ ଚଉଦ ଇନ୍ଦ୍ରଙ୍କୁ ପତି କରିବୁ ଏବଂ ତୁ ନିଜେ ସ୍ୱୀକାର କରୁଛୁ ଯେ ମୃତ୍ୟୁ ପରେ ଗଧୁଣୀ ହେବୁ । ଗଧୁଣୀର କି ଇଜ୍ଜତ ? ଏହି ସମୟରେ ସେଠାରେ ଇନ୍ଦ୍ର ଉପସ୍ଥିତ ହୋଇଗଲେ । ବିଧାନ ଅନୁସାରେ ମାର୍କଣ୍ଡେୟ ଋଷିଙ୍କୁ ନିଜ ଇନ୍ଦ୍ରପଦ ରୂପକ ରାଜ ସିଂହାସନ ଦେବା ପାଇଁ ଅନୁରୋଧ କରି କହିଲେ, ହେ ଋଷିବର, ମୁଁ ହାରିଲି ଆପଣ ଜିତିଲେ । ଏବେ ଆପଣ ଇନ୍ଦ୍ର ପଦବୀ ସ୍ୱୀକାର କରନ୍ତୁ । ମାର୍କଣ୍ଡେୟ ଋଷି କହିଲେ ଆରେ ଇନ୍ଦ୍ର ! ଏହି ପଦବୀ ମୋର କୌଣସି କାର୍ଯ୍ୟରେ ଆସିବ ନାହିଁ । ଇନ୍ଦ୍ରପଦ ମୋ ପାଇଁ କାଉ ମଳ ସହିତ ସମାନ । ମାର୍କଣ୍ଡେୟ ଋଷି ପୁଣି କହିଲେ, ହେ ଇନ୍ଦ୍ର ! ତୁମେ, ମୋ କହିବା ଅନୁସାରେ ସାଧନା କର, ମୁଁ ତୁମକୁ ବ୍ରହ୍ମଲୋକକୁ ନେଇଯିବି । ଏହି ଇନ୍ଦ୍ର ରାଜୁତି ତ୍ୟାଗ କର । ଇନ୍ଦ୍ର କହିଲେ, ହେ ଋଷିବର ! ଏବେ ମୋତେ ମଉଜ-ମସ୍ତି କରିବାକୁ ଦିଅନ୍ତୁ, ପରେ ଦେଖିବା ।

ପାଠକଗଣ ! ବିଚାର କରନ୍ତୁ, ଇନ୍ଦ୍ରକୁ ଭଲଭାବେ ଜଣାଅଛି ଯେ ମୃତ୍ୟୁ ପରେ ତାକୁ ନିଶ୍ଚୟ ଗଧ ଜୀବନ ମିଳିବ, ତଥାପି ସେହି କ୍ଷଣିକ ସୁଖକୁ ତ୍ୟାଗ କରିବାକୁ ତା'ର ଇଚ୍ଛା ନାହିଁ । ଉତ୍ତର ମିଳିଲା ଯେ ପରେ ଦେଖିବା । ପୁଣି ପରେ ସେ କେବେ ଦେଖିବ ? ଗଧ ହେବା ପରେ ତାକୁ କୁମ୍ଭାର ଦେଖିବ ଯେ କେତେ ଓଜନର ଜିନିଷ ତା ପିଠିରେ ରଖିଲେ ସେ ସମ୍ଭାଳିବ ? କେଉଁଠି ମଧ ଠେଙ୍ଗା ପାହାର ଦିଆଯିବ ? ଠିକ୍ ଏହିଭଳି ଏହି ବିଶାଳ ପୃଥିବୀର ଏକ କ୍ଷୁଦ୍ର ଅଂଶର ପ୍ରଧାନମନ୍ତ୍ରୀ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଅଥବା ରାଜ୍ୟମନ୍ତ୍ରୀ ପଦ ମିଳିଥିବା ବ୍ୟକ୍ତି କିମ୍ବା କୌଣସି ସରକାରୀ ପଦାଧିକାରୀ ବା କର୍ମଚାରୀ ବା କୌଣସି ଧନୀ ବ୍ୟକ୍ତିଙ୍କୁ ଯଦି କୁହାଯାଏ ଯେ ଆପଣ ଭକ୍ତି କରନ୍ତୁ, ନଚେତ୍ ଗଧ ହେବେ । ସେମାନେ ଏହା ଶୁଣି ବେଳେବେଳେ ନାରାଜ ହୋଇ କହିବେ, ମୁଁ କାହିଁକି ଗଧ ହେବି ? ପୁର୍ନବାର ମୋତେ କେବେ ଏଭଳି କଥା କହିବେ ନାହିଁ । ଆଉ କିଛି ସଭ୍ୟ ବ୍ୟକ୍ତି ଅଛନ୍ତି ଯେଉଁମାନେ କହିଥାନ୍ତି ଯେ ଗଧ ଜନ୍ମ ମିଳିବ, ଏହା କିଏ ଦେଖିଛି ? ପୁଣି ଯଦି ସେମାନଙ୍କୁ କୁହାଯାଏ ଯେ ଏହିକଥା ସନ୍ଥମାନେ କହିଛନ୍ତି ଏବଂ ସମସ୍ତ ଗ୍ରନ୍ଥରେ ଏହାର ପ୍ରମାଣ ଅଛି ତେବେ ଅଧିକାଂଶ ବ୍ୟକ୍ତି କହିବେ ଯେ ଆଗକୁ ଯାହା ଘଟିବ ଦେଖାଯିବ ।

ସେମାନଙ୍କୁ ଏହି ନିବେଦନ ଯେ ମୃତ୍ୟୁ ଉପରାନ୍ତ ଗଧ ଜନ୍ମ ପ୍ରାପ୍ତି ହେବା ପରେ ଆପଣ କ'ଣ ଦେଖିବେ ? ଗଧ ହେବା ପରେ ଆପଣଙ୍କୁ କୁମ୍ଭାର ଦେଖିବ ଯେ ଆପଣଙ୍କ ସହିତ କିଭଳି ବ୍ୟବହାର କରିବାକୁ ପଡ଼ିବ ? ଯଦି ଦେଖିବାର ଅଛି ତେବେ ଏବେ ଦେଖନ୍ତୁ । ସମସ୍ତ କୁକର୍ମକୁ

ପରିତ୍ୟାଗ କରି ଶାସ୍ତ୍ରାନୁକୂଳ ସାଧନା କରନ୍ତୁ ଯାହା ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ କେବଳ ମୋ(ରାମପାଲ ଦାସ)ନିକଟରେ ଉପଲବ୍ଧ । ଆସନ୍ତୁ, ସତ୍ୟ ଭକ୍ତିବିଧି ଗ୍ରହଣ କରନ୍ତୁ ଏବଂ ନିଜର କଲ୍ୟାଣ କରାନ୍ତୁ ।

ଉପରଲିଖିତ ବାଣୀ ନଂ ୩ ରେ କୁହାଯାଇଛି ଯେ ଇନ୍ଦ୍ର-କୁବେର ଓ ଇଶ୍ୱର ପଦବୀ ପାଇଥିବା ଏବଂ ବ୍ରହ୍ମା ପଦ, ବରୁଣ ପଦ, ଧର୍ମରାୟ ପଦ ଓ ବିଷ୍ଣୁ ଲୋକ ପ୍ରାପ୍ତ କରିଥିବା ତଥା ଅନ୍ୟ ଦେବପଦ ପ୍ରାପ୍ତି ପରେ ମଧ୍ୟ ଜୀବ ଜନ୍ମ-ମୃତ୍ୟୁ ଚକ୍ରରେ ରହିଥାଏ ।

ସ୍ୱର୍ଗଲୋକରେ ୩୩ କୋଟି ଦେବ ପଦ ଅଛି । ଯେପରି ଭାରତ ବର୍ଷର ସଂସଦରେ ୫୪୦ଟି ସାଂସଦ ପଦ ଅଛି ଯେଉଁମାନେ ପ୍ରତି ନିର୍ବାଚନରେ ବଦଳିଥାନ୍ତି । ସେହି ୫୪୦ ସାଂସଦମାନଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀ ଓ ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀମାନେ ବଛା ଯାଇଥାନ୍ତି ।

ଏହିଭଳି ସେହି ୩୩ କୋଟି ଦେବତାମାନଙ୍କ ମଧ୍ୟରୁ ଜଣକୁ କୁବେର ପଦ ଅର୍ଥାତ୍ ଧନ ଦେବତାଙ୍କ ପଦ ମିଳିଥାଏ ଯେପରି ଦେଶରେ ଅର୍ଥମନ୍ତ୍ରୀ ବଛା ଯାଇଥାନ୍ତି । ଇଶ୍ୱର ପଦର ଅର୍ଥ ପ୍ରଭୂ ପଦ ଯାହାକୁ ଲୋକବେଦ ଆଧାରରେ ମୁଖ୍ୟତଃ ତିନୋଟି ପଦ ବୋଲି ଅଭିହିତ କରାଯାଇଛି ଯଥା ୧- ଶ୍ରୀ ବ୍ରହ୍ମା ୨- ଶ୍ରୀ ବିଷ୍ଣୁ ଏବଂ ୩ - ଶ୍ରୀ ଶିବ ।

ବରୁଣଦେବ ଜଳ ଦେବତା ଅଟନ୍ତି । ଧର୍ମରାୟ ମୁଖ୍ୟ ନ୍ୟାୟଧୀଶ ଅଟନ୍ତି ଯିଏ ସମସ୍ତ ଜୀବଙ୍କୁ କର୍ମଫଳ ଦିଅନ୍ତି, ତାଙ୍କୁ ଧର୍ମରାଜ ମଧ୍ୟ କୁହାଯାଏ । ଏମାନେ ସମସ୍ତେ କାଳବ୍ରହ୍ମର ସାଧନା କରି ଏହି ସମସ୍ତ ପଦବୀ ପ୍ରାପ୍ତ କରିଥାନ୍ତି । ପୂଣ୍ୟ କ୍ଷୟ (ସମାପ୍ତ) ହେବା ପରେ ସମସ୍ତ ଦେବତାଙ୍କୁ ସେମାନଙ୍କ ପଦରୁ ବହିଷ୍କାର କରି ୮୪ ଲକ୍ଷ ଯୋନିରେ ପଶୁ-ପକ୍ଷୀ ଜନ୍ମ ଦିଆଯାଏ । ପୁଣି ନୂଆ ଆତ୍ମାମାନେ ଏହି ବ୍ରହ୍ମା, ବିଷ୍ଣୁ ଓ ଶିବ ଆଦି ପଦରେ ବିରାଜମାନ ହୁଅନ୍ତି ।

ଉପରୋକ୍ତ ସମସ୍ତ ଦେବତାଙ୍କର ଜନ୍ମ-ମୃତ୍ୟୁ ହୋଇଥାଏ । ସେମାନେ ଅବିନାଶୀ ନୁହଁନ୍ତି । ଆପଣ ସେମାନଙ୍କ ସ୍ଥିତି ସମ୍ବନ୍ଧରେ ଏହି ପୁସ୍ତକର "ସୃଷ୍ଟି ରଚନା" ବିଷୟରେ ସ୍ପଷ୍ଟ ଜାଣି ପାରିବେ ଯେ ସେମାନେ କେତେଜଣ ପ୍ରଭୁ ଅଟନ୍ତି ? ସେମାନେ କାହାର ପୁତ୍ର ତଥା ସେମାନଙ୍କର ମାତା କିଏ ଅଟନ୍ତି ?

ଅନ୍ୟ ପ୍ରମାଣ :- ଶ୍ରୀ ଦେବୀ ପୁରାଣ (ସଚିତ୍ର ମୋଟ ଟାଇପ କେବଳ ହିନ୍ଦୀ, ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ)ର ତୃତୀୟ ସ୍କନ୍ଧର ୧୨୩ ନଂ ପୃଷ୍ଠାରେ ଲେଖାଅଛି ଯେ ଆପଣ ଶୁଦ୍ଧ ସ୍ୱରୂପା, ସାରା ସଂସାର ଆପଣଙ୍କଠାରୁ ଉଦ୍ଭାସିତ ହେଉଅଛି । ମୁଁ (ବିଷ୍ଣୁ), ବ୍ରହ୍ମା ଏବଂ ଶଙ୍କର ଆପଣଙ୍କ କୃପାରୁ ହିଁ ବିଦ୍ୟମାନ ଅଟୁଁ । ଆମ୍ଭମାନଙ୍କର ଆବିର୍ଭାବ ଅର୍ଥାତ୍ ଜନ୍ମ ଏବଂ ତିରୋଭାବ ଅର୍ଥାତ୍ ମୃତ୍ୟୁ ହୋଇଥାଏ । ଆପଣ ପ୍ରକୃତି ଦେବୀ ଅଟନ୍ତି ।

ଭଗବାନ ଶଙ୍କର କହିଲେ, ହେ ଦେବୀ ! ବିଷ୍ଣୁଙ୍କ ପରେ ବ୍ରହ୍ମା ଯଦି ଆପଣଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି ତେବେ ତମୋଗୁଣୀ ଲୀଳା କରୁଥିବା ଶଙ୍କର କ'ଣ ଆପଣଙ୍କ ସନ୍ତାନ ନୁହେଁ କି ଅର୍ଥାତ୍ ମୋତେ ମଧ୍ୟ ଆପଣ ଉତ୍ପନ୍ନ କରିଛନ୍ତି । ଆମ୍ଭେମାନେ କେବଳ ନିୟମିତ କାର୍ଯ୍ୟରେ ନିୟୋଜିତ ଅର୍ଥାତ୍ ଯାହା ଭାଗ୍ୟରେ ଲେଖା ଅଛି ତାହା ହିଁ ପ୍ରଦାନ କରିଥାଉ । ତା'ଠାରୁ ନା ଅଧିକ କାହାକୁ ଦେଇପାରିବୁ, ନା କମ୍ କରିପାରିବୁ ।

ପାଠକବୃନ୍ଦ ! ଶ୍ରୀ ଦେବୀ ପୁରାଣର ଏହି ଉଲ୍ଲେଖରୁ ସ୍ପଷ୍ଟ ହେଲା ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶଙ୍କର ନାଶବାନ ଅଟନ୍ତି । ସେମାନଙ୍କ ମାତାଙ୍କ ନାମ ଶ୍ରୀ ଦେବୀ ଦୁର୍ଗା ଅଟେ । ଅଧିକ ବିବରଣୀ ଆପଣ "ସୃଷ୍ଟି ରଚନା" ଅଧ୍ୟାୟରେ ପଢି ପାରିବେ ଯାହା ଏହି ପୁସ୍ତକର ଶେଷ ଭାଗରେ୨୬୮ ନଂ ପୃଷ୍ଠାରେ ଲେଖାଅଛି । ଏମାନେ ମୁଖ୍ୟ ଦେବତା ଅଟନ୍ତି । ଅନ୍ୟ ଦେବତାମାନେ ଏମାନଙ୍କଠାରୁ ନିଚ ସ୍ତରର ଦେବତା ଅଟନ୍ତି । ଏମାନଙ୍କର ଜନ୍ମ-ମୃତ୍ୟୁ ହୁଏ । ଏମାନେ ଅବିନାଶୀ ରାମ (ପରମାତ୍ମା) ନୁହଁନ୍ତି । ଶ୍ରୀମଭଗବତ ଗୀତା ଅଧ୍ୟାୟ ୧୦ ଶ୍ଳୋକ ୨ରେ ଲେଖାଅଛି ଯେ ଗୀତା ଜ୍ଞାନଦାତା କାଳବ୍ରହ୍ମ କହୁଛନ୍ତି, "ମୋର ଉତ୍ପତ୍ତି ବିଷୟରେ ନା ଏହି ଦେବତାମାନେ ଜାଣିଛନ୍ତି,

ନା ମହର୍ଷିଗଣ ଜାଣିଛନ୍ତି । କାରଣ ମୁଁ ହେଉଛି ସମସ୍ତଙ୍କର ଆଦି କାରଣ ଅର୍ଥାତ୍ ଏମାନେ ସମସ୍ତେ ମୋ'ଠାରୁ ହିଁ ଉତ୍ପନ୍ନ ହୋଇଛନ୍ତି" ।

ଗୀତା ଅଧ୍ୟାୟ ୪ ଶ୍ଳୋକ ୫ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ହେ ଅର୍ଜୁନ ! ତୋର ଏବଂ ମୋର ବହୁତ ଜନ୍ମ ହୋଇସାରିଛି କିନ୍ତୁ ତୁ ଜାଣି ନାହୁଁ, ମୁଁ ଜାଣିଛି । ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨ରେ ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ତୁ ଓ ମୁଁ ତଥା ସମସ୍ତ ରାଜା ଓ ସେନାଗଣ ପୂର୍ବରୁ ଜନ୍ମ ହୋଇଥିଲେ ଏବଂ ଆଗକୁ ମଧ୍ୟ ଜନ୍ମ ନେବେ ।

ଗୀତା ଅଧ୍ୟାୟ୧୪ ଶ୍ଳୋକ ୩ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ, ହେ ଅର୍ଜୁନ ! ମୋର ପ୍ରକୃତି ଅର୍ଥାତ୍ ଦୁର୍ଗା ଗର୍ଭଧାରଣ କରିଥାଏ । ମୁଁ ତା ଗର୍ଭରେ ବୀଜ ସ୍ଥାପନ କରିଥାଏ ଯାହାଦ୍ୱାରା ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଥାଏ ।

ଗୀତା ଅଧ୍ୟାୟ ୧୪ ଶ୍ଳୋକ ୪ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ, ହେ ଅର୍ଜୁନ ! ନାନା ପ୍ରକାର ଯୋନିରେ ଯେତେ ବି ଶରୀରଧାରୀ ମୂର୍ତ୍ତି ଉତ୍ପନ୍ନ ହୁଅନ୍ତି (ମହତ୍) ପ୍ରକୃତି ସେ ସମସ୍ତଙ୍କର ଗର୍ଭଧାରିଣୀ ମାତା ଅଟନ୍ତି । (ଅହମ୍ ବ୍ରହ୍ମ) ମୁଁ ବ୍ରହ୍ମ ବୀଜ ସ୍ଥାପନକାରୀ ପିତା ଅଟେ ।

ଗୀତା ଅଧ୍ୟାୟ ୧୪ ଶ୍ଳୋକ ୫ରେ ଗୀତା ଜ୍ଞାନଦାତା ସ୍ପଷ୍ଟ କରିଛନ୍ତି ଯେ, ହେ ଅର୍ଜୁନ ! ସତ୍ତ୍ୱଗୁଣ ଶ୍ରୀ ବିଷ୍ଣୁ, ରଜଗୁଣ ଶ୍ରୀ ବ୍ରହ୍ମା ଓ ତମଗୁଣ ଶ୍ରୀ ଶିବ, ଏମାନେ ପ୍ରକୃତି ଅର୍ଥାତ୍ ଦୁର୍ଗା ଦେବୀଙ୍କଠାରୁ ଉତ୍ପନ୍ନ । ଏହି ତିନି ଦେବତା ଅର୍ଥାତ୍ ତିନିଗୁଣ ଅବିନାଶୀ ଜୀବତ୍ମାମାନଙ୍କୁ କର୍ମାନୁସାରେ ଶରୀରରେ ବାନ୍ଧି ରଖିଥାନ୍ତି ।

ଉପରୋକ୍ତ ପ୍ରମାଣଗୁଡ଼ିକରୁ ଏହା ସ୍ପଷ୍ଟ ହେଲା ଯେ ଉପରୋକ୍ତ ଦେବତାମାନେ ନାଶବାନ ଅଟନ୍ତି ଏବଂ ବ୍ରହ୍ମଙ୍କର ସନ୍ତାନ ଅଟନ୍ତି ।

ଆଲୋଚ୍ୟ ପ୍ରସଙ୍ଗ, ବାଣୀ ସଂଖ୍ୟା ୩ ର ସରଳାର୍ଥ :-

ଇନ୍ଦ୍ର, କୁବେର, ଇଶ୍ ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ ଓ ଶିବ ପଦବୀ ପ୍ରାପ୍ତକରି ତଥା ବରୁଣ, ଧର୍ମରାୟ ପଦବୀ ତଥା ଶ୍ରୀ ବିଷ୍ଣୁନାଥଙ୍କ ଲୋକ ପ୍ରାପ୍ତକରି ମଧ୍ୟ ଜୀବ ଜନ୍ମ-ମରଣ ଚକ୍ରରେ ରୁହେ ।

ମାର୍କଣ୍ଡେୟ ଋଷି ବ୍ରହ୍ମ ସାଧନା କରୁଥିଲେ । ସେହି ସାଧନାକୁ ସେ ସର୍ବୋତ୍ତମ ଭାବୁଥିଲେ । ଏହି କାରଣରୁ ଇନ୍ଦ୍ରଙ୍କୁ କହିଥିଲେ ଯେ ଆସ ମୁଁ ତୁମକୁ ବ୍ରହ୍ମ ସାଧନାର ଜ୍ଞାନ ଦେବି । ବ୍ରହ୍ମଲୋକ ସହିତ ସ୍ୱର୍ଗର ତୁଳନା କରିବା ଯାହା, ମିଠା ହାଲୁଆ ସହିତ କାଉ ମଳର ତୁଳନା କରିବା ତାହା ଅଟେ ।

ପାଠକବୃନ୍ଦ ! ଆପଣ ନିଶ୍ଚୟ ଜାଣିଥିବେ ଯେ ବ୍ରହ୍ମ ସାଧନା କରିଥିବା ଶ୍ରୀ ଚୁଣକ ଋଷି, ଶ୍ରୀ ଦୁର୍ବାସା ଋଷି ଓ କପିଳ ମୁନିଙ୍କ ସାଧନାକୁ ଗୀତା ଜ୍ଞାନଦାତା ଅଧ୍ୟାୟ ୭ ଶ୍ଳୋକ ୧୮ରେ ଅନୁତ୍ତମ ଅର୍ଥାତ୍ ନିକୃଷ୍ଟ ବୋଲି କହିଛନ୍ତି । ସେହିପରି ସାଧନା ମାର୍କଣ୍ଡେୟ ଋଷି ମଧ୍ୟ କରିଥିଲେ ଯାହାକୁ ଅତି ଶ୍ରେଷ୍ଠ ସାଧନା ଭାବି ଇନ୍ଦ୍ରକୁ ମଧ୍ୟ ଏହି ପରାମର୍ଶ ଦେଇଥିଲେ ଯେ ତୁମେ ବ୍ରହ୍ମ ସାଧନା କର ।

ସୂକ୍ଷ୍ମବେଦରେ କୁହାଯାଇଛି ଯେ :-

ଔରୋଁ ପନ୍ଥ ବତାବହୀ, ଆପ ନ ଜାଣେ ରାହ ॥ ୧
ମୋତି ମୁକ୍ତା ଦର୍ଶତ ନାହୀ, ଯହ ଜଗ ସବ ଅନ୍ଧରେ ।
ଦିଖତ କେ ତୋ ନୈନ ଚିସମ୍ ହେଁ, ଇନକା ଫେରା ମୋତିଆ ବିନ୍ଦ ରେ ॥୨
ବେଦ ପଢେ ପର ଭେଦ ନା ଜାଣେ, ବାଞ୍ଚେ ପୁରାଣ ଅଠାରା ।
ପଥର କୀ ପୂଜା କରେଁ, ଭୁଲେ ସିରଜନହାରା ॥ ୩

ବାଣୀ ନଂ ୧ର ଭାବାର୍ଥ :- ଅନ୍ୟକୁ ମାର୍ଗଦର୍ଶନ କରାନ୍ତି, କିନ୍ତୁ ନିଜକୁ ଭକ୍ତିମାର୍ଗର କିଞ୍ଚିତ ଜ୍ଞାନ ନାହିଁ ।

ବାଣୀ ନଂ ୨ର ଭାବାର୍ଥ :- ତତ୍ତ୍ୱଦର୍ଶୀ ସନ୍ତଙ୍କ ବିନା ମୋତି-ମୁକ୍ତା ଅର୍ଥାତ୍ ମୋକ୍ଷ ରୂପକ

ମୋତି ଅର୍ଥାତ୍ ମୋକ୍ଷମନ୍ତ୍ର ଦୃଷ୍ଟିଗୋଚର ହେଉନାହିଁ । ସାରା ସଂସାର ଆଧ୍ୟାତ୍ମିକ ଜ୍ଞାନ ନେତ୍ରହୀନ ଅନ୍ଧ ସଦୃଶ । ମୋତିଆବିନ୍ଦୁ ହୋଇଥିବା ବ୍ୟକ୍ତିର ଆଖି ସୁସ୍ଥ ଆଖି ପରି ଦେଖା ଯାଉଥିଲେ ମଧ୍ୟ ସେହି ରୋଗଗ୍ରସ୍ତ ବ୍ୟକ୍ତିକୁ ପ୍ରକୃତରେ କିଛି ବି ଦେଖାଯାଏ ନାହିଁ । ଉଦାହରଣ ସ୍ୱରୂପ ଅନର୍ଗଳ ସଂସ୍କୃତ କହୁଥିବା ପ୍ରବଚକମାନେ ବାହ୍ୟରୁ ବହୁତ ବିଦ୍ୱାନ ପରି ଜଣାପଡ଼ନ୍ତି ମାତ୍ର ସଦଗ୍ରନ୍ଥରେ ଥିବା ଗୁଢ ରହସ୍ୟକୁ ବୁଝି ପାରିନଥାନ୍ତି । ସେମାନଙ୍କୁ ଅଜ୍ଞାନ ରୂପକ ମୋତିଆବିନ୍ଦୁ ରୋଗ ହୋଇଛି ।

ବାଣୀ ନଂ ୩ ର ଭାବାର୍ଥ :- ବେଦକୁ କଣ୍ଠସ୍ଥ କରିଥିବା ବ୍ୟକ୍ତି ବେଦରେ ଥିବା ଗୁଢ ରହସ୍ୟକୁ ବୁଝି ନ ପାରି ବେଦବିରୁଦ୍ଧ ସାଧନା କରିଥାନ୍ତି ଏବଂ କରାଇଥାନ୍ତି । ବେଦରେ ପଥର ପୂଜା, ମୂର୍ତ୍ତିପୂଜା ବିଷୟରେ କେଉଁଠାରେ ବି ଉଲ୍ଲେଖ ନାହିଁ । ନିଜକୁ ବେଦଜ୍ଞ କହୁଥିବା ସେହି ବ୍ୟକ୍ତି ନିଜେ ପଥର ପୂଜା କରିବା ସହିତ ଅନ୍ୟକୁ ମଧ୍ୟ କରାଇଥାନ୍ତି । ବେଦରେ ବର୍ଣ୍ଣିତ ସେହି ସୃଷ୍ଟିକର୍ତ୍ତାଙ୍କୁ ସେମାନେ ଭୁଲି ଯାଇଛନ୍ତି ।

ଶ୍ରୀମଦ୍ଭଗବତ ଗୀତା ଅଧ୍ୟାୟ ୪ ଶ୍ଳୋକ ୨୫-୨୯ରେ କୁହାଯାଇଛି ଯେ ସାଧକ ନିଜେ ଯେଉଁ ସାଧନା କରିଥାଏ ତାହାକୁ ସେ ଉତ୍ତମ ଭାବି କରିଥାଏ । ପ୍ରତ୍ୟେକ ସାଧକ ନିଜ ନିଜ ସାଧନାକୁ ପାପନାଶକ ବୋଲି ଭାବିଥାନ୍ତି ।

ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ରେ ସ୍ପଷ୍ଟ କରାଯାଇଛି ଯେ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ ସମ୍ବନ୍ଧୀୟ ଜ୍ଞାନକୁ ସ୍ୱୟଂ ସଚ୍ଚିଦାନନ୍ଦ ଘନବ୍ରହ୍ମ ନିଜ ମୁଖକମଳରେ ବୋଲିଥିବା ବାଣୀ ମାଧ୍ୟମରେ ବିସ୍ତୃତ ଭାବରେ ଯାହା କହିଥାନ୍ତି ତାହା ତତ୍ତ୍ୱଜ୍ଞାନ ଅଟେ, ଯାହାକୁ ଆଧାର କରି ସାଧକ ସର୍ବ ପାପରୁ ମୁକ୍ତ ହୋଇ ଯାଇଥାଏ ।

ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ରେ ସ୍ପଷ୍ଟ କରାଯାଇଛି ଯେ ସେହି ତତ୍ତ୍ୱଜ୍ଞାନକୁ ତତ୍ତ୍ୱଦର୍ଶୀ ସନ୍ଥ ହିଁ ଜାଣନ୍ତି । ତାଙ୍କୁ ଦଣ୍ଡବତ ପ୍ରଣାମ କରବା ସହିତ ବିନୟପୁର୍ବକ ପ୍ରଶ୍ନ କଲେ ତତ୍ତ୍ୱଜ୍ଞାନ ଜାଣିଥିବା ସେହି ଜ୍ଞାନୀ ମହାତ୍ମା ତୁମ୍ଭକୁ ତତ୍ତ୍ୱଜ୍ଞାନର ଉପଦେଶ ଦେବେ ।

ସେହି ତତ୍ତ୍ୱଜ୍ଞାନକୁ ପୂର୍ବ ଲିଖିତ ବାଣୀରେ ନିର୍ଗୁଣ ରାସା କୁହାଯାଇଛି, ଯାହା ନ ମିଳିବା କାରଣରୁ ସର୍ବ ସାଧକ ଜନ୍ମ-ମୃତ୍ୟୁ ଚକ୍ରରେ ରହିଗଲେ ।

ମାର୍କଣ୍ଡେୟ ଋଷି ବ୍ରହ୍ମ ସାଧନା କରୁଥିଲେ । ଶ୍ରୀମଦ୍ଭଗବତ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୬ରେ କୁହାଯାଇଛି ଯେ ବ୍ରହ୍ମଲୋକକୁ ଯାଇଥିବା ସାଧକ ମଧ୍ୟ ପୁନରାବର୍ତ୍ତୀ ଅର୍ଥାତ୍ ବାରମ୍ବାର ଜନ୍ମ-ମୃତ୍ୟୁ ଚକ୍ରରେ ହିଁ ରହିଥାଏ ।

ପୂର୍ବ ଶବ୍ଦର ବାଣୀ ସଂଖ୍ୟା ୪ = ଅସଂଖ ଜନ୍ମ ତୋହେ ମରତାଂ ହୋଗେ, ଜୀବିତ କ୍ୟାଁ ନା ମରେ ରେ ।
ଦ୍ୱାଦଶ ମଧ୍ୟ ମହଲ ମଠ ବୋରେ, ବହୁର ନା ଦେହ ଧରେ ରେ ॥

ସରଳାର୍ଥ :- ହେ ମାନବ ! ତୁ ଅସଙ୍ଖ୍ୟଥର ଜନ୍ମ ହୋଇଛୁ ଏବଂ ମରିଛୁ । ଏବେ ତୁ ସତ୍ୟ ସାଧନା କରି ଜୀବିତ ଅବସ୍ଥାରେ ମର । ଜୀବିତ ଅବସ୍ଥାରେ ମରିବାର ତାତ୍ପର୍ଯ୍ୟ ହେଲା ଭକ୍ତକୁ ଯେତେବେଳେ ଜ୍ଞାନ ହୋଇଯାଏ ଯେ ଏ ସଂସାରର ପ୍ରତ୍ୟେକଟି ବସ୍ତୁ ଅସ୍ଥାୟୀ ଏବଂ ଏହି ଶରୀର ମଧ୍ୟ ସ୍ଥାୟୀ ନୁହେଁ, ଜନ୍ମ-ମୃତ୍ୟୁର ଚକ୍ର ମଧ୍ୟ ବହୁତ ଭୟଙ୍କର, ଏହି ସଂସାରରେ ଦୁଃଖ ବ୍ୟତିତ ଆଉ କିଛି ନାହିଁ । ମାନବ ଶରୀର ପ୍ରାପ୍ତ କରି ଯଦି ମୋକ୍ଷ ଲାଭ ନ କଲୁ ତେବେ ପଶୁତୁଲ୍ୟ ଜୀବନ ଯାପନ କଲୁ । ଯେପରି ଗୀତା ଅଧ୍ୟାୟ ୭ ଶ୍ଳୋକ ୨୯ରେ କୁହାଯାଇଛି ଯେ ଯେଉଁ ସାଧକ କେବଳ ଜରା ଅର୍ଥାତ୍ ବୃଦ୍ଧାବସ୍ଥାର କଷ୍ଟ ଏବଂ ମରଣ ଦୁଃଖରୁ ମୁକ୍ତି ପାଇବା ପାଇଁ ସାଧନାରତ ସେମାନେ ସେହି ତତ୍‌ବ୍ରହ୍ମଙ୍କୁ, ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନକୁ ତଥା କର୍ମକୁ ଜାଣିଥାନ୍ତି ।

ଏହିଭଳି ତତ୍ତ୍ୱଜ୍ଞାନ ହେବା ପରେ ମନୁଷ୍ୟ ଅନାବଶ୍ୟକ ବସ୍ତୁ ପ୍ରାପ୍ତିର ଇଚ୍ଛା କରି ନ ଥାଏ । ସେ ମଦ, ମାଂସ ଓ ତମାଖୁ ଆଦି ସେବନ କରି ନ ଥାଏ । ନାଚିବା ଓ ଗାଇବା ମୂର୍ଖଙ୍କର କର୍ମ ବୋଲି ଭାବିଥାଏ । ଯେତେବେଳେ ଯାହା ଭୋଜନ ମିଳିଥାଏ ସେଥିରେ ସନ୍ତୁଷ୍ଟ ହୋଇଥାଏ ।

ଆତ୍ମକଲ୍ୟାଣ ଉଦେଶ୍ୟ ରଖି ସାଧକ ଭାବିଥାଏ ଯେ ଯଦି ମୁଁ ସତସଙ୍ଗକୁ ନ ଯିବି ତେବେ

ଗୁରୁଜୀଙ୍କ ଦର୍ଶନ କରିପାରିବି ନାହିଁ । ସତସଙ୍ଗ ବିଚାର ଶ୍ରବଣ ନ କଲେ ମନ ପୁଣି ବିକାରଗ୍ରସ୍ତ ହେବ । ତେଣୁ ସାଧକ ସମସ୍ତ କାର୍ଯ୍ୟ ଛାଡ଼ି ସତସଙ୍ଗ ଶୁଣିବା ପାଇଁ ବାହାରି ପଡେ । ସେ ବିଚାର କରିଥାଏ, ପ୍ରତିଦିନ ଆମ୍ଭେ ଯାହା ଶୁଣୁଛେ ଓ ଦେଖୁଛେ ଯେ ଛୋଟ-ଛୋଟ ପିଲାମାନଙ୍କୁ ଛାଡ଼ି ପିତା କିପରି ଏ ସଂସାରରୁ ଚାଲିଯାଉଛି ଅର୍ଥାତ ମୃତ୍ୟୁବରଣ କରୁଛି । ବଡ଼ ବଡ଼ ପୁଞ୍ଜିପତିମାନେ ଦୁର୍ଘଟଣାରେ ମରି ଯାଉଛନ୍ତି । ଜୀବନ ସାରା ପରିଶ୍ରମ କରି ଠୁଳ କରିଥିବା ସମ୍ପତ୍ତିକୁ ଛାଡ଼ି ଚାଲି ଯାଉଛନ୍ତି । ସେହି ସମ୍ପତ୍ତିର ରକ୍ଷଣବେକ୍ଷଣ ପାଇଁ ପୁନର୍ବାର ଆସନ୍ତି ନାହିଁ । ମୃତ୍ୟୁ ପୂର୍ବରୁ ଗୋଟିଏ ଦିନ ମଧ୍ୟ ଆରାମ କରିବାକୁ ତା'ର ଇଚ୍ଛା ନ ଥିଲା, କିନ୍ତୁ ମୃତ୍ୟୁ ପରେ ସମସ୍ତ କାର୍ଯ୍ୟ ସବୁଦିନ ପାଇଁ ବନ୍ଦ ହୋଇଗଲା ।

''ଆଜି ଭାଇକୁ ସମୟ ମିଳିଲା''

ଜଣେ ଭକ୍ତ ସତସଙ୍ଗକୁ ଯିବାକୁ ଲାଗିଲା । ସତସଙ୍ଗରେ ଜ୍ଞାନ ଶୁଣି ଦୀକ୍ଷା ଗ୍ରହଣ କରି ଭକ୍ତି କରିବାକୁ ଲାଗିଲା । ସତସଙ୍ଗକୁ ଯାଇ ଭକ୍ତି କରିବା ପାଇଁ ନିଜର ଜଣେ ସାଙ୍ଗକୁ ମଧ୍ୟ ଅନୁରୋଧ କଲା, କିନ୍ତୁ ସେହି ସାଙ୍ଗ ତା'କଥା ମାନିଲା ନାହିଁ । ସବୁବେଳେ କହୁଥାଏ ଯେ ମୋତେ କାମରୁ ଫୁର୍‌ସତ ମିଳୁ ନାହିଁ । ମୋର ଛୋଟ ଛୋଟ ପିଲା ଅଛନ୍ତି, ସେମାନଙ୍କର ଲାଳନ ପାଳନ ମଧ୍ୟ କରିବାର ଅଛି । କାମ ଛାଡ଼ି ସତସଙ୍ଗକୁ ଗଲେ ମୋର ସମସ୍ତ ଧନ୍ଦା ବନ୍ଦ ହୋଇଯିବ ।

ନିୟମିତ ସତସଙ୍ଗକୁ ଯାଉଥିବା ସମୟରେ ସେହି ଭକ୍ତ ନିଜ ସାଙ୍ଗକୁ ସତସଙ୍ଗକୁ ଯିବା ପାଇଁ ଅନୁରୋଧ କରେ । ପ୍ରତିଥର ସେ ଏହି ବାହାନା କରିଥାଏ ଯେ ମୋତେ ଏବେ ଫୁର୍‌ସତ ନାହିଁ । ଏକବର୍ଷ ପରେ ସେହି ସାଙ୍ଗର ମୃତ୍ୟୁ ହୋଇଗଲା । ନଗରବାସୀ ଓ କୁଟୁମ୍ବ ଲୋକେ ତା'କୋକେଇକୁ କାନ୍ଧରେ ଧରି ଶ୍ମଶାନକୁ ଚାଲିଲେ, ସାଥିରେ ପାଖ-ପଡୋଶୀମାନେ ମଧ୍ୟ ଯାଉଥିଲେ । ସମସ୍ତେ କହୁଥାନ୍ତି ରାମନାମ୍ ସତ୍ୟ ହେ, ହରିନାମ୍ ସତ୍ୟ ହେ ।

କିନ୍ତୁ ସେହି ଭକ୍ତ କହୁଥାନ୍ତି ଯେ ରାମନାମ ତ ସତ୍ୟ କିନ୍ତୁ ଆଜି ଭାଇକୁ ଫୁର୍‌ସତ ମିଳିଲା । ନଗରବାସୀ କହୁଥାନ୍ତି ହରିନାମ ସତ୍ୟ ହେ, ଭକ୍ତ କହୁଥାନ୍ତି ଆଜି ଭାଇକୁ ଫୁର୍‌ସତ ମିଳିଲା । ଅନ୍ୟ ବ୍ୟକ୍ତିମାନେ ସେହି ଭକ୍ତକୁ କହିଲେ, ଏଭଳି କୁହ ନାହିଁ ପରିବାର ଲୋକେ ଖରାପ ଭାବିବେ । ଭକ୍ତ କହିଲା, ମୁଁ ଏହିପରି ହିଁ କହିବି । ମୁଁ ଏହି ମୂର୍ଖକୁ ହାତ ଯୋଡ଼ି ପ୍ରାର୍ଥନା କରି କହିଥିଲି, ଭାଇ ତୁ ସତସଙ୍ଗକୁ ଚାଲ, କିଛି ଭକ୍ତି କର । ସେତେବେଳେ ସେ କହୁଥିଲା ଯେ ଏବେ ମୋତେ ଫୁର୍‌ସତ ନାହିଁ ଅର୍ଥାତ୍ ସମୟ ନାହିଁ । କିନ୍ତୁ ଆଜି ସବୁଦିନ ପାଇଁ ତାକୁ ଫୁର୍‌ସତ ମିଳିଗଲା । ଛୋଟ-ଛୋଟ ପିଲାମାନଙ୍କୁ ମଧ୍ୟ ଛାଡ଼ି ଚାଲିଗଲା, ଯେଉଁମାନଙ୍କର ଲାଳନ ପାଳନର ବାହାନା କରି ପରମାତ୍ମାଙ୍କଠାରୁ ଦୂରେଇ ରହୁଥିଲା । ଯଦି ଭକ୍ତି କରିଥାନ୍ତା ତେବେ ଆଜି ଶୁନ୍ୟହସ୍ତରେ ଯାଇନଥାନ୍ତା, ସାଙ୍ଗରେ କିଛି ଭକ୍ତିଧନ ନେଇ ଯାଇଥାନ୍ତା । ପିଲାମାନଙ୍କର ଲାଳନ ପାଳନ ତ ପରମାତ୍ମା କରିଥାନ୍ତି । ଭକ୍ତି କରିବା ଦ୍ୱାରା ପରମାତ୍ମା ସାଧକର ଆୟୁ ମଧ୍ୟ ବଢାଇ ଦିଅନ୍ତି । ଭକ୍ତ ଏହି ବିଚାର ମନରେ ଧରି ଭକ୍ତି କରିଥାଏ । ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତ୍ୟାଗ କରି ସତସଙ୍ଗକୁ ଯାଇଥାଏ ।

ଭକ୍ତ, ମନରେ ଏହି ବିଚାର କରିଥାଏ ଯେ ପରମାତ୍ମା ନ କରନ୍ତୁ, ଆମ୍ଭର ମୃତ୍ୟୁ ହୋଇଯାଉ । ଆମ୍ଭ କାର୍ଯ୍ୟ ପୁଣି କିଏ କରିବ ? ଆମ୍ଭେ ମନରେ ଏହି କଥା ଭାବି ସତସଙ୍ଗକୁ ଯିବା ଯେ ଆମ୍ଭର ତିନିଦିନ ପାଇଁ ମୃତ୍ୟୁ ହୋଇଯାଇଛି । ନିଜକୁ ମୃତ ବୋଲି ଧରି ନିଅନ୍ତୁ ଏବଂ ସତସଙ୍ଗକୁ ଯାଆନ୍ତୁ । ଏମିତି ତ ପରମାତ୍ମାଙ୍କ ଭକ୍ତମାନଙ୍କର କାର୍ଯ୍ୟ କେବେ ଅସଫଳ ହୋଇ ନ ଥାଏ, ତଥାପି ଆମ୍ଭ ଅନୁପସ୍ଥିତିରେ ଯଦି କୌଣସି କାର୍ଯ୍ୟ ବନ୍ଦ ହୋଇଯାଇଛି ତେବେ ତିନିଦିନ ପରେ ଫେରି ସେହି କାର୍ଯ୍ୟକୁ କରିପାରିବା । ଯଦି ବାସ୍ତବରେ ଯମପୁରକୁ ଟିକଟ କଟା ହୋଇଗଲା ଅର୍ଥାତ୍ ମୃତ୍ୟୁ ହୋଇଗଲା ତେବେ ସବୁଦିନ ପାଇଁ କାର୍ଯ୍ୟ ବିଗିଡ଼ି ଗଲା । ସେହି କାର୍ଯ୍ୟକୁ କରିବା ପାଇଁ ଆମ୍ଭେ କଦାପି ଫେରି ପାରିବା ନାହିଁ । ଏହି ଅବସ୍ଥାକୁ ଜୀବିତ ମରଣ କୁହାଯାଏ ।

ବାଣୀର ଶେଷ ସରଳାର୍ଥ :- ଦ୍ୱାଦଶ ମଧ ମହଲ ମଠ ବୌରେ, ବହୁର୍ ନା ଦେହି ଧରେ ରେ ।

ସରଳାର୍ଥ:- ଶ୍ରୀମଭଗବତ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ କୁହାଯାଇଛି ଯେ ତତ୍ତ୍ୱଜ୍ଞାନ ପ୍ରାପ୍ତି ପରେ ପରମେଶ୍ୱରଙ୍କର ସେହି ପରମପଦକୁ ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବାପରେ ସାଧକ ପୁନର୍ବାର ସଂସାରକୁ ଲେଉଟି ଆସି ନ ଥାଏ ଅର୍ଥାତ୍ ପୂନର୍ଜନ୍ମ ହୁଏ ନାହିଁ । ସେମାନେ ପୁନର୍ବାର ଶରୀର ଧାରଣ କରନ୍ତି ନାହିଁ । ସୂକ୍ଷ୍ମବେଦର ଉକ୍ତ ବାଣୀ ଏହା ସ୍ପଷ୍ଟ କରୁଅଛି ଯେ ସେହି ପରମଧାମକୁ ଯିବାକୁ ହେଲେ ଦ୍ୱାଦଶ ଅର୍ଥାତ୍ ୧୨ତମ ଦ୍ୱାରକୁ ପାରି ହୋଇ ଯିବାକୁ ପଡିବ୍ । ଆଜି ପର୍ଯ୍ୟନ୍ତ ସମସ୍ତ ଋଷି-ମହର୍ଷି, ସନ୍ଥ ଓ ମଣ୍ଡଳେଶ୍ୱର କେବଳ ୧୦ଟି ଦ୍ୱାର କଥା କହି ଆସିଛନ୍ତି । କିନ୍ତୁ ପରମେଶ୍ୱର କବୀରଜୀ ତାଙ୍କ ନିଜ ଲୋକକୁ ପ୍ରାପ୍ତ କରିବାର ସତ୍ୟମାର୍ଗ ଓ ସତ୍ୟସ୍ଥାନ ସହିତ ୧୨ତମ ଦ୍ୱାର ବିଷୟରେ କହିଛନ୍ତି । ଏଥିରୁ ମଧ ସ୍ପଷ୍ଟ ହେଲା ଯେ ଆଜି(ସନ୍୨୦୧୨) ପର୍ଯ୍ୟନ୍ତ ପୂର୍ବର ସମସ୍ତ ଋଷି, ମହର୍ଷି, ସନ୍ଥ ତଥା ସମସ୍ତ ଧର୍ମ-ସମ୍ପ୍ରଦାୟର ଭକ୍ତି କେବଳ କାଳ-ବ୍ରହ୍ମ ପର୍ଯ୍ୟନ୍ତ ସିମୀତ ଥିଲା । ଯେଉଁ କାରଣରୁ ଜନ୍ମ-ମୃତ୍ୟୁ ଚକ୍ର ସଦା ଲାଗି ରହିଛି ।

ବାଣୀସଂଖ୍ୟା ୫ :- ଦୋଜଖ ବହିସ୍ତ ସଭୀ ତୈ ଦେଖେ, ରାଜପାଟ କେ ରସିୟା ।
ତୀନ ଲୋକ ସେ ତୃପ୍ତ ନାହୀଂ, ଯହ ମନ ଭୋଗୀ ଖସିୟା ॥

ସରଳାର୍ଥ :- ତତ୍ତ୍ୱଜ୍ଞାନ ଅଭାବରୁ ପୂର୍ଣ୍ଣ ମୋକ୍ଷମାର୍ଗ ନ ମିଳିବା କାରଣରୁ କେବେ ଦୋଜଖ ଅର୍ଥାତ୍ ନର୍କକୁ ଯାଉଛୁ, କେବେ ବହିଶତ ଅର୍ଥାତ୍ ସ୍ୱର୍ଗକୁ ଯାଉଛୁ, କେବେ ରାଜା ହୋଇ ମଉଜ କରୁଛୁ । ଯଦି ଏହି ମାନବକୁ ତିନିଲୋକର ରାଜ୍ୟ ମଧ ଦିଆଯାଏ ତଥାପି ସେ ତୃପ୍ତ ହେବ ନାହିଁ ।

ଉଦାହରଣ :- ଯଦି କେହି ଥରେ ଗ୍ରାମ ସରପଞ୍ଚ ହୋଇଯାଉଛି ସେ ପୁଣି ବିଧାୟକ ହେବା ପାଇଁ ଇଚ୍ଛାବ୍ୟକ୍ତ କରୁଛି ଏବଂ ଭାବୁଛି ଯେ ବିଧାୟକ ହୋଇଗଲେ ମଉଜ କରିବି । ବିଧାୟକ ଇଚ୍ଛା କରୁଛି ଯେ ମନ୍ତ୍ରୀ ହେବି । ମନ୍ତ୍ରୀ ହେବାରେ କିଛି ଅଲଗା ମଜା ଅଛି । ମନ୍ତ୍ରୀ ହୋଇସାରି ପୁଣି ଇଚ୍ଛା କରିଥାଏ ଯେ ମୁଖ୍ୟମନ୍ତ୍ରୀ ହୋଇ ସର୍ବେସର୍ବା ହେବି, ବହୁତ ଆନନ୍ଦ ମିଳିବ । ସମଗ୍ର ରାଜ୍ୟ ଉପରେ ମୋର ନିୟନ୍ତ୍ରଣ ରହିବ । ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରବଳ ଇଚ୍ଛା ହୋଇଥାଏ ଯେ ପ୍ରଧାନମନ୍ତ୍ରୀ ହେବି । ଜୀବନଟା ସାର୍ଥକ ହୋଇଯିବ । ସେତେବେଳକୁ ଜୀବନ ଲୀଳା ସମାପ୍ତ ହୋଇ ସାରିଥିବ । ତା'ପରେ ଗଧ ହୋଇ କୁମ୍ଭାର ହାତରୁ ଠେଙ୍ଗା ପାହାର ଖାଇବ । ତେଣୁ ତତ୍ତ୍ୱଜ୍ଞାନ ଆଧାରରେ ବୁଝାଗଲା ଯେ କାଳବ୍ରହ୍ମ ଦ୍ୱାରା ତିଆରି କରାଯାଇଥିବା ସ୍ୱର୍ଗ-ନର୍କ ତଥା ରାଜ ସିଂହାସନ ପ୍ରାପ୍ତିର ଲାଳସା ରଖି ମାୟାଜାଲରେ ପଡ଼ି ତୁ ଜୀବନ ବ୍ୟର୍ଥ କରିଦେଲୁ । କେଉଁଠାରେ ତୋର ମନ ସନ୍ତୋଷ ହେଲା ନାହିଁ । ତେଣୁ ମନକୁ ଖୁସ୍‌ରା (ହିଞ୍ଚଡ଼ା) କୁହାଯାଇଛି ।

ବଲଖ ସହରରେ ଆବ୍ରାହିମ ସୁଲତାନ ଅଧମ ନାମକ ଜଣେ ରାଜା ଥିଲେ । ପୂର୍ବଜନ୍ମରେ ସେ ଜଣେ ଭଲ ଭକ୍ତ ଥିଲେ । କିନ୍ତୁ ଏହି ଜନ୍ମରେ ଭୋଗବିଳାସରେ ବୁଡିରହି ସେ ପରମାତ୍ମାଙ୍କୁ ଭୁଲି ଯାଇଥିଲେ । ଏକଦା ରାଜକୀୟ ଆଡମ୍ବରରେ ନିଜ ରାଜମହଲରେ ଆନନ୍ଦରେ ବସିଥିଲେ । ଏହି ସମୟରେ ପରମାତ୍ମା ସତଲୋକରୁ ଆସି ଏକ ଯାତ୍ରୀ ରୂପ ଧାରଣ କରି ରାଜମହଲକୁ ଗଲେ ଏବଂ କହିଲେ, ହେ ଧର୍ମଶାଳା ମାଲିକ ! ରାତ୍ରିଯାପନ ପାଇଁ ଏକ କୋଠରୀ ଭଡାରେ ମିଳିବ କି, ଭଡା କେତେ ? ରାଜା କହିଲେ, ହେ ଅଜ୍ଞାନୀ ଯାତ୍ରୀ ! ଆପଣଙ୍କୁ ଏହା ଧର୍ମଶାଳା ପରି ଲାଗୁଛି ? ମୁଁ ଜଣେ ରାଜା, ଏହା ହେଉଛି ମୋର ରାଜମହଲ । ଯାତ୍ରୀ ରୂପରେ ଆସିଥିବା ପରମାତ୍ମା ପଚାରିଲେ, ଆପଣଙ୍କ ପୂର୍ବରୁ ଏହି ରାଜମହଲରେ କିଏ ରହୁଥିଲେ ? ରାଜା କହିଲେ ମୋ ବାପା, ଜେଜେ ବାପା ଓ ତାଙ୍କ ବାପା ରହୁଥିଲେ । ଯାତ୍ରୀ ରୂପଧାରୀ ପରମାତ୍ମା ପଚାରିଲେ, ଏହି ରାଜମହଲରେ ଆପଣ କେତେ ଦିନ ରହିବେ ? ରାଜା କହିଲେ ମୁଁ ମଧ ଦିନେ ଏହାକୁ ଛାଡି ଚାଲିଯିବି । ପରମେଶ୍ୱର କହିଲେ, ଏହା ଧର୍ମଶାଳା ନୁହେଁ ତ ଆଉ କ'ଣ ? ଏହା ଏକ ଧର୍ମଶାଳା ସଦୃଶ୍ୟ । ଯେପରି ତୁମ୍ଭ ବାପା-ଜେଜେବାପା ଚାଲିଗଲେ ସେହିପରି ତୁମ୍ଭେ ମଧ ଦିନେ ଚାଲିଯିବ, ତେଣୁ ଏହି ରାଜମହଲକୁ ମୁଁ ଏକ ଧର୍ମଶାଳା ସହିତ ତୁଳନା କଲି । ରାଜାଙ୍କୁ ବାସ୍ତବିକ ଜ୍ଞାନ

ହୋଇଗଲା । ସମସ୍ତ ସାଂସାରିକ ଇଚ୍ଛାକୁ ତ୍ୟାଗ କରି ରାଜା ନିଜ ଆତ୍ମକଲ୍ୟାଣ କଲେ । ଚିରନ୍ତନ ସୁଖ ତଥା ଅମରତ୍ୱ ପ୍ରାପ୍ତି ପାଇଁ ଦୀକ୍ଷା ନେଇ ଆଜୀବନ ଭକ୍ତି କରି ନିଜ ମାନବ ଜୀବନ ସଫଳ କରାଇଲେ ।

ବାଣୀ ସଂଖ୍ୟା ୬:- ସତଗୁରୁ ମିଲେ ତୋ ଇଚ୍ଛା ମିଟେ, ପଦ ମିଲେ ପଦେ ସମାନା ।
ଚଲ ହଂସା ଉସ ଲୋକ ପଠାଉଁ, ଜୋ ଆଦି ଅମର ଅସ୍ଥାନା ॥

ସରଳାର୍ଥ :- ଯଦି ତତ୍ତ୍ୱଦର୍ଶୀ ସନ୍ଥ(ସଦଗୁରୁ) ମିଳିଯିବେ ତେବେ ଉପରୋକ୍ତ ଜ୍ଞାନ ପ୍ରଦାନ କରି ଏହି କାଳବ୍ରହ୍ମ ଲୋକର ସମସ୍ତ ବସ୍ତୁ ତଥା ପଦ-ପଦବୀ ପ୍ରତି ଇଚ୍ଛା ସମାପ୍ତ କରାଇ "ପଦ୍ ମିଲେ ପଦେ ସମାନା" ଏଠାରେ 'ପଦ'ର ଅର୍ଥ ପଦ୍ଧତି ଅର୍ଥାତ୍ ଶାସ୍ତ୍ରବିଧି ଅନୁସାରେ ସାଧନା । 'ପଦ'ର ଅନ୍ୟ ଅର୍ଥ ହେଲା 'ପରମ ପଦ' ଅର୍ଥାତ୍ 'ପଦବୀ' । ସଦଗୁରୁ ଶାସ୍ତ୍ରବିଧି ଅନୁସାରେ ପଦ୍ଧତି ବତାଇ ପରମେଶ୍ୱରଙ୍କର ସେହି ପରମପଦକୁ ପ୍ରାପ୍ତ କରାଇଥାନ୍ତି ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ଏହି ସଂସାରକୁ ଲେଉଟି ଆସେ ନାହିଁ । ହେ ଭକ୍ତ ! ମୁଁ ତୋତେ ସେହି ଲୋକକୁ ପଠାଇ ଦେବି ଯାହା ଆଦି ଅମର ସ୍ଥାନ ଅର୍ଥାତ୍ ଗୀତା ଅଧ୍ୟାୟ ୧୮ ଶ୍ଳୋକ ନଂ ୬୨ରେ ବର୍ଣ୍ଣିତ ସନାତନ ପରମଧାମ ଅଟେ, ଯେଉଁଠାରେ ପରମ ଶାନ୍ତି ମିଳିଥାଏ ।

ବାଣୀ ସଂଖ୍ୟା ୭ :- ଚାର ମୁକ୍ତି ଜହାଁ ଚମ୍ପୀ କରତୀ, ମାୟା ହୋ ରହି ଦାସୀ ।
ଦାସ ଗରୀବ ଅଭୟ ପଦ ପରସେଁ, ମିଲେ ରାମ ଅବିନାଶୀ ॥

ସରଳାର୍ଥ :- ସେହି ସନାତନ ପରମ ଧାମରେ ପରମ ଶାନ୍ତି ଓ ପରମ ସୁଖ ଅଛି । କାଳବ୍ରହ୍ମ ଲୋକରେ ଚାରିପ୍ରକାର ମୁକ୍ତିର ଧାରଣା ରହିଛି ଯାହା ପ୍ରାପ୍ତ କରି ସାଧକ ନିଜକୁ ଧନ୍ୟ ମନେ କରିଥାଏ । ପରନ୍ତୁ ଏହା ସ୍ଥାୟୀ ନୁହେଁ । କିଛି ସମୟ ଉପରାନ୍ତ ସେହି ପୂଣ୍ୟ ସମାପ୍ତ ହୋଇ ପୁଣି ୮୪ଲକ୍ଷ ଯୋନୀରେ କଷ୍ଟ ଭୋଗୀବାକୁ ପଡିଥାଏ । କିନ୍ତୁ ସେହି ସତ୍ୟଲୋକରେ ଚାରି ମୁକ୍ତିର ସୁଖ ସର୍ବଦା ପ୍ରାପ୍ତ ହୋଇଥାଏ । ସେଠାରେ ମାୟା ଆପଣଙ୍କର ଦାସୀ ହୋଇ ରହିବ । ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ ଅମର ଲୋକକୁ ଯିବା ପରେ ପ୍ରାଣୀ ନିର୍ଭୀକ ହୋଇ ଯାଇଥାଏ ଏବଂ ସେହି ସନାତନ ପରମଧାମରେ ସେହି ଅବିନାଶୀ ରାମ ଅର୍ଥାତ୍ ପରମେଶ୍ୱର ମିଳି ପାରିବେ । ତେଣୁ ପୂର୍ଣ୍ଣ ମୋକ୍ଷ ପ୍ରାପ୍ତି ପାଇଁ ଶାସ୍ତ୍ରାନୁକୂଳ ଭକ୍ତି କରିବା ଉଚିତ୍ ଯାହା ବଳରେ ସେହି ଭଗବାନଙ୍କ ପର୍ଯ୍ୟନ୍ତ ପହଞ୍ଚି ହେବ ।

ଉପରୋକ୍ତ ବାଣୀ ତଥା ପୂର୍ବୋକ୍ତ ବିବରଣୀରୁ ଏହା ସ୍ପଷ୍ଟ ହେଲା ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ ତଥା ଏମାନଙ୍କ ପିତା କାଳ(ବ୍ରହ୍ମ) ଅର୍ଥାତ୍ କ୍ଷରପୁରୁଷ ଓ ଅକ୍ଷର ପୁରୁଷ ଆଦି ସମସ୍ତ ରାମ ଅର୍ଥାତ୍ ପ୍ରଭୁଗଣ ନାଶବାନ ଅଟନ୍ତି । କେବଳ ପରମ ଅକ୍ଷରବ୍ରହ୍ମ ହିଁ ଅବିନାଶୀ ରାମ ଅର୍ଥାତ୍ ପ୍ରଭୁ ଅଟନ୍ତି । ଏହି ପରମେଶ୍ୱରଙ୍କ ଭକ୍ତି କରିବା ଦ୍ୱାରା ପରମ ଶାନ୍ତି ତଥା ସନାତନ ପରମଧାମ ଅର୍ଥାତ୍ ପୂର୍ଣ୍ଣମୋକ୍ଷ ମିଳିପାରିବ, ଯେଉଁଠି ଚାରି ମୁକ୍ତିର ସୁଖ ଆମ୍ଭଙ୍କୁ ନିରନ୍ତର ମିଳିବ । ସେଠାରେ ମାୟା ଅର୍ଥାତ୍ ସମସ୍ତ ସୁଖ-ସୁବିଧା ସାଧକର ସେବକ ଭଳି ଉପସ୍ଥିତ ରହୁଥିବ । ସୂକ୍ଷ୍ମ ବେଦରେ କୁହାଯାଇଛି ଯେ:-

କବୀର, ମାୟା ଦାସୀ ସନ୍ଥ କୀ, ଉଭୟ ଦେ ଆଶୀଷ ।
ବିଲସୀ ଔର ଲାତୋଁ ଛଡ଼ୀ, ସୁମର-ସୁମର ଜଗଦୀଶ ॥

ଭାବାର୍ଥ :- ସମସ୍ତ ସୁଖ-ସୁବିଧା ଧନ ଦ୍ୱାରା ମିଳିଥାଏ । ସେହି ଧନ ଶାସ୍ତ୍ରବିଧି ଅନୁସାରେ ଭକ୍ତି କରୁଥିବା ସନ୍ଥ-ଭକ୍ତର ଭକ୍ତିର ଫଳ ସ୍ୱରୂପ ଆପେ ପ୍ରାପ୍ତ ହୋଇଥାଏ । ଯଦିଓ ତାହାକୁ ପ୍ରାପ୍ତି କରିବାର କୌଣସି ମୂଳ ଉଦେଶ୍ୟ ଭକ୍ତର ନ ଥାଏ, ତଥାପି ଭକ୍ତକୁ ତାହା ଅବଶ୍ୟ ପ୍ରାପ୍ତ ହୋଇଥାଏ । ଏହା **By Product** ଅଟେ । ଯେପରି ଧାନଚାଷ କରୁଥିବା ବ୍ୟକ୍ତିର ମୁଖ୍ୟ ଉଦେଶ୍ୟ ଧାନ ଶସ୍ୟ ପ୍ରାପ୍ତ କରିବା କିନ୍ତୁ ତା ସହିତ ଭୁଷା ଅର୍ଥାତ୍ ନଡା-କୁଟା ଆଦି ପଶୁ ଖାଦ୍ୟ ମଧ୍ୟ ମିଳିଥାଏ । ନଡ଼ା-କୁଟା ଆଦି ଧାନ ଶସ୍ୟର **By Product** ଅଟେ । ଠିକ୍ ଏହିଭଳି ସତ୍ୟସାଧନା କରୁଥିବା ବ୍ୟକ୍ତିକୁ

ଧନ-ସମ୍ପତ୍ତି ଆପେ ଆପେ ମିଳିଥାଏ ଯାହାକୁ ସାଧକ ଭୋଗ କରିଥାଏ । ସେହି ଧନ-ସମ୍ପତ୍ତି ଭକ୍ତ ଚରଣରେ ଦାସ ହୋଇ ରହିଥାଏ ଅର୍ଥାତ୍ ଧନର ଅଭାବ ରୁହେ ନାହିଁ ଅଧିକନ୍ତୁ ଆବଶ୍ୟକତାଠାରୁ ଅଧିକ ମିଳିଥାଏ । ପରମେଶ୍ୱରଙ୍କ ଭକ୍ତି କରି ସନ୍ତ-ଭକ୍ତ ମାୟାର ଆନନ୍ଦ ମଧ୍ୟ ପ୍ରାପ୍ତ କରିଥାନ୍ତି ତଥା ପୂର୍ଣ୍ଣମୋକ୍ଷ ମଧ୍ୟ ପ୍ରାପ୍ତ କରିଥାନ୍ତି ।

ସେହି ପ୍ରସଙ୍ଗକୁ ନେଇ ଆଗକୁ ବଢିବା । ମାନବ ଶରୀର ପ୍ରାପ୍ତ ପ୍ରାଣୀକୁ ନିଜ ଉଦେଶ୍ୟ ମନେ ରହିବା ଉଚିତ୍ । ଭକ୍ତି କରି ନିଜର କଲ୍ୟାଣ କରାଇବା ଉଚିତ୍ । ସୂକ୍ଷ୍ମ ବେଦରେ ଲେଖାଅଛି ଯେ :-

(ରାଗ ଆସାବରୀ ଶବ୍ଦ ନଂ ୭୧)

ଯହ ସୌଦା ଫିର ନାହିଁ ସନ୍ତୋ, ଯହ ସୌଦା ଫିର ନାହିଁ ।
ଲୋହେ ଜୈସା ତାଓ ଜାତ ହୈ, କାୟା ଦେହ ସରାହୀ ॥
ତୀନ ଲୋକ ଔର ଭୁବନ ଚତୁର୍ଦଶ, ସବ ଜଗ ସୌଦେ ଆହାଁ ।
ଦୁଗଣେ-ତିଗୁଣେ କିଏ ଚୌଗୁଣେ, କିହୁଁ ମୂଲ ଗବାହୀଁ ॥

ଭାବାର୍ଥ :- ଯେପରି ଦୁଇଜଣ ବ୍ୟବସାୟୀ (**Businessmen**) ୫-୫ ଲକ୍ଷ ଟଙ୍କା ମୂଳଧନ ନେଇ ବ୍ୟବସାୟ କରିବା ପାଇଁ କୌଣସି ଏକ ଦୂର ସହରକୁ ଗଲେ । ଜଣେ ନିଜ ଧନର ସଦୁପଯୋଗ କଲା । ଧର୍ମଶାଳା/ହାଟେଲରେ ରୁମ୍ ଭଡା ନେଇ ରହିଲା । ଜିନିଷ କିଣି ଅଧିକ ମୂଲ୍ୟରେ ବିକ୍ରି କରି ୨୦ଲକ୍ଷ ଟଙ୍କା ଲାଭ କଲା । ଦୁଇବର୍ଷ ପରେ ନିଜ ଘରକୁ ଫେରି ଆସିଲା । ସେ ଧନୀ ହୋଇଗଲା ଏବଂ ତା'ର ସର୍ବତ୍ର ପ୍ରସଂଶା ହେଲା ।

ସେହିପରି ଅନ୍ୟ ଜଣକ ମଧ୍ୟ ହୋଟେଲ/ଧର୍ମଶାଳାରେ ରୁମ୍ ଭଡାକୁ ନେଲା । ମଦ୍ୟପାନ କରିବା ସହିତ ବେଶ୍ୟାମାନଙ୍କର ନୃତ୍ୟ ଦେଖିବା ଆଦି କୁକର୍ମରେ ଲିପ୍ତ ରହିଲା । ନିଜ ବ୍ୟବସାୟ ପ୍ରତି ଧ୍ୟାନ ନ ଦେଇ କେବଳ ଖାଇ ଶୋଉଥିଲା । ୫ଲକ୍ଷ ଟଙ୍କାର ମୁଳଧନକୁ ବାଜ୍ୟାପ୍ତି କରି ଋଣଗ୍ରସ୍ତ ହୋଇ ଘରକୁ ଫେରିଲା । ଯାହାଠାରୁ ୫ଲକ୍ଷ ଟଙ୍କା ଉଧାର ନେଇଥିଲା ସେ ଟଙ୍କା ମାଗିଲା, ଟଙ୍କା ନ ଦେବାରୁ ତାକୁ ନିଜର ଚାକର କରି ରଖିଲା । ଏହି ଉପାୟରେ ତା'ଠାରୁ ୫ଲକ୍ଷ ଟଙ୍କା ଆଦାୟ କଲା । ଉପରୋକ୍ତ ବାଣୀର ତାତ୍ପର୍ଯ୍ୟ ଏହା ଯେ ତିନିଲୋକ(ସ୍ୱର୍ଗ ଲୋକ, ପାତାଳ ଲୋକ ଓ ପୃଥିବୀ ଲୋକ)ରେ ଯେତେ ବି ପ୍ରାଣୀ ଅଛନ୍ତି ସମସ୍ତେ ନିଜର ରାମନାମ ରୂପକ ସଉଦା କରିବାକୁ ଆସିଛନ୍ତି । କିଏ ଦୁଇଗୁଣ, ତିନିଗୁଣ ଅଥବା ଚାରିଗୁଣ ଧନ ରୋଜଗାର କଲେ ଅର୍ଥାତ୍ ପୂର୍ଣ୍ଣସନ୍ତଙ୍କଠାରୁ ଦୀକ୍ଷା ନେଇ ମନୁଷ୍ୟ ଜୀବନର ନିଶ୍ୱାସ-ପ୍ରଶ୍ୱାସ ରୂପକ ପୁଞ୍ଜି ଯାହାକି ମୂଳଧନ ସଦୃଶ ତାହାକୁ ସତ୍ୟଭକ୍ତି କରି ବୃଦ୍ଧି କଲେ । ଅନ୍ୟ ବ୍ୟକ୍ତି ଯିଏ ଭକ୍ତି ନ କଲା, ଶାସ୍ତ୍ରବିଧିକୁ ତ୍ୟାଗ କରି ମନମୁଖୀ ଆଚରଣ କଲା ଅଥବା ଅନଧିକାରୀ ଗୁରୁଙ୍କଠାରୁ ଦୀକ୍ଷା ନେଇ ଭକ୍ତି କଲା ତାକୁ କୌଣସି ଲାଭ ମିଳିଲା ନାହିଁ । ଏହାର ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧୬ ଶ୍ଳୋକ ନଂ ୨୩-୨୪ରେ ଅଛି । ଏହି କାରଣରୁ ସେ ନିଜ ମନୁଷ୍ୟ ଜୀବନର ଶ୍ୱାସ ରୂପକ ମୂଳଧନକୁ ସତ୍ୟଭକ୍ତି ବିନା ନଷ୍ଟ କରିଦେଲା ।

æ ଭକ୍ତି ନ କରିବା କାରଣରୁ ହାନିର ଅନ୍ୟ ଏକ ବିବରଣୀ :-

ଯହ ଦମ ଟୂଟେ ପିଣ୍ଡା ଫୂଟେ, ହୋ ଲେଖା ଦରଗାହ ମାହାଁ ।
ଉସ ଦରଗାହ ମେଁ ମାର ପଡ଼େଗୀ, ଜମ ପକଡ଼େଙ୍ଗେ ବାହାଁ ॥
ନର-ନାରାୟଣ ଦେହି ପାୟକର, ତୁ ଫେର ଚୌରାସୀ ଜାହାଁ ।
ଉସ ଦିନ କୀ ମୋହେ ଡ଼ରଣୀ ଲାଗେ, ଲଜ୍ଜା ରହ କେ ନାହାଁ ।
ଯା ସତଗୁରୁ କୀ ମୈଁ ବଲିହାରି, ଯୋ ଜାମଣ ମରଣ ମିଟାହାଁ ।
କୁଲ ପରିବାର ତେରା କୁଟୁମ୍ବ କବୀଲା, ମସଲତ ଏକ ଠହରାହାଁ ॥
ବାନ୍ଧ ପିଞ୍ଜରୀ ଆଗେ ଧର ଲିୟା, ମରଘଟ କୂଁ ଲେ ଜାହାଁ ॥
ଅଗ୍ନି ଲଗା ଦିଆ ଜବ ଲୟା, ଫୁକ ଦିୟା ଉସ ଠାହାଁ ।

ଭାବାର୍ଥ :- ଏହି ଦମ ଅର୍ଥାତ୍ ଶ୍ୱାସକ୍ରିୟା ଯେଉଁଦିନ ସମାପ୍ତ ହୋଇଯିବ ସେହିଦିନ ଏହି ଶରୀର ରୂପୀ ପିଣ୍ଡକୁ ତୋ ଠାରୁ ଛଡ଼ାଇ ନିଆଯିବ । ତା'ପରେ ପରମାତ୍ମାଙ୍କ ଦରବାରରେ ପାପ-ପୂଣ୍ୟର ହିସାବ ହେବ । ଆଦୌ ଭକ୍ତି କରି ନ ଥିବା ଆତ୍ମା ଅଥବା ଶାସ୍ତ୍ରବିରୁଦ୍ଧ ଭକ୍ତି କରିଥିବା ଆତ୍ମାକୁ ଯମ ଦୂତମାନେ ହାତ ଧରି ବଳପୂର୍ବକ ଘୋଷାରି ଯମପୁରକୁ ନେବେ । ସେହି ଆତ୍ମା କୌଣସି ଦେଶର ରାଜା ହୋଇଥାଉନା କାହିଁକି ତାକୁ ମାଡ଼ ଦିଆଯିବ । ସନ୍ତ ଗରୀବ ଦାସଜୀଙ୍କୁ କବୀର ସାହେବ ଦର୍ଶନ ଦେଇ ତାଙ୍କ ଆତ୍ମାକୁ ସତଲୋକ ନେଇ ଯାଇଥିଲେ । ତାଙ୍କୁ ସର୍ବ ବ୍ରହ୍ମାଣ୍ଡ ଦେଖାଇବା ସହିତ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ବୁଝାଇ ତାଙ୍କ ଆତ୍ମାକୁ ପୁଣି ଶରୀର ମଧ୍ୟରେ ଛାଡି ଦେଇଥିଲେ । ସନ୍ତ ଗରୀବ ଦାସଜୀ ସ୍ୱଚକ୍ଷୁରେ ଦେଖିଥିବା ସମସ୍ତ ଘଟଣାର ବର୍ଣ୍ଣନା କରି କହିଛନ୍ତି, ହେ ମାନବ ! ଆପଣଙ୍କୁ ନର ଶରୀର ମିଳିଛି ଯାହା ନାରାୟଣ ଅର୍ଥାତ୍ ପରମାତ୍ମାଙ୍କ ଶରୀର ସଦୃଶ ଅର୍ଥାତ୍ ତାଙ୍କ ସ୍ୱରୂପ ପରି । ଅନ୍ୟ ପ୍ରାଣୀମାନଙ୍କୁ ଏହିଭଳି ସୁନ୍ଦର ଶରୀର ମିଳିନାହିଁ । ଏହି ସୁନ୍ଦର ଶରୀର ପ୍ରାପ୍ତ କରି ପ୍ରାଣୀକୁ ଆଜୀବନ ଭଗବାନଙ୍କ ଭକ୍ତି କରିବା ଉଚିତ୍ । ଏହିଭଳି ପରମାତ୍ମାଙ୍କ ସ୍ୱରୂପ ଶରୀର ପ୍ରାପ୍ତ କରି ମଧ୍ୟ ସତ୍ୟଭକ୍ତି ନ କରିବାରୁ ତୁ ପୁଣି ୮୪ଲକ୍ଷ ଯୋନିଚକ୍ରକୁ ଯାଉଛୁ । ତୋ ମାନବ ଜୀବନ ଧିକ ! ମୋତେ ତ ସେହିଦିନର ଚିନ୍ତା ଏବେଠାରୁ ଘାରି ହେଉଛି ଓ ଭୟ ମଧ୍ୟ ଲାଗୁଛି ଯେ କାଳେ ମୋର ଭକ୍ତି କମ୍ ହୋଇଯିବ ଏବଂ ପରମାତ୍ମାଙ୍କ ଦରବାରରେ ମୋର ଇଜ୍ଜତ୍ ରହିବ କି ନାହିଁ ଜଣାନାହିଁ । ମୁଁ ଭକ୍ତି କରୁଛି ତଥାପି ମୋ ମନରେ ଭୟ ଆସୁଛି ଯେ ମୋ ଭକ୍ତି ପୂଞ୍ଜି କମ୍ ହୋଇନଯାଉ । ଆପଣ ତ ଆଦୌ ଭକ୍ତି କରୁନାହାଁନ୍ତି । ଯଦିଓ କରୁଛନ୍ତି ଶାସ୍ତ୍ରବିରୁଦ୍ଧ ଭକ୍ତି କରୁଛନ୍ତି । ଆପଣଙ୍କ ଅବସ୍ଥା ବହୁତ ଶୋଚନୀୟ ହୋଇଯିବ ଏବଂ ମୁଁ ଏହି ରାୟ ଦେଉଛି ଯେ ଏଭଳି ସଦଗୁରୁ ଚୟନ କରନ୍ତୁ ଯିଏ ଜନ୍ମ-ମରଣ ରୂପୀ ଦୀର୍ଘ ରୋଗ ସମାପ୍ତ କରିପାରିବେ । ଯେଉଁମାନେ ସତ୍ୟଭକ୍ତି କରୁ ନାହାଁନ୍ତି, ମୃତ୍ୟୁ ଉପରାନ୍ତ ସେମାନଙ୍କର ଅବସ୍ଥା କ'ଣ ହେବ ? ପଡୋଶୀ ଓ କୁଟୁମ୍ବ ଲୋକେ ଏକାଠି ହୋଇ ସମସ୍ତେ ଗୋଟିଏ କଥା କହିଥାନ୍ତି ଯେ ଶବ ଶିଘ୍ର ଉଠାଅ (ଶ୍ମଶାନକୁ ନେଇ ପୋଡ଼ି ଦିଅନ୍ତି, ଠେଙ୍ଗା କିମ୍ବା କାଠରେ ଛାତିକୁ ପ୍ରହାର କରି ପିଞ୍ଜରା ହାଡ ଭାଙ୍ଗିଥାନ୍ତି । ସମ୍ପୂର୍ଣ୍ଣ ଶରୀରକୁ ପୋଡ଼ି ଦିଅନ୍ତି । ପକେଟରେ ଯାହା ବି ଥାଏ ତାକୁ କାଢି ନିଅନ୍ତି । ପୁଣି ଶାସ୍ତ୍ରବିଧି ତ୍ୟାଗ ପୂର୍ବକ ମନମୁଖୀ ଆଚରଣ କରୁଥିବା ଓ କରାଉଥିବା ଲୋକମାନେ ଏହି ସଂସାର ଛାଡି ଚାଲିଯାଇଥିବା ସେହି ଜୀବର କଲ୍ୟାଣ ପାଇଁ ଗରୁଡ଼ ପୁରାଣ ପାଠ କରାଇଥାନ୍ତି) ।

ତତ୍ତ୍ୱଜ୍ଞାନ(ସୂକ୍ଷ୍ମବେଦ)ରେ କୁହାଯାଇଛି ଯେ ମାନବ ଜୀବନ ସଂପୁର୍ଣ୍ଣ କରି ଜୀବ ଚାଲିଗଲା ପରେ ପରମାତ୍ମାଙ୍କ ଦରବାରରେ ତା'ର ହିସାବ ହେବ । କର୍ମାନୁସାରେ ଗଧ-କୁକୁର ଜନ୍ମ ପାଇବା ପାଇଁ ଧାଡିରେ ଛିଡ଼ା ହେବ । ମୃତ୍ୟୁ ପରେ ଗରୁଡ଼ ପୁରାଣ ପାଠ କଲେ ସେହି ଆତ୍ମାର କିଛି ଲାଭ ହେବ ନାହିଁ । ଏହା ନିରର୍ଥକ ତଥା ଶାସ୍ତ୍ରବିରୁଦ୍ଧ କ୍ରିୟା ଅଟେ । ସେହି ପ୍ରାଣୀ ମନୁଷ୍ୟ ଶରୀରରେ ଥିବା ସମୟରେ ଅର୍ଥାତ୍ ଜୀବିତ ଥିବା ସମୟରେ ତାକୁ ଭଗବାନଙ୍କ ସନ୍ନିଧାନ ସହିତ ପରିଚିତ କରିଥିଲେ ଠିକ୍ ହୋଇଥାନ୍ତା ଯଦ୍ୱାରା ଭଲକର୍ମ ଓ ମନ୍ଦକର୍ମ ବିଷୟରେ ତା'ର ଜ୍ଞାନ ହୋଇଥାନ୍ତା ଏବଂ ନିଜ ମାନବ ଜୀବନକୁ ସଫଳ କରିଥାନ୍ତା ।

ପ୍ରେତ ଶିଳା ପର ଜାୟ ବିରାଜେ, ଫିର ପିତରୋଁ ପିଣ୍ଡ ଭରାହୀଁ ।
ବହୁର ଶ୍ରାଦ୍ଧ ଖାନ କୂଁ ଆୟା, କାଗ ଭୟେ କଲି ମାହୀଁ ॥

ଭାବାର୍ଥ ହେଲା ଯେ ମୃତ୍ୟୁ ଉପରାନ୍ତ ସେହି ଜୀବର କଲ୍ୟାଣ ଅର୍ଥାତ୍ ଗତି(ମୋକ୍ଷ) ପାଇଁ କରାଯାଉଥିବା ସମସ୍ତ ଶାସ୍ତ୍ରବିରୁଦ୍ଧ କ୍ରିୟା ନିରର୍ଥକ ଅଟେ । ଯେପରି କୌଣସି ମୃତ ବ୍ୟକ୍ତିର ଗତି ଅର୍ଥାତ୍ ମୋକ୍ଷ ପାଇଁ ପରିବାର ଲୋକେ ଗରୁଡ଼ ପୁରାଣ ପାଠ କରାଇଲେ, ଗଙ୍ଗାରେ ଅସ୍ଥି ବିସର୍ଜନ କଲେ । ପୁଣି ତା'ର ଗତି/ମୁକ୍ତି ପାଇଁ ଦଶାହ-ଏକାଦଶାହରେ ହୋମ ଓ ଭୋଜନ ଭଣ୍ଡାରା ଆଦି କଲେ । ପ୍ରଥମ ଏକବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ମାସିକିଆ କ୍ରିୟାକର୍ମ କଲେ, ପୁଣି ୬ ମାସରେ ଛ'ମାସୀ କ୍ରିୟାକର୍ମ କଲେ, ପୁଣି ବର୍ଷିକିୟା କରି ପିଣ୍ଡାଦାନ କଲେ । ତା'ପରେ ପୁଣି ପ୍ରତିବର୍ଷ

ଶ୍ରାଦ୍ଧକ୍ରିୟା କରିଥାନ୍ତି । ଶ୍ରାଦ୍ଧ ଦିନ ପୁରୋହିତ ନିଜେ ଭୋଜନ ରାନ୍ଧି କହିଥାଏ ଯେ କିଛି ଭୋଜନ ନେଇ ଘର ଛାତ ଉପରେ ରଖିଦିଅ, ହୁଏତ ଆପଣଙ୍କ ପିତା କାଉ ହୋଇ ଯାଇଥିବ । ଯେତେବେଳେ କାଉ ଆସି ଭୋଜନ ଖାଇଥାଏ ସେତେବେଳେ ସେହି ପୁରୋହିତ କହିଥାନ୍ତି ଯେ ତୁମ ପିତା ବା ମାତା ଯିଏ ମରିଯାଇଥିଲା, ଯାହା ପାଇଁ ଏହି ସମସ୍ତ କ୍ରିୟା କରାଗଲା ଓ ଏହି ଶ୍ରାଦ୍ଧ ଦିଆଗଲା, ସେ କାଉ ଜନ୍ମ ପାଇଛି, ତା'ର ଶ୍ରାଦ୍ଧ ସଫଳ ହେଲା । ଉପରୋକ୍ତ ବିବରଣୀରୁ ଏହା ସ୍ପଷ୍ଟ ହେଲା ଯେ ସେହି ବ୍ୟକ୍ତି ଯାହାର ଉପରୋକ୍ତ ସମସ୍ତ କ୍ରୀୟାକର୍ମ ଆଦି କରାଗଲା, ସେ କାଉ ହୋଇଯାଇଛି । ପୁରୋହିତ କୁହନ୍ତି ଯେ ଶ୍ରାଦ୍ଧ ଦେବା ଦ୍ୱାରା ସେହି ଜୀବ ଏକବର୍ଷ ପର୍ଯ୍ୟନ୍ତ ତୃପ୍ତ ହୋଇଥାଏ । ପୁଣି ଏକବର୍ଷ ପରେ ଆଉଥରେ ଶ୍ରାଦ୍ଧ ଦେବାକୁ ପଡ଼ିବ ।

ବିଚାର କରନ୍ତୁ :- ଜଣେ ଜୀବିତ ବ୍ୟକ୍ତି ଦିନରେ ତିନିଥର ଭୋଜନ କରିଥାଏ । ସେ ଗୋଟିଏ ଦିନ ଭୋଜନ କରି ଏକବର୍ଷ ପର୍ଯ୍ୟନ୍ତ କିପରି ତୃପ୍ତ ହେବ ? ଯଦି ପ୍ରତିଦିନ ଘର ଛାତ ଉପରେ ଭୋଜନ ରଖାଯିବ ତେବେ କାଉ ଆସି ପ୍ରତିଦିନ ନିଶ୍ଚୟ ଭୋଜନ କରିବ ।

ଦ୍ୱିତୀୟ କଥା :- ମୃତ୍ୟୁ ଉପରାନ୍ତ କରାଯାଇଥିବା ସେହି ସମସ୍ତ କ୍ରିୟା ତ ମୁକ୍ତି/ମୋକ୍ଷ କରାଇବା ଉଦେଶ୍ୟରେ ହୋଇଥିଲା କିନ୍ତୁ ସେହି ଜ୍ଞାନହୀନ ଗୁରୁମାନେ ଶେଷରେ ସେହି ଆତ୍ମାକୁ କାଉ କରିଦେଲେ । ଅନ୍ୟପଟେ ସେହି ଆତ୍ମା(ଜୀବ)ଟି ପ୍ରେତଶିଳା ଉପରେ ପ୍ରେତଯୋନୀର କଷ୍ଟ ଭୋଗୁଛି । ସେପଟେ ଗୁରୁ (ପୁରୋହିତ) ଓ କାଉ ଅତି ଆନନ୍ଦରେ ଭୋଜନ କରୁଛନ୍ତି । ପିଣ୍ଡଦାନର ଲାଭ ବିଷୟରେ ସେମାନେ କହିଥାନ୍ତି ଯେ ଏହି କ୍ରିୟା ଦ୍ୱାରା ପ୍ରେତଯୋନିରୁ ମୁକ୍ତି ମିଳିଥାଏ । ଧରନ୍ତୁ, ସେମାନଙ୍କ ହିସାବରେ ପ୍ରେତଯୋନିରୁ ମୁକ୍ତି ମିଳିଗଲା । ପୁଣି ସେହି ଆତ୍ମା ଯଦି ଗଧ କିମ୍ବା ବଳଦ ଜନ୍ମ ପାଉଛି ତେବେ ସେହି ଭଣ୍ଡ ପୁରୋହିତ କେଉଁ ପ୍ରକାରର ମୁକ୍ତି କରାଇଲେ ?

ନର ସେ ଫିର ପଶୁଓ୍ୱା କୀଜୈ, ଗଧା, ବୈଲ ବନାଇ ।
ଛପନ ଭୋଗ କହାଁ ମନ ବୌରେ, କହାଁ କୁରଡ଼ୀ ଚରନେ ଜାଇ ॥

ମନୁଷ୍ୟ ଜୀବନରେ ଆମ୍ଭେ ଅତି ଉତ୍ତମ ଅର୍ଥାତ୍ ୫୬ ପ୍ରକାରର ବ୍ୟଞ୍ଜନ ଭୋଜନ କରିଥାଉ । ଭକ୍ତି ନ କରିବା ଅଥବା ଶାସ୍ତ୍ରବିରୁଦ୍ଧ ସାଧନା ଦ୍ୱାରା ଗଧ ଶରୀର ମିଳିଥାଏ । ତା'ପରେ ତୋତେ ସେହି ଛପନ ପ୍ରକାର ବ୍ୟଞ୍ଜନ କେଉଁଠୁ ମିଳିବ, ଉଦରପୂର୍ତ୍ତୀ ପାଇଁ ତୋତେ ଗାଁ'ର ସେହି ଅପରିଷ୍କାର ଜାଗାକୁ ଯାଇ ଖାଦ୍ୟ ଖୋଜିବାକୁ ପଡ଼ିବ ଯେଉଁଠି ଲୋକମାନେ ଅଳିଆ ଆବର୍ଜନା ଫିଙ୍ଗିଥାନ୍ତି । ଏହି ପ୍ରକାରେ ବଳଦ ଆଦି ପଶୁମାନଙ୍କ ଯୋନିରେ ଜନ୍ମ ନେଇ ତୁ କଷ୍ଟ ପରେ କଷ୍ଟ ଭୋଗିବୁ ।

ଜୈ ସତଗୁରୁ କୀ ସଙ୍ଗତ କରତେ, ସକଳ କର୍ମ କଟ ଜାଇଁ ।
ଅମର ପୁରୀ ପର ଆସନ ହୋତେ, ଜହାଁ ଧୂପ ନା ଛାଁଇ ॥

ସନ୍ତ ଗରୀବ ଦାସଜୀ, ପରମେଶ୍ୱର କବୀରଜୀଙ୍କଠାରୁ ପ୍ରାପ୍ତ ସୁକ୍ଷ୍ମ ବେଦରେ କହିଛନ୍ତି ଯେ ଯଦି ସଦଗୁରୁ(ତତ୍ତ୍ୱଦର୍ଶୀ ସନ୍ତ)ଙ୍କ ଶରଣାପନ୍ନ ହୋଇ ଦୀକ୍ଷା ଗ୍ରହଣ କରିଥାନ୍ତା ତେବେ ତା'ର ଉପରୋକ୍ତ ସମସ୍ତ କର୍ମଦଣ୍ଡ କଟି ଯାଇଥାନ୍ତା ଅର୍ଥାତ୍ ନା ପ୍ରେତ, ନା ଗଧ, ନା ବଳଦ ହୋଇଥାନ୍ତା । ଅମରପୁରୀରେ ଆସନ ପ୍ରାପ୍ତ ହୋଇଥାନ୍ତା ଅର୍ଥାତ୍ ଗୀତା ଅଧ୍ୟାୟ ୧୮ ଶ୍ଳୋକ ନଂ ୬୨ ତଥା ଅଧ୍ୟାୟ ୧୫ ଶ୍ଳୋକ ନଂ ୪ରେ ବର୍ଣ୍ଣିତ ସନାତନ ପରମ ଧାମ ତଥା ପରମ ଶାନ୍ତି ପ୍ରାପ୍ତ ହୋଇଥାନ୍ତା । ପୁଣି କେବେ ଏହି ସଂସାରକୁ ଲେଉଟି ଆସିନଥାନ୍ତା ଅର୍ଥାତ୍ କଷ୍ଟଦାୟକ ଜନ୍ମ-ମରଣ ଚକ୍ର ସଦାସର୍ବଦା ପାଇଁ ସମାପ୍ତ ହୋଇ ଯାଇଥାନ୍ତା । ସେହି ଅମର ଲୋକ(ସତ୍ୟଲୋକ)ରେ ଖରା ନାହିଁ କି ଛାଇ ନାହିଁ ଅର୍ଥାତ୍ ଖରା ଦୁଃଖଦାୟକ ହେବା କାରଣରୁ ଛାଇର ଆବଶ୍ୟକତା ପଡ଼ିଥାଏ । ସେହି ସତ୍ୟଲୋକରେ କେବଳ ସୁଖ ବ୍ୟତିତ ଦୁଃଖ ଆଦୌ ନାହିଁ ।

ସୁରତ ନିରତ ମନ ପବନ ପୟାନା, ଶବ୍ଦୈ ଶବ୍ଦ ସମାଇ ।
ଗରୀବ ଦାସ ଗଲତାନ ମହଲ ମେଁ, ମିଲେ କବୀର ଗୋସାଇଁ ॥

ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ ମୋତେ କବୀର ପରମେଶ୍ୱର ଦର୍ଶନ ଦେଲେ, ସୁରତ-ନିରତ, ମନ ଓ ଶ୍ୱାସକ୍ରିୟାରେ ଧ୍ୟାନ ଲଗାଇ ନାମ ସୁମିରଣ କରିବାର ବିଧି ବତାଇଲେ । ସେହି ସାଧନା ଦ୍ୱାରା ମୁଁ ସତ୍ୟଲୋକରେ ସୃଷ୍ଟି ହେଉଥିବା ଶବ୍ଦ-ଧ୍ୱନୀକୁ ଅନୁକରଣ କରି ସତ୍ୟଲୋକକୁ ଚାଲିଗଲି ଯେଉଁଥିପାଇଁ ସତ୍ୟଲୋକ (ଶାଶ୍ୱତ ସ୍ଥାନ)ରେ ଥିବା ମହଲରେ ଆନନ୍ଦରେ ରହୁଅଛି । ପରମାତ୍ମା କବୀରଜୀ ଯେଉଁ ସତ୍ୟସାଧନା ବିଷୟରେ ସନ୍ଥ ଗରୀବ ଦାସଜୀଙ୍କୁ କହିଥିଲେ ଏବଂ ଯେଉଁ ସ୍ଥାନ(ସତ୍ୟଲୋକ)କୁ ଗରୀବ ଦାସଜୀ, ପରମେଶ୍ୱରଙ୍କ ସହିତ ଯାଇ ସ୍ୱଚକ୍ଷୁରେ ଦେଖି ଆସିଥିଲେ, ଏହି କାରଣରୁ ସେ ବିଶ୍ୱାସର ସହିତ କହିଥିଲେ ଯେ ମୁଁ ଯେଉଁ ଶାସ୍ତ୍ର ଅନୁକୂଳ ସାଧନା କରୁଅଛି, ସେ ବିଷୟରେ ସ୍ୱୟଂ ପରମାତ୍ମା ମୋତେ କହିଛନ୍ତି ଏବଂ ସେହି ଶବ୍ଦ ଅର୍ଥାତ୍ ନାମଜପ ଦ୍ୱାରା ମୁଁ ନିଶ୍ଚିତ ପୂର୍ଣ୍ଣମୋକ୍ଷ ଲାଭ କରିବି ଏଥିରେ କୌଣସି ସନ୍ଦେହ ନାହିଁ । ଏହି କାରଣରୁ ସତ୍ୟଲୋକରେ ନିର୍ମିତ ନିଜ ମହଲ(ବିଶାଳ ଘର)କୁ ଚାଲିଯିବି, ମୁଁ (ଗରୀବ ଦାସ) ନିଶ୍ଚିନ୍ତ ଅଛି ତଥା ଗଲତାନ୍ (ମହଲ ପ୍ରାପ୍ତିର ଖୁସିରେ ଉବୁଟୁବୁ) ହେଉଛି ଯେ ପୂର୍ଣ୍ଣଗୁରୁ ସ୍ୱୟଂ ପରମାତ୍ମା କବୀରଜୀ ନିଜ ଲୋକରୁ ଆସି ମୋତେ ଦର୍ଶନ ଦେଇଛନ୍ତି ।

ଗରୀବ, ଅଜବ ନଗର ମେଁ ଲେ ଗଏ, ହମକୋ ସତଗୁରୁ ଆନ ।
ଝିଲକେ ବିନ୍ଦ ଅଗାଧ ଗତି, ସୂତେ ଚାଦର ତାନ ॥

ଭାବାର୍ଥ :- ଗରୀବ ଦାସଜୀ କହିଛନ୍ତି ଯେ ସଦଗୁରୁ ଅର୍ଥାତ୍ ସ୍ୱୟଂ ପରମେଶ୍ୱର କବୀରଜୀ ନିଜ ସ୍ୱଧାମ ସତ୍ୟଲୋକରୁ ଆସି ନିଜ ସାଙ୍ଗରେ ମୋତେ ଅଜବ(ଅଦ୍ଭୁତ) ନଗର ଅର୍ଥାତ୍ ସତ୍ୟଲୋକରେ ନିର୍ମିତ ସହରକୁ ନେଇଗଲେ । ସେହି ସ୍ଥାନକୁ ସ୍ୱଚକ୍ଷୁରେ ଦେଖି ମୁଁ ପରମାତ୍ମାଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲୁଅଛି । ସତ୍ୟନାମ ଓ ସାରନାମର ସାଧନା କରୁଅଛି । ଏଥିପାଇଁ ମୁଁ ଚାଦର ଘୋଡ଼ି ହୋଇ ଶୋଇଛି ଅର୍ଥାତ୍ ମୋତେ ମୋକ୍ଷ ମିଳିବାରେ କୌଣସି ସନ୍ଦେହ ନାହିଁ ।

ଚାଦର ଘୋଡ଼ି ହୋଇ ଶୋଇବା = ଅର୍ଥାତ୍ ଚିନ୍ତାମୁକ୍ତ ହୋଇ ନିଶ୍ଚିନ୍ତରେ ରହିବା । ଯଦି କାହାର କୌଣସି କାର୍ଯ୍ୟ ନ ଥାଏ ଓ ସେ ଚାଦର ଘୋଡି ହୋଇ ଶୋଇଥାଏ ତେବେ ଗାଁ ଲୋକେ କୁହନ୍ତି, ଚାଦର ଘୋଡ଼ି ହୋଇ ବଢିଆ ନିଦରେ ଶୋଇଛୁ, ତୋର କିଛି କାମଧନ୍ଦା ନାହିଁ କି ? ଏହି ପ୍ରକାରେ ଗରୀବ ଦାସଜୀ କହିଛନ୍ତି ଯେ ବଡ଼-ବଡ଼ ମହଲ ନିର୍ମାଣ କରିବା ନିରର୍ଥକ ଅଟେ । ଆମ୍ଭେ ସେହି ସତ୍ୟଲୋକକୁ ଯିବା ଯେଉଁଠି ଆମ୍ଭମାନଙ୍କ ପାଇଁ ବଡ-ବଡ ସୁନ୍ଦର ମହଲ ପୂର୍ବରୁ ନିର୍ମିତ ହୋଇ ରହିଛି ଯାହାକୁ ଆମ୍ଭେ ନିଜ ଭୁଲ୍ ପାଇଁ ଛାଡ଼ି ଆସି କାଳର ମୃତ୍ୟୁ ଲୋକରେ ପଡିଛେ । ଏବେ ସୁଯୋଗ ମିଳିଛି ଅର୍ଥାତ୍ ସତ୍ୟଭକ୍ତି ଓ ତତ୍ତ୍ୱଜ୍ଞାନ ମିଳି ଯାଇଛି ।

ସଜ୍ଜନ ମଣ୍ଡଳୀ ! ଏହି ସତ୍ୟଭକ୍ତି ବର୍ତ୍ତମାନ ସମୟରେ କେବଳ ମୋ (ରାମପାଲ ଦାସ) ନିକଟରେ ହିଁ ଉପଲବ୍ଧ । ଏହି ଭକ୍ତି ବଳରେ ଏହି ଦୁଃଖ ସଂସାରରୁ ପାର ହୋଇ ସେହି ପରମ ଶାନ୍ତି ଓ ଶାଶ୍ୱତ ସ୍ଥାନ (ସନାତନ ପରମଧାମ)କୁ ପ୍ରାପ୍ତ ହୋଇପାରିବ ଯାହା ବିଷୟରେ ଗୀତା ଅଧ୍ୟାୟ ୧୮ ଶ୍ଳୋକ ନଂ ୬୨ରେ ତଥା ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୪ରେ କୁହାଯାଇଛି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ କରି, ସେହି ତତ୍ତ୍ୱଜ୍ଞାନ ଦ୍ୱାରା ଅଜ୍ଞାନର ବିନାଶ କରି, ତା'ପରେ ପରମେଶ୍ୱରଙ୍କ ସେହି ପରମପଦକୁ ଅନ୍ୱେଷଣ କରିବା ଉଚିତ୍, ଯେଉଁଠିକୁ ଯିବା ପରେ ସାଧକ ପୁଣି ସଂସାରକୁ ଆଉ ଲେଉଟି ଆସେ ନାହିଁ ।

''ଭକ୍ତି ନ କଲେ ବହୁତ ଦୁଃଖ ମିଳିବ''

ସୂକ୍ଷ୍ମ ବେଦରେ କୁହାଯାଇଛି ଯେ :-

ଯହ ସଂସାର ସମଝଦା ନାହୀଁ, କହଁଦା ଶାମ ଦୁପହରେ ନୂଁ ।
ଗରୀବ ଦାସ ଯହ ବକ୍ତ ଯାତ ହୈ, ରୋଓଗେ ଇସ ପହରେ ନୂଁ ॥

ଆଧ୍ୟାତ୍ମିକ ଜ୍ଞାନ ଅଭାବରୁ ପରମାତ୍ମାଙ୍କ ବିଧାନ ସହିତ ଅପରିଚିତ ଥିବା କାରଣରୁ ପ୍ରାଣୀ ଏହି ଦୁଃଖର ଘର ଓ ସଂସାରରେ ମହାକଷ୍ଟ ଭୋଗୁଅଛି ଏବଂ ଏହାକୁ ସୁଖର ସ୍ଥାନ ବୋଲି ଭାବୁଛି ।

ଯେପରି ଜଣେ ବ୍ୟକ୍ତି ହରିୟାଣାର କୌଣସି ପ୍ରାନ୍ତରେ, ମଇ ମାସର ମଧ୍ୟାନ୍ନ ସମୟ ଅର୍ଥାତ୍ ଦିନ ୧୨ଘ. ଅଥବା ୧ଘ. ସମୟର ଟାଣ ଖରାରେ ମଦ୍ୟପାନ କରି ରାସ୍ତା କଡରେ ପଡ଼ିଛି । ଝାଳ ବୋହି ଦେହସାରା ବାଲି ମାଟି ଲାଗିଛି । ଜଣେ ବ୍ୟକ୍ତି କହିଲା, ଭାଇ ! ଉଠ୍, ତୋତେ ଗଛ ତଳେ ବସାଇ ଦେବି, ତୁ ଏଠାରେ ଗରମରେ ସିଝୁଛୁ କାହିଁକି । ମଦୁଆ କହିଲା ମୁଁ ବିଲ୍‌କୁଲ୍ ଠିକ୍ ଅଛି, ମୋତେ ମଜା ଲାଗୁଛି, କିଛି ଅସୁବିଧା ନାହିଁ ।

ଝଜଣେ ବ୍ୟକ୍ତି କୌଣସି କାରଣ ବଶତଃ କୋର୍ଟକୁ ଯାଇଥିବା ସମୟରେ ସେଠାରେ ତାଙ୍କର ଜଣେ ବନ୍ଧୁଙ୍କ ସହିତ ଦେଖାହେଲା । ଉଭୟ ଉଭୟଙ୍କୁ ଭଲ-ମନ୍ଦ ପଚାରିଲେ, ଉଭୟେ କହିଲେ ସବୁ ଠିକ୍ ଅଛି, ସମସ୍ତେ ଖୁସିରେ ଅଛନ୍ତି ।

ଝଜଣେ ବ୍ୟକ୍ତିଙ୍କର ଏକମାତ୍ର ପୁତ୍ର ଥିଲା ଯିଏ ବହୁତ ରୋଗଗ୍ରସ୍ତ ରହୁଥିଲା । ତାକୁ ବଡ ମେଡିକାଲରେ ଆଡ୍‌ମିଟ କରାଯାଇଥିଲା । ତାର ବଞ୍ଚିବାର ଆଶା ବହୁତ କମ୍ ଥିଲା । ଏଭଳି ପରିସ୍ଥିତିରେ ମାତା-ପିତାଙ୍କର କିଭଳି ଅବସ୍ଥା ହୋଇଥାଏ ତାହା ସହଜରେ ଅନୁମେୟ । ବନ୍ଧୁ-ବାନ୍ଧବ ଦେଖା କରିବାକୁ ଆସି ପଚାରିଲେ ଯେ ପିଲା ଅବସ୍ଥା କିପରି ଅଛି ? ପିତା କହିଲେ, ବଞ୍ଚିବାର ଆଶା ନାହିଁ । ତା'ପରେ ପଚାରିଲେ, ଆଉ ସବୁ କୁଶଳ ମଙ୍ଗଳ ତ ? ପିତା କହିଲେ ହଁ ! ସବୁ ଭଲ ।

ବିଚାର କରନ୍ତୁ :- ମଦ ନିଶାରେ ଭୀଷଣ ଖରାରେ ପଡ଼ି ଜଣେ ସିଝୁଛି । ତଥାପି କହୁଛି ମୋତେ ମଜା ଲାଗୁଛି ।

==ଝକୋର୍ଟ-କଚେରୀରେ ଯେଉଁ ଦୁଇ ବନ୍ଧୁ ଭେଟ ହୋଇଥିଲେ, ଉଭୟ କହୁଥାନ୍ତି ସବୁ ଠିକ୍ ଅଛି, ସବୁ ଭଲ ଚାଲିଛି । ବିଚାର କରନ୍ତୁ ଯେଉଁ ବ୍ୟକ୍ତି କୋର୍ଟ-କଚେରି ଧନ୍ଦାରେ ଫସିଛି ତାକୁ ସ୍ୱପ୍ନରେ ସୁଦ୍ଧା ସୁଖ ମିଳି ନ ଥାଏ । ତଥାପି ଉଭୟ କହୁଥାନ୍ତି ଯେ ସବୁ ଭଲ ଅର୍ଥାତ୍ ଖୁସିରେ ଅଛନ୍ତି ।

==ଝଯେଉଁ ବ୍ୟକ୍ତିର ଏକମାତ୍ର ପୁତ୍ର ମୃତ୍ୟୁଶଯ୍ୟାରେ ପଡିଥାଏ ସେହି ପିତା କିପରି ଖୁସିରେ ରହିପାରିବ ? ଏଥିପାଇଁ ସୂକ୍ଷ୍ମ ବେଦରେ କୁହାଯାଇଛି ଯେ ଏହି ଦୁଃଖାଳୟ ସଂସାରରେ ପ୍ରାଣୀ ମହାକଷ୍ଟକୁ ସୁଖ ବୋଲି ଭାବୁଛି ।

ଯହ ସଂସାର ସମଝଦା ନାହୀଁ, କହଁଦା ଶାମ ଦୋପହରେ ନୂଁ ।
ଗରୀବ ଦାସ ଯହ ବକ୍ତ ଜାତ ହେ, ରୋଓ୍ୱୋଗେ ଇସ ପହରେ ନୂଁ ॥

ସନ୍ତ ଗରୀବ ଦାସଜୀ କହିଛନ୍ତି ଯେ ମନୁଷ୍ୟ ଜନ୍ମ ପ୍ରାପ୍ତ କରି ଯେଉଁ ବ୍ୟକ୍ତି ଭକ୍ତି କରେ ନାହିଁ ସେ କୁକୁର, ଗଧ ଆଦି ଯୋନିରେ ଜନ୍ମ ନେଇ କଷ୍ଟ ଭୋଗୀଥାଏ । ଏହି କାରଣରୁ କୁକୁର ରାତିରେ ଆକାଶକୁ ଚାହିଁ କାନ୍ଦି ଭୁକିଥାଏ । ଏଥିପାଇଁ ଗରୀବ ଦାସଜୀ କହିଛନ୍ତି ଯେ ତୁମେ ଭକ୍ତି ନ କରି ଯଦି ଏହି ମନୁଷ୍ୟ ଶରୀରକୁ ଥରେ ହାତଛଡା କରିଦେଲ ତେବେ ଏହି ସମୟ(ପ୍ରହର)କୁ ମନେପକାଇ ବହୁତ କାନ୍ଦିବ ।

''ଭକ୍ତିମାର୍ଗର ଯାତ୍ରା''

ଯେ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଜ୍ଞାନ ନ ହୋଇଛି ସେ ପର୍ଯ୍ୟନ୍ତ ଜୀବ, ମାୟାର ନିଶାରେ ନିଜ ଉଦେଶ୍ୟକୁ ଭୂଲି ଯାଇଥାଏ । ଯେପରି ଉପରେ ବର୍ଣ୍ଣିତ ଜଣେ ମଦ୍ୟପ ବ୍ୟକ୍ତି କିପରି ଜ୍ୟେଷ୍ଠ ମାସର ଉତ୍ତପ୍ତ ଖରାରେ ରାସ୍ତା କଡରେ ପଡି ଝାଳ ସୁଡୁବୁଡୁ ଶରୀରରେ ବାଲିରେ ଗଡୁଛି ଏବଂ ପଚାରିବାରୁ କହୁଛି କ'ଣ ନା ମଜା ଲାଗୁଛି । କିନ୍ତୁ ନିଶା ଛାଡ଼ିବା ପରେ ସେ ଜାଣିପାରୁଛି ଯେ ମୁଁ ତ ଆସି ଜଙ୍ଗଲରେ ପଡ଼ିଛି, ଘର ଆହୁରି ଅନେକ ଦୂରରେ ଅଛି ।

କବୀର ସାହେବ କହିଛନ୍ତି ଯେ :-

କବୀର, ଯେ ମାୟା ଅଟପଟୀ, ସବ ଘଟ ଆନ ଅଡ଼ୀ ।
କିସ-କିସ କୋ ସମଝାଉଁ, ଯେ କୂଏଁ ଭାଙ୍ଗ ପଡ଼ୀ ॥

ଆଧ୍ୟାତ୍ମିକ ଜ୍ଞାନ ରୂପକ ଔଷଧ ସେବନ କରିବା ଦ୍ୱାରା ଜୀବର ନିଶା ଛାଡ଼ି ଯାଇଥାଏ । ପୁଣି ସେ ଭକ୍ତି ମାର୍ଗରେ ଅଗ୍ରସର ହୋଇଥାଏ । କାରଣ ତାକୁ ପରମାତ୍ମାଙ୍କ ନିକଟରେ ପହଞ୍ଚିବାକୁ ପଡିବ ଯିଏ ତାର ବାସ୍ତବିକ ପିତା ତଥା ସେହି ସତ୍ୟଲୋକ ଜୀବର ନିଜ ଘର ଅଟେ ।

ଯାତ୍ରୀ ଅଧିକ ଜିନିଷ ସାଙ୍ଗରେ ଧରି ଯାତ୍ରା କରି ପାରିନଥାଏ । କେବଳ ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକୁ ସାଙ୍ଗରେ ଧରି ଯାତ୍ରା କରିଥାଏ । ଠିକ୍ ଏହି ପ୍ରକାରେ ଭକ୍ତି ମାର୍ଗର ଯାତ୍ରାରେ ନିଜକୁ ହାଲୁକା କରି ଚାଲିବାକୁ ପଡ଼ିବ । ତାହେଲେ ଲକ୍ଷ୍ୟ ହାସଲ ହୋଇପାରିବ । ଭକ୍ତି ରୂପୀ ରାସ୍ତାରେ ଚାଲିବା ପାଇଁ ମାନସିକ ଶାନ୍ତି ଅପରିହାର୍ଯ୍ୟ । ସେହିସବୁ ମାନସିକ ଅଶାନ୍ତିର କାରଣ ହେଲା ଆମ୍ଭ ପ୍ରଥା ପରମ୍ପରା, ନିଶା ଦ୍ରବ୍ୟ ସେବନ, ଆତ୍ମ ବଡିମା ଦେଖାଇବା ଓ ଲୋକ ଦେଖାଣିଆ କର୍ମ ଆଦି ସମସ୍ତ ମୂଲ୍ୟହୀନ ବୋଝ ଭକ୍ତିମାର୍ଗରେ ବାଧକ ହୋଇଥାଏ । ଯେପରି ବଡ଼-ବଡ଼ କୋଠା, ଦାମୀ କାର୍, ଫେସନ୍ କରିବା, ଦାମୀ ଆଭୂଷଣ (ସ୍ୱର୍ଣ୍ଣ ଅଳଙ୍କାର) କ୍ରୟ କରିବା, ବିବାହରେ ଯୌତୁକ ଦେବା-ନେବା, ବ୍ୟାଣ୍ଡ୍ ଓ ଡ଼ିଜେ ବଜାଇବା, ବିବାହ ସମୟରେ ସପରିବାରେ ଲଜ୍ଜ୍ୟାହୀନ ନୃତ୍ୟ କରିବା, ମୃତ୍ୟୁଭୋଜର ଆୟୋଜନ କରିବା, ସନ୍ତାନ ଜନ୍ମରେ ଖୁସି ପାଳନ କରିବା, କୌଣସି ଖୁସି ଅବସରରେ ବାଣ ଫୁଟାଇବା ଓ ଅନାବଶ୍ୟକ ଖର୍ଚ୍ଚରେ ଅର୍ଥ ବାଜ୍ୟାପ୍ତି କରିବା ଆଦି ଜୀବନର ଭକ୍ତି ମାର୍ଗରେ ବାଧକ ହୋଇଥିବା କାରଣରୁ ଏସବୁକୁ ତ୍ୟାଗ କରିବାକୁ ପଡ଼ିବ ।

''ବିବାହ କିପରି କରିବା''

ଯେପରି ଶ୍ରୀ ଦେବୀ ଦୁର୍ଗା, ନିଜର ତିନି ପୁତ୍ର(ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ)ଙ୍କର ବିବାହ କରାଇଥିଲେ ଯାହା ଏହି ପୁସ୍ତକରେ ଆଗକୁ ଆପଣ ପଢ଼ିବେ । ମୋ(ଲେଖକଙ୍କର) ଅନୁଗାମୀମାନେ ଏହିଭଳି ବିବାହ କରିଥାନ୍ତି । ବିବାହ ବେଦୀରେ ମନ୍ତ୍ରପାଠ ବଦଳରେ ୧୭ ମିନିଟ୍‌ର ଅସୁର ନିକନ୍ଦନ ରମୈଣୀ ପାଠ କରାଯାଇଥାଏ ଯାହା ଏକକୋଟି ଗାୟତ୍ରୀ ମନ୍ତ୍ର (ଓଁ ଭୂର୍ଭବଃ...) ଠାରୁ ମଧ୍ୟ ଉତ୍ତମ ଓ ଲାଭଦାୟକ ଅଟେ । ଯେଉଁଥିରେ ବିଶ୍ୱର ସମସ୍ତ ଦେବୀ-ଦେବତା ତଥା ପୂର୍ଣ୍ଣ ପରମାତ୍ମାଙ୍କର ଆବାହନ ଓ ସ୍ତୁତି-ପ୍ରାର୍ଥନା ରହିଛି । ଯେଉଁ କାରଣରୁ ସମସ୍ତ ଶକ୍ତି ସେହି ବିବାହିତ ଦମ୍ପତିଙ୍କର ସଦାସର୍ବଦା ରକ୍ଷା ତଥା ସହାୟତା କରିଥାନ୍ତି । ଏହାଦ୍ୱାରା ସମାଜରେ କନ୍ୟା ସୁରକ୍ଷା ସହିତ ଜୀବନର ମାର୍ଗ ସୁଗମ ହୋଇ ଯାଇଥାଏ ।

ବିବାହରେ ପ୍ରଚଳିତ ବର୍ତ୍ତମାନର ସମସ୍ତ ପରମ୍ପରାକୁ ତ୍ୟାଗ କରିବା :-

ବିବାହରେ କରାଯାଉଥିବା ଅଯଥା ଖର୍ଚ୍ଚ ତ୍ୟାଗ କରିବାକୁ ପଡ଼ିବ । ଯେପରି ଝିଅ ବିବାହରେ ଅଧିକ ବରଯାତ୍ରୀ ଆସିବା ଓ ଯୌତୁକ ଦେବା ଆଦି ବ୍ୟର୍ଥ ପରମ୍ପରା ଅଟେ । ସେହି କାରଣରୁ କନ୍ୟାକୁ ପରିବାରର ବୋଝ ବୋଲି କୁହାଗଲା ଏବଂ କନ୍ୟାଭ୍ରୂଣକୁ ଗର୍ଭରେ ହିଁ ମାରିଦେବାର କୁକର୍ମ ଆରମ୍ଭ ହୋଇଗଲା ଯାହା ମାତା-ପିତାଙ୍କ ପାଇଁ ମହାପାପର କାରଣ ହେଲା । କନ୍ୟା, ଦେବୀଙ୍କର ସ୍ୱରୂପ ଅଟେ । କିନ୍ତୁ ଆମ୍ଭ କୁପରମ୍ପରା ଆଜି କନ୍ୟାକୁ ଶତ୍ରୁ କରିଦେଇଛି । ଶ୍ରୀ ଦେବୀ ପୁରାଣର ତୃତୀୟ ସ୍କନ୍ଧରେ ପ୍ରମାଣ ଅଛି ଯେ ଏହି ବ୍ରହ୍ମାଣ୍ଡ ଆରମ୍ଭ ସମୟରେ ମାତା ଶ୍ରୀ ଦୁର୍ଗା ଯେତେବେଳେ ତିନି ଦେବତା(ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ)ଙ୍କର ବିଭାଘର କରିଥିଲେ ସେତେବେଳେ ନା କୌଣସି ବରଯାତ୍ରୀ ଥିଲେ, ନା କୌଣସି ମଙ୍ଗଳୁତି ପରମ୍ପରା ଥିଲା, ନା କୌଣସି ଭୋଜନ-ଭଣ୍ଡାରା କରାଯାଇଥିଲା । ନା ଡ଼ିଜେ ବାଜିଥିଲା, ନା କୌଣସି ନାଚଗୀତର ଆୟୋଜନ ହୋଇଥିଲା । ଶ୍ରୀ ଦୁର୍ଗା ନିଜ ଜ୍ୟେଷ୍ଠ ପୁତ୍ର ଶ୍ରୀ ବ୍ରହ୍ମାଙ୍କୁ କହିଥିଲେ, ହେ ବ୍ରହ୍ମା ! ସାବିତ୍ରୀ ନାମକ ଏହି କନ୍ୟାକୁ ତୋତେ ପତ୍ନୀ ରୂପେ ଦେଉଅଛି । ଏହାକୁ ନେଇ ନିଜ ଘରସଂସାର କର । ଏହିଭଳି ନିଜର ମଧ୍ୟମ ପୁତ୍ର ଶ୍ରୀ ବିଷ୍ଣୁଙ୍କ ସହିତ ଲକ୍ଷ୍ମୀଙ୍କୁ ତଥା କନିଷ୍ଠ ପୁତ୍ର ଶ୍ରୀ ଶିବଙ୍କ ସହିତ ପାର୍ବତୀଙ୍କୁ ବିବାହ କରାଇ କହିଥିଲେ ଯେ ଏହି ତିନି କନ୍ୟା ତୁମ୍ଭମାନଙ୍କର ପତ୍ନୀ ଅଟନ୍ତି । ଏମାନଙ୍କୁ ନେଇ ଘରସଂସାର କର । ତିନି ପୁତ୍ର ନିଜ ପତ୍ନୀମାନଙ୍କୁ ସାଥିରେ ନେଇ ନିଜ-ନିଜ ଲୋକକୁ ଚାଲିଗଲେ । ସେମାନଙ୍କଠାରୁ ସମଗ୍ର ବିଶ୍ୱ ବିସ୍ତାର ଲାଭ କଲା ।

ଶଙ୍କା ସମାଧାନ :- କିଛି ବ୍ୟକ୍ତି କହିଥାନ୍ତି ଯେ ପାର୍ବତୀଙ୍କର ମୃତ୍ୟୁ ହେବା ପରେ ତାଙ୍କର ପୂନର୍ଜନ୍ମ ରାଜା ଦକ୍ଷଙ୍କ ଘରେ ହୋଇଥିଲା । ଯୁବତୀ ହେବା ପରେ ଦେବୀ ସତୀ ପାର୍ବତୀ ନାରଦଙ୍କ କଥା ଅନୁସାରେ ଶ୍ରୀ ଶିବଙ୍କୁ ପତି ରୂପେ ପାଇବା ପାଇଁ ଦୃଢ଼ ସଙ୍କଳ୍ପ କଲେ । ସେ ମାତାଙ୍କ ମାଧ୍ୟମରେ ପିତା ଦକ୍ଷଙ୍କୁ ନିଜ ଅଭିଳାଷ ଜଣାଇଲେ । ରାଜା ଦକ୍ଷ କହିଲେ, ଶିବ ମୋ ଜାମାତା ହେବା ପାଇଁ ଯୋଗ୍ୟ ନୁହେଁ କାରଣ ସେ ସର୍ବଦା ଉଲଗ୍ନ ରହିଥାଏ । ନିଜ ଗୁପ୍ତାଙ୍ଗକୁ ଢାଙ୍କିବା ପାଇଁ କେବଳ ଏକ ମୃଗଛାଲ ବାନ୍ଧିଥାଏ । ଶରୀରରେ ପାଉଁଶ ବୋଳି ଭାଙ୍ଗନିଶାରେ ରହିଥାଏ ଓ ସର୍ପକୁ ସାଥିରେ ରଖିଥାଏ । ଏଭଳି ବ୍ୟକ୍ତି ସହିତ ମୁଁ ନିଜ ଝିଅର ବିବାହ କରି ଜଗତରେ ହାସ୍ୟାସ୍ପଦ ହେବାକୁ ଚାହୁଁ ନାହିଁ । କିନ୍ତୁ ଦେବୀ ପାର୍ବତୀ ନିଜ ଜିଦ୍‌ରେ ଅଟଳ ଥିଲେ । ତେଣୁ ସେ ନିଜ ଇଚ୍ଛା ବିଷୟରେ ଶ୍ରୀ ଶିବଙ୍କୁ ଅବଗତ କରାଇଲେ ଏବଂ କହିଲେ ଯେ ମୁଁ ଆପଣଙ୍କୁ ବିବାହ କରିବାକୁ ଚାହୁଁଛି । କିନ୍ତୁ ରାଜା ଦକ୍ଷ ପାର୍ବତୀଙ୍କର ବିବାହ ଅନ୍ୟ ସହିତ ନିର୍ଦ୍ଧାରିତ କରି ସାରିଥିଲେ । ସେହିଦିନ ଶ୍ରୀ ଶିବ ନିଜ ସାଥିରେ ହଜାର ହଜାର ସଂଖ୍ୟକ ଭୂତ-ପ୍ରେତ, ଭୈରବ ତଥା ଶିବଗଣଙ୍କୁ ଧରି ବିବାହ ମଣ୍ଡପ ପାଖରେ ପହଞ୍ଚିଲେ । ରାଜା ଦକ୍ଷଙ୍କ ସୈନିକମାନେ ସେମାନଙ୍କୁ ବିରୋଧ କରିବାରୁ ଶିବଙ୍କ ସେନା ଓ ଦକ୍ଷଙ୍କ ସେନା ମଧ୍ୟରେ ଯୁଦ୍ଧ ହେଲା । ପାର୍ବତୀ, ଶିବଙ୍କୁ ବରଣମାଳା ପିନ୍ଧାଇଲେ । ଶିବ, ପାର୍ବତୀଙ୍କୁ ସାଥିରେ ଧରି କୈଳାସ ପର୍ବତରେ ଥିବା ନିଜ ଘରକୁ ଚାଲିଗଲେ । କିଛି ବ୍ୟକ୍ତି କୁହନ୍ତି ଯେ ଦେଖ ! ଶ୍ରୀ ଶିବ, ପାର୍ବତୀଙ୍କୁ ବିବାହ କରିବା ପାଇଁ ଭବ୍ୟ ବରଯାତ୍ରୀ ସାଙ୍ଗରେ ନେଇ ଆସିଥିଲେ । ତେଣୁ ବରଯାତ୍ରୀ ପରମ୍ପରା ପୁରାତନ ଓ ବରଯାତ୍ରୀ ବିନା ବିବାହର ଶୋଭା କମି ଯାଇଥାଏ । ଏହାର ଉତ୍ତର ହେଲା ଯେ ଏହା ସେମାନଙ୍କର ବିବାହ ନୁହେଁ, ଏକ ପ୍ରେମ ପ୍ରସଙ୍ଗ ଥିଲା । ଶ୍ରୀ ଶିବ ସାଙ୍ଗରେ ବରଯାତ୍ରୀ ନୁହେଁ ବରଂ ପାର୍ବତୀଙ୍କୁ ବଳପୂର୍ବକ ଉଠାଇ ନେବା ପାଇଁ ସୈନ୍ୟବାହିନୀ ଆଣି ଆସିଥିଲେ । ବିବାହର ପୁରାତନ ପରମ୍ପରା ବିଷୟରେ ଶ୍ରୀ ଦେବୀ ମହାପୁରାଣର ତୃତୀୟ ସ୍କନ୍ଧରେ ବର୍ଣ୍ଣନା କରାଯାଇଛି । ପୁତ୍ର ଓ କନ୍ୟାମାନେ ନିଜ ପିତା-ମାତାଙ୍କ ଇଚ୍ଛାନୁସାରେ ବିବାହ କରିବା ଉଚିତ୍ । ପ୍ରେମ ବିବାହ ମହାଦୁଃଖର କାରଣ ହୋଇଥାଏ । ଯେପରି ଭଗବାନ ଶିବ ଓ ପାର୍ବତୀଙ୍କ ମଧ୍ୟରେ କୌଣସି ଏକ ପ୍ରସଙ୍ଗକୁ ନେଇ ମତାନ୍ତର ହେଲା । ଶ୍ରୀ ଶିବ, ପାର୍ବତୀଙ୍କ ସହିତ ପତ୍ନୀ ବ୍ୟବହାର ବନ୍ଦ କରିଦେଲେ ତଥା କଥାବାର୍ତ୍ତା ମଧ୍ୟ ବନ୍ଦ କରିଦେଲେ । ପାର୍ବତୀ ଚିନ୍ତାକଲେ ଯେ ଏବେ ଏହି ଘର ମୋ ପାଇଁ ନର୍କ ତୁଲ୍ୟ ହୋଇଯାଇଛି, ତେଣୁ କିଛିଦିନ ପାଇଁ ନିଜ ମା'ଙ୍କ ନିକଟକୁ ଚାଲିଯିବି । ଏହାପରେ ପାର୍ବତୀ ନିଜ ପିତା ଦକ୍ଷଙ୍କ ଘରକୁ ଚାଲିଗଲେ । ସେହିଦିନ ରାଜା ଦକ୍ଷ ଏକ ଯଜ୍ଞର ଆୟୋଜନ କରିଥିଲେ । ରାଜା ଦକ୍ଷ ନିଜ କନ୍ୟାର ସତ୍କାର ନ କରି ପ୍ରଶ୍ନ କଲେ, ଆଜି ଆଉ କ'ଣ ନେବାକୁ ଆସିଛୁ ? ତା ଭଲପାଇବା ଦେଖିଲୁ ତ ! ଅତିଶୀଘ୍ର ମୋ ଘରୁ ଚାଲିଯା । ପାର୍ବତୀ ନିଜ ମାତାଙ୍କୁ ଶ୍ରୀ ଶିବଙ୍କ ସହିତ ହୋଇଥିବା ମତାନ୍ତର ବିଷୟରେ ଜଣାଇ ଦେଇଥିଲେ । ମାତା ନିଜ ପତି ଦକ୍ଷଙ୍କୁ ସମସ୍ତ କଥା କହିଥିଲେ । ପାର୍ବତୀଙ୍କୁ ଏଭଳି ପରିସ୍ଥିତିରେ ନା ବାପଘରେ ସ୍ଥାନ ଥିଲା, ନା ଶ୍ୱଶୁର ଘରେ । ପ୍ରେମ ବିବାହର ଏଭଳି ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଦେଇଥିଲା ଯେ ଦକ୍ଷ ପୁତ୍ରୀଙ୍କୁ ଆତ୍ମହତ୍ୟା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଦେଖାଗଲା ନାହିଁ ଏବଂ ରାଜା ଦକ୍ଷଙ୍କ ବିଶାଳ ଯଜ୍ଞକୁଣ୍ଡରେ ଝାସ ଦେଇ ଜଳି ମରିଗଲେ । ଧାର୍ମିକ ଅନୁଷ୍ଠାନର ସର୍ବନାଶ କରିବା ସହିତ ନିଜ ଅମୂଲ୍ୟ ମାନବ ଜୀବନକୁ ମଧ୍ୟ ହରାଇ ଥିଲେ । ନିଜ ପିତାଙ୍କର ମଧ୍ୟ ସର୍ବନାଶ କରାଇଲେ, କାରଣ ଶ୍ରୀ ଶିବଙ୍କୁ ଯେତେବେଳେ ଏହି ଘଟଣା ଜଣା ପଡ଼ିଲା ସେତେବେଳେ ସେ ନିଜ ସେନା ନେଇ ସେଠାରେ ପହଞ୍ଚିଗଲେ ଏବଂ ନିଜ ଶ୍ୱଶୁର ଦକ୍ଷଙ୍କ ମୁଣ୍ଡକାଟ କଲେ ଏବଂ ପରେ ଛେଳି ମୁଣ୍ଡ ଯୋଡି ଜୀବିତ କରିଥିଲେ । ସେହି ପ୍ରେମ ବିବାହ କିଭଳି ଭୟାନକ ପରିସ୍ଥିତି ସୃଷ୍ଟି କରିଥିଲା । ଯୁଦ୍ଧ କରିବାକୁ ଆସିଥିବା ଶିବଙ୍କ ସେନାକୁ ବରଯାତ୍ରୀ ବୋଲି କହି କିଭଳି ଏକ କୁପ୍ରଥାକୁ ଜନ୍ମ ଦିଆଗଲା । ଏହି ପ୍ରସଙ୍ଗ ପ୍ରେମବିବାହ ରୂପକ କୁପ୍ରଥାର ଜନକ, ଯାହା ପରବର୍ତ୍ତୀ ସମୟରେ ସମାଜର ସର୍ବନାଶର କାରଣ ହେଲା ।

ସୁପ୍ରଥା ଅନୁସାରେ ଯେଉଁ ବିବାହ ହେଲା, ସେମାନେ ଆଜି ପର୍ଯ୍ୟନ୍ତ ସୁଖୀ ଜୀବନ ଯାପନ କରୁଛନ୍ତି । ଯେପରି ଶ୍ରୀ ବ୍ରହ୍ମା ଶ୍ରୀ ବିଷ୍ଣୁ !

ବିବାହ କରିବାର ଉଦେଶ୍ୟ :- ବିବାହର ଉଦେଶ୍ୟ କେବଳ ସନ୍ତାନ ଉତ୍ପତ୍ତି କରିବା । ତା'ପରେ ପତି-ପତ୍ନୀ ମିଳିମିଶି ପରିଶ୍ରମ କରି ପିଲାମାନଙ୍କର ଲାଳନପାଳନ କରନ୍ତି । ସେମାନଙ୍କର ବିବାହ କରିଦିଅନ୍ତି । ତା'ପରେ ସେମାନେ ମଧ୍ୟ ନିଜ ଘରସଂସାର କରିଥାନ୍ତି । ଏହାର ବିପରୀତ ପ୍ରେମ ବିବାହ ସମାଜରେ ଅଶାନ୍ତିର ମଞ୍ଜି ବୁଣିଲା ଓ ସମାଜକୁ ବିଗାଡିବାରେ ଅଗ୍ନିକଣା ସଦୃଶ ହେଲା ।

ପ୍ରେମ ପ୍ରସଙ୍ଗ କ'ଣ ?

ଉତ୍ତର :- ଯେଉଁମାନେ ଚରିତ୍ରହୀନ ପୁଅ-ଝିଅ, ସେମାନେ ରାସ୍ତାଘାଟରେ ବୁଲୁଥିବା ସମୟରେ ଅଜବ ପ୍ରକାର ଅଙ୍ଗଭଙ୍ଗୀ କରିଥାନ୍ତି । ସେହି ନିର୍ଲଜମାନଙ୍କର ଦୃଷ୍ଟିଭଙ୍ଗି ମଧ୍ୟ ଖରାପ ଥାଏ । କେବେ କେବେ ମୁରୁକି ହସିବା, ବାରମ୍ବାର ଆଗକୁ ପଛକୁ ଚାହିଁବା ଓ ଅଙ୍କାବଙ୍କା ଚାଲିବାର ସଉକ ସେହି ପାପୀ ଆତ୍ମାମାନଙ୍କର ଥାଏ ଯାହାକି ଶେଷରେ ପ୍ରେମ ବିବାହର ରୂପ ନେଇଥାଏ । କିନ୍ତୁ ପରେ ଜଣା ପଡ଼ିଥାଏ ଯେ ଉଭୟଙ୍କର ଅନ୍ୟ ପ୍ରେମିକ-ପ୍ରେମିକା ମଧ୍ୟ ଥିଲେ । ତା'ପରେ ସେମାନଙ୍କର ଅବସ୍ଥା ଭଗବାନ ଶିବ-ପାର୍ବତୀଙ୍କ ଭଳି ହୋଇଥାଏ । ସେମାନେ ନା ଏ କୂଳକୁ ନା ସେ କୂଳକୁ ହୁଅନ୍ତି । ବିବାହ କରିବାର ଉଦେଶ୍ୟ ବିଷୟରେ ଉପରେ କୁହାଯାଇଛି । ଏହା ବ୍ୟତୀତ ଯୁବଗୋଷ୍ଠି ଅନ୍ୟ ଯେ କୌଣସି ପଦକ୍ଷେପ ନିଅନ୍ତି, ତାହା ଜୀବନ ଯାତ୍ରାକୁ ନର୍କତୁଲ୍ୟ କରିବା ସହିତ ସମାନ ହେବ । ଯଦି କାହା ସହିତ ପ୍ରେମ ସମ୍ପର୍କ ଗଢି ଉଠେ, ତାହେଲେ ଏକଥାକୁ ଅବଶ୍ୟ ଧ୍ୟାନ ରଖିବା ଉଚିତ ଯେ ନିଜ ସମାଜର ମର୍ଯ୍ୟାଦା (ଯେପରି ଗୋତ୍ର, ଗ୍ରାମ ଏବଂ ବିବାହ କ୍ଷେତ୍ର) ଯେପରି ଭଙ୍ଗ ହେଉନଥିବ ଯଦ୍ୱାରା କୁଳକୁଟୁମ୍ବ ଓ ମାତା-ପିତାଙ୍କ ସମ୍ମାନ କ୍ଷୁର୍ଣ୍ଣ ହେଉଥିବ । ଯଦି ଭୂଲରେ ଏଭଳି ହୋଇଯାଏ ଏବଂ ପରେ ଜଣା ପଡ଼ିଥାଏ ତେବେ ପୁଅ-ଝିଅଙ୍କୁ ତୁରନ୍ତ ସେହି ପ୍ରେମ ସଂପର୍କକୁ ଭାଙ୍ଗିଦେବା ଉଚିତ । ବର୍ତ୍ତମାନ ସମୟରେ ଅନ୍ୟ ଜାତିରେ ବିବାହ କରିବାରେ କୌଣସି ଅସୁବିଧା ନାହିଁ, ମାତ୍ର ଉପରୋକ୍ତ ମର୍ଯ୍ୟାଦା ବିଷୟରେ ନିଶ୍ଚୟ ଧ୍ୟାନ ରଖିବା ଉଚିତ୍ । ଏହି କାରଣରୁ ଭଗବାନ ଶିବ ମଧ୍ୟ ଦେବୀ ପାର୍ବତୀଙ୍କୁ ତ୍ୟାଗ କରି ଦେଇଥିଲେ । ଏହି କଥା ନିମ୍ନରେ ପ୍ରଦାନ କରାଗଲା ।

''ଭଗବାନ ଶିବଙ୍କ ଦ୍ୱାରା ନିଜ ପତ୍ନୀଙ୍କୁ ତ୍ୟାଗ କରିବା ବିଷୟ''

ଯେତେବେଳେ ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ଶ୍ରୀ ରାମଚନ୍ଦ୍ର ବନବାସରେ ସମୟ ବିତାଉ ଥିଲେ, ସେହି ସମୟରେ ଲଙ୍କାର ରାଜା ରାବଣ ସୀତାଙ୍କୁ ଅପହରଣ କରିନେଲା । ଏକଥା ଶ୍ରୀ ରାମଙ୍କୁ ଜଣା ନ ଥିଲା । ସୀତାଙ୍କ ବିୟୋଗରେ ଶ୍ରୀ ରାମ ବିଳାପ କରିବାକୁ ଲାଗିଲେ । ଏହି ଦୃଶ୍ୟକୁ ଆକାଶରୁ ଶିବ-ପାର୍ବତୀ ଦେଖିଲେ । ପାର୍ବତୀ ଶିବଙ୍କୁ ପଚାରିଲେ ଯେ ସେହି ବ୍ୟକ୍ତି ଏତେ ବିକଳ ହୋଇ କାହିଁକି କାନ୍ଦୁଛି ? ତା' ଉପରେ କେଉଁ ବିପଦ ପଡିଛି ? ଶ୍ରୀ ଶିବ କହିଲେ, ଇଏ କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି । ଇଏ ଶ୍ରୀ ବିଷ୍ଣୁ ଅଟନ୍ତି ଯିଏ ରାଜା ଦଶରଥଙ୍କ ଘରେ ଜନ୍ମ ନେଇଛନ୍ତି ଏବଂ ବର୍ତ୍ତମାନ ବନବାସରେ ସମୟ ବିତାଉଛନ୍ତି । ତାଙ୍କ ପତ୍ନୀ ସୀତା ମଧ୍ୟ ସାଙ୍ଗରେ ଆସିଥିଲେ, କେହି ତାଙ୍କୁ ଅପହରଣ କରିନେଇଛି । ଏହି କାରଣରୁ ସେ ଦୁଃଖୀ ଅଛନ୍ତି । ପାର୍ବତୀ କହିଲେ, ମୁଁ ସୀତାଙ୍କ ରୂପ ଧାରଣ କରି ତାଙ୍କ ସମ୍ମୁଖକୁ ଯିବି । ଯଦି ସେ ମୋତେ ଚିହ୍ନିପାରିବେ ତେବେ ମୁଁ ମାନି ନେବି ଯେ ସେ ପ୍ରକୃତରେ ଭଗବାନ ଅଟନ୍ତି । ଏହା ଶୁଣି ଶିବ, ପାର୍ବତୀଙ୍କୁ କହିଲେ, ଏଭଳି ଭୁଲ୍ ଆଦୌ କର ନାହିଁ । ତୁମେ ଯଦି ସୀତାଙ୍କ ରୂପ ଧାରଣ କରିବ ତେବେ ତୁମେ ମୋର କୌଣସି କାର୍ଯ୍ୟରେ ଆସିବ ନାହିଁ । ପାର୍ବତୀ କହିଲେ, ଠିକ୍ ଅଛି, ମୁଁ ପରୀକ୍ଷା ନେବି ନାହିଁ । କିନ୍ତୁ ଶିବ ଚାଲିଯିବା ପରେ ପାର୍ବତୀ, ସୀତା ରୂପ ଧାରଣ କରି ଶ୍ରୀ ରାମଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀ ରାମ କହିଲେ, ହେ ଦକ୍ଷପୁତ୍ରୀ ମାୟା ! ଆଜି ଆପଣ ଏକୁଟିଆ କେମିତି

ଆସିଲେ ? ଶ୍ରୀ ଶିବଙ୍କୁ କେଉଁଠି ଛାଡ଼ି ଆସିଲେ ? ଏହା ଶୁଣି ଦେବୀ ଲଜ୍ଜିତ ହୋଇ କହିଲେ, ଭଗବାନ ଶିବ ସତ୍ୟ କହୁଥିଲେ ଯେ ଆପଣ ତ୍ରିଲୋକନାଥ ଅଟନ୍ତି । ଆପଣ ମୋତେ ଚିହ୍ନି ପାରିଲେ । ମୁଁ ଆପଣଙ୍କର ପରୀକ୍ଷା ନେବାକୁ ଆସିଥିଲି । ଭଗବାନ ଶିବ ମଧ୍ୟ ଜାଣି ପାରିଲେ ଯେ ପାର୍ବତୀ ତାଙ୍କ ଆଦେଶ ପାଳନ ନ କରି ସୀତାଙ୍କ ରୂପ ଧାରଣ କରି ଶ୍ରୀ ରାମଙ୍କ ପରୀକ୍ଷା ନେଇଛନ୍ତି । ପାର୍ବତୀଙ୍କୁ ଶ୍ରୀ ଶିବ ପଚାରିଲେ ଯେ ତୁମେ ସେହି କାମ କରିଛ ଯାହା କରିବାକୁ ମୁଁ ତୁମକୁ ମନା କରିଥିଲି । ପାର୍ବତୀ ମିଥ୍ୟାର ଆଶ୍ରୟ ନେଇ କହିଲେ, ମୁଁ କୌଣସି ପରୀକ୍ଷା ନେଇ ନାହିଁ । ଏହା ଶୁଣି ଶ୍ରୀ ଶିବ ବହୁତ ନାରାଜ ହୋଇଗଲେ । ସେମାନଙ୍କ ପ୍ରେମ ବିବାହ କିପରି ନର୍କର କାରଣ ହେଲା ତାହା ଆପଣ ଉପରୋକ୍ତ ପ୍ରସଙ୍ଗରୁ ନିଶ୍ଚୟ ବୁଝି ପାରିଥିବେ ।

ତେଣୁ ଯୁବଗୋଷ୍ଠିଙ୍କୁ ନିବେଦନ ଯେ ନିଜ ଦୁର୍ବଳତା ପାଇଁ ମାତା-ପିତା ତଥା ସମାଜକୁ ବିଷାକ୍ତ କର ନାହିଁ । ବିବାହ କରିବା ଏକ ଉତ୍ତମ କଥା କିନ୍ତୁ ବଦମାସୀ କରିବା ବହୁତ ଖରାପ । ପିଲାମାନଙ୍କ ବିବାହ ପାଇଁ ମାତା-ପିତା ଉଚିତ୍ ସମୟରେ ଚିନ୍ତା କରିଥାନ୍ତି ଏବଂ ବିବାହ କରାଇବା ପରେ ଆସ୍ୱସ୍ତି ଲାଭ କରିଥାନ୍ତି । କିନ୍ତୁ ଯୁବକ-ଯୁବତୀମାନେ ଟେନସନ୍‌କୁ କାହିଁକି ଆମନ୍ତ୍ରଣ କରିଥାନ୍ତି ? କାରଣ ଯେପର୍ଯ୍ୟନ୍ତ ବିବାହ ନ ହୋଇଛି ସେପର୍ଯ୍ୟନ୍ତ ସେମାନଙ୍କଠାରେ ତୀବ୍ର ଆସକ୍ତି ଭାବ ରହିଥାଏ । ବିବାହ ପରେ ସନ୍ତାନ ଜନ୍ମ ହୁଏ ଓ ସାତବର୍ଷ ପରେ ଅନୁଭବ ହୋଇଥାଏ ଯେ "ଏ କି ଅବସ୍ଥା ହେଲା" ? ଯେପରି ହରିୟାଣା କବି(ଲୋକ କଳାକାର) ଜାଟ୍ ମେହର ସିଂହଜୀ କହିଛନ୍ତି ଯେ :-

ବିବାହ କରକେ ଦେଖ ଲିୟୋ, ଜିସନେ ଦେଖୀ ଜେଲ ନହିଁ ହେ ।

ଜେଲର ଚାରିକାନ୍ଥ ମଧ୍ୟରେ ରହିବା ଯେପରି ବାଧ୍ୟତାମୂଳକ ହୋଇଥାଏ, ଠିକ୍ ସେହିଭଳି ବିବାହ ପରେ ମାତା-ପିତାଙ୍କୁ ନିଜ ପରିବାରର ପ୍ରତିପୋଷଣ ତଥା ଗୃହସ୍ଥ ଜୀବନଯାପନ ପାଇଁ ସାମାଜିକ ମର୍ଯ୍ୟାଦା ରୂପକ ଚାରିକାନ୍ଥ ଭିତରେ ରହିବା ଅନିବାର୍ଯ୍ୟ ହୋଇଥାଏ । ବ୍ୟକ୍ତି ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କରି ନଥାଏ ଅର୍ଥାତ୍ ଚାକିରିଆ ଚାକିରିକୁ ଯାଇଥାଏ, ମଜୁରିଆ ମୂଲ ଲାଗିବାକୁ ଓ କୃଷକ ନିଜ ଜମିରେ କାମ କରିବାକୁ ବାଧ୍ୟ ହୋଇ ଯାଇଥାଏ । କାରଣ ତା ପାଇଁ ତାହା କରିବା ବହୁତ ଜରୁରୀ ଅଟେ । ତେଣୁ ବିବାହିତ ଜୀବନକୁ ମର୍ଯ୍ୟାଦା ରୂପୀ କାରାଗାର ବୋଲି କୁହାଯାଇଥାଏ । କିନ୍ତୁ ଏହି କାରାଗାର ବିନା ସଂସାର ଉତ୍ପତ୍ତି ସମ୍ଭବ ନୁହେଁ । ଆମ୍ଭ ମାତା-ପିତା ମଧ୍ୟ ବିବାହ କରିଛନ୍ତି । ଆମ୍ଭକୁ ଅମୂଲ୍ୟ ମାନବ ଶରୀର ମିଳିଛି । ଏହି ଶରୀରରେ ଭକ୍ତି କରି ମାନବ ମୋକ୍ଷ ପ୍ରାପ୍ତି କରିପାରିବ ଯାହା ବିବାହର ବରଦାନ ଅଟେ । କିନ୍ତୁ ଏହି ପବିତ୍ର ସମ୍ପର୍କକୁ ଚରିତ୍ରହୀନ ବ୍ୟକ୍ତିମାନେ କାମୁକ (Sex) କଥା ଶୁଣାଇ ତଥା ଉତ୍ତେଜିତ ଅଶ୍ଳିଳ ଗୀତ ଗାଇ ଯୁବକ-ଯୁବତୀଙ୍କ ମଧ୍ୟରେ କାମ ବାସନାକୁ ଉତ୍‌ପ୍ରେରିତ କରଥାନ୍ତି ଯାହାଦ୍ୱାରା ଶାନ୍ତ ଓ ମର୍ଯ୍ୟାଦାବନ୍ତ ମାନବ ସମାଜରେ ନିଆଁ ଲାଗି ଯାଇଥାଏ । ଯେଉଁ କାରଣରୁ ଅନେକ ପରିବାର ଛାରଖାର ହୋଇ ଯାଇଥାଏ । ଯେପରି ଖବର କାଗଜରେ ପଢ଼ିବାକୁ ମିଳିଥାଏ ଯେ ଯୁବକ-ଯୁବତୀ ପ୍ରେମ କରି ନିଜ ଗ୍ରାମରେ ସର୍ବନାଶର ମଞ୍ଜି ବୁଣିଲେ । ଝିଅ ଘର ଲୋକେ ନିଜ ଝିଅକୁ ବହୁତ ବୁଝାଇଲେ, ମାତ୍ର ଅଶ୍ଳିଳ ଚଳଚିତ୍ର ଦ୍ୱାରା ପ୍ରଭାବିତ ସେହି ଝିଅ କାହା କଥା ମାନିଲା ନାହିଁ । ଶେଷରେ ପରିବାର ଲୋକେ ଝିଅଟିକୁ ହତ୍ୟା କରିଦେଲେ । ଯେଉଁ କାରଣରୁ ଝିଅର ବାପା, ମାଆ, ଭାଇ ଓ ଭାଉଜ ମଧ୍ୟ ଜେଲ୍ ଗଲେ । ସେମାନଙ୍କୁ ଆଜୀବନ ଜେଲ୍ ହୋଇଗଲା । ସେହି ପୁଅ-ଝିଅ ନିଜର ପ୍ରେମ ପ୍ରସଙ୍ଗ ରୂପକ ଅଗ୍ନିରେ ନିଜ ହସଖୁସିର ପରିବାରକୁ ଜାଳିପୋଡି ଉଜାଡି ଦେଲେ । ଏମିତି ଅନେକ ଉଦାହରଣ ଅଛି ଯେଉଁଥିରେ ଅନର୍ କିଲିଙ୍ଗ୍ ମକଦ୍ଦମାର ଧାରା ଲାଗୁ ହେବା ସହିତ ଫାଶୀ ଦଣ୍ଡାଦେଶର ବ୍ୟବସ୍ଥା ମଧ୍ୟ ରହିଛି । ହେ ଯୁବବର୍ଗ ! ବିଚାର କର ! ପିତା-ମାତା ଆପଣମାନଙ୍କଠାରୁ କେଉଁ ଆଶା ନେଇ ବଞ୍ଚିଥାନ୍ତି । ଆପଣମାନଙ୍କୁ ପାଠ ପଢ଼ାନ୍ତି, ଲାଳନ ପାଳନ କରିଥାନ୍ତି । କିନ୍ତୁ ଆପଣମାନେ ସାମାଜିକ ମର୍ଯ୍ୟାଦାକୁ ଭୁଲି ଏକ ଛୋଟ କାରଣ ପାଇଁ ମସ୍ତବଡ଼ ଭୁଲ କରି ନିଜ

ଜୀବନକୁ ନଷ୍ଟ କରିଦେଉଛନ୍ତି । ତେଣୁ ପିଲାମାନଙ୍କୁ ସତସଙ୍ଗ ଶୁଣାଇବା ନିହାତି ଆବଶ୍ୟକ । ସମାଜରେ ପ୍ରଚଳିତ ଉଚ୍ଚ-ନୀଚ ଭେଦଭାବ ସମ୍ବନ୍ଧରେ ମଧ୍ୟ ପଢ଼ାଇବା ଆବଶ୍ୟକ ଯାହାର ଅଭାବ ଏବେ ସମାଜରେ ପରିଲକ୍ଷିତ ହେଉଛି ।

ପ୍ରଶ୍ନ :- ବରଯାତ୍ରୀ ପ୍ରଥାର ପ୍ରଚଳନ କିପରି ହେଲା ?

ଉତ୍ତର :- ଏହି ପ୍ରଥା ରାଜାମାନଙ୍କଠାରୁ ଆରମ୍ଭ ହୋଇଛି । ସେମାନେ ପୁଅ ବିଭାଘରରେ ରାସ୍ତାରେ ନିଜର ସୁରକ୍ଷା ପାଇଁ ସେନାବାହିନୀକୁ ସାଙ୍ଗରେ ନେଇ ଯାଉଥିଲେ ଯାହାର ସମସ୍ତ ଖର୍ଚ୍ଚ କନ୍ୟାପକ୍ଷ ରାଜା ବହନ କରୁଥିଲେ ।

ଜମିଦାର-ସାହୁକାରମାନେ ଯୌତୁକରେ ବହୁତ ଅଳଙ୍କାର ଓ ଧନ ଦେଉଥିଲେ । ସେମାନେ ନିଜର ସୁରକ୍ଷା ପାଇଁ ଗ୍ରାମର ଗରିବ ବର୍ଗର ଲୋକମାନଙ୍କୁ ମଜୁରି ଦେଇ ସାଙ୍ଗରେ ନେଇ ଯାଉଥିଲେ । ସେମାନଙ୍କୁ ପୁଅଘର ଲୋକେ ପ୍ରଥମେ ଘରକୁ ଡାକି ମିଷ୍ଟାନ୍ନ ଖୁଆଉଥିଲେ ଏବଂ ଝିଅଘର ତରଫରୁ ପ୍ରତ୍ୟେକଙ୍କୁ ଗୋଟିଏ ଚାନ୍ଦି(ରୂପା) ମୁଦ୍ରା ଓ ଗୋଟିଏ ପିତ୍ତଳ ଗ୍ଲାସ ପାରିଶ୍ରମିକ ରୂପେ ଦିଆଯାଉଥିଲା । ଯେଉଁମାନେ ନିଜ ଗାଡ଼ି ଓ ବଳଦ ନେଇ ବିଭାଘରକୁ ଯାଉଥିଲେ ସେମାନଙ୍କୁ ପ୍ରଲୋଭନ ଦେଖାଇ କିଛି ଅଧିକ ଧନ ଦିଆଯାଉଥିଲା । ପୁର୍ବକାଳରେ ବହୁତ ଜଙ୍ଗଲ ଥିଲା, ଯାତାୟତର କୌଣସି ସାଧନ ନ ଥିଲା । ତେଣୁ ବିଭାଘରକୁ ଗାଡିଘୋଡା ନେଇ ଯିବା କାଳକ୍ରମେ ଏକ ପରମ୍ପରା ହୋଇଗଲା । ସେତେବେଳେ ଦୁର୍ଭୀକ୍ଷ ପଡ଼ିବା କାରଣରୁ ଲୋକମାନେ ବହୁତ ଗରିବ ଥିଲେ । ତେଣୁ କୌଣସି ଧନୀବ୍ୟକ୍ତିକୁ ଏକାକୀ ଦେଖିଲେ ତାକୁ ଲୁଣ୍ଠନ କରିବା ଏକ ସାଧାରଣ କଥା ଥିଲା । ଏହି କାରଣରୁ ତତ୍କାଳୀନ ସମାଜରେ ବରଯାତ୍ରୀ ରୂପକ ସେନାର ପ୍ରଚଳନ ଆରମ୍ଭ ହେଲା । କାଳକ୍ରମେ ଏହା ଏକ ଲୋକ ଦେଖାଣିଆ ପରମ୍ପରା ହୋଇଗଲା ଯାହାର ବର୍ତ୍ତମାନ ସମୟରେ କୌଣସି ଆବଶ୍ୟକତା ନାହିଁ ।

ପ୍ରଶ୍ନ :- ମଉଳାମାନ୍ୟ(ମଙ୍ଗୁଲୁଟି) ଓ ଭାର-ବେଭାର ପ୍ରଥା ଆରମ୍ଭ ହେଲା କିପରି ?

ଉତ୍ତର :- ଏହାର ପ୍ରାରମ୍ଭ ମଧ୍ୟ ବରଯାତ୍ରୀ ଓ ଯୌତୁକ ଦେବା-ନେବା କାରଣରୁ ହୋଇଛି । ବରପକ୍ଷ ତରଫରୁ ବରଯାତ୍ରୀଙ୍କୁ ମିଠା ଓ ଭୋଜିଭାତ ଦିଆଯାଉଥିଲା । କନ୍ୟାପକ୍ଷ ତରଫରୁ ମଧ୍ୟ ମିଠା ଓ ଭୋଜିଭାତ ଖୁଆଇବା ସହିତ ଟଙ୍କା ଓ ଉପହାର ଇତ୍ୟାଦି ଦେବା କାରଣରୁ ମଉଳାମାନ୍ୟ ଓ ଭାର-ବେଭାର ପ୍ରଥା ଆରମ୍ଭ ହେଲା । ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ନିଜ ଗ୍ରାମ ତଥା ଆଖପାଖ ଗ୍ରାମର ସମ୍ପର୍କୀୟମାନେ ଆସିଥାନ୍ତି । ବିଭାଘରରେ ବରପକ୍ଷ କିମ୍ବା କନ୍ୟାପକ୍ଷ ପରିବାର ଏକାକୀ ସମସ୍ତ ଖର୍ଚ୍ଚ ବହନ କରି ପାରୁନଥିଲେ । ତେଣୁ ପ୍ରାୟ ଶହେରୁ ଅଧିକ ବନ୍ଧୁ-ସର୍ମ୍ପକୀୟ ବିଭାଘରରେ ଯୋଗ ଦେଉଥିଲେ । ସମସ୍ତ ସଦସ୍ୟ ନିଜ ନିଜ ସକ୍ଷମ ଅନୁସାରେ ବନ୍ଧୁ ବେଭାର (ଟଙ୍କା ଆଦି) ବର କିମ୍ବା କନ୍ୟା ପିତାଙ୍କୁ ଦେଉଥିଲେ । କେହି ଶହେ ଟଙ୍କା, କେହି ଦୁଇଶହ ଟଙ୍କା, କିଏ କମ୍ କିମ୍ବା ଅଧିକ ପରିମାଣରେ ମଧ୍ୟ ଟଙ୍କା ଦେଇଥାନ୍ତି ଯାହା ଏକ ପ୍ରକାର ନିଃଶୁଳ୍କ ଉଧାର ହୋଇଥାଏ ଅର୍ଥାତ୍ ସୁଧ ଦେବାକୁ ପଡ଼ି ନଥାଏ । ସମସ୍ତଙ୍କ ବନ୍ଧୁ-ବେଭାର ଧନରାଶିକୁ ଲେଖା ଯାଉଥିଲା । ପ୍ରତ୍ୟେକ ସଦସ୍ୟ, ପ୍ରତ୍ୟେକ ବିଭାଘରରେ ଦେଉଥିବା ବନ୍ଧୁ-ବେଭାର (ଧନରାଶି)କୁ ସେହି ଖାତା(ଡାଏରୀ)ରେ ଲେଖା ହେଉଥିଲା । ଏହିଭଳି ବ୍ୟବସ୍ଥା ଯୋଗୁଁ ବିଭାଘର କରୁଥିବା ପରିବାର ପାଇଁ ଧନର କୌଣସି ସମସ୍ୟା ହେଉ ନ ଥିଲା ।

ମଉଳାମାନ୍ୟ :- ମଉଳାମାନ୍ୟ(ମଙ୍ଗୁଲୁଟି) ମଧ୍ୟ ଏହି ପ୍ରକାରେ ଦିଆ ଯାଇଥାଏ । ଭଣଜା ଓ ଭାଣିଯିମାନଙ୍କର ବିବାହରେ ଲୁଗାପଟା ଓ ନଗଦ ଟଙ୍କା ଦେବା (ଭାଇ ଦ୍ୱାରା କରାଯାଉଥିବା ସାହାଯ୍ୟ)କୁ ମଉଳାମାନ୍ୟ କୁହାଯାଏ, ଯେଉଁ ଟଙ୍କାକୁ ଭଉଣୀକୁ ପୁନର୍ବାର ଫେରାଇବାକୁ ପଡ଼ି ନଥାଏ । ଯେଉଁ ଭଉଣୀମାନଙ୍କର ଭାଇ ନଥାନ୍ତି, ସେଦିନ ସେମାନେ ଅତି ଦୁଃଖି ହୋଇ ଏକାନ୍ତରେ ବସି କାନ୍ଦିଥାନ୍ତି ।

ଏକୋଇଶିଆ ଭାର :- ଝିଅର ସନ୍ତାନ ଜନ୍ମ ହେଲେ ବାପଘର ତରଫରୁ ସେହି ଝିଅ ପାଇଁ

ପଥି ଆକାରରେ କିଛି ଶୁଦ୍ଧ ଦେଶୀଘିଅ, ଗୋନ୍ଦ(ଅଟା+ଘିଅ+ଜୁଆଣୀ+ଗୋଲମରିଚ ମିଶ୍ରଣ ଯାହାକୁ ହରିୟାଣାରେ ଗୋନ୍ଦ କୁହାଯାଏ) ନିଆ ଯାଇଥାଏ । ପରମ୍ପରା ଅନୁସାରେ ବାପଘର ଓ ନଣନ୍ଦମାନଙ୍କ ତରଫରୁ ନବଜାତ ଶିଶୁ ପାଇଁ ଛୋଟ-ଛୋଟ ଡ୍ରେସ୍ ଦିଆ ଯାଇଥାଏ, ଯେଉଁ ଡ୍ରେସ୍ ଗୋଟିଏ ବର୍ଷ ପରେ ବେକାର ହୋଇ ଯାଇଥାଏ ।

ଏଭଳି ପରମ୍ପରାକୁ ତ୍ୟାଗ କରିବା ଉଚିତ୍, କାରଣ ଜୀବନ ଯାତ୍ରାରେ ଏସବୁ ବ୍ୟର୍ଥ ଏବଂ ଅଯଥା ଭାର ସଦୃଶ । ଆପଣ ନିଜ କନ୍ୟାକୁ ସାହାଯ୍ୟ କରିପାରିବେ, ଯେପରି ଗାଈ-ମଇଁଷି ଆଦି କିଣି ଦେଇ ପାରିବେ । ଝିଅର ଆର୍ଥିକ ସ୍ଥିତି ଦୁର୍ବଳ ଥିଲେ ତାକୁ ନଗଦ ଟଙ୍କା ଦେଇପାରିବେ । ଆପଣଙ୍କ ସମ୍ପତ୍ତିରୁ ଝିଅର ଭାଗ ଦେଇ ପାରିବେ, ଯଦି ସେ ନେବାକୁ ଚାହିଁବ । ଝିଅର ଆବଶ୍ୟକତା ପଡ଼ିଲେ ଧନ ନେଇ ପାରିବ ମାତ୍ର ପରେ ଫେରାଇ ଦେବା ଉଚିତ୍ । ପରମାତ୍ମାଙ୍କ ଉପରେ ବିଶ୍ୱାସ ରଖନ୍ତୁ, ଆପଣଙ୍କର ସମ୍ମାନ ରହିପାରିବ ।

ସମାଧାନ :- ଏସବୁର ସମାଧାନ ହେଉଛି ଯେ ବିବାହକୁ ସୂକ୍ଷ୍ମବେଦ ଅନୁସାରେ କରାଯାଉ । ଆପଣ ଚାରିବେଦ ବିଷୟରେ ଶୁଣିଛନ୍ତି :- ଯଜୁର୍ବେଦ, ରଗ୍‌ବେଦ, ସାମବେଦ ଓ ଅଥର୍ବବେଦ ପରନ୍ତୁ ପଞ୍ଚମ ବେଦର ନାମ ହେଉଛି ସୂକ୍ଷ୍ମବେଦ, ଯାହାକୁ ସ୍ୱୟଂ ପୂର୍ଣ୍ଣବ୍ରହ୍ମ ଧରାପୃଷ୍ଠରେ ପ୍ରକଟ ହୋଇ ନିଜ ମୁଖକମଳରେ ଅମୃତବାଣୀ ମାଧ୍ୟମରେ ପ୍ରଦାନ କରିଛନ୍ତି ।

ମୋ(ରାମପାଲ ଦାସ) ଅନୁଗାମୀମାନେ ସେହି ପଞ୍ଚମ ବେଦ ଅନୁସାରେ ବିବାହ କରିଥାନ୍ତି ଯେଉଁଥିରେ ଉପରୋକ୍ତ ରିତିନୀତିର ଆବଶ୍ୟକତା ନ ଥାଏ । ବିବାହ କିମ୍ବା ଅନ୍ୟ କାର୍ଯ୍ୟରେ ବର-କନ୍ୟାପକ୍ଷଙ୍କୁ କୌଣସି ଖର୍ଚ୍ଚ କରିବାକୁ ପଡ଼ି ନ ଥାଏ । କେବଳ କନ୍ୟାଦାନ ଅର୍ଥାତ ଝିଅକୁ ଦାନ କରିବାର ଅଛି । ଶାଶୁଘରକୁ ଯିବା ସମୟରେ ଝିଅ ପିନ୍ଧିବା ପାଇଁ କେବଳ ଚାରୋଟି ଡ୍ରେସ୍ କିମ୍ବା ଶାଢି ନେଇ ପାରିବ । ଜୋତା ତ ପିନ୍ଧି ଯାଇଥାଏ, ବାସ୍ । ଝିଅ ଯେଉଁ ଘରକୁ ବୋହୂ ହୋଇ ଯିବ ସେହି ପରିବାର ଲୋକେ ତାକୁ ନିଜ ଘର ସଦସ୍ୟ ଭଳି ବ୍ୟବହାର କରିବେ । ନିଜ ଘରର ଆର୍ଥିକ ସ୍ଥିତି ଅନୁସାରେ ଅନ୍ୟ ସଦସ୍ୟମାନଙ୍କ ପରି ତା' ପାଇଁ ମଧ୍ୟ ସମସ୍ତ ଆବଶ୍ୟକୀୟ ଜିନିଷର ବ୍ୟବସ୍ଥା କରିବେ । ଏହାଦ୍ୱାରା ଝିଅ ନିଜ ପିତାମାତା ଓ ଭାଇ-ଭାଉଜଙ୍କ ଉପରେ ବୋଝ ହେବ ନାହିଁ । ବିଭାଘର ପରେ ଯେତେବେଳେ ସେ ବାପଘରକୁ ଆସିବ ସେତେବେଳେ କୌଣସି ବସ୍ତ୍ର ବା ନଗଦ ଟଙ୍କା ନେବା ପାଇଁ ଜିଦ୍ କରିବ ନାହିଁ ଯଦ୍ୱାରା ଭାଇ-ଭାଉଜ ମଧ୍ୟ ଖୁସି ହେବେ । ଘରକୁ ନଣନ୍ଦ ଆସିଲେ ଭାଉଜକୁ ଏହି କାରଣ ପାଇଁ ଖୁସି ଲାଗି ନ ଥାଏ ଯେ ତା'ପାଇଁ ଚାରି ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ ହେବ । କିନ୍ତୁ ଆମ୍ଭ(ଭକ୍ତ ପରିବାର) ଝିଅ, ବାପଘରକୁ ସମ୍ମାନର ସହିତ ଯିବ ଏବଂ ସମ୍ମାନର ସହିତ ଫେରିବ । ବାପଘରୁ କୌଣସି ଜିନିଷ ଆଣିବ ନାହିଁ ଯାହାଦ୍ୱାରା ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ ହେବା ସହିତ ଭକ୍ତି ମଧ୍ୟ ଠିକ୍‌ରେ କରିହେବ । ଏହି ପ୍ରକାରେ ଜୀବନର ଯଥାର୍ଥ ମାର୍ଗରେ ଅଗ୍ରସର ହୋଇ ଆମ୍ଭେ ନିଜ ଲକ୍ଷ୍ୟ(ମୋକ୍ଷ) ସ୍ଥଳରେ ଶୀଘ୍ର ପହଞ୍ଚି ପାରିବା ।

ପ୍ରଶ୍ନ :- ଯେଉଁମାନଙ୍କୁ ସନ୍ତାନ ପ୍ରାପ୍ତି ହୋଇନାହିଁ ସେହି ନିଃସନ୍ତାନ ବ୍ୟକ୍ତିମାନଙ୍କ ମୁଖ ସକାଳେ କିମ୍ବା କୌଣସି ଶୁଭ କର୍ମକୁ ଯିବା ସମୟରେ ଦେଖିଲେ ଅଶୁଭ ହୁଏ ବୋଲି ଲୋକେ କାହିଁକି କୁହନ୍ତି ?

ଉତ୍ତର :- ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ଅଭାବ କାରଣରୁ ଏହା ଏକ ଭ୍ରାନ୍ତ ଧାରଣା ଅଟେ । ପାଠକବୃନ୍ଦ ! ଏହି ପୁସ୍ତକର ପୃଷ୍ଠା ନଂ ୬ରେ ଆପଣ ପଢିବେ କିପରି ଜଣେ ବ୍ୟକ୍ତିଙ୍କର ଚାରିଜଣ ପୁତ୍ର ଥିଲେ, ତାଙ୍କୁ ପାରାଲିସିସ୍ ହୋଇଗଲା ଏବଂ କେହି ତାଙ୍କର ସେବା କଲେ ନାହିଁ । ସେହି ବ୍ୟକ୍ତିଙ୍କର ଦର୍ଶନ କରିବା କ'ଣ ଏଥିପାଇଁ ଭଲ ଯେ ତାଙ୍କର ସନ୍ତାନ ଥିଲେ । ତାଙ୍କ ଦୁର୍ଦ୍ଦଶା ଦେଖି କିଏ ଭଲ କହିବ ?

କୃତଘ୍ନୀ ପୁତ୍ର

ଜଣେ ବ୍ୟକ୍ତିଙ୍କର ଦୁଇ ପୁତ୍ର ଥିଲେ । ସୈନ୍ୟବାହିନୀରୁ ଅବସର ଗ୍ରହଣ କରିବା ପରେ

ତାଙ୍କୁ ପେନସନ ମିଳୁଥିଲା । ପୁତ୍ରମାନେ ଅଲଗା ହୋଇଗଲେ । ସାନ ପୁଅ ମାଆକୁ ନିଜ ପାଖରେ ରଖିଲା କାରଣ ତା'ର ଛୋଟ ଛୋଟ ଛୁଆ ଥିଲେ । ସେମାନଙ୍କର ଯତ୍ନ ନେବା ପାଇଁ ମାଆ(ଜେଜେମା)ର ଆବଶ୍ୟକତା ଥିଲା । ବାପା, ବଡ଼ ପୁଅ ଭାଗରେ ପଡିଲେ । ବାପା କହିଲେ, ମୁଁ ପେନ୍‌ସନ ଟଙ୍କା ତାକୁ ହିଁ ଦେବି ଯାହା ପାଖରେ ଖାଇବି । ସାନ ପୁଅ କହିଲା ଯେ ପେନସନ ଟଙ୍କା ଅଧା-ଅଧା ବଣ୍ଟାଯାଉ । କିନ୍ତୁ ଏକଥାରେ ବାପା ରାଜି ନ ହେବାରୁ ଦିନେ ସାନପୁଅ ତାଙ୍କ ମୁଣ୍ଡକୁ ଠେଙ୍ଗାରେ ପିଟି ଦେଲା । ତାଙ୍କର ସଙ୍ଗେ ସଙ୍ଗେ ସେହିଠାରେ ମୃତ୍ୟୁ ହୋଇଗଲା । ସାନ ପୁଅକୁ ଆଜୀବନ ଜେଲଦଣ୍ଡ ହେଲା । କୌଣସି ବ୍ୟକ୍ତିଙ୍କର ପୁତ୍ର ଜନ୍ମ ହେଲେ ପୁତ୍ର ମୁଖ ଦର୍ଶନକୁ ଶୁଭ ବୋଲି କୁହାଯାଇଥାଏ ମାତ୍ର ଏଠାରେ ଅଶୁଭ ଘଟିଲା । ଏବେ ଆଧ୍ୟାତ୍ମିକ ତରାଜୁ (Balance)ରେ ମାପକରି ଦେଖିବା ଯେ ନଃସନ୍ତାନ ବ୍ୟକ୍ତିଙ୍କ ଦର୍ଶନ କରିବା ଶୁଭ ନା ଅଶୁଭ ? ଯେପରି ଏହି ପୁସ୍ତକର ଏକ ପ୍ରକରଣରେ ପୂର୍ବରୁ ସ୍ପଷ୍ଟ କରାଯାଇଛି ଯେ ପୂର୍ବ ସଂସ୍କାରବଶତଃ ପରିବାର ଗଠନ ହୋଇଥାଏ । ଋଣ ପରିଶୋଧ କରିବା ପାଇଁ କିଏ ପିତା-ମାତା, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ ଓ ଭାଇ-ଭଉଣୀ ଆଦି ରୂପରେ ଜନ୍ମ ନେଇ ପରିବାର ମଧ୍ୟରେ ଅତି ଆନନ୍ଦରେ ରହିଥାନ୍ତି ତ କିଏ ଯୁବାବସ୍ଥାରେ ହିଁ ମରିଯାଆନ୍ତି । କେହି କେହି ବିବାହ ପରେ ମରିଯାଆନ୍ତି । ସମସ୍ତେ ନିଜ ନିଜ ଋଣ ପରିଶୋଧ କରି ଅବିଳମ୍ବେ ଶରୀର ତ୍ୟାଗ କରି ଚାଲିଯାଆନ୍ତି । ଯେଉଁମାନେ ନିଃସନ୍ତାନ ସେମାନଙ୍କର କୌଣସି ଆତ୍ମା ସହିତ ଦେବା-ନେବା ସଂସ୍କାର ଅର୍ଥାତ୍ ଋଣ ସମ୍ବନ୍ଧ ନ ଥାଏ । ଯଦି ସେମାନେ ପୂର୍ଣ୍ଣଗୁରୁଙ୍କଠାରୁ ଦୀକ୍ଷା ନେଇ ଭକ୍ତି କରୁଛନ୍ତି ତେବେ ସେମାନେ ଭାଗ୍ୟବାନ ଅଟନ୍ତି । ସେମାନେ କାହା ଜନ୍ମରେ ଖୁସି ହେବେ ନାହିଁ କି କାହା ମୃତ୍ୟୁରେ ଦୁଃଖି ହେବେ ନାହିଁ । ସେହି ନିଃସନ୍ତାନ ଦମ୍ପତ୍ତିଙ୍କର ମୁଖଦର୍ଶନ ଅତି ଶୁଭଙ୍କର ଅଟେ । ଯଦି ସେମାନେ ସତ୍ୟଭକ୍ତି ନ କରୁଛନ୍ତି ତେବେ ଉଭୟ ସନ୍ତାନ ଥିବା ବ୍ୟକ୍ତି ଓ ନିଃସନ୍ତାନ ବ୍ୟକ୍ତି ନିଜର ବହୁମୂଲ୍ୟ ମାନବ ଜୀବନକୁ ନଷ୍ଟ କରୁଛନ୍ତି । ଯଦି ସେମାନେ ସତ୍ୟଭକ୍ତି କରୁଛନ୍ତି ତେବେ ଉଭୟଙ୍କ ମୁଖଦର୍ଶନ ଶୁଭଙ୍କର ଅଟେ ।

ନିଃସନ୍ତାନ ଦମ୍ପତ୍ତି ! ସାବଧାନ

ଯେଉଁ ପୂଣ୍ୟାତ୍ମାମାନେ ନିଃସନ୍ତାନ, ସେମାନେ ଆଧ୍ୟାତ୍ମିକ ଜ୍ଞାନ ଅଭାବରୁ ସନ୍ତାନ ପ୍ରାପ୍ତି ପାଇଁ ବ୍ୟାକୁଳ ଥାଆନ୍ତି । ସନ୍ତାନ ପ୍ରାପ୍ତି ପାଇଁ ସେମାନେ ଯଥା ସମ୍ଭବ ଚେଷ୍ଟା କରିଥାନ୍ତି । ଯଦି ସେମାନଙ୍କ ଜୀବନରେ ଦେବା-ନେବା ଋଣ ସମ୍ବନ୍ଧ ଥିବା କୌଣସି ଆତ୍ମା ସନ୍ତାନ ରୂପେ ନ ଆସେ ତେବେ ସେମାନେ ଆଜୀବନ ନିଃସନ୍ତାନ ହେବାର ଦୁଃଖ ସହ୍ୟ କରିଥାନ୍ତି । ବିଶେଷକରି ନାରୀର ସନ୍ତାନ ପ୍ରାପ୍ତିର ପ୍ରବଳ ଇଚ୍ଛା ଥାଏ । ତାକୁ କେହି ବାଞ୍ଝ କହୁ ଏକଥା ସେ କେବେ ପସନ୍ଦ କରି ନ ଥାଏ । ଯଦିଓ ଡ଼ାକ୍ତର ପରୀକ୍ଷା କରି କହିଥାନ୍ତି ଯେ ତାଙ୍କଠାରେ ବନ୍ଧ୍ୟାଦୋଷର କୌଣସି ଲକ୍ଷଣ ନାହିଁ ଓ ଏହା ଭଗବାନଙ୍କର ଲୀଳା, ପରନ୍ତୁ ସେହି ତତ୍ତ୍ୱଜ୍ଞାନହୀନା ନାରୀ ଏହି ବେଦନାରେ ବ୍ୟଥିତ ହୋଇ ମୃତ୍ୟୁକୁ ପ୍ରାପ୍ତ କରିଥାଏ । ଭକ୍ତି କରି ନଥିବା କାରଣରୁ ପରଜନ୍ମରେ ସେ ମାଈ କୁକୁର ହୋଇ ଜନ୍ମ ହୋଇଥାଏ । ତା'ପରେ ଯମଦୂତ ତାକୁ କହିଥାନ୍ତି, ଭଉଣୀ ! ଏବେ ସନ୍ତାନ ଜନ୍ମ କରି ପୂର୍ବର ସମସ୍ତ ଇଚ୍ଛା ପୁରଣ କର । ଏକାଥରକେ ଆଠ-ଆଠଟି ସନ୍ତାନ ଜନ୍ମ କରିବୁ । ପୁଣି ପରଜନ୍ମରେ ଘୁଷୁରୀ ହୋଇ ଏକାଥରକେ ବାରଟି ସନ୍ତାନ ଜନ୍ମ କରିବୁ ଏବଂ ସାତ-ଆଠ ଥର ଜନ୍ମ କରିବୁ । ଏହିଭଳି ଭାବରେ ସନ୍ତାନ ପ୍ରାପ୍ତିର ସମସ୍ତ ଇଚ୍ଛା ପୂରଣ କର ।

ହେ ପୂଣ୍ୟାତ୍ମା ପାଠକ ଭାଇ/ଭଉଣୀ ! ଆଧ୍ୟାତ୍ମିକ ଜ୍ଞାନକୁ ହୃଦୟଙ୍ଗମ କରନ୍ତୁ । ନିଜ ମାନବ ଜୀବନ ସଫଳ କରନ୍ତୁ । ଜୀବନର ମାର୍ଗକୁ ସୁଗମ (ପ୍ରତିବନ୍ଧକ ମୁକ୍ତ) କରନ୍ତୁ ଅର୍ଥାତ୍ ପୂର୍ଣ୍ଣଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି, ଭକ୍ତି କରି ନିଜର କଲ୍ୟାଣ କରାନ୍ତୁ ।

ବିବାହରେ ଅଜ୍ଞାନୀମାନେ ନାଚିଥାନ୍ତି

ଏକଦା ଖବରକାଗଜରେ ପଢ଼ିଲି ଯେ ରୋହତକର ଏକ ବର ବିଭା ହେବା ପାଇଁ କାର୍‌ରେ ଭିବାଣୀକୁ ଯାଉଥିଲା । ତା ସହିତ ତା'ର ଦୁଇ ଭିଣୋଇ ମଧ୍ୟ ସେହି କାରରେ ବସିଥିଲେ । ପ୍ରଥମ

ଦିନ ପରିବାରର ସମସ୍ତ ସଦସ୍ୟ (ଭଉଣୀ, ବାପା, ମାଆ, ଭାଇ-ପୁତୁରା, କାକା-ପିଉସା) ଡ଼ି.ଜେ. ବଜାଇ ନିର୍ଲଜଙ୍କ ପରି ଖୁବ୍ ଧୁମ ଧାମ୍‌ରେ ନାଚ-ଗୀତ କରିଥିଲେ । କଲାନୌର୍ ଗ୍ରାମ ନିକଟରେ ବର ଗାଡ଼ି ଏକ ବଡ଼ ଟ୍ରକ ସହିତ ଧକ୍କା ହେଲା । ବର ସହିତ କାର୍‌ରେ ବସିଥିବା ସମସ୍ତ ଯାତ୍ରୀ ମୃତ୍ୟୁବରଣ କଲେ । ଦୁଇ ଭଉଣୀ ବିଧବା ହେଲେ । ପରିବାରର ଏକମାତ୍ର ପୁତ୍ର ମୃତ୍ୟୁବରଣ କଲା । ପରିବାରର ସର୍ବନାଶ ହୋଇଗଲା । ଏବେ ଡ଼ି.ଜେ ବଜାଇ କେତେ ନାଚିବ ନାଚ । କିନ୍ତୁ ପରମାତ୍ମାଙ୍କୁ ଭକ୍ତି କରିବା ଦ୍ୱାରା ଏଭଳି ସଙ୍କଟ ଟଳି ଯାଇଥାଏ । ତେଣୁ ମୋ(ରାମପାଲ ଦାସଙ୍କ) ଅନୁଗାମୀମାନଙ୍କୁ ଶକ୍ତ ଆଦେଶ ଅଛି ଯେ ପରମାତ୍ମାଙ୍କ ପ୍ରତି ଭୟ ରଖି କାର୍ଯ୍ୟ କର । ସାଧାରଣ ବିଧିରେ ବିବାହ କର । ଏହି ଘୃଣ୍ୟଲୋକ(କାଳଲୋକ)ର କୌଣସି ମୂହୁର୍ତ୍ତକୁ ବିଶ୍ୱାସ ନାହିଁ, କେତେବେଳେ ଯେ ବିପତ୍ତି ଆସି ପହଞ୍ଚିବ କେହି କହିପାରିବେ ନାହିଁ ।

ସନ୍ଥଙ୍କ ଶିକ୍ଷା

ଦିନେ ଏକ ଗ୍ରାମର ଜଣେ ବ୍ୟକ୍ତି ପ୍ରଥମଥର ପାଇଁ ଶ୍ରୀ ନାନକ ଦେବଙ୍କ ପାଖକୁ ଗଲା । ସେ ଦେଖିଲା ଯେ ସନ୍ଥ ମହାତ୍ମା ଉଦାସ ହୋଇ ଏକାନ୍ତରେ ବସିଛନ୍ତି (ସୁମିରଣ କରୁଥିଲେ) । ସେହି ବ୍ୟକ୍ତି ସତନାମ-ୱାହେଗୁରୁ କହିଲା । ଶ୍ରୀ ନାନକ ଦେବ ମଧ୍ୟ ଏହାର ଉତ୍ତର ଦେଲେ । ଭୋଜନ କରାଇ ତାକୁ ଜ୍ଞାନ ଶୁଣାଇଲେ । ତା'ପରେ ସେହି ବ୍ୟକ୍ତି ଚାଲିଗଲା । ସେ ଦିନେ ପୁଣି ଆସିଲା ଏବଂ କହିଲା, ମହାରାଜ ! ଆପଣ କେବେ ଖୁସି ଥିବା ପରି ଜଣା ପଡୁନାହାଁନ୍ତି, ଏହାର କାରଣ କ'ଣ ? ସନ୍ଥ ନାନକ ଦେବ କହିଲେ ଯେ:-

ନା ଜାନେ କାଲ କୀ କର ଡ଼ାରେ, କିସ ବିଧି ଡ଼ଲ ଜା ପାସା ବେ ।
ଜିହ୍ନାତେ ସିରତେ ମୌତ ଖୁଡ଼କଦୀ, ଉହ୍ନାନୂଁ କେହଡ଼ା ହାଂସା ବେ ।।

ଭାବାର୍ଥ :- ସନ୍ଥ ନାନକ ଦେବ କହିଲେ, ଭାଇ ! ଏହି ମୃତ୍ୟୁଲୋକର ସମସ୍ତ ବସ୍ତୁ ନାଶବାନ ଅଟେ । ଜଣା ନାହିଁ ଏଠାରୁ ପ୍ରସ୍ଥାନ କରିବାର ସମୟ କେତେବେଳେ କାହାର ଆସିଯିବ । ତେଣୁ ଯେଉଁ ବ୍ୟକ୍ତିର ମୁଣ୍ଡ ଉପରେ ମୃତ୍ୟୁ ରୂପକ ଖଣ୍ଡା ଝୁଲୁଛି ସେହି ବ୍ୟକ୍ତିକୁ ନାଚିବା-ଗାଇବା, ଥଟ୍ଟା-ମଜା କରିବା କିପରି ଭଲ ଲାଗିବ ? କୌଣସି ମୂର୍ଖ ବା ନିଶାସକ୍ତ ବ୍ୟକ୍ତି ଏହି ଘୃଣ୍ୟଲୋକରେ ମଉଜ-ମସ୍ତି କରିଥାଏ । ଯେପରି ଜଣେ ବ୍ୟକ୍ତିର ପତ୍ନୀକୁ ବିଭାଘରର ଦଶବର୍ଷ ପରେ ପୁତ୍ର ଜାତ ହେଲା । ପୁତ୍ର ଜନ୍ମ ହେବା ଖୁସିରେ ଲଡ଼ୁ ବାଣ୍ଟିଲେ, ବ୍ୟାଣ୍ଡ୍ ବାଜା ବଜାଇ ଖୁବ୍ ଧୁମ୍‌ଧାମ୍‌ରେ ଖୁସି ପାଳନ କଲେ । ଠିକ୍ ଆସନ୍ତା ବର୍ଷ ଜନ୍ମଦିନରେ ହିଁ ପିଲାଟିର ମୃତ୍ୟୁ ହୋଇଗଲା । ଯେଉଁଠି ଖୁସିରେ ଜନ୍ମଦିନ ପାଳନ କରିବା ପାଇଁ ପ୍ରସ୍ତୁତି ଚାଲିଥିଲା ସେଠାରେ କାନ୍ଦ-ବୋବାଳି ସହିତ ଶୋକର ଛାୟା ଖେଳିଗଲା । ଘରେ ନର୍କତୁଲ୍ୟ ପରିବେଶ ସୃଷ୍ଟି ହୋଇଗଲା । ଏବେ କେତେ ଖୁସି-ମଉଜ କରିବାର ଅଛି କର ।

ସେହି ବ୍ୟକ୍ତି ଏହି ସତ୍ୟକଥା ଶୁଣି ଭୟଭୀତ ହୋଇଗଲା ଏବଂ କହିଲା, ହେ ପ୍ରଭୁ ! ଆପଣଙ୍କ କଥା ସମ୍ପୂର୍ଣ୍ଣ ସତ୍ୟ, କିନ୍ତୁ ଆପଣ କେବେ ଖୁସି ହୁଅନ୍ତି ନାହିଁ କି ? ଶ୍ରୀ ନାନକ ଦେବ କହିଲେ, ହଁ ଖୁସି ହୁଏ ।

ସାଧ ମିଲେ ସାଡ଼େ ଶାଦୀ ହୁନ୍ଦୀ, ବିଛୁଡଦା ଦିଲ ଗୀରୀ ବେ ।
ଅଖଦେ ନାନକ ସୁନୋ ଜିହାନା, ମୁଶ୍ଶିଲ ହାଲ ଫକୀରୀ ବେ ।

ଭାବାର୍ଥ :- ଯେତେବେଳେ ମୋ ଶିଷ୍ୟମାନେ ସତସଙ୍ଗକୁ ଆସନ୍ତି ସେହି ସମୟରେ ସାଧୁ ମଣ୍ଡଳୀକୁ ଦେଖି ମୋତେ ଏଥିପାଇଁ ବହୁତ ଖୁସି ଲାଗେ ଯେ ସମସ୍ତେ ଭକ୍ତିରେ ଅତୁଟ ଅଛନ୍ତି । କେହି ଭକ୍ତିମାର୍ଗରୁ ବିଚ୍ୟୁତ ହୋଇ ନାହାଁନ୍ତି । କିନ୍ତୁ ସତସଙ୍ଗ ସମାପ୍ତି ପରେ ଯେତେବେଳେ ସେମାନେ ଚାଲିଯାଆନ୍ତି ସେତେବେଳେ ମୋ ମନ ଏଥିପାଇଁ ଉଦାସ ହୋଇଯାଏ ଯେ କୌଣସି ପାଗଳ(ଅଜ୍ଞାନୀ) ଯେମିତି ଏମାନଙ୍କୁ ଭ୍ରମିତ କରି ପରମାତ୍ମାଙ୍କ ନିକଟରୁ ଦୂରେଇ ନ ଦେଉ । ଶ୍ରୀ ନାନକ ଦେବ କହିଛନ୍ତି ଯେ ଏହି ଅଜ୍ଞାନୀ ସନ୍ଥମାନେ ଭକ୍ତିମାର୍ଗକୁ ଫକିର୍ ଅର୍ଥାତ୍ ଜଟିଳ କରି ଦେଇଛନ୍ତି । ସେମାନଙ୍କୁ ପୂର୍ଣ୍ଣମୋକ୍ଷ ମାର୍ଗ ବିଷୟରେ ଜଣା ନାହିଁ । ସମାଜକୁ କେବଳ ଭ୍ରମିତ କରିବା ପାଇଁ ଗୁରୁ

ହୋଇଛନ୍ତି । ମିଠା କଥା କହି ମୋ ଭକ୍ତମାନଙ୍କୁ ପଥଭ୍ରଷ୍ଟ କରି କାଳ ଜାଲକୁ ନେଇଯାନ୍ତି । ଏହି କାରଣରୁ ସେମାନେ ଯେପର୍ଯ୍ୟନ୍ତ ପୁନର୍ବାର ସତସଙ୍ଗକୁ ନ ଆସିଛନ୍ତି ସେପର୍ଯ୍ୟନ୍ତ ମୁଁ ଚିନ୍ତିତ ଥାଏ । ସମସ୍ତେ ସତସଙ୍ଗକୁ ଆସିଲେ ମୋତେ ଖୁସି ଲାଗିଥାଏ, କିନ୍ତୁ ଆମ୍ଭେ ନାଚ-ଗୀତ ନ କରି ହୃଦୟରେ ଆନନ୍ଦ ଅନୁଭବ କରିଥାଉ । ମୃତ୍ୟୁକୁ କେବେ ବି ଭୂଲି ନ ଥାଉ । କବୀରଜୀ କହିଛନ୍ତି :-

ମୌତ ବିସାରୀ ମୂର୍ଖା, ଅଚରଜ କିୟା କୌନ ।
ତନ ମିଟିମେ ମିଲ ଜାଏଗା, ଜ୍ୟାଁ ଆଟେ ମେଁ ଲୁଣ ।।

ଅନ୍ୟ ଉଦାହରଣ :- ଦିନେ ଜଣେ ଜମିଦାର ଏକ ସନ୍ଥଙ୍କ ଆଶ୍ରମକୁ ଗଲେ । ସନ୍ଥଙ୍କ କୃପାରୁ ତାଙ୍କୁ ବହୁତ ଲାଭ ମିଳିଲା । ଆଉ ଦିନେ ସେହି ଜମିଦାର ଗୋଟିଏ ବଡ଼ ବ୍ୟାଗ୍‌ରେ ସେଓ, କମଳା ଓ କଦଳୀ ଆଦି ଫଳ ଭର୍ତ୍ତି କରି ଆଶ୍ରମରେ ପହଞ୍ଚିଲେ । ସନ୍ଥ ମହାତ୍ମା ସେହି ଫଳକୁ ଗୋଟିଏ ଟୋକେଇରେ ରଖିଲେ ଯେଉଁଥିରେ ପୂର୍ବରୁ ମଧ୍ୟ କିଛି ଫଳ ପ୍ରସାଦ ରଖା ଯାଇଥିଲା । ଦୁଇଦିନ ପରେ ସେହି ଜମିଦାର ଆଶ୍ରମକୁ ଆସି ଦେଖନ୍ତି ତ ଟୋକେଇଟି ଫଳରେ ଭର୍ତ୍ତି ହୋଇ ରହିଛି । ସନ୍ଥ ମହାତ୍ମା ସେଥିରୁ କିଛି ପ୍ରସାଦ ନେଇ ଶିଷ୍ୟମାନଙ୍କୁ ବାଣ୍ଟିଲେ । ପୁଣି କେତେକ ଭକ୍ତ କିଛି ଫଳ ପ୍ରସାଦ ଆଣି ସେହି ଟୋକେଇରେ ରଖିଲେ । ଜମିଦାର, ସନ୍ଥଙ୍କୁ ପଚାରିଲେ, ମହାରାଜ ! ଆପଣ ଫଳ ଖାଉ ନାହାନ୍ତି କାହିଁକି ? ସନ୍ଥ ମହାତ୍ମା କହିଲେ, ମୋତେ ସବୁବେଳେ ମୃତ୍ୟୁ ଦେଖାଯାଉଛି, ଯେଉଁ କାରଣ ପାଇଁ ଫଳ ଖାଇବାକୁ ଇଚ୍ଛା ହେଉନାହିଁ । ଜମିଦାର ପଚାରିଲେ, ମହାରାଜ ! ଆପଣ ଏ ସଂସାର ଛାଡି କେବେ ଯାଉଛନ୍ତି ? ସନ୍ଥ ମହାତ୍ମା କହିଲେ, ଆଜିଠୁ ଚାଳିଶ ବର୍ଷ ପରେ ମୋର ମୃତ୍ୟୁ ହେବ । ଜମିଦାର କହିଲେ, ହେ ମହାରାଜ ! ସମସ୍ତଙ୍କୁ ଦିନେ ନା ଦିନେ ମରିବାର ଅଛି, ପୁଣି ଡ଼ରିବା କାହିଁକି ? ଏଥିରେ ଚିନ୍ତା କରିବାର କ'ଣ ଅଛି । ଜଣେ ସାଧାରଣ ବ୍ୟକ୍ତି ମଧ୍ୟ ଡ଼ରି ନ ଥାଏ । ଆପଣ ଏଭଳି କଥା କାହିଁକି କହୁଛନ୍ତି ? ଜମିଦାର ଦ୍ୱିତୀୟ ଓ ତୃତୀୟ ଦିନ ମଧ୍ୟ ଆସି ସେହି ପ୍ରଶ୍ନ ପଚାରିଲେ । ସେହି ନଗରର ରାଜା ମଧ୍ୟ ସନ୍ଥଙ୍କର ଭକ୍ତ ଥିଲେ । ସନ୍ଥ ମହାତ୍ମା ରାଜାଙ୍କୁ କହିଲେ, ଆପଣଙ୍କ ନଗରୀରେ କିରୋଡ଼ୀମଲ ନାମକ ଜଣେ ଜମିଦାର ଅଛନ୍ତି । ତାଙ୍କର ଚନ୍ଦନ କାଠର ଦୋକାନ ଅଛି । ତାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଯାଉ ଏବଂ ଏକମାସ ପରେ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ଫାଶୀର ତାରିଖ ଧାର୍ଯ୍ୟ କରାଯାଉ । ଜେଲ୍ କୋଠରୀ(କକ୍ଷ) ଭିତରେ ଜମିଦାର ପାଇଁ ଏକ ଫଳ ଟୋକେଇ ଓ ଏକ ଲିଟର କ୍ଷୀର ଜାଳରେ ଭରି ରଖାଯାଉ । ପ୍ରତିଦିନ ସେ ଖାଇବା ପାଇଁ ଖିରୀ, ହାଲୁଆ, ପୁରୀ, ତରକାରୀ ଇତ୍ୟାଦି ଦିଆଯାଉ । ରାଜା, ଗୁରୁଙ୍କ ଆଦେଶ ପାଳନ କଲେ । ଜମିଦାର ଜେଲ୍ ଭିତରେ କୋଡ଼ିଏ ଦିନ ବିତାଇବା ପରେ ଦୁର୍ବଳ ହୋଇଗଲେ । ସନ୍ଥ ମହାତ୍ମା ଜେଲ୍‌କୁ ଯାଇ ପ୍ରତ୍ୟେକ କଏଦୀଙ୍କୁ ସାକ୍ଷାତ କଲେ । ଜମିଦାରଙ୍କୁ ଦେଖି ସନ୍ଥ ପଚାରିଲେ, ତୁମେ କେଉଁଠାର ବାସିନ୍ଦା ? ତୁମ ନାମ କ'ଣ ? ଜମିଦାର କହିଲେ, ହେ ମହାରାଜ ! ଆପଣ ମୋତେ ଚିହ୍ନି ପାରୁନାହାଁନ୍ତି କି, ମୁଁ ସେହି ଚନ୍ଦନ କାଠ ଦୋକାନୀ କିରୋଡ଼ୀମଲ ।

ସନ୍ଥ ମହାତ୍ମା ପଚାରିଲେ, ଆରେ କିରୋଡ଼ୀମଲ ! ତୁମେ ଏତେ ଦୁର୍ବଳ କିପରି ହୋଇଗଲ ? କିଛି ଖିଆପିଆ କରୁନାହଁ କି ? ଆରେ ! ଫଳ ଟୋକେଇ ଭର୍ତ୍ତି ହୋଇ ରହିଛି, ଜାଳରେ ଦୁଧ ଭର୍ତ୍ତି ହୋଇ ରହିଛି, ଥାଳିରେ ହାଲୁଆ, ଖିରୀ ଆଦି ରଖାଯାଇଛି । ଏହାଶୁଣି ଜମିଦାର କହିଲା, ହେ ମହାରାଜ ! ମୋତେ ମୃତ୍ୟୁ ଦଣ୍ଡାଦେଶ ଶୁଣାଯାଇଛି । ଶପଥ କରି କହୁଛି ମୁଁ ନିର୍ଦୋଷ ଅଟେ । ମୋତେ ରକ୍ଷା କରନ୍ତୁ ମହାରାଜ । ମୋର ଛୋଟ-ଛୋଟ ପିଲା ଅଛନ୍ତି । ସନ୍ଥ ମହାତ୍ମା କହିଲେ, ଆରେ ଭାଇ ଆମ୍ଭ ସମସ୍ତଙ୍କୁ ଦିନେ ନା ଦିନେ ମରିବାକୁ ପଡ଼ିବ, ପୁଣି ଡ଼ରିବାର କ'ଣ ଅଛି । ଖିଆପିଆ କରି ମଉଜ କର । ଜମିଦାର ହାଜତ ମଧ୍ୟରୁ ହାତ ବାହାର କରି ସନ୍ଥଙ୍କ ଚରଣ ଧରି କହିଲେ, ମୋତେ ବଞ୍ଚାନ୍ତୁ ମହାରାଜ ! କିଛି ଖିଆପିଆ କରିବାକୁ ଇଚ୍ଛା ହେଉ ନାହିଁ । ମୋତେ ଆସନ୍ତା ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନର ଚିନ୍ତା ଘାରୁଛି । ସନ୍ଥ ମହାତ୍ମା କହିଲେ, ସେଠ୍ କିରୋଡ଼ୀମଲ !

ଆଜି ଯେପରି ତୁମକୁ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନର ମୃତ୍ୟୁ ନଜର ଆସୁଛି, ଠିକ୍ ସେହିଭଳି ସାଧୁ ସନ୍ଥମାନଙ୍କୁ ନିଜର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ନଜର ଆସିଥାଏ । ତାହା ଚାଳିଷ ବର୍ଷ ପରେ ଆସୁନା କାହିଁକି ।

ଆପଣମାନେ ଆଧ୍ୟାତ୍ମିକ ଜ୍ଞାନହୀନ ପ୍ରାଣୀ ହୋଇଥିବାରୁ ମଉଜମସ୍ତି କରୁଛନ୍ତି, ଯଦି ଅଚାନକ ମୃତ୍ୟୁ ଆସି ଆପଣଙ୍କୁ ନେଇଯାଏ, ଆପଣ କିଛି କରିପାରନ୍ତି ନାହିଁ । ଏହିପରି ମୋ ମୃତ୍ୟୁର ଦିନ ମୋତେ ସବୁବେଳେ ଦେଖାଯାଉଛି ଯାହା ଚାଳିଶ ବର୍ଷ ପରେ ଆସିବ । ଏହି କାରଣରୁ ମୁଁ ନିୟମିତ ଖାଦ୍ୟପେୟ ଗ୍ରହଣ କରୁଛି । ମଉଜମସ୍ତି କରିବା ବିଷୟ କେବେ ବି ମନକୁ ଆସୁନାହିଁ । ମନରେ ସବୁବେଳେ ପରମାତ୍ମାଙ୍କ ଚିନ୍ତନ କରୁଛି । ଆପଣଙ୍କ ଜ୍ଞାନଚକ୍ଷୁରେ ଅଜ୍ଞାନତାର ପଟି ବନ୍ଧା ଯାଇଛି ଯାହା ସତସଙ୍ଗରେ ଖୋଲି ଯାଇଥାଏ । ଏହାଦ୍ୱାରା ଜୀବନର ଉତ୍ତମ ମାର୍ଗ ପ୍ରାପ୍ତ ହେବା ସହିତ ମୋକ୍ଷ ପ୍ରାପ୍ତି ମଧ୍ୟ ହୋଇଥାଏ । ଏହାପରେ ସନ୍ଥ ମହାତ୍ମା ରାଜାଙ୍କୁ କହି ଜମିଦାରଙ୍କୁ ମୁକ୍ତ କରିଦେଲେ । ଜମିଦାର ନାମଦୀକ୍ଷା ନେଇ ନିଜର କଲ୍ୟାଣ କରାଇଲେ ।

''ବିବାହ ପରର ଯାତ୍ରା''

ବିବାହ ପରେ ପତି-ପତ୍ନୀଙ୍କର କର୍ତ୍ତବ୍ୟ ହେଉଛି ଯେ ଜଣେ ଅନ୍ୟ ଜଣକ ଉପରେ ବିଶ୍ୱାସ ବଜାୟ ରଖିବା ଉଚିତ୍ । ଭାବାର୍ଥ ହେଲା ଯେ ଉଭୟ ଜତି ଓ ସତୀ ମର୍ଯ୍ୟାଦା ପାଳନ କରିବେ । ପତି ଅଟଳ ବିଶ୍ୱାସ ରଖିବା ଉଚିତ୍ ଯେ ନିଜ ପତ୍ନୀ କେବେ ବି ଅନ୍ୟ ପୁରୁଷକୁ ସମର୍ପିତ ହେବ ନାହିଁ, ସେହି ପୁରୁଷ ଯେତେ ସୁନ୍ଦର ତଥା ଧନୀ ହୋଇଥାଉନା କାହିଁକି । ଠିକ୍ ସେହିଭଳି ପତ୍ନୀକୁ ମଧ୍ୟ ତା ପତି ଉପରେ ଅଟଳ ବିଶ୍ୱାସ ରଖିବା ଉଚିତ୍ ଯେ ମୋ ସ୍ୱାମୀ କଦାପି ଅନ୍ୟ ସ୍ତ୍ରୀ ପ୍ରତି ଆକୃଷ୍ଟ ହୋଇ ମିଳନ କରିବେ ନାହିଁ, ସେ ସ୍ୱର୍ଗର ଅପସରା ହୋଇଥାଉନା କାହିଁକି ।

କଥା :- ଜଣେ ସୈନିକ ଥିଲେ । ତାଙ୍କ ପତ୍ନୀ ସତୀ ଅର୍ଥାତ୍ ପ୍ରତିବ୍ରତା ଥିଲେ । ଏକଥା ସେ ନିଜର ଅନ୍ୟ ସୈନ୍ୟ ସାଥିମାନଙ୍କୁ କହିଲେ । ଏହି କଥା ରାଜାଙ୍କ ମନ୍ତ୍ରୀ ଶେର ଖାଁ(ମୁସଲମାନ)ଙ୍କ କାନରେ ପଡିଲା । ତା'ପରେ ସେ ରାଜାଙ୍କୁ ଏ ବିଷୟରେ ଜଣାଇ ଏହାର ସତ୍ୟାସତ୍ୟ ତଦନ୍ତ ପାଇଁ ପ୍ରାର୍ଥନା କଲେ । ରାଜା ସଭା ଅୟୋଜନ ପାଇଁ ଆଦେଶ ଦେଇ ସେହି ସିପାହୀ ଚାପ୍ ସଂହ ଚୌହାନ୍‌କୁ ଡ଼କାଇଲେ । ସଭାରେ ରାଜା ପଚାରିଲେ, ତୁମେ କହୁଛ ଯେ ତୁମ ପତ୍ନୀ ପତିବ୍ରତା ଅଟନ୍ତି, ସେ କୌଣସି ପ୍ରକାରେ ପ୍ରଲୋଭିତ ହୋଇ ଅନ୍ୟ ପୁରୁଷ ସହିତ ମିଳନ କରନ୍ତି ନାହିଁ । ସିପାହୀ ଚାପ୍ ସିଂହ କହିଲେ, ଏହା ଶତ ପ୍ରତିଶତ ସତ୍ୟ ଅଟେ । ରାଜା କହିଲେ, ଯଦି ମିଛ ପ୍ରମାଣିତ ହୁଏ ? ସିପାହୀ କହିଲେ, ଆପଣ ଯେଉଁ ଦଣ୍ଡ ଦେବେ ତାହା ମୋତେ ମଞ୍ଜୁର ହେବ ।

ମନ୍ତ୍ରୀ ଶେର୍ ଖାଁ କହିଲେ, ମହାରାଜ ! ମୁଁ ନିଜେ ଏହି ପରୀକ୍ଷା କରିବି । ରାଜା କହିଲେ, ଠିକ୍ ଅଛି । ଚାପ୍ ସିଂହ କହିଲେ, ମୋ ବିଭାଘର ସମୟରେ ମିଳିଥିବା ସେହି ପଟ୍‌କା(ଗାମୁଛା) ଓ କଟାରି(ବଡ଼ ଛୁରୀ) ଯାହା ଏକ ବିବାହିତା ନାରୀର ପ୍ରତୀକ ହୋଇଥାଏ, ତାହାକୁ ମୋ ପତ୍ନୀ କେବେ ବି କାହାକୁ ଦେବ ନାହିଁ । ଯଦି ଶେର୍ ଖାଁ ଏହି ଦୁଇଟିକୁ ନେଇ ଆସିବେ ତେବେ ମୁଁ ହାର ମାନିବି ଏବଂ ମୋ ପତ୍ନୀ ଶରୀରରେ ଥିବା କୌଣସି ଚିହ୍ନ କହିଦେବେ ତେବେ ମୋ ପତ୍ନୀ ପତିବ୍ରତା ଧର୍ମ ଉଲ୍ଲଙ୍ଘନ କରିଛି ବୋଲି ମୁଁ ସ୍ୱିକାର କରିବି ।

ଶେର୍ ଖାଁ, ଚାପ୍ ସିଂହଙ୍କ ନଗରକୁ ଯାଇ ଜଣେ ଗୁପ୍ତଚର ମହିଳାକୁ ଭେଟିଲା ଏବଂ କହିଲା ଯେ ଏଠାରେ ଚାପ୍ ସିଂହ ନାମକ ଜଣେ ସୈନିକର ସ୍ତ୍ରୀ ରହୁଛି, ତା ସହିତ ମୋର ଭେଟ କରିଦେଲେ ତୋତେ ବହୁତ ଧନ ଦେବି । ଏହା ଶୁଣି ସେହି ମହିଳା କହିଲା, କୌଣସି ପ୍ରକାରେ ଏହା ସମ୍ଭବ ନୁହେଁ । ପୁଣି ଶେର୍ ଖାଁ କହିଲେ, ଯେକୌଣସି ଉପାୟରେ ତା ଘରୁ ବାହାଘର ସମୟରେ ମିଳିଥିବା ସେହି ବିବାହ ସନ୍ତକ (ଗାମୁଛା ଓ ଛୁରୀ) ଆଣି ମୋତେ ଦିଅ, ଦରକାର ପଡିଲେ ଚୋରୀ ମଧ୍ୟ କର । ଚାପ୍ ସିଂହର ପତ୍ନୀ ସୋମବତୀର ଗୁପ୍ତାଙ୍ଗ ପାଖରେ କିମ୍ବା ଜଙ୍ଘରେ ଥିବା କୌଣସି ଚିହ୍ନ ବିଷୟରେ ମୋତେ ଜଣାଅ । ସେହି ମହିଳା ଜଣେ ଅତିଥି ରୂପରେ ଚାପ୍ ସିଂହର

ନକଲି ପିଉସୀ ହୋଇ ସୋମବତୀ ଘରକୁ ଗଲା । ସୋମବତୀର ବିବାହ ସମୟରେ କିମ୍ବା ପରେ ଚାପସିଂହର ପିଉସୀ କେବେ ବି ତାଙ୍କ ଘରକୁ ଆସିନଥିଲେ । ଅସୁସ୍ଥତା କାରଣରୁ ବିବାହ ସମୟରେ ମଧ୍ୟ ଆସି ପାରିନଥିଲେ । ସେହି ଗୁପ୍ତଚର ମହିଳା ନକଲି ପିଉସୀ ହୋଇ ଚାପ୍ ସିଂହର ଘରେ କିଛିଦିନ ରହିଲା । ସୋମବତୀ ଗାଧୋଉଥିବା ସମୟରେ ପାଖକୁ ଯାଇ ତା ସୁନ୍ଦର ଶରୀରର ପ୍ରଶଂସା କରିବା ବାହାନାରେ ପ୍ରତ୍ୟେକ ଅଙ୍ଗକୁ ନିକଟରୁ ଦେଖିଲା । ସୋମବତୀଙ୍କ ଗୁପ୍ତାଙ୍ଗ ନିକଟରେ ଏକ ବଡ଼ କଳାଜାଇ ଥିଲା । ତା'ପରେ ସେହି ଗୁପ୍ତଚର ମହିଳା ଗାମୁଛା ଓ ଛୁରୀ ଚୋରି କରି ଶେର ଖାଁକୁ ଦେଲା । ଶେର୍ ଖାଁ, ରାଜାଙ୍କୁ କହିଲା, ମୁଁ ଚାପ୍ ସିଂହର ସ୍ତ୍ରୀ ସହିତ ମିଳନ କରି ଆସିଛି । ତା' ଜଘଂରେ ଏକ କଳାଜାଇ ଅଛି । କୌଣସି ପତିବ୍ରତା ନାରୀ ନିଜ ବିବାହ ସନ୍ତକ କାହାକୁ ଦେଇ ନଥାଏ, କିନ୍ତୁ ସେ, ମୋ ପ୍ରେମ ଓ ଧନ ଲୋଭରେ ମୋତେ ତା ବିବାହ ସନ୍ତକ ଦେଇଛି ।

ରାଜା ସଭା ଡ଼କାଇଲେ । ଚାପ୍ ସିଂହଙ୍କୁ ସଭାକୁ ଡ଼ାକି ପଚାରିଲେ ଯେ ଏହି ଗାମୁଛା ଓ ଛୁରୀ କାହାର । ଚାପ୍ ସିଂହ ସେଗୁଡିକୁ ଭଲଭାବରେ ଦେଖି ମୋର ବୋଲି ସ୍ୱୀକାର କଲେ । ଶେର୍ ଖାଁ କହିଲେ, ଆଉ ଅଧିକ ଶୁଣିବାକୁ ଚହୁଁଛ କି ? ଶୁଣ ! ତୋ ପତ୍ନୀର ଗୁପ୍ତାଙ୍ଗ ନିକଟରେ ଡ଼ାହାଣ ଜଂଘରେ ଏକ କଳାଜାଇ ଅଛି । ଚାପ୍ ସିଂହ କହିଲା, ଏହା ସତ୍ୟ, ମାତ୍ର ମୋ ପତ୍ନୀ ନିଜ ପତିବ୍ରତା ଧର୍ମ କେବେ ଉଲ୍ଲଙ୍ଘନ କରିବ ନାହିଁ । ରାଜା କହିଲେ, ତୁ ବାରମ୍ବାର ସେହି କଥା କହୁଛୁ, ତୁ ମିଥ୍ୟାବାଦୀ ଅଟୁ । ତୋତେ ଏକମାସ ପରେ ଫାଶୀ ଦିଆଯିବ । ତୋର ଶେଷ ଇଚ୍ଛା କ'ଣ କୁହ । ଚାପ୍ ସିଂହ କହିଲେ, ମୋ ପତ୍ନୀକୁ ଥରେ ଦେଖା କରିବାକୁ ଚାହୁଁଛି । ରାଜାଙ୍କଠାରୁ ଆଦେଶ ପାଇ ଚାପ୍ ସିଂହ ନିଜ ପତ୍ନୀ ନିକଟକୁ ଗଲା । ବିଶ୍ୱାସଘାତକତା କରିଥିବାରୁ ତାକୁ ଖରାପ ଭାଷାରେ ଗାଳିଦେଲା ଏବଂ କହିଲା ଯେ ତୋ ପାଇଁ ମୋତେ ଅମୁକ ଦିନ ଫାଶୀ ମିଳିବ । ସୋମବତୀ କହିଲା, ଆପଣଙ୍କ ପିଉସୀଙ୍କ ପରିଚୟ ଦେଇ ଜଣେ ସ୍ତ୍ରୀ ଲୋକ ଆସିଥିଲେ । ସେ ମୋ ଅଙ୍ଗରେ ଥିବା ଚିହ୍ନକୁ ଦେଖିବା ସହିତ ଗାମୁଛା ଓ ଛୁରୀ ଚୋରି କରି ନେଇଗଲେ । ଚାପ୍ ସିଂହ କହିଲେ, ମନ୍ତ୍ରୀ ଶେର୍ ଖାଁ ଆସି ଏହି ଷଡ଼ଯନ୍ତ୍ର କରିଥିଲା । ଏହାପରେ ଚାପ୍ ସିଂହ ଫେରିଗଲେ । ଫାଶୀର ଏକ ସପ୍ତାହ ପୂର୍ବରୁ ସୋମବତୀ ଏକ ନର୍ତ୍ତକୀ ରୂପ ଧରି ରାଜାଙ୍କ ନଗରୀକୁ ଗଲା ଏବଂ ରାଜାଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିବ ବୋଲି କହିଲା । ରାଜା ଆଜ୍ଞା ଦେଲେ । ରାଜସଭାର ସମସ୍ତ ସଦସ୍ୟଙ୍କ ସହିତ ମନ୍ତ୍ରୀ ଶେର୍ ଖାଁ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ନର୍ତ୍ତକୀର ନୃତ୍ୟରେ ରାଜା ଅତ୍ୟନ୍ତ ପ୍ରସନ୍ନ ହୋଇ ନର୍ତ୍ତକୀକୁ କହିଲେ, ମୁଁ ତୋ ନୃତ୍ୟରେ ବହୁତ ଖୁସି ହେଲି, ତୁ କ'ଣ ମାଗୁଛୁ ମାଗ୍ । ନର୍ତ୍ତକୀ କହିଲା, ପ୍ରଥମେ ଆପଣ ଶପଥ କରନ୍ତୁ, ତା'ପରେ ମୁଁ ମାଗିବି । ରାଜା କହିଲେ, ମୁଁ ପ୍ରତିଜ୍ଞା କରୁଛି, ରାଜ୍ୟ ବ୍ୟତିତ ଆଉ ଯାହା ବି ମାଗିବୁ ନିଶ୍ଚିତ ଦେବି ।

ନର୍ତ୍ତକୀ କହିଲା ଆପଣଙ୍କ ସଭା ମଧ୍ୟରେ ଜଣେ ଚୋର ଅଛି । ସେ ମୋ ଘରୁ ଚୋରି କରିଛି । ତା ନାଁ ମନ୍ତ୍ରୀ ଶେର୍ ଖାଁ । ତାକୁ ଫାଶୀ ଦଣ୍ଡ ଦିଆଯାଉ । ରାଜା, ଶେର୍ ଖାଁକୁ ପଚାରିଲେ ଯେ ଏ କଥାରେ କେତେ ସତ୍ୟତା ଅଛି ? ଶେର୍ ଖାଁ କହିଲା, ହେ ପରବର୍‌ଦିଗାର ! ଏହି ନାରୀର ମୁହଁ ମଧ୍ୟ ମୁଁ ପୂର୍ବରୁ କେବେ ଦେଖି ନାହିଁ ।

ଏହା ଶୁଣି ସୋମବତୀ କହିଲା, ଯଦି ଆପଣ ମୋ ମୁଁହ କେବେ ଦେଖି ନାହାଁନ୍ତି ତେବେ ଏହି ଗାମୁଛା ଓ ଛୁରୀ କାହା ଘରୁ ଆଣିଛନ୍ତି ? ମୁଁ ସେହି ଚାପ୍ ସିଂହଙ୍କ ପତିବ୍ରତା ପତ୍ନୀ ଯାହାଙ୍କୁ ତୁମ ମିଛ କଥା ପାଇଁ ଫାଶୀ ଦିଆଯିବ । ରାଜା, ଚାପ୍ ସିଂହକୁ ଡ଼କାଇ ତାଙ୍କୁ କ୍ଷମା କରଦେଲେ ଏବଂ ନିଜ ରାଜ୍ୟର ଅଧା ଭାଗ ଦେଲେ । ମନ୍ତ୍ରୀ ଶେର୍ ଖାଁଙ୍କୁ ଫାଶୀଦଣ୍ଡ ଦିଆଗଲା । ଧନ୍ୟ ସେହି ଝିଅ ଯାହାଙ୍କ ପାଇଁ ଭାରତ ଗର୍ବିତ । ଗରୀବ ଦାସଜୀଙ୍କୁ ପରମେଶ୍ୱର କବୀରଜୀ କହିଥିଲେ ଯେ :-

ତୁରା ନା ତୀଖା କୁଦନା, ପୁରୁଷ ନେହାଁ ରଣ ଧୀର ।
ନେହାଁ ପଦମନୀ ନଗର ମେଁ, ଯା ମୋଟୀ ତକସୀର ॥

ଭାବାର୍ଥ :- କବୀର ପରମେଶ୍ୱର କହୁଛନ୍ତି ଯେ ଗରୀବ ଦାସ ! ଯେଉଁ ନଗର ବା ଦେଶରେ ଉଚ୍ଚ ଡିଆଁ ମାରି କ୍ଷୀପ୍ର ଗତିରେ ଦୌଡ଼ି ପାରୁଥିବା ଘୋଡ଼ା ନାହିଁ, ଯେଉଁ ଦେଶ ବା ନଗରର ନାଗରିକ ରଣଧୀର (ସୁରବୀର) ନୁହଁନ୍ତି ଏବଂ ଯେଉଁ ଦେଶ ବା ନଗରରେ ପଦ୍ମିନୀ ଅର୍ଥାତ୍ ପତିବ୍ରତା ସ୍ତ୍ରୀ ନାହାନ୍ତି ଏହାକୁ ବହୁତ ବଡ଼ ତ୍ରୁଟି ଅର୍ଥାତ୍ ଅଭାବ କୁହାଯିବ । ଦେଶରେ ଏହିଭଳି ଚରିତ୍ରବାନ ଉଭୟ ସ୍ତ୍ରୀ-ପୁରୁଷଙ୍କ ଉପସ୍ଥିତି ନିତ୍ୟାନ୍ତ ଜରୁରୀ ।

ଝବିବାହ ପରେ ଶ୍ୱଶୁର ଘରେ କିଛି ଝିଅ ଶୃଙ୍ଗାର କରିଥାନ୍ତି । ସଜବାଜ ହୋଇ ସାହିରେ ବୁଲିଥାନ୍ତି ଓ ବିଚିତ୍ର ଧରଣର ଭାବଭଙ୍ଗୀ ପ୍ରଦର୍ଶନ କରିଥାନ୍ତି । ଅସ୍ୱାଭାବିକ ରଙ୍ଗୀନ, ଚିକ୍‌ମିକ୍ ବସ୍ତ୍ର ପରିଧାନ କରି ବଜାରକୁ, କ୍ଷେତକୁ କିମ୍ବା ପାଣି ଆଣିବା ପାଇଁ କୂଅ ବା ନଳକୂପକୁ ଯାଇଥାନ୍ତି । ସେମାନଙ୍କର ଉଦେଶ୍ୟ କ'ଣ ଥାଏ ? ଉଦେଶ୍ୟ ଅତ୍ୟନ୍ତ ସ୍ପଷ୍ଟ ଯେ ନିଜ ପତି(ସ୍ୱାମୀ) ବ୍ୟତୀତ ଅନ୍ୟ ପୁରୁଷମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା । ନିଜ ସୌନ୍ଦର୍ଯ୍ୟତା ବା ବୈଭବତାକୁ ପ୍ରଦର୍ଶନ କରିବା ଯାହା ଜଣେ ଉତ୍ତମ ଝିଅ-ବୋହୁର ଲକ୍ଷଣ ହୋଇ ନ ଥାଏ । ଯଦି କେହି କୁହନ୍ତି ଯେ ସେମାନେ ନିଜ ସ୍ୱାମୀଙ୍କୁ ପ୍ରସନ୍ନ କରିବା ପାଇଁ ଏଭଳି ଆଚରଣ କରୁଛି ତେବେ ସେ ନିଜ ଘର ଭିତରେ ସୀମିତ ରହିବା ଉଚିତ୍ ହେବ । ମାତ୍ର ଏଭଳି ଲକ୍ଷଣ ମନର ଦୋଷ ଦୁର୍ବଳତାକୁ ପରିପ୍ରକାଶ କରିଥାଏ ।

ଦାମୀ ହେଉ ବା ଶସ୍ତା ହେଉ ମହିଳାମାନେ ସାଧାରଣ ବସ୍ତ୍ର ପରିଧାନ କରିବା ଉଚିତ୍ । ଝିଅ-ବୋହୁ-ଭଉଣୀମାନଙ୍କର ନଜର ୧୨ଫୁଟ୍ ଦୂର ପର୍ଯ୍ୟନ୍ତ ସିମୀତ ରହିବା ଉଚିତ୍ । ବସିବା, ଉଠିବା ଓ ଚାଲିବା ସମୟରେ ଧ୍ୟାନ ରଖିବା ଉଚିତ୍ ଯେ ନିଜର ଏଭଳି କୌଣସି ଗତିବିଧି ନ ହେଉ ଯାହାଦ୍ୱାରା ଅନ୍ୟମାନଙ୍କ ମନରେ ଉତ୍ତେଜନା ସୃଷ୍ଟି କରିବ । ନାରୀମାନଙ୍କର ଉଦ୍ଧତ ଚାଲିଚଳଣି କାରଣରୁ ଦୁଷ୍ଟରିତ୍ର ବ୍ୟକ୍ତିମାନଙ୍କର ସାହାସ ବଢ଼ିଥାଏ । ସେମାନେ ଅନ୍ୟକୁ ଅସୁବିଧାରେ ପକାଇଥାନ୍ତି । ମହିଳାମାନେ ହସି-ହସି କଥାବାର୍ତ୍ତା କରିବା, ଉତ୍‌ପ୍ରେରକ ତଥା ଅଶାଳୀନତାର ଲକ୍ଷଣ ହୋଇଥାଏ ଯାହା ଏକ ସାମାଜିକ କଳଙ୍କ ଅଟେ । ଝିଅ, ବୋହୁ ଓ ଭଉଣୀମାନେ ଯେପରି ଶିଷ୍ଟାଚାରୀ ହୋଇ ଘରେ ନିଜ ପରିଜନଙ୍କ ସହିତ ରହିଥାନ୍ତି, ଠିକ୍ ସେହିଭଳି ଆଚରଣ ମଧ୍ୟ ଘରେ ଓ ବାହାରେ କରିବା ଉଚିତ୍ । ଏହିଭଳି ଆଚରଣକୁ ସଭ୍ୟ ସମାଜ ପ୍ରଶଂସା କରିଥାଏ । ସେମାନେ ଅନ୍ୟ ଯୁବତୀମାନଙ୍କ ପାଇଁ ଉଦାହରଣ ପାଲଟିଥାନ୍ତି । ଯଦି ପେଟ୍ରୋଲ, ଅଗ୍ନି ସଂସ୍ପର୍ଶରେ ନ ଆସିବ ତେବେ ବିସ୍ଫୋରଣ ହେବ ନାହିଁ ।

ଝଏହା ବିପରୀତ ଉପରୋକ୍ତ ଗତିବିଧିରେ ସଂଶ୍ଳିଷ୍ଟ ହେବା ଅର୍ଥ ସମାଜରେ ନିଆଁ ଲଗାଇବା ସଦୃଶ୍ୟ । ଏହି ନିୟମ ଉଭୟ ଯୁବକ ଓ ଯୁବତୀମାନଙ୍କ ପ୍ରତି ଲାଗୁ ହେଉଛି ।

ଯୌବନାବସ୍ଥା ହେଉଛି ବାରୁଦ ଭଳି ଯାହା ଅଗ୍ନି ସଂସ୍ପର୍ଶରେ ଆସିଲେ ସର୍ବନାଶ କରିଥାଏ । ଯଦି ବାରୁଦ ଅଗ୍ନି ସଂସ୍ପର୍ଶରେ ନ ଆସେ ତେବେ ଅନେକ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରହିଥାଏ ।

ଝପ୍ରତ୍ୟେକ ବ୍ୟକ୍ତି ଆଶା କରିଥାନ୍ତି ଯେ ନିଜ ଝିଅ-ଭଉଣୀ-ବୋହୁ ଉତ୍ତମ ଚରିତ୍ରବାନ ହୁଅନ୍ତୁ । ଗ୍ରାମ- ନଗରରେ ସେମାନଙ୍କୁ ସମାଲୋଚନା କରି କେହି ଏହା ନ କୁହନ୍ତୁ ଯେ ଅମୁକ ବଂଶର ଝିଅ-ବୋହୁମାନେ ଦୁଷ୍ଟରିତ୍ରା ଅଟନ୍ତି ।

ଝକୌଣସି ଯୁବତୀକୁ ଦେଖି ଆମ୍ଭ ମନରେ ବିକାର ଭାବ ଉତ୍ପନ୍ନ ହେବା ସମୟରେ ତୁରନ୍ତ ଏହା ଭାବିବା ଉଚିତ୍ ଯେ, ଯଦି କୌଣସି ବ୍ୟକ୍ତି ଆମ୍ଭ ଝିଅ-ବୋହୁ-ଭଉଣୀଙ୍କ ପ୍ରତି ମନରେ ଏହିଭଳି ଖରାପ ଉଦ୍ଦେଶ୍ୟ ରଖି ଦୁଷ୍କର୍ମ କ୍ରିୟା-କଳାପ (ଥଟ୍ଟାମଜା ମାଧ୍ୟମରେ ନିଜ ମନ୍ଦ ଉଦ୍ଦେଶ୍ୟକୁ ପ୍ରକାଶ କରିବା, ଅଶ୍ଳିଳ ଇଙ୍ଗିତ ଦେବା, ଆଖିଠାର ମାରିବା ଓ ବାଙ୍କ ଚାହାଣୀରେ ଚାହିଁବା ଭଳି ଖରାପ କାର୍ଯ୍ୟକଳାପ) କଲେ ଆମ୍ଭକୁ କିପରି ଲାଗିବ ? ଉତ୍ତର ବହୁତ ସ୍ପଷ୍ଟ ଯେ ମାଡ ମାରି ସେହି ବ୍ୟକ୍ତିର ଗୋଡ଼ ଦୁଇଟିକୁ ଭାଙ୍ଗି ଦେବା । କିନ୍ତୁ ଯିଏ ଦୁର୍ବଳ ସେ ଏକାନ୍ତରେ ବସି କାନ୍ଦିବା ବ୍ୟତିତ ଆଉ କିଛି କରି ପାରିନଥାଏ । ସେହି ସମୟରେ ଏହା ବିଚାର କରିବା ଉଚିତ୍ ଯେ :-

ଜୈସା ଦର୍ଦ ଆପନେ ହୋବେ, ଔସା ଜାଣ ବିରାଣୈ ।
ଜୋ ଅପନେ ସୋ ଔର କେ, ଏକୈ ପୀଡ଼ ପିଛାଣୈ ॥

ସମାଧାନ :- ପରମେଶ୍ୱର କବୀରଜୀ କହିଛନ୍ତି ଯେ :-

କବୀର, ପରନାରୀ କୋ ଦେଖିଏ, ବହନ-ବେଟୀ କେ ଭାବ ।
କହେ କବୀର କାମ (Sex) ନାଶ କା, ଯହୀ ସହଜ ଉପାୟ ॥

ଯୌନ ଉତ୍ପୀଡନର କାରଣ :- ଚଳଚିତ୍ରରେ କାଳ୍ପନିକ କାହାଣୀ ଆଧାରରେ ଅଭିନୟ କରାଯାଇଥାଏ ଯାହାକୁ ଦେଖି ଯୁବଗୋଷ୍ଠୀ ତାହାର ନକଲ କରି ଧିରେ ଧିରେ ଲଜ୍ଜ୍ୟାହୀନ ହୋଇଯାଆନ୍ତି । ଯେଉଁଭଳି କ୍ରିୟା-କଳାପ ଚଳଚିତ୍ରରେ ଦେଖିବାକୁ ମିଳେ ସେହିଭଳି ଆଚରଣ ନା ଘରେ, ନା ଗାଁରେ, ନା ସଭ୍ୟ ସମାଜରେ କରାଯାଇପାରିବ । ତାହେଲେ ଚଳଚିତ୍ର ଦେଖିବାର ଉଦ୍ଦେଶ୍ୟ କ'ଣ ? ଅର୍ଥାତ୍ କିଛି ନାହିଁ । କେବଳ ମନୋରଞ୍ଜନର ବାହାନା କରାଯାଇଥାଏ ଯାହା ସମାଜ ବିନାଶର ମୂଳ କାରଣ ହୋଇଥାଏ । ମୋ (ଲେଖକଙ୍କ) ଅନୁଯାୟୀମାନେ ଆଦୌ ଫିଲ୍ମ ଦେଖନ୍ତି ନାହିଁ ।

ଅଶ୍ଳୀଳ ଗୀତ, ଫିଲ୍ମ ଓ ଆଲ୍‌ବମ ଗୀତ, ଅପେରା ଓ ଅଶ୍ଳୀଳ ଚର୍ଚ୍ଚା ନିକର୍ମା ଯୁବକମାନେ କରିଥାନ୍ତି । ସେମାନଙ୍କ ସଂସ୍ପର୍ଶରେ ଆସି ଉତ୍ତମ ଚରିତ୍ରର ଯୁବକମାନେ ପ୍ରଭାବିତ ହୋଇ ଅଯଥା କଥାବାର୍ତ୍ତା କରିଥାନ୍ତି ।

କବୀର ପରମେଶ୍ୱରଜୀ କହିଛନ୍ତି ଯେ:-

କଥା କରୋ କରତାର କୀ, ସୁନୋ କଥା କରତାର ।
କାମ (Sex) କଥା ସୁନୋଁ ନେହିଁ କହେ କବୀର ବିଚାର ॥

ଭାବାର୍ଥ:- କବୀର ପରମେଶ୍ୱରଜୀ ବୁଝାଇ କହିଛନ୍ତି ଯେ ପରମାତ୍ମାଙ୍କ ମହିମାର ଗୁଣଗାନ (କଥା) କର କିମ୍ବା ଯେଉଁଠି ପରମାତ୍ମାଙ୍କ ଚର୍ଚ୍ଚା(କଥା) ହେଉଛି ତାହା ଶୁଣ । କାମନା ଅର୍ଥାତ୍ ଅଶ୍ଳୀଳ ଚର୍ଚ୍ଚା କେବେ ଶୁଣ ନାହିଁ । କବୀର ସାହେବ ଏହି ବିଚାର ଅର୍ଥାତ୍ ମତ ଦେଇଛନ୍ତି ।

ବିଶେଷ ମନ୍ଥନ

କାମ(Sex) ପ୍ରକ୍ରିୟାକୁ ବିଶେଷ ବିବେକର ସହିତ ବୁଝିବାକୁ ଚେଷ୍ଟା କରନ୍ତୁ । ପତି-ପତ୍ନୀଙ୍କ ମିଳନକୁ ସମାଜ ଏଥିପାଇଁ ମାନ୍ୟତା ଦେଇଥାଏ ଯେ ଆପଣ ପତି-ପତ୍ନୀ ବ୍ୟବହାର କରି ସନ୍ତାନ ଉତ୍ପନ୍ନ କରିବେ । ସମସ୍ତଙ୍କ ମାତା-ପିତା ସନ୍ତାନ ଉତ୍ପତ୍ତିର କ୍ରିୟା କରିଛନ୍ତି ଯାହାକୁ ସମ୍ଭୋଗ କୁହାଯାଏ । ଯାହାଦ୍ୱାରା ଆମ୍ଭର ତଥା ଆମ୍ଭ ଭାଇ-ଭଉଣୀମାନଙ୍କର ଜନ୍ମ ହୋଇଛି । ତେବେ ବିଚାର କରନ୍ତୁ, ଏହି କ୍ରିୟା କେତେ ପବିତ୍ର ଓ ଉତ୍ତମ ଯାହାଦ୍ୱାରା ଆମ୍ଭକୁ ବହୁ ଅମୂଲ୍ୟ ମାନବ ଶରୀର ପ୍ରାପ୍ତ ହୋଇଛି । କେହି ଡାକ୍ତର ହୋଇଛି ତ କେହି ସୈନିକ, କେହି ମନ୍ତ୍ରୀ ହୋଇଛି ତ କେହି ଇଞ୍ଜିନିୟର ହୋଇଛି, କେହି କୃଷକ ହୋଇ ସମସ୍ତଙ୍କୁ ଆହାର ଯୋଗାଉଛି ତ କେହି ଶ୍ରମିକ ହୋଇ ଆପଣଙ୍କ ଘର ତିଆରି କରୁଛି । କେହି ମଧ୍ୟ କାରିଗର ହୋଇଛି । ଆମ୍ଭେ ଏହି ମାନବ ଶରୀରରେ ହିଁ ଭକ୍ତି-ଦାନ-ଧର୍ମ ଆଦି କରି ନିଜ ଆତ୍ମାର କଲ୍ୟାଣ କରିପାରିବା । ଏହା ସମ୍ଭୋଗ କ୍ରିୟା ଅଟେ । ଏହାକୁ ରାଗ-ରାଗିଣୀ ଓ ଫିଲ୍ମ ଗୀତ ଗାଇ-ଶୁଣାଇ, ଯେତେ ବ୍ୟର୍ଥ ଚର୍ଚ୍ଚା କରି ମଳିନ ବାସନାର ରୂପ ଦିଅନ୍ତୁ, ସେହି ଏକା କଥା । ପରଦା ଆଡୁଆଳରେ ଏହି କ୍ରିୟା କରିବା ସଭ୍ୟତାର ପରିଚୟ ଦେଇଥାଏ । ପଶୁ-ପକ୍ଷୀମାନେ ପ୍ରଜନନ କ୍ରିୟା ସର୍ବ ସମ୍ମୁଖରେ କରିଥାନ୍ତି ଯାହା ଆମ୍ଭକୁ ଉଚିତ୍ ଲାଗି ନଥାଏ । କିନ୍ତୁ ମନୁଷ୍ୟ ଏକ ସଭ୍ୟ ପ୍ରାଣୀ ହିସାବରେ ପରଦା ଭିତରେ ଅର୍ଥାତ୍ ମର୍ଯ୍ୟାଦାରେ ରହି ସଭ୍ୟତାର ଅସ୍ତିତ୍ୱକୁ ବଜାୟ ରଖିବା ଉଚିତ୍ ।

ଉପରୋକ୍ତ ସୁବିଚାର ପଠନ ଦ୍ୱାରା କୌଣସି ଭଉଣୀ-ଝିଅ-ବୋହୂଙ୍କୁ ଦେଖି ଆପଣଙ୍କ ମନରେ ଖରାପ ଭାବନା ଉତ୍ପନ୍ନ ହେବ ନାହିଁ । ଏହି କ୍ରିୟା ଆମ୍ଭ ଜେଜେ ବାପା-ଜେଜ ମା କରିଛନ୍ତି ଯାହାଦ୍ୱାରା ଆମ୍ଭ ପିତାଙ୍କର ଜନ୍ମ ହୋଇଛି । ଏହି କ୍ରିୟା ଆମ୍ଭ ଅଜା-ଆଇ କରିଛନ୍ତି ଯାହାଦ୍ୱାରା

ଆମ୍ଭ ମାତାଙ୍କର ଜନ୍ମ ହୋଇଛି । ସେହି ପିତା-ମାତା ଆମ୍ଭମାନଙ୍କୁ ଜନ୍ମ ଦେଇ ଆମ୍ଭର ଲାଳନପାଳନ କଲେ । ଆମ୍ଭ ପିତା-ମାତା କେତେ ଉତ୍ତମ ଯେଉଁମାନଙ୍କର ଉତ୍ପତ୍ତି ମଧ୍ୟ ଏହି କ୍ରିୟାରୁ ହୋଇଛି । ତେବେ ଏହାକୁ କ'ଣ ଅଶ୍ଳୀଳତା କହିବା ? ଲଫଙ୍ଗା(ଅସାମାଜିକ) ଲୋକମାନେ ଏହାକୁ ଅଶ୍ଳୀଳ ଭାବରେ ଉପସ୍ଥାପନା କରି, ଅଶ୍ଳୀଳତାର ରଙ୍ଗ ଦେଇ ସମାଜରେ ନିଆଁ ଲଗାଇବା କାର୍ଯ୍ୟ କରିଥାନ୍ତି ।

ଝଦେଶର ସମ୍ବିଧାନରେ ବ୍ୟବସ୍ଥା ଅଛି ଯେ ଯଦି କୌଣସି ପୁରୁଷ କୌଣସି ମହିଳା ସହ ଦୁର୍ବ୍ୟବହାର କରେ ତେବେ ତାକୁ ତିନିବର୍ଷ ଜେଲଦଣ୍ଡ ହେବ । ଯଦି କେହି ରେପ୍(ଧର୍ଷଣ) କରେ ତାକୁ ଦଶବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହେବ । ଆଇନ କାନୁନର ଜ୍ଞାନ ହେବା ପରେ ମନୁଷ୍ୟ ସେହି କୁକର୍ମ, ଦୁରାଚାର ଆଦି କରିବାକୁ ଡରିଥାଏ । ଆଇନ କାନୁନର ଜ୍ଞାନ ସମସ୍ତଙ୍କୁ ହେବା ଉଚିତ୍ । ଏହିଭଳି ପାପ କର୍ମ କାଳବ୍ରହ୍ମ କରାଇଥାଏ । ଏହି କାଳ କିଏ ? ତାହା ଜାଣିବା ପାଇଁ ଏହି ପୁସ୍ତକର ୨୪୮ ପୃଷ୍ଠାରେ ଥିବା ସୃଷ୍ଟି ରଚନା ବିଷୟ ପଢନ୍ତୁ ।

ଝଫିଲ୍ମ ଦେଖିବା ଅନୁଚିତ୍ :- ଫିଲ୍ମ କାଳ୍ପନିକ କାହାଣୀ ଉପରେ ଆଧାରିତ ହୋଇଥାଏ ଯାହାକୁ ଦେଖିବା ସମୟରେ ଆମ୍ଭେ ଭୁଲି ଯାଇଥାଉ ଯେ ଏଥିରେ ଅଭିନୟ କରୁଥିବା ପ୍ରତ୍ୟେକ ଚରିତ୍ର ନିଜ ପେଟ ପୋଷିବା ପାଇଁ ଧନ୍ଧା କରୁଛନ୍ତି । ଗୋଟିଏ ଫିଲ୍ମରେ କାମ କରିବା ପାଇଁ ସେମାନେ କୋଟି କୋଟି ଟଙ୍କା ପାରିଶ୍ରମିକ ନେଇଥାନ୍ତି । ଜ୍ଞାନହୀନ ଯୁବଗୋଷ୍ଠି ନିଜ ବିବେକ ବିଚାର ହରାଇ ସେମାନଙ୍କର ଫ୍ୟାନ୍ (ପ୍ରଶଂସକ) ହୋଇଯାଆନ୍ତି । ସେମାନେ ନିଜ ଧନ୍ଦା କରୁଛନ୍ତି, କିନ୍ତୁ ଆପଣମାନେ ମୂର୍ଖ ଭଳି ସିନେମା ଦେଖି ଧନ ବ୍ୟୟ କରୁଛନ୍ତି । ଆପଣ ଯେଉଁ ହିରୋ-ହିରୋଇନମାନଙ୍କର ଫ୍ୟାନ୍ (ପ୍ରଶଂସକ) ହୋଇଛନ୍ତି, ସେମାନଙ୍କ ଘରକୁ ଥରେ ଯାଇ ଦେଖନ୍ତୁ, ଚାହା ଜଳଖିଆ ତ ଦୂରକଥା ସେମାନେ ଆପଣଙ୍କୁ ଗୋଟେ ଗ୍ଲାସ ପାଣି ବି ଦେବେ ନାହିଁ । ବିଚାର କରନ୍ତୁ, ମୁଁ ଲଡୁ ଖାଉଛି ଏବଂ ଆପଣ ଦେଖୁଛନ୍ତି । ଆପଣ କହୁଛନ୍ତି, ବାଃ ! ବଢିଆ ଷ୍ଟାଇଲ୍‌ରେ ଲଡୁ ଖାଉଛନ୍ତି । ଏଥିରୁ ଆପଣଙ୍କୁ କ'ଣ ମିଳିଲା ? ଏହି ଅବସ୍ଥା ସିନେମା କଳାକାର ଓ ଦର୍ଶକମାନଙ୍କ ସହିତ ସମାନ ଅଟେ ।

ଝଆମ୍ଭମାନଙ୍କୁ ନିଜ ଚିନ୍ତାଧାରା (ଭାବନା) ରେ ପରିବର୍ତ୍ତନ ଆଣିବାକୁ ପଡ଼ିବ :-

➤ଯେପରି ଅଶ୍ଳୀଳ ମୂର୍ତ୍ତି ଦେଖିଲେ ଆମ୍ଭମାନଙ୍କ ମନରେ ଅଶ୍ଳୀଳ ଭାବ ଉତ୍ପନ୍ନ ହୋଇଥାଏ । କାରଣ ସେହି ଉତ୍ତେଜକ ମୂର୍ତ୍ତି, ପେଟ୍ରୋଲରେ ଅଗ୍ନି ସଂଯୋଗ ପରି ଆମ୍ଭ ମନରେ ତିବ୍ର ଉତ୍ତେଜନାର ଅଗ୍ନି ସଂଯୋଗ କରିଥାଏ । ଏହିଭଳି ମୂର୍ତ୍ତି ଓ ଫଟୋକୁ ନଷ୍ଟ କରି ଦିଅନ୍ତୁ ।

➤ଯେପରି ଦେଶଭକ୍ତମାନଙ୍କ ଜୀବନୀ ପଢ଼ିଲେ ବା ମୂର୍ତ୍ତି ଦେଖିଲେ ଆମ୍ଭମାନଙ୍କ ମନରେ ଦେଶଭକ୍ତି ଭାବନା ଜାଗ୍ରତ ହୋଇଥାଏ । ଏଭଳି ଚିତ୍ର ଘରେ ରଖିଲେ କିଛି କ୍ଷତି ନାହିଁ ।

➤ଆମ୍ଭେ ସାଧୁ-ସନ୍ଥ-ଫକୀର ତଥା ଚରିତ୍ରବାନ ବ୍ୟକ୍ତିଙ୍କର ଜୀବନୀ ପଢ଼ିଲେ ଏବଂ ଶୁଣିଲେ ସମସ୍ତ ବିକାର ଦୂର ହୋଇଯିବା ସହିତ ଜଣେ ଭଲ ନାଗରିକ ହେବା ପାଇଁ ଇଚ୍ଛା ହେବ । ତେଣୁ ଆମ୍ଭମାନଙ୍କ ପାଇଁ ସାଧୁସଙ୍ଗ ଓ ସତସଙ୍ଗର ବହୁତ ଆବଶ୍ୟକତା ଅଛି ଯେଉଁଠି ଉତ୍ତମ ଶିକ୍ଷା ଦିଆ ଯାଇଥାଏ ।

➤ଆମ୍ଭେ ନିଜ ଛୋଟ ଝିଅକୁ ଗାଧୋଇ ଦେଇଥାଉ, ପୋଷାକ ପିନ୍ଧାଇ ଦେଇଥାଉ । ଝିଅ ଛୋଟ ଥିବା ବେଳେ ଏହିଭଳି ତା'ର ଯତ୍ନ ନେଇଥାଉ । ପରେ ସେହି ଝିଅ ବଡ ହୋଇ ବିଭା ହୋଇ ଶାଶୁଘରକୁ ଯାଇଥାଏ । ପର ଝିଅ ଆମ୍ଭ ଘରକୁ ବୋହୂ ହୋଇ ଆସିଥାଏ । ଏଥିରେ ନୂଆ କଥା କ'ଣ ରହିଲା । ଏହା ଶୁଦ୍ଧ ମନରେ ବିଚାରଣୀୟ ବିଷୟ ଅଟେ । ଏହିଭଳି ବିବେକପୂର୍ଣ୍ଣ ବିଚାର ଦ୍ୱାରା କୁତ୍ସିତ ଚିନ୍ତାଧାରା ନଷ୍ଟ ହେବା ସହିତ ସାଧୁ ଭାବନା ଉତ୍ପନ୍ନ ହୋଇଥାଏ ।

➤ଖବରକାଗଜରେ ମଧ୍ୟ ଏହିଭଳି ଅଶ୍ଳୀଳ ଫଟୋ ଛପାଯାଉଛି ଯାହା ଯୁବଗୋଷ୍ଠିଙ୍କ ମନକୁ ଭ୍ରମିତ କରିଥାଏ । ଅର୍ନ୍ତବସ୍ତ୍ରର ବିଜ୍ଞାପନ ପାଇଁ ଝିଅମାନେ କେବଳ ଅଣ୍ଡରୱେୟର ଓ ବ୍ରେସିୟର ପିନ୍ଧୁଛନ୍ତି ଯାହା ଅଶ୍ଳିଳତାକୁ ପ୍ରୋତ୍ସାହିତ କରୁଅଛି । ସେହିଭଳି ପୁରୁଷମାନେ ମଧ୍ୟ ଅଣ୍ଡରୱେୟର (ଅନ୍ତବସ୍ତ୍ର)ର ବିଜ୍ଞାପନ ପାଇଁ କେବଳ ଅର୍ନ୍ତବସ୍ତ୍ର ପିନ୍ଧି ଠିଆ ହୋଇଥାନ୍ତି ଯାହା ଅତି ହୀନ ମାନସିକତାର

ପରିଚୟ ଦେଇଥାଏ । ଏସବୁ ବନ୍ଦ ହେବା ଉଚିତ୍ । ଏଥିପାଇଁ ସଭ୍ୟ ସଙ୍ଗଠନର ଆବଶ୍ୟକତା ରହିଛି ଯାହା ସାମ୍ନିଧାନିକ ଉପାୟରେ ଅଶ୍ଳୀଳତାକୁ ବନ୍ଦ କରିବା ପାଇଁ ସଂଘର୍ଷ କରିବ । ତତ୍‌ସହିତ ମାନବକୁ ଚରିତ୍ରବାନ ଓ ଦୟାବନ୍ତ କରିବା ପାଇଁ ଉତ୍ତମ ପୁସ୍ତକ ଓ ସତସଙ୍ଗର ବ୍ୟବସ୍ଥା କରାଇବ ।

➢ଉତ୍ତମ ବିଚାରଧାରାରେ ପ୍ରଭାବିତ ପିଲାମାନେ ସଂଯମୀ ହୋଇଥାନ୍ତି । ଦେଖିବାକୁ ମିଳେ ଯେ ଯେଉଁ ଝିଅମାନଙ୍କର ସ୍ୱାମୀ ବିବାହର କିଛିଦିନ ପରେ ସୈନ୍ୟବାହିନୀରେ ନିଜ ଡ୍ୟୁଟି କରିବା ପାଇଁ ଚାଲିଯାଆନ୍ତି । ସେମାନେ ପ୍ରାୟ ଆଠ-ନଅ ମାସ ପରେ ଛୁଟିରେ ଆସିଥାନ୍ତି । କିଛି ଝିଅଙ୍କ ସ୍ୱାମୀ ରୋଜଗାର ପାଇଁ ବିଦେଶକୁ ଚାଲିଯାଆନ୍ତି ଏବଂ ତିନି-ତିନି ବର୍ଷ ପର୍ଯ୍ୟନ୍ତ ଘରକୁ ଫେରି ନ ଥାନ୍ତି । ସେହି ଝିଅମାନେ ସଂଯମତା ରକ୍ଷା କରି ରହିଥାନ୍ତି । ଅନ୍ୟ ପୁରୁଷକୁ ସ୍ୱପ୍ନରେ ସୁଦ୍ଧା ଚାହିଁ ନ ଥାନ୍ତି । ସେମାନେ ଉତ୍ତମ ବଂଶଜ ଅଟନ୍ତି । ଏହି ସମୟରେ ପୁରୁଷମାନେ ମଧ୍ୟ ସଂଯମତା ରକ୍ଷା କରିଥାନ୍ତି । ସେମାନେ ମଧ୍ୟ ଉତ୍ତମ ବଂଶଜ ଅର୍ଥାତ୍ ସଂସ୍କାରି ପାରିବାରର ସନ୍ତାନ ଅଟନ୍ତି । ଯେଉଁମାନେ ଅଭଦ୍ର, ଲଫଙ୍ଗା, ସେମାନେ ଓଲଟା ସିଧା କାର୍ଯ୍ୟ କରିଥାନ୍ତି । ବିଭିନ୍ନ ଷ୍ଟାଇଲରେ ବାଳ କଟିଙ୍ଗ୍ କରି, କଳା-ଧଳା ଚଷମା ପିନ୍ଧି କୁକୁରଙ୍କ ଭଳି ଗାଁ ଦାଣ୍ଡରେ ଘୁରି ବୁଲନ୍ତି । ସେମାନେ ବାରବୁଲାଙ୍କ ପରି ଆଚରଣ କରିଥାନ୍ତି । ସେମାନଙ୍କ ଭୂଲ କାର୍ଯ୍ୟ ପାଇଁ ଅନ୍ୟର ସୁଖ ସଂସାର ଉଜୁଡ଼ି ଯାଇଥାଏ । କାରଣ ଝିଅ-ବୋହୂମାନଙ୍କୁ ସେମାନେ ଏଭଳି କଦର୍ଯ୍ୟ କଥା କହିଥାନ୍ତି ଯାହାଦ୍ୱାରା ଝଗଡ଼ା ସୃଷ୍ଟି ହୋଇଥାଏ । ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହେଲା ଭଳି ଏହା ଲଢ଼େଇର ରୂପ ନେଇଥାଏ । ଲଢେଇରେ କାହାର ମୃତ୍ୟୁ ମଧ୍ୟ ହୋଇ ଯାଇଥାଏ । ସେହି ଜଣେ ଭାଡୁଆ ଯୋଗୁଁ ଦୁଇଟି ପରିବାରର ସର୍ବନାଶ ହୋଇଥାଏ । ତେଣୁ ଅଳ୍ପ ବୟସରୁ ନିଜ ପିଲାମାନଙ୍କୁ ସତସଙ୍ଗ-ପ୍ରବଚନ ଶୁଣାଇ ଉତ୍ତମ ବିଚାରବନ୍ତ ଓ ଚରିତ୍ରବାନ କରିବା ଉଚିତ୍ ।

''ଚରିତ୍ରବାନଙ୍କ କଥା''

ଶୁକଦେବ ନାମକ ଜଣେ ଋଷିଥିଲେ । ସେ ଶ୍ରୀ ବେଦବ୍ୟାସଙ୍କ ପୁତ୍ର ଥିଲେ । ଦିନେ ସେ ଦୀକ୍ଷା ନେବା ଉଦ୍ଦେଶ୍ୟରେ ମିଥିଳା ନଗରର ରାଜା ଜନକଙ୍କ ପାଖକୁ ଗଲେ । ରାଜା ଜନକ କହିଲେ, ଶୁକଦେବ ! ତୁମକୁ ଆସନ୍ତା କାଲି ସକାଳେ ନାମ(ଦୀକ୍ଷା) ଦେବି । ରାତ୍ରିରେ ରହିବା ପାଇଁ ଅଲଗା ଏକ ଭବନରେ ବ୍ୟବସ୍ଥା କରାଗଲା । ପରୀକ୍ଷା ନେବା ଉଦ୍ଦେଶ୍ୟରେ ଜଣେ ସୁନ୍ଦରୀ ଯୁବତୀଙ୍କୁ ଋଷିଙ୍କ ସେବା ପାଇଁ ପଠାଗଲା । ଯୁବତୀ ଜଣକ ଯାଇ ପଲଙ୍କ ଉପରେ ଶୁକଦେବଙ୍କ ପାଦ ନିକଟରେ ବସିଲେ । ଋଷି ନିଜ ଗୋଡ଼ ଦୁଇଟିକୁ ଯାକି ବୁଲି ବସିଲେ । ଯୁବତୀ ଋଷିଙ୍କର ଅଧିକ ନିକଟତର ହେବାରୁ ଋଷି ତୁରନ୍ତ ଛିଡ଼ା ହୋଇଗଲେ ଏବଂ କହିଲେ, ଭଉଣୀ ! ତୁମେ ଜଣେ ସଭ୍ୟ ପରିବାରର ଝିଅ ପରି ଜଣାପଡୁଛ, କୃପାକରି ଏହି କୋଠୋରୀ ମଧ୍ୟରୁ ବାହାରି ଯାଅ ନଚେତ୍ ମୁଁ ଏଠାରୁ ଚାଲିଯିବି । ଝିଅଟି ଚାଲିଗଲା ଏବଂ ରାଜା ଜନକଙ୍କୁ ସମସ୍ତ ଘଟଣା ଜଣାଇ କହିଲା, ସେ ଜଣେ ଶୁଦ୍ଧ ବ୍ୟକ୍ତି ଅଟନ୍ତି । ରାଜା ଜନକ ସକାଳେ ଶୁକଦେବ ଋଷିଙ୍କୁ କହିଲେ, ଆପଣଙ୍କ ସେବା ପାଇଁ ଜଣେ ସ୍ତ୍ରୀ ଲୋକ ଆସିଥିଲା, ଆପଣ ତାକୁ ଅଙ୍ଗୀକାର(ଗ୍ରହଣ) ନ କରି ଉତ୍ତମ ସଂଯମତାର ପରିଚୟ ଦେଲେ । ଆପଣ ସଂଯମୀ ବ୍ୟକ୍ତି ଅଟନ୍ତି । ଧନ୍ୟ ଆପଣଙ୍କ ମାତା-ପିତା ।

କବୀର ପରମେଶ୍ୱରଙ୍କ ବିଚାର ଶୁକଦେବ ଋଷିଙ୍କ ବିଚାରଠାରୁ ଆହୁରି ଉଚ୍ଚ ଓ ଶ୍ରେଷ୍ଠ ଅଟେ । କବୀର ପରମେଶ୍ୱର କହିଛନ୍ତି ଯେ ଋଷି ଶୁକଦେବ ମଧ୍ୟ ଆତ୍ମଜ୍ଞାନୀ ନ ଥିଲେ, କାରଣ ଯେତେବେଳେ ଯୁବତୀ ପଲଙ୍କ ଉପରେ ବସିଲେ ସେତେବେଳେ ଶୁକଦେବ ତାକୁ ଏକ ନାରୀ ଭାବି ନିଜ ଶରୀର ସ୍ପର୍ଶ କରିବାକୁ ଦେଲେ ନାହିଁ ଏବଂ ବାହାରକୁ ଚାଲି ଯିବାକୁ ପ୍ରସ୍ତୁତ ହେଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଶୁକଦେବଙ୍କୁ ଆତ୍ମଜ୍ଞାନ ଜଣା ନ ଥିଲା । ବିଚାର କରନ୍ତୁ, ଯଦି ଯୁବତୀ ସ୍ଥାନରେ ଜଣେ ଯୁବକ ତାଙ୍କ ନିକଟକୁ ଯାଇ ବସିଥାନ୍ତା ତେବେ ଶୁକଦେବ କ'ଣ କରିଥାନ୍ତେ ? ସେ ତାକୁ ଭଲ-ମନ୍ଦ ପଚାରିଥାନ୍ତେ ଏବଂ ପଲଙ୍କରୁ ଉଠି ଛିଡା ହୋଇ ନଥାନ୍ତେ

ଏବଂ କହିଥାନ୍ତେ, ଭାଇ ! ଏଠାରେ ଏକ ମାତ୍ର ପଲଙ୍କ ଅଛି, ତୁମେ ପଲଙ୍କ ଉପରେ ବିଶ୍ରାମ କର, ମୁଁ ତଳେ ଶୋଇ ପଡୁଛି । ସେହିପରି ଯଦି ସେହି ଯୁବକ ସଭ୍ୟ ହୋଇଥାନ୍ତା ତେବେ ସେ ମଧ୍ୟ କହିଥାନ୍ତା ଯେ ନା ଋଷିବର ! ଆପଣ ପଲଙ୍କ ଉପରେ ବିରାଜମାନ କରନ୍ତୁ, ମୁଁ ତଳେ ବିଶ୍ରାମ କରୁଛି । ମାତ୍ର ଯୁବତୀ ହୋଇଥିବା କାରଣରୁ ଶୁକଦେବଙ୍କୁ କାମ ବିକାର ଦୋଷ କାରଣରୁ ଭୟ ଲାଗିଲା ।

କବୀର ପରମେଶ୍ୱରଜୀ କହିଛନ୍ତି ଯେ ଆତ୍ମା ଉପରେ ସ୍ତ୍ରୀ ଓ ପୁରୁଷ ରୂପକ ଦୁଇଟି ବସ୍ତ୍ର ରହିଛି । ଯେପରି ଗୀତା ଅଧ୍ୟାୟ ୨ ଶ୍ଳୋକ ୨୨ ରେ କୁହାଯାଇଛି ଯେ ଅର୍ଜୁନ ! ଜୀବ ଗୋଟିଏ ଶରୀର ତ୍ୟାଗକରି ଆଉ ଏକ ଶରୀର ଧାରଣ କରିଥାଏ, ଏହାକୁ ମୃତ୍ୟୁ କୁହା ଯାଇଥାଏ । ମନୁଷ୍ୟ ଯେପରି ପୁରୁଣା ବସ୍ତ୍ର ତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରିଥାଏ, ଆତ୍ମତତ୍ତ୍ୱକୁ ସେହିପରି ଜାଣ ।

ଉଦାହରଣ :- ଏକ ଗାଁକୁ ଯାତ୍ରା ପାର୍ଟି ଆସିଥିଲା । କିଛି ଦିନ ପର୍ଯ୍ୟନ୍ତ ଯାତ୍ରା ଚାଲିଲା । ପୂର୍ବକାଳରେ ଯାତ୍ରା ନାଟକରେ ପୁରୁଷମାନେ ହିଁ ସ୍ତ୍ରୀ ଚରିତ୍ରରେ ଅଭିନୟ କରୁଥିଲେ ।ଥରେ ଜଣେ ବାଳକ ତା ସାଙ୍ଗ ସହିତ ପ୍ରଥମ ଥର ପାଇଁ ଯାତ୍ରା ଦେଖିବାକୁ ଯାଇଥାଏ । ନାଟକର ନାରୀ ଚରିତ୍ରରେ ଜଣେ ପୁଅକୁ ନାରୀ ବେଶ କରାଯାଇ ତାର ଦୁଇ ବକ୍ଷକୁ ମଧ୍ୟ ଝିଅପିଲା ଭଳି ସଜା ଯାଇଥାଏ । ଜୀବନରେ ପ୍ରଥମଥର ପାଇଁ ନାଟକ ଦେଖିବାକୁ ଯାଇଥିବା ପିଲାଟି ନିଜ ସାଙ୍ଗ (ଯିଏ ପୂର୍ବରୁ ବହୁତ ଥର ଯାତ୍ରା ଦେଖି ସାରିଛି)କୁ କହିଲା, ଦେଖ୍ ! କେତେ ସୁନ୍ଦର ଝିଅଟିଏ । ସାଙ୍ଗ କହିଲା, ଇଏ ଝିଅ ନୁହେଁ ପୁଅ । ମାତ୍ର ଜୀବନରେ ପ୍ରଥମ ଥର ନାଟକ ଦେଖିବାକୁ ଯାଇଥିବା ପିଲାଟି ଏକଥା ମାନିବାକୁ ପ୍ରସ୍ତୁତ ନ ଥିଲା । ନିଜ ସାଙ୍ଗ କଥାରେ ତା'ର ବିଶ୍ୱାସ ହେଉନଥିଲା । ନାଟକ ସରିବା ପରେ ଅଭିନେତାମାନେ ବିଶ୍ରାମ କକ୍ଷକୁ ଗଲେ । ଦୁଇ ସାଙ୍ଗ ମଧ୍ୟ ସେମାନଙ୍କ ସହିତ ସେଠାକୁ ଗଲେ । ଝିଅ ରୂପରେ ଅଭିନୟ କରୁଥିବା ପୁଅଟି ପିନ୍ଧିଥିବା ନାରୀ ବସ୍ତ୍ର ଖୋଲି କାନ୍ଥରେ ଟାଙ୍ଗି ଦେଲା । ବକ୍ଷଦେଶରୁ ନକଲି ସ୍ତନ ବାହାର କରି ବ୍ୟାଗ୍‌ରେ ରଖିଲା । କେବଳ ଅର୍ନ୍ତବସ୍ତ୍ର ପିନ୍ଧି ସ୍ନାନ କରିବାକୁ ଚାଲିଗଲା । ଏହା ଦେଖି ସେହି ନୂଆ ଦର୍ଶକର ବିଶ୍ୱାସ ହୋଇଗଲା ଯେ ପ୍ରକୃତରେ ଇଏ ଜଣେ ପୁଅ ଅଟେ । ତା ପରଦିନ ସେହି ଦର୍ଶକ ମନରେ ନାରୀ ରୂପରେ ଅଭିନୟ କରୁଥିବା ସେହି ପୁଅ ପ୍ରତି ଝିଅ ଭାବନାର ବିକାର ବାସନା ଜାତ ହେଲା ନାହିଁ । ତାକୁ ପୁଅ ଦୃଶ୍ୟମାନ ହେଉଥାଏ । ତେଣୁ ଶୁକଦେବ ଋଷିଙ୍କର ଏହିଭଳି ଆଧ୍ୟାତ୍ମିକ ଆତ୍ମଜ୍ଞାନ ଥିଲେ, ତାଙ୍କୁ ସେହି ସ୍ତ୍ରୀ ଲୋକକୁ ନାରୀ ନୁହେଁ ଆତ୍ମା ରୂପରେ ଜଣେ ପୁରୁଷ ନଜର ଆସିଥାନ୍ତା ଏବଂ କହିଥାନ୍ତେ ଯେ ଆପଣ ପଲଙ୍କ ଉପରେ ବସନ୍ତୁ, ମୁଁ ତଳେ ବିଶ୍ରାମ କରୁଛି । ସାଧୁ, ସନ୍ଥ ଓ ଫକୀରମାନେ ଏହି ବିଚାରଧାରାରେ ଜୀବନ ଯାପନ କରିଥାନ୍ତି । ସାଧନା କରି ମୋକ୍ଷ ପ୍ରାପ୍ତି କରିଥାନ୍ତି ।

''ସାଙ୍ଗସାଥିଙ୍କ ପ୍ରଭାବ ତଥା ପ୍ରଭୁଙ୍କ ପ୍ରତି ବିଶ୍ୱାସ''

ଏକ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବିବାହର ଦଶ-ବାର ବର୍ଷ ପରେ ତାଙ୍କର କୌଣସି ସନ୍ତାନ ଜନ୍ମ ହୋଇ ନ ଥିଲା । ସେହି ଗ୍ରାମ ନିକଟରେ ପ୍ରାୟ ଦୁଇ କି:ମି: ଦୂରରେ ଗୋଟିଏ ଆଶ୍ରମ ଥିଲା । ସେହି ଆଶ୍ରମରେ ଜଣେ ସିଦ୍ଧି ପ୍ରାପ୍ତ ସନ୍ଥ ରହୁଥିଲେ । ସେ ଗାଁରୁ ଭିକ୍ଷା ମାଗି ଆଣି ସେହି ଭିକ୍ଷାକୁ ତିନି ଚାରିଦିନ ଅଥବା ଅଧିକ ଦିନ ପର୍ଯ୍ୟନ୍ତ ରଖି ଭୋଜନ କରୁଥିଲେ । ସେ ଦିନେ ସେହି ନିଃସନ୍ତାନ ଦମ୍ପତିଙ୍କ ଘରକୁ ଭିକ୍ଷା ମାଗିବାକୁ ଗଲେ । ଉଭୟେ ସ୍ୱାମୀ-ସ୍ତ୍ରୀ ସାଧୁ ମହାତ୍ମାଙ୍କ ଚରଣ ଧରି ପୁତ୍ର ପ୍ରାପ୍ତି ପାଇଁ ପ୍ରାର୍ଥନା କଲେ । ସାଧୁ ମହାତ୍ମା କହିଲେ, ତୁମେ ଗୋଟିଏ ସର୍ତ୍ତରେ ସନ୍ତାନ ପ୍ରାପ୍ତି ହୋଇପାରିବ । ସ୍ୱାମୀ-ସ୍ତ୍ରୀ ଦୁହେଁ କହିଲେ, କୁହନ୍ତୁ ଆଜ୍ଞା ! ସାଧୁ କହିଲେ, ପ୍ରଥମେ ପୁତ୍ର ଜନ୍ମ ହେବ । ପୁତ୍ରକୁ ଦୁଇବର୍ଷ ହୋଇଯିବା ପରେ ମୋତେ ସମର୍ପଣ କରିବାକୁ ପଡ଼ିବ । ମୁଁ ତାକୁ ମୋ ଉତ୍ତରାଧିକାରୀ କରିବି । ଆପଣ ଯଦି ସହମତ ତେବେ କୁହନ୍ତୁ । ତା'ପରେ ଏକ କନ୍ୟା ଜନ୍ମ ହେବ ଓ ପୁଣି ଏକ ପୁତ୍ର ଜନ୍ମ ହେବ । ଉଭୟେ ସର୍ତ୍ତ ସ୍ୱୀକାର କଲେ । ସାଧୁ ମହାତ୍ମାଙ୍କ ଆଶୀର୍ବାଦରୁ ଦଶମ ମାସରେ ପୁତ୍ର ଜନ୍ମ ହେଲା । ପୁତ୍ରକୁ ଦୁଇବର୍ଷ ହୋଇଯିବା ପରେ ସେମାନେ ସାଧୁ ମହାତ୍ମାଙ୍କୁ

ସମର୍ପି ଦେଲେ । ସେହି ସମୟରେ ସ୍ତ୍ରୀ ଲୋକଟି ଦ୍ୱିତୀୟ ଥର ଗର୍ଭବତୀ ଥିଲା । ସେ ପୁଣି ଏକ କନ୍ୟାକୁ ଜନ୍ମ ଦେଲା । ତା'ପରେ ଆଉ ଏକ ପୁତ୍ର ମଧ୍ୟ ଜନ୍ମ ହେଲା । ଏହି କାରଣରୁ ସାଧୁଙ୍କର ମହିମା ଆହୁରି ବଢିଗଲା । ସେହି ଆଶ୍ରମରେ ଯୁବତୀମାନଙ୍କର ପ୍ରବେଶ ନିଷେଧ ଥିଲା । ଥରେ ସେହି ସାଧୁଙ୍କ ଛାତି (ସ୍ତନ ନିକଟ)ରେ ଏକ ବଥ ଘା ବାହାରିଲା । ସେତେବେଳକୁ ବାଳକଟି ଷୋହଳ ବର୍ଷର ହୋଇ ଯାଇଥାଏ । ବଥ ଘା ପ୍ରକୋପରେ ସାଧୁ ମହାତ୍ମା ଯନ୍ତ୍ରଣାରେ ଛଟପଟ ହେଉଥିଲେ । ଚେର-ମୂଳି ଲେପ ତିଆରି କରି ସେହି ବଥ ଉପରେ ଲଗାଇବାରୁ ଚାରି-ପାଞ୍ଚ ଦିନରେ ତାହା ଫାଟି ଭଲ ହୋଇଗଲା । ତା'ପରେ ସାଧୁ ସାମାନ୍ୟ ସୁସ୍ଥ ହେଲେ । ପୁଣି କିଛିଦିନ ଉପରାନ୍ତ ସାଧୁଙ୍କୁ ଜ୍ୱର ହେଲା । ବୃଦ୍ଧାବସ୍ଥାରେ ଜ୍ୱର ହୋଇ ଦୁର୍ବଳତା କାରଣରୁ ସେ ଚଲାବୁଲା କରିବାକୁ ଅସମର୍ଥ ହୋଇଗଲେ । ସାଧୁ ସେହି ଶିଷ୍ୟକୁ ପୂର୍ବରୁ କେବେ ବି ଭିକ୍ଷା ମାଗିବା ପାଇଁ ଗାଁକୁ ପଠାଇ ନ ଥିଲେ କାରଣ ଗାଁର ଅନ୍ୟ ପିଲାମାନଙ୍କ ସହିତ ସାଙ୍ଗ ହୋଇ କୁସଙ୍ଗ ପ୍ରଭାବରେ ଯେମିତି କୌଣସି ଭୂଲ୍ କରି ନଦେଉ ।

ତା ମନରେ ଯେପରି ବିବାହ କରିବାର ଇଚ୍ଛା କେବେ ସୃଷ୍ଟି ନ ହେଉ । କିନ୍ତୁ ସାଧୁ ମାହାତ୍ମା ସେଦିନ ନିରୁପାୟ ହୋଇ ସେହି ଶିଷ୍ୟକୁ କହିଲେ, ପୁତ୍ର ! ଭିକ୍ଷା ମାଗିବାକୁ ଗାଁକୁ ଯାଅ । ଗାଁର ପ୍ରଥମ ସାହିରେ ଥିବା ଚତୁର୍ଥ ଘରୁ ଯାହା ମିଳିବ ତାହା ନେଇ ଆସିବୁ, ଆଉ ଆଗକୁ ଯିବୁ ନାହିଁ । ଶିଷ୍ୟ ଗୁରୁଜୀଙ୍କ ଆଦେଶ ଅନୁସାରେ ସେହି ଘରର ଦ୍ୱାର ନିକଟକୁ ଯାଇ କହିଲା, ଅଲେଖ ନିରଞ୍ଜନ ! ଜଣେ ୧୪ ବର୍ଷର ଝିଅ ଭିକ୍ଷା ଦେବା ପାଇଁ ସେହି ଘରର ଦ୍ୱାରକୁ ଆସିଲା । ସାଧୁ ପିଲା ସେହି ଝିଅର ବକ୍ଷକୁ ଏକାଗ୍ରତାର ସହିତ ଲକ୍ଷ କରୁଥିଲା ବେଳେ ଝିଅଟି ଅନୁଭବ କଲା ଯେ ସାଧୁଙ୍କ ମନରେ ଦୋଷ ଅଛି । ଝିଅଟି କହିଲା, ବାବା ଭିକ୍ଷା ନିଅନ୍ତୁ । ସାଧୁ କହିଲା, ହେ ଝିଅ ! ତୋ ଛାତିରେ ଦୁଇଟି ବଥ ହୋଇଛି । ତୁ ଆଶ୍ରମକୁ ଆସିଲେ ଗୁରୁଜୀ ତୋ ବଥର ଚିକିତ୍ସା କରିଦେବେ, ତୋତେ ନିଶ୍ଚୟ ବହୁତ କଷ୍ଟ ହେଉଥିବ । ଗୋଟିଏ ବଥ ମୋ ଗୁରୁଜୀଙ୍କୁ ବହୁତ କଷ୍ଟ ଦେଇଥିଲା । ସାଧୁଙ୍କ ମୁଖରୁ ଏହି କଥା ଶୁଣି ଝିଅଟିର ଅନୁମାନ ଆହୁରି ଦୃଢ଼ ହୋଇଗଲା ଯେ ଏହି ସାଧୁ ଭଦ୍ର ନୁହଁନ୍ତି । ଝିଅଟି ଉଚ୍ଚ ସ୍ୱରରେ କହିଲା, ପ୍ରଥମେ ନିଜ ମା-ଭଉଣୀଙ୍କର ବଥ ଠିକ୍ କର, ଅଭଦ୍ର ! ତୋତେ ଜୋତାରେ ପିଟିବି । ଏହା କହି ଝିଅଟି ନିଜ ଗୋଡ଼ରୁ ଜୋତା ଖୋଲି କହିଲା, ଏଠାରୁ ଚାଲିଯା, ଆଉ କେବେ ଏଠାକୁ ଆସିବୁ ନାହିଁ । ପାଟି ଶୁଣି ଝିଅର ମାଆ ଦୁଆର ପାଖକୁ ଆସି ପଚାରିଲେ ଯେ ଝିଅ ! କ'ଣ ହେଲା ? ଝିଅଟି ସାଧୁର କାର୍ଯ୍ୟକଳାପ ବିଷୟରେ ମାଆକୁ କହିଲା । ମାଆ ପଚାରିଲେ, ବାବା ! କେଉଁଠାରୁ ଆସିଛ ? ସାଧୁ ପିଲା କହିଲା, ଗାଁପାଖ ଆଶ୍ରମରୁ ଆସିଛି । ଅସୁସ୍ଥତା କାରଣରୁ ମୋ ଗୁରୁଜୀ ଦୁର୍ବଳ ହୋଇ ଯାଇଛନ୍ତି । ସେ ଚଲା-ବୁଲା କରିବକୁ ଅସମର୍ଥ ଅଛନ୍ତି । ତେଣୁ ପ୍ରଥମ ଥର ପାଇଁ ମୋତେ ଭିକ୍ଷା ମାଗିବାକୁ ପଠାଇଛନ୍ତି, ମୁଁ ତାଙ୍କ ଶିଷ୍ୟ ଅଟେ । ମୁଁ ଏହି ଭଉଣୀକୁ କହିଲି ଯେ ତୋ ବକ୍ଷରେ ଦୁଇଟି ବଥ ହୋଇଛି, ତୁ ବହୁତ କଷ୍ଟ ପାଉଥିବୁ । ମୋ ଗୁରୁଜୀଙ୍କର ଗୋଟିଏ ବଥ ହୋଇଥିଲା, ସେ ଦିନରାତି ଯନ୍ତ୍ରଣାରେ ଛଟପଟ ହେଉଥିଲେ । ସେ ଏହାର ଉପଚାର ଜାଣିଛନ୍ତି । ଆପଣ ମୋ ଗୁରୁଜୀଙ୍କ ନିକଟକୁ ଯାଇ ବଥର ଚିକିତ୍ସା କରାନ୍ତୁ । ସେହି ସାଧୁ ପିଲାଟି ଏହି ମହିଳାଙ୍କର ପୁଅ ଥିଲା ଯାହାକୁ ସେ ସାଧୁ ମାହାତ୍ମାଙ୍କୁ ଦାନ କରି ଦେଇଥିଲେ । ଝିଅଟି ସେହି ସାଧୁ ପିଲାର ଛୋଟ ଭଉଣୀ ଥିଲା । ମାଆ କହିଲେ, ଇଏ ତୋର ଭାଇ ଯାହାକୁ ଆମ୍ଭେ ସାଧୁଙ୍କୁ ସମର୍ପଣ କରି ଦେଇଥିଲୁ । ସେ ଦୁନିଆର ଏହିସବୁ ବିକାରରୁ ଉର୍ଦ୍ଧ୍ୱରେ, ତା'ର ସଂସାର ବିଷୟରେ କୌଣସି ଜ୍ଞାନ ନାହିଁ । ଝିଅ ! ତୋଠାରେ ଯେଉଁ ବିକାର ଜାତ ହେଲା ତାହା ତୋର ଏହି ଭାଇ ପାଖରେ ନାହିଁ । ସେ ଖୋଲା ହୃଦୟରେ ସବୁ କଥା କହୁଥିଲା । ତୁ ଗାଁର ଚଞ୍ଚଳ ସ୍ୱଭାବର ଯୁବକଙ୍କ ଦୁଷ୍ଟାମୀ ଅନୁସାରେ ବିଚାର କରି ତାକୁ ଧମକ ଦେଲୁ । ମାଆ କହିଲା, ସାଧୁଜୀ ! ମୋ ଝିଅର ବକ୍ଷରେ ବଥ ହୋଇ ନାହିଁ, ଏହା ହେଉଛି ସ୍ତନ, ଦେଖ ! ଯେପରି ମୋ ଛାତିରେ ମଧ୍ୟ ଅଛି । ତାକୁ ବିବାହ କରାଇବି, ତା'ର ସନ୍ତାନ ଜନ୍ମ ହେବ । ତା'ପରେ ଏହି

ଦୁଇ ସ୍ତନରୁ ତା ସନ୍ତାନ କ୍ଷୀରପାନ କରିବେ । ସାଧୁ ପିଲା କହିଲା, ହେ ମାତା ! ତା'ର ବିଭାଘର କେବେ ହେବ ? ସନ୍ତାନ କେବେ ଜନ୍ମ ହେବ ? ମାଆ କହିଲେ, ସମୟ ଅନୁସାରେ ତିନି-ଚାରି ବର୍ଷ ପରେ ବିବାହ କରିଦେବୁ । ପୁଣି ଦୁଇ-ତିନି ବର୍ଷ ପରେ ସନ୍ତାନ ଜନ୍ମ ହେବ ।

ସାଧୁ ପିଲାଟି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲା ଯେ ଜନ୍ମ ହେବାକୁ ଥିବା ପିଲା ପାଇଁ ପରମାତ୍ମା କେତେ ଚିନ୍ତିତ । ସେ ଶିଶୁ ଜନ୍ମ ହେବାର ୭-୮ ବର୍ଷ ପୂର୍ବରୁ କ୍ଷୀରପାନର ବ୍ୟବସ୍ଥା କରି ରଖିଥାନ୍ତି । ସେ କ'ଣ ଆଶ୍ରମରେ ଆମ୍ଭମାନଙ୍କ ପାଇଁ ଖାଇବାର ବ୍ୟବସ୍ଥା କରିବେ ପାରିବେ ନାହିଁ ? ଆମ୍ଭେ ଗୁରୁ-ଶିଷ୍ୟ ଦୁହେଁ ତ ସେହି ପରମାତ୍ମାଙ୍କ ଭରଷାରେ ଅଛୁ । ତେଣୁ ଆଜିଠାରୁ ଭିକ୍ଷା ମାଗିବା ବନ୍ଦ । ସାଧୁ ପିଲା ଏହିକଥା ଭାବୁଥିବା ସମୟରେ ମାଆ ପଚାରିଲେ, ବାବା ! କ'ଣ ଚିନ୍ତା କରୁଛନ୍ତି ? ସାଧୁ ପିଲା କହିଲା, ମାଆ ! ଆଜିଠାରୁ ଚିନ୍ତା ସମାପ୍ତ, ଏହା କହି ଭିକ୍ଷା ସହିତ ଭିକ୍ଷାମୁଣିକୁ ଗାଁ ଗଳିରେ ଫିଙ୍ଗିଦେଇ ଆଶ୍ରମକୁ ଖାଲି ହାତରେ ଫେରି ଆସିଲା । ଏହା ଦେଖି ଗୁରୁଜୀ ପଚାରିଲେ, ଭିକ୍ଷା କାହିଁକି ଆଣିଲୁ ନାହିଁ ? କେହି ଭିକ୍ଷାମୁଣି ଛଡ଼ାଇ ନେଲା କି ? ସାଧୁ ପିଲା କହିଲା, ଗୁରୁଜୀ ! ଯଦି ପରମାତ୍ମା ଶିଶୁ ଜନ୍ମ ହେବାର ୭-୮ ବର୍ଷ ପୂର୍ବରୁ ତା ପାଇଁ ଖାଇବା ବ୍ୟବସ୍ଥା କରିଥାନ୍ତି ତେବେ ଆଶ୍ରମରେ ଆମ୍ଭମାନଙ୍କର ଭୋଜନ ବ୍ୟବସ୍ଥା ସେ କରିପାରିବେ ନାହିଁ କି ? ହଁ, ନିଶ୍ଚୟ କରିପାରିବେ । ତେଣୁ ମୁଁ ଭିକ୍ଷାମୁଣିକୁ ଗାଁ ଗଳିରେ ଫିଙ୍ଗିଦେଇ ଆସିଲି । ସାଧୁ ମହାତ୍ମା ଚିନ୍ତାକଲେ, ଏହି ନିକର୍ମା ଗଳିରେ ଭିକ୍ଷାମୁଣି ଫିଙ୍ଗି ଦେଇ ଆସିବାର କାରଣ ହେଉଛି ଯେ ତାକୁ ବାରମ୍ବାର ଭିକ୍ଷା ମାଗିବାକୁ ଗାଁକୁ ଯିବାକୁ ନ ପଡୁ । ସାଧୁ ମହାତ୍ମଶଃ ହୋଇ କିଛି ନ କହି ଚିନ୍ତା କଲେ, ଯେତେ କଷ୍ଟ ହେଉ ପଛେ କାଲି ମୁଁ ନିଜେ ଭିକ୍ଷା ମାଗିବାକୁ ଯିବି ।

ଯେତେବେଳେ ସାଧୁ ପିଲା ଭିକ୍ଷାମୁଣିକୁ ଗାଁ ଗଳିରେ ଫିଙ୍ଗିଦେଇ ଆଶ୍ରମକୁ ଚାଲିଗଲା ସେତେବେଳେ ପରମାତ୍ମା ଗାଁର କିଛି ଲୋକଙ୍କ ମନରେ ପ୍ରେରଣା କଲେ ଯେ ସାଧୁ ମହାତ୍ମା ଅସୁସ୍ଥ ଅଛନ୍ତି । ବୋଧହୁଏ ଛୋଟ ସାଧୁଙ୍କୁ କେହି କିଛି କହିଛି ଯେଉଁ କାରଣରୁ ସେ ଭିକ୍ଷାମୁଣି ଫିଙ୍ଗି ଚାଲିଗଲେ । ସାଧୁ ମହାତ୍ମା ଓ ସାଧୁ ପିଲା ଉଭୟ ଭୋକିଲା ଥିବେ । ଏହି ବିଚାର କରି ଗ୍ରାମବାସୀ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କଲେ । ପ୍ରଥମେ ଜଣେ ବ୍ୟକ୍ତି କ୍ଷିରୀ-ପୁରି-ଡ଼ାଲି ଆଦି ନେଇ ଆଶ୍ରମରେ ପହଞ୍ଚି ସାଧୁଙ୍କୁ କହିଲେ ଯେ ବୋଧହୁଏ କେହି କିଛି କହିଥିବାରୁ ଛୋଟ ସାଧୁ ରାଗରେ ଭିକ୍ଷା ଆଣିଲେ ନାହିଁ । ଭିକ୍ଷାମୁଣି ଫିଙ୍ଗିଦେଇ ଆସିଲେ, ଏବେ ଆପଣ ଭୋଜନ କରନ୍ତୁ । ସାଧୁ କହିଲେ ପ୍ରଥମେ ବାଳକକୁ ଭୋଜନ ଦିଅନ୍ତୁ । ସାଧୁ ବାଳକ କହିଲେ, ପ୍ରଥମେ ଗୁରୁଜୀ ଭୋଜନ କରିବେ, ତା'ପରେ ଚେଲା । ସାଧୁ ଭୋଜନ କରିବାକୁ ଲାଗିଲେ । ଇତିମଧ୍ୟରେ ଆଉ ଜଣେ ବ୍ୟକ୍ତି ହାଲୁଆ, ପୁରି ଓ ବୁଟ ଆଦି ଧରି ଆସିଲେ । ଏହିଭଳି ପ୍ରାୟ ଦଶ ଜଣ ବ୍ୟକ୍ତି ଭୋଜନ ଧରି ଆଶ୍ରମରେ ପହଞ୍ଚିଲେ । ଏହାଦେଖି ଚେଲା କହିଲା ହେ, ଭଗବାନ ! ଆପଣ କେତେ ମହାନ ଆମ୍ଭକୁ ଜଣା ନ ଥିଲା । ତେଣୁ ଆପଣଙ୍କ ନାମଜପ ଚିନ୍ତା କମ୍ ଓ ଭୋଜନ ଚିନ୍ତା ଅଧିକ ରହିଥାଏ । ସେହିଦିନଠାରୁ ଗ୍ରାମବାସୀ ପାଳି କରି ପ୍ରତିଦିନ ସାଧୁଙ୍କ ପାଇଁ ଭୋଜନ ବ୍ୟବସ୍ଥା କଲେ ।

ଶିକ୍ଷା :- ଯେଉଁଭଳି ସଙ୍ଗ, ସେହିଭଳି ରଙ୍ଗ(ସ୍ୱଭାବ) । ମନୁଷ୍ୟକୁ ଅନ୍ୟର ସେହି ଦୋଷ ଦୁର୍ବଳତା ପ୍ରତି ନଜର ଆସିଥାଏ ଯେଉଁ ଦୋଷ ଦୁର୍ବଳତା ତା ନିଜଠାରେ ଥାଏ । ପରମାତ୍ମାଙ୍କ ଉପରେ ବିଶ୍ୱାସ ବିନା ଭକ୍ତ ଅସମ୍ପୂର୍ଣ୍ଣ ଅଟେ । ମାଗି ଖାଇବା ଶାସ୍ତ୍ରବିରୁଦ୍ଧ, କାରଣ ଭକ୍ତର ଶ୍ରଦ୍ଧା ଓ ଭାବନା ଯଦି ଠିକ୍ ଥାଏ ତେବେ ପରମାତ୍ମା ଭକ୍ତ ପାଇଁ ସମସ୍ତ ସୁବ୍ୟବସ୍ଥା କରିଥାନ୍ତି । ପରନ୍ତୁ ଜଣେ ଗୃହସ୍ଥି, କର୍ମ କରି ଭୋଜନ ଗ୍ରହଣ କରିବା ସର୍ବୋତ୍ତମ ଅଟେ । ସାଧୁ-ସନ୍ଥଙ୍କ କର୍ମ ହେଲା ସତସଙ୍ଗ ଓ ଭକ୍ତି କରିବା । ଯଦି ସେ ସହୃଦୟରେ ଶ୍ରଦ୍ଧାର ସହିତ ଭକ୍ତି କରୁଥିବେ ତେବେ ତାଙ୍କୁ ମାଗିବାକୁ ପଡିବ ନାହିଁ । ପରମାତ୍ମା କବୀରଜୀଙ୍କଠାରୁ ପ୍ରାପ୍ତ ଜ୍ଞାନକୁ ସନ୍ଥ ଗରୀବ ଦାସଜୀ ନିଜ ଅମୃତ ବାଣୀରେ ଏହିପରି କହିଛନ୍ତି ଯେ :-

"ବୈରାଗ ପ୍ରକରଣ କେ ଅଙ୍ଗ ସେ କୁଛ ବାଣୀ"

ଗରୀବ, ନଟ ପେରଣା କାଞ୍ଚର ସାଂଶୀ-ମାଙ୍ଗତ ହୈଁ ଭଠିୟାରେ ।
ଜାକି ତାରୀ ଲାଗୀ ତତ ମେଁ ମୋତି ଦେତ ଉଧାରେ ॥ (୩)
ଗରୀବ ଦ୍ରୋପଦ ସୁତା କେ ଚୀର ବଢ଼ାଏ ବିନ ହୀ ତାନେ କାତେ ।
ସକଲ ମନୋରଥ ପୂର୍ଣ୍ଣ ସାହେବ ତୁମ କ୍ୟାଁ ମାଙ୍ଗନ ଜାତେ ॥ (୨)
ଗରୀବ ଆପ ତେଁ ଆବୈ ରନ୍ଦ ରାବର ମାଙ୍ଗ୍ୟା ଆବୈ ଲୋହା ।
ଲକ୍ଷଣ ନହିଁ ଜୋଗ କେ ଜୋଗୀ-ଜା ବସ୍ୟା ବନ ଖୋହା ॥ (୬)
ଗରୀବ, ଟୂକାଁ କାରଣ ଫିରୈ କୁକରା(କୁକୁର) ସତଧର ଫିର ଆବୈ ।
ୟେ ତୋ ଲକ୍ଷଣ ନହୀଁ ଜୋଗ କେ କ୍ୟାଁ ବାଣା ବିରଦଲ ଜାବୈ ॥(୧୦)
ଗରୀବ, ଜିନକୋ ଆତ୍ମଜ୍ଞାନ ନେହୀଁ ହୈ ଓ୍ୱେ ମାଙ୍ଗେ ରେ ଭାଇ ।
ଚାଓ୍ୱଳ ଚୂନ ଇକଟଠା କରକେ ବ୍ୟାବ ବଧାବୈ ଜାଇ ॥ (୨୪)
ଗରୀବ, ଜୋ ମାଙ୍ଗୈ ସୋ ଭଡ଼ୁଆ କହିୟେ ଦର-ଦର ଫିରୈ ଅଜ୍ଞାନୀ ।
ଯୋଗୀ ଯୋଗ ସମ୍ପୂର୍ଣ୍ଣ ଜିସକା ଜୋ ମାଙ୍ଗ ନ ପୀବୈ ପାନୀ ॥ (୪୧)
ଗରୀବ, କଦ ନାରଦ ଜମାତ ଚଲାଇ ବ୍ୟାସ ନ ଟୁକଡ଼ା ମାଙ୍ଗ୍ୟା ।
ବଶିଷ୍ଠ ବିଶ୍ୱାମିତ୍ର ଜ୍ଞାନୀ ଶଦ୍ଦ ବିହଙ୍ଗମ ଜାଗ୍ୟା ॥ (୫୦)
ଗରୀବ, କବୀର ପୁରୁଷ କୈ ବାଲଦ ଆଇ ନୋ ଲଖ ବୋଡ଼ୀ ଲାହା ।
କେଶବ ସେ ବଞ୍ଜାରେ ଜିସ କୈ ଦେବୈଁ ଯଜ୍ଞ ଜୁଲାହା ॥ (୫୫)

ଭାବାର୍ଥ :- ଉପରୋକ୍ତ ବାଣୀଗୁଡ଼ିକର ଭାବାର୍ଥ ହେଲା ଯେ ଯେଉଁମାନେ ଶାସ୍ତ୍ର ଅନୁକୂଳ ସତ୍ୟଭକ୍ତି କରନ୍ତି ନାହିଁ, ସେମାନେ ସାଧୁ ରୂପ ଧରି ଏହିଭଳି ଭିକ୍ଷା ମାଗିଥାନ୍ତି ଯେପରି ଖଣ୍ଡେ ରୁଟି ପାଇଁ କୁକୁର ସତୁରୀ ଘର ବୁଲିଥାଏ । ଯେପରି ନଟ-ପେରଣେଁ, କାଞ୍ଚର ଓ ସାଂଶୀ ଜାତିର ଲୋକମାନେ ରୁଟି ପାଇଁ ଏଣେତେଣେ ଘୁରି ବୁଲନ୍ତି । ଯଦି ସାଧୁ ଏହିଭଳି କର୍ମ କରୁଛି ତେବେ ତା ସାଧନାରେ ତ୍ରୁଟି ଅଛି । ପରମେଶ୍ୱର କବୀରଜୀ ନିଜର ଦୈନିକ ଲୁଗାବୁଣା କାର୍ଯ୍ୟ କରିବା ସହିତ ସତ୍ୟସାଧନା ଓ ସତସଙ୍ଗ ମଧ୍ୟ କରୁଥିଲେ । ପରମାତ୍ମା ସତ୍ୟଭକ୍ତି କରୁଥିବା ବ୍ୟକ୍ତିଙ୍କୁ କିପରି ସାହାଯ୍ୟ କରନ୍ତି ସେ ବିଷୟରେ ସ୍ୱୟଂ କବୀରଜୀ ହିଁ ପ୍ରମାଣ ଦେଇଛନ୍ତି । ସେହି କଥାର ଉଲ୍ଲେଖ ଏହି ପ୍ରକାରେ କରାଗଲା :-

''ପରମେଶ୍ୱର କବୀରଜୀଙ୍କ ଦ୍ୱାରା କାଶୀ ସହରରେ ଭୋଜନ-ଭଣ୍ଡାରା ଅର୍ଥାତ୍ ଲଙ୍ଗର (ଧର୍ମଯଜ୍ଞ)ର ବ୍ୟବସ୍ଥା କରିବା''

ଶେଖତକୀ ମୁସଲମାନମାନଙ୍କର ମୁଖିଆ ଅର୍ଥାତ୍ ମୁଖ୍ୟ ପୀର ଥିଲା ଯିଏ ପରମେଶ୍ୱର କବୀରଜୀଙ୍କ ପ୍ରତି ବହୁତ ଈର୍ଷାଭାବ ରଖୁଥିଲା । କବୀରଜୀଙ୍କୁ ବଦ୍‌ନାମ କରିବା ଉଦେଶ୍ୟରେ କାଶୀର ସମସ୍ତ ବ୍ରାହ୍ମଣ, ମୁଲ୍ଲା-କାଜୀ ଓ ଶେଖତକୀ ଏକ ମଜ୍‌ଲିସ(ସଭା) କଲେ । ସେମାନେ ବିଚାର କଲେ ଯେ କବୀର ନିର୍ଦ୍ଧନ ବ୍ୟକ୍ତି, ତେଣୁ ତାଙ୍କ ନାମରେ ସମସ୍ତଙ୍କ ପାଖକୁ ଚିଠି ପଠାଇ ଜଣାଇବା ଯେ କବୀରଜୀ କାଶୀ ସହରର ଜଣେ ବଡ଼ ମହାଜନ ଅଟନ୍ତି । ତାଙ୍କ ସମ୍ପୂର୍ଣ୍ଣ ଠିକଣା ହେଲା କବୀର, ପିତା-ନୂରଅଲ୍ଲୀ ଅଂସାରୀ, ବୁଣାକାର(ତନ୍ତି) କଲୋନୀ, କାଶୀ ସହର । ସେ ତିନିଦିନ ପର୍ଯ୍ୟନ୍ତ ଧାର୍ମିକ ଭୋଜନ-ଭଣ୍ଡାରା ଦେବେ । ତେଣୁ ଏହି କର୍ଯ୍ୟକ୍ରମକୁ ସମସ୍ତ ସାଧୁ-ସନ୍ଥଙ୍କୁ ଆମନ୍ତ୍ରିତ କରାଯାଉଛି । ଭୋଜନ କରିବାକୁ ଆସିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦକ୍ଷିଣା ହିସାବରେ ଗୋଟିଏ ଦୋହର୍ (ସେ ସମୟର ସବୁଠାରୁ ଦାମୀ କମ୍ବଳ) ଓ ଗୋଟିଏ ମୋହର (୧୦ଗ୍ରାମ ଓଜନର ସ୍ୱର୍ଣ୍ଣ ମୁଦ୍ରା) ଦିଆଯିବ । ପ୍ରତିଦିନ ଯିଏ ଯେତେଥର ଭୋଜନ କରିବେ, କବୀର ସେମାନଙ୍କୁ ସେତେଥର କମ୍ବଳ ଓ ମୋହର ଦାନ କରିବେ । ଭୋଜନରେ ଲଡ୍ଡୁ, ଜିଲାପି, ହାଲୁଆ, କ୍ଷୀରି, ଦହିବରା, ମାଲପୁଆ ଓ ରସଗୋଲା ଇତ୍ୟାଦି ଖାଇବାକୁ ଦିଆଯିବ । ଏଥିସହିତ ସିଦା ଅର୍ଥାତ୍ ଶୁଖିଲା ସାମଗ୍ରୀ (ଅଟା, ଚାଉଳ, ଡ଼ାଲି ଏବଂ ଘିଅ ଆଦି) ଦିଆଯିବ । ଶେଖତକୀ ନିଜ ନାମରେ

ଏକ ପତ୍ର ଓ ଆଉ ଏକ ପତ୍ର ଦିଲ୍ଲୀର ବାଦଶାହା ସିକନ୍ଦର ଲୋଧୀଙ୍କ ନାମରେ ମଧ୍ୟ ପଠାଇଲା । କାର୍ଯ୍ୟକ୍ରମ ପାଇଁ ଧାର୍ଯ୍ୟ କରାଯାଇଥିବା ଦିନର ପୂର୍ବ ରାତ୍ରିରୁ ସାଧୁ-ସନ୍ଥ ଓ ଭକ୍ତମାନେ କାଶୀରେ ଏକତ୍ରିତ ହେବାକୁ ଲାଗିଲେ । ତା ପରଦିନ ଭୋଜନ-ଭଣ୍ଡାରା ହେବାର ଥାଏ । ସନ୍ଥ ରବି ଦାସଜୀ ପରମେଶ୍ୱର କବୀରଜୀଙ୍କୁ ଜଣାଇଲେ ଯେ ଆପଣଙ୍କ ନାମରେ ନିମନ୍ତ୍ରଣ ପତ୍ର ପାଇ ପ୍ରାୟ ୧୮ଲକ୍ଷ ସାଧୁ-ସନ୍ଥ ଓ ଭକ୍ତ ଭଣ୍ଡାରା(ଭୋଜନ) ପାଇଁ ଆମନ୍ତ୍ରିତ ହୋଇ କାଶୀ ସହରକୁ ଆସିଛନ୍ତି । କବୀରଜୀ ! ଏବେ ଆପଣଙ୍କୁ କାଶୀ ତ୍ୟାଗ କରି ଅନ୍ୟ କେଉଁଆଡେ ଚାଲିଯିବାକୁ ପଡ଼ିବ । କବୀରଜୀ ଅନ୍ତର୍ଯ୍ୟାମୀ ଥିଲେ । ତଥାପି ଅଭିନୟ କରି କହିଲେ, ରବି ଦାସ ! ତୁମେ କୁଟୀର ଭିତରେ ବସି ଭିତରୁ ଶିକୁଳି ଲଗାଇ ଦିଅ । ସେମାନେ ନିଜକୁ ଅପମାନ ବୋଧ କରି ଚାଲିଯିବେ । ଆମ୍ଭେ ବାହାରକୁ ବାହାରିବା ନାହିଁ । ଏହା କହି ପରମେଶ୍ୱର କବୀରଜୀ ନିଜ ରାଜଧାନୀ ସତ୍ୟଲୋକରେ ପହଁଞ୍ଚିଲେ । ସେଠାରୁ ନଅ ଲକ୍ଷ ବଳଦଙ୍କ ପିଠିରେ ଥଳି ରଖି ସେଥିରେ ଉଭୟ ରନ୍ଧା ଖାଦ୍ୟ ଓ ଶୁଖିଲା ସାମଗ୍ରୀ (ଚାଉଳ, ଅଟା, ଗୁଡ, ଡ଼ାଲି ଓ ଘିଅ ଇତ୍ୟାଦି) ବୋଝେଇ କରି ପୃଥିବୀ ପୃଷ୍ଠରେ ଓହ୍ଲେଇଲେ । ଭୋଜନ ପରଷିବା ପାଇଁ ସତ୍ୟଲୋକରୁ ମଧ୍ୟ ସେବାଦାର ଆସିଥିଲେ । ପରମେଶ୍ୱର କବୀରଜୀ ସ୍ୱୟଂ ବଞ୍ଜାରା(ବ୍ୟବସାୟୀ) ରୂପ ଧାରଣ କରି ନିଜ ନାମ କେଶବ ରଖିଲେ । ଦିଲ୍ଲୀର ବାଦଶାହା ସିକନ୍ଦର ଲୋଧି ତଥା ତାଙ୍କର ଧାର୍ମିକ ପୀର ଶେଖତକୀ ମଧ୍ୟ ଆସି ପହଞ୍ଚିଲେ । କାଶୀରେ ଭୋଜନ-ଭଣ୍ଡାରା ଆରମ୍ଭ ହୋଇ ସାରିଥାଏ । ପ୍ରତିଥର ଭୋଜନ ପରେ ସମସ୍ତଙ୍କୁ ଗୋଟିଏ ଗୋଟିଏ କମ୍ବଳ ଓ ମୋହର (୧୦ ଗ୍ରାମ୍ ସୁନା) ଦକ୍ଷିଣା ରୂପେ ଦିଆ ଯାଉଥାଏ । କିଛି ଲୋଭୀ ସନ୍ଥ ଦିନରେ ଚାରି-ଚାରି ଥର ଭୋଜନ କରି ଚାରୋଟି ଲେଖାଏଁ କମ୍ବଳ ଓ ମୋହର ନେଉଥାନ୍ତି । ଏଥିସହିତ ଶୁଖିଲା ସାମଗ୍ରୀ (ଚାଉଳ, ଗୁଡ, ଘିଅ, ଡ଼ାଲି, ଅଟା) ମଧ୍ୟ ନେଉଥିଲେ ।

ଏହି ଦୃଶ୍ୟ ଦେଖି ଶେଖତକୀର ମୁହଁ ଶୁଖିଗଲା । ଶେଖତକୀ, ରାଜା ସିକନ୍ଦର ଲୋଧୀ ସହିତ ତମ୍ବୁ ଭିତରକୁ ଗଲା ଯେଉଁଠି କବୀରଜୀ ନିଜ ରୂପ ବଦଳାଇ କେଶବ ବଞ୍ଜାରା (ସେ ସମୟର ବ୍ୟବସାୟୀମାନଙ୍କୁ ବଞ୍ଜାରା କୁହାଯାଉଥିଲା) ରୂପରେ ବସିଥିଲେ । ରାଜା ସିକନ୍ଦର ଲୋଧୀ ପଚାରିଲେ, ଆପଣ କିଏ ଏବଂ ଆପଣଙ୍କ ନାମ କ'ଣ ? କବୀରଜୀଙ୍କ ସହିତ ଆପଣଙ୍କର କେଉଁ ସମ୍ପର୍କ ଅଛି ? କେଶବ ରୂପରେ ବସିଥିବା ପରମାତ୍ମା କହିଲେ, ମୋ ନାମ କେଶବ ଏବଂ ମୁଁ ଜଣେ ବଞ୍ଜାରା ଅଟେ । କବୀରଜୀ ମୋର ଘନିଷ୍ଠ ମିତ୍ର ଅଟନ୍ତି । ମୋ ପାଖକୁ ତାଙ୍କ ତରଫରୁ ଏକ ଚିଠି ଯାଇଥିଲା ଯେ ଏକ ଛୋଟ ଭଣ୍ଡାରା(ଭୋଜନର ଆୟୋଜନ) ଅର୍ଥାତ୍ ସାମୁହିକ ଭୋଜନର ଆୟୋଜନ କରାଯାଉଛି, ସେଥିପାଇଁ କିଛି ଜିନିଷ ସାଙ୍ଗରେ ଧରି ଆସିବେ । ତାଙ୍କ ଆଦେଶ ପାଳନ କରିବାକୁ ଯାଇ ଏହି ସେବକ ଏଠାରେ ଉପସ୍ଥିତ ହୋଇଛି । ଭୋଜନ-ଭଣ୍ଡାରା ଚାଲୁଥାଏ । ଶେଖତକୀ ଯେତେବେଳେ ଶୁଣିଲା ଯେ ଏକ ଛୋଟ ଭଣ୍ଡାରାର ଆୟୋଜନ ହୋଇଛି ଯେଉଁଠିକୁ ୧୮ ଲକ୍ଷ ବ୍ୟକ୍ତି ଭୋଜନ କରିବାକୁ ଆସିଛନ୍ତି, ସେତେବେଳେ ସେ ମୁଣ୍ଡରେ ହାତ ଦେଇ ତଳେ ବସିପଡିଲା । ପୁଣି ପ୍ରତ୍ୟେକଙ୍କୁ କମ୍ବଳ ଓ ମୋହର ସହିତ ଅଟା, ଡ଼ାଲି, ଚାଉଳ, ଘିଅ ଓ ଗୁଡ ଆଦି ସିଦା ରୂପେ ଦିଆଯାଉଛି, ତାହାକୁ ପୁଣି ଛୋଟ ଭଣ୍ଡାରା କୁହାଯାଉଛି ! ପରନ୍ତୁ ଶେଖତକୀ ଈର୍ଷାର ଅଗ୍ନିରେ ଜର୍ଜରିତ ହୋଇ ବିଶ୍ରାମ ଗୃହକୁ ଚାଲିଗଲା ଯେଉଁଠି ରାଜା ବିଶ୍ରାମ ନେଇଥିଲେ । ସିକନ୍ଦର ଲୋଧୀ କେଶବଙ୍କୁ ପଚାରିଲେ, କବୀରଜୀ କାହିଁକି ଆସିଲେ ନାହିଁ ? କେଶବ ଉତ୍ତର ଦେଲେ, ଏଠାରେ ତାଙ୍କ ସେବକ ଉପସ୍ଥିତ ଅଛି, ସେ କଷ୍ଟ କରିବା କ'ଣ ଆବଶ୍ୟକ ? ସେ ଯେତେବେଳେ ଚାହିଁବେ ଏଠାରେ ଉପସ୍ଥିତ ହୋଇପାରିବେ, କାରଣ ତିନିଦିନ ପର୍ଯ୍ୟନ୍ତ ଏହି ଭଣ୍ଡାରା ଚାଲିବ । ଏହା ଶୁଣି ସିକନ୍ଦର ଲୋଧୀ ହାତୀ ଉପରେ ବସି ଅଙ୍ଗରକ୍ଷୀଙ୍କ ସହିତ କବୀରଜୀଙ୍କ କୁଟୀର ନିକଟକୁ ଗଲେ । ହାତୀ ପିଠିରୁ ଓହ୍ଲାଇ ରାଜା କବାଟ ଠକ୍ ଠକ୍ କରି କହିଲେ, ହେ ମାଲିକ, କବାଟ ଖୋଲନ୍ତୁ । ଆପଣଙ୍କ ସନ୍ତାନ ସିକନ୍ଦର ଆସିଛି । କବୀର ପରମେଶ୍ୱରଜୀ କହିଲେ, ହେ ରାଜନ ! କିଛି ବ୍ୟକ୍ତି ମୋ ପଛରେ ପଡ଼ିଛନ୍ତି । ପ୍ରତିଦିନ ନୂଆ ନୂଆ ଷଡ଼ଯନ୍ତ୍ର କରି ମୋତେ

ହଇରାଣ କରୁଛନ୍ତି । ଆଜି ସେମାନେ ମୋ ନାମରେ ମିଥ୍ୟା ନିମନ୍ତ୍ରଣ ପତ୍ର ବାଣ୍ଟି ଲକ୍ଷ-ଲକ୍ଷ ବ୍ୟକ୍ତିଙ୍କୁ ଡ଼କାଇଛନ୍ତି । ମୁଁ ନିର୍ଦ୍ଧନ ବୁଣାକାର(ତନ୍ତି), କପଡ଼ା ବୁଣି ପରିବାର ଭରଣପୋଷଣ କରେ । ଭଣ୍ଡାରା ଓ ଦକ୍ଷିଣା ଦେବା ପାଇଁ ମୋ ପାଖରେ ଧନ ନାହିଁ । ମୁଁ ଆଜି ରାତିରେ ପରିବାର ସହିତ କାଶୀ ନଗର ଛାଡି କେଉଁ ଦୂର ସ୍ଥାନକୁ ଚାଲିଯିବି । ମୁଁ କବାଟ ଖୋଲିବି ନାହିଁ । ଏହା ଶୁଣି ସମ୍ରାଟ୍ ସିକନ୍ଦର କହିଲେ, ହେ ଆଲ୍ଲାଃ କାଦିର୍ (ସମର୍ଥ ପରମାତ୍ମା) ! ମୁଁ ଆପଣଙ୍କୁ ଚିହ୍ନି ପାରିଛି । ଆପଣ ମୋତେ ଭ୍ରମିତ କରି ପାରିବେ ନାହିଁ । ଆପଣ ସେହି ଚାରିକୋଣିଆ ଖୋଲା ପଡିଆରେ ଏତେ ବଡ ଭୋଜନ-ଭଣ୍ଡାରା ବ୍ୟବସ୍ଥା କରିଛନ୍ତି । ଆପଣଙ୍କ ମିତ୍ର କେଶବ ଆସିଛନ୍ତି ଓ ବହୁତ ଖାଦ୍ୟ ସାମଗ୍ରୀ ଆଣିଛନ୍ତି । ଲକ୍ଷ-ଲକ୍ଷ ଲୋକ ଭୋଜନ କରି ଆପଣଙ୍କର ଜୟଗାନ କରୁଛନ୍ତି । ସେମାନେ ଆପଣଙ୍କ ଦର୍ଶନ କରିବାକୁ ଚହୁଁଛନ୍ତି । ଥରେ କବାଟ ଖୋଲି ଆପଣଙ୍କର ଏହି ଗୋଲାମ ସିକନ୍ଦରକୁ ଦର୍ଶନ ଦିଅନ୍ତୁ । କବୀରଜୀ ସନ୍ଥ ରବି ଦାସଜୀଙ୍କୁ କହିଲେ, କବାଟ ଖୋଲ । କବାଟ ଖୋଲିବା ମାତ୍ରେ ରାଜା ସିକନ୍ଦର ଗୋଡରୁ ଜୋତା କାଢି ମୁକୁଟ ପରିଧାନ ପୂର୍ବକ କବୀର ପରମେଶ୍ୱରଙ୍କ ଚରଣରେ ଦଣ୍ଡବତ ପ୍ରଣାମ କଲେ । ତା'ପରେ କାଶୀରେ ଚାଲୁଥିବା ଭୋଜନ-ଭଣ୍ଡାରାକୁ ଯିବା ପାଇଁ ବିନୟ ପ୍ରାର୍ଥନା କଲେ । ପରମାତ୍ମା କବୀରଜୀ ଯେତେବେଳେ କୁଡ଼ିଆ ବାହାରକୁ ଆସିଲେ ସେତେବେଳେ ଆକାଶରୁ ଏକ ସୁନ୍ଦର ମୁକୁଟ ଆସି ତାଙ୍କ ମସ୍ତକରେ ସୁଶୋଭିତ ହେବା ସହିତ ସୁଗନ୍ଧିତ ପୁଷ୍ପ ବର୍ଷା ହେବାକୁ ଲାଗିଲା । ରାଜା ସିକନ୍ଦର, କବୀର ପରମେଶ୍ୱରଜୀଙ୍କୁ ହାତୀ ଉପରେ ବସିବା ପାଇଁ ପ୍ରାର୍ଥନା କଲେ । କବୀରଜୀ, ରବି ଦାସଜୀଙ୍କୁ ସାଙ୍ଗରେ ଯିବା ପାଇଁ କହିଲେ । ରାଜା ସିକନ୍ଦର, ରବି ଦାସଜୀ ଓ ପରମାତ୍ମା କବୀରଜୀ ହାତୀ ପିଠିରେ ବସି ଭଣ୍ଡାରା ସ୍ଥଳକୁ ଗଲେ । ସମସ୍ତଙ୍କ ସହିତ କବୀର ସେଠ୍‌ଙ୍କର ପରିଚୟ କରାଇଲେ ତଥା କେଶବ ରୂପରେ ନିଜେ ଡ଼ବଲ ରୋଲ କରି ସେଠାରେ ଉପସ୍ଥିତ ଥିବା ସନ୍ଥ ଓ ଭକ୍ତମାନଙ୍କୁ ପ୍ରଶ୍ନୋତ୍ତର କରି ସତସଙ୍ଗ ଶୁଣାଇଲେ ଯାହା ୨୪ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା । ଲକ୍ଷାଧିକ ସନ୍ଥ ଓ ଭକ୍ତ ଅନ୍ଧଭକ୍ତି ତ୍ୟାଗ କରି କବୀରଜୀଙ୍କଠାରୁ ଦୀକ୍ଷା ନେଇ ନିଜର କଲ୍ୟାଣ କରାଇଲେ । ଭୋଜନ-ଭଣ୍ଡାରା ସମାପ୍ତ ହେବା ପରେ ଯେତେବେଳେ ବଳକା ସାମଗ୍ରୀ ତଥା ତମ୍ବୁ ଆଦିକୁ ବଳଦ ଉପରେ ଲଦି ପ୍ରସ୍ଥାନ କଲେ, ସେତେବେଳେ ରାଜା ସିକନ୍ଦର ଲୋଧୀ, ଶେଖତକୀ, କେଶବ ଓ କବୀରଜୀ ଗୋଟିଏ ସ୍ଥାନରେ ଛିଡା ହୋଇଥିଲେ । ବଳଦ ଓ ବଞ୍ଜାରା ବେଶରେ ଆସିଥିବା ସମସ୍ତ ସେବକ ଗଙ୍ଗାନଦୀ ପାରିହୋଇ ଚାଲିଗଲେ । କିଛି ସମୟ ପରେ ରାଜା ସିକନ୍ଦର ଲୋଧୀ କେଶବଙ୍କୁ କହିଲେ, ଆପଣଙ୍କ ବଳଦ ଓ ସାଥିମାନେ ଚାଲି ଯାଉଛନ୍ତି, ଆପଣ ମଧ୍ୟ ଯାଆନ୍ତୁ । ଯେଉଁ ଆଡ଼କୁ ବଳଦ ଓ ବଞ୍ଜାରାମାନେ ଯାଉଥିଲେ ସେହି ଆଡ଼କୁ ରାଜା ଚାହିଁଲା ବେଳକୁ ସମସ୍ତେ ଅଦୃଶ୍ୟ ହୋଇଗଲେ । ରାଜା ଆଶ୍ଚର୍ଯ୍ୟ ଚକିତ ହୋଇ ପଚାରିଲେ, କବୀରଜୀ! ସେହି ବଳଦ ଓ ବଞ୍ଜାରାମାନେ ଏତେ ଶୀଘ୍ର କେଉଁ ଆଡ଼େ ଅନ୍ତର୍ଧାନ ହୋଇଗଲେ ? ଏହି ସମୟରେ ଚାହୁଁ ଚାହୁଁ କେଶବ ମଧ୍ୟ ପରମେଶ୍ୱର କବୀରଜୀଙ୍କ ଶରୀରରେ ମିଶିଗଲେ । କବୀରଜୀ ଏକା ଛିଡା ହୋଇଥିଲେ । ସମସ୍ତ ରହସ୍ୟ ବୁଝିପାରି ରାଜା ସିକନ୍ଦର ଲୋଧୀ କହିଲେ, କବୀରଜୀ! ଏ ସମସ୍ତ ଲୀଳା ଆପଣଙ୍କର ହିଁ ଥିଲା । ଆପଣ ସ୍ୱୟଂ ପରମାତ୍ମା ଅଟନ୍ତି । ଶେଖତକୀର ଅନ୍ତରାତ୍ମା ଈର୍ଷାର ଅଗ୍ନିରେ ଜଳିବାକୁ ଲାଗିଲା ଏବଂ କହିଲା, ଏହିପରି ଶହେ ଭଣ୍ଡାରା ଆମ୍ଭେ କରିପାରିବୁ । ଇଏ କି ଭଣ୍ଡାରା ହୋଇଥିଲା ? ଏହା ତ ମହୋତ୍ସବ ହୋଇଥିଲା ।

ମହୋତ୍ସବ ସେହି ଅନୁଷ୍ଠାନିକ କାର୍ଯ୍ୟକୁ କୁହାଯାଏ ଯାହା କୌଣସି ଗୁରୁଙ୍କ ଦ୍ୱାରା କୌଣସି ବୃଦ୍ଧ ବ୍ୟକ୍ତିର ସଦଗତି ପାଇଁ କରାଯାଇଥାଏ । ଏଥିରେ ବ୍ୟବହୃତ ହେଉଥିବା ସମସ୍ତ ସାମଗ୍ରୀ ନିମ୍ନମାନର ହୋଇଥାଏ । କିନ୍ତୁ ଜଗ ଜୌନାର (ସାମୁହିକ ଭୋଜନ) ସେହି ଆନୁଷ୍ଠାନିକ କାର୍ଯ୍ୟକୁ କୁହାଯାଏ ଯାହା ବିଶେଷ ଖୁସି ଅବସରରେ କରାଯାଇଥାଏ, ଯେଉଁଥିରେ ଆୟୋଜକ ଖୋଲା ହୃଦୟରେ ଅର୍ଥ ଖର୍ଚ୍ଚ କରିଥାନ୍ତି । ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ :-

ଗରୀବ, କୋଇ କହେ ଜଗ ଜୌନାର କରୀହୈ, କୋଇ କହେ ମାହୌଛା ।
ବଡ଼େ ବଡ଼ାଇ କିୟା କରେଁ, ଗାଲୀ କାଢ଼େ ଓଛା ॥

ଶବ୍ଦାର୍ଥ :- ସେହି ସଭୋଜ ଅର୍ଥାତ ଭୋଜନ-ଭଣ୍ଡାରାକୁ ଦେଖି ଭଦ୍ରବ୍ୟକ୍ତିମାନେ କହୁଥିଲେ ଯେ ଜଗ ଜୌନାର ଅର୍ଥାତ ଖୋଲା ହୃଦୟରେ ଟଙ୍କା ଖର୍ଚ୍ଚ କରି ଧର୍ମକାର୍ଯ୍ୟ କରିଛନ୍ତି ଅର୍ଥାତ୍ ଧର୍ମଯଜ୍ଞ କରି ଜୀମନବାର ଅର୍ଥାତ ଭୋଜନ ଖୁଆଇଛନ୍ତି । କିନ୍ତୁ ଯେଉଁମାନେ ଅହଙ୍କାରୀ, ଦୁଷ୍ଟ ବ୍ୟକ୍ତି ସେମାନେ କହୁଥିଲେ ଯେ ସେ ତ ମହୋତ୍ସବ କରିଛି ଅର୍ଥାତ୍ ମନକୁ ମାରି କଞ୍ଜୁସ କରି କମ୍ ଖର୍ଚ୍ଚରେ ଭୋଜନ-ଭଣ୍ଡାରା କରିଛି ।

ସାରାଶଂ:- କବୀରଜୀ ଉଦାହରଣ ଦେଇ ଭକ୍ତମାନଙ୍କୁ କହିଛନ୍ତି ଯେ ଆପଣ ଯଦି ମୋ ପରି ନିର୍ମଳ ମନରେ ଭକ୍ତି ତଥା ସଚ୍ଚୋଟତାର ସହିତ ଜୀବନ ନିର୍ବାହ କରିବେ ତେବେ ପରମାତ୍ମା ଆପଣଙ୍କୁ ଏହିଭଳି ସହାୟ ହେବେ ।

ବାସ୍ତବରେ ଭକ୍ତ ହେଉଛି ସେଠ୍ ଅର୍ଥାତ ଧନବାନ ଅଟେ । ଭକ୍ତ ପାଖରେ ଦୁଇ ପ୍ରକାରର ଧନ ଅଛି । ସଂସାରରେ ଯାହା ଆବଶ୍ୟକ ସେହି ଧନ ଭକ୍ତ ପାଖରେ ଥାଏ ତଥା ସତ୍ୟ ସାଧନା ରୂପକ ଧନ ମଧ୍ୟ ଭକ୍ତ ପାଖରେ ଥାଏ ।

ସେହି ଭୋଜନ-ଭଣ୍ଡାରାରେ ଘଟିଥିବା ଅନ୍ୟ ଏକ ଅଲୌକିକ ଘଟଣା

ସେହି ଭୋଜନ(ଲଙ୍ଗର) ତିନିଦିନ ପର୍ଯ୍ୟନ୍ତ ଚାଲିଥିଲା । ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଅତି କମରେ ଦୁଇଥର ଭୋଜନ କରୁଥିଲେ । କିଛି ବ୍ୟକ୍ତି ତିନି-ଚାରିଥର ମଧ୍ୟ ଭୋଜନ କରୁଥିଲେ । କାରଣ ପ୍ରତ୍ୟେକ ଭୋଜନ ପରେ ଦକ୍ଷିଣା ଆକାରରେ ଗୋଟିଏ ମୋହର (୧୦ ଗ୍ରାମ ସୁନା) ଓ ଗୋଟିଏ ଦୋହର (ଦାମୀ କମ୍ବଳ) ଦିଆଯାଉଥିଲା । ଏହି ଲୋଭରେ ସେମାନେ ବାରମ୍ବାର ଭୋଜନ କରୁଥିଲେ । ୧୮ଲକ୍ଷ ବ୍ୟକ୍ତି ତିନିଦିନ ମଧ୍ୟରେ ମଳମୂତ୍ର ତ୍ୟାଗ କରି କାଶୀର ନଗରକୁ ଅପରିଷ୍କାର କରି ଦେଇଥାନ୍ତେ । କାଶୀ ବାସିନ୍ଦା, ୧୮ ଲକ୍ଷ ଅତିଥି ଏବଂ ସତଲୋକରୁ ଆସିଥିବା ଏକଲକ୍ଷ ସେବାଦାର ସେହି ଦୁର୍ଗନ୍ଧପୂର୍ଣ୍ଣ ପରିବେଶରେ ଅଣନିଶ୍ୱାସି ହୋଇ ଯାଇଥାନ୍ତେ ପରନ୍ତୁ ଏ ସବୁ ଅନୁଭୂତ ହୋଇ ନ ଥିଲା । ସମସ୍ତେ ପ୍ରତିଦିନ ଦୁଇ-ତିନିଥର ଭୋଜନ କରୁଥିଲେ ମଧ୍ୟ ମଳ ତ୍ୟାଗ କରିବାକୁ ଥରେ ମାତ୍ର ଯାଉ ନ ଥିଲେ କି ପରିଶ୍ରା କରିବାକୁ ମଧ୍ୟ ଯାଉ ନ ଥିଲେ । ଭୋଜନ ଏତେ ସ୍ୱାଦିଷ୍ଟ ଥିଲା ଯେ ପେଟ ଭରି ଖାଉଥିଲେ ଏବଂ ପୂର୍ବ ଅପେକ୍ଷା ଦୁଇଗୁଣ ଅଧିକ ଖାଦ୍ୟ ଖାଉଥିଲେ । ଇତିମଧ୍ୟରେ ସମସ୍ତଙ୍କର ଚିନ୍ତା ବଢିଯାଇଥିଲା ଯେପରି କେହି ରୋଗରେ ପିଡିତ ନ ହୁଅନ୍ତୁ । କିନ୍ତୁ ଏତେ ଖାଇବା ସତ୍ତ୍ୱେ ପେଟ ଭାରି ଲାଗୁ ନ ଥିଲା, ଠିକ୍‌ରେ ଭୋକ ମଧ୍ୟ ଲାଗୁଥିଲା । ସତଲୋକରୁ ଆସିଥିବା ସେବକମାନଙ୍କୁ ଏହି କଥା ପଚାରିବାରୁ ସେମାନେ କହିଲେ ଯେ ଏହି ଭୋଜନରେ ଏପରି ଚେର-ମୂଳି ପକାଯାଇ ରନ୍ଧାଯାଇଛି ଯାହା ଶରୀରରେ ମିଶିଯିବ । ଆମ୍ଭେ ପ୍ରତିଦିନ ଏହିପରି ଭୋଜନ ଆମ୍ଭ ପଙ୍ଗତରେ ତିଆରି କରି ଖାଇଥାଉ । ଆମ୍ଭେ କେବେ ବି ପାଇଖାନା ଯାଇ ନ ଥାଉ କି ପ୍ରରିଶ୍ରା ମଧ୍ୟ କରି ନ ଥାଉ । ଆପଣମାନେ ଚିନ୍ତାମୁକ୍ତ ହୋଇ ଭୋଜନ କରନ୍ତୁ । ସେମାନେ ପୁଣି ଚିନ୍ତାକଲେ, ଯେହେତୁ ଖାଦ୍ୟ ଖାଇଛନ୍ତି କିଛି ମଳ ତ୍ୟାଗ କରିବା ଉଚିତ୍ । ମଳ ତ୍ୟାଗ କରିବା ପାଇଁ ସେମାନଙ୍କର ଇଚ୍ଛା ହେବାରୁ ସମସ୍ତେ ସହର ବାହାରକୁ ଚାଲିଗଲେ । ଏକାନ୍ତ ସ୍ଥାନ ଦେଖି ମଳତ୍ୟାଗ କରିବା ସମୟରେ ମଳଦ୍ୱାରରୁ କେବଳ ବାୟୁ ହିଁ ବାହାରିଲା । ପେଟ ହାଲୁକା ହୋଇଗଲା ଏବଂ ସେହି ବାୟୁରୁ ଏଭଳି ସୁଗନ୍ଧ ବାହାରୁଥିଲା ଯେପରି କିଆଫୁଲରେ ପାଣି ଛିଞ୍ଚାଯାଇଛି । ଏସବୁ ଦେଖିଲା ପରେ ସେବାଦାରମାନଙ୍କ କଥାରେ ସମସ୍ତଙ୍କର ବିଶ୍ୱାସ ହେବା ସହିତ ଚିନ୍ତା ମଧ୍ୟ ଦୂର ହୋଇଗଲା । ତଥାପି ସମସ୍ତଙ୍କ ଆଖିରେ ଅଜ୍ଞାନତାର ଅନ୍ଧପୁଟୁଳି ବନ୍ଧା ହୋଇଥିଲା । ତଥାପି ସେମାନେ ପରମେଶ୍ୱର କବୀରଜୀଙ୍କୁ ପରମେଶ୍ୱର ବୋଲି ସ୍ୱୀକାର କରି ନ ଥିଲେ ।

ପୁରାଣରେ ମଧ୍ୟ ଏକ ପ୍ରକରଣ ଅଛି ଯେ ଅଯୋଧ୍ୟାର ରାଜା ଋଷଭଦେବ ଯେତେବେଳେ ରାଜ ସିଂହାସନ ତ୍ୟାଗ କରି ଜଙ୍ଗଲରେ ସାଧନା କରୁଥିଲେ ସେତେବେଳେ ତାଙ୍କ ପାଇଁ ସ୍ୱର୍ଗରୁ

ଭୋଜନ ଆସୁଥିଲା । ତାଙ୍କ ମଳରୁ ସୁଗନ୍ଧ ବାହାରୁ ଥିଲା । ଏହା ଦେଖି ଆଖପାଖ ଲୋକେ ଆଶ୍ଚର୍ଯ୍ୟ ଚକିତ ହେଉଥିଲେ । ଏହିପରି ସତଲୋକର ଆହାର ଭୋଜନ କରିବା ଦ୍ୱାରା କେବଳ ସୁଗନ୍ଧ ହିଁ ବାହାରି ଥାଏ, ମଳ ବାହାରି ନ ଥାଏ । ସ୍ୱର୍ଗ ହେଉଛି ସତ୍ୟଲୋକର ଅବିକଳ ନକଲ ଯାହା ନକଲି (**Duplicate**) ଅଟେ ।

ପ୍ରଶ୍ନ :- ଭକ୍ତି କରିବା ପାଇଁ ଗୃହ ତ୍ୟାଗ କରିବା ଆବଶ୍ୟକ ନା ଗୃହରେ ରହି ଭକ୍ତି କରିବା, କେଉଁଟି ଶ୍ରେଷ୍ଠ ଅଟେ ?

ଉତ୍ତର :- ଶାସ୍ତ୍ରବିଧି ଅନୁସାରେ ପୂର୍ଣ୍ଣଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ଭକ୍ତି ମର୍ଯ୍ୟାଦା ପାଳନ ପୂର୍ବକ ଆଜୀବନ ସାଧନା କରିବା ଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାଏ । ଯଦି ଗୃହ ତ୍ୟାଗ କରି ବଣ-ଜଙ୍ଗଲକୁ ଚାଲିଯିବେ ତେବେ ଭୋଜନ ପାଇଁ ନଗର ଓ ଗାଁର ଗୃହସ୍ଥିମାନଙ୍କ ଦ୍ୱାରକୁ ପୁଣି ଆସିବାକୁ ପଡ଼ିବ । ଖରା, ବର୍ଷା ଓ ଶୀତରୁ ରକ୍ଷା ପାଇବା ପାଇଁ କୁଡ଼ିଆ ତିଆରି କରିବାକୁ ପଡ଼ିବ । ବସ୍ତ୍ର ମଧ୍ୟ ମାଗିବାକୁ ପଡ଼ିବ । ପୁନର୍ବାର ଗୃହସ୍ଥ ଜୀବନ ଭଳି ହୋଇଗଲା । ତେଣୁ ଗୃହସ୍ଥି ହୋଇ ସତ୍ୟ ସାଧନା କର, ମୋକ୍ଷ ସୁନିଶ୍ଚିତ । ବିବାହିତ ଓ ଅବିବାହିତ ଉଭୟେ ଭକ୍ତି କରି ମୋକ୍ଷ ପ୍ରାପ୍ତ ହୋଇ ପାରିବେ । କିଛି ବ୍ୟକ୍ତି କହିଥାନ୍ତି ଯେ ଭକ୍ତି କରିବା ପାଇଁ ବ୍ରହ୍ମଚାରୀ ହେବାକୁ ପଡିଥାଏ । ଏହାର ମଧ୍ୟ ସେହି ଏକ ଉତ୍ତର ଯେ ଶାସ୍ତ୍ର ଅନୁସାରେ ସତ୍ୟ ସାଧନା କରି ଉଭୟ ବ୍ରହ୍ମଚାରୀ ଓ ଗୃହସ୍ଥି ମୋକ୍ଷ ଲାଭ କରିପାରିବେ ।

ଉଦାହରଣ :- ଆମ୍ଭେ ଜାଣିଛେ ଯେ ଭକ୍ତ ଧ୍ରୁବ ଓ ପ୍ରହଲ୍ଲାଦ ଭକ୍ତି କରି ମୋକ୍ଷ ପ୍ରାପ୍ତି କରିଛନ୍ତି । ଉଭୟେ ବିବାହ କରିଥିଲେ ଏବଂ ସେମାନଙ୍କର ମଧ୍ୟ ସନ୍ତାନ ଥିଲେ । ବୈଲୋଚନ ନାମରେ ପ୍ରହଲ୍ଲାଦଙ୍କର ଜଣେ ପୁତ୍ର ଥିଲେ । ରାଜା ବଳି ପ୍ରହଲ୍ଲାଦଙ୍କ ନାତି ଥିଲେ ଯିଏ ଶହେ ଯଜ୍ଞ କରିଥିଲେ । ବାମନରୂପ ଧାରଣ କରି ଭଗବାନ ଦକ୍ଷିଣା ରୂପେ ତିନିପାଦ ଭୂମି ମାଗିଥିଲେ । ଯେଉଁମାନେ କୁହନ୍ତି ଯେ ବ୍ରହ୍ମଚାରୀ ପୁରୁଷ ହିଁ କେବଳ ମୋକ୍ଷ ପ୍ରାପ୍ତ ପାଇଁ ଯୋଗ୍ୟ, ସେମାନେ ବିଚାର କରିବା ଉଚିତ୍ ଯେ ହିଜଡ଼ା(ନଂପୁସୁକ)ମାନେ ତ ସଦା ବ୍ରହ୍ମଚାରୀ ତେବେ ମୋକ୍ଷ ପାଇବା ପାଇଁ ସେମାନେ ଅଧିକ ଯୋଗ୍ୟ କି ?

ସତ୍ୟସାଧନା ଦ୍ୱାରା ହିଜଡ଼ା, ବ୍ରହ୍ମଚାରୀ, ଗୃହସ୍ଥି ତଥା ନାରୀ ସମସ୍ତେ ମୋକ୍ଷ ପ୍ରାପ୍ତି କରି ପାରିବେ । କବୀର ସାହେବଙ୍କ ଜ୍ଞାନ ଆଧାରରେ ସନ୍ତ ଗରୀବ ଦାସଜୀ କହିଛନ୍ତି ଯେ :-

ଗରୀବ, ଡ଼େରେ ଡ଼ାଣ୍ଡେ ଖୁସ ରହୋ, ଖୁସରେ ଲେହ ନା ମୋକ୍ଷ ।
ଧ୍ରୁବ - ପ୍ରହଲାଦ ପାର ହୋଗୟେ, ଫିର ଡ଼େରେ (ଘର) ମେଁ କ୍ୟା ଦୋଷ ॥ ୧
ଗରୀବ, କେଲେ କୀ କୋପୀନ ହୈ, ଫୁଲ-ପାତ-ଫଳ ଖାଇଁ ।
ନର କା ମୁଖ ନହୀଁ ଦେଖତେ, ବସ୍ତୀ ନିକଟ ନହୀଁ ଜାଇଁ ॥୨
ଗରୀବ, ଓ୍ୱେ ଜଙ୍ଗଲ କେ ରୋଝ ହୈଁ, ଜୋ ମନୁଷ୍ୟୋଁ ବିଦକେ ଜାହୀଁ ।
ନିଶ ଦିନ ଫିରୋ ଉଜାଡ଼ ମେଁ, ଝୁଁ ସାଇଁ ପାବୈ ନାହୀଁ ॥ ୩
ଗରୀବ, ଗାଡ଼ୀ ବାହୋ ଘର ରହୋ, ଖେତୀ କରୋ ଖୁଶହାଲ ।
ସାଇଁ ସିର ପର ରାଖିୟେ, ସହି ଭକ୍ତ ହରଲାଲ ॥ ୪

ଭାବାର୍ଥ :- ବାଣୀ ସଂଖ୍ୟା ୧ର ଅର୍ଥ ଉପରେ ଦିଆ ଯାଇସାରିଛି ।

ବାଣୀ ସଂଖ୍ୟା ୨-୩ର ଭାବାର୍ଥ :- କିଛି ବ୍ୟକ୍ତି କହୁଥିଲେ ଯେ ଆମ୍ଭେ ସନ୍ତଙ୍କ ଅନ୍ୱେଷଣରେ ବିଭିନ୍ନ ପାହାଡ଼ ଓ ଜଙ୍ଗଲକୁ ଗଲୁ । ଏକ ଜଙ୍ଗଲରରେ ଜଣେ ସାଧୁ ରହୁଥିଲେ । ସେହି ଜଙ୍ଗଲ ଆଖପାଖ ଗ୍ରାମର ଗ୍ରାମବାସୀମାନେ କହୁଥିଲେ ଯେ ସେହି ସାଧୁ ନିଜ ଗୁପ୍ତାଙ୍ଗ ଉପରେ କଦଳୀ ପତ୍ରକୁ ଲେଙ୍ଗୁଟି କରି ବାନ୍ଧିଥାନ୍ତି ଏବଂ ଜଙ୍ଗଲର ଫୁଲ, ଫଳ ଓ ପତ୍ର ଖାଇଥାନ୍ତି । ସେ ଗ୍ରାମ ନିକଟକୁ କେବେ ବି ଆସନ୍ତି ନାହିଁ କିମ୍ବା ମନୁଷ୍ୟଙ୍କର ମୁଖ ମଧ୍ୟ ଦର୍ଶନ କରନ୍ତି ନାହିଁ । ମନୁଷ୍ୟକୁ ଦେଖିବା ମାତ୍ରେ କ୍ଷୀପ୍ର ଗତିରେ ଜଙ୍ଗଲ ଭିତରକୁ ଚାଲିଯାନ୍ତି । ଲୋକେ କୁହନ୍ତି ଯେ ତାଙ୍କ ଦର୍ଶନ

ଯାହାକୁ ମିଳେ ସେ ଧନୀ ହୋଇଯାଏ । ତାଙ୍କୁ ଦର୍ଶନ କରିବା ପାଇଁ ଆମ୍ଭେ ଅନେକ ଦିନ ପର୍ଯ୍ୟନ୍ତ ସେହି ଜଙ୍ଗଲ ଭିତରକୁ ଯାଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଥାଉ । ଦିନେ ସେ ପଳାଇ ଯାଉଥିବା ସମୟରେ ତାଙ୍କ ପିଠି ଦେଖିବାକୁ ମିଳିଥିଲା । ଯଦି ସମ୍ପୂର୍ଣ୍ଣ ଦର୍ଶନ ମିଳି ଯାଇଥାନ୍ତା ତେବେ ବହୁତ ଲାଭ ହୋଇଥାନ୍ତା । ବିଚାର କରନ୍ତୁ, ଏହିଭଳି ବ୍ୟକ୍ତି ଅପରାଧୀ ଅଟନ୍ତି ଯିଏ ପୋଲିସ କବଳରୁ ରକ୍ଷା ପାଇବା ପାଇଁ ନାଟକ କରୁଥାନ୍ତି । ସନ୍ଥ ଗରୀବ ଦାସଜୀ ଏଭଳି ବ୍ୟକ୍ତିଙ୍କୁ ରୋଝ (ନୀଳଗାଇ)ର ଉପମା ଦେଇ କହିଛନ୍ତି ଯେ ଯେଉଁମାନେ ଲୋକମାନଙ୍କୁ ଦେଖି ଭୟଭିତ ହୋଇ ପଳାୟନ କରନ୍ତି ସେମାନେ ଜଙ୍ଗଲରେ ଦିନରାତି ଯେତେ ଘୁରିବୁଲିଲେ ମଧ୍ୟ କଦାପି ପରମାତ୍ମା ପ୍ରାପ୍ତି ହେବେ ନାହିଁ ।

ବାଣୀ ସଂଖ୍ୟା ୪ର ଭାବାର୍ଥ :-

ଗରୀବ, ଗାଡ଼ୀ ବାହୋ ଘର ରହୋ ଖେତୀ କରୋ ଖୁଶହାଲ ।
ସାଇଁ ସିର ପର ରାଖିୟେ, ସହୀ ଭକ୍ତ ହରଲାଲ ॥

ହରଲାଲ ଜାଟଙ୍କ କଥା

ଗ୍ରାମ-ବେରୀ (ଜିଲ୍ଲା-ଝଜ୍ଜର, ରାଜ୍ୟ-ହରିୟାଣା)ରେ ହରଲାଲ୍ ନାମକ ଜଣେ ଜାଟ କୃଷକ ଥିଲେ ଯିଏ ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ତାଙ୍କ ପରିବାରର ସମସ୍ତ ସଦସ୍ୟ ଧାର୍ମିକ ପ୍ରବୃତ୍ତିର ଥିଲେ । ଦିନେ ଜଣେ ଗେରୁଆ ବସ୍ତ୍ରଧାରୀ ବ୍ୟକ୍ତି ସେହି ଗ୍ରାମରେ ଥିବା ଏକ ମଣ୍ଡପରେ ଆଶ୍ରୟ ନେଲେ ଏବଂ ସେଠାରେ କିଛିଦିନ ସତସଙ୍ଗ କଲେ । ଭକ୍ତ ହରଲାଲ୍‌ଜୀ ତାଙ୍କ ପରିଚୟ ପଚାରି ଜାଣିପାରିଲେ ଯେ ତାଙ୍କ ଘରେ କେହି ନାହାନ୍ତି ଏବଂ ତାଙ୍କ ମାତା-ପିତା ପିଲାଟି ଦିନରୁ ଚାଲି ଯାଇଛନ୍ତି । ସେ ଭକ୍ତି ପାଇଁ ଗୃହ ତ୍ୟାଗ କରିଛନ୍ତି । ଭକ୍ତ ହରଲାଲ୍‌ଜୀ ତାଙ୍କୁ ନିବେଦନ କଲେ ଯେ ଆପଣ ଆମ୍ଭ ଘରେ ରୁହନ୍ତୁ । ଆମ୍ଭଙ୍କୁ ସନ୍ଥଙ୍କ ସେବା କରିବାର ସୁଯୋଗ ମିଳିବ । ଆପଣଙ୍କୁ ଆମ୍ଭ ଘରେ ଭକ୍ତି କରିବା ପାଇଁ ଅଧିକ ସମୟ ମଧ୍ୟ ମିଳିବ । ସେହି ଗେରୁଆ ବସ୍ତ୍ରଧାରୀ ସାଧୁ ତାଙ୍କ କଥାରେ ରାଜି ହୋଇଗଲେ । ଭକ୍ତ ହରଲାଲ୍‌ଙ୍କର ଦୁଇଟି ଘର ଥିଲା । ଗୋଟିଏ ଘରେ ସ୍ତ୍ରୀ ଲୋକମାନେ ରହୁଥିଲେ । ଅନ୍ୟଟି କିଛି ଦୂରରେ ଥିଲା ଯେଉଁଠି ପଶୁ ବନ୍ଧା ହେଉଥିଲେ ତଥା ପୁରୁଷମାନେ ମଧ୍ୟ ରହୁଥିଲେ ଯାହାକୁ ଘେର ବା ପୌଲୀ କୁହାଯାଏ । ଏହି ଘର ଉପରେ ଏକ ବିଶ୍ରାମ ଘର ଥିଲା । ସେହି ଘରେ ରହିବା ପାଇଁ ସେ ସାଧୁଙ୍କୁ ଅନୁରୋଧ କଲେ । ସପରିବାରେ ତାଙ୍କ ସେବା କରିବା ସହିତ ପ୍ରତିଦିନ ତିନିଥର ଭୋଜନ କରାଉଥିଲେ । କିଛିବର୍ଷ ପରେ ସେହି ସନ୍ଥ ଶରୀର ତ୍ୟାଗ କଲେ । ହରଲାଲ୍‌ଜୀ ତାଙ୍କର ଅନ୍ତିମ ସଂସ୍କାର କରି ନିଜ ଜମିରେ ଏକ ସମାଧି ତିଆରି କଲେ ।

ଶ୍ରୀ ହରଲାଲ୍ ଜାଟ ପ୍ରତିଦିନ ଶଗଡ଼ରେ ବ୍ୟବସାୟୀମାନଙ୍କର ଜିନିଷପତ୍ର ଗୋଟିଏ ହାଟରୁ ଅନ୍ୟ ହାଟକୁ ଭଡ଼ାରେ ନେବା ଆଣିବା କରୁଥିଲେ । ଯେପରି ବର୍ତ୍ତମାନ ସମୟରେ ଭଡାରେ ଟ୍ରକ୍ ବା କ୍ୟାଣ୍ଟର ସାହାଯ୍ୟରେ ଗୋଟିଏ ହାଟରୁ ଆଉ ଏକ ହାଟକୁ ଜିନିଷ ନେବା ଆଣିବା କରାଯାଉଛି । ସମୟ ସନ୍‌୧୭୫୦ର ପାଖାପାଖି ଘଟଣା ଯେତେବେଳେ ବଳଦଗାଡ଼ି ଦ୍ୱାରା ଚିନି, ଗୁଡ, ଚାଉଳ, ଗହମ, ଯଅ, ବାଜରା, ଇତ୍ୟାଦିକୁ ଭଡ଼ାରେ ବୁହା ଯାଉଥିଲା । ବେରୀ ଗ୍ରାମରୁ ନଜଫଗଡ଼ ମଣ୍ଡି(ବଜାର)କୁ ଯାଇଥିବା ରାସ୍ତାଟି ଛୁଡ଼ାଣୀ ଗ୍ରାମ ଦେଇ ଯାଇଥାଏ । ଶ୍ରୀ ହରଲାଲ୍‌ଜୀଙ୍କର ଗୋଟିଏ ଧଳା ବଳଦ ଥିଲା, ଯିଏ ମଠୁଆ ଥିଲା ଏବଂ କିଛି ସମୟ ଶଗଡ ଟାଣିବା ପରେ ଶୋଇ ଯାଉଥିଲା । ତାକୁ ବାଡିରେ ବାଡେଇ ଉଠା ଯାଉଥାଏ । କିଛି ଦୂର ଯିବା ପରେ ପୁଣି ଶୋଇ ପଡୁଥାଏ । ପ୍ରତିଦିନ ଏହିଭଳି ପରିସ୍ଥିତି ଉପୁଜିଥାଏ । ଦିନେ ଗ୍ରୀଷ୍ମଋତୁରେ ଭୋର ପ୍ରାୟ ୪ଟା ସମୟରେ ଶ୍ରୀ ହରଲାଲ୍‌ଜୀ ନଜଫଗଡ଼ ମଣ୍ଡିରୁ ଶଗଡ ବୋଝେଇ କରି ଫେରୁଥିଲେ । ଛୁଡ଼ାଣୀ ଗ୍ରାମ ନିକଟରେ ଥିବା ଏକ କୂଅଠାରୁ କିଛି ଦୂରରେ ସେହି ବଳଦଟି ଶୋଇପଡ଼ିଲା । ହରଲାଲ୍‌ଜୀ ବଳଦକୁ ବାଡିରେ ବାଡେଇବାକୁ ଲାଗିଲେ । ଛୁଡ଼ାଣୀ ଗ୍ରାମର ସନ୍ଥ ଗରୀବ ଦାସଜୀ ସେହି କୂଅରେ ସ୍ନାନ କରୁଥିଲେ । ସେ ହରଲାଲ୍‌ଙ୍କୁ କହିଲେ ଯେ ତା'କୁ ବାଡାଅ ନାହିଁ, ସେ ଗୋମାତାର ସନ୍ତାନ ।

ସନ୍ଥ ଗରୀବ ଦାସଜୀ ଜାଟ କୃଷକ ଥିଲେ । ସେ ହରିୟାଣାର ପାରମ୍ପରିକ ବେଶପୋଷାକ ଧୋତି କୁର୍ତ୍ତା ପରିଧାନ କରୁଥିଲେ । ହରଲାଲ୍‌ଜୀ କହିଲେ, ଭାଇ ! ଇଏ ମୋତେ ପାଣି ପିଆଇ ସାରିଲାଣି । ଅଧା ମାଇଲ୍ ଚାଲୁଛି ପୁଣି ଶୋଇ ପଡୁଛି । ସନ୍ଥ ଗରୀବ ଦାସଜୀ ସେହି ବଳଦ ପାଖକୁ ଯାଇ ତା କାନରେ କିଛି କହିଲେ । ସଙ୍ଗେ ସଙ୍ଗେ ସେହି ଧଳା ବଳଦଟି ଠିଆ ହୋଇଗଲା । ସନ୍ଥ ଗରୀବ ଦାସଜୀ କହିଲେ, ଏବେ ବଳଦ ଠିକ୍‌ରେ ଚାଲିବ । ଶ୍ରୀ ହରଲାଲ୍‌ଜୀଙ୍କୁ ଏକଥାରେ ବିଶ୍ୱାସ ହେଲା ନାହିଁ । ଶଗଡ଼ ଧରି ଆଗକୁ ଆଗେଇଲେ । ଏବେ ସେହି ଧଳା ବଳଦଟି ଅନ୍ୟ ବଳଦଠାରୁ ଅଧିକ ବେଗରେ ଚାଲିବାକୁ ଲାଗିଲା । ଛୁଡ଼ାଣୀରୁ ବେରୀ ଗ୍ରାମକୁ ଯିବା ବାଟରେ କେଉଁଠି ବି ଠିଆ ହେଲା ନାହିଁ । ଏହା ଦେଖି ଶ୍ରୀ ହରଲାଲ୍‌ଜୀ ଆଶ୍ଚର୍ଯ୍ୟ ହେବା ସହିତ ଖୁସିରେ ଆତ୍ମବିଭୋର ହୋଇଗଲେ । ସେ ଘରକୁ ଯାଇ ସମସ୍ତଙ୍କୁ ଏହିକଥା କହିଲେ, କିନ୍ତୁ କାହାକୁ ବିଶ୍ୱାସ ହେଉ ନ ଥିଲା । ଏହା ପରେ ହରଲାଲ୍‌ଜୀ ଜାଟ ଛୁଡ଼ାଣୀ ଗ୍ରାମକୁ ଗଲେ । ସେ ଏକ ଭୂଲ୍ କରି ଦେଇଥିଲେ ଯେ ସେଦିନ ଗରୀବ ଦାସଜୀଙ୍କର ନାମ ପଚାରି ନ ଥିଲେ, ତେଣୁ ଛୁଡ଼ାଣୀ ଗ୍ରାମରୁ ତାଙ୍କୁ ଫେରିବାକୁ ପଡିଥିଲା । ତା'ପରେ ସେ ଭାବିଲେ ଯେ ବୋଧହୁଏ ସେ ପ୍ରତିଦିନ ସେହି ନିର୍ଦ୍ଦିଷ୍ଟ ସମୟରେ ସ୍ନାନ କରିବାକୁ କୂଅକୁ ଆସୁଥିବେ । ତେଣୁ ସେ ପରଦିନ ଭୋର ୪ଟା ବେଳେ ସେହି କୂଅ ନିକଟରେ ଯାଇ ପହଞ୍ଚିଲେ । ସନ୍ଥ ଗରୀବ ଦାସଜୀ ତାଙ୍କୁ ପଚାରିଲେ, ହେ ହରଲାଲ୍ ଭାଇ ! ତୁମେ ସେହି ବଳଦ ବିଷୟରେ ଜାଣିବାକୁ ଆସିଛ କି ? ହରଲାଲ୍‌ଜୀ କହିଲେ, ଆପଣଙ୍କୁ କିଛି ଅଛପା ନାହିଁ । ମୁଁ ଆପଣଙ୍କଠାରୁ ସେହି କଥା ଜାଣିବାକୁ ଆସିଛି । ଆପଣ ସେଦିନ କି ଯାଦୁ କଲେ ଯେ ସେହି ବଳଦ, ଅନ୍ୟ ବଳଦଠାରୁ ଅଧିକ ବେଗରେ ଚାଲୁଛି । ସନ୍ଥ ଗରୀବ ଦାସଜୀ ପଚାରିଲେ, ତୁମେ ପ୍ରଥମେ କୁହ ! ତୁମ ଘରେ ଯେଉଁ ସାଧୁ ରହୁଥିଲେ, ବର୍ତ୍ତମାନ ତାଙ୍କ ଖବର କ'ଣ ? ମୁଁ ଦିନେ ତାଙ୍କୁ ଭେଟିଥିଲି ଯେଉଁଦିନ ତୁମେ ଗାଡ଼ି ନେଇ ବାହରକୁ ଯାଇଥିଲ । ହରଲାଲ୍‌ଜୀ କହିଲେ, ସେ ଶରୀର ତ୍ୟାଗ କରିବାର ଚାରିବର୍ଷ ହେଲାଣି । ତାଙ୍କର ଗୋଟିଏ ସମାଧି ମଧ୍ୟ ତିଆରି ହୋଇଛି । ସନ୍ଥ ଗରୀବ ଦାସଜୀ କହିଲେ, ଏହି ଧଳା ବଳଦଟି ହେଉଛି ସେହି ଭଣ୍ଡବାବା ଅଟେ । ମୁଁ ତାଙ୍କ ସହିତ ଜ୍ଞାନଚର୍ଚ୍ଚା କରି ବୁଝାଇ କହିଥିଲି ଯେ ତୁମ ଭକ୍ତିବିଧି ଭୂଲ ଅଛି । ତୁମେ ଭକ୍ତି ନ କରି, କେବଳ ଭୋଜନ କରି ଶୋଇଯାଉଛ । ପରମାତ୍ମାଙ୍କ ଦରବାରରେ ଯେତେବେଳେ ହିସାବ ହେବ, ସେତେବେଳେ ଜାଣି ପାରିବ ଯେ ଆଜି ଯାହା ଖାଉଛ, ତାହା ପୁଣି ତୁମକୁ ଦିନେ ଦେବାକୁ ପଡ଼ିବ ।

ଗରୀବ, ନର ସେ ଫିର ପଶୁଓ୍ୱା କୀଜୈ, ଗଧା-ବୈଲ ବନାୟ ।
ଛପ୍ପନ ଭୋଗ କହାଁ ମନ ବୋରେ, କୁରଡ଼ୀ ଚରଣେ ଜାୟ ॥
ଗରୀବ, ତୁମନେ ଉସ ଦରଗାହ କା ମହଲ ନା ଦେଖା । ଧର୍ମରାଜ କୈ ଡିଲ-ଡିଲ କା ଲେଖା ॥

କିନ୍ତୁ ମୋ କଥାରେ ସେ ଅପ୍ରସନ୍ନ ହୋଇ କହିଲେ, ତୁମେ ଜଣେ ଗୃହସ୍ଥି, ମୁଁ ବାଳ ବ୍ରହ୍ମଚାରୀ । ତୁମେ ଏଠାରୁ ଚାଲିଯାଅ, ମୋ ଭଳି ଜଣେ ସାଧୁକୁ ତୁମେ ଶିକ୍ଷା ଦେବାକୁ ଆସିଛ ?

କବୀର, ରାମ ନାମ ସେ ଖିଜ ମରୈ, କୁଷ୍ଟି ହୋ ଗଲ ଜାୟ ।
ଶୁକର ହୋକର ଜନ୍ମ ଲେ, ନାକ ଡୁବତା ଖାୟ ॥

ଭାବାର୍ଥ :- କବୀରଜୀ କହିଛନ୍ତି ଯେ ଅଭିମାନୀ ବ୍ୟକ୍ତି ରାମନାମ ଚର୍ଚ୍ଚାରୁ ଦୂରେଇ ରହିଥାଏ । ପୁଣି କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ମରିଥାଏ । ପରଜନ୍ମରେ ଘୁଷୁରୀ ଜନ୍ମ ନେଇ ଆବର୍ଜନା ଓ ମଳ ଆଦି ଖାଇଥାଏ । ତା ନାକ ସର୍ବଦା ମଳରେ ବୁଡ଼ି ରହିଥାଏ । ସେହି ପ୍ରାଣୀ ଏହିଭଳି କଷ୍ଟ ଭୋଗୀଥାଏ ଯିଏ ଭକ୍ତି କରି ନ ଥାଏ କିମ୍ବା ନକଲି ସନ୍ଥ ହୋଇ ସମାଜରେ ନିଜ ଲୋକ ଦେଖାଣିଆ ମହିମାର ପ୍ରଚାର କରିଥାଏ ।

ହେ ହରଲାଲ୍ ! ମୁଁ ସେହି ବଳଦ କାନରେ କହିଥିଲି ଯେ ସେଦିନ କଥା ମନେପକାଅ । ମୁଁ ତୋତେ ଯାହା କହିଥିଲି, ତୁ ମୋ କଥା ମାନି ନ ଥିଲୁ । ଆରେ ଅବୋଧ ଜୀବ ! ତୋତେ ଏହି କୃଷକର ଋଣ ପରିଶୋଧ କରିବାକୁ ପଡ଼ିବ । ମାଡ ଖାଇ ପରିଶୋଧ କର ନହେଲେ ରାଜି ହୋଇ

ଖୁସିରେ ପରିଶୋଧ କର । ନଚେତ୍ ଋଣମୁକ୍ତ ହୋଇପାରିବୁ ନାହିଁ । ସେହି ବଳଦ ଶରୀରଧାରୀ ନକଲି ବାବା ମୋ କଥା ବୁଝି ଯାଇଥିଲା । ସେ କୌଣସି ଏକ ପୂର୍ବଜନ୍ମରେ ପରମେଶ୍ୱର କବୀରଜୀଙ୍କର ଶିଷ୍ୟ ଥିଲା । କିନ୍ତୁ ଏହି ଉତ୍ତମ ମାର୍ଗକୁ ତ୍ୟାଗ କରି ପରବର୍ତ୍ତି ସମୟରେ ଗିରି ପନ୍ଥକୁ ଚାଲି ଯାଇଥିବା କାରଣରୁ ଏବେ ଜନ୍ମ-ମରଣ କଷ୍ଟ ଭୋଗ କରୁଛି । ଏବେ ତାକୁ କେବେ ବି ବିଶ୍ରାମ ମିଳିବ ନାହିଁ । ହରଲାଲ୍‌ଜୀ ଗରୀବ ଦାସଜୀଙ୍କ ଚରଣରେ ପଡ଼ିଗଲେ ଏବଂ କହିଲେ, ହେ ମହାରାଜ ! ମୋତେ ଆପଣଙ୍କର ଶିଷ୍ୟ କରନ୍ତୁ । ମୁଁ ଘର ପରିବାର ତ୍ୟାଗ କରି ଆପଣଙ୍କ ସହିତ ରହିବି । ଆଜି ମୋ ଆଖି ଖୋଲିଗଲା, ଭକ୍ତି ବିନା ଜୀବ କେତେ ଯେ କଷ୍ଟ ପାଇଥାଏ, ଆଜି ତା'ର ପ୍ରମାଣ ମୋତେ ମିଳିଗଲା । ସନ୍ତ ଗରୀବ ଦାସଜୀ ଏହି ବାଣୀରେ କହିଛନ୍ତି ଯେ :-

ଗରୀବ, ଗାଡ଼ୀ ବାହୋ ଘର ରହୋ, ଖେତୀ କରୋ ଖୁଶହାଲ ।
ସାଇଁ ସିର ପର ରାଖିୟେ, ସହୀ ଭଗତ ହରଲାଲ ॥

ଭାବାର୍ଥ :- ପରମାତ୍ମା ପ୍ରାପ୍ତି ପାଇଁ ଗୃହ ତ୍ୟାଗ କରିବା ଆବଶ୍ୟକ ନାହିଁ । ଆନନ୍ଦର ସହିତ ନିଜ ଚାଷବାସ ଓ ଗାଡିଭଡା (ଟ୍ରାନ୍ସପୋର୍ଟ୍) କାର୍ଯ୍ୟ କର । ଗୃହସ୍ଥି ହୋଇ ରୁହ । ପରମାତ୍ମାଙ୍କ ଭକ୍ତି କରିବା ପାଇଁ ମୁଁ ଯେଉଁ ବିଧି କହିବି ତାହା କର । ତୁମେ ଜଣେ ଶ୍ରେଷ୍ଠ ଭକ୍ତରେ ପରିଗଣିତ ହେବ ।

ଗରୀବ, ନାମ ଉଠତ ନାମ ବୈଠତ, ନାମ ସୋୱତ ଜାଗ ରେ ।
ନାମ ଖାତେ ନାମ ପୀତେ, ନାମ ସେତୀ ଲାଗରେ ॥

ଏହି ପ୍ରମାଣ ଯଜୁର୍ବେଦ ଅଧ୍ୟାୟ ୪୦ର ମନ୍ତ୍ର ୧୫ରେ ଅଛି ଯେ :-

ବାୟୁ ଅନିଲଂ ଅଥଇଦଂ ଅମୃତଂ ଭସ୍ମନ୍ତଂ ଶରୀରଂ ।
ଓମ୍ (ଓଁ) କୃତୁ ସ୍ମର କିଲବେ ସ୍ମର କୃତଂ ସ୍ମର ॥

ଭାବାର୍ଥ :- ସନ୍ତ ଗରୀବ ଦାସଜୀ କହିଛନ୍ତି ଯେ ସତ୍ୟ ସାଧନାର ଯେଉଁ ସତ୍ୟମନ୍ତ୍ର ମୁଁ ତୁମକୁ ଦେବି, ତାହାର ଜପ ଖାଇବା-ପିଇବା-ଜାଗ୍ରତ ରହିବା ସମୟରେ ଅର୍ଥାତ୍ ସକାଳୁ ନିଦରୁ ଉଠି କିଛି ସମୟ କର । ଶୋଇବା ପୂର୍ବରୁ କିଛି ସମୟ ଜପ କର । ବସିବା-ଉଠିବା ସମୟରେ ମଧ୍ୟ ପରମାତ୍ମାଙ୍କ ନାମ ଜପ କର । ଏହି ପ୍ରକାରେ ଗୃହକାର୍ଯ୍ୟ ସହିତ ସୁମିରଣ ମଧ୍ୟ ହୋଇଥାଏ । ଯେପରି ଗ୍ରାମାଞ୍ଚଳରେ ଲୋକେ ଦିନସାରା ତାସ୍ ଖେଳିଥାନ୍ତି, ହୁକ୍କାପାନ କରି ସମୟ ନଷ୍ଟ କରିଥାନ୍ତି । ରାଜନୀତି କଥା ଆଲୋଚନା କରିବା, ଅନ୍ୟ ବ୍ୟକ୍ତିର ନିନ୍ଦା-ଚର୍ଚ୍ଚା କରିବା ଓ ଯାତ୍ରା, ସିନେମା ଆଦି ଦେଖିବାରେ ସମୟ ନଷ୍ଟ କରିଥାନ୍ତି । ପରମାତ୍ମାଙ୍କ ଭକ୍ତି-ଚର୍ଚ୍ଚା ତଥା ସତସଙ୍ଗ ଶ୍ରବଣ କରି ସେହି ସମୟର ସଦୁପଯୋଗ କଲେ ମୋକ୍ଷ ସମ୍ଭବ ହୋଇଥାଏ ।

ଶ୍ରୀ ହରଲାଲ୍ ଜାଟଜୀ ଦୀକ୍ଷା ଗ୍ରହଣ କରି ଘରକୁ ଆସିଲେ । ଘରଲୋକଙ୍କୁ ସମସ୍ତ କଥା କହିଲେ । ସେହି ଅଜ୍ଞାନୀ ବାବାର ସମାଧି ଭାଙ୍ଗି ଦେଲେ ଏବଂ ପରିବାରର ସମସ୍ତଙ୍କୁ ଛୁଡ଼ାଣୀ ନେଇ ସନ୍ତ ଗରୀବ ଦାସଜୀଙ୍କଠାରୁ ନାମଦୀକ୍ଷା ଦେଲେ । ପରିବାର ସହିତ ନିଜର ମଧ୍ୟ କଲ୍ୟାଣ କରାଇଲେ । ସନ୍ତ ଗରୀବ୍ ଦାସଜୀଙ୍କ ଆଦେଶ ଅନୁସାରେ ସେହି ଧଳା ବଳଦଟିକୁ ଆଉ ଶଗଡ଼ ଓ ହଳ କାର୍ଯ୍ୟରେ ଲଗାଇଲେ ନାହିଁ । ତାକୁ ଅନ୍ୟ ପଶୁଙ୍କଠାରୁ ଅଲଗା ଘରେ ବାନ୍ଧି ଘାସ ଓ ଦାନା ଖାଇବାକୁ ଦେଲେ । ସନ୍ତ ଗରୀବ ଦାସଜୀ କହିଲେ, ଏହି ବଳଦ ପୂର୍ବ ଜନ୍ମରେ ଭକ୍ତ ଥିଲା, କର୍ମ ଖରାପ କରି ପଶୁ ଜନ୍ମ ପାଇଛି । ଏହାକୁ କାମରେ ଲଗାଇବ ନାହିଁ । ସେହି ବଳଦ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଞ୍ଚିଲା । ଭକ୍ତ ହରଲାଲ୍‌ଜୀ ତାକୁ ଏକ ଭକ୍ତ ଭାବି ତାର ସେବା କରୁଥିଲେ । ପରମାତ୍ମା କବୀରଜୀ ପଥଭ୍ରଷ୍ଟ ହୋଇ ଯାଇଥିବା ସେହି ଭକ୍ତକୁ ପଶୁ ଜୀବନରେ ମଧ୍ୟ ସହାୟ ହେଲେ । ଯଦି ତାକୁ ପରଜନ୍ମରେ କେବେ ମାନବ ଜନ୍ମ ମିଳେ ଏବଂ ତା ଭାଗ୍ୟରେ ପୂର୍ଣ୍ଣଗୁରୁ ମିଳିଯାନ୍ତି ତେବେ ତାର ମୁକ୍ତି ସୁନିଶ୍ଚିତ, ନଚେତ୍ ପୁଣି ଚୌରାଶି ଲକ୍ଷ ଯୋନିର କଷ୍ଟ ତା'ପାଇଁ ଖଞ୍ଜା ହୋଇ ରହିଛି ।

ବେରୀ ଗ୍ରାମରେ ରହୁଥିବା ଭକ୍ତ ହରଲାଲ୍‌ଙ୍କ ସନ୍ତାନମାନେ ଆଜି ମଧ୍ୟ ଏହି ଘଟଣାର ସାକ୍ଷୀ ଅଟନ୍ତି ।

''ତମାଖୁ ସେବନ ମହାପାପ''

ସନ୍ଥ ଗରୀବ ଦାସଜୀ, ଭକ୍ତ ହରଲାଲ୍‌ଜୀଙ୍କୁ କହିଲେ ଯେ ତୁମେ (ଯେଉଁମାନେ ଦୀକ୍ଷା ନେଉଛନ୍ତି) ତମାଖୁ (ହୁକ୍କା, ବିଡ଼ି, ସିଗାରେଟ, ଚିଲମ ଆଦିରେ ଭର୍ତ୍ତିକରି) କେବେ ମଧ୍ୟ ସେବନ କରିବ ନାହିଁ ଏବଂ ଅନ୍ୟ କୌଣସି ନିଶାଦ୍ରବ୍ୟ ମଧ୍ୟ ସେବନ କରିବ ନାହିଁ । ଭକ୍ତ କହିଲେ, ହେ ମହାରାଜଜୀ ! ତମାଖୁ ସେବନ ପ୍ରାୟ ସମସ୍ତ କୃଷକ କରିଥାନ୍ତି । ଏଥିରେ କ୍ଷତି କ'ଣ ?

ଉତ୍ତର :- ସନ୍ଥ ଗରୀବ ଦାସଜୀ କହିଲେ, ତୁମେ ରାମାୟଣ ଓ ମହାଭାରତର କଥା ନିଶ୍ଚୟ ଶୁଣିଥିବ । ସେଥିରେ ହୁକ୍କା ସେବନର ବର୍ଣ୍ଣନା କେଉଁଠାରେ ମଧ୍ୟ ନାହିଁ । ତମାଖୁର ଉତ୍ପତ୍ତି କିପରି ହେଲା ସେହି ବିଷୟରେ ଶୁଣ !

''ତମାଖୁର ଉତ୍ପତ୍ତି କଥା''

ଜଣେ ଋଷି ଓ ଜଣେ ରାଜା ଦୁଇ 'ସଡୁ' ଥିଲେ । ଦିନେ ରାଣୀ ନିଜ ଭଉଣୀ (ଋଷିଙ୍କ ପତ୍ନୀ)ଙ୍କୁ ନିମନ୍ତ୍ରଣ କରି କହିଲେ, ତୁମେ ସପରିବାରେ ଆମ ଘରକୁ ଭୋଜନ କରିବା ପାଇଁ ଆସିବ । ମୁଁ ତୁମମାନଙ୍କୁ ଦେଖିବାକୁ ଚାହୁଁଛି, ତୁମମାନଙ୍କ କଥା ମୋର ବହୁତ ମନେ ପଡୁଛି । ଋଷିଙ୍କ ପତ୍ନୀ ନିଜ ଭଉଣୀର ନିମନ୍ତ୍ରଣ ବିଷୟରେ ନିଜ ପତିଙ୍କୁ କହିବାରୁ ଋଷି କହିଲେ ଯେ ସଡୁଘର ସହିତ ଅଧିକ ବନ୍ଧୁତା ଭଲ ନୁହେଁ । ତୋ ଭଉଣୀ ବିଳାସପୂର୍ଣ୍ଣ ଜୀବନ ବିତାଉଛି । ରାଜାଙ୍କୁ ଧନ ଓ ରାଜଗାଦିର ବହୁତ ଅହଂକାର ରହିଥାଏ । ତେଣୁ ସେ ଆମ୍ଭଙ୍କୁ ଅସମ୍ମାନ କରିବା ପାଇଁ ଡ଼ାକୁଛନ୍ତି । କାରଣ ପରେ ଆମ୍ଭଙ୍କୁ ମଧ୍ୟ ସେମାନଙ୍କୁ ନିମନ୍ତ୍ରଣ କରିବାକୁ ପଡ଼ିବ । ଆମ୍ଭେ ତାଙ୍କ ଭଳି ଭୋଜନ ବ୍ୟବସ୍ଥା ଏହି ଜଙ୍ଗଲ ଭିତରେ କରିପାରିବା ନାହିଁ । ଏହା ସଡୁଙ୍କର ଏକ ଷଡ଼ଯନ୍ତ୍ର ଅଟେ । ତୁମ ସମ୍ମୁଖରେ ସେ ନିଜକୁ ମହାନ ଏବଂ ମୋତେ ଗରିବ ବୋଲି ପ୍ରମାଣ କରିବାକୁ ଚାହୁଁଛନ୍ତି । ତେଣୁ ତୁମେ ସେଠାକୁ ଯିବାକୁ ଯେଉଁ ଯୋଜନା କରିଛ ତାହା ବାତିଲ କରିଦିଅ । ସେଠାକୁ ନ ଯିବା ଆମ୍ଭ ପାଇଁ ଠିକ୍ ହେବ । ମାତ୍ର ଋଷିଙ୍କ ପତ୍ନୀ ଆଦୌ ମାନିଲେ ନାହିଁ । ତେଣୁ ଦିନେ ଋଷି ସପରିବାରେ ଅତିଥି ହୋଇ ରାଜାଙ୍କ ଘରେ ପହଞ୍ଚିଲେ । ରାଣୀ ବହୁ ଦାମୀ ଅଳଙ୍କାର ଓ ବସ୍ତ୍ର ପିନ୍ଧିଥିଲେ । କିନ୍ତୁ ଋଷି ପତ୍ନୀଙ୍କ ବେକରେ କେବଳ ରାମନାମର ଜପମାଳା ଥିଲା ଓ ସେ ସାଧାରଣ ସାଧ୍ୱୀ ବସ୍ତ୍ର ପିନ୍ଧିଥିଲେ । ସେମାନଙ୍କୁ ଦେଖି ଦରବାରର କର୍ମଚାରୀ-ଅଧିକାରୀମାନେ ମୁରୁକି ହସି ପରସ୍ପର ମଧ୍ୟରେ କଥା ହେଉଥିଲେ ଯେ ଇଏ ରାଜାଙ୍କ ସଡୁ । କାହିଁ ରାଜା ଭୋଜ କାହିଁ ଗଙ୍ଗୁ ତେଲି । ଏଭଳି ଚର୍ଚ୍ଚାକୁ ଋଷି ପରିବାର ଶୁଣୁଥିଲେ । ଭୋଜନ କରି ସାରିବା ପରେ ଋଷିଙ୍କ ପତ୍ନି କହିଲେ, ଆପଣମାନେ ମଧ୍ୟ ଆମ୍ଭ କୁଟୀରକୁ ଏହିଦିନ ଭୋଜନ କରିବାକୁ ନିଶ୍ଚୟ ଆସିବେ ।

ନିର୍ଦ୍ଧାରିତ ଦିନ ଅନୁସାରେ ରାଜା, ହଜାର ହଜାର ସୈନିକ ଓ ନିଜ ପରିବାର ସହିତ ଋଷି ସଡୁଙ୍କ କୁଟୀର ନିକଟରେ ପହଞ୍ଚିଲେ । ଋଷିବର ସ୍ୱର୍ଗର ରାଜା ଇନ୍ଦ୍ରଙ୍କୁ ନିବେଦନ କରି ଏକ କାମଧେନୁ (ସର୍ବ କାମନା ଅର୍ଥାତ୍ ଇଚ୍ଛା ପୂର୍ଣ୍ଣ କରୁଥିବା ଗାଈ, ଯାହାର ଉପସ୍ଥିତିରେ ଯେ କୌଣସି ଖାଦ୍ୟପଦାର୍ଥ କାମନା କଲେ ମିଳିଯାଏ, ଏହା ପୌରାଣିକ ମାନ୍ୟତା ଅଟେ) ମାଗିଲେ । ପ୍ରତିବଦଳରେ ଋଷିବର ନିଜ ପୂଣ୍ୟ କର୍ମ (ଭକ୍ତି ରୂପକ ପୁଞ୍ଜି)ର ସଂକଳ୍ପ କରିଥିଲେ । ଇନ୍ଦ୍ରଦେବ ଏକ କାମଧେନୁ ଗାଈ, ଏକ ବଡ ତମ୍ବୁ(**Tent**) ଏବଂ କିଛି ସେବାଦାରଙ୍କୁ ମଧ୍ୟ ପଠାଇଲେ । ଗାଈକୁ ଟେଣ୍ଟ୍ ଭିତରେ ଛାଡ଼ି ଋଷି ପରିବାର ଗୋ-ମାତାର ଆରତୀ କଲେ । ନିଜ ମନୋକାମନା ପାଇଁ ପ୍ରାର୍ଥନା କଲେ । ଛପ୍ପନ(୫୬) ପ୍ରକାରର ଭୋଗ, ରୂପା ଥାଳି, ଗାଙ୍ଗୁଲା ତଥା କଡେଇ ଆଦି ଆପେ ସ୍ୱର୍ଗରୁ ଆସି ଟେଣ୍ଟ୍ ଭିତରେ ପହଞ୍ଚିଲା । ଲଡୁ, ଜିଲାପି, କଚୋରି, ଦହିବରା, ହାଲୁଆ, ଖିରୀ, ଡ଼ାଲି, ରୁଟି, ପୁରୀ, ବୁନ୍ଦି, ବର୍ଫୀ, ରସଗୋଲା ଇତ୍ୟାଦି ଖାଦ୍ୟ ସାମଗ୍ରୀରେ ଅର୍ଦ୍ଧ ଏକର ବିଶିଷ୍ଟ ଟେଣ୍ଟଘର ଭର୍ତ୍ତି ହୋଇଗଲା । ଋଷି, ରାଜାଙ୍କୁ ଭୋଜନ କରିବା ପାଇଁ କହିଲେ । ମାତ୍ର ଋଷିଙ୍କୁ ଅସମ୍ମାନ କରିବା ଉଦେଶ୍ୟରେ ରାଜା କହିଲେ, ସମସ୍ତ ସୈନ୍ୟସାମନ୍ତ ମୋ ସହିତ ଭୋଜନ କରିବେ । ଘୋଡ଼ାମାନଙ୍କୁ ମଧ୍ୟ ଖାଦ୍ୟ ଖୁଆଇବାକୁ ପଡ଼ିବ । ଋଷି କହିଲେ, ପ୍ରଭୁଙ୍କ କୃପାରୁ ସମସ୍ତ

ବ୍ୟବସ୍ଥା ହୋଇଯିବ । ପ୍ରଥମେ ଆପଣ ଓ ସୈନ୍ୟସାମନ୍ତ ଭୋଜନ କରନ୍ତୁ । ରାଜା ଭୋଜନାଳୟ ନିକଟକୁ ଗଲେ । ସେଠାରେ ମଧ୍ୟ ସୁନ୍ଦର କପଡ଼ା ବିଛାଯାଇଥିଲା । ଏସବୁ ଦେଖି ରାଜା ଆଶ୍ଚର୍ଯ୍ୟଚକିତ ହୋଇଗଲେ । ପୁଣି ସେବାଦାରମାନେ ରୂପା ଥାଳିରେ ନାନା ପ୍ରକାରର ବ୍ୟଞ୍ଜନ ଆଣି ପରଷିବାକୁ ଲାଗିଲେ । ଅନ୍ନବେଦଙ୍କ ସ୍ତୁତି କରି ଭୋଜନ ଆରମ୍ଭ କରିବାକୁ ଋଷି ଅନୁରୋଧ କଲେ । ରାଜା ଦେଖିଲେ ଯେ ଏଭଳି ବ୍ୟବସ୍ଥା ତୁଳନାରେ ସେ ଦେଇଥିବା ଭୋଜନ କିଛି ବି ନ ଥିଲା । ମୁଁ ତ କେବଳ ଋଷିଙ୍କ ପରିବାର ପାଇଁ ଭୋଜନ ବ୍ୟବସ୍ଥା କରିଥିଲି । ତାହା ପୁଣି ତିନି-ଚାରି ପ୍ରକାରର ବ୍ୟଞ୍ଜନ ଥିଲା । ରାଜାଙ୍କ ମୁହଁ ଲଜ୍ଜ୍ୟାରେ ତଳକୁ ହୋଇଗଲା । ସେ ଭୋଜନ କରିବା ସମୟରେ ବହୁତ ଚିନ୍ତିତ ଥିଲେ । ଈର୍ଷାର ଅଗ୍ନିରେ ଦଗ୍ଧିଭୂତ ହୋଇ ନିଜର ବେଇଜ୍ଜତି ସ୍ୱିକାର କଲେ । ସୈନ୍ୟସାମନ୍ତମାନେ ଭୋଜନ କରି ବହୁତ ପ୍ରଶଂସା କଲେ । ରାଜାଙ୍କ ରକ୍ତ ଗରମ ହୋଇ ଯାଉଥାଏ । ନିଜ ତମ୍ବୁ ଭିତରକୁ ଯାଇ ଋଷିଙ୍କୁ ଡ଼କାଇ ପଚାରିଲେ ଯେ ଜଙ୍ଗଲ ଭିତରେ ଏଭଳି ଭୋଜନର ଆୟୋଜନ କେମିତି କଲେ ? ନା ଚୁଲି ଜଳୁଛି, ନା ଚୁଲିରେ କଢେଇ ବସିଛି । ଋଷିବର କହିଲେ, ମୁଁ ନିଜ ପୂଣ୍ୟ ଓ ଭକ୍ତି ବଳରେ ସ୍ୱର୍ଗରୁ ଏକ ଗାଈ ଉଧାର ଆଣିଛି । ସେହି ଗାଈର ବିଶେଷତଃ ହେଲା, ଆମ୍ଭେ ଯେତେ ଓ ଯେପରି ଭୋଜନ ଇଚ୍ଛା କରିବୁ ସେ ତୁରନ୍ତ ଉପଲବ୍ଧ କରିଥାଏ । ରାଜା କହିଲେ, ଯଦି ମୋ ସମ୍ମୁଖରେ ଭୋଜନ ଉପଲବ୍ଧ କରିପାରିବ ତେବେ ମୋର ବିଶ୍ୱାସ ହେବ । ଋଷି ଓ ରାଜା ଗାଈ ରହୁଥିବା ତମ୍ବୁର ଦ୍ୱାର ମୁହଁରେ ଛିଡା ହେଲେ, ଭିତରେ କେବଳ ଗାଈ ଠିଆ ହୋଇଥିଲା । ଗାଈର ମୁହଁ ଦ୍ୱାର ସମ୍ମୁଖକୁ ଥିଲା । ତମ୍ବୁ ଭିତରେ କିଛି ନ ଥିଲା କାରଣ ସମସ୍ତେ ଭୋଜନ କରି ସାରିଥିଲେ, ଶେଷରେ ବଳକା ସାମଗ୍ରୀଗୁଡିକୁ ସେବକମାନେ ନେଇ ଯାଇଥିଲେ । ଗାଈ, ଋଷିଙ୍କ ଅନୁମତିକୁ ଅପେକ୍ଷା କରିଥିଲା । ରାଜା କହିଲେ ଋଷିବର ! ଏହି ଗାଈଟିକୁ ମୋତେ ଦେଇଦିଅନ୍ତୁ । ମୋ ପାଖରେ ବିଶାଳ ସେନାବାହିନୀ ଅଛି । ସେମାନଙ୍କର ଭୋଜନ ବ୍ୟବସ୍ଥା ଏହି ଗାଈ ଦ୍ୱାରା କରାଇବି । ତୁମର କେଉଁ କାମରେ ଆସିବ କି ? ଋଷି କହିଲେ, ରାଜନ୍ ! ଏହି ଗୋ ମାତାକୁ ମୁଁ ସ୍ୱର୍ଗରୁ ଉଧାରରେ ଆଣିଛି । ମୁଁ ଏହି ଗାଈର ମାଲିକ ନୁହେଁ । ତେଣୁ ମୁଁ ଆପଣଙ୍କୁ ଦେଇ ପାରିବି ନାହିଁ । ରାଜା ଦୂରରେ ଛିଡ଼ା ହୋଇଥିବା ସୈନିକମାନଙ୍କୁ ଆଦେଶ ଦେଲେ ଯେ ଏହି ଗାଈକୁ ଆମ୍ଭ ସହିତ ନେଇଚାଲ । ଋଷି, ସତ୍ରୁଙ୍କ ମନ୍ଦ ଉଦେଶ୍ୟ ଜାଣିପାରି ସଙ୍ଗେ ସଙ୍ଗେ ଗାଈକୁ କହିଲେ, ହେ ଗୋ ମାତା ! ଆପଣ ନିଜଲୋକ ଅର୍ଥାତ ସେହି ଧନୀ ସ୍ୱର୍ଗ ରାଜା ଇନ୍ଦ୍ରଙ୍କ ପାଖକୁ ଅତିଶୀଘ୍ର ଫେରିଯାଅ । ତତ୍‌କ୍ଷଣାତ୍ କାମଧେନୁ ତମ୍ବୁ ଚିରି ଉପରକୁ ଉଡ଼ିଗଲେ । ରାଜା ଗାଈକୁ ତଳକୁ ଖସାଇବା ପାଇଁ ତା ଗୋଡ଼କୁ ତୀର ମାରିଲେ । ତୀର ବାଜି ଗାଈର ଗୋଡ଼ରୁ ରକ୍ତ ବୋହି ପୃଥିବୀ ପୃଷ୍ଠରେ ପଡ଼ିଲା । ଗାଈ କ୍ଷତାକ୍ତ ଅବସ୍ଥାରେ ସ୍ୱର୍ଗକୁ ଚାଲିଗଲା । ଯେଉଁ ସ୍ଥାନରେ ଗାଈର ରକ୍ତ ପଡ଼ିଥିଲା ସେହି ସ୍ଥାନରେ ତମାଖୁ ଗଛର ଉତ୍ପତ୍ତି ହେଲା । ତା'ପରେ ସେଥିରୁ ମଞ୍ଜି ପଡି ଅନେକ ସ୍ଥାନରେ ଗଛ ଉଠିଲା । ସନ୍ତ ଗରୀବ ଦାସଜୀ କହିଛନ୍ତି ଯେ:-

ତମା + ଖୁ = ତମାଖୁ

ଖୁ ନାମ ଖୁନ କା, ତମା ନାମ ଗାୟ । ସୌ ବାର ସୌଗନ୍ଧ ଇସେ ନା ପୀୟେ - ଖାୟ

ଭାବାର୍ଥ ହେଲା ଯେ ପାର୍ଶି ଭାଷାରେ ଗାଈକୁ 'ତମା' ଓ ଖୁ = ଖୁନ ଅର୍ଥାତ ରକ୍ତ ଅଟେ । ଏହି ତମାଖୁ ଗାଈର ରକ୍ତରୁ ସୃଷ୍ଟି ହୋଇଛି । ଏହାର ପତ୍ର ଉପରେ ଗାଈର ବାଳ ଭଳି ଲୋମ ମଧ୍ୟ ଥାଏ । ହେ ମାନବ ! ତୋତେ ଶହେ ରାଣ, ତୁ କୌଣସି ପ୍ରକାରେ ତମାଖୁ ସେବନ କର ନାହିଁ । ତମାଖୁ ସେବନ, ଗାଈର ରକ୍ତପାନ କରିବା ସହିତ ସମାନ ପାପ ହୋଇଥାଏ । ମୁସଲମାନ ଧର୍ମର ବ୍ୟକ୍ତିମାନେ ହିନ୍ଦୁମାନଙ୍କଠାରୁ ଜାଣିବାକୁ ପାଇଲେ ଯେ ତମାଖୁର ଉତ୍ପତ୍ତି ଏହିଭଳି ହୋଇଛି । ତେଣୁ ସେମାନେ ଏହାକୁ ଗାଈର ରକ୍ତ ଭାବି ତମାଖୁ ସେବନ ଏବଂ ହୁକ୍କାପାନ କରିବା ଆରମ୍ଭ କରିଦେଲେ କାରଣ ମୁସଲମାନ ଭାଇମାନେ ମିଥ୍ୟା ଜ୍ଞାନ ଆଧାରରେ ଗାଈ ମାଂସକୁ ପ୍ରସାଦ ବୋଲି ମାନିଥାନ୍ତି । କିନ୍ତୁ ବାସ୍ତବରେ ମୁସଲମାନ ଧର୍ମର ପ୍ରବର୍ତ୍ତକ ହଜରତ ମହମ୍ମଦ କେବେ ମଧ୍ୟ କୌଣସି

ଜୀବର ମାଂସ ଖାଇ ନ ଥିଲେ ।

ଗରୀବ, ନବୀ ମୁହମ୍ମଦ ନମସ୍କାର ହେ, ରାମ ରସୁଲ କହାୟା ।
ଏକ ଲାଖ ଅସୀକୁ ସୌଗନ୍ଧ, ଜିନ ନେହୀଁ କରଦ ଚଲାୟା ।
ଗରୀବ, ଅର୍ସ କୁର୍ଶ ପର ଅଲ୍ଲହ ତଖ୍ତ ହୈ, ଖାଲିକ ବିନ ନେହୀଁ ଖାଲୀ ।
ଓ୍ୱେ ପୈଗମ୍ବର ପାକ ପୁରୁଷ ଥେ, ସାହେବ କେ ଅବଦ୍ଦାଲୀ ॥

ଭାବାର୍ଥ :- ନବୀ ମହମ୍ମଦ ଜଣେ ଆଦରଣୀୟ ମହାପୁରୁଷ ଥିଲେ ଯିଏକି ପରମାତ୍ମାଙ୍କର ସନ୍ଦେଶ ବାହକ ଥିଲେ । ମୁସଲମାନ ଧର୍ମ (ବାବା ଆଦମଙ୍କଠାରୁ ମହମ୍ମଦଙ୍କ ପର୍ଯ୍ୟନ୍ତ)ରେ ଏହିପରି ଏକ ଲକ୍ଷ ଅଶି ହଜାର ପୈଗମ୍ବରଙ୍କୁ ମାନିଥାନ୍ତି । ସେମାନେ ସମସ୍ତେ ପାକ(ପବିତ୍ର) ବ୍ୟକ୍ତି ଥିଲେ ଯେଉଁମାନେ କୌଣସି ପଶୁ-ପକ୍ଷୀଙ୍କୁ ହତ୍ୟା କରିବା ପାଇଁ କେବେ ବି କରଦ ଅର୍ଥାତ ଖଣ୍ଡା ବ୍ୟବହାର କରି ନାହାଁନ୍ତି । ସେମାନଙ୍କର ପରମାତ୍ମାଙ୍କ ପ୍ରତି ଭୟ ଥିଲା ତଥା ସେମାନେ ପରମାତ୍ମାଙ୍କର କୃପା ପାତ୍ର ଥିଲେ । ପରବର୍ତ୍ତି ସମୟରେ କେତେକ ମୁଲ୍ଲା ଓ କାଜି ମାଂସ ଖାଇବାର ପରମ୍ପରା ଆରମ୍ଭ କରିଦେଲେ ଯାହା ଧାର୍ମିକତା ଅପବାଦ(ଅବ୍ୟବସ୍ଥା)ର ରୂପ ନେଲା । ସେହି ଆଧାରରେ ମୁସଲମାନ ଭାଇମାନେ ପାପକୁ ହିଁ ଖାଉଛନ୍ତି । ପୁଣି ଭ୍ରମିତ ହୋଇଥିବା ମୁସଲମାନମାନେ ତମ୍ବାକୁ ସେବନ (ତମାଖୁ ଖାଇବା, ହୁକ୍କା ପିଇବା) ଆରମ୍ଭ କରିଦେଲେ । ସରଳ ହିନ୍ଦୁ ଧର୍ମାବଲମ୍ବୀମାନେ ସେମାନଙ୍କର ଚକ୍ରାନ୍ତକୁ ବୁଝିପାରିଲେ ନାହିଁ । ସେମାନଙ୍କ ଅପପ୍ରଚାର କାରଣରୁ ତମାଖୁ ସେବନ କ୍ଷିପ୍ର ଗତିରେ ବଢି ଚାଲିଲା । ବର୍ତ୍ତମାନ ସମୟରେ ଗ୍ରାମ/ପଞ୍ଚାୟତ ସ୍ତରରେ ଏହାକୁ ବହୁତ ପ୍ରାଧାନ୍ୟ ଦିଆଯାଉଛି ଯାହା ମସ୍ତବଡ଼ ଭୂଲ ଓ ଅଜ୍ଞାନତାର ପରଦା ସଦୃଶ୍ୟ । ଏହାକୁ ଭୂଲରେ ମଧ୍ୟ ସେବନ କରିବା ଉଚିତ୍ ନୁହେଁ । ସନ୍ତ ଗରୀବ ଦାସଜୀ ପୁଣି କହିଛନ୍ତି ଯେ ହେ ଭକ୍ତ ହରଲାଲ୍‌ଜୀ ! ତମାଖୁ ସେବନ ଦ୍ୱାରା ଯେଉଁ ପାପ ହୋଇଥାଏ, ସେ ବିଷୟରେ ଆହୁରି ମଧ୍ୟ ଶୁଣ :-

ଗରୀବ, ପରଦ୍ୱାରା ସ୍ତ୍ରୀ କା ଖୋଲୈ । ସଉର ଜନ୍ମ ଅନ୍ଧା ହୋ ଡ଼ୋଲୈ ॥ ୧
ମଦିରା ପୀବୈ କଡ଼ୱା ପାନୀ । ସଉର ଜନ୍ମ ଶ୍ୱାନ୍ କେ ଜାନୀ ॥ ୨
ମାଂସ ଆହାରୀ ମାନବା, ପ୍ରତ୍ୟକ୍ଷ ରାକ୍ଷସ ଜାଣ ।
ମୁଖ ଦେଖୋ ନା ତାସ କା, ଓ୍ୱ ଫିରୈ ଚୌରାସୀ ଖାନ ॥ ୩
ସୁରାପାନ ମଦ୍ୟ ମାଂସହାରୀ । ଗମନ କରୈ ଭୋଗେ ପର ନାରୀ ॥ ୪
ସଉର ଜନ୍ମ କଟତ ହେ ଶୀଶଂ । ସାଖୀ ସାହବେ ହୈ ଜଗଦୀଶଂ ॥ ୫
ସୌ ନାରୀ ଜାରୀ କରୈ, ସୁରାପାନ ସୌବାର ।
ଏକ ଚିଲମ ହୁକ୍କା ଭରୈ, ଡୁବୈ କାଲୀ ଧାର ॥ ୬
ହୁକ୍କା ହରଦମ ପୀବେତ, ଲାଲ ମିଲାଁବେ ଧୂର ।
ଇସମେଁ ସଂଶୟ ହେ ନେହୀଁ, ଜନ୍ମ ପୀଛଲେ ସୂଅର ॥

ଉପରୋକ୍ତ ବାଣୀଗୁଡ଼ିକର ଭାବାର୍ଥ :-

ବାଣୀ ସଂଖ୍ୟା ୧ରେ କହିଛନ୍ତି ଯେ ଯେଉଁ ବ୍ୟକ୍ତି ଅନ୍ୟ ସ୍ତ୍ରୀ ସହିତ ଅବୈଧ ସମ୍ବନ୍ଧ ରଖିଥାଏ, ସେହି ପାପ କାରଣରୁ ସେ ସତୁରୀ ଥର ଅନ୍ଧ ଜନ୍ମ ପାଇଥାଏ । ଅନ୍ଧ ଗଧ-ଗଧୁଣୀ, ଅନ୍ଧ ବଳଦ, ଅନ୍ଧ ମନୁଷ୍ୟ ବା ଅନ୍ଧୁଣୀ ନାରୀ ଜନ୍ମ ନେଇ ଲଗାତର ସତୁରୀ ଜନ୍ମ ପର୍ଯ୍ୟନ୍ତ କଷ୍ଟ ଭୋଗୀଥାଏ ।

ବାଣୀ ସଂଖ୍ୟା ୨ :- ଯିଏ ମଦ ରୂପକ ଦୁର୍ଗନ୍ଧ ପାଣି ପିଇଥାଏ, ସେ ସେହି ପାପ କାରଣରୁ ସତୁରୀ ଜନ୍ମ ପର୍ଯ୍ୟନ୍ତ କୁକୁର ଜନ୍ମ ପାଇ ବହୁତ କଷ୍ଟ ଭୋଗୀଥାଏ । ସେ ନାଳ ନର୍ଦ୍ଦମାର ପାଣି ପିଇଥାଏ ଓ ରୁଟି କିମ୍ବା କୌଣସି ଖାଦ୍ୟ ନ ମିଳିଲେ ବିଷ୍ଠା(ମଳ) ଖାଇଥାଏ ।

ବାଣୀ ସଂଖ୍ୟା ୩:- ଯେଉଁ ବ୍ୟକ୍ତି ମାଂସ ଭକ୍ଷଣ କରେ, ସେ ପ୍ରତ୍ୟକ୍ଷ ରୂପେ ରାକ୍ଷସ ଅଟେ । ତାଙ୍କ ମୁଖ ଦର୍ଶନ କରିବା ମଧ୍ୟ ଅନୁଚିତ୍ ଅର୍ଥାତ ତାଙ୍କ ସହିତ ରହିବା ଦ୍ୱାରା ଅନ୍ୟମାନଙ୍କୁ ମାଂସ ଖାଇବାକୁ ଇଚ୍ଛା ହୋଇପାରେ । ତେଣୁ ତାଙ୍କଠାରୁ ଦୂରେଇ ରୁହ । ସେ ନିଶ୍ଚିତ ଚୌରାଶୀ ଲକ୍ଷ

ଯୋନିରେ ଭ୍ରମଣ କରିବେ ।

ବାଣୀସଂଖ୍ୟା ୪-୫:- (ସୁରା) ମଦ (ପାନ) ପିଉଥିବା, ପର ସ୍ତ୍ରୀକୁ ହରଣ କରୁଥିବା ଓ ମାଂସ ଖାଉଥିବା ବ୍ୟକ୍ତିଙ୍କୁ ଏହି ପାପକର୍ମର ଅନ୍ୟ ଫଳ ମଧ୍ୟ ଭୋଗୀବାକୁ ପଡ଼ିଥାଏ । ସେମାନଙ୍କର ସତୁରୀ ଜନ୍ମ ପର୍ଯ୍ୟନ୍ତ ମନୁଷ୍ୟ କିମ୍ବା ଛେଳି, ମଇଁଷି ଓ କୁକୁଡ଼ା ଆଦି ଜନ୍ମରେ ମୁଣ୍ଡ କାଟ ହୋଇଥାଏ । ଏହା ମୁଁ ପରମାତ୍ମାଙ୍କୁ ସାକ୍ଷୀ ରଖି କହୁଛି, ସତ୍ୟ ମାନନ୍ତୁ ।

ବାଣୀ ସଂଖ୍ୟା ୬:- ହୁକ୍କା ପାନ କରୁଥିବା ବ୍ୟକ୍ତିକୁ ଏବଂ ଚିଲମରେ ଥରେ ହୁକ୍କା ଭର୍ତ୍ତିକରି ଦେଉଥିବା ବ୍ୟକ୍ତିକୁ ଯେଉଁ ପାପ ଲାଗିଥାଏ, ତାହା ଶୁଣ । ଜୀବନରେ ଥରେ ମାତ୍ର ପର ସ୍ତ୍ରୀ ହରଣ କରି, ଥରେ ମାତ୍ର ମଦ୍ୟପାନ କରି ଏବଂ ଥରେ ମାତ୍ର ମାଂସ ଭକ୍ଷଣ କରିଥିବା ବ୍ୟକ୍ତି ସେହି ପାପ କାରଣରୁ ଉପରୋକ୍ତ କଷ୍ଟ ଭୋଗୀଥାଏ । କିନ୍ତୁ ଶହେ ସ୍ତ୍ରୀ ସହିତ ଭୋଗବିଳାସ କରିବା ଏବଂ ଶହେ ଥର ମଦ ପିଇବା ଦ୍ୱାରା ଯେଉଁ ପାପ ଲାଗିଥାଏ, ଚିଲମରେ ଥରେ ମାତ୍ର ହୁକ୍କା ଭର୍ତ୍ତି କରି ଦେଉଥିବା ବ୍ୟକ୍ତିକୁ ସେହି ପାପ ଲାଗିଥାଏ । ଏଥିରୁ ବିଚାର କରନ୍ତୁ ଯେ ତମାଖୁ (ହୁକ୍କା, ବିଡ଼ି ଓ ସିଗାରେଟ୍ ମାଧ୍ୟମରେ) ସେବନ କରୁଥିବା ବ୍ୟକ୍ତିଙ୍କୁ କେତେ ପାପ ଲାଗିବ ? ତେଣୁ ଉପରୋକ୍ତ ସମସ୍ତ ପଦାର୍ଥଗୁଡ଼ିକୁ କେବେ ମଧ୍ୟ ସେବନ କରନ୍ତୁ ନାହିଁ ।

ବାଣୀ ସଂଖ୍ୟା ୭:- ସମାଜର କେତେକ ବ୍ୟକ୍ତିଙ୍କୁ ଦେଖି ଅନ୍ୟ କିଛି ବ୍ୟକ୍ତି ହୁକ୍କା ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ କରିବାରେ ଲାଗିଯାଆନ୍ତି । ଯଦି କେହି ସତସଙ୍ଗ ଶୁଣି ଏହିସବୁ ବିକାରକୁ ତ୍ୟାଗ କରିଦେବେ, ତେବେ ସେହି ଜୀବ ପୂର୍ବଜନ୍ମରେ ନିଶ୍ଚିତ ମନୁଷ୍ୟ ଥିଲା । ତାଙ୍କ ଭିତରେ ନିଶାର ଗଭୀର ଚେର ବିସ୍ତାରିତ ହୋଇନଥାଏ । ମାତ୍ର ଯେଉଁମାନେ ବାରମ୍ବାର ସତସଙ୍ଗ ଶୁଣି ମଧ୍ୟ ତମାଖୁ ଆଦି ନିଶାକୁ ତ୍ୟାଗ କରିପାରନ୍ତି ନାହିଁ, ସେମାନେ ନିଶ୍ଚିତ ରୂପେ ପୂର୍ବଜନ୍ମରେ ଘୁଷୁରୀ ଯୋନିରେ ଥିଲେ । ଘୂଷୁରୀ ଯୋନିରେ ଥିବାବେଳେ ଦୁର୍ଗନ୍ଧ (**Bad Smell**) ଶୁଙ୍ଘିଥିବା କାରଣରୁ ସେମାନେ ତମାଖୁର ଦୁର୍ଗନ୍ଧ ପିଇବା-ଶୁଙ୍ଘିବାରେ ଅଭ୍ୟସ୍ତ ହୋଇଯାଆନ୍ତି । ଶିଘ୍ର ହୁକ୍କା କିମ୍ବା ଅନ୍ୟାନ୍ୟ ନିଶାଦ୍ରବ୍ୟକୁ ତ୍ୟାଗ କରିପାରନ୍ତି ନାହିଁ । ସେମାନେ ନିଜର ଅମୂଲ୍ୟ ମାନବ ଶରୀର ରୂପକ ସ୍ୱର୍ଣ୍ଣକୁ ମାଟିରେ ମିଶାଉଛନ୍ତି । ସେମାନଙ୍କୁ ବାରମ୍ବାର ସତସଙ୍ଗ ଶୁଣିବା ପାଇଁ ଆଦେଶ ଦିଆଯାଉଛି । ନିରାଶ ହୁଅନ୍ତୁ ନାହିଁ । କାୟ-ମନ-ବାକ୍ୟରେ ପରମାତ୍ମା କବୀରଜୀଙ୍କୁ ନିଶା ତ୍ୟାଗ କରିଦେବା ପାଇଁ ଗୁହାରି ଅର୍ଥାତ୍ ବିନୟ ପ୍ରାର୍ଥନା କଲେ, ତାଙ୍କ କୃପାରୁ ସବୁ ନିଶା ତ୍ୟାଗ ହୋଇ ଯାଇଥାଏ ।

''ତମାଖୁ ବିଷୟରେ ଅନ୍ୟାନ୍ୟ ବିଚାର''

ତମାଖୁ ଅର୍ଥାତ ହୁକାପାନ କରୁଥିବା ବ୍ୟକ୍ତିଙ୍କ ବିଷୟରେ କହିଛନ୍ତି ;-

(ସନ୍ଥ ଗରୀବ ଦାସଜୀଙ୍କ ଗ୍ରନ୍ଥରେ 'ଅଥ ତମାଖୁ କୀ ବୈଂତ' ନାମକ ଅଧ୍ୟାୟରେ)

ପିତ ବାଈ ଖାଂସୀ ନିବାସୀ ନିବାସ । କଫ ଦଲ କଲେଜା ଲିୟା ହୈ ଗିରାସ ॥
କାଲା ତମାଖୁ ଅରୁ ଗୋରା ପିବାକ । ଦସ ବୀସ ଲଙ୍ଗର ଜହାଁ ବୈଠେ ଗୁଟାକ ॥
ବାଜୈ ନୈ ଗୁଡ଼ ଗୁଡ଼ ଅରୁ ହୁକ୍କେ ହଜୁମ । କୋରେ କୁବୁଦ୍ଧି ବୀସା ହୈଁ ନ ସୂମ ॥
ବାଙ୍କୀ ପଗଡ଼ୀ ଅରୁ ବାଙ୍କି ହୀ ନୈ ଖୁଦ ଡୁବୈ ଅରୁ ଡୁବୋଏ ହୈ କୈ ॥
ଗୁଟାକଡ଼ ଅଟାକଡ଼ ମଟାକଡ଼ ଲହୁର । ଏକ ବେଠୈଗା ଅଡ଼କର - ଏକ ବେଠୈଗା ଦୂର ॥
ପୀବୈ ତମାଖୁ ବଡ଼ୈ କର୍ମ ମାର । ଅମଲୀ କେ ମୁଖ ମେଁ ମୁତ୍ର କୀ ଧାର ॥
କଡ଼ୱା ହୀ କଡ଼ୱା ତୁ କରତା ହମେଶ । କଡ଼ୱା ହୀ ଲେ ପ୍ୟାରେ କଡ଼ୱା ହୀ ପେଶ ॥
କାମୀ କ୍ରୋଧୀ ଚୁଁ ଲୋଭୀ ଲବୁଟ । ବଚନ ମାନ ମେରା ଧୂଁମା ନ ଘୂଣ୍ଟ ॥
ହୁକ୍କା ହରାମୀ ଗୁଲାମୀ । ଧନୀ କେ ସରେ ମେଁ ନ ପହୁଁଚେ ଅଲାମ ॥
ପାମର-ପରମ ଧାମ ଜାତେ ନା କୋଇ । ଝୁଠେ ଅମଲ ପର ଦଇ ଜାନ ଖୋଇ ॥
ମୁରଦା ମଜାବର ହରାମୀ ହରାମ । ପୀବୈଁ ତମାଖୁ ସୋ ଇନ୍ଦ୍ରୀ କେ ଗୁଲାମ ॥
ଅଜ୍ଞାନ ନୀନ୍ଦ ନା ସୋ ଉଠ ଜାଗ, ପୀବୈ ତମାଖୁ ଗଏ ଫୁଟି ଭାଗ ॥

ଭାଙ୍ଗ ତମାଖୁ ପୀବେଁ ହୀ, ସୁରାପାନ ସେ ହେତ ।
ଗୋସତ ମିଟି ଖାୟକର ଜଙ୍ଗଲୀ ବନେ ପ୍ରେତ ॥
ଗରୀବ, ପାନ ତମାଖୁ ଚାବହୀଁ, ସାଂସ ନାକ ମେ ଦେତ ।
ସୋ ତୋ ଅକାର୍ଥ ଗଏ, ଜ୍ୟାଁ ଭଡ଼ଭୂଜେ କା ରେତ ॥
ଭାଙ୍ଗ ତମାଖୁ ପୀବହୀଁ, ଗୋସତ ଗଳା କବାବ ।
ମୋର ମୃଗ୍ କୁଁ ଭଖତ ହୈ, ଦେଙ୍ଗେ କହାଁ ଜବାବ ॥
ଭାଙ୍ଗ ତମାଖୁ ପିବତେ, ଚିସମ୍ୟାଁ ନାଲି ତମାମ ।
ସାହିବ ତେରୀ ସାହିବୀ, ଜାନେଁ କହାଁ ଗୁଲାମ ॥
ଗଉ ଅପ୍ନୀ ମାତା ହୈ, ଇସପର ଛୁରୀ ନା ବାହା ।
ଗରୀବ ଦାସ ଘୀ ଦୂଧ କୋ, ସବ ହୀ ଆମ୍ ଖାୟ ॥

ଭାବାର୍ଥ :- ଉପରୋକ୍ତ ବାଣୀଗୁଡ଼ିକର ଭାବାର୍ଥ ହେଲା ଯେ ମାନବ ଶରୀରକୁ ଅକ୍ସିଜେନ (ଅମ୍ଳଜାନ)ର ଆବଶ୍ୟକତା ଅଛି । କିନ୍ତୁ ତା ବଦଳରେ ତମାଖୁର ଧୂଆଁ (କାର୍ବନ ଡ଼ାଇଅକ୍ସାଇଡ) ଶରୀର ମଧ୍ୟକୁ ପ୍ରବେଶ କରୁଥିବା କାରଣରୁ କାଶ, ପିତ ଓ ବାୟୁ ରୋଗ ହୋଇଥାଏ । ହୁକ୍କାପାନ କରୁଥିବା ବ୍ୟକ୍ତିଙ୍କ ବସିବାର ଷ୍ଟାଇଲ ବିଷୟରେ କହିଛନ୍ତି ଯେ ହୁକ୍କାପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଦୁଇଜଣ ହୁକ୍କା ନିକଟରେ ବସିଥାନ୍ତି । ଅନ୍ୟ ଜଣେ କିଛି ଦୂରରେ ବସି କୁହେ, ମୋ ଆଡକୁ ଟିକେ ଘୁଞ୍ଚାଇଦିଅ । ଏହା ଶୁଣି ତାକୁ ଆଉ ଜଣେ ହୁକ୍କା ବଢ଼ାଇ ଦିଏ । ତା'ପରେ ନୈ (ଧୂଆଁ ଟାଣିବା ନଳୀ)ରୁ ଘୁଡ଼-ଘୁଡ଼ ଶବ୍ଦ ବାହାରିଥାଏ । ଆପଣମାନେ ତ ହୁକ୍କା ପାନ କରି ପାପରେ ବୁଡିଛନ୍ତି, ପୁଣି ଛୋଟ ପିଲାମାନେ ମଧ୍ୟ ଆପଣଙ୍କୁ ଦେଖି ସେହି ପାପ କରି ନର୍କ କଷ୍ଟ ଭୋଗ କରିବେ । ଯେଉଁମାନେ ତମାଖୁ ସେବନ କରନ୍ତି ସେମାନଙ୍କର ତ କପାଳ ମନ୍ଦ, କାରଣ ସେମାନେ ତମାଖୁ ସେବନର ପ୍ରୋତ୍ସାହକ ହୋଇ ଅନ୍ୟମାନଙ୍କର ମଧ୍ୟ ସର୍ବନାଶ କରିଥାନ୍ତି । ଉପରୋକ୍ତ କୁଅଭ୍ୟାସରେ ଲିପ୍ତ ମନୁଷ୍ୟ ନିଜ ଜୀବନକୁ ଏହିଭଳି ବ୍ୟର୍ଥ କରିଦେଇଥାଏ, ଯେପରି ମୁଢ଼ିଭଜାଳି(ଗୁଡିଆ) ଚୁଲିରେ ବାଲିକୁ ଅତ୍ୟଧିକ ଗରମ କରି ସେଥିରେ ଚାଉଳ, ବୁଟ, ବାଦାମ ଆଦି ଭାଜି, ତା'ପରେ ବାଲିକୁ ରାସ୍ତାରେ ଫିଙ୍ଗି ଦେଇଥାଏ । ଠିକ୍ ଏହିଭଳି ଯେଉଁ ମନୁଷ୍ୟ ଉପରୋକ୍ତ କୁକର୍ମ କରି, ନିଜ ଅମୁଲ୍ୟ ମାନବ ଜୀବନକୁ ବ୍ୟର୍ଥ କରି ମୃତ୍ୟୁବରଣ କରିଥାଏ, ସେହି ଜୀବକୁ ମୃତ୍ୟୁ ଉପରାନ୍ତ ନର୍କ ତଥା ଅନ୍ୟ ପ୍ରାଣୀର ଜୀବନ ରୂପକ ରାସ୍ତାରେ ଫିଙ୍ଗି ଦିଆଯାଇଥାଏ । ଯେଉଁମାନେ ଉପରୋକ୍ତ ପାପକର୍ମ କରିଥାନ୍ତି, ସେମାନେ ଭଗବାନଙ୍କ ଦରବାରରେ କି ଜବାବ ଦେବେ ? କୌଣସି ଜବାବ ଦେଇପାରିବେ ନାହିଁ, ଅର୍ଥାତ୍ ସେମାନଙ୍କ ପାଖରେ କୌଣସି ଉତ୍ତର ନ ଥିବ ।

ପୁଣି କୁହନ୍ତି ଯେ ଗାଈ ଆମର ମାତୃତୁଲ୍ୟ ଯାହାର ଦୁଗ୍ଧ-ଘିଅକୁ ସବୁ ଜାତି-ଧର୍ମର ମନୁଷ୍ୟ ଖାଇଥାନ୍ତି । ତେଣୁ ଗୋହତ୍ୟା ଆଦୌ କର ନାହିଁ । ଆଲୋଚ୍ୟ ବିଷୟ ତମାଖୁ :-

ଭକ୍ତିମାର୍ଗରେ ତମାଖୁ ସର୍ବାଧିକ ବାଧକ ହୋଇଥାଏ । ଆତ୍ମ ଦୁଇ ନାକପୁଡ଼ା ମଧ୍ୟରେ ଏକ ତୃତୀୟ ରାସ୍ତା ରହିଛି, ଯାହା ଏକ ଛୋଟ ଛୁଞ୍ଚିର ଅଗ୍ରଭାଗ ପରି ସରୁ ଅଟେ । ତମାଖୁର ଧୂଆଁ ନାକପୁଡା ଦେଇ ବାହାରକୁ ଛଡ଼ା ଯାଉଥିବାରୁ ଧୂଆଁ ଦ୍ୱାରା ସେହି ସରୁ ରାସ୍ତାଟି ବନ୍ଦ ହୋଇଯାଏ । ସେହି ସରୁ ରାସ୍ତାଟି ଉପରକୁ ତ୍ରିକୁଟି ଆଡ଼କୁ ଯାଇଛି, ଯେଉଁଠି ପରମାତ୍ମା ନିବାସ କରନ୍ତି । ଯେଉଁ ରାସ୍ତା ଆତ୍ମକୁ ପରମାତ୍ମାଙ୍କ ସହିତ ମିଳନ କରିଥାଏ, ତମାଖୁ ଧୂଆଁ ସେହି ରାସ୍ତାକୁ ବନ୍ଦ କରିଦେଇଥାଏ । ଆପଣ ଦେଖିଥିବେ ଯେ ହୁକ୍କାପାନ କରୁଥିବା ବ୍ୟକ୍ତି ପ୍ରତିଦିନ ହୁକା ନଳୀକୁ ସଫା କରିବା ପାଇଁ ସେଥିରେ ଏକ ଲୁହା ତାର ପୁରାଇ ଘୂରାଇଥାନ୍ତି ଯାହାଦ୍ୱାରା ନଳୀ ଭିତରେ ଧୂଆଁ ଦ୍ୱାରା ଜମା ହୋଇଥିବା ମଇଳା ବାହାରିଥାଏ । ନଚେତ୍ ନଳୀର ବାଟ ବନ୍ଦ ହୋଇଯାଇଥାଏ । ସେହିପରି ମାନବ ଜୀବନ ପରମାତ୍ମା ପ୍ରାପ୍ତି ପାଇଁ ମିଳିଛି । ତମାଖୁର ଧୁଆଁ ପରମାତ୍ମା ପ୍ରାପ୍ତି ହେବାର

ମାର୍ଗକୁ ବନ୍ଦ କରିଦେଇଥାଏ । ତେଣୁ ତମାଖୁ ଭକ୍ତର ମହାନ ଶତ୍ରୁ ଅଟେ । ହୁକ୍କାପାନ କରୁଥିବା ବ୍ୟକ୍ତିମାନେ ଏହିକଥା ଭଲଭାବେ ଜାଣନ୍ତି ଯେ ତମାଖୁ ହାନିକାରକ ହୋଇଥାଏ । ଯେତେବେଳେ କୌଣସି ଛୋଟ ପିଲା ନିଜ ଜେଜେ, ବାପା, କାକା ଓ ଅଜାଙ୍କୁ ହୁକା ପିଉଥିବାର ଦେଖେ ସେତେବେଳେ ସେହିଭଳି ନକଲ କରିବାକୁ ଚେଷ୍ଟାକରି ନିଜେ ହୁକାପାନ କରିବା ଆରମ୍ଭ କରିଦିଏ । ବୟସ୍କ ବ୍ୟକ୍ତିମାନେ(ଯେଉଁମାନେ ନିଜେ ହୁକା ପିଅନ୍ତି) ସେହି ପିଲାକୁ ତାଗିଦ୍ କରି କୁହନ୍ତି ଯେ ଖବରଦାର ! ଯଦି ହୁକା ପିଇବୁ, ତେବେ ଦେଖିବୁ । ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଯଦି ଆପଣ ହୁକା ଏକ ଭଲ ଜିନିଷ ବୋଲି ଭାବୁଛନ୍ତି ତେବେ ପିଲାମାନଙ୍କୁ ମଧ୍ୟ ପିଇବାକୁ ଦିଅନ୍ତୁ । ଆପଣ ପିଲାମାନଙ୍କୁ ହୁକା ପିଇବା ପାଇଁ ମନା କରୁଛନ୍ତି, ଅର୍ଥାତ୍ ଆପଣ ନିଜେ ସ୍ୱୀକାର କରୁଛନ୍ତି ଯେ ଏହା ଶରୀର ପାଇଁ ହିତକର ନୁହେଁ ଅର୍ଥାତ୍ ହାନିକାରକ ଅଟେ । ଶୀତଦିନେ ପିଲାମାନେ ଗୋଟିଏ କୋଠରୀରେ ଶୋଇଥାନ୍ତି । ହୁକା ପିଉଥିବା ବ୍ୟକ୍ତି ସେହି କୋଠରି ଭିତରେ ହୁକା ପିଇଥାଏ । ତେଣୁ ସେ ହୁକା ପାନକରି ନିଜେ ପାପ ଅର୍ଜନ କରିବା ସହିତ ନିଜ ପରିବାରକୁ ମଧ୍ୟ ସେହି ଧୂମପାନ ପାପରେ ଭାଗୀଦାର ହୋଇଥାନ୍ତି । ଯେପରି ବାପା-ଜେଜେବାପା ନିଜ ପାଇଁ ରଖା ଯାଇଥିବା କ୍ଷୀରକୁ ଛୋଟ ପିଲାମାନଙ୍କୁ ପିଆଇବାକୁ ଚେଷ୍ଟା କରି କହିଥାନ୍ତି ଯେ ନେ, ଆଉ ଟିକେ କ୍ଷୀର ପିଇଦେ ! ମୋ ଭାଗରୁ ଆଉ ଟିକେ ନେ, ଦେଖ ତୋର ଉଚ୍ଚତା ବଢୁଛି, ଆଉ ଟିକେ କ୍ଷୀର ପିଇଦେ । ଏହିପରି ଗ୍ଲାସରେ ଥିବା ସବୁ କ୍ଷୀରକୁ ପିଲାଙ୍କୁ ପିଆଇଥାନ୍ତି । କାରଣ କ୍ଷୀର ପିଲାମାନଙ୍କ ପାଇଁ ଲାଭଦାୟକ ହୋଇଥାଏ । ହୁକା ଓ ବିଡ଼ି ପାନ କରିବାକୁ ମନା କରାଯାଇଥାଏ କାରଣ ସମସ୍ତଙ୍କୁ ଭଲ ଭାବରେ ଜଣାଅଛି ଯେ ତମାଖୁ ସେବନ କ୍ଷତିକାରକ ହୋଇଥାଏ । ପରନ୍ତୁ ସମାଜରେ ଏହା ଅତି ସାଧାରଣ କଥା ହୋଇସାରିଥିବା କାରଣରୁ ସମସ୍ତଙ୍କର ଧାରଣା ହୁଏ ଯେ ତମାଖୁ ସେବନ କଲେ ପାପ ହୁଏ ନାହିଁ । ଯେପରି କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ମାଂସ ଖାଇଥାନ୍ତି ଯାହା ଫଳରେ ତାଙ୍କ ପିଲାମାନଙ୍କ ପାଇଁ ସେହି ପାପ ସାଧାରଣ କଥା ହୋଇଥାଏ ।

ଏହିପରି ତମାଖୁ ସେବନ ମହାପାପ ଅଟେ । କିନ୍ତୁ ପରମ୍ପରା ହୋଇ ସାରିଥିବାରୁ ପାପ ହୁଏ ନାହିଁ ବୋଲି ଭାବିଥାଉ ପରନ୍ତୁ ଏହାକୁ ତୁରନ୍ତ ତ୍ୟାଗ କରିବା ଉଚିତ୍ । ଭକ୍ତ ହରଲାଲଜୀ ସେହିଦିନ ହିଁ ହୁକାପାନ ତ୍ୟାଗ କରିଦେଲେ ଓ ଚିଲମକୁ ଭାଙ୍ଗି ଫୋପାଡି ଦେଲେ । ପରିବାରର ସମସ୍ତ ସଦସ୍ୟଙ୍କୁ ସବୁ କଥା ଶୁଣାଇ ନାମ-ଦୀକ୍ଷା ଦିଆଇଲେ । ବେରୀ ଗ୍ରାମର ସେହି ପରିବାରରେ ଅନେକ ପିଢି ପର୍ଯ୍ୟନ୍ତ ହୁକା ସେବନ ବନ୍ଦ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସତସଙ୍ଗ ଅଭାବରୁ କିଛି ବ୍ୟକ୍ତି ପୁନର୍ବାର ହୁକାପାନ ଆରମ୍ଭ କଲେ ।

"ଗଧ-ଘୋଡା ବି ତମାଖୁ ପ୍ରତି ଘୃଣା କରନ୍ତି''

ଏକଦା ଗରୀବ ଦାସଜୀ (ଗ୍ରାମ- ଛୁଡ଼ାଣୀ, ଜିଲ୍ଲା ଝଜ୍ଜର ନିବାସୀ) କୌଣସି ଏକ କାର୍ଯ୍ୟବଶତଃ ଘୋଡ଼ାରେ ବସି ଜିନ୍ଦ୍ ଜିଲ୍ଲାର ଏକ ଗ୍ରାମକୁ ଯାଉଥିଲେ । ରାସ୍ତାକଡରେ ମାଲଖେଡ଼ୀ ଗ୍ରାମର (ଜୀନ୍ଦ୍ ଜିଲ୍ଲା) ଫସଲ ଜମି ସବୁ ଥିଲା । ଜମିରେ ଗହମ ଫସଲ ଛିଡ଼ା ହୋଇଥାଏ । ଗରୀବ ଦାସଜୀ ଘୋଡାରେ ବସି ସେହି ଜମି ମଧ୍ୟ ଦେଇ ଯାଇଥିବା ରାସ୍ତାରେ ଯାଉଥିଲେ । ହଠାତ୍ ଘୋଡ଼ାଟି ରାସ୍ତା ଛାଡ଼ି ଫସଲ ଜମି ମଧ୍ୟରେ ଚାଲିବାକୁ ଲାଗିଲା । କ୍ଷେତରେ ଫସଲ ଜଗୁଆଳୀ ଉପସ୍ଥିତ ଥିଲେ । ସେମାନେ ଠେଙ୍ଗା-ବାଡ଼ି ଧରି ସନ୍ଥ ଗରୀବ ଦାସଜୀଙ୍କ ଆଡକୁ ମାଡ ମାରିବା ଉଦେଶ୍ୟରେ ଆସି ଗାଳି ଗୁଲଜ କରି କହିଲେ, ତୋ ମୁଣ୍ଡ ଖରାପ ହୋଇଯାଇଛି କି ? ଆମ୍ଭ ଫସଲ ନଷ୍ଟ କରିଦେଲୁ । ଘୋଡାକୁ ରାସ୍ତାରେ ନେଇ ଯାଇପାରୁ ନାହୁଁ ? ସନ୍ଥ ଗରୀବ ଦାସଜୀଙ୍କୁ ମାଡ ମାରିବା ପାଇଁ ଠେଙ୍ଗା ଉଠାଇବା କ୍ଷଣୀ ସେମାନଙ୍କର ହାତ ଅଟକି ଗଲା ଅର୍ଥାତ୍ ସେମାନେ ସ୍ଥାଣୁ ହୋଇଗଲେ । ସମସ୍ତେ ନିଜ ନିଜ ଜାଗାରେ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ପଥର ମୂର୍ତ୍ତି ଭଳି ଛିଡ଼ା ହୋଇ ରହିଲେ । ସନ୍ଥ ଗରୀବ ଦାସଜୀ ନିଜ ହାତ ଉପରକୁ ଉଠାଇ ଆଶୀର୍ବାଦ ଦେବା ମାତ୍ରେ ସେମାନଙ୍କର ସ୍ଥାଣୁତା ଭଗ୍ନ ହେଲା ଏବଂ ସମସ୍ତେ ଚିତ୍ ହୋଇ ତଳେ ପଡ଼ିଗଲେ । ହାତରୁ ଠେଙ୍ଗା

ଖସି ପଡିଲା । ସେମାନଙ୍କ ଅବସ୍ଥା ଏପରି ହେଲା ଯେପରି ପାରାଲିସିସ୍ (ପକ୍ଷାଘାତ) ହୋଇଯାଇଛି । ଜଗୁଆଳିମାନଙ୍କୁ ଏକଥା ବୁଝିବାକୁ ବେଶି ସମୟ ଲାଗିଲା ନାହିଁ ଯେ ଇଏ କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି । ସମସ୍ତେ କାନ୍ଦି କାନ୍ଦି କ୍ଷମା ପ୍ରାର୍ଥନା କଲେ । ତା'ପରେ ସନ୍ଥ ଗରୀବ ଦାସଜୀ କହିଲେ, ଆରେ ମୁଢ ମନୁଷ୍ୟ ! ରାସ୍ତାରେ ଯାଉଥିବା ବ୍ୟକ୍ତିଙ୍କ ସହିତ କ'ଣ ଏହିଭଳି ବ୍ୟବହାର କରାଯାଏ ? ମୋତେ ପିଟିବାକୁ ଦୌଡ଼ି ଆସିବା ପୂର୍ବରୁ ପ୍ରଥମେ ଏହା ଜାଣିବା ଉଚିତ୍ ଥିଲା ଯେ କେଉଁ କାରଣରୁ ଘୋଡ଼ାକୁ ମୁଁ ଫସଲ ଜମି ଭିତର ଦେଇ ନେଇଯାଉଛି ? କୃଷକମାନେ ପ୍ରଶ୍ନକଲେ, କୁହନ୍ତୁ ଆଜ୍ଞା, କେଉଁ କାରଣ ପାଇଁ ଘୋଡ଼ା ଫସଲ ଭିତରକୁ ଚାଲିଗଲା ? ସନ୍ଥ ଗରୀବ ଦାସଜୀ ପଚାରିଲେ ଯେ ଏହା ପୂର୍ବରୁ ତୁମେ ଏହି ଜମିରେ କ'ଣ ଚାଷ କରିଥିଲ ? ସେମାନେ କହିଲେ ଯେ ଯଅ ଚାଷ କରିଥିଲୁ । ଗରୀବ ଦାସ ପୁଣି ପଚାରିଲେ ଯେ ତା ପୂର୍ବରୁ କ'ଣ ଚାଷ କରିଥିଲ ? ସେମାନେ କହିଲେ ତମାଖୁ ଚାଷ କରିଥିଲୁ । ସନ୍ଥ ଗରୀବ ଦାସଜୀ କହିଲେ ଯେ ସେହି ତମାଖୁର ଦୁର୍ଗନ୍ଧ ବର୍ତ୍ତମାନ ପର୍ଯ୍ୟନ୍ତ ଏହି କ୍ଷେତରୁ ବାହାରୁଛି । ଏହି ଦୁର୍ଗନ୍ଧରେ ଅତିଷ୍ଠ ହୋଇ ମୋ ଘୋଡ଼ା ରାସ୍ତା ତ୍ୟାଗ କରି ଅଲଗା ରାସ୍ତାରେ ଯିବାକୁ ଲାଗିଲା । ସେହି ତମାଖୁ ଆପଣମାନେ ପିଉଛନ୍ତି । ଆପଣମାନେ ପଶୁଠାରୁ ବି ହୀନ ଅଟନ୍ତି । ଧ୍ୟାନ ଦେଇ ଶୁଣ ! ଆଜିଠାରୁ ଏହି ଗ୍ରାମର କୌଣସି ବ୍ୟକ୍ତି ହୁକା ପାନ କରିବ ନାହିଁ ଓ ତମାଖୁ ମଧ୍ୟ ସେବନ କରିବ ନାହିଁ । ଯଦି ମୋ ଆଦେଶ ପାଳନ କରା ନଯାଏ ତେବେ ଗାଁରେ ବହୁତ ଅନିଷ୍ଟ ହେବ । ଏହା ଶୁଣି ସମସ୍ତେ ସେହି ସମୟରେ ହଁ କରିଦେଲେ । କିନ୍ତୁ ସନ୍ଥ ଚାଲିଯିବା ପରେ ପୁଣି କହିବାକୁ ଲାଗିଲେ ଯେ ହୁଟ୍‌କି(ଛୋଟ ଚିଲମ)ରେ ତମାଖୁ ଭର୍ତ୍ତି ହେଲା କି ! ହୁଟ୍‌କିରେ ତମାଖୁ ଭର୍ତ୍ତି କରିବା ସମୟରେ ହାତରୁ ଚିଲମ ଖସିପଡି ଫାଟିଗଲା । ପୁଣି ଆଉ ଏକ ଚିଲମ ଆଣି ହାତରେ ଧରିଥିବା ଅବସ୍ଥାରେ ହିଁ ତାହା ଚୂର୍‌ମାର୍ ହୋଇଗଲା । କ୍ଷେତରେ ଚିଲମ ଆଦି ଯେତେ ହୁକା ସରଞ୍ଜାମ ଥିଲା ସବୁ ଭାଙ୍ଗିଗଲା । ଜଗୁଆଳିମାନେ ଡ଼ରି କହିବାକୁ ଲାଗିଲେ ଯେ ଏସବୁ ସେହି ସନ୍ଥଙ୍କ ଲୀଳା । ଗାଁକୁ ଯାଇ ଦେଖନ୍ତି ତ ସମସ୍ତଙ୍କ ହୁକା ସରଞ୍ଜାମ ଭାଙ୍ଗି ଯାଉଥାଏ ଓ ଚିଲମ ଫାଟି ଯାଉଥାଏ । ଗାଁ ସାରା ହଇଚଇ ସୃଷ୍ଟି ହୋଇଗଲା । ଭୟର ବାତାବରଣ ସୃଷ୍ଟି ହୋଇଗଲା । ଜଗୁଆଳିମାନେ ଗାଁକୁ ଆସିବା ପରେ କାରଣ ଜଣାପଡ଼ିଲା । ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେହି ଗାଁରେ କେହି ହୁକାପାନ (ତମାଖୁ ସେବନ) କରନ୍ତି ନାହିଁ । ସେହି ଗାଁର ନାମ "ମାଲ୍‌ଖେଡ଼ୀ" ଅଟେ ।

ଝ ହୁକାପାନ କରୁଥିବା ବ୍ୟକ୍ତି କହିଥାଏ ଯେ ନେ ! ମୋ ପାଖରେ କଡ଼ା ତମାଖୁ ଅଛି, ଚିଲମରେ ଭର୍ତ୍ତି କର । ଆଉ ଜଣେ କହିଥାଏ ଯେ ମୋ ତମାଖୁ ଅଧିକ କଡ଼ା ଅଟେ । ସନ୍ଥ ଗରୀବ୍ ଦାସଜୀ କହିଛନ୍ତି ଯେ ମୃତ୍ୟୁ ପରେ ଯମଦୂତମାନେ କଡ଼ା ତମାଖୁ ସେବନ କରୁଥିବା ସେହି ବ୍ୟକ୍ତି ମୁହଁରେ ପରିଶ୍ରା କରି କହିଥାନ୍ତି, ତୁ ଅଧିକ କଡ଼ା ତମାଖୁ ଚାହୁଁଥିଲୁ, ଏବେ ପିଇ ! କଡ଼ା ପରିଶ୍ରା ଟିକେ ପିଇଦେ । ତା ମୁହଁ ଖୋଲି ପାଟି ଭିତରକୁ ପରିଶ୍ରା ଛାଡିଥାନ୍ତି ।

ଏହିପରି ଏକ ଲୀଳା କରି ସନ୍ଥ ଗରୀବ ଦାସଜୀ ଗ୍ରାମବାସୀମାନଙ୍କୁ ବିକାରମୁକ୍ତ କରିଥିଲେ । କିନ୍ତୁ ଜ୍ଞାନର ପ୍ରଭାବରେ ଯେଉଁ ବିକାର ଦୂର ହୋଇଥାଏ ତାହା ଚିରସ୍ଥାୟୀ ହୋଇଥାଏ । ସତସଙ୍ଗ ଶୁଣିବା ଦ୍ୱାରା ଜ୍ଞାନ ହୋଇଥାଏ । ତେଣୁ ସତସଙ୍ଗ ଶୁଣିବା ପାଇଁ ଆଗ୍ରହୀ ହୁଅ ଏବଂ ସତସଙ୍ଗ ଶୁଣ ।

ନିବେଦନ :- ଉପରୋକ୍ତ ବିକାରଗୁଡିକୁ ସଦାସର୍ବଦା ପାଇଁ ତ୍ୟାଗ କରନ୍ତୁ । ଏହାଦ୍ୱାରା ଜୀବନର ମାର୍ଗ ସୁଗମ ହୋଇଯିବ ।

ନିଶା କରେ ସର୍ବନାଶ

ମଦ, ସୁଲଫା(ଚରସ), ଅଫିମ ଓ ହିରୋଇନ୍ ଆଦି ଯେ କୌଣସି ନିଶା ସେବନ କରନ୍ତୁ ନା କାହିଁକି ତାହା ଆପଣଙ୍କ ସର୍ବନାଶର କାରଣ ହେବ । ନିଶା ସର୍ବପ୍ରଥମେ ମନୁଷ୍ୟକୁ ଶୈତାନ୍ କରିଦିଏ । ତା'ପରେ ଶରୀରକୁ ନାଶ କରିଥାଏ । ଶରୀରରେ ମୁଖ୍ୟତଃ ଚାରୋଟି ଗୁରୁତ୍ୱପୂର୍ଣ୍ଣ

ଅଙ୍ଗ ଅଛି :- ୧- ଫୁସ୍‌ଫୁସ୍, ୨- ଯକୃତ(ଲିଭର), ୩- ବୃକକ(କିଡିନୀ) ଓ ୪- ହୃତ୍‌ପିଣ୍ଡ । ନିଶା ସର୍ବପ୍ରଥମେ ଏହି ଚାରୋଟି ଅଙ୍ଗକୁ ନଷ୍ଟ କରିଥାଏ । ସୁଲ୍‌ଫା(ଚରସ) ମସ୍ତିଷ୍କକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦିଏ । ହିରୋଇନ୍ ମଦଠାରୁ ମଧ୍ୟ ଅଧିକ କ୍ଷତିକାରକ ଯାହା ଶରୀରକୁ ଭିତରୁ ଫମ୍ପା କରିଦିଏ । ଅଫିମ ସେବନ ଦ୍ୱାରା ଶରୀର ଦୁର୍ବଳ ହେବା ସହିତ ଶରୀରର କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ । ପରବର୍ତ୍ତୀ ସମୟରେ ଶରୀର ସେହି ଅଫିମ ଦ୍ୱାରା ଚାର୍ଜ୍ ହୋଇ କାର୍ଯ୍ୟ କରିଥାଏ । ନିଶା ସେବନ ଦ୍ୱାରା ରକ୍ତ ଦୂଷିତ ହୋଇଥାଏ । ତେଣୁ ଏହି ସମସ୍ତ ଜିନିଷକୁ କେବଳ ନିଜ ଘର ନୁହେଁ, ଗ୍ରାମ-ସହର-ବଜାର କେଉଁଠି ବି ରଖିବା ଉଚିତ୍ ନୁହେଁ ଏବଂ ସେବନ କରିବା ପାଇଁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିବେ ନାହିଁ ।

ଜଣେ ବ୍ୟକ୍ତି ଦିଲ୍ଲୀର ପାଲମ ବିମାନ ବନ୍ଦରରେ ଚାକିରୀ କରୁଥିଲେ । ସନ୍‌୧୯୯୭ର କଥା, ସେତେବେଳେ ତାଙ୍କର ମାସିକ ଦରମା (Pay) ବାର ହଜାର ଟଙ୍କା ଥିଲା । ଏକଦା ଏହି ଦାସ (ରାମପାଲ ଦାସ) ସତସଙ୍ଗ କରିବା ପାଇଁ ଦିଲ୍ଲୀର ଏକ ଗ୍ରାମକୁ ଯାଇଥିଲା । ଜଣେ ବୃଦ୍ଧା ନିଜର ତିନି ନାତୁଣୀଙ୍କ ସହିତ ସତସଙ୍ଗକୁ ଆସିଥିଲେ । ଯାହାଙ୍କ ଘରେ ସତସଙ୍ଗ ହେଉଥିଲା ସେ ତାଙ୍କର ସମ୍ପର୍କରେ ଖୁଡ଼ି ଥିଲେ । ସେ ଗାଁ ବାହାରେ ଥିବା ଏକ ପ୍ଲଟ୍‌ରେ ଘର ତିଆରି କରି ରହୁଥିଲେ । ବିମାନ ବନ୍ଦରରେ ଚାକିରି କରୁଥିବା ସେହି ବ୍ୟକ୍ତି ଏହି ବୃଦ୍ଧାଙ୍କର ପୁଅ ଥିଲେ । ସେ ବହୁତ ମଦ୍ୟପାନ କରୁଥିଲେ ଓ ସ୍ତ୍ରୀ-ପିଲାଙ୍କୁ ମାଡ ମାରୁଥିଲେ । ଘର ପରିବେଶକୁ ନର୍କରେ ପରିଣତ କରି ଦେଇଥିଲେ । ଘରକୁ ପ୍ରତିଦିନ ମଦ ପିଇ ଆସିବା କାରଣରୁ ସ୍ତ୍ରୀ ସହିତ ବଚସା ହେଉଥିଲା ଯେଉଁ କାରଣରୁ ଘରେ ପ୍ରତିଦିନ ମହାଭାରତ ସୃଷ୍ଟି ହେଉଥିଲା । ପିଲାମାନଙ୍କୁ ଛାଡ଼ି ପତ୍ନୀ ନିଜ ବାପ ଘରକୁ ଚାଲିଗଲା । ଜେଜେମା ପିଲାମାନଙ୍କର ଦାୟିତ୍ୱ ତୁଲାଉଥିଲେ । ଦିନେ ଯାଇ ବୋହୂକୁ ବୁଝାଇ-ସୁଝାଇ ଘରକୁ ଆଣିଲେ । ସେଦିନ ରାତିରେ ସେହି ବୃଦ୍ଧା ନିଜ ପୁତ୍ରବଧୂ ଓ ନାତୁଣୀମାନଙ୍କ ସହିତ ସତସଙ୍ଗକୁ ଆସିଥିଲେ, କାରଣ ତାଙ୍କ ନିଜ ଦେଢ଼ଶୂରଙ୍କ ଘରେ ସତସଙ୍ଗ କାର୍ଯ୍ୟକ୍ରମ ଥିଲା । ସତସଙ୍ଗରେ ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାଖ୍ୟା କରାଯାଇଥାଏ । ପ୍ରଥମେ ପରମାତ୍ମାଙ୍କ ଭକ୍ତିରୁ ମିଳୁଥିବା ଲାଭ ତଥା ଭକ୍ତି ନ କରିବାର ହାନି ବିଷୟରେ ବିସ୍ତୃତ ବିବରଣୀ ଦିଆଯାଇଥାଏ । ସେଦିନ ସେହି ମଦୁଆ ପ୍ରଥମେ ନିଜ ଘରକୁ ଗଲା । ଘରେ କାହାକୁ ନ ଦେଖି କିଛି ସମୟ ପର୍ଯ୍ୟନ୍ତ ଘରେ ବସି ରହିଲା । ପୁଣି ଜଣେ ପଡ଼ୋଶୀ କହିଲେ ଯେ ଆପଣଙ୍କ ମାଆ ସମସ୍ତଙ୍କୁ ସାଙ୍ଗରେ ନେଇ ଆପଣଙ୍କ ବଡବାପାଙ୍କ ଘରକୁ ଯାଇଛନ୍ତି । ସେଠାରେ ସତସଙ୍ଗ ହେଉଅଛି । ସମସ୍ତଙ୍କର ଖାଇବା ବ୍ୟବସ୍ଥା ମଧ୍ୟ କରାଯାଇଛି । ପରମାତ୍ମାଙ୍କ ଦୟାରୁ ସେ ମଧ୍ୟ ସତସଙ୍ଗକୁ ଆସିଲା ଏବଂ ମଦ ପିଇଥିବା କାରଣରୁ ସମସ୍ତଙ୍କ ପଛରେ ବସିଲା ।

ସତସଙ୍ଗ ବଚନ :- ସେଦିନ ସତସଙ୍ଗରେ କୁହାଗଲା ଯେ ମନୁଷ୍ୟ ଜନ୍ମ ପ୍ରାପ୍ତ କରି ଯେଉଁ ବ୍ୟକ୍ତି ଶୁଭକର୍ମ ନ କରେ ତା ଭବିଷ୍ୟତ ନର୍କ ହୋଇଯାଏ । ଯିଏ ନିଶା ସେବନ କରେ ତାର ବର୍ତ୍ତମାନ ଓ ଭବିଷ୍ୟତ ଉଭୟ ନର୍କ ହୋଇଯାଏ । ନିଶା ମନୁଷ୍ୟ ପାଇଁ ଉଦ୍ଦିଷ୍ଟ ନୁହେଁ । ନିଶା ମନୁଷ୍ୟକୁ ରାକ୍ଷସ କରି ଦେଇଥାଏ । ପୂର୍ବଜନ୍ମରେ ପୂଣ୍ୟକର୍ମ କରିଥିବା ବ୍ୟକ୍ତିଙ୍କୁ ଏହି ଜନ୍ମରେ ସେହି ଶୁଭକର୍ମର ପ୍ରତିଫଳ ସ୍ୱରୂପ ଭଲ ଚାକିରୀ କିମ୍ବା ଭଲ ବ୍ୟବସାୟିକ ଲାଭ ମିଳିଥାଏ । ଯଦି ଏହି ଜନ୍ମରେ ଶୁଭକର୍ମ, ଭକ୍ତି ଓ ଦାନ-ଧର୍ମ ଇତ୍ୟାଦି ନ କରିବେ ତେବେ ପରଜନ୍ମରେ ଗଧ, କୁକୁର, ଘୁଷୁରୀ ଓ ବଳଦ ହୋଇ ମାଡ ଓ ମଳ-ମୂତ୍ର ଖାଇବ ।

ଯେପରି ପୂର୍ବ ଜନ୍ମରେ କରିଥିବା ଶୁଭକର୍ମ ଅନୁସାରେ ମାନବ(ସ୍ତ୍ରୀ/ପୁରୁଷ) ଜୀବନରେ ଉତ୍ତମ ଭୋଜନ ମିଳୁଛି ଓ ସୁନ୍ଦର ଶରୀର ମିଳିଛି । ଯେତେବେଳେ ଇଚ୍ଛା ସେତେବେଳେ ଖାଦ୍ୟ ଖାଉଛ, ଶୋଷ ଲାଗିଲେ ପାଣି ପିଉଛ । ଇଚ୍ଛାନୁସାରେ ଚାହା ଓ ଦୁଗ୍ଧ ପିଉଛ ଓ ଫଳ, କାଜୁ-ବାଦାମ ଇତ୍ୟାଦି ଖାଉଛ । ଯଦି ପୂର୍ଣ୍ଣଗୁରୁ(ସଦଗୁରୁ)ଙ୍କ ଶରଣାପନ୍ନ ହୋଇ ନିର୍ମଳ ହୃଦୟରେ ଭକ୍ତି, ସତସଙ୍ଗ, ସେବା, ଦାନ ଓ ଧର୍ମ ଆଦି ନ କରିବ ତେବେ ପରଜନ୍ମରେ ଗଧ, ବଳଦ,

କୁକୁର ଓ ଘୁଷୁରୀ ହୋଇ ଦୁର୍ଦ୍ଦଶା ଭୋଗ କରିବ । ପଶୁ ଜନ୍ମରେ ଠିକ୍ ସମୟରେ ନା ଖାଦ୍ୟ ମିଳିବ, ନା ପିଇବାକୁ ପାଣି ମିଳିବ, ନା ଗ୍ରୀଷ୍ମ-ଶୀତ ଓ ମଶା-ମାଛି କବଳରୁ ରକ୍ଷା ପାଇବା ପାଇଁ କୌଣସି ପ୍ରକାର ସୁବ୍ୟବସ୍ଥା ଥିବ । ଏହି ଜନ୍ମରେ ଆମ୍ଭେ ମଶାରି, ଅଲ୍ ଆଉଟ୍ ଆଦି ବ୍ୟବହାର କରି ନିଜକୁ ରକ୍ଷା କରିପାରୁଛେ । ଗ୍ରୀଷ୍ମରୁ ରକ୍ଷା ପାଇବାର ବ୍ୟବସ୍ଥା ଆମ୍ଭ ନିକଟରେ ଅଛି କିନ୍ତୁ ଯେତେବେଳେ ପଶୁ ଜନ୍ମ ମିଳିବ ସେତେବେଳେ କ'ଣ କରିବ ? ସନ୍ଥ ଗରୀବ ଦାସଜୀ ପରମେଶ୍ୱର କବୀରଜୀଙ୍କଠାରୁ ପ୍ରାପ୍ତ ଜ୍ଞାନ ଏହିଭଳି କହିଛନ୍ତି:-

ଗରୀବ, ନର ସେତୀ ତୁ ପଶୁଓ୍ୱା କୀଜୈ, ଗଧା ବୈଲ୍ ବନାଇ ।
ଛପ୍ପନ ଭୋଗ କାହାଁ ମନ ବୋରେ, କୁରଡ଼ୀ ଚରନେ ଜାଇ ॥

ଭାବାର୍ଥ :- ମାନବ ଶରୀର ହରାଇ ସାରିବା ପରେ ଜୀବ ଭକ୍ତି ତଥା ଶୁଭକର୍ମ ହୀନ ହୋଇ ଗଧ/ବଳଦ ଆଦି ଯୋନି(ଶରୀର) ପ୍ରାପ୍ତ କରିବ । ମାନବ ଶରୀର ଥିବା ବେଳେ ଯେଉଁ ଆହାର ମିଳୁଥିଲା ତାହା ଆଉ ମିଳିବ ନାହିଁ । ଗଧ ଜନ୍ମ ନେଇ ଆର୍ବଜନା ପୂର୍ଣ୍ଣ ସ୍ଥାନରେ ଦୁର୍ଗନ୍ଧ ଯୁକ୍ତ ଖାଦ୍ୟ ଖାଇବ । ବଳଦ ହେଲା ପରେ ନାକ ଫୋଡାଯାଇ ନାଥା(ଏକ ରଶି) ବନ୍ଧାଯିବ । ସବୁବେଳେ ପଘାରେ ବନ୍ଧାହୋଇ ରହିବୁ । ଶୋଷ ଲାଗିଲେ ନା ପାଣି ପିଇପାରିବୁ, ଭୋକ ଲାଗିଲେ ନା ଖାଦ୍ୟ ଖାଇପାରିବୁ । ମଶା-ମାଛିଠାରୁ ରକ୍ଷା ପାଇବା ପାଇଁ ଗୋଟିଏ ଲାଙ୍ଗୁଡ଼ ମିଳିବ । ସେହି ଲାଙ୍ଗୁଡ଼କୁ କୁଲର, ପଙ୍ଖା ବା ମଶାରି ଭାବିବୁ । ଯେଉଁ ପ୍ରାଣୀ ଅଧିକ ପାପକର୍ମ କରିଥାଏ ପଶୁ ଜୀବନରେ ସେମାନଙ୍କର ଲାଞ୍ଜ ଛିଣ୍ଡି ଯାଇଥାଏ । କେବଳ ଫୁଟେ-ଦେଢ଼ ଫୁଟ ଲମ୍ବର ଅବଶିଷ୍ଟ ରହିଥାଏ, ସେହି ଖଣ୍ଡିଆ ଲାଞ୍ଜକୁ ସେ ଏପଟ ସେପଟ କରିଥାଏ ।

ଏକ ବଳଦର ପଛ ଗୋଡ଼ର ଦୁଇ ଖୁରା ମଝିରେ ପ୍ରାୟ ଏକ-ଦେଢ ଇଞ୍ଚ ଲମ୍ବର ଏକ ଲୁହାକ । ପଶିଗଲା । ଚଲାବୁଲା କରିବା ଦ୍ୱାରା ତାହା ଆହୁରି ଭିତରକୁ ପଶିଗଲା । ବଳଦଟି ଛୋଟେଇ ଛୋଟେଇ ଚାଲବାକୁ ଲାଗିଲା । ହଳୁଆ ଭାବିଲା କୌଣସି ଆଘାତ ଲାଗିଥିବ କିମ୍ବା ସ୍ନାୟୁ ଉପରେ ସ୍ନାୟୁ ଚଢ଼ିଯାଇଥିବ, ଚାଲିଲେ ଠିକ୍ ହୋଇଯିବ । ବେଳେବେଳେ ଏହିଭଳି ହୋଇଯାଏ । କିନ୍ତୁ ଏଥର ସେହିପରି ହେଲା ନାହିଁ । ଦିନସାରା ବଳଦଟି ହଳରେ ଚାଲିଲା । ହଳ ସାରି ଘରକୁ ଫେରିବା ସମୟରେ ରାସ୍ତାରେ ବହୁତ କଷ୍ଟରେ ଗୋଡ ରଖୁଥିଲା । ଧିରେ ଧିରେ ଚାଲୁଥିଲା । ଘରେ ପହଞ୍ଚିବା ପରେ ଆଉ ଛିଡା ହୋଇ ନ ପାରି ଶୋଇ ପଡ଼ିଲା । ଘାସ ଖାଇ ପାରିଲା ନାହିଁ । ଅତ୍ୟଧିକ ଯନ୍ତ୍ରଣା କାରଣରୁ ଆଖିରୁ ଅଶ୍ରୁଧାରା ବୋହୁଥିଲା । ସକାଳେ ବଳଦ ଆଉ ଉଠି ପାରିଲା ନାହିଁ, ଶୋଇ ରହିଲା । ଗୋଡ଼ଟି ଅଧିକ ଫୁଲି ଯାଇଥିଲା । ଅନ୍ୟ ଏକ ଗାଁରୁ ପଶୁଡ଼ାକ୍ତରଙ୍କୁ ଡ଼କାଗଲା । ପୁରୁଣା ସମୟର କଥା । ସେତେବେଳେ ଏହିଭଳି ଚିକିତ୍ସା ହେଉଥିଲା । ପଶୁଡ଼ାକ୍ତର ବଳଦର ଗୋଡ଼କୁ ଦେଖି କହିଲେ ଯେ ଆଣ୍ଠୁ ଫୁଲିଛି । ପୁରୁଣା ଶୁଖିଲା ଗୁଡ଼କୁ ଗୁଣ୍ଡ କରି ପଟି ବାନ୍ଧିଦିଅ, ଠିକ୍ ହୋଇଯିବ । ଖୋରା(ପାଦତଳେ)ରେ ଲୁହାକଣ୍ଟା ପଶିଥିଲା କିନ୍ତୁ ଆଣ୍ଠୁରେ ଉପଚାର ହେଉଥିଲା । ପ୍ରାୟ ଏକମାସ ପର୍ଯ୍ୟନ୍ତ ଏହିଭଳି ଚାଲିଲା । ଦିନେ ଘର ଲୋକ ଦେଖିଲେ ଯେ ବଳଦର ଗୋଡ଼ ଖୋରାରୁ ପୂଜ ବାହାରୁଛି । ପୂଜ ସଫା କରିବା ସମୟରେ ସେଠାରେ ଏକ ଲୁହାକଣ୍ଟା ଦେଖିଲେ । ଚିମୁଟା ସାହାଯ୍ୟରେ କଣ୍ଟାଟିକୁ ବାହାର କଲେ । ଏକ ସପ୍ତାହ ମଧ୍ୟରେ ବଳଦଟି ଠିକ୍ ହୋଇଗଲା । ପେଟ ଭରି ଘାସ ଖାଇଲା ଓ ପାଣି ପିଇଲା ।

ବିଚାର କରନ୍ତୁ :- ଯେତେବେଳେ ଏହି ପ୍ରାଣୀ ମନୁଷ୍ୟ ଶରୀରରେ ଥିଲା ସେତେବେଳେ ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା ଯେ ଦିନେ ତାକୁ ବଳଦ ହେବାକୁ ପଡିବ । ଏବେ ବଳଦ ଶରୀର ପାଇ ଆଉ ମୁହଁ ଖୋଲି କଥା କହି ପାରୁନାହିଁ ଯେ ଯନ୍ତ୍ରଣା କେଉଁଠି ହେଉଛି ? କବୀରଜୀ କହିଛନ୍ତି ଯେ :-

କବୀର, ଜିହ୍ୱା ତୋ ଓ୍ୱୋହେ ଭଲୀ, ଜୋ ରଟୈ ହରିନାମ୍ ।
ନା ତୋ କାଟ କେ ଫେଁକ ଦିଯୋ, ମୁଖ ମେଁ ଭଲୋ ନା ଚାମ୍ ॥

ଭାବାର୍ଥ:- ଯେପରି ଜିଭ ହେଉଛି ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଯଦି ଏହାକୁ ପରମାତ୍ମାଙ୍କ ଗୁଣଗାନ ତଥା ନାମଜପ କରିବାରେ ବ୍ୟବହାର କରା ନ ଯାଏ ତେବେ ଏହା ବେକାର । କାରଣ ଏହି ଜିଭ ଦ୍ୱାରା ଜଣେ ଅନ୍ୟଜଣକୁ କଟୁ ବଚନ କହି ପାପ ଅର୍ଜନ କରିଥାଏ । ବଳଶାଳୀ ବ୍ୟକ୍ତି ଦୁର୍ବଳ ବ୍ୟକ୍ତିଙ୍କୁ ଏଭଳି କଟୁ କଥା କହିଥାଏ ଯଦ୍ୱାରା ତା ଆତ୍ମା କାନ୍ଦିଥାଏ । ମାତ୍ର ଭୟରେ ତାକୁ ପ୍ରତ୍ୟୁତ୍ତର ନ ଦେଇ ମନରେ ଅଭିଶାପ ଦେଇ ପରୋକ୍ଷରେ ସେ ମଧ୍ୟ ପାପ ଅର୍ଜନ କରିଥାଏ । ପୁଣି କାହାର ନିନ୍ଦା କରି, କାହା ପାଇଁ ମିଛ ସାକ୍ଷୀ ଦେଇ ଓ କାହାକୁ ବ୍ୟବସାୟରେ ମିଛ କହି ଠକି ମନୁଷ୍ୟ ଏହିଭଳି ଅନେକ ପ୍ରକାରର ପାପ ନିଜ ଜିଭ ସାହାଯ୍ୟରେ କରିଥାଏ । ପରମେଶ୍ୱର କବୀରଜୀ କହିଛନ୍ତି ଯେ ଯଦି ଜିଭର ସଦୁପଯୋଗ ନ କରିବ ଅର୍ଥାତ୍ ସୁବଚନ, ଶୀତଳ ବାଣୀ, ପରମାତ୍ମାଙ୍କର ଗୁଣଗାନ ଅର୍ଥାତ୍ ଚର୍ଚ୍ଚା କରିବା, ଧାର୍ମିକ ସଦଗ୍ରନ୍ଥର ପଠନ-ପାଠନ, ଭଗବାନଙ୍କ ନାମଜପ ଓ ସୁମିରଣ କରୁନାହଁ ତେବେ ସେହି ଜିଭକୁ କାଟି ଫିଙ୍ଗି ଦିଅ । ଅନ୍ୟଥା ଘୋର ପାପ ଅର୍ଜନ କରୁଅଛ ।

(ଜିଭ କାଟିଦେବାକୁ କହିବା କେବଳ ଏକ ଉଦାହରଣ ଯାହାକି ସତର୍କ କରିଦେବା ପାଇଁ କୁହାଯାଇଛି । ତେଣୁ ଜିଭକୁ କେବେବି କାଟିବେ ନାହିଁ । ଶୁଭକର୍ମ କରିବା ସହିତ ସୁବଚନ କହିବା ଆରମ୍ଭ କର । ଯଦି ରାମନାମର ଗୁଣଗାନ ନ କରୁଛ ତେବେ ପବିତ୍ର ମୁଖରେ ଏହି ଜିଭ(ଅଙ୍ଗ)କୁ ରଖିବା ଉଚିତ ନୁହେଁ)

ମନୁଷ୍ୟ ଶରୀରଧାରୀ ପ୍ରାଣୀକୁ ବର୍ତ୍ତମାନ ସମୟରେ (ସନ୍ ୧୯୭୦ଠାରୁ) ବିଶେଷ ସୁବିଧା ମିଳିବା କାରଣରୁ ସେ ଦିନକୁ ଦିନ ପରମାତ୍ମାଙ୍କ ନିକଟରୁ ଦୂରେଇ ଯାଉଛି । କିନ୍ତୁ ସମାନ ଭାବରେ ଦୁଃଖ ମଧ୍ୟ ତା ନିକଟକୁ ମାଡ଼ିଆସୁଛି । ଆର୍ଥିକ ସ୍ଥିତି ସୁଧୁରିଛି କିନ୍ତୁ ମାନସିକ ଶାନ୍ତି ନାହିଁ । ଏହାର ମୁଖ୍ୟ କାରଣ ହେଉଛି ନିଶା । ଜଣେ ପିତା ଚାକିରୀକୁ ଯାଇଥିବା ସମୟରେ ପିଲାମାନଙ୍କର ଆଶା ଥାଏ ଯେ ବାପା ଆସିବେ, କିଛି ଭଲ ଜିନିଷ ନିଶ୍ଚୟ ଆଣିବେ । ପିତା ଘରକୁ ଫେରିଲେ ଛୋଟ-ଛୋଟ ପିଲାମାନେ ଦୌଡ଼ି ଯାଇ କୁଣ୍ଢାଇ ପକାନ୍ତି, ଗେଲ ହୁଅନ୍ତି । କିନ୍ତୁ ଯେଉଁ ପିଲାମାନଙ୍କର ପିତା ନିଶା ସେବନ କରୁଥାନ୍ତି, ସେମାନଙ୍କ ଘରେ ସର୍ବଦା କଳହ ହେବା ସ୍ୱାଭାବିକ । ପିଲାମାନେ ସବୁବେଳେ ଭୟଭୀତ ଅବସ୍ଥାରେ ଥାଆନ୍ତି । ସେମାନଙ୍କର ଉଭୟ ମାନସିକ ଓ ଶାରୀରିକ ବିକାଶ ହୋଇପାରେ ନାହିଁ । ସେହି ଘର ନର୍କ ସମାନ ହୋଇଯାଏ । ବର୍ତ୍ତମାନ ସମୟରେ ଯେଉଁମାନେ ମଦ ପିଇ ମତୁଆଲା ହେଉଛନ୍ତି, ସମାଜରେ ସେମାନଙ୍କର କୌଣସି ଇଜ୍ଜତ ନାହିଁ ।

ପର ଜନ୍ମରେ ସେହି ବ୍ୟକ୍ତି କୁକୁର ହୋଇ ବିଷ୍ଠା ଖାଇବ, ନାଳ ନର୍ଦ୍ଦମାର ପାଣି ପିଇବ । ତା'ପରେ ଅନ୍ୟ ପଶୁପକ୍ଷୀଙ୍କ ଶରୀର ପ୍ରାପ୍ତ କରି କଷ୍ଟ ଉପରେ କଷ୍ଟ ଭୋଗ କରିବ । ତେଣୁ ନିଶା ଓ ସମସ୍ତ ବିକାରକୁ ତ୍ୟାଗକରି ବାସ୍ତବିକ ମନୁଷ୍ୟଭଳି ଜୀବନଯାପନ କର । ସଭ୍ୟ ସମାଜକୁ ମଧ୍ୟ ଶାନ୍ତିରେ ରହିବାକୁ ଦିଅ । ଜଣେ ମଦ୍ୟପ ଅନେକ ବ୍ୟକ୍ତିଙ୍କ ଆତ୍ମାକୁ ଦୁଃଖ ଦେଇଥାଏ । ନିଜ ସ୍ତ୍ରୀ, ସ୍ତ୍ରୀଙ୍କ ପିତା-ମାତା ଓ ଭାଇ-ଭଉଣୀ, ନିଜ ପିତା-ମାତା, ଭାଇ-ଭଉଣୀ ଓ ସନ୍ତାନମାନଙ୍କୁ ଦୁଃଖ ଦେଇଥାଏ । କେବଳ ଏକ ଘଣ୍ଟାର ନିଶା ଧନ, ଇଜ୍ଜତ ତଥା ଘର ପରିବାରର ଶାନ୍ତି ନାଶ କରିଦିଏ । ସେହି ବ୍ୟକ୍ତି ଭବିଷ୍ୟତରେ ସୁଖୀ ହୋଇପାରିବ କି ? କେବେବି ନୁହେଁ । ତା ଜୀବନ ନର୍କତୂଲ୍ୟ ହୋଇଯାଏ । ତେଣୁ ଏହା ବିଚାର କରି ସମସ୍ତ ବିକାରକୁ ତୁରନ୍ତ ତ୍ୟାଗ କରିଦେବା ଉଚିତ ।

ପ୍ରଶ୍ନ:- ପରଜନ୍ମରେ କ'ଣ ହୁଏ, କିଏ ଦେଖିଛି ?

ଉତ୍ତର:- ଉଦାହରଣ:- ଥରେ ଜଣେ ଅନ୍ଧବ୍ୟକ୍ତି ଏକ ଜଙ୍ଗଲ ଆଡ଼କୁ ଯାଉଥିଲା । ଆଗରେ ଜଣେ ଭଦ୍ର ବ୍ୟକ୍ତି ଛିଡ଼ା ହୋଇଥିଲେ । ସେ କହିଲେ, ହେ ସୂରଦାସ ! ଏପଟେ ଆଦୌ ଯାଅ ନାହିଁ, ଏହି ରାସ୍ତାଟି ଘୋର ଜଙ୍ଗଲ ମଧ୍ୟ ଦେଇଯାଇଛି । ଭୟଙ୍କର ବାଘ-ସିଂହ ଆଦି ହିଂସ୍ରଜନ୍ତୁ ଅଛନ୍ତି, ଆପଣ ଫେରିଯାଆନ୍ତୁ । ଯଦି ସେହି ଅନ୍ଧବ୍ୟକ୍ତି ନିଶାଗ୍ରସ୍ତ ଅବସ୍ଥାରେ ନ ଥିବ ତେବେ ସେ

ସଙ୍ଗେ ସଙ୍ଗେ ଫେରିଯିବ । ଯଦି ନିଶାଗ୍ରସ୍ତ ହୋଇଥିବ ତାହେଲେ ଭଦ୍ରବ୍ୟକ୍ତିଙ୍କ କଥାକୁ କର୍ଣ୍ଣପାତ ନ କରି ନିଜ ଗନ୍ତବ୍ୟ ପଥରେ ଆଗକୁ ମାଡି ଚାଲିବ । ପୁଣି କହିବ କ'ଣ ନା ଜଙ୍ଗଲରେ ଭୟଙ୍କର ବାଘ, ସିଂହ ଓ ସର୍ପ ଆଦି ଜନ୍ତୁଙ୍କୁ କିଏ ଦେଖିଛି ?

ବିଚାର କରନ୍ତୁ:- ଅନ୍ଧକୁ ଦେଖା ଯାଉନାହିଁ, ପୁଣି ଆଖିଥିବା ବ୍ୟକ୍ତିଙ୍କ କଥାକୁ ବିଶ୍ୱାସ କରୁନାହିଁ । ପୁଣି କେଉଁ ଉପାୟରେ ତାକୁ ବୁଝାଯିବ ? ଯଦି ନ ମାନୁଛି ତେବେ ତାର ଏପରି ଦୁର୍ଦ୍ଦଶା ହେବ ଯେପରି ଆଖିଥିବା ବ୍ୟକ୍ତି କହିବା ଅନୁସାରେ ବାଘ ଓ ସିଂହମାନେ ତାକୁ ମାରିଦେବେ ।

ଏହିପରି ସନ୍ତ ମହାତ୍ମାଗଣ ହେଉଛନ୍ତି ଆଖି (ଜ୍ଞାନନେତ୍ର) ଥିବା ବ୍ୟକ୍ତି ସଦୃଶ । ସେମାନେ ଆମ୍ଭଙ୍କୁ ଏହି ଉପଦେଶ ଦେଇଛନ୍ତି, ଯାହା ଉପରେ ବର୍ଣ୍ଣନା କରାଯାଇଛି । ଆମ୍ଭେ ଜ୍ଞାନ ନେତ୍ରହୀନ (ଅନ୍ଧ) ଅଟୁ । ଯଦି ସନ୍ତଙ୍କ ଶିକ୍ଷାରେ ବିଶ୍ୱାସ କରି ଆମ୍ଭେ ରାସ୍ତା ନ ବଦଳାଇବା ତେବେ ଆମ୍ଭ ଅବସ୍ଥା ସେହିଭଳି ହେବ ଯେପରି ଉପରେ ବର୍ଣ୍ଣନା କରାଯାଇଛି ।

ନର ସେ ଫିର ପୀଛେ ତୂ ପଶୁଓ୍ୱା କୀଜୈ, ଗଧା ବେଲ୍ ବନାଇ ।
ଛପନ ଭୋଗ କହାଂ ମନ ବୌରେ, କୁର୍‌ଡ଼ୀ ଚରନେ ଯାଇ ।

କିଛି ବ୍ୟକ୍ତି କହିଥାନ୍ତି ଯେ "ଯାହା ହେବ ଦେଖା ଯିବ" । ସେମାନଙ୍କୁ ନିବେଦନ ଯେ ଗଧ ହୋଇ ସାରିବା ପରେ ଆପଣ କ'ଣ ଦେଖିବେ, ସେତେବେଳେ ତ ଆପଣଙ୍କୁ କୁମ୍ଭାର ଦେଖିବ । ଏହି ପ୍ରକାରର ପ୍ରବଚନ ସତସଙ୍ଗରେ ଅବଶ୍ୟ କୁହା ଯାଇଥାଏ ।

ଘରେ କେହି ନ ଥିଲେ, ତାଲା ପଡ଼ିଥିଲା । ତେଣୁ ସେହି ମଦୁଆ ଆସି ସତସଙ୍ଗରେ ବସିଲା । କିଛି ସମୟ ପରେ ତା ନିଶା ଛାଡ଼ିଗଲା, ତେଣୁ ଭଲରେ ସତସଙ୍ଗ ଶୁଣିବାକୁ ଲାଗିଲା । ସେହିଦିନଠାରୁ ସେ କେବେ ବି ମଦ୍ୟପାନ ଓ କୌଣସି ନିଶା ସେବନ କଲା ନାହିଁ । ନିଜେ ଦୀକ୍ଷା ନେବା ସହିତ ପରିବାରର ସମସ୍ତଙ୍କୁ ଦୀକ୍ଷା ଦିଆଇଲା । ଆମ୍ଭେ (ଲେଖକ ତଥା ସତସଙ୍ଗକୁ ଯାଇଥିବା କେତେକ ଭକ୍ତ) ସକାଳେ ଗାଁ ବାହାରକୁ ବୁଲିବାକୁ ଯିବା ରାସ୍ତାରେ ସେହି ବ୍ୟକ୍ତି (Airport ରେ ଚାକିରୀ କରିଥିବା ବ୍ୟକ୍ତି)ର ଘର ପଡିଲା । ସେହି ରାସ୍ତାରେ ତା'ର ମାଆ ଛିଡ଼ା ହୋଇଥିଲେ । ସେ କହିଲେ ଯେ ମହାରାଜଜୀ ! ଆମ୍ଭ ଘରେ ଚାହା ପିଇକରି ଯିବେ । ଗ୍ରାମର ଅନ୍ୟ ଭକ୍ତମାନେ କହିଲେ, ତାଙ୍କ ଘରକୁ ନିଶ୍ଚୟ ଚାଲନ୍ତୁ, ଏହି ପରିବାରଟି ବରବାଦ୍ ହୋଇଯାଇଛି । ସାଧୁ-ସନ୍ତଙ୍କ ପାଦ ପଡ଼ିଲେ ଘର ପବିତ୍ର ହୋଇଯାଏ । ଆମ୍ଭେ ସମସ୍ତେ ତାଙ୍କ ଘରକୁ ଗଲୁ । ଆମ୍ଭେ ମୋଟ ପାଞ୍ଚଜଣ ଥିଲୁ । ଅଗଣାରେ ଖଟିଆ ପଡ଼ିଥିଲା । ମଇ ମାସର ସମୟ, ଅଗଣାରେ ଗଛ ଛାଇ ପଡିଥାଏ । ସେହି ମାଆ ନିଜ ବୋହୂକୁ କହିଲେ, ଝିଅ ! ଚାହା କର । ବୋହୂଟି ଚୂଲି ଜଳାଇ, ଡ଼େକ୍‌ଚିରେ ପାଣି ଢ଼ାଳି, ଚାହା କରିବା ଆରମ୍ଭ କରିଦେଲା । ଅଧଘଣ୍ଟା ପରେ ଆମ୍ଭେ କହିଲୁ ଯେ ଶୀଘ୍ର ଚାହା ଆଣ । ଖରା ହେଉଛି, ଆମ୍ଭଙ୍କୁ ଅନ୍ୟ ଏକ ଗ୍ରାମକୁ ସତସଙ୍ଗ କରିବା ପାଇଁ ଯିବାର ଅଛି । କିନ୍ତୁ ବୋହୂଟି ଚୁଲି ଜଳାଇ ଚାଲିଥାଏ । ଦ୍ୱିତୀୟବାର ଚାହା ମାଗିବାରୁ ସେ କାନ୍ଦିବାକୁ ଲାଗିଲା । ଗ୍ରାମର ଭକ୍ତମାନେ ଉଠିଯାଇ ଦେଖନ୍ତି ତ ଘରେ ନା ଚିନି ଅଛି, ନା ଚାହା ପତି ନା କ୍ଷୀର ଅଛି । ସେହି ବ୍ୟକ୍ତିର ମାଆ ମଧ୍ୟ କାନ୍ଦିବାକୁ ଲାଗିଲେ ଓ କହିଲେ ମହାରାଜ ! ବରବାଦ୍ ହୋଇଯାଇଛୁ, ରକ୍ଷା କରିବେ ତ କରନ୍ତୁ । ଦୀକ୍ଷା ନେଇ ସେହି ବ୍ୟକ୍ତି ନିଜ ସମୟ ଅନୁସାରେ ଡ଼ୁୟୁଟିକୁ ଚାଲି ଯାଇଥିଲା । କିଛିଦିନ ଉପରାନ୍ତ ଆମ୍ଭେ ଦିଲ୍ଲୀର ପଞ୍ଜାବଖୋଡ ଗ୍ରାମରେ ସତସଙ୍ଗ କରୁଥିଲୁ । ସେହି ବ୍ୟକ୍ତି ନିଜ ମାଆ ଓ ପତ୍ନୀଙ୍କ ସହିତ ତିନି ଝିଅଙ୍କୁ କାର୍‌ରେ ବସାଇ ସେହି ସତସଙ୍ଗକୁ ଆସିଲା । ଆଗରୁ ତାଙ୍କର ଗୋଟିଏ ପୁରୁଣା ମଟରସାଇକେଲ ଥିଲା । ପିଲାମାନେ ସମସ୍ତେ ସୁନ୍ଦର ପୋଷାକ ପିନ୍ଧିଥିଲେ । ସେମାନେ କହିଲେ ଯେ ବାପା,ଏବେ ମମ୍ମିଙ୍କ ସହିତ କେବେବି ଝଗଡ଼ା କରୁନାହାଁନ୍ତି । ସବୁ ଦରମା ଜେଜେମାଙ୍କ ହାତକୁ ଦେଉଛନ୍ତି । ଆମେ ଏବେ ସ୍ୱର୍ଗରେ ରହିବା ପରି ଲାଗୁଛି । ଜେଜେମା କହିଲେ, ସେଦିନ ଆପଣଙ୍କ ଦର୍ଶନ ମିଳିବା ପରେ ଆମ୍ଭେ ସର୍ବନାଶରୁ ବର୍ତ୍ତିଗଲୁ । ମୁଁ କହିଲି, ମାତା ! ତୁମ ପୁଅ ଖରାପ ନ ଥିଲା । କିନ୍ତୁ ଏପରି ଉତ୍ତମ ବିଚାର(ସତସଙ୍ଗ) ପୂର୍ବରୁ ସେ କେବେ ବି ଶୁଣି ନ ଥିଲା ।

ଏପରି ଉତ୍ତମ ବିଚାର(ସତସଙ୍ଗ) ପୂର୍ବରୁ ଯଦି ତାକୁ ଶୁଣିବାକୁ ମିଳିଥାନ୍ତା ତେବେ ସେ କୁକର୍ମ କରିନଥାନ୍ତା । ଏସବୁ ପରମେଶ୍ୱର କବୀରଜୀଙ୍କ କୃପାରୁ ସେଦିନ ସେ ସତସଙ୍ଗକୁ ଆସି ପାରିଥିଲା ଏବଂ ତା ଆତ୍ମାର ମଇଳା ସଫା ହୋଇଗଲା । ଆପଣଙ୍କ ପରିବାର ଏବେ ନର୍କରୁ ବାହାରି ସ୍ୱର୍ଗରେ ନିବାସ କରୁଅଛି । ପରମାତ୍ମାଙ୍କ ନିୟମ-ମର୍ଯ୍ୟାଦାରେ ରହି ଭକ୍ତି କଲେ ଦୁଃଖ-କଷ୍ଟ କେବେ ମଧ୍ୟ ଆସିବ ନାହିଁ । ଭକ୍ତି କରିବା ଜାରି ରଖିଥିବ, ଆନେକ ପିଢ଼ିର ଉଦ୍ଧାର ହୋଇଯିବ । ଏହିଭଳି ସତସଙ୍ଗ ପ୍ରଭାବରେ ମନୁଷ୍ୟର ଉଦ୍ଧାର ହୁଏ ଏବଂ ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ପ୍ରେମ ସମ୍ପର୍କ ବଢ଼ିଥାଏ । ସତସଙ୍ଗ ବିଚାର ନିଶ୍ଚୟ ଶୁଣନ୍ତୁ । ପଢ଼ନ୍ତୁ 'ଭକ୍ତି ମର୍ଯ୍ୟାଦା' ପ୍ରସଙ୍ଗ ପୃଷ୍ଠା୨୯୮ ରେ ।

''ପିତା-ମାତାଙ୍କର ସେବା ଓ ଆଦର କରିବା ଆମ୍ଭର ପରମ କର୍ତ୍ତବ୍ୟ''

ପ୍ରତ୍ୟେକ ପିତା-ମାତାଙ୍କର ଏହି ଆଶା-ଆକାଂକ୍ଷା ଥାଏ ଯେ ମୋ ସନ୍ତାନଟି ଯୋଗ୍ୟ ହେଉ । ସମାଜରେ ବଦ୍‌ନାମ ନ ହେଉ । ଉତ୍ତମ ଚରିତ୍ରଯୁକ୍ତ ହେଉ, ଆଜ୍ଞାକାରୀ ହେଉ । ବୃଦ୍ଧାବସ୍ଥାରେ ଆମ୍ଭ ସେବା କରୁ । ଆମ କଥାରେ ପରିଚାଳିତ ହେଲା ଭଳି ବୋହୁଟିଏ ଘରକୁ ଆସୁ । ସମାଜରେ ଆମର ସମ୍ମାନ ରଖୁ । ଉତ୍ତମ ବ୍ୟବହାର କରୁ । ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗ ପର୍ଯ୍ୟନ୍ତ ଏହି ମର୍ଯ୍ୟାଦାଗୁଡିକର ପାଳନ ଅତି ଉତ୍ତମ ରୂପେ ହେଉଥିଲା । ସମସ୍ତେ ସୁଖୀ ଜୀବନଯାପନ କରୁଥିଲେ । କଳିଯୁଗରେ ଏହିଭଳି ସ୍ଥିତି କିଛି ସମୟ ପର୍ଯ୍ୟନ୍ତ ଥିଲା । ମାତ୍ର ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା । ଏହି ସ୍ଥିତିରେ ସୁଧାର ଆଣିବାର ଉଦ୍ଦେଶ୍ୟ ଲେଖକ (ରାମପାଲ ଦାସ)ର ଅଟେ । ଆଶା ମଧ୍ୟ ରଖିଛି ଯେ ଭଗବାନଙ୍କ କୃପାରୁ ଜ୍ଞାନର ପ୍ରକାଶ ଦ୍ୱାରା ସବୁ ସମ୍ଭବ ହୋଇଯାଇଥାଏ, ହେଉଛି ମଧ୍ୟ, ଆଗକୁ ବି ହେବ, ମୋ ଆତ୍ମା କହୁଛି ନିଶ୍ଚେ ହେବ ।

ଝସନ୍ତାନ ପ୍ରତି ମା'ର ପ୍ରେମ :-

ଜଣେ ବାଳକର ପିତା ମୃତ୍ୟୁକୁ ପ୍ରାପ୍ତ ହୋଇଗଲେ । ବାଳକ ସେତେବେଳେ ୧୦-୧୧ବର୍ଷ ବୟସର ହୋଇଥିଲା । ମାତା ନିଜର ଏକମାତ୍ର ପୁଅର ଲାଳନପାଳନ ଅତି ଯତ୍ନର ସହିତ କରି ଉଭୟ ମାତା ଓ ପିତାର ସ୍ନେହ-ପ୍ରେମ ଦେଲେ ଯେପରି ପୁତ୍ରକୁ ବାପା ଅନୁପସ୍ଥିତିର ଦୁଃଖ ଅନୁଭବ ନ ହେଉ । ପିଲାଟି ବଡ଼ ହୋଇ ମଦ ପିଇବାରେ ଅଭ୍ୟସ୍ତ ହୋଇଗଲା ତଥା ବେଶ୍ୟା ଗମନ କରିବାକୁ ଲାଗିଗଲା । ମା'କୁ ପ୍ରତିଦିନ ଟଙ୍କା ମାଗେ ଏବଂ ଲଫଙ୍ଗାମି କରି ଉଡ଼ାଇ ଦିଏ । ଦିନେ ମା' ପାଖରେ ପଇସା ନଥିଲା । ମଦ ନିଶାରେ ମା'କୁ ପିଟିଲା ଏବଂ ବେଶ୍ୟା ପାଖକୁ ଗଲା । ସେଦିନ ଟଙ୍କା ନଥିଲା ତେଣୁ ବେଶ୍ୟା କହିଲା ଯେ ନିଜ ମା'ର ହୃଦୟ କାଢ଼ିଆଣ । ଏହା ଶୁଣି ସେ ଘରକୁ ଫେରିଆସିଲା, ମା' ବେହୋଶ ଅବସ୍ଥାରେ ପଡ଼ିଥିଲା । ଛୁରୀ ଦ୍ୱାରା ମା' ହୃଦୟକୁ ବାହାର କରି ଚାଲିଲା ବେଶ୍ୟା ପାଖକୁ । ନିଶାସକ୍ତ ଅବସ୍ଥାରେ ଝୁଣ୍ଟିବାରୁ ତଳେ ପଡ଼ିଗଲା । ହଠାତ୍ ମା' ହୃଦୟରୁ ଶବ୍ଦ ବାହାରି ଆସିଲା ପୁଅ ! ତୋତେ ଆଘାତ ଲାଗିନାହିଁ ତ ?

ମଦ ନିଶାରେ ଶୈତାନ୍ ପାଲଟି ଯାଇଥିବା ପୁଅ ମା'ର ହୃଦୟ ନେଇ ବେଶ୍ୟା ପାଖରେ ପହଞ୍ଚିବା ପରେ ବେଶ୍ୟା କହିଲା, ତୋ ନିଜ ମା'ର ତୁ ହିତାକାଂକ୍ଷୀ ହୋଇ ପାରିଲୁ ନାହିଁ, ମୋର କିପରି ହେବୁ ? ଅନ୍ୟ କେଉଁ ବ୍ୟକ୍ତିର ପ୍ରରୋଚନାରେ ପଡି ତୁ ମୋତେ ମଧ୍ୟ ମାରିଦେବୁ । ଏବେ ତୋ ଠାରୁ ସମସ୍ତ ସମ୍ପର୍କ ମୁଁ ଛିନ୍ନ କରିବାକୁ ଚାହୁଁଛି କାରଣ ଏବେ ତୁ ନିର୍ଧନ ହୋଇଯାଇଛୁ, ମୋର କୌଣସି କାମରେ ତୁ ଆଉ ଆସିବୁ ନାହିଁ, ତେଣୁ ଏହିପରି ସର୍ତ୍ତ ଜାଣିଶୁଣି ତୋ ସମ୍ମୁଖରେ ମୁଁ ରଖିଥିଲି ଯେ ନିଜ ମା' ହୃଦୟ ତୁ କେବେ କାଢି ପାରିବୁ ନାହିଁ କାରଣ ସେ କୌଣସି ବସ୍ତୁ ଦେବା ପାଇଁ ତୋତେ ମନା କରିନାହାଁନ୍ତି । ଆରେ ଶୈତାନ୍ ! ଚାଲିଯା ମୋ ଆଖି ସମ୍ମାରୁ । ଏହା କହି ବେଶ୍ୟା ତାକୁ ଧକ୍କା ଦେଇ ଘର ବାହାରକୁ ବାହାର କରି କବାଟ ଦେଇଦେଲା । ସେହି ଶୈତାନ୍ ଘରକୁ ଫେରି ଆସି ମା'ର ଶବ ଉପରେ ବିଳାପ କରି କହିବାକୁ ଲାଗିଲା, ମା' ! ପାରିଛୁ ଯଦି ଭଗବାନଙ୍କ ଦରବାରରେ ମୋତେ ବଞ୍ଚାଇଦେ । ପୁଣି ସେହି ଶବ୍ଦ ଶୁଣିବାକୁ ମିଳିଲା ଯେ ପୁଅ ! କିଛି ହୋଇ ନାହିଁ, ବାସ୍ ମୁଁ ତୋ ଖୁସି ଦେଖିବାକୁ ଚାହୁଁଛି । ସେତେବେଳକୁ ନଗରବାସୀ

ଆସି ଥାନାରେ ଖବର ଦେଇ ଦେଇଥିଲେ । ସେହି ଅପରାଧୀକୁ ଫାଶୀଦଣ୍ଡ ଦିଆଗଲା ।

ଫାଶୀଖୁଣ୍ଟରେ ଚଢ଼ିବା ପୂର୍ବରୁ ରାଜା ତା'ର ଶେଷ ଇଚ୍ଛା ଜାଣିବାକୁ ଚାହିଁଲେ । ସେ କହିଲା ଯେ କିଛି ନଗରବାସୀଙ୍କୁ ଏଠାକୁ ଡ଼କାଯାଉ, ମୁଁ ମୋ କୃତକର୍ମ ବିଷୟରେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି । ନଗରବାସୀ ଆସିଲେ । ନିଜେ କରିଥିବା ଅପରାଧ ସେ ସ୍ୱୀକାର କଲା ଏବଂ କହିଲା ଯେ ମୁଁ ଉପରୋକ୍ତ କୁକର୍ମ ସବୁ କରିଛି । ମୋ ମା'ର ଆତ୍ମା ଅନ୍ତିମ ସମୟ ପର୍ଯ୍ୟନ୍ତ ମୋତେ ସୁଖି ରହିବାର କାମନା କରିଥିଲା କିନ୍ତୁ ନିଶା ମୋତେ ଶୈତାନ୍ କରିଦେଲା । ମୁଁ ବେଶ୍ୟା ଗମନକରି ସମାଜକୁ କଳୁଷିତ କରିଛି । ଆପଣମାନେ ମୋଠାରୁ ଶିକ୍ଷା ନିଅନ୍ତୁ । ମୁଁ ଯେଉଁଭଳି ମୋ ମାଆଙ୍କୁ ଅଶାନ୍ତି କରି ଘୋର ପାପ କରିଛି, ଆପଣମାନେ ଆଦୌ ସେଭଳି କରିବେ ନାହିଁ । ନିଜ ସ୍ତ୍ରୀ ଯେତେ ଶାନ୍ତ-ସରଳ ହୋଇଥାଉନା କାହିଁକି ସଂସାରରେ ମାଆ ପରି ଦୁଃଖର ସାଥୀ ହୋଇପାରିବ ନାହିଁ । ମାଆ ନିଜ ପୁଅ-ଝିଅଙ୍କୁ ଏତେ ସ୍ନେହ କରିଥାଏ ଯେ ଶୀତ ଦିନେ ପିଲା ଯଦି ବିଛଣାରେ ପରିଶ୍ରା କରିଦିଏ ତେବେ ସେ ନିଜେ ସେହି ମୂତ୍ରଭିଜା ଥଣ୍ଡା ବସ୍ତ୍ରରେ ଶୋଇପଡ଼େ କିନ୍ତୁ ପିଲାଙ୍କୁ ଶୁଖିଲା ବିଛଣାରେ ଶୁଆଇଥାଏ । ଯଦି ପିଲାଟି ଭୋକରେ କାନ୍ଦେ ତେବେ ଖାଇବା ଛାଡ଼ି ଦେଇ ପିଲାକୁ ପ୍ରଥମେ ନିଜର କ୍ଷୀର ପିଆଇ ଶାନ୍ତ କରିଥାଏ ।

''ପିଲାମାନଙ୍କର ଭୁଲକୁ ପିତା ଯଥା ସମ୍ଭବ କ୍ଷମା କରିଦିଅନ୍ତି''

ପରମାତ୍ମା କବୀରଜୀ କହିଛନ୍ତି ଯେ ପିତା ନିଜ ପୁତ୍ର-ପୁତ୍ରୀଙ୍କର ସମସ୍ତ ଅପରାଧ କ୍ଷମା କରିଦିଅନ୍ତି:-

ଅବଗୁଣ ମେରେ ବାପ ଜୀ, ବକ୍ସୋ ଗରୀବ ନୱାଜ ।
ଜୋ ମେ ପୁତ - କପୁତ ହୁଁ, ତୋ ଭୀ ପିତା କୋ ଲାଜ ॥

ଶବ୍ଦାର୍ଥ:-ପରମାତ୍ମା ସର୍ବ ପ୍ରାଣୀଙ୍କର ପିତା ଅଟନ୍ତି । ପିତାଙ୍କର ବିଶେଷତା ହେଉଛି ଯେ ଯଦି ନିଜ ପୁତ୍ର-କନ୍ୟା ଅଜ୍ଞାନବଶତଃ ଭୂଲ କରି ପିତାଙ୍କୁ କ୍ଷମା ମାଗିଥାନ୍ତି ଓ ଆଉ କେବେବି ଭବିଷ୍ୟତରେ ଭୁଲ କରବେ ନାହିଁ କହିଥାନ୍ତି ତେବେ ପିତା ସେମାନଙ୍କୁ ସଙ୍ଗେ ସଙ୍ଗେ କ୍ଷମା କରିଦେଇଥାନ୍ତି । ତେଣୁ ଭକ୍ତ ସଦା ପରମାତ୍ମାଙ୍କ ନିକଟରେ ବିନତି କରିଥାଏ ଯେ ହେ ଦୀନଦୟାଳୁ! ଆପଣ ସମସ୍ତଙ୍କର ପିତା ଅଟନ୍ତି । ତେଣୁ ଆପଣ ପିତା ହିସାବରେ ମୋର ଅବଗୁଣ (ଅପରାଧ)ଗୁଡ଼ିକୁ କ୍ଷମା କରିଦିଅନ୍ତୁ । ମୁଁ ଅକର୍ମା ପୁତ୍ର ହୋଇଥିଲେ ବି ଆପଣ ପିତାର କର୍ତ୍ତବ୍ୟ ପାଳନ କରି ମୋତେ କ୍ଷମା କରିଦିଅନ୍ତୁ ।

➤ରାମଭକ୍ତ ନାମକ ଜଣେ ବ୍ୟକ୍ତିର ପତ୍ନୀଙ୍କର ମୃତ୍ୟୁ ହୋଇଗଲା । ସେତେବେଳେ ତାଙ୍କ ପୁଅକୁ ତିନିବର୍ଷ ହୋଇଥିଲା । ସେହି ବ୍ୟକ୍ତିର ସମ୍ପର୍କୀୟ ବନ୍ଧୁ ସହିତ ଏଭଳି ଏକ ଘଟଣା ଘଟିଥିଲା ଯାହା ତାକୁ ମାନସିକ ସ୍ତରରେ ଦୋହଲାଇ ଦେଇଥିଲା । ଘଟଣାଟି ଏହି ପ୍ରକାରେ ଅଟେ:-

ରାମଭକ୍ତର ମାମୁଁ, ତାଙ୍କ ଭଉଣୀ ଅର୍ଥାତ ରାମଭକ୍ତର ମାଆଙ୍କଠାରୁ ପ୍ରାୟ ଦଶବର୍ଷ ବଡ଼ ଥିଲେ । ମାମୁଁଙ୍କର ଦୁଇ ପୁତ୍ର ଥିଲେ । ରାମଭକ୍ତର ମାଇଁଙ୍କର ମୃତ୍ୟୁ ହୋଇଗଲା । ମାମୁଁ ଦ୍ୱିତୀୟ ବିବାହ କଲେ । ଦ୍ୱିତୀୟ ସ୍ତ୍ରୀଙ୍କର ଏକ ପୁତ୍ର ହେଲା । ଦ୍ୱିତୀୟ ସ୍ତ୍ରୀ, ପ୍ରଥମ ସ୍ତ୍ରୀଙ୍କ ପୁତ୍ରଙ୍କୁ ଈର୍ଷା କରିବାକୁ ଲାଗିଲା । ସେ ମନେ ମନେ ଚିନ୍ତା କଲା ଯେ ୧୫ ଏକର ଜମି ଅଛି । ତିନି ଭାଗରେ ବଣ୍ଟା ହେବ । ତେଣୁ ସେ ସାବତ ପୁଅ ଦୁଇଜଣଙ୍କୁ କ୍ଷୀର ଓ ଖାଦ୍ୟରେ କାଚଗୁଣ୍ଡ ମିଶାଇ ଖୁଆଇ ଦେଲା, ଯାହାଦ୍ୱାରା ସେମାନେ ଧିରେ ଧିରେ ଅସୁସ୍ଥ ହୋଇ ମୃତ୍ୟୁବରଣ କଲେ । ଡ଼ାକ୍ତର କହିଲେ, ପିଲାମାନେ କାଚ ଖାଇଦେଇଛନ୍ତି ଯେଉଁଥିପାଇଁ ସେମାନଙ୍କର ମୃତ୍ୟୁ ହୋଇଗଲା । ଦିନେ ସେହି ସ୍ତ୍ରୀ ନିଜ ପଡ଼ୋଶୀକୁ ନିଜେ କରିଥିବା ସମସ୍ତ କର୍ମ ବିଷୟରେ କହିଲା, ମୁଁ ଏହିଭଳି କାର୍ଯ୍ୟ ଗୁପ୍ତଭାବେ କରିଛି । ମୋ ପୁଅକୁ ସମସ୍ତ ପନ୍ଦର ଏକର ଜମି ମିଳିଗଲା । ସେହି ପଡ଼ୋଶୀ ସ୍ତ୍ରୀ ଲୋକଟି ମୋ ମାମୁଁଙ୍କୁ ସବୁ କଥା କହିଦେଲା । ମାମୁଁ, ମାଇଁଙ୍କୁ ବହୁତ ସ୍ନେହ କରୁଥିଲେ ଏବଂ ତାଙ୍କ ଉପରେ ବହୁତ ବିଶ୍ୱାସ କରୁଥିଲେ । ତେଣୁ ପଡ଼ୋଶୀଙ୍କ କଥାରେ ତାଙ୍କୁ ବିଶ୍ୱାସ ହୋଇନଥିଲା । ଦିନେ

ମାଇଁ ତାଙ୍କ ନିଜ ଭାଇକୁ କହୁଥିଲେ ଯେ ମୁଁ ଏହିଭଳି କାମ କରିଛି । ତେଣୁ ତୋ ଭଣଜାକୁ ସମସ୍ତ ପନ୍ଦର ଏକର ଜମି ମିଳିଗଲା । ଏହି କଥାକୁ ମାମୁଁ ଝରକା ଆରପଟେ ଛିଡାହୋଇ ଶୁଣୁଥିଲେ । ମାଇଁଙ୍କ ଭାଇ କହିଲେ, ଭଉଣୀ ! ତୁ ବହୁତ ବଡ଼ ଅନ୍ୟାୟ କରିଦେଇଛୁ । ଏହି ପାପକୁ ତୁ କେଉଁଠି ଲୁଚାଇବୁ ? ଆଜିଠାରୁ ମୁଁ ତୋ ମୁଁହ ଚାହିଁବି ନାହିଁ, କି ଏଠାକୁ ଆସିବି ନାହିଁ । ମାମୁଁଙ୍କ ମୁଣ୍ଡରେ ଚଡକ ପଡିଲା ପରି ଲାଗିଲା । ସେ ଘର ତ୍ୟାଗ କରି ନିଜ ଭଉଣୀ ଅର୍ଥାତ ଆମ (ରାମଭକ୍ତ) ଘରକୁ ଚାଲିଆସି ଜୀବନ ଅତିବାହିତ କରିବାକୁ ଲାଗିଲେ । କିଛି ବର୍ଷ ପରେ ମାଇଁଙ୍କର ସେହି ଏକମାତ୍ର ପୁଅଟି ମଧ୍ୟ ମରିଗଲା । ମାଇଁ ମଧ୍ୟ ଅନ୍ୟ କାହା ସହିତ ପଳାଇଗଲେ । କିଛିଦିନ ପରେ ଜଣାପଡିଲା ଯେ ସେହି ବ୍ୟକ୍ତି ମାଇଁଙ୍କର ସମସ୍ତ ଗହଣାଗାଣ୍ଠି ଛଡ଼େଇ ନେଇ, ତାଙ୍କୁ ମାରି କୂଅରେ ଫିଙ୍ଗିଦେଇଛି । ପୋଲିସ ତଦନ୍ତ ପରେ ସେହି ବ୍ୟକ୍ତିକୁ ଫାଶୀଦଣ୍ଡ ଦିଆଗଲା । ମହାଭାରତ ଭଳି ଏହି ସର୍ବନାଶକାରୀ କାହାଣୀକୁ ମନେ ପକାଇ ରାମଭକ୍ତ ନିଜ ମାମୁଁଙ୍କ ପରି ଦ୍ୱିତୀୟ ବିବାହ କଲା ନାହିଁ । ପୁଅଟିକୁ ସବୁବେଳେ ନିଜ ପାଖେ ପାଖେ ରଖେ । ହଳ କରୁଥିବା ସମୟରେ ପୁଅକୁ କାନ୍ଧରେ ବସାଇ ବୁଲୁଥିଲା । ଥକିଗଲା ପରେ ପୁଅକୁ ଗଛ ତଳେ ଶୁଆଇ ଦେଉଥିଲା । ନିଜେ ଖାଦ୍ୟ ରାନ୍ଧେ, ପୁଅକୁ ଗାଧୋଇଦିଏ ଓ ଲୁଗାପଟା ନିଜେ ସଫା କରେ । ଏମିତି କିଛି ବର୍ଷ ପରେ ପୁଅଟି ଯୁବକ ହୋଇଗଲା । ପୁଅର ବିବାହ କରାଇଦେବା ପରେ ବି ସମସ୍ତ କାର୍ଯ୍ୟ ସେ ନିଜେ କରୁଥିଲେ । ପୁଅ ମଧ୍ୟ କାମରେ ସାହାଯ୍ୟ କରୁଥିଲା, ମାତ୍ର କଠିନ କାର୍ଯ୍ୟ ସେ ନିଜେ ହିଁ କରୁଥିଲେ । ବୃଦ୍ଧାବସ୍ଥା ନିକଟତର ହେଲା ପରେ କୌଣସି କାମ-କାର୍ଯ୍ୟ କରିବା ପାଇଁ ଆଉ ସକ୍ଷମ ହେଲା ନାହିଁ । ଶଶୁରର ଭରଣପୋଷଣ ପୁତ୍ରବଧୂକୁ ଅଜଥା ଖର୍ଚ୍ଚ ଭଳି ଲାଗିଲା । ଯେଉଁଥିପାଇଁ ସେ ନିଜ ଶ୍ୱଶୂରକୁ ସୁଖିଲା ବାସି ରୁଟି ଖାଇବାକୁ ଦେବାକୁ ଲାଗିଲା । ପେଟପୁରା ଭୋଜନ ମଧ୍ୟ ଦେଉନଥିଲା । ପୁଅ ପଚାରୁଥିଲା ଯେ ବାପା ! ତୁମ ସେବା ଠିକରେ ଚାଲିଛି ତ । ବାପା କହୁଥିଲେ, ହଁ ପୁଅ ! କୌଣସି ଅସୁବିଧା ନାହିଁ । ବଡ଼ ଭାଗ୍ୟବତୀ ବହୁ ଆସିଛି । ମୋର ବିଶେଷ ଯତ୍ନ ନେଉଛି । ବାପ ପୁଅ କାଥା ହେବା ସମୟରେ ଏସବୁ କଥା ବହୁ ମଧ୍ୟ ଶୁଣେ । ମୋ ସ୍ୱାମୀକୁ ଏସବୁ ବିଷୟରେ କିଛି ଜଣା ନାହିଁ, ବୁଢ଼ା ମଧ୍ୟ ମୋ ଚତୁରାମିକୁ ଜାଣି ପାରୁନାହିଁ । ଏ କଥା ଭାବି ଶ୍ୱଶୁରକୁ ଅଧିକ ହଇରାଣ କରେ । ଦିନେ ପୁଅ ଦେଖିଲା ଯେ ବାପାଙ୍କୁ ଠିକ୍‌ରେ ଭୋଜନ ମିଳିନାହିଁ । ସ୍ତ୍ରୀକୁ ପଚାରିଲା । ସ୍ତ୍ରୀ ଧୃତତାପୂର୍ଣ୍ଣ ବ୍ୟବହାର କରି କହିବାକୁ ଲାଗିଲା ଯେ ଘରର ରୋଜଗାର ଦେଖି ଖିଆ-ପିଆରେ ଖର୍ଚ୍ଚ କରାଯାଇଥାଏ । ଆପଣଙ୍କୁ ଘର ଚିନ୍ତା ନାହିଁ, ପରିବାର ଚଳାଉଛି ମୁଁ । ମୋତେ ଜଣା ଅଛି ଖର୍ଚ୍ଚ କେମିତି କରାଯାଏ । ଦିନେ ମୁଣ୍ଡ ବୁଲାଇ ହେବାରୁ ବୁଢା ତଳେ ପଡ଼ିଗଲା, ଗୋଡ଼ ଭାଙ୍ଗିଗଲା । ପେଟପୁରା ଭୋଜନ ନ ମିଳିବାରୁ ଶରୀର ଦୁର୍ବଳ ହୋଇଯାଇଛି ବୋଲି ବୈଦ୍ୟ କହିଲେ । ଅଧ-ଅଧ ଲିଟର ହିସାବରେ ଦିନକୁ ଦୁଇଥର କ୍ଷୀର ପିଇବାକୁ ଦିଅ । ତାଜା ଭୋଜନ ଖୁଆଅ । ଏକଥା କହି ବୈଦ୍ୟ ଚାଲିଗଲା ପରେ ବୋହୂ କହିଲା ଯେ ଏମିତି ଖାଇଲେ ତ ଘର-ବାଡି ବିକ୍ରି ହୋଇଯିବ । ଏକଥା ସ୍ୱାମୀ ଅର୍ଥାତ୍ ପୁଅକୁ ମଧ୍ୟ ପସନ୍ଦ ଲାଗିଲା । ତେଣୁ ବୁଢ଼ାର କୌଣସି ଦାୟିତ୍ୱ ନେଲା ନାହିଁ । ବୁଢ଼ାର ଗୋଡ଼ ଭାଙ୍ଗିବା କଥା ଶୁଣି ବୁଢ଼ାର ଶ୍ୱଶୂର ଘର ଲୋକେ ଦେଖିବାକୁ ଆସିଲେ । ସେମାନେ ପଚାରିଲେ ଯେ ପୁଅ-ବୋହୂ ଠିକରେ ତୁମ ସେବା କରୁଛନ୍ତି ତ ? ରାମଭକ୍ତ କହିଲା; ସେକଥା ଆଉ ପଚାର ନାହିଁ । ଭଗବାନ ଏଭଳିଆ ପୁତ୍ର ଏବଂ ପୁତ୍ରବୋଧୂ ସମସ୍ତଙ୍କୁ ଦିଅନ୍ତୁ । ଏମାନେ ମୋର କୌଣସି ଆସୁବିଧା ହେବାକୁ ଦିଅନ୍ତି ନାହିଁ । ପୂର୍ବ କର୍ମର ଫଳ ସ୍ୱରୂପ ମୋତେ ଏ ଆଘାତ ଲାଗିଛି । ସେହି ଗାଁରେ ଦୁଇ ଭଉଣୀଙ୍କର ବିବାହ ହୋଇଥିଲା । ରାମଭକ୍ତଙ୍କ ସହିତ ଜଣଙ୍କର ବିବାହ ହୋଇଥିଲା, ଆଉ ଜଣଙ୍କର ବିବାହ ପଡୋଶୀ ଘରେ ହୋଇଥିଲା । ରାମଭକ୍ତଙ୍କ ଶ୍ୱଶୂର ଘର ଲୋକେ ଯେତେବେଳେ ସେହି ଗାଁରେ ବିବାହ ଦେଇଥିବା ତାଙ୍କର ଅନ୍ୟ ଝିଅଟି ଘରକୁ ଗଲେ ତ ଖବର ମିଳିଲା ଯେ ରାମଭକ୍ତ ବୁଢ଼ାର କୌଣସି ସେବାଶୁଶ୍ରୁଷା ଠିକ୍‌ରେ ହେଉନାହିଁ । ପୁଅ ମଧ୍ୟ ଅକର୍ମା । ଏକଥା ଶୁଣି ଶ୍ୱଶୂର ଘର ଲୋକଙ୍କର ଆଦୌ ବିଶ୍ୱାସ ହେଲା ନାହିଁ । କାରଣ

ରାମଭକ୍ତର ନିଜ ମୁଖରୁ ସେମାନେ ଶୁଣି ଆସିଥିଲେ ଯେ ପୁଅ-ବୋହୂ ସେବାରେ କୌଣସି ଅବହେଳା କରୁନାହାଁନ୍ତ ବୋଲି । କିଛି ସମୟ ପରେ ସେମାନେ ପୁନର୍ବାର ରାମଭକ୍ତ ଘରକୁ ଯାଇ ଦେଖନ୍ତି ତ ବାସି ରୁଟିକୁ ସେ ପାଣିରେ ଭିଜାଇ ଖାଉଥିଲେ । ଏହି ଦୃଶ୍ୟ ଦେଖି ସେମାନଙ୍କୁ କାନ୍ଦ ଲାଗିଥିଲା । ପୁଅକୁ ଡ଼କାଇଲେ କହିଲେ, ତୋତେ ଟିକେ ଲାଜ ଲାଗୁନାହିଁ ? ଜାଣିଛୁ ତୁ, କେମିତି ପାଳି-ପୋଷି ତୋତେ ସେ ବଡ଼ କରିଛନ୍ତି । ଏହି ସମୟରେ ପୁତ୍ର ବଧୂ ମଧ୍ୟ ସେଠାକୁ ଆସିଗଲେ । ଉଭୟ କହିଲେ ଯେ ଆମେ ଏହି ଭଳି ହିଁ ସେବା କରିବୁ । ରାମଭକ୍ତ କହିଲେ, ଆପଣମାନେ ଯାଆନ୍ତୁ, ମୋ ଘରେ ଆଦୌ ଝଗଡ଼ା କରାନ୍ତୁ ନାହିଁ । ମୋ ଭାଗ୍ୟରେ ଯାହା ଅଛି ତାହା ହିଁ ମିଳୁଛି । ମୋ ପୁଅକୁ ଦୁଃଖୀ ଅବସ୍ଥାରେ ମୁଁ ଦେଖି ପାରିବି ନାହିଁ । ରାମଭକ୍ତର ପିଉସୀ ପୁଅ ରାମନିବାସ ସତସଙ୍ଗୀ ବ୍ୟକ୍ତି ଥିଲେ । ସେ ରାମଭକ୍ତକୁ ଅନେକଥର କହିଛନ୍ତି ଯେ ଆପଣ ସମୟ ବାହାରକରି ଭଗବାନଙ୍କର ଭକ୍ତି କରନ୍ତୁ । ସନ୍ତ-ମାହାତ୍ମାଙ୍କ ସତସଙ୍ଗ ଶୁଣିବା ପାଇଁ ମୋ ସହିତ ଚାଲନ୍ତୁ । ରାମଭକ୍ତ କହୁଥିଲେ ଯେ ମୁଁ ମୋ ପୁଅ ପାଇଁ ପୂଜା କରିବି, ସେ କିପରି ସୁଖରେ ରହିବ ଏହା ହିଁ ମୋର ଇଚ୍ଛା ଅଟେ । ପିଉସୀ ପୁଅ କହିଲେ ଯେ ପୁଅର ପୂଜା ସମ୍ପୂର୍ଣ୍ଣ ହୋଇସାରିଛି, ଏବେ ମଧ୍ୟ ସମୟ ଅଛି, ସତ୍‌ଭକ୍ତି କରି କିଛି ପୁଣ୍ୟ ଅର୍ଜନ କର । ତଥାପି କହୁଥାଏ ଯେ ପୁଅ-ବୋହୂଙ୍କ ମୁହଁ ଚାହିଁ ବଞ୍ଚିବି । ବହୁତ ବୁଝାଇବା ପରେ ନିଜ ପିଉସୀ ପୁଅ ରାମନିବାସ ସହିତ ସତସଙ୍ଗକୁ ଗଲା । ତା' ପରେ ରାମନିବାସ ନିଜ ଘରକୁ ତାଙ୍କୁ ନେଇଯାଇ ଔଷଧ ବ୍ୟବସ୍ଥା କରାଇଲେ, ଭଲ ଖାଦ୍ୟ ଖୁଆଇଲେ । ନିଜ ପାଖରେ କିଛି ମାସ ରଖିଲେ । ରାମଭକ୍ତ, ଭକ୍ତିରେ ବହୁତ ଦୃଢ଼ ହୋଇଗଲେ । ଘରକୁ ଯାଇ ପିଲାଙ୍କୁ କହିଲେ ଯେ ପୁଅ-ବହୁ(ପୁତ୍ରବଧୂ) ! ଆଜି ପର୍ଯ୍ୟନ୍ତ ମୁଁ ଆପଣମାନଙ୍କୁ କିଛି ମାଗିନାହିଁ । ଆଜି ଏହି ଭିକ୍ଷା ମାଗୁଛି । ଆପଣମାନେ ମୋ ସହିତ ଥରେ ସତସଙ୍ଗକୁ ଚାଲନ୍ତୁ । ସେମାନେ କହିଲେ, ଘରେ ଗାଈଗୋରୁ ଓ ପିଲାମାନଙ୍କୁ କିଏ ସମ୍ଭାଳିବ ? ରାମଭକ୍ତ କହିଲା, ପୁଅ ଘରେ ରହିଥାଉ, ବୋହୂ ଓ ନାତି-ନାତୁଣୀମାନେ ! ମୋ ସହିତ ଚାଲନ୍ତୁ । ଏହା ହିଁ ହେଲା । ଯେତେବେଳେ ବୋହୂ ସତସଙ୍ଗ ଶୁଣିଲେ, ସେଠାରେ ଦେଖିବାକୁ ପାଇଲେ ଯେ ସେଠାକୁ ଆସୁଥିବା ଭକ୍ତମାନଙ୍କର ସେବା, ପୁରୁଣା ଭକ୍ତ-ଭକ୍ତମତିମାନେ ଏଭଳି ଭାବରେ କରୁଥିଲେ ଯେପରି ବିଶିଷ୍ଟ ଅତିଥିମାନେ ଘରକୁ ଆସିଲେ କରାଯାଏ । ବୃଦ୍ଧ, ରୋଗୀ, ବିକଳାଙ୍ଗ ଶ୍ରଦ୍ଧାଳୁମାନଙ୍କର ମଧ୍ୟ ବିଶେଷ ଭାବରେ ସେବା କରୁଥିଲେ । ସତସଙ୍ଗରେ ଏହା କୁହାଯାଇଥାଏ ଯେ ଜୀବ ପ୍ରତି ଦୟା କଲେ ପରମାତ୍ମା ପ୍ରସନ୍ନ ହୋଇଥାନ୍ତି । ଦୁଃଖୀ ଓ ଅସହାୟମାନଙ୍କର ସହାୟତା କରିବା ମନୁଷ୍ୟର ପରମ କର୍ତ୍ତବ୍ୟ ଅଟେ ।

ଦୟା-ଧର୍ମ କା ମୂଳ ହେ, ପାପ ମୂଳ ଅଭିମାନ । କହେ କବୀର, ଦୟାବାନ କେ ପାସ ରହେ ଭଗବାନ ।

ଭାବାର୍ଥ:- ଧର୍ମ ସେହି ବ୍ୟକ୍ତି କରିଥାଏ ଯାହା ହୃଦୟରେ ଦୟା ଥାଏ । ଧର୍ମର ମୂଳ ହେଉଛି ଦୟା ଏବଂ ପାପ ସେହି କରିଥାଏ ଯାହା ମନରେ ଅଭିମାନ ଭର୍ତ୍ତି ହୋଇ ରହିଥାଏ । ପାପର ମୂଳ ହେଉଛି ଅଭିମାନ । କବୀର ପରମାତ୍ମା କହିଛନ୍ତି ଯେ ଦୟାବାନ ବ୍ୟକ୍ତି ସହିତ ପରମାତ୍ମା ସର୍ବଦା ରହିଥାନ୍ତି । ଅଭିମାନୀଙ୍କ ପାଖରେ ରୁହନ୍ତି ନାହିଁ ।

ଭକ୍ତ ରାମଭକ୍ତର ପୁତ୍ରବଧୂ ଯେଉଁ ଭକ୍ତମତିଙ୍କ ପାଖରେ ବସିଥିଲେ ସେ କହିଲେ, ଭଉଣୀ ! ଆପଣ ମଧ୍ୟ କିଛି ସେବା କରନ୍ତୁ ।

"ସତସଙ୍ଗ ବଚନ":- ଗୁରୁଦେବ କୁହନ୍ତି ଯେ ଯିଏ ସେବା-ଭକ୍ତି କରିବ, ତାକୁ ହିଁ ଫଳ ପ୍ରାପ୍ତି ହେବ । ମୁଁ ଭୋଜନ କଲେ ମୋ ପେଟ ପୁରିବ, ଆପଣ ଭୋଜନ କଲେ ଆପଣଙ୍କ ପେଟ ପୁରିବ । ସମସ୍ତ ପ୍ରାଣୀ ପରମାତ୍ମାଙ୍କର ସନ୍ତାନ ଅଟନ୍ତି । ଆପଣ ନିଜକୁ ସେହି ପରମ ଧନୀଙ୍କର ସନ୍ତାନ ଭାବି ସେବା କରନ୍ତୁ । ଯେପରି ଜଣେ ଧନୀ ବ୍ୟକ୍ତିଙ୍କର ଏକ ୭-୮ ବର୍ଷ ବୟସର ଝିଅଟିଏ ଥିଲା । ତା'ର ଦେଖାଶୁଣା କରିବା ପାଇଁ ଜଣେ ଚାକରାଣୀ ରଖିଥିଲେ । ଚାକରାଣୀ ସେହି ଝିଅଟିକୁ ଗ୍ରୀଷ୍ମ ଦିନେ ସ୍କୁଲକୁ ଛାଡ଼ିବାକୁ ଯାଉଥିବା ସମୟରେ ଛତା ଧରି ଝିଅର ମୁଣ୍ଡ ଉପରେ ଛାଇ କରି

ଚାଲିଥାଏ, ନିଜେ କିନ୍ତୁ ଖରା ସହ୍ୟ କରିଥାଏ । ଏହା ଦେଖି ଧନୀ ବ୍ୟକ୍ତି, ଚାକରାଣୀ ଉପରେ ଖୁସି ହୋଇ ଉପହାର ଦେଉଥିଲେ । ଆପଣମାନେ ଏହି କଥାକୁ ବିଚାର କରି ନିଜ-ପର ଉଭୟଙ୍କ ପ୍ରତି ସମାନ ଧ୍ୟାନ ରଖନ୍ତୁ । ଶାଶୁ-ଶଶୁରଙ୍କ ସେବା, ଛୋଟ-ବଡ଼ଙ୍କ ସେବା ଓ ସମସ୍ତଙ୍କର ସମ୍ମାନ କରିବା ଆପଣଙ୍କର ପରମ କର୍ତ୍ତବ୍ୟ ଅଟେ । ଯଦି ଆପଣ ନିଜ ଶାଶୁ-ଶଶୁର, ପିତା-ମାତା ବା ଅନ୍ୟ ଆଶ୍ରିତମାନଙ୍କର ସେବା କରିବେ ତେବେ ପରମାତ୍ମା ଆପଣଙ୍କ ସେବା ପାଇଁ ବ୍ୟବସ୍ଥା କରିବେ । ଆପଣ ସାଥିରେ ନିଜର ଛୋଟ-ବଡ଼ ପିଲାମାନଙ୍କୁ ମଧ୍ୟ ସତସଙ୍ଗକୁ ଧରି ଆସନ୍ତୁ । ପିଲାମାନଙ୍କୁ ମଧ୍ୟ ଛୋଟ-ବଡ଼ ମାନଙ୍କର ସେବା ତଥା ଉତ୍ତମ ବ୍ୟବହାର କରିବାର ଶିକ୍ଷା ମିଳିବ । ସେହି ପିଲାମାନେ ବଡ ହୋଇ ଆପଣମାନଙ୍କର (ବୃଦ୍ଧାବସ୍ଥାରେ) ମଧ୍ୟ ଏହିଭଳି ସେବା କରିବେ । ଯେପରି ଝିଅ ନିଜ ପିତା-ମାତାଙ୍କୁ ଛାଡ଼ି ନୂଆ ମାତା (ଶାଶୁ)-ପିତା (ଶଶୁର)ଙ୍କ ପାଖକୁ ଆସିଥାଏ, ସେପର୍ଯ୍ୟନ୍ତ ଜନ୍ମ ଦେଇଥିବା ପିତା-ମାତା ତାର ସାଥି ଥିଲେ । ସେମାନେ ତାକୁ ପାଳି ପୋଷି ନୂଆ ପିତା-ମାତାଙ୍କୁ ଦେଇଦେଲେ । ଶାଶୁ ଶଶୁରଙ୍କ କର୍ତ୍ତବ୍ୟ ହେଲା ଯେ ଆସିଥିବା ଝିଅକୁ ନିଜ ଝିଅ ଭଳି ସ୍ନେହ ଦେବା ଉଚିତ । ନୂଆ ଝିଅ ଓ ନିଜ ଜନ୍ମିତ ଝିଅ ମଧ୍ୟରେ ଭେଦଭାବ ସ୍ୱପ୍ନରେ ସୁଦ୍ଧା ନ ରଖନ୍ତୁ, ଯାହାକି କଳହର ମୂଳ କାରଣ ହୋଇଥାଏ । ପୁତ୍ରବଧୂକୁ ମଧ୍ୟ ନୂଆ ଘରର ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା ଉଚିତ । ବାପଘରେ ଅଭ୍ୟସ୍ତ ଥିବା ଚାଲିଚଳଣିରେ ପରିବର୍ତ୍ତନ ଆଣିବା ଉଚିତ । ବର୍ତ୍ତମାନ ଏହି ଶାଶୁଘର ପୁତ୍ରବଧୂର ଘର-ପରିବାର ଅଟେ ।

ଶିକ୍ଷଣୀୟ କଥା:- ଜଣେ ପୁତ୍ରବଧୂ ନିଜ ଶାଶୁକୁ ବହୁତ ଦୁଃଖରେ ରଖୁଥିଲା । ଶାଶୁକୁ ସେ ଭଙ୍ଗା ଖପରାରେ ଖାଇବାକୁ ଦେଉଥିଲା, ଯେପରି କୁକୁରକୁ ଦିଅନ୍ତି । କେତେବେଳେ କେମିତି ସେହି ଖପରାକୁ ସଫା କରୁଥିଲା । ତା' ପୁଅର ବିଭାଘର ହେଲା । କିଛି ଦିନ ପରେ ତା' ଶାଶୁର ମୃତ୍ୟୁ ହୋଇଗଲା । ସେତେବେଳେ ସେ ନିଜ ପୁତ୍ରବଧୂକୁ କହିଲା ଯେ ଏହି ଖପରାକୁ ଭାଙ୍ଗି ଫୋପାଡିଦେ । ସେହି ପୁତ୍ରବଧୂ କହିଲା, ଶାଶୁମା ! ଆପଣଙ୍କୁ ମଧ୍ୟ ଏହି ଭଙ୍ଗା ଖପରାରେ ଖାଇବାକୁ ଦେବି । ଆପଣ ନିଜ ଶାଶୁ ସହିତ ବହୁତ ଅନ୍ୟାୟ କରିଛନ୍ତି । ଏବେ ସେ ନିଜର ଭୂଲ ବୁଝିପାରି ବହୁତ କାନ୍ଦିଲା । ପୁତ୍ରବଧୂ ବୁଦ୍ଧିମତି ଥିଲା । ସେ ସନ୍ଧ୍ୟା ପର୍ଯ୍ୟନ୍ତ ସେହି ଖପରାକୁ ଭାଙ୍ଗି ନ ଥିଲା । ଶାଶୁକୁ ସେହି ଭଙ୍ଗା ଖପରାଟି ବିଚଳିତ କରୁଥାଏ । ପୁତ୍ରବଧୂ କହିଲା ଯେ, ମାଆ ! ମୁଁ ସତସଙ୍ଗ ଶୁଣୁଛି, ମୁଁ ମୋ କର୍ମ ଖରାପ କରିବି ନାହିଁ । ଏହା କହି ଖପରାଟିକୁ ଭାଙ୍ଗିଦେଲା । ପାପ କର୍ମ କରିଥିବା କାରଣରୁ ଶାଶୁକୁ କ୍ୟାନ୍‌ସର ହୋଇଗଲା । ଦିନରାତି ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରୁଥାଏ । ପୁତ୍ରବଧୂ ତା'ର ସେବା ଶୁଶ୍ରୁଷାରେ କୌଣସି ଅବହେଳା କରୁ ନ ଥାଏ, ମାତ୍ର କହୁଥାଏ ଯେ ଶାଶୁମା ! ସେବା ତ ମୁଁ ହୃଦୟର ସହିତ କରିବି କିନ୍ତୁ ତୁମ ପାପରେ ମୁଁ ଭାଗୀ ହୋଇପାରିବି ନାହିଁ । ଏହି କଷ୍ଟ ତୁମକୁ ହିଁ ଭୋଗିବାକୁ ପଡ଼ିବ । ଯଦି ସତସଙ୍ଗ ଶୁଣିଥାନ୍ତ ତେବେ ଆଜି ତୁମକୁ ଏପରି ଦିନ ଦେଖିବାକୁ ପଡ଼ିନଥାନ୍ତା । ଏହା ଶୁଣି ସେହି ଦୁଷ୍ଟା ମହିଳା କହିଲା, ଝିଅ ! ମୁଁ ମହାପାପିନୀ, ମୋର କ'ଣ ଉଦ୍ଧାର ହୋଇପାରିବ ? ମୁଁ ବି ଦୀକ୍ଷା ନେବାକୁ ଚାହୁଁଛି । ବୋହୂଟି ଦୀକ୍ଷିତ ପରିବାରର ଥିଲା । ତାକୁ ଜଣାଥିଲା ଯେ ଦୀକ୍ଷା ନେଇ ଭକ୍ତି କଲେ ପାପ ନାଶ ହୋଇଥାଏ । ଯେଉଁମାନଙ୍କ ଉପରେ ପାପଭାର ଅଧିକ ଥାଏ ସେମାନେ ଭକ୍ତି କଲେ ଲାଭ ନିଶ୍ଚୟ ମିଳିବ ତଥା ଭବିଷ୍ୟତରେ ମଣିଷ ଜୀବନ ମଧ୍ୟ ମିଳିବ ଯଦି, ନିୟାମ ମର୍ଯ୍ୟାଦାରେ ରହି ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ଭକ୍ତି କରିବ । ସତସଙ୍ଗରେ ଗୁରୁଦେବ ଉଦାହରଣ ଦେଇ କହିଥାନ୍ତି ଯେ ଯାହାର ବସ୍ତ୍ର କମ ମଇଳା ହୋଇଥିବ ତାହା କମ ପରିଶ୍ରମରେ ହିଁ ସଫା ହୋଇଯାଇଥାଏ । ଯଦି ଅଧିକ ମଇଳା ହୋଇଛି ତେବେ ଦୁଇ-ତିନିଥର ସାନୁନ ପାଣିରେ ଧୋଇବା ଦ୍ୱାରା ତାହା ସଫା ହୋଇଥାଏ । ଯଦି ଅତ୍ୟଧିକ ମଇଳା ହୋଇଛି ବା ଅନ୍ୟାନ୍ୟ ଦାଗ ସବୁ ଲାଗିଛି ତେବେ ଡ୍ରାଇକ୍ଲିନ୍‌ରେ ସଫା ହୋଇଥାଏ । ସଫା କରିବାର ମନବୃତ୍ତି ଯଦି ଦୃଢ ଅଛି ତେବେ ଗ୍ୟାରେଜ ମିସ୍ତ୍ରୀର ପୋଷାକରେ ଲାଗିଥିବା କଳାଦାଗ ମଧ୍ୟ ସଫା ହୋଇପାରିବ । ଝିଅ (ପୁତ୍ରବଧୂ)କୁ ଜଣା ଥିଲା ଯେ ଶାଶୁମା' ଗ୍ୟାରେଜ ମିସ୍ତ୍ରୀ ଭଳି

ନିଜ ଅବସ୍ଥା କରି ପକାଇଛନ୍ତି । ତଥାପି ପରମାତ୍ମାଙ୍କ ଶରଣକୁ ଆସିଲେ ନିଶ୍ଚିୟ ଲାଭ ମିଳିବ । ଏହି ଉଦ୍ଦେଶ୍ୟରେ ନିଜ ଶାଶୁମା'ଙ୍କୁ ନେଇ ଦୀକ୍ଷା ଦିଆଇଲେ । କିଛି ସମୟ ପରେ କ୍ୟାନ୍‌ସର ରୋଗର ଯନ୍ତ୍ରଣା କିଛି କମ ହୋଇଗଲା । ସତସଙ୍ଗ ଶୁଣି ଶାଶୁ କାନ୍ଦି ପକାଇଲା ଏବଂ ବୁଝିପାରିଲା ଯେ ପୁଅ-ବୋହୁଙ୍କ ଠାରୁ ମାତା-ପିତା କେଉଁ ଆଶା ରଖିଥାନ୍ତି । ମୁଁ ପାପୀନୀ ନିଜ ଶାଶୁ ସହିତ କିଭଳି ବ୍ୟବହାର କରିଛି । ମୋତେ ତ ଏହି ରୋଗ ହେବାର ହିଁ ଥିଲା । ଯଦି ଏହି ଜ୍ଞାନ ମୋତେ ପୂର୍ବରୁ ଶୁଣିବାକୁ ମିଳିଥାନ୍ତା ତେବେ ଏଭଳି ପାପ ମୁଁ କାହିଁକି କରିଥାନ୍ତି ? ଶୁଦ୍ଧପୂତ ଜୀବନଯାପନ କରିଥାନ୍ତି । ନିଜ ଶାଶୁମା'ଙ୍କ ଆତ୍ମାକୁ ଖୁସି କରିଥାନ୍ତି । ନିଜର ଜୀବନ ସଫଳ କରାଇଥାନ୍ତି । ଉପରୋକ୍ତ ବଚନ ଶୁଣି, ରାମଭକ୍ତର ପୁତ୍ରବଧୂ ନିଜର ସେହି ସାଙ୍ଗ (ପୁରୁଣା ଭକ୍ତମତି)କୁ କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଲା । ଅଧଘଣ୍ଟା ପର୍ଯ୍ୟନ୍ତ ନିଜକୁ ନିୟନ୍ତ୍ରଣ କରି ପାରି ନ ଥିଲା । ଅଧିକ ସାନ୍ତ୍ୱନା ଦେବାପରେ କାନ୍ଦ ବନ୍ଦ ହେଲା ଏବଂ ଲୁହଭରା ଆଖିରେ ନିଜ ଶଶୁର (ପିତା)ଙ୍କ ସହିତ କରିଥିବା ବ୍ୟବହାର କଥା ପ୍ରକାଶ କଲା । ନିଜ ଶଶୁରଙ୍କ ମାହାନତା ବିଷୟରେ ମଧ୍ୟ କହିଲା ଯେ ସେ କେବେବି ନିଜ ପୁଅକୁ ମଧ୍ୟ କହି ନାହାଁନ୍ତି ଯେ ତୋ ସ୍ତ୍ରୀ ମୋ ସହିତ ଏହି ଭଳି ଖରାପ ବ୍ୟବହାର କରୁଅଛି ବୋଲି । ପୁଅ ପଚାରିଲେ କୁହନ୍ତି ଯେ ପୁଅ ! ସେବାରେ କୌଣସି ପ୍ରକାରର ଅବହେଳା ହେଉନାହିଁ । ବହୁତ ଭଲ ଘରର ଝିଅ, ବୁଦ୍ଧିମତୀ ଅଟେ । ଏହା ଆମର ସୌଭାଗ୍ୟ ଯେ ଏପରି ବୋହୁ ଆମ୍ଭ ଘରକୁ ଆସିଲା । ବୋହୁଟି ଆମ୍ଭ ପରିବାରକୁ ସଜାଡି ଦେଲା ।

ମୁଁ ପାପୀ ଏସବୁ କଥା ଶୁଣି ମଧ୍ୟ ବଦଳି ନ ଥିଲି କାରଣ ମୋ ଆତ୍ମା ଉପରେ ପାପକର୍ମର ଅଧିକ ପ୍ରଭାବ ଥିଲା, ଦୁଇ-ତିନି ଥର ସତସଙ୍ଗ ଶୁଣିବା ପରେ ତାହା ଦୂର ହୋଇଥିଲା । ଅନ୍ତରାତ୍ମାରୁ ଉତ୍ତମ ସଂସ୍କାର ଉଦ୍ରେକ ହେଲା । ତିନିଦିନ ପର୍ଯ୍ୟନ୍ତ ସତସଙ୍ଗ ଶୁଣିବା ପରେ ଭକ୍ତ ରାମଭକ୍ତ, ନାତି ନାତୁଣୀ ଓ ପୁତ୍ରବଧୁଙ୍କ ସହିତ ଘରକୁ ଫେରିଲେ । ପିଲାମାନେ ମଧ୍ୟ ସେଠାରେ ପୁରୁଣା ଭଗତଙ୍କ ପିଲାମାନଙ୍କର ସେବା କରିବା ଦେଖି ନିଜେ ମଧ୍ୟ ସେବା କରିଥିଲେ ଯେପରି ଭୋଜନ ପରଷିବା, ପାଣି-ଚାହା ଆଣିଦେବା ଇତ୍ୟାଦି । ଘରକୁ ଫେରିବା ପରେ ଭାଇ-ଭଉଣୀ ନିଜ ଜେଜେଙ୍କ ପାଇଁ ପାଣି ବାଲ୍‌ଟି ଭର୍ତ୍ତି କରି ନେଇଆସିଲେ ଏବଂ କହିଲେ, ଜେଜେ ! ଗାଧୋଇବ ଆସ । ଏହା ଦେଖି ରାମଭକ୍ତ କହିଲେ ପିଲେ ! ତୁମକୁ କଷ୍ଟ ହେବ,ଏତେ ଭାରୀ ବାଲ୍‌ଟି ଉଠାଅ ନାହିଁ । ମୁଁ ନିଜେ ନେଇ ଆସିବି । ପିଲାମାନେ କହିଲେ ଜେଜେ ! ସତସଙ୍ଗରେ ଗୁରୁଜୀ କହିଥିଲେ ଯେ ସେବା କରିବା ଦ୍ୱାରା ଲାଭ ମିଳିଥାଏ, କୌଣସି କଷ୍ଟ ହୋଇ ନ ଥାଏ । ଆମ୍ଭେ ରୁଟି ଖାଇଲେ ଆମ୍ଭମାନଙ୍କର ପେଟ ପୁରିବ । ଆମ୍ଭେ ସେବା କଲେ ଆମ୍ଭମାନଙ୍କୁ ପୂଣ୍ୟ ମିଳିବ । ଶରୀରରେ ରୋଗ ଥିଲେ ଭକ୍ତି ଓ ସେବା ଦ୍ୱାରା ତାହା ସମାପ୍ତ ହୋଇ ଯାଇଥାଏ । ସେଠାରେ ଆଶ୍ରମରେ ଅନେକ ମାତା ଭକ୍ତମତୀମାନେ କହୁଥିଲେ ଯେ ଆମ୍ଭେ ରୋଗୀ ଥିଲୁ । ନାମ ନେବା ପରେ ସେବା କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରି ସେବା କଲୁ, ଆମ୍ଭେ ସୁସ୍ଥ ହୋଇଗଲୁ । ଡ଼ାକ୍ତର ମାନା କରି ଦେଇଥିଲେ, ଦେଖ ! ଆମ୍ଭ ମେଡିସିନ୍‌ର ରସିଦ୍, ଗତ ଚାରିବର୍ଷରୁ ଚିକିତ୍ସା ଚାଲୁଥିଲା ଏବେ କିନ୍ତୁ କୌଣସି ଔଷଧ ଖାଉନାହୁଁ । (ଋଗ୍‌ବେଦ ମଣ୍ଡଳ୧୦ର ସୂକ୍ତ ୧୬୧- ମନ୍ତ୍ର ୨ରେ ମଧ୍ୟ ଠିକ୍ ଏହି ପ୍ରମାଣ ଅଛି ଯେ ଯଦି ରୋଗୀ ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚିସାରିଛି ଅର୍ଥାତ୍ ତାକୁ ଯଦି କୌଣସି ଅସାଧ୍ୟ ରୋଗ ହୋଇଛି । ଯଦି ସେ ଭକ୍ତି କରିବ ତେବେ ପରମାତ୍ମା ତାକୁ ମୃତ୍ୟୁ ମୁଖରୁ ଉଦ୍ଧାର କରି ନେଇଆସିବେ । ତାକୁ ସୁସ୍ଥ କରି ଶତ ପ୍ରତିଶତ ଅର୍ଥାତ୍ ପୂର୍ଣ୍ଣ ଜୀବନର ଆୟୁଷ ଦେଇଦିଅନ୍ତି । - ଲେଖକ)

ଏହି ସମୟରେ ପୁତ୍ରବଧୁ ଆସି କହିଲା, ବାପା ! ସ୍ନାନ କରନ୍ତୁ । ଧୋତୀ ଏଠାରେ ରଖିଦେବେ, ମୁଁ ସଫା କରିଦେବି । ଏହା ଶୁଣି ରାମଭକ୍ତ କହିଲେ, ଝିଅ ! ତୁମକୁ ଘରର ବହୁତ କାର୍ଯ୍ୟ କରିବାକୁ ପଡୁଛି ଯେପରି ରୋଷେଇ କରିବା, ପାଣି ଆଣିବା, ଗାଈ-ଗୋରୁଙ୍କର ଯତ୍ନନେବା ଇତ୍ୟାଦି । ମୁଁ ନିଜେ ଗାଧୋଇ ପଡିବି । ମୋ ଗୋଡ଼ ମଧ୍ୟ ଏବେ ଠିକ୍ ହୋଇସାରିଛି, ଅଳ୍ପ ଟିକେ

ସମସ୍ୟା ରହିଛି । ରାମଭକ୍ତ ଗାଧୋଇ ସାରି ଧୋତି ବଦଳି ଧୋଇବାକୁ ଲାଗିଲେ । ସଙ୍ଗେ ସଙ୍ଗେ ପିଲାମାନେ ଦୌଡିଆସି ଧୋତୀ ଛଡ଼ାଇ ନେଇ ଘର ଭିତରକୁ ପଳାଇଲେ ଏବଂ ନିଜ ମାଆଙ୍କୁ ଦେଇଦେଲେ । ପୁଣି କୁର୍ତ୍ତା ମଧ୍ୟ ନେଇଗଲେ । ଆଉ ଗୋଟିଏ କୁର୍ତ୍ତା ଆଣିଦେଲେ । ସେହି ସମୟରେ ପୁଅ କ୍ଷେତରୁ ପଶୁମାନଙ୍କ ପାଇଁ ଘାସ ଆଣି ଘରେ ପହଞ୍ଚିଲା ଏବଂ ପୂର୍ବଭଳି ପିତାଙ୍କୁ ଦେଖି କିଛି ନ କହି ଘର ଭିତରକୁ ଚାଲିଗଲା । ଦେଖିଲା ଯେ ପତ୍ନୀ ନିର୍ମଳା ହାଲୁଆ ପ୍ରସ୍ତୁତ କରୁଛନ୍ତି । ସେ ଭାବିଲା, ଅଜି ବୋଧହୁଏ କୌଣସି ପର୍ବ-ପର୍ବାଣୀର ଦିନ । ପୁଣି ରୁଟି, ତରକାରୀ ପ୍ରସ୍ତୁତ ହେଲା । ସର୍ବ ପ୍ରଥମେ ଗୁରୁଭଗବାନଙ୍କୁ ଦୁଇଟି ତାଟିଆ (ଗିନା) ରେ ଭୋଗ ଲଗାଗଲା । ତା'ପରେ ଗୋଟିଏ ଥାଳିରେ ରୁଟି ଓ ତାଟିଆରେ ତରକାରୀ, ହାଲୁଆ ଆଦି ଧରି ଶଶୁରଙ୍କ ପାଖକୁ ଗଲେ ଏବଂ କହିଲେ ବାପା ! ଭୋଜନ କରନ୍ତୁ । ଭୋକ ଲାଗୁଥିବ, ଦୂରବାଟକୁ ଯାଇ ଆସିଛନ୍ତି । ରାମଭକ୍ତ କହିଲେ, ଝିଅ ! ମୋତେ ଏହି ଭୋଜନ ହଜମ ହେବ ନାହିଁ, ମୁଁ ବେମାର ପଡିଯିବି ତେଣୁ ମୋତେ ଘିଅ ନ ଲାଗିଥିବା ସାଧା ରୁଟି ଦେ । ରାମଭକ୍ତ ଭାବିଲେ ଯେ ଭାବନାର ବଶବର୍ତ୍ତୀ ହୋଇ ବୋହୂ ଆଜି ସେବା କରୁଛି ମାତ୍ର ପରେ ପୁଅ ତାକୁ ଧମକାଇବ, କାରଣ ତା'ର ସତସଙ୍ଗ ଜ୍ଞାନ ନାହିଁ ତେଣୁ ମୋ ଯୋଗୁଁ ଘରେ ଝଗଡ଼ା ନ ହେଉ । ଇତି ମଧ୍ୟରେ ପୁଅ ମଧ୍ୟ ସେଠାରେ ଆସି ପହଞ୍ଚିଗଲା । ନିଜ ପତ୍ନୀକୁ କହିଲା ବାପା ଠିକ୍ କହୁଛନ୍ତି, ନେଇଚାଲ ଭିତରକୁ । ବାପଙ୍କର ଶୋଇବା ସ୍ଥାନ ବରଣ୍ଡାରେ, ପିଲାମାନଙ୍କ ପାଇଁ ଭିତରେ । ପତ୍ନୀ କହିଲା, ଚୁପ୍ ରୁହ, ମୁଁ ବହୁତ ପାପ କରିଛି । ଏବେ ବାପାଙ୍କ ସେବା ମୁଁ ନିଜେ କରିବି । ପୁଅ ଚୁପ ହୋଇଗଲା । ରାମଭକ୍ତ ନାତି-ନାତୁଣୀଙ୍କୁ କିଛି ହାଲୁଆ ଦେଲେ । ତା'ପରେ ପୁତ୍ରବଧୂକୁ ମଧ୍ୟ ସେଥିରୁ କିଛି ଦେବାରୁ ବୋହୂ କହିଲା, ଆପଣ କ'ଣ ଖାଇବେ ? ଘରେ ଆହୁରି ବହୁତ ହାଲୁଆ ପ୍ରସାଦ ଅଛି । ଆପଣ ସବୁ ହାଲୁଆ ଖାଆନ୍ତୁ ବାପା, ଆମ ପାଇଁ ଅଛି । ଆପଣ ନ ଖାଇଲେ ମୋ ଆତ୍ମାକୁ କଷ୍ଟ ହେବ । ଭକ୍ତ ରାମଭକ୍ତ, ଗୁରୁଦେବ ଭଗବାନଙ୍କୁ ସ୍ମରଣ କରି ଭୋଜନ କଲେ । ପୁତ୍ରବଧୂ ପ୍ରତିଦିନ ନରମ-ନରମ ରୁଟି ଗରମ ଥିବା ଅବସ୍ଥାରେ ଆଣି ନିଜ ହାତରେ ଖାଇବାକୁ ଦିଅନ୍ତି । ପ୍ରତିଦିନ ଲୁଗାପଟା ନିଜେ ସଫା କରନ୍ତି ଏବଂ କୁହନ୍ତି, ବାପା ! ପରମାତ୍ମାଙ୍କ ନାମ ଭଜନ୍ତୁ ।

ଦିନେ ରାମଭକ୍ତଙ୍କ ପିଉସୀ ପୁଅ ରାମନିବାସ ଆସିଲେ । ରାମଭକ୍ତ ତାଙ୍କୁ କୁଣ୍ଢେଇ ପକାଇ କହିଲେ, ଭାଇ ! ତୋ କୃପାରୁ ଆମ ଘର ସ୍ୱର୍ଗ ପାଲଟିଗଲା । ଏହା ଶୁଣି ଭକ୍ତ ରାମନିବାସ କହିଲେ, ଭାଇ ! ରାମନିବାସ ଦ୍ୱାରା କିଛି ହୋଇନାହିଁ । ଏସବୁ ଗୁରୁଦେବଙ୍କ ଶବ୍ଦ-ଶକ୍ତିର କରିଶ୍ମା (ଚମତ୍କାର) ଅଟେ । ତୁମେ ଆଉ ମୁଁ ଉଭୟେ ପିଲାଦିନେ ବତି-ଡଣ୍ଡା (ଟୁଙ୍ଗିପୁଆ) ଖେଳ ଖେଳୁଥିଲେ । ମୋ ଦ୍ୱାରା ଯଦି ଏସବୁ ସମ୍ଭବ ହୋଇପାରିଥାନ୍ତା ତେବେ ବହୁତ ପୂର୍ବରୁ ହୋଇ ପାରିଥାନ୍ତା । ଗୁରୁଜୀ କହୁଥିଲେ ଯେ ରାମଭକ୍ତ ପୂର୍ବ ଜନ୍ମରେ ମୋର ଭକ୍ତ ଥିଲା । ଘର ମୋହ କାରଣରୁ ତା' ଦ୍ୱାରା ମର୍ଯ୍ୟାଦା (ନିୟମ) ଭଙ୍ଗ ହୋଇଥିଲା, ଏହି କାରଣରୁ ଅନେକ କଷ୍ଟ ଭୋଗକଲା । ଯେତେବେଳେ ସେ ମହାଦୁଃଖୀ ହୋଇଗଲା ସେତେବେଳେ ମୋ ନିକଟକୁ ଆସିବାକୁ ବାଧ ହେଲା । ଆପଣ ଅନେକଥର ରାମଭକ୍ତକୁ ବୁଝାଇବାକୁ ଚେଷ୍ଟାକରି ଥକି ଯାଇଥିଲେ, ସତସଙ୍ଗକୁ ଯିବା ପାଇଁ କହିଥିଲେ, ମାତ୍ର ସେ ମୋହ-ମାୟାରେ ଅନ୍ଧ ହୋଇ ସାରିଥିଲେ । ତେଣୁ କଷ୍ଟ ଓ ପୁତ୍ର-ପୁତ୍ରବଧୂର ନିର୍ଯ୍ୟାତନା ତା'ପାଇଁ ବରଦାନ ସାବ୍ୟସ୍ତ ହେଲା ।

କବୀରଜୀ କହିଛନ୍ତି ଯେ:-

କବୀର ,ସୁଖ କେ ମାଥେ ପଥର ପଡ଼ୋ, ଜୋ ନାମ ହୃଦୟ ସେ ଜାୟ ।
ବଲୀହାରୀ ଓ୍ୱା ଦୁଃଖ କେ , ଜୋ ପଲ - ପଲ ନାମ ରଟାୟେ ॥

ଭାବାର୍ଥ:- ହେ ପରମାତ୍ମା ! ଏତେ ସୁଖ ଦିଅନ୍ତୁ ନାହିଁ ଯାହାଦ୍ୱାରା ମୁଁ ଆପଣଙ୍କୁ ଭୂଲିଯିବି । ଯେଉଁ ଦୁଃଖ ଦ୍ୱାରା ପରମାତ୍ମା ପ୍ରତି କ୍ଷଣରେ ମନେପଡ଼ନ୍ତି ସେହିଭଳି ଦୁଃଖ ସବୁବେଳେ ମୋତେ ଦିଅନ୍ତୁ । ସେହି ଦୁଃଖକୁ ମୁଁ ଭୁଲିଯିବି ଯେଉଁ ଦୁଃଖ ପାଇଁ ମୋତେ ପରମାତ୍ମାଙ୍କ ଶରଣ ମିଳିଲା ।

ଭକ୍ତ ରାମଭକ୍ତଜୀ, ଭକ୍ତ ରାମନିବାସଙ୍କୁ କହିଲେ, ଆସନ୍ତା ସତସଙ୍ଗକୁ ମୋ ପୁଅ ପ୍ରେମ ସିଂହକୁ ସାଥିରେ ନେଇଯିବ । ତା'ର ମଧ୍ୟ ଆତ୍ମକଲ୍ୟାଣ ହୋଇଯିବ । ପରବର୍ତ୍ତୀ ସତସଙ୍ଗ ଏକମାସ ପରେ ଅନୁଷ୍ଠିତ ହେବାର ଥିଲା । ଭକ୍ତ ରାମନିବାସ, ପ୍ରେମ ସିଂହକୁ ନିଜ ଘରକୁ ନେଇଯିବା ବାହାନାରେ ଆସି ଡାକିନେଲେ । ପ୍ରଥମେ ଘରକୁ ନେଇ ତା'ପରେ ସତସଙ୍ଗକୁ ନେଇଗଲେ । ତିନିଦିନ ପର୍ଯ୍ୟନ୍ତ ଆଶ୍ରମରେ ରହିଲେ, ସତସଙ୍ଗ ଶୁଣିଲେ । ଅନ୍ୟ ପୁରୁଣା ଭକ୍ତମାନଙ୍କଠାରୁ ସେମାନଙ୍କର ଅନୁଭୂତି କଥା ଶୁଣିବା ପରେ ସତସଙ୍ଗର ଆନନ୍ଦ ଦ୍ୱିଗୁଣିତ ହୋଇଗଲା । ଭକ୍ତ ରାମଭକ୍ତଙ୍କ ପରିବାର ସମ୍ପୂର୍ଣ୍ଣ ବଦଳିଗଲା । ଭକ୍ତି ଓ ସେବାକରି ନିଜର କଲ୍ୟାଣ କରାଇଲେ ।

''ସତସଙ୍ଗ ଦ୍ୱାରା ପରିବାରର କଳହ ସମାପ୍ତ ହୋଇଯାଏ''

ଜଣେ ମହିଳା ନିଜ ପୁତ୍ରବଧୂ ଉପରେ କଥା-କଥାରେ କ୍ରୋଧିତ ହେଉଥିଲା । ଛୋଟ-ଛୋଟ ଭୁଲକୁ ଅତିରଞ୍ଜିତ କରି ନିଜ ପୁଅକୁ କହୁଥିଲା । ପୁଅ କିଛି ବୁଝା-ସୁଝା ନ କରି ନିଜ ସ୍ତ୍ରୀକୁ ଧମକ ଦେଇଥାଏ । ଏହି କାରଣରୁ ପରିବାରଟି ନର୍କତୁଲ୍ୟ ହୋଇଯାଇଥିଲା । ପୁତ୍ରବଧୂ ନିଜ ଶାଶୁମା'ଙ୍କୁ ବେଳେବେଳ କହିଥାଏ, ଆପଣ ସତସଙ୍ଗକୁ ଚାଲନ୍ତୁ । ଆମ ପଡ଼ୋଶୀମାନେ ଯାଉଛନ୍ତି । ଶାଶୁମା'କୁହନ୍ତି ଯେ ସତସଙ୍ଗକୁ ସେହି ଚରିତ୍ରହୀନା ମହିଳାମାନେ ଯାଇଥାନ୍ତି ଯେଉଁମାନଙ୍କର ସମାଜରେ କୌଣସି ସମ୍ମାନ ନ ଥାଏ, ସେମାନେ ଭଲ ଘରର ନୁହଁନ୍ତି । ଆମେ ଉତ୍ତମ କୁଳର ଅଟୁ । ସତସଙ୍ଗରେ ଆମ୍ଭର କାମ କ'ଣ ? ପୁତ୍ରବଧୂ ଏହିଭଳି ଅନେକଥର ଚେଷ୍ଟା କରିଛି, କିନ୍ତୁ ଶାଶୁ ମାନିବାକୁ ପ୍ରସ୍ତୁତ ହୁଏ ନାହିଁ । ଗାଁ'ର ଜଣେ ମହିଳା କୌଣସି କାର୍ଯ୍ୟବଶତ ଦିନେ ତାଙ୍କ ଘରକୁ ଆସି ଦେଖନ୍ତି ତ ଶାଶୁ ନିଜ ପୁତ୍ରବଧୂକୁ ଗାଳି ଦେଉଥିଲା, ଧମକ ଦେଇ କହୁଥିଲେ, ଆଜି ତୋ ସ୍ୱାମୀ ଆସିଲେ ତାକୁ କହି ତୋ ପିଠିରୁ ଚମଡ଼ା ଛଡାଇବି । ଘଟଣାଟି ଏହା ଥିଲା ଯେ ଏକ ଗିଲାସରେ ଶାଶୁ ପାଇଁ ଚାହା ରଖିଦେଇ ବୋହୂ ନିଜ ପିଲାକୁ ଆଣିବା ପାଇଁ ଘରଭିତରକୁ ଯାଇଥିଲା ଯିଏ ନିଦରୁ ଉଠି କାନ୍ଦୁଥିଲା । ପିଲାଟିକୁ ବିଛଣାରୁ ଉଠାଇ ଆଣିବାରେ ଗୋଟିଏ ମିନିଟ୍ ସମୟ ଲାଗିଛି କି ନାହିଁ, ଏହି ସମୟ ମଧ୍ୟରେ କୁକୁର ଆସି ଚାହା ଗିଲାସରେ ମୁହଁ ମାରିଦେଲା । ଗିଲାସଟି ତଳେ ପଡ଼ିଯିବାରୁ ଚାହା ଚଟାଣରେ ଢ଼ାଳି ହୋଇଗଲା । ଶାଶୁମା' ଅଗଣାରେ ସେହି ଚାହା ଗିଲାସ ନିକଟରୁ ମାତ୍ର କୋଡ଼ିଏ ଫୁଟ୍ ଦୂରରେ ଥିବା ଏକ ଖଟିଆ ଉପରେ ବସିଥିଲା । ଶାଶୁ ସୁସ୍ଥସବଳ ଥିଲା । ବିଲ-ବାଡିକୁ ବୁଲିବାକୁ ଯାଇ ଅଯଥା ସମୟ ଅପଚୟ କରୁଥିଲେ ମାତ୍ର ଘରର କୌଣସି କାମରେ ହାତ ଲଗାଉ ନ ଥିଲା । ଉପରସ୍ଥ ସାମାନ୍ୟ ଘଟଣାଟି ପାଇଁ କଳି ଲାଗିଥିଲା । ଗାଁ'ର ଅନ୍ୟ ଏକ ସାହିରୁ ଆସିଥିବା ସେହି ମହିଳା ସତସଙ୍ଗକୁ ଯାଆନ୍ତି ତେଣୁ ସମସ୍ତ କଥା ଶୁଣି ଭତେରୀ (ସେହି ଶାଶୁର ନାମ ଭତେରୀ ଥିଲା)କୁ କହିଲେ, ତୁମେ ସତସଙ୍ଗକୁ ଚାଲ । ଭତେରୀର ଉତ୍ତର ପୂର୍ବଭଳି ଥିଲା । ସେହି ସତସଙ୍ଗୀ ଭକ୍ତମତି ବହୁତ ସମୟ ପର୍ଯ୍ୟନ୍ତ ସତସଙ୍ଗରୁ ଶୁଣିଥିବା ସମସ୍ତ କଥା ଭତେରୀକୁ କହିଲେ କିନ୍ତୁ ଭତେରୀ ତାଙ୍କ କଥା ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲା । ଭତେରୀର ଆଉ ଜଣେ ଭଉଣୀ ସେହି ସାହିରେ ବିବାହ କରିଥିଲେ ଯେଉଁ ସାହିର ବାସିନ୍ଦା ସେହି ସତସଙ୍ଗୀ ଭକ୍ତମାତି (ଜାନକୀ) ଥିଲେ । ଭତେରୀର ଭଉଣୀର ନାମ ଦୟାକୌର ଥିଲା । ଜାନକୀ ଫେରିଯାଇ ଦୟାକୌରକୁ କହିଲେ ଯେ ତୋ ଭଉଣୀ ଭତେରୀ ନିଜ ଘରଟିକୁ ନର୍କ କରିଦେଇଛି । କୌଣସି କାରଣ ନ ଥାଇ ସବୁବେଳେ କଳି-ଝଗଡା କରୁଛି । କାଲି ମୁଁ କୌଣସି କାମରେ ତାଙ୍କ ଘରକୁ ଯାଇଥିଲି । ଏକ ଚାହା ଗିଲାସ କୁକୁର ପକାଇ ଦେଲା ଯେଉଁ କଥାକୁ ନେଇ ମହାଭାରତ ଆରମ୍ଭ କରିଦେଲା । ଦୟାକୌର୍ ମଧ୍ୟ ଜାନକୀ ଭକ୍ତମତିଙ୍କ ଅନୁରୋଧ କ୍ରମେ ସତସଙ୍ଗ ଶୁଣିବା ପାଇଁ ଯାଉଥିଲେ ଏବଂ ଦୀକ୍ଷା ମଧ୍ୟ ନେଇ ସାରିଥିଲେ । ଜାନକୀ କହିଲେ, ତାକୁ ଯେକୌଣସି ପ୍ରକାରେ ଥରେ ସତସଙ୍ଗକୁ ଆଣ । ବ୍ୟକ୍ତିକୁ ଯେପର୍ଯ୍ୟନ୍ତ ସନ୍ତ ମାହାତ୍ମାମାନଙ୍କର ପ୍ରବଚନ (ବିଚାର) ଶୁଣିବାକୁ ନ ମିଳିଛି ସେପର୍ଯ୍ୟନ୍ତ ସେ ଅଯଥା ଟେନ୍‌ସନ(ଚିନ୍ତା) ନିଜେ ନେବା ସହିତ ପରିବାର ଲୋକଙ୍କର ଚିନ୍ତା ମଧ୍ୟ ବଢାଇଥାଏ । ଦୟାକୌର୍ ତା'ପରଦିନ ନିଜ ଭଉଣୀଘରକୁ ଗଲେ, କୌଣସି ବାହାନା

କରି ନିଜ ଭଉଣୀ ଭତେରୀକୁ ନିଜ ଘରକୁ ସାଙ୍ଗରେ ଆଣିଲେ । ଗାଁ'ର ଅନ୍ୟ କେତେକ ମହିଳା ସତସଙ୍ଗକୁ ଯିବା ପାଇଁ ଜାନକୀ ଭକ୍ତମତିଙ୍କ ଘର ନିକଟରେ ପୂର୍ବରୁ ଛିଡ଼ା ହୋଇଥିଲେ । ସେମାନେ ସତସଙ୍ଗକୁ ଯିବାପାଇଁ ଦୟାକୌରକୁ ଡାକିବାକୁ ତାଙ୍କ ଘରକୁ ଗଲେ । ସେଠାରେ ଦୟାକୌରଙ୍କ ଭଉଣୀ ଭତେରୀକୁ ଦେଖିଲେ । ବୁଝା-ସୁଝାକରି ତାକୁ ମଧ୍ୟ ସାଥିରେ ନେଇଗଲେ । ଭତେରୀ, ଜୀବନରେ ପ୍ରଥମଥର ପାଇଁ ସେଦିନ ସତସଙ୍ଗ ଶୁଣିଲା । ଆଶ୍ରମରେ ସ୍ତ୍ରୀ-ପୁରୁଷମାନେ କେମିତି ରହୁଛନ୍ତି, ନିଜ ଆଖିରେ ସବୁ ଦେଖିବା ପରେ ତାକୁ ଭାରି ଭଲ ଲାଗିଲା । ସେମିତି କୌଣସି ଖରାପ ଜିନିଷ ସେଠାରେ ଦେଖିବାକୁ ପାଇଲା ନାହିଁ ଯାହା ପୂର୍ବରୁ ସେ ଶୁଣିଥିଲା । ସତସଙ୍ଗରେ କୁହାଗଲା ଯେ କେତେକ ବ୍ୟକ୍ତି ନିଜ ଝିଅ-ବୋହୂ, ମାଆ-ଭଉଣୀ ଓ ଘରର ଅନ୍ୟ ମହିଳାମାନଙ୍କୁ ସତସଙ୍ଗକୁ ପଠାନ୍ତି ନାହିଁ କି ନିଜେ ମଧ୍ୟ ଆସନ୍ତି ନାହିଁ । ସେମାନେ କୁହନ୍ତି ଯେ ଆମ୍ଭ ମାଆ-ଭଉଣୀ ସତସଙ୍ଗକୁ ଗଲେ ଘରର ଇଜ୍ଜତ ନଷ୍ଟ ହେବ । ଝିଅ-ବୋହୂମାନଙ୍କର ବଦ୍‌ନାମ ହେବ । ସେମାନେ ଚିନ୍ତା କରିବା ଉଚିତ୍ ଯେ ସତସଙ୍ଗକୁ ନ ଆସିବା ଦ୍ୱାରା ପରମାତ୍ମାଙ୍କ ବିଧାନର ଏହି ଜ୍ଞାନ ହୋଇ ନ ଥାଏ ଯେ ଭକ୍ତି କରୁନଥିବା ସ୍ତ୍ରୀ-ପୁରୁଷ ପରଜନ୍ମରେ ମହାକଷ୍ଟ ଭୋଗ କରିଥାନ୍ତି ।

ଋସୂକ୍ଷ୍ମ ବେଦରେ କୁହାଯାଇଛି ଯେ ମନୁଷ୍ୟ ଶରୀର ପ୍ରାପ୍ତକରି ଯେଉଁମାନେ ଭକ୍ତି କରନ୍ତି ନାହିଁ, ସେମାନଙ୍କର କେଉଁ କ୍ଷତି ହୋଇଥାଏ ?

କବୀର, ଏକ ହରିକେ ନାମ ବିନା , ନାରୀ କୁତିୟା ହୋୟ । ଗଲୀ-ଗଲୀ ଭୌକତ ଫୀରୈ, ଟୁକ୍ ନା ଡ଼ାଲେ କୋୟ ॥

ସନ୍ତ ଗରୀବ ଦାସଜୀଙ୍କ ବାଣୀରୁ :-

ବିବି ପଡଦେ ରହେ ଥୀ, ଡ଼ୟୋଡ଼ୀ ଲଗତୀ ବାହର ।
ଅବ ଗାତ ଉଘାଡ଼େ ଫିରତୀ ହୈ, ବନ କୁତୀୟା ବାଜାର ।
ଓ୍ୱୋ ପଡଦେ କୀ ସୁନ୍ଦରୀ, ସୁନୋଁ ସନ୍ଦେଶା ମୋର ।
ଗାତ ଉଘାଡ଼େ ଫିରତୀ ହୈ କରେ ସରାୟୋଁ ଶୋର ॥
ନକ ବେସର ନକ ପର ବନି, ପହରେଁ ଥି ହାର ହମେଲ ।
ସୁନ୍ଦରୀ ସେ କୁତ୍ତୀୟା ବନି, ସୁନ ସାହେବ (ପ୍ରଭୁ)କେ ଖେଲ ॥

ଭାବାର୍ଥ :- ମନୁଷ୍ୟ ଜୀବନ ପ୍ରାପ୍ତ ପ୍ରାଣୀ ଯଦି ସତ୍ୟଭକ୍ତି ନ କରେ ତେବେ ମୃତ୍ୟୁ ଉପରାନ୍ତ ପଶୁ- ପକ୍ଷୀଆଦିଙ୍କ ଯୋନି ପ୍ରାପ୍ତ (ଶରୀର) କରିଥାଏ । ପରମାତ୍ମାଙ୍କ ନାମ ଜପ ବିନା ନାରୀ ପରଜନ୍ମରେ ମାଈ କୁକୁର ଜନ୍ମ ପାଇଥାଏ । ପୁଣି ନିବସ୍ତ୍ର ହୋଇ ଲଙ୍ଗଳା ଶରୀରରେ ଗଳି-କନ୍ଧିରେ ଘୁରି ବୁଲିଥାଏ । ତାକୁ ଖଣ୍ଡେ ରୁଟି କେହି ଦେଇ ନ ଥାନ୍ତି । ଭୋକରେ ତା' ଅବସ୍ଥା ଖରାପ ହୋଇଯାଏ । ସେହି ଆତ୍ମା ନାରୀ ଶରୀରରେ କୌଣସି ରାଜା, ଜମିଦାର ଓ ଉଚ୍ଚ ଅଧିକାରୀଙ୍କର ପତ୍ନୀ ଥିଲା, ପୂର୍ବର କୌଣସି ଜନ୍ମରେ ସେ କରିଥିବା ଭକ୍ତି-ଧର୍ମର ତାହା ପୂଣ୍ୟଫଳ ଥିଲା, ସେହି ଭକ୍ତି ଓ ପୂଣ୍ୟର ଫଳ ସ୍ୱରୂପ ତାକୁ ସ୍ତ୍ରୀ ଶରୀର ପ୍ରାପ୍ତ ହେଲା । ଯେତେବେଳେ ସେହି ଆତ୍ମା ବଡ ଘରର ବୋହୂ କିମ୍ବା ଝିଅ ଥିଲା ସେତେବେଳେ ସେ ପରଦା ଆଡୁଆଳରେ ରହୁଥିଲା । କାଜୁ-କିଶ୍‌ମିଶ ସହିତ ଖିରୀ-ହାଲୁଆ ଖାଉଥିଲା । ସେମାନେ ଛଡି ଯାଇଥିବା ଅଇଁଠା ଖାଦ୍ୟକୁ ଚାକରାଣୀମାନେ ଖାଉଥିଲେ । ସେମାନଙ୍କୁ ସତସଙ୍ଗକୁ ଯିବାକୁ ଦିଆ ଯାଉନଥିଲା କାରଣ ସେମାନେ ବଡ ଘରର ଝିଅ-ବୋହୂ ଥିଲେ । ଘର ବାହାରକୁ ପାଦ କାଢିବା ଦ୍ୱାରା ସମ୍ମାନହାନୀ ହୁଏ ବୋଲି ଭାବୁଥିଲେ । ପୂର୍ବେ ବଡ଼ ଘରର ଝିଅ-ବୋହୂମାନେ ଘର ଭିତରେ, ପର୍ଦ୍ଦା ଆଡୁଆଳରେ ରହିବାକୁ ସମ୍ମାନର କଥା ବୋଲି ମାନୁଥିଲେ । ଏଥିଯୋଗୁଁ ସେହି ପୂଣ୍ୟାତ୍ମାଗଣ ସତସଙ୍ଗ ବିଚାର ଶୁଣି ନ ପାରିବା କାରଣରୁ ଭକ୍ତିରୁ ବଞ୍ଚିତ ହେଉଥିଲେ । ସେହି ମାନବ ଶରୀର ପ୍ରାପ୍ତ ସ୍ତ୍ରୀ ବେକରେ ନଅ-ନଅ ଲକ୍ଷ ଟଙ୍କାର ହାର-ମାଳ ପିନ୍ଧୁଥିଲା, ନାକରେ ସୁନାର ଆଭୁଷଣ (ନୋଥ) ପିନ୍ଧୁଥିଲା । ସେହି ହାର-ମାଳ ଶୃଙ୍ଗାରରେ ସେ ଆତ୍ମସନ୍ତୋଷ ଲାଭ କରୁଥିଲା । ନିଜ ଜୀବନ ଧନ୍ୟ ହୋଇଗଲା

ବୋଲି ଭାବୁଥିଲା । ସତ୍ୟଭକ୍ତି ନ କରିଥିବା କାରଣରୁ ଏବେ ସେହି ଆତ୍ମା କୁତି (ମାଈ କୁକୁର) ଜନ୍ମ ପ୍ରାପ୍ତ କରି ଖଣ୍ଡେ ରୁଟି ପାଇଁ ଗଳି-କନ୍ଧି ବୁଲି ଡହଳ ବିକଳ ହୋଇଥାଏ । ପୂର୍ବେ ସହରାଞ୍ଚଳରେ ଯାତ୍ରୀମାନଙ୍କ ପାଇଁ ସରାୟ (ଧର୍ମଶାଳା) ଥିଲା । ରାତ୍ରୀଯାପନ ପରେ ସକାଳର ଭୋଜନ ସାରି ଯାତ୍ରୀ ସେଠାରୁ ପ୍ରସ୍ଥାନ କରୁଥିଲେ । ନାରୀ ଜନ୍ମରେ ନିଜକୁ ପରଦା ଆଡୁଆଳରେ ରଖୁଥିବା ସେହି ସୁନ୍ଦରୀ ସ୍ତ୍ରୀ କୁତି (ମାଈ କୁକୁର) ହୋଇ ଧର୍ମଶାଳାରେ ପଡ଼ି ରହିଥାଏ ଏବଂ ଯାତ୍ରୀମାନଙ୍କ ଦ୍ୱାରା ଫିଙ୍ଗା ଯାଉଥିବା ସୁଖିଲା ରୁଟି ଖଣ୍ଡେ ଖାଇବା ପାଇଁ ସରାୟ (ଧର୍ମଶାଳା)ରେ ଭୁକିଥାଏ । ରୁଟି ଖଣ୍ଡଟିକୁ ତଳେ ଫିଙ୍ଗି ଦିଆଯାଏ । ସେହି ରୁଟି ଖଣ୍ଡରେ ବାଲି-ଧୂଳି ଲାଗିଯାଇ ଥାଏ । ସେହି ସୁନ୍ଦରୀ ଯିଏ କାଜୁ, କିଶମିଶ୍ ପଡିଥିବା ହାଲୁଆ ଖିରୀ ଖାଉଥିଲା, ସତ୍ୟଭକ୍ତି କରୁ ନ ଥିଲା, ଏବେ ବାଲି-ଧୂଳି ଲାଗିଥିବା ଖଣ୍ଡିଆ ରୁଟିକୁ ସେ ଖାଉଛି । ଯଦି ମନୁଷ୍ୟ ଶରୀର ଧାରଣ କରିଥିବା ଅବସ୍ଥାରେ ପୂର୍ଣ୍ଣସନ୍ଥଙ୍କଠାରୁ ନାମ (ମନ୍ତ୍ର) ନେଇ ଭକ୍ତି କରିଥାନ୍ତା ତେବେ ଏଭଳି ଦୁର୍ଦ୍ଦିନ ଆଜି ତାକୁ ଦେଖିବାକୁ ପଡି ନ ଥାନ୍ତା ।

ପୁହଲୋ ବାଈଙ୍କ ସଦୃପଦେଶ

ଜଣେ ରାଜା, ପୁହଲୋ ବାଈଙ୍କ ଜ୍ଞାନ-ବିଚାର ଶୁଣି ବହୁତ ପ୍ରଭାବିତ ହେଲେ । ସେହି ରାଜାଙ୍କର ତିନିଜଣ ରାଣୀ ଥିଲେ । ରାଜା ତାଙ୍କ ରାଣୀମାନଙ୍କୁ ପୁହଲୋ ବାଈଙ୍କ ବିଷୟରେ କହିଲେ । ରାଜା ଅନେକଥର ଭକ୍ତମତୀ ପୁହଲୋ ବାଈଙ୍କର ପ୍ରଶଂସା ରାଣୀମାନଙ୍କ ସମ୍ମଖରେ କଲେ । ନିଜ ସ୍ୱମୀଙ୍କ ମୁଁହରେ ଅନ୍ୟ ସ୍ତ୍ରୀର ପ୍ରଶଂସା ଶୁଣି ରାଣୀମାନଙ୍କୁ ଭଲ ଲାଗେ ନାହିଁ, ମାତ୍ର କିଛି କହିପାରନ୍ତି ନାହିଁ । ସେମାନେ ଭକ୍ତିମତୀ ପୁହଲୋ ବାଈଙ୍କୁ ଦେଖିବା ପାଇଁ ଇଚ୍ଛା ପ୍ରକାଶ କଲେ । ରାଜା ନିଜ ଘରେ ସତସଙ୍ଗ କରିବା ପାଇଁ ପୁହଲୋ ବାଈଙ୍କୁ ଆମନ୍ତ୍ରଣ କଲେ । ପୁହଲୋ ବାଈ ସତସଙ୍ଗର ଦିନ ଓ ସମୟ ଧାର୍ଯ୍ୟକରି ରାଜାଙ୍କୁ ଜଣାଇଲେ । ସତସଙ୍ଗ ଦିନ ରାଣୀମାନେ ସୁନ୍ଦର ଦାମିବସ୍ତ୍ର ଓ ବିଭିନ୍ନ ଅଳଙ୍କାର ମଧ ପିନ୍ଧିଲେ । ନିଜକୁ ସୁନ୍ଦରୀ ପ୍ରମାଣିତ କରିବା ପାଇଁ ସମସ୍ତ ଉପାୟ ଅବଲମ୍ବନ କରିଥିଲେ । ରାଣୀମାନେ ଭାବିଥିଲେ ଯେ ପୁହଲୋ ବାଈ ନିଶ୍ଚୟ ବହୁତ ସୁନ୍ଦର ହୋଇଥିବେ । ଭକ୍ତମତି ପୁହଲୋ ବାଈ ରାଜାଙ୍କ ଘରେ ପହଞ୍ଚିଲେ । ସେ ଏକ ମଇଳା ହାତବୁଣା ଖଦ୍ଦୀ ବସ୍ତ୍ର ପିନ୍ଧିଥିଲେ । ହାତରେ ଜପମାଳି ଥିଲା, ମୁହଁର ରଙ୍ଗ ମଧ ସଫା ନ ଥିଲା । ଭକ୍ତମତି ପୁହଲୋଙ୍କୁ ଦେଖି ତିନିରାଣୀ ବହୁତ ହସିବାକୁ ଲାଗିଲେ ଏବଂ କହିଲେ, ଇଏ ସେହି ପୁହଲୋ, ଆମେ ଭାବିଥିଲୁ ଯେ ସେ ବହୁତ ସୁନ୍ଦର ହୋଇଥିବେ । ସେମାନଙ୍କର କଥା ଶୁଣି ଭକ୍ତମତି ପୁହଲ ବାଈ କହିଲେ ଯେ:-

ବସ୍ତ୍ର-ଆଭୂଷଣ ତନ କୀ ଶୋଭା, ଯହତନ କାଚୋ ଭାଣ୍ଡୋ ।
ଭକ୍ତି ବିନା ବନୋଗୀ କୁତିୟା, ରାମ ଭଜୋ ନା ରାଣ୍ଡୋ ॥

ଭାବାର୍ଥ :- ସୁନ୍ଦର ବସ୍ତ୍ର ଓ ଆଭୂଷଣ କେବଳ ଶରୀରର ଶୋଭା ବଢ଼ାଇଥାଏ । ଏହି ଶରୀର ନାଶବାନ ଯେପରି କଞ୍ଚା ମାଟି ଘଡି । ଏହି ଶରୀର କ୍ଷଣଭଙ୍ଗୁର ଅଟେ । ଜଣାନାହିଁ କେଉଁ କାରଣ ପାଇଁ, କେଉଁ ବୟସରେ, କେତେବେଳେ ଯେ ଦୁଃଖ-କଷ୍ଟ ଆସି ପହଞ୍ଚିଯିବ । ଯଦି ଭକ୍ତି ନ କରନ୍ତି ତେବେ ପରଜନ୍ମରେ ମାଈ କୁକୁର ଜନ୍ମ ପାଇବ । ପୁଣି ନିବସ୍ତ୍ର ହୋଇ ଏଣେ ତେଣେ ଘୂରିବୁଲିବ । ତେଣୁ 'ରାଣ୍ଡୋ'କୁହାଯାଇଛି ଅର୍ଥାତ୍ ହେ, ସ୍ତ୍ରୀଗଣ ! ଭକ୍ତି କରନ୍ତୁ । 'ରାଣ୍ଡ'ଶବ୍ଦ ବିଧବାଙ୍କ ଉଦ୍ଦେଷ୍ୟରେ ବ୍ୟବହାର କରାଯାଇଥାଏ । କିନ୍ତୁ ସାମାନ୍ୟ ପରିସ୍ଥିତିରେ ସ୍ତ୍ରୀଲୋକମାନେ ନିଜର ପ୍ରିୟ ସଖୀମାନଙ୍କୁ ପ୍ରେମରେ ଏହିପରି ଶବ୍ଦ ପ୍ରୟୋଗ କରି ସମ୍ବୋଧିତ କରିଥାନ୍ତି । ବର୍ତ୍ତମାନର ଶିକ୍ଷିତ ସମାଜରେ ଏହି ଶବ୍ଦ ବ୍ୟବହାର ହୁଏ ନାହିଁ । ଭକ୍ତମତୀ ପୁହଲୋ ବାଈ ସତସଙ୍ଗ ଶୁଣାଇଲେ । କବୀର ପରମେଶ୍ୱରଙ୍କ ସାଖୀ ଶୁଣାଇଲେ :-

କବୀର ହରିକେ ନାମ ବିନା, ନାରୀ କୁତିୟା ହୋୟ ।
ଗଳି ଗଳି ଭୌକଁତ ଫିରେ ଟୁକ ନା ଡ଼ାଲେ କୋୟ ॥

କବୀର, ରାମ ରଟତ କୋଢ଼ୀ ଭଲୋ, ଚୂଁ-ଚୂଁ ପଡ଼େ ଜୋ ଚାମ ।
ଯେ ସୁନ୍ଦର ଦେହି କିସ କାମ କୀ ଜା ମୁଖ ନାହୀଁ ନାମ ॥
କବୀର, ନେହୀଁ ଭରୋସା ଦେହି କା ବିନଶ ଜାଏ ଛିନ ମାହୀଁ ।
ଶ୍ୱାଁସ-ଉଶ୍ୱାଁସ ମେଁ ନାମ ଜପୋ ଔର ଯତନ କୁଛ ନାହୀଁ ॥
କବୀର, ଶ୍ୱାଁସ ଉଶ୍ୱାଁସ ମେଁ ନାମ ଜପୋ ବ୍ୟର୍ଥ ଶ୍ୱାଁସ ମତ ଖୋଓ ।
ନା ଜାନେ ଇସ ଶ୍ୱାଁସ କା ଆବଣ ହୋ କେ ନା ହୋୟ ॥
ଗରୀବ,ସର୍ବ ସୋନେ କୀ ଲଙ୍କା ଥୀ ରାବଣ ସେ ରଣଧୀର ।
ଏକ ପଲକ ମେଁ ରାଜ୍ୟ ଗୟା ଜମ କେ ପଡ଼େ ଜଞ୍ଜୀରମ ॥
ଗରୀବ, ମର୍ଦ-ଗର୍ଦ ମେଁ ମିଲ ଗୟେ ରାବଣ ସେ ରଣଧୀରମ ।
କଂସ, କେସି, ଚାଣୁର ସେ -ହିରଣାକୁଶ ବଲବୀରମ ॥
ଗରୀବ, ତେରୀ କ୍ୟା ବୁନିୟାଦ ହୈ ଜୀବ ଜନ୍ମ ଧରି ଲେତ ।
ଦାସ ଗରୀବ ହରି ନାମ ବିନ ଖାଲୀ ରହ ଜା ଖେତ ॥

ଶବ୍ଦାର୍ଥ:- କବୀର ପରମେଶ୍ୱରଜୀ ଆଧାତ୍ମିକତାର ବିଧାନ ବିଷୟରେ ବୁଝାଇ କହିଛନ୍ତି ଯେ ଯେଉଁ ନାରୀ ଭକ୍ତି କରେ ନାହିଁ, ସେ ପରଜନ୍ମରେ କୁତି (ମାଈ କୁକୁର) ଜନ୍ମ ପ୍ରାପ୍ତ କରି ଗଳି-ଗଳି ଘୂରିବୁଲି ଭୁକିଥାଏ । କେହି ତାକୁ ରୁଟି ଖଣ୍ଡେ ବି ଦେଇ ନ ଥାନ୍ତି । ମଣିଷ ଜୀବନରେ ସମୟ ଅନୁସାରେ ବିଭିନ୍ନ ଭୋଜନ ମିଳି ଯାଉଥିଲା କିନ୍ତୁ ଭକ୍ତି ନ କଲେ ଏହିପରି ଦୁର୍ଦ୍ଦଶା ହେବ । ଜଣେ କୁଷ୍ଠ ରୋଗୀ (ଯାହା ଶରୀରରୁ ମାଂସଖଣ୍ଡ କ୍ଷୟ ହୋଇ ସେଥିରୁ ରକ୍ତ ବାହାରୁଛି) ଯଦି ପରମାତ୍ମାଙ୍କ ଭକ୍ତି କରୁଛି ତେବେ ବହୁତ ଉତ୍ତମ କଥା । ଭକ୍ତି କରିବା ଦ୍ୱାରା ତା' କୁଷ୍ଠରୋଗ ମଧ୍ୟ ଠିକ୍ ହୋଇଯିବ । ତାର ଭବିଷ୍ୟତ ମଧ୍ୟ ଉଜ୍ଜଳ ହୋଇଯିବ । ଯିଏ ଭକ୍ତି କରୁନାହିଁ ତା'ଶରୀର ଯେତେ ସୁନ୍ଦର ହୋଇଥାଉ ନା କାହିଁକି ସେହି ସୁନ୍ଦର ସୁସ୍ଥ ଶରୀରର କୌଣସି ଉପଯୋଗିତା ନାହିଁ । ଏହି ମାନବ ଶରୀରର କେଉଁ କାରଣ ପାଇଁ କେତେବେଳେ ଯେ ନଷ୍ଟ ହୋଇଯିବ ଏହାର କୌଣସି ଭରଷା ନାହିଁ । ଏହାକୁ ସୁରକ୍ଷିତ ରଖାଯାଇ ପାରିବ ନାହିଁ । ଏହାର ଏକମାତ୍ର ଉପାୟ ହେଉଛି ଭକ୍ତି । ଏତେ ମାତ୍ରାରେ ନାମ ସୁମିରଣ କର ଯେପରି ଗୋଟିଏ ବି ନିଶ୍ୱାସ ନାମମନ୍ତ୍ର ଜପ ବିନା ଖାଲି ନ ଯାଉ । ନିଶ୍ୱାସ ଛାଡ଼ିବା ସମୟରେ ଓ ନେବା ସମୟରେ ପ୍ରତ୍ୟେକ ନିଶ୍ୱାସ-ପ୍ରଶ୍ୱାସରେ ନାମମନ୍ତ୍ର ଜପ କର । ବିନା ମନ୍ତ୍ର ଜପରେ ନିଶ୍ୱାସ-ପ୍ରଶ୍ୱାସକୁ ନଷ୍ଟ ହେବାକୁ ଦିଅ ନାହିଁ । ସ୍ୱୟଂ ଏହି ନିଶ୍ୱାସ-ପ୍ରଶ୍ୱାସକୁ ଜଣାନାହିଁ ଯେ ଏହା ଶରୀର ଭିତରକୁ ପ୍ରବେଶ କରିବା ପରେ ଫେରିବ କି ନାହିଁ । ତେଣୁ ଆଳସ୍ୟ ନ କରି ଭକ୍ତିରେ ନିମଗ୍ନ ହୋଇଯାଅ । ଯଦି ଆପଣଙ୍କ ନିକଟରେ ଧନ ଓ ସମସ୍ତ ସୁଖ-ସୁବିଧା ଉପଲବ୍ଧ ଅଛି ତେବେ ଏହି ଧନ ଦୌଲତ ଆପଣଙ୍କ ଭକ୍ତିରେ ପ୍ରତିବନ୍ଧକ ନ ହେଉ । ଭକ୍ତି କରିବାକୁ ଭୁଲନ୍ତୁ ନାହିଁ । ଶ୍ରୀଲଙ୍କାର ରାଜା ରାବଣ ପାଖରେ ବହୁତ ଧନ ଥିଲା । ସେ ସୁନାର ମହଲ ତିଆରି କରିବା ସହିତ ନିଜେ ମଧ୍ୟ ଜଣେ ଯୋଦ୍ଧା ଥିଲା କିନ୍ତୁ ଶ୍ରୀରାମଚନ୍ଦ୍ରଙ୍କ ସହିତ ଯୁଦ୍ଧ ହେବା କାରଣରୁ ନିହତ ହେଲା । ତା'ର ସମସ୍ତ ସ୍ୱର୍ଣ୍ଣ ମଧ୍ୟ ଲୁଣ୍ଠନ କରି ନିଆଗଲା । ରାଜ୍ୟ ମଧ୍ୟ ଗଲା । ଏସବୁ ନିମିଷେକ ମଧ୍ୟରେ ଘଟିଗଲା ଅର୍ଥାତ୍ ରାମଚନ୍ଦ୍ରଙ୍କ ତୀରରେ ବଧ ହେଲା । ଅଳ୍ପ ସମୟ ମଧ୍ୟରେ ସବୁ କିଛି ନଷ୍ଟ ହୋଇଗଲା । ଯମଦୂତ ଅର୍ଥାତ୍ ମୃତ୍ୟୁ ଦେବତାର ଭୃତ୍ୟଗଣ ସେହି ରାବଣକୁ ଶିକୁଳୀରେ ବାନ୍ଧି ନେଇଗଲେ । ନର୍କଦଣ୍ଡ ଦିଆଗଲା । ରାବଣ ଭଳି ଯୋଦ୍ଧା(ଶୂରବୀର)ମାଟିରେ ମିଶିଗଲା ଏବଂ ମଥୁରାର ରାଜା କଂଶର ପ୍ରସିଦ୍ଧ ମଲ୍ଲଯୋଦ୍ଧା ଚାଣୁର, ରାକ୍ଷାସ ରୂପଧାରୀ କଂଶର ଚାକର 'କେଶୀ' ଏବଂ ହିରଣ୍ୟକଶ୍ୟପ ଭଳି ବଳବାନ ମଧ୍ୟ ଭକ୍ତି ନ କରି ନିଜ ଜୀବନ ବ୍ୟର୍ଥ କରି ଚାଲିଗଲେ । ରେ ତୁଚ୍ଛ ପ୍ରାଣୀ! ତୋର କି ଅସ୍ତିତ୍ୱ ଅର୍ଥାତ୍ କେଉଁ ଆଧାରରେ ତୁ ବଞ୍ଚିବୁ ? ତୁ କର୍ମ ଅଧାରରେ ଭିନ୍ନ ଭିନ୍ନ ଜୀବମାନଙ୍କର ଶରୀର ଧାରଣ କରିଥାଉ । ସନ୍ତ ଗରୀବ ଦାସଜୀ, ପରମେଶ୍ୱର କବୀରଜୀଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ ଅଧାରରେ କହିଛନ୍ତି ଯେ

ଭକ୍ତି ନ କରିବା ଯୋଗୁଁ ତୋର ଏଭଳି ହାନୀ ହେବ ଯେପରି କୃଷକ ନିଜ ଜମିରେ ବିହନ ନ ବୁଣି ଭୋକରେ ମରିଥାଏ । ଜମି ଥାଇ ମଧ୍ୟ ତାକୁ କୌଣସି ଲାଭ ମିଳି ନ ଥାଏ । ଭକ୍ତମତି ପୁହଲୋ ବାଈ ଏସଂସାରର ବାସ୍ତବିକତା ବିଷୟରେ ରାଣୀମାନଙ୍କୁ ଅବଗତ କରାଇଲେ ଏବଂ ଭକ୍ତି ନ କରିବା କାରଣରୁ ଯେଉଁ କଷ୍ଟ ହୁଏ ସେ ବିଷୟରେ ମଧ୍ୟ ଅବଗତ କରାଇଲେ । ଏକ ଛୋଟ ରାଜ୍ୟର କିଛି ଅଶଂକୁ ପ୍ରାପ୍ତ କରି ଆପଣ ଏତେ ଗର୍ବ କରୁଛନ୍ତି ଯାହା ବ୍ୟର୍ଥ ଅଟେ । ଲଙ୍କାର ରାଜା ରାବଣ ସୁନାରେ ମହଲ ତିଆରି କରିଥିଲା । ସତ୍ୟଭକ୍ତି ନ କରିଥିବା କାରାଣରୁ ରାଜ୍ୟ ମଧ୍ୟ ଗଲା, ସୁନାର ମହଲ ମଧ୍ୟ ଏଇଠି ରହିଗଲା, ନର୍କରେ ଭାଗୀ ହେଲା । ପୁହଲୋବାଈଙ୍କ ଠାରୁ ସତସଙ୍ଗ ଶୁଣି ରାଜା ଓ ରାଣୀମାନେ ଉପଦେଶ ନେଇ ଭକ୍ତି କରି ନିଜ ମାନବ ଜୀବନ ଧନ୍ୟ କଲେ ।

କବୀର ଏକ ହରି କେ ନାମ ବିନା, ରାଜା ରଷଭ ହୋୟ ।
ମିଟି ଲଦେ କୁମ୍ଭାର କେ, ଘାସ ନା ନୀରୈ କୋଏ ॥

ଭାବାର୍ଥ : ଭଗବାନଙ୍କ ଭକ୍ତି ନ କରିବା କାରଣରୁ ରାଜା, ଗଧ ଶରୀର ପ୍ରାପ୍ତ କରିଥାଏ । ତା'ପରେ କୁମ୍ଭାର ଘରେ ମାଟି ବୋହିଥାଏ, ନିଜେ ଜଙ୍ଗଲକୁ ଯାଇ ଘାସ ଚରିଥାଏ ।

ଫିର ପୀଛେ ତୂ ପଶୁଆ କିଜୈ, ଦୀଜୈ ବୈଲ୍ ବନାୟ ।
ଚାର ପହର ଜଙ୍ଗଲ ମେଁ ଡ଼ୋଲେ, ତେରା ତୋ ନେହୀଁ ଉଦର ଭରେ ॥
ସିର ପର ସିଙ୍ଗ ଦିଏ ମନ ବୌରେ, ଦୂମ ସେ ମଚ୍ଛର ଉଡ଼ାୟ ।
କାନ୍ଧେ କୁଆ ଜୋଟୈ କୁଆ, କୋନ୍ଧୋ କା ଭୂସ ଖାୟ ॥

ଭାବାର୍ଥ :- ଗଧ ଶରୀର ଭୋଗକରି ସାରିବା ପରେ ସେହି ପ୍ରାଣୀ ବଳଦ ଯୋନି ପ୍ରାପ୍ତ କରିଥାଏ । ମାନବ ଶରୀରରେ ଜୀବକୁ ଅନେକ ସୁବିଧା ପ୍ରାପ୍ତ ହୋଇଥାଏ । ଭୋକ ଲାଗିବା କ୍ଷଣି ଖାଦ୍ୟ ଖାଅ, ଦୁଗ୍ଧ ପିଅ, ଚାହା ପିଅ, ଶୋଷ ଲାଗୁଛି ତ ପାଣି ପିଅ । ମାତ୍ର ଭକ୍ତି ନ କରିବା ହେତୁ ସେହି ପ୍ରାଣୀ ବଳଦ ହୋଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାରି ପ୍ରହର ଅର୍ଥାତ ୧୨ ଘଣ୍ଟା ପର୍ଯ୍ୟନ୍ତ ଜଙ୍ଗଲରେ ଚରି ବୁଲିଥାଏ । ହଳ କରିଥାଏ । ବଳଦକୁ ଦିନରେ କେବଳ ଦୁଇଥର ଖାଇବାକୁ ଦିଆ ଯାଇଥାଏ, ଦ୍ୱିପ୍ରହର ୧୨ଟା ବେଳେ ଓ ରାତିରେ । ମାତ୍ର ବଳଦକୁ ମଝିରେ ଭୋକ ମଧ୍ୟ ଲାଗିଥାଏ । ଚାରିପଟେ ଘାସ ଥାଇ ମଧ୍ୟ ସେ ଖାଇପାରେ ନାହିଁ । ହଳୁଆ ତାକୁ ଘାସ ଖାଇବାକୁ ଦେଇ ନ ଥାଏ । ପାଣି ବି ଦିନରେ କେବଳ ଦୁଇଥର କିମ୍ବା ତିନିଥର ପିଇବାକୁ ଦିଆ ଯାଇଥାଏ । ମୁଣ୍ଡରେ ସିଙ୍ଗ ଓ ପଛରେ ଏକ ଲାଞ୍ଜ ଥିବ । ଯେତେବେଳେ ସେ ମାନବ ଶରୀରରେ ଥିଲା ସେତେବେଳେ ସେହି ଜୀବ କୁଲର, ପଙ୍ଖା ଓ ଏ.ସି. ଘର ଭିତରେ ରହୁଥିଲା । ଏବେ କିନ୍ତୁ ଗୋଟିଏ ଲାଞ୍ଜ ଅଛି ଯାହାକୁ ସେ ଇଚ୍ଛା ଅନୁସାରେ କୁଲର୍, ପଙ୍ଖା, ଏ.ସି ଭାବରେ ବ୍ୟବହାର କରି ମଶା-ମାଛି ଘଉଡ଼ାଇବ ।

ଋସତସଙ୍ଗରେ ଏହା ମଧ୍ୟ କୁହାଯାଇଥାଏ ଯେ ପରମାତ୍ମାଙ୍କ ବିଧାନକୁ ବୁଝିନପାରି ସାଂସାରିକ ବିଚାରଧାରା ଅନୁସାରେ ଚାଲିବା ଯୋଗୁଁ ଘରେ କଳହ ସୃଷ୍ଟି ହୋଇଥାଏ । ପରିବାରର କୌଣସି ସଦସ୍ୟ ନିଜ ଘରର ହାନି ଚାହେଁ ନାହିଁ ତେଣୁ କୌଣସି କାରଣରୁ ଯଦି କିଛି ହାନି ହୋଇଯାଉଛି ତେବେ ସେହି କଥାକୁ ନେଇ କଳହ କରିବା ଅନୁଚିତ୍ । ଯେଉଁ ହାନି ହେବାର ଥିଲା ତାହା ହୋଇସାରିଛି, ତାହା ପୂରଣ ହୋଇ ପାରିବ ନାହିଁ । ତେଣୁ ଅଯଥା କଳହ କରିବା ବୁଦ୍ଧିମାନ ବ୍ୟକ୍ତିର କାର୍ଯ୍ୟ ନୁହେଁ । ଯଦି ଭୁଲରେ କାହା ଦ୍ୱାରା କୌଣସି ତ୍ରୁଟି ହୋଇଯାଇଛି ତେବେ ତାକୁ ଏହା କହିବା ଉଚିତ୍ ଯେ ହେ, ପୁତ୍ର-ପୁତ୍ରୀ, ବାପା-ମାଆ ବା ଶାଶୁ-ବହୁ ! ଯାହା ଘଟିଗଲା ତାହା ଆମ୍ଭ ଭାଗ୍ୟରେ ନ ଥିଲା, ଆପଣ ଜାଣିଶୁଣି ଏସବୁ କରିନାହାଁନ୍ତି । ଏହିଭଳି କଥା କହି ସାନ୍ତ୍ୱାନା ଦେବା ଦ୍ୱାରା ଘରେ ଶାନ୍ତି-ଶୃଙ୍ଖଳା କାୟମ ରହିଥାଏ । କଳହରେ କାଳପୁରୁଷ ନିବାସ କରିଥାଏ । ସେହି ଘର ଭୂତ-ପ୍ରେତଙ୍କର ଆଶ୍ରୟ ସ୍ଥଳ ପାଲଟିଯାଏ । ଯେଉଁମାନେ କଳହ କରନ୍ତି ନାହିଁ ସେମାନେ ସୁଖରେ ବସବାସ କରିଥାନ୍ତି । ଯେଉଁ ଘରେ ପରମାତ୍ମାଙ୍କର ଭକ୍ତି (ଆରତୀ-ସ୍ତୁତି, ଜ୍ୟୋତି ଯଜ୍ଞ)

ହୋଇଥାଏ, ସେହି ଘରେ ଦେବତାମାନଙ୍କର ନିବାସ ହୋଇଥାଏ ।

ସତସଙ୍ଗ ଶୁଣି ସମସ୍ତେ ନିଜ-ନିଜ ଘରକୁ ଚାଲିଗଲେ । ଦିନ ୧୨ ଟାରୁ ୦୨ ଟା ପର୍ଯ୍ୟନ୍ତ ସତସଙ୍ଗ ହୋଇଥିଲା । ବୋହୁକୁ ଏହା ଜଣାନଥିଲା ଯେ ଶାଶୁମା'ମଧ୍ୟ ସତସଙ୍ଗକୁ ଯାଇଥିଲେ । ପରଦିନ ସକାଳେ ମଇଁଷିଠାରୁ କ୍ଷୀର ଦୁହିଁସାରିବା ପରେ ପୁତ୍ରବଧୁ ସବୁଦିନ ପରି ସେହି କ୍ଷୀରଭର୍ତ୍ତି ବାଲ୍‌ଟିକୁ ଛାତରେ ଓହଳିଥିବା ବଙ୍କା ଲୁହାରଡ଼ରେ ଟାଙ୍ଗୀଲେ । ସେ ଭାବିଲା ଯେ ବାଲ୍‌ଟି ଟାଙ୍ଗି ହୋଇଗଲା, ମାତ୍ର ଲୁହାହୁକର ଓଲଟା ପାର୍ଶ୍ୱରେ ବାଲ୍‌ଟିର କଡାଟି ଲାଗିଥିଲା । ବୋହୁ ଭାବିଲା ଯେ ବାଲ୍‌ଟି ଠିକ୍‌ରେ ଲାଗିଛି ଏବଂ ସେ ବାଲ୍‌ଟିଟିକୁ ଛାଡ଼ିଦେଲା । ବାଲ୍‌ଟି ତଳେ ପଡିଯିବାରୁ ସମସ୍ତ କ୍ଷୀର ଢାଳି ହୋଇଗଲା । ଶବ୍ଦ ଶୁଣି ଭତେରୀ (ଶାଶୁ) ସେଠାରେ ପହଞ୍ଚିଗଲେ । ବୋହୁ, କ୍ଷୀର ପ୍ରତି ଦୃଷ୍ଟି ନ ଦେଇ ଦୁଃଖି ମନରେ ଶାଶୁ ଆଡକୁ ଚାହିଁବାକୁ ଲାଗିଲା । ପାଟି ଖୋଲିବାକୁ ଉଚିତ୍ ମନେ କଲା ନାହିଁ କାରଣ ବୋହୁକୁ ଜଣାଥିଲା ଯେ ଶାଶୁ ମା'ଙ୍କୁ ଯେତେ କୈଫତ ଦେଲେ ମଧ୍ୟ ସେ ଶୁଣନ୍ତି ନାହିଁ । ଭାବିଲା ଯେ ଆଜିର ଦିନଟି କଳି-ଝଗଡାରେ କଟିବ । ସନ୍ଧ୍ୟାରେ ସ୍ୱାମୀ ଆସିବେ, ତାଙ୍କ ଦ୍ୱାରା ମଧ୍ୟ ମାଡ ମରାଯିବ । ହେ ପରମାତ୍ମା ! ଏ ସବୁ କ'ଣ ଘଟିଗଲା ? ଏଭଳି ଭୁଲ କେବେ ମଧ୍ୟ ହୋଇନଥିଲା । ହେ ସଦଗୁରୁ ! ଦୟା କରନ୍ତୁ । ମୁଁ ଆପଣଙ୍କ ଭକ୍ତି ମଧ୍ୟ ଭୂଲିଯାଉଛି । ମୋତେ ଦିନସାରା ଶାଶୁ ମା'ଙ୍କର ଶ୍ଳୋକ ମନେ ପଡିଯାଉଛି । ଭତେରୀ କହିଲା, ଝିଅ ! ଯାହା ଘଟିବାର ଥିଲା ତାହା ଘଟିଗଲା । ଆଜି ଆମ ଭାଗ୍ୟରେ କ୍ଷୀର ନାହିଁ, ଚିନ୍ତା କରନା । ଉପରୁ ଉପରୁ ସାଉଁଟି ଏହି ଦୁଧକୁ ବାଲ୍‌ଟିରେ ନେଇ ମଇଁଷିକୁ ପିଆଇ ଦେ । ଏକଥା କହି ନାମଦୀକ୍ଷା ସମୟରେ ଯେଉଁ ମନ୍ତ୍ର ମିଳିଥିଲା ତାହା ଜପ କରିବାକୁ ଲାଗିଲା । ପୁତ୍ରବଧୁକୁ ନିଜ କାନ ଉପରେ ବିଶ୍ୱାସ ହେଉନଥିଲା । ବୋହୁ ଭାବୁଥାଏ ଜଣା ନାହିଁ ଆଜି ଶାଶୁ ମାତା କେଉଁ ରେଡିଓ ଷ୍ଟେସନ (ଆକାଶବାଣୀ)ରୁ କହୁଛନ୍ତି । ଏପରି ଶୀତଳ ବଚନ ଭତେରୀର ମନ ରୂପକ ମୁଣିରେ ନ ଥିଲା, ସେଥିରେ କେବଳ କୁଣ୍ଠା ଭର୍ତ୍ତି ହୋଇଥିଲା । ଆଖ ପାଖରେ ଯିଏ ଥାଉନା କାହିଁକି ତା' ମୁଖରୁ ସର୍ବଦା ଅଯଥା କଥା ବାହାରୁଥିଲା । ବୋହୁର ନାମ ନିଶା ଥିଲା । ସେ ଭାବୁଥିଲା ''ନିଶା ଆଜ ନିଶା (ରାତ୍ରି) ମେଁ ତେରୀ ବୁରୀ ହୋଗୀ ଦଶା'' ।

ନିଶା ଭାବିଥିଲା ଯେ ସ୍ୱାମୀକୁ କହିବ । ସେ ମାଆଙ୍କ କଥା ଶୁଣିବା ପରେ ମୋ କଥାକୁ ଆଦୌ ଶୁଣନ୍ତି ନାହିଁ । କଟୁ କଥା କହିବେ । ରାତି-ଦିନ କାନ୍ଦିବାରେ କଟିବ । ନିଶ, ଢାଳି ହୋଇଯାଇଥିବା କ୍ଷୀରକୁ ବାଲ୍‌ଟିରେ ଭର୍ତ୍ତିକରି ମଇଁଷିକୁ ପିଆଇ ଦେଲା ଏବଂ ବାଲ୍‌ଟି ଧୋଇ ରଖିଦେଲା । ଭତେରୀ ଆସିଲା ଏବଂ କହିଲା, ଝିଅ ! ରୁଟି ଖାଇଦେ । ଆଦୌ ଚିନ୍ତା କରନା ଝିଅ ! ମୋ ଭଉଣୀ ଦୟାକୌର୍ ସହିତ ମୁଁ ଗତକାଲି ଦିନରେ ସତସଙ୍ଗକୁ ଯାଇଥିଲି । ମୋ ଆଖି ଖୋଲିଗଲା । ମୁଁ ବହୁତ କଳି-ଝଗଡା ପ୍ରିୟ ଥିଲି ଝିଅ ! ପାରିବୁ ଯଦି କ୍ଷମା କରିଦେ । ଯାହା ଘଟିଗଲା ତାହା ଘଟିଗଲା, ଆଗକୁ ମୋ ଝିଅକୁ ମୋ ଆଖିର ତାରା କରି ରଖିବି । ବାସ୍ତବରେ ତୁ ମୋ ନିଜ ଝିଅ । ଝିଅ ଜନମ ପରଘରକୁ ତେଣୁ ଜନ୍ମିତା ଝିଅ ଶାଶୁଘରକୁ ଚାଲିଗଲା । ଏଣିକି ପରିବାରର ଦୁଃଖ-ସୁଖରେ ଆମ୍ଭେ ସମସ୍ତେ ଭାଗୀଦାର । ଗୋଟିଏ ଦିନର ସତସଙ୍ଗ ମୋ ଆଖି ଖୋଲିଦେଲା ଝିଅ ! ଆସନ୍ତା ରବିବାରକୁ ଆପଣ ମଧ୍ୟ ଯିବେ, ମୁଁ ମଧ୍ୟ ଯିବି । ଧିରେ ଧିରେ ପୁଅକୁ ମଧ୍ୟ ନେଇଯିବା । ନିଶା, ନିଜ ଗୁରୁଜୀଙ୍କ ଫଟୋ (ସ୍ୱରୂପ) କୁ ଲୁଗାଭିତରେ ଲୁଚାଇ ରଖିଥିଲା । ଫଟୋ କାଢି ଗୁରୁଙ୍କ ଚରଣରେ ନିଜ ମସ୍ତକକୁ ସ୍ପର୍ଶ କରାଇ କହିଲା, ହେ ଗୁରୁଦେବ ! ଆଜି ଆପଣ ଆପଣଙ୍କ ଝିଅର ଡ଼ାକ ଶୁଣିଲେ । ଆମ ଘରକୁ ସ୍ୱର୍ଗ କରିଦେଲେ । ସନ୍ଧ୍ୟାରେ ଚତ୍ତର ସିଂହ ଆସିବା ପରେ ଶାଶୁ ମା' କ୍ଷୀର ବିଷୟରେ କୌଣସି କଥା ଆଲୋଚନା କଲେ ନାହିଁ । କିଛିଦିନ ପରେ ଚତ୍ତର ସିଂହକୁ ମଧ୍ୟ ନାମ ଉପଦେଶ ଦିଆଇଲେ । କିଛିଦିନ ପରେ ନିଶାର ଗୁରୁଜୀ ଆସିଲେ । ନିଶା କହିଲା, ଗୁରୁଜୀ ! ମୋ ଶାଶୁ ମା' ବହୁତ ଭଲ ଅଟନ୍ତି । ଇଏ ମଧ୍ୟ ଗୁରୁଦୀକ୍ଷା ନେଇଛନ୍ତି । ଭତେରୀ କହିଲେ, ମହାରାଜ ଜୀ ! ନିଶା ମୋତେ କେବେ ବି କହିନାହିଁ ଯେ ସେ ଆଗରୁ ଦୀକ୍ଷା

ନେଇ ସାରିଛି । ବୋଧେ ଏଇ ମୋ ଝଗଡାକୁ ଡ଼ରୁଥିଲା । ମୁଁ ନାମଦୀକ୍ଷା ନେଇ ପରେ ଏବେ କହିଲା । ସେ ଠିକ୍ କରିଛି, ଯଦି ଆଗରୁ କହିଥାନ୍ତା ତେବେ ମୁଁ ତାକୁ ଅଧିକ ଦୁଃଖ ଦେଇ ମହାପାପରେ ଭାଗୀ ହୋଇଥାନ୍ତି । ନିଶାର ଗୁରୁଜୀ କହିଲେ, ଭତେରୀ ମାତା ! ଆପଣ ମହରଗରୁ ଆସି କାନ୍ତାରରେ ପଡିଗଲେ କାରଣ ଆପଣଙ୍କ ଦୀକ୍ଷା ଶାସ୍ତ୍ରାନୁକୂଳ ନୁହେଁ । ସତ୍ୟସାଧନା ବିନା ମୋକ୍ଷ ଅସମ୍ଭବ । ଯେପରି ରୋଗ ପାଇଁ ଠିକ୍ ଔଷଧ ଖାଇବା ଦ୍ୱାରା ହିଁ ରୋଗରୁ ମୁକ୍ତି ମିଳିଥାଏ । ନିଶା ଭାବିଲା ଯେ ଶାଶୁ ମା' ବୋଧେ ନାରାଜ ହୋଇଯିବେ, ତେଣୁ ଧ୍ୟାନ ହଟାଇବା ପାଇଁ କଥାବାର୍ତ୍ତା ମଝିରେ କହିବାକୁ ଲାଗିଲେ ଯେ ଗୁରୁଜୀ ! ମୁଁ ଶୁଣିଛି ଯେ ଆପଣ ନୂଆ ପୁସ୍ତକ ଲେଖିଛନ୍ତି, ଯାହା ଭଗତମାନଙ୍କ ଦ୍ୱାରା ଛପାଯାଇଛି । ଆପଣଙ୍କ ପାଖରେ ସେ ପୁସ୍ତକ ଏବେ ଅଛି କି ? ଗୁରୁଜୀ କହିଲେ, ଅଛି ଝିଅ ! ତୁମକୁ ଦେବା ପାଇଁ ଆଣିଛି । ଏହିକଥା କହି ଗୁରୁଜୀ ସେହି କୋଠରୀ ମଧ୍ୟକୁ ଗଲେ ଯେଉଁ କୋଠରୀରେ ତାଙ୍କ ପାଇଁ ରହିବା ବ୍ୟବସ୍ଥା ହୋଇଥିଲା । ସେହି ରୁମ୍‌ରେ ତାଙ୍କ ବ୍ୟଗ ରଖିଥିଲେ । ନିଶା ମଧ୍ୟ ପଛେ ପଛେ ଗଲା ଏବଂ କହିଲା, ଗୁରୁଦେବ ! ବିରୁଡ଼ି ବସାରେ ଆଦୌ ହାତ ଲଗାନ୍ତୁ ନାହିଁ । ବହୁକଷ୍ଟରେ ଶାନ୍ତ ହୋଇଛି । ଗୁରୁଜୀ କହିଲେ, ଆରେ ଝିଅ ! ଏବେ ତୋ ଶାଶୁର ସଂପୂର୍ଣ୍ଣ ରୁଚି ଭକ୍ତିରେ ହିଁ ଅଛି, ଏବେ ସେ ସ୍ୱୀକାର କରିବ । ଗୁରୁଜୀ ତିନିଦିନ ପର୍ଯ୍ୟନ୍ତ ରହିଲେ, ତତ୍ତ୍ୱଜ୍ଞାନ ବୁଝାଇଲେ । ଭତେରୀ ମଧ୍ୟ ଗୁରୁ ବଦଳାଇ ନିଜର କଲ୍ୟାଣ କଲେ ।

ସତସଙ୍ଗ ଯୋଗୁଁ ତାଙ୍କ ଘର ସ୍ୱର୍ଗରେ ପରିଣତ ହେବା ସହିତ ଚର୍ତୁପାଶରେ ଶାନ୍ତି ସ୍ଥାପିତ ହେଲା । ସାରାଦିନ ଗାଳି-ଗୁଲଜ ରୂପକ କୋଳାହଳରେ ଯେଉଁ ଘରେ ଫାଟି ପଡୁଥିଲା, ଏବେ ସେହି ଘରେ ପରମାତ୍ମାଙ୍କର ଜ୍ଞାନର ଗଙ୍ଗା ପ୍ରବାହିତ ହେଉଛି ।

ଭକ୍ତମତି ନିଶାର ଗୁରୁଜୀ, ପରମେଶ୍ୱର କବୀରଙ୍କର ଅନ୍ୟ ରୂପ ଧାରଣ କରି ଯିଏ ସତ୍ୟଭକ୍ତିର ପ୍ରଚାର ପାଇଁ ଘୁରି ବୁଲୁଥିଲେ ଥିଲେ । ଏହି ପୁସ୍ତକର ୨୦୯ ନଂ ପୃଷ୍ଠାରେ ସେ ଉଲ୍ଲେଖ କରିଛନ୍ତି, କେଉଁ ପ୍ରଭୁଙ୍କର ଭକ୍ତି କରିବା ଉଚିତ୍ ? ।

ନିଷ୍କର୍ଷ :- ପରମେଶ୍ୱର କବୀରଜୀ କହିଛନ୍ତି ଯେ :-

ମନ ନେକୀ କରଲେ ଦୋ ଦିନ କା ମେହମାନ ॥ ଘୋଷା ॥

ମାତା ପିତା ତେରା କୁଟୁମ୍ବ କବୀଲା କୋଏ ଦିନକା ରଲ ମିଲ କା ମେଲା ।

ଅନ୍ତ ସମୟ ଉଠ ଚଲେ ଅକେଲା ତ୍ୟଜ ମାୟା ମଣ୍ଡାନ ॥ ୧ ॥

କାହାଁ ସେ ଆୟା, କାହାଁ ଜାଏଗା, ତନ ଛୂଟେ ତବ କହାଁ ସମାଏଗା ।

ଆଖିର ତୁଝକୋ କୌନ କହେଗା, ଗୁରୁବିନ ଆତ୍ମ ଜ୍ଞାନ ॥ ୨

କୌନ ତୁହ୍ଲାରା ସଜା ସାଁଇଁ, ଝୁଠୀ ହେ ଯେ ସକଲ ସଗାଇ ।

ଚଲନେ ସେ ପହଲେ ସୋଚ ରେ ଭାଇ, କାହାଁ କରେଗା ବିଶ୍ରାମ ॥ ୩

ରହଟ ମାଲ ପନଘଟ ଜ୍ୟୌଁ ଭରିତା, ଆବତ ଜାତ ଭରୈ କରୈ ରୀତା ।

ଜୁଗନ-ଜୁଗନ ତୁ ମରତା ଜୀତା, କରଞ୍ଚା ଲେ ରେ କଲ୍ୟାଣ ॥ ୪

ଲଖ-ଚୌରାସୀ କୀ ସହ ତ୍ରାସା, ଉଞ୍ଚ-ନୀଚ ଘର ଲେତା ବାସା ।

କହ କବୀର ସବ ମିଟାଉଁ, କର ମେରୀ ପହଚାନ ॥ ୫

ଭାବାର୍ଥ :- ପରମେଶ୍ୱର କବୀରଜୀ ନିଜ ମନକୁ ସମ୍ବୋଧନ କରି ଆମ୍ଭ ପରି ପ୍ରଣୀମାନଙ୍କୁ ସର୍ତକ କରି କହିଛନ୍ତି ଯେ ଏହି ସଂସାରରେ ଆମ୍ଭେ ଦୁଇଦିନ ଅର୍ଥାତ୍ ଅଳ୍ପ ଦିନର ଅତିଥି । ଅଳ୍ପଦିନର

ଏହି ମଣିଷ ଜୀବନରେ ଆତ୍ମଜ୍ଞାନ ଅଭାବରୁ ଆମ୍ଭେ ଅନେକ ପାପ ଏକତ୍ରିତ କରି ବହୁମୂଲ୍ୟ ମାନବ ଜୀବନକୁ ନଷ୍ଟ କରି ଦେଉ ଅଛେ । ଧନ ଉପାର୍ଜନ କରିବାର ଉପାୟ ବିଷୟରେ ସଂସାରିକ ବ୍ୟକ୍ତିମାନେ କହିଥାନ୍ତି ପରନ୍ତୁ ଗୁରୁଦେବଙ୍କ ବିନା ଆତ୍ମଜ୍ଞାନ ଅର୍ଥାତ୍ ଜୀବ କେଉଁଠାରୁ ଆସିଲା ? ଏହି ମଣିଷ ଜୀବର ମୂଳ ଉଦ୍ଦେଶ୍ୟ କ'ଣ ? ସତଗୁରୁ ଧାରଣ ନ କରିବା ଅର୍ଥାତ୍ ଦୀକ୍ଷା ନ ନେବା ଦ୍ୱାରା ବହୁମୂଲ୍ୟ ମାନବ ଜୀବନ ନଷ୍ଟ ହୋଇ ଯାଇଥାଏ । ଏହି କଥା ଗୁରୁଜୀଙ୍କ ବ୍ୟତୀତ ଅନ୍ୟ କେହି କହି ନ ଥାନ୍ତି । ଏହି ପୃଥିବୀର ରାଜା ହୋଇଗଲେ ବି ପରବର୍ତ୍ତୀ ସମୟରେ ତୋତେ ପଶୁଜନ୍ମ ମିଳିବ । ଏହି ଜନ୍ମ-ମୃତ୍ୟୁର ଚକ୍ର ଗୁରୁଜୀଙ୍କ ଜ୍ଞାନ ଓ ଦୀକ୍ଷା ମନ୍ତ୍ର (ନାମ) ବିନା ସମାପ୍ତ ହୋଇ ପାରିବ ନାହିଁ । ଯେପର୍ଯ୍ୟନ୍ତ ଜନ୍ମ-ମରଣ ଚକ୍ର ସମାପ୍ତ ନ ହୋଇଛି କୁହାଯାଇଛି ଯେ :-

ଯହ ଜୀବନ ହର ହଟ କା କୁଆଁ ଲୋଇ । ଯା ଗଲ ବନ୍ଧା ହୈ ସବ କୋଇ ॥

କୀଡ଼ୀ-କୁଞ୍ଜର ଢ଼ୌର ଅବତାରା । ହରହଟ ଢ଼ୋର ବନ୍ଧେ କଇ ବାରା ॥

ଭାବାର୍ଥ :- ଯେପରି ଅରଟ କୂଅରେ ଲୁହାର ଚକ୍ରି (ଅରଟ) ଲାଗିଥାଏ ଏବଂ ସେହି ଅରଟ ଉପରେ ବାଲଟି ଖଞ୍ଜା ଯାଇଥାଏ । ଏହି ଅରଟ ଘଣାକୁ ଘୁରାଇବା ପାଇଁ ଉପରେ ବଳଦ ବା ଓଟମାନଙ୍କର ସାହାଯ୍ୟ ନିଆ ଯାଇଥାଏ । କୁଅରୁ ଜଳ କାଢିବାର ଏହି ପୁରୁଣା ବ୍ୟବସ୍ଥା ଆଗ କାଳରେ ଅଧିକ ମାତ୍ରାରେ ଥିଲା । ଅରଟରେ ଖଞ୍ଜା ଯାଇଥିବା ବାଲ୍‌ଟି କୂଅ ଭିତରୁ ପାଣି ଭର୍ତ୍ତିକରି ଆଣି ଉପରେ ଖାଲି କରିଥାଏ । ଏହି ଅରଟ ଚକ୍ରି ସର୍ବଦା ଚାଲୁ ରହିଥାଏ । ଠିକ୍ ଏହିଭଳି ପୃଥିବୀ ରୂପକ କୂଅରୁ ପାଣି ରୂପକ ପାପ ଓ ପୂଣ୍ୟକୁ ବାଲ୍‌ଟିରେ ଭର୍ତ୍ତିକରି ଆମ୍ଭେ ସ୍ୱର୍ଗ-ନର୍କରେ ଖାଲି କରୁଅଛେ । ଏହି ପ୍ରକାରେ ଜୀବ ଜନ୍ମ-ମୃତ୍ୟୁ ଚକ୍ରରେ ସର୍ବଦା ରହିଥାଏ । ଉପର ଲିଖିତ ଶବ୍ଦରେ ଏହା ବୁଝାଇ କୁହାଯାଇଛି ଯେ ଜୀବ ପରିବାର ଧନ-ସମ୍ପତ୍ତି ଆଦିକୁ ତ୍ୟାଗ କରି ଦିନେ ଏକା ଏହି ସଂସାରରୁ ବିଦାୟ ନେବ । ଯଦି ଆପଣ ଘରୁ ବାହାରି ଅନ୍ୟ କୌଣସି ସହରକୁ ଯାଉଛନ୍ତି ତେବେ ଯିବା ପୂର୍ବରୁ ସୁନିଶ୍ଚିତ କରିଥାନ୍ତି ଯେ ମୁଁ ସେଠାକୁ ଯିବି । ତା'ପରେ ସେହି ସ୍ଥାନରେ ବିଶ୍ରାମ କରିବି । ମାତ୍ର ଏହି ସଂସାର ଛାଡ଼ି ଯେତେବେଳେ ଆପଣ ଯାଇଥାନ୍ତି ସେତେବେଳେ କେବେ ଏହା ବିଚାର କରି ନ ଥାନ୍ତି ଯେ ମୁଁ କେଁଉଠି ବିଶ୍ରାମ କରିବି । ଆରେ ଜୀବ ! ତୁ ଚୌରାଶୀ ଲକ୍ଷ ପ୍ରକାରର ପ୍ରାଣୀମାନଙ୍କ ଶରୀରରେ ପ୍ରତାଡ଼ନା ସହ୍ୟ କରୁଛୁ । ଜନ୍ମ ନେଉଛୁ-ମରୁଛୁ (ନୂତନ ପ୍ରାଣୀମାନଙ୍କର ଜୀବନ ପ୍ରାପ୍ତ କରିଥାଉ) । କେବେ ରାଜା ହୋଇ ଉଚ୍ଚ ହୋଇଯାଉଛୁ ତ କେବେ କାଙ୍ଗାଳ ହୋଇ ନୀଚ ଆଖ୍ୟା ପ୍ରାପ୍ତ କରୁଛୁ । ପରମାତ୍ମା କବୀର ସାହେବ କହୁଛନ୍ତି ଯେ ସତ୍ୟସାଧନା ନ ମିଳିବା କାରଣରୁ ଅବତାରଗଣ ମଧ୍ୟ ଜନ୍ମ-ମରଣ ଚକ୍ରରେ ପଡ଼ିଛନ୍ତି । ସତ୍ୟ ସାଧନା ମୋ ନିକଟରେ ଉପଲବ୍ଧ । ଆରେ ପ୍ରାଣୀ ! ତୁ ମୋତେ ଚିହ୍ନିବାକୁ ଚେଷ୍ଟା କର, ମୁଁ ସମର୍ଥ୍ୟ ପରମାତ୍ମା । ତୋ ଜନ୍ମ-ମୃତ୍ୟୁ କଷ୍ଟ ମୁଁ ସମାପ୍ତ କରିଦେବି ।

ଯହ୍ନ ହ୍ରହ୍ରଟ କା କୁଆଁ ଲୋଇ, ଯା ଗଲ୍ ବନ୍ଧ୍ୟା ହେ ସବ କୋଇ ।
କୀତୀ କୁଞ୍ଜର୍ ଔର୍ ଅବତାର୍, ହ୍ରହ୍ରଟ ଡୋର୍ ବନ୍ଧେ ଜଇ ଦାର୍ ॥

କାଳଲୋକରେ ଜନ୍ମ-ମରଣ ରୁପୀ ହ୍ରହ୍ରଟ (ଚକ୍ର)

(ଶବ୍ଦ ନଂ ୨)

ନାମ ସୁମରଲେ ସୁକର୍ମ କରଲେ କୌନ ଜାନେ କଲ କୀ ॥
ଖବର ନହୀଁ ପଲ କୀ (ଘୋଷା)
କୋଡ଼ି-କୋଡ଼ି ମାୟା ଜୋଡ଼ି ବାତ କରେ ଛଲ କୀ,
ପାପ ପୂଣ୍ୟ କୀ ବାନ୍ଧୀ ପୋଟରିୟା, କୈସେ ହୋଓ୍ୱେ ହଲ୍କୀ ॥ ୧ ॥
ମାତ-ପିତା ପରିବାର ଭାଇ ବନ୍ଧୁ, ତ୍ରୀରିୟା ମତଲବ କୀ,
ଚଲତୀ ବରିୟାଁ କୋଇ ନା ସାଥୀ, ୟା ମାଟି ଜଙ୍ଗଲ କୀ ॥ ୨ ॥
ତାରୋଁ ବୀଚ ଚନ୍ଦ୍ରମା ଜ୍ୟୋଁ ଝଲକେ, ତେରୀ ମହିମା ଝଲା ଝଲକୀ,
ବନୈ ଜୁକରା ବିଷ୍ଠା ଖାବେ, ଅବ ବାତ କରୈ ବଲ କୀ ॥ ୩ ॥
ଯେ ସଂସାର ରୈନ କା ସପନା, ଓସ ବୁନ୍ଦ ଜଲ କୀ,
ସତନାମ ବିନା ସବୈ ସାଧନା ଗାରା ଦଲ ଦଲ କୀ ॥ ୪ ॥
ଅନ୍ତ ସମୟ ଜବ ଚଲୈ ଅକେଲା, ଆଁସୁ ନୈନ ଢ଼ଲକୀ,
କହ କବୀର ଗହ ଶରଣ ମେରୀ ହୋ ରକ୍ଷା ଜଲ ଥଲ କୀ ॥ ୫ ॥

ଭାବାର୍ଥ :- ପରମାତ୍ମା କବୀରଜୀ କହିଛନ୍ତି, ରେ ଭୋଳା ମଣିଷ (ସ୍ତ୍ରୀ/ପୁରୁଷ)! ପରମାତ୍ମାଙ୍କର ନାମ ଜପ ଓ ଶୁଭକର୍ମ କର । ଜଣା ନାହିଁ କାଲି ଅର୍ଥାତ୍ ଭବିଷ୍ୟତରେ କେଉଁ ଦୁର୍ଘଟଣା ଘଟିଯିବ । କ୍ଷଣିକରେ କ'ଣ ଘଟିଯିବ ତାହା ଜଣା ନାହିଁ ।

ବିନା ଛଳ-କପଟରେ ଧନ ଉପାର୍ଜନ ହୋଇପାରିବ ନାହିଁ । ଯେଉଁ ଧନରୁ କିଛି ଦାନ-ଧର୍ମ ବାବଦରେ ମଧ୍ୟ ଖର୍ଚ୍ଚ କରିଥାଉ । ଏହିଭଳି ପାପ ଓ ପୂଣ୍ୟର ଦୁଇଟି ଗଣ୍ଠିଲି ବାନ୍ଧିଲୁ ତାହା ହାଲୁକା ହେବ କେମିତି । ପାପ ଭୋଗ ନର୍କରେ ଓ ପୂଣ୍ୟ ଭୋଗ ସ୍ୱର୍ଗରେ ହୋଇଥାଏ । ମାତା-ପିତା, ଭାଇ, ପତ୍ନୀ ଆଦି ପରିଜନ ସମସ୍ତେ କେବଳ ନିଜ ନିଜ ସ୍ୱାର୍ଥ ବିଷୟରେ ଚିନ୍ତା କରିଥାନ୍ତି । ପୂର୍ବଜନ୍ମର ଋଣ ସୁଜିବା ପାଇଁ ପରିବାର ବନ୍ଧନରେ ବାନ୍ଧିହୋଇଛେ । ଯେଉଁମାନଙ୍କର ସମୟ ସମାପ୍ତ ହୋଇଯିବ ସେମାନଙ୍କର ସାଂସାରିକ ଋଣ ସଂପର୍କ ମଧ୍ୟ ସମାପ୍ତ ହୋଇଯିବ, ସେ ପରିବାର ଛାଡ଼ି ତୁରନ୍ତ ଚାଲିଯିବ । ଯେପରି ରେଳଗାଡ଼ି ଡବାରେ ଲୋକେ ବସିଥାନ୍ତି, ଯିଏ ଯେଉଁ ଷ୍ଟେସନ୍ ପାଇଁ ଟିକଟ କାଟିଥିବ ସେ ସେହି ଷ୍ଟେସନ୍‌ରେ ଓହ୍ଲାଇବ । ଏହି ପରିବାର ରେଳବଗି ସଦୃଶ୍ୟ । ମୃତ୍ୟୁ ଉପରାନ୍ତ ଏହି ଶରୀର ମାଟିରେ ମିଶିଥାଏ । ତୋ ପରିବାରର କୌଣସି ସଦସ୍ୟ ସେତେବେଳେ ତୋ ଯାତ୍ରାର ସାଥି ହେବ ନାହିଁ ।

ଜଣେ ବ୍ୟକ୍ତି ନିଜ ପତ୍ନୀକୁ ବହୁତ ପ୍ରେମ କରୁଥିଲା । ବୃଦ୍ଧ ହେବା ପରେ ମୃତ୍ୟୁ ନିକଟତର ହେଲା । ଦିନେ ସେ ନିଜ ସ୍ତ୍ରୀକୁ ପଚାରିଲା, ତୁମେ ମୋ ସହିତ ଯିବ କି ? ସେ ସଙ୍ଗେ ସଙ୍ଗେ ମନା କରିଦେଇ କହିଲା ଯେ "ନାଁ ମୁଁ ତୁମ ସହିତ ମରିବି ନାହିଁ । ତୁମଠାରୁ ମୁଁ ତିନିବର୍ଷ ସାନ ।" ବୁଢ଼ାକୁ ସେଦିନ ଗଭୀର ମାନସିକ ଆଘାତ ଲାଗିଲା । ସେ ନିଜ ସ୍ତ୍ରୀ ସହିତ କଥାବାର୍ତ୍ତା କରିବା ବନ୍ଦ କରିଦେଲା । ବୁଢ଼ି ପାଖକୁ ଆସିବା ମାତ୍ରେ କିଛି ନ କହି ମୁଁହ ମୋଡ଼ିଲା । ୬୦ ବର୍ଷ ବୟସରେ ସେହି ବୃଦ୍ଧକୁ ପ୍ରଥମଥର ପାଇଁ ଅନୁଭବ ହେଲା ଯେ କେହି କାହାର ନୁହନ୍ତି । ଯଦି ସେହି ବୃଦ୍ଧାର ବିଚାର ଶକ୍ତି ଓ ବାସ୍ତବିକ ପ୍ରେମଭାବ ରହିଥାନ୍ତା ତେବେ ନିଶ୍ଚୟ ଏହା କହିଥାନ୍ତା ଯେ ମୋତେ ମଧ୍ୟ ସାଥିରେ ନେଇଚାଲ । ବୃଦ୍ଧ ବାସ୍ତବରେ କ'ଣ ତାକୁ ସାଥିରେ ନେଇ ପାରିଥାନ୍ତା, କେବଳ କଥା ଶୁଣି ତା' ମନ ଖୁସି ହୋଇ ଯାଇଥାନ୍ତା ଏବଂ ବିନା ଅବଶୋଷରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥାନ୍ତା । ସମୟ ପୂର୍ବରୁ ବୃଦ୍ଧାକୁ କିଏ ମାରି ପାରିଥାନ୍ତା ? ଏଥିରୁ ପ୍ରମାଣିତ ହେଲା ଯେ ବାସ୍ତବିକ ପ୍ରେମ ତ ବହୁତ ଦୂରର କଥା । ସମସ୍ତେ ସ୍ୱାର୍ଥର ସାଥି । ରେ ମାନବ! ପୂର୍ବଜନ୍ମରେ କରିଥିବା ଜପ-ତପ ଓ ଧର୍ମ ସଂସ୍କାରର ଫଳ ସ୍ୱରୂପ ବର୍ତ୍ତମାନ ଜୀବନରେ ତୁ ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ବା ଉଚ୍ଚ ଅଧିକାରୀ ହୋଇ ଏମିତି ସୁଶୋଭିତ ହେଉଛୁ ଯେପରି ରାତ୍ରିରେ ତାରାମାନଙ୍କ ମଧ୍ୟରେ ଚନ୍ଦ୍ରମା

ଶୋଭା ପାଇଥାଏ । ଯଦି ସତସଙ୍ଗ ବିଚାର ନ ଶୁଣିବୁ ତେବେ ଆତ୍ମଜ୍ଞାନ ବିନା ପରମାତ୍ମାଙ୍କ ଭକ୍ତି ନ କରି ପରଜନ୍ମରେ କୁକୁର ହୋଇ ବିଷ୍ଠା (ଗୁହ)ଖାଇବୁ । ବର୍ତ୍ତମାନ ତୁ ନିଜ ବଳ ଅର୍ଥାତ୍ ଶାରୀରିକ ଶକ୍ତି, ପଦ-ପଦବୀର ସାମର୍ଥ୍ୟ ବିଷୟରେ ବଖାଣୁଛୁ । ଏହାପରେ ପଶୁ ହୋଇ ମହାକଷ୍ଟ ଭୋଗ କରିବୁ ।

ନର ସେ ଫିର ପଶୁଓ୍ୱା କୀଜୈ, ଗଧା - ବୈଲ ବନାଇ ।
ଛପ୍ପନ ଭୋଗ କହାଁ ମନ ବୋରେ, କୁରୁଡ଼ୀ ଚରନେ ଯାଇ ॥

ଶବ୍ଦାର୍ଥ :- ଯେଉଁ ମନୁଷ୍ୟ (ସ୍ତ୍ରୀ/ପୁରୁଷ) ଗୁରୁଙ୍କଠାରୁ ଦୀକ୍ଷା ନେଇ ଶାସ୍ତ୍ରାନୁସାରେ ସତ୍ୟଭକ୍ତି ନ କରିଥାଏ ସେହି ମନୁଷ୍ୟ ମୃତ୍ୟୁ ଉପରାନ୍ତ ପଶୁ ଜୀବନ ପ୍ରାପ୍ତ କରିଥାଏ । ସେ ଗଧ ବା ବଳଦ ଶରୀର ପ୍ରାପ୍ତ କରିଥାଏ । ସେ ମାନବ ଶରୀରରେ ଥିବାବେଳେ ସ୍ୱାଦିଷ୍ଟ ଭୋଜନ କରୁଥିଲା, ଗଧ ହେବା ପରେ ତାକୁ ଉତ୍ତମ ଖାଦ୍ୟ ପ୍ରାପ୍ତ ହୋଇ ନ ଥାଏ । ଗଧ ଶରୀର ଧାରଣ କରି ଜଙ୍ଗଲରେ ଅଳିଆ ଗଦାରୁ ଗନ୍ଧଯୁକ୍ତ ଖାଦ୍ୟ ଓ ଘାସ ଖାଇଥାଏ । ତେଣୁ ଭକ୍ତି କର ।

ରେ ମାନବ ! ଏହି ସଂସାରରେ ତୋ ଜୀବନ ସକାଳର କାକର ଜଳବୁନ୍ଦା ଭଳି ଯାହା ଘାସ ଉପରେ ଚିକିମିକି କରି ଅଳ୍ପ କିଛି ସମୟ ପରେ ସମାପ୍ତ ହୋଇ ଯାଇଥାନ୍ତି । ତେଣୁ ପୂର୍ଣ୍ଣ ସଦଗୁରୁଙ୍କଠାରୁ ସତ୍ୟନାମ ଅର୍ଥାତ୍ ବାସ୍ତବିକ ନାମ ଜପମନ୍ତ୍ର ପ୍ରାପ୍ତ କରି ଭକ୍ତି କରି ନିଜ ଜୀବର କଲ୍ୟାଣ କରାଅ । ବାସ୍ତବିକ ଶାସ୍ତ୍ରାନୁକୂଳ ଭକ୍ତି ମନ୍ତ୍ର ବ୍ୟତୀତ ଅନ୍ୟ ସମସ୍ତ ଶାସ୍ତ୍ରବିରୁଦ୍ଧ ସାଧନା ସନ୍ତସନ୍ତିଆ ଭୁମିର ପଙ୍କ-କାଦୁଅ ସଦୃଶ୍ୟ । ବାହାରକୁ ବାହାର କରାଇବା ପରିବର୍ତ୍ତେ ଦୁଇଗୁଣା ଭିତରକୁ ଟାଣିଥାଏ । ସେହି ସାଧନା ପରମେଶ୍ୱର କବୀରଜୀଙ୍କ ନିକଟରେ ଥିଲା ତଥା ଅନ୍ୟ କେତେକ ସନ୍ଥଙ୍କୁ ମଧ୍ୟ ପରମେଶ୍ୱର କବୀରଜୀ କହିଥିଲେ କିନ୍ତୁ ଅନ୍ୟମାନଙ୍କୁ ନ ଜଣାଇବା ପାଇଁ ସେମାନଙ୍କୁ କହିଥିଲେ । ବର୍ତ୍ତମାନ (ସନ ୧୯୯୭ରୁ) ତାହ ମୋ (ରାମପାଲ ଦାସ) ପାଖରେ ଅଛି । ବର୍ତ୍ତମାନ ସମୟରେ ମୋ ବ୍ୟତିତ ଅନ୍ୟ କୌଣସି ସନ୍ଥ କିମ୍ବା ଗୁରୁଙ୍କ ନିକଟରେ ଶାସ୍ତ୍ରପ୍ରମାଣିତ ଭକ୍ତିମନ୍ତ୍ର ନାହିଁ । ଆସ ଦୀକ୍ଷା ନିଅ । ନିଜର ଓ ନିଜ ପରିବାରର ସମସ୍ତ ସଦସ୍ୟଙ୍କର ମାନବ ଜୀବନକୁ ମଧ୍ୟ ସଫଳ କରନ୍ତୁ । ଯଦି ଆପଣ ମୋ (ରାମପାଲଙ୍କ) ବ୍ୟତୀତ କୌଣସି ଅନ୍ୟପନ୍ଥର ସନ୍ଥ ବା ଗୁରୁଙ୍କଠାରୁ ଦୀକ୍ଷା ନେଉଛନ୍ତି ତେବେ ସେହି ପୁରୁଣା କଥା ହେବ ମହରଗରୁ ଆସି କାନ୍ତାରରେ ପଡିବା । ନା ଏକୁଳକୁ ହେବେ ନା ସେକୁଳକୁ ହେବେ । ମୁଁ (ଲେଖକ) ପ୍ରଥମେ ଗାଁ-ଗାଁ ବୁଲି ସତସଙ୍ଗ କରୁଥିଲି । ମୋ ସତସଙ୍ଗ ଯାହା ଶ୍ରବଣ ମାତ୍ରେ ଆତ୍ମାକୁ ଦୋହଲାଇ ଦେଇଥାଏ । ଯେଉଁମାନେ ମୋ ନିକଟରୁ ନାମଦୀକ୍ଷା ନ ନେଇ ଅନ୍ୟ ସନ୍ଥଙ୍କ ନିକଟରୁ ଦୀକ୍ଷା ନେଲେ ସେମାନଙ୍କ ଦୀକ୍ଷାରେ କୌଣସି ଲାଭ ହେଲା ନାହିଁ । ମୋ ଠାରୁ ଦୀକ୍ଷା ନେବା ପରେ ସୁଖୀ ହେଲେ ।

ଉପରୋକ୍ତ ସତସଙ୍ଗ ବଚନରୁ ଏହି ନିଷ୍କର୍ଷ ବାହାରୁଛି ଯେ ସତସଙ୍ଗ ବିଚାର ଶ୍ରବଣ ଦ୍ୱାରା ଘର ସ୍ୱର୍ଗ ପାଲଟିଯାଏ । ସତସଙ୍ଗ ବିନା ନର୍କଭଳି ଜୀବନଯାପନ କରିବାକୁ ପଡ଼ିଥାଏ । ଏହି ପ୍ରକାରେ ବିଶ୍ୱର ଉଦ୍ଧାର ସମ୍ଭବ ହୋଇପାରିବ । ସମସ୍ତେ ସ୍ନେହ-ପ୍ରେମରେ ଜୀବନଯାପନ କରି ମୋକ୍ଷ ପ୍ରାପ୍ତି କରିପାରିବେ । ଏହା ଅନିର୍ବାର୍ଯ୍ୟ ।

ବର୍ତ୍ତମାନ ସମୟର କିଛି ସତ୍ୟକଥା

(ନୋଟ :- ନିମ୍ନ କଥା ଏହି ପୃଷ୍ଠାରେ ପଢନ୍ତୁ ତଥା ଅବଶିଷ୍ଟ ୩୧୬ ପୃଷ୍ଠାରେ ପଢ଼ନ୍ତୁ ।)

"ଭକ୍ତ ସୁରେଶ ଦାସଙ୍କ ଉଜୁଡି ଯାଇଥିବା ପରିବାରକୁ ରକ୍ଷା କରିବା"

ଗ୍ରାମ-ଡ଼ୀଘଲ ପାନ୍ନାଗଞ୍ଜା, ଭକ୍ତଙ୍କ ନାମ ସୁରେଶ ଅହଲାବତ ଓ ଭକ୍ତମତୀଙ୍କ ନାମ ଯଶବନ୍ତୀ ।

ଡ଼ୀଘଲ ଗ୍ରାମ ଆଜି ଏହାର ମୁକ ସାକ୍ଷୀ ଯେ ଭକ୍ତ ସୁରେଶ ମଦ, ଚରସ, ତମାଖୁ ସେବନରେ ଖୁବ୍ ଅଭ୍ୟାସ୍ତ ଥିଲା । ଘରକୁ ନର୍କ କରି ରଖିଥିଲା । ଭଉଣୀ ଯଶବନ୍ତୀ (ସୁରେଶର ପତ୍ନୀ)ଅସାଧ ରୋଗରେ ପୀଡ଼ିତ ଥିଲେ । କମ ବୟସର ଦୁଇ ପୁଅ ଥିଲେ । ପିତା ଘରକୁ ଆସିବା ମାତ୍ରେ ଦୁହେଁ

ଘର ଭିତରେ ଲୁଚି ଯାଉଥିଲେ । ଘରେ ସର୍ବଦା ଝଗଡ଼ା ଲାଗି ରହୁଥିଲା । ଭଉଣୀ ଯଶବନ୍ତୀଙ୍କର ଜଣେ ଭାଇ ହରିୟାଣା ପୁଲିସରେ ଡି.ଏସ୍.ପି ଥିଲେ, ଯିଏ ବର୍ତ୍ତମାନ ସେବା ନିବୃତ୍ତ ଅଟନ୍ତି । ତାଙ୍କ ନାମ ଭକ୍ତ ରାଜେନ୍ଦ୍ର ସିଂହ ରାଠୀ, ଗ୍ରାମ - ଭାପଡ଼ୌଦା । ସେ ନିଜ ଭଉଣୀର ଉପଚାର ପାଇଁ ସମସ୍ତ ପ୍ରଚେଷ୍ଟା କରିଥିଲେ । ମାତ୍ର କିଛି ଲାଭ ହୋଇ ନ ଥିଲା । ମୋର ଜଣେ ଭକ୍ତ ଯିଏ ହରିୟାଣା ପୋଲିସରେ ଚାକିରୀ କରୁଥିଲେ । ସେ ଆର୍ଯ୍ୟସମାଜର ମହାନ ପ୍ରଚାରକ ଶ୍ରୀ ଜୌହରୀ ସିଂହଙ୍କ ପୁତ୍ର ଅଟନ୍ତି । (ଗ୍ରାମ - ଜସରାନା, ଜିଲ୍ଲା - ସୋନିପତ) ତାଙ୍କ ସହିତ ମୋ ଛୋଟ ଭାଇ ମହେନ୍ଦ୍ର ସିଂହ ମଧ୍ୟ ହରିୟାଣା ପୋଲିସରେ ଚାକିରୀ କରିଥିଲେ ଯାହାଙ୍କୁ ସନ୍୨୦୧୬ ରେ ଅବସର ନେବାର ଥିଲା, କିନ୍ତୁ ପରମାର୍ଥୀ ମିଶନର ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ସନ ୨୦୦୫ରେ ସ୍ୱେଚ୍ଛାକୃତ ଭାବେ ଅବସର ନେଇ ମୋତେ ସହଯୋଗ କରୁଛି । ମୋ ଭାଇ ରୋହତକ ଏସ୍.ପି.ଙ୍କର ଡ୍ରାଇଭର ଥିଲା, ଭକ୍ତ ଜୟବୀର ମଲ୍ଲିକ ଝଜ୍ଜର ଡି.ସି.ପିଙ୍କର ଡ୍ରାଇଭର ଥିଲେ । ଦୁହେଁ ଯେବେ ଭେଟ ହେଉଥିଲେ ମୋ ଭାଇ ତାଙ୍କ ସହିତ ଏହି ଜ୍ଞାନ ବିଷୟରେ ଚର୍ଚ୍ଚା କରୁଥିଲେ । ଆର୍ଯ୍ୟସମାଜୀ ହୋଇଥିବା କାରଣରୁ ଭକ୍ତ ଜୟବୀରଜୀ ପ୍ରଥମେ ବହୁତ ଦୁଃଖି ହେଲେ । ଆର୍ଯ୍ୟସମାଜର ଆଚାର୍ଯ୍ୟମାନଙ୍କୁ ସକ୍ଷାତ କଲେ ମାତ୍ର ନିଜ ଆଖିରେ ସମସ୍ତ ପ୍ରମାଣ ଦେଖିବା ପରେ ସତ୍ୟକୁ ସ୍ୱୀକାର କଲେ । ସନ ୧୯୯୪ରେ ସେ ମୋଠାରୁ ଦୀକ୍ଷା ନେଲେ । ସନ ୧୯୯୫ -୧୯୯୬ ପର୍ଯ୍ୟନ୍ତ ଭକ୍ତ ରାଜେନ୍ଦ୍ର ସିଂହ ରାଠୀ ଝଜ୍ଜରରେ କାର୍ଯ୍ୟରତ ଥିଲେ ତଥା ଜୟବୀରଜୀ ତାଙ୍କର ଡ୍ରାଇଭର ଥିଲେ । ଭକ୍ତ ରାଜେନ୍ଦ୍ରଙ୍କର ଆଉ ଜଣେ ଭାଇ ପୋଲିସ ଚାକିରୀ କରୁଥିଲେ । ଭଉଣୀ ଯଶବନ୍ତୀଙ୍କୁ ଯେଉଁ ବେମାର ହୋଇଥିଲା ସେହି ବେମାର ତାଙ୍କୁ ମଧ୍ୟ ହୋଇଥିଲା । ଯେଉଁଥିପାଇଁ ସନ ୧୯୯୫ରେ ତାଙ୍କର ମୃତ୍ୟୁ ହୋଇଗଲା । ଡ୍ରାଇଭର ହିସାବରେ ଭକ୍ତ ଜୟବୀର ଡି.ସି.ପିଙ୍କ ସହିତ ତାଙ୍କ ଘରକୁ ଯିବା ପରେ ସମସ୍ତ ଘଟଣା ବିଷୟରେ ଜାଣି ପାରିଲେ । ସେଠାରୁ ଆସିଲା ପରେ ଜୟବୀର ଦିନେ ଡି.ସି.ପି ସାହେବଙ୍କୁ ନିବେଦନ କଲେ ଯେ ଆପଣ ଆପଣଙ୍କର ପରିବାରକୁ ଯଦି ବଞ୍ଚାଇବାକୁ ଚାହୁଁଛନ୍ତି ତେବେ ସନ୍ଥ ରାମପାଲଜୀଙ୍କଠାରୁ ଦୀକ୍ଷା ନିଅନ୍ତୁ । ପ୍ରଥମେ ସେ ରାଜି ହେଲେ ନାହିଁ, ମାତ୍ର ଟ୍ରାୟଲ୍ କରିବା ପାଇଁ ନିଜ ଭଉଣୀ ଯଶବନ୍ତୀଙ୍କୁ ନିଜ ଛୋଟ ଭାଇ ସୁଖବୀରଙ୍କ ସହିତ ଦୀକ୍ଷା ନେବା ପାଇଁ ପଠାଇଲେ । ଏହି ଦାସ (ରାମପାଲ ଦାସ) ଜଳସେଚନ ବିଭାଗରେ ଜୁନିୟର୍ ଇଞ୍ଜିନିୟର୍ (J.E.) ପଦରେ କାର୍ଯ୍ୟରତ ଥିଲା । ଗୁରୁଜୀଙ୍କ ଆଦେଶକ୍ରମେ ଦୀକ୍ଷା ଦେବା ଓ ପ୍ରଚାର କରିବା କାର୍ଯ୍ୟ କରିବାକୁ ଲାଗିଲା । ଏହି ମିଶନର ଉଦ୍ଦେଶ୍ୟ ସହିତ ପରିଚିତ ହୋଇ ଜନହିତ ଓ ଜଗତହିତ ପାଇଁ ସନ ୧୯୯୫ ରେ ଚାକିରୀରୁ ସ୍ୱେଚ୍ଛାକୃତ ଭାବେ ତ୍ୟାଗ ପତ୍ର ଦେଇ ପ୍ରଚାର-ପ୍ରସାର କାର୍ଯ୍ୟରେ ଲାଗିପଡିଲି । (ତ୍ୟାଗପତ୍ର ହରିୟାଣା ସରକାରଙ୍କ ଦ୍ୱାରା ସ୍ୱୀକୃତ ।) ଗାଁ-ଗାଁ ବୁଲି ସନ୍ଥ ଗରୀବ ଦାସଜୀ ମହାରାଜଙ୍କ ବାଣୀର ଅଖଣ୍ଡ ପାଠ କରୁଥିଲି । ଏହି ଅଖଣ୍ଡ ପାଠ ତିନିଦିନ ପର୍ଯ୍ୟନ୍ତ ଚାଲେ । ଲୋକମାନଙ୍କୁ ଜ୍ଞାନ ବୁଝାଇ, ସମସ୍ତ ବିକାରରୁ ମୁକ୍ତ କରାଇ ଦୀକ୍ଷା ଦେଉଥିଲି । ଯେଉଁଥିପାଇଁ ଦୀକ୍ଷିତ ବ୍ୟକ୍ତିକୁ ଆଶ୍ଚର୍ଯ୍ୟଜନକ ଭାବେ ଲାଭ ହେଉଥିଲା । ଏହିକ୍ରମରେ ଦିନେ ସନ୍୧୯୯୬ରେ ଦୀଲ୍ଲିସ୍ଥିତ ପଞ୍ଜାବ୍‌ଖୋଡ୍ ନାମକ ଏକ ଗ୍ରାମରେ ଭକ୍ତ ଜଗଦୀଶଙ୍କ ଘରେ 'ଅଖଣ୍ଡ ପାଠ' ଚାଲୁଥାଏ । ଭକ୍ତ ଜଗଦୀଶ ଏକ ନମ୍ବର ମଦ୍ୟପ, ମାତାଲି ଥିଲା ତଥା ଦିଲ୍ଲୀ ଡି.ଟି.ସି ରେ ଚାକିରୀ କରିଥିଲା । ଏହି ଦାସଠାରୁ (ମୋଠାରୁ)ଦୀକ୍ଷା ନେବା ପରେ ତା' ପତ୍ନୀର ଅସାଧ ରୋଗ ଠିକ୍ ହୋଇ ଯାଇଥିଲା । ପରମାତ୍ମା ସମସ୍ତ କାର୍ଯ୍ୟ କରିଥାନ୍ତି, ତାଙ୍କ ଶକ୍ତି ସନ୍ଥଙ୍କ ମାଧ୍ୟମରେ ଆସିଥାଏ ଯେପରି ତାର ମାଧ୍ୟମରେ ବିଜୁଳି ଆସିଥାଏ । ତାର ବିଜୁଳି ନୁହେଁ । ଠିକ୍ ଏହିଭଳି ସନ୍ଥ ଯଦିବା ପରମାତ୍ମା ନୁହଁନ୍ତି ସେ ନିଶ୍ଚୟ ତାର ଅଟନ୍ତି । ସେତେବେଳେ ଭଉଣୀ ଯଶବନ୍ତୀଙ୍କ ପାଟି ପଡିଗଲା । ସେ ମୁକ ହୋଇସାରିଥିଲେ । ସୁଖବୀରଜୀ ନିଜ ଭଉଣୀଙ୍କୁ ସାଥିରେ ନେଇ ସନ୍ଧ୍ୟା ସମୟରେ ଭକ୍ତ ଜଗଦୀଶଙ୍କ ଘରକୁ ଆସିଲେ । ସମସ୍ତ ସମସ୍ୟା ବିଷୟରେ ମୋତେ ଜଣାଇଲେ । ଭାଇ-ଭଉଣୀ ଦୁହେଁ ରାତିରେ ସତସଙ୍ଗ ଶୁଣି ସେହିଠାରେ ରହିଗଲେ । ଭଉଣୀ ଯଶବନ୍ତୀଙ୍କୁ ନାମମନ୍ତ୍ର

ଦେଲେ, ପ୍ରସାଦ ଖୁଆଇଲେ । ସକାଳେ ଉଠି ସେ ନିଜ ଭାଇଙ୍କୁ କହିଲେ, ଭାଇ ! ମୁଁ କଥା କହିପାରୁଛି । ମୁଁ ଠିକ୍ ହୋଇଯାଇଛି । ଏହି ଅଦ୍ଭୁତ ଘଟଣା ଦେଖି ଉଭୟ ଭାଇ-ଭଉଣୀ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କୁ (ଯେଉଁମାନେ ସତସଙ୍ଗ ଶୁଣିବା ପାଇଁ ଓ ଭୋଗ ଲାଗିବା ସମୟରେ ପହଞ୍ଚିଥିଲେ) କହିଥିଲେ ଯେ ! ଚମତ୍କାର ହୋଇଗଲା । ସେହି ଘଟଣା ପରେ ଡି.ସି.ପି ସାହେବ ତାଙ୍କ ପରିବାର ସଦସ୍ୟ ଓ ବନ୍ଧୁ-ସମ୍ପର୍କୀୟମାନେ ଦୀକ୍ଷା ନେଲେ । ଅଜି ସମସ୍ତେ ଖୁସିରେ ଅଛନ୍ତି, ଭକ୍ତି କରୁଛନ୍ତି । ଭକ୍ତ ସୁରେଶ ଏକ ନମ୍ବର ମଦୁଆ ଥିଲା । ନିଜ ସ୍ତ୍ରୀକୁ ସୁସ୍ଥ ହୋଇଯିବା ଦେଖି ସତସଙ୍ଗକୁ ଆସିବାକୁ ଲାଗିଲା । ମଦ ଓ ଅନ୍ୟ ସମସ୍ତ ନିଶାସେବନ ପରିତ୍ୟାଗ କରି ନାମଦୀକ୍ଷା ପ୍ରାପ୍ତ କରି ସୁଧୁରି ଗଲା । ସେପର୍ଯ୍ୟନ୍ତ କୌଣସି ଆଶ୍ରମ ତିଆରି କରି ନ ଥିଲି । ଗାଁ-ଗାଁ ବୁଲି ପ୍ରଚାର କରାଯାଉଥିଲା । ଭଉଣୀ ଯଶବନ୍ତୀଙ୍କ ପରିବାର ବର୍ତ୍ତମାନ ପୁରା ଡୀଘଲ୍ ଗାଁ ପାଇଁ ଏକ ଜ୍ୱଳନ୍ତ ଉଦାହରଣ ଅଟେ । ସୁରେଶ ଚୌଧୁରୀ ଭକ୍ତ ହୋଇଗଲେ । ସମସ୍ତ ବିକାର ତ୍ୟାଗ କଲେ । ଦୁଇପୁଅ ଗୋଟିଏ ଦିନରେ ହିଁ ଦିଲ୍ଲୀ ପୁଲିସ୍‌ରେ ସିପାହୀ ପୋଷ୍ଟରେ ଯୋଗଦେଲେ । ଲୋକ ଭାବିଥିବେ ଯେ ଅର୍ଥ ଲାଞ୍ଚ ଦେଇ ଚାକିରୀ କରିଛନ୍ତି । ମାତ୍ର ଚାକିରୀ ପାଇଁ କାହାକୁ ଟଙ୍କାଟିଏ ମଧ୍ୟ ଦିଆ ଯାଇନାହିଁ । ଏ ବିଷୟରେ ଆପଣମାନେ ନିଜେ ତଦନ୍ତ କରିପାରିବେ । ଦୁଇପୁଅଙ୍କ ବିବାହରେ ଟଙ୍କାଟିଏ ମଧ୍ୟ ନେଇ ନାହାଁନ୍ତି । ଏ ବିଷୟରେ ମଧ୍ୟ ଆପଣ ପଚରା ଉଚରା କରିପାରିବେ । ଏମିତି ଅନେକ ଉଦାହରଣ ଅଛି । ଏହି କାହାଣୀ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା ଯେପରି ଗୀତା ଅଧ୍ୟାୟ ୧୬, ଶ୍ଳୋକ-୨୩ ଏବଂ ୨୪ରେ କୁହାଯାଇଛି ଯେ ଶାସ୍ତ୍ରବିଧିକୁ ତ୍ୟାଗ କରି ମନମୁଖୀ ଆଚରଣ କରିବା ବ୍ୟକ୍ତିଙ୍କୁ ପରମାତ୍ମାଙ୍କଠାରୁ କୌଣସି ଲାଭ ମିଳେ ନାହିଁ । ଶାସ୍ତ୍ରସମ୍ମତ ଭକ୍ତି କରିବା ଦ୍ୱାରା ପରମାତ୍ମାଙ୍କ ଶକ୍ତି ବଳରେ ସବୁ ଅସମ୍ଭବ ସମ୍ଭବ ହୋଇଥାଏ, ମୋକ୍ଷ ମଧ୍ୟ ମିଳିଥାଏ । ଋଗ୍‌ବେଦ ମଣ୍ଡଳ-୧୦, ସୂକ୍ତ-୧୬ର ମନ୍ତ୍ର-୨ରେ ମଧ୍ୟ ପ୍ରମାଣ ଅଛି ଯେ ପରମାତ୍ମାଙ୍କ ଭକ୍ତି କରିବା ବ୍ୟକ୍ତିଙ୍କର ଅସାଧ୍ୟ ରୋଗ ମଧ୍ୟ ସମାପ୍ତ ହୋଇ ଯାଇଥାଏ । ଯଦି ରୋଗୀ ମୃତ୍ୟୁ ନିକଟରେ ପହଞ୍ଚି ଯାଇଥିବ ତେବେ ସତ୍ୟଭକ୍ତି କରିବା ବ୍ୟକ୍ତିଙ୍କୁ ପରମାତ୍ମା ଶତ ପ୍ରତିଶତ ସୁସ୍ଥ କରି ଆୟୁ ପ୍ରଦାନ କରନ୍ତି ଅର୍ଥାତ୍ ଭକ୍ତ ସଂପୂର୍ଣ୍ଣ ଆୟୁଷ ଜୀବିତ ରହିଥାଏ ।

ଯେପରି ପୂର୍ବେ ବିଜୁଳିର ବ୍ୟବସ୍ଥା ନ ଥିବା କାରଣରୁ ହାତଚାଳିତ ଚକିରେ ମା'-ଭଉଣୀମାନେ ଅଟା ପେଶୁଥିଲେ । ପୁରୁଷମାନେ ଦା' ଦ୍ୱାରା ହାତରେ ପଶୁମାନଙ୍କ ପାଇଁ ଘାସ, କୁଟା ଆଦି କାଟୁଥିଲେ । ତା'ପରେ ହସ୍ତଚାଳିତ ଘାସକଟା ମେସିନ୍‌ର ଆବିଷ୍କାର ହେଲା । ସେଥିରେ କାର୍ଯ୍ୟ କରିବା ମଧ୍ୟ କଠିନ ହେଉଥିଲା । ବର୍ତ୍ତମାନ ସମୟରେ ବିଜୁଳି ଶକ୍ତି ବଳରେ ଅଟା ପେଶା ମେସିନ୍ ଚାଲୁଛି । ଘାସ-କୁଟା ଆଦି କାଟିବା ପାଇଁ ମେସିନ୍ ଚାଲୁଛି । ଅସମ୍ଭବ କାର୍ଯ୍ୟ ସମ୍ଭବ ହେଉଛି । ଶୀଘ୍ର ମଧ୍ୟ ହୋଇଯାଉଛି । ବିଜୁଳିର ବିଧିବତଃ କନେକ୍‌ଶନ ନେବାକୁ ପଡ଼ିଥାଏ । ବିଜୁଳିର ମର୍ଯ୍ୟାଦା (ନିୟମ) ମଧ୍ୟ ପାଳନ କରିବାକୁ ପଡ଼ିଥାଏ ନଚେତ୍ ସେହି ସୁଖଦାୟକ ବିଜୁଳି ବେଳେବେଳେ ବିନାଶର କାରଣ ପାଲଟିଯାଏ । ଠିକ୍ ଏହିଭଳି ପରମାତ୍ମାଙ୍କଠାରୁ କନେକଶନ୍ ନେବା ସହିତ ପରମାତ୍ମାଙ୍କର ମର୍ଯ୍ୟାଦା (ନିୟମ)ଗୁଡ଼ିକୁ ପାଳନ କରିବାକୁ ପଡ଼ିଥାଏ । ତତ୍‌ପଶ୍ଚାତ୍ ପରମାତ୍ମାର୍ତ୍ତ୍ୱ ସୁଖ ଓ ମୋକ୍ଷ ପ୍ରଦାନ କରିଥାନ୍ତି । ମର୍ଯ୍ୟାଦା (ନିୟମ) ଭଙ୍ଗ କରିବା ଦ୍ୱାରା ପରମାତ୍ମାଙ୍କ ଶକ୍ତି ବନ୍ଦ ହୋଇ ଯାଇଥାଏ । ସମସ୍ତ ସୁବିଧା ମିଳିବା ବନ୍ଦ ହୋଇ ଯାଇଥାଏ । ଡ଼ୀଘଲ ଗାଁର ଲୋକମାନେ ସେହି ମିଥ୍ୟାବାଦୀ ଆଚାର୍ଯ୍ୟମାନଙ୍କର କଥାକୁ ସତ୍ୟ ଭାବି କରୌଁଥା ଆଶ୍ରମକୁ ଆସୁଥିବା ନିଜ ଗ୍ରାମର ଲୋକମାନଙ୍କୁ ରୋକୁଥିଲେ, ଭକ୍ତ ସୁରେଶ ଓ ଭକ୍ତମତି ଯଶବନ୍ତୀ ହାତଯୋଡ଼ି ଗାଁର ସେହି ବ୍ୟକ୍ତିମାନଙ୍କୁ କହୁଥିଲେ ଯେ ଗାମ-ରାମ, ମାରୋ ଚାହେ ଛୋଡ଼ୋ, ଆମ୍ଭେ ଆଶ୍ରମକୁ ଯିବା ବନ୍ଦ କରିବୁ ନାହିଁ । ନର୍କ ପାଲଟି ଯାଇଥିବା ଆମ୍ଭର ସେହି ପରିବାର ଆଶ୍ରମ ସଂସ୍ପର୍ଶରେ ଅସିବା ପରେ ରକ୍ଷା ହେଲା ନଚେତ୍ ଆମ୍ଭେ ସଂପୂର୍ଣ୍ଣ ଉଜୁଡ଼ି ଯାଇଥାନ୍ତୁ । ସେମାନଙ୍କ ଦୃଢ ଭକ୍ତିର ଉପଯୁକ୍ତ ଫଳ ପରମାତ୍ମା ସେମାନଙ୍କୁ ଦେଇଛନ୍ତି ।

"ଭକ୍ତ ସୁରେଶଙ୍କ ମୋବାଇଲ ନଂ - ୯୦୩୪୦୨୯୪୯୫"

''ସତସଙ୍ଗ ନ ଶୁଣିବା କାରଣରୁ ସର୍ବନାଶ ହେଲା''

କବୀର, ରାମ-ନାମ କଡ଼ୁଆ ଲାଗେ, ମୀଠେ ଲାଗେ ଦାମ /
ଦୁବିଧା ମେଁ ଦୋନୋଁ ଗଏ, ମାୟା ମିଲି ନା ରାମ //

ଶବ୍ଦାର୍ଥ :- ସତସଙ୍ଗ ଶ୍ରବଣ ନ କରୁଥିବା ବ୍ୟକ୍ତି(ସ୍ତ୍ରୀ/ପୁରୁଷ)କୁ ପରମାତ୍ମାଙ୍କ ବିଧାନର ଜ୍ଞାନ ହୋଇ ନ ଥାଏ । ଯେଉଁଥିପାଇଁ ପରମାତ୍ମାଙ୍କ ଚର୍ଚ୍ଚା ତାକୁ ଭଲ ଲାଗି ନ ଥାଏ । କେବଳ ଧନ ସଂଗ୍ରହ କରିବାକୁ ତାର ଇଚ୍ଛା ହୋଇଥାଏ । ସେହି କାରଣରୁ ତାକୁ ଉଭୟ ପଟୁ କ୍ଷତି ସହିବାକୁ ପଡ଼ିଥାଏ ଅର୍ଥାତ୍ ନା ତାକୁ ପରମାତ୍ମା ମିଳିଥାନ୍ତି ନା ମୃତ୍ୟୁ ପରେ ସେହି ଧନକୁ ସେ ସାଥିରେ ନେଇ ପାରିଲା । ସେହି ଧନ ଏହିଠାରେ ରହିଗଲା । ଉଭୟ ହାତଛଡା ହୋଇଗଲା ।

ପଞ୍ଜାବ ରାଜ୍ୟର "ତଲବଣ୍ଡୀ ଭାଇ କୀ"ନାମ ଏକ ଛୋଟ ନଗରରେ ମୋ (ରାମପାଲ ଦାସର) ପୂଜ୍ୟ ଗୁରୁଦେବଙ୍କର ଆଶ୍ରମ ଅଛି । ସେ ସତ୍ୟଲୋକ ଚାଲିଯିବା ପରେ ତାଙ୍କ ଦାସ (ରାମପାଲ ଦାସ) ପ୍ରତ୍ୟେକ ମାସର ଦ୍ୱିତୀୟ ରବିବାର ଦିନ ସତସଙ୍ଗ କରିବାକୁ ସେଠାକୁ ଯାଉଥିଲା । 'ତଲବଣ୍ଡୀ ଭାଇ କୀ' ନଗରର କିଛି ସେଠ୍ ମଧ୍ୟ ମୋ ଗୁରୁଜୀଙ୍କର ଶିଷ୍ୟ ଅଟନ୍ତି । ସେମାନଙ୍କର ଜଣେ ସମ୍ପର୍କୀୟ ଏକ ବୃଦ୍ଧାଙ୍କର ମୃତ୍ୟୁରେ ଶୋକବ୍ୟକ୍ତ କରିବା ପାଇଁ ଶୁକ୍ରବାର ଦିନ ସପରିବାରେ ଆସିଥିଲେ । ସେହି ବନ୍ଧୁ ଶନିବାର ଦିନ ଦ୍ୱିପ୍ରହର ୨ଟାରେ ନିଜ ଘର ଚଣ୍ଡିଗଡକୁ ଯିବାକୁ ବାହାରିବା ସମୟରେ ସତସଙ୍ଗୀ ବନ୍ଧୁମାନେ ତାଙ୍କୁ କହିଲେ ଯେ ଆଜି ଆପଣ ରହିଯାଆନ୍ତୁ, କାଲି ସକାଳ ୮ଟା - ୧୦ଟାରେ ସତସଙ୍ଗ ହେବ । ଆପଣ ସତସଙ୍ଗ ଶୁଣି ପ୍ରସାଦ ସେବନ କରି ଯିବେ । ବନ୍ଧୁ କହିଲେ, କାଲି ରବିବାରରେ ଏକ ପାର୍ଟି(ବ୍ୟବସାୟୀ) ଆସିବ । ଦିନ ଦୁଇଟା ସମୟରେ ତାଙ୍କ ସହିତ ମୋର ଚୁକ୍ତି ହେବାର ଅଛି ଯେଉଁଥିରୁ ମୋର ପାଞ୍ଚଲକ୍ଷ ଟଙ୍କା ଲାଭ ହେବ । ଏହି ଘଟଣା ସନ ୧୯୯୮ର ଅଟେ । ସତସଙ୍ଗୀମାନେ ଅନୁରୋଧ କରି କହିଲେ, ଆପଣ ରବିବାର ଦିନ ୧୧ଟା ସମୟରେ ଯଦି ବାହାରିବେ ତଥାପି ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରିବେ । ଫୋନ୍ କରି ସେହି ପାର୍ଟିକୁ ସୂଚାଇ ଦେଲେ ସେ ଟିକେ ବିଳମ୍ବରେ ଆସିବେ । କିନ୍ତୁ ଏମାନଙ୍କର କୌଣସି କଥା ସେ ମାନି ନ ଥିଲେ । ତାଙ୍କ ପରିବାରର ମୋଟ ଚାରିଜଣ ସଦସ୍ୟ ଥିଲେ । ପତ୍ନୀ ଓ ପୁଅ-ଝିଅ । ନିଜ ମାରୁତି କାରରେ ବସି ସମସ୍ତ ସଦସ୍ୟ ଶନିବାର ଦିନ ଚଣ୍ଡିଗଡ଼ ବାହାରି ଗଲେ ।

ଚଣ୍ଡୀଗଡ଼ ପୂର୍ବରୁ ଅମ୍ବାଲା ଶହର ନିକଟରେ ଏକ ପଥର ଚିପ୍ସ ଭର୍ତ୍ତି ଟ୍ରକ ଖରାପ ହୋଇ ଯାଇଥିବା କାରଣରୁ ରାସ୍ତାରେ ଛିଡ଼ା ହୋଇଥିଲା । ଗାଡିର ପଛ ଚକା ଦୁଇଟିକୁ ବାହାର କରାଯାଇ ଜଗ୍ ଲଗାଇ ରଖାଯାଇଥିଲା । ମାୟାଲୋଭୀ ସେହି ବ୍ୟକ୍ତିକୁ କେବଳ ପାଞ୍ଚଲକ୍ଷ ଲାଭ ନଜର ଆସୁଥିଲା । ବହୁ ଦ୍ରୁତ ଗତିରେ କାର ଚଲାଉଥିଲା । କାର୍‌ଟି ସେହି ଚିପ୍ସ ଭର୍ତ୍ତି ଟ୍ରକ୍ ତଳେ ପଶିଯିବା ଦ୍ୱାରା ଜଗ୍ ଖସିଗଲା । ସାରା ପରିବାର ଟ୍ରକ୍ ତଳେ ଚାପି ହୋଇଗଲେ । ବଡ଼ ଦୁଃଖର ସହିତ କହିବାକୁ ପଡୁଛି ଯେ ଯଦି ସେମାନେ ସତସଙ୍ଗ ଶୁଣିବା ପାଇଁ ଅଟକି ଯାଇଥାନ୍ତେ ତେବେ ଏପରି ବିନାଶ କେବେ ଘଟି ନ ଥାନ୍ତା, ମାୟା ବିନା ତ କାମ ଚଳି ଯାଇଥାନ୍ତା ମାତ୍ର କାୟା ବିନା ଚଳିବ ନାହିଁ କାରଣ ଶରୀର ଯଦି ଅଛି ତେବେ ପରମାତ୍ମାଙ୍କ ଭକ୍ତି କରି ଆତ୍ମାର କଲ୍ୟାଣ କରା ଯାଇପାରିବ । ପରମେଶ୍ୱର କବୀରଜୀ ସର୍ତକ କରି କହିଛନ୍ତି ଯେ :-

କବୀର, ରାମ ନାମ କଡ଼ୁଆ ଲାଗେ, ମୀଠେ ଲାଗେ ଦାମ ।
ଦୁବିଧା ମେଁ ଦୋନୋ ଗଏ, ମାୟା ମିଲୀ ନା ରାମ ॥

ଶବ୍ଦାର୍ଥ :- ସତସଙ୍ଗ ଶ୍ରବଣ ନ କରୁଥିବା ବ୍ୟକ୍ତି (ସ୍ତ୍ରୀ/ପୁରୁଷ)କୁ ପରମାତ୍ମାଙ୍କ ବିଧାନର ଜ୍ଞାନ ହୋଇ ନଥାଏ ଯେଉଁଥିପାଇଁ ପରମାତ୍ମାଙ୍କ ଚର୍ଚ୍ଚା ତାକୁ ଭଲ ଲାଗି ନ ଥାଏ, କେବଳ ଧନ ସଂଗ୍ରହ କରିବାକୁ ତାର ଇଚ୍ଛା ହୋଇଥାଏ । ସେହି କାରଣରୁ ତାକୁ ଉଭୟ ପଟୁ କ୍ଷତି ସହିବାକୁ ପଡ଼ିଥାଏ ଅର୍ଥାତ୍ ନା ତାକୁ ପରମାତ୍ମା ମିଳିଥାନ୍ତି ନା ମୃତ୍ୟୁ ପରେ ସେହି ଧନକୁ ସେ ସାଥିରେ ନେଇ

ପାରିଥାଏ । ସେହି ଧନ ଏହିଠାରେ ରହିଗଲା । ଉଭୟ ହାତଛଡା ହେଲା ।

ତେଣୁ ହେ ଭାଇ-ଭଉଣୀ ! ସତସଙ୍ଗ ପ୍ରତି ଆଗ୍ରହୀ ହୁଅ । ଆତ୍ମାର କଲ୍ୟାଣ କରି ଜୀବନର ପଥକୁ ସୁଗମ କର ।

''ସତସଙ୍ଗକୁ ଯିବା ଦ୍ୱାରା ବଡ଼ ବିପଦ ଟଳି ଯାଇଥାଏ''

କବୀର, ସନ୍ତ ଶରଣ ମେ ଆନେ ସେ, ଆଇ ଟଳେ ବଲା ।
ଜୈ ଭାଗ୍ୟ ମେଁ ସୂଳୀ ହୋ, ତ କାଣ୍ଟେ ମେଁ ଟଳ ଜାୟ ॥

ଭାବାର୍ଥ :- ସମର୍ଥ କବୀର ପରମେଶ୍ୱରଙ୍କ କୃପାପାତ୍ର ବାସ୍ତବିକ ଗୁରୁ (ସଦଗୁରୁ)ଙ୍କଠାରୁ ଦୀକ୍ଷା ପ୍ରାପ୍ତ କରିଥିବା ଭକ୍ତ/ଭକ୍ତମତୀଙ୍କର ରକ୍ଷା ପରମାତ୍ମା କରିଥାନ୍ତି । ଯଦି ପୂର୍ବଜନ୍ମର ପାପ କାରଣରୁ ସାଧକ ଭାଗ୍ୟରେ ମୃତ୍ୟୁଦଣ୍ଡ ଶୂଳୀ ଯନ୍ତ୍ର ଦ୍ୱାରା ମିଳିବାର ଲେଖାଅଛି ଯାହା ବହୁତ ପୀଡ଼ାଦାୟକ ହୋଇଥାଏ ତେବେ ପରମାତ୍ମା ସାଧକର ସେହି ମୃତ୍ୟୁଦଣ୍ଡକୁ ସମାପ୍ତ କରି ପାଦରେ କଣ୍ଟା ଫୋଡ଼ିବା ଭଳି ଛୋଟ ଧରଣର ଦଣ୍ଡ ଦେଇ ଟାଳି ଦେଇଥାନ୍ତି । ଭୟଙ୍କର ମୃତ୍ୟୁଦଣ୍ଡକୁ ନାମମାତ୍ର ଦଣ୍ଡରେ ବଦଳାଇ ଦେଇଥାନ୍ତି ଯାହା ବହୁତ ଭୟଙ୍କର 'ବଲା' ଅର୍ଥାତ ସଙ୍କଟ ଥିଲା ।

ଏକ ଗ୍ରାମରେ ଜଣେ ସନ୍ଥଙ୍କର ଆଶ୍ରମ ଥିଲା ଯାହା ଗାଁ' ଠାରୁ ଦୁଇ କିଲମିଟର ଦୂରରେ ନିର୍ମିତ ହୋଇଥିଲା । ସେହି ଗ୍ରାମର କିଛି ପରିବାର ସନ୍ଥଙ୍କର ଶିଷ୍ୟ ଥିଲେ । ସନ୍ଥ ମହାତ୍ମା ବର୍ଷରେ କେବଳ ଦୁଇଥର ସେହି ଆଶ୍ରମକୁ ଆସୁଥିଲେ । ତାଙ୍କ ସହିତ କେତେକ ସ୍ଥାୟୀ(ନିୟମିତ ସାଥିରେ ରହୁଥିବା)ଶିଷ୍ୟ ମଧ୍ୟ ଆସୁଥିଲେ । ସେହି ସନ୍ଥ ନିଜ ଶିଷ୍ୟ ଗୋଷ୍ଠି ସହିତ ପ୍ରତ୍ୟେକ ଥର ଦୁଇମାସ ପାଇଁ ସେହି ଆଶ୍ରମରେ ରହିଥାନ୍ତି । ତା'ପରେ ଅନ୍ୟ ଆଶ୍ରମକୁ ଯାଉଥିଲେ । ଏଥର ସନ୍ଥ ମହାତ୍ମା ନିଜ କାର୍ଯ୍ୟସୂଚୀ ଅନୁସାରେ ଦୁଇମାସ ପାଇଁ ଆଶ୍ରମକୁ ଆସିଥିଲେ । ସେହି ଗ୍ରାମର ଶିଷ୍ୟମାନେ ଭକ୍ତମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା ନିଜ ଘରେ କରୁଥିଲେ । ଗୋଟିଏ ଭକ୍ତ ପରିବାର ଗୋଟିଏ ଦିନର ଭୋଜନ ନିଜ ଘରେ ପ୍ରସ୍ତୁତ କରି ଆଶ୍ରମ ଅନୁଯାୟୀମାନଙ୍କୁ ଖୁଆଇବାକୁ ଦେଉଥିଲା । ପ୍ରତ୍ୟେକ ଭକ୍ତଙ୍କର ଏହି ଇଚ୍ଛା ଥାଏ ଯେ ନିଜ ଗୁରୁଜୀଙ୍କୁ ରୁଟି, ତରକାରୀ ଓ ଖିରି ଆଦି ଉତ୍ତମ ଭୋଜନ କେମିତି ଖୁଆଇବ । ଭୋଜନ କରାଇବା ପାଳି ଦିନେ ଏକ ପରିବାରର ଥାଏ । ସେଦିନ କ୍ଷୀର ଛେନା ଛିଣ୍ଡିଗଲା । ସେହି ମାତାଙ୍କର ନାମ କସ୍ତୁରୀ ଥିଲା । ତାଙ୍କ ଘର ପାଖରେ ଏକ ପରିବାର ରହୁଥିଲା ଯେଉଁ ପରିବାରରେ କେବଳ ମା-ପୁଅ ଦୁଇଜଣ ଥିଲେ । କାରଣ ରାମୋଁ ନାମକ ସେହି ଭଉଣୀଙ୍କ ସ୍ୱାମୀର ଶୀଘ୍ର ମୃତ୍ୟୁ ହୋଇ ଯାଇଥିଲା ଯେତେବେଳେ ତାଙ୍କ ପୁଅକୁ ମାତ୍ର ଦୁଇବର୍ଷ ବୟସ ହୋଇଥିଲା । ସେହି ଭଉଣୀଙ୍କ ସହିତ ଏକ ଘଟଣା ଘଟିଥିଲା । ତାଙ୍କ କୁଟୁମ୍ବର ଜଣେ ଗୋଷେଇଁ ଶଶୁରଙ୍କର ଏକ ବୋହୂ ବିଧବା ହୋଇ ଯାଇଥିଲା । ତାଙ୍କର ତିନିବର୍ଷ ବୟସର ଏକ ପୁଅ ଥିଲା । ସେ ନିଜ ଦିଅରକୁ ବିବାହ କଲେ । ଦିଅର ମଧ୍ୟ ବିବାହିତ ଥିଲେ । ଦିଅରଙ୍କ ଆଡୁ ତାଙ୍କୁ ଏକ ପୁତ୍ର ପ୍ରାପ୍ତ ହେଲା । ଦିଅର-ଯା' ତାଙ୍କ ସହିତ ଚାକରାଣୀ ଭଳି ବ୍ୟବହାର କରୁଥିଲେ । ଶୁଖିଲା-ଅଇଁଠା ରୁଟି ପ୍ରଥମେ ପୁଅ ଓ ମା'କୁ ଖାଇବାକୁ ଦେଉଥିଲେ । ଯେଉଁଥିପାଇଁ ବଡ ହେବା ପରେ ପୁଅଟିକୁ ଆତ୍ମହତ୍ୟା କରିବାକୁ ପଡ଼ିଲା । ମା' ମଧ୍ୟ ପାଗଳ ହୋଇ କୁଆଡ଼େ ଚାଲିଗଲା । (ସବୁ ଦିଅର-ଦେଢ଼ଶୁର ଖରାପ ନୁହନ୍ତି) ସେହି ଘଟଣା କଥା ମନେପକାଇ ରମୋଁ ଭଉଣୀ ଦିଅର/ଦେଢଶୁରକୁ ବିବାହ କଲା ନାହିଁ । ନିଜ ପୁଅ କର୍ମପାଳକୁ ପାଳିପୋଷି ବଡ଼ କଲା । କଠିନ ପରିଶ୍ରମ କଲା । କିଛି ଜମି ମଧ୍ୟ ଥିଲା । ସେହି ଜମିରେ ପରିଶ୍ରମ କରିବା ସହିତ ଗାଈ-ମଇଁଷି ଆଦି ପାଳିଲା । ନିଜ ପୁଅକୁ ଭଲ କ୍ଷୀର-ଘିଅ ଖୁଆଇଲା-ପିଆଇଲା । ଭାବୁଥିଲା ଯେ ପୁଅ ଶୀଘ୍ର ଯୁବକ ହୋଇଗଲେ ତାର ବିବାହ କରାଇ ଦେବି । ସେ ନିଜ କଥା ନିଜେ ବୁଝିବ । ତା'ପରେ ମୁଁ ସୁଖରେ ଜୀବନ ବିତାଇବି । ମାତ୍ର ସତସଙ୍ଗ ବିନା ଜ୍ଞାନ ଉଦୟ ହୁଏ ନାହିଁ, ସଦଗୁରୁ ଜ୍ଞାନ ଦିଅନ୍ତି । ସେ ଯେତେ ବି ଧନୀ ହୋଇଥାଉନା କାହିଁକି, ଭକ୍ତି ବିନା ଜୀବ ସୁଖୀ ହୋଇ ପାରେ ନାହିଁ । ପୁଅ ପାଇଁ ବାପର ଛତ୍ରଛାୟା ନ ଥିଲା । ମା'ର ଗେହ୍ଲ ପାଇଁ ପୁଅ ଅବାଟକୁ ଯାଏ । ନିଜ ସନ୍ତାନକୁ ସର୍ବ ସମ୍ଭାବିତ ସୁଖ

ଉପଲବ୍ଧ କରାଇବା ମା'ର ସ୍ୱଭାବ ଅଟେ । କଥାରେ ଅଛି ଯେ ରାଣ୍ଡ (ବିଧବା)ର ପୁଅ ଓ ରାଣ୍ଡୁଆ(ପତ୍ନିହରା)ର ଝିଅ ବିଶୃଙ୍ଖଳିତ(ଚାରି ଦଉଡିକଟା) ହୋଇଥାନ୍ତି । ଏହାର କାରଣ ପିତା କାର୍ଯ୍ୟବଶତଃ ଝିଅର ଗତିବିଧି ଉପରେ ନଜର ରଖି ପାରି ନ ଥାଏ । ମା' ମଧ୍ୟ ପୁଅର ଗତିବିଧି ପ୍ରତି ଧ୍ୟାନ ଦେଇ ପାରି ନ ଥାଏ କିନ୍ତୁ ଝିଅକୁ ନିଜ ସାଥିରେ ରଖିଥାଏ । ଯେଉଁଥିପାଇଁ କର୍ମପାଳ ନିଶାସେବନ କରିବାକୁ ଲାଗିଲା । ମାଆ ସହିତ ଝଗଡ଼ା କରି ଟଙ୍କା, ଧାନ-ଚାଉଳ, ବାଜରା-ଯଅ, ବିରି-ଚଣା ଇତ୍ୟାଦି ନେଇ ସେସବୁକୁ ବିକ୍ରିକରି ନିଶାସେବନ କରୁଥିଲା । ମା' ଦିନସାରା ଏହା ଭାବି କାନ୍ଦିଥାଏ ଯେ ମୁଁ ଭାବିଥିଲି କ'ଣ ? ଏସବୁ ଘଟୁଛି କ'ଣ ? କେଉଁ କମର୍ର ଫଳ ମୋତେ ମିଳୁଛି ? ଆଗକୁ ସବୁ ଓଲଟା ଘଟୁଛି । ସବୁବେଳେ ଏହିକଥା ଚିନ୍ତା କରି ଦୁର୍ବଳ ହୋଇ ଯାଇଥିଲା । ଭକ୍ତମତୀ କସ୍ତୁରୀ ନିଜ ପଡ଼ୋଶୀ ରାମୋଁ (ରାମପ୍ୟାରୀ)ଙ୍କ ଘରକୁ ଆସିଥିଲେ । ପ୍ରଥମେ ଭଲମନ୍ଦ ବିଷୟରେ ପଚାରିଲେ, ତା'ପରେ କହିଲେ ପୁଅ ଏବେ କ'ଣ କରୁଛି ? ମା-ପୁଅ କେମିତି ଅଛ ? ଏହି କଥା ଶୁଣି ଭଉଣୀ ରାମୋଁ କାନ୍ଦିବାକୁ ଲାଗିଲା ଏବଂ କହିଲା, ଭଉଣୀ ! କିଛି ଭଲ ନାହିଁ । ପୁଅ ମୋର ବିଗିଡ଼ିଯାଇଛି, ନିଶାସେବନ କରୁଛି । ମୋର କୌଣସି କଥା ମାନୁନାହିଁ । ଓଲଟା ମୋ ସହିତ ଝଗଡ଼ା କରୁଛି । ଗାଳିଗୁଳଜ କରିବାକୁ ପଛାଉ ନାହିଁ । ଆପଣଙ୍କୁ ସବୁ ଜଣାଅଛି, ଦେଢ଼ଶୁର ସହିତ ଦ୍ୱିତୀୟ ବିବାହ କରିବା ପାଇଁ ପରିବାର ଓ ଗାଁ ଲୋକେ ସମସ୍ତେ ମିଶି ମୋ ଉପରେ କେତେ ଚାପ ପ୍ରୟୋଗ କରିଥିଲେ କିନ୍ତୁ ରାଜବନ୍ତୀ ଘଟଣାର ଡର ମୋ ମନରେ ଥିଲା ତେଣୁ ନିଜ ପୁଅକୁ ଖୁସୀରେ ରଖିବା ପାଇଁ ମୁଁ ଦେଢଶୁର ସହିତ ଦ୍ୱିତୀୟ ବିବାହ କଲିନାହିଁ, ଆଜି କିନ୍ତୁ ତା'ଠାରୁ ଅଧିକ ଦୁଃଖ ସେହି ପୁଅ ମୋତେ ଦେଲା । ଇଚ୍ଛା ହେଉଛି କେଉଁଆଡେ ପଳାଇଯିବି କିମ୍ବା ଆତ୍ମହତ୍ୟା କରିଦେବି । ଭକ୍ତମତି କସ୍ତୁରୀ କହିଲେ, ଭଉଣୀ ! ଏଭଳି ଖରାପ କଥା ମନକୁ ଆଣିବା ଅନୁଚିତ୍ । ବଡ଼ ହେଲେ ସେ ସୁଧୁରି ଯିବ । ଆପଣ ମରିଗଲେ କୁଟୁମ୍ବ ଲୋକ ସବୁ ଜମି ଅକ୍ତିଆର କରି ନେବେ । ପୁଅକୁ ଅଧିକ ନିଶା ଖୁଆଇ ମାରିଦେବେ । ତେଣୁ ଏଭଳି କଥା ମନରେ ଚିନ୍ତାକର ନାହିଁ । ଗୋଟେ କାମ କର, ମୋ ସହିତ ସତସଙ୍ଗକୁ ଚାଲ । ଏଠି ଏକୁଟିଆ ରହିଲେ ମନରେ ଏହିଭଳି ଖରାପ ଭାବନା ଆସିବ । ଚିନ୍ତାରେ ସୁଖିଗଲଣି । ରାମୋଁ କହିଲେ, ନା ଭଉଣୀ ନା ! ମୋତେ ନଗର ଲୋକେ ଏମିତି ସନ୍ଦେହ ନଜରରେ ଦେଖୁଛନ୍ତି । କୋଣସି ବ୍ୟକ୍ତି କାର୍ଯ୍ୟବଶତଃ ଯଦି ଘରକୁ ଆସୁଛି ତେବେ ଛାତ ଉପରେ ଚଢ଼ି ଏକ ଆଖିରେ ଜଳଜଳ ହୋଇ ଚାହିଁ ରହୁଛନ୍ତି । ଆପଣଙ୍କ ମୁଣ୍ଡ ଉପରେ ଧନୀ (ପତି) ର ଛତ୍ରଛାୟା ଅଛି । ମୁଁ ସତସଙ୍ଗକୁ ଗଲେ ସେମାନେ ମୋତେ ବହୁତ ସମାଲୋଚନା କରିବେ ଏବଂ ମୋତେ ମରିବା ରାସ୍ତା ବାଛିବାକୁ ପଡ଼ିବ । କୁହ ଭଉଣୀ, ଆଜି ଏତେ ସକାଳୁ ସକାଳୁ କେମିତି ଆସିଗଲେ ? କସ୍ତୁରୀ କହିଲେ, ଭଉଣୀ ! ଆପଣଙ୍କୁ ଜଣାଅଛି, ଆମ୍ଭ ଗୁରୁଜୀ ଏବେ ଆଶ୍ରମରେ ଅଛନ୍ତି । ଆଜି ଭୋଜନ କରାଇବା ପାଳି ମୋର ଅଛି । ଖିରୀ ତିଆରି କରିବାର ଥିଲା କ୍ଷୀର ଛେନା ଛିଣ୍ଡିଗଲା, ଭଉଣୀ । ମୋତେ କିଛି କ୍ଷୀର ଉଧାର ଦିଅ, କାଲି ଫେରାଇ ଦେବି । ଏକଥା ଶୁଣିବା ଭଉଣୀ ରାମୋଁକୁ କରେଣ୍ଟ ମାରିବା ଭଳି ଲାଗିଲା । କାନ୍ଥରେ ଟଙ୍ଗା ଯାଇଥିବା କ୍ଷୀର ବାଲଟିକୁ ତଳକୁ କାଢି ସମସ୍ତ କ୍ଷୀର କସ୍ତୁରୀ ଭଉଣୀଙ୍କ ବାଲଟିକୁ ଢ଼ାଳିଦେଲେ । କସ୍ତୁରୀ କହିଲେ, ଭଉଣୀ ! ନିଜ ପାଇଁ କିଛି ରଖ । ରାମୋଁ କହିଲେ, ନାଁ ଭଉଣୀ ! ଆଦୌ ନୁହେଁ, ଆଜି ମୋର କେଉଁ ଜନ୍ମର ପୂଣ୍ୟ ଉଦୟ ହୋଇଛି, ମୋ ଭଳି ଅଭାଗିନୀର କ୍ଷୀର ପୁଣ୍ୟ କାମରେ ଲାଗିବ । ନେଇଯାଅ ଭଉଣୀ ! ସନ୍ଥ-ଭକ୍ତଙ୍କୁ ଭୋଜନ କରାଅ । ଏହା ଦେଖି କସ୍ତୁରୀ ଭଉଣୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଏବଂ ଚିନ୍ତା କରିଥିଲେ ଯେ ମୁଁ ସତସଙ୍ଗୀ ହୋଇ ମଧ୍ୟ ସମସ୍ତ କ୍ଷୀର ଦେଇ ପାରି ନ ଥାନ୍ତି । ଏକ-ଦୁଇ ଲିଟର କ୍ଷୀର ନିହାତି ରଖିଥାନ୍ତି । ଭଉଣୀ ରାମୋଁକୁ ସତସଙ୍ଗ ପ୍ରେରଣାର ଆବଶ୍ୟକତା ରହିଛି । ସେଦିନ କସ୍ତୁରୀକୁ ସମୟ ମିଳି ନ ଥିଲା । ପରଦିନ ୧୧-୧୨ଟା ବେଳେ ରାମୋଁ ଭଉଣୀ ଘରକୁ ଆସିଲେ । ଗାଁରେ ମହିଳାମାନଙ୍କୁ ଦିନ ୧୨ଟାରୁ୨ଟା ମଧ୍ୟରେ କଥାବାର୍ତ୍ତା କରିବା ପାଇଁ ସମୟ ମିଳିଥାଏ । ସତସଙ୍ଗରେ ଗୁରୁଜୀଙ୍କ ମୁଖରୁ ଶୁଣିଥିବା

ସମସ୍ତ କଥା ଦୁଇଘଣ୍ଟା ପର୍ଯ୍ୟନ୍ତ ରାମୋଁକୁ ଶୁଣାଇଲେ । କିନ୍ତୁ ଲୋକଲଜ୍ଜା କାରଣରୁ ରାମୋଁ ଏସବୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ । ଭଉଣୀ କସ୍ତୁରୀ କହିଲେ, ହେ ଭଉଣୀ ! ଆପଣ ମୀରାବାଈଙ୍କ କଥା ଶୁଣିଛନ୍ତି ? ରାମୋଁ କହିଲେ ହଁ, ସେ ଶ୍ରୀକୃଷ୍ଣଙ୍କର ଉପାସକ ଥିଲେ । କସ୍ତୁରୀ କହିଲେ, ସେ ମନ୍ଦିରକୁ ଯାଉଥିଲେ । ଠାକୁର(କ୍ଷତ୍ରୀୟ) ପରିବାରରେ ଜନ୍ମ ନେଇଥିଲେ । ଠାକୁର (କ୍ଷତ୍ରୀୟ) ପରିବାରର ମହିଳାମାନଙ୍କୁ ଘରୁ ବାହାରକୁ ଯିବା ପାଇଁ ପ୍ରତିବନ୍ଧକ ଥିଲା, କିନ୍ତୁ ମୀରାବାଈ କାହା କଥା ଶୁଣି ନ ଥିଲେ । ପୁଣି ତାଙ୍କର ବିବାହ ରାଜା ସହିତ ହୋଇଗଲା । ରାଜା ଧାର୍ମିକ ପ୍ରବୃତ୍ତିର ବ୍ୟକ୍ତି ଥିଲେ । ସେ ମୀରାବାଈଙ୍କୁ ମନ୍ଦିରକୁ ଯିବା ପାଇଁ ବାରଣ କଲେ ନାହିଁ ଅଧିକନ୍ତୁ ଲୋକମାନଙ୍କ ସମାଲୋଚନାରୁ ବର୍ତ୍ତିବା ପାଇଁ ମୀରାଜୀଙ୍କ ସହିତ ତିନି ଚାରିଜଣ ମହିଳା ଚାକରାଣୀଙ୍କୁ ପଠାଇବାକୁ ଲାଗିଲେ ଯେଉଁଥିପାଇଁ ସବୁକିଛି ଠିକ୍ ଠାକ୍ ଚାଲୁଥିଲା । କିଛିବର୍ଷ ପରେ ମୀରାବାଈଙ୍କ ପତିଙ୍କର ମୃତ୍ୟୁ ହୋଇଗଲା । ରାଜଗାଦୀରେ ଦିଅର ବସିଲେ । ରାଜ ପରିବାରର କିଛି ସଦସ୍ୟମାନଙ୍କ ଅଭିଯୋଗ କ୍ରମେ ମୀରାବାଈଙ୍କୁ ମନ୍ଦିରକୁ ଯିବାକୁ ସେ ମନା କଲେ ମାତ୍ର ମୀରାବାଈ ମାନିଲେ ନାହିଁ । ଯେଉଁ କାରଣରୁ ରାଜା (ଦିଅର)ମୀରାବାଈଙ୍କୁ ମାରିବା ପାଇଁ ଷଡ଼ଯନ୍ତ୍ର କଲା । ରାଜା ମନରେ ବିଚାର କଲା ଯେ ଏମିତି ଏକ ଉପାୟ ହେଉ ଯାହା ଦ୍ୱାରା ମୀରା ମରିବା ସହିତ ତାଙ୍କର ବଦନାମ ମଧ୍ୟ ନ ହେବ । ଏହାକୁ କେମିତି ମାରିବା ? ରାଜା ଏହା ଚିନ୍ତାକରି ଏକ ବିଷାକ୍ତ ସାପ ଆଣିବା ପାଇଁ ଜଣେ ସାପୁଆ କେଳାକୁ କହିଲା । ପେଡ଼ି ଖୋଲିବା ମାତ୍ରେ ଖୋଲିବା ଯେପରି ଲୋକକୁ ସାପ କାମୁଡ଼ିବ ଏବଂ ବ୍ୟକ୍ତି ସେହିଠାରେ ହିଁ ମରିଯିବ । ଠିକ୍ ଏହିଭଳି ଯୋଜନା କରାଗଲା । ରାଜା, ନିଜ ପୁଅର ଜନ୍ମଦିନ ପାଳନ କଲା । ସେଥିରେ ଯୋଗଦେବା ପାଇଁ ନିଜ ବନ୍ଧୁ-ବାନ୍ଧବ ତଥା ଗଣ ମାନ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କଲା । ମୀରାବାଈଙ୍କ ଚାକରାଣୀ ହାତରେ ଏକ ହାର ଦେଇ ରାଜା କହିଲା, ଆଜି ମୋ ପୁଅର ଜନ୍ମଦିନ । ବହୁ ଦୂରରୁ ବନ୍ଧୁ-ବାନ୍ଧବ ଆସିଛନ୍ତି । ମୀରାକୁ କୁହ ସୁନ୍ଦର ବସ୍ତ୍ର ପରିଧାନ କରି ଏହି ହାରକୁ ଗଳାରେ ପିନ୍ଧିବ ନଚେତ୍ ବନ୍ଧୁମାନେ କହିବେ ଯେ ନିଜ ଭାଉଜର ଉପଯୁକ୍ତ ଯତ୍ନ ନେଉନାହିଁ । ଏହା ମୋ ମାନସମ୍ମାନର କଥା । ଚାକରାଣୀ ସେହି ଅଳଙ୍କାର ଡବାଟିକୁ ନେଇ ମୀରାବାଈଙ୍କୁ ଦେଲା ଏବଂ ରାଜାଙ୍କ ଆଦେଶ ଶୁଣାଇଲା । ସେହି ଅଳଙ୍କାର ଡବା ଭିତରେ କଳା-ଧଳା ରଙ୍ଗର ଏକ ବିଷାକ୍ତ ସାପ ଥିଲା । ମୀରାବାଈ ଚାକରାଣୀ ଆଖି ସାମନାରେ ସେହି ଡବାଟିକୁ ଖୋଲିଲେ । ହୀରା-ମୋତିରେ ନିର୍ମିତ ଏକ ସୁନ୍ଦର ହାର ସେଥିରେ ଥିଲା । ମୀରାବାଈ ମନସ୍ଥ କଲେ ଯେ ମୁଁ ଏହି ହାରଟିକୁ ପିନ୍ଧିବି ନଚେତ୍ ଅଯଥା ଝଗଡ଼ା ସୃଷ୍ଟି ହେବ । ଏହି ହୀରା-ମୋତି ମାଳ ମୋ ପାଇଁ ମାଟି ସଦୃଶ୍ୟ । ଏହିକଥା ବିଚାର କରି ମୀରାବାଈ ସେହି ହାରଟିକୁ ବେକରେ ପିନ୍ଧିଲେ । ରାଜାର ଏହି ଉଦ୍ଦେଶ୍ୟ ଥିଲା ଯେ ଆଜି ସାପ କାମୁଡ଼ାରେ ଯଦି ମୀରାର ମୃତ୍ୟୁ ହୋଇଯିବ ତେବେ ସମସ୍ତଙ୍କୁ ବିଶ୍ୱାସ ହୋଇଯିବ ଯେ ଏଥିରେ ରାଜାର କୌଣସି ହାତ ନାହିଁ । ଆମ୍ଭ ସମ୍ମୁଖରେ ଶର୍ପ ଦଂଶନରେ ମୀରାର ମୃତ୍ୟୁ ହୋଇଛି ବୋଲି ପ୍ରମାଣିତ ହୋଇଯିବ । କିଛି ସମୟ ପରେ ମନ୍ତ୍ରୀ ଓ କିଛି ବନ୍ଧୁଙ୍କ ସହିତ ରାଜା ମୀରାବାଈଙ୍କ ମହଲ ମଧ୍ୟକୁ ଯାଇ ଦେଖନ୍ତି ତ ମୀରାବାଈଙ୍କ ଗଳାରେ ସୁନ୍ଦର ଦାମୀ ହାର ଥିଲା । ଏହା ଦେଖି ରାଜା କ୍ରୋଧିତ ହୋଇ କହିଲା, ଦୁଃଶ୍ଚରିତ୍ରା ! ଏହି ହାର କେଉଁ ପ୍ରେମିକ ପାଖରୁ ଆଣିଛୁ ? ଲୁହ ଛଳ ଛଳ ଆଖିରେ ମିରାବାଈ କହିଲେ, ଏହି ହାର ଆପଣ ଚାକରାଣୀ ଦ୍ୱାରା ପଠାଇ ଥିଲେ । ରାଜା ଚାକରାଣୀକୁ ଡ଼କାଇଲେ ଏବଂ ପଚାରିଲେ, ସେହି ଡ଼ବା କେଉଁଠି ଅଛି ? ଚାକରାଣି ପଲଙ୍କ ତଳୁ ଡବା ବାହର କରି ଦେଖାଇଲା ଏବଂ କହିଲା ଇଏ ସେହି ଡବା ଦେଖନ୍ତୁ ମହାରାଜ ! ଯାହା ଆପଣ ପଠାଇଥିଲେ । ରାଜା ସେଠାରୁ ଫେରି ଆସିଲା । ରାଜା ଚିନ୍ତାକଲା ଯେ ଏଥର ମୋ ଆଖି ଆଗରେ ମୁଁ ମିରାକୁ ବିଷ ପିଆଇବି, ଯଦି ନ ପିଇବ ତେବେ ମସ୍ତକ ଛେଦନ କରିବି ।

''ମୀରାବାଈଙ୍କୁ ବିଷ ଦେଇ ମାରିବାର ବ୍ୟର୍ଥ ପ୍ରୟାସ''

ରାଜା ଜଣେ ସାପୁଆ କେଳାକୁ କହିଲା ଯେ କିଛି ଭୟଙ୍କର ବିଷ ଆଣି ମୋତେ ଦିଅ ଯାହା

ଜିଭରେ ଲଗାଇବା କ୍ଷଣି ମଣିଷ ମରିଯିବ । ଆଦେଶାନୁସାରେ ସେହିଭଳି ଭୟଙ୍କର ବିଷ ଅଣାଗଲା । ରାଜା, ମୀରାବାଈଙ୍କୁ କହିଲା, ଏହି ବିଷ ପିଇ, ନଚେତ୍ ତୋ ମୁଣ୍ଡକାଟ କରାଯିବ । ମୀରା ଚିନ୍ତା କଲେ ଯେ ମୁଣ୍ଡକାଟ ହେଲେ ତ କଷ୍ଟ ହେବ ତେଣୁ ବିଷ ପିଇବା ଠିକ୍ ହେବ । ମୀରା ପରମାତ୍ମାଙ୍କୁ ସ୍ମରଣ କରି ବିଷପାନ କଲେ କିନ୍ତୁ ତାଙ୍କର କିଛି ମଧ ହେଲା ନାହିଁ । ରାଜା ସାପୁଆକୁ ଡ଼ାକି କହିଲେ, ତୁ ନକଲି ବିଷ ଦେଇଛୁ । ସାପୁଆ ପଚାରିଲା ସେହି ପାତ୍ର କେଉଁଠି ଅଛି ? ତାକୁ ସେହି ପାତ୍ର ଆଣି ଦିଆଗଲା । ସାପୁଆ ସର୍ବ ସମ୍ମୁଖରେ ସେହି ପାତ୍ରରେ କ୍ଷୀର ଢ଼ାଳି ଏକ କୁକୁରକୁ ପିଆଇଲା । ଭୟଙ୍କର ବିଷ ପ୍ରଭାବରେ କୁକୁର ଦ୍ୱିତୀୟ ଥର ପାଇଁ ଆଉ ଜିଭ ଲଗାଇ ପାରିଲା ନାହିଁ, ସଙ୍ଗେ ସଙ୍ଗେ ମରିଗଲା ।

ରାଜା ଯେତେବେଳେ ଜାଣିପାରିଲା ଯେ ଇଏ କୌଣସି ପ୍ରକାରେ ମରିବ ନାହିଁ ସେତେବେଳେ ମୀରାବାଈଙ୍କୁ ମନ୍ଦିରକୁ ଯିବା ପାଇଁ ବାରଣ କଲା ନାହିଁ । ସାଥିରେ କିଛି ଚାକରାଣୀ ଓ ପୁରୁଷ ରକ୍ଷକଙ୍କୁ ମଧ ପଠାଇବାକୁ ଲାଗିଲା ଯେ ଲୋକେ ଯେମିତି ଏହା ନ କୁହନ୍ତୁ ଯେ ସେ ଅଯଥାରେ ବୁଲିବାକୁ ଯାଉଛି ।

''ମୀରାବାଈଙ୍କୁ ସଦଗୁରୁଙ୍କ ଶରଣ ପ୍ରାପ୍ତି''

ଯେଉଁ ଶ୍ରୀକୃଷ୍ଣଙ୍କ ମନ୍ଦିରକୁ ପୂଜା କରିବା ପାଇଁ ମୀରାବାଈ ଯାଉଥିଲେ, ସେହି ରାସ୍ତାରେ ଏକ ଛୋଟ ବଗିଚା ଥିଲା । ସେହି ବଗିଚାରେ ଛାୟା ପ୍ରଦାନକାରୀ କିଛି ଘଞ୍ଚ ବୃକ୍ଷ ମଧ ଥିଲା । ସେହି ବଗିଚାରେ ପରମେଶ୍ୱର କବୀରଜୀ ଓ ସନ୍ଥ ରବିଦାସଜୀ ସତସଙ୍ଗ କରୁଥିଲେ । ସମୟ ପ୍ରାୟ ସକାଳ ୧୦ଟା ବାଜି ଥାଏ । ମୀରାବାଈ ଦେଖିଲେ ଯେ ସେଠାରେ ପରମାତ୍ମାଙ୍କର ଚର୍ଚ୍ଚା ବା କଥାର ଅଲୋଚନା ଚାଲିଛି । ତେଣୁ କିଛି ସମୟ ପାଇଁ ପରମାତ୍ମାଙ୍କ ଚର୍ଚ୍ଚା ଶୁଣିବାକୁ ସ୍ଥିର କଲେ ।

ପରମେଶ୍ୱର କବୀରଜୀ ସଂକ୍ଷିପ୍ତ ସୃଷ୍ଟି ରଚନା ବିଷୟରେ ଜ୍ଞାନ ଶୁଣାଇ କହିଲେ ଯେ ଶ୍ରୀକୃଷ୍ଣ ଅର୍ଥାତ୍ ଶ୍ରୀ ବିଷ୍ଣୁଙ୍କଠାରୁ ଭିନ୍ନ ଆଉ ଜଣେ ସର୍ବ ଶକ୍ତିମାନ ପରମାତ୍ମା ଅଛନ୍ତି । ଜନ୍ମ-ମରଣ ଚକ୍ର ଯଦି ସମାପ୍ତ ନ ହେଉଛି ତେବେ ଭକ୍ତି କରିବା ନ କରିବା ସହିତ ସମାନ । ଜନ୍ମ-ମରଣ ଚକ୍ର ଶ୍ରୀ କୃଷ୍ଣ (ଶ୍ରୀ ବିଷ୍ଣୁ)ଙ୍କର ସମାପ୍ତ ହୋଇ ନାହିଁ, ତାଙ୍କ ଉପାଷକଙ୍କର କିପରି ସମାପ୍ତ ହେବ । ଯେପରି ହିନ୍ଦୁ ଧର୍ମର ସନ୍ଥମାନେ କହିଥାନ୍ତି ଯେ ଗୀତା ଜ୍ଞାନ ଶ୍ରୀକୃଷ୍ଣ ଅର୍ଥାତ୍ ଶ୍ରୀବିଷ୍ଣୁ, ଅର୍ଜୁନକୁ କହିଛନ୍ତି । ଗୀତା ଅଧ୍ୟାୟ-୨ ଶ୍ଳୋକ୧୨, ଅଧ୍ୟାୟ-୪ ଶ୍ଳୋକ ୫, ଅଧ୍ୟାୟ-୧୦ ଶ୍ଳୋକ୨ରେ ଗୀତା ଜ୍ଞାନଦାତା ସ୍ପଷ୍ଟ କରିଛନ୍ତି, ହେ ଅର୍ଜୁନ ! ତୁମର ଓ ମୋର ବହୁତ ଜନ୍ମ ହୋଇସାରିଛି । ତୁମେ ଜାଣି ନାହଁ, ମୁଁ ଜାଣିଛି । ଏଥିରୁ ପ୍ରମାଣିତ ହେଲା ଯେ ଶ୍ରୀକୃଷ୍ଣଙ୍କର ମଧ ଜନ୍ମ-ମରଣ ଚକ୍ର ସମାପ୍ତ ହୋଇ ନାହିଁ । ତେଣୁ ସେ ଅବିନାଶୀ ନୁହଁନ୍ତି । ତେଣୁ ଗୀତା ଅଧ୍ୟାୟ-୧୮ ଶ୍ଳୋକ ୬୨ ରେ ଗୀତା ଜ୍ଞାନଦାତା କହିଛନ୍ତି, ହେ ଭାରତ ! ତୁମେ ସର୍ବଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଅ । ସେହି ପରମେଶ୍ୱରଙ୍କ କୃପାରୁ ତୁମେ ସନାତନ ପରମଧାମ ଓ ପରମଶାନ୍ତି ପ୍ରାପ୍ତ କରିବ ।

ପରମେଶ୍ୱର କବୀରଜୀଙ୍କ ମୁଖକମଳରୁ ଏହି ବଚନ ଶୁଣି ପରମାତ୍ମାଙ୍କ ପ୍ରାପ୍ତି ପାଇଁ ଘୁରି ବୁଲୁଥିବା ଆତ୍ମା ମଧରେ ନୂତନ ଆଶାର ସଞ୍ଚାର ହେଲା । ସତସଙ୍ଗ ସମାପ୍ତି ପରେ ମୀରାବାଈ ପ୍ରଶ୍ନ କଲେ, ହେ ମହାତ୍ମା ! ଆପଣଙ୍କ ଆଜ୍ଞା ହେଲେ ଶଙ୍କା ସମାଧାନ ପାଇଁ କିଛି ପ୍ରଶ୍ନ କରିବି । କବୀରଜୀ କହିଲେ, ପ୍ରଶ୍ନ କର ଭଉଣୀ !

ପ୍ରଶ୍ନ :- ହେ ମହାତ୍ମା ! ଆଜି ପର୍ଯ୍ୟନ୍ତ ମୁଁ କାହାଠାରୁ ଶୁଣି ନ ଥିଲି ଯେ ଶ୍ରୀକୃଷ୍ଣଙ୍କ ଉପରେ ମଧ କେହି ପରମାତ୍ମା ଅଛନ୍ତି । ଆଜି ଆପଣଙ୍କ ମୁଖରୁ ଏକଥା ଶୁଣି ମୁଁ ଦ୍ୱନ୍ଦରେ ପଡିଯାଇଛି । ମୁଁ ମାନୁଛି ଯେ ସନ୍ଥ କେବେ ମିଛ କୁହନ୍ତି ନାହିଁ । ପରମେଶ୍ୱର କବୀରଜୀ କହିଲେ, ଏହା ଆପଣଙ୍କ ଧାର୍ମିକ ଅଜ୍ଞାନୀ ଗୁରୁମାନଙ୍କର ଦୋଷ ଯେଉଁମାନଙ୍କୁ ସ୍ୱୟଂ ଜ୍ଞାନ ନାହିଁ ଯେ ଆପଣଙ୍କ ସଦଗ୍ରନ୍ଥ କେଉଁ ଜ୍ଞାନ ଦେଇଥାଏ ? ଦେବୀପୁରାଣର ତୃତୀୟ ସ୍କନ୍ଦରେ ଶ୍ରୀ ବିଷ୍ଣୁ ନିଜେ ସ୍ୱୀକାର କରିଛନ୍ତି ଯେ ମୁଁ (ବିଷ୍ଣୁ), ବ୍ରହ୍ମା ଓ ଶଙ୍କର ନାଶବାନ ଅଟୁ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଓ ତିରୋଭାବ (ମୃତ୍ୟୁ) ହୋଇଥାଏ ।

ମୀରାବାଈ କହିଲେ, ହେ ମହାତ୍ମା ! ଭଗବାନ ଶ୍ରୀକୃଷ୍ଣ ମୋତେ ସାକ୍ଷାତ ଦର୍ଶନ ଦିଅନ୍ତି । ମୁଁ ତାଙ୍କ ସହିତ ବାର୍ତ୍ତାଳାପ କରେ । କବୀରଜୀ କହିଲେ, ହେ ମୀରାବାଈ ! ତୁମେ ଗୋଟିଏ କାମ କର । ଭଗବାନ ଶ୍ରୀକୃଷ୍ଣଙ୍କୁ ତୁମେ ପଚାରି ବୁଝ, ହେ ପ୍ରଭୁ ! ଆପଣଙ୍କ ଉପରେ ଅନ୍ୟ କେହି ପ୍ରଭୁ ଅଛନ୍ତି କି ? ଶ୍ରୀକୃଷ୍ଣ କେବେ ମିଛ କହିବେ ନାହିଁ କାରଣ ସେ ଦେବତା । ମୀରାବାଈ ଅନୁଭବ କଲେ, ଯଦି ଶ୍ରୀକୃଷ୍ଣଙ୍କଠାରୁ ଭିନ୍ନ ଅନ୍ୟ କେହି ପରମାତ୍ମା ଥିବେ ତେବେ ସେ ପାଗଳୀ ହୋଇଯିବେ । ମୀରାବାଈ ଭଗବାନ ଶ୍ରୀକୃଷ୍ଣଙ୍କୁ ରାତିରେ ଆବାହନ କଲେ । ତ୍ରଲୌକ୍ୟନାଥ ପ୍ରକଟ ହେଲେ । ନିଜ ଶଙ୍କାର ସମାଧାନ ପାଇଁ ମୀରା ନିବେଦନ କରି କହିଲେ, ହେ ପ୍ରଭୁ ! ଆପଣଙ୍କ ଉପରେ ଅନ୍ୟ କେହି ପରମାତ୍ମା ଅଛନ୍ତି କି ? ଏକଥା ମୋତେ ଜଣେ ସନ୍ଥ ସତସଙ୍ଗରେ କହିଲେ । ଶ୍ରୀକୃଷ୍ଣ କହିଲେ, ମୀରା ! ଏହା ସତ୍ୟ ଯେ ପରମାତ୍ମା ଅଛନ୍ତି, ମାତ୍ର ସେ କାହାକୁ ଦର୍ଶନ ଦିଅନ୍ତି ନାହିଁ । ବହୁତ ସମାଧି-ସାଧନା କରି ମୁଁ ଦେଖିସାରିଛି । ମୀରାବାଈ ପରମାତ୍ମା କବୀରଜୀଙ୍କ ସତସଙ୍ଗରେ ମଧ୍ୟ ଶୁଣିଥିଲେ ଯେ ସେହି ପୂର୍ଣ୍ଣ ପରମାତ୍ମାଙ୍କର ପ୍ରତ୍ୟକ୍ଷ ଦର୍ଶନ ସେ କରାଇ ଦେବେ । ସତ୍ୟସାଧନା ବଳରେ ତାଙ୍କ ଧାମ ସତ୍ୟଲୋକକୁ ପଠାଇ ଦେବେ । ମୀରାବାଈ, ଶ୍ରୀକୃଷ୍ଣଙ୍କୁ ପୁଣି ପ୍ରଶ୍ନ କଲେ, ଆପଣ ଜୀବର ଜନ୍ମ-ମରଣ ଚକ୍ର ସମାପ୍ତ କରି ପାରିବେ କି ? ଶ୍ରୀକୃଷ୍ଣଜୀ କହିଲେ, ଏହା ଅସମ୍ଭବ । ଏହା ଶୁଣିବା ପରେ ମୀରାବାଈଙ୍କର ସତସଙ୍ଗ କଥା ମନେ ପଡ଼ିଗଲା । କବୀରଜୀ କହିଥିଲେ ଯେ ମୋ ନିକଟରେ ଏଭଳି ଭକ୍ତିମନ୍ତ ଅଛି ଯାହା ବଳରେ ଜନ୍ମ-ମରଣ ଚକ୍ର ସଦାସର୍ବଦା ପାଇଁ ସମାପ୍ତ ହୋଇ ସେହି ପରମଧାମ ପ୍ରାପ୍ତି ହୋଇଥାଏ ଯାହାର ପ୍ରମାଣ ଗୀତା ଅଧ୍ୟାୟ-୧୫ ଶ୍ଳୋକ ୪ରେ ଅଛି ଯେ ତତ୍ତ୍ୱଜ୍ଞାନ ତଥା ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ପାଇବା ପରେ ପରମାତ୍ମାଙ୍କର ସେହି ପରମଧାମର ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବାପରେ ସାଧକ ଏ ସଂସାରକୁ ପୁନର୍ବାର ଲେଉଟି ଆସି ନ ଥାଏ । ସେହି ଏକ ପରମାତ୍ମାଙ୍କର ଭକ୍ତି କର । ମୀରାବାଈ କହିଲେ, ହେ ଭଗବାନ ଶ୍ରୀକୃଷ୍ଣ ! ସେହି ସନ୍ଥ ପୁଣି କହୁଥିଲେ ଯେ ମୁଁ ଜନ୍ମ-ମରଣ ଚକ୍ର ସମାପ୍ତ କରିଦିଏ । ଏବେ ମୁଁ କ'ଣ କରିବି ? ମୁଁ ପୂର୍ଣ୍ଣମୋକ୍ଷ ପ୍ରାପ୍ତି କରିବାକୁ ଚାହୁଁଛି । ଶ୍ରୀକୃଷ୍ଣ କହିଲେ, ମୀରା ! ତୁମେ ସେହି ସନ୍ଥଙ୍କର ଶରଣାପନ୍ନ ହୋଇ ନିଜର କଲ୍ୟାଣ କରାଅ । ମୋର ଯେଉଁ ପର୍ଯ୍ୟନ୍ତ ଜ୍ଞାନ ଥିଲା, ତାହା କହିଲି । ମୀରା ତହିଁ ପରଦିନ ମନ୍ଦିରକୁ ନ ଯାଇ ଚାକରାଣୀମାନଙ୍କ ସହିତ ସିଧା ସନ୍ଥଙ୍କ ନିକଟକୁ ଗଲା ଏବଂ ଦୀକ୍ଷା ନେବା ପାଇଁ ଇଚ୍ଛାପ୍ରକାଶ କଲା ତଥା ଶ୍ରୀକୃଷ୍ଣଙ୍କ ସହିତ ହୋଇଥିବା ବାର୍ତ୍ତାଳାପ ବିଷୟରେ ସନ୍ଥ କବୀରଜୀଙ୍କୁ ଜଣାଇଲା । ସେ ସମୟରେ ଛୁଆଁ-ଅଛୁଆଁ ଭେଦଭାବ ଚରମସୀମାରେ ଥିଲା । ଠାକୁର(କ୍ଷତ୍ରୀୟ)ଲୋକମାନେ ନିଜକୁ ସର୍ବଶ୍ରେଷ୍ଠ ବୋଲି ମାନୁଥିଲେ । ଅହଙ୍କାରୀ ପ୍ରାଣୀକୁ ପରମାତ୍ମା ପ୍ରାପ୍ତ ହୁଅନ୍ତି ନାହିଁ । ମୀରାବାଈର ପରୀକ୍ଷା ନେବା ପାଇଁ କବୀରଜୀ, ସନ୍ଥ ରବିଦାସଜୀଙ୍କୁ କହିଲେ, ଆପଣ ମୀରା ରାଠୋରକୁ ପ୍ରଥମ ମନ୍ତ୍ର ଦିଅନ୍ତୁ । ଆପଣଙ୍କୁ ମୋର ଏହି ଆଦେଶ । ସନ୍ଥ ରବିଦାସଜୀ ଆଦେଶ ପାଳନ କଲେ । ସନ୍ଥ କବୀର ପରମାତ୍ମାଜୀ, ମୀରାଙ୍କୁ କହିଲେ ଭଉଣୀ ! ସେଠାରେ ଯେଉଁ ସନ୍ଥ ବସିଛନ୍ତି ତାଙ୍କ ପାଖକୁ ଯାଇ ଦୀକ୍ଷା ଗ୍ରହଣ କର । ଭଉଣୀ ମୀରା ତୁରନ୍ତ ରବିଦାସଜୀଙ୍କ ନିକଟକୁ ଗଲେ ଏବଂ କହିଲେ ମହାତ୍ମାଜୀ ! ମୋତେ ଦୀକ୍ଷା ଦେଇ ମୋର କଲ୍ୟାଣ କରନ୍ତୁ । ସନ୍ଥ ରବିଦାସଜୀ କହିଲେ, ଭଉଣୀ ! ମୁଁ ଜାତିରେ ଚମାର (ମୋଚି), ଆପଣ ଠାକୁର (କ୍ଷତ୍ରୀୟ) ବଂଶର ଝିଅ । ଆପଣଙ୍କ ସମାଜ ଆପଣଙ୍କୁ ସମାଲୋଚନା କରିବ ଏବଂ ଜାତିରୁ ବାହାର କରିଦେବ । ଆପଣ ଥରେ ବିଚାର କରନ୍ତୁ । ମୀରାବାଈ ପୂଣ୍ୟାତ୍ମା ଥିଲେ । ପରମାତ୍ମାଙ୍କ ଉଦ୍ଦେଷ୍ୟରେ ନିଜ ଜୀବନ ଉତ୍ସର୍ଗ କରିବା ପାଇଁ ସଦାସର୍ବଦା ତତ୍ପର ଥିଲେ । ତେଣୁ ସେ କହିଲେ, ହେ ମହାତ୍ମା ! ଆପଣ ମୋର ପିତା ଏବଂ ମୁଁ ଆପଣଙ୍କ ପୁତ୍ରୀ, ମୋତେ ଦୟାକରି ଦୀକ୍ଷା ଦିଅନ୍ତୁ । ସମାଜ ଚୁଲିକୁ ଯାଉ । କାଲି ଯଦି ମୁଁ ମାଇ କୁଡି ହେବି ତେବେ ଏହି ଠାକୁର ସମାଜ କ'ଣ ମୋର ରକ୍ଷା କରିବ ? ସତସଙ୍ଗରେ ବଡ଼

ଗୁରୁଜୀ (କବୀର ଜୀ) କହିଛନ୍ତି ଯେ:-

କବୀର, କୁଲ କରନୀ କେ କାରଣେ, ହଂସା ଗୟା ବିୟୋଗ ।
ତବ କୂଳ କ୍ୟା କରଲେଗା, ଜବ ଚାରପାଈ କା ହୋୟ ॥

ଶବ୍ଦାର୍ଥ :- କବୀର ପରମେଶ୍ୱର ଆମ୍ଭମାନଙ୍କୁ ସତର୍କ କରି କହିଛନ୍ତି, ହେ ଭକ୍ତ (ସ୍ତ୍ରୀ/ପୁରୁଷ) ! ଯେଉଁମାନେ କୂଳ-ପରିବାର ଓ ସଂସାର ଲଜ୍ଜ୍ୟା କାରଣରୁ ଭକ୍ତି ନ କରି କହିଥାନ୍ତି ଯେ ଆମ୍ଭ ଘର-ପରିବାର ଓ ସଂସାର ଲୋକେ ପରିହାସ କରି କହିବେ ଯେ ନାମଦୀକ୍ଷା ନେଇ ଦଣ୍ଡବତ ପ୍ରଣାମ କରୁଛ । ଅନ୍ୟ ଦେବୀ-ଦେବତାଙ୍କର ପୂଜା କରୁ ନାହଁ । ଶ୍ରାଦ୍ଧ-ପିଣ୍ଡଦାନ ଆଦି କରୁ ନାହଁ । ତୁମ୍ଭମାନଙ୍କୁ ଲଜ୍ଜ୍ୟା ଲାଗିବା ଉଚିତ୍ । ସମାଜର ସେହି ବ୍ୟକ୍ତିମାନେ ନିଜ ମନୁଷ୍ୟ ଜୀବନକୁ ନଷ୍ଟ କରିଦେଲେ । ଭକ୍ତି ନ କରି ଯେତେବେଳେ ଚାରି ଗୋଡ଼ିଆ ପଶୁ ଅର୍ଥାତ୍ ଗଧ, କୁକୁର, ଘୁଷୁରୀ ଓ ବଳଦ ହେବେ ସେତେବେଳେ ଏହି ବଂଶ-ପରିବାର ଓ ସମାଜ କ'ଣ ରକ୍ଷା କରିବ । ଭକ୍ତି ବଳରେ ରକ୍ଷା ହୋଇଥାନ୍ତା କିନ୍ତୁ ତାହା କଲ ନାହିଁ, ତେଣୁ ଭକ୍ତି କର ।

ସନ୍ଥ ରବିଦାସଜୀ ସେହି ସ୍ଥାନରୁ ଉଠି ସନ୍ଥ କବୀରଜୀଙ୍କ ପାଖକୁ ଯାଇ ସମସ୍ତ କଥା କହିଲେ । ପରମାତ୍ମା କହିଲେ ବିଳମ୍ବ ନ କରି ସେହି ଆତ୍ମାକୁ ଶରଣକୁ ନିଅ । ସନ୍ଥ ରବିଦାସଜୀ ସଙ୍ଗେ ସଙ୍ଗେ ଭଉଣୀ ମୀରାକୁ ପ୍ରଥମ ମନ୍ତ୍ରର କେବଳ ପାଞ୍ଚଟି ନାମ ଦେଲେ ଏବଂ କହିଲେ ଯେ ଏହା ଏମାନଙ୍କର (ଦେବତା) ପୂଜା ନୁହେଁ, ସାଧନା ଅଟେ । ଏହି ଲୋକରେ ରହିବା, ଖାଇବା-ପିଇବା ପାଇଁ ଯେଉଁ ଭକ୍ତି ଧନ ଆବଶ୍ୟକ, ତାହା ଏହି ମନ୍ତ୍ରଜପ ଦ୍ୱାରା ପ୍ରାପ୍ତି ହେବା ସହିତ ଏହି ଲୋକର ଋଣ ମଧ୍ୟ ପରିଶୋଧ ହୋଇଥାଏ । ତା'ପରେ ତୁମ୍ଭେ ମୋକ୍ଷର ଅଧିକାରୀ ହୋଇପାରିବ । ପରମାତ୍ମା କବୀରଜୀ ଓ ସନ୍ଥ ରବିଦାସଜୀ ସେଠାରେ ଗୋଟିଏ ମାସ ରହିଲେ । ମୀରାବାଈ ପ୍ରଥମେ ଦିନରେ ସତସଙ୍ଗ ଶୁଣିବା ପାଇଁ ଘରୁ ବାହାରୁଥିଲେ । ପୁଣି ରାତିରେ ମଧ୍ୟ ସତସଙ୍ଗକୁ ଯିବାକୁ ଲାଗିଲେ କାରଣ ସତସଙ୍ଗ ଦିନରେ କମ ଓ ରାତିରେ ଅଧିକ ହେଉଥିଲା । କେହି ଦିନରେ ସମୟ ବାହାର କରି ସତସଙ୍ଗକୁ ଆସନ୍ତି ତ କେହି ରାତିରେ ସମୟ ବାହାର କରିଥାନ୍ତି । ମୀରାଙ୍କ ଦିଅର (ରାଜା) ରାତ୍ରି ସମୟରେ ମୀରାକୁ ସତସଙ୍ଗ କରିବା ପାଇଁ ଘରୁ ବାହାରକୁ ଯାଉଥିବା ଦେଖି ରକ୍ତଚାଉଳ ଚୋବାଉଥାନ୍ତି କିନ୍ତୁ ମୀରାକୁ ଅଟକାଇବା, ଝଡ଼ ତୋଫାନକୁ ଅଟକାଇବା ସହିତ ସମାନ ଥିଲା । ତେଣୁ ରାଜା ନିଜ ମାଉସୀ ଅର୍ଥାତ୍ ମୀରାର ମାଆଙ୍କୁ ଡ଼କାଇ ମୀରାକୁ ବୁଝାଇ ପାଇଁ ଚେଷ୍ଟା କଲେ ଏବଂ କହିଲା, ଇଏ ଆମ୍ଭ ମାନସମ୍ମାନ ସବୁ ମାଟିରେ ମିଶାଇଦେଲା । ଝିଅ, ମାଆ କଥାକୁ ମାନିଥାଏ ତେଣୁ ମୀରାର ମାଆ ମୀରାକୁ ବୁଝାଇଲେ । ମୀରା ତୁରନ୍ତ ଉତ୍ତର ଦେଲା ଯେ :-

"ଶବ୍ଦ"

ସତସଙ୍ଗ ମେଁ ଜାନା ଐ ମୀରାଂ ଛୋଡ ଦେ, ଆଏ ହମାରୀ ଲୋଗ କରୈଁ ତକରାର ।
ସତସଙ୍ଗ ମେଁ ଜାନା ମେରା ନା ଛୁଟୈ ରୀ, ଚାହେ ଜଲକୈ ମରୋ ସଂସାର ॥ ଘୋଷା ॥
ଥାରେ ସତସଙ୍ଗ କେ ରାହେ ମୈଁ ଐ, ଆହେ ୱହାଁ ପୈ ରହତେ ହୈଁ କାଳେ ନାଗ,
କୋଏ-କୋଏ ନାଗ ତନୈ ଡ଼ସ ଲେବୈ । ଜବ ଗୁରୁ ହମାରେ ମେହର କରୈ ରୀ,
ଆରୀ ୱୈ ତୋ ସର୍ପ ଗଣ୍ଡେବେ ବନ ଜାବୈଁ ॥୧॥
ଥାରେ ସତସଙ୍ଗ କେ ରାହେ ମୈଁ ଐ, ଆହେ ୱହାଁ ପୈ ରହତେ ହୈଁ ବବରୀ ଶେର,
କୋଏ-କୋଏ ଶେର ତନୈ ଖା ଲେବୈ । ଜବ ଗୁରୁଆଁ କୀ ମେହର ଫିରୈ ରୀ,
ଆରୀ ୱ ତୋ ଶେରାଁ କେ ଗୀଦଡ଼ ବନ ଜାବୈଁ ॥୨॥
ଥାରେ ସତସଙ୍ଗ କେ ବୀଚ ମୈଁ ଐ, ଆହେ ୱାହାଁ ପୈ ରହତେ ହୈଁ ସାଧୁ ସନ୍ଥ,
କୋଏ-କୋଏ ସନ୍ଥ ତନୈ ଲେ ରମୈ ଏ, ତେରେ ରୀ ମନ ମୈଁ ମାତା ପାପ ହୈ ରୀ,
ସନ୍ଥ ମେରେ ମାଁ ବାପ ହୈଁ ରୀ, ଆ ରୀ ଯେ ତୋ କର ଦେଙ୍ଗେ ବେଡ଼ା ପାର ॥୩॥
ୱୋ ତୋ ଜାତ ଚମାର ହୈ ଏ, ଇସମୈଁ ହମାରୀ ହାର ହୈ ଏ ।

ତେରେ ରୀ ଲେଖୈ ମାତା ଚମାର ହୈ ରୀ, ମେରା ସିରଜନହାର ହୈ ରୀ ।
ଆରୀ ଡ୍ଢୈ ତୋ ମୀରାଁ କେ ଗୁରୁ ରବିଦାସ ॥୪॥

ଶବ୍ଦାର୍ଥ :- ମୀରାବାଈଙ୍କ ମାତା କହିଲେ, ହେ ମୀରା ! ତୁ ସତସଙ୍ଗକୁ ଯିବା ବନ୍ଦ କରିଦେ । ସଂସାର ଲୋକେ ଆମ ବିଷୟରେ ଖରାପ କଥା କହୁଛନ୍ତି । ଏହା ଶୁଣି ମୀରା କହିଲା, ମା' ! ଏହି ସଂସାର ଲୋକେ ଈର୍ଷାର ଅଗ୍ନିରେ ଜଳି ମରିଗଲେ ମଧ୍ୟ ମୁଁ ସତସଙ୍ଗକୁ ଯିବା ବନ୍ଦ କରିବି ନାହିଁ । ମୀରାର ମାଆ ମୀରାକୁ ଭୟଭୀତ କରିବା ପାଇଁ କହିଲେ ଯେ ତୁ ରାତ୍ରିରେ ଯେଉଁ ରାସ୍ତା ଦେଇ ସତସଙ୍ଗ ଶୁଣିବାକୁ ଯାଉଛୁ, ସେହି ରାସ୍ତାରେ ସାପ ଓ ସିଂହମାନେ ଅଛନ୍ତି । ସେମାନେ ତୋତେ ମାରିଦେବେ । ମୀରା ଉତ୍ତର ଦେଲା, ମୋ ଗୁରୁଜୀ ଏତେ ସମର୍ଥ ଯେ ତାଙ୍କ କୃପା ହେଲେ ସିଂହ ମଧ୍ୟ ଶୃଗାଳ ଭଳି ବ୍ୟବହାର କରିବ ଏବଂ ସର୍ପ ଏଭଳି ନିଷ୍କ୍ରିୟ ହୋଇଯିବ ଯେପରି କେଞ୍ଚୁଅ (ଜିଆ) ଜାତିର ପ୍ରାଣୀ ଯିଏ ଛଅ-ସାତ ଇଞ୍ଚ ଲମ୍ବା ଓ ଅଧଇଞ୍ଚ ଗୋଲେଇର ସର୍ପପରି ହୋଇଥାଏ କିନ୍ତୁ କାହାକୁ କାମୁଡ଼ି ନ ଥାଏ । ମୀରାଙ୍କ ମାଆ ପୁଣି କହିଲେ ଯେ ସତସଙ୍ଗ ସ୍ଥଳକୁ ଯୁବଭକ୍ତ ମଧ୍ୟ ଯାଇଥାନ୍ତି, କେହି ତୋତେ କେଉଁଆଡେ ନେଇ କୁକର୍ମ କରିବେ । ମୀରା ଉତ୍ତର ଦେଲେ, ମାଆ ! ତୁମ ମନରେ ବିକାର ଅଛି, ତେଣୁ ଏଭଳି କୁତ୍ସିତ ବିଚାର ଉତ୍ପନ୍ନ ହେଉଛି । ହେ ମାଆ ! ସେହି ସନ୍ଥ ଓ ଭକ୍ତ ମୋର ମାତା-ପିତା ସମାନ ଅଟନ୍ତି । ସେମାନେ ଏଭଳି କୁକର୍ମ କରନ୍ତି ନାହିଁ । ମୀରାଙ୍କ ମା' ଛୁଆଁ-ଅଛୁଆଁ ଭେଦଭାବର ଆଳ ଦର୍ଶାଇ ମୀରାକୁ ଅଟକାଇବାକୁ ଯାଇ କହିଲେ, ମୀରା ! ତୋ ଗୁରୁ ରବିଦାସ ଅନୁସୁଚିତ ଜାତିର ମୋଚି ଅଟନ୍ତି । ଏହି କାରଣରୁ ଆମ୍ଭ ରାଜପୁତମାନଙ୍କର ଇଜ୍ଜତ ହାନୀ ହେଉଛି । ସତସଙ୍ଗକୁ ଯିବା ବନ୍ଦ କରିଦେ । ମୀରା କହିଲେ, ହେ ମା' ତୁମ ବିଚାରରେ ମୋ ଗୁରୁ ନିଚ ମୋଚି ଜାତିର ଅଟନ୍ତି କିନ୍ତୁ ମୋ ପାଇଁ ସେ ପରମାତ୍ମା ଅଟନ୍ତି । ମୁଁ ତାଙ୍କ ଝିଅ ଓ ସେ ମୋର ପିତା ଅଟନ୍ତି । ମୋର ସତସଙ୍ଗକୁ ଯିବା ବନ୍ଦ ହେବ ନାହିଁ ।

ଏହି କଥା ଶୁଣିବା କ୍ଷଣୀ ରାମପ୍ୟାରୀ (ରାମୋଁ)ର ଆଖି ଖୋଲିଗଲା । ତହିଁ ପରଦିନ କସ୍ତୁରୀ ସହିତ ସତସଙ୍ଗକୁ ଗଲା ଏବଂ ଗୋଟିଏ ଥର ସତସଙ୍ଗ ଶୁଣି ସଙ୍ଗେ ସଙ୍ଗେ ଦୀକ୍ଷା ନେଲା । ପୁଣି ଭକ୍ତମାନଙ୍କୁ ଗୋଟିଏ ଦିନ ଭୋଜନ ଦେବାର ସେବା ମାଗିଲା । ଅନ୍ୟ ଭକ୍ତ ପରିବାର ଲୋକେ କହିଲେ, ଭଉଣୀ ! ପୂର୍ବ ନିର୍ଦ୍ଧାରିତ ଭୋଜନ ସେବା ଆମ୍ଭେ ଛାଡ଼ି ପାରିବୁ ନାହିଁ । ଗୁରୁଜୀ ପରେ ଯେବେ ଆସିବେ ସେତେବେଳେ ତୁମ ପାଳି ପଡିବ । କ୍ଷଣଟିଏ ଅପେକ୍ଷା କରିବାକୁ ତା'ର ଧର୍ଯ୍ୟ ନ ଥିଲା । କାନ୍ଦିବା ଭଳି ମୁଁହ କରିଦେଲା । ସେହି ସମୟରେ କସ୍ତୁରୀ କହିଲା, ଭଉଣୀ ! ଆଗକୁ ଯେବେ ମୋ ପାଳି ଆସିବ ସେତେବେଳେ ସକାଳର ଭୋଜନ ମୁଁ କରାଇବି ଓ ରାତ୍ରିର ଭୋଜନ ସେବା ତୁମେ କରିବ । ଏହା ଶୁଣି ରାମୋଁର ଖୁସିର ସୀମା ରହିଲା ନାହିଁ । ଗୋଡ଼ ଆଉ ତଳେ ଲାଗିଲା ନାହିଁ । ନିଜ ପାଳି ପଡିବାରୁ ରାତ୍ରି ପାଇଁ ଭୋଜନ ପ୍ରସ୍ତୁତ କଲା । ହାଲୁଆ-ଖିରୀ-ତରକାରୀ ଓ ରୁଟି ଆଦି ପ୍ରସ୍ତୁତ କଲା । ଏହି ସମୟରେ ସଦଗୁରୁ ଅନ୍ୟ ପ୍ରକାରର ଲୀଳା କଲେ, ରାମୋଁଙ୍କୁ ଭୀଷଣ ଜ୍ୱର ହୋଇଗଲା । ଶରୀରର ଉତ୍ତାପ ଖଇଫୁଟିବା ଭଳି ବଢିଗଲା । ଚାଲିବା ପାଇଁ ଦେହରେ ଶକ୍ତି ରହିଲା ନାହିଁ । ସେହି ସମୟରେ ରାମୋଁର ପୁଅ ଆସି ପହଞ୍ଚିଲା । ଭଉଣୀ ରାମୋ କହିଲା, ପୁଅ ! ଆଜି ତୁ ମୋର ଗୋଟିଏ କାମ କରିଦେଲେ ମୁଁ ସାରା ଜୀବନ ତୋ ସାହାଯ୍ୟ ଭୁଲି ପାରିବି ନାହିଁ । ପୁଅ, ମୁଁ ଗୁରୁ ଗ୍ରହଣ କରିଛି । ଆଜି ରାତ୍ରିର ଭୋଜନ ସେବା ତୋ ବଡ ମା' ଭକ୍ତମତି କସ୍ତୁରୀଙ୍କ ପାଳିରୁ ମାଗିଛି । ଦେଖ୍ ପୁଅ, ମୋତେ ଭୀଷଣ ଜ୍ୱର ହୋଇଛି । ଶରୀର ନିଆଁ ଭଳି ଜଳୁଛି । ପାଦେ ଚାଲିବାକୁ ଶକ୍ତି ନାହିଁ । ଏହା ଶୁଣି ପୁଅ କହିଲା, ମୋତେ ସମୟ ନାହିଁ । ଭୋଜନ ଦେବାକୁ ମୁଁ ଆଶ୍ରମକୁ ଯାଇ ପାରିବି ନାହିଁ । ମାଆ ! ତୁମେ ସେହି ଆଶ୍ରମକୁ ଆଦୌ ଯାଅ ନାହିଁ । ତୁମ ଯୋଗୁଁ ମୋତେ ଲୋକଙ୍କଠାରୁ ବହୁତ କଥା ଶୁଣିବାକୁ ପଡୁଛି । ପୁଅ ମୁଁହରୁ ଏଭଳି କଥା ଶୁଣି ଭକ୍ତମତି ରାମୋଁ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ । ମା'ପ୍ରତି ପୁଅର ଦୟା ଆସିଲା ପରନ୍ତୁ ବିରକ୍ତ ହୋଇ କହିଲା, ଭୋଜନ କେଉଁଠି ଅଛି, ଦେଇ ଆସିବି ।

ଭଉଣୀ ରାମୋଁ ତୁରନ୍ତ ଉଠି ସମସ୍ତ ଭୋଜନ ଦେଇଦେଲେ । ପୁଅ ଏହି ଭୋଜନକୁ ଏକ ପାତ୍ରରେ ରଖି ଆଶ୍ରମକୁ ଗଲା । ପୂର୍ବରୁ ରାମୋଁ, ଗୁରୁଜୀଙ୍କୁ ବାରମ୍ବାର ଏହି ନିବେଦନ କରୁଥିଲା ଯେ ଗୁରୁଜୀ! ମୋ ପୁଅ ନିଶାସେବନ କରୁଛି । ଘରର ଶାନ୍ତି ନଷ୍ଟଭ୍ରଷ୍ଟ କରୁଛି, କଥା ମାନୁନାହିଁ । ତାକୁ ମଧ୍ୟ ଆପଣଙ୍କ ଶରଣକୁ ନିଅନ୍ତୁ ମହାରାଜ! ତହିଁ ପରଦିନ ତାକୁ ଆଶ୍ରମରେ ଦେଖି ଅନ୍ୟ ଭକ୍ତ ଓ ଭକ୍ତମତିମାନେ କହିବାକୁ ଲାଗିଲେ, ଗୁରୁଜୀ, ଦୁଃଖୀ ରାମୋଁ ଭଉଣୀର ଗୁହାରି ଶୁଣିଲେ । ତା' ପୁଅ ନିଜେ ଭୋଜନ ଧରି ଆସିଛି । ଏହା ଜାଣି ଗୁରୁଜୀ ଖୁସି ହେଲେ ଯେ ଭଗବାନ ତା ଦୁଃଖ ଶୁଣିଲେ । ଏବେ ରାମୋଁର ପରିବାରକୁ ସୁଖ ଫେରିବ । ପୁଅଟି କହିଲା, ମହାରାଜଜୀ! ମା'କୁ ଜ୍ୱର ହେଉଛି ତେଣୁ ମୋତେ ପଠାଇଛି, ଆପଣ ଭୋଜନ କରନ୍ତୁ । ସନ୍ଥଜୀ ଭୋଜନ କରିବା ପାଇଁ ବସିଲେ ଏବଂ ଭାବିଲେ ଯେ ପୁଅଟି ପ୍ରଥମ ଥର ପାଇଁ ଆସିଛି, ତାକୁ କିଛି ଜ୍ଞାନ ଶୁଣାଇବି । ସନ୍ଥଜୀ କଥା ଆରମ୍ଭ କରି କହିଲେ, ପୁଅ! ମାତାପିତାଙ୍କର ସେବା କରିବା ଉଚିତ୍ । ସେମାନଙ୍କର ଆଦେଶ ପାଳନ କରିବା ଉଚିତ୍ । ମୋକ୍ଷ ପ୍ରାପ୍ତି ପାଇଁ ଗୁରୁ କରି ସତ୍ୟଭକ୍ତି କରିବା ଉଚିତ୍ । ନିଶା, ବଡ଼ ବଡ଼ ପରିବାରକୁ ମଧ୍ୟ ଉଜାଡ଼ି ଦେଇଛି । ରାମୋଁର ପୁଅ କିନ୍ତୁ ବାଧ୍ୟ ହୋଇ ସେଠି ବସିଥିଲା । ତାକୁ ପ୍ରତିକ୍ଷଣରେ ବିଳମ୍ବ ଅନୁଭବ ହେଉଥିଲା କାରଣ ସେହି ରାତିରେ ତାକୁ ନିଜ ଚୋରସାଙ୍ଗମାନଙ୍କ ସହିତ ମିଶି ରାଜା ଘରେ ଚୋରି କରିବାକୁ ଯିବାର ଥିଲା । ରାତି ବାରଟାରେ ନଗର ବାହାରେ ଥିବା ମନ୍ଦିର ପାଖରେ ଏକାଠି ହୋଇ ଚୋରୀ କରିବାକୁ ଯିବାର ଥିଲା । ସେମାନେ ଭାବିଥିଲେ ଯେ ରାଣୀମାନଙ୍କର ଯେଉଁ ଦାମୀ ହାର ସବୁ ଅଛି ସେଗୁଡ଼ିକୁ ଚୋରୀ କରି ଆଣି ମାଲାମାଲ୍ ହୋଇଯିବେ ତେଣୁ ପିଲାଟି ସନ୍ଥଙ୍କୁ କହିଲା, ବାବାଜୀ! ଶିଘ୍ର ଭୋଜନ କର, ମୋତେ ଶିକ୍ଷା ଦେବା ଆବଶ୍ୟକ ନାହିଁ । ଏଭଳି କଥାବାର୍ତ୍ତା ସନ୍ଥଜୀଙ୍କୁ ଭଲ ଲାଗି ନ ଥିଲା । ମନରେ ବିଚାର କଲେ ଯେ ବାସ୍ତବରେ ଏହି ଶୈତାନ୍ ଯୋଗୁଁ ରାମୋଁ ଦୁଃଖରେ ଅଛି । ଭୋଜନ ସରିବା ମାତ୍ରେ ଥାଳି ନ ଧୋଇ, ସେହି ଅଇଁଠା ବାସନ ଧରି ନଗର ମୁଖା ହେଲା । ଅଧା ରାସ୍ତାରେ ତା' ପାଦରେ ଏକ ମୋଟା କଣ୍ଟା (ବବୁଲ ଗଛର କଣ୍ଟା) ପଶିଗଲା । ଗୋଡ଼ରେ ବହୁତ ଯନ୍ତ୍ରଣା ହେଲା । ଚାଲିବାରେ ମଧ୍ୟ ବହୁତ କଷ୍ଟ ହେଲା । ଯେମିତି-ସେମିତି ଘରେ ପହଞ୍ଚିଲା । ଅଗଣାରେ ବାସନ ଫିଙ୍ଗି ଦେଇ, ରାଗ ତମ ତମ ହୋଇ ମା'କୁ କହିବାକୁ ଲାଗିଲା, ଆଜି ତୋ ଗୁରୁଜୀଙ୍କର ଦର୍ଶନ କଲି, ଆଉ ଆଜି ମୋ ଭାଗ୍ୟ ଖରାପ ପଡିଲା । ମୋ ପାଦରେ କଣ୍ଟା ପଶିଗଲା । ମୁଁ ଠିକ୍ ଭାବରେ ଚାଲି ପାରୁନାହିଁ । ଆଜିଠାରୁ ଆଶ୍ରମ ଆଡ଼କୁ ମୁହଁ କରି ଶୋଇବି ମଧ୍ୟ ନାହିଁ । ରାମୋଁର ଜ୍ୱର ଟିକେ କମି ଯାଇଥିଲା । ଶୀଘ୍ର ଉଠି କଣ୍ଟା ପଶିଥିବା ପୁଅର ଗୋଡ଼ଟିକୁ ଧୋଇ ଦେଲା । ତା' ଉପରେ ଗାଢା ତେଲ (ତେଲ ତଳେ ଜମିଥିବା ମଇଳା) କୁ ଗୋଟିଏ କନାରେ ବାନ୍ଧିଦେଲା ଏବଂ ସକାଳେ କଣ୍ଟା ବାହାର କରାଇବା ପାଇଁ ବ୍ୟବସ୍ଥା କଲା । ପୁଅ ନିଜ ମା' ସହିତ ବହୁତ ପାଟି ତୁଣ୍ଡ କଲା, କଟୁ କଥା ମଧ୍ୟ କହିଲା, କାରଣ ଚୋରିରେ ସାମିଲ ନ ହୋଇ ପାରିଥିବାରୁ ପୁଅ କର୍ମପାଲକୁ ଏପରି ଲାଗୁଥିଲା ଯେପରି ବହୁତ ବଡ଼ ହାନୀ ହୋଇଯାଇଛି । ସକାଳ ହେଲା, ରାମୋଁ, ପୁଅ ଗୋଡରୁ କଣ୍ଟାଟି ବାହାର କରିଦେଲା । ମାତା (ରାମୋଁ) ଘର କାମରେ ଲାଗି ପଡିଥାଏ । କିଛି ସମୟ ପରେ ଦାଣ୍ଡରେ ଏକ ବ୍ୟାଣ୍ଡ୍‌ବାଜା ବାଜିବା ଶୁଭିଲା । ନଗରବାସୀଙ୍କୁ ଜଣାଥିଲା ଏଭଳି ବାଦ୍ୟଯନ୍ତ୍ର ସେତେବେଳେ ବଜା ଯାଏ ଯେତେବେଳେ କୌଣସି ବ୍ୟକ୍ତିକୁ ମୃତ୍ୟୁଦଣ୍ଡ ଦିଆଯାଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଘରୁ ବାହାରକୁ ଆସି ଛିଡ଼ା ହୋଇ ଯାଉଥିଲେ ଏବଂ ଜାଣିବାକୁ ଚେଷ୍ଟା କରୁଥିଲେ ଯେ କାହାକୁ କେଉଁ କାରଣ ପାଇଁ ଶୂଳୀ ଦଣ୍ଡ ଦିଆଯାଉଛି । ରାଜାର ସୀପାହୀମାନେ ସର୍ବ ସମ୍ମୁଖରେ ଦୋଷ ସ୍ୱୀକାର କରିବା ପାଇଁ ସେହି ଚାରିଜଣଙ୍କୁ କହୁଥାନ୍ତି । ସେମାନେ କହୁଥିଲେ ଯେ ଆମ୍ଭେ ରାଜାଙ୍କ ଘରକୁ ଚୋରୀ କରିବାକୁ ଯାଇଥିଲୁ । ଆମ୍ଭେ ଘୋର ଅପରାଧ କରିଛୁ । ଆଜି ସନ୍ଧ୍ୟାରେ ଆମ୍ଭକୁ ଶୁଳୀରେ ଚଢ଼ାଯିବ । ଆମ କଥା ଯଦି ଆପଣମାନେ ଶୁଣିପାରୁଛନ୍ତି ତେବେ ଏଭଳି ଭୁଲ୍ କେବେ କରିବେ ନାହିଁ । ନିଜର ଚାରି ଚୋର ସାଥୀଙ୍କୁ ଚିହ୍ନିବାରେ

କର୍ମପାଳକୁ ସମୟ ଲାଗି ନ ଥିଲା ଏବଂ ଘଟଣା ବିଷୟରେ ସେ ଅବଗତ ହୋଇଗଲା । ରାମୋଁ କହିଲା ଭଲ ହୋଇଛି, ଆହୁରି ଚୋରୀ କର ! ତୁମ୍ଭମାନଙ୍କୁ ଏହିଭଳି ଦଣ୍ଡ ମିଳିବାର ଥିଲା । କାମ କରି ପେଟ ପୋଷିବାକୁ କଷ୍ଟ ଲାଗୁଛି । ଏହାକହି ରାମୋଁ ଘର ଭିତରକୁ ଚାଲିଗଲା । କର୍ମପାଳ ଦୁଆର ମୁହଁରେ ଭୟଭୀତ ଅବସ୍ଥାରେ ଛିଡ଼ା ହୋଇଥାଏ । ତା'ପରେ ଘର ଭିତରକୁ ପଶିଯାଇ ଖୁବ୍ ଯୋରରେ କାନ୍ଦିବାକୁ ଲାଗିଲା । ରାମୋଁ ଦେଖିଲା ଯେ କର୍ମପାଳ କାନ୍ଦୁଛି କାହିଁକି ? ପଚାରିଲା, ପୁଅ ! କ'ଣ ହେଲା ତୋର ? କଣ୍ଟା ତ ବାହାରିଯାଇଛି, ଏବେ କେଉଁ କଷ୍ଟ ହେଉଛି ? କର୍ମପାଳ ଉଠି ମାଆକୁ କୁଣ୍ଢେଇ ପକାଇଲା । କହିଲା, ମା' ! ତୁମ ଗୁରୁଜୀଙ୍କର ମଙ୍ଗଳ ହେଉ ଯିଏ ତୁମ ପୁଅର ଶୂଳୀ ଦଣ୍ଡକୁ କଣ୍ଟାରେ ଟାଳି ଦେଲେ । ମା' ! ଆଜି ତୁମ ପୁଅକୁ ଶୂଳୀରେ ଚଢ଼ିବାର ଥିଲା, ମୋ ବିନା ତୁମେ କେମିତି ଜୀବିତ ରହିଥାନ୍ତ ? ରାମୋଁ ପଚାରିଲା, ମୋ ପୁଅ କ'ଣ ଚୋର କି ? କ'ଣ ପାଇଁ ତୋତେ ଶୂଳୀ ଦଣ୍ଡ ମିଳିବ ? ଶୂଳି ଦଣ୍ଡ ସେହି ଚାରିଜଣଙ୍କୁ ମିଳିବା ଉଚିତ୍ । ଏହା ଶୁଣି କର୍ମପାଳ କହିଲା, ହଁ, ମା' ! ତୋ ପୁଅ ମଧ୍ୟ ଗୋଟିଏ ଚୋର ଥିଲା । ତୋ ରାଣ ପକାଇ କହୁଛି ମା', ଆଜିଠାରୁ ଆଉ କେବେ ବି ନିଶାସେବନ କରିବି ନାହିଁ । ତୁମ ସହିତ ସବୁଦିନ ସତସଙ୍ଗକୁ ଯିବି । ତୁମ ସହିତ ମିଶି ଘର କାମରେ ସହଯୋଗ କରିବି । ଜୀବନରେ ଆଉ ମୋ ମାଆକୁ କେବେ ମଧ୍ୟ ଦୁଃଖି କରିବି ନାହିଁ । ରାମୋଁ କହିଲା, ଆରେ ଅକର୍ମା ! ତୁ ଚୋରୀ କରୁଥିଲୁ କି ? କର୍ମପାଳ କହିଲା, ହଁ, ମା' ! ମୁଁ ଗୋଟେ ବଡ ଚୋର ହୋଇ ଯାଇଥିଲି । ଧନ୍ୟ ତୁମ ସଦଗୁରୁ, ଧନ୍ୟ ମୋ ମା' ଯାହାଙ୍କୁ ଏଭଳି ମହାପୁରୁଷଙ୍କ ଶରଣ ମିଳିଛି । ମା' ଆଜି ଚାଲ, ମୋତେ ଦୀକ୍ଷା ଦେବା ପାଇଁ ବ୍ୟବସ୍ଥା କର । ରାମୋଁ ତୁରନ୍ତ ପୁଅକୁ ନେଇ ଭକ୍ତମତୀ କସ୍ତୁରୀ ପାଖକୁ ଗଲେ । ସମସ୍ତ ବୃତ୍ତାନ୍ତ କହିଲେ । କସ୍ତୁରୀ ମଧ୍ୟ ସମସ୍ତ କାମ ଛାଡ଼ି ତାଙ୍କ ସହିତ ଆଶ୍ରମକୁ ଯାଇ ଗୁରୁଜୀଙ୍କୁ ଧନ୍ୟବାଦ ଜ୍ଞାପନ କଲେ । ଗୁରୁଜୀଙ୍କୁ ସମସ୍ତ ଘଟଣା ବିଷୟରେ ଜଣାଇ ପୁଅକୁ ନାମଦିକ୍ଷା ଦିଆଇଲେ । ଅନ୍ୟ ଏକ ଗାଁ'ର ଜଣେ ସତସଙ୍ଗୀ ପରିବାରର ଝିଅ ସହିତ କର୍ମପାଳର ବିବାହ ହୋଇଗଲା । ସାରା ପରିବାର ସତସଙ୍ଗକୁ ଆସିବାକୁ ଲାଗିଲେ ତଥା ଆଶ୍ରମରେ ସେବା ଆଦି କରି ସୁଖରେ ଜୀବନଯାପନ କରିବାକୁ ଲାଗିଲେ ।

ରାମୋଁ ସତସଙ୍ଗ ରଙ୍ଗରେ ଏମିତି ରଙ୍ଗେଇଗଲା ଯେ ସଦଗୁରୁ ତାଙ୍କ ଶିଷ୍ୟମାନଙ୍କୁ ଧରି ଯେତେବେଳେ ବି ଆଶ୍ରମକୁ ଆସନ୍ତି ରାମୋଁ ସେତେବେଳେ ସକାଳୁ ଶିଘ୍ର ଆଶ୍ରମକୁ ଯାଇ ସନ୍ଧ୍ୟାରେ ବିଳମ୍ବରେ ଘରକୁ ଫେରିଥାଏ । ସେଠାରେ ବହୁତ ସେବା କରେ । ବାସନ ସଫା କରେ, ଗୁରୁଜୀଙ୍କ ବସ୍ତ୍ର ସଫା କରେ । ଗୁରୁଜୀଙ୍କ ମୁଖ ନିସୃତ ପ୍ରତିଟି ଶବ୍ଦକୁ ସତସଙ୍ଗରେ ଶୁଣିଥାଏ । ଥରେ ଶୀତଦିନେ ଦିନ ୧୦ ଟାରେ ସତସଙ୍ଗ ଆରମ୍ଭ ହେଲା । ଗୁରୁଜୀ ରାମୋଁକୁ କହିଲେ, ଝିଅ ! ମୋ ବସ୍ତ୍ର ନଦୀରେ ଧୋଇ ଆଣ । ଦିନର ଖରା ଏବେ ଅଳ୍ପ ସମୟ ପାଇଁ ରହୁଛି ତେଣୁ ସତସଙ୍ଗ ପରେ ବସ୍ତ୍ର ଧୋଇଲେ ଶୁଖି ପାରିବ ନାହିଁ । ନଈଟି ଅଳ୍ପ ଦୁରରେ ଥିଲା । ରାମୋଁ ସମସ୍ତ ବସ୍ତ୍ର ବାଲ୍‌ଟିରେ ପୁରାଇ ନଈକୁ ଗଲା । ବାଲ୍‌ଟି ପାଣିରେ ସୋଡା ପକାଇ ସେଥିରେ ବସ୍ତ୍ର ଭିଜାଇଲା ଏବଂ ଭାବିଲା ଯେ ସୋଡ଼ା ପାଣିରେ ବସ୍ତ୍ର ଭିଜିବାକୁ ସମୟ ଲାଗିବ ତେଣୁ ସେହି ସମୟ ମଧ୍ୟରେ କିଛି ସତସଙ୍ଗ ଶୁଣି ଆସିବି । ଆଶ୍ରମ ବାହାରେ କାନ୍ଥ ପାଖରେ କାନ ଡେରି ସତସଙ୍ଗ ଶୁଣିବାକୁ ଲାଗିଲା । ସତସଙ୍ଗ ସମାପନ ପରେ "ସତ୍ ସାହେବ" ଧ୍ୱନୀ ଶୁଣି ରାମୋଁର ବସ୍ତ୍ର ଧୋଇବା କଥା ମନେ ପଡ଼ିଗଲା । ତରବରିଆ ଭାବେ ନଦୀ ଆଡକୁ ଧାଇଁଲା ଏବଂ ବହୁତ ଭୟବିତ ଯାଇଥାଏ ଯେ ଆଜି ଏକ ବଡ ଭୁଲ ହୋଇଗଲା । ଗୁରୁଜୀଙ୍କ ଆଦେଶର ଅବମାନନା ହୋଇଗଲା । ମୋତେ ଆଜି ନାନା କଥା ଶୁଣିବାକୁ ପଡିବ । ଗୁରୁଜୀ ନାରାଜ ହୋଇଗଲେ ମୋର ସମସ୍ତ ସେବା ବ୍ୟର୍ଥ ହୋଇଯିବ । ହେ ଭଗବାନ ! ଆଜି ଏ ସବୁ କ'ଣ ଘଟିଗଲା ? ଏହିକଥା ଚିନ୍ତା କରି ନଦୀ ତୁଠରେ ପହଞ୍ଚି ଦେଖେ ତ ବାଲ୍‌ଟି ଖାଲି ହୋଇଯାଇଛି ଏବଂ ସମସ୍ତ ବସ୍ତ୍ର ଧୁଆହୋଇ ଗଛବୁଦା ଉପରେ ଶୁଖୁଛି ଯେଉଁଗୁଡ଼ିକ ସଂପୁର୍ଣ୍ଣ ଶୁଖିସାରିଛି । ନଦୀ ତୁଠରେ ନିଜ ନିଜ ଲୁଗା ସଫା କରୁଥିବା ଅନ୍ୟ ଭଉଣୀମାନଙ୍କୁ ରାମୋଁ ପଚାରିଲା,

ହେ ଭଉଣୀମାନେ ! ଏହି ବସ୍ତ୍ରଗୁଡିକୁ ଆପଣମାନେ ଧୋଇ ଶୁଖାଇଛନ୍ତି କି ? ମହିଳାମାନେ ରାମୋଁ ଆଡ଼କୁ ଚାହିଁବାକୁ ଲାଗିଲେ । ଜଣେ କହିଲା, ଭଉଣୀ ! ତୁମ ମୁଣ୍ଡ ଖରାପ ହୋଇଯାଇଛି ନା ଆମ ସହିତ ଥଟ୍ଟା କରୁଛୁ ? ଅତି ବ୍ୟଗ୍ରତାର ସହିତ ତୁମେ ତ ନିଜେ ଲୁଗା ସଫା କରୁଥିଲ । ଆମ ଆଡ଼କୁ ପାଣି ଛିଟିକା ପଡୁଥିଲା । ଧିରେ ଧିରେ ଲୁଗା ଧୋଇବା ପାଇଁ ତୁମକୁ ଆମେ ତାଗିଦ୍ ମଧ୍ୟ କରିଥିଲୁ । ତୁମେ ନିଜେ ଗଛ ବୁଦା ଉପରେ ଓଦାଲୁଗା ଶୁଖାଇଥିଲ । ଏବେ କ'ଣ ଭାଙ୍ଗ ପିଇ ଆସିଛ କି ? ଏହା ଶୁଣି ରାମୋଁ କାନ୍ଦିବାକୁ ଲାଗିଲା ଏବଂ ସମସ୍ତ ବସ୍ତ୍ର ବାଲ୍‌ଟିରେ ଭର୍ତ୍ତିକରି ଆଶ୍ରମକୁ ଗଲା । ଆଶ୍ରମର କେହି ଜଣେ ସେବାଦାର ରାମୋଁଙ୍କୁ ବହୁତ ସମୟ ପର୍ଯ୍ୟନ୍ତ ଆଶ୍ରମ ବାହାରେ ବସି ସତସଙ୍ଗ ଶୁଣୁଥିବାର ଦେଖିଥିଲେ । ସେ ଗୁରୁଜୀଙ୍କୁ କହିଲା, ଆଜି ଆପଣଙ୍କର ବସ୍ତ୍ର ଓଦା ରହିବ କାରଣ ରାମୋଁ ସତସଙ୍ଗ ସରିବା ପର୍ଯ୍ୟନ୍ତ ଆଶ୍ରମ ବାହାରେ କାନ୍ଥ ନିକଟରେ କାନ ଡେରି ସତସଙ୍ଗ ଶୁଣୁଥିଲା । ବସ୍ତ୍ର ଧୋଇବା ପାଇଁ ସେ ଏବେ ଗଲା । ଏହି ସମୟରେ ରାମୋଁ ଆଶ୍ରମ ଭିତରକୁ ପ୍ରବେଶ କଲା ଏବଂ ସମସ୍ତ ବସ୍ତ୍ର ଗୁରୁଜୀଙ୍କ ନିକଟରେ ରଖିଦେଇ ଭୋ ଭୋ ହୋଇ କାନ୍ଦିବାରେ ଲାଗିଲା । ସନ୍ଥ ମହାତ୍ମା ବସ୍ତ୍ରଗୁଡିକୁ ହାତ ଲଗାଇ ଦେଖନ୍ତି ତ ସେଗୁଡିକ ସମ୍ପୂର୍ଣ୍ଣ ଶୁଖିଯାଇଥିଲା । ରାମୋଁଙ୍କୁ କାନ୍ଦିବାର କାରଣ ପଚାରିବାରୁ ରାମୋଁ କହିଲା, ଗୁରୁଜୀ ! ଆପଣ ମୋ ପ୍ରତି ଦୁଃଖି ହୋଇ ସ୍ୱୟଂ ସମସ୍ତ ବସ୍ତ୍ର ଧୋଇଛନ୍ତି । ମୋର ଭୁଲ୍ ହୋଇଯାଇଛି । ମୁଁ ଭାବିଥିଲି ଯେ କିଛି ସମୟ ପର୍ଯ୍ୟନ୍ତ ସତସଙ୍ଗ ଶୁଣି ବସ୍ତ୍ର ଧୋଇବି । କିନ୍ତୁ ମୋର ସେହି କଥା ଧ୍ୟାନ ରହିଲା ନାହିଁ । ଗୁରୁଜୀ କହିଲେ, ଝିଅ ! ପରମାତ୍ମା କବୀରଜୀ ରାମୋଁ ରୂପରେ ଅସି ସମସ୍ତ ବସ୍ତ୍ର ଧୋଇ ଦେଇ ଯାଇଛନ୍ତି ।

ଜ୍ୟୋଁ ବଚ୍ଛା ଗଉ କୀ ନଜର ମେଁ, ଯୂଁ ସାଁଇ କୂଁ ସନ୍ଥ ।
ଭକ୍ତୋଁ କେ ପୀଛେ ଫୀରେ, ଭକ୍ତ ବଚ୍ଛଲ ଭଗବନ୍ତ ॥

ଶବ୍ଦାର୍ଥ :- ଯେପରି ଗାଈ ନିଜ ଛୁଆ ଉପରେ ଏକାଗ୍ରତାର ସହିତ ନଜର ରଖିଥାଏ ଯେ କୌଣସି ପଶୁପକ୍ଷୀ ବା ମଣିଷ ମୋ ଛୁଆକୁ ମାରି ନ ଦେଉ । ପରମାତ୍ମା ସେହିଭଳି ନିଜ ଭକ୍ତ ଉପରେ ଦୃଷ୍ଟି ରଖିଥାନ୍ତି । ଯେପରି କଅଁଳା ବାଛୁରୀ ଖେଳ-କୁଦ କରି କେଉଁଆଡେ ଦୌଡି ପଳାଇ ଯାଇଥାଏ ତ ଗାଈ ମଧ୍ୟ ତା' ପଛେ ପଛେ ସୁରକ୍ଷା ପାଇଁ ଦୌଡ଼ିଥାଏ । ପରମାତ୍ମା ଠିକ୍ ଏହିଭଳି ଭକ୍ତମାନଙ୍କର ହିତକାରୀ ଅଟନ୍ତି, ନିଜ ଭକ୍ତମାନଙ୍କ ପଛେ ପଛେ ସବର୍ଦା ଘୂରି ବୁଲିଥାନ୍ତି । ସୁରକ୍ଷା ପାଇଁ ସବୁବେଳେ ଭକ୍ତର ସାଥୀରେ ରହିଥାନ୍ତି ।

ପରମାତ୍ମା, ଆବ୍ରାହମ ସୁଲ୍‌ତାନ ଅଧମକୁ ନର୍କରୁ ଉଦ୍ଧାର କରିବା ପାଇଁ ଜଣେ ଚାକରାଣୀ ସ୍ତ୍ରୀର ରୂପ ଧାରଣ କରି ଶରୀରରେ ଚାବୁକ ପ୍ରହାର ଖାଇଥିଲେ । ଝିଅ ! ଦୁଃଖ କରନା, ତୋ'ର ଉଦ୍ଦେଶ୍ୟ ଖରାପ ନ ଥିଲା । ଭକ୍ତର ଦୃଢ ନିଷ୍ଠା ଓ ଭକ୍ତି ଭାବରେ ପାରମାତ୍ମା ଖୁସି ହୋଇଥାନ୍ତି । ଏକଥା ଶୁଣି ରାମୋଁ ଆଶ୍ୱସ୍ତ ହେଲା । ସତସଙ୍ଗ ଦ୍ୱାରା ରାମୋଁ ପରିବାରରେ ସୁଖ ଶାନ୍ତି ଫେରି ଆସିଲା । ତାକୁ ମୋକ୍ଷ ମଧ୍ୟ ପ୍ରାପ୍ତି ହେଲା ।

କବୀର, ସତଗୁରୁ ଶରଣ ମେଁ ଆନେ ସେ, ଆଇ ଟଲୈ ବଲା ।
ଜୋ ଭାଗ୍ୟ ମେଁ ଶୂଲୀ ଲିଖି ହୋ, ୱା କାଣ୍ଟେ ମେଁ ଟଳ ଜାୟ ॥

ଭାବାର୍ଥ :-ସମର୍ଥ କବୀର ପରମେଶ୍ୱରଙ୍କ କୃପାପାତ୍ର ବାସ୍ତବିକ ଗୁରୁ (ସଦଗୁରୁ)ଙ୍କଠାରୁ ଦୀକ୍ଷା ପ୍ରାପ୍ତ କରିଥିବା ଭକ୍ତ/ଭକ୍ତମତିଙ୍କର ରକ୍ଷା ପରମାତ୍ମା କରିଥାନ୍ତି । ଯଦି ପୂର୍ବ ଜନ୍ମର ପାପ କାରଣରୁ ସାଧକର ଭାଗ୍ୟରେ ମୃତ୍ୟୁଦଣ୍ଡ ଶୁଳୀ ଯନ୍ତ୍ର ଦ୍ୱାରା ମିଳିବା ଲେଖାଅଛି ଯାହା ବହୁତ ପୀଡ଼ାଦାୟକ ହୋଇଥାଏ ତେବେ ପରମାତ୍ମା ସାଧକର ସେହି ମୃତ୍ୟୁଦଣ୍ଡକୁ ସମାପ୍ତ କରି ପାଦରେ କଣ୍ଟା ଫୋଡ଼ିବା ଭଳି ଛୋଟ ଧରଣର ଦଣ୍ଡ ଦେଇ ଟାଳି ଦିଅନ୍ତି । ଭୟଙ୍କର ମୃତ୍ୟୁଦଣ୍ଡକୁ ନାମ ମାତ୍ର ଦଣ୍ଡରେ ବଦଳାଇ ଦେଇଥାନ୍ତି ଯାହା ବହୁତ ଭୟଙ୍କର 'ବଲା' ଅର୍ଥାତ୍ ସଙ୍କଟ ଥିଲା ।

''ଚୋର କେବେ ଧନୀ ହୋଇପାରେ ନାହିଁ''

ନିଜ ବିଧାନ ଅନୁସାରେ କବୀର ପରମେଶ୍ୱର ନଗର ବାହାରେ ଥିବା ଏକ ଜଙ୍ଗଲରେ

ଆଶ୍ରମ ତିଆରି କରି ରହୁଥିଲେ । କିଛିଦିନ ପାଇଁ ଆଶ୍ରମରେ ରହୁଥିଲେ, ସତସଙ୍ଗ କରୁଥିଲେ ପୁଣି ଭ୍ରମଣ କରିବା ପାଇଁ ବାହାରକୁ ଯାଉଥିଲେ । ଜଣେ ଜାଟ୍ କୃଷକ ତାଙ୍କ ଶିଷ୍ୟ ଥିଲା । ଶିଷତ୍ୱ ଗ୍ରହଣ କରି ତାଙ୍କୁ ଅଳ୍ପ କିଛିମାସ ହୋଇଥିଲା । କୃଷକଟି ବହୁତ ଗରିବ ଥଲା । ତା' ପାଖରେ ଗୋଟିଏ ବଳଦ ଥିଲା । ସେହି ବଳଦ ସହିତ ଅନ୍ୟ ଜଣେ କୃଷକର ବଳଦକୁ ସାଥୀ କରି ସେ କୃଷି କାର୍ଯ୍ୟ କରୁଥିଲା । ଅନ୍ୟ କୃଷକର ଗୋଟିଏ ବଳଦ ନେଇ ତା' ସହିତ ନିଜ ବଳଦକୁ ଯୋଡ଼ି ଦୁଇଦିନ ହଳକାର୍ଯ୍ୟ କରେ ତଥା ଅନ୍ୟ କୃଷକ ସେହିଭଳି ନିଜ ବଳଦ ସହିତ ଏହି ବଳଦଟିକୁ ଯୋଡ଼ି ଦୁଇଦିନ ହଳକାର୍ଯ୍ୟ କରୁଥିଲା । କୃଷକ ନିଜ ମାଟି ଘର ଅଗଣାରେ ବଳଦଟିକୁ ବାନ୍ଧୁଥିଲା । ଦିନେ ରାତିରେ କୃଷକର ସେହି ଏକମାତ୍ର ବଳଦଟିକୁ ଚୋର ଚୋରି କରି ନେଇଗଲା । କୃଷକ ଯେତେବେଳେ ଦେଖିଲା ଯେ ତା'ର ବଳଦ ଚୋରୀ ହୋଇଯାଇଛି ସେତେବେଳେ ସେ ଆଶ୍ରମକୁ ଯାଇ ଗୁରୁଦେବଙ୍କ ନିକଟରେ ନିଜ ଦୁଃଖ ଜଣାଇଲା । ଗୁରୁଦେବଜୀ କହିଲେ ପୁତ୍ର ! ପରମାତ୍ମାଙ୍କ ଉପରେ ବିଶ୍ୱାସ ରଖ । ଦାନ-ଧର୍ମ-ଭକ୍ତି ଆଦି କର । ପରମାତ୍ମା ଆପଣଙ୍କୁ ଦୁଇଟି ବଳଦ ଦେବେ । ଯିଏ ଚୋରି କରିଛି ସେ ପାପରେ ଭାଗୀ ହେଲା । ପରମେଶ୍ୱରଙ୍କ କୃପାରୁ ଭଲ ବର୍ଷା ହେଲା । କୃଷକ ଭକ୍ତର ଚାରି ଗୁଣା ଫସଲ ଉତ୍ପନ୍ନ ହେଲା । କୃଷକ ଭକ୍ତ ଦୁଇଟି ବଳଦ କିଣିଲା ଏବଂ ସେମାନଙ୍କୁ ଉତ୍ତମ ଖାଦ୍ୟ ଯୋଗାଇଲା । ବଳଦ ଦୁଇଟି ଷଣ୍ଢ ଭଳି ଶକ୍ତିଶାଳୀ ହୋଇଗଲେ । ଗାଁ'ରେ ତାଙ୍କ ବଳଦ ବିଷୟରେ ଚର୍ଚ୍ଚା ହେବାକୁ ଲାଗିଲା । ବର୍ଷେ ପରେ ସେହି ଚୋର ପୁଣି ସେହି ଅଞ୍ଚଳକୁ ଚୋରୀ କରିବାକୁ ଆସିଲା । କେଉଁଠି କିଛି ନ ମିଳିବା ପରେ ଚିନ୍ତାକଲା ଯେ ସେହି ଘରକୁ ଯାଇ ଦେଖିବା ଯେଉଁ ଘରୁ ଥରେ ବଳଦ ଚୋରି କରିଥିଲି, କୃଷକ ହୁଏତ ନୂଆ ବଳଦ ଆଣିଥିବ । ଏହି ବିଚାର କରି ସେଠାକୁ ଯାଇ ଦେଖେ ତ ଷଣ୍ଢ ଭଳି ହୃଷ୍ଟପୃଷ୍ଟ ଦୁଇଟି ବଳଦ ବନ୍ଧା ହୋଇଛନ୍ତି । ବଳଦ ଦୁଇଟିକୁ ଚୋର ଚୋରୀ କରିନେଲା । କୃଷକ ନିଦରୁ ଉଠିଲା ବେଳକୁ ବଳଦ ଦୁଇଟି ଚୋରୀ ହୋଇ ସାରିଥିଲା । କୃଷକ ଭକ୍ତ ଏହି ଘଟଣା ବିଷୟରେ ଗୁରୁଜୀଙ୍କୁ ଜଣାଇବା ପରେ ଗୁରୁଜୀ କହିଲେ, ପୁତ୍ର ! ଭଗବାନ ତୋତେ ଚାରୋଟି ବଳଦ ଦେବେ । ଚୋର କେବେ ବି ଧନୀ ହୋଇପାରିବ ନାହିଁ । ଚୋର ଦୁଇଗୁଣ ପାପରେ ଭଗୀ ହେଉଛି । ପରମାତ୍ମାଙ୍କ କୃପା ତଥା ଗୁରୁଦେବଙ୍କ ଆଶୀର୍ବାଦରୁ ଭଲ ବର୍ଷା ହେଲା ଯାହା କୃଷକମାନଙ୍କୁ ଖୁସି କରିଦେଲା । କୃଷକ ଭକ୍ତ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଚାଷ ଜମି ଥିଲା କିନ୍ତୁ ବର୍ଷା ଅଭାବରୁ ସେ ଅଳ୍ପ ଜମିରେ ଚାଷ କରୁଥିଲା । ଏଥର ଭଲ ବର୍ଷା ହେବା ଦେଖି ଦୁଇଟି ବଳଦ ନଗଦ ଟଙ୍କାରେ ତଥା ଆଉ ଦୁଇଟି ବଳଦ କରଜ ଟଙ୍କାରେ କିଣିଲା । ଅଧିକ ଜମିରେ ଚାଷ କଲା । କାମ କରିବା ପାଇଁ ଜଣେ ହଳୁଆ ରଖିଲା । ଗୋଟିଏ ବର୍ଷରେ ସମସ୍ତ ଋଣ ସୁଝିଦେଲା । ଏବେ ତା'ପାଖରେ ଷଣ୍ଢ ଭଳି ହୃଷ୍ଟପୃଷ୍ଟ ଚାରୋଟି ବଳଦ ହୋଇଗଲେ । ପକ୍କାଘର ମଧ୍ୟ ତିଆରି କଲା । ଦୁଇବର୍ଷ ପରେ ଚୋର ପୁଣି ସେହି ଗାଁକୁ ଯାଇ ପ୍ରଥମେ ସେହି କୃଷକର ସ୍ଥିତିକୁ ଅନୁଧ୍ୟାନ କଲା । ଚୋର ଦେଖିଲା ଯେ ଷଣ୍ଢ ଭଳି ଚାରୋଟି ବଳଦ କୃଷକ ଦୁଆରେ ଶୋଇଛନ୍ତି ମାତ୍ର ଚୋର ପାଖରେ ଖାଇବାକୁ କେବଳ ଦୁଇ ଦିନର ଅଟା ବଞ୍ଚିଥିଲା । ଚୋର ବହୁତ ନିର୍ଦ୍ଧନ ହୋଇସାରିଥିଲା । ସେ ରାତିରେ କୃଷକକୁ ନିଦରୁ ଉଠାଇଲା । କୃଷକ କହିଲା, କିଏ ତୁମେ ? ଚୋର କହିଲା ମୁଁ ଚୋର । ପୂର୍ବରୁ ମୁଁ ତୁମର ତିନୋଟି ବଳଦ ଚୋରି କରିନେଇଛି । କୃଷକ କହିଲା, ଭାଇ ! ମୋ ନିଦ ଖରାପ କରନାହିଁ । ତୁମେ ତୁମ କାମ କର, ମୋ କାମ ପରମାତ୍ମା କରୁଛନ୍ତି । ମୋତେ ଶୋଇବାକୁ ଦିଅ । ଚୋର କୃଷକ ଭକ୍ତର ଗୋଡ଼ ଧରିପକାଇ କହିଲା, ହେ ଦେବତା ! ମୋ ଦ୍ୱାରା ଆଉ ଚୋରୀ ହୋଇ ପାରୁନାହିଁ । ମୋତେ ଗୋଟେ କଥା କୁହ, ଚୋର ଆପଣଙ୍କ ସମ୍ମୁଖରେ ଛିଡ଼ା ହୋଇଛି ଅଥଚ ଆପଣ ତାକୁ ଧରୁନାହାଁନ୍ତି । ଭାଇ ! ମୁଁ ତୁମର ଗୋଟିଏ ବଳଦ ଚୋରି କଲି, ମାତ୍ର ପରବର୍ଷ ତୁମ ଦୁଆରେ ଷଣ୍ଢ ଭଳି ଦୁଇଟା ବଳଦ ବନ୍ଧା ହୋଇଗଲେ । ସେମାନଙ୍କୁ ମଧ୍ୟ ମୁଁ ଚୋରୀ କରି ନେଇଥିଲି । ଆଜି ଦୁଇବର୍ଷ ପରେ ଆପଣଙ୍କ ଅଗଣାରେ ଷଣ୍ଢ ଭଳି ଚାରୋଟି ବଳଦ ବନ୍ଧା ହୋଇଛନ୍ତି । ମୋର ତ ସର୍ବନାଶ

ହୋଇସାରିଛି । ମୋ ପିଲାମାନେ ଭୋକିଲା ରହୁଛନ୍ତି । ମୋତେ ମାର ବା ଛାଡ଼, ତୁମ ଉନ୍ନତିର ରହସ୍ୟ ବିଷୟରେ ମୋତେ କୁହ । ମୁଁ ମଧ୍ୟ ଜାଟ୍ କୃଷକ, ମୋର ଜମି ମଧ୍ୟ ଅଛି । ମୁଁ ବହୁତ ଗରିବ ଅଟେ । କୃଷକ ଭକ୍ତ କହିଲେ, ଆପଣ ପ୍ରଥମେ ସ୍ନାନ କରି ଭୋଜନ କରନ୍ତୁ । ଚୋର ସେହିଭଳି କଲା । ତା'ପରେ ଭକ୍ତ, ସେହି ଚୋରକୁ ସାଙ୍ଗରେ ଆଶ୍ରମକୁ ନେଇଗଲେ । ସମସ୍ତ ଘଟଣା ବିଷୟରେ ଗୁରୁଜୀଙ୍କୁ କହିଲେ । ଗୁରୁଦେବ ଚୋରକୁ ବୁଝାଇଲେ । କୃଷକ ଭକ୍ତ ସେହି ଚୋରକୁ ସାତ-ଆଠ ଦିନ ପର୍ଯ୍ୟନ୍ତ ନିଜ ଘରେ ରଖିଥିଲେ ଏବଂ ପ୍ରତିଦିନ ଗୁରୁଜୀଙ୍କ ସହିତ ଭେଟ କରାଇ ସତସଙ୍ଗ ଶୁଣାଇଲା । ଚୋର ଦୀକ୍ଷା ନେଲା । ଗୁରୁଜୀ କହିଲେ, ପୁତ୍ର ! ନୂଆ ଭକ୍ତକୁ ଉଧାରରେ ଗୋଟିଏ ବଳଦ ଦିଅ । ସେ ଚାଷବାସ କରି ତୋ ଅର୍ଥ ଫେରାଇ ଦେବ । ଭକ୍ତ କହିଲା, ଠିକ୍ ଅଛି ! ଗୁରୁଜୀ । କୃଷକ ଭକ୍ତ ନୂଆ ଭକ୍ତକୁ ଗୋଟିଏ ବଳଦ ଦେଇଦେଲା । ନୂଆ ଭକ୍ତ ପ୍ରତ୍ୟେକ ମାସରେ ସତସଙ୍ଗକୁ ଆସୁଥିଲା । ସାରା ପରିବାରକୁ ନାମ (ଦୀକ୍ଷା) ଦିଆଇଲା । ଦୁଇବର୍ଷ ମଧ୍ୟରେ ଆର୍ଥିକ ସ୍ଥିତି ଠିକ୍ ହୋଇଗଲା । ଗୋଟିଏ ଉଧାର ବଳଦ + ତିନୋଟି ବଳଦ (ଚୋରି ବଳଦ)= ସମସ୍ତ ବଳଦର ମୂଲ୍ୟ (ଅର୍ଥ) ଜମା କରି ଚୋର ଭକ୍ତ ସେହି କୃଷକ ଭକ୍ତର ଘରେ ପହଞ୍ଚିଲା । ତା' ପିଲାମାନେ ମଧ୍ୟ ସାଙ୍ଗରେ ଆସିଲେ । କୃଷକ ଭକ୍ତକୁ ସେହି ଚୋର ଭକ୍ତ ସମସ୍ତ ଟଙ୍କା ଦେଇ କହିଲେ, ମୋତେ କ୍ଷମା କରିଦେବ । ମୋ ସାତପିଢ଼ି ପର୍ଯ୍ୟନ୍ତ କେହି ଆପଣଙ୍କ ଉପକାର ସୁଜି ପାରିବେ ନାହିଁ । ପୁରୁଣା ଭକ୍ତ କହିଲେ, ଭାଇ ! ଏ ସବୁ ଗୁରୁଦେବଙ୍କ କୃପା । ତାଙ୍କ ବଚନ ଆଜି ସତ୍ୟ ହୋଇଛି । ଏସବୁ ଟଙ୍କା ଆପଣ ଗୁରୁଜୀଙ୍କୁ ଦାନ ରୂପରେ ଦେଇ ଦିଅନ୍ତୁ । ବଳଦ ମୂଲ୍ୟଠାରୁ ବହୁଗୁଣା ପୁଞ୍ଜି ସେ ମୋତେ ଦେଇ ସାରିଛନ୍ତି । ଏହି ଅର୍ଥ ମୋର କୌଣସି କାମରେ ଆସିବ ନାହିଁ । ଦୁହେଁ ଗୁରୁଜୀଙ୍କ ନିକଟକୁ ଯାଇ ସମସ୍ତ ଦାନରାଶି ଗୁରୁଜୀଙ୍କ ଚରଣ ତଳେ ରଖିଦେଲେ । ସେହି ଦାନ ଅର୍ଥକୁ ଗୁରୁଜୀ ଭୋଜନ-ଭଣ୍ଡାରା(ଅନ୍ନଦାନ) ଓ ସତସଙ୍ଗ ସମାରୋହରେ ଲଗାଇଲେ । ଏହି ପ୍ରକାରେ ଚୋରି ଧନ ମୋରୀକୁ ଯାଇଥାଏ ଅର୍ଥାତ୍ ବ୍ୟର୍ଥ ଯାଇଥାଏ । ଭକ୍ତ କିନ୍ତୁ ସବୁବେଳେ ସୁଖରେ ସମୟ ଅତିବାହିତ କରିଥାଏ ।

➤"ସଂସ୍କାର ସଂସର୍ଗ ଜନିତ ରୋଗ ଭଳି ମାଡି ଯାଇଥାଏ " :-

ଉତ୍ତମ ସଂସ୍କାର ଓ କୁସଂସ୍କାର ସଂକ୍ରମଣ ରୋଗ ଭଳି ମାଡି ଯାଇଥାଏ, ଯେପରି ଭକ୍ତର ନିଜ ହାତରେ ପୋତା ଯାଇଥିବା ବିହନରେ ମଧ୍ୟ ଭକ୍ତି ସଂସ୍କାର ପ୍ରବେଶ କରିଥାଏ । ଯିଏ ସେହି ଅନ୍ନକୁ ଖାଇଥାଏ, ତାକୁ ଭକ୍ତି ପାଇଁ ପ୍ରେରଣା ମିଳିଥାଏ । ନିଶାସେବନ କରୁଥିବ ବ୍ୟକ୍ତି କିମ୍ବା ମନରେ ଅନ୍ୟ କୌଣସି ବିଚାର ମନ୍ଥନ କରୁଥିବା ଅବସ୍ଥାରେ ଜଣେ କୃଷକ ଯଦି ଜମିରେ ବିହନ ବୁଣେ ତେବେ ସେହି ବିହନରେ ମଧ୍ୟ ସେହି ବ୍ୟକ୍ତିର ବିଚାର, ଭାବନା ପ୍ରବେଶ କରିଥାଏ, ସେହି ଅନ୍ନକୁ ଭକ୍ଷଣ କରୁଥିବା ବ୍ୟକ୍ତିକୁ ତାହା ପ୍ରଭାବିତ କରିଥାଏ ।

ଉଦାହରଣ :- ଜଣେ ଭଉଣୀ ଗୁରୁଦୀକ୍ଷା ନେଇଥିଲେ । ଥରେ ତାଙ୍କ ଘରକୁ ଗୁରୁଜୀ ଆସିଥିଲେ । ଗୁରୁଜୀଙ୍କ ସହିତ ଜଣେ ଶିଷ୍ୟ ମଧ୍ୟ ଆସିଥିଲା । କୌଣସି କାର୍ଯ୍ୟବଶତଃ ସେହି ଭଉଣୀଙ୍କ ଭଉଣୀ ମଧ୍ୟ ସେଦିନ ଆସିଥିଲେ ।

ସେହି ଭଉଣୀଙ୍କର ଜ୍ୱାଇଁର ମୃତ୍ୟୁ ହୋଇ ଯାଇଥିଲା । ଝିଅର ଛୋଟ ଛୋଟ ପିଲାମାନେ ଥିଲେ । ସେ ବହୁତ ଚିନ୍ତିତ ରହୁଥିଲେ । ତାଙ୍କ ମନରେ ସବୁବେଳେ ଏହି ଚିନ୍ତାଥିଲା ଯେ ଝିଅର ସଂସାର କେମିତି ଚାଲିବ ? ମୋ ଝିଅର ପରିବାର ଉଜୁଡ଼ି ଗଲା । ଦିଅର-ଦେଢ଼ଶୂର, ଅସୁବିଧା ସମୟରେ କେହି ପଛରେ ଠିଆ ହୋଇ ନ ଥାନ୍ତି । ପିଲାମାନଙ୍କୁ କିଏ ପାଳିବ ? ହେ ଭଗବାନ ! ଏସବୁ କ'ଣ ଘଟିଗଲା ? କେଉଁ ଜନ୍ମର ପାପ ସେ ଭୋଗୁଛି ? ଉପଦେଶୀ ଭଉଣୀ ଭୋଜନ ପ୍ରସ୍ତୁତ କରୁଥିବା ସମୟରେ ତାଙ୍କ ଭଉଣୀ ରୋଷେଇରେ ସାହାଯ୍ୟ କରିବାକୁ ଗଲା । ଅଧିକାଂଶ ଭୋଜନ ସେହି ଭଉଣୀ ପ୍ରସ୍ତୁତ କଲା ଯାହାର ଜାଇଁ ମରି ଯାଇଥିଲା । ସନ୍ଧ୍ୟ ଓ ଶିଷ୍ୟ ଭୋଜନ କରି ଶୋଇଗଲେ । ସକାଳେ ଶିଷ୍ୟ, ଗୁରୁଦେବଙ୍କୁ କହିଲା, ହେ ଗୁରୁଦେବ ! ଆଜି ରାତିରେ ବହୁତ

ଦୁଃଖି ମନରେ ମୁଁ ଶୋଇଲି । ମୋତେ ଏପରି ଲାଗିଲା ଯେମିତି ମୋ ଜାଇଁ ମରିଯାଇଛି । ଝିଅର ଛୋଟ ଛୋଟ ପିଲା ଅଛନ୍ତି । ମୋତେ ସେମାନଙ୍କ ଚିନ୍ତା ଘାରୁଥାଏ । ଏବେ ସେମାନଙ୍କର କ'ଣ ହେବ ? ସେମାନେ କେମିତି ଚଳିବେ ? ଗୁରୁଜୀ ନିଜ ଶିଷ୍ୟାକୁ ପଚାରିଲେ, ପୁତ୍ରୀ ! ରାତ୍ରିର ଭୋଜନ କିଏ ତିଆରି କରିଥିଲା ? ସେ ଉତ୍ତର ଦେଲା ଯେ ମୋ ସାନ ଭଉଣୀ ଆସିଛି, ସେ ରାନ୍ଧିଥିଲା । ସନ୍ଥ ପଚାରିଲେ ତା'ର କିଛି ଦୁଃଖ ଅଛି କି ? ଶିଷ୍ୟା ଉତ୍ତର ଦେଲେ, ଗୁରୁଦେବ ! ସେ ବହୁତ କଷ୍ଟରେ ଅଛି । ତା' ଝିଅର ଛୋଟ-ଛୋଟ ପିଲା ଅଛନ୍ତି । ଜାଇଁର ମୃତ୍ୟୁ ହୋଇସାରିଛି । ମୋ ଭଉଣୀ ସାରାଦିନ ଏହି ଚିନ୍ତାରେ ସମୟ କାଟୁଛି ଓ ବାରମ୍ବାର କହୁଛି, ମୋ ଝିଅର କ'ଣ ହେବ ? ସେ ପିଲାମାନଙ୍କର ଲାଳନପାଳନ କେମିତି କରିବ ?

ଗୁରୁଜୀ ନିଜ ଶିଷ୍ୟକୁ କହିଲେ, ସେହି ଝିଅର ବିଚାର (ଚିନ୍ତା)ଭୋଜନରେ ପ୍ରବିଷ୍ଟ ହେଲା, ଭୋଜନ କରିବା ବ୍ୟକ୍ତିକୁ ଏହା ପ୍ରଭାବିତ କଲା । ଏହି ଦୁଃଶ୍ଚିନ୍ତା ମୋତେ ମଧ୍ୟ ରାତିସାରା ଘାରିଥିଲା । ତେଣୁ ମନରେ ଭକ୍ତିଭାବ ଜାଗ୍ରତ କରାଇ, ନାମ ସୁମିରଣ, ଆରତୀ କିମ୍ବା ସନ୍ଥଙ୍କ ବାଣୀର ମନନ କରି ଭୋଜନ ପ୍ରସ୍ତୁତ କଲେ ଭୋଜନ କରିବା ବ୍ୟକ୍ତି ମନରେ ସୁସଂସ୍କାର ଓ ଉତ୍ତମ ପ୍ରେରଣା ସୃଷ୍ଟି ହୋଇଥାଏ । ଭକ୍ତି କରିବା ପାଇଁ ରୁଚି ବଢ଼ିଥାଏ । କୌଣସି କୃଷକ ଗୀତ ବା ରାଗ-ରାଗିଣୀ ଗାଇ ଯେତେବେଳେ ଜମିରେ ବିହନ ବୁଣେ କିମ୍ବା ରୋଷେଇଆ ଗୀତ ବା ରାଗ-ରାଗିଣୀ ଗାନକରି ଭୋଜନ ପ୍ରସ୍ତୁତ କଲେ ସେହି ଅନ୍ନରେ ସେହି ସଂସ୍କାର ପ୍ରବିଷ୍ଟ ହୋଇ ଯାଇଥାଏ । ସେହି ଅନ୍ନକୁ ଭୋଜନ କରିବା ବ୍ୟକ୍ତିର ସ୍ୱଭାବ ବଦଳିଯାଇ ସେହିଭଳି ବାର୍ତ୍ତାଳାପ କରିବା ପାଇଁ ପ୍ରେରିତ ହୋଇଥାଏ ଯାହାର ପରିଣାମ ବର୍ତ୍ତମାନ (ପ୍ରାୟ ୧୯୯୭ ପରଠାରୁ)ସମୟରେ ଦେଖିବାକୁ ମିଳୁଛି । ମାନବ ନିଜକୁ ଉତ୍ତମ କର୍ମରେ ଅଳ୍ପ ତଥା କୁକର୍ମରେ ଅଧିକ ନିୟୋଜିତ କରିଛି ।

ସନ୍ଥଙ୍କର ବାଣୀ-ପାଠ-ଆରତୀ-ସୁମିରଣ ଆଦି କରିବା ବ୍ୟକ୍ତିଙ୍କର ସଂଖ୍ୟା ଅଧିକ ହୋଇଗଲେ ପରିବେଶ ଭକ୍ତିମୟ ହୋଇଯିବ । ପ୍ରତ୍ୟେକ ବ୍ୟକ୍ତି ମନରେ ଭକ୍ତଭାବ ଉପୁଜିବ । ସେହିଭଳି ବାତାବରଣ ପାଇଁ ଘରେ-ଘରେ ଆରତୀ, ରମୈଣୀ ତଥା ନିତ୍ୟ-ନିୟମ ଜାରି ରହିବା ଆବଶ୍ୟକ । ଗୁରଙ୍କଠାରୁ ଦୀକ୍ଷା ନେଇ ନାମ ସୁମିରଣ କରିବା ଉଚିତ୍ ଯାହାଦ୍ୱାରା ପରିବେଶ ଅଧିକ ମାତ୍ରାରେ ଭକ୍ତି ତତ୍ତ୍ୱରେ ପରିପୂର୍ଣ୍ଣ ହୋଇଯିବ ତଥା ଖରାପ ସଂସ୍କାରମୁଳକ ବିଚାରଧାରା ସମାଜରୁ ଦୂର ହୋଇଯିବ । ଭକ୍ତି ସଂସ୍କାରକୁ ଆପଣମାନେ ଅକ୍ସିଜେନ୍ ବୋଲି ଭାବନ୍ତୁ ତଥା ଖରାପ ବିଚାରକୁ କାର୍ବନ-ଡ଼ାଇଅକ୍ସାଇଡ୍ ବୋଲି ଭାବନ୍ତୁ । ଅକ୍ସିଜେନ ରୂପୀ ଭକ୍ତି ସଂସ୍କାରର ସିଲିଣ୍ଡର ଅଧିକ ସଂଖ୍ୟାରେ ବ୍ୟବସ୍ଥା କରିବାକୁ ପଡ଼ିବ ଅର୍ଥାତ୍ ସଦଗ୍ରନ୍ଥ ସହିବ୍‌ର ପାଠ ଅଧିକ ମାତ୍ରାରେ କରିବାକୁ ପଡ଼ିବ ତଥା ତିନିସମୟର ଆରତୀ (ନିତ୍ୟକର୍ମ) କରିବାକୁ ପଡ଼ିବ । ମନ୍ତ୍ର ସୁମିରଣ କରିବାକୁ ପଡ଼ିବ । ଭକ୍ତି କରିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଲେ ପୃଥିବୀ ପୃଷ୍ଠରେ ଭକ୍ତି ବିଚାର ଅଧିକ ମାତ୍ରାରେ ବିସ୍ତାରିତ ହେବ ଯାହାଦ୍ୱାରା ପ୍ରତ୍ୟେକଙ୍କ ମନରେ ଶାନ୍ତିର ଆଭାସ ହେବ । ସତସଙ୍ଗ କରିବାକୁ କାହା ଘରକୁ ଯେତେବେଳେ ଯାଉଥିଲୁ ସେତେବେଳେ ପ୍ରଥମ ଦିନ ମନ ଅଶାନ୍ତ ହୋଇ ଯାଉଥିଲା । ପୁଣି ପ୍ରତ୍ୟେକ ଭକ୍ତ ନିଜ ନିଜ ରମୈଣୀ, ସକାଳର ନିତ୍ୟ-ନିୟମ, ସନ୍ଧ୍ୟା ସମୟର ଆରତୀ ଓ ମନ୍ତ୍ର ସୁମିରଣ କରୁଥିଲେ, ପୁଣି ସେମାନଙ୍କୁ ସତସଙ୍ଗ ଶୁଣାଇଥାଏ, ତା'ପରେ ସେହି ଘରୁ ଖରାପ ବିଚାର (କୁସଂସ୍କାର) ଦୂର ହୋଇ ଯାଇଥାଏ । ଅଧିକ ସୁସଂସ୍କାର ପ୍ରଭାବରେ ମନ ଶାନ୍ତ ହୋଇଥାଏ । ଯେତେବେଳେ ଆମେ ସତସଙ୍ଗ ବା ପାଠପ୍ରକାଶ ସମାପନ କରି ଅନ୍ୟ ଗାଁକୁ ଯିବାକୁ ବାହାରିଥାଉ ସେତେବେଳେ ସାରା ପରିବାର କାନ୍ଦିଥାନ୍ତି କାରଣ ସନ୍ଥ ଓ ଭକ୍ତ ମିଳନରେ ସେମାନଙ୍କୁ ବହୁତ ଶାନ୍ତି ମିଳିଥାଏ । ସେହି ସୁସଂସ୍କାରର ପ୍ରଭାବ ମାସ ମାସ ପର୍ଯ୍ୟନ୍ତ ରହିଥାଏ । ଯଦି ନାମଦୀକ୍ଷା ନେଇ ପରିବାର ଲୋକେ ପ୍ରତିଦିନ ତିନି ସମୟର ଆରତୀ ଓ ମନ୍ତ୍ର ସୁମିରଣ କରନ୍ତି ତେବେ ସେହି ଶାନ୍ତି ସର୍ବଦା ବଜାୟ ରହିବ ।

ଯିଏ ବିଡି ଓ ହୁକ୍କାରେ ତମାଖୁ ସେବନ କରି ଜମିରେ ବିହନ ବୁଣିଥାଏ, ସେହି ଜମିରୁ

ଉପୂନ ଅନ୍ନରେ ମଧ୍ୟ ତମାଖୁର ବାସ୍ନା (ସୂକ୍ଷ୍ମତତ୍ତ୍ୱ) ପ୍ରବେଶ କରିଥାଏ । ସେହି ଅନ୍ନକୁ ଖାଉଥିବା ବ୍ୟକ୍ତି ମନରେ ତମାଖୁ ସେବନର ପ୍ରେରଣା ଜାତ ହୋଇଥାଏ । ଯେଉଁ କାରଣରୁ ଯୁବଗୋଷ୍ଠୀ ମଧ୍ୟରେ ନିଶାସେବନ ଅଭ୍ୟସ କ୍ଷୀପ୍ର ଗତିରେ ବଢ଼ିଚାଲିଛି । ପିଲା ଛୋଟ ଅବସ୍ଥାରେ ବାପା, ବଡବାପା, କାକା ଓ ଜେଜେ ବାପାଙ୍କ ଭୟରେ ତମାଖୁ ସେବନ କରି ନ ଥାନ୍ତି କିନ୍ତୁ ଯୁବକ ହେବାପରେ ସେହି ସଂସ୍କାର (କୁଅଭ୍ୟାସ)ର ପ୍ରଭାବ ଅଧିକ ମାତ୍ରାରେ ପଡିଥାଏ ଯାହା ଫଳରେ ନିଶା ସେବନର ଅଭ୍ୟାସ ଖୁବ ଶିଘ୍ର ବଢି ଯାଇଥାଏ । ମୋର ଉଦ୍ଦେଶ୍ୟ ଏହା ଯେ ମାନବ ସମାଜରୁ ନିଶା ଓ ଅନ୍ୟ ସମସ୍ତ କୁଅଭ୍ୟାସର ମୁଲୋପାଟନ କରି ପୃଥିବୀକୁ ସ୍ୱର୍ଗତୁଲ୍ୟ କରିବା । ପରମାତ୍ମା କବୀରଜୀ କହିଥିବା ବଚନ ସାକାର ହେବା ମୁଁ ଏହା ଦେଖିବାକୁ ଚାହୁଁଛି । ତାଙ୍କ ପ୍ରେରଣା ଓ ଶକ୍ତି ବଳରେ ଏହି ଅମୂଲ୍ୟ କାର୍ଯ୍ୟ ସଫଳ ହୋଇପାରିବ । ଏହି ଦାସ (ମୁଁ) ଏବଂ ମୋର ଅନୁଯାୟୀଗଣ ଦୃଢ ନିଷ୍ଠାର ସହିତ ଏହି ମିଶନର ସଫଳତା ପାଇଁ ପ୍ରଯତ୍ନଶୀଳ ଅଟୁ । ସଫଳତାର ପୂର୍ଣ୍ଣ ଆଶା ରହିଛି ।

''ସାଂସାରିକ ଝଡଝଞ୍ଝା ମଧ୍ୟରେ ହିଁ ଭକ୍ତି କରିବାକୁ ପଡ଼ିବ''

ଜଣେ ଥାନାବାବୁ ଘୋଡ଼ାରେ ବସି କିଛି କାର୍ଯ୍ୟବଶତଃ ନିଜ ଅଞ୍ଚଳ ଗସ୍ତ କରୁଥିଲେ । ଜ୍ୟେଷ୍ଠ (June) ମାସ ମଧ୍ୟାନ୍ନ ସମୟର ଗରମ, ହରିୟାଣା ରାଜ୍ୟ । ଜଣେ କୃଷକ ଅରଟ (ଚର୍କି)ସାହାଯ୍ୟରେ ଫସଲରେ ପାଣି ମଡ଼ାଉଥିଲା । ବଳଦ ସାହାଯ୍ୟରେ ଘଣା ପରି ଏହି ଅରଟକୁ ବୁଲା ଯାଉଥିଲା । ପୁଲି (ଚକ୍ରି) ଉପରେ ଥିବା ଚେନ୍‌ରେ ଖଞ୍ଜା ଯାଇଥିବା ବାଲ୍‌ଟିଗୁଡିକ ଗୋଟିଏ ପରେ ଗୋଟିଏ ଚାଲୁଥିଲା ଯାହାଦ୍ୱାରା କୂଅରୁ ପାଣି ବାହାରି ନାଳ ମଧ୍ୟଦେଇ ଜମିକୁ ଯାଉଥିଲା । ଅରଟ ଜୋରରେ ଘୁରିବା କାରଣରୁ କେଁ-କଟର ଶବ୍ଦ ହେଉଥିଲା । ଥାନାବାବୁ ଓ ଘୋଡ଼ା ଉଭୟ ଶୋଷରେ ବ୍ୟାକୁଳ ଥିଲେ । ତେଣୁ ଥାନାବାବୁ ନିଜେ ପାଣି ପିଇବା ଓ ଘୋଡ଼ାକୁ ପାଣି ପିଆଇବା ଉଦ୍ଦେଶ୍ୟରେ ଅରଟ ପାଖକୁ ଗଲେ । ଅରଟରୁ ଜୋର୍ ଜୋର୍‌ରେ ବାହାରୁଥିବା କେଁ-କଟର ଶବ୍ଦ ଶୁଣି ଘୋଡ଼ାଟି ଡ଼ରିଯାଇ ଦୂରକୁ ଦୌଡି ପଳାଉଥିଲା । ଥାନାବାବୁ କୃଷକକୁ କହିଲେ, ତୁମେ କେଁ-କଟରକୁ ବନ୍ଦ କର । କୃଷକ, ଥାନା ବାବୁଙ୍କ ଆଦେଶ ମାନି ବଳଦକୁ ଅଟକାଇଲେ । ତେଣୁ ଅରଟ ଚାଲିବା ବନ୍ଦ ହୋଇଗଲା ଓ କୂଅରୁ ପାଣି ମଧ୍ୟ ବାହାରିବା ବନ୍ଦ ହୋଇଗଲା । ପ୍ରଥମେ ଯେତିକି ପାଣି ବାହାରିଥିଲା, ତାକୁ ମାଟି ଶୋଷିନେଲା । ଥାନାବାବୁ ଘୋଡ଼ାକୁ ପାଖକୁ ଆଣି ଦେଖିଲେ ଯେ ନାଳରେ ପାଣି ନାହିଁ । ଥାନାବାବୁ କହିଲେ, ହେ କୃଷକ ! ପାଣି ବାହାର କର । କୃଷକ ସଙ୍ଗେ ସଙ୍ଗେ ବଳଦକୁ ଚଲାଇଲା । ଅରଟରୁ ପୁଣି କେଁ-କଟର ଶବ୍ଦ ଓ ପାଣି ଉଭୟ ବାହାରିବାକୁ ଲାଗିଲା । ଘୋଡ଼ାଟି ପୁଣି ଡ଼ରିଯାଇ ଏକ ଏକର (୨୦୦ ଫୁଟ) ଦୂରକୁ ଯାଇ ଅଟକିଲା । ଘୋଡ଼ା ଉପରେ ଥାନାବାବୁ ବସିଥିଲେ । ପୁଣି କହିଲେ, କୃଷକ ! ଶବ୍ଦ ବନ୍ଦ କର । କୃଷକ ପୁଣି ବଳଦକୁ ଅଟକାଇଲା । ପାଣି ଜମିକୁ ବୋହି ଯାଉଥିବା ଅବସ୍ଥାରେ ନାଳରେ ଶୁଖି ଯାଉଥିଲା । ଥାନାବାବୁ ଘୋଡ଼ାକୁ ପାଖକୁ ଆଣି ଦେଖିଲେ ଯେ ପାଣି ନାହିଁ, ପାଣି ବାହାର କରିବାକୁ ପୁଣି ଆଦେଶ ଦେଲେ । ଅରଟ ଚାଲିବା ମାତ୍ରେ ଘୋଡ଼ାଟି ଦୌଡ଼ି ପଳାଇଗଲା । ଏଥର କୃଷକ କହିଲା, ଦାରୋଗା ବାବୁ ! ଅରଟ (ପାଣି କାଢ଼ିବା ଯନ୍ତ୍ର)ର ଏହି କେଁ-କଟର ଶବ୍ଦରେ ହିଁ ପାଣି ପିଇବାକୁ ପଡ଼ିବ, ନଚେତ୍ ଦୁହେଁ ମରିବ । ଦାରୋଗା ଘୋଡ଼ାରୁ ଓହ୍ଲାଇ ଲଗାମ ଧରି ଧିରେ ଧିରେ ଘୋଡ଼ାକୁ ପାଖକୁ ଆଣି ଅରଟ ଚାଲୁଥିବା ଅବସ୍ଥାରେ ଦୁହେଁ ପାଣି ପିଇ ଜୀବନ ରକ୍ଷା କଲେ । ତେଣୁ ସାଂସାରିକ କର୍ମ ସହିତ ଭକ୍ତି, ଦାନ-ଧର୍ମ ଓ ସୁମିରଣ ଆଦି ନିଶ୍ଚୟ କରନ୍ତୁ ।

❖ଏବେ ଭକ୍ତି କଲେ କି ଲାଭ ହେବ ? ଆୟୁଷ ଅଳ୍ପ ବାକି ରହିଲା ।

ଜିନ୍ଦ୍ ଜିଲ୍ଲାର 'ମନୋରପୁର' ଗାଁର ଭକ୍ତ ରାମ କୁମାରଙ୍କ ଘରେ ତିନିଦିନର ପାଠ ଓ ସତସଙ୍ଗ ହେଉଥିଲା । ଗାଁରେ ପୁରୁଷମାନେ ସତସଙ୍ଗକୁ ପାଖଣ୍ଡ ଅର୍ଥାତ୍ ଶାସ୍ତ୍ରବିରୁଦ୍ଧ ମାନିଥାନ୍ତି କାରଣ ପୂର୍ବ କାଳରେ ବୃଦ୍ଧାମାନେ ସତସଙ୍ଗ ଆୟୋଜନ କରୁଥିଲେ । ସେମାନେ ରାତିରେ ସତସଙ୍ଗ

କରୁଥିଲେ କିନ୍ତୁ ଦିନରେ ପୁତ୍ରବଧୁକୁ ଭାଇ-ପୁତୁରାଙ୍କ ନାଁରେ ଗାଳିଗୁଲଜ କରି ଅଭିଶାପ ଦେଉଥିଲେ । କେହି କେହି ଅନ୍ୟ ଲୋକର ଗୋବର ଘସିଗଦାରୁ ଘସି ଫଡ଼ା ମଧ୍ୟ ଚୋରି କରି ନେଉଥିଲେ । କେବେ କେବେ ଧରା ପଡ଼ି ବଦନାମ ମଧ୍ୟ ହେଉଥିଲେ । ଏହିସବୁ ଘଟଣା କାରଣରୁ ସତସଙ୍ଗ ନାଁ ଶୁଣିବା ମାତ୍ରେ ଲୋକଙ୍କ ମନରେ ଏଲର୍ଜି (ତୀବ୍ର ପ୍ରତିକ୍ରିୟା) ସୃଷ୍ଟି ହେଉଥିଲା । ଭକ୍ତ ରାମକୁମାର ସପରିବାରେ ଦୀକ୍ଷା ନେଇଥିଲେ । ସେମାନଙ୍କୁ ଜଣାଥିଲା ଯେ ଏହି ସତସଙ୍ଗ ଭିନ୍ନ ଅଟେ । ଯେତେବେଳେ ରାମକୁମାରଙ୍କ ପିତା ଜାଣିଲେ ଯେ ତାଙ୍କ ଘରେ ବଡ଼ ପୁଅ ସତସଙ୍ଗ କରାଉଛି ସେତେବେଳେ ସେ ଏହାକୁ ବହୁତ ଅସମ୍ମାନବୋଧ କଲେ ଏବଂ ଭାବିଲେ, ଗାଁ ଲୋକ କ'ଣ କହିବେ ? ଏହି କାରଣରୁ ସେହି ବୃଦ୍ଧ ପିତା ତିନିଦିନ ପର୍ଯ୍ୟନ୍ତ ବଡ଼ପୁଅ ଘରକୁ ଆସିଲେ ନାହିଁ । ସାନପୁଅ ଘର ବାଲକୋନିରେ ରହିଲେ । ଦିନରେ କ୍ଷେତକୁ ଚାଲିଯାନ୍ତି ଓ ରାତିରେ ବାରଣ୍ଡାରେ ବସି ହୁକ୍କା ପିଅନ୍ତି ଏବଂ ଦୁଃଖ ପ୍ରକାଶ କରୁଥାନ୍ତି ଯେ ଆଜି କିଭଳି ଦିନ ମୁଁ ଦେଖୁଛି ।

ରାତିରେ ଏହି ଦାସ (ଲେଖକ) ସତସଙ୍ଗ ଆରମ୍ଭ କଲା । ଲାଉଡ଼୍ ସ୍ପୀକର ଲଗାଯାଇଥିଲା । ରାମକୁମାରଙ୍କ ପୁଅକୁ ଜଣାଥିଲା ଯେ ଜେଜେ ବାଲ୍‌କୋନିରେ ଅଛନ୍ତି । ତେଣୁ ସେ ଗୋଟିଏ ସ୍ପୀକର ମୁହଁ ଜେଜେଙ୍କ ଆଡ଼କୁ କରିଦେଲା । ଯାହାଦ୍ୱାରା ସତସଙ୍ଗ ବଚନ ଶୁଣିବା ପାଇଁ ବୃଦ୍ଧ ବାଧ୍ୟ ହେଲେ । ଦୁଇଦିନ ସତସଙ୍ଗ ଶୁଣିବା ପରେ ବୃଦ୍ଧ ତୃତୀୟ ଦିନ ପାଠପ୍ରକାଶର ଭୋଗ ଲାଗିବା ସମୟରେ ରାମକୁମାରଙ୍କ ଘରକୁ ଆସିଲେ । ରାମକୁମାରଙ୍କ ପତ୍ନୀ ଭାବୁଥିଲେ ବୋଧହୁଏ ବୃଦ୍ଧ ଗଣ୍ଡଗୋଳ କରିବାକୁ ଆସିଛନ୍ତି । ମହାରାଜ (ଗୁରୁଜୀ)ଙ୍କୁ ଅସମ୍ମାନ କରିବେ । ପାଠପ୍ରକାଶର ଭୋଗ ଲାଗି ସାରିବା ପରେ ରାମକୁମାରଙ୍କ ପିତା ମୋ ସମ୍ମୁଖରେ ଆସି ବସିଗଲେ ଏବଂ କହିଲେ, ମହାରାଜଜୀ ! ପ୍ରଥମେ ଏହି ସତସଙ୍ଗ ପ୍ରତି ମୁଁ ବହୁତ ନାରାଜ ଥିଲି ମାତ୍ର ଆପଣଙ୍କ ଦୁଇଦିନର ସତସଙ୍ଗ ବଚନ ମୋ ଆତ୍ମାକୁ ଦୋହଲାଇ ଦେଇଥିଲା । ନିଜ ମନୁଷ୍ୟ ଜୀବନକୁ ମୁଁ ସର୍ବନାଶ କରିଦେଇଛି । ଆଠଏକର ଜମି କିଣିଛି, ଦୁଇ ପୁଅଙ୍କୁ ପାଳିପୋଷି ବଡ଼ କରିଛି ଏବଂ ଦିନରାତି କ୍ଷେତ କାମରେ ଲାଗିରହିଛି କିନ୍ତୁ ଆପଣଙ୍କ ବିଚାରରୁ ଜାଣିପାରିଲି ଯେ ମୋ ଜୀବନକୁ ମୁଁ ନଷ୍ଟ କରିଦେଇଛି । ବର୍ତ୍ତମାନ ମୋର ଆୟୁଷ ୭୫ବର୍ଷ ହୋଇସାରିଛି । ଏବେ ଭକ୍ତି କରି ଲାଭ କ'ଣ ? ଏକଥା କହି ବୃଦ୍ଧ କାନ୍ଦିବାକୁ ଲାଗିଲେ । କୋହ ଆସିଗଲା । ମୁଁ ତାଙ୍କୁ ଶାନ୍ତ୍ୱନା ଦେଇ କହିଲି, ଆପଣ ବିଶ୍ୱାସ ରଖନ୍ତୁ ଏବେ ମଧ୍ୟ ସମୟ ଅଛି, କିଛି ହୋଇନାହିଁ । ମୁଁ (ରାମପାଲ ଦାସ) ମୋ ଗୁରୁଜୀଙ୍କଠାରୁ ଗୋଟିଏ ଉଦାହରଣ ଶୁଣିଥିଲି । ପୂର୍ବେ ୧୦୦-୧୫୦ ଫୁଟ ଗଭୀରର କୂଅ ଥିଲା ଯେଉଁଥିରୁ ଦଉଡି ଓ ବାଲଟି ସାହାଯ୍ୟରେ ପାଣି କଢା ଯାଇଥାଏ । କୂଅରୁ ପାଣି କାଢୁଥିବା ସମୟରେ ଯଦି ହାତରୁ ବାଲଟି ସହିତ ବାଲଟିରେ ବନ୍ଧାଥିବା ଦଉଡି ଖସିଯାଏ ତେବେ ଧରିବା ପାଇଁ ଚେଷ୍ଟାକରି ଦଉଡିର ଶେଷ ଭାଗ ଯଦି ହାତକୁ ଆସିଯାଏ ତେବେ କିଛି ମଧ୍ୟ ହାତଛଡା ହୋଇ ନାହିଁ କାରଣ ବାଲ୍‌ଟି ସହିତ ପାଣି ମଧ୍ୟ ମିଳିପାରିବ । ଯଦି ଏହା ଭାବିବା ଯେ ବାଲଟି ତ ଗଲା ଯାଉ ତେବେ ଏହା ମୂର୍ଖତା ହେବ । ଠିକ୍ ଏହିପରି ଆପଣଙ୍କ ଆୟୁଷ ରୂପକ ଦଉଡିର ଲାଞ୍ଜ (ଶେଷ ଭାଗ) ବାକି ଅଛି । ଏବେ ମଧ୍ୟ ଦୀକ୍ଷାନେଇ ସମସ୍ତ ନିଶା ତ୍ୟାଗ କରି ନିୟମରେ ରହି ସାଧନା କରନ୍ତୁ, ମୋକ୍ଷ ସୁନିଶ୍ଚିତ । ଏହା ଶୁଣି ସେହି ବୃଦ୍ଧ ଭକ୍ତାତ୍ମା ସଙ୍ଗେ ସଙ୍ଗେ ଦୀକ୍ଷା ନେଲେ ଏବଂ ପୂର୍ଣ୍ଣ ନିଷ୍ଠାର ସହିତ ଭକ୍ତି କଲେ । ସେ ୮୫ ବର୍ଷ ଆୟୁଷରେ ଶରୀର ତ୍ୟାଗ କଲେ ଓ ଜୀବନକୁ ସଫଳ କଲେ । ସେ ହୁକ୍କା ପିଉଥିଲେ, ସେହିଦିନ ତ୍ୟାଗ କରିଦେଲେ ଏବଂ ଆଜୀବନ ହାତ ମଧ୍ୟ ଲଗାଇଲେ ନାହିଁ । ରାମକୁମାରଙ୍କ ସାନଭାଇଙ୍କ ପରିବାର ମଧ୍ୟ ନାମଦୀକ୍ଷା ନେଲେ । ବୃଦ୍ଧ ଭକ୍ତ ନିଜେ ସେମାନଙ୍କୁ ସାଥିରେ ଧରି ସତସଙ୍ଗକୁ ଆସୁଥିଲେ । ସେମାନଙ୍କୁ ଭକ୍ତି କରିବାକୁ କହୁଥିଲେ । ମନୋରପୁର ଗାଁର ଲୋକେ ଆଶ୍ଚର୍ଯ୍ୟଚକିତ ଥିଲେ ଯେ ଏତେମାତ୍ରାରେ ହୁକ୍କା ପିଉଥିବା ବ୍ୟକ୍ତି ହୁକ୍କା ଛାଡ଼ିଦେଲା କେମିତି ? ହୁକ୍କା ପିଉଥିବା ବ୍ୟକ୍ତିଙ୍କ ପାଖରେ ମଧ୍ୟ ବସୁ ନାହିଁ ।

ଏକୈ ଚୋଟ ସିଧାରିୟା ଜିନ ମିଳନ ଦା ଚାହ ।

ହରିୟାଣାରେ ଏକ ଲୋକକଥା ଅଛି ଯେ:-

ଘାମ କା ଔର ଜ୍ଞାନ କା ଚମକା - ସା ଲାଗ୍ୟା କରୈ ।

ଶବ୍ଦାର୍ଥ :- ଭାବାର୍ଥ ହେଲା ଯେ ଭାଦ୍ରବ ମାସରେ ଖରାର ତାପ ଅଧିକ ହୋଇଥାଏ । ଅତ୍ୟଧିକ ଖରା ତାପ ପ୍ରଭାବରେ କ୍ଷେତରେ କାମ କରୁଥିବା ବ୍ୟକ୍ତିଙ୍କୁ ଅଂଶୁଘାତ ହୋଇ ଯାଇଥାଏ । ଅଂଶୁଘାତ ପୀଡିତ ବ୍ୟକ୍ତି ବୈଦ୍ୟଙ୍କୁ କହିଥାଏ ଯେ କେତେବେଳେ ମୋର କ'ଣ ହେଲା ମୋତେ କିଛି ଜଣାପଡିଲା ନାହିଁ । ବୈଦ୍ୟ କହିଥାନ୍ତି ଯେ ଅଂଶୁଘାତ ହଠାତ୍ ଶରୀରରେ ପ୍ରଭାବ ପକାଇଥାଏ । ଠିକ୍ ଏହିଭଳି ଯେଉଁମାନଙ୍କଠାରେ ଜ୍ଞାନର ପ୍ରଭାବ ପଡିବାର ଥିବ ସେମାନଙ୍କୁ ସମ୍ୟକ ଧାରଣାରେ ହିଁ ଜ୍ଞାନ ହୋଇଯାଏ ଏବଂ ତୁରନ୍ତ ଭକ୍ତିରେ ମନୋନିବେଶ କରନ୍ତି ।

''ଚୌଧୁରୀ ଜୀତା ଜାଟ୍‌ଙ୍କୁ ଜ୍ଞାନ ପ୍ରାପ୍ତି''

ପ୍ରାୟ ଦୁଇଶହ ପଞ୍ଚସ୍ତରୀ ବର୍ଷ ପୂର୍ବେ ଉତ୍ତର ପ୍ରଦେଶର ଗ୍ରାମ-ଖେଖଡା, ଜିଲ୍ଲା-ବାଗପତରେ ଜୀତାରାମ ନାମକ ଜଣେ ଜାଟ ବ୍ୟକ୍ତି ଥିଲେ । ତାଙ୍କର ନଅ ଶହ ବିଘା(ପ୍ରାୟ ୧୪୫୮ ଏକର) ଜମି ଥିଲା । ସେ ଗ୍ରାମର ମୁଖିଆ ମଧ୍ୟ ଥିଲେ । ସେ ସବୁଠାରୁ ଧନୀ ତଥା ପଞ୍ଚାୟତି ବ୍ୟକ୍ତି ଥିଲେ । ସର୍ବଦା ସତ୍ୟର ପକ୍ଷ ନେଉଥିଲେ । ମିଥ୍ୟାକୁ ପ୍ରଶୟ ଦେଉ ନ ଥିଲେ । ସେହି ଗ୍ରାମର ଘୀସା ଦାସ ନାମକ ଜଣେ ସନ୍ଥ ସେ ସମୟରେ ସତସଙ୍ଗ କରୁଥିଲେ । ସେ ଚମାର(ମୋଚି) ଜାତିର ଥିଲେ । ସମାଜରେ ଛୁଆଁ-ଅଛୁଆଁ ଭେଦଭାବ ସେ ସମୟରେ ଚରମ ସୀମାରେ ଥିଲା । ସନ୍ଥ ଘୀସାଦାସଜୀ ଯେତେବେଳେ ସାତ-ଆଠ ବର୍ଷ ବୟସର ହୋଇଥିଲେ ସେତେବେଳେ ପରମେଶ୍ୱର କବୀର ସାହେବ ତାଙ୍କୁ ଏକ ଜଙ୍ଗଲରେ ଭେଟିଥିଲେ । ତାଙ୍କୁ ଯଥାର୍ଥ ଜ୍ଞାନ ଓ ଦୀକ୍ଷା ଦେଇ ଅନ୍ତର୍ଧ୍ୟାନ ହୋଇ ଯାଇଥିଲେ । ବଡ଼ ହୋଇ ସନ୍ଥ ଘୀସାଦାସଜୀ ସତସଙ୍ଗ କରିବାକୁ ଲାଗିଲେ । ଆଖପାଖର ଲୋକେ ସତସଙ୍ଗ ଶୁଣି ଦୀକ୍ଷା ନେଇ ସଙ୍କଟମୁକ୍ତ ହେବାକୁ ଲାଗିଲେ । ଦିନରେ ସେମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ କାର୍ଯ୍ୟ କରୁଥିଲେ ଏବଂ ରାତିରେ ସତସଙ୍ଗ ଶୁଣୁଥିଲେ । ମାସରେ ଦୁଇଥର ସତସଙ୍ଗ ହେଉଥିଲା । ରାତିର ସତସଙ୍ଗ ଶୁଣିବା ପାଇଁ ସତସଙ୍ଗକୁ ଉଭୟ ସ୍ତ୍ରୀ ଓ ପୁରୁଷ ଯାଉଥିଲେ । ଗାଁରେ ଚର୍ଚ୍ଚା ହେବାକୁ ଲାଗିଲା ଯେ ସ୍ତ୍ରୀଲୋକମାନେ ରାତିରେ ସତସଙ୍ଗକୁ ଯିବା ଅନୁଚିତ୍ । କିଛି ବି ଅପ୍ରିୟ ଘଟଣା ଘଟିପାରେ । ତେଣୁ ସତସଙ୍ଗ ବନ୍ଦ କରାଯାଉ । ଖେଖଡ଼ା ଗାଁରେ ପଞ୍ଚାୟତ ବସିଲା । ସତସଙ୍ଗ ବନ୍ଦ କରିବା ପାଇଁ ପଞ୍ଚାୟାତରେ ନିର୍ଣ୍ଣୟ ନିଆଗଲା ଏବଂ ପଞ୍ଚାୟତ ମୁଖ୍ୟ ଚୌଧୁରୀ ଜୀତାରାମଜୀଙ୍କୁ ଏହି ଦାୟିତ୍ୱ ଦିଆଗଲା । ସେଦିନ ସତସଙ୍ଗ ଚାଲୁଥାଏ, ଚୌଧୁରୀ ଜୀତାରାମ, ଘୀସାରାମଜୀଙ୍କ ଘରକୁ ଗଲେ । ସେତେବେଳକୁ ଗାଁ ପଞ୍ଚାୟତରେ ନିଆ ଯାଇଥିବା ନିଷ୍ପତ୍ତିର ଚର୍ଚ୍ଚା ଗାଁ ସାରା ହୋଇ ସାରିଥିଲା । ଯେତେବେଳେ ଚୌଧୁରୀ ଜୀତାରାମଜୀ ସତସଙ୍ଗ ସ୍ଥଳରେ ପହଞ୍ଚିଲେ ସେତେବେଳେ ଶ୍ରୋତାଗଣ ଭାବିଲେ ଯେ ଚୌଧୁରୀ ବୋଧ ହୁଏ ସନ୍ଥଜୀଙ୍କ ସହିତ ଝଗଡ଼ା କରିବେ କାରଣ ଜିତାରାମ ଜୀ ଜାଟ୍ ଥିଲେ(ଜାଟ୍‌ମାନେ ବହୁତ କ୍ରୋଧି ଅଟନ୍ତି) । ଘରୁ ବାହାରିବା ସମୟରେ ଜୀତାରାମଜୀ ହାତରେ ଏକ ଠେଙ୍ଗା ଧରି ଘରୁ ବାହାରିଲେ ଯାହାକୁ ସେ ରାସ୍ତାକଡରେ ଥିବା ଏକ ଗଛକୁ ଡ଼େରି ଆଗକୁ ଚାଲିଲେ । ତାଙ୍କ ମନରେ ଏହି ଧାରଣା ଥିଲା ଯେ ଭକ୍ତମାନେ କେବେ ଝଗଡ଼ା କରନ୍ତି ନାହିଁ । ଜଣେ ମୁଖିଆ ବ୍ୟକ୍ତି ସତସଙ୍ଗ ସ୍ଥଳକୁ ଠେଙ୍ଗା ନେଇକରି ଯିବା ଶୋଭନୀୟ ନୁହେଁ । ସେ ସମୟରେ ସତସଙ୍ଗ ଚାଲୁଥାଏ ତେଣୁ ଚୌଧୁରୀ ସାହେବ ଭାବିଲେ ଯେ ପ୍ରଥମେ କିଛି ସତସଙ୍ଗ କଥା ଶୁଣିବା, ତା'ପରେ ତର୍କ-ବିତର୍କ ଆଡ଼କୁ ଯିବା । ସେଦିନ ସତସଙ୍ଗରେ ସେହି ଜ୍ଞାନ ଚର୍ଚ୍ଚା ହେଲା ଯାହା ହରଲାଲଜୀ ପ୍ରକରଣରେ ଆପଣ ପୂର୍ବରୁ ପଢ଼ି ସାରିଛନ୍ତି । କଥା ଶୁଣି ଚୌଧୁରୀ ସାହେବ ବହୁତ ଭାବୁକ ହୋଇଗଲେ । ଆଖିରୁ ଅଶ୍ରୁଧାର ବୋହିବାକୁ ଲାଗିଲା । ଉଠିଯାଇ ସନ୍ଥ ଘୀସାଜୀଙ୍କ ଚରଣ ତଳେ ପଡିଗଲେ ଏବଂ କହିଲେ, ହେ ଗୁରୁଦେବ ! ମୋ ଭଳି ଅପରାଧିକୁ ମାରନ୍ତୁ ବା ତାରନ୍ତୁ, ମୁଁ ବହୁତ ବଡ଼ ଭୁଲ୍ କରିଦେଇଛି, ମୋ ଭଳି ତୁଚ୍ଛ ଜୀବ ଆପଣଙ୍କ ସତସଙ୍ଗ

ବନ୍ଦ କରିବା ପାଇଁ ଆଦେଶ ନେଇ ଆସିଛି । କ୍ଷମା କରନ୍ତୁ ପ୍ରଭୁ । ଆପଣ ନିର୍ବିଘ୍ନରେ ସତସଙ୍ଗ କରନ୍ତୁ, କେହି ଆପଣଙ୍କୁ ଅଟକାଇବେ ନାହିଁ । ସନ୍ଥ ଘୀସାଜୀ କହିଲେ, ଚୌଧୁରୀ ସାହେବ ! ଆପଣ ଯେଉଁ କାମ କରିବାକୁ ଏଠାକୁ ଆସିଥିଲେ ତାହା କରନ୍ତୁ । ଜିତା ଜାଟ୍ ପୁଣି କାନ୍ଦି କହିଲେ, କ୍ଷମା କରନ୍ତୁ, କ୍ଷମା କରନ୍ତୁ, ମୋତେ ଦୀକ୍ଷା ଦିଅନ୍ତୁ । ଚୌଧୁରୀ ଜିତାରାମ ଜାଟ୍ ଭକ୍ତ ହୋଇଗଲେ । ଅନ୍ୟମାନଙ୍କ ସହିତ ନିଜେ ମଧ୍ୟ ରାତ୍ରିରେ ସତସଙ୍ଗ ଶୁଣିବାକୁ ଲାଗିଲେ । ଚୌଧୁରୀ ଜିତାରାମ ଜାଟ୍, ସନ୍ଥ ଘୀସାରାମଜୀଙ୍କ ଶରଣାପନ୍ନ ହେବାପରେ ଖେଖ୍‌ଡା ଗ୍ରାମର ଘରେ ଘରେ ଏହି ଚର୍ଚ୍ଚା ହେବା ସହିତ ସମସ୍ତେ ନିନ୍ଦା କରିବାକୁ ଲାଗିଲେ ଏବଂ କହିଲେ ଯେ ସନ୍ଥ ଘୀସାରାମ ଜଣେ ତାନ୍ତ୍ରୀକ, ସେ ଜାଦୁମନ୍ତ୍ର ଜାଣିଛନ୍ତି । ତାନ୍ତ୍ରୀକ କ୍ରିୟା ପ୍ରୟୋଗ କରି ଗ୍ରାମ ମୁଖିଆଙ୍କୁ ବଶିଭୂତ କରିଦେଇଛନ୍ତି । ସେ ସମ୍ମୋହନ କ୍ରିୟା ଜାଣିଛନ୍ତି । ଚୌଧୁରୀ ଜୀତାରାମଙ୍କ ଘରଲୋକ ତଥା ତାଙ୍କ ଭାଇ-ବନ୍ଧୁ-କୁଟୁମ୍ବ ସମସ୍ତେ ଜୀତାରାମ୍ ଜାଟ୍ ଓ ସନ୍ଥ ଘୀସାରାମଙ୍କ ବିରୋଧି ହୋଇଗଲେ । ଗାଁ ଲୋକେ ଚୌଧୁରୀ ଜୀତାରାମ୍‌ଙ୍କୁ କହିଲେ, ଚୌଧୁରୀ ବାବୁ ! ବୃଦ୍ଧ ଅବସ୍ଥାରେ ଆପଣ ମଧ୍ୟ ପଥଭ୍ରଷ୍ଟ ହୋଇଗଲେ । ଚୌଧୁରୀ ଜୀତାରାମଙ୍କ ଉପରେ ଆଧ୍ୟାତ୍ମିକ ଜ୍ଞାନର ପ୍ରବଳ ପ୍ରଭାବ ପଡି ଯାଇଥିଲା । ସେ କହୁଥିଲେ ଯେ ହେ ଗାଁ ଲୋକେ ! ମୋ ଭାଗ୍ୟ ଉଦୟ ହୋଇଯିବାରୁ ମୁଁ ଭକ୍ତ ହୋଇଗଲି କିନ୍ତୁ ଆପଣଙ୍କ ନଜରରେ ମୁଁ ପଥଭ୍ରଷ୍ଟ ହୋଇଗଲି । ଭଗବାନ କରନ୍ତୁ, ମୋ ଭଳି ତୁମେମାନେ ସମସ୍ତେ ପଥଭ୍ରଷ୍ଟ ହୋଇଯାଅ । ପଥଭ୍ରଷ୍ଟ ନ ହେବା ପର୍ଯ୍ୟନ୍ତ କିଛି ହୋଇ ପାରିବ ନାହିଁ । କିଛିଦିନ ପରେ ଗାଁରେ ପଞ୍ଚାୟତ ବସିଲା ଏବଂ ସନ୍ଥ ଘୀସାଦାସଜୀ ଓ ଭକ୍ତ ଜୀତାରାମଜୀଙ୍କୁ ଗାଁ ଛାଡ଼ିବା ପାଇଁ ଆଦେଶ ଶୁଣାଇ ଦିଆଗଲା । ଗୁରୁଶିଷ୍ୟ ଦୁହେଁ ତୁରନ୍ତ ଗାଁ ଛାଡ଼ିଲେ । ଦୂରସ୍ଥାନରେ ଥିବା ଅନ୍ୟ ଏକ ଗାଁରେ ସତସଙ୍ଗ କରି ଲୋକମାନଙ୍କୁ ବୁଝାଇବାକୁ ଲାଗିଲେ । ସେଠାରେ ବହୁତ ଲୋକ ତାଙ୍କର ଅନୁଗାମୀ ହେବାକୁ ହେଲେ । ସନ୍ଥ ଘୀସାଦାସ ଖେଖ୍‌ଡା ଗାଁ ଛାଡି ଚାଲିଯିବା ପରେ ଗାଁରେ ଅକାଳ ମୃତ୍ୟୁ ହେବାକୁ ଲାଗିଲା, ପଞ୍ଚାୟତର ମୁଖ୍ୟ ବ୍ୟକ୍ତିମାନଙ୍କ ଘରେ ପରମାତ୍ମାଙ୍କର ପ୍ରକୋପ ଆରମ୍ଭ ହୋଇଗଲା । କାହା ନଡା-ପାଳ ଗଦାରେ ନିଆଁ ଲାଗିଗଲା ତ କାହା ଗୃହପାଳିତ ପଶୁ ମରିବାକୁ ଲାଗିଲେ । କାହା ଘରେ ଭୂତ-ପ୍ରେତ ତାଣ୍ଡବ କରିବାକୁ ଲାଗିଲେ ତ କାହା ଝିଅ ବିଧବା ହୋଇଗଲା । କାହାକୁ ପକ୍ଷାଘାତ ହୋଇଗଲା । ଗାଁରେ ପଶୁମାନଙ୍କ ମଧ୍ୟରେ ରୋଗ ସଂକ୍ରମଣ ହେବାକୁ ଲାଗିଲା । ଏହା ଦେଖି ଗାଁର କିଛି ବ୍ୟକ୍ତି ଏକାଠି ହୋଇ ଜଣେ ଜ୍ୟୋତିଷ ପାଖକୁ ଗଲେ ଏବଂ ଗାଁରେ ଘଟୁଥିବା ବିଭିନ୍ନ ଅଘଟଣ ବିଷୟରେ ପଚାରିବାରୁ ଜ୍ୟୋତିଷ କହିଲା ଯେ ଆପଣଙ୍କ ଗାଁରେ ଜଣେ ସନ୍ଥ ଓ ଜଣେ ଭକ୍ତ ରହୁଥିଲେ । ସେମାନେ ଗାଁରୁ ଚାଲି ଯାଇଛନ୍ତି । ଯଦି ସେମାନେ ଗାଁ'କୁ ପୁଣି ଫେରି ଆସନ୍ତି ତେବେ ଗାଁ'ର ଅବସ୍ଥା ସୁଧୁରିବ ନଚେତ୍ ସବୁ ଉଜୁଡ଼ିଯିବ । ସେମାନେ ଗାଁକୁ ଫେରିଆସି ପଞ୍ଚାୟତ ଡ଼ାକି ସମସ୍ତ କଥା ପ୍ରକାଶ କଲେ । ଗାଁର ଗଣମାନ୍ୟ ବ୍ୟକ୍ତିମାନେ ସନ୍ଥ ଘୀସାଦାସ ଓ ଭକ୍ତ ଜୀତାରାମଙ୍କୁ ଫେରାଇ ଆଣିବା ପାଇଁ ସେହି ଗାଁକୁ ଗଲେ । ସେମାନଙ୍କୁ ଦେଖି ଭକ୍ତ ଜୀତାଦାସ, ଗୁରୁ ଘୀସା ଦାସ ଜୀଙ୍କୁ କହିଲେ, ଗୁରୁଦେବ ! ବୋଧ ହୁଏ ଆମ୍ଭ ଦୁହିଁଙ୍କୁ ଏଠାରୁ ଘଉଡେଇବା ପାଇଁ ଗାଁ ଲୋକ ଆସୁଛନ୍ତି । ଦେଖନ୍ତୁ ! ସେମାନେ ଆସୁଛନ୍ତି । ସନ୍ଥ ଘୀସାଦାସ ଜୀ କହିଲେ, ଗଣ୍ଠିଲି ଧରି ଚାଲ ଏଠାରୁ ପଳାଇଯିବା । ଏହି ସମୟ ମଧ୍ୟରେ ଗାଁ'ର ମୁଖିଆ ସନ୍ଥ ଓ ଭକ୍ତଙ୍କ ନିକଟରେ ପହଞ୍ଚିଗଲେ । ସେମାନେ ନିଜ-ନିଜ ପଗଡ଼ି ସନ୍ଥ ଘୀସାଦାସ ଓ ଭକ୍ତ ଜୀତାରାମଙ୍କ ଚରଣ ତଳେ ରଖିଦେଲେ । ସମସ୍ତେ କହିଲେ, ମହାରାଜ ଜୀ ! ଆମ୍ଭ ଭୁଲ୍ କ୍ଷମା କରନ୍ତୁ । ଆପଣ ଚାଲିଆସିବା ପରେ ଗାଁ' ଉଜୁଡ଼ିବାରେ ଲାଗିଛି । ରକ୍ଷା କରିପାରିବେ ତ ରକ୍ଷାକରନ୍ତୁ, ନଚେତ୍ ଆପଣଙ୍କ ସହିତ ଆମ୍ଭେ ମଧ୍ୟ ଏଠାରେ ରହିବୁ । ସେହି ଗାଁର ଅନ୍ୟ ଲୋକମାନେ ମଧ୍ୟ ସେଠାରେ ରୁଣ୍ଡ ହୋଇଗଲେ । ସମସ୍ତ ଘଟଣା ବିଷୟରେ ଜଣା ପଡିଗଲା, ତା'ପରେ ସେହି ଗାଁ'ଲୋକେ କହିବାକୁ ଲାଗିଲେ ବନ୍ଧୁଗଣ ! ଆପଣମାନଙ୍କର ରକ୍ଷା ହୋଇଯିବ ସତ କିନ୍ତୁ ଆମ୍ଭେ ଉଜୁଡ଼ିଯିବୁ ।

ଏହି ଦୁଇ ଦେବତା ଆମ୍ଭ ଗ୍ରାମକୁ ଯେବେଠାରୁ ଆସିଲେଣି, ସେହି ଦିନଠାରୁ ଗାଁ'ରେ

କୌଣସି ପ୍ରକାରର କଳି-ଝଗଡା ହୋଇ ନାହିଁ । ଦୁଇଥର ବର୍ଷା ହୋଇ ସାରିଲାଣି । ଦେଖ ! ଫସଲ କେମିତି ଲହଡ଼ି ମାରୁଛି । ଖେଖଡ଼ା ଗ୍ରାମବାସୀମାନଙ୍କ ବିଶେଷ ଅନୁରୋଧ କ୍ରମେ ଦୁଇ ମହାପୁରୁଷ ଗାଁ'କୁ ଫେରିବାକୁ କଥାଦେଲେ ଏବଂ ବର୍ତ୍ତମାନର ଗ୍ରାମବାସୀଙ୍କୁ କହିଲେ ଯେ ଆମ୍ଭେ ମଝିରେ-ମଝିରେ ଏହି ଗାଁକୁ ମଧ୍ୟ ଆସୁଥିବୁ । ପ୍ରତ୍ୟେକ ମାସର ପୂର୍ଣ୍ଣମୀକୁ ଆପଣମାନେ ଖେଖଡ଼ା ଗ୍ରାମକୁ ଆସନ୍ତୁ । ପରମାତ୍ମା କବୀରଜୀ ସବୁ ଠିକ୍ କରିଦେବେ । ଦୁଇ ମହାପୁରୁଷ ଫେରି ଆସିବା ପରେ ପୁରା ଗାଁରେ ପୂର୍ଣ୍ଣଶାନ୍ତି ସ୍ଥାପନ ହେଲା । ପଶୁଧନ ସ୍ୱସ୍ଥ ହେଲେ । ତହିଁ ପରଦିନ ବହୁତ ବର୍ଷା ହେଲା । କୃଷକମାନଙ୍କର ଖୁସୀର ସୀମା ରହିଲା ନାହିଁ । ସମସ୍ତ ବର୍ଗ (୩୬ ଗୋତ୍ର)ର ଲୋକ ଖୁସୀରେ ଥିଲେ । ସମସ୍ତ ଆକସ୍ମିକ ବାଧା ବିଘ୍ନ ସମାପ୍ତ ହୋଇଗଲା । ସେହି ଗ୍ରାମରେ ଆଜି ମଧ୍ୟ ସନ୍ଥ ଘୀସାଦାସଜୀ ଓ ଭକ୍ତ ଜୀତା ଦାସଜୀଙ୍କ ନାମରେ ମେଳାର ଆୟୋଜନ ହୁଏ । ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ:-

ଗରୀବ, ଜିସ ମଣ୍ଡଲ ସାଧୁ ନହୀଁ, ନଦୀ ନହୀଁ ଗୁଞ୍ଜାର ।
ତଜ୍ ହଂସା ଓ୍ୱହ ଦେଶଡ଼ା, ଜମ କୀ ମୋଟୀ ମାର ॥

ଶବ୍ଦାର୍ଥ :- ଯେଉଁ ଭୂଖଣ୍ଡରେ ମହାତ୍ମା, ଗୁରୁଜନ ଆଦି ନ ଥାନ୍ତି ତଥା ନିକଟରେ ନଦୀ ପ୍ରବାହିତ ନ ହେଉଛି । ହେ ଭକ୍ତ ! ସେହି ଦେଶକୁ ପରିତ୍ୟାଗ କର କାରଣ ସେଠାରେ କାଳପୁରୁଷର ଭୟଙ୍କର ପ୍ରତାଡ଼ନା ମିଳିବ ।

ତେଣୁ ହେ ପାଠକବୃନ୍ଦ ! ଯେଉଁ ସମୟରେ, ଯେଉଁ ବୟସରେ ସଦଗୁରୁ ମିଳିଯିବେ, ଭକ୍ତି କରିବା ପ୍ରାରମ୍ଭ କରି ଦିଅନ୍ତୁ । ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ:-

ଗରୀବ, ଚଲୀଗଇ ସୋ ଜାନେ ଦେ, ଲେ ରହତୀ ଜୁଁ ରାଖ ।
ଉଉରୀ ଲାବ ଚଢ଼ାଇୟୋ, କରୋ ଅପୁଠୀ ଚାକ ॥

ଭାବାର୍ଥ :- ହେ ମାନବ ! ସଦଗୁରୁ ମିଳିବା ପୂର୍ବରୁ ଯେଉଁ ଆୟୁଷ ତୋର ବିତିସାରିଛି, ତାହା ବ୍ୟର୍ଥ ହୋଇଯାଇଛି ତେଣୁ ସେ ଚିନ୍ତା ନ କରି ବଳକା ଥିବା ଆୟୁଷ ଅର୍ଥାତ୍ ଜୀବନର ଅବଶିଷ୍ଟ ସମୟ ତୁ ଦୃଢମନା ହୋଇ ଭକ୍ତି କରି ନିଜର କଲ୍ୟାଣ କର । ଭକ୍ତିରେ ମନୋନିବେଶ କରିବା ପରେ ସାଂସାରିକ କାର୍ଯ୍ୟ ସହଜ ହୋଇଯାଏ ଯେପରି ପୁଲି ସାହାଯ୍ୟରେ କୂଅରୁ ପାଣି କାଢିବା ସମୟରେ ବାଲ୍‌ଟିରେ ବନ୍ଧା ଯାଇଥିବା ରଶି ପୁଲି(ଚକ୍ର)ରୁ ବାହାରକୁ ବାହାରି ଯିବା ପରେ ବାଲ୍‌ଟିକୁ ଉପରକୁ ଟାଣିବା କଷ୍ଟ ହୋଇଥାଏ, ଦଉଡିକୁ ପୁନର୍ବାର ପୁଲି (ଚକ୍ର)ଉପରେ ଚଢାଇ ବାଲ୍‌ଟିକୁ ଟାଣିଲେ ପାଣି କାଢିବା ସହଜ ହୋଇ ଯାଇଥାଏ । ସଦଗୁରୁଙ୍କ ଶରଣକୁ ଆସିବା ପୂର୍ବରୁ ସମସ୍ତ ସାଂସାରିକ କାର୍ଯ୍ୟ କରିବା ସେହିପରି କଠିନ ହେଉଥିଲା ଯେପରି ପୁଲିରୁ ଦଉଡ଼ି ଖସିଯିବା ପରେ ପାଣି କାଢିବା କଷ୍ଟ ହୋଇଥାଏ । ଭକ୍ତି ପ୍ରାରମ୍ଭ କରିବା କ୍ଷଣୀ ସମସ୍ତ ସାଂସାରିକ କାର୍ଯ୍ୟ ସହଜରେ ସାଧିତ ହୋଇଥାଏ ଯେପରି ପୁଲି ଉପରେ ଦଉଡି ଚଢିବା ପରେ ସହଜରେ ପାଣି କାଢି ହୋଇଥାଏ । ଏହା ଭାବିବା ଅନୁଚିତ୍ ଯେ ଏବେ ଆୟୁଷ ବହୁତ କମ୍ ଅଛି, ଏବେ ଆଉ ଭକ୍ତି କରି ହେବନାହିଁ । ବୟସ ଯାହା ମଧ୍ୟ ହେଉନା କାହିଁକି ସତସଙ୍ଗରୁ ଜ୍ଞାନ ହୋଇଯିବା ପରେ ସେହି ବୟସରେ ଆଗ୍ରହ ଓ ଦୃଢତାର ସହିତ ଭକ୍ତିରେ ନିମଗ୍ନ ହୋଇଯିବା ଉଚିତ୍ ।

ଭାବାର୍ଥ :- ଯେଉଁ ଆୟୁ (ବୟସ) ଚାଲିଗଲା, ସେ ଚିନ୍ତା ଛାଡ଼ି ବଳକା ଥିବା ଆୟୁର ସୁରକ୍ଷା କର ଅର୍ଥାତ୍ ଭକ୍ତି, ଦାନ-ସେବାରେ ଜୀବନକୁ ନିୟୋଜିତ କର । ଯେପରି ପୂର୍ବ କାଳରେ ଜମିରେ ପାଣି ମଡ଼ାଇବା ପାଇଁ ଚମଡ଼ା ଚଡସ (ଜଳସେଚନ ପାଇଁ ବ୍ୟବହାର କରାଯାଉଥିବା ଏକ ଉପକରଣ)ର ଉପଯୋଗ କରାଯାଉଥିଲା ଯେଉଁଥିରେ ଦୁଇ-ତିନି କ୍ୱିଣ୍ଟାଲ୍ ପାଣି ପ୍ରତିଥର କୂଅରୁ ବାହାରିଥାଏ । କାଠ ନିର୍ମିତ ଏକ ଚକ୍ରୀ ଉପରେ ମୋଟା ଦଉଡି ବାନ୍ଧି ଟଣିବାକୁ ପଡିଥାଏ । ଯଦି ଚକ୍ରୀ (ପୁଲି) ଉପରୁ ଦଉଡି ଖସିଯାଏ ତେବେ ଚଡସକୁ କୂଅ ଭିତରୁ ଉପରକୁ ଟାଣିବା ବହୁତ କଷ୍ଟକର ହେଉଥିଲା । ଯେକୌଣସି ଉପାୟରେ ପୁନର୍ବାର ଚକ୍ରି (ପୁଲି) ଉପରେ ଦଉଡିକୁ

ଚଢ଼ା ଯାଇଥାଏ ଯାହାଦ୍ୱାରା ଚଡସକୁ ବାହାରକୁ ଟାଣିବା ସହଜସାଧ ହୋଇଥାଏ ଏବଂ କାର୍ଯ୍ୟକୁ ସରଳ କରିବା ଓ ସେଥିରୁ ଲାଭ ପାଇବାର ପ୍ରକୃତ ଉପାୟ ତାହା ଅଟେ । ହେ ମାନବ ! ଯଦି ତୁମେ ସଦଗୁରୁଙ୍କ ଶରଣାପନ୍ନ ହୋଇ ନାହଁ ତେବେ ତୁମ ଦଉଡି ପୁଲିରୁ ଖସିଯାଇଛି । ଜୀବନର ପ୍ରତ୍ୟେକ କାର୍ଯ୍ୟ କଷ୍ଟସାଧ ହୋଇରହିଛି । ଜୀବନର ସେହି ଦଉଡିକୁ ପୁଣି ଚକ୍ରୀ ଉପରେ ଚଢ଼ାଇ ଦିଅ । ତା'ପରେ ଚଲାଅ, ଦେଖିବ ସମସ୍ତ କାର୍ଯ୍ୟ ସହଜ ହୋଇଯିବ ଅର୍ଥାତ୍ ତତ୍ତ୍ୱଦର୍ଶୀ ଗୁରୁଙ୍କ ଶରଣ ଗ୍ରହଣ କରି ନିଜ ଜୀବନର ମାର୍ଗକୁ ସୁଗମ କର ।

''ବେଶ୍ୟାର ଉଦ୍ଧାର''

ଝସତସଙ୍ଗ ଶ୍ରବଣ ଦ୍ୱାରା ଜୀବନ ସୁଧୁରିଯାଏ :-

ପରମେଶ୍ୱର କବୀରଜୀ ରାତ୍ରି ସମୟରେ ଘର ଘର ବୁଲି ସତସଙ୍ଗ କରୁଥିଲେ । କବିରଜୀ ଓ ସମସ୍ତ ଶ୍ରୋତା ନିଜ ନିଜର ଜୀବିକା ନିର୍ବାହ ପାଇଁ ଦିନ ବେଳେ କାମ କରୁଥିଲେ । ଏକଦା ରାତିରେ ଏକ ସ୍ଥାନରେ ସତସଙ୍ଗ ହେଉଥିଲା । ସେହି ସତସଙ୍ଗ ସ୍ଥଳଠାରୁ କିଛି ଦୁରରେ କାଶୀ ସହରର ପ୍ରସିଦ୍ଧ ବେଶ୍ୟା ଚମ୍ପାକଲୀର ଭବ୍ୟ ଅଟ୍ଟାଳିକା ଅବସ୍ଥିତ ଥିଲା । ସେହି ରାତିରେ ବେଶ୍ୟାର କେହି ଗ୍ରାହାକ ନ ଥିଲେ ଯେଉଁଥିପାଇଁ ସେ ଗ୍ରାହକଙ୍କ ବାଟ ଚାହିଁ ବସିଥିଲା । ସେହି ସମୟରେ ପରମାତ୍ମା କବୀରଜୀଙ୍କ ମୁଖକମଳରୁ ନିସୃତ ଅମୃତବାଣୀ ତାକୁ ଶୁଣିବାକୁ ମିଳିଲା । ସତସଙ୍ଗରେ କୁହାଗଲା ଯେ ଅନେକ ପୁଣ୍ୟର ଫଳ ସ୍ୱରୂପ ମାନବ(ସ୍ତ୍ରୀ/ପୁରୁଷ) ଜୀବନ ପ୍ରାପ୍ତ ହୋଇଥାଏ । ଯେଉଁ ସ୍ତ୍ରୀ-ପୁରୁଷ ଭକ୍ତି, ଦାନ-ସେବା, ଭକ୍ତି ଆଦି କରନ୍ତି ନାହିଁ, ସେମାନେ ପରମାତ୍ମାଙ୍କ ନିକଟରେ ଚୋର ଅଟନ୍ତି । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୨ରେ ମଧ୍ୟ କୁହାଯାଇଛି ଯେ ଯେଉଁ ବ୍ୟକ୍ତି ପରମାତ୍ମାଙ୍କଠାରୁ ପ୍ରାପ୍ତ କରିଥିବା ଧନର କିଛି ଅଂଶ ଦାନଧର୍ମରେ ନ ଲଗାଇ କେବଳ ନିଜ ଉଦରପୂର୍ତ୍ତି କରିଥାଏ ସେ ପରମାତ୍ମାଙ୍କ ନିକଟରେ ଚୋର ଅଟେ) ଯେଉଁ ମାନବ ଚୋରି, ଡ଼କାୟତି, ଠକାମୀ ଓ ବେଶ୍ୟାଗମନ କରିଥାନ୍ତି ସେମାନେ ମହା ଅପରାଧି ଅଟନ୍ତି । ଯେଉଁ ସ୍ତ୍ରୀ ବେଶ୍ୟା କର୍ମ କରିଥାନ୍ତି ସେମାନେ ମଧ୍ୟ ମହା ଅପରାଧି ଅଟନ୍ତି । ପରମାତ୍ମାଙ୍କ ଦରବାରରେ ସେମାନଙ୍କୁ କଠିନରୁ କଠିନତମ ଦଣ୍ଡ ଦିଆଯିବ । ମାନବ ଜୀବନ ଶୁଭକର୍ମ ଓ ଭକ୍ତି କରିବା ପାଇଁ ପ୍ରାପ୍ତ ହୋଇଥାଏ ।

କବୀର, ଚୋରୀ ଜାରୀ ବେଶ୍ୟା ବୃତ୍ତି, କବହୁ ନା କରୟୋ କୋଏ ।
ପୂଣ୍ୟ ପାଇ ନର ଦେହୀ, ଓଛୀ ଠୌର ନ ଖୋଏ ॥

ଶବ୍ଦାର୍ଥ:- ରେ ମାନବ ! ଚୋରୀ-ଜାରୀ ଅର୍ଥାତ୍ ପରନାରୀ ଗମନ, ବୈଶ୍ୟାବୃତି ଅର୍ଥାତ୍ ପରପୁରୁଷଠାରୁ ଧନ ଲୋଭରେ ନାରୀ ସମ୍ଭୋଗ କରିବା କାର୍ଯ୍ୟ କେହି ନ କରିବା ଉଚିତ୍ । ଏହି ମାନବ ଶରୀର (ସ୍ତ୍ରୀ/ପୁରୁଷ) ଅନେକ ପୂଣ୍ୟର ଫଳ ସ୍ୱରୂପ ମିଳିଛି । ପାପକର୍ମ କରିବା ଉଦ୍ଦେଶ୍ୟରେ ଭୂଲ ସ୍ଥାନକୁ ଯାଇ ଏହାକୁ ଆଦୌ ନଷ୍ଟ କରନାହିଁ । ଶୁଭକର୍ମ କର । ଗୁରୁ ଧାରଣ କରି ନିଜର କଲ୍ୟାଣ କରାଅ ।

ମାନବ ଶରୀର ପ୍ରାପ୍ତ ପ୍ରାଣୀ ସର୍ବ ପ୍ରଥମେ ପୂର୍ଣ୍ଣଗୁରୁଙ୍କ ଶରଣକୁ ଯାଇ ଦୀକ୍ଷା ପ୍ରାପ୍ତ କରିବା ଉଚିତ୍ । ପୁଣି ଆଜୀବନ ଗୁରୁ ମର୍ଯ୍ୟାଦାରେ ରହି ସାଧନା, ସେବା ଓ ଦାନଧର୍ମ କରିବା ଉଚିତ୍ । ନିଜର ଦୈନିକ କାର୍ଯ୍ୟ କରିବାକୁ ପଡିବ କିନ୍ତୁ ସମସ୍ତ କୁକର୍ମ ତ୍ୟାଗ କରିବାକୁ ପଡ଼ିବ । ସେହି ପ୍ରାଣୀର କଲ୍ୟାଣ ସୁନିଶ୍ଚିତ । ଆଧ୍ୟାତ୍ମିକ ଜ୍ଞାନ ଅଭାବରୁ ମାନବ (ସ୍ତ୍ରୀ/ପୁରୁଷ) ଧନ ଉପାର୍ଜନକୁ କେବଳ ନିଜର ମୁଖ୍ୟ ଲକ୍ଷ୍ୟ ଭାବି ଜୀବନର ମାର୍ଗ ପ୍ରସ୍ତୁତ କରିଥାଏ । ଯଦି ଆପଣଙ୍କ ପାଖରେ ଅର୍ବ-ଖର୍ବ ଧନ-ସମ୍ପତ୍ତି ଅଛି, ଜୀବନ କାଳ ମଧ୍ୟରେ କଳାଧନ୍ଦା ବା ଛଳ-କପଟ କରି ଯାହା ଆପଣ ସଂଗ୍ରହ କରିଛନ୍ତି ଯଦି ଅଚାନକ ମୃତ୍ୟୁ ହୋଇଗଲା ତେବେ ଜୀବନ ସାରା ସଂଗ୍ରହ କରିଥିବା ସେହି ଧନ ଏହିଠାରେ ହିଁ ରହଗଲା । ଏହି ଶରୀର ମଧ୍ୟ ସାଥିରେ ଗଲା ନାହିଁ । ମାୟା ସଂଗ୍ରହ ପାଇଁ ପୁରା ଜୀବନ କାଳ ମଧ୍ୟରେ କରାଯାଇଥିବା ପାପ କେବଳ ସାଥିରେ ଗଲା ।

କାୟା ତେରୀ ହେ ନେହୀଁ, ମାୟା କହାଁ ସେ ହୋୟ ।
ଗୁରୁ ଚରଣୋଁ ମେଁ ଧ୍ୟାନ ରଖ, ଇନ ଦୋନୋଁ କୋ ଖୋୟ ॥

ଭାବାର୍ଥ :-ଯେଉଁ କାୟା (ଦେହ)କୁ ରୋଗମୁକ୍ତ କରାଇବା ପାଇଁ ମଣିଷ ନିଜ ସମ୍ପତ୍ତି ବିକ୍ରି କରି ଉପଚାର କରାଇଥାଏ, କୁହାଯାଇଛି ଯେ କାୟା ମଧ୍ୟ ଆପଣଙ୍କ ସହିତ ଯିବ ନାହିଁ ମାୟା ତ ଦୂର କଥା । ତେଣୁ ପୂର୍ଣ୍ଣ ଗୁରୁଙ୍କଠାରୁ ଦୀକ୍ଷା ନେଇ ଦିନ ରାତି ଭକ୍ତି କରନ୍ତୁ । ଗୁରୁଜୀଙ୍କ ପ୍ରଦତ୍ତ ଜ୍ଞାନକୁ ଆଧାର କରି ଜୀବନର ମାର୍ଗରେ ଅଗ୍ରସର ହୁଅ । କାୟା ଓ ମାୟାରୁ ମୋହ ହଟାଇ ଭକ୍ତି ଧନ ସଂଗ୍ରହ କର ।

କବୀର, ସବ ଜଗ ନିର୍ଧନ, ଧନବନ୍ତା ନା କୋୟ ।
ଧନବାନ ୱହ ଜାନିୟେ, ଜାପେ ରାମ ନାମ ଧନ ହୋୟ ॥

ରେ ମାନବ ! ମନୁଷ୍ୟର ପୂର୍ବ ଇତିହାସକୁ ଅବଲୋକନ କର ।

ସର୍ବ ସୋନେ କୀ ଲଙ୍କା ଥୀ, ରାବଣ ସେ ରଣଧୀରଁ

ଭାବାର୍ଥ :- ଶ୍ରୀଲଙ୍କାର ରାଜା ରାବଣ ପାଖରେ ଏତେ ଧନ ଥିଲା ଯେ ସେ ସୁନାରେ ମହଲ ନିର୍ମାଣ କରିଥିଲା କିନ୍ତୁ ଯେତେବେଳେ ତା'ର ବିନାଶ ହେଲା ସେତେବେଳେ ଏକ ରତି (ଗ୍ରାମ)ସ୍ୱର୍ଣ୍ଣ ସେ ସାଥିରେ ନେଇପାରିଲା ନାହିଁ ।

ଗରୀବ ଭକ୍ତି ବିନା କ୍ୟା ହୋତ ହୈ, ଭ୍ରମ ରହା ସଂସାର ।
ରତୀ କଞ୍ଚନ ପାୟା ନେହୀଁ, ରାବଣ ଚଲୀ ବାର ॥

ଭାବାର୍ଥ :- ସନ୍ଥ ଗରୀବ ଦାସଜୀ ମଧ୍ୟ ଏହି କଥାକୁ ସମର୍ଥନ କରି କହିଛନ୍ତି ଯେ ଭକ୍ତି ବିନା ଜୀବକୁ କୌଣସି ଲାଭ ହୁଏ ନାହିଁ । ମାୟା ସଂଗ୍ରହ କରିବା ପାଇଁ ଆଜୀବନ ଘୂରି ବୁଲିଥାଏ । ଶ୍ରୀଲଙ୍କାର ରାଜା ରାବଣ ପାଖରେ ଅନନ୍ତ ଧନ, ସ୍ୱର୍ଣ୍ଣ ଆଦି ଥିଲା ମାତ୍ର ସଂସାର ତ୍ୟାଗ କରିବା ସମୟରେ, ସେ ଏକ ଗ୍ରାମ ସ୍ୱର୍ଣ୍ଣ ସାଥିରେ ନେଇପାରିଲା ନାହିଁ । ସତ୍ୟପୁରୁଷଙ୍କ ସତ୍ୟଭକ୍ତି କରିନଥିବା କାରଣରୁ ଯମଦୂତମାନଙ୍କ ଦ୍ୱାରା ହାତକଡ଼ିରେ ବନ୍ଧାହୋଇ ଯମରାଜାଙ୍କ ପାଖକୁ ତାକୁ ଉପରକୁ ନିଆଗଲା । ନର୍କରେ ପକାଗଲା । ତେଣୁ ରେ ମାନବ ! ଅଶୁଭ କର୍ମକୁ ଭୟକର । ସଦଗୁରୁ ଧାରଣ କରି ସତ୍ୟଭକ୍ତି କର ।

ଶଙ୍କା ସମାଧାନ କରିବାକୁ ଯାଇ ପରମେଶ୍ୱର କବୀରଜୀ ସତସଙ୍ଗରେ କହିଲେ ଯେ ଆଧ୍ୟାତ୍ମିକ ଜ୍ଞାନ ଅଭାବରୁ ଉତ୍ତମ ବ୍ୟକ୍ତିମାନଙ୍କ ଦ୍ୱାରା ମଧ୍ୟ ପାପ ହୋଇଥାଏ । ସେମାନେ ସତସଙ୍ଗ ଶୁଣି, ସର୍ବ ଅପରାଧିକ କାର୍ଯ୍ୟ ତ୍ୟାଗ କରି ଭକ୍ତିକରି ନିଜର କଲ୍ୟାଣ କରାଇଲେ । ପରମାତ୍ମା କବୀରଜୀ କହିଛନ୍ତି ଯେ ସାଧନା କରିବାର ସେହି ଯଥାର୍ଥ ମନ୍ତ୍ର ମୋ ପାଖରେ ଅଛି ଯାହା ସମସ୍ତ ପ୍ରକାରର ପାପକୁ ନଷ୍ଟ କରିଦିଏ । ପୂଣ୍ୟ ରକ୍ଷାହୋଇ ରହିଯାଏ । (ଯେପରି ବର୍ତ୍ତମାନ ସମୟରେ ବୈଜ୍ଞାନିକମାନେ ଏଭଳି ଔଷଧ ଉଦ୍ଭାବନ କରିଛନ୍ତି ଯାହାକୁ ଫସଲରେ ପକାଇଲେ କେବଳ ଘାସ ଓ ଅନାବନା ଲତା ନଷ୍ଟ ହୋଇଥାଏ, ଫସଲ ସୁରକ୍ଷିତ ରହିଥାଏ) ମୋ ନିଜ ଲୋକରୁ ଏହି ମନ୍ତ୍ର ମୁଁ ଆଣିଛି ।

ସୋହଂ ଶବ୍ଦ ହମ ଜଗ ମେଁ ଲାଏ । ସାର ଶବ୍ଦ ହମ ଗୁପ୍ତ ଛିପାଏ ॥

(ଋଗବେଦ ମଣ୍ଡଳ-୯, ସୂକ୍ତ-୯୫ର ମନ୍ତ୍ର -୨ରେ ପ୍ରମାଣ ଅଛି ଯେ "ପରମାତ୍ମା ପ୍ରତ୍ୟକ୍ଷ ଭାବରେ ପ୍ରକଟ ହୋଇ ନିଜ ଅମୃତବାଣୀ ମାଧ୍ୟମରେ ମୁକ୍ତି ପାଇଁ ସତ୍ୟମାର୍ଗର ପ୍ରେରଣା ଦେଇଥାନ୍ତି । ସେହି ପରମାତ୍ମା ସର୍ବ ଦେବଙ୍କର ଦେବ ଅର୍ଥାତ୍ ସମସ୍ତଙ୍କର ମାଲିକ ଯିଏ ଭକ୍ତିର ଗୁପ୍ତନାମର ଆବିଷ୍କାର କରିଥାନ୍ତି ।) ଯଦି କୌଣସି ମହାପାପୀ ବ୍ୟକ୍ତି ସତ୍ୟ ସାଧନା କରେ ଏବଂ ଭବିଷ୍ୟତରେ କୌଣସି ପ୍ରକାରର ପାପକର୍ମ ନ କରେ ତେବେ ତା'ର ସମସ୍ତ ପାପ ସମାପ୍ତ ହୋଇଯାଏ । ଭକ୍ତି କରି ସେ ନିଜର କଲ୍ୟାଣ କରି ପାରିବ ।

ଉପରୋକ୍ତ ଅମୃତ ବଚନ ଶ୍ରବଣ କରି ସେହି ଭଉଣୀ (ବେଶ୍ୟା) କମ୍ପିବାକୁ ଲାଗିଲେ ଯେପରି କେହି ଗଭୀର ନିଦ୍ରାରୁ ଉଠିଥାଏ । ଘରେ ତାଲା ପକାଇ ସତସଙ୍ଗ ସ୍ଥଳକୁ ଗଲା । ମହିଳାମାନଙ୍କ ପଟକୁ ଯାଇ ସମସ୍ତଙ୍କ ପଛରେ ବସିଗଲା । ସତସଙ୍ଗ ଉପରାନ୍ତ ସୂଚନା ଦିଆଗଲା

ଯେ ଦୀକ୍ଷା ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ଆଗକୁ ଗୁରୁଦେବଙ୍କ ନିକଟକୁ ଆସନ୍ତୁ । କିଛି ପୁରୁଷ ଓ ସ୍ତ୍ରୀ ଉଠି ଆଗକୁ ଚାଲିଆସିଲେ । ସେହି ବେଶ୍ୟା ମଧ୍ୟ ଆଗକୁ ଆସି ଗୁରୁଦେବଙ୍କୁ ନିଜ ପରିଚୟ ଦେଲା ଏବଂ କହିଲା ଯେ ୪୦ ବର୍ଷ ବୟସରେ ମୋତେ ପ୍ରଥମଥର ପାଇଁ ଏପରି ଉପକାରୀ ଅମୃତବଚନ ଶୁଣିବାକୁ ମିଳିଲା । ହେ ପରମାତ୍ମା ! ମୋ ଭଳି ପାପିନୀର କ'ଣ କଲ୍ୟାଣ ସମ୍ଭବ ହୋଇପାରିବ ? ସର୍ବ ସମାଧାନର ବାଟ ବିଷୟରେ ଆପଣ ସତସଙ୍ଗରେ କହିଦେଲେ ପରନ୍ତୁ ନିଜ ଘୃଣ୍ୟ ଜୀବନ ପ୍ରତି ମୁଁ ଯେତେବେଳେ ଦୃଷ୍ଟିପାତ କରୁଛି ସେତେବେଳେ ମୋ ମନରେ ଗ୍ଲାନି ସୃଷ୍ଟି ହେଉଛି ତଥା ବିଶ୍ୱାସ ହେଉନାହିଁ ଯେ ମୋ ଭଳି ଅପରାଧିନୀକୁ କ'ଣ କ୍ଷମା ମିଳିବ । ପରମେଶ୍ୱର କବୀରଜୀ କହିଛନ୍ତି ଯେ :-

କବୀର, ଜବ ହୀ ସତ୍ୟନାମ ହୃଦୟ ଧରୋ, ଭୟୋ ପାପ କୋ ନାଶ ।
ଜୈସେ ଚିନଂଗୀ ଅଗ୍ନୀ କୀ, ପଡ଼େ ପୁରାନେ ଘାସ ॥

ଭାବାର୍ଥ:- ଯେପରି କୋଟି କୋଟି ଟନ୍ ଶୁଖିଲା ଘାସଗଦା ଉପରେ ଗୋଟିଏ ଦିଆସିଲି କାଠିରେ ନିଆଁ ଜଳାଇ ପକାଇ ଦେଲେ ସେହି ନିଆଁ ଘାସଗଦାକୁ ପାଉଁଶ କରିଦେବ ପୁଣି ପବନ ବହିବ ସେହି ପାଉଁଶକୁ ମଧ୍ୟ ଉଡ଼ାଇ ନେବ । କିଛିକ୍ଷଣ ମଧ୍ୟରେ ସବୁକାମ ଶେଷ ହୋଇ ଯାଇଥାଏ । ଠିକ୍ ଏହିଭଳି ମୋ ଦ୍ୱାରା ପ୍ରଦତ୍ତ ବାସ୍ତବିକ ମନ୍ତ୍ରର ଜପ କୋଟି କୋଟି ଜନ୍ମର ପାପକୁ ଜଳାଇ ପାଉଁଶ କରିଦେବ । ଭବିଷ୍ୟତରେ ପୁନର୍ବାର କୌଣସି ଭୂଲ କରିବୁ ନାହିଁ, କଲ୍ୟାଣ ସୁନିଶ୍ଚିତ ।

(ଯଜୁର୍ବେଦ ଅଧ୍ୟାୟ - ୮ ର ମନ୍ତ୍ର ୧୩ ରେ ମଧ୍ୟ ଏହି ପ୍ରମାଣ ଅଛି ଯେ ପରମାତ୍ମା ନିଜ ଭକ୍ତର (ଏନସଃ ଏନସଃ) ଘୋର ପାପକୁ ମଧ୍ୟ ନାଶ କରିଦିଅନ୍ତି । ଜୀବର କଲ୍ୟାଣ କରିଦିଅନ୍ତି)

ସେହି ଭଉଣୀ(ଚମ୍ପାକଲୀ) ପାପକର୍ମ (ବେଶ୍ୟା ଧନ୍ଦା) ତ୍ୟାଗ କରି ପରମାତ୍ମା କବୀରଜୀଙ୍କଠାରୁ ଦୀକ୍ଷା ନେଇ, ମର୍ଯ୍ୟାଦା ପାଳନ କରି ଆଜୀବନ ସାଧନା କରି ମୋକ୍ଷ ପ୍ରାପ୍ତ କଲା ।

''ରଙ୍କା-ବଙ୍କା କଥା''

କବୀର ପରମେଶ୍ୱରଙ୍କୁ ଚମ୍ପାକଲୀ ପ୍ରଶ୍ନ କଲା, ହେ ଭଗବାନ ! ଏହି ପାପକର୍ମରୁ ଉପାର୍ଜିତ ସମ୍ପତ୍ତି ଓ ଟଙ୍କା କ'ଣ କରିବି ? ପରମେଶ୍ୱର କବୀରଜୀ କହିଲେ, ପୁତ୍ରୀ ! ଏହି ନର୍କରୁ ଉପାର୍ଜନ କରିଥିବା ଧନକୁ ଦାନ କରିଦେ । ଘରକୁ ଫେରିଯାଇ ଚମ୍ପାକଲୀ ମନେ ମନେ ବିଚାର କଲା ଯେ ମୋ ପାଖରେ ଅନ୍ୟ କୌଣସି କାମଧନ୍ଦା ନାହିଁ, ଯଦି ସମସ୍ତ ଧନ ଦାନ କରିଦେବି ତେବେ ଖାଇବି କ'ଣ ? । ଚମ୍ପାକଲୀ ଅଧିକରୁ ଅଧିକ ସମୟ ସତସଙ୍ଗକୁ ଯିବାକୁ ଲାଗିଲା । ଦିନେ ସତସଙ୍ଗରେ କୁହାଗଲା ଯେ:-

ରଙ୍କା (ପୁରୁଷ) ଓ ବଙ୍କା (ସ୍ତ୍ରୀ) ଦୁହେଁ ପରମାତ୍ମାଙ୍କର ଶ୍ରେଷ୍ଠ ଭକ୍ତ ଥିଲେ । ସେମାନେ ତତ୍ତ୍ୱଜ୍ଞାନକୁ ଭଲଭାବେ ହୃଦୟଙ୍ଗମ କରି ସେହି ଆଧାରରେ ଜୀବନ ଅତିବାହିତ କରୁଥିଲେ । ଅବଙ୍କା ନାମରେ ତାଙ୍କର ଗୋଟିଏ ଝିଅ ଥିଲା । ଦିନେ ଭକ୍ତ ନାମଦେବ ଗୁରୁଜୀଙ୍କୁ କହିଲେ, ଗୁରୁଦେବ ! ଆପଣଙ୍କ ଭକ୍ତ ରଙ୍କା ଓ ବଙ୍କା ବହୁତ ଗରିବ ଅଟନ୍ତି । ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ଜଙ୍ଗଲକୁ ଯାଇ କାଠ ସଂଗ୍ରହ କରନ୍ତି ଏବଂ ସେହି କାଠକୁ ସହରରେ ବିକ୍ରି କରନ୍ତି । ବହୁତ କଷ୍ଟରେ ସେମାନେ ପେଟ ପୋଷୁଛନ୍ତି । ଆପଣ କିଛି ଧନ ଯଦି ଦେଇଦେବେ ତେବେ ସେମାନଙ୍କୁ ଆଉ ଜଙ୍ଗଲକୁ ଯିବାକୁ ପଡିବ ନାହିଁ । ଏହାଶୁଣି ଗୁରୁଦେବ କହିଲେ, ଭାଇ ! ମୁଁ ଅନେକ ଥର ଧନ ଦେଇଛି କିନ୍ତୁ ସେହି ଧନକୁ ସେମାନେ ଦାନ କରି ଦେଉଛନ୍ତି । ଦୁଇ-ତିନିଥର ମୁଁ ନିଜେ ରୂପ ବଦଳାଇ କାଠ କିଣିବା ପାଇଁ ଗ୍ରାହାକ ହୋଇଯାଇ ଅନ୍ୟ ଗ୍ରାହାକମାନଙ୍କ ଅପେକ୍ଷା ଶହେ ଗୁଣା ଅଧିକ ମୂଲ୍ୟ ସେମାନଙ୍କୁ ଦେଇଛି । ପ୍ରତିଦିନ ସେମାନଙ୍କ କାଠ ଦୁଇ-ଦୁଇ ଅଣା ମୂଲ୍ୟରେ ବିକ୍ରି ହେଉଥିଲା କିନ୍ତୁ ମୁଁ ସେହି କାଠକୁ ଦଶ ଟଙ୍କାରେ କିଣିଛି । ସେହି ଟଙ୍କାରୁ ଚାରିଅଣା ନିଜ ଖର୍ଚ୍ଚ ପାଇଁ ରଖି ବଳକା ଅର୍ଥକୁ ସେମାନେ ମୋତେ ସତସଙ୍ଗରେ ଦାନ କରିଦିଅନ୍ତି । ଏବେ ଆପଣ

କୁହନ୍ତୁ, ମୁଁ କେଉଁ ଉପାୟରେ ସେମାନଙ୍କୁ ଧନ ଦେଇପାରିବି ? ଭକ୍ତ ନାମଦେବଜୀ ପୁନର୍ବାର ଗୁହାରି କରି କହିଲେ, ଆପଣ ଆଉ ଥରେ ଧନ ଦେଇ ଦେଖନ୍ତୁ, ସେମାନେ ନିଶ୍ଚୟ ନେବେ । ଗୁରୁଦେବ ଓ ନାମଦେବଜୀ ସେହି ରାସ୍ତା ନିକଟକୁ ଗଲେ ଯେଉଁ ରାସ୍ତା ଦେଇ ରଙ୍କା-ବଙ୍କା ଜଙ୍ଗଲରୁ କାଠ ନେଇ ଫେରିଥାନ୍ତି । ସେହି ରାସ୍ତା ଉପରେ ଗୁରୁଜୀ ବହୁତ ସୁନା (Gold) ଅଳଙ୍କାର ପକାଇଦେଲେ ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ନାମଦେବ ଓ ଗୁରୁଦେବ ଏକ ଝଙ୍କାଳିଆ ବୁଦା ପଛରେ ଲୁଚି ଅପେକ୍ଷା କଲେ । ରଙ୍କା କାଠ ମୁଣ୍ଡେଇ ଆଗେ ଆଗେ ଚାଲୁଥିଲା ଏବଂ ଦୁଇଶହ ଫୁଟ ବ୍ୟବଧାନରେ ବଙ୍କା ମଧ୍ୟ କାଠ ମୁଣ୍ଡେଇ ପଛେ ପଛେ ଚାଲୁଥିଲା । ଭକ୍ତ ରଙ୍କା ରାସ୍ତା ଉପରେ ମୂଲ୍ୟବାନ ସୁନା ଅଳଙ୍କାରଗୁଡିକୁ ଦେଖି ଭାବିଲା, ବଙ୍କା ଜଣେ ନାରୀ, ଅଳଙ୍କାର ଦେଖି ତା' ମନରେ ନିଶ୍ଚିତ ଲୋଭ ଆସିବ ଏବଂ ନିଜ ଧର୍ମ-କର୍ମ ନଷ୍ଟ କରି ଦେଇପାରେ । ଏହା ଭାବି ସେହି ଅଳଙ୍କାର ଉପରେ ମାଟି ଘୋଡାଇବାକୁ ଲାଗିଲା । ଭକ୍ତମତି ବଙ୍କା ମଧ୍ୟ ଗୁରୁଦେବଙ୍କର ଦୃଢ ଶିଷ୍ୟା ଥିଲା । ପତିଦେବ ଗହଣାଗୁଡିକ ଉପରେ ମାଟି ଘୋଡାଉଥିବାର ଦେଖି ଏହାର ଉଦ୍ଦେଶ୍ୟ ଜାଣି ପାରିଲା । ପାଟି କରି କହିଲା, ଚାଲ ଭଗତଜୀ ! ମାଟି ଉପରେ ମାଟି କାହିଁକି ଘୋଡାଉଛ । ରଙ୍କା ବୁଝିଗଲା ଯେ ବଙ୍କା ନିଜ ଲକ୍ଷପଥରୁ ବିଚ୍ୟୁତ ହେବା ଲୋକ ନୁହେଁ, ସେ ଦୃଢମନା । ଲକ୍ଷାଧିକ ଟଙ୍କାର ସେହି ଧନକୁ ଅଣଦେଖା କରି ଦୁହେଁ ନଗରକୁ ଚାଲିଗଲେ । ଗୁରୁଜୀ କହିଲେ, ଭକ୍ତ ନାମଦେବଜୀ ! ଏବେ ଦେଖିଲ ତ, ଭକ୍ତ ହେବ ତ ଏହିଭଳି ।

ଦିନେ ସନ୍ଧ୍ୟାରେ ଗୁରୁଜୀ ସତସଙ୍ଗ କରୁଥିଲେ । ରଙ୍କାର ଝୁମ୍ପୁଡି ଘରଠାରୁ ସତସଙ୍ଗ ସ୍ଥଳର ଦୂରତା ଚାରି ଏକର ଥିଲା । ରଙ୍କା ଓ ବଙ୍କା ଉଭୟେ ସତସଙ୍ଗ ଶୁଣିବାକୁ ଯାଇଥିଲେ । ତାଙ୍କ ଝିଅ ଅବଙ୍କା (ବୟସ ୧୯ବର୍ଷ) ନିଜ ଝୁମ୍ପୁଡି ଘର ବାହାରେ ଖଟିଆରେ ବସିଥିଲା । ହଠାତ୍ ଝୁମ୍ପୁଡ଼ି ଘରେ ନିଆଁ ଲାଗିଗଲା । ସବୁ ଜିନିଷ ପତ୍ର ଜଳିଗଲା । ଅବଙ୍କା ଦୌଡ଼ି ଦୌଡି ଆସି ଦେଖିଲା ଯେ ସତସଙ୍ଗ ଚାଲୁଛି । ଗୁରୁଜୀ ସତସଙ୍ଗ ଶୁଣାଉଛନ୍ତି ଏବଂ ଶ୍ରୋତାଗଣ ବିଶେଷ ଧ୍ୟାନର ସହିତ ସତସଙ୍ଗ ଶୁଣିବାରେ ମଗ୍ନ ଅଛନ୍ତି । ସେଠାରେ ଶାନ୍ତିର ବାତାବରଣ ଥିଲା । ଅବଙ୍କା ଜୋର ପାଟିରେ କହିଲା, ମାଆ-ମାଆ ! ଆମ ଝୁମ୍ପୁଡ଼ି ଘରେ ନିଆଁ ଲାଗିଯାଇଛି । ସବୁ ଜିନିଷ ପତ୍ର ଜଳିଗଲାଣି । ମା' ବଙ୍କା ଉଠିପଡ଼ି ଝିଅକୁ ଗୋଟିଏ କଡକୁ ଡ଼ାକି ନେଇ ପଚାରିଲା ଯେ ଆଉ କ'ଣ ବାକି ଅଛି ? ଝିଅ ଅବଙ୍କା କହିଲା, ବାହାରେ ଏକ ଖଟିଆ ଥିଲା ଯାହା ବାକି ରହିଯାଇଛି । ଏହି ସମୟରେ ଭକ୍ତ ରଙ୍କା ମଧ୍ୟ ଉଠି ଆସିଲା । ଦୁହେଁ କହିଲେ, ଝିଅ ! ସେହି ଖଟିଆକୁ ମଧ୍ୟ ନିଆଁକୁ ଫିଙ୍ଗିଦେଇ ଏଠାକୁ ଆସି ସତସଙ୍ଗ ଶୁଣ । ଯଦି ଝୁମ୍ପୁଡ଼ି ନଥାନ୍ତା ତେବେ ନିଆଁ ଲାଗି ନଥାନ୍ତା କି ସତସଙ୍ଗ ଶୁଣିବାର ଆନନ୍ଦ ଭଙ୍ଗ ହୋଇନଥାନ୍ତା । ଅବଙ୍କା ଯାଇ ଝୁମ୍ପୁଡ଼ିରେ ଲାଗିଥିବା ନିଆଁ ମଧ୍ୟକୁ ଖଟିଆକୁ ଫିଙ୍ଗିଦେଇ ସତସଙ୍ଗ ଶୁଣିବା ପାଇଁ ଚାଲି ଆସିଲା । ସତସଙ୍ଗ ସରିବା ପରେ ସେମାନେ ଘରକୁ ଫେରିଲେ । ସେମାନେ ସତସଙ୍ଗ ସ୍ଥଳରେ ଭୋଜନ କରି ସାରିଥିଲେ । ରାତିରେ ଜଳି ଯାଇଥିବା ଝୁମ୍ପୁଡ଼ି ଘର ନିକଟରେ ଥିବା ଏକ ଗଛତଳେ ବିଛଣା ନ ପକାଇ ମାଟି ଉପରେ ଶୋଇ ପଡିଲେ । ଭକ୍ତି କରିବା ପାଇଁ ସମୟାନୁସାରେ ଉଠି ଦେଖନ୍ତି ତ ସେମାନେ ଶୋଇଥିବା ସ୍ଥାନରେ ସୁନ୍ଦର ଝୁମ୍ପୁଡ଼ି ଘରଟିଏ ତିଆରି ହୋଇଯାଇଛି । ନାନା ବାସନକୁସନ ସହିତ ଅଟା ଓ ଡ଼ାଲି ଇତ୍ୟାଦି ମାଟି ହାଣ୍ଡିରେ ଭର୍ତ୍ତି ହୋଇରହିଛି । ସେହି ସମୟରେ ଆକାଶ ବାଣୀ ହେଲା, ହେ ଭକ୍ତ ପରିବାର ! ଏହା ହେଉଛି ପରମାତ୍ମାଙ୍କର କୃପା । ଆପଣମାନେ ଏହି ଝୁମ୍ପୁଡ଼ି ଘରେ ରହିବା ପାଇଁ ଗୁରୁଦେବଙ୍କର ଆଦେଶ । ତିନିଜଣ ମିଶି କହିଲେ, ଆପଣଙ୍କ ଆଦେଶ ଶିରୋଧାର୍ଯ୍ୟ ଗୁରୁଦେବ ! ସୂର୍ଯ୍ୟୋଦୟ ହେବାପରେ ନଗରବାସୀ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ ଯେ ଯେଉଁ ଝୁମ୍ପୁଡ଼ି ଘରଟି ଅନ୍ୟ ଗଛ ନିକଟରେ ଥିଲା ତାହା ଜଳି ପାଉଁଶ ହୋଇଯାଇଛି । ନୂଆ ଝୁମ୍ପୁଡି ଘରଟିଏ ତିଆରି କରିବା ପାଇଁ ଏକ ସପ୍ତାହରୁ କମ୍ ସମୟ ଲାଗିବ ନାହିଁ । ତେଣୁ ସମସ୍ତେ କହିଲେ, ଏହା ତାଙ୍କ ଗୁରୁଦେବଙ୍କର ଚମତ୍କାର । ନଗର ଲୋକେ ଏହି ଚମତ୍କାର ଦେଖି ଗୁରୁଦେବଙ୍କଠାରୁ ଦୀକ୍ଷା ନେବା ପାଇଁ ମନରେ

ସଙ୍କଳ୍ପ କଲେ ଏବଂ ହଜାର-ହଜାର ନଗରବାସୀ ଦୀକ୍ଷା ଗ୍ରହଣ କଲେ । (ଏସବୁ ଲୀଳା ପରମେଶ୍ୱର କବୀରଜୀ କାଶୀ ସହରରେ ପ୍ରକଟ ହେବାର ପ୍ରାୟ ଦୁଇଶହ ବର୍ଷ ପୂର୍ବର ଥିଲା) । ସେହି ସମୟରେ ସେ ଭକ୍ତ ନାମଦେବଙ୍କୁ ମଧ୍ୟ ଶରଣକୁ ନେଇଥିଲେ ।

ଉପରୋକ୍ତ ପ୍ରସଙ୍ଗ ଶୁଣି ଭକ୍ତମତି ଚମ୍ପାକଲୀର ମନରୁ ଭୟ ଦୂର ହୋଇଗଲା ଏବଂ ନିଜର ସମସ୍ତ ସମ୍ପତ୍ତି ଓ ଧନ-ଦୌଲତ ପରମାତ୍ମା କବୀର ଗୁରୁଜୀଙ୍କୁ ସମର୍ପଣ କରିଦେଲା । ପରମାତ୍ମା କହିଲେ, ପୁତ୍ରୀ ! ତୁ ଯେତେବେଳେ ମୋର ହୋଇଗଲୁ, ତୋ ସମ୍ପତ୍ତି ଆପେ ମୋର ହୋଇଗଲା । ତେଣୁ ମୋର ଏହି ସମ୍ପତ୍ତିରୁ ତୁ ସେତିକି ରଖ ଯେତିକିରେ ତୋର ଗୁଜୁରାଣ ମେଣ୍ଟିଯିବ ଓ ଅବଶିଷ୍ଟ ଦାନ କରିଦେ । ଭକ୍ତମତି ଚମ୍ପାକଲୀ ସେହିପରି କଲା । ଘରଟିକୁ ରଖି ବଳକା ଅର୍ଥକୁ ଗୁରୁଜୀଙ୍କ ଆଦେଶାନୁସାରେ ଭୋଜନ-ଭଣ୍ଡାରା (ସାମୁହିକ ଭୋଜନ) ପାଇଁ ଦାନ କରିଦେଲା ।

''କବୀରଜୀଙ୍କ ଦ୍ୱାରା ଶିଷ୍ୟମାନଙ୍କର ପରୀକ୍ଷା ନେବା ବିଷୟ''

ବନ୍ଦୀ ମୁକ୍ତିଦାତା କବୀର ପରମେଶ୍ୱରଜୀ ଅନେକ ଅଦ୍ଭୁତ, ଅଲୌକିକ ଲୀଳା କରିଥିଲେ ଯେଉଁ ଲୀଳାରେ ପ୍ରଭାବିତ ହୋଇ ସେତେବେଳେ ଚୌଷଠି ଲକ୍ଷ ଶିଷ୍ୟ ହୋଇଥିଲେ । ପରମେଶ୍ୱର ଭୁତ-ଭବିଷ୍ୟତ ଓ ବର୍ତ୍ତମାନ ବିଷୟରେ ଜାଣନ୍ତି । ତାଙ୍କୁ ଜଣାଥିଲା ଯେ ଏହି ଚମତ୍କାର ଓ ମୋ ଆଶୀର୍ବାଦରୁ ଏମାନଙ୍କୁ ମିଳିଥିବା ଭୌତିକ ଲାଭକୁ ଦେଖି ମୋର ଜୟ-ଜୟକାର କରୁଛନ୍ତି । ଏମାନଙ୍କର ମୋ ଉପରେ ଆଦୌ ବିଶ୍ୱାସ ନାହିଁ ଯେ ମୁଁ ପରମାତ୍ମା । କେବଳ ଲୋକ ଦେଖାଣିଆ ଭାବରେ କହୁଥିଲେ ଯେ କବୀରଜୀ ଆମ୍ଭମାନଙ୍କର ସଦଗୁରୁଜୀ ଓ ସେ ସ୍ୱୟଂ ପରମାତ୍ମା ଆସିଛନ୍ତି । ନିଜେ ପ୍ରାପ୍ତ କରିଥିବା ଲାଭ ବିଷୟରେ ମଧ୍ୟ ସମସ୍ତଙ୍କୁ କହୁଥିଲେ । ଦିନେ ପରମେଶ୍ୱର କବୀରଜୀ ନିଜ ଶିଷ୍ୟମାନଙ୍କୁ ପରୀକ୍ଷା ମାଧ୍ୟମରେ ଜାଣିବା ପାଇଁ ଚାହିଁଲେ ଯେ କେତେଜଣ ଭକ୍ତ ମୋର ଏହି ଜ୍ଞାନକୁ ବୁଝିଛନ୍ତି । ଯଦି ଏମାନଙ୍କର ମୋ'ଠାରେ ବିଶ୍ୱାସ ନ ଥିବ ତେବେ ଏମାନେ ମୋକ୍ଷର ଅଧିକାରୀ ହୋଇପାରିବେ ନାହିଁ । ଏମାନେ ମୋ ମୁଣ୍ଡ ଉପରେ ବ୍ୟର୍ଥ ବୋଝ ସଦୃଶ୍ୟ । ଏହା ବିଚାର କରି ଏକ ଯୋଜନା ପ୍ରସ୍ତୁତ କରି ଏକ ହାତୀ ଭଡ଼ାରେ ଆଣିବା ପାଇଁ ନିଜ ପ୍ରିୟ ଶିଷ୍ୟ ରବିଦାସଙ୍କୁ କହିଲେ ।

କାଶୀ ନଗରରେ ଜଣେ ସୁନ୍ଦରୀ ବେଶ୍ୟା ଥିଲା । ସେହି ବେଶ୍ୟାର ଘରଠାରୁ ଅଳ୍ପକିଛି ଦୂରରେ କବୀରଜୀଙ୍କର ଜଣେ ଭକ୍ତଙ୍କର ଘର ଥିଲା । ଥରେ ରାତିରେ କବୀରଜୀ ସେହି ଭକ୍ତଙ୍କର ଘର ଅଗଣାରେ ସତସଙ୍ଗ କରୁଥିଲେ । ସେଦିନ ବେଶ୍ୟାର କେହି ଗ୍ରାହକ ନଥିଲେ । ସତସଙ୍ଗ ଶୁଣିବା ପାଇଁ ସେ ନିଜ ଘର ଛାତଉପରେ ଚୌକୀ ପକାଇ ବସିଗଲା । ସମ୍ପୂର୍ଣ୍ଣ ସତସଙ୍ଗ ଶୁଣିସାରିବା ପରେ ସତସଙ୍ଗ ସ୍ଥଳକୁ ଗଲା ତଥା ପରମାତ୍ମା କବୀରଜୀଙ୍କୁ ନିଜର ପରିଚୟ ଦେଇ କହିଲା ଯେ ଗୁରୁଜୀ ! ମୋ ଭଳି ପାପିନୀର କ'ଣ ଉଦ୍ଧାର ହୋଇପାରିବ ? ଜୀବନରେ ପ୍ରଥମଥର ପାଇଁ ମୋତେ ଆତ୍ମକଲ୍ୟାଣ ବିଷୟରେ କଥା ଶୁଣିବାକୁ ମିଳିଲା । ଏବେ ମୋ ପାଖରେ ଦୁଇଟି ବିକଳ୍ପ ଅଛି । ପ୍ରଥମଟି ହେଲା ଅତ୍ମକଲ୍ୟାଣ, ଦ୍ୱିତୀୟରେ ଯଦି ଆତ୍ମକଲ୍ୟଣ ନହୁଏ ତେବେ ଆତ୍ମହତ୍ୟା କରି ପାପର ପ୍ରାୟଶ୍ଚିତ କରିବି । ପରମାତ୍ମା କବୀରଜୀ କହିଲେ, ପୁତ୍ରୀ ! ଆତ୍ମହତ୍ୟା କରିବା ମହାପାପ ଅଟେ । ଭକ୍ତି କରିବା ଦ୍ୱାରା ପରମାତ୍ମା ସମସ୍ତ ପାପ ନଷ୍ଟ କରିଦିଅନ୍ତି । ଆପଣ ମୋଠାରୁ ନାମ ଉପଦେଶ ନେଇ ସାଧନା କରନ୍ତୁ । ଭବିଷ୍ୟତରେ ପାପକର୍ମଠାରୁ ଦୂରେଇ ରୁହନ୍ତୁ । ସେହି ଭଉଣୀ ପ୍ରତିଜ୍ଞା କରି ପରମାତ୍ମା କବୀରଜୀଙ୍କଠାରୁ ଦୀକ୍ଷା ନେଇ ଭକ୍ତି କରିବାକୁ ଲାଗିଲା ତଥା ପ୍ରଭୁ କବୀରଜୀ ପ୍ରତିଦିନ ଯେଉଁ ଯେଉଁ ସ୍ଥାନରେ ସତସଙ୍ଗ କରୁଥିଲେ ସତସଙ୍ଗ ଶୁଣିବା ପାଇଁ ସେହି ସ୍ଥାନକୁ ଯିବାକୁ ଲାଗିଲା । କିନ୍ତୁ କବୀରଜୀଙ୍କର ଅନ୍ୟ ଭକ୍ତମାନଙ୍କୁ ଏହା ଭଲ ଲାଗୁ ନ ଥିଲା । ସେହି ଭଉଣୀକୁ ସେମାନେ ଏହା କହିବାକୁ ଲାଗିଲେ ଯେ ତୋ ପାଇଁ ଗୁରୁଜୀ ବଦନାମ ହେଉଛନ୍ତି । ତୁ ସତସଙ୍ଗକୁ ଆସିବା ବନ୍ଦ କରିଦେ । ତୁ ସମସ୍ତଙ୍କ ଆଗରେ ଗୁରୁଦେବଙ୍କ ପାଖରେ ବସୁଛୁ, ତୁ ସେଠାରେ ଆଦୌ ବସିବା ଉଚିତ୍ ନୁହେଁ । ଝିଅଟି ଏ ସମସ୍ତ କଥାକୁ ଗୁରୁ କବୀରଜୀଙ୍କୁ ଜଣାଇ ଭୋ-ଭୋ ହୋଇ

କାନ୍ଦିବାକୁ ଲାଗିଲା । ପରମେଶ୍ୱର ଜୀ କହିଲେ, ପୁତ୍ରୀ! ତୁମେ ସତସଙ୍ଗକୁ ବାରମ୍ବାର ଆସ । କବୀରଜୀ ସତସଙ୍ଗ ପ୍ରବଚନ ମାଧ୍ୟମରେ ସ୍ପଷ୍ଟ କରିଦେଲେ ଯେ ବିନା ସାବୁନ ଓ ପାଣିରେ ମଇଳା ଲୁଗା ନିର୍ମଳ ହେବ କେମିତି ? ଠିକ୍ ଏହିଭଳି ପାପୀ ବ୍ୟକ୍ତିମାନେ ସତସଙ୍ଗ ଓ ଗୁରୁଙ୍କଠାରୁ ଦୂରେଇ ରହି ନିଜର ଆତ୍ମକଲ୍ୟାଣ କରାଇବେ କିପରି ? ବାସ୍ତବରେ ଯିଏ ଭକ୍ତ ସେ ବେଶ୍ୟା ଓ ରୋଗୀ ବ୍ୟକ୍ତିମାନଙ୍କୁ କେବେ ଘୃଣା କରନ୍ତି ନାହିଁ, ଅଧିକନ୍ତୁ ସମ୍ମାନ କରନ୍ତି । ଜ୍ଞାନଚର୍ଚ୍ଚା ଦ୍ୱାରା ମୋକ୍ଷ ପ୍ରାପ୍ତି ପାଇଁ ସେମାନଙ୍କୁ ପ୍ରେରଣା ଦେଇଥାନ୍ତି । ପରମାତ୍ମା କବୀରଜୀ ବାରମ୍ବାର ବୁଝାଇବା ସତ୍ତ୍ୱେ ଭକ୍ତମାନେ ସେହି ଝିଅକୁ ସତସଙ୍ଗକୁ ଆସିବା ପାଇଁ ମନା କରୁଥାନ୍ତି ତଥା ବାହାନା କରି କହୁଥାନ୍ତି ଯେ ଗୁରୁଜୀ ତୋ ପାଇଁ ଆଜି କାଶୀ ସହରରେ ବଦନାମ ହେଉଛନ୍ତି । କାଶୀବାସୀ ଆମ୍ଭମାନଙ୍କୁ ବାରମ୍ବାର କହୁଛନ୍ତି ଯେ ତୁମ ଗୁରୁଜୀଙ୍କ ପାଖକୁ ତ ବେଶ୍ୟା ମଧ୍ୟ ଯାଉଛି । ସେ କି ଗୁରୁ ?

ପରମେଶ୍ୱର କବୀରଜୀ କହିଲେ, ପୁତ୍ରୀ! ତୁମେ ମୋ ସହିତ ହାତୀ ପିଠିରେ ବସି ବୁଲିବାକୁ ଯିବ । ଝିଅଟି କହିଲା, ଯାହା ଆପଣଙ୍କର ଆଦେଶ ଗୁରୁଦେବ! ତା' ପରଦିନ ସକାଳ ୧୦ଟା ସମୟରେ ହାତୀ ପିଠିରେ ବସି ତିନିହେଁ କାଶୀ ନଗରର ମୁଖ୍ୟ ବଜାର ମଧ୍ୟ ଦେଇ ଯିବାକୁ ଲାଗିଲେ । ସନ୍ଥ ରବିଦାସଜୀ ମାହୁନ୍ତ ହୋଇ ହାତୀ ଉପରେ ବସିଥାନ୍ତି, ଝିଅଟି ରବିଦାସଙ୍କ ପଛ ତଥା କବୀରଜୀଙ୍କ ଆଗରେ ଅର୍ଥାତ୍ ଦୁଇଜଣଙ୍କ ମଝିରେ ବସିଥିଲା । କବୀରଜୀ ଏକ ବୋତଲରେ ଗଙ୍ଗାପାଣି ଭର୍ତ୍ତିକଲେ । ସେହି ବୋତଲକୁ ମୁହଁରେ ଲଗାଇ ଢ଼ୋକେ-ଢ଼ୋକେ ପିଉଥାନ୍ତି । ଲୋକେ ଭାବିଲେ ଯେ କବୀରଜୀ ମଦ ପିଉଛନ୍ତି, ମଦ ନିଶାରେ ବେଶ୍ୟାକୁ ସାଙ୍ଗରେ ଧରି ବଜାର ମଧ୍ୟରେ ସର୍ବସମ୍ମୁଖରେ ଭ୍ରମଣ କରୁଛନ୍ତି । କାଶୀବାସୀ ନିଜ ନିଜ ମଧ୍ୟରେ ଆଲୋଚନା କରୁଥାନ୍ତି ଯେ ବହୁତ ବଡ଼-ବଡ଼ ଉପଦେଶ ଦେଉଥିଲା କବୀର ତନ୍ତୀ(ବୁଣାକାର), ଆଜି ତା'ର ଅସଲ ମୁଖା ଖୋଲିଯାଇଛି । ସତସଙ୍ଗ ବାହାନାରେ ଏମାନେଏହିଭଳି କର୍ମ କରିଥାନ୍ତି । କାଶୀବାସୀ କବୀରଜୀଙ୍କ ଶିଷ୍ୟମାନଙ୍କୁ ଧରିଆଣି ଦେଖାଉଥାନ୍ତି ଯେ ଦେଖ! ତୁମ ପରମାତ୍ମାଙ୍କ କୃତ୍ୟ କାର୍ଯ୍ୟ । ମଦ ପିଇ ବେଶ୍ୟାକୁ ସାଙ୍ଗରେ ଧରି ସର୍ବ ସମ୍ମୁଖରେ ଭ୍ରମଣ କରୁଛନ୍ତି । ଏହି ଲୀଳା ଦେଖି ଚୌଷଠି ଲକ୍ଷ ନକଲୀ ଶିଷ୍ୟ କବିରଜୀଙ୍କୁ ତ୍ୟାଗକରି ଚାଲିଗଲେ । ପୁର୍ବର ସେହି ମନମୁଖୀ ଉପାସନା/ସାଧନା ପୁଣି ଆରମ୍ଭ କରିଦେଲେ । ଲୋକଲଜ୍ଜ୍ୟା, ସହ୍ୟ କରି ନପାରି ଗୁରୁଙ୍କ ପ୍ରତି ବିମୁଖ ହୋଇଗଲେ ।

ପରମାତ୍ମା କବୀରଜୀ ଏହିଭଳି ଲୀଳା ବିଶେଷ କରି ସେହି ସମୟରେ କରିଥାନ୍ତି ଯେଉଁ ସମୟରେ ଦିଲ୍ଲୀର ସମ୍ରାଟ ସିକନ୍ଦର ଲୋଧୀ କାଶୀ ନଗରକୁ ଆସିଥାନ୍ତି । ସିକନ୍ଦର ଲୋଧୀ ସେଦିନ ମଧ୍ୟ କାଶୀ ସହରରେ ଉପସ୍ଥିତ ଥିଲେ । କାଜୀ(ମୌଲବି)-ପଣ୍ଡିତମାନେ ରାଜାଙ୍କ ନିକଟରେ ଅଭିଯୋଗ କଲେ ଯେ କବୀର ତନ୍ତି (ବୁଣାକାର) ବହୁତ ବଡ ଅପରାଧ କରିଛି । ଲଜ୍ୟାହୀନ ଭାବେ ସର୍ବ ସମ୍ମୁଖରେ ବେଶ୍ୟା ସହିତ ହାତୀ ଉପରେ ବସି କୁକର୍ମ କରିଛି, ମଦ ପିଇଛି । ରାଜା ସଙ୍ଗେ ସଙ୍ଗେ ଆଦେଶ ଦେଲେ ଯେ ତାକୁ ଧରିନେଇ ଗଙ୍ଗାନଦୀରେ ବୁଡ଼ାଇ ମାରିଦିଅ । ରାଜା ସିକନ୍ଦର ସ୍ୱୟଂ କବୀରଜୀଙ୍କ ହାତରେ ହାତକଡ଼ି, ଗୋଡ଼ରେ ଜଞ୍ଜିର, ଓ ବେକରେ ଲୁହାବଳା ଲଗାଇଲେ । ସୈନିକମାନେ କବୀରଜୀଙ୍କୁ ନୌକାରେ ବସାଇ ଗଙ୍ଗାନଦୀର ମଝି ଜଳରେ ଫିଙ୍ଗିଦେଲେ । ଏହି ସମୟରେ ହାତକଡ଼ି, ଗୋଡ ଜଞ୍ଜୀର ଓ ବେକର ବଳା ଆପେ ଆପେ ଛିଣ୍ଡିଯାଇ ଜଳରେ ପଡିଗଲା । ପରମାତ୍ମା କବୀରଜୀ ଜଳଉପରେ ପଦ୍ମାସନରେ ବସିଗଲେ । ତଳେ ଗଙ୍ଗାଜଳ ଭଁଉରୀ କାଟି ପ୍ରଭାହିତ ହେଉଥାଏ । ପରମାତ୍ମା ଜଳ ଉପରେ ଆରାମରେ ବସିଥାନ୍ତି । କିଛି ସମୟ ପରେ ପରମାତ୍ମା କବୀର ସାହେବ ଗଙ୍ଗାନଦୀ କୂଳକୁ ଚାଲିଆସିଲେ । ସିପାହୀମାନେ ଶେଖତକି ଆଦେଶରେ ପୁଣି କବୀରଜୀଙ୍କୁ ଧରିନେଇ ନୌକାରେ ବସାଇ ତାଙ୍କ ଗୋଡ ଓ ଅଣ୍ଟାରେ ଓଜନିଆ ପଥର ବାନ୍ଧି, ଦୁଇ ହାତକୁ ପଛପଟୁ ରଶିରେ ବାନ୍ଧି ଗଙ୍ଗାନଦୀ ମଧ୍ୟକୁ ଫିଙ୍ଗିଦେଲେ । ତତ୍‌କ୍ଷଣାତ ବନ୍ଧା ଯାଇଥିବା ରଶି ପୂର୍ବଭଳି ଏଥର ମଧ୍ୟ ଛିଣ୍ଡିଗଲା ଓ ପଥର ଜଳରେ ବୁଡ଼ିଗଲା । ପରମେଶ୍ୱର କବୀରଜୀ ଜଳ ଉପରେ ବସିରହିଲେ । ଶେଖତକି ଯେତେବେଳେ ଦେଖିଲା ଯେ କବୀରଜୀ

ଗଙ୍ଗାନଦୀରେ ବୁଡ଼ି ନାହାଁନ୍ତି ସେତେବେଳେ କ୍ରୋଧିତ ହୋଇ ରାଜାକୁ କହି ତୋପରୁ ଗୋଳା ମାରିବା ପାଇଁ ଆଦେଶ ଦେଲା । ପ୍ରଥମେ କବୀରଜୀଙ୍କୁ ପଥର ମାରିଲେ ତା'ପରେ ଗୁଳି ଓ ତୀର ମାରିଲେ । ଶେଷରେ ଚାରିପ୍ରହର ଅର୍ଥାତ୍ ବାରଘଣ୍ଟା ପର୍ଯ୍ୟନ୍ତ କବୀରଜୀଙ୍କ ଉପରକୁ ତୋପରୁ ଗୋଳା ବର୍ଷଣ କଲେ । ତୋପରୁ ବାହାରୁଥିବା କିଛି ଗୁଳି ନଦୀ କୂଳରେ ପଡୁଥିଲା, କିଛି ନଦୀ ଆରପଟ କୂଳରେ ଯାଇ ପଡୁଥିଲା, ଆଉ କିଛି ଦୂରରେ ଥିବା ପୋଖରୀରେ ଯାଇ ପଡୁଥିଲା । କୌଣସି ଗୋଟିଏ ବି ଗୋଳା, ପଥର, ବନ୍ଧୁକର ଗୁଳି କିମ୍ବା ତୀର ପରମେଶ୍ୱର କବୀରଜୀଙ୍କ ଆଖପାଖକୁ ମଧ୍ୟ ଯାଉ ନ ଥିଲା । ଏସବୁ ଦେଖିବା ପରେ ମଧ୍ୟ କାଶୀବାସୀ କବୀର ପରମେଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । ପରମେଶ୍ୱର କବୀରଜୀ ଦେଖିଲେ ଯେ ସମସ୍ତଙ୍କର ବୁଦ୍ଧିବଣା ହୋଇଯାଇଛି, ତେଣୁ ସଙ୍ଗେ ସଙ୍ଗେ ସେ ଗଙ୍ଗା ଜଳରେ ଅନ୍ତର୍ଦ୍ଧାନ ହୋଇଯାଇ ନିଜ ଭକ୍ତ ରବିଦାସଜୀଙ୍କ ଘରେ ପ୍ରକଟ ହେଲେ । ସେଠାରେ ଉପସ୍ଥିତ ଦର୍ଶକମାନେ ଭାବିଲେ ଯେ କବୀର ତନ୍ତି (ବୁଣାକାର) ଗଙ୍ଗା ଜଳରେ ବୁଡ଼ି ମରିଗଲା । ତାଙ୍କ ଶବ ଉପରେ ବାଲି ଓ ପଟୁ ଜମି ଯାଇଥିବ । ଏହି କଥା ଭାବି ସମସ୍ତେ ଖୁସି ମନରେ ନଗରକୁ ଫେରିଗଲେ । ଶେଖତକି ନିଜ ସହକର୍ମୀମାନଙ୍କ ସହିତ ସନ୍ଥ ରବିଦାସଜୀଙ୍କ ଘରକୁ ଯାଇ ଏହି ଘଟଣା ବିଷୟରେ ଜଣାଇ କହିବାକୁ ଚାହୁଁଥିଲା ଯେ ଯେଉଁ କବୀର ତନ୍ତି (ବୁଣାକାର)କୁ ତୁମେ ପରମାତ୍ମା ବୋଲି କହୁଥିଲ, ସେ ଗଙ୍ଗା ଜଳରେ ବୁଡ଼ି ମରିଯାଇଛି । କିନ୍ତୁ ରବିଦାସଜୀଙ୍କ ଘରକୁ ଯାଇ ଦେଖିଲେ ଯେ କବୀରଜୀ ସେଠାରେ ବସି ଏକତାରା (କେନ୍ଦରା) ବଜାଇ ଅମୃତବାଣୀ ଗାଉଛନ୍ତି । ଏହି ଦୃଶ୍ୟ ଦେଖି ଶେଖତକିକୁ ଏପରି ଲାଗିଲା ଯେମିତି ତା' ମା ମରିଯାଇଛି । ଶେଖତକି ରାଜା ସିକନ୍ଦରକୁ କହିଲା ଯେ ଆମ୍ଭମାନଙ୍କ ଆଖିରେ ଧୂଳି ଦେଇ କବୀର ଖସିଯାଇଛି ଏବଂ ରବିଦାସର ଘରେ ଯାଇ ବସିଛି । ଏହା ଶୁଣି ବାଦଶାହା ସିକନ୍ଦର ଲୋଧୀ ସନ୍ଥ ରବିଦାସଙ୍କ କୁଟିରକୁ ଗଲେ । ପରମାତ୍ମା କବୀରଜୀ ସେଠାରୁ ଅନ୍ତର୍ଧାନ ହୋଇ ଗଙ୍ଗାନଦୀର ମଝିଜଳ ଉପରେ ସମାଧି ଲଗାଇ ବସିଗଲେ ଯେପରି ଭୂମି ଉପରେ ବସନ୍ତି । ସିକନ୍ଦର ଲୋଧୀ, ରବିଦାସଜୀଙ୍କୁ ପଚାରିଲେ, କବୀରଜୀ କେଉଁଠି ଅଛନ୍ତି ? ସନ୍ଥ ରବିଦାସଜୀ କହିଲେ, ହେ ବାଦ୍‌ଶାହା ! ସେ ପୂର୍ଣ୍ଣ ପରମାତ୍ମା ଅଟନ୍ତି, ସେ ହିଁ ଅଲଖ ଆଲ୍ଲାଃ ଅଟନ୍ତି । ଆପଣ ତାଙ୍କୁ ଚିହ୍ନିବାକୁ ଚେଷ୍ଟା କରନ୍ତୁ । ସେ ନିଜ ଇଚ୍ଛାର ମାଲିକ ଅଟନ୍ତି । ସେ ଯେଉଁଠିକୁ ଇଚ୍ଛା କରିବେ ସେଠାକୁ ଯାଇପାରିବେ । ତେଣୁ ସେ କେଉଁଆଡ଼େ ଯାଇଛନ୍ତି ମୋତେ ଜଣା ନାହିଁ । ସେ ସମସ୍ତଙ୍କ ପାଖରେ ଥାଆନ୍ତି । ସେହି ସମୟରେ କେହି ଜଣେ କହିଲା ଯେ କବୀରଜୀ ଗଙ୍ଗାନଦୀ ମଝିରେ ବସି ଭକ୍ତି କରୁଛନ୍ତି । ଏହା ଶୁଣି ରାଜା, ସିପାହୀ ଓ ସମସ୍ତ ବ୍ୟକ୍ତି ପୁଣି ଗଙ୍ଗାନଦୀ କୂଳରେ ପହଞ୍ଚି ଗଲେ । ରାଜା, ନୌକା ପଠାଇ କବୀରଜୀଙ୍କୁ ନଦୀରୁ ବାହାରକୁ ଆସିବା ପାଇଁ ନାବିକ ମାଧ୍ୟମରେ ସନ୍ଦେଶ ପଠାଇଲେ । ନାବିକ, ନୌକା ନେଇ କବୀରଜୀଙ୍କ ପାଖକୁ ଯାଇ ରାଜାଙ୍କ ଆଦେଶ ଶୁଣାଇ କହିଲା ଯେ ରାଜା ସିକନ୍ଦର ଲୋଧୀ ଆପଣଙ୍କୁ ଡାକୁଛନ୍ତି, ଆପଣ ଆସନ୍ତୁ । ପରମେଶ୍ୱର କବୀରଜୀ ସେହି ନୌକାରେ ବସି କୂଳକୁ ଆସିଲେ ।

ରାଜା ସିକନ୍ଦର ଲୋଧୀ ପୁଣି କବୀରଜୀଙ୍କୁ ଗିରଫ କରି ହାତଗୋଡ଼ ବାନ୍ଧି ଦନ୍ତାହାତୀ ଦ୍ୱାରା ମାରିବା ପାଇଁ ଆଦେଶ ଦେଲେ । ଚତୁଃପାର୍ଶ୍ୱରେ ଜନତା ଛିଡ଼ା ହୋଇଥିଲେ । ସିକନ୍ଦର ଲୋଧୀ ଉଚ୍ଚ ସ୍ଥାନରେ ବସିଥିଲେ । ପରମାତ୍ମାଙ୍କୁ ବାନ୍ଧି ଭୂମି ଉପରେ ଶୁଆଇ ରଖିଥାନ୍ତି । ମାହୁନ୍ତ ହାତୀକୁ ମଦ ପିଆଇ କବୀରଜୀଙ୍କୁ ଦଳି-ଚକଟି ମାରିବା ପାଇଁ ତାଙ୍କ ଆଡ଼କୁ ଅଗ୍ରସର ହେଲା । ଠିକ୍ ଏହି ସମୟରେ କବୀରଜୀ ଏକ ମହାବଳ ସିଂହ ନିଜ ପାଖରେ ଛିଡା ହୋଇଥିବାର ଦୃଶ୍ୟ ହାତୀକୁ ଦେଖାଇ ଦେଲେ । ହାତୀ ଚିତ୍କାର କରି ଭୟରେ ସେଠାରୁ ଦୌଡ଼ି ପଳାଇଗଲା । ମାହୁନ୍ତକୁ ନିଜ ଚାକିରୀ ଚାଲିଯିବାର ଭୟ ଘାରିଲା । ସେ ହାତୀକୁ ଅଙ୍କୁଶ ମାରି କବୀରଜୀଙ୍କ ପାଖକୁ ନେବାକୁ ଚେଷ୍ଟା କଲା କିନ୍ତୁ ହାତୀ ବିପରିତ ଦିଗକୁ ପଳାଇଗଲା । ଠିକ୍ ସେତେବେଳେ ମାହୁନ୍ତକୁ ମଧ୍ୟ ମହାବଳ ସିଂହ ଛିଡ଼ା ହୋଇଥିବାର ଦୃଶ୍ୟ ଦେଖାଯିବାରୁ ଭୟରେ ତା ହାତରୁ ଅଙ୍କୁଶ ଖସିପଡ଼ିଲା ।

ହାତୀ ଦୌଡ଼ି ପଳାଇଗଲା ଓ ପରମେଶ୍ୱର କବୀରଜୀଙ୍କ ବନ୍ଧନ ଛିଣ୍ଡିଗଲା । କବୀରଜୀ ଛିଡ଼ା ହୋଇ ଆଳସ୍ୟ ଭାଙ୍ଗିବା ମାତ୍ରେ ତାଙ୍କ ଉଚ୍ଚତା ବଢ଼ିଗଲା ଏବଂ ମୁଣ୍ଡ ଆକାଶକୁ ସ୍ପର୍ଶ ହେଉଥିବା ଅବସ୍ଥାରେ ତେଜମୟ ଶରୀର ଦୃଶ୍ୟମାନ ହେଲା । ରାଜା ସିକନ୍ଦର ଲୋଧୀ ଭୟରେ ଥରିବାକୁ ଲାଗିଲା । ପରମେଶ୍ୱର କବୀରଜୀଙ୍କ ଚରଣରେ ପଡ଼ିଯାଇ କ୍ଷମା ପ୍ରାର୍ଥନା କରି କହିଲେ, ଆପଣ ପରମେଶ୍ୱର ଅଟନ୍ତି, ମୋ ଜୀବନ ବଞ୍ଚାନ୍ତୁ । ମୋ ଦ୍ୱାରା ମସ୍ତବଡ଼ ଭୂଲ ହୋଇଯାଇଛି, ଏବେ ମୁଁ ଆପଣଙ୍କୁ ଚିହ୍ନିପାରିଛି । ଆପଣ ସ୍ୱୟଂ ଆଲ୍ଲାଃ ଏହି ଧରାପୃଷ୍ଠକୁ ଆସିଛନ୍ତି । ଏହାପରେ କବୀର ପରମେଶ୍ୱରଜୀ କାଶୀ ନଗରକୁ ଆସି ସେହି ବେଶ୍ୟାର ଘର ଅଗଣାରେ ବସିଗଲେ । ପରମାତ୍ମାଙ୍କ ଚରଣ ଦ୍ୱୟକୁ ନିଜ ଜଙ୍ଘ ଉପରେ ରଖି ଗଣିକା(ବେଶ୍ୟା) ସେବା କରୁଥିଲା ।

ଫିର ଗଣିକା କେ ସଙ୍ଗ ଚଲେ, ଶିଶି ଭରି ଶରାବ ।
ଗରୀବ ଦାସ ଉସ ପୁରୀ ମେଁ, ଜୁଲହା ଭୟା ଖରାବ ॥୭୨୬ ॥
ତାରୀ ବାଜୀ ପୁରୀ ମେଁ, ଭିଷ୍ଟ ଜୁଲହଦୀ ନୀଚ
ଗରୀବ ଦାସ ଗଣିକା ସଜୀ, ଦହୂଁ ସନ୍ତୋ କେ ବୀଚ ॥ ୭୨୭॥
ଗାବତ ବୈନ ବିଳାସପଦ, ଗଙ୍ଗାଜଳ ପିବନ୍ତ ।
ଗରୀବ ଦାସ ବିହ୍ୱଲ ଭୟେ, ମତୱାଲେ ଘୂମନ୍ତ ॥ ୭୨୮ ॥
ଭଡୁୱା ଭଡୁୱା ସବ କହେଁ, କୋଇ ନ ଜାନୈ ଖୋଜ ।
ଦାସ ଗରୀବ କବୀର କରମ, ବାଣ୍ଟତ ଶିରକା ବୋଝ ॥ ୭୨୯ ॥
ଦେଖୋ ଗଣିକା ସଙ୍ଗି ଲଇ, କହତେ କୌମ ଛତୀସ ।
ଗରୀବ ଦାସ ଇସ ଜୁଲହଦୀ କା, ଦର୍ଶନ ଆନ ହଦୀସ ॥ ୭୩୦॥
ଶାହାସିକନ୍ଦର କୂଁ ସୁନୀ, ଭିଷ୍ଟ ହୁୟେ ଦୋ ସନ୍ତ ।
ଗରୀବ ଦାସ ଚ୍ୟାରୋଁ ବରଣ, ଉଠି ଲାଗେ ସବ ପନ୍ଥ ॥ ୭୩୧ ॥
ଚ୍ୟାରି ବରଣ ଷଟ ଆଶ୍ରମ, ଦୋନୌଁ ଦୀନ ଖୁଶାଲ ।
ଗରୀବ ଦାସ ହିନ୍ଦୁ ତୁରକ, ପଡୟା ଶହର ଗଳି ଜାଲ ॥ ୭୩୨॥
ଶାହା ସିକନ୍ଦର କେ ଗୟେ, ସୁନି କବଲେ ଅରଦାସ ।
ଗରୀବ ଦାସ ତଲବାଁ ହୁଇ, ପକରେ ଦୋନୌ ଦାସ ॥ ୭୩୩ ॥
କହୋ କବୀର ଯୋହ କ୍ୟା କିୟା, ଗଣିକା ଲିହ୍ନୀ ସଂଗ ।
ଗରୀବ ଦାସ ଭୂଲେ ଭକ୍ତି, ପରୟା ଭଜନ ମେଁ ଭଙ୍ଗ ॥ ୭୩୪ ॥
ସୁନୋ ସିକନ୍ଦର ବାଦଶାହା, ହମରୀ ଅରଜ ଆୱାଜ ।
ଗରୀବ ଦାସ ୱହ ରାଖିସୀ, ଜିନ ଯୋହ ସାଜ୍ୟା ସାଜ ॥ ୭୩୫॥
ଜଡ଼ିୟାଁ ଚୌକ ଜଞ୍ଜୀର ଗଲ, ଶାହା ସିକନ୍ଦର ଆପ ।
ଗରୀବ ଦାସ ପଦ ଲୀନ ହେ, ତାରୀ ଅଜପା ଜାପ ॥ ୭୩୬ ॥
ହାଥୌଁ ଜଡ଼ୀ ହଥକଡ଼ୀ, ପଗ ବେଡ଼ୀ ପହିରାୟ ।
ଗରୀବ ଦାସ ବୀଚ ଗଙ୍ଗ ମେଁ, ତହାଁ ଦୀହ୍ନା ଛିଟକାୟ ॥ ୭୩୭ ॥
ଝାଡ଼ି ଗୟେ ଚୌକ ଜଞ୍ଜୀର ସବ, ଲଗେ କୀନାରେ ଆୟ ।
ଗରୀବ ଦାସ ଦେଖେ ଖଲକ, ସ୍ୟାଁ କାଜୀ ବାଦଶାହା ॥ ୭୩୮ ॥
ନୀଚେ ନୀଚେ ଗଙ୍ଗାଜଳ, ଉପର ଆସନ ଥୀର ।
ଗରୀବ ଦାସ ବୁଡ଼େ ନେହୀଁ, ବୈଠେ ଅଧର କବୀର ॥ ୭୩୯ ॥
ଯୋହ ଅଚରଜ କୈସା ଭୟା, ଦେଖେ ଦୋନାଁ ଦୀନ ।
ଗରୀବ ଦାସ କାଜୀ କହେଁ, ବାନ୍ଧି ଦିୟା ଜଳ ସୀନ ॥ ୭୪୦ ॥
ଗଳ ମେଁ ଫାସୀ ଡ଼ାରି କରି, ବାନ୍ଧୌ ଶିଳା ସୁଧାରି ।

ଗରୀବ ଦାସ ଯୋହ ଜୁଲହଦୀ, ଜବ ବୁଡ଼େ ଗଙ୍ଗ ଧାର ॥ ୭୪୧ ॥
ଶିଳା ଧରି ଜବ ନାବ ମେଁ, ବାନ୍ଧୀ ଗଲୈ କବୀର ।
ଗରୀବ ଦାସ ଫନ୍ଦ ଟୁଟିକେ, ନା ଡୁବେ ଜଲନୀର ॥ ୭୪୨ ॥
ଶୀଳା ଚଲୀ ଶାହା ଔର କୋଁ, ଦେଖତ କାଶୀ ଖ୍ୟାଲ ।
ଗରୀବ ଦାସ କବୀର କା ଆସନ ଅଧର ହମାଲ ॥ ୭୪୩ ॥
ତୀର ବାଣ ଗୋଲୀ ଚଲୈଁ, ତୋପ ରହକଲ୍ୟାଁ ଶୋର ।
ଗରୀବ ଦାସ ଉସ ଜୁଲହଦୀକୈ, ଗଇ ଏକ ନହୀଁ ଔର ॥ ୭୪୪ ॥
ଅଧର ଧାର ଗୋଲେ ବହୈଁ, ଜଲକୈ ବୀଚ ଗଭାକ ।
ଗରୀବ ଦାସ ଉସ ଜୁଲହଦୀ ପର, ଶସ୍ତ୍ର ଛୁଟେଁ ଲାଖ ॥ ୭୪୫ ॥
ତୋପ ରହକଲେ ସବ ଚଲେଁ, ତୀର ବାଣ କମାନ ।
ଗରୀବ ଦାସ ୱହ ଜୁଲହଦୀ, ଜଳ ପର ରହେ ଅମାନ ॥ ୭୪୬ ॥
ଅଧରି ଧାର ଅପାର ଗତି, ଜଳ ପରି ଲଗି ସମାଧି ।
ଗରୀବ ଦାସ ନିଜ ବ୍ରହ୍ମପଦ, ଖେଲେଁ ଆଦି ଅନାଦି ॥ ୭୪୭ ॥
ଜୁଲମ ହୁଆ ବୁଡ଼େ ନେହୀଁ, ଶସ୍ତ୍ର ଲଗେ ନା ବାଣ ।
ଗରୀବ ଦାସ ଇବ କୌନ ଗତି, କୈସେ ଲୀଜୈ ପ୍ରାଣ ॥ ୭୪୮॥
ଲଗୀ ସମାଧି ଅଗାଧ ମେଁ, ବିଚରୈ କାଶୀ ଗଙ୍ଗ ।
ଗରୀବ ଦାସ କିଲୋଲ ସର, ଛୁହୈଁ ଚରଣ ତରଙ୍ଗ ॥ ୭୪୯॥
ଚ୍ୟାରି ପହର ଗୋଲେ ବଗେ, ଧମୀ ମୁଲକ ମୈଦାନ ।
ଗରୀବ ଦାସ ପୋଖର ସୁଙ୍ଗେ, ରହେ କବୀର ଅମାନ ॥ ୭୫୦॥
ଅପନୀ କରନୀ ସବ କରୀ, ଥାକେ ଦୋନୋଁ ଦୀନ ।
ଗରୀବଦାସ ଅବ ଜୁଲହଦୀ, ପୈଠି ଗୟେ ଜଲମୀନ ॥ ୭୫୧॥
ଡୁବ୍ୟା ଡୁବ୍ୟା ସବ କହୈଁ, ହୋ ଗୟେ ଗାରତ ଗୋର ।
ଗରୀବଦାସ କବଲେ ଧନୀ, ତୁମ ଆଗୈ କ୍ୟା ଜୋର ॥ ୭୫୨॥
ଆନନ୍ଦ ମଙ୍ଗଲ ହୋତ ହୈ, ବଣ୍ଟେ ବଧାଇ ବେଗ ।
ଗରୀବ ଦାସ ଉସ ଜୁଲହଦୀ ପର, ଫିର ଗଇ ରେତୀ ରେଘ ॥ ୭୫୩ ॥
ହସ୍ତୀ - ଘୋଡ଼େ ଚଢ଼ତ ହୈଁ, ପାନ ମିଠାଇ ଚୀର ।
ଗରୀବ ଦାସ କାଶୀ ଖୁସୀ, ବୁଡ଼େ ଗଙ୍ଗ କବୀର ॥ ୭୫୪॥
ଜାବୋ ଘରି ରୈଦାସକେ, ହିଲକାରେ ହଜୁର ।
ଗରୀବ ଦାସ ଖୁସିୟା କହୋ, କହିୟୋ ନେହୀଁ କସୁର ॥ ୭୫୫॥
ଝାଲରି ଢ଼ୋଲକ ବଜତ ହୈଁ, ଗାବୈଁ ଶବ୍ଦ କବୀର ।
ଗରୀବ ଦାସ ରୈଦାସ ସଙ୍ଗି, ଦୋନୋଁ ଏକହୀ ତୀର ॥ ୭୫୬॥
କାଜୀ ପଣ୍ଡିତ ସବ ଗୟେ, ଶାହା ସିକନ୍ଦର ଉଠ ।
ଗରୀବ ଦାସ ରୈଦାସକେ, ଭେଷ ଗୟେ ଜଟଜୁଟ ॥୭୫୭॥
କୋଠୀ କୁଠଲେ ସବ ଝଙ୍କେ, ବାସନ ଟୀଣ୍ଡର ଗୋଲି ।
ଗରୀବଦାସ ରହଦାସ ସୁନୋଁ, କାହାଁ ଗୟେ ୱହ ବୋଲ ॥ ୭୫୮॥
ୱେ ପ୍ରଗଟ ପୂରଣ ପୁରୁଷ ହୈଁ, ଅବିନାଶୀ ଅଲଖ ଅଲ୍ଲାହ ।
ଗରୀବ ଦାସ ରୈହଦାସ କହେଁ, ସୁନୋ ସିକନ୍ଦର ଶାହା ॥୭୫୯ ॥
ସୂରଜମୁଖୀ ସୁଭାଁନ ସର, ଖିଲେ ଫୁଲ ଗୁଲଜାର ।
ଗରୀବ ଦାସ କାଜୀ ପଣ୍ଡିତ କରତା ଶାହା ପୁକାର ॥ ୭୬୦ ॥

ଶାହା ସିକନ୍ଦର ଫିର ଗୟେ, ଉସ ଗଙ୍ଗା କେ ତୀର ।
ଦାସ ଗରୀବ କବୀର ହରି, ବୈଠେ ଉପର ନୀର ॥ ୭୬୧॥
ବୈଠି ମଲାହ ଜିହାଜ ମେଁ, ଗୟେ ଧାର କେ ବୀଚ ।
ଗରୀବ ଦାସ ହରି ହରି କରୈଁ, ପ୍ରେମ ଫୁହାରେ ସୀଚ ॥ ୭୬୨॥
କରୀ ଅରଜ ମଲାହ ତହାଁ, ଦୀନ ଦୁନୀ ବାଦଶାହା ।
ଗରୀବ ଦାସ ଆସନ ଉଧର, ଲଗୀ ସମାଧି ଜୁଲାହ ॥ ୭୬୩ ॥
ଭଞ୍ଜୁଁର ଫିରତ ହେ ଗଙ୍ଗଜଲ, ଫୁଲ ଉଗାନେଁ କୋଟି ।
ଗରୀବ ଦାସ ତହାଁ ବନ୍ଦଗୀ, ହରିଜନ ହରି କୀ ଓଟ ॥ ୭୬୪ ॥
ସକଲ ସୀଢ଼ୀ ଲାୟ କରି, ଉତରେ ତହାଁ ମଲାହ ।
ଗରୀବ ଦାସ ହମ ବନ୍ଦଗୀ, ୟାଦ କିୟେ ବାଦଶାହା ॥ ୭୬୫॥
ବୈଠ କବୀର ଜାହାଜ ମେଁ, ଆୟେ ଗଙ୍ଗା ଘାଟ ।
ଗରୀବ ଦାସ କାଶୀ ଥକୀ, ହାଁଡ଼େ ବୌହ ବିଧି ବାଟ ॥ ୭୬୬ ॥

ଶବ୍ଦାର୍ଥ:- ବାଣୀ ନଂ.୭୨୬-୭୩୦ର ଶବ୍ଦାର୍ଥ:- ପରମାତ୍ମା କବୀରଜୀ ନିଜ ଶିଷ୍ୟମାନଙ୍କର ପରୀକ୍ଷା ନେବା ଉଦ୍ଦେଶ୍ୟରେ ଗୋଟିଏ ବୋତଲରେ କିଛି ଗଙ୍ଗାନଦୀର ପାଣି ଭର୍ତ୍ତୀକରି କାଶୀ ସହରର ପ୍ରସିଦ୍ଧ ବେଶ୍ୟା ଓ ସନ୍ଥ ରବିଦାସଙ୍କ ସହିତ ଭଡ଼ାରେ ଆଣିଥିବା ଏକ ହାତୀ ପିଠିରେ ବସି କାଶୀ ସହରର ମୁଖ୍ୟ ବଜାରର ଗଳିରେ ବୁଲିବାକୁ ଲାଗିଲେ । ବୋତଲରେ ମୁହଁ ଲଗାଇ ଗଙ୍ଗାଜଳ ପିଉଥାନ୍ତି କିନ୍ତୁ ମଦ ପିଇବା ଭଳି ଭାବଭଙ୍ଗି କରୁଥାନ୍ତି । ରବିଦାସ ମାହୁନ୍ତ ହୋଇ ଆଗରେ ବସି ହାତୀକୁ ଚଳାଉଥିଲେ । ତାଙ୍କ ପଛରେ ବେଶ୍ୟା ବସିଥାଏ । ବେଶ୍ୟା ପଛକୁ କବୀରଜୀ ବେଶ୍ୟା କାନ୍ଧ ଉପରେ ହାତ ରଖି ପ୍ରେମିକ ଭଳି ଅଭିନୟ କରୁଥିଲେ । କାଶୀ ସହରର ବାସିନ୍ଦା ଏସବୁ ଦେଖି ତାଳି ବଜାଇବାକୁ ଲାଗିଲେ ଏବଂ କହିବାକୁ ଲାଗିଲେ ଯେ ଦେଖରେ ! ନିଜ କବୀର ତନ୍ତି ବେଶ୍ୟାକୁ ସାଥିରେ ନେଇ ମଦ ନିଶାରେ କାନ୍ଧରେ ହାତ ପକାଇ ମତୁଆଲା ହୋଇ ବୁଲୁଛି । ପାରମାତ୍ମା କବୀରଜୀ ଭଜନ-କବିତା ଗାନକରି ଝୁମୁଥିଲେ । ଲୋକମାନେ ଭାବୁଥିଲେ ଯେ ସେ ଗୀତ ଗାଉଛି, ଅଭଦ୍ର ଢଙ୍ଗରେ ଦେହକୁ ଦେହ ଲଗାଇ ବେଶ୍ୟା ପାଖରେ ବସିଛି । ଇଏ ଲୋକଲଜ୍ଜ୍ୟା ମଧ୍ୟ ହରାଇ ବସିଛି, କାଶୀ ନଗରର ସର୍ବସାଧରଣ କବୀରଜୀଙ୍କୁ ଭାଡୁଆ ଅର୍ଥାତ୍ ବ୍ୟଭିଚାରୀ ବୋଲି କହିବାକୁ ଲାଗିଲେ କିନ୍ତୁ ଏହି ରହସ୍ୟ କେହି ବୁଝି ପାରୁ ନ ଥିଲେ ଯେ ପରମାତ୍ମା କବୀରଜୀ ସତଗୁରୁ ରୂପରେ ଅନେକ ଶିଷ୍ୟଙ୍କୁ ଦୀକ୍ଷା ଦେଇ ସେମାନଙ୍କ ପାପର ଭାର ନିଜ ଉପରକୁ ନେଇଥିଲେ । ଶିଷ୍ୟମାନେ ଗୁରୁଆଜ୍ଞା ପାଳନ କରୁ ନ ଥିଲେ, ନିଜ ଦାଇତ୍ୱରୁ ଓହରି ଯାଉଥିଲେ । ଏହି ଲୀଳା ଦେଖି ଶିଷ୍ୟମାନେ ନାମଦୀକ୍ଷା ତ୍ୟାଗ କରି କବୀରଜୀଙ୍କଠାରୁ ଦୂରେଇ ଗଲେ । ତାଙ୍କ ସତସଙ୍ଗ ବିଚାର ଶୁଣିବା ପାଇଁ ସତସଙ୍ଗକୁ ଯିବା ମଧ୍ୟ ବନ୍ଦ କରିଦେଲେ । ଯେଉଁ ଶିଷ୍ୟମାନେ ନାମ ଛାଡ଼ିଦେଲେ ସେମାନଙ୍କ ଭାର କବୀରଜୀଙ୍କ ମୁଣ୍ଡରୁ ଓହ୍ଲେଇଗଲା । କାଶୀ ସହରର ଛତିଶ ସମ୍ପ୍ରଦାୟର ଲୋକମାନେ କହୁଥିଲେ ଯେ ଦେଖରେ ଦେଖ ଗଣିକା (ବେଶ୍ୟା)କୁ ସାଥିରେ ଧରି ବୁଲୁଛି । ଏହି କବୀର ତନ୍ତିର ଦର୍ଶନ କଲେ ଆମକୁ ପାପ ଲାଗିବ ।

ବାଣୀ ନଂ.୩୭୧-୭୫୪ର ଶବ୍ଦାର୍ଥ:- ସେହି ସମୟରେ ଦିଲ୍ଲୀର ରାଜା ସିକନ୍ଦର ଲୋଧୀ କାଶୀ ଆସିଥାଏ । କାରଣ ସମଗ୍ର ପୁରୁଣା ଭାରତର ସେ ସମ୍ରାଟ ଥିଲା । ତା' ଅଧୀନରେ ଛୋଟ ଛୋଟ ରାଜ୍ୟ ମଧ୍ୟ ଥିଲା । କାଶୀ ନରେଶ ବୀରଦେବ ସିଂହ ବଘେଲ୍ ମଧ୍ୟ ସିକନ୍ଦର ରାଜା ଅଧୀନରେ ଥିଲେ । ପରମାତ୍ମା କବୀରଜୀ ନିଜର ଅଦ୍ଭୁତ ଲୀଳା ଠିକ୍ ସେହି ସମୟରେ କରୁଥାନ୍ତି ଯେଉଁ ସମୟରେ ଦିଲ୍ଲୀର ସମ୍ରାଟ୍ ସିକନ୍ଦର ଲୋଧୀ କାଶୀ ସହରକୁ ଆସନ୍ତି । ପରମେଶ୍ୱର ତ ଜାଣନ୍ତି, ଭିନ୍ନ ଭିନ୍ନ ଧର୍ମର ଯେତେ ବି ମାନବ ତଥା ଅନ୍ୟ ସମସ୍ତ ଜୀବ ତାଙ୍କ ନିଜ ସନ୍ତାନ ଅଟନ୍ତି । ତାଙ୍କ ବଚନ ଶକ୍ତିରୁ ହିଁ ସମସ୍ତେ ଉତ୍ପନ୍ନ ହୋଇଛନ୍ତି । ସମସ୍ତଙ୍କର ପିତା ହୋଇଥିବା କାରଣରୁ

ପରମେଶ୍ୱର କବୀରଜୀ ନିଜ ସନ୍ତାନମାନଙ୍କୁ କାଳବ୍ରହ୍ମର ବନ୍ଧନରୁ ମୁକ୍ତ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଥାନ୍ତି । କବୀର ପରମେଶ୍ୱର ଏହା ଚାହୁଁଥିଲେ ଯେ ରାଜା ସିକନ୍ଦରକୁ ଯେକୌଣସି ପ୍ରକାରେ ମୋ ସାମର୍ଥ୍ୟତାର ଜ୍ଞାନ ହୋଇଯାଉ ଏବଂ ସେ ଶାସନ କରୁଥିବା ଅଞ୍ଚଳରେ ମୋ ସତ୍ୟଜ୍ଞାନର ପ୍ରଚାରରେ ସହଯୋଗ କରିବା ସହିତ ନିଜର ମଧ୍ୟ କଲ୍ୟାଣ କରନ୍ତୁ ।

ଭାରତରେ ହିନ୍ଦୁ ଗୁରୁ-ବ୍ରାହ୍ମଣ ଏବଂ ମୁସଲମାନ କାଜୀ-ମୁଲ୍ଲାମାନଙ୍କ ମଧ୍ୟରେ କେବେ ବି ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ସ୍ଥାପିତ ହୋଇପାରୁନଥିଲା । ଧର୍ମ ନାମରେ ସେମାନେ ଝଗଡ଼ା ସୃଷ୍ଟି କରୁଥିଲେ । କିନ୍ତୁ କବୀରଜୀଙ୍କର କୌଣସି ତ୍ରୁଟି ଯେତେବେଳେ ସେମାନଙ୍କୁ ଦୃଷ୍ଟିଗୋଚର ହେଉଥିଲା ସେତେବେଳେ ସମସ୍ତେ ଏକ ହୋଇଯାଇ କବୀରଜୀଙ୍କୁ ଜୋରଦାର ବିରୋଧ କରୁଥିଲେ । ଏହାର କାରଣ ପରମାତ୍ମା କବୀରଜୀ ଉଭୟ ଧର୍ମର ପ୍ରଚାରକମାନଙ୍କର ଜ୍ଞାନକୁ ଭୁଲ୍ ବୋଲି ପ୍ରମାଣିତ କରିଦେଇଥିଲ । ସେ କହୁଥିଲେ ଯେ ଏହି ଧର୍ମପ୍ରଚାରକମାନଙ୍କୁ ନିଜ ଧର୍ମଗ୍ରନ୍ଥର ଜ୍ଞାନ ମଧ୍ୟ ଜଣାନାହିଁ । ସମସ୍ତେ ଶାସ୍ତ୍ରବିରୁଦ୍ଧ ଜ୍ଞାନ ଓ ଭକ୍ତିବିଧି ବତାଉଛନ୍ତି । ଯେଉଁ କାରଣରୁ ସାଧକକୁ ପରମାତ୍ମାଙ୍କ ତରଫରୁ କୌଣସି ଆଧ୍ୟାତ୍ମିକ ଲାଭ ମିଳୁନାହିଁ ।

କବୀରଜୀଙ୍କଠାରୁ ଦୀକ୍ଷା ନେଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ଲାଭ ମିଳୁଥିଲା । ଏହି କାରଣ ପାଇଁ ସେତେବେଳେ ପରମାତ୍ମା କବୀରଜୀଙ୍କର ଚୌଷଠି ଲକ୍ଷ ଶିଷ୍ୟ ହୋଇଯାଇଥିଲେ । ଦୀକ୍ଷା ନେବା ପୂର୍ବରୁ ସେମାନେ ମହାଦୁଃଖୀ ଥିଲେ । ଦୀକ୍ଷା ଓ ଆଶୀର୍ବାଦ ନେବାପରେ ସମସ୍ତଙ୍କର କଷ୍ଟ ଦୁର ହେବା ସହିତ ସମସ୍ତେ ସୁଖୀ ହୋଇଯାଇ ଥିଲେ । ସେସମୟରେ ଉଭୟ ହିନ୍ଦୁ ଓ ମୁସଲମାନ ବହୁ ସଂଖ୍ୟାରେ କବୀରଜୀଙ୍କର ଅନୁଗାମୀ ହୋଇଥିଲେ । ଯେଉଁ କାରଣ ପାଇଁ ସେହି ଭଣ୍ଡ ଧର୍ମପ୍ରଚାରକମାନେ କବୀରଜୀଙ୍କୁ ବହୁତ ଈର୍ଷା କରୁଥିଲେ ତେଣୁ ଏହି ଘଟଣା (ବେଶ୍ୟା ସହିତ ସଂପର୍କ) ପରେ ସେମାନଙ୍କୁ ବହୁତ ବଡ଼ ସୁଯୋଗ ମିଳିଗଲା । ସେମାନେ ବିଚାର କଲେ ଯେ ବର୍ତ୍ତମାନ ଦିଲ୍ଲୀର ବାଦଶାହା ଆସିଛନ୍ତି । ଆଜି ଏହି ବୁଣାକାରକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା । ଏହି ବିଚାର କରି ଉଭୟ ଧର୍ମର ଲୋକମାନେ ହଜାର ହଜାର ସଂଖ୍ୟାରେ ଏକତ୍ରିତ ହୋଇ ରାଜା ସିକନ୍ଦରକୁ ଭେଟିବା ପାଇଁ ବିଶ୍ରାମ ଗୃହକୁ ଗଲେ । କାରଣ ଜାଣିପାରି ରାଜା ସିକନ୍ଦର ଜନତାକୁ ଖୁସି କରିବା ପାଇଁ କହିଲେ ଯେ ବର୍ତ୍ତମାନ ସେହି କବୀରକୁ ଗିରଫ କରି ମୃତ୍ୟୁଦଣ୍ଡ ଦେବି । ସନ୍ଥ ରବିଦାସ ଏବଂ ପରମାତ୍ମା କବୀରଜୀଙ୍କୁ ପୋଲିସ ଧରି ଆଣିଲା । ସନ୍ଥ ରବିଦାସଙ୍କୁ ପୋଲିସ୍ ଛାଡ଼ିଦେଲା କାରଣ କବୀରଜୀ ନିଜର ସମସ୍ତ ଭୂଲ ସ୍ୱିକାର କରି ପୋଲିସ ସମ୍ମୁଖରେ କହିଲେ ଯେ ଏଥିରେ ନା ରବିଦାସଙ୍କର ଦୋଷ ଅଛି, ନା ଗଣିକା(ବେଶ୍ୟାର) ଦୋଷ ଅଛି, ସମସ୍ତ ଦୋଷ ମୁଁ କରିଛି । ଏହା ପୂର୍ବରୁ ସିକନ୍ଦର ଲୋଧୀର ଅସାଧ୍ୟ ରୋଗ ପରମେଶ୍ୱର କବୀରଜୀ ଆଶୀର୍ବାଦରୁ ଭଲ ହୋଇଥିଲା । ରାଜା ସମ୍ମୁଖରେ ପୁଅ କମାଲ, ଝିଅ କମାଲୀ ତଥା ସ୍ୱାମୀ ରାମାନନ୍ଦ ଯାହାଙ୍କୁ ସିକନ୍ଦର ଲୋଧୀ ନିଜେ ହତ୍ୟା କରିଦେଇଥିଲେ ତାଙ୍କୁ ମଧ୍ୟ ପରମାତ୍ମା ଜୀବିତ କରିଦେଇଥିଲେ । ରାଜା ସିକନ୍ଦର ମଧ୍ୟ କବୀରଜୀଙ୍କୁ ଗୁରୁ ମାନୁଥିଲା । କିନ୍ତୁ ଅଧିକ ଜନତାଙ୍କ ଉପସ୍ଥିତି ତଥା ଏହାକୁ ଏକ ଅକ୍ଷମଣୀୟ ଅପରାଧ ଭାବି ରାଜା ସିକନ୍ଦର ରାଜ୍ୟରେ ଆଇନ ବ୍ୟବସ୍ଥାକୁ ନିୟନ୍ତ୍ରଣରେ ରଖିବା ପାଇଁ କବୀର ପରମାତ୍ମଙ୍କୁ ବନ୍ଦୀ କରିଥିଲା । ତଥାପି କିଛି ଗୁରୁ ମର୍ଯ୍ୟାଦା ପ୍ରତି ଧ୍ୟାନ ରଖି ପ୍ରଶ୍ନ କଲେ ଯେ ହେ କବୀରଜୀ ! ଆପଣ ଜଣେ ସାଧୁ ବିଚାରଧାରର ବ୍ୟକ୍ତି ହୋଇ ଏପରି କାର୍ଯ୍ୟ କିପରି କଲେ ? ଶେଷରେ ଆପଣ ବେଶ୍ୟାକୁ ସାଥିରେ ଧରି ବୁଲିଲେ । ଆପଣ ଭକ୍ତି ଭୂଲି ଗଲେ । ଆପଣଙ୍କ ଭଜନ ଅର୍ଥାତ୍ ନାମ ଖଣ୍ଡିତ ହୋଇଗଲା । ଆପଣ ନିଜ ଭକ୍ତିର ସର୍ବନାଶ କଲେ । କବୀରଜୀ ଉତ୍ତର ଦେଲେ, ହେ ସିକନ୍ଦର ବାଦଶାହା ! ଆପଣଙ୍କ ପ୍ରଶ୍ନର ଉତ୍ତର ଶୁଣନ୍ତୁ । ଯେଉଁ ପରମେଶ୍ୱର ବ୍ରହ୍ମାଣ୍ଡଗୁଡିକୁ ତିଆରି କରି ସୁରକ୍ଷିତ ରଖିଛନ୍ତି ସେ ମୋର ମଧ୍ୟ ରକ୍ଷା କରିବେ । ରାଜା ସିକନ୍ଦର ଲୋଧୀ ଲୋକମାନଙ୍କୁ ଶାନ୍ତ କରିବା ପାଇଁ ନିଜେ କବୀର ପରମେଶ୍ୱରଙ୍କ ହାତରେ ହାତକଡ଼ି, ଗୋଡ଼ରେ ଲୁହା ଜଞ୍ଜିର ଓ ବେକରେ ଲୁହା ବଳା ପିନ୍ଧାଇ ଗଙ୍ଗାନଦୀ ମଧ୍ୟକୁ ପକାଇ

ମାରିଦେବାକୁ ଆଦେଶ ଦେଲା । ରାଜାଙ୍କ ଆଦେଶାନୁସାରେ ସୈନିକମାନେ କବୀରଜୀଙ୍କୁ ଗଙ୍ଗାନଦୀ ମଝିକୁ ନୌକା ଦ୍ୱାରା ନେଇଯାଇ ଜଳରେ ପକାଇଦେଲେ । କିନ୍ତୁ ପରମେଶ୍ୱର କବୀରଜୀଙ୍କ ହାତର ହାତକଡି, ଗୋଡର ଜଞ୍ଜିର ଓ ବେକର ଲୁହାବଳା ଆପେ ଛିଣ୍ଡିଯାଇ ଜଳରେ ପଡ଼ିଗଲା ଏବଂ ପରମାତ୍ମା କବୀରଜୀ ଜଳ ଉପରେ ବସିଗଲେ । ଏହା ଦେଖି କାଜୀ-ମୁଲ୍ଲାମାନେ କହିଲେ ଯେ ଇଏ ଯାଦୁ-ମନ୍ତ୍ର କରି ଜଳକୁ ବାନ୍ଧି ଦେଇଛି । ତେଣୁ ସେ ଜଳରେ ବୁଡୁନାହିଁ । କିଛି ସମୟ ପର୍ଯ୍ୟନ୍ତ କବୀରଜୀ ଜଳ ଉପରେ ବସିରହିଲେ । ତା'ପରେ ସେହି ସ୍ଥାନ ନିକଟକୁ ଚାଲି ଆସିଲେ ଯେଉଁଠାରୁ ତାଙ୍କୁ ନୌକାରେ ବସାଇ ନଦୀ ମଧ୍ୟକୁ ନିଆଯାଇଥିଲା । ସେହି ସ୍ଥାନରେ ଅର୍ଥାତ୍ ଗଙ୍ଗାନଦୀ କୂଳରେ ହଜାର ହଜାର ବ୍ୟକ୍ତି ଏହି ଘଟଣା ଦେଖିବା ପାଇଁ ଉପସ୍ଥିତ ଥିଲେ । ରାଜା ସିକନ୍ଦର ମଧ୍ୟ ଉପସ୍ଥିତ ଥିଲା । କାଜୀ, ମୁଲ୍ଲା ଓ ବ୍ରାହ୍ମଣମାନେ ବିଚାର ବିମର୍ଶ କରି ରାଜାକୁ କହିଲେ ଯେ ତାଙ୍କ ବେକରେ ଏକ ଓଜନିଆ ପଥର ବାନ୍ଧି ଗଙ୍ଗାନଦୀ ମଝିରେ ପୁନର୍ବାର ପକାଇ ଦିଆଯାଉ, ତା'ହେଲେ ସେ ବୁଡ଼ିବ । ଏକ ମୋଟା ଜଞ୍ଜିର ସାହାଯ୍ୟରେ ବଡ ଓଜନିଆ ପଥରଟିଏ କବୀରଜୀଙ୍କ ବେକରେ ବାନ୍ଧି ଦିଆଗଲା, ତା'ପରେ କବୀରଜୀଙ୍କୁ ନୌକାରେ ବସାଇ ଗଙ୍ଗାନଦୀ ମଝିକୁ ନେଇ ନୌକାରୁ ଠେଲିଦିଆଗଲା । ମାତ୍ର ଲୁହା ଜଞ୍ଜୀର ଛିଣ୍ଡିଗଲା । ପଥରଟି ଜଳ ଉପରେ ଭାସି-ଭାସି କ୍ଷୀପ୍ର ଗତିରେ ସିକନ୍ଦର ରାଜା ଆଡ଼କୁ ଆସିଲା । କବୀରଜୀ ଜଳ ଉପରେ ସୁଖାସନ ମୁଦ୍ରାରେ ବସିଗଲେ । ତଳେ ଅମାପ ଜଳରାଶି ପ୍ରବାହିତ ହେଉଥାଏ । ପରମାତ୍ମା କବୀରଜୀ ଜଳରେ ବୁଡ଼ିଲେ ନାହିଁ । ଜଳ ଲହରୀ ପରମେଶ୍ୱରଙ୍କ ଚରଣ ସ୍ପର୍ଶକରି କୁଳୁ-କୁଳୁ ନାଦ କରି ପ୍ରବାହିତ ହେଉଥିଲା । ରାଜା ପୁଣି ଆଦେଶ ଦେଲା ଯେ ଧନୁ ତୀର ମାରି ଏହାକୁ ହତ୍ୟା କର, ବହୁତ ସମୟ ପର୍ଯ୍ୟନ୍ତ ତୀର-ବାଣ ଦ୍ୱାରା ଆକ୍ରମଣ କଲେ କିନ୍ତୁ କବୀରଜୀଙ୍କର କିଛି ବି କ୍ଷତି ହେଲା ନାହିଁ । ତା'ପରେ ତୋପ (କମାଣ) ଅଣାଗଲା । ଉଭୟ ତୋପଗୋଳା ଓ ତୀର ଦ୍ୱାରା ଆକ୍ରମଣ କରାଗଲା, କିନ୍ତୁ କୌଣସି ଗୋଟିଏ ବି ମାରଣାସ୍ତ୍ର କବୀରଜୀଙ୍କ ନିକଟକୁ ପହଞ୍ଚି ପାରୁ ନ ଥାଏ, କିଛି ଗୋଳା ସେହି ନଦୀ କଡ଼ରେ ପଡିଥିଲା ତ କିଛି ଦୂରରେ ଯାଇପଡ଼ିଥିଲା । କିଛି ତୋପ ଗୋଳା ଦୂରରେ ଥିବା ପୋଖରୀରେ ପଡ଼ିଥିଲା ଯାହା ଦ୍ୱାରା ପୋଖରି ଜଳ ସୁଖିଯାଇଥିଲା । କିଛି ତୋପ ଗୋଳା ଡ଼ାହାଣ ପଟେ ପଡୁଥାଏ ତ କିଛି ବାମ ପଟେ । କୌଣସି ଗୋଟିଏ ବି ତୋପ ଗୋଳା କିମ୍ବା ତୀର ପରମାତ୍ମା କବୀରଜୀଙ୍କ ପର୍ଯ୍ୟନ୍ତ ପହଞ୍ଚିପାରୁନଥାଏ । ଚାରି ପ୍ରହର ଅର୍ଥାତ ୧୨ ଘଣ୍ଟା ପର୍ଯ୍ୟନ୍ତ ଏହିଭଳି ଚେଷ୍ଟା ଚାଲିଲା କିନ୍ତୁ କବୀର ପରମାତ୍ମା ମଲେ ନାହିଁ । ପୂର୍ଣ୍ଣ ପରମାତ୍ମା କବୀରଜୀ ଅବିନାଶୀ ଅଟନ୍ତି । ଅବିନାଶୀକୁ କିଏ ବା ମାରିପାରିବ ? ସେ ଲୀଳାକରି ଜନତାଙ୍କୁ ନିଜ ସାମର୍ଥ୍ୟର ପରିଚୟ ଦେଉଥିଲେ, କିନ୍ତୁ କାଳବ୍ରହ୍ମ ସମସ୍ତଙ୍କର ବୁଦ୍ଧି ହରଣ କରିନେଇଥିଲା । କାହା ମନକୁ ଏହି ବିଚାର ଆସିଲା ନାହିଁ ଯେ ଇଏ କୌଣସି ସାମାନ୍ୟ ବ୍ୟକ୍ତି ନୁହଁନ୍ତି । ରାଜା ଓ ପ୍ରଜା ଚେଷ୍ଟା କରି ସମସ୍ତେ ଥକିଗଲେ ଏବଂ କହିବାକୁ ଲାଗିଲେ ଯେ ଏହି ବ୍ୟକ୍ତିକୁ କିପରି ମାରିବା ? ସମସ୍ତ ପ୍ରକାରର ନିର୍ଯ୍ୟାତନା ଦେଇସାରିବା ପରେ ଯେତେବେଳେ ସେମାନେ ଥକିଗଲେ ସେତେବେଳେ ପରମାତ୍ମା କବୀରଜୀ ସ୍ୱୟଂ ଗଙ୍ଗାନଦୀରେ ବୁଡିଗଲେ । ସେଠାରେ ଉପସ୍ଥିତ ଜନତା ଓ ରାଜା ଭାବିଲେ ଯେ କବୀର ଜଳରେ ବୁଡ଼ି ମରିଗଲା, ତା' ଶବ ଉପରେ ବାଲି ଏବଂ ପଟୁ ଚଢିଯାଇଥିବ । କବୀରଜୀଙ୍କ ମରିଯିବା ଖୁସିରେ ଲୋକେ ଢୋଲ ବଜାଇ ନାଚିବା-ଗାଇବା ଆରମ୍ଭ କରିଦେଲେ, ମିଠା ବାଣ୍ଟିବାକୁ ଲାଗିଲେ । ଏହାପରେ ରାଜା ନିଜ ବିଶ୍ରାମ ଗୃହକୁ ଚାଲିଗଲା । ସେପଟେ କାଜୀ, ମୁଲ୍ଲା ଓ ପଣ୍ଡିତଗଣ ସମସ୍ତେ ଏକାଠି ହୋଇ ରବିଦାସଙ୍କ ଘରକୁ ଗଲେ । ସେଠାରେ ଘର ଭିତରୁ କବୀରଜୀଙ୍କର ପାଟି ସେମାନଙ୍କୁ ଶୁଣାଗଲା । ପରମାତ୍ମାଙ୍କ ମହିମାର ଶବ୍ଦ(କବିତା) ସେ ଗାଉଥିଲେ । ସେମାନେ ରବିଦାସଙ୍କୁ ଏହା ଜଣାଇବା ପାଇଁ ସେଠାକୁ ଯାଇଥିଲେ ଯେ ଯାହାକୁ ଆପଣ ଅବିନାଶୀ ବୋଲି କହୁଥିଲେ, ସେହି କବୀର ମରିଯାଇଛି । କିନ୍ତୁ ଘର ଭିତରକୁ ଯାଇ ଦେଖନ୍ତି ତ ରବିଦାସଜୀଙ୍କ ପାଖରେ କବୀରଜୀ ବସିଥିଲେ, ଦୁହେଁ ଶବ୍ଦ(କବିତା) ଗାଉଥିଲେ । ଏହି ଦୃଶ୍ୟ ଦେଖି ସେମାନେ ଫେରିଯାଇ ସିକନ୍ଦରକୁ

ଜଣାଇଲେ ଯେ କବୀର ମରିନାହିଁ । ସେ ତ ରବିଦାସଙ୍କ ଘରେ ବସିଛି । ଏକଥା ଶୁଣି କାଶୀ ନଗରର ହଜାର-ହଜାର କାଜୀ, ମୁଲ୍ଲା, ପଣ୍ଡିତ ଓ ଜନତା ରବିଦାସଙ୍କ ଘରକୁ ଗଲେ । ସେଠାରେ କିନ୍ତୁ ସେମାନେ କବୀରଜୀଙ୍କୁ ଦେଖିବାକୁ ପାଇଲେ ନାହିଁ । ରବିଦାସଙ୍କୁ ପଚାରିଲେ ଯେ କବୀର କେଉଁଠି ଅଛି । ରବିଦାସ ଉତ୍ତର ଦେଲେ, ଏବେ ମୋ ପାଖରୁ ସେ ଚାଲିଗଲେ, କହୁଥିଲେ ଯାଉଛି ଗଙ୍ଗାରେ ସ୍ନାନ କରିଆସିବି । ରାଜା ଓ ସମସ୍ତ ବ୍ୟକ୍ତି ପୁନର୍ବାର ସେହି ଗଙ୍ଗାତଟକୁ ଯାଇ ଦେଖନ୍ତି ତ ପରମାତ୍ମା କବୀରଜୀ ଜଳ ଉପରେ ପୁର୍ବଭଳି ବସିଛନ୍ତି । ଛୋଟ ଜଳଜାହାଜରେ ନାବିକ ସହିତ କିଛି ବ୍ୟକ୍ତି କବୀରଜୀଙ୍କ ନିକଟକୁ ଗଲେ ଏବଂ କହିଲେ, ଆପଣଙ୍କୁ ରାଜା ସିକନ୍ଦର ଡ଼ାକୁଛନ୍ତି । ଜଞ୍ଜିର ସାହାଯ୍ୟରେ ଏକ ସିଡି ବାନ୍ଧି ଜାହାଜରୁ ଜଳ ମଧ୍ୟକୁ ସଂଯୋଗ କରାଗଲା । କବୀରଜୀ ସିଡି ଚଢି ଜାହାଜରେ ବସି ଗଙ୍ଗାନଦୀ ବାହାରକୁ ଆସିବା କ୍ଷଣି ତାଙ୍କୁ ତୁରନ୍ତ ବନ୍ଦି ଅର୍ଥାତ୍ ଗିରଫ କରାଗଲା ।

''କବୀର ପରମେଶ୍ୱରଙ୍କୁ ଦନ୍ତାହାତୀ ଦ୍ୱାରା ମାରିବାର କୁଚେଷ୍ଟା''

ଖୁନୀ ହାତୀ ମସ୍ତ ହେ, ପଗ ବନ୍ଧେ ଜଞ୍ଜୀର ।
ଗରୀବ ଦାସ ଜହାଁ ଡ଼ାରିୟା, ମସକ ବାନ୍ଧି କବୀର ॥ ୭୬୭ ॥
ସିଂହ ରୂପ ସାହିବ ଧରୟା, ଭାଗେ ଉଲଟେ ଫୀଲ ।
ଗରୀବ ଦାସ ନେହାଁ ସମଝତୀ, ଯାହ ଦୁନିଆ ଖଲୀଲ ॥ ୭୬୮ ॥
ବନେ କେହରୀ ସିଂହ ଜିତ, ଚୋଁର ଶିଖର ଅସମାନ ।
ଗରୀବ ଦାସ ହସ୍ତି ଲଖ୍ୟା, ଦୀଖେ ନହାଁ ଜିହାଁନ ॥ ୭୬୯॥
କୂଟେ ଶୀଶ ମହାବନ୍ତ, ଅଙ୍କୁଶ ଶୀର ଗରଗାପ ।
ଗରୀବଦାସ ଉଲ୍‌ଟା ଭଗୈ, ତାରୀ ଦୀଜୈଁ ଥାପ ॥ ୭୭୦ ॥
ଭାଲେ କୋଖୌଁ ମାରିୟେ, ଚରଖୀ ଛୂଟେଁ ପାଖ ॥
ଗରୀବ ଦାସ ନେହାଁ ନିକଟ ଜାୟ, କିଲକୀ ଦେବୈଁ ଲାଖ ॥ ୭୭୧॥
ଜୈସୀ ଭକ୍ତି କବୀର କୀ, ଐସୀ କରୈ ନା କୋୟ ।
ଗରୀବ ଦାସ କୁଞ୍ଜର ଥକେ, ଉଲଟେ ଭାଗେ ରୋୟ ॥ ୭୭୨॥
ଦୁମ ଗୋବୈଁ ମୁଣ୍ଡୀ ଧୁନୈଁ, ସେନ ନା ସମଝୌ ଏକ ।
ଗରୀବ ଦାସ ଦୀଖୈ ନେହୀ, ଆଗୈ ଖଡ଼ା ଅଲେଖ ॥ ୭୭୩ ॥
ପୀଲବାନ ଦେଖ୍ୟା ତବୈ, ଖଡ଼ା କେଦରୀ ସିଙ୍ଘ ।
ଗରୀବ ଦାସ ଆୟେ ତହାଁ, ଧରି ମୌଲା ବହୁ ରଙ୍ଗ ॥ ୭୭୪ ॥
ଉତରେ ମୌଲା ଅରସ ତୈଁ, ଭାବ ଭକ୍ତି କେ ହେତ ।
ଗରୀବ ଦାସ ତବ ଶାହା ଲଖେ, କବୀର ପୁରୁଷ ସହେତ ॥ ୭୭୫॥
ଲୀଲା କୀ କବୀର ନେ, ଦୋ ରୂପ ମୈଁ ରହେ ଦାସ ।
ଦାସଗରୀବ କବୀର କୈ, ପାସ ଖଡ଼େ ଜଗଦୀଶ ॥ ୭୭୬॥
ଜଁଭାଇ ଅଙ୍ଗଡ଼ାଇୟାଁ, ଲମ୍ବେ ଭୟେ ଦୟାଲ ।
ଗରୀବଦାସ ଉସ ଶାହ କୁଁ, ମାନୌଁ ଦଶ୍ୟାଁ କାଲ ॥ ୭୭୭॥
କୋଟି ଚନ୍ଦ୍ର ଶଶି ଭାନ ମୁଖ, ଗିରଦ କୁଣ୍ଡ ଦୁମ ଲୀଲ ।
ଗରୀବ ଦାସ ତହାଁ ନା ଟିକେ, ଭାଗି ଗୟେ ରନଫୀଲ ॥ ୭୭୮॥
ନୟନ ଲାଲ ଭୌଁହ ପୀତ ହେଁ, ଡୁଙ୍ଗର ନକ ପହାର ।
ଗରୀବ ଦାସ ଉସ ଶାହ କୁଁ, ସିଂହ ରୂପ ଦୀଦାର ॥ ୭୭୯॥
ମସ୍ତକ ଶିଖର ସ୍ୱର୍ଗ ଲଗ, ଦୀରଘ ଦେହ ବିଲନ୍ଦ ।
ଗରୀବ ଦାସ ହରି ଉତରେ, କାଟନ ଜମ କେ ଫନ୍ଦ ॥ ୭୮୦॥

ଗିରଦ ନାଭି ନିରଭୈ କଲା, ଦୁଦକାରୈ ନହୀଁ କୋୟ ।
ଗରୀବ ଦାସ ତ୍ରିଲୋକ ମେଁ, ଗାଜ ତାସ କୀ ହୋୟ ॥ ୭୮୧॥
ଜ୍ୟୁଁ ନରସିଂହ ପ୍ରହଲାଦକେ, ଯୂଁ ୱହ ନରସିଂହ ଏକ ।
ଗରୀବ ଦାସ ହରି ଆଇୟା, ରାଖନ ଜନକୀ ଟେକ । ୭୮୨॥
ବାର -ବାର ସତାୟ କର, ମସ୍ତକ ଲୀନା ଭାର ।
ଗରୀବ ଦାସ ଶାହା ୟୋଁ କହୈ, ବକ୍‌ସୋ ଇବକୀ ବାର ॥ ୭୮୩॥
ତହା ସିଂହ ଲ୍ୟାଲୀନ ହୁଆ, ପରଚା ଇବକୀ ବାର ।
ଗରୀବ ଦାସ ଶାହା ୟୋଁ କହେ, ଆଲ୍ଲାହ ଦିଆ ଦୀଦାର ॥ ୭୮୪॥
ସୁନ କାଶୀ କେ ପଣ୍ଡିତୋ, କାଜୀ ମୁଲ୍ଲା ପୀର ।
ଗରୀବ ଦାସ ଇସକେ ଚରଣ ଲ୍ୟାହ, ଅଲହ ଅଲେଖ କବୀର ॥ ୭୮୫ ॥
ୟୋହ କବୀର ଆଲ୍ଲାହ ହୈ, ଉତରେ କାଶୀ ଧାମ ।
ଗରୀବ ଦାସ ଶାହା ୟୋଁ କହେଁ, ଝଗର ମୂଂୟେ ବେ କାମ । ୭୮୬॥
କାଜୀ ପଣ୍ଡିତ ରୁଠିଆ, ହମ ତ୍ୟାଗ୍ୟା ୟୋହ ଦେଶ ।
ଗରୀବ ଦାସ ଷଟଦଲ କହୈଁ, ଜାଦୁ ସିହର ହମେଶ ॥ ୭୮୭ ॥
ଇନ ଜାଦୁ ଜନ୍ତର କିୟା, ହସ୍ତୀ ଦୀୟା ଭଗାୟ ।
ଗରୀବ ଦାସ ଇତ ନା ରହୈଁ, କାଶୀ ବିଡରୀ ଜାୟ ॥ ୭୮୮॥
କାଶୀ ବିଡରୀ ଚହୌଁ ଦିଶା, ଥାଁଭନ ହାରା ଏକ ।
ଗରୀବଦାସ କୈସେ ଥମ୍ଭୈ, ବିଡ଼ରେ ବୌହତ ଅନେକ ॥ ୭୮୯॥

ଶବ୍ଦାର୍ଥ:- ବାଣୀ ନଂ. ୭୬୭-୭୮୯:- ପରମାତ୍ମା କବୀରଜୀଙ୍କର ହାତ-ଗୋଡ଼ ବନ୍ଧାଗଲା । ତାଙ୍କୁ ଏକ ପଡ଼ିଆ ଭିତରେ ପକାଇ ଦିଆଗଲା ଯେଉଁଠି ବଡ଼-ବଡ଼ ଅପରାଧୀମାନଙ୍କୁ କଠୋର ଦଣ୍ଡ ଦିଆଯାଇଥାଏ । ବର୍ତ୍ତମାନ ସମୟର ଖେଳ ଷ୍ଟାଡ଼ିୟମ ଭଳି ସେହି ପଡ଼ିଆରେ ରାଜା ଓ ଉଚ୍ଚ ପଦାଧିକାରୀ ବ୍ୟକ୍ତିମାନେ ଷ୍ଟେଜ ଉପରେ ବସିବା ସହିତ ଦର୍ଶକ ଚାରିପଟେ ଛିଡ଼ା ହୋଇଥାନ୍ତି । ମଣିଷକୁ ମାରିବା ପାଇଁ ହାତୀକୁ ପ୍ରଶିକ୍ଷିତ କରାଯାଇଥାଏ । ମଦ ଓ ରକ୍ତ ପିଇବାର ଶିକ୍ଷା ହାତୀକୁ ଦିଆଯାଇଥାଏ । ହାତୀ ସେଥିରେ ଅଭ୍ୟସ୍ତ ହୋଇଯାଇଥାଏ । ସେହି ହାତୀକୁ ଖୁନୀ (ହତ୍ୟାକାରି) ହାତୀ କୁହାଯାଇଥାଏ । ରାଜା ସିକନ୍ଦର ଓ ମନ୍ତ୍ରୀଗଣ ବସିଥାନ୍ତି । ଚତୁର୍ପାର୍ଶ୍ୱରେ ପ୍ରଜା ଛିଡ଼ାହୋଇଥାନ୍ତି । କବୀରଜୀଙ୍କୁ ମାରିବା ପାଇଁ ମାହୁନ୍ତ ଏକ ଖୁନୀ ହାତୀକୁ ତାଙ୍କ ଆଡକୁ ଆଣିବା ସମୟରେ ପରମେଶ୍ୱର କବୀରଜୀ ଏକ ସିଂହ ରୂପ ଦେଖାଇଲେ ଯାହା କେବଳ ହାତୀକୁ ଦେଖାଯାଉଥିଲା । ହାତୀ ମଦ ପିଇଥିଲା । ସିଂହକୁ ଦେଖି ଭୟରେ ବିପରିତ ଦିଗକୁ ଦୌଡ଼ିଲା । ମାହୁନ୍ତ ହାତୀକୁ ବର୍ଛାମାରି ବହୁତ ଚେଷ୍ଟା କଲା କିନ୍ତୁ ହାତୀ କବୀରଜୀଙ୍କ ଆଡକୁ ଆଦୌ ଗଲା ନାହିଁ । ପରମାତ୍ମା କବୀରଜୀ ମାହୁନ୍ତକୁ ମଧ୍ୟ ସିଂହ ଛିଡ଼ା ହୋଇଥିବାର ଦୃଶ୍ୟ ଦେଖାଇଲେ । ମାହୁନ୍ତ ହାତୀ ପିଠିରୁ ଖସି ପଡ଼ିଲା ଏବଂ ହାତୀ ପଳାୟନ କରିବାକୁ ଲାଗିଲା । ପରମାତ୍ମା କବୀରଜୀଙ୍କ ବନ୍ଧନ ଛିଣ୍ଡିଗଲା ଏବଂ ସେ ଉଠି ଛିଡ଼ାହୋଇଗଲେ । ଛିଡ଼ା ହୋଇ ଅଳସ ଭାଙ୍ଗି ହାଇ ମାରିଲେ । ସଙ୍ଗେ ସଙ୍ଗେ ବହୁତ ଲମ୍ବା ହୋଇଗଲେ, ମସ୍ତକ ଆକାଶକୁ ଛୁଉଁଥାଏ । ଅସଂଖ୍ୟ ସୂର୍ଯ୍ୟର ଆଲୋକ ଶରୀରରୁ ବାହାରୁଥାଏ । ତାହା କେବଳ ରାଜା ସିକନ୍ଦରକୁ ଦେଖାଯାଉଥାଏ । ରାଜା ଭୟଭୀତ ହୋଇ ସିଂହାସନରୁ ଉଠି ପଡ଼ିଆ ମଧ୍ୟକୁ ଆସିଲା ଏବଂ କହିଲା, ମୋ ଜୀବନ ରକ୍ଷା କରନ୍ତୁ ପ୍ରଭୁ, ମୋ ଦ୍ୱାରା ବହୁତ ବଡ଼ ଭୁଲ ହୋଇସାରିଛି । ମୋତେ ପରମାତ୍ମଙ୍କର ଦର୍ଶନ ହୋଇସାରିଛି । ସେଠାରେ ଉପସ୍ଥିତ ଜନତାକୁ ରାଜା କହିଲା; ଇଏ ଆଲ୍ଲାହୁ ଆକବର୍ ଅଟନ୍ତି । କବୀର ରୂପରେ ପୃଥିବୀକୁ ଆସିଛନ୍ତି । ପରମାତ୍ମାଙ୍କ ଚରଣ ସ୍ପର୍ଶ କରି ନିଜର କଲ୍ୟାଣ କରାଅ । ପରନ୍ତୁ କର୍ମହୀନ କାଜୀ-ମୁଲ୍ଲା ଓ ପଣ୍ଡିତମାନେ କହିବାକୁ ଲାଗିଲେ ଯେ କବୀର ଯାଦୁ-ମନ୍ତ୍ର କରି ହାତୀକୁ ଏଠାରୁ ବିତାଡିତ କରିଦେଲା । ଆମ୍ଭେ ଏଠାରୁ

ଯାଉଛୁ । ଏହା କହି ସେହି ପାପୀ ଆତ୍ମାଗଣ ସେଠାରୁ ଚାଲିଗଲେ । ତା'ପରେ ପରମାତ୍ମା ନିଜ ଶରୀରକୁ ପୂର୍ବବତ୍ ସାମାନ୍ୟ କରିଦେଲେ । ସିଂହକୁ ଅଦୃଶ୍ୟ କରିଦେଇ ନିଜ କୁଟୀରକୁ ଚାଲିଗଲେ ।

''ଦୀକ୍ଷା ପ୍ରାପ୍ତି ପଶ୍ଚାତ୍''

ପୂର୍ଣ୍ଣ ଗୁରୁଦେବଙ୍କଠାରୁ ଦୀକ୍ଷା ପ୍ରାପ୍ତିକରି ପୂର୍ଣ୍ଣ ବିଶ୍ୱାସର ସହିତ ଗୁରୁଦେବଙ୍କ ଦ୍ୱାରା ନିର୍ଦ୍ଦେଶିତ ସାଧନା ନିଷ୍ଠାର ସହିତ କରନ୍ତୁ ।

➤କବୀରଜୀ କହିଛନ୍ତି ଯେ :- ୧. ଧୈର୍ଯ୍ୟ ଧରନ୍ତୁ ।

କବୀର, ଧୀରେ - ଧୀରେ ରେ ମନା, ଧୀରେ ସବ୍ କୁଛ୍ ହୋୟ ।
ମାଲୀ ସୀଞ୍ଚେ ସୌଁ ଘଡ଼ା, ସମୟ ଆଏ ଫଲ୍ ହୋୟ ॥

ଭାବାର୍ଥ:- ଯେପରି ମାଳି ଆମ୍ବ ଟାକୁଆ ପୋତି ସେଥିରେ ଜଳ ସିଞ୍ଚନ କରିଥାଏ । କିଛି ଦିନ ପରେ ସେଥିରୁ ଗଜା ବାହାରିଥାଏ । ଗଜା ବାହାରିବା ପରେ ମଧ୍ୟ ସେଥିରେ ଆବଶ୍ୟକତା ଅନୁସାରେ ପାଣି ଦେବା ଜାରି ରଖିଥାଏ । ସୁରକ୍ଷା ପାଇଁ କଣ୍ଟା ଘେରା ଦେଇ ବାଡ଼ କରିଥାଏ । ଏକ ଆମ୍ବ ଚାରା ଗଛରେ ପରିଣତ ହେବାକୁ ପ୍ରାୟ ୮-୧୦ ବର୍ଷ ସମୟ ଲାଗିଯାଇଥାଏ । ମାଳି ସେପର୍ଯ୍ୟନ୍ତ (ଚାରା ରୋପଣକାରୀ ବଗିଚାର ମାଲିକ କିମ୍ବା ଚାକର) ସେହି ଚାରା ମୂଳରେ ପାଣି ଦେବା ଜାରି ରଖିଥାଏ । ଚାରା ଆମ୍ବଗଛରେ ପରିଣତ ହେବାପରେ ସେଥିରେ ଆମ୍ବ ଫଳିବା ଆରମ୍ଭ ହୋଇଥାଏ । ଏତେ ଆମ୍ବ ଫଳିଥାଏ ଯେ ନିଜ ପରିବାର ଲୋକେ ଖାଇବା ସହିତ ଆମ୍ବ ବିକ୍ରି କରି ନିଜ ଗୁଜୁରାଣ ମଧ୍ୟ ମେଣ୍ଟାଇଥାଏ । ଠିକ୍ ଏହିଭଳି ଭକ୍ତି ନାମ ରୂପକ ବିଜବପନ ଅର୍ଥାତ ମନ୍ତ୍ରଦୀକ୍ଷା ନେଇ ସୁମିରଣ କରିବା ସହିତ ଦାନ ରୂପକ ଜଳ ସିଞ୍ଚନ ଜାରି ରଖିବା ଉଚିତ୍ । ଆମ୍ବ ଚାରା ଭଳି ଭକ୍ତି ରୂପକ ଚାରାଟି ଧିରେ ଧିରେ ବିଶାଳ ଗଛରେ ପରିଣତ ହୋଇଯିବା ପରେ ସୁଖର ସାମ୍ରାଜ୍ୟ ସୃଷ୍ଟି ହେବ । ଯେପରି ଆମ୍ବ ଗଛରେ ଟନ୍ ଟନ୍ ଆମ୍ବ ଫଳିଥାଏ, ସେହି ଆମ୍ବ ଖାଇବା ଏବଂ ବିକ୍ରି କରି ଧନ ମଧ୍ୟ ଉପାର୍ଜନ କରିବା । ଠିକ୍ ସେହିପରି ଭକ୍ତକୁ ମଧ୍ୟ ଧୈର୍ଯ୍ୟ ରଖିବା ଉଚିତ୍ । ଭକ୍ତିର ଫଳ ଧିରେ-ଧିରେ ମିଳିଥାଏ ।

➤ ୨.ବିଶ୍ୱାସ :- ପରମାତ୍ମାଙ୍କ ଭକ୍ତରି ଲାଭ ତାକୁ ହିଁ ମିଳିଥାଏ ଯିଏ ପରମାତ୍ମାଙ୍କ ମହିମା ପ୍ରତି ସମ୍ପୂର୍ଣ୍ଣ ବିଶ୍ୱାସ ରଖିଥାଏ ।

''ପରମାତ୍ମାଙ୍କ ପାଇଁ କିଛି ବି ଅସମ୍ଭବ ନୁହେଁ''

ଏକ ନଗର ବାହାରେ ଥିବା ଏକ ଜଙ୍ଗଲରେ ଦୁଇଜଣ ମହାତ୍ମା ସାଧନା କରୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଚାଳିଶ ବର୍ଷ ପୁର୍ବେ ଓ ଅନ୍ୟ ଜଣେ ଦୁଇବର୍ଷ ପୁର୍ବେ ଘର ତ୍ୟାଗ କରି ସାଧନା କରୁଥିଲା । ପ୍ରତିଦିନ ପରମାତ୍ମାଙ୍କ ଦରବାରରୁ ଜଣେ ଦେବଦୂତ ସେହି ଦୁଇ ସାଧକଙ୍କ ପାଖକୁ ଆସି କିଛି ସମୟ ବିତାଉଥିଲେ । ଦୁଇଜଣଙ୍କ ମଧ୍ୟରୁ ବଡ଼ ସାଧକର ଆଶ୍ରମଟି ଗାଁର ପଶ୍ଚମ ଦିଗରେ ଥିଲା ଓ ଛୋଟ ସାଧକର ଆଶ୍ରମଟି ଗାଁର ପୂର୍ବ ଦିଗରେ ଥିବା ଜଙ୍ଗଲ ମଧ୍ୟରେ ଥିଲା ।

ଦେବଦୂତ ପ୍ରତିଦିନ ଏକ-ଏକ ଘଣ୍ଟା ପାଇଁ ଉଭୟଙ୍କ ପାଖରେ ସମୟ ଅତିବାହିତ କରନ୍ତି । ସେହି ସମୟରେ ପରମାତ୍ମାଙ୍କର ଚର୍ଚ୍ଚା ଚାଲେ । ଦୁଇ ସାଧକଙ୍କର ସମୟ ଭଲରେ କଟିଥାଏ । ଦିନେ ଦେବଦୂତ ଭଗବାନ ବିଷ୍ଣୁଙ୍କୁ କହିଲେ, ଭଗବାନ ! କପିଳା ନଗରୀ ବାହାରେ ଆପଣଙ୍କର ଦୁଇ ପରମ ଭକ୍ତ ଅଛନ୍ତି । ଶ୍ରୀ ବିଷ୍ଣୁ କହିଲେ, ଜଣେ ପରମ ଭକ୍ତ, ଅନ୍ୟ ଜଣେ ଲୋକ ଦେଖାଣିଆ ଭକ୍ତ ଅଟେ । ଦେବଦୂତ ବିଚାର କଲେ ଯେ ଯିଏ ଦୀର୍ଘ ଚାଳିଷ ବର୍ଷରୁ ସାଧନାରତ ସେ ନିଶ୍ଚେ ଦୃଢ ଭକ୍ତ ହୋଇଥିବ କାରଣ ଲମ୍ବା-ଲମ୍ବା ଦାଢ଼ି ସହିତ ମୁଣ୍ଡରେ ବହୁତ ବଡ଼ ଜଟା ଅଛି । ଆଉ ଚାଳିଷ ବର୍ଷର ସାଧନା ନିଶ୍ଚେ ଏକ ଲମ୍ବା ସମୟ ଅଟେ । ଦେବଦୂତ କହିଲା, ପ୍ରଭୁ ! ଯିଏ ଦୀର୍ଘ ଚାଳିଷ ବର୍ଷ ଧରି ଆପଣଙ୍କ ଭକ୍ତି କରୁଛି ସେ ନିଶ୍ଚେ ପରମ ଭକ୍ତ ହୋଇଥିବ । ପ୍ରଭୁ କହିଲେ, ନାଁ ! ଯିଏ ଦୁଇବର୍ଷରୁ ସାଧନା କରୁଛି ସେ ହିଁ ପରମ ଭକ୍ତ । ପ୍ରଭୁ ପ୍ରଶ୍ନ କଲେ, ଦେବଦୂତ ! ମୋ କଥାରେ ବିଶ୍ୱାସ ହେଉ ନାହିଁ କି ? ଦେବଦୂତ କହିଲା, ନାଁ ପ୍ରଭୁ ସେମିତି କିଛି ନୁହେଁ କିନ୍ତୁ ମୋ

ତୁଚ୍ଛ ବୁଦ୍ଧି ଏହା କହୁଛି ଯେ ଅଧିକ ବୟସ୍କ ସେହି ଭକ୍ତ ମଧ୍ୟ ଉତ୍ତମ ଭକ୍ତ ଅଟେ । ଶ୍ରୀ ବିଷ୍ଣୁ କହିଲେ ଆସନ୍ତା କାଲି ତୁମେ ଟିକେ ବିଳମ୍ବରେ ପୃଥିବୀ ପୃଷ୍ଠକୁ ଯିବ । ବିଳମ୍ବରେ ଆସିବାର କାରଣ ବିଷୟରେ ଦୁହେଁ ପଚାରିଲେ ତୁମେ କହିବ ଯେ ଆଜି ପ୍ରଭୂଙ୍କ ଦ୍ୱାରା ଗୋଟିଏ ହାତୀକୁ ଛୁଞ୍ଚୀ କଣା ମଧ୍ୟରେ ବାହାର କରିବାର ଥିଲା । ସେହି ଲୀଳା ଦେଖିକରି ଆସିଲି । ସେହି କାରଣରୁ ଆସିବାରେ ବିଳମ୍ବ ହୋଇଗଲା । ସେମାନଙ୍କ ତରଫରୁ ଯେଉଁ ଉତ୍ତର ମିଳିବ ସେଥିରୁ ତୁମକୁ ଜଣା ପଡ଼ିଯିବ ଯେ ପରମ ଭକ୍ତ କିଏ । ଦେବଦୂତ ପ୍ରତିଦିନ ପ୍ରାୟ ସକାଳ ୮ଟା ସମୟରେ ଛୋଟ ସାଧୁ ନିକଟକୁ ଓ ଦିବା ୧୦ଟା ସମୟରେ ବୟସ୍କ ସାଧୁ ନିକଟକୁ ଯାଇଥାନ୍ତି । ତହିଁ ପରଦିନ ଶ୍ରୀ ବିଷ୍ଣୁଙ୍କ ଆଦେଶାନୁସାରେ ଦେବଦୂତ ବିଳମ୍ବରେ ଦିନ ୧୨ଟାରେ ବୟସ୍କ ସାଧୁଙ୍କ ନିକଟରେ ପହଞ୍ଚିଲେ । ବିଳମ୍ବରେ ଆସିବାର କାରଣ ପଚାରିବାରୁ ଦେବଦୂତ କହିଲେ ଯେ ଆଜି ଦିନ ୧୧:୩୦ ସମୟରେ ପରମାତ୍ମା ଏକ ଲୀଳା କରିବାର ଥିଲା, ସେହି ଲୀଳା ଦେଖିସାରି ଆସିଲି । ଏହା ଶୁଣି ୪୦ ବର୍ଷୀୟ ସାଧୁ ପ୍ରଶ୍ନ କଲା କି ପ୍ରଭୁ କେଉଁ ଲୀଳା କରିଥିଲେ ? ଟିକେ କୁହନ୍ତୁ । ଦେବଦୂତ କହିଲେ ଶ୍ରୀ ବିଷ୍ଣୁଜୀ ଚମତ୍କାର କରିଦେଲେ, ଗୋଟିଏ ହାତୀକୁ ଛୁଞ୍ଚି କଣା ଭିତର ଦେଇ ବାହରକୁ ବାହାର କରିଦେଲେ । ଏହା ଶୁଣି ଭକ୍ତ କହିଲା, ଦେବଦୂତ ! ଏପରି ମିଛ କୁହ, ଯେଉଁ କଥା ଶୁଣି ଅନ୍ୟକୁ ବିଶ୍ୱାସ ହେଉଥିବ । ଛୁଞ୍ଚି କଣା ଭିତର ଦେଇ ହାତୀ ବାହାରିବା କିପରି ସମ୍ଭବ ? ମୋ ସମ୍ମୁଖରେ ବାହାର କରି ଦେଖାଅ । ଦେବଦୂତ ବୁଝିପାରିଲା ଯେ ଭଗବାନ ମୋତେ ଯାହା କହୁଥିଲେ ତାହା ସତ । ଇଏ ଭକ୍ତ ନୁହେଁ ପଶୁ । ଏଭଳି ଭକ୍ତଙ୍କର ପରମାତ୍ମାଙ୍କ ଉପରେ ବିଶ୍ୱାସ ନାହିଁ ଯେ ଏହିପରି ଲୀଳା କରିବାରେ ପରମାତ୍ମା ସମର୍ଥ ଅଟନ୍ତି । ଯେଉଁ କାର୍ଯ୍ୟ ମଣିଷ କରିପାରେ ନାହିଁ, ତାହା ପରମାତ୍ମା କରିପାରନ୍ତି । ସେହି ଭକ୍ତର ଭକ୍ତି ଲୋକ ଦେଖାଣିଆ ଯାହା ବ୍ୟର୍ଥ ଅଟେ । ଦେବଦୂତ ନମସ୍ତେ କହି ସେଠାରୁ ଚାଲିଯାଇ ଛୋଟ ଭକ୍ତ ନିକଟରେ ଉପସ୍ଥିତ ହେଲେ । ଛୋଟ ଭକ୍ତ ବିଳମ୍ବରେ ଆସିବାର କାରଣ ପଚାରିବାରୁ ଦେବଦୁତ ସଙ୍କୋଚ ମନରେ ଉତ୍ତର ଦେବାକୁ ଯାଇ ମନେ ମନେ ଏହା ଭାବୁଥାନ୍ତି ଯେ ଇଏ ଖରାପ ଭାଷା ପ୍ରୟୋଗ କରି ମୋତେ ଆଉ ଗାଳି ଦେବନି ତ । ଦେବଦୂତ କହିଲେ, କ'ଣ କହିବି ଭକ୍ତ ଭାଇ ? ପରମାତ୍ମା ଆଜି ଚମତ୍କାର କରିଦେଲେ । ଏପରି ଏକ ଅଦ୍ଭୁତ କାର୍ଯ୍ୟ କଲେ ଯାହା ଦେଖି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି । ପରମାତ୍ମା ଏକ ହାତୀକୁ ଛୁଞ୍ଚି କଣା (ସୂତା ପୁରାଇବା ପାଇଁ ଥିବା ଛିଦ୍ର) ଭିତର ଦେଇ ବାହାର କରିଦେଲେ । ଏକଥା ଶୁଣି ଭକ୍ତ କହିଲା, ଦେବଦୂତ ମହାଶୟ ! ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ପରମାତ୍ମା ଇଚ୍ଛା କରିବେ ତ ଛୁଞ୍ଚିକଣା ଦେଇ ପୂରା ପୃଥିବୀକୁ ବାହାର କରିଦେବେ, ହାତୀକୁ ବାହାର କରିବା ଅତି ସାଧାରଣ କଥା । ଏହା ଶୁଣି ଦେବଦୂତ ସେହି ଭକ୍ତକୁ ନିଜ ହୃଦୟରେ ଲଗାଇଲେ ଏବଂ କହିଲେ, ଧନ୍ୟ ସେହି ପିତା-ମାତା ଯାହାଙ୍କ ଔରସରୁ ଆପଣଙ୍କର ଜନ୍ମ ହୋଇଛି । ଆପଣଙ୍କର ପରମାତ୍ମାଙ୍କ ପ୍ରତି ଥିବା ଅଟଳ ବିଶ୍ୱାସ ଦେଖି ମୁଁ ଖୁସିରେ ଆତ୍ମାହରା ହୋଇ ପଡୁଛି ।

ପାଠକବୃନ୍ଦ ! ଏହା ଏକ ଉଦାହରଣ ମାତ୍ର । ବାସ୍ତବରେ ପରମାତ୍ମାଙ୍କ ଉପରେ ଭକ୍ତର ଏହିଭଳି ଦୃଢ଼ ବିଶ୍ୱାସ ରହିବା ଉଚିତ ଯେ ପରମାତ୍ମା ଯାହା ଚାହିଁବେ ତାହା କରିପାରିବେ । ଯଦି କେହି କହିବ ଯେ ନାଁ, ପରମାତ୍ମା ଏହା କରିପାରିବେ ନାହିଁ । ତେବେ ଭକ୍ତି କରିବାର କୌଣସି ଅଧିକାର ତା'ର ନାହିଁ । ଭକ୍ତି କରିବାର ନାଟକ କରି ଅଯଥାରେ ସେ ନିଜ ସମୟ କାହିଁକି ନଷ୍ଟ କରୁଛି ? ପରମାତ୍ମାଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଭକ୍ତି ମାର୍ଗରେ ଅଗ୍ରସର ହେଲେ ଲକ୍ଷସ୍ଥଳରେ ନିଶ୍ଚେ ପହଞ୍ଚିପାରିବ ।

➢୩. "ପରମାତ୍ମା ଯାହା କରନ୍ତି, ମଙ୍ଗଳ ପାଇଁ କରନ୍ତି "

ଭକ୍ତିମାର୍ଗରେ ଭକ୍ତକୁ ଦୀକ୍ଷା ପ୍ରାପ୍ତି ଉପରାନ୍ତ ଯେତେ ବି କଷ୍ଟ ଆସିଲେ ମଧ୍ୟ ମନରେ ଏହି ଭାବନା ଆଣିବା ଉଚିତ ଯେ ପରମାତ୍ମା ଯାହା କରନ୍ତି, ଭକ୍ତର ହିତ ପାଇଁ ହିଁ କରନ୍ତି ।

କଥା :- ଜଣେ ରାଜା ଏବଂ ତାଙ୍କ ମହାମନ୍ତ୍ରୀ ଉଭୟେ ଗୁରୁଙ୍କର ଶିଷ୍ୟ ଥିଲେ । ମହାମନ୍ତ୍ରୀଙ୍କୁ

ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା, ମାତ୍ର ରାଜାଙ୍କୁ ସତସଙ୍ଗ ଶୁଣିବା ପାଇଁ ବହୁତ କମ ସମୟ ମିଳୁଥିଲା । ଯେଉଁ କାରଣ ପାଇଁ ସେ ପରମାତ୍ମାଙ୍କ ବିଧାନ ସହ ସମ୍ପୂର୍ଣ୍ଣ ପରିଚିତ ହୋଇପାରି ନଥିଲେ, କିନ୍ତୁ ଶ୍ରଦ୍ଧାର ସହିତ ଭକ୍ତି କରୁଥିଲେ । ରାଜା ସବୁବେଳେ ମହାମନ୍ତ୍ରୀଙ୍କୁ ନିଜ ପାଖେ ପାଖେ ରଖୁଥିଲେ । ସମସ୍ତଙ୍କ ଅପେକ୍ଷା ତାଙ୍କୁ ଅଧିକ ସମ୍ମାନ ଦେଉଥିଲେ ଯେଉଁ କାରଣ ପାଇଁ ଅନ୍ୟ ଜଣେ ମନ୍ତ୍ରୀ, ମହାମନ୍ତ୍ରୀଙ୍କ ପ୍ରତି ଈର୍ଷା ଭାବ ରଖୁଥିଲା । ମହାମନ୍ତ୍ରୀଙ୍କୁ ରାଜାଙ୍କ ଦୃଷ୍ଟିରେ ହୀନ ଦର୍ଶାଇବା ପାଇଁ ସେହି ମନ୍ତ୍ରୀ, ମହାମନ୍ତ୍ରୀଙ୍କ ନାମରେ ସବୁବେଳେ ନିନ୍ଦା କରୁଥିଲା । ସେ ଏହା ଚାହୁଁଥିଲା ଯେ ରାଜା ମୋତେ ମହାମନ୍ତ୍ରୀ ରୂପେ ନିଯୁକ୍ତି କରିଦିଅନ୍ତୁ । ସେଥିପାଇଁ ବାରମ୍ବାର କହୁଥିଲେ, ରାଜନ୍! ମହାମନ୍ତ୍ରୀ ବିଶ୍ୱାସଯୋଗ୍ୟ ନୁହଁନ୍ତି । ଇଏ ଆପଣଙ୍କ ସହିତ କେତେବେଳେ ବି ବିଶ୍ୱାସଘାତକତା କରିପାରେ । ଦିନେ ରାଜା, ମହାମନ୍ତ୍ରୀ, ସେହି ଚାଟୁକାର ମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଗଣ କୌଣସି ଅନ୍ୟ ଏକ ସହରକୁ ଯିବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ରାଜମହଲ ମଧ୍ୟରେ ଥିବା ଏକ ହଲରେ ସମସ୍ତେ ଠିଆ ହୋଇଥାନ୍ତି । ରାଜା ଅନ୍ୟ ମନ୍ତ୍ରୀମାନଙ୍କ ସହିତ କଥାବାର୍ତ୍ତା ହେଉଥିବା ଅବସ୍ଥାରେ ନିଜ ଖଣ୍ଡା ବାହାର କରି ଖଣ୍ଡାର ଧାର (ତୀକ୍ଷ୍ଣତା)କୁ ଚେକ୍ କରିବାକୁ ଲାଗିଲେ ଯେଉଁ କାରଣରୁ ରାଜାଙ୍କ ହାତର ଏକ ଆଙ୍ଗୁଠି କଟିଯାଇ ତଳକୁ ଖସିପଡ଼ିଲା । ଚାଟୁକାର ମନ୍ତ୍ରୀ କହିବାକୁ ଲାଗିଲା; ହେ ରାଜାନ୍! ଏସବୁ କ'ଣ ଘଟିଗଲା ? ଆମ ରାଜା କେତେ ଯେ ସୁନ୍ଦର ଥିଲେ । ଆଜିର ଦିନଟି ଆମ୍ଭ ପାଇଁ ଦୁର୍ଭାଗ୍ୟର ଦିନ ଅଟେ, ହାୟ ! ଏ ସବୁ କ'ଣ ଘଟିଗଲା ? ପ୍ରଜାମାନଙ୍କର କେଉଁ ଭାର ଆପଣ ନିଜ ଉପରକୁ ନେଇ ଏ କଷ୍ଟ ଭୋଗିଲେ ? ମହାମନ୍ତ୍ରୀ କହିଲେ; ଭଲ ହେଲା । ପରମାତ୍ମା ଯାହା କରନ୍ତି ଭଲ ହିଁ କରିଥାନ୍ତି । ରାଜା ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି, ସେହି ସମୟରେ ମହାମନ୍ତ୍ରୀଙ୍କ ମୁଖରୁ ଏଭଳି କଥା ଶୁଣି ରାଜାଙ୍କର କ୍ରୋଧ ଆସିଗଲା । ସୈନିକମାନଙ୍କୁ ଆଦେଶ ଦେଇ ରାଜା କହିଲେ; ମହାମନ୍ତ୍ରୀକୁ କାରାଗାରରେ ବନ୍ଦୀ କର । ଆଦେଶାନୁସାରେ ମହାମନ୍ତ୍ରୀଙ୍କୁ ବନ୍ଦୀ କରାଗଲା । ଚାଟୁକାରକୁ ମହାମନ୍ତ୍ରୀ ପଦରେ ନିଯୁକ୍ତ କରାଗଲା । ଆଙ୍ଗୁଠିର ଉପଚାର କରାଗଲା । ଆଙ୍ଗୁଠିର କ୍ଷତ ଛ'ମାସ ମଧ୍ୟରେ ପୂରଣ ହୋଇ ଘା' ଶୁଖିଗଲା । କୌଣସି ବ୍ୟଥା ରହିଲା ନାହିଁ । ଏବେ ରାଜାଙ୍କ ଡ଼ାହାଣ ହାତରେ ତିନୋଟି ଆଙ୍ଗୁଠି ଓ ବୁଢ଼ା ଆଙ୍ଗୁଠିଟି ବାକି ରହିଲା । ରାଜା ନୂଆ ମହାମନ୍ତ୍ରୀ ପ୍ରତି ଅତି ପ୍ରସନ୍ନ ଥିଲେ କାରଣ ମହାମନ୍ତ୍ରୀ ନିଜ କୁଟନୀତିରେ ସଫଳ ହୋଇଥିଲା । ସେ ରାଜାକୁ କହିଲେ, ହେ ରାଜନ୍! ମୁଁ ପୂର୍ବରୁ ଅନେକ ଥର କହିଛି, ସେ ଆପଣଙ୍କ ସହିତ ବିଶ୍ୱାସଘାତକତା କରିବ । ନିଜ କାନରେ ଆପଣ ଶୁଣିଛନ୍ତି, ସେଦିନ ସେ କ'ଣ କହିଥିଲା ! ଆଙ୍ଗୁଠି କଟିଗଲା, ଭଲହେଲା । ଆପଣଙ୍କ ମୃତ୍ୟୁ ହୋଇ ଯାଇଥିଲେ ସେ ଖୁସି ହୋଇଥାନ୍ତା । ଷଡଯନ୍ତ୍ର କରି କେବେ ଆପଣଙ୍କୁ ମାରି ଦେଇଥାନ୍ତା । ସେହି ଚାଟୁକାରର ପ୍ରତ୍ୟେକଟି କଥାକୁ ରାଜା ସତ୍ୟ ବୋଲି ଭାବୁଥାନ୍ତି । ଦିନେ ରାଜା ସେହି ନୂଆ ମହାମନ୍ତ୍ରୀ ସହିତ ଶିକାର ଅନ୍ୱେଷଣରେ ଜଙ୍ଗଲକୁ ଗଲେ । ଶିକାର ଖୋଜିବା ଅବସ୍ଥାରେ ଦୁହେଁ ଘଞ୍ଚ ଜଙ୍ଗଲ ଭିତରକୁ ଚାଲିଗଲେ ଯେଉଁଠାରେ କିଛି ଜଙ୍ଗଲି ଜନଜାତିର ଲୋକ ଥିଲେ । ସେମାନେ ଏହି ଦୁଇଜଣଙ୍କୁ ଧରି ନିଜ ପୁରୋହିତ ପାଖକୁ ନେଇଗଲେ । ସେଦିନ ଜଙ୍ଗଲି ଲୋକମାନଙ୍କର କୌଣସି ଏକ ପର୍ବ ଥିଲା । ଦେବୀ ନିକଟରେ ଗୋଟିଏ ମଣିଷ ବଳି ଦେବାର ଥିଲା । କିନ୍ତୁ ସେମାନଙ୍କୁ ଦୁଇଜଣ ମିଳିଗଲେ । ପୁରୋହିତ କହିଲା ଯଦି ଦୁଇଜଣ ମଣିଷ ଆଣିଛ ତେବ ଦୁହିଁଙ୍କର ବଳି ଚଢ଼ାଇଦେବା, ଦେବୀ ଅଧିକ ପ୍ରସନ୍ନ ହେବେ । କିନ୍ତୁ ପ୍ରଥମେ ଏମାନଙ୍କର ଅଙ୍ଗ-ପ୍ରତ୍ୟଙ୍ଗର ଯାଞ୍ଚ କରାଯାଉ । ଏମାନଙ୍କର କୌଣସି ଅଙ୍ଗ ଭଙ୍ଗ ହୋଇନଥିବା ଦରକାର ଅର୍ଥାତ ଏମାନେ ବିକଳାଙ୍ଗ ହୋଇନଥିବା ଦରକାର, କୌଣସି ହାତ ବା ଅଙ୍ଗୁଠି ଯେପରି କଟିନଥିବ । ଯାଞ୍ଚରୁ ଜଣାପଡ଼ିଲା ଯେ ଜଣେ ବ୍ୟକ୍ତିର ଏକ ହାତ ଆଙ୍ଗୁଠି କଟିଯାଇଛି । ପୁରୋହିତ କହିଲା; ତା'କୁ ଛାଡ଼ିଦିଅ । ଅନ୍ୟ ଜଣକ ଯଦି ଠିକ୍ ଅଛି ତେବେ ତା' ମସ୍ତକ ଛେଦନକର । ତତ୍‌କ୍ଷଣାତ ରାଜାକୁ ମୁକ୍ତ କରଗଲା । ରାଜା ସମ୍ମୁଖରେ ଚାଟୁକାର ମନ୍ତ୍ରୀର ମସ୍ତକ ଛେଦନ କରାଯାଇ ଦେବୀ ନିକଟରେ ବଳି ପକାଗଲା । ରାଜା ସେଠାରୁ ପ୍ରସ୍ଥାନ କରି ନିଜ ମହଲରେ ପହଞ୍ଚିଲା ।

ସିଧା ଜେଲକୁ ଯାଇ ମହାମନ୍ତ୍ରୀକୁ ମୁକ୍ତ କଲା । ମହାମନ୍ତ୍ରୀକୁ ଆଲିଙ୍ଗନ କରି ରାଜା କହିଲା; ମୋ ହାତର ଆଙ୍ଗୁଠି କଟିଯାଇଥିବା ସମୟରେ ଆପଣ କହିଥିଲେ ଯେ ଭଲ ହେଲା, ଭଗବାନ ଯାହା କରନ୍ତି ଭଲ ହିଁ କରିଥାନ୍ତି, ଏହା ନିରାଟ ସତ୍ୟ । ଯଦି ସେଦିନ ମୋ ଆଙ୍ଗୁଠି କଟି ନଥାନ୍ତା ତେବେ ମୋ ଜୀବନ ଆଜି ସମାପ୍ତ ହୋଇଯାଇଥାନ୍ତା । ଭଗବାନ ଯାହା କଲେ ଠିକ୍ କଲେ । ରାଜା ପୁଣି କହିଲା; ମୋର ତ ମଙ୍ଗଳ ହେଲା ମାତ୍ର ବିନା ଦୋଷରେ ଆପଣଙ୍କୁ ଜେଲରେ ଛଅ ମାସ ରହିବାକୁ ପଡ଼ିଲା । ଆପଣଙ୍କ ସହ ଏହା କ'ଣ ଠିକ୍ ହେଲା ? ଏହା ଶୁଣି ମହାମନ୍ତ୍ରୀ କହିଲା; ମୁଁ ଜେଲ ଯାଇନଥିଲେ ଆପଣଙ୍କ ସହିତ ଜଙ୍ଗଲକୁ ଯାଇଥାନ୍ତି ଏବଂ ସେଠାରେ ମୋ ମସ୍ତକ ଛେଦନ ହୋଇଥାନ୍ତା । ମୋର ମୃତ୍ୟୁ ହେବାର ଥିଲା କିନ୍ତୁ ଛଅ ମାସର ଜେଲଦଣ୍ଡ ଯୋଗୁଁ ମୋ ଜୀବନ ବଞ୍ଚିଗଲା । ଭଗବାନ ମୋ ପାଇଁ ଯାହା କଲେ ଭଲ କଲେ ।

ଏହିପରି ପରମାତ୍ମାଙ୍କ ଉପରେ ବିଶ୍ୱାସ ରଖି ଭକ୍ତକୁ ନିଜ ଜୀବନ ଯାତ୍ରାରେ ଅଗ୍ରସର ହେବାକୁ ପଡିବ ।

ଝ "ଏକ ଲେବା ଏକ ଦେବା ଦୂତଂ । କୋଇ କିସୀକା ପିତା ନା ପୁତଂ । "

ଜଣେ କୃଷକର ଘରେ ପୁତ୍ରଟିଏ ଜନ୍ମ ହେଲା । ପିଲାଟି ଆଠ ବର୍ଷ ବୟସର ହୋଇଥିବା ସମୟରେ ସେହି କୃଷକ ପତ୍ନୀର ମୃତ୍ୟୁ ହୋଇଗଲା । କୃଷକର ୧୬ ଏକର ଜମି ଥିଲା । କୃଷକ କିଛି ବର୍ଷ ପରେ ଦ୍ୱିତୀୟ ବିବାହ କଲା । ଦ୍ୱିତୀୟ ପତ୍ନୀ ଔରଷରୁ ମଧ୍ୟ ଗୋଟିଏ ପୁତ୍ର ଜନ୍ମ ହେଲା । କିଛି ବର୍ଷ ପରେ ସେହି ଦ୍ୱିତୀୟ ପତ୍ନୀର ମଧ୍ୟ ମୃତ୍ୟୁ ହୋଇଗଲା । ସେତେବେଳକୁ ପ୍ରଥମ ପତ୍ନୀର ପୁତ୍ରକୁ ୧୬ ବର୍ଷ ବୟସ ହୋଇସାରିଥିଲା । କୃଷକ ତା'ର ବିବାହ କରିଦେଲା । ତା'ପରେ କୃଷକର ମଧ୍ୟ ମୃତ୍ୟୁ ହୋଇଗଲା । ସାନ ପୁଅଟି୧୦-୧୨ବର୍ଷ ବୟସରେ ରୋଗଗ୍ରସ୍ତ ହୋଇଗଲା । ସାନ ଭାଇର ଚିକିତ୍ସା କିଛିଦିନ କରାଇବା ପରେ ବଡ଼ଭାଇ (ସାବତ ଭାଇ) ଓ ତା' ସ୍ତ୍ରୀ ଉଭୟେ ମିଶି ଚିନ୍ତାକଲେ ଯେ ଚିକିତ୍ସା ବାବଦରେ ଏତେ ଟଙ୍କା ଆମ୍ଭେ କାହିଁକି ଖର୍ଚ୍ଚ କଲେ ? ସେ ଯଦି ମରିଯିବ ତେବେ ତା'ଭାଗର ୮ଏକର ଜମି ଆମ୍ଭର ହୋଇଯିବ । ଏହି ବିଚାର କରି ପଡୋଶୀ ଗ୍ରାମରୁ ଚିକିତ୍ସା କରିବା ପାଇଁ ଆସୁଥିବା ବୈଦ୍ୟକୁ କହିଲେ ଯେ ଔଷଧରେ ବିଷ ମିଶାଇ ଏହି ପିଲାକୁ ଦେଇ ଦିଅନ୍ତୁ । ଏ ବାବଦରେ ଆମ୍ଭେ ଆପଣଙ୍କୁ ଧନ ଦେବୁ । ଲୋଭି ବୈଦ୍ୟ ପାଞ୍ଚଶହ ଟଙ୍କା ପାଇଁ ଔଷଧରେ ବିଷ ମିଶାଇ ସେହି ରୁଗ୍ଣ ପୁଅକୁ ଖୁଆଇଦେଇ ମାରିଦେଲା ଏବଂ ଗାଁ ଲୋକଙ୍କୁ କହିଲା ଯେ ରୋଗ କାରଣରୁ ତା'ର ମରଣ ହୋଇଗଲା । କାହାକୁ ସନ୍ଦେହ ହେଲା ନାହିଁ । ପିଲାଟି ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କଲା ବୋଲି ସମସ୍ତେ ଭାବିଲେ ।

ସାବତ ଭାଇର ମୃତ୍ୟୁର ଏକବର୍ଷ ପରେ ବଡ ଭାଇର ଏକ ପୁତ୍ର ଜନ୍ମ ହେଲା । ପୁତ୍ର ପ୍ରାପ୍ତି ପରେ ପତି ପତ୍ନୀଙ୍କର ଖୁସିର ଠିକଣା ରହିଲା ନାହିଁ । ପୁତ୍ର ଜନ୍ମ ହେବା ଖୁସିରେ ଭୋଜନ-ଭଣ୍ଡାରା ସହିତ ସାରା ଗାଁରେ ମିଠା ବଣ୍ଟାଗଲା । ତା'ପରେ ସେମାନଙ୍କର ଆଉ କୌଣସି ସନ୍ତାନ ହେଲା ନାହିଁ । ସେହି ଏକମାତ୍ର ପୁତ୍ରକୁ ସେମାନେ ବହୁତ ଯତ୍ନରେ ପାଳିଲେ । କ୍ଷୀର-ଘିଅ, ଦହି ଇତ୍ୟାଦି ଖୁଆଇ-ପିଆଇ ତା'କୁ ହୃଷ୍ଟପୁଷ୍ଟ କରି ଦେଲେ । ଷୋହଳ ବର୍ଷ ବୟସରେ ତା'ର ବିଭାଘର କରାଇଦେଲେ । ସେ ସମୟରେ ବାଲ୍ୟ ବିବାହ ସମାଜ ପାଇଁ ଗର୍ବର ବିଷୟ ଥିଲା । ବିବାହ ପରେ ସେହି ପିଲା ରୋଗଗ୍ରସ୍ତ ହୋଇଗଲା । ବୈଦ୍ୟ ପରେ ବୈଦ୍ୟ ଡ଼ାକି ଚିକିତ୍ସା କରାଗଲା, ଦାମୀ ଔଷଧ ସେବନ କରିବାକୁ ଦିଆଗଲା କିନ୍ତୁ କୌଣସି ଲାଭ ମିଳିଲା ନାହିଁ । ସେ ସମୟରେ ହଜାର-ହଜାର ଟଙ୍କାର ଔଷଧ ପ୍ରତିମାସରେ ଖାଇବାକୁ ଦିଆଗଲା । ଔଷଧରେ ହୀରା ଓ ମୋତି ଭସ୍ମ ମିଶାଇ ପୁଅକୁ ଖାଇବାକୁ ଦିଆଗଲା । ଯେଉଁଥି ପାଇଁ ଆଠ ଏକର ଜମି ବିକ୍ରି ହୋଇଗଲା, ପରନ୍ତୁ ରୋଗ ଉପଶମ ହେବା ବଦଳରେ ଅଧିକ ହୋଇଗଲା । ଅନ୍ତିମ ଦିନ ନିକଟତର ହେଲା । ଦିନେ ପିଲାର ବାପା ଅତି ଚିନ୍ତିତ ଅବସ୍ଥାରେ ଅସୁସ୍ଥ ପୁଅ ନିକଟରେ ବସିଥିବା ସମୟରେ ପୁଅ କହିଲା, ଭାଇ ସାହେବ୍! ଏକ କାମ କର । ଏହା ଶୁଣି ପିତା କହିଲା, ପୁଅ ! ମୁଁ ତୋ ବାପା । ପୁଅ କହିଲା,

ମୁଁ ତୁମ ସାନ ଭାଇ ଯାହାକୁ ଆପଣ ବିଷ ଦେଇ ହତ୍ୟା କରାଇଥିଲ । ନିଜ ହତ୍ୟାର ପ୍ରତିଶୋଧ ନେବା ପାଇଁ ତୁମ ପୁଅ ରୂପରେ ମୁଁ ଜନ୍ମ ନେଇଛି । ସେହି ପୁଅର ମା'ମଧ୍ୟ ସେଠାରେ ଉପସ୍ଥିତ ଥିଲା । ପୁଅ କହିଲା, ମୋ ଭାଗ ହିସାବରେ ଆଠ ଏକର ଜମି ଯାହା ମୁଁ ପାଇବାର ଥିଲା ତାହା ମୁଁ ଆଦାୟ କରିସାରିଛି । ଏବେ କେବଳ କଫିନ(ଯେଉଁ କପଡାରେ ଶବକୁ ଆଚ୍ଛାଦିତ କରାଯାଏ) ଓ କାଠ ହିସାବ ବାକି ଅଛି, ତା'ର ପ୍ରସ୍ତୁତି ଆରମ୍ଭ କର । ପୁତ୍ର ମୁଖରୁ ଏକଥା ଶୁଣି ପିତା ଓରଫ୍ ଭାଇର ମୁହଁ ଶୁଖିଗଲା । ନିଜ କୃତକର୍ମ ପାଇଁ ଦୁହେଁ (ପତି-ପତ୍ନୀ) ପଶ୍ଚାତାପ କଲେ । ପରମାତ୍ମାଙ୍କ ନିୟମ ଅଟଳ ଅଟେ ।

ବଡ଼ ଭାଇ, ପୁତ୍ର ଜନ୍ମ ପାଇଥିବା ନିଜ ଛୋଟ ଭାଇକୁ କହିଲା ଯେ ଆମ୍ଭେ ଦୁହେଁ ଲୋଭର ବଶବର୍ତ୍ତୀ ହୋଇ ଯେଉଁ ପାପକର୍ମ କରିଥିଲୁ ତା'ର ଫଳ ପରମାତ୍ମା ଆମ୍ଭକୁ ଦେଲେ । ଯେଉଁ ଉଦ୍ଦେଶ୍ୟ ପାଇଁ ତୋ ଜୀବନ ନେଇଥିଲୁ, ସେହି ଉଦ୍ଦେଶ୍ୟ ଅମ୍ଭର ସଫଳ ହେଲା ନାହିଁ । ଆଠ ଏକର ଜମି ଚାଲିଯିବା ସହିତ ବଂଶରେ କେହି ଉତ୍ତରାଧିକାରୀ ରହିଲେ ନାହିଁ । ଅବଶିଷ୍ଟ ଜମି ଅନ୍ୟ କେହି ଭୋଗ କରିବ । ଆମ୍ଭର ଯାହା ସର୍ବନାଶ ହେବାର ଥିଲା ତାହା ହୋଇଗଲା, ଏହା ହେବା ଉଚିତ ଥିଲା । ପରମାତ୍ମା ନ୍ୟାୟ ବିଚାର କଲେ, କିନ୍ତୁ ତୋ ପତ୍ନୀ ରୂପରେ ଯେଉଁ ଝିଅଟି ଆସିଛି ସେ କେଉଁ ଅପରାଧ କରିଛି ? କେଉଁ କାରାଣ ପାଇଁ ତାକୁ ସତୀଦାହ ପ୍ରଥା ଅନୁସାରେ ତୋ ସହିତ ଜୀବନ୍ତ ଜଳାଯିବ ? ଭଗବାନ ତା ସହିତ ଅନ୍ୟାୟ କଲେ । ଏହା ଶୁଣି ସାନ ଭାଇ ଓରଫ ପୁତ୍ର କହିଲା, ମୋ ମୃତ୍ୟୁର ଦୁଇବର୍ଷ ପରେ ସେହି ଲୋଭି ବୈଦ୍ୟ ମରିଗଲା ଯିଏ ପାଞ୍ଚଶହ ଟଙ୍କା ଲାଞ୍ଚ ନେଇ ମୋତେ ବିଷ ଦେଇ ହତ୍ୟା କରିଥିଲା । ମୋ ପତ୍ନୀ ହେଉଛି ସେହି ବୈଦ୍ୟର ଆତ୍ମା । ତାକୁ ନିଜ କୃତକର୍ମର ଫଳ ନିଶ୍ଚୟ ମିଳିବ, ତାକୁ ଜୀବନ୍ତ ଅବସ୍ଥାରେ ଜଳାଯିବ । ସେହି ସମୟରେ ସମାଜରେ ସତୀଦାହ ପ୍ରଥା ଚରମ ସୀମାରେ ଥିଲା । ସ୍ୱାମୀର ମୃତ୍ୟୁ ପରେ ସ୍ତ୍ରୀର ହାତଗୋଡ ବାନ୍ଧି ସ୍ୱାମୀ ଚିତା ମଧ୍ୟକୁ ଫିଙ୍ଗି ଦିଆଯାଉଥିଲା ।

ପ୍ରିୟ ପାଠକଗଣ ! ବିଚାର କରନ୍ତୁ ପରମାତ୍ମାଙ୍କ ନଜରରେ କିଛି ବି ଅଛପା ରହେ ନାହିଁ । ଯିଏ ଯେଉଁଭଳି କର୍ମ କରିବ ତାକୁ ସେହିଭଳି ଫଳ ଭୋଗୀବାକୁ ପଡ଼ିବ । ପ୍ରତ୍ୟେକ ପରିବାର ଏହିଭଳି ସଂସ୍କାର (ଋଣ ସମ୍ବନ୍ଧ) କାରଣରୁ ଜଣେ ଅନ୍ୟ ଜଣଙ୍କ ସହିତ ଯୋଡ଼ି ହୋଇଛି । କିଏ ପୂର୍ବ ଜନ୍ମରେ ନେଇଥିବା ଋଣ ପରିଶୋଧ କରିବା ପାଇଁ ତ ଆଉ କିଏ ପୂର୍ବ ଜନ୍ମରେ ଦେଇଥିବା ଋଣ ପ୍ରାପ୍ତି ପାଇଁ ଜନ୍ମ ନେଇଛି । ଉଦାହରଣ:-

ପିତା, ପୁତ୍ରକୁ ପାଠ ପଢ଼ାଇ ବଡ଼ କଲା ଓ ବିବାହ ଦେଲା । ବିବାହର ଦୁଇଦିନ ପୂର୍ବରୁ ପୁତ୍ରର ଦୁର୍ଘଟଣାରେ ମୃତ୍ୟୁ ହେଲା । ସେ ପିତାଠାରୁ ନିଜ କରଜ ନେବାକୁ ଆସିଥିଲା । ପୁତ୍ର ଯୁବକ ହୋଇ କର୍ମ କରି ନିଜ ଜୀବିକା ନିର୍ବାହ କଲା । ପିତା ରୋଗଗ୍ରସ୍ତ ହୋଇ ଚିକିତ୍ସାରେ ଲକ୍ଷାଧିକ ଅର୍ଥ ବ୍ୟୟ ହେଲା ଯାହା ବ୍ୟର୍ଥ ଗଲା କାରଣ ପରିଶେଷରେ ପିତାର ମୃତ୍ୟୁ ହୋଇଗଲା । ସେହି ପିତା ପୁର୍ବଜନ୍ମରେ ଦେଇଥିବା ଋଣ ନେବା ସହିତ କିଛି ଦେବାକୁ ମଧ୍ୟ ଆସିଥିଲା । ଝିଅ ବିଭାଘର କଲା, ଦୁଇବର୍ଷ ପରେ ଝିଅଟି ମରିଗଲା । ଝିଅ ବିଭାଘରରେ ବହୁତ ଯାନିଯୌତୁକ ଦେଇଥିଲା । ଜ୍ୱାଇଁ ପୂର୍ବଜନ୍ମର ଋଣ ବଦଳରେ ଝିଅକୁ ନେବା ସହିତ ଧନ ମଧ୍ୟ ନେଲା । ଏହି ଜନ୍ମରେ ଠକାମୀ କରି କେହି ଯଦି ଅନ୍ୟର ଧନ ହଡ଼ପ କରୁଛି ତେବେ ଠକାମୀର ଶିକାର ହୋଇଥିବା ଆତ୍ମା ପରଜନ୍ମରେ ଜ୍ୱାଇଁ ହୋଇ ସେହି ଧନ ଆଦାୟ କରିବ । ଏହା ହେଉଛି ପରମାତ୍ମାଙ୍କର ଅଟଳ ନିୟମ । ବୁଦ୍ଧିମାନ ବ୍ୟକ୍ତିକୁ ସଙ୍କେତ ଯଥେଷ୍ଟ ଅଟେ । ଉପରୋକ୍ତ ପ୍ରସଙ୍ଗକୁ ଏକ କାହାଣୀ ବୋଲି ଭାବନ୍ତୁ ନାହିଁ, ଏହା ନିରାଟ ସତ୍ୟ । କିଛି ଲୋକ କହିଥାନ୍ତି ଯେ ମନରେ ଭୟ ସୃଷ୍ଟି କରିବା ପାଇଁ ଏହିଭଳି ମନଗଢା କାହାଣୀ ତିଆରି କରାଯାଇଛି । ଆଗକୁ କ'ଣ ଘଟିବ କାହାକୁ ଜଣାଅଛି ?

ଯେପରି ଚୋରକୁ କୌଣସି ଭଦ୍ରବ୍ୟକ୍ତି ବୁଝାଇଥାନ୍ତି ଯେ ଭାଇ ! ଚୋରି ଆଦୌ କର ନାହିଁ । ଯେତେବେଳେ ଧରାପଡ଼ିବୁ ସେତେବେଳେ ପ୍ରଥମେ ଲୋକମାନେ ପିଟିବେ, ତା'ପରେ

ପୋଲିସ ପିଟିବ ଏବଂ ଜେଲ୍‌ରେ ମଧ୍ୟ କଷ୍ଟ ଭୋଗୀବାକୁ ପଡ଼ିବ । ଯଦି କେହି କହେ ଯେ ଚୋରକୁ ଡ଼ରାଇବା ପାଇଁ ଏଭଳି କଥା କୁହାଯାଉଛି, ଆଗକୁ କ'ଣ ହେବ କିଏ ଜାଣିଛି ? ବିଚାରଣୀୟ ବିଷୟ ଏହା ଯେ ଚୋରକୁ ବାସ୍ତବିକତା ସହିତ ପରିଚିତ କରାଯାଇ ଭୟବିତ କରାଗଲା ଏବଂ ଏହା ନିରାଟ ସତ୍ୟ ଅଟେ । ଯଦି ଚୋର ବାସ୍ତବିକତା ସହିତ ପରିଚିତ ହୋଇ ଭୟରେ ଚୋରି କରିବା ଛାଡ଼ିଦେବ ତେବେ ଏହା ଦ୍ୱାରା ତା'ର ମଙ୍ଗଳ ହେବ । ସେ ଯଦି କହିବ ଯେ କିଏ ଜାଣେ ଆଗକୁ କ'ଣ ଘଟିବ ? ତେବେ ତା' ସହିତ ନିଶ୍ଚେ ଏହି ସବୁ ଘଟଣା ଘଟିବ ଯାହା ପୂର୍ବରୁ କୁହାଯାଇଥିଲା । ଏହିଭଳି ଉପରୋକ୍ତ ପ୍ରସଙ୍ଗକୁ କେବଳ ବୁଝାଇବା କିମ୍ବା ସୁଧାରିବା ପାଇଁ ଡରାଯାଇଛି ବୋଲି କହିବ କିମ୍ବା ମାନିନେବ ତେବେ ଏହା ତା'ପାଇଁ ଦୁର୍ଭାଗ୍ୟର ବିଷୟ । ଏହି କଥାକୁ ସମ୍ପୁର୍ଣ୍ଣ ସତ୍ୟ ବୋଲି ମାନିନିଅ, ଯେମିତି ଚୋରକୁ ସତର୍କ କରାଯାଇଛି ।

ଝକୃଷକର ଯେଉଁ ଦୁଇପୁତ୍ର ବିଷୟରେ ଉପରେ ବର୍ଣ୍ଣିତ ହୋଇଛି, ସେହି ପ୍ରସଙ୍ଗକୁ ଲେଖକ ଜଣେ ପଶୁଡ଼ାକ୍ତରଙ୍କଠାରୁ ସନ ୧୯୭୮ରେ ଶୁଣିଥିଲେ । ପଶୁଡାକ୍ତର ଏହି କଥାକୁ ନିଜ ପାଖରେ ବସୁଥିବା ବ୍ୟକ୍ତିଙ୍କୁ ଅବଶ୍ୟ ଶୁଣାଉଥିଲେ, କିନ୍ତୁ ସେ ନିଜେ କେବେ ବି ପାଳନ କରୁନଥିଲେ । ସେହି ପଶୁଡ଼ାକ୍ତର ଦଶଟଙ୍କାର ଔଷଧ ଦେଇ, ଚାରୋଟି (Distilled Water)ର ଇଞ୍ଜେକ୍ସନ୍ ଦେଇ ୨୦୦/୩୦୦ଟଙ୍କା ଆଦାୟ କରୁଥିଲେ । ସନ୍ଧ୍ୟାବେଳେ ତାଙ୍କ ସହିତ ସାକ୍ଷାତ ହେବା ସମୟରେ ନିଜ କୃତକାର୍ଯ୍ୟ ବିଷୟରେ କହିଥାନ୍ତି ଯେ ଯଦି କମ୍ ଟଙ୍କା ନେବି ତେବେ ମଇଁଷି ମାଲିକ ଭାବିବ, ଏହା ଭଲ ଔଷଧ ନୁହେଁ । କାରଣ କେବଳ ଦଶ ଟଙ୍କାର ଔଷଧରେ ହିଁ ମଇଁଷି ସୁସ୍ଥ ହୋଇଯାଇଥାନ୍ତା ।

ବିଚାର କରନ୍ତୁ, ଏଭଳି ବ୍ୟକ୍ତିମାନଙ୍କର କହିବା ଓ କରିବାରେ ଯଦି ଏଭଳି ପାର୍ଥକ୍ୟ ରହିବ ତେବେ ଏମାନଙ୍କ ଦ୍ୱାରା କୁହାଯାଉଥିବା କଥାର ପ୍ରଭାବ ଅନ୍ୟମାନଙ୍କ ଉପରେ କିପରି ପଡ଼ିବ ? ସନ୍ଥ ଗରୀବ ଦାସଜୀ କହିଛନ୍ତି ଯେ ଏସବୁ କଥା କେବଳ କହିବା ଓ ଶୁଣିବା ଦ୍ୱାରା ଲାଭ ହେବ ନାହିଁ ବରଂ କାର୍ଯ୍ୟରେ କରି ଦେଖାଇବା ଅର୍ଥାତ ଏହାକୁ ପାଳନ କରିବା ଉଚିତ । ତେଣୁ ପରମାତ୍ମାଙ୍କ ବିଧାନକୁ ବୁଝି, ନିର୍ମଳ ଜୀବନଯାପନ କରନ୍ତୁ । ଜୀବନର ମାର୍ଗକୁ କଣ୍ଟକ ମୁକ୍ତ କରନ୍ତୁ ।

ଏକ୍ ଲେବା ଏକ୍ ଦେବା ଦୁତଂ

ଯେତେବେଳେ ଭଗବାନ ଶିବ ନିଜ ପତ୍ନୀ ପାର୍ବତୀଙ୍କୁ ଅମରନାଥ ନାମକ ସ୍ଥାନରେ, ଏକ ଶୁଖିଲା ବୃକ୍ଷ ତଳେ ବସି ନାମ ଦୀକ୍ଷା (ଅମର ମନ୍ତ୍ର) ଦେଉଥିଲେ, ସେହି ବୃକ୍ଷ କୋରଡ଼ରେ ଏକ ଶୁଆପକ୍ଷୀ କିଛି ଅଣ୍ଡା ଦେଇଥିଲା । ଭଗବାନ ଶିବଙ୍କ ହାତ ତାଳି ଶବ୍ଦରେ ସୁସ୍ଥ ଅଣ୍ଡାଗୁଡିକ ଶାବକ ହୋଇ ଉଡ଼ିଗଲେ । ସେଥିମଧ୍ୟରୁ ଗୋଟିଏ ଅଣ୍ଡା ପଚା(ଖରାପ) ଥିଲା କିନ୍ତୁ ତା' ଭିତରେ ଜୀବାତ୍ମା ଥିଲା । ଭଗବାନ ଶିବ, ମାତା ପାର୍ବତୀଙ୍କୁ ଯେତେବେଳେ ଦୀକ୍ଷାମନ୍ତ୍ର ଶୁଣାଇଲେ ସେତେବେଳେ ସେହି ପଚା ଅଣ୍ଡାଟି ସୁସ୍ଥ ହୋଇ ଛୁଆ ହୋଇଗଲା । ତା'ପରେ ଡେଣା ଲାଗି ଛୁଆଟି ଉଡ଼ିବା ଯୋଗ୍ୟ ହୋଇଗଲା । କଥା ଶୁଣୁଥିବା ଅବସ୍ଥାରେ ମାତା ପାର୍ବତୀ ଧ୍ୟାନସ୍ଥ ହୋଇଗଲେ । ସେ ହୁଁ-ହୁଁ କରିବା ବନ୍ଦ କରିଦେଲେ । ତାଙ୍କ ସ୍ଥାନରେ ଶୁଆପକ୍ଷୀ ହୁଁ-ହୁଁ କରୁଥାଏ । ଭଗବାନ ଶିବ ଦେଖିଲେ ଯେ ପାର୍ବତୀ ଧ୍ୟାନସ୍ଥ ହୋଇଯାଇଛନ୍ତି, ଶୁଣିବା ଓ କହିବା ସ୍ଥିତିରେ ନାହାଁନ୍ତି । ତେବେ ହୁଁ-ହୁଁ କିଏ କରୁଛି ? ସେ ଦେଖିଲେ ଯେ ସେହି ଶୁଖିଲା ଗଛ କୋରଡ଼ରେ ଏକ ଶୁଆପକ୍ଷୀ ହୁଁ-ହୁଁ କରୁଛି । ଭଗବାନ ଶିବ ତା'କୁ ମାରିବାକୁ ଚାହିଁଲା ବେଳକୁ ଶୁଆପକ୍ଷୀଟି ତତ୍‌କ୍ଷଣାତ ଉଡ଼ିଗଲା । ତା'କୁ ମାରିବା ପାଇଁ ଶିବ ନିଜ ସିଦ୍ଧିଶକ୍ତି ବଳରେ ପଛେ ପଛେ ଉଡ଼ିବାକୁ ଲାଗିଲେ । ଋଷି ବେଦବ୍ୟାସଙ୍କ ପତ୍ନୀ ସେହି ସମୟରେ ହାଇ ମାରୁଥିଲେ । ପାଟି ଖୋଲାଥିବା କାରଣରୁ ଶୁଆପକ୍ଷୀ ଶରୀର ତ୍ୟାଗ କରି ସେହି ଜୀବାତ୍ମା ବ୍ୟାସଦେବ ପତ୍ନୀଙ୍କ ପାଟି ମଧ୍ୟଦେଇ ଗର୍ଭ ମଧ୍ୟକୁ ପ୍ରବେଶ କରିଗଲା । ଭଗବାନ ଶିବ, ବ୍ୟାସଦେବଙ୍କ ପତ୍ନୀଙ୍କୁ କହିଲେ ଯେ ମୋ ଜ୍ଞାନ ଚୋରିକରି ଏହି ଜୀବାତ୍ମା,

ଶୁଆପକ୍ଷୀ ଶରୀର ତ୍ୟାଗ କରି ଆପଣଙ୍କ ଗର୍ଭ ମଧ୍ୟକୁ ଚାଲିଯାଇଛି । ଇଏ ଚୋର ଅଟେ, ଏହାକୁ ମୁଁ ମାରିବି । ସେତେବେଳକୁ ଋଷି ବେଦବ୍ୟାସଜୀ ମଧ୍ୟ ଆସିସାରିଥିଲେ ଓ ସମସ୍ତ କଥା ଶୁଣୁଥିଲେ । ବ୍ୟାସଜୀ ପଚାରିଲେ, ହେ ଭଗବାନ୍! କିଏ ଓ କେଉଁ ପ୍ରକାରର ଚୋର ? ଭଗବାନ ଶିବ କହିଲେ, ମୁଁ ପାର୍ବତୀଙ୍କୁ ମନ୍ତ୍ରଦୀକ୍ଷା ଦେଉଥିଲି । ଶରୀରମଧ୍ୟରେ ଥିବା କମଳଗୁଡ଼ିକର ଭେଦ କହୁଥିବାବେଳେ ଏହି ଶୁଆପକ୍ଷୀ ଶୁଣିଦେଇଛି । ଇଏ ଯଦି କୌଣସି ଅନଧିକାରୀ ବ୍ୟକ୍ତିକୁ ଏହି ମନ୍ତ୍ର କହିଦେବ ତେବେ ସେ ଅମର ହୋଇ ଜନତାଙ୍କୁ କଷ୍ଟ ଦେବ । ଇଏ ଅମର ହୋଇଯାଇଛି । ତେଣୁ ମୁଁ ଏହି ଜୀବକୁ ମାରିବି । ବ୍ୟାସଜୀ କହିଲେ, ହେ ଭଗବାନ ଶିବଜୀ! ଯଦି ଇଏ ଅମର ହୋଇଯାଇଛି ତେବେ ଆପଣ ଏହାକୁ ମାରିବେ କିପରି ? ଏକଥା ଶୁଣି ଶ୍ରୀ ଶଙ୍କରଜୀ, ପାର୍ବତୀଙ୍କ ପାଖକୁ ଫେରିଗଲେ । ପାର୍ବତୀଙ୍କୁ ସମସ୍ତ କଥା ଜଣାଇଲେ । ଶ୍ରୀ ବେଦବ୍ୟାସଜୀ ନିଜ ଦିବ୍ୟ ଦୃଷ୍ଟି ଦ୍ୱାରା ଦେଖିଲେ ଯେ ତାଙ୍କ ପତ୍ନୀଙ୍କ ଗର୍ଭରେ ଏକ ପୁତ୍ର ସନ୍ତାନ ଅଛି । ବାର ବର୍ଷ ପରେ ପୁତ୍ରଟି ଜନ୍ମ ନେଲା । ମାତା କହିଲେ ଯେ ପୁତ୍ରର ନାମ ସୁଖଦେବ ରଖିବା । ଇଏ ମୋ ଗର୍ଭରେ ଥିବା ସମୟରେ ମୋତେ କୌଣସି କଷ୍ଟ ହୋଇନାହିଁ । ମୋ ମନ ସବୁବେଳେ ପ୍ରସନ୍ନ ରହୁଥିଲା ଓ ମନରେ ସୁଖ ଅନୁଭୂତ ହେଉଥିଲା । ତେଣୁ ଗର୍ଭରେ ଥିବା ସମୟରେ ମୁଁ ଏହି ବାଳକର ନାମ ସୁଖଦେବ ରଖିଦେଇଥିଲି । ଶୁଆପକ୍ଷୀର ଅଣ୍ଡା ଭିତରେ ରହିବା ଏବଂ ତୁରନ୍ତ ମାନବ ଶରୀର ପ୍ରାପ୍ତ କରିବା କାରଣରୁ ବ୍ରାହ୍ମଣମାନେ ତାଙ୍କୁ ଶୁକଦେବ (ଶୁକ ଅର୍ଥ ଶୁଆ) ମଧ୍ୟ କହୁଥିଲେ ।

ଜନ୍ମ ହେବା ମାତ୍ରେ ଋଷି ଶୁକଦେବଙ୍କର ଶରୀର ବାରବର୍ଷ ବୟସର ହୋଇଗଲା । ତା'ପରେ ସେ ଉଠି ଯେତେବେଳେ ଚାଲିବା ଆରମ୍ଭ କଲେ ସେତେବେଳେ ଋଷି ବେଦବ୍ୟାସଜୀ କହିଲେ, ହେ ପୁତ୍ର! କେଉଁଆଡ଼େ ଯାଉଛ ? ଶୁକଦେବ ନିଜ ପିତା-ମାତାଙ୍କୁ ପଛ କରି କହିଲେ, ଆପଣଙ୍କ ସହିତ ମୋର ଏହି ଜନ୍ମରେ ଏତିକି ହିଁ ସମ୍ପର୍କ(ଋଣ ସଂସ୍କାର) ଥିଲା । ଋଷି ବ୍ୟାସଜୀ କହିଲେ, ହେ ପୁତ୍ର ଶୁକଦେବ! ଆମ୍ଭେ ତୁମ ଜନ୍ମକୁ ଦୀର୍ଘ ବାର ବର୍ଷ ଧରି ଚାହିଁ ବସିଛୁ, ଆଉ ଆଜି ତୁମେ ଆମ୍ଭକୁ ଛାଡ଼ି ଚାଲିଯାଉଛ । ଆମ୍ଭକୁ ଥରେ ତୋ ମୁହଁ ତ ଦେଖା । ଋଷି ଶୁକଦେବ କହିଲେ, ହେ ଋଷିଜୀ! ପୂର୍ବରୁ ଅନେକ ଜନ୍ମରେ ଆପଣ ମୋର ପିତା ହୋଇଛନ୍ତି ଓ ମୁଁ ମଧ୍ୟ ଆପଣଙ୍କର ପିତା ହୋଇଛି । ଏହି ସଂସାର ବନ୍ଧନ ବହୁତ ଦୁଃଖଦାୟକ । ମୁଁ ଭକ୍ତିକରି ଏହି ଜନ୍ମ-ମରଣ ଚକ୍ରରୁ ନିଜକୁ ମୁକ୍ତ କରାଇବି । ମୁଁ ଆପଣଙ୍କ ଆଡ଼କୁ ଏଥିପାଇଁ ମୁହଁ କରୁନାହିଁ ଯେ, ମୋ ମନରେ ଯେମିତି ଆପଣଙ୍କ ପ୍ରତି ମୋହ ଜାତ ନ ହେଉ । ଏହି କଥାକୁ ସନ୍ତ ଗରୀବ ଦାସଜୀ ମହାରାଜ ତାଙ୍କ ଅମୃତ ବାଣୀରେ କହିଛନ୍ତି ଯେ :-

ଏକ୍ ଲେବା ଏକ୍ ଦେବା ଦୂତଂ, କୋଈ କାହୁ କା ପିତା ନ ପୁତଂ ।
ଋଣ ସମ୍ବନ୍ଧ ଜୁଡ଼ା ଏକ୍ ଠାଠା, ଅନ୍ତ ସମୟ ସବ୍ ବାରା ବାଟା ॥

ଭାବାର୍ଥ :- ଶୁକଦେବଜୀ କହିଲେ ଯେ ପରିବାରର ସଦସ୍ୟ ରୂପରେ ପିତା-ପୁତ୍ର ଓ କନ୍ୟା ଆଦି ଯେଉଁମାନେ ଜନ୍ମ ହୋଇଛନ୍ତି, ସେମାନେ ସମସ୍ତେ ପୂର୍ବଜନ୍ମର ଋଣ ଆଦାୟ ବା ପରିଶୋଧ କରିବା ପାଇଁ ଏହି ଜନ୍ମରେ ଯୋଡ଼ି ହୋଇଛନ୍ତି । ବାସ୍ତବରେ କେହି କାହାର ପିତା-ପୁତ୍ର ନୁହଁନ୍ତି । ମୃତ୍ୟୁ ଉପରାନ୍ତ ସମସ୍ତେ ସଂସ୍କାରବଶତଃ ଅନ୍ୟ ଶରୀର ପ୍ରାପ୍ତ ହୋଇ ଭିନ୍ନ ଭିନ୍ନ ସ୍ଥାନକୁ ଗମନ କରିଥାନ୍ତି । ତେଣୁ ଏଠାରେ କେହି କାହାର ପିତା-ପୁତ୍ର ନୁହଁନ୍ତି ।

ଉପରେ ବର୍ଣ୍ଣିତ ସେହି ପ୍ରସଙ୍ଗ(କୃଷକର ଦୁଇପୁଅ) ପାଠଗଣ ପଢ଼ିଛନ୍ତି ଯେଉଁଥିରେ ବଡ଼ ଭାଇ ଆଠ ଏକର ଜମି ଲୋଭରେ ମାଉସୀ (ସାବତ ମା') ପୁଅକୁ କିପରି ହତ୍ୟା କରାଇଲା । ନିଜ ଋଣ ନେବା ପାଇଁ ସେହି ଜୀବାତ୍ମା ପରବର୍ତ୍ତି ସମୟରେ ତା'ପୁଅ ହୋଇ ଜନ୍ମ ହେଲା ଏବଂ ନିଜ ହିସାବ ନିକାସ କରି ମରିଗଲା । ତେଣୁ କୁହାଯାଇଛି ଯେ :-

ଏକ୍ ଲେବା (ଋଣ ନେବା ବ୍ୟକ୍ତି) ଏକ୍ ଦେବା (ଋଣ ପରିଶୋଧକରୀ ବ୍ୟକ୍ତି) ଦୂତମ୍ । କୋଈ କାହୁକା ପିତା ନେହିଁ ପୁତମ୍ । ଋଣ ସମ୍ବନ୍ଧ ଜୁଡ଼ା ଏକ୍ ଠାଠା ଅର୍ଥାତ ଗୋଟିଏ ପରିବାରରେ

ସୁଖରେ ରହୁଥିବା ଦେଖିବାକୁ ମିଳିଥାଏ କିନ୍ତୁ ହଠାତ ମୃତ୍ୟୁ ହୋଇଯାଏ । ଅନ୍ତ୍ ସମୟ ମେଁ ବାରା ବାଟା ଅର୍ଥାତ୍ ମୃତ୍ୟୁ ପଶ୍ଚ୍ୟତ୍ କିଏ କେଉଁଠି ଜନ୍ମନେବ ଅର୍ଥାତ ବାରା (୧୨) ବାଟ (ରାସ୍ତାରେ) ଚାଲିଯିବେ । ଏତକି ବାର୍ତ୍ତା ପିତାଙ୍କ ସହିତ କରି ଶୁକଦେବ ଆକାଶକୁ ଉଡ଼ିଯାଇ ଅନ୍ୟ ସ୍ଥାନକୁ ଚାଲିଗଲେ । ପ୍ରିୟ ପାଠଗଣ ! ତେଣୁ ଭକ୍ତି କରି ନିଜ ଆତ୍ମାର କଲ୍ୟାଣ କରାନ୍ତୁ । କେବଳ ପରିବାର ବନ୍ଧନରେ ବାନ୍ଧି ହୋଇ ନିଜ ଅମୂଲ୍ୟ ମାନବ ଜୀବନକୁ ନଷ୍ଟ କରନ୍ତୁ ନାହିଁ । ପରମାତ୍ମାଙ୍କ ଭକ୍ତିକରି ଆପଣ ସହଜରେ ଋଣମୁକ୍ତ ହୋଇଯିବେ ।

''ଉଚ୍ଚାରଣ ଓ ଆଚରଣ ମଧ୍ୟରେ ପାର୍ଥକ୍ୟ ଭୟାନକ ଅଟେ''

ଜଣେ ପ୍ରସିଦ୍ଧ ପ୍ରବଚକ ଥିଲେ । ସେ ପ୍ରତିଦିନ ରାମାୟଣ ପାଠ କରୁଥିଲେ । ଦିନେ କୌଣସି କାର୍ଯ୍ୟବଶତଃ ପ୍ରବଚକ ମହାଶୟଙ୍କୁ ସହରକୁ ଯିବାକୁ ପଡ଼ିଲା । ତାଙ୍କ ସାଥିରେ ଜଣେ ସାଙ୍ଗ ମଧ୍ୟ ଥିଲେ । ଗାଁ'ରୁ ତିନି କିଲୋମିଟର ଦୂରରେ ରେଳଷ୍ଟେସନ ଥିଲା । ସକାଳ ପାଞ୍ଚଟାରେ ଗାଡି ଚଢିବାର ଥିଲା, ତେଣୁ ସ୍ନାନ ଆଦି ନିତ୍ୟକର୍ମ ଶେଷକରି ଦୁହେଁ ଷ୍ଟେସନରେ ପହଞ୍ଚିଗଲେ । ଆଜିର ନିତ୍ୟପାଠ ଗାଡ଼ିରେ ବସିଥିବା ସମୟରେ କରିଦେବି ବିଚାରକରି ଗାଡ଼ିରେ ଚଢ଼ିଲେ । ଯେଉଁ ଡବାରେ ସେମାନେ ଚଢ଼ିଲେ, ସେଥିରେ ବହୁତ ଭିଡ଼ ଥିଲା, କୌଣସି ସିଟ୍ ଖାଲି ନ ଥିଲା । ତେଣୁ କିଛି ବ୍ୟକ୍ତି ତା ଭିତରେ ଛିଡ଼ା ହୋଇଥିଲେ । ଗାଡ଼ି ଚାଲିବା ଆରମ୍ଭ କଲା । କିଛି ସମୟ ପରେ ସିଟ୍‌ରେ ବସିଥିବା ଦୁଇଜଣ ବ୍ୟକ୍ତିଙ୍କୁ ପ୍ରବଚକ କହିଲେ, ଭାଇ ସାହେବ୍ ! କୃପାକରି ମୋତେ ଟିକେ ସିଟ୍‌ରେ ବସିବାକୁ ଦିଅନ୍ତୁ, ମୁଁ ରାମାୟଣ ପାଠ କରିବି । ସକାଳୁ ଗାଡି ଧରିବା ବ୍ୟସ୍ତତା କାରଣରୁ ଆଜିର ନିତ୍ୟପାଠ ଘରେ କରିପାରିନାହିଁ । ଏହା ଶୁଣି ଭଦ୍ରବ୍ୟକ୍ତି ଦୁଇଜଣ ନିଜ ସିଟ୍ ଛାଡି, ଛିଡ଼ା ହୋଇଗଲେ ଏବଂ କହିଲେ, ହେ ବିପ୍ରବର ! ଆମ୍ଭର ଆଜି କି ଭାଗ୍ୟ, ପବିତ୍ର ରାମାୟଣ ଗ୍ରନ୍ଥର ଅମୃତଜ୍ଞାନ ଆମ୍ଭକୁ ଶୁଣିବାକୁ ମିଳିବ । ପଣ୍ଡିତ ମହାଶୟ ଉଚ୍ଚ ସ୍ୱରରେ ରାମାୟଣ ପାଠ କରିବାକୁ ଲାଗିଲେ । ପ୍ରସଙ୍ଗ ଥିଲା, ଭରତ କିପରି ନିଜ ବଡ଼ଭାଇଙ୍କ ଅଧିକାର ପ୍ରାପ୍ତ ରାଜଗାଦିକୁ ଗ୍ରହଣ କଲେ ନାହିଁ । ଯେପର୍ଯ୍ୟନ୍ତ ଶ୍ରୀରାମଚନ୍ଦ୍ର ବନବାସ ଶେଷକରି ଫେରିବେ ନାହିଁ, ସେପର୍ଯ୍ୟନ୍ତ ରାଜଗାଦିରେ ବଡଭାଇ ରାମଚନ୍ଦ୍ରଙ୍କର ପାଦୁକା ରଖି ନିଜେ ତଳେ ବସି ଚାକର ସଦୃଶ ରାଜକାର୍ଯ୍ୟ ସମ୍ଭାଳିଲେ । ଯେତେବେଳେ ଭାଇ ରାମଚନ୍ଦ୍ର ଅଯୋଧ୍ୟା ଫେରିଲେ ସେତେବେଳେ ତାଙ୍କୁ ରାଜ୍ୟ ଫେରାଇଦେଲେ । ଭାଇ ହେବ ତ ଏମିତି । ପାଠ ସମ୍ପୂର୍ଣ୍ଣ ହେବା ପରେ ସମସ୍ତେ କହିଲେ, ବାଃ ପଣ୍ଡିତଜୀ ବାଃ ! ଆପଣ କମାଲ୍ କରିଦେଲେ ।

ସେହି ଡବାରେ ଜଣେ ବ୍ୟକ୍ତି ବସିଥିଲେ ଯିଏ ନିଜ ପିତାଙ୍କ ବର୍ଷିକିଆରେ ଏକ ଦିନର ପାଠ କରିବାକୁ ଚାହୁଁଥିଲେ କିନ୍ତୁ ପାଠ କରିବା ପାଇଁ ତାଙ୍କୁ ପଣ୍ଡିତ ମିଳୁନଥିଲେ । ବର୍ଷିକିଆ କର୍ମ ତା ପରଦିନ ହେବାରଥିଲା । ପଣ୍ଡିତ ମହାଶୟଙ୍କୁ ସେହି ବ୍ୟକ୍ତି କହିଲେ, ହେ ଗୁରୁଜୀ ! ଆସନ୍ତା କାଲି ମୋ ପିତାଙ୍କର ବର୍ଷିକିଆ ଉପଲକ୍ଷେ ଆପଣ ଆମ ଘରେ ପାଠ କରିବେ । ପଣ୍ଡିତଜୀ କହିଲେ, କାଲି କରିପାରିବି ନାହିଁ । ଡବାରେ ଉପସ୍ଥିତ ସମସ୍ତ ଯାତ୍ରୀ କହିଲେ, ପଣ୍ଡିତଜୀ ! ପାଠ କରିବା ତ ଆପଣଙ୍କର କର୍ମ ଅଟେ । ବିଚରା ଲୋକଟି ବହୁତ ଚିନ୍ତାରେ ଅଛି । ମାତ୍ର ପଣ୍ଡିତ ମହାଶୟ ସଫା ସଫା ମନା କରୁଥିଲେ । ସମସ୍ତେ ପଚାରିଲେ, ଏପରି କେଉଁ ଜରୁରୀ କାର୍ଯ୍ୟ ଅଛି ଯେ ଆପଣ କାଲି ପାଠ କରିବାକୁ ମନା କରୁଛନ୍ତି । 'ବାସ୍, ସେମିତି କିଛି ନାହିଁ' କହି ପଣ୍ଡିତ କଥା ଟାଳୁଥାନ୍ତି । କିନ୍ତୁ ତାଙ୍କ ସାଙ୍ଗ କହିଲେ, ମୁଁ ସତ କଥା କହୁଛି ! ସେ କାଲି କାହିଁକି ପାଠ କରିପାରିବେ ନାହିଁ ? ପଚାଶ ଗଜର ଏକ ଖାଲ ଜାଗା(ଅପରିଷ୍କାର ସନ୍ତସନ୍ତିଆ ଜମି) ପାଇଁ ସେ ନିଜ ଭାଇ ଉପରେ ମକଦ୍ଦମା କରିଛନ୍ତି । ଏହି ମୋକଦ୍ଦମାରେ ମୋତେ ସାକ୍ଷୀ କରାଯାଇଛି, ଆସନ୍ତା କାଲି ତାରିଖ ଅଛି । ଉପସ୍ଥିତ ବ୍ୟକ୍ତିମାନେ କହିଲେ, ପଣ୍ଡିତଜୀ ! ଯେପରି ମାର୍ମିକ କଥା ଆପଣ ପ୍ରବଚନରେ ଶୁଣାଉଛନ୍ତି, ନିଜେ ତାହା ପାଳନ କରୁନାହାଁନ୍ତି । ଏଭଳି ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଉଥିବା ପ୍ରବଚନର ପ୍ରଭାବ ଶ୍ରୋତାମାନଙ୍କ ଉପରେ କ'ଣ ପଡ଼ିବ ?

କବୀରଜୀ କହିଛନ୍ତି ଯେ :-

କବୀର, କରନୀ ତଜ୍ କଥନୀ କଥୈଂ, ଅଜ୍ଞାନୀ ଦିନ ରାତ ।
କୁକର (କୁକୁର)ଜ୍ୟୋଁ ଭୌକଡ୍ ଫିରୈଂ, ସୁନୀ ସୁନାଇ ବାତ ॥

ଗରୀବ ଦାସଜୀ କହିଛନ୍ତି ଯେ :-

ଗରୀବ, ବୀଜକ କୀ ବାତାଂ କହୈଂ, ବୀଜକ ନାହୀଁ ହାଥ ।
ପୃଥ୍ୱୀ ଡ଼ୋବନ ଉତରେ, ଯେ କହ କହ ମିଠି ବାତ ॥

ଶବ୍ଦାର୍ଥ : ଯେଉଁ ବ୍ୟକ୍ତିମାନେ ଅନ୍ୟକୁ ଜ୍ଞାନ କଥା କହି କାହାର ଅନିଷ୍ଟ ନ କରିବା ପାଇଁ ଶିକ୍ଷା ଦେଇଥାନ୍ତି କିନ୍ତୁ ସେମାନେ ନିଜେ ଭୁଲ୍ କରିଥାନ୍ତି, ସେହି ଆଧ୍ୟାତ୍ମିକ ଗୁରୁମାନେ ବୁଲା କୁକୁର ସହିତ ସମାନ ଯିଏ ବ୍ୟର୍ଥରେ ଭୁକି ଚାଲିଥାଏ । ଠିକ୍ ଏହିପରି ଧର୍ମଗୁରୁମାନେ ଜଣେ ଅନ୍ୟଜଣଙ୍କଠାରୁ କିଛି କଥା ଶୁଣି ଶିଷ୍ୟମାନଙ୍କୁ ଶୁଣାଇଥାନ୍ତି କିନ୍ତୁ ନିଜେ ପାଳନ କରିନଥାନ୍ତି ।(୧)

ବାଣୀ ନଂ୨ :-ସେହି ଅଜ୍ଞାନୀ ଧର୍ମଗୁରୁମାନେ ତତ୍ତ୍ୱଜ୍ଞାନ ନାମରେ ସମାଜରେ ସମ୍ପୂର୍ଣ୍ଣ ମିଥ୍ୟାଜ୍ଞାନର ପ୍ରଚାର କରିଥାନ୍ତି, କାରଣ ସେମାନଙ୍କୁ ତତ୍ତ୍ୱଜ୍ଞାନ ଜଣାନାହିଁ । ସେହି ମିଥ୍ୟାବାଦୀ ବ୍ୟକ୍ତିମାନେ ଅମୂଲ୍ୟ ମାନବ ଜୀବନର ସର୍ବନାଶ କରିବା ପାଇଁ ପୃଥିବୀରେ ଜନ୍ମ ନେଇଥାନ୍ତି ।(୨)

ସତସଙ୍ଗରୁ ମିଳିଲା ଭକ୍ତିର ମାର୍ଗ

ସନ୍ତ ନିତ୍ୟାନନ୍ଦଙ୍କ ପିଲାଦିନର ନାମ ନନ୍ଦଲାଲ ଥିଲା । ସେ ବ୍ରାହ୍ମଣ କୂଳରେ ଜନ୍ମ ଗ୍ରହଣ କରିଥିଲେ । ସେ ସନ୍ତ ଗରୀବ ଦାସଜୀ (ଗ୍ରାମ-ଛୁଡ଼ାଣୀ, ଜିଲ୍ଲା-ଝଜ୍ଜର୍)ଙ୍କ ଅଳ୍ପଦିନର ସମସାମୟିକ ଥିଲେ । ସନ୍ତ ଗରୀବ ଦାସଜୀଙ୍କର ଜୀବନକାଳ ସନ ୧୭୧୭ରୁ ୧୭୭୮ ପର୍ଯ୍ୟନ୍ତ ଥିଲା । ସେହି ସମୟରେ ବ୍ରାହ୍ମଣମାନଙ୍କୁ ବିଶେଷ ସମ୍ମାନ ଦିଆଯାଉଥିଲା ଓ ସର୍ବୋଚ୍ଚ ଜାତି ରୂପେ ସମାଜରେ ଗଣା ଯାଉଥିଲେ । ଯେଉଁଥିପାଇଁ ସେମାନଙ୍କ ମନରେ ଗର୍ବ ହେବା ସ୍ୱାଭାବିକ ଥିଲା । ନନ୍ଦଲାଲଜୀଙ୍କ ମାତା-ପିତାଙ୍କ ଦେହାନ୍ତ ହୋଇସାରିଥିଲା । ସେତେବେଳେ ସେ ସାତ-ଆଠ ବର୍ଷ ବୟସର ଥିଲେ । ତାଙ୍କ ଅଜା ନାରନୌଲ ନବାବଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚ ପଦବୀରେ ଥିଲେ । ତାଙ୍କର ଲାଳନ ପାଳନ ଅଜା ଆଈ କରିଥିଲେ । ଶିକ୍ଷା ସମାପ୍ତ ପରେ ଅଜା ନିଜ ନାତି ନନ୍ଦଲାଲଙ୍କୁ ନାରନୌଲ୍‌ର ତହସିଲଦାର କରାଇଦେଲେ । ଏକ ପକ୍ଷରେ ବ୍ରାହ୍ମଣ ଜାତି, ଅନ୍ୟ ପକ୍ଷରେ ସେତେବେଳର ତହସିଲଦାର ପଦବୀ । ଯେଉଁ କାରଣରୁ ଅହଙ୍କାର ହେବା ସ୍ୱଭାବିକ । ଅଜା-ଆଈ ତହସିଲଦାରଙ୍କର ବିବାହ ମଧ୍ୟ କରାଇ ଦେଇଥିଲେ । ଦିନେ ତହସିଲଦାରଙ୍କ ବଙ୍ଗଳାଠାରୁ ଅଳ୍ପ ଦୂରରେ, ଶ୍ରୀ ଗୁମାନୀ ଦାସ ନାମକ ଜଣେ ବୈଷ୍ଣବ ସନ୍ତ ନିଜର ଜଣେ ଭକ୍ତଙ୍କ ଘରେ ସତସଙ୍ଗ କରୁଥିଲେ । ସେ ଶ୍ରୀ ବିଷ୍ଣୁଙ୍କର ଭକ୍ତ ଥିଲେ । ସର୍ବ ସନ୍ତଜନ ନିଜ ସତସଙ୍ଗରେ ପରମାତ୍ମା କବୀରଜୀଙ୍କ ଅମୃତବାଣୀର ସହାୟତା ନିଶ୍ଚୟ ନେଉଥିଲେ । ସେଦିନ ସତସଙ୍ଗରେ କୁହାଯାଉଥିଲା ଯେ ଆମ୍ଭକୁ ମାନବ ଜୀବନ କାହିଁକି ପାଇଁ ପ୍ରାପ୍ତ ହୋଇଛି, କିନ୍ତୁ ସତସଙ୍ଗ ଶ୍ରବଣ ନ କରିବା କାରଣରୁ ସାଂସାରିକ ଜଞ୍ଜାଳ ଭିତରେ ଛନ୍ଦି ହୋଇ ନିଜ ଅମୂଲ୍ୟ ମାନବ ଜୀବନକୁ ଆମ୍ଭେ ନଷ୍ଟ କରିଦେଇଥାଉ । ଅଜ୍ଞାନତା କାରଣରୁ ଏହି ଜୀବ ଧନ, ପଦ, ତଥା ଜାତିର ଅଭିମାନ କରିଥାଏ । ଭକ୍ତି କରୁ ନ ଥିବା ପ୍ରାଣୀ ପରଜନ୍ମରେ ଗଧ, କୁକୁର, ବଳଦ ଆଦି ପଶୁ-ପକ୍ଷୀଙ୍କ ଶରୀର ପ୍ରାପ୍ତକରି କଷ୍ଟ ଭୋଗିଥାଏ । ତେଣୁ ଅଭିମାନ ତ୍ୟାଗ କରି ପୂର୍ଣ୍ଣସନ୍ତଙ୍କଠାରୁ ଦୀକ୍ଷା ନେଇ ନିଜର କଲ୍ୟାଣ କରାଇବା ଉଚିତ୍ । ଅନ୍ୟଥା ପର୍ବତଠାରୁ ଅଧିକ କଷ୍ଟ ଭୋଗିବାକୁ ପଡ଼ିବ ।

ସତସଙ୍ଗ ପ୍ରାରମ୍ଭ ହେବା ଶୁଣି ତହସିଲଦାର ଘର ଛାତ ଉପରକୁ ଯାଇ ଚୌକି ପକାଇ ବସିଗଲେ, ସମ୍ପୂର୍ଣ୍ଣ ସତସଙ୍ଗ ଶୁଣିଲେ । ଦୀକ୍ଷା ନେବା ପାଇଁ ତାଙ୍କ ମନରେ ପ୍ରବଳ ଉତ୍କଣ୍ଠା ଜାତ ହେଲା, କିନ୍ତୁ ଜାତି ଓ ପଦର ଅହଙ୍କାର ତାଙ୍କୁ ବ୍ୟତିବ୍ୟସ୍ତ କରୁଥାଏ । ସମାଜରେ ବ୍ରାହ୍ମଣମାନଙ୍କର ବହୁତ ଇଜ୍ଜତ ଅଛି, ପୁଣି ମୁଁ ଜଣେ ତହସିଲଦାର, ସତସଙ୍ଗକୁ ସାଧାରଣ ଲୋକମାନେ ଯାଇଥାନ୍ତି, ମୋତେ ଲାଜ ଲାଗିବ, ମୁଁ ଆଶ୍ରମକୁ କିପରି ଯିବି ? ଏହିଭଳି ଅନେକ କଥା ଚିନ୍ତାକରି ଶେଷରେ

ସେ ନିଷ୍ପତ୍ତି ନେଲେ ଯେ ଦିନେ ସକାଳ ସମୟରେ ଆଶ୍ରମରେ ଯାଇ ପହଞ୍ଚିବି । ଅନ୍ୟ ବ୍ୟକ୍ତିମାନେ ପହଞ୍ଚିବା ପୂର୍ବରୁ ମୁଁ ଦୀକ୍ଷାନେଇ ଫେରି ଆସିଥିବି । ସତସଙ୍ଗ ସାରି ସନ୍ଥ ମହାତ୍ମା ଆଶ୍ରମକୁ ଫେରିଗଲେ । ସନ୍ଥ ମହାତ୍ମା ପ୍ରତିଦିନ ସକାଳେ କିଛି ସମୟ ପାଇଁ ପ୍ରାତଃଭ୍ରମଣ କରିଥାନ୍ତି । ଦିନେ ସକାଳେ ନନ୍ଦଲାଲଜୀ ଘୋଡ଼ାରେ ବସି ଆଶ୍ରମ ଆଡ଼କୁ ଯାଉଥିଲେ । ଗୁମାନୀ ଦାସଜୀ ପ୍ରାତଃଭ୍ରମଣ ପାଇଁ ସେହି ରାସ୍ତାରେ ଯାଉଥିଲେ । ଗୁମାନୀ ଦାସଜୀ ମୁଣ୍ଡବାଳ କାଟି ଲଣ୍ଡା ହୋଇଥିଲେ । ମୁଣ୍ଡରେ କୌଣସି ବସ୍ତ୍ର ନଥିଲା । ନନ୍ଦଲାଲଜୀ ବ୍ରାହ୍ମଣ ହୋଇଥିବା କାରଣରୁ ଶୁଭ-ଅଶୁଭରେ ବିଶ୍ୱାସ ରଖୁଥିଲେ । କୌଣସି ଶୁଭ କାର୍ଯ୍ୟରେ ବାହାରିବା ସମୟରେ ସମ୍ମୁଖକୁ ଯଦି କେହି ଲଣ୍ଡା ହୋଇଥିବା ବ୍ୟକ୍ତି ଆସିଯାଏ ତେବେ ସେଦିନର ଯାତ୍ରା ରଦ୍ଦ କରିଦେଉଥିଲେ । ନନ୍ଦଲାଲଜୀ ଦୀକ୍ଷା ନେବାପାଇଁ ଆଶ୍ରମକୁ ଯାଉଥିଲେ, ଏହା ତାଙ୍କ ଜୀବନର ସର୍ବୋତ୍ତମ ଦିନ ଥିଲା । କିନ୍ତୁ ତାଙ୍କ ସମ୍ମୁଖକୁ ଜଣେ ଲଣ୍ଡାମୁଣ୍ଡିଆ ବ୍ୟକ୍ତି ଆସିଗଲା । ନନ୍ଦଲାଲଜୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଗଲା, ସେ ବହୁତ କ୍ରୋଧିତ ହୋଇଗଲେ । ମନରେ ବିଚାର କଲେ ଯେ ଆଜି ଦୀକ୍ଷା ନେବାର ସୁଯୋଗ ହାତଛଡା କରିବି ନାହିଁ, କିନ୍ତୁ ନିଜ ଅଶୁଭ ମୂହୁର୍ତ୍ତକୁ ଟାଳିବାକୁ ଚାହୁଁଥିଲେ । ତେଣୁ ସେ ନିଜେ ଏହି ସମସ୍ୟାର ସମାଧାନ ପାଇଁ ଏକ ରାସ୍ତା ବାହାର କଲେ ଯେ ଏହି ଅଲକ୍ଷଣା ବ୍ୟକ୍ତି ମୁଣ୍ଡରେ ଠଣା (ହାତ ଆଙ୍ଗୁଠିର ପଛପଟ) ମାରିଦେଲେ ଅଶୁଭ ମୂହୁର୍ତ୍ତ କଟିଯିବ । ଏହି ଉଦ୍ଦେଶ୍ୟରେ ଘୋଡ଼ାକୁ ସେହି ବ୍ୟକ୍ତି (ସନ୍ଥ ଗୁମାନୀ ଦାସଜୀ)ଙ୍କ ପାଖରେ ଅଟକାଇଲେ ଏବଂ କହିଲେ, ଆରେ ହତଭାଗା ! ତୋତେ ଲଣ୍ଡା ହୋଇ କ'ଣ ଆଜି ମୋ ସାମ୍ନାକୁ ଆସିବାର ଥିଲା । ମୋ ଜୀବନର ସବୁଠାରୁ ଉତ୍ତମ କାର୍ଯ୍ୟ ପାଇଁ ଆଜି ମୁଁ ଆଶ୍ରମକୁ ଯାଉଥିଲି । ଏହା କହି ଗୁମାନୀ ଦାସଙ୍କ ମୁଣ୍ଡରେ ଠଣା ମାରି ଘୋଡ଼ାକୁ ଆଶ୍ରମ ଆଡ଼କୁ ଦୌଡ଼ାଇଲେ । ସନ୍ଥମାନଙ୍କ ସହିତ ଏଭଳି ଘଟଣା ଘଟିବା ଅତି ସାଧାରଣ କଥା ଅଟେ । ଏଭଳି ଘଟଣାକୁ ସେମାନେ ଅଧିକ ଧ୍ୟାନ ଦେଇ ନଥାନ୍ତି । ଗୁମାନୀ ଦାସ ବିଚାର କଲେ ଯେ ଏହି ବ୍ୟକ୍ତି, ଜଣେ ସଭ୍ୟ ଓ କୌଣସି ଉଚ୍ଚ ଅଧିକାରୀ ତଥା ଉଚ୍ଚ କୂଳର ଲାଗୁଛି କିନ୍ତୁ କାର୍ଯ୍ୟ ଏକ ଗାଈଆଳ ଭଳି କଲେ । ନନ୍ଦଲାଲ ଆଶ୍ରମରେ ପହଞ୍ଚିଲେ । ସେଠାରେ ସନ୍ଥଜୀଙ୍କ ଶିଷ୍ୟଙ୍କ ସହିତ ଭେଟ ହେଲେ, ଉଭୟେ ଉଭୟଙ୍କୁ ରାମ ରାମ କହିଲେ ଏବଂ ଆସିବାର କାରଣ ଜଣାଇଲେ । ଘୋଡ଼ାକୁ ଗୋଟିଏ ଗଛରେ ବାନ୍ଧିଦେଇ ସନ୍ଥ ମହାତ୍ମାଙ୍କ ଆସନ ନିକଟରେ ବିଛାଯାଇଥିବା ଚଟେଇ ଉପରେ ବସିଗଲେ । ସନ୍ଥ ଗୁମାନୀ ଦାସ ପ୍ରାତଃଭ୍ରମଣ ପଶ୍ଚାତ ସ୍ନାନ ସାରି ଆସନରେ ବସିବା ସମୟରେ ଏକ ଘୋଡ଼ା ଦେଖିଲେ । ତା'ପରେ ଘଟଣା ବୁଝିବାକୁ ତାଙ୍କୁ ଆଉ ସମୟ ଲାଗିଲା ନାହିଁ । ନନ୍ଦଲାଲଜୀ, ଗୁମାନୀ ଦାସଙ୍କୁ ଦେଖି ଲାଜରେ ମୁଣ୍ଡ ତଳକୁ କରିଦେଲେ । ପୂର୍ବରୁ ଆଶ୍ରମର ଭକ୍ତମାନେ ଗୁମାନୀ ଦାସଙ୍କୁ ଜଣାଇ ଦେଇଥିଲେ ଯେ ଏହି ତହସିଲଦାର ବାବୁ ଦୀକ୍ଷା ନେବାକୁ ଆସିଛନ୍ତି । ନନ୍ଦଲାଲଜୀ ସନ୍ଥଙ୍କ ଚରଣରେ ପଡ଼ିଗଲେ ଏବଂ ମୁଣ୍ଡରେ ଠଣା ମାରିବାର କାରଣ ଜଣାଇଲେ । ଏହା ଶୁଣି ସନ୍ଥ ଗୁମାନୀ ଦାସ କହିଲେ, ହେ ଭକ୍ତ ! ଯେତେବେଳେ ଆମ୍ଭେ ଏକ ଅଣା ମୂଲ୍ୟର ଘଡିଟିଏ କିଣିବା ପାଇଁ କୁମ୍ଭାର ପାଖକୁ ଯାଇଥାଉଁ ସେତେବେଳେ ଠଣା ମାରି ଘଡିଟିକୁ ଯାଞ୍ଚ କରିଥାଉ ଯେ, ଘଡିଟି ଫଟା ନୁହେଁ ତ । କିନ୍ତୁ ଆପଣ ଜୀବନର ସୌଦା କରିବା ପାଇଁ ଆସି ଗୁରୁଜୀଙ୍କୁ ଠଣା ମାରି ଯାଞ୍ଚ କରିବାରେ କୌଣସି ପାପ କରିନାହାଁନ୍ତି । ନନ୍ଦଲାଲଜୀ, ସନ୍ଥ ମହାତ୍ମାଙ୍କ ଶୀତଳ ସ୍ୱଭାବରେ ଆହୁରି ଅଧିକ ପ୍ରଭାବିତ ହୋଇ ଦୀକ୍ଷା ଗ୍ରହଣ କଲେ । ସନ୍ଥ ଗୁମାନୀ ଦାସ ତାଙ୍କ ନାମ ବଦଳାଇ ନିତ୍ୟାନନ୍ଦ ରଖିଦେଲେ । ସତସଙ୍ଗରୁ ଜୀବନର ମାର୍ଗ ମିଳିବା ପରେ ନିତ୍ୟାନନ୍ଦଜୀ ଏହି ବାଣୀ ବୋଲିଲେ :-

ବ୍ରାହ୍ମଣ କୂଳ ମେଁ ଜନ୍ମ ଥା, ମୈଁ କରତା ବହୁତ ମରୋଡ ।
ଗୁରୁ ଗୁମାନୀ ଦାସ ନେ, ଦିଆ କୁବୁଦ୍ଧି ଗଡ ତୋଡ ॥

ତା'ପରେ ତାଙ୍କ ମନରେ କେତେ ବିନମ୍ର ଭାବ ଆସିଥିଲା, ତାହା ଏହି ବାଣୀରୁ ସ୍ପଷ୍ଟ ହୁଏ :-

ସିର ସୌଂପା ଗୁରୁଦେବ କୋ, ସଫଲ ହୁଆ ଯହ ଶୀଶ ।
ନିତ୍ୟାନନ୍ଦ ଇସ ଶୀଶପର, ଆପ ବସେ ଜଗଦୀଶ ॥

ଭାବାର୍ଥ:- ମନୁଷ୍ୟକୁ ଯେପର୍ଯ୍ୟନ୍ତ ସତସଙ୍ଗ ବିଚାର ଶୁଣିବାକୁ ନ ମିଳିଛି ସେପର୍ଯ୍ୟନ୍ତ ସେ ଭୁଲବଶତଃ ଅହଙ୍କାରରେ ବୁଡି ରହିଥାଏ । ଯେତେବେଳେ ତାର ଜ୍ଞାନ ହୋଇଯାଏ ଯେ ଆଜି ମୁଁ

ରାଜା ହୋଇଛି କିନ୍ତୁ ମୃତ୍ୟୁପରେ ଗଧ, କୁକୁର ଆଦି ହେବି, ଅହଙ୍କାର କରି ଲାଭ କ'ଣ ? ତେଣୁ ଭକ୍ତମାନେ ସେହି କୁତ୍ସିତ ବିଚାରଧାରାକୁ ଜ୍ଞାନ ମାଧ୍ୟମରେ ପରିଷ୍କାର କରି ଭକ୍ତି ମାର୍ଗରେ ଅଗ୍ରସର ହୋଇଥାନ୍ତି ଏବଂ ସଫଳତା ପ୍ରାପ୍ତ କରିଥାନ୍ତି । ଶ୍ରୀଲଙ୍କାର ରାଜା ରାବଣ ବହୁତ ଭକ୍ତି କରିଥିଲା, କିନ୍ତୁ ଅହଙ୍କାର ତ୍ୟାଗ କରିପାରି ନଥିଲା, ଯେଉଁ କାରଣ ପାଇଁ ତା'ର ବିନାଶ ହେଲା । ରାବଣ ବ୍ରାହ୍ମଣ ଥିଲା । ନିତ୍ୟାନନ୍ଦଜୀ ମଧ୍ୟ ବ୍ରାହ୍ମଣ ଥିଲେ । ସତସଙ୍ଗ ଶୁଣି ନିତ୍ୟାନନ୍ଦଜୀଙ୍କ ହୃଦୟ ନିର୍ମଳ ହୋଇଗଲା କିନ୍ତୁ ରାବଣକୁ ସତସଙ୍ଗ ଶୁଣିବାକୁ ମିଳି ନ ଥିଲା । ସେହି କାରଣରୁ ତା ଜୀବନ ବ୍ୟର୍ଥ ହେଲା ଏବଂ ଅଲିଭା କଳଙ୍କର ଦାଗ ମଧ୍ୟ ତା'ନାଁରେ ସବୁଦିନ ପାଇଁ ଲାଗିଗଲା । ନିତ୍ୟାନନ୍ଦଜୀ କହିଲେ, ମୋ ଜନ୍ମ ବ୍ରାହ୍ମଣ କୂଳରେ ହୋଇଥିବା ତଥା ଜାତିର ଅଭିମାନ କାରଣରୁ ମୁଁ ବହୁତ ଆତ୍ମଗର୍ବ (ଅହଙ୍କାର) କରୁଥିଲି । କିନ୍ତୁ ମୁଁ ଯେତେବେଳେ ଗୁରୁ ଗୁମାନୀ ଦାସଙ୍କ ସତସଙ୍ଗ ବଚନ ଶୁଣିଲି ସେତେବେଳେ ଜାତି ଅହଙ୍କାର ରୂପୀ କୁବୁଦ୍ଧିର ଗଡ଼ ମୋର ଧ୍ୱଂସ ହୋଇଗଲା । ମୋ ମନୁଷ୍ୟ ଜନ୍ମ ସାର୍ଥକ ହୋଇଗଲା ।(୧)

ବାଣୀ ନଂ-୨ର ଭାବାର୍ଥ:- ସତସଙ୍ଗ ଶ୍ରବଣ କରି ନିତ୍ୟାନନ୍ଦଜୀ ବହୁତ ବିନମ୍ର ସ୍ୱଭାବର ହୋଇଗଲେ । ଅହଙ୍କାର ତ୍ୟାଗ କରି କହିବାକୁ ଲାଗିଲେ ଯେ ମୁଁ ଗୁରୁଜୀଙ୍କୁ ମୋ ମସ୍ତକ ଦାନ କରିଦେଇଛି, ଅର୍ଥାତ ଗୁରୁଜୀ ମୋତେ ଯେଉଁଭଳି ରଖିବେ ମୁଁ ସେହିଭଳି ରହିବି । ମୋ ଜୀବନ ଧନ୍ୟ ହୋଇଗଲା ଅନ୍ୟଥା କୌଣସି ରୋଗ କାରଣରୁ ଜୀବନ ନାଶ ହୋଇଯାଇଥାନ୍ତା । ଏବେ ମୋ ମସ୍ତକରେ ପରମାତ୍ମାଙ୍କର ନିବାସ ଅଟେ । ପରମାତ୍ମା ମୋର ରକ୍ଷା କରୁଛନ୍ତି । ମୋର କୌଣସି ଚିନ୍ତା ନାହିଁ ।

ନିତ୍ୟାନନ୍ଦଜୀଙ୍କ ଶବ୍ଦ :-

ଔର ବାତ ତେରେ କାମ ନା ଆବୈ, ତୁ ସନ୍ତୋ ଶରଣୈ ଲାଗ୍‌ରେ ।
କ୍ୟା ସୋଓ୍ୱେ ଗଫଲତ ମେଁ ବନ୍ଦେ, ଜାଗ - ଜାଗ ନର ଜାଗ ରେ ॥
ଇସ ତନ ସରାୟ ମେଁ ଜୀବ ମୁସାଫିର - କରତା ରହେ ଦିମାଗ ରେ ।
ରାତ ବସେରା କରଲେ ଡ଼େରା - ଚଲୈ ସବେରା ତ୍ୟାଗ ରେ । ଔର ବାତ ------।
ଉମଦା ଚୋଲା ବନା ଅନମୋଲା - ଲଗେ ଦାଗ ପର ଦାଗ ରେ ।
ଦୋ ଦିନ କ ଗୁଜରାଣ ଜଗତ ମେଁ - ଜଳେ ବିରାନୀ ଆଗରେ । ଔର ବାତ -----।
କୁବୁଦ୍ଧ କାଞ୍ଚଳୀ ଚଢ ରହୀ ଚିତ ପର - ତୁ ହୁଆ ମନୁଷ୍ୟ ସେ ନାଗରେ ।
ସୂଝେ ନେହାଁ ସଜନ ସୁଖ ସାଗର - ବିନା ପ୍ରେମ ବୈରାଗରେ । ଔର ବାତ ----।
ହର ସୁମରୈଁ ସୋ ହଂସ କହାବୈ - କାମୀ କ୍ରୋଧୀ କାଗରେ ।
ଭଁଓରା ନା ଭରମୈ ବିଷ କେ ବନ ମେ - ଚଲ ବେଗମପୁର ବାଗରେ । ଔର ବାତ ।
ଶବ୍ଦ ସୈନ ସତଗୁରୁ କୀ ପହଚାନୀ ପାୟା ଅଟଳ ସୁହାଗ ରେ ।
ନିତାନନ୍ଦ ମେହବୁବ ଗୁମାନୀ - ପ୍ରକଟେ ପୂର୍ଣ୍ଣ ଭାଗ ରେ । ଔର ବାତ ----------।

ଶବ୍ଦାର୍ଥ:-ହେ ମାନବ (ସ୍ତ୍ରୀ/ପୁରୁଷ) ! ପରମାତ୍ମାଙ୍କ ବିଷୟରେ ଚର୍ଚ୍ଚା କରିବା ଏବଂ ଭକ୍ତି କରିବା ବ୍ୟତୀତ ଅନ୍ୟ କୌଣସି କଥା ଅର୍ଥାତ ଚର୍ଚ୍ଚା ତୋର କୌଣସି କାମରେ ଆସିବ ନାହିଁ । ତୋତେ ତତ୍ତ୍ୱଜ୍ଞାନ ଜଣାନାହିଁ । ସେହି କାରଣରୁ ମୋହ-ମମତା ଓ ଅଜ୍ଞାନତାର ନିଦ୍ରାରେ ଶୋଇଛୁ ଅର୍ଥାତ ପରମାତ୍ମାଙ୍କୁ ଭୂଲିଯାଇଛୁ । ତୁ ଜାଗ୍ରତ ହୋଇ ଯାଆ ଅର୍ଥାତ ସୁଧୁରି ଯାଆ ଏବଂ ସନ୍ତୁଙ୍କ ସତସଙ୍ଗ ଶ୍ରବଣ କରି ନିଜ ଆତ୍ମକଲ୍ୟାଣ କର । ମାନବ ଶରୀରରେ ଜୀବର ସ୍ଥିତି ଏହିପରି ଯେପରି ଯାତ୍ରୀ କୌଣସି ହୋଟେଲରେ ରୁମ୍ ଭଡା ନେଇ ରାତ୍ରିଯାପନ କରେ ଏବଂ ସକାଳ ହେବା ମାତ୍ରେ ରୁମ୍ ଛାଡି ନିଜ କାର୍ଯ୍ୟରେ ଚାଲିଯାଇଥାଏ । ଠିକ୍ ଏହିପରି ଶରୀର ରୂପୀ ହୋଟେଲରେ ଜୀବ ଏକ ଯାତ୍ରୀ ସଦୃଶ୍ୟ । ଯେତେବେଳେ ମୃତ୍ୟୁ ସମୟ ଆସିବ, ସେତେବେଳ ସକାଳ ହୋଇଯିବ ଅର୍ଥାତ ଶରୀର ରୂପକ ସରାୟ ଅର୍ଥାତ ହୋଟେଲ ତ୍ୟାଗ କରିବାର ସମୟ ହୋଇଯାଇଥିବ ।

ଶରୀର ତ୍ୟାଗପରେ ଭକ୍ତି ନ କରିଥିବା କାରଣରୁ ଆପଣ ଖାଲି ହାତରେ ଯିବେ ।

ଝମାନବ ଶରୀର ରୂପି ବସ୍ତ୍ର ବହୁ ମୁଲ୍ୟବାନ ଅଟେ । ତତ୍ତ୍ୱଜ୍ଞାନ ଅଭାବରୁ ଜୀବ ଭକ୍ତି ନ କରି ପାପ ପରେ ପାପ କରି ଏହି ବସ୍ତ୍ର ଉପରେ ଦାଗ ଲଗାଇଥାଏ । ଏହି ସଂସାରରେ ଜୀବନ ଦୀର୍ଘାୟୁ ନୁହେଁ । ନିଜ ପରିବାର ପ୍ରତିପୋଷଣ ତଥା ଧନ ସଂଗ୍ରହ କରିବା ଉଦ୍ଦେଷ୍ୟରେ କେତେ ଯେ କଷ୍ଟ ଭୋଗ କରିବାକୁ ପଡୁଛି । ମଣିଷ ପାପକର୍ମ କରି ଧନ ଏକତ୍ରିତ କରୁଛି । ମୃତ୍ୟୁ ପଶ୍ଚାତ୍ ପରିବାର ଓ ଧନ-ସମ୍ପତ୍ତି ସବୁ ପର ହୋଇଯିବ । ଏହି ଧନ ଏକତ୍ରିତ କରିବା ପାଇଁ କରିଥିବା ପାପ ତୋତେ ନର୍କରେ ଜାଳାଇବ । ତେଣୁ ତୁ ପାପ କରି ଅନ୍ୟର (ବିରାନୀ) ଅଗ୍ନିରେ ଜଳି ମରନା ।

ଝସତସଙ୍ଗ ଶ୍ରବଣ ବିନା ପାପ-ପୂଣ୍ୟ ଓ ଶିଷ୍ଟାଚାର ବିଷୟରେ ଜ୍ଞାନ ହୋଇନଥାଏ । ମଣିଷ ଦୁଷ୍ଟବୁଦ୍ଧି ଯୁକ୍ତ ହୋଇ, ମାନବିକତାକୁ ଭୁଲି ନିଜ ଶକ୍ତି ଦ୍ୱାରା ଦୁର୍ବଳକୁ କଷ୍ଟ ଦେଇ ସର୍ପ ଭଳି କାର୍ଯ୍ୟ କରେ ଯାହା ତା ପାଇଁ ବିନାଶର କାରଣ ହୋଇଥାଏ । ହେ ସଜ୍ଜନ ପୁରୁଷ ! ବିନା ପ୍ରେମ ତଥା ସୁଦ୍ଧ ଚିତ୍ତରେ ସତସଙ୍ଗ ନ ଶୁଣିଲେ ଏହି ଜ୍ଞାନକୁ ହୃଦୟଙ୍ଗମ କରିହେବ ନାହିଁ ।

ଝଯେଉଁ ବ୍ୟକ୍ତି ଭକ୍ତି କରିଥାଏ ତାକୁ ଭକ୍ତ କୁହାଯାଏ ଅର୍ଥାତ ହଂସ ପକ୍ଷୀ ଭଳି ତାକୁ ଅହିଂସାବାଦୀ କୁହାଯାଏ ଅର୍ଥାତ ଭକ୍ତ କାହାକୁ କଷ୍ଟ ଦିଏ ନାହିଁ । ହଂସ ପକ୍ଷୀ ସରୋବାରର ମାଛ ଓ ପୋକ-ଜୋକ ଆଦି ଖାଇନଥାଏ । କେବଳ ମୋତି ଖାଇଥାଏ । କିନ୍ତୁ କାଉ ସ୍ୱାର୍ଥରେ ଅନ୍ଧ ହୋଇ ଜୀବିତ ପଶୁ-ପକ୍ଷୀଙ୍କର ମାଂସକୁ ଖୁମ୍ପି ଖାଇଥାଏ, ଅନ୍ୟକୁ କଷ୍ଟ ଦେଇଥାଏ । ଏହିପରି ସତସଙ୍ଗ ନ ଶୁଣୁଥିବା ବ୍ୟକ୍ତି ଆଧ୍ୟାତ୍ମିକ ଜ୍ଞାନ ଅଭାବରୁ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଅନ୍ୟର ଧନ ଲୁଣ୍ଠନ କରିଥାଏ, ଚୋରୀ କରିଥାଏ ବା ଅନ୍ୟ କଷ୍ଟ ଦେଇଥାଏ ଯାହା ପାପ ଅଟେ । ରେ ଜୀବ ରୂପୀ ଭଅଁର ! ବିଷୟ-ବାସନା, କାମ-କ୍ରୋଧ, ଲୋଭ-ମୋହ ରୂପକ ବିଷ ବଣରେ ବାଟବଣା ହୁଅ ନାହିଁ । ଏହି କାଳଲୋକ ଦୁଃଖାଳୟ ଅଟେ । ଦୁଃଖରହିତ ସେହି ସତଲୋକକୁ ଚାଲ, ତାହା ସୁଖଦାୟକ ବଗିଚା ପରି ।

ଝନିତ୍ୟାନନ୍ଦଜୀ କହିଲେ କି ମୁଁ, ମୋ ଗୁରୁଜୀଙ୍କ ସତସଙ୍ଗ ଶୁଣିଲି ଏବଂ ତାଙ୍କ ଇଙ୍ଗିତ ବୁଝିପାରିଲି ଯାହା ବିଷୟରେ ଉପରେ ଉଲ୍ଲେଖ ଅଛି । ନିଜ ଜୀବନ ଧନ୍ୟ କଲି । ମୋତେ, ମୋ ପ୍ରିୟ ମହବୁବ ଗୁରୁ ଗୁମାନୀ ଦାସଜୀ ମିଳିଗଲେ । ଏହା ମୋ ପୂର୍ବଜନ୍ମର କୌଣସି ସୌଭାଗ୍ୟ ଥିଲା ।

ଶବ୍ଦ

ତନ ମନ ଶୀଶ ଈଶ ଅପନେ ପେ, ପହଲମ ଚୋଟ ଚଢ଼ାବୈ ।
ଜବ କୋଏ ରାମ ଭକ୍ତ ଗତି ପାବୈ, ହୋ ଜୀ ॥ ଘୋଷା ॥
ସତଗୁରୁ ତିଳକ ଅଜପା ମାଳା, ଯୁକ୍ତ ଜଟା ରଖବାବୈ ।
ଜତ କୋପୀନ ସତ କା ଚୋଲା, ଭୀତର ଭେଖ ବନାବୈ ॥୧॥
ଲୋକ ଲାଜ ମର୍ଯ୍ୟାଦ ଜଗତ କୀ, ତୃଣ ଜ୍ୟୋଂ ତୋଡ଼ ବଗାବୈ ।
କାମିନୀ କନକ ଜହର କର ଜାଣୈ, ଶହର ଅଗମପୁର ଜାବୈ ॥୨॥
ଜ୍ୟୋଁ ପତିବ୍ରତା ପତି ସେ ରାତୀ, ଆନ ପୁରୁଷ ନା ଭାବୈ ।
ବସୈ ପୀହର ମେଁ ପ୍ରୀତ ପ୍ରୀତମ ମେଁ, ନ୍ୟୁ କୋଏ ଧ୍ୟାନ ଲଗାବୈ ॥ ୩ ॥
ନିନ୍ଦା ସ୍ତୁତି ମାନ ବଡ଼ାଇ ମନ ସେ ମାର ଗିରାବୈ ।
ଅଷ୍ଟ ସିଦ୍ଧି କୀ ଅଟକ ନା ମାନେ, ଆଗେ କଦମ ବଢ଼ାବୈ ॥୪॥
ଆଶା ନଦୀ ଉଲ୍ଟ କର ଡ଼ାଟୈ, ଆଡ଼ା ବନ୍ଧ ଲଗାବୈ ।
ଭବଜଳ ଖାର ସମୁଦ୍ର ମେଁ, ବହୁର ନା ଖୋଡ ମିଳାବୈ ॥୫॥
ଗଗନ ମହଲ ଗୋବିନ୍ଦ ଗୁମାନୀ, ପଲକ ମାହିଁ ପହୁଞ୍ଚାବୈ ।

ନିତାନନ୍ଦ ମାଟି କା ମନ୍ଦିର - ନୂର ତେଜ ହୋ ଜାବୈ ॥୬॥

ଶବ୍ଦାର୍ଥ:- ସନ୍ଥ ନିତ୍ୟାନନ୍ଦଜୀ ଭକ୍ତିକୁ ସଫଳ କରିବାର ବିଧି ବତାଇ କହିଛନ୍ତି ଯେ ଗୁରୁଜୀଙ୍କଠାରୁ ଦୀକ୍ଷା ଗ୍ରହଣ ପରେ ପରମେଶ୍ୱରଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପିତ ହୋଇଯିବା ଉଚିତ । ତନ-ମନ-ଧନ ସବୁକିଛି ପରମେଶ୍ୱରଙ୍କୁ ଅର୍ପଣ କରିଦେବା ଅର୍ଥାତ ପ୍ରାରମ୍ଭରୁ ସମ୍ପୂର୍ଣ୍ଣ ସମର୍ପଣ ଭାବ ଆସିଥାଏ । ତତ୍‌ପଶ୍ଚାତ ଭକ୍ତର ଗତି ଅର୍ଥାତ୍ ମୁକ୍ତି ହେବ ।

ଝବାଣୀ ନଂ୧ :- କିଛି ସାଧକ ଲୋକ ଦେଖାଣିଆ ବେଶ ଧରି କପାଳରେ ତିଳକ ଲଗାଇ, ମାଳା ଧରି ମନ୍ତ୍ରଜପ କରିଥାନ୍ତି । ମୁଣ୍ଡବାଳ ବଢାଇ ଜଟା ରଖିଥାନ୍ତି । ଜଙ୍ଗିଆ ପିନ୍ଧିବା ପରିବର୍ତ୍ତେ କେବଳ ଚାରିଇଞ୍ଚଉଡାର କୌପୀନ ବାନ୍ଧିଥାନ୍ତି ଏବଂ ଶରୀରକୁ ଢାଙ୍କିବା ପାଇଁ ଲମ୍ବା କୁର୍ତ୍ତା ପିନ୍ଧିଥାନ୍ତି ଯାହା ଆଣ୍ଠୁ ତଳକୁ ଲମ୍ବିଥାଏ । ଏହିପରି ବାହ୍ୟ ଆଡମ୍ବର ଦେଖାଇବା ପରିବର୍ତ୍ତେ ନିଜ ସତଗୁରୁଙ୍କୁ ସମ୍ମାନ ଦେବା ଉଚିତ । ତାଙ୍କୁ ମୁଣ୍ଡରେ ବସାଇବା ଉଚିତ ଅର୍ଥାତ୍ ଭକ୍ତ ହୋଇ ଗୁରୁଦେବଙ୍କର ପ୍ରତ୍ୟେକଟି ଆଦେଶ ଓ ମର୍ଯ୍ୟଦାକୁ ପାଳନ କରି ଜନତାଙ୍କ ପାଇଁ ଉଦାହରଣ ହୁଅ ଯେ ଭକ୍ତ ହେବ ତ ଏହିଭଳି ଯଦ୍ୱାରା ଗୁରୁଜୀଙ୍କ ଶିକ୍ଷା-ଦୀକ୍ଷାର ପରିଣାମ ଦୂରରୁ ଦୃଶ୍ୟମାନ ହେବ ଯେପରି କପାଳରେ ଲାଗିଥିବା ତିଳକ ଦୂରରୁ ଦୃଶ୍ୟମାନ ହୋଇଥାଏ, ଯାହା ଜଣେ ଭକ୍ତର ପରିଚୟ ହୋଇଥାଏ । ଜଣେ ଭକ୍ତର ପରିଚୟ ତା'ର ବାହ୍ୟ ଆଡ଼ମ୍ବର ପରିବର୍ତ୍ତେ ତା'ର କ୍ରୀୟା-କଳାପ ଆଧାରରେ ହୋଇଥାଏ । କୁକର୍ମଠାରୁ ଦୂରେଇ ରହି ଶୁଭକର୍ମ କର । ନିଶ୍ୱାସକୁ ଜପାମାଳି କରି ନିଃଶ୍ୱାସ-ପ୍ରଶ୍ୱାସରେ ଅଜପା ମନ୍ତ୍ର ଜପ କର । ମୁଣ୍ଡବାଳକୁ ଜଟା କରି ବାନ୍ଧିବା ଅପେକ୍ଷା ସତଗୁରୁଙ୍କ ନିର୍ଦ୍ଦେଶିତ ଭକ୍ତିମାର୍ଗକୁ ଦୃଢ ଭାବେ ଗ୍ରହଣ କର । ଗୁପ୍ତାଙ୍ଗକୁ କେବଳ କୌପୀନ ଦ୍ୱାରା ଢାଙ୍କିଲେ ସଂଯମ ରହିନଥାଏ । ଜତି ଭାବ ଦ୍ୱାରା ସଂଯମ ରକ୍ଷା ହୋଇଥାଏ, ମନରେ ସେହି ଭାବ ଆଣିବା ଉଚିତ । ଯୁବତୀ ନାରୀକୁ ଦେଖି ମନରେ ବିକାର ଭାବ ଆସିବାକୁ ଦିଅନାହିଁ । ସତ୍ୟ ବଚନ କୁହ । ଏହା ଭକ୍ତର ଅସଲି ପରିଧାନ ଅର୍ଥାତ୍ ଏହି ବସ୍ତ୍ର ଭକ୍ତର ପ୍ରକୃତ ପରିଚୟ ପ୍ରଦାନ କରିଥାଏ । ସତ୍ୟ ଜ୍ଞାନ ଦ୍ୱାରା ଜଣାପଡିଥାଏ ଯେ ଭକ୍ତ ସତ୍ୟଭକ୍ତି କରୁଛି ନା ଭୁଲ ସାଧନା କରି ନିଜ ଜୀବନ ନଷ୍ଟ କରୁଛି ।(୧)

ଝସଂସାର ଲୋକଙ୍କର ବ୍ୟଙ୍ଗ-ବିଦ୍ରୁପ ଓ ଲୋକଲଜ୍ଜ୍ୟାକୁ ଲକ୍ଷ୍ୟ ଦେଇ ନିଜ ଭକ୍ତିରେ ବାଧା ଆସିବାକୁ ଦିଅନାହିଁ । ସେହି ଲୋକଲଜ୍ଜ୍ୟା ଅର୍ଥାତ୍ ଶରମ ବିଷୟରେ ଲୋକେ କ'ଣ କହିବେ, ମୁଁ ସତସଙ୍ଗକୁ ଯାଉଛି, ଦଣ୍ଡବତ ପ୍ରଣାମ କରୁଛି, ପରମ୍ପରାଗତ ଭକ୍ତିକୁ ତ୍ୟାଗ କରିଦେଇଛି । ଅଳିଆ ସଫା କରିବା ପରି ଏଭଳି ଭାବନା ଅର୍ଥାତ୍ ଲୋକଲଜ୍ଜ୍ୟାକୁ ମନରୁ ସମ୍ପୂର୍ଣ୍ଣ ରୂପେ ପୋଛି ଦିଅ ଅର୍ଥାତ୍ ଭକ୍ତିରେ ବାଧା ଆସିବାକୁ ଦିଅନାହିଁ । କନକ ଅର୍ଥାତ୍ ସ୍ୱର୍ଣ୍ଣ ଏବଂ କାମିନୀ ଅର୍ଥାତ୍ ସୁନ୍ଦରୀ ଯୁବତୀକୁ ଦେଖି ନିଜ ମନରେ ବିକାର ଭାବ ଆସିବାକୁ ଦିଅନାହିଁ । ତାହା ବିଷ ବୋଲି ଜାଣ । ମନରେ ଏହିଭଳି ସଂଯମତା ଆଣିବା ପରେ ଯାଇ ସାଧକ ଅମର ଲୋକକୁ ଯାଇପାରିବ ।(୨)

ଝପତିବ୍ରତା ସ୍ତ୍ରୀ ଭଳି ନିଜ ଇଷ୍ଟଦେବଙ୍କ ସମର୍ପିତ ରୁହ । ଯେପରି ପତିବ୍ରତା ସ୍ତ୍ରୀ ନିଜ ପତି ବ୍ୟତୀତ ଅନ୍ୟ କୌଣସି ପୁରୁଷକୁ ପତି ରୂପେ ଗ୍ରହଣ କରିନଥାଏ, ପରପୁରୁଷ ଯେତେ ବି ସୁନ୍ଦର ବା ଧନୀ ହୋଇଥାଉନା କାହିଁକି । ନିଜ ପରମାତ୍ମାଙ୍କ ଭକ୍ତିକୁ କଦାପି ଭୂଲନ୍ତୁ ନାହିଁ । ଲୋକ ଦେଖାଣିଆ କାର୍ଯ୍ୟ ନକରି ହୃଦୟରେ ମନେ-ମାନେ, ନିଶ୍ୱାସ-ପ୍ରଶ୍ୱାସରେ ପରମାତ୍ମାଙ୍କର ନାମମନ୍ତ୍ରକୁ ସୁମିରଣ କର । (ସ୍ତ୍ରୀ ହେଉ ବା ପୁରୁଷ, ଭକ୍ତର ଅଭିପ୍ରାୟ ଏହିଭଳି ହେବା ଉଚିତ) ଯେପରି ପତିବ୍ରତା ନାରୀ ନିଜ ବାପଘରକୁ ଯାଇଥିବା ସମୟରେ ବାପଘର ଲୋକଙ୍କୁ ଏ ବିଷୟରେ ଜାଣିବାକୁ କୌଣସି ସୁଯୋଗ ଦେଇନଥାଏ ଯେ ତା' ପତିକୁ ସେ ମନେ ପକାଉଛି । ସାଧକ ଠିକ୍ ଏହିଭଳି ପ୍ରଭୁ ଚିନ୍ତନରେ ନିଜ ଧ୍ୟାନ ଲଗାଇବା ଉଚିତ୍ ।(୩)

ଝପୂର୍ଣ୍ଣ ସତଗୁରୁଙ୍କଠାରୁ ସତ୍ୟଭକ୍ତି ପ୍ରାପ୍ତି ପଶ୍ଚାତ୍ କେହି ଯଦି ଭକ୍ତର ନିନ୍ଦା କରୁଛି ତେବେ ନାରାଜ ହୁଅନ୍ତୁ ନାହିଁ, ଯଦି କେହି ପ୍ରଶଂସା କରୁଛି ତେବେ ସେଥିରେ ପ୍ରଭାବିତ ହୁଅନ୍ତୁ ନାହିଁ ।

ଶାସ୍ତ୍ରାନୁସାରେ, ବିଧି ବିଧାନ ମୁତାବକ ସତ୍ୟ ଭକ୍ତି କରିବା ଦ୍ୱାରା ସାଧକକୁ କିଛି ସିଦ୍ଧି ପ୍ରାପ୍ତି ହୋଇଯାଏ ଯାହା ମୋକ୍ଷ ପାଇଁ କଦାପି ସହାୟକ ହୋଇ ନଥାଏ । ସେହି ସିଦ୍ଧି ଆଠ ପ୍ରକାରର ଅଟେ । ସାଧକ ସେହି ସିଦ୍ଧି ବଳରେ କାହାର ହାନୀ କରିଥାଏ ତ କାହାକୁ ଲାଭ ଦେଇ ନିଜ ଭକ୍ତି ନଷ୍ଟ କରିଥାଏ । ଚମତ୍କାର ଦେଖାଇ ବହୁତ ପ୍ରସିଦ୍ଧି ଲାଭ କରେ, କିନ୍ତୁ ତା' ଭବିଷ୍ୟତ ନର୍କ ହୋଇଯାଇଥାଏ । ସେ ପଶୁ-ପକ୍ଷୀ ଯୋନୀ ପ୍ରାପ୍ତ କରିଥାଏ । ତେଣୁ ମୋକ୍ଷ ପ୍ରାପ୍ତିର ଇଚ୍ଛା ରଖି ସାଧକ ଏହି ଅଷ୍ଟସିଦ୍ଧି ରୂପୀ ମୂଲ୍ୟହୀନ ପ୍ରଭୂତାରେ ଅଟକି ଯିବା ଅନୁଚିତ । ଏଗୁଡିକୁ ତ୍ୟାଗକରି, ମୋକ୍ଷ ପ୍ରାପ୍ତିର ଉଦ୍ଦେଶ୍ୟ ରଖି ଏହାଠୁ ଅଧିକ ଲାଭ ପାଇବାକୁ ଆଶା ରଖ, ଆଗକୁ ବଢ଼ ।(୪)

ଝଏହି ପୃଥିବୀଲୋକର ଧନ-ବୈଭବ, ରାଜପଦ, ସମ୍ପତ୍ତି ଭଳି ଅନେକ ଇଚ୍ଛା ରୂପୀ ନଦୀକୁ ଅଟକାଅ । ଆଡି ବନ୍ଧ ପକାଅ ଅର୍ଥାତ୍ ଦୃଢ ନିଶ୍ଚିତ ରୂପୀ ମଜଭୁତ୍ ବନ୍ଧ ନିର୍ମାଣ କର । ସଂସାର ରୂପୀ 'ଖାରେ'(କ୍ଷାରଯୁକ୍ତ ପରିବେଶ) ଅର୍ଥାତ୍ ଦୁଃଖପୂର୍ଣ୍ଣ ସମୁଦ୍ରରେ ଆଉ ଜନ୍ମ ନିଅ ନାହିଁ । (୫)

ଝଯେଉଁ ଇଷ୍ଟଦେବଙ୍କ ଭକ୍ତି କରିବାକୁ ଗୁରୁ କହିଥାନ୍ତି, ସେହି ଗୁରୁ ନିଜ ଅନୁଯାୟୀମାନଙ୍କୁ ଗଗନ ମଣ୍ଡଳରେ ବିରାଜମାନ ସେହି ଇଷ୍ଟଦେବଙ୍କ ଧାମକୁ ପହଞ୍ଚାଇବାରେ ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି । ନିତ୍ୟାନନ୍ଦ ଜୀଙ୍କ ଗୁରୁ ଶ୍ରୀ ଗୁମାନୀ ଦାସ, ଶ୍ରୀବିଷ୍ଣୁଙ୍କର ଭକ୍ତଥିଲେ । ନିତ୍ୟାନନ୍ଦଜୀ ସେହି ବିଷ୍ଣୁଲୋକ ପ୍ରାପ୍ତିର ମହିମା ବିଷୟରେ ବର୍ଣ୍ଣନା କରି କହିଛନ୍ତି ଯେ ନିଜ ସାଧନା ଶକ୍ତିକୁ ସୁରକ୍ଷିତ ରଖିବା ଦ୍ୱାରା ସ୍ଥୁଳ ଶରୀର ଭିତରେ ଯେଉଁ ସୂକ୍ଷ୍ମ ଶରୀର ଅଛି ତାହା ଭକ୍ତିର ଶକ୍ତି ବଳରେ ତେଜୋମୟ ହୋଇଯାଇଥାଏ । ଭକ୍ତି କରିନଥିଲେ ସେହି ଶରୀରର ସ୍ଥିତି ମାଟି ତୁଲ୍ୟ ହୋଇ ରହିଥାନ୍ତା । ଉକ୍ତ ଶବ୍ଦରୁ ଏହା ପ୍ରମାଣିତ ହେଲା ଯେ ଜିଲ୍ଲାସ୍ତରରେ ଖେଳିବା ସମୟରେ ଖେଳାଳି ପାଇଁ ଖେଳର ଯେଉଁ ନିୟମ ଥାଏ, ସେହି ନିୟମ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଖେଳା ଯାଉଥିବା ଖେଳରେ ମଧ୍ୟ ଥାଏ । ନିତ୍ୟାନନ୍ଦଜୀ ରାଜ୍ୟସ୍ତରୀୟ ଖେଳ ଖେଳୁଥିଲେ । ସେଥିରେ ସେ ସଫଳତା ହାସଲ କଲେ । ଆମ୍ଭେ ପରମାତ୍ମା କବୀରଜୀଙ୍କୁ ଇଷ୍ଟଦେବ ବୋଲି ମାନି ଭକ୍ତି କରୁଛେ, ସେହି ନିୟମ ଏଠାରେ ମଧ୍ୟ ଲାଗୁ । ଆମ୍ଭେମାନେ ଅନ୍ତରାଷ୍ଟ୍ରୀୟ ସ୍ତରର ଖେଳାଳି ଅଟୁଁ ।(୬)

ସନ୍ତ ନିତ୍ୟାନନ୍ଦଜୀ ନିଜ ଜୀବନର ଅନ୍ତିମ ସମୟ ଜଟୈଲା ପୁଷ୍କରିଣୀ ନିକଟରେ ଭକ୍ତି କରି ବ୍ୟତିତ କରିଥିଲେ । ଭିଓ୍ୱାଣୀ ଜିଲ୍ଲାର ଦାଦ୍‌ରୀ ତହସିଲ ଅନ୍ତର୍ଗତ କିଛି ଗ୍ରାମର ସୀମା ନିକଟରେ ଜଟୈଲା ପୁଷ୍କରିଣୀ ଅବସ୍ଥିତ । (ମାଜରା, ବିଗୋଓ୍ୱା ଏବଂ ବାସ ଆଦି ଗ୍ରାମର ସୀମାକୁ ଲାଗି ସେହି ପୁଷ୍କରିଣୀଟି ଅଛି) । ସନ୍ତ ନିତ୍ୟାନନ୍ଦଜୀ, ଶ୍ରୀ ବିଷ୍ଣୁ (ଶ୍ରୀକୃଷ୍ଣ)ଙ୍କ ଭକ୍ତି କରୁଥିଲେ । ତାଙ୍କ ଗୁରୁ ଶ୍ରୀ ଗୁମାନୀ ଦାସ ଦିଲ୍ଲୀର ସନ୍ତ ଶ୍ରୀ ଚରଣ ଦାସ ବୈଷ୍ଣବଙ୍କ ଶିଷ୍ୟ ଥିଲେ । ପାଠକବୃନ୍ଦ ଏହି ପୁସ୍ତକର ୨୬୮ ନଂ ପୃଷ୍ଠାରେ ସୃଷ୍ଟି ରଚନା ବିଷୟ ପଢିଲେ ଆପଣମାନେ ଜାଣିପାରିବେ ଯେ ସନ୍ତ ନିତ୍ୟାନନ୍ଦଜୀଙ୍କୁ କେଁଉ ଶ୍ରେଣୀର ମୋକ୍ଷ ପ୍ରାପ୍ତ ହୋଇଛି । ସନ୍ତ ଗରୀବ ଦାସଜୀଙ୍କୁ ପରମାତ୍ମା କବୀରଜୀ ଭେଟିଥିଲେ । ସନ୍ତ ଗରୀବ ଦାସଜୀଙ୍କୁ ସେ କହିଥିଲେ ଯେ ସନ୍ତ-ଭକ୍ତ ଯେ କୌଣସି ସ୍ତରର ଭକ୍ତି କରନ୍ତୁ ନା କାହିଁକି, ତାହା ଆଦରଣୀୟ ଅଟେ । କିନ୍ତୁ ଯେପର୍ଯ୍ୟନ୍ତ ପରମ ସତଗୁରୁ (ପୂର୍ଣ୍ଣଗୁରୁ) ନ ମିଳିଛନ୍ତି, ଯିଏ ଦୁଇ ଅକ୍ଷର ବିଶିଷ୍ଟ ବାସ୍ତବିକ ନାମମନ୍ତ୍ର ଦୀକ୍ଷାରେ ଦିଅନ୍ତି, ସେପର୍ଯ୍ୟନ୍ତ ନା ସେହି ଗୁରୁଙ୍କର ମୁକ୍ତି ହେବ ନା ଶିଷ୍ୟର ।

ଗରୀବ, ସାଧ ସବ ନେକ ହୈ, ଆପ ଆପନୀ ଠୌର ।
ଜୋ ନିଜ ଧାମ ପହୁଞ୍ଚାଓ୍ୱହୀଁ, ସୋ ସାଧୁ କୋଇ ଓୌର ॥
ଗରୀବ, ସାଧ ହମାରେ ସଗେ ହୈ, ନା କାହୁ କୋ ଦୋଷ ।
ଜୋ ସାରନାମ ବତାବହୀଁ, ସୋ ସାଧୁ ସିର ପୋଷ ॥

ଶବ୍ଦାର୍ଥ :- ସନ୍ତ ଗରୀବ ଦାସଜୀ କହିଛନ୍ତି ଯେ ଯିଏ ପରମାତ୍ମାଙ୍କ ସତ୍ୟମାର୍ଗ ବିଷୟରେ କହିଥାନ୍ତି, ସେହି ସନ୍ତ ଉତ୍ତମ ଆତ୍ମା ଅଟନ୍ତି । ସେମାନଙ୍କର ଉଦ୍ଦେଶ୍ୟ ମନ୍ଦ ନୁହେଁ । ଯାହାର ଯେଉଁ

ଜ୍ଞାନ ଅଛି, ସେ ସେହି ସ୍ଥାନ ପାଇଁ ଉପଯୁକ୍ତ ଅର୍ଥାତ୍ ଯେପରି କେହି ବିଷ୍ଣୁଙ୍କ ସାଧନା ବିଷୟରେ କହିଥାଏ, କେହି ଶିବଙ୍କର ତଥା କେହି ବେଦ ଅନୁସାରେ ବ୍ରହ୍ମାଙ୍କର ସାଧନା ନିଜେ କରିଥାଏ ଓ କରାଇଥାଏ । ତାହା ସେହି ସ୍ତର ପାଇଁ ଉପଯୁକ୍ତ । କିନ୍ତୁ ସେହି ସାଧନା ଦ୍ୱାରା ଆମ୍ଭ ନିଜ ଧାମ ଅର୍ଥାତ୍ ସନାତନ ପରମଧାମ (ସତଲୋକ)କୁ ଆମ୍ଭେ ପ୍ରାପ୍ତ କରିପାରିବା ନାହିଁ । ଯେଉଁ ସନ୍ତ ସେହି ସତଲୋକ ପ୍ରାପ୍ତିର ମାର୍ଗଦର୍ଶନ କରାଇଥାନ୍ତି, ସେହି ସନ୍ତ ଉପରୋକ୍ତ ସନ୍ତଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟନ୍ତି ।

ଯେଉଁ ସନ୍ତ ପରମାତ୍ମାଙ୍କ ପାଇଁ ପ୍ରଯତ୍ନଶୀଳ ଅଟନ୍ତି, ସେହି ସନ୍ତଗଣ ଆମ୍ଭମାନଙ୍କର ଆତ୍ମୀୟ ଅର୍ଥାତ୍ ବନ୍ଧୁ ଅଟନ୍ତି । ସେମାନେ ଆମ୍ଭମାନଙ୍କର ପ୍ରିୟ ସାଥି ଅଟନ୍ତି । ଏମାନଙ୍କୁ ଆମ୍ଭେ ଦୋଷ ଦେଉନାହୁଁ କାରଣ ଏମାନଙ୍କୁ ପୂର୍ଣ୍ଣ ମୋକ୍ଷମନ୍ତ୍ର ସାରନାମ ବିଷୟରେ ଜଣାନାହିଁ । ଏହି ସନ୍ତମାନଙ୍କର ଶିଷ୍ୟ ହେବା ଦ୍ୱାରା ଜୀବର ପୂର୍ଣ୍ଣମୋକ୍ଷ ହୁଏ ନାହିଁ, ଜନ୍ମ-ମରଣ ଲାଗି ରହିଥାଏ । ଯେଉଁ ସନ୍ତ ସାରନାମ ଦୀକ୍ଷା ଦେଇଥାନ୍ତି, ସେ ଆମ୍ଭମାନଙ୍କର ମଉଡ଼ମଣୀ ଅଟନ୍ତି । ତାଙ୍କୁ ମସ୍ତକରେ ଧାରଣ କରି ରଖିବା, ଅର୍ଥାତ ସେ ବିଶେଷ ଆଦରଣୀୟ ଅଟନ୍ତି ।

ଶ୍ରୀ ବିଷ୍ଣୁଙ୍କର ଜନ୍ମ-ମରଣ ହେଉଛି ତେଣୁ ତାଙ୍କ ଉପାସକଙ୍କୁ ସେହି ପୂର୍ଣ୍ଣମୋକ୍ଷ ମିଳିପାରିବ ନାହିଁ, ଯେଉଁ ମୋକ୍ଷ ବିଷୟରେ ଗୀତା ଅଧ୍ୟାୟ ୧୫ଶ୍ଳୋକ ନଂ ୪ରେ କୁହାଯାଇଛି ଯେ "ତତ୍ତ୍ୱଦର୍ଶୀ ସନ୍ତଙ୍କ ଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତି ପଶ୍ଚାତ୍ ପରମେଶ୍ୱରଙ୍କର ସେହି ପରମପଦକୁ ଅନ୍ୱେଷେଣ କରିବା ଉଚିତ ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ଲେଉଟି କରି ଏ ସଂସାରକୁ କଦାପି ଆସେ ନାହିଁ ।" କେବଳ ସେହି ପରମେଶ୍ୱଙ୍କ ଭକ୍ତି କରନ୍ତୁ ଯିଏ ସଂସାର ରୂପୀ ବୃକ୍ଷର ରଚନା କରିଛନ୍ତି, ଯାହାଙ୍କଠାରୁ ଏହି ସଂସାର ରୂପକ ବୃକ୍ଷ ବିସ୍ତାରଲାଭ କରିଛି ।

ହିନ୍ଦୁ ସମାଜର ଗୁରୁମାନେ କହିଥାନ୍ତି ଯେ ଶ୍ରୀକୃଷ୍ଣ, ଅର୍ଜୁନକୁ ଗୀତାଜ୍ଞାନ ଶୁଣାଇଛନ୍ତି । ଭଗବାନ କୃଷ୍ଣ, ଶ୍ରୀ ବିଷ୍ଣୁଙ୍କର ଅବତାର ଅର୍ଥାତ ସ୍ୱୟଂ ବିଷ୍ଣୁ ହିଁ ଅଟନ୍ତି । ଶ୍ରୀମଦ୍ ଭାଗବତ ଗୀତାର ଅଧ୍ୟାୟ ୪, ଶ୍ଳୋକ ନଂ ୫ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ହେ ଅର୍ଜୁନ ! ତୋର ଆଉ ମୋର ବହୁତ ଜନ୍ମ ହୋଇସାରିଛି, ତୁ ଜାଣିନାହୁଁ, କିନ୍ତୁ ମୁଁ ଜାଣିଛି । (ଏଥିରୁ ସ୍ପଷ୍ଟ ହେଲା ଯେ ଶ୍ରୀ ବିଷ୍ଣୁ ନାଶବାନ ଅଟନ୍ତି, ତାଙ୍କର ଜନ୍ମ-ମୃତ୍ୟୁ ହୋଇଥାଏ ।) ଶ୍ରୀ ଦେବୀପୁରାଣର ତୃତୀୟ ସ୍କନ୍ଦରେ ବିଷ୍ଣୁଜୀ ସ୍ୱୟଂ କହିଛନ୍ତି ଯେ ମୁଁ (ବିଷ୍ଣୁ), ବ୍ରହ୍ମା ଓ ଶଙ୍କର ଜନ୍ମଲାଭ ଓ ମୃତ୍ୟୁବରଣ କରିଥାଉଁ । ଆମ୍ଭର ତ ଆବିର୍ଭାବ (ଜନ୍ମ) ଏବଂ ତିରୋଭାବ (ମୃତ୍ୟୁ) ହୋଇଥାଏ । {ଏଥିରୁ ମଧ୍ୟ ସ୍ପଷ୍ଟ ହେଲା ଯେ ଶ୍ରୀ ବିଷ୍ଣୁଜୀ ଅବିନାଶୀ ନୁହଁନ୍ତି । ଗୀତା ଅଧ୍ୟାୟ୨ର ଶ୍ଳୋକ ନଂ-୧୭, ଗୀତା ଅଧ୍ୟାୟ୧୫ଶ୍ଳୋକ ନଂ-୧୭ ରେ କୁହାଯାଇଛି ଯେ ଅବିନାଶୀ ପରମାତ୍ମା ତ ଗୀତା ଜ୍ଞାନଦାତାଙ୍କ ଠାରୁ ମଧ୍ୟ ଭିନ୍ନ ଅଟନ୍ତି । ପୁଣି ଗୀତା ଅଧ୍ୟାୟ୧୮ଶ୍ଳୋକ ୬୨ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ହେ ଭାରତ ! ତୁ ସର୍ବଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଆ । ସେହି ପରମେଶ୍ୱରଙ୍କ କୃପାରେ ତୁ ପରମଶାନ୍ତି ତଥା ସନାତନ ପରମଧାମ ପ୍ରାପ୍ତ ହେବୁ ।)

ଏହି ପ୍ରମାଣଗୁଡ଼ିକୁ ଦେଖି ସହଜରେ ଜାଣି ହୁଏ ଯେ ଶ୍ରୀ ନିତ୍ୟାନନ୍ଦଙ୍କୁ ଗୀତା ବର୍ଣ୍ଣିତ "ପୂର୍ଣ୍ଣମୋକ୍ଷ" ପ୍ରାପ୍ତି ହୋଇ ନାହିଁ । କବୀରଜୀ କହିଛନ୍ତି ଯେ:-

ଜୋ ଜାକି ଶରଣା ବସୈ, ତାକୋ ତାକୀ ଲାଜ୍ ।
ଜଲ ସୌଂହୀ ମଛଲୀ ଚଢ଼େ, ବହ ଜାତେ ଗଜରାଜ୍ ॥

ଭାବାର୍ଥ:- ଯେଉଁ ଭକ୍ତ ଯେଉଁ ଦେବୀ-ଦେବତାଙ୍କର ଭକ୍ତି କରେ, ସେହି ଇଷ୍ଟଦେବ(ଦେବୀ-ଦେବତା) ନିଜ ଭକ୍ତକୁ କିଛି ସୁଖ ଅବଶ୍ୟ ପ୍ରଦାନ କରିଥାନ୍ତି, ଯାହା ଜଣେ ସାଧାରଣ ବ୍ୟକ୍ତି ପାଇଁ ଅଲୌକିକ ଘଟଣା ତୁଲ୍ୟ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି କୌଣସି ବ୍ୟକ୍ତି କୌଣସି ଥାନାବାବୁଙ୍କର କେବେ ସେବା କରିଥିବ ଅର୍ଥାତ୍ ଥାନାବାବୁ ସହିତ ବନ୍ଧୁତା କରିଥିବ ତେବେ ସେହି ବ୍ୟକ୍ତି ଯଦି କେବେ ଥାନାକୁ ଆସେ ସେତେବେଳେ ଥାନାବାବୁ ତାଙ୍କୁ ବସିବା ପାଇଁ

ଚେୟାର ପ୍ରଦାନ କରିଥାନ୍ତି, ଚାହା-ଜଳଖିଆ ଦେଇଥାନ୍ତି ଯାହା ଅନ୍ୟ ବ୍ୟକ୍ତିକୁ ମିଳି ନଥାଏ । ଜଣେ ସାଧାରଣ ବ୍ୟକ୍ତି ପାଇଁ ଏହା ଏକ ଅଲୌକିକ ଘଟଣା ଭଳି । କୌଣସି ପୋଲିସ୍ ଅଧୀକ୍ଷକ (ଏସ୍.ପି) ସହିତ ଭଲ ସମ୍ପର୍କ ଥିବା ବ୍ୟକ୍ତିକୁ ଅଧିକ ଲାଭ ମିଳିଥାଏ । ଏହି ପ୍ରକାରେ ଆଉ ଟିକେ ଉପରକୁ ଯାଇ ଅମ୍ଭେ ଯଦି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ପରିଚିତ ହୋଇପାରିବା ତେବେ ସେହି ସ୍ତରରେ ଯେଉଁ ଲାଭ ମିଳିବ ତାହା ତଳସ୍ତରର ଲାଭ ତୁଳନାରେ ନିଶ୍ଚୟ ଅଲୌକିକ ହେବ । ଏହିଭଳି ଦେଶର ପ୍ରଧାନମନ୍ତ୍ରୀଙ୍କ ସହିତ ଯଦି ବନ୍ଧୁତା ହୋଇଯିବ ତେବେ ଲାଭର ସୀମା ରହିବ ନାହିଁ ।

ଲେଖକ ଏହା କହିବାକୁ ଚାହୁଁଛି ଯେ ଦେବୀ-ଦେବତାଙ୍କର ଭକ୍ତି କରିବା ବ୍ୟକ୍ତିକୁ ମଧ୍ୟ ଲାଭ ମିଳିଥାଏ, କିନ୍ତୁ ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତି କରିବା ଦ୍ୱାରା ସବୁ ପ୍ରକାରର ଲାଭ ମିଳିଥାଏ । ପ୍ରଧାନମନ୍ତ୍ରୀଙ୍କ ସହିତ ପରିଚିତ ବ୍ୟକ୍ତିଙ୍କ ସହିତ ଦେଶର ସମସ୍ତ ମୁଖ୍ୟମନ୍ତ୍ରୀ, ଅନ୍ୟ ବିଭାଗୀୟ ମନ୍ତ୍ରୀ ତଥା ଅନ୍ୟ ଅଧିକାରୀ-କର୍ମଚାରୀ ପରିଚିତ ହୋଇଯାନ୍ତି । ସମସ୍ତେ ତାଙ୍କୁ ସହଯୋଗ କରିଥାନ୍ତି, ବିରୋଧର କୌଣସି ସୁଯୋଗ ସୃଷ୍ଟି ହୁଏ ନାହିଁ । ଠିକ୍ ଏହିଭଳି ପୂର୍ଣ୍ଣ ପରମାତ୍ମାଙ୍କର ଭକ୍ତି କରୁଥିବା ଭକ୍ତ ସହିତ ବିଶ୍ୱର ସମସ୍ତ ଦେବୀ-ଦେବତା ସାଥି ହୋଇଯାନ୍ତି । ଭକ୍ତର ଯଥାସମ୍ଭବ ସହଯୋଗ ସମସ୍ତେ କରିଥାନ୍ତି, ବିରୋଧ କରିନଥାନ୍ତି । ଯଦି କୌଣସି ଭୂତ-ପିତୃପୂରୁଷ, ପ୍ରେତ, ଭୈରବ ଓ ବେତାଳ ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତର କୌଣସି ଅନିଷ୍ଟ କରିବାକୁ ଚିନ୍ତା କରନ୍ତି ସେତେବେଳେ ଏହି ଦେବୀ-ଦେବତାମାନେ ହିଁ ସମସ୍ତ ବାଧା ଦୂର କରି ଦେଇଥାନ୍ତି ଏବଂ କହିଥାନ୍ତି ଯେ ତୁମେ ଜାଣିଛ କି ? ଏହି ଭକ୍ତ କାହା ଶରଣରେ ଅଛନ୍ତି । ଏହା ଶୁଣି ସେହି ଶୈତାନ୍ ଶକ୍ତିଗୁଡ଼ିକ ଭୟବିତ ହୋଇ ଭକ୍ତର କୌଣସି ହାନୀ କରିବାକୁ ସାହସ କରିନଥାନ୍ତି । ଭୁଲବଶତଃ ଯଦି କୌଣସି ଭୂତ-ପ୍ରେତ, ପରମେଶ୍ୱରଙ୍କ ଭକ୍ତକୁ ହଇରାଣ ହରକତ କରେ ତେବେ ତାକୁ ପରମେଶ୍ୱରଙ୍କ ଦୂତମାନେ ଧରିନେଇ ମାଡ଼ଦେବା ସହିତ ଜେଲରେ ବନ୍ଦ କରିଦିଅନ୍ତି । ପରମାତ୍ମା କବୀର ଜୀ କହିଛନ୍ତି ଯେ:-

ଏକୈ ସାଧେ ସବ୍ ସାଧେ, ସବ୍ ସାଧୈ ସବ୍ ଜାୟ ।
ମାଲୀ ସୀଚୈଁ ମୂଲ୍ କୋ, ଫୂଲୈ-ଫଲୈ ଅଛାୟ ॥

ଶବ୍ଦାର୍ଥ :- ଆମ୍ବ କିମ୍ବା ଅନ୍ୟ ବୃକ୍ଷର ଚାରାକୁ ମାଟିରେ ଗାତ ଖୋଳି ରୋପଣ କରାଯାଇଥାଏ । ମୂଳରେ ପାଣି ଦିଆଯାଇଥାଏ । ଚାରା ମୂଳରେ ସାର-ପାଣି ଦେଲେ ଅର୍ଥାତ୍ ପୂଜା କରିବା ଦ୍ୱାରା ବୃକ୍ଷର ସମସ୍ତ ଅଙ୍ଗ ବିକଶିତ ହୋଇଥାଏ । ଚାରାଟିର ଭଲ ବୃଦ୍ଧି ହୋଇଥାଏ । ଛୋଟ ଚାରାଟି ବଡ଼ ହୋଇ କାଠ, ଛାୟା ଏବଂ ଫଳ ପ୍ରଦାନ କରିଥାଏ । ଯଦି ସେହି ଚାରାର ଶାଖାକୁ ମାଟିରେ ରୋପଣ କରି ପାଣି ଢ଼ାଳିବା ତେବେ ତାହା ନଷ୍ଟ ହୋଇଯିବ । ମାଳି, ଚାରା ରୋପଣର ଜ୍ଞାନ ଥିବା ବ୍ୟକ୍ତି ଯାହାକୁ ମାଳି କୁହନ୍ତି, ସେ ଚାରାର ମୂଳକୁ ମାଟିରେ ପୋତି ସେହି ମୂଳରେ ପାଣି ଦେଇଥାଏ । ପରିଶ୍ରମର ଲାଭ ତାକୁ ଅବଶ୍ୟ ମିଳିଥାଏ । ଠିକ୍ ଏହିପରି ତତ୍ତ୍ୱଦର୍ଶୀ ସନ୍ଥ ସଂସାର ରୂପୀ ବୃକ୍ଷର ମୂଳ ଅର୍ଥାତ୍ ପରମ ଅକ୍ଷରବ୍ରହ୍ମଙ୍କୁ ଇଷ୍ଟବୋଲି ମାନି ନିଜେ ପୂଜା କରନ୍ତି ଏବଂ କରାଇଥାନ୍ତି ମଧ୍ୟ । ସେହି ଏକ ପରମାତ୍ମାଙ୍କର ପୂଜା କରି ସମସ୍ତ ଦେବତାମାନଙ୍କୁ ସନ୍ତୁଷ୍ଟ କରିଥାନ୍ତି । ଦେବତାଗଣ ସେହି ସତ୍ୟପୁରୁଷଙ୍କ ଆଦେଶରେ ପରିଚାଳିତ ହୋଇ ସାଧକର କାର୍ଯ୍ୟକୁ ସଫଳ କରିଥାନ୍ତି । ଦେବତାମାନଙ୍କର ପୂଜା କଲେ ସତ୍ୟପୁରୁଷ ନାରାଜ ହୋଇଯିବେ । ତାଙ୍କ ଆଦେଶ ବିନା ଦେବତାମାନେ କିଛି କରିପାରନ୍ତି ନାହିଁ ଅର୍ଥାତ ସାଧକର ସାଧନା ଶାସ୍ତ୍ରବିରୁଦ୍ଧ ହେବା କାରଣରୁ କିଛି ଲାଭ ମିଳେ ନାହିଁ ।

ତେଣୁ ପୂର୍ଣ୍ଣ ପରମାତ୍ମାଙ୍କର ଭକ୍ତି କରନ୍ତୁ । ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ମୋ (ରାମପାଲ ଦାସ) ବ୍ୟତିରେକ ଅନ୍ୟ କାହାକୁ ସତ୍ୟଜ୍ଞାନ ଜଣା ନାହିଁ । ଆପଣମାନେ ଆସନ୍ତୁ, ଦୀକ୍ଷା ପ୍ରାପ୍ତକରି ନିଜର ତଥା ନିଜ ପରିବାରର କଲ୍ୟାଣ କରାନ୍ତୁ ।

''କଥାବାଚକ ପଣ୍ଡିତ ମଣିରାମଙ୍କ କୃତ୍ୟ''

ମଣିରାମ ନାମକ ଜଣେ ପଣ୍ଡିତ ପ୍ରବଚକ ରୂପେ ପ୍ରସିଦ୍ଧି ଲାଭ କରିଥିଲା । ଏକଦା ହରିୟାଣାର ଏକ ଗ୍ରାମରେ ରାମାୟଣ ପ୍ରବଚନର ଆୟୋଜନ କଲା । ରାମାୟଣ ପ୍ରବଚନ ଅଧିକରୁ ଅଧିକ (୧୧) ଦିନରେ ସମ୍ପୂର୍ଣ୍ଣ ହୋଇଥାଏ କିନ୍ତୁ ପଣ୍ଡିତ ମଣୀରାମ ୩୦ ଦିନରେ କଥା ସମ୍ପୂର୍ଣ୍ଣ କଲା । ବିଚାର କଲା ଯେ ଅଧିକ ଦିନ ପ୍ରବଚନ କଲେ ଶ୍ରୋତାମାନଙ୍କର ଅଧିକ ଦାନ ପ୍ରତିଦିନ ଆସିବ । ଏହିଭଳି ଅଧିକ ଦକ୍ଷିଣା ମଧ୍ୟ ମିଳିବ । ମାତ୍ର ତିରିଶ ଦିନର ପ୍ରବଚନରେ ମଣିରାମ ପଣ୍ଡିତକୁ କେବେଳ ୩୦ଟଙ୍କା ହିଁ ମିଳିଲା । ଯେଉଁ ଦିନ ପ୍ରବଚନ ସମାପନ ହେବାର ଥିଲା ସେହି ଦିନ ଠିକ୍ ସେହି ସମୟରେ ଗାଁର କିଛି ବ୍ୟକ୍ତି ଦିଲ୍ଲୀର ପ୍ରସିଦ୍ଧ ନର୍ତ୍ତକୀ ଚମ୍ପାକଲୀକୁ ନାଚଗୀତ ପାଇଁ ଗାଁକୁ ନେଇଆସିଲେ । ସାରା ଗାଁ ସେଦିନ ନର୍ତ୍ତକୀ ଚମ୍ପାକଲୀର ନାଚଗୀତ ଦେଖିବା ପାଇଁ ଭିଡ଼ ହୋଇଗଲା । ମାତ୍ର ଦୁଇଘଣ୍ଟାର ନାଚ ଗୀତରେ ଚମ୍ପାକଲୀକୁ ପାଞ୍ଚସହ ଟଙ୍କା ମିଳିଲା । କିନ୍ତୁ ମଣିରାମ ପଣ୍ଡିତକୁ ୩୦ ଦିନରେ ମାତ୍ର ୩୦ ଟଙ୍କା ମିଳିଲା । ମଣିରାମ ପଣ୍ଡିତଙ୍କ ଦୁଃଖର ସୀମା ରହିଲା ନାହିଁ । ଫେରିବା ରାସ୍ତାରେ ଛୁଡ଼ାଣୀ ଗ୍ରାମ ପଡ଼ିଲା । ମଣିରାମକୁ ଜଣାଥିଲା ଯେ ଏହି ଗାଁରେ ପରମ ସନ୍ଥ ଗରୀବ ଦାସ ଜୀ ଅଛନ୍ତି, ତାଙ୍କୁ ସାକ୍ଷାତ କରି ଆଗକୁ ଅଗ୍ରସର ହେବି । ସନ୍ଥ ଗରୀବ ଦାସଜୀଙ୍କ ପାଖରେ ସେସମୟରେ ଆଖ ପାଖ ତଥା ସେହି ଗ୍ରାମର ଦଶ-ବାର ଜଣ ଭକ୍ତ ବସିଥିଲେ । ସେହି ସମୟରେ ପଣ୍ଡିତ ମଣିରାମ ସେଠାରେ ପହଞ୍ଚିଗଲା । ସନ୍ଥ ଗରୀବ ଦାସଜୀଙ୍କୁ ରାମ - ରାମ କହିଲା । ସନ୍ଥ ଗରୀବ ଦାସ ମଧ୍ୟ ରାମ - ରାମ କହିଲେ ତଥା ସମ୍ମାନର ସହିତ ଆସନ ଦେଇ ବସାଇଲେ । ଭଲମନ୍ଦ ବିଷୟରେ ପଚାରିବାରୁ ମଣିରାମ କହିଲା, ହେ ମହାରାଜ ! କଳିଯୁଗର ସମୟ ଆସିଯାଇଛି । ଧର୍ମର ସର୍ବନାଶ ହୋଇସାରିଛି । ଧର୍ମପ୍ରତି ଲୋକଙ୍କର ଆଗ୍ରହ ସମାପ୍ତ ହୋଇସାରିଛି । ଯଦି ପୃଥିବୀ-ଆକାଶ ଫାଟିଯିବ ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଉପସ୍ଥିତ ଭକ୍ତଗଣ ପଚାରିଲେ ; ହେ ପଣ୍ଡିତ ଜୀ ! ଏମିତ କେଉଁ ଘଟଣା ଘଟିଗଲା ? ମଣିରାମ କହିଲା, କ'ଣ କହିବି ? ସନ୍ଥ ଗରୀବ୍ ଦାସଜୀ ତ ସବୁ ଜାଣିଛନ୍ତି । ଭକ୍ତମାନେ ପଚାରିଲେ ହେ ମହାରାଜ ଜୀ ! ଏଭଳି କେଉଁ ଘଟଣା ଘଟିଗଲା ଯାହା ପଣ୍ଡିତଜୀଙ୍କୁ ଏତେ ମର୍ମାହତ କରିଛି ? ସନ୍ଥ ଗରୀବ ଦାସଜୀ କହିଲେ :-

ଗରୀବ, ଫୁଟି ଆଁଖ ବିବେକ କୀ, ଅନ୍ଧା ହେ ଜଗଦୀଶ ।
ଚମ୍ପାକଲୀ କୋ ପାଞ୍ଚ ସୌ, ମଣୀରାମ କୋ ତୀସ ॥

ଭାବାର୍ଥ :- ଜଗଦୀଶ ନାମକ ଯେଉଁ ବ୍ୟକ୍ତି ଧୃଷ୍ଟତା କରି ଜାଣି ଶୁଣି ମଣିରାମର ପ୍ରବଚନର ଭୋଗ ଲାଗିବା ଦିନ (ଶେଷଦିନ) ନର୍ତ୍ତକୀ ଚମ୍ପାକଲୀର ପ୍ରୋଗ୍ରାମ କରାଇଥିଲା, ସେ ଜ୍ଞାନ ନେତ୍ରହୀନ ଅନ୍ଧ ଅଟେ । ଗ୍ରାମର ଅନ୍ୟ ବ୍ୟକ୍ତିମାନଙ୍କର ମଧ୍ୟ ବୁଦ୍ଧି-ବିବେକ ରୂପକ ଆଖି ଫୁଟିଯାଇଛି ଅର୍ଥାତ ସେମାନେ ମଧ୍ୟ ବିଚାର କଲେ ନାହିଁ ଯେ ବର୍ତ୍ତମାନ ଏକ ଧାର୍ମିକ କାର୍ଯ୍ୟକ୍ରମ ଚାଲିଛି । ଏଭଳି ଅଭଦ୍ର ଉପାୟରେ ଏହାର ବିରୋଧ କରିବା ଉଚିତ ନଥିଲା । ହେ ଭକ୍ତଗଣ ! ମଣିରାମଜୀ ଅଧିକ ଦକ୍ଷିଣା ଲୋଭରେ ଏଗାର ଦିନରେ ସମ୍ପୂର୍ଣ୍ଣ ହେଉଥିବା ପ୍ରବଚନକୁ ତିରିଶ ଦିନକୁ ବଢାଇ ଦେଇଥିଲେ । ପଣ୍ଡିତଙ୍କର ଏହି ଉଦ୍ଦେଶ୍ୟ ବୁଝିପାରି ଗ୍ରାମର କିଛି ଦୁଷ୍ଟ ବ୍ୟକ୍ତି ପଣ୍ଡିତ ମହାଶୟଙ୍କୁ ଶିକ୍ଷା ଦେବା ପାଇଁ ନର୍ତ୍ତକୀ ଡ଼କାଇ ମହାପାପ କରିଛନ୍ତି । ସନ୍ଥ ଗରୀବ୍ ଦାସଜୀଙ୍କ ଶ୍ରୀ ମୁଖରୁ ଏହି ସତ୍ୟ କଥା ଶୁଣି ମଣିରାମଙ୍କର ଆଶ୍ଚର୍ଯ୍ୟର ସୀମା ରହିନଥିଲା । ସେ ଚିନ୍ତାକଲେ ଯେ ଆଜି ସକାଳେ ୧୧: ୩୦ରେ ଭୋଗ ଲଗାଇ ମୁଁ ସିଧା ଏଠାରେ ଆସି ପହଞ୍ଚିଛି । ସନ୍ଥ ଗରୀବ ଦାସଜୀଙ୍କୁ ଏସବୁ କିପରି ଜଣା ପଡ଼ିଲା ? ଇଏ ତ ପରମାତ୍ମା ଅଟନ୍ତି, ଇଏ ଅନ୍ତର୍ଯାମୀ ସବୁ ଜାଣନ୍ତି । ମଣିରାମ ନିଜ ଆସନରୁ ଉଠି ସନ୍ଥ ଗରୀବ ଦାସଜୀଙ୍କ ଚରଣ ତଳେ ପଡ଼ିଗଲା ଏବଂ କହିଲା, ପ୍ରଭୁ ! ଆପଣ ସତକଥା କହିଛନ୍ତି, ମୁଁ ମଧ୍ୟ ଲୋଭଗ୍ରସ୍ତ ହୋଇ କାର୍ଯ୍ୟକ୍ରମକୁ ଅଧିକ ଦିନ ପର୍ଯ୍ୟନ୍ତ ବଢାଇ ଦେଇଥିଲି । ଆପଣ ତ ସବୁ ଜାଣିଛନ୍ତି, ହେ ପ୍ରଭୁ ! ମୋତେ ଧର୍ମ-କର୍ମ ତଥା ଜୀବନର ବାସ୍ତବିକ ମାର୍ଗ ଦେଖାନ୍ତୁ । ତା'ପରେ ସନ୍ଥ ଗରୀବ ଦାସଜୀ ସତସଙ୍ଗ କରି ସେହି ପୂଣ୍ୟାତ୍ମା ମଣିରାମକୁ କହିଲେ ଯେ:-

ହେ ମଣିରାମ ଜୀ! ଆପଣ ପାଠ (ପ୍ରବଚନ) କରି ଲୋକମାନଙ୍କ ଠାରୁ ଧନ ନେଉଛନ୍ତି । ଏହି ଧନ ଆପଣଙ୍କ ଉପରେ ଋଣ ବୋଝ ହେଉଛି । ଏହାକୁ ସୁଧ ସହିତ ଫେରାଇବାକୁ ପଡ଼ିବ । ଆପଣଙ୍କୁ ଯଥାର୍ଥ ଆଧ୍ୟାତ୍ମିକ ଜ୍ଞାନ ଜଣା ନାହିଁ । ଆପଣ କଥା-ପାଠ ତଥା ସତସଙ୍ଗ କରିବା ପାଇଁ ପ୍ରକୃତ ଅଧିକାରୀ ମଧ୍ୟ ନୁହଁନ୍ତି । ଆପଣ ଲୋକମାନଙ୍କୁ ଆକର୍ଷିତ କରିବା ପାଇଁ ବେକରେ କଣ୍ଠିମାଳା (ଏକ ତୁଳସୀ ମାଳିକୁ ଡୋରରେ ବାନ୍ଧି ବେକରେ ପକାନ୍ତି ଯାହା ବୈଷ୍ଣବମାନଙ୍କର ପରିଚୟ/ ସନ୍ତକ ହୋଇଥାଏ) ପକାଇଛ । ମନ୍ତ୍ରଜପ ପାଇଁ ୧୦୮(ଶହେ ଆଠ) ରୁଦ୍ରାକ୍ଷର ଏକ ମାଳା ରଖିଛ ଯାହାକୁ ସନ୍ଥଜନ ସୁମରଣୀ (ଜପମାଳୀ) କୁହନ୍ତି । କପାଳରେ ତିଳକ ଲଗାଇଛନ୍ତି, ହଳଦୀଆ ବସ୍ତ୍ର ପରିଧାନ କରିଛନ୍ତି । ସନ୍ଥ ଗରୀବ ଦାସଜୀ ନିଜ ବାଣୀ ମାଧ୍ୟମରେ ବୁଝାଇ କହିଛନ୍ତି ଯେ:-

କଣ୍ଠିମାଳା ସୁମରଣୀ, ପହରେ ସେ କ୍ୟା ହୋୟ । ଉପର ଡୁଣ୍ଡା ସାଧକା, ଅନ୍ତର ରାଖା ଖୋୟ ॥

ଭାବାର୍ଥ :- ହେ ମଣିରାମ ଜୀ! ବାହ୍ୟ ଆଡମ୍ବରରୁ ତ ଆପଣ ସାଧୁ ଭଳି ଦେଖା ଯାଉଛନ୍ତି ଅର୍ଥାତ୍ ବାହ୍ୟ ଆଡ଼ମ୍ବରକୁ ଖୁବ୍ ଜୋରରେ ଜାବୁଡି ଧରିଛନ୍ତି, ଆପଣଙ୍କ ବେଶଭୂଷାକୁ ଦେଖି ଭକ୍ତ ସମାଜ ଚକିତ ଓ ହତପ୍ରଭ ହୋଇ ମରିଯିବ କିନ୍ତୁ ଆପଣଙ୍କ ଭିତରେ ସାଧୁ ଗୁଣ ଆଦୌ ନାହିଁ । ଲୋଭର ବଶବର୍ତ୍ତୀ ହୋଇ ଆପଣ ନିଜ ଅନ୍ତଃକରଣକୁ ମଳିନ କରି ଦେଇଛନ୍ତି । ସାଧୁତାକୁ ହଜାଇ ଦେଇଛନ୍ତି ଅର୍ଥାତ୍ ଆପଣଙ୍କର ସନ୍ଥ ସ୍ୱଭାବ ନାହିଁ । ତେଣୁ କଣ୍ଠି-ମାଳା-ଜପାମାଳୀ ଆଦି ବେକରେ ପକାଇଲେ କେହି ସାଧୁ ହୋଇଯାଏ ନାହିଁ । ଆତ୍ମକଲ୍ୟାଣ ପାଇଁ ପୂର୍ଣ୍ଣସନ୍ଥଙ୍କ ଠାରୁ ଦୀକ୍ଷା ପ୍ରାପ୍ତକରି ଆଜୀବନ ମର୍ଯ୍ୟାଦାରେ ରହି ଭକ୍ତି କରିବା ଦ୍ୱାରା କଲ୍ୟାଣ ହୋଇଥାଏ । ପାଠ (ପ୍ରବଚନ) କରିବା ପାଇଁ ଅଧିକାରୀ ନୁହଁନ୍ତି । ଅଧିକାରୀ ନ ହୋଇ ପାଠ କରିବା ଯଜମାନଙ୍କ ବିଶ୍ୱାସଘାତକତା କରିବା ଭଳି । ଆପଣଙ୍କ ପୂର୍ବଜ ଋଷିଗଣ ବାସ୍ତବରେ ପଣ୍ଡିତ ଥିଲେ, ବିଦ୍ୱାନ ପୁରୁଷ ଥିଲେ । ସେମାନେ ଏଭଳି ଭୁଲ କଦାପି କରୁନଥିଲେ । ସନ୍ଥ ଗରୀବ ଦାସଜୀ ଉଦାହରଣ ମାଧ୍ୟମରେ ନିମ୍ନରେ ବୁଝାଇଛନ୍ତି :-

''ରାଜା ପରୀକ୍ଷିତଙ୍କ ଉଦ୍ଧାର''

ଯେତେବେଳେ ଜଣେ ଋଷିଙ୍କ ଅଭିଷାପ ଯୋଗୁଁ ରାଜା ପରୀକ୍ଷିତଙ୍କୁ ତକ୍ଷକ ନାମକ ଏକ ସର୍ପ ଦଂଶନ କରିବାର ଥିଲା ଏବଂ ରାଜା ପରୀକ୍ଷିତଙ୍କ ଉଦ୍ଧାର ପାଇଁ ସପ୍ତ ଦିବସୀୟ ଶ୍ରୀମଦ୍ ଭାଗବତ (ସୁଧା ସାଗର)ର କଥା ପାଠ ହେବାର ଥିଲା ସେତେବେଳେ ପରୀକ୍ଷିତଙ୍କୁ ଶ୍ରୀମଦ୍‌ଭାଗବତ କଥା ଶୁଣାଇବା ପାଇଁ ପୃଥିବୀର ସମସ୍ତ ଋଷି ତଥା ପଣ୍ଡିତମାନଙ୍କୁ ଅନୁରୋଧ କରାଗଲା । ସେମାନେ ବାସ୍ତବରେ ପଣ୍ଡିତ ଥିଲେ । ସେମାନେ ପରମାତ୍ମାଙ୍କ ବିଧାନ ସହ ପରିଚିତ ଥିଲେ । ସେମାନଙ୍କୁ ଏହା ମଧ୍ୟ ଜଣା ଥିଲା ଯେ ସପ୍ତମ ଦିନରେ ପରିଣାମ ନିଶ୍ଚେ ଆସିବ । ସପ୍ତମ ଦିନରେ ପରୀକ୍ଷିତଙ୍କର କଣ ହେବ ସେହି ଘଟଣା ଉପରେ ସମଗ୍ର ବିଶ୍ୱର ବୁଦ୍ଧିଜୀବି ବ୍ୟକ୍ତିଙ୍କର ନଜର ଅଟକି ରହିଥିଲା । ପରୀକ୍ଷିତଙ୍କୁ ଶ୍ରୀମଦ୍ ଭାଗବତ କଥା ଶୁଣାଇବା ପାଇଁ ପୃଥିବୀର ସମସ୍ତ ପଣ୍ଡିତ ମନା କରିଦେଲେ ଏବଂ କହିଲେ ଯେ ଆମ୍ଭେ ଅଧିକାରୀ ନୋହୁଁ ତେଣୁ କୌଣସି ମାନବ ଜୀବନ ସହିତ ଖେଳ ଖେଳି ଆମ୍ଭେ ପାପରେ ଭାଗୀ ହେବୁ ନାହିଁ । ବେଦବ୍ୟାସଜୀ ଯିଏ ଶ୍ରୀମଦ୍ ଭାଗବତର ଲେଖକ ଥିଲେ ସେ ମଧ୍ୟ କଥା ଶୁଣାଇବାକୁ ମନା କରି ଦେଇଥିଲେ । ସର୍ବ ଋଷିଗଣ କହିଲେ ଯେ ଏହି କାର୍ଯ୍ୟ ପାଇଁ ସ୍ୱର୍ଗରୁ ସୁଖଦେବ ଋଷିଙ୍କୁ ଡ଼କାଯାଉ, ସେ କଥା ଶୁଣାଇବାର ଅଧିକାରୀ ଅଟନ୍ତି ।

ରାଜା ପରୀକ୍ଷିତଙ୍କୁ କଥା ଶୁଣାଇବା ପାଇଁ ସ୍ୱର୍ଗରୁ ସୁଖଦେବଙ୍କୁ ଡ଼କାଗଲା । କିଛି ସମୟ ନର୍କ ଭୋଗ କରି ଯୁଧିଷ୍ଠିର ସେହି ସମୟରେ ସ୍ୱର୍ଗରେ ପୂଣ୍ୟଫଳ ଭୋଗୁ ଥିଲେ । ସେ ବଂଶ ମୋହର ବଶବର୍ତ୍ତୀ ହୋଇ ଅର୍ଜୁନଙ୍କ ପୌତ୍ର (ନାତି) ପରୀକ୍ଷିତଙ୍କ ଉଦ୍ଧାର ପାଇଁ ନିଜ ପୂଣ୍ୟରୁ କିଛି ସୁଖଦେବ(ଶୁକଦେବ) ଋଷିଙ୍କୁ ଦାନକଲେ । ସେହି ପୂଣ୍ୟକୁ ବିନିଯୋଗ କରି ଶ୍ରୀ ଶୁକଦେବ ଋଷି ବିମାନରେ ବସି ପରୀକ୍ଷିତ ରାଜାଙ୍କୁ ଶ୍ରୀମଦ୍ ଭାଗବତ କଥା ଶୁଣାଇବା ପାଇଁ ପୃଥିବୀକୁ ଆସିଲେ । ସାତଦିନ ପର୍ଯ୍ୟନ୍ତ କଥା ଶୁଣାଇ ରାଜଗାଦୀ ଓ ପରିବାର ପ୍ରତି ପରୀକ୍ଷିତଙ୍କର ଥିବା ମୋହକୁ ସମାପ୍ତ

କଲେ । ପରୀକ୍ଷିତଙ୍କୁ କଥା ଶୁଣାଉଥିବା ସମୟରେ ହିଁ ତକ୍ଷକ ସର୍ପ ତାଙ୍କୁ ଦଂଶନ କଲା । ସଙ୍ଗେ ସଙ୍ଗେ ରାଜାଙ୍କର ମୃତ୍ୟୁ ହୋଇଗଲା । କିନ୍ତୁ କଥା ଶୁଣିଥିବା ହେତୁ ପରୀକ୍ଷିତଙ୍କର ଧ୍ୟାନ ସଂସାରରୁ ହଟିଯାଇ ସ୍ୱର୍ଗର ସୁଖରେ ଲୀନ ଥିଲା । ରାଜପଦରେ ଥିବା ସମୟରେ ପରୀକ୍ଷିତଜୀ ବଡ଼-ବଡ଼ ଧର୍ମଯଜ୍ଞ କରିଥିଲେ ଯେଉଁ କାରଣ ପାଇଁ ସେ ବହୁ ପୂଣ୍ୟର ଅଧିକାରୀ ହୋଇଯାଇଥିଲେ । ନିମ୍ନ ବାଣୀରେ ପରମାତ୍ମାଙ୍କ ବିଧାନ ବିଷୟରେ ଏହା କୁହାଯାଇଛି ଯେ:-

କବୀର, ଜାହାଁ ଆଶା ତାହାଁ ବାସା ହୋଇ । ମନ କର୍ମ ବଚନ ସୁମରିୟୋ ସୋଇ ॥

ଶବ୍ଦାର୍ଥ : ଗୀତା ଅଧ୍ୟାୟ ୮ର ଶ୍ଳୋକ ନଂ-୬ରେ ମଧ୍ୟ ଠିକ୍ ଏହି ବିଷୟରେ ପ୍ରମାଣ ଅଛି ଯେ "ହେ ଭାରତ ! ପରମାତ୍ମାଙ୍କର ଏହି ବିଧାନ ଅଛି ଯେ ଶେଷସମୟରେ ଯିଏ ଯାହାଙ୍କ ଠାରେ ଭାବ ଅର୍ଥାତ୍ ଆସ୍ଥା ରଖି ସୁମିରଣ କରିଥାଏ, ସେ ତାଙ୍କୁ ହିଁ ପ୍ରାପ୍ତ ହୋଇଥାଏ ।" ତେଣୁ ଏହି ବିଧାନାନୁସାରେ ରାଜା ପରୀକ୍ଷିତଙ୍କ ଜୀବାତ୍ମା ସ୍ଥୂଳ ଶରୀରକୁ ପରିତ୍ୟାଗ କରି (ଯିଏ ସର୍ପ ଦଂଶନରେ ମରିଯାଇଥଲା) ସୂକ୍ଷ୍ମ ଶରୀର ଯୁକ୍ତ ହୋଇ ଶୁକଦେବ ଋଷିଙ୍କ ସହିତ ବିମାନରେ ବସି ସ୍ୱର୍ଗକୁ ଚାଲିଗଲେ ।

ସନ୍ଥ ଗରୀବ ଦାସ ଜୀ (ଗ୍ରାମ ଛୁଡ଼ାଣୀ, ଜିଲ୍ଲା-ଝଜ୍ଜର) ମଣିରାମଜୀଙ୍କୁ କହିଲେ ଯେ ଶୁକଦେବ ଋଷିଙ୍କ ଦ୍ୱାରା ଶୁଣା ଯାଇଥିବା କଥା ଶ୍ରବଣ କରି ରାଜା ପରୀକ୍ଷିତଙ୍କର ମନ ଏହି ସଂସାରରୁ ହଟିଯାଇ ସ୍ୱର୍ଗପ୍ରାପ୍ତି ପାଇଁ ପ୍ରେରିତ ହୋଇଥିଲା । ଯେଉଁ କାରଣ ପାଇଁ ରାଜା ପରୀକ୍ଷିତ ମୃତ୍ୟୁ ଉପରାନ୍ତ ସେହି ଜୀବନରେ ରାଜା ଥିବା ସମୟରେ କରିଥିବା ପୂଣ୍ୟର ଫଳ ସ୍ୱରୂପ ମୃତ୍ୟୁ ପରେ ସ୍ୱର୍ଗକୁ ଚାଲିଗଲେ । କିନ୍ତୁ ତାଙ୍କର ଜନ୍ମ-ମରଣ ଚକ୍ର ସମାପ୍ତ ହୋଇ ନାହିଁ । ଏହି କାଳବ୍ରହ୍ମ ଲୋକରେ ସ୍ୱର୍ଗ-ମହାସ୍ୱର୍ଗ (ବ୍ରହ୍ମଲୋକ)ପ୍ରାପ୍ତିକୁ ଆତ୍ମାର ଉଦ୍ଧାର ବୋଲି ମାନି ନିଅନ୍ତି ଯାହା ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନର ଅଭାବର ପରିଣାମ ଅଟେ । କାଳବ୍ରହ୍ମ ଲୋକରୁ ଉଦ୍ଧାର ହେବା ମଧ୍ୟ ପୃଥିବୀର କୌଣସି ଋଷି, ପଣ୍ଡିତଙ୍କ ସାମର୍ଥ୍ୟ ବାହାରେ, କାରଣ ପାଠ ଓ କଥା ଅର୍ଥାତ ସତସଙ୍ଗ କରିବାରେ ଏମାନଙ୍କର ମାନ ଅଭିମାନ ଓ ବଡ଼ ପଣିଆ ଦେଖାଇବା ଉଦ୍ଦେଶ୍ୟ ରହିଥାଏ । ପ୍ରସିଦ୍ଧି ପାଇବା ଉଦ୍ଦେଷ୍ୟରେ ଜଣେ ଋଷି ଅନ୍ୟ ଜଣେ ଋଷି ପ୍ରତି ଈର୍ଷା ଭାବ ରଖିଥାଏ । ଏମାନେ ଈର୍ଷା ରୋଗରେ ପିଡିତ । ଶୁକଦେବ ଜୀ, ଜନକ ଋଷିଙ୍କର ଶିଷ୍ୟ ଥିଲେ । ରାଜା ଜନକଙ୍କୁ ପୂର୍ଣ୍ଣପରମାତ୍ମା କବୀରଜୀ ଦର୍ଶନ ଦେଇଥିଲେ । ତାଙ୍କୁ ସୋହଂ ନାମଜପ ଦେଇଥିଲେ । ଶୁକଦେବଜୀ ରାଜା ଜନକଙ୍କର ପ୍ରିୟ ତଥା ମୁଖ୍ୟ ଶିଷ୍ୟ ଥିଲେ । ଜନକ ଋଷି କେବଳ ଶୁକଦେବଙ୍କୁ ଏହି ମନ୍ତ୍ର ଦେଇଥିଲେ ।ଯେଉଁ କାରଣ ପାଇଁ ଶୁକଦେବଙ୍କର ସ୍ୱର୍ଗଭୋଗ ସମୟ ଅଧିକ ଅଟେ । କାଳପୁରୁଷ ରାଜା ଜନକଙ୍କ ସହିତ ଛଳନା କରିଥିଲା । ରାଜା ଜନକ ନିଜ ପୁଣ୍ୟରୁ ଅଧା ପୁଣ୍ୟ ନର୍କ ଭୋଗୁଥିବା ବାର କୋଟି ଜୀବଙ୍କୁ ଦାନ କରି ଦେଇଥିଲେ । ଯେଉଁଥି ପାଇଁ ତାଙ୍କର ସ୍ୱର୍ଗଭୋଗ ସମୟ କମିଯାଇଥିଲା ଏବଂ ସେ ୧୪୬୯ରେ ପଞ୍ଜାବ ପ୍ରାନ୍ତରେ (ଭରତ ଦେଶରେ) ଶ୍ରୀ କାଲୁରାମ ମେହଟା (କ୍ଷତ୍ରୀ-ଅରୋଡ଼ା)ଙ୍କ ଘରେ ଶ୍ରୀ ନାନକ ନାମରେ ଜନ୍ମନେଲେ (ବର୍ତ୍ତମାନ ଏହା ପାକିସ୍ତାନ ଅନ୍ତର୍ଗତ ।) ପୃଥିବୀ ଲୋକରେ ଶୁକଦେବ ଋଷିଙ୍କର କାହା ସହିତ କୌଣସି ଦ୍ୱେଷ, ଈର୍ଷା ବା ମାନ ଅଭିମାନ ନ ଥିଲା । ତାଙ୍କ ଦ୍ୱାରା ଶୁଣାଯାଇଥିବା କଥା ରାଜା ପରୀକ୍ଷିତଙ୍କ ମନକୁ ପ୍ରଭାବିତ କଲା । ଯେଉଁ କାରଣରୁ ତାଙ୍କର ସ୍ୱର୍ଗବାସ ହେଲା । ଯଦି ଅନ୍ୟ କୌଣସି ଋଷି କଥା ପାଠ କରିଥାନ୍ତେ ତେବେ ରାଜାଙ୍କର ମୋହ ରାଜ ସିଂହାସନ ଓ ପରିବାରରେ ରହିଯାଇଥାନ୍ତା । ପୁର୍ନବାର ତାଙ୍କର ଜନ୍ମ ପୃଥିବୀ ପୃଷ୍ଠରେ ହୋଇଥାନ୍ତା । ରାଜା ହୋଇ ନିଜ ପୂଣ୍ୟ ପୁଣି ନଷ୍ଟ କରିଥାନ୍ତେ ।

ସନ୍ଥ ଗରୀବ ଦାସଜୀ କହିଲେ, ହେ ମଣିରାମ ! ଯେ ପର୍ଯ୍ୟନ୍ତ ଜୀବର ଜନ୍ମ-ମରଣ ଚକ୍ର ସମାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ତାକୁ ପରମ ଶାନ୍ତି ମିଳେ ନାହିଁ । ପୁଣି ରାଜା ହୋଇ ସେ ରାଜକାର୍ଯ୍ୟର ହାନି-ଲାଭ ରୂପକ ଅଗ୍ନିରେ ଜଳିଥାଏ । ତା'ପରେ ନିର୍ଧନ ହୋଇ କଷ୍ଟ ଭୋଗୀଥାଏ । ତା'ପରେ ପଶୁପକ୍ଷୀ ଆଦିଙ୍କ ଶରୀର ପ୍ରାପ୍ତ କରି କଷ୍ଟ ଭୋଗିଥାଏ । ଆପଣ ଶ୍ରୀ ବିଷ୍ଣୁ ଓରଫ ଶ୍ରୀ କୃଷ୍ଣଙ୍କ ଭକ୍ତ

ଅଟନ୍ତି । (ବୈଷ୍ଣବ ସାଧୁମାନେ ଭଗବାନ ବିଷ୍ଣୁଙ୍କୁ ଇଷ୍ଟ ରୂପ ମାନିଥାନ୍ତି ।) ଆପଣ ଏହା ମଧ୍ୟ ସ୍ୱୀକାର କରିଥାନ୍ତି ଯେ ଶ୍ରୀକୃଷ୍ଣ ଅର୍ଥାତ୍ ଶ୍ରୀ ବିଷ୍ଣୁଜୀ, ଶ୍ରୀମଦ୍ ଭାଗବତ ଗୀତାର ଜ୍ଞାନ ଅର୍ଜୁନକୁ ଶୁଣାଇଛନ୍ତି । ଗୀତା ଅଧ୍ୟାୟ ୧୮ର ଶ୍ଳୋକ ନଂ-୬୨ରେ ଗୀତା ଜ୍ଞାନଦାତା ସ୍ପଷ୍ଟ କରିଛନ୍ତି ଯେ ମୋ ଠାରୁ ଭିନ୍ନ ଅନ୍ୟ କେହି ପରମ ଈଶ୍ୱର ଅଛନ୍ତି । ହେ ଭାରତ! ତୁ ସର୍ବ ଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଆ । ସେହି ପରମେଶ୍ୱରଙ୍କ କୃପାରେ ହିଁ ତୁ ପରମ ଶାନ୍ତି ତଥା ସନାତନ ପରମଧାମ (ସତ୍ୟଲୋକ) ପ୍ରାପ୍ତ ହେବୁ ।

ଗୀତା ଅଧ୍ୟାୟ ୭ ଶ୍ଳୋକ ନଂ-୨୯ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ "ଯେଉଁ ସାଧକ ଜରା (ବୃଦ୍ଧାବସ୍ଥା) ଓ ମରଣ (ମୃତ୍ୟୁ)ରୁ ମୁକ୍ତି ଅର୍ଥାତ୍ ମୋକ୍ଷ ପ୍ରାପ୍ତି ପାଇଁ ପ୍ରଯତ୍ନଶୀଳ ଅଟନ୍ତି । (ସେମାନେ ଏହି କାଳଲୋକର ରାଜ୍ୟ ତଥା ସ୍ୱର୍ଗ-ମହାସ୍ୱର୍ଗ ଆଦି ଭୋଗିବାର ଇଚ୍ଛା ରଖନ୍ତି ନାହିଁ ।) ସେମାନେ ସେହି ତତ୍‌ବ୍ରହ୍ମ, ସମ୍ପୂର୍ଣ୍ଣ ଆଧ୍ୟାତ୍ମିକତା ଓ ସମସ୍ତ କର୍ମ ସହିତ ସମ୍ପୂର୍ଣ୍ଣ ପରିଚିତ ଅଟନ୍ତି ।

ଝଗୀତା ଅଧ୍ୟାୟ ୮ର ଶ୍ଳୋକ ନଂ ୧ରେ ଗୀତା ଜ୍ଞାନଦାତାଙ୍କୁ ଅର୍ଜୁନ ପ୍ରଶ୍ନ କଲା ଯେ ଯେଉଁ ତତ୍‌ବ୍ରହ୍ମଙ୍କ ବିଷୟରେ ଅଧ୍ୟାୟ ୭ ର ଶ୍ଳୋକ୨୯ ରେ କୁହାଯାଇଛି ଯେ ସେହି ତତ୍‌ବ୍ରହ୍ମ କିଏ ଅଟନ୍ତି ? ଗୀତା ଜ୍ଞାନଦାତା ଏହାର ଉତ୍ତର ଅଧ୍ୟାୟ ୮ ର ଶ୍ଳୋକ ୩ ରେ ଦେଇ କହିଛନ୍ତି ଯେ ସେ ପରମ ଅକ୍ଷର ବ୍ରହ୍ମ ଅଟନ୍ତି ।

ଗୀତା ଅଧ୍ୟାୟ ୮ର ଶ୍ଳୋକ ୫ ତଥା ୭ ରେ ନିଜ ଭକ୍ତି କରିବାକୁ ନିର୍ଦ୍ଦେଶ ଦେଇ ଗୀତା ଜ୍ଞାନଦାତା କହିଛନ୍ତି ଯେ ଏହା ଦ୍ୱାରା ତୁ ମୋତେ ପ୍ରାପ୍ତ ହେବୁ ଏବଂ ଗୀତା ଅଧ୍ୟାୟ ୮ ର ଶ୍ଳୋକ ୮, ୯ ଓ ୧୦ରେ ନିଜ ଠାରୁ ଭିନ୍ନ ଅନ୍ୟ ସେହି ପରମ ଅକ୍ଷର ବ୍ରହ୍ମଙ୍କ ଭକ୍ତି କରିବାକୁ କହିଛନ୍ତି ଯାହା ଦ୍ୱାରା ତାଙ୍କ ପ୍ରାପ୍ତି ହେବ ।

ଗୀତା ଅଧ୍ୟାୟ ୨ଶ୍ଳୋକ୧୨, ଅଧ୍ୟାୟ ୪ଶ୍ଳୋକ ୫, ଅଧ୍ୟାୟ ୧୦ ଶ୍ଳୋକ ୨ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ହେ ଅର୍ଜୁନ! ତୋର ଏବଂ ମୋର ବହୁତ ଜନ୍ମ ହୋଇସାରିଛି, ଆଗକୁ ମଧ୍ୟ ହେବ ।

ଗୀତା ଅଧ୍ୟାୟ ୨ ଶ୍ଳୋକ ୧୭ ରେ ଯେଉଁ ଅବିନାଶୀ ପରମାତ୍ମାଙ୍କ ବିଷୟରେ କହିଛନ୍ତି ତଥା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ ରେ ତିନି ପୁରୁଷ (ପ୍ରଭୁ)ଙ୍କ ବିଷୟରେ କହିଛନ୍ତି । ଶ୍ଳୋକ ୧୬ରେ କ୍ଷର ପୁରୁଷ ଓ ଅକ୍ଷରପୁରୁଷଙ୍କ ବିଷୟରେ ବର୍ଣ୍ଣନ ଅଛି । ଉଭୟଙ୍କୁ ନାଶବାନ କହିଛନ୍ତି । ପୁଣି ଅଧ୍ୟାୟ ୧୫ଶ୍ଳୋକ ୧୭ରେ ଅବିନାଶୀ ପରମଅକ୍ଷର ବ୍ରହ୍ମଙ୍କ ବିଷୟରେ ସୂଚନା ଦେଇଛନ୍ତି । ତାଙ୍କୁ ହିଁ ଉତ୍ତମ ପୁରୁଷ ଅର୍ଥାତ୍ ସର୍ବଶ୍ରେଷ୍ଠ କହିଛନ୍ତି । ସେ ହିଁ ତିନି ଲୋକର ପାଳନ-ପୋଷଣ କରିଥାନ୍ତି, ବାସ୍ତବରେ ସେ ହିଁ ଅବିନାଶୀ ଅଟନ୍ତି । ଗୀତା ଅଧ୍ୟାୟ ୧୫ର ଶ୍ଳୋକ ୪ରେ ଗୀତା ଜ୍ଞାନ ଦାତା ସ୍ପଷ୍ଟ କରିଛି ଯେ ତତ୍ତ୍ୱଦର୍ଶୀ ସନ୍ତ ମିଳିବା ପରେ, ପରମେଶ୍ୱରଙ୍କ ସେହି ପରମପଦକୁ ଖୋଜିବା ଉଚିତ, ଯେଉଁଠିକୁ ଯିବାପରେ ସାଧକ ଲେଉଟି କରି ପୁଣି ଏ ସଂସାରକୁ କେବେ ଆସେ ନାହିଁ । ସେହି ପରମାତ୍ମାଙ୍କର ହିଁ ଭକ୍ତି କରିବା ଉଚିତ ଯାହାଙ୍କଠାରୁ ଏହି ସଂସାରରୂପୀ ବୃକ୍ଷ ବିସ୍ତାର ଲାଭ କରିଛି ଅର୍ଥାତ ଯେଉଁ ପରମାତ୍ମା ଏହି ବିଶ୍ୱର ରଚନା କରିଛନ୍ତି । (ଗୀତାର ଉଲ୍ଲେଖ ସମାପ୍ତ)

ସନ୍ତ ଗରୀବ ଦାସଜୀ, ମଣିରାମକୁ କହିଲେ ଯେ ସେହି ପରମ ଅକ୍ଷର ବ୍ରହ୍ମ ଅର୍ଥାତ ତତ୍‌ବ୍ରହ୍ମଙ୍କ ଭକ୍ତି ବିଧି ମୋ (ସନ୍ତ ରାମପାଲ ଦାସ)ପାଖରେ ଅଛି । ଯଦି ଆପଣଙ୍କୁ ପୂର୍ଣ୍ଣମୋକ୍ଷ ଲାଭ କରିବାର ଅଛି ତେବେ ଦୀକ୍ଷା ଗ୍ରହଣ କରି ନିଜ କଲ୍ୟାଣ କରାନ୍ତୁ । ଗୀତାର ସମସ୍ତ ଶ୍ଳୋକ ମଣିରାମଙ୍କର କଣ୍ଠସ୍ଥ ଥିବା ହେତୁ ତୁରନ୍ତ ବୁଝିଯାଇ ଦୀକ୍ଷା ନେଲେ, ଲୋକ ଦେଖାଣିଆ ଆଡମ୍ବର ତ୍ୟାଗ କରି ନିଜର କଲ୍ୟାଣ କରାଇଲା ।

''ପଣ୍ଡିତର ପରିଭାଷା''

ପଣ୍ଡିତର ପ୍ରକୃତ ଅର୍ଥ ବିଦ୍ୱାନ । ମୋ ପୂଜ୍ୟ ଗୁରୁଜୀ (ଗ୍ରାମ- ବଡ଼ା ପୈଁତାବାସ, ତହସିଲ - ଚରଖି ଦାଦ୍ରୀ, ଜିଲ୍ଲା - ଭିବାନୀ (ହରିୟାଣା)ରେ ବ୍ରାହ୍ମଣ ଜାତିରେ ଜନ୍ମିଥିଲେ । ସେ ନିଜକୁ

କେବେ ପଣ୍ଡିତ ବୋଲି କହୁ ନ ଥିଲେ ।

ମୋ ଦାଦା ଗୁରୁଜୀ (ମୋ ଗୁରୁଜୀଙ୍କ ଗୁରୁଜୀ) ଦିଲ୍ଲୀର ନଜଫଗଡ ନିକଟସ୍ଥ ଛାଓଲା ଗ୍ରାମରେ ଜାଟ୍ ଜାତିରେ ଜନ୍ମ ଗ୍ରହଣ କରିଥିଲେ । ସେ ପିଲାଟି ଦିନରୁ ସନ୍ଥ ଗଙ୍ଗେଶ୍ୱରାନନ୍ଦଙ୍କ ସତସଙ୍ଗ ଦ୍ୱାରା ପ୍ରଭାବିତ ହୋଇ ତାଙ୍କ ସହିତ ହରିଦ୍ୱାର ଚାଲିଯାଇଥିଲେ । ସନ୍ଥ ଗଙ୍ଗେଶ୍ୱରାନନ୍ଦ ତାଙ୍କୁ କାଶୀ ବିଦ୍ୟାପୀଠରେ ପଢ଼ିବାକୁ ଛାଡ଼ିଦେଲେ । ସେ ତୀକ୍ଷ୍ଣ ବୁଦ୍ଧିଯୁକ୍ତ ଥିଲେ । ସେ ଚାରୋଟି ବିଷୟରେ ଆଚାର୍ଯ୍ୟ ଡ଼ିଗ୍ରୀ ହାସଲ କଲେ । ଯେଉଁଥି ପାଇଁ ସେ ଜାଟ୍ ଜାତିର ହୋଇ ମଧ୍ୟ ତାଙ୍କୁ ସମସ୍ତେ ପଣ୍ଡିତ ଚିଦାନନ୍ଦଜୀ ନାମରେ ଡ଼ାକୁଥିଲେ । ଗୋପାଳପୁର ଗ୍ରାମ (ତହସିଲ - ଖର୍‌ଖୋଦା, ଜିଲ୍ଲା - ସୋନୀପତ୍, ରାଜ୍ୟ - ହରିୟାଣା) ରେ ତାଙ୍କର ଆଶ୍ରମ ଅଛି । ସେହି ଆଶ୍ରମରେ ଯେଉଁ ବୋର୍ଡ଼ ଲାଗିଛି ସେଥିରେ ଲେଖା ଅଛି "ପଣ୍ଡିତ ଚିଦାନନ୍ଦ ଜୀ (ଗରୀବ ଦାସୀ) ଆଶ୍ରମ, ଗୋପାଳପୁର" । ତାଙ୍କ ନାମ ଚିଦାନନ୍ଦ ଜୀ ଥିଲା । କୌଣସି ବ୍ରାହ୍ମଣ ଭାଇ ଦୁଃଖିତ ନ ହୁଅନ୍ତୁ, ଏଥିପାଇଁ ପଣ୍ଡିତର ପରିଭାଷା ବିଷୟରେ କହିବା ଅନିର୍ବାର୍ଯ୍ୟ ଥିଲା, ତେଣୁ କହିଲି ।

ସୁଦାମା ପଣ୍ଡିତ ଥିଲେ

ସୁଦାମା ବ୍ରାହ୍ମଣ କୂଳରେ ଜନ୍ମି ଥିଲେ । ଦାରିଦ୍ର୍ୟତା ଚରମ ସୀମାରେ ପହଞ୍ଚି ସାରିଥିଲା । ପିଲାମାନଙ୍କୁ ବେଳେ ବେଳେ ଭୋକରେ ମଧ୍ୟ ଶୋଇ ପଡୁଥିଲା । ସୁଦାମାଙ୍କ ଧର୍ମପତ୍ନୀଙ୍କୁ ଜଣା ଥିଲା ଯେ ଦ୍ୱାରିକାର ରାଜା ଶ୍ରୀକୃଷ୍ଣଙ୍କ ସହିତ ସୁଦାମାଙ୍କର ଅତି ଘନିଷ୍ଠ ସମ୍ପର୍କ ଥିଲା । ସୁଦାମାଙ୍କ ପତ୍ନୀ ଅନେକ ଥର କହିଛନ୍ତି, ଆପଣ ନିଜ ମିତ୍ର ରାଜା କୃଷ୍ଣଙ୍କ ଠାରୁ କିଛି ଧନ ମାଗି ଆଣନ୍ତୁ । କିନ୍ତୁ ସୁଦାମା କହୁଥିଲେ ଯେ ପଣ୍ଡିତର କାମ ମାଗିବା ନୁହେଁ । ପରମାତ୍ମାଙ୍କ ବିଧାନାକୁ ହୃଦୟଙ୍ଗମ କରି ସେହି ବିଧାନ ଅନୁକୂଳ ଜୀବନଯାପନ କରିବାକୁ ପଡ଼ିଥାଏ । ଗରୀବ ଦାସଜୀ ମଧ୍ୟ କହିଛନ୍ତି ଯେ:-

ଗରୀବ, ନଟ, ପେରଣା କାଞ୍ଚର ସାଂସୀ, ମାଙ୍ଗଡ୍ ହୈଁ ଭଠିୟାରେ ।
ଜିନ୍‌କୀ ଭକ୍ତିମେଁ ଲୌ ଲାଗୀ, ଓ୍ୱା ମୋତୀ ଦେତ ଉଧାରେ ॥
ଗରୀବ, ଜୋ ମାଙ୍ଗେ ସୋ ଭଡୁଆ କହିଏ, ଦର-ଦର ଫିରୈ ଅଜ୍ଞାନୀ ।
ଜୋଗୀ ଜୋଗ୍ ସମ୍ପୂର୍ଣ୍ଣ ଜାକା, ମାଙ୍ଗ ନା ପୀବୈ ପାନୀ ॥

ଶବ୍ଦାର୍ଥ : "ନଟ"ଏହି ସମ୍ପ୍ରଦାୟର ଲୋକମାନେ ଜନତାଙ୍କୁ ବିଭିନ୍ନ ଖେଳ ଦେଖାଇଥାନ୍ତି । ଯେପରି ଏକ ବାଉଁଶକୁ ମାଟିରେ ନ ପୋତି ତା ଉପରରେ ଚଢ଼ିଥାନ୍ତି ଯାହା ଏକ କଠିନ ଓ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ଅଟେ । ଖେଳ ସମାପନ ପରେ ଥାଳ ଧରି ତାମସା(ଖେଳ)ଦେଖିବା ପାଇଁ ସେଠାରେ ଉପସ୍ଥିତ ଜନତାଙ୍କ ଠାରୁ ଟଙ୍କା-ପଇସା ମାଗୁଥିଲେ । ଏହିଭଳି 'କଞ୍ଚର୍, ସାଂସୀ, ଭଠିୟାରେ' ଜାତିର ଲୋକମାନେ ନିଜ ନିଜ କଳା ପ୍ରଦର୍ଶନ କରି ଟଙ୍କା ବା ଖାଦ୍ୟ ଶସ୍ୟ (ଚାଉଳ, ଗହମ, ବାଜରା, ଚଣା) ଇତ୍ୟାଦି ମାଗନ୍ତି । ଯୋଗୀ ଅର୍ଥାତ ସାଧକ ଯଦି ଏହି ଭଳି ସିଦ୍ଧି ପ୍ରଦର୍ଶନ କରି ଟଙ୍କା-ପଇସା ବା ଚାଉଳ ସଂଗ୍ରହ କରୁଛି ତେବେ ଏହା ତା'ର ସତ୍ୟ ସାଧନା ନୁହେଁ । ଯଦି ସେ ସତ୍ୟ ସାଧକ ହୋଇଥାନ୍ତା ତେବେ ନିଜ ଶିଷ୍ୟମାନଙ୍କୁ ଆଶୀର୍ବାଦ ରୂପକ ମୋତି ଦେଇ ଧନୀ କରି ଦିଅନ୍ତା ଯାହା ଭାଗ୍ୟ ଠାରୁ ଭିନ୍ନ ନିଜ ତରଫରୁ ଶିଷ୍ୟଙ୍କୁ ଦେଉଥିବା ଉଧାର ଭଳି ହୋଇଥାଏ । ଯଦି ସନ୍ଥ ଦ୍ୱାର-ଦ୍ୱାର ବୁଲି ବୁଲି ମାଗୁଛି ତେବେ ସେ ଅଜ୍ଞାନୀ ଅଟେ । ଶାସ୍ତ୍ର ଅନୁକୂଳ ସାଧନା ତା' ପାଖରେ ନାହିଁ, ସେ ସନ୍ଥ ନୁହେଁ ଭାଡୁଆ ଅଟେ । ଏଠାରେ ଭାଡୁଆର ଅର୍ଥ ହେଲା ଲଜ୍ୟାହୀନ । ସେହି ଯୋଗୀ ଅର୍ଥାତ ସାଧକର ଭକ୍ତିକୁ ସମ୍ପୂର୍ଣ୍ଣ ଭକ୍ତି ବୋଲି କୁହାଯାଏ ଯିଏ କାହାଠାରୁ କିଛି ବି ମାଗି ନ ଥାଏ । ଉଦାହରଣ ସ୍ୱରୂପ ସେହି ସାଧକ ଅନ୍ୟ ଦ୍ରବ୍ୟ ତ ଛାଡ ମାଗିକରି ପାଣି ବି ପିଇ ନ ଥାଏ ।

କିନ୍ତୁ ତାଙ୍କ ପତ୍ନୀ ବାରମ୍ବାର କହିବାରୁ ବିପ୍ର ସୁଦାମା ନିଜ ସଖା ଶ୍ରୀ କୃଷ୍ଣଙ୍କ ନିକଟକୁ ଗଲେ । ଶ୍ରୀ କୃଷ୍ଣଜୀ ତାଙ୍କର ବିଶେଷ ଆଦର ସତ୍କାର କଲେ । ସୁଦାମା ନିଜ ସାଥିରେ ନେଇଥିବା ମୁଠେ ଖୁଦ ଭଜାକୁ ଶ୍ରୀ କୃଷ୍ଣ ଅତି ଅନନ୍ଦର ସହିତ ଖାଇଲେ ଏବଂ ନିଜ ସଖାଙ୍କର ଚରଣ ଧୋଇଦେଇ

ଭଲ ମନ୍ଦ ବିଷୟରେ ପଚାରିବାରୁ ସୁଦାମା କହିଲେ, ହେ ଭଗବାନ ! ମୋର କୌଣସି ବସ୍ତୁର ଆବଶ୍ୟକତା ନାହିଁ । ଅପଣଙ୍କ କୃପାରୁ ମୋ ପରିବାର ପୋଷଣ ଠିକ୍‌ରେ ହୋଇଯାଉଛି । ସୁଦାମା ଜୀ, ଶ୍ରୀ କୃଷ୍ଣଙ୍କ ପାଖରେ ଏକ ସପ୍ତାହ ରହି ଘରକୁ ଫେରିବା ଭିତରେ ଥରେ ମଧ୍ୟ ଧନ ମାଗି ନାଁହାନ୍ତି । ସେ ଜଣିଥିଲେ:-

କବୀର, ବିନ ମାଁଗେ ମୋତି ମିଲେ, ମାଁଗେ ମିଲେ ନ ଭିଖ ।
ମାଁଗନେ ସେ ମରନା ଭଲା, ୟହ ସଦଗୁରୁ କି ସିଖ ॥

ଶବ୍ଦାର୍ଥ:- କବୀର ପରମାତ୍ମା ମଧ୍ୟ କହିଛନ୍ତି ଯେ ଯିଏ ପୂର୍ଣ୍ଣ ପରମାତ୍ମାଙ୍କ ସତ୍ୟ ସାଧନା କରିଥାଏ, ସେ ଅନ୍ୟକୁ ମାଗିବା ଅନୁଚିତ । ମାଗିବା ଦ୍ୱାରା ପରମାତ୍ମା ରୁଷ୍ଟ ହୋଇଯାନ୍ତି । ତାକୁ ଭିକ୍ଷା ବି ମିଳେ ନାହିଁ । ସାଧକ ପରମାତ୍ମାଙ୍କ ଉପରେ ବିଶ୍ୱାସ ରଖି ଯଦି ମାଗିବା କାମ ଛାଡିଦେବ ତେବେ ପରମାତ୍ମା ତା' ଇଚ୍ଛା ନିଶ୍ଚେ ପୂରଣ କରିବେ ଅର୍ଥାତ୍ ମୋତି ଭଳି ବହୁମୂଲ୍ୟ ବସ୍ତୁ ମଧ୍ୟ ତାକୁ ଦେଇ ଦେବେ । ପୂର୍ଣ୍ଣ ସତଗୁରୁ ଏହି ଶିକ୍ଷା ଦେଇଥାନ୍ତି ଯେ ମାଗିବା ଦ୍ୱାରା ବ୍ୟକ୍ତି ଜୀବିତ ଅବସ୍ଥାରେ ହିଁ ମରିଯାଇଥାଏ । ମାଗିବା ଠାରୁ ମରିଯିବା ହିଁ ଭଲ । ମରିବା ଅର୍ଥ ଏଠାରେ ଆତ୍ମହତ୍ୟା ନୁହେଁ, ନିଜ ଇଚ୍ଛାଗୁଡିକୁ ଦମନ କରି ମୃତପ୍ରାୟ ହୋଇ ରହିବା । ଶ୍ରୀ କୃଷ୍ଣ ରାଜା ଥିଲେ । ନିଜ ସଖାଙ୍କର ସ୍ଥିତିକୁ ବୁଝିପାରି ବିଶ୍ୱକର୍ମାଙ୍କୁ ଆଦେଶ ଦେଇ ଏକ ସପ୍ତାହ ମଧ୍ୟରେ ସୁଦାମାଙ୍କର ମହଲ ନିର୍ମାଣ କରାଇବା ସହ ବହୁତ ଧନ-ଦୌଲତ ପ୍ରଦାନ କଲେ । ପଣ୍ଡିତ ସୁଦାମା ନିଜ ଧର୍ମ-କର୍ମ ପ୍ରତି ସର୍ବଦା ସଚେତନଶୀଳ ଥିବା କାରଣରୁ ତାଙ୍କୁ ଲାଭ ପ୍ରାପ୍ତି ହେଲା ।

ଆଲୋଚ୍ୟ ପ୍ରସଙ୍ଗ :- ଦୀକ୍ଷା (ନାମ) ନେବା ପରେ ସଂସାର ଓ ପରମାତ୍ମାଙ୍କ ପ୍ରତି ଜଣେ ଭକ୍ତର ଆସ୍ଥା କିପରି ହେବା ଉଚିତ । ପବିତ୍ର କବୀର ସାଗର ଗ୍ରନ୍ଥର "ଅନୁରାଗ ସାଗର" ଅଧ୍ୟାୟରେ ପରମେଶ୍ୱର କବୀର ଜୀ ନିଜ ପ୍ରିୟ ଆତ୍ମା ଧର୍ମଦାସଙ୍କୁ ଉକ୍ତ ପ୍ରସଙ୍ଗ ବିଷୟରେ ଆଲୋଚନା କରିବାକୁ ଯାଇ ଏହି ପ୍ରକାର କହିଛନ୍ତି :-

''ଅନୁରାଗ ସାଗର'' ଅଧ୍ୟାୟର ସାରାଂଶ

ଅନୁରାଗ ସାଗର ପୃଷ୍ଠା ୩ ରୁ ପୃଷ୍ଠା ୫ର ସାରାଂଶ :-

ପୃଷ୍ଠା ନଂ ୩ ରୁ :- ଧର୍ମଦାସଜୀ, ପରମେଶ୍ୱର କବୀରଜୀଙ୍କୁ ପ୍ରଶ୍ନ କଲେ:-

ପ୍ରଶ୍ନ:- ପ୍ରଭୁ ! ଦୀକ୍ଷା ପ୍ରାପ୍ତି ପରେ ପରମେଶ୍ୱରଙ୍କ ପ୍ରତି କିଭଳି ଆସ୍ଥା ରହିବା ଉଚିତ ?

ଉତ୍ତର:- ପରମେଶ୍ୱର କବୀରଜୀ କହିଲେ, ଯେପରି ମୃଗ (ହରିଣ) ଶବ୍ଦ ପ୍ରତି ଆକୃଷ୍ଟ ହୋଇଥାଏ, ଠିକ୍ ସେହିଭଳି ନିଷ୍ଠା ପରମାତ୍ମାଙ୍କ ପ୍ରତି ସାଧକର ରହିବା ଉଚିତ୍ ।

ଝ:ହରିଣ (ମୃଗ) ଶିକାରି ଏକ ଯନ୍ତ୍ର ସାହାଯ୍ୟରେ ବିଶେଷ ପ୍ରକାର ଧ୍ୱନୀ ସୃଷ୍ଟି କରିଥାଏ ଯାହା ହରିଣକୁ ଅତ୍ୟନ୍ତ ପସନ୍ଦ ଲାଗିଥାଏ । ଧ୍ୱନୀ ବାଜି ଉଠିବା କ୍ଷଣୀ ହରିଣ ସେହି ଆଡ଼କୁ ଆକୃଷ୍ଟ ହୋଇ ଚାଲିଆସେ ଏବଂ ଯନ୍ତ୍ର ସହଯ୍ୟରେ ଧ୍ୱନୀ ସୃଷ୍ଟି କରୁଥିବା ସେହି ଶିକାରି ସମ୍ମୁଖରେ ବସିପଡି, ମୁଖକୁ ଭୂମି ଉପରେ ରଖି ଶିକାରି ନିକଟରେ ନିଜକୁ ସମର୍ପିତ କରିଦେଇଥାଏ । ନିଜ ଜୀବନକୁ ବାଜି ଲଗାଇ ଦେଇଥାଏ । ଠିକ୍ ଏହିଭଳି ଭାବ ଭକ୍ତକୁ ମଧ୍ୟ ପରମାତ୍ମାଙ୍କ ପ୍ରତି ସମର୍ପିତ ହେବା ଉଚିତ । ନିଜ ଜୀବନକୁ ସମର୍ପଣ କରିଦେବା ଉଚିତ୍ ।

ଝ:ଦ୍ୱିତୀୟ ଉଦାହରଣ :-

ପତଙ୍ଗ(ପଙ୍ଖଧାରୀ ପୋକ)କୁ ଆଲୋକ ବହୁତ ପ୍ରିୟ ଲାଗେ । ଦୀପ, ମହମବତୀ, ଗରମ ବିଜୁଳି ଆଲୁଅ ପରି ନିଜର ପ୍ରିୟ ବସ୍ତୁ ପ୍ରତି ଆସକ୍ତ ହୋଇ ତାକୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ତା' ଉପରକୁ ଲମ୍ଫ ପ୍ରଦାନ କରି ମୃତ୍ୟୁକୁ ପ୍ରାପ୍ତ ହୋଇଥାଏ । ଠିକ୍ ଏହିପରି ପରମାତ୍ମା ପ୍ରାପ୍ତି ପାଇଁ ଭକ୍ତକୁ ନିଜ ଜୀବନ ଉତ୍ସର୍ଗ କରିଦେବା ଉଚିତ୍ । ସମାଜରେ ପ୍ରଚଳିତ ପରମ୍ପରାଗତ ସମସ୍ତ ସାଧନା ତଥା ଅନ୍ୟ ଶାସ୍ତ୍ରବିରୁଦ୍ଧ ରୀତି-ପରମମ୍ପରା ଆଦିକୁ ତ୍ୟାଗ କରିବା ତଥା ସତ୍ୟସାଧନା କରିବା କଷ୍ଟସାଧ ହୋଇଥାଏ । ସେଗୁଡ଼ିକର ସାମ୍ନା କରିବା ଉଚିତ୍, ସେଥିପାଇଁ ଯାହା ବି ବଳିଦାନ ଦେବାକୁ ପଡୁନା କାହିଁକି, ପଛକୁ ହଟିବା ଅନୁଚିତ ।

ଋତୃତୀୟ ଉଦାହରଣ :-

ପୂର୍ବ କାଳରେ ପତ୍ନୀମାନେ ନିଜ ପତିମାନଙ୍କୁ ଏତେ ଭଲ ପାଉଥିଲା ଯେ ପତ୍ନୀ ପୂର୍ବରୁ ଯଦି ପତିର ମୃତ୍ୟୁ ହୋଇଯାଉଥିଲା ସେତେବେଳେ ପତ୍ନୀ ନିଜ ମୃତ ପତି ସହିତ ଚିତାଗ୍ନୀରେ ଜଳି ମରି ଯାଉଥିଲା । ସେହି ସମୟରେ ଘର ଓ କୁଟୁମ୍ବର ଅନ୍ୟ ବ୍ୟକ୍ତିମାନେ ଏହା ବୁଝାଉଥିଲେ ଯେ ତୋର ଛୋଟ-ଛୋଟ ଛୁଆ ଅଛନ୍ତି । ତୋ ବିନା ସେମାନଙ୍କର ଲାଳନପାଳନ କିଏ କରିବ ? ଦାଦା - ବଡବାପା କହା ପିଲାକୁ ପାଳନ୍ତି ନାହିଁ ।

ପିତା-ମାତା ଥିବା ପର୍ଯ୍ୟନ୍ତ କୂଳ-ପରିବାରର ଅନ୍ୟ ବ୍ୟକ୍ତିମାନେ ସ୍ନେହ-ପ୍ରେମ କରିବାର ନାଟକ କରିଥାନ୍ତି । ବାସ୍ତବିକ ପ୍ରେମ ନିଜ ଅତ୍ମୀୟସ୍ୱଜନଙ୍କ ପାଖରେ ହିଁ ଥାଏ । ଆପଣ ଏହି ଛୋଟ ଛୋଟ ପିଲାଙ୍କ ଆଡକୁ ଟିକେ ଦୃଷ୍ଟି ଦିଅନ୍ତୁ । ନିଜ ପିତାଙ୍କ ବିୟୋଗରେ ପିଲାମାନେ କାନ୍ଦୁଥାନ୍ତି । ମା' ପଣତ କାନିକୁ ପିଲାମାନେ ଟାଣିଧରି ଅଟକାଇଥାନ୍ତି । ସେହି ସ୍ତ୍ରୀକୁ ତା' ସୁନା ଅଳଙ୍କାର ମଧ୍ୟ ଦେଖାଇଥାନ୍ତି ଏବଂ କହିଥାନ୍ତି; ଦେଖ ! ଏହି ଗହଣା ଏବେ କେଉଁ କାମରେ ଆସିବ ? କେତେ ସୁନ୍ଦର ମୂଲ୍ୟବାନ ଅଳଙ୍କାର । ତୁମେ ନିଜ ପିଲାଙ୍କ ଗହଣରେ ରୁହ । ମାତ୍ର ସେହି ସ୍ତ୍ରୀ ପ୍ରେମବଶଃ ହୋଇ କୌଣସି କଥା ନ ଶୁଣି ସେହି ଚିତାଗ୍ନିରେ ଜୀବନ୍ତ ଦଗ୍ଧ ହୋଇ ମରି ଯାଉଥିଲା, ସେ ପଛଘୁଞ୍ଚା ଦେଉ ନଥିଲା । ପୂର୍ବ କାଳରେ ଏହି ଭଳି ସତୀ ସ୍ତ୍ରୀମାନେ ଥିଲେ । କାଁ ଭାଁ ଜଣେ-ଦୁଇଜଣ ଥିଲେ । ପରବର୍ତ୍ତୀ ସମୟରେ ଏହି ନିୟମ-ପରମ୍ପରା ଧିରେ ଧିରେ କୂଳ ମର୍ଯ୍ୟାଦାର ରୂପ ନେଲା । ପତିର ମୃତ୍ୟୁ ପରେ ସ୍ତ୍ରୀକୁ ଜବରଦସ୍ତି ସେହି ଚିତାଗ୍ନିରେ ଜଳାଇ ଦିଆଯାଉଥିଲା ଯେଉଁଥିରୁ ସତୀଦାହ ପ୍ରଥାର ଜନ୍ମ ହେଲା । ବହୁତ ସଂଘର୍ଷ ପରେ ପରେ ଏହି ପ୍ରଥା ଲୋପ ପାଇଥିଲା ।

ଉକ୍ତ ପ୍ରସଙ୍ଗର ସାରାଂଶ ଏହା ଯେ କିପରି ଜଣେ ପତ୍ନୀ ନିଜ ପତିର ବିଚ୍ଛେଦରେ ଦୁଃଖି ହୋଇ ଜୀବନ୍ତ ଅବସ୍ଥାରେ ଜଳି ମରିଯାଇଥାଏ । ମୁଖରେ ରାମ-ରାମ ଉଚ୍ଚାରଣ କରି ଚିତାଗ୍ନିରେ ଜଳିଯାଇଥାଏ ।

ଜଗତ ମେ ଜୀବନ ଦୀନ-ଚାର୍ କା, କୋଇ ସଦା ନେହିଁ ରହେ ।
ଯହ ବିଚାର ପତି ସଙ୍ଗ ଚାଲି କୋଇ କୁଛ କହେ ॥

ଶବ୍ଦାର୍ଥ :- ଅତି ପୂର୍ବ କାଳେ ନିଜ ମୃତ ପତି ସହିତ ସ୍ତ୍ରୀ ମଧ୍ୟ ଜଳି ମରି ଯାଉଥିଲା । ସେହି ସମୟରେ ତା'ର ଆସ୍ଥା ନିଜ ପତି ବ୍ୟତୀତ ଅନ୍ୟ କୌଣସି ଧନ-ସମ୍ପତ୍ତି, ପିଲା-ଛୁଆ, ଗହଣା-ଅଳଙ୍କାର ଆଦିରେ ରହୁନଥିଲା । ସେ ବିଚାର କରୁଥିଲା ଯେ ଏହି ସଂସାରରେ ଆଜି ନୁହେଁ ତ କିଛି ଦିନ ପରେ ମୃତ୍ୟୁ ସୁନିଶ୍ଚିତ । ତେଣୁ ସଂସାର ଲୋକେ ଯାହା ବି କୁହନ୍ତୁ ନା କାହିଁକି ସେ କାହା କଥାକୁ ଗୁରୁତ୍ୱ ଦେଇ ନ ଥାଏ । ଏହି ବିଚାର କରି ସେହି ସ୍ତ୍ରୀ ନିଜ ପତି ସହିତ ଜଳି ମରିଥାଏ । ଏହା ଏକ କୁରୀତି ଥିଲା, କିନ୍ତୁ ସେ ସମୟରେ ଏହାକୁ ବହୁତ ମହତ୍ତ୍ୱ ଦିଆଯାଉଥିଲା । ଆଜିର ଶିକ୍ଷିତ ସମାଜ ଏହି କୁରୀତି ତଥା ଅମାନୁଷିକ କାର୍ଯ୍ୟର ସମାପ୍ତି କରି ଦେଇଛନ୍ତି । ଭକ୍ତିରେ ଦୃଢ଼ତା ଭାବ ଆଣିବା ପାଇଁ ଏହି ଉଦାହରଣଟି ଉପଯୁକ୍ତ ଅଟେ । ପରମାତ୍ମା ପ୍ରାପ୍ତି ପାଇଁ ଭକ୍ତ ମନରେ ମଧ୍ୟ ଏହିଭଳି ଆସ୍ଥା ରହିବା ଉଚିତ । ସଂସାରିକ ବ୍ୟକ୍ତିମାନଙ୍କର ସାଂସାରିକ କଥା ପ୍ରତି ଧ୍ୟାନ ନ ଦେଇ ନିଜ ଲକ୍ଷରେ ସଫଳତା ପ୍ରାପ୍ତି ପାଇଁ ଦୃଢ଼ତାର ସହିତ ଭକ୍ତି କର । ମର୍ଯ୍ୟାଦାର ପାଳନ କର । ନିମ୍ନଲିଖିତ ବାଣୀରେ ଏହି କଥା ସ୍ପଷ୍ଟ କରାଯାଇଛି ଯେ ସତ୍ୟପୁରୁଷଙ୍କ ପ୍ରାପ୍ତି ପାଇଁ ଭକ୍ତ ଏହିଭଳି ଆଶକ୍ତି ଭାବ ମନରେ ରଖିବା ଉଚିତ । ସଂସାରିକ ସମ୍ପର୍କ, ଧନ-ସମ୍ପତ୍ତି ଆଦିକୁ ଭୂଲିଯାଇ କେବଳ ପରମାତ୍ମାଙ୍କ ନିକଟରେ ଧ୍ୟାନ କରିବା ଉଚିତ୍ ।

ହେ ଧର୍ମଦାସ ! ଭକ୍ତର ଭାବ ଏହିଭଳି ହେବା ଉଚିତ୍ ।

ଐସେ ହୀ ଜୋ ସତପୁରୁଷ ଲୌ ଲାବେ । କୁଲ ପରିବାର ସବ ବିସରାବେ ॥ ୧
ନାରୀ ସୁତ କା ମୋହ ନା ଆନେ / ଜଗତ ରୂ ଜୀବନ ସ୍ୱପନ କର ଜାନେ ॥ ୨
ଜଗ ମେଁ ଜୀବନ ଥୋଡ଼ା ଭାଇ । ଅନ୍ତ ସମୟ କୋଇ ନେହାଁ ସହାଇ ॥ ୩

ବହୁତ ପ୍ୟାରି ନାରୀ ଜଗ ମାଁହୀ । ମାତ - ପିତା ଜା କେ ସମ ନାହୀଁ ॥ ୪
ତେହୀ କାରଣ ନର ଶୀଶ ଜୋ ଦେହୀ । ଅନ୍ତ ସମୟ ସୋ ନହୀଁ ସଙ୍ଗ ଦେହୀ ॥ ୫
ଚାହେ କୋଇ ଜଳୈ ପତି କେ ସଙ୍ଗ । ଫିର ଦୋନାଁ ବନୈଁ କୀଟ ପତଙ୍ଗା ॥ ୬
ଫୀର ପଶୁ - ପକ୍ଷୀ ଜନ୍ମ ପାଓ୍ୱେ ବିନ ସତପୁରୁଷ ଦୁଃଖ କୌନ ମିଟାଓ୍ୱେ ॥ ୭
ଐସି ନାରୀ ବହୁତେରୀ ଭାଇ । ପତି ମରୈଁ ତବ ରୁଧନ ମଚାଇ ॥ ୮
କାମ ପୂର୍ତ୍ତି କୀ ହାନୀ ବିଚାରୈଁ । ଦିନ ତେରହ ଐସେ ପୁକାରୈଁ ॥ ୯
ନିଜ୍ ସ୍ୱାର୍ଥ କୋ ରୋଦନ କରହୀ । ତୁରନ୍ତ ହୀ ଖସମ ଦୂସରୋ କରହୀ ॥ ୧୦
ସୁତ ପରିଜନ ଧନ ସ୍ୱପନ ସ୍ନେହୀ । ସତ୍ୟନାମ ଗହୁ ନିଜ ମତି ଐହୀ॥୧୧
ସ୍ୱ ତନ ସମ ପ୍ରିୟ ଔର ନା ଆନା । ସୋ ଭୀ ସଂଗ ନେହୀଁ ଚଲତ ନିଦାନା ॥୧୨
ଐସା କୋଇ ନା ଦିଖ ଭାଇ । ଅନ୍ତ ସମୟ ମେଁ ହୋୟ ସହାଇ ॥ ୧୩
ଆଦି ଅନ୍ତ କା ସଖା ଭୂଲାୟା । ଝୁଠେ ଜଗ ନାତୋଁ ମେଁ ଫିରୈ ଉମାହୟା ॥ ୧୪
ଅନ୍ତ ସମୟା ଜମ ଦୂତ ଗଳା ଦବାଓ୍ୱେ । ତା ସମୟ କହୋ କୌନ ଛୁଡ଼ାଓ୍ୱେ ॥ ୧୫
ସତ୍‌ଗୁରୁ ହୈ ଏକ ଛୁଡ଼ାବନ ହାରା । ନିଶ୍ଚୟ କର ମାନହୁ କହା ହମାରା ॥ ୧୬
କାଳ କୋ ଜୀତ ହଂସ ଲେ ଜାହୀ । ଅବିଚଳ ଦେଶ ଜାହାଁ ପୁରୁଷ ରହାହୀ ॥ ୧୭
ଜହାଁ ଜାୟ ସୁଖ ହୋୟ ଅପାରା । ବହୁର ନା ଆବୈ ଇସ ସଂସାରା ॥ ୧୮
ଐସା ଦୃଢ ମତା କରାହୀ । ଜୈସେ ସୂରା ଲେତ ଲଡ଼ାଇ ॥ ୧୯
ଟୁକ-ଟୁକ ହୋ ମରୈ ରଣ କେ ମାଂହୀ । ପୁଠା କଦମ କବହୁ ହଟାବୈ ନାହୀଁ ॥ ୨୦
ଜୈସେ ସତୀ ପତି ସଙ୍ଗ ଜରହୀ । ଐସା ଦୃଢ ନିଶ୍ଚୟ ଜୋ କରହୀ ॥ ୨୧
ସାହେବ ମିଲେ ଜଗ କୀର୍ତ୍ତୀ ହୋଇ । ବିଶ୍ୱାସ କର ଦେଖୋ କୋଇ ॥୨୨
ହମ ହେ ରାହ ବତାବନ ହାରା । ମାନୈ ବଚନ ଭବ ଉତରୈ ପାରା ॥୨୩
ଛଳ କପଟ ହମ ନେହୀଁ କରାହୀଁ । ନିସ୍ୱାର୍ଥ ପରମାର୍ଥ କରୈ ଭାଇ ॥୨୪
ଜୀବ ଏକ ଜୋ ଶରଣ ପୁରୁଷ କୀ ଜାବୈ । ପ୍ରଚାରକ କୋ ଘନା ପୂଣ୍ୟ ପାବୈ ॥୨୫
କୋଟି ଧେନୁ ଜୋ କଟତ ବଚାଇ । ଏତା ଧର୍ମ ମିଲୈ ପ୍ରଚାରକ ତାହୀଁ ॥୨୬
ଲାବୈ ଗୁରୁଶରଣ ଦୀକ୍ଷା ଦିଲାବୈ । ଆପା ନା ଥାପୈ ସବ କୁଛ ଗୁରୁ କୋ ବତାବୈ ॥୨୭
ଜୋ କୋଇ ପ୍ରଚାରକ ଗୁରୁ ବନି ବୈଠୈ । ପରମାତ୍ମା ରୂଠେ କାଲ୍ କାନ ଐଠେ ॥୨୮
ଲାକ୍ଷ ଅଠାଇସ ଝୁଠେ ଗୁରୁ ରୋଓ୍ୱେଁ । ପଡ଼େ ନରକ ମେଁ ନା ସୁଖ ସୋଓ୍ୱେଁ ॥ ୨୯
ଅବ କହେ ହୈ ଭୂଲ ଭଇ ଭାରୀ । ହେ ସତଗୁରୁ ସୁଧ ଲେବୋ ହମାରୀ ॥ ୩୦
ବୋଏ ବବୁଲ, ଆମ କାହାଁ ଖାଇ । କୋଟି ଜୀବନ କୋ ନରକ ପଠାଇ ॥ ୩୧
ଐସୀ ଗଲତୀ ନା କରହୂଁ ସୁଜାନା । ସତ୍ୟ ବଚନ ମାନୋ ପ୍ରମାନା ॥ ୩୨

ଉପରୋକ୍ତ ବାଣୀଗୁଡ଼ିକର ଭାବାର୍ଥ ଏହା ଯେ:-

ପୁଅ ଯୁବକ ହୋଇଯିବା ପରେ ତା'ର ବିବାହ ହୋଇଯାଇଥାଏ । ବିବାହ ପରେ ମାତା-ପିତା ଅପେକ୍ଷା ନିଜ ପତ୍ନୀ ପ୍ରତି ତା'ର ଆକର୍ଷଣ ବଢି ଯାଇଥାଏ । ପୁଣି ପିଲାଛୁଆଙ୍କ ପ୍ରତି ମୋହ ମମତା ଜାତ ହୋଇଯାଏ । ଯଦି ପତିର ମୃତ୍ୟୁ ହୋଇଯାଏ ତେବେ ପତ୍ନୀ ସାଥୀରେ ଯାଇନଥାଏ । କିଛିଦିନ ପରେ ଅର୍ଥାତ ଶୁଦ୍ଧି କ୍ରିୟା ପଶ୍ଚାତ ସ୍ୱାମୀର ଛୋଟ-ବଡ଼ ଭାଇ ସହିତ ବିବାହ କରିଥାଏ । ପତିକୁ ସମ୍ପୂର୍ଣ୍ଣ ଭୁଲି ଯାଇଥାଏ । ଯଦି କୌଣସି ସ୍ତ୍ରୀ ନିଜ ପତିର ଚିତାଗ୍ନିରେ ଜଳି ମରିଯାଏ ତେବେ ସେ ଦୁହେଁ ପରଜନ୍ମରେ ପକ୍ଷୀ ବା ପଶୁ ଯୋନୀ ପ୍ରାପ୍ତ ହୋଇ ଘୂରି ବୁଲିବେ ।

ଯେଉଁ ପତ୍ନୀ ପାଇଁ ପୁରୁଷ ନିଜ ବେକ ମଧ୍ୟ କାଟି ଦେଇଥାଏ । ଯଦି କେହି କାହା ପତ୍ନୀକୁ ଖରାପ ନଜରରେ ଦେଖିଥାଏ, ମନା କରିବା ପରେ ସତ୍ତ୍ୱେ ଯଦି ମାନି ନ ଥାଏ ତେବେ ପତି ନିଜ ପତ୍ନୀ ପାଇଁ ଲଢେଇ କରି ମରିଥାଏ । ପୁଣି ସେହି ପତ୍ନୀ, ପତିର ମୃତ୍ୟୁ ପରେ ଅନ୍ୟ ପୁରୁଷ ସହିତ

ମିଳାମିଶା କରେ । ଏହା ସମୟର ଆବଶ୍ୟକତା ହୋଇପାରେ ସତ କିନ୍ତୁ ଜଣେ ଭକ୍ତ ପାଇଁ ଏହା ଉଚିତ୍ ଶିକ୍ଷା ଅଟେ ।

ଏହି ଭଳି କୌଣସି ବ୍ୟକ୍ତିର ପତ୍ନୀ ଯଦି ମରିଯାଏ ତେବେ କିଛିଦିନ ପରେ ସେହି ବ୍ୟକ୍ତି ଦ୍ୱିତୀୟ ପତ୍ନୀ ଖୋଜିଥାଏ । ନିଜ ପତି ପାଇଁ ପତ୍ନୀ ନିଜ ଘର, ଭାଇ-ଭଉଣୀ, ମାତା-ପିତାଙ୍କୁ ତ୍ୟାଗ କରି ଚାଲି ଆସିଥାଏ, କିନ୍ତୁ ପତ୍ନୀର ମୃତ୍ୟୁ ପରେ ପତି କେବଳ ସ୍ୱାର୍ଥ ପାଇଁ କାନ୍ଦିଥାଏ । କିନ୍ତୁ ପୁନର୍ବାର ବିବାହ କରିବା ପାଇଁ ଅନ୍ୟ ଲୋକମାନେ ଯେତେବେଳେ ତାକୁ କହିଥାନ୍ତି ସେତେବେଳେ ସେ ସବୁକଥା ଭୁଲିଯାଇ ତୁରନ୍ତ ପ୍ରସ୍ତୁତ ହୋଇଯାଏ ।

ଭାବାର୍ଥ ଏହା ଯେ ସମ୍ପର୍କ କେବଳ ସ୍ୱାର୍ଥ ପାଇଁ । ତେଣୁ ସତ୍ୟଭକ୍ତି କରି ସେହି ସତ୍ୟଲୋକ ଚାଲନ୍ତୁ ଯେଉଁଠାରେ ଜରା (ବୃଦ୍ଧାବସ୍ଥା) ଓ ମରଣ (ମୃତ୍ୟୁ)ନାହିଁ ।

ଆଗକୁ ଚେତାବନି ଦେଇଛନ୍ତି ଯେ ହେ ଭକ୍ତ ! ମଣିଷକୁ ନିଜ ଶରୀର ଠାରୁ ଅନ୍ୟ କିଛି ବି ପ୍ରିୟ ଲାଗି ନଥାଏ । ନିଜ ଶରୀରର ସୁରକ୍ଷା ପାଇଁ ମଣିଷ ଚିକିତ୍ସା (**Treatment**) ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଦେଇଥାଏ, ସେତେବେଳେ ସେ ଏହି କଥା ଭାବିଥାଏ ଯେ ମୋର ଯଦି ଶରୀର ବଞ୍ଚିଯିବ ତେବେ ମୂଳ- ମଜୁରୀ କରି ପୁଣି ଟଙ୍କା ସଂଗ୍ରହ କରିପାରିବି । ଟଙ୍କା ଅଭାବ ହେଲେ ଜୀବନ ରକ୍ଷା ପାଇଁ ସମ୍ପତ୍ତି ମଧ୍ୟ ଏହି ବିଚାର କରି ବିକ୍ରି କରିଦିଏ ଏବଂ ନିଜ ଶରୀରକୁ ସୁରକ୍ଷିତ ରଖେ । ପରମେଶ୍ୱର କବୀର ଜୀ ବୁଝାଇ କହିଛନ୍ତି ଯେ ଧର୍ମଦାସ !

ସ୍ୱ ତନୁ ସମ ପ୍ରିୟ ଔର ନ ଆନା । ସୋ ଭୀ ସଙ୍ଗ ନା ଚଲତ ନିଦାନା ॥

ଶବ୍ଦାର୍ଥ :- ନିଜ ଶରୀର ସମାନ ଅନ୍ୟ କୌଣସି ପ୍ରିୟ ବସ୍ତୁ ସଂସାରରେ ନାହିଁ । ପରିଶେଷରେ ଏହି ଶରୀର ମଧ୍ୟ ଆପଣଙ୍କ ସହିତ ଯିବ ନାହିଁ । ପୁଣି ଅନ୍ୟ କେଉଁ ବସ୍ତୁକୁ ତୁ ନିଜର ବୋଲି ଭାବି ଖୁସିରେ ଫୁଲେଇ ହୋଇ ଭଗବାନଙ୍କୁ ଭୁଲିଯାଉଛୁ । ସର୍ବ ସମ୍ପତ୍ତି ଓ ବନ୍ଧୁ ପରିଜନ ଏକ ସ୍ୱପ୍ନ ଭଳି ତୋ ସାଥିରେ ଅଛନ୍ତି । କବୀର ପରମେଶ୍ୱରଜୀ କହିଛନ୍ତି ଯେ ମୋ ନିଜସ୍ୱ ମତ ଏହା ଯେ ପୂର୍ଣ୍ଣ ସନ୍ଥଙ୍କଠାରୁ ସତ୍ୟନାମ (ସତ୍ୟ ସାଧନାର ମନ୍ତ୍ର) ଗ୍ରହଣ କରି ନିଜ ଜୀବର କଲ୍ୟାଣ କରାନ୍ତୁ ଏବଂ ଯେପର୍ଯ୍ୟନ୍ତ ଆପଣ ଏହି ସ୍ୱପ୍ନ (ସଂସାର)ରେ ଅଛନ୍ତି, ସେପର୍ଯ୍ୟନ୍ତ ସ୍ୱପ୍ନ ଦେଖିବା ସହିତ ପୂର୍ଣ୍ଣସନ୍ଥଙ୍କ ଶରଣାପନ୍ନ ହୋଇ ବାସ୍ତବିକ ମନ୍ତ୍ର (ଦୀକ୍ଷା) ପ୍ରାପ୍ତ କରି ନିଜର ମୋକ୍ଷ କରାନ୍ତୁ । ସମସ୍ତ ପ୍ରାଣୀ ଏହି ଜୀବନ ରୂପୀ ରେଳ ଗାଡ଼(**Train**) ରେ ଯାତ୍ରା କରୁଛନ୍ତି । ଯେଉଁ ଡବା (**compartment**) ରେ ବସିଛନ୍ତି ତାହା ଆପଣଙ୍କ ନଗର ଅଟେ । ଯେଉଁ ସିଟ୍‌ରେ ବସିଛନ୍ତି ତାହା ଆପଣଙ୍କର ପରିବାର ଅଟେ । ଯେଉଁ ଯାତ୍ରୀମାନଙ୍କର ଯାତ୍ରା ସମ୍ପୂର୍ଣ୍ଣ ହୋଇଯିବ, ସେମାନେ ନିଜ-ନିଜ ଷ୍ଟେସନରେ ଓହ୍ଲାଇ ଚାଲିଯିବେ । ଠିକ୍ ଏହି ଦଶା ଏହି ସଂସାରର ମଧ୍ୟ । ଯେପରି ଯାତ୍ରୀମାନଙ୍କୁ ଜଣାଥାଏ ଯେ ସେମାନେ ସ୍ୱଳ୍ପ ସମୟ ପାଇଁ ସାଥୀ ଅଟନ୍ତି । ସଭ୍ୟ ବ୍ୟକ୍ତି ଯାତ୍ରା ସମୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରି ଜଣେ ଅନ୍ୟଜଣକୁ ସହଯୋଗ କରିଥାନ୍ତି । ସ୍ୱପ୍ନ ରୂପୀ ଏହି ମାନବ ଜୀବନରେ ଆମ୍ଭମାନଙ୍କୁ ଠିକ୍ ଏହିଭଳି ସମୟ ଅତିବାହିତ କରିବାକୁ ପଡିବ । ସ୍ୱପ୍ନ ଭଙ୍ଗ ହେବ ଅର୍ଥାତ ଶରୀର ତ୍ୟାଗ ପରେ ଜଣା ପଡ଼ିବ ଯେ ଏହା କ'ଣ ଥିଲା ? ମୋର ସେହି ପରିବାର ଓ ସମ୍ପତ୍ତି କେଉଁଠି ଅଛି ଯାହାକୁ ସଂଗ୍ରହ କରିବା ପାଇଁ ଏହି ଅମୂଲ୍ୟ ଜୀବନକୁ ମୁଁ ନଷ୍ଟ କରିଦେଲି । ଏହି ସଂସାରରେ ପରମାତ୍ମାଙ୍କ ବ୍ୟତିତ ଏପରି ଅନ୍ୟ କେହି ନାହିଁ ଯିଏକି ମୃତ୍ୟୁ ସମୟରେ ଆପଣଙ୍କର ସହାୟ ହେବେ ଯେତେବେଳେ ଯମଦୂତମାନେ ତଣ୍ଟି ଚିପି ଶ୍ୱାସରୂଦ୍ଧ କରୁଥିବେ । ପରମେଶ୍ୱର ସେହିମାନଙ୍କୁ ସହାୟ ହେବେ ଯେଉଁମାନେ ପୂର୍ଣ୍ଣ ସନ୍ଥଙ୍କଠାରୁ ଦୀକ୍ଷା ନେଇଥିବେ । ପରମେଶ୍ୱର ସେହି ସତଗୁରୁଙ୍କ ରୂପରେ ଉପଦେଶୀ ଭକ୍ତର ସହାୟତା କରିଥାନ୍ତି । ତେଣୁ ସଦଗୁରୁଜୀଙ୍କ ଶରଣାପନ୍ନ ହେବା ପଶ୍ଚାତ୍ ଜ୍ଞାନବାନ ସାଧକ ପରମେଶ୍ୱରଙ୍କ ଚରଣରେ ଏହିଭଳି ଧ୍ୟାନ ଲଗାନ୍ତୁ ଯେପରି ୧. ମୃଗ ୨. ପତଙ୍ଗ ୩. ସତୀ ୪. ଶୂରବୀର ଲଗାଇଥାନ୍ତି । ନିଜ ଉଦ୍ଦେଶ୍ୟରୁ ବିଚ୍ୟୁତ ହୁଅନ୍ତୁ ନାହିଁ । ଶୂରବୀର ଯୁଦ୍ଧଭୂମିରେ ନିଜ ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଜୀବନ ଦେବାକୁ ପସନ୍ଦ କରିଥାଏ । ମାତ୍ର ପଛଘୁଞ୍ଚା

ଦେଇନଥାଏ । ପୁରାଣ ତଥା ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୨ର ଶ୍ଳୋକ ୩୮ରେ କୁହାଯାଇଛି ଯେ ହେ ଅର୍ଜୁନ! ଯଦି ସୈନିକ ଯୁଦ୍ଧରେ ମରିଯାଏ ତେବେ ସ୍ୱର୍ଗରେ ସେ ସୁଖ ପ୍ରାପ୍ତ କରେ । ଭକ୍ତି ମାର୍ଗରେ ଭକ୍ତ ସଂଘର୍ଷ କରି, ଭକ୍ତି କରି ଶରୀର ତ୍ୟାଗ କଲେ ସୁଖର ସାଗର ସତଲୋକରେ ସଦା ସର୍ବଦା ପାଇଁ ସୁଖୀ ହୋଇଯାଏ । ଜନ୍ମ-ମରଣ ରୂପୀ ସଙ୍କଟ ତା'ର ସଦା ସର୍ବଦା ପାଇଁ ସମାପ୍ତ ହୋଇଯାଏ । ଯେପରି ଆମ୍ଭମାନଙ୍କର ଜନ୍ମ ପୃଥିବୀ ପୃଷ୍ଠରେ ହେଲା । ଆମ୍ଭମାନଙ୍କୁ ଏ ବିଷୟରେ କୌଣସି ଜ୍ଞାନ ନଥିଲା ଯେ ଆମ୍ଭେ କାହା ଘରେ ପୁତ୍ର ବା କନ୍ୟା ରୂପରେ ଜନ୍ମ ନେବୁ । ପୁଣି ଆମ୍ଭମାନଙ୍କୁ ଜଣା ନଥିଲା ଯେ ଆମ୍ଭ ବିବାହ ସଂଯୋଗ କାହା ସହିତ ହେବ ? ଏହା ମଧ୍ୟ ଜଣା ନଥିଲା ଯେ ଆମ୍ଭ ଘରେ ପୁତ୍ର ଜନ୍ମ ହେବ ନା କନ୍ୟା ? ପୂର୍ବଜନ୍ମର ସଂସ୍କାରବଶତଃ ଏସବୁ ଘଟିବାକୁ ଲାଗିଲା । ପରସ୍ପର ମଧ୍ୟରେ କେତେ ପ୍ରେମ ଓ ଘନିଷ୍ଠ ଭାବ ଗଢି ଉଠିଲା । ମିଳିମିଶି ସର୍ବଦା ଏକାଠି ରହିବାକୁ ମନରେ ଇଚ୍ଛା ଜାତ ହେଉଛି । କେହି ଆଦୌ ନ ମରନ୍ତୁ, ମନରେ ଏହି କାମନା ସବୁବେଳେ କରିଥାଉଁ । ଏହି କାଳବ୍ରହ୍ମ ଲୋକରେ ସବୁ ଦିନ ପାଇଁ କେହି ରହିବେ ନାହିଁ । ଜଣକ ପରେ ଜଣେ ଆଗ ପଛ ହୋଇ ସମସ୍ତେ ମୃତ୍ୟୁକୁ ପ୍ରାପ୍ତ ହେବେ । ଜୀବନସାରା ଯେତେ ସମ୍ପତ୍ତି ସଂଗ୍ରହ କରିଥିବେ, ତାହା ଏହିଠାରେ ରହିଯିବ । ଜୀବ ଶୂନ୍ୟହସ୍ତରେ ଏ ସଂସାର ଛାଡି ଚାଲିଯିବ । ପରନ୍ତୁ ଯିଏ ପୂର୍ଣ୍ଣ ସନ୍ଥଙ୍କ ଠାରୁ ସତ୍ୟ ନାମ(ବାସ୍ତବିକ ନାମ)ର ଦୀକ୍ଷା ନେଇ ସାଧନା କରିବ ସେ ସତ୍ୟଲୋକକୁ ଚାଲିଯିବ । ସେଠାରେ ଏହିଭଳି ହିଁ ଜନ୍ମ ହେବ ଯେପରି ପୃଥିବୀରେ ହୋଇଥାଏ । ଏହିପରି ପରିବାର ମଧ୍ୟ ସେଠାରେ ବଢି ବଢି ଚାଲିବ । ସେଠାରେ କୌଣସି କର୍ମ କରିବାକୁ ପଡ଼େ ନାହିଁ । ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ପ୍ରଚୁର ପରିମାଣରେ ସେହି ସତ୍ୟଲୋକରେ ଅଛି । ଚିର ସବୁଜ ଗଛ-ଲତା, ପୁଷ୍ପ ଉଦ୍ୟାନ, କାଜୁ, କିସ୍‌ମିସ୍, ଇତ୍ୟାଦି ଅଛି । ଏହାଛଡ଼ା ଦୁଗ୍ଧର ସମୁଦ୍ର (କ୍ଷୀର ସାଗର) ମଧ୍ୟ ଅଛି । ସତ୍ୟଲୋକରେ ବୃଦ୍ଧାବସ୍ଥା ନାହିଁ । ମୃତ୍ୟୁ ମଧ୍ୟ ନାହିଁ । ଏହାକୁ ଅକ୍ଷୟ ମୋକ୍ଷ କୁହାଯାଏ । ପୂର୍ଣ୍ଣମୁକ୍ତି ମଧ୍ୟ କୁହାଯାଏ ଯାହା ବିଷୟରେ ଗୀତା ଅଧ୍ୟାୟ ୧୮ର ଶ୍ଳୋକ ନଂ ୬୨ତଥା ଅଧ୍ୟାୟ ୧୫ର ଶ୍ଳୋକ ନଂ ୪ ରେ କୁହାଯାଇଛି ତଥା ଯେଉଁ ସିଦ୍ଧି ମୋକ୍ଷ ଶକ୍ତିକୁ "ନୈର୍ଷ୍କର୍ମ୍ୟ" ସିଦ୍ଧି ବୋଲି କହିଛି ଯାହାର ବର୍ଣ୍ଣନା ଗୀତା ଅଧ୍ୟାୟ ୩ ର ଶ୍ଳୋକ୪, ଅଧ୍ୟାୟ ୧୮ ର ଶ୍ଳୋକ ନଂ ୪୯ରୁ ୬୨ରେ ଅଛି । ଏହି କାଳବ୍ରହ୍ମ ଅର୍ଥାତ୍ ଜ୍ୟୋତି ନିରଞ୍ଜନର ଏକୋଇଶି ବ୍ରହ୍ମାଣ୍ଡ ମଧ୍ୟରେ ଥିବା କ୍ଷେତ୍ରରେ ସମସ୍ତ ପ୍ରାଣୀ କର୍ମ କରି ହିଁ ଆହାର ପ୍ରାପ୍ତ କରନ୍ତି । ସତ୍ୟଲୋକରେ କିନ୍ତୁ ଏଭଳି ବ୍ୟବସ୍ଥା ନାହିଁ । ବିନା କର୍ମରେ ସମସ୍ତ ସୁଖ ପଦାର୍ଥ ସେଠାରେ ପ୍ରାପ୍ତ ହୁଏ । ସ୍ୱାଦିଷ୍ଟ ଫଳରେ ପରିପୂର୍ଣ୍ଣ ବୃକ୍ଷ ଓ ଲତା ଯେପରି ବଗିଚାରେ ଥାଏ, ଯେତେବେଳେ ଇଚ୍ଛା ଫଳ ତୋଳ ଏବଂ ଖାଅ । ବିଭିନ୍ନ ପ୍ରକାରର ଶସ୍ୟ ଆପେ ଆପେ ଉତ୍ପନ୍ନ ହୋଇଥାଏ । କ୍ଷେତ ଚିରହରିତ ହୋଇ ରହିଥାଏ । ଚାଷ କରିବାକୁ ପଡ଼ିନଥାଏ । ଯେତେବେଳେ ଯାହା ଇଚ୍ଛା ତାହା ତିଆରି କର ଏବଂ ଖାଅ । ସେଠାରେ ଖାଦ୍ୟ ରାନ୍ଧିବାକୁ ପଡ଼େନାହିଁ । ଭୋଜନାଳୟରେ ଖାଦ୍ୟ ସାମଗ୍ରୀ ରଖିଦେଇ, ଯାହା ଖାଇବାକୁ ଇଚ୍ଛା କରିବ ତାହା ଆପେ ଆପେ ପ୍ରସ୍ତୁତ ହୋଇଯିବ । ଏସବୁ ପରମେଶ୍ୱରଙ୍କ ଶକ୍ତି ଦ୍ୱାରା ହିଁ ସମ୍ଭବ ହୋଇଥାଏ । ସେହି ସତ୍ୟଲୋକ (ଶାଶ୍ୱତ ସ୍ଥାନ) କୁ ପ୍ରାପ୍ତ କରିବା ପାଇଁ ଆପଣଙ୍କୁ ସତୀ ଓ ଶୁରମା (ଶୂରବୀର) ଭଳି ସମର୍ପିତ ହେବାକୁ ପଡ଼ିବ । ଭାବାର୍ଥ ଏହା ଯେ ନିଜ ଉଦ୍ଦେଶ୍ୟ ଅର୍ଥାତ ପୂର୍ଣ୍ଣମୋକ୍ଷ ପ୍ରାପ୍ତିର ଲକ୍ଷକୁ ପ୍ରାପ୍ତି କରିବା ପାଇଁ ଯଦି ସଂସାରର ସମସ୍ତ ଲୋଭ-ଲାଭକୁ ଯଦି ତ୍ୟାଗ କରିବାକୁ ପଡେ ତେବେ ସେଥିପାଇଁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ତୁରନ୍ତ ତ୍ୟାଗକରି ନିଜ ମନ୍ତ୍ର ସୁମିରଣରେ ନିମଗ୍ନ ହୁଅ । ସତଗୁରୁଙ୍କ ଶରଣ ଗ୍ରହଣ ନ କଲେ ଅନ୍ତିମ ସମୟରେ ଭକ୍ତିହୀନ ପ୍ରାଣୀର କଣ୍ଠ (ଡଣ୍ଟି)କୁ ଯମଦୂତମାନେ ରୁଦ୍ଧ କରି ଦିଅନ୍ତି । ପରିବାରର କୌଣସି ବ୍ୟକ୍ତି ସେହି ଆତ୍ମାକୁ ଯମଦୂତମାନଙ୍କ କବଳରୁ ରକ୍ଷା କରିପାରନ୍ତି ନାହିଁ । କେବଳ ସଦଗୁରୁ ଜୀ ସେହି ବିପଦ ସମୟରେ ସହାୟ ହୋଇଥାନ୍ତି । ତେଣୁ ପରମେଶ୍ୱର କବୀର ଜୀ କହିଛନ୍ତି ଯେ:-

ଅନ୍ତ ସମୟ ଜମ ଦୂତ ଗଲା ଦବାବୈଁ । ତା ସମୟ କହୋ କୌନ ଛୁଡ଼ାବୈ ॥
ସତ୍‌ଗୁରୁ ଏକ ଛୁଡ଼ାବନ ହାରା । ନିଶ୍ଚୟ କର ମାନହୁ କହା ହମାରା ॥

ଯଦି କୌଣସି ଭକ୍ତ ନିଜେ ଜ୍ଞାନ ବୁଝି, ଦୀକ୍ଷା ଗ୍ରହଣ କରି, ସତ୍ୟଜ୍ଞାନ ପ୍ରଚାର ମାଧ୍ୟମରେ ଅନ୍ୟ ପଥଭ୍ରଷ୍ଟ ସରଳ ଜୀବମାନଙ୍କ ସହିତ ଜ୍ଞାନଚର୍ଚ୍ଚା କରି ସେହି ଜୀବମାନଙ୍କୁ ସତଗୁରୁଙ୍କ ଶରଣକୁ ଆଣି ଦୀକ୍ଷା ଦିଆଯାଉଛି ତେବେ ଗୋଟିଏ ଜୀବକୁ ସତ୍ୟ ଭକ୍ତି ମାର୍ଗ ବିଷୟରେ ବତାଇ ଗୁରୁଙ୍କୁ ଠାରୁ ମନ୍ତ୍ରଦୀକ୍ଷା ଦିଆଇବାରେ ତାକୁ ଯେଉଁ ପୂଣ୍ୟ ମିଳିଥାଏ ତାହା କଂସେଇ ଦ୍ୱାରା କଟା ହେବାକୁ ଯାଉଥିବା ଏକ କୋଟି ଗାଈଙ୍କୁ ଉଦ୍ଧାର କରିବାର ପୁଣ୍ୟ ସହ ସମାନ । ଗୋଟିଏ ମାନବର ଜୀବନ ଏହିଭଳି ବୁହମୂଲ୍ୟ ତଥା ଏତିକି ପୂଣ୍ୟ କରିବା ପରେ ପ୍ରାପ୍ତ ହୋଇଥାଏ । ଅହଙ୍କାର ଓ ଅଭିମାନର ବଶବର୍ତ୍ତୀ ହୋଇ ଯଦି କୌଣସି ମୁର୍ଖ ପ୍ରଚାରକ ସ୍ୱୟଂ ଗୁରୁ ହୋଇ ଦୀକ୍ଷା ଦେଇଥାଏ ତେବେ ସେ ମହା ଅପରାଧୀ ଅଟେ । ତା'ଉପରେ ପରମେଶ୍ୱର କ୍ଷୁବ୍ଧ ହୋଇଥାନ୍ତି ତଥା କାଳପୁରୁଷ ତା' କାନ ଧରି ଘୋଷାଡି ଘୋଷାଡି ନେଇଥାଏ ଯେପରି କଂସେଇ ଛେଳି-ମେଣ୍ଢା ଆଦିଙ୍କୁ ନେଇଥାଏ । କବୀର ସାଗରର "ଅମୃତସାଗର" ଅଧ୍ୟାୟର ୪୮ ନଂ ପୃଷ୍ଠାରେ ପ୍ରମାଣ ଅଛି ଯେ:-

ତବ ଦେଖା ଦୂତମ କହଁ ଜାଇ । ଚୌରାସୀ ତହାଁ କୁଣ୍ଡ ବନାଇ ॥
କୁଣ୍ଡ-କୁଣ୍ଡ ବୈଠେ ଯମଦୂତା । ଦେତ ଜୀବନ କହଂ କଷ୍ଟ ବହୁତା ॥
ତହାଁ ଜାୟ ହମ ଠାଡ (ଖଡ଼େ) ରହାଓ୍ୱା ଦେଖତ ଜୀବ ବିନୟ ବହୁତ ଲାଓ୍ୱା ॥
"ଝୁଠେ କଡ଼ିହାର (ନକଲୀ ସଦଗୁରୁ)ର ଦୁର୍ଦ୍ଦଶା"
ପଡ଼େ ମାର ଜୀବ କରେ ବହୁ ଶୋରା । ବାନ୍ଧ - ବାନ୍ଧ କୁଣ୍ଡନ ମେଁ ବୋରା ॥
ଲାଖ ଅଠାଇସ ପଡ଼େ କଡ଼ିହାରା । ବହୁତ କଷ୍ଟ ତହାଁ କରତ ପୁକାରା ॥
ହମ ଭୂଲେ ସ୍ୱାର୍ଥ ସଙ୍ଗୀ । ଅବ ହମରେ ନାହାଁ ଅର୍ଧଙ୍ଗୀ ॥
ହମ ତୋ କରତ ହୈ ଅଗ୍ନି ମଞ୍ଜାରା । ଅଙ୍ଗ ଅଙ୍ଗ ସବ କରତ ହମାରା ॥
କୌନ ପୁରୁଷ ଅବ ରାଖେ ଭାଇ । କରତ ଗୁହାର ଚକ୍ଷୁ ଢ଼ଳ ଜାଇ ॥

"ଜ୍ଞାନୀ (କବୀରଜୀ) ଙ୍କ ବଚନ"

କରୁଣା ଦେଖ ଦୟା ଦିଲ ଆବା । ଅରେ ଦୂତ ତ୍ରାସ ଭାସ ଦିଖାଓ୍ୱା ॥

ଏହି ବାଣୀ ମନଗଢା ଅଟେ, ବାସ୍ତବିକ ବାଣୀ ନିମ୍ନରେ ପ୍ରଦାନ କରାଗଲା ॥

ଦୁର୍ଦ୍ଦଶା ଦେଖି ଦୟା ଦିଲ୍ ଆଓ୍ୱା । ଅରେ ଦୂତ ତୁମ ଜୀବନ ଭ୍ରମାଓ୍ୱା ॥
ଜୀବ ତୋ ଅଚେତ ଅଜ୍ଞାନା । ବାକୋ କାଳ ଜାଲ ତୁମ ବନ୍ଧାନା ॥
ଚୌରାସୀ ଦୂତନ କହଁ ବାନ୍ଧା । ଶବ୍ଦ ଡ଼ୋର ଚୌଦହ ଯମ ସାନ୍ଧା ॥
ତବ ହମ ସବହନ କହଁ ମାରା । ତୁମ ହୋ ଜାଲିମ ବଟପାରା ॥
ହମରେ ଭଗତନ କୋ ତୁମ ଭ୍ରମାଓ୍ୱା । ପଲ ପଲ ସୁରତି ଜୀବନ ଡ଼ିଗାଓ୍ୱା ॥
ଗହି ଚୋଟି ଦୂତ ଘସିୟାଏ । ଯମରୂ ଦୂତ ବିନୟ ତବ ଲାଏ ॥

"ଦୂତ (ନକଲୀ ଗୁରୁ ହୋଇଥିବା ବ୍ୟକ୍ତି) ବଚନ"

ଚୁକ ହମାରୀ ଛମା କର ଦୀଜୈ । ମନ ମାନେ ତସ ଆଜ୍ଞା କୀଜୈ ॥
ହମ ତୋ ଧନୀ(କାଳ)କହୟୋ ଜସ କୀହ୍ନା । ସୋ ବଚନ ମାନ ହମ ଲୀହ୍ନା ॥
ଅବ ନହାଁ ଜୀବ ତୁହ୍ନାରା ଭ୍ରମାବୈଁ । ହମ ନେହାଁ କବହୁ ଗୁରୁ କହାବୈଁ ॥

"ଜ୍ଞାନୀ (କବୀରଜୀଙ୍କ) ବଚନ"

ସୁନ ଜ୍ଞାନୀ ବହୁତେ ହଂସାଇ । ଦୂତନ ଦୁଷ୍ଟ ବନ୍ଧ ନା ଛୋଡ଼ୋ ଜାଇ ॥
ପଲ ଇକ ଜୀବନ ସୁଖ ଦୀନା । ତବ ସଂସାର ଗମନ ହମ କୀହ୍ନା ॥

ଭାବାର୍ଥ:- କବୀର ପରମେଶ୍ୱରଜୀ କହୁଛନ୍ତି ଯେ ଯେଉଁମାନେ ନକଲୀ ସତଗୁରୁ ହୋଇ ଅଭିମାନ- ଅହଙ୍କାରର ବଶବର୍ତ୍ତୀ ହୋଇ କାଳପୁରୁଷର ପ୍ରେରଣା କ୍ରମେ ସରଳ ଜୀବମାନଙ୍କୁ ଠକିଥାନ୍ତି, ସେମାନଙ୍କୁ ମଧ୍ୟ ଦଣ୍ଡ ମିଳିଥାଏ । ସେମାନଙ୍କୁ ମଧ୍ୟ ନର୍କରେ ପକାଇ ଯାତନା ଦିଆଯାଏ । ସେମାନଙ୍କ ଶିଷ୍ୟମାନେ ମଧ୍ୟ ସେହି ନର୍କରେ ପଡ଼ନ୍ତି । ଯେତେବେଳେ ମୁଁ ସେହି ନର୍କ ନିକଟକୁ

ଯାଇ ଦେଖିଲି ଯେ ଆମ୍ବ ବଡିମାର ଲୋଭୀ, ନକଲୀ କଡ଼ିହାର (ସଂସାରରୁ ମୁକ୍ତ କରାଇବା ବ୍ୟକ୍ତି ଅର୍ଥାତ ସତଗୁରୁ) ରୂପେ ଯେଉଁମାନେ ନିଜ ଗାରିମାର ଡେଙ୍ଗୁରା ପିଟୁଥିଲେ ସେହି ଗୁରୁମାନେ ଲକ୍ଷ ଲକ୍ଷ ଜୀବଙ୍କୁ ଶିଷ୍ୟ କରି ନିଜ ସହିତ ନର୍କକୁ ନେଇ ଯାଇଛନ୍ତି । ପୁଣି ପରମେଶ୍ୱରଙ୍କ ବିଧାନ ଅନୁସାରେ ଅପରାଧୀ ହେବା କାରଣରୁ ସେମାନେ ନର୍କ ଭୋଗ କରିବେ । ସେହି ନର୍କରେ କୁଣ୍ଡ ତିଆରି ହୋଇଛି । ପ୍ରତ୍ୟେକ କୁଣ୍ଡରେ ଜୀବ ପଡ଼ିଛନ୍ତି ଏବଂ ଯମଦୂତ ସେମାନଙ୍କୁ କଷ୍ଟ ଦେଉଛନ୍ତି । ସେହି ଅଠେଇଶ ଲକ୍ଷ ନକଲୀ ସତଗୁରୁ ମୋତେ ଦେଖି ଗୁହାରୀ କହିଲେ; ଆମ୍ଭମାନଙ୍କୁ ରକ୍ଷା କରନ୍ତୁ ପ୍ରଭୁ ! କାରଣ ଏହା ଥିଲା ଯେ ଯେଉଁ ଯମଦୂତମାନେ ସେମାନଙ୍କୁ ନର୍କରେ ପକାଇ ମାର୍-ପିଟ୍ କରୁଥିଲେ, ସେହି ଦୂତମାନେ ପରମେଶ୍ୱର କବୀରଜୀଙ୍କ ଶକ୍ତି ଆଗରେ କମ୍ପିବାକୁ ଲାଗିଲେ । ଏହି କାରଣରୁ ସେହି ନକଲୀ ସତଗୁରୁମାନଙ୍କୁ ଜଣା ପଡ଼ିଗଲା ଯେ ଇଏ କେହି ଜଣେ ପରମ ଶକ୍ତିଶାଳୀ ଦେବତା ଅଟନ୍ତି । ପରମେଶ୍ୱର କବୀରଜୀ କହିଲେ, ତୁମ୍ଭେ ନିରୀହ ସରଳ ଜୀବମାନଙ୍କୁ ଭ୍ରମିତ କରି ନିଜକୁ ପୂର୍ଣ୍ଣ ସତଗୁରୁ ରୂପେ ପ୍ରମାଣିତ କଲ । ତୁମ୍ଭଙ୍କୁ ଏହା ଜଣା ମଧ୍ୟ ଥିଲା ଯେ ନାମଦୀକ୍ଷା ଦେବାର କୌଣସି ଅଧିକାର ତୁମ୍ଭର ନାହିଁ । ପୂର୍ଣ୍ଣମୋକ୍ଷର ଜ୍ଞାନ ତୁମ୍ଭଙ୍କୁ ଜଣାନାହିଁ । ନିଜ ସ୍ୱାର୍ଥ ପାଇଁ ଲକ୍ଷାଧିକ ଅମୂଲ୍ୟ ମଣିଷ ଜୀବନକୁ ତୁମ୍ଭେ ନାଶ କରିଦେଲ । ସେମାନେ ସମସ୍ତେ କାଳ ଜାଲରେ ଛନ୍ଦି ହୋଇ ରହିଗଲେ । ପୁଣି ମୁଁ ସେହି ଦୂତ (କାଳ ପ୍ରେରିତ ଭଣ୍ଡ ସତଗୁରୁ) ତଥା ଅନ୍ୟ ଯମଦୂତମାନଙ୍କୁ ମାଡ଼ ଦେଲି, ଚୁଟିଧରି ଘୋଷାଡିଲି । କବୀରଜୀ କହିଛନ୍ତି ଯେ:- ତା'ପରେ ନକଲୀ ସଦଗୁରୁମାନେ କହିଲେ ଯେ ଆମ୍ଭେମାନେ ତ ଆମ୍ଭ ଧନୀ ଅର୍ଥାତ ମାଲିକ କାଳବ୍ରହ୍ମଙ୍କ ଆଦେଶ ପାଳନ କରିଛୁ । ବର୍ତ୍ତମାନ ଆପଣ ଯେପରି କହିବେ ଆମ୍ଭେ ସେପରି କରିବୁ । ମୁଁ କହିଲି, ଏବେ ତୁମମାନଙ୍କୁ ଛଡ଼ାଯିବ ନାହିଁ । ଯେଉଁ ଜୀବମାନେ ନକଲୀ ଗୁରୁମାନଙ୍କର ଶିଷ୍ୟ ହୋଇ ନିଜ ଜୀବନ ନଷ୍ଟ କରି ସାରିଥିଲେ ସେମାନେ ମଧ୍ୟ ନିଜ ଗୁରୁମାନଙ୍କ ସହିତ ସେହି ନର୍କରେ ପଡ଼ିଥିଲେ । ମୁଁ (କବୀର ପରମେଶ୍ୱରଜୀ) ସେଠାରେ ଥିବା ପର୍ଯ୍ୟନ୍ତ ଜୀବମାନଙ୍କୁ ନର୍କ କଷ୍ଟ ଅନୁଭୁତ ହେଉନଥିଲା । ଏହିପରି ସ୍ୱଳ୍ପ ସମୟର ସୁଖ ସେମାନଙ୍କୁ ପ୍ରଦାନ କରି ସେଠାରୁ ପ୍ରସ୍ଥାନ କରି ସଂସାରକୁ ଆସିଲି । ମୁଁ ସେଠାରୁ ଚାଲିଆସିବା ପରେ ସେହି ନକଲୀ ଗୁରୁ ଓ ମୂର୍ଖ ଶିଷ୍ୟମାନଙ୍କର ନର୍କ ଯନ୍ତ୍ରଣା ପୁନର୍ବାର ପ୍ରାରମ୍ଭ ହୋଇଗଲା । ତେଣୁ ପୂର୍ବୋକ୍ତ ବାଣୀରେ କୁହାଯାଇଛି ଯେ କୌଣସି ପ୍ରଚାରକ ସ୍ୱୟଂ ଗୁରୁ ହୋଇଗଲେ ପରମାତ୍ମା ତା'ଉପରେ କ୍ଷୁବ୍ଧ ହୋଇଯିବେ ଏବଂ କାଳ ତାକୁ କଷ୍ଟ ଦେବ । ତେଣୁ ହେ ସଜ୍ଜନ ପୁରୁଷ ! ଏଭଳି ଭୁଲ କେବେ ବି କର ନାହିଁ । ମୋ ବଚନକୁ ସତ୍ୟ ଓ ପ୍ରମାଣିତ ବୋଲି ମାନ ।

ଭକ୍ତର ସ୍ୱଭାବ କିଭଳି ହେବା ଆବଶ୍ୟକ ?

(ଅନୁରାଗ ସାଗରର ପୃଷ୍ଠା ୬, ବାଣୀ ନଂ ୭ ରୁ ୧୭)

ଧର୍ମଦାସଙ୍କ ବଚନ

ମୃତକ ଭାବ ପ୍ରଭୁ କହୋ ବୁଝାଇ । ଜାତେ ମନକୀ ତପନି ନସାଇ ॥
କେହି ବିଧି ମୃତକ ହୋ ୟହ ଜୀବନ । କହୋ ବିଲୋୟ ନାଥ ଅମୃତଧନ ॥

କବୀର ବଚନ- ମୃତକର ଦୃଷ୍ଟାନ୍ତ (ଉଦାହରଣ)

ଧର୍ମଦାସ ୟହ କଠିନ କାହାନୀ । ଗୁରୁଗମ ତେ କୋଇ ବିରଲେ ଜାନୀ ॥

ଭୃଙ୍ଗୀର ଦୃଷ୍ଟାନ୍ତ (ଉଦାହରଣ)

ମୃତକ ହୋୟ କେ ଖୋଜ ହିଁ ସନ୍ତା । ଶବ୍ଦ ବିଚାରୀ ଗହେଁ ମଗୁ ଅନ୍ତା ॥
ଜୈସେ ଭୃଙ୍ଗ କୀଟ କେ ପାସା । କୀଟ ଗହୋ ଭୃଙ୍ଗ ଶବ୍ଦ କୀ ଆଶା ॥
ଶବ୍ଦ ଘାତକର ତେହୀ ମହେଁ ଡ଼ାରେ । ଭୃଙ୍ଗୀ ଶବ୍ଦ କୀଟ ଜୋ ଧାରେ ॥
ତବ ଲୈଗୌ ଭୃଙ୍ଗୀ ନିଜ ଗେହା । ସ୍ୱାତୀ ଦେହ କୀହ୍ନୋ ସମଦେହା ॥
ଭୃଙ୍ଗୀ ଶବ୍ଦ କୀଟ ଜୋ ମାନା । ବରଣ ଫେର ଆପନ କର ଜାନା ॥

ବିରଳା କୀଟ ଜୋ ହୋୟ ସୁଖଦାୟୀ । ପ୍ରଥମ ଆବାଜ ଗହେ ଚିତଲାଇ ॥
କୋଇ ଦୂଜେ କୋଇ ତୀଜେ ମାନୈ । ତନ ମନ ରହିତ ଶବ୍ଦ ହିତ ଜାନୈ ॥
ଭୃଙ୍ଗୀ ଶବ୍ଦ କୀଟ ନା ଗହଇ । ତୈ ପୁନି କୀଟ ଆସରେ ରହଇ ॥
ଏକ ଦିନ କୀଟ ଗହେସୀ ଭୃଙ୍ଗ ଭାଷା । ବରଣ ବଦଲୈ ପୁରବୈ ଆଶା ॥

"ମୃତକର ଅଧିକ କିଛି ଦୃଷ୍ଟାନ୍ତ"

(ଅନୁରାଗ ସାଗର ପୃଷ୍ଠା ୭ ର ବାଣୀ ନଂ-୭ ରୁ ୨୦)

ସୁନହୁ ସନ୍ତ ୟହ ମୃତକ ସୁଭାଉ । ବିରଳା ଜୀବ ପୀବ ମଗ ଧାଉ ॥
ଔରୈ ସୁନହୁ ମୃତକ କା ଭେବା । ମୃତକ ହୋୟ ସତଗୁରୁ ପଦ ସେବା ॥
ମୃତକ ଛୋହ ତଜୈ ଶବ୍ଦ ଉରଧାରେ । ଛୋହ ତଜୈ ତୋ ଜୀବ ଉବାରେ ॥

ପୃଥିବୀର ଦୃଷ୍ଟାନ୍ତ

ଜସ ପୃଥ୍ୱୀ କେ ଗଞ୍ଜନ ହୋଇ । ଚିତ ଅନୁମାନ ଗହେ ଗୁଣ ସୋଇ ॥
କୋଇ ଚନ୍ଦନ କୋଇ ବିଷ୍ଠା ଡ଼ାରେ । କୋଇ କୋଇ କୃଷି ଅନୁସାରେ ॥
ଗୁଣ ଔଗୁଣ ତିନ ସମକର ଜାନା । ତଜ ବିରୋଧ ଅଧିକ ସୁଖ ମାନା ॥

ଉଖ(ଆଖୁର ଦୃଷ୍ଟାନ୍ତ)

ଔରୋ ମୃତକ ଭାବ ସୁନି ଲେହୁ । ନିରଖି ପରଖି ଗୁରୁ ମଗୁ ପଗୁ ଦେହୁ ॥
ଜୈସେ ଈଖ କିସାନ ଉଗାବେ । ରତୀ ରତୀ କର ଦେହ କଟାବେ ॥
କୋହ୍ଲୁ ମହଁ ପୁନି ତାହୀ ପିରାବୈ । ପୁନି କଡ଼ାହ ମେଁ ଖୁବ ଉଁଟାବେ ॥
ନିଜ ତନୁ ଦାହେ ଗୁଡ଼ ତବ ହୋଇ । ବହୁରି ତାବ ଦେ ଖାଣ୍ଡ ବିଲୋଇ ॥
ତାହୁ ମାଁହି ତାବ ପୁନି ଦୀହ୍ନା । ଚିନି ତବୈ କହାବନ ଲୀହ୍ନା ॥
ଚିନି ହୋୟ ବହୁରିତ ତନ ଜାରା । ତାତେ ମିସିରୀ ହ୍ୱୈ ଅନୁସାରା ॥
ମିସରିତେ ଜବ କନ୍ଦ କହାବା । କହେ କବୀର ସବକେ ମନ ଭାବା
ୟହି ବିଧିତେ ଜୋ ଶିଷ କରହୀ । ଗୁରୁ କୃପା ସହଜେ ଭବ ତରଇ ॥

ଭାବାର୍ଥ :- ଅନୁରାଗ ସାଗର ପୃଷ୍ଠା ୬ ରେ ଲିଖିତ ପଂକ୍ତି ନଂ ୭ ରୁ ୧୭ ର ଭାବାର୍ଥ ଏହା ଯେ ଧନୀ ଧର୍ମଦାସ ପରମେଶ୍ୱର କବୀରଜୀଙ୍କୁ ବିନୟ ପୂର୍ବକ ପ୍ରଶ୍ନକଲେ ଯେ ହେ ପ୍ରଭୁ ! ମୋତେ ମୃତକର ସ୍ୱଭାବ କିପରି ହୋଇଥାଏ ତାହା ବୁଝାନ୍ତୁ । ଜୀବିତ ଅବସ୍ଥାରେ କିପରି ମରିବାକୁ ହୋଇଥାଏ । ହେ ଅମର ପରମାତ୍ମା ! ହେ ସ୍ୱାମୀ ! କୃପା କରି ବିଲୋୟ ଅର୍ଥାତ ନିଷ୍କର୍ଷ ବାହାର କରି ସେହି ଅମୃତ ଧନ ଅର୍ଥାତ ଅମର ହେବାର ମାର୍ଗ ବତାନ୍ତୁ ।

"ପରମେଶ୍ୱର କବୀର ବଚନ = ମୃତକର ଦୃଷ୍ଟାନ୍ତ"।

ପରମେଶ୍ୱର କବୀରଜୀ କହିଲେ, ହେ ଧର୍ମଦାସ ! ଏ ଯେଉଁ ପ୍ରଶ୍ନ ଆପଣ କଲେ, ଏହା ଏକ ଜଟିଳ କଥା ପ୍ରସଙ୍ଗ ଅଟେ । ସତଗୁରୁଙ୍କ ଚରଣରେ ରହି ଜ୍ଞାନ ପ୍ରାପ୍ତି ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ହିଁ ଏହାକୁ ବୁଝି ଉତୀର୍ଣ୍ଣ ହୋଇଥାଏ ।

"ଭୃଙ୍ଗୀର ଦୃଷ୍ଟାନ୍ତ"

ସନ୍ତ-ସାଧକଗଣ ଜୀବିତ ଅବସ୍ଥାରେ ମୃତ ହୋଇ ପରମାତ୍ମାଙ୍କୁ ଖୋଜିଥାନ୍ତି । ଶବ୍ଦ ବିଚାର ଅର୍ଥାତ ପ୍ରକୃତ ନାମ ମନ୍ତ୍ରକୁ ବୁଝି, ବିଚାର କରି ସେହି ମାର୍ଗର ଶେଷ ଅର୍ଥାତ ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚିଥାନ୍ତି ଅର୍ଥାତ ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରିଥାନ୍ତି ।

ଯେପରି ଏକ ଭୃଙ୍ଗ ପୋକ(ଡେଣା ଲାଗିଥିବା ନୀଳ ରଙ୍ଗର ଏକ ପୋକ) ଯାହାକୁ ଭଁଅର କୁହାଯାଏ, ଯିଏ ଇଜଂନହାରୀ ନାମରେ ମଧ୍ୟ ପରିଚିତ । ଯିଏ ସବୁବେଳେ ଭଁ-ଭଁ ଶବ୍ଦ କରିଥାଏ । ଜୀବ ଜଗତରେ ଯେପରି ନାରୀ-ପୁରୁଷଙ୍କ ମିଳନ ବିଧିରେ ପରିବାର ଉତ୍ପନ୍ନ ହୋଇଥାଏ, ସେ ସେପରି କରି ନ ଥାଏ । ଏକ ବିଶେଷ ପ୍ରକାରର ପୋକ ପାଖକୁ ସେ ଯାଇଥାଏ । ତା'ପାଖରେ

ଭଁ-ଭଁ ଶବ୍ଦ କରିଥାଏ । ତା' ଶବ୍ଦରେ ଯେଉଁ ପୋକ ପ୍ରଭାବିତ ହୋଇଯାଏ । ତାକୁ ସେ ଉଠାଇ ଆଣି ପୂର୍ବରୁ ତିଆରି କରି ରଖିଥିବା ମାଟି ଘର ଭିତରକୁ ନେଇଯାଏ । କାଦୁଅ ମାଟିରେ ତିଆରି ହୋଇଥିବା ଗୋଲ ଆକାର ସେହି ଘରଟି ଦୁଇ ଇଞ୍ଚ ପରିଧି ତଥା ଦୁଇଟି ପ୍ରବେଶ ଦ୍ୱାର ବିଶିଷ୍ଟ ହୋଇଥାଏ । ପୁଣି ଦ୍ୱିତୀୟ ପୋକକୁ ନେଇଆସେ । ତା'ପରେ ସେମାନଙ୍କ ନିକଟରେ ଭଁ-ଭଁ ଶବ୍ଦ ବାରମ୍ବାର କରିଥାଏ । ତା'ପରେ ନିଜ ମୁଖ ସାହାଯ୍ୟରେ କାକର ଜଳ ଆଣି ସେହି ପୋକମାନଙ୍କ ପାଟିରେ ଦେଇଥାଏ । ଭଁଅର ଅର୍ଥାତ ଭୃଙ୍ଗ ପୋକର ଶବ୍ଦକୁ ବାରମ୍ବାର ଶୁଣି ସେହି ପୋକମାନେ ମଧ୍ୟ ଭୃଙ୍ଗ ପୋକ ଭଳି ହୋଇଯାନ୍ତି ତଥା ସେହିପରି ଡେଣା ମଧ୍ୟ ସେମାନଙ୍କର ବାହାରି ଆସେ । ସେହି ପୋକମାନେ ମଧ୍ୟ ଭଁ-ଭଁ ଶବ୍ଦ କରିବା ଆରମ୍ଭ କରିଦିଅନ୍ତି । ପରିଶେଷରେ ସେହି ପୋକମାନେ ଭଁଅର ହୋଇଯାଆନ୍ତି । ଠିକ୍ ଏହିଭଳି ପୂର୍ଣ୍ଣସନ୍ତ ଭଁଅର ପୋକ ଭଳି ବାରମ୍ବାର ନିଜ ଜ୍ଞାନ ଶୁଣାଇ ସାଧାରଣ ବ୍ୟକ୍ତିକୁ ମଧ୍ୟ ଭକ୍ତ କରି ଦିଅନ୍ତି । ପୁଣି ସେହି ଭକ୍ତ ସଦଗୁରୁଙ୍କ ଠାରୁ ଶୁଣିଥିବା ଜ୍ଞାନକୁ ଅନ୍ୟ ବ୍ୟକ୍ତିମାନଙ୍କୁ ଶୁଣାଇଥାଏ । ସଂସାରର ରୀତି-ନିତୀ, ପ୍ରଥା-ପରମ୍ପରା ଆଦିକୁ ତ୍ୟାଗ କରି ଦେଇଥିବା କାରଣରୁ ଅନ୍ୟମାନେ କୁହନ୍ତି ଯେ ଏହି ବ୍ୟକ୍ତିର ରଙ୍ଗ-ଢ଼ଙ୍ଗ ବଦଳି ଯାଇଛି, ଇଏ ତ ଭକ୍ତ ହୋଇଯାଇଛି । ଯେପରି ଭୃଙ୍ଗ ପୋକ(ଭଁଅର) ଅନ୍ୟପୋକକୁ ନିଜ ଶବ୍ଦ ଶୁଣାଇବା ପରେ କେହି ଶୀଘ୍ର ସକ୍ରିୟ ହୋଇଯାଏ ତ କେହି ଦ୍ୱିତୀୟ ବା ତୃତୀୟ ଚେଷ୍ଟାରେ ସକ୍ରିୟ ହୋଇଥାଏ । ଠିକ୍ ଏହିଭଳି ସଦଗୁରୁ କିଛି ବ୍ୟକ୍ତିଙ୍କୁ ସମୟ ଅନ୍ତରାଳରେ ବାରମ୍ବାର ନିଜ ସତସଙ୍ଗ ଶୁଣାଇଥାନ୍ତି । ଉତ୍ତମ ସଂସ୍କାରୀ ବ୍ୟକ୍ତି ତ ଶୀଘ୍ର ମାନି ଯାଇଥାଏ, ଆଉ କିଛି ବ୍ୟକ୍ତି ଥରେ-ଦୁଇଥର ସତସଙ୍ଗ ଶୁଣିବା ପରେ ମାର୍ଗ ଗ୍ରହଣ କରି ଦୀକ୍ଷା ନେଇଥାନ୍ତି । ଏଭଳି କିଛି କିଟ ଅଛନ୍ତି ଯେଉଁମାନଙ୍କୁ ନିଜ ସ୍ୱଭାବ ବଦଳାଇବା ପାଇଁ ବହୁତ ସମୟ ଲାଗିଥାଏ । ଯଦି ସେହି କିଟ ଭୃଙ୍ଗୀ ହୋଇପାରି ନାହିଁ ଏବଂ ଭୃଙ୍ଗୀ କୀଟ ଶରଣରେ ଅଧିକ ଦିନ ପର୍ଯ୍ୟନ୍ତ ରହିଥିବ ତ ନିଶ୍ଚୟ ଦିନେ ନା ଦିନେ ତା'ର ପରିବର୍ତ୍ତନ ହେବ । ପରମେଶ୍ୱର କବୀର ଜୀ କହିଛନ୍ତି ଯେ ହେ ଧର୍ମଦାସ ! ଯଦି ଶିଷ୍ୟ ଏହିଭଳି ଗୁରୁଜୀଙ୍କ ବିଚାର ଶୁଣିବା ଜାରି ରଖିବ ତେବେ ସେହି ଭୃଙ୍ଗ କୀଟ ପରି ପ୍ରଭାବିତ ହୋଇ ସାଂସାରିକ ଭାବ ବଦଳାଇ ଭକ୍ତ ହୋଇ ହଂସ ଅବସ୍ଥା ପ୍ରାପ୍ତ ହେବ ।

ପୃଷ୍ଠା ନଂ ୭ ର ପଂକ୍ତି ୭ ରୁ ୨୦ ର ଭାବାର୍ଥ:-

କବୀରଜୀ କହିଛନ୍ତି ଯେ ହେ ସନ୍ଥଗଣ ! ମୃତକର ଏହି ସ୍ୱଭାବ ବିଷୟରେ ଶୁଣ । ଏହି ପ୍ରକାରର ଅନୁସରଣ କୌଣସି ବିରଳ ଜୀବ କରିଥିବ । ସେ ପୀବ୍ ଅର୍ଥାତ ପରମାତ୍ମାଙ୍କୁ ପ୍ରାପ୍ତ କରିବାରେ ମଗ୍ ଅର୍ଥାତ ମାର୍ଗକୁ ପ୍ରାପ୍ତ କରିଥାଏ । ଉପରୋକ୍ତ ଉଦାହରଣ ଅର୍ଥାତ୍ ଭୃଙ୍ଗ କୀଟର ଉଦାହରଣ ବ୍ୟତୀତ ମୃତକର ସ୍ୱଭାବ ବିଷୟରେ ଆହୁରି ଶୁଣ ଯାହାଦ୍ୱାରା ମୃତକ ଅର୍ଥାତ ଜୀବିତ ଅବସ୍ଥାରେ ମୃତ ହୋଇ ସଦଗୁରୁଙ୍କ ପଦ(ପଦ୍ଧତି) ଅନୁସାରେ ସାଧନା କରିଥାଏ ।

"ପୃଥିବୀର ଉଦାହରଣ"

ପୃଥିବୀର ଯେପରି ସହନଶୀଳ ଗୁଣ ଥାଏ । ଠିକ୍ ଏହିଭଳି ପୃଥିବୀର ଏହି ଗୁଣକୁ ଯିଏ ଗ୍ରହଣ କରିବ, ସେ ଜୀବିତ ମୃତକ ଅଟେ ଏବଂ ସେ ସଫଳ ହୋଇଥାଏ ମଧ୍ୟ । ପୃଥିବୀ ଉପରେ କେହି ମଳ ତ୍ୟାଗ କରିଥାଏ ବା ଫୋପାଡିଥାଏ, କେହି ଚାଷ କରିବା ପାଇଁ କୋଦାଳ ବୀ ଲଙ୍ଗଳ ଦ୍ୱାରା ତା' ବକ୍ଷକୁ ଚିରିଥାଏ । କେହି କେହି ଧରିତ୍ରୀ ପୂଜନ କରିଥାନ୍ତି । ପୃଥିବୀ ଗୁଣ-ଅବଗୁଣ ଦେଖିନଥାଏ । ଯାହାର ଯେଉଁଭଳି ଭାବନା, ସେ ସେହିଭଳି ହିଁ କରିଥାଏ । ଏସବୁକୁ ବିଚାର କରି ଧରିତ୍ରୀ କେବେ କାହାକୁ ବିରୋଧ ନକରି ସୁଖରେ ରହିଥାଏ ।

ଭାବାର୍ଥ ଏହା ଯେ ଭୂମି ଯେପରି ସହନଶୀଳ, ଭକ୍ତ-ସନ୍ଥଙ୍କର ସେହିଭଳି ସ୍ୱଭାବ ହେବା ଉଚିତ । କେହି ଆପଣଙ୍କ କାର୍ଯ୍ୟକୁ ସମାଲୋଚନା କରିପାରେ ଅର୍ଥାତ ଅପମାନତ କରିପରେ, କେହି ସମ୍ମାନ ମଧ୍ୟ ଦେଇପାରେ, ଭକ୍ତ କିନ୍ତୁ ନିଜ ଉଦ୍ଦେଶ୍ୟରେ ଦୃଢ଼ ରହି ସଫଳତା ପ୍ରାପ୍ତ କରିଥାଏ ।

"ଆଖୁର ଦୃଷ୍ଟାନ୍ତ"

ଯେପରି କୃଷକ ଆଖୁ ଲଗାଇଥାଏ । ଲଗାଇବା ସମୟରେ ଆଖୁକୁ ଏକ-ଏକ ଫୁଟ ଲମ୍ବରେ ଖଣ୍ଡ କରି ମାଟିରେ ପୋତିଥାଏ । ଆଖୁଗଛ ପରିପକ୍ୱ ହୋଇଯିବା ପରେ କଟାଯାଇ (କୋହ୍ଲୁ)ଶାଳରେ ପେଡ଼ା ଯାଇଥାଏ । ପୁଣି ଆଖୁ ରସକୁ କଢ଼ାଇ ମଧ୍ୟକୁ ଢ଼ାଳି ନିଆଁରେ ଆଉଟା ଯାଇଥାଏ, ତା'ପରେ ଯାଇ ଗୁଡ଼ ହୋଇଥାଏ । ଯଦି ଅଧିକ ଉତ୍ତାପ ଦିଆଯାଏ ତେବେ ଆଖୁ ରସ ଶୁଖିଲା ଗୁଡ଼ରେ ପରିଣତ ହୋଇଯିବ ଯାହା ଗୁଡ଼ଠାରୁ ଅଧିକ ସ୍ୱାଦିଷ୍ଟ ହୋଇଥାଏ । ତା'ଠୁ ଅଧିକ ଉତ୍ତାପ ଦେବା ଦ୍ୱାରା ଚିନି ହୋଇଯାଏ । ପୁଣି ଅଧିକ ଉତ୍ତାପ ଦିଆଗଲେ ତାହା ମିଶ୍ରୀ ହୋଇଯାଇଥାଏ । ପୁଣି ମିଶ୍ରୀରୁ ଖଣ୍ଡ ସାକର ହୋଇଥାଏ । ପରମେଶ୍ୱର କବୀର ଜୀ କହିଛନ୍ତି, ହେ ଧର୍ମଦାସ ! ଠିକ୍ ଏହିଭଳି ଶିଷ୍ୟ ଭକ୍ତି ମାର୍ଗର କଠିନତାକୁ ଯେତେ ସହ୍ୟ କରିବ ସେ ପରମାତ୍ମାଙ୍କର ସେତେ ପ୍ରିୟ ତଥା ବହୁମୂଲ୍ୟ ହୋଇଯିବ ।

(८) अनुरागसागर

पृतकभाव कौन धारण कर सकता है ! छन्द

मिरतक भाव है कठिन धर्मनि, लहे विरलःगुरहो ॥
कादर सुनतेहि तनमन दहै,पाछे न चितवतकूरहो॥
ऐसे शिष्य आप सम्हारे, नाव सही गुरुज्ञानको ॥
लहै भेदी भेद निश्चय, जाय दीप अमानको ॥६॥

पृतक ही साधु होता है

सोरठा–मृतक हो सो साधु, सो सतगुरुको पावई॥
मेटे सकल उपाध, तासु देव आसा करें ॥ ६ ॥

साधु किसे कहते हैं

साधूमार्ग कठिन धर्मदासा । रहनी रहे सो साधु सुवासा ॥
पांचों इन्द्री सम करि राखे । नाम अमीरसनिशिदिन चाखे॥

चक्षुवशीकरण

प्रथमहिं चक्षु इन्द्री कहँ साधे। गुरु गम पंथ नाम अवराधे ॥
सुन्दर रूप चक्षुकी पूजा । रूप कुरूप न भावे दूजा ॥
रूप कुरूपहिं सम करजाने । दरस विदेह सदा सुख माने ॥

श्रवणवशीकरण

इन्द्री श्रवण वचन शुभ चाहै । उत्कट वचनसुनत चित दाहै॥
बोल कुबोल दोउ सह लेखे । हृदय शुद्ध गुरुज्ञान विशेखे ॥

नासिकावशीकरण

नासिका इन्द्री वास अधीना । यहि सम राखे संत प्रवीना॥

जिह्वावशीकरण

जिभ्या इन्द्री चाहै स्वादा । खट्टा मीठा मधुर सवादा ॥
सहज भावमें जो कछु आवे । रूखा फीका नहिं बिलगावे ॥
जो कोई पंचामृत ले आवे । ताहि देख नहिं हरष बढ़ावे॥
तजे न रूखा साग अलूना । अधिक प्रेमसो पावैं दूना ॥

अनुरागसागर (९)

शिश्नवशीकरण

इन्द्री दुष्ट महा अपराधी ।कुटिलकाम होई विरलेसाधी॥
कामिनि रूप कालकी खानी । तजहु तासु सँग हो गुरुज्ञानी॥

कामवशीकरण

जबही काम उमंग तन आवे । ताहि समय जो आप जगावे॥
शब्द विदेह सुरत ले राखे । गहिमन मौन नामरसचाखे॥
जब निहतत्त्वमें जाय समाई । तबहीं काम रहै मुरझाई ॥

कामदेव लुटेरा है । छन्द

काम परबल अति भयंकर, महा दारुण काल हो॥
सुरदेव मुनिगणयक्षगंधर्व,सबहि कीन्ह बिलास हो॥
सबहि लूटे विरल छूटे, ज्ञान गुण निज दृढ गहे ॥
गुरुज्ञान दीप समीप सतगुरु,भेदमारग तिन लहे॥७॥

कामलुटेरेके बचने का उपाय

सोरठा–दीपक ज्ञान प्रकाश,भवन उजेरा करि रहो॥
सतगुरुशब्द विलास,भाज चोर अँजोरा जब॥७॥

अनलपक्षिका दृष्टान्त

गुरु कृपासों साधु कहावे । अनलपच्छहू लोक सिधावे॥
धर्मदास यह परखो बानी । अनलपच्छ गम कहों बखानी॥
अनलपच्छ जो रहे अकाशा ।निशि दिन रहे पवनकी आशा॥
दृष्टिभाव तिनरति विधिठानी ।यहविधिगरभ रहेतिहिजानी॥
अंडप्रकाश कीन्ह पुनि तहवां । निराधार आलंबहिं जहवां ॥
मारग माहिं पुष्ट भो अंडा । मारग माहिं विरह नौखण्डा॥
मारग माहिं चक्षु तिन पावा । मारग माहिं पंख पर भावा॥
महि दिग आवा सुधि भइताहीं। इहां मोर आश्रम नहिं आहीं॥
सुरति सम्हार चले पुनि तहवां ।मात पिताको आश्रम जहवां॥

ଅନୁରାଗ ସାଗରର ପୃଷ୍ଠା ୮ ଏବଂ ୯ର ସାରାଂଶ ଏହା ଯେ ସେ ହିଁ ପ୍ରକୃତ ସାଧକ ଯିଏ ନିଜର ସମସ୍ତ ଇନ୍ଦ୍ରିୟକୁ ସଂଯମରେ ରଖିଥାଏ । ଯାହା ମିଳେ ସେଥିରେ ହିଁ ସନ୍ତୋଷ ହୋଇଥାଏ । ରୂପ ଦେଖି ତା ପ୍ରତି ଆକର୍ଷିତ ହୋଇ ନ ଥାଏ । କୁରୂପକୁ ଦେଖି ଘୃଣା କରିବ ନାହିଁ । ଉଭୟଙ୍କୁ ଏହି ଦିବ୍ୟଜ୍ଞାନ ଦୃଷ୍ଟିରେ ଦେଖିବ ଯେ ଉପର ଚମଡ଼ା ଗୋରା-କଳା କିନ୍ତୁ ଶରୀରର ହାଡ଼-ମାଂସ ସବୁ ଏକା ଭଳି, ସମାନ୍ୟ ରୋଗଟିଏ ହେଲେ ଶରୀର ନଷ୍ଟ ହୋଇ ଯାଇଥାଏ, ସେଥିରୁ ଦୁର୍ଗନ୍ଧ ବାହାରିଥାଏ । ଏହିପରି ବିବେକପୂର୍ଣ୍ଣ ଭକ୍ତି କରନ୍ତୁ । ଯଦି କେହି ସମ୍ମାନ ଦେଉଛି, ମଧୁର ବଚନ କହୁଛି ତ ଖୁସି ଅନୁଭବ କରନାହିଁ । କେହି ଯଦି କୁବଚନ କହୁଛି ତ ଦୁଃଖ କର ନାହିଁ । ସେମାନଙ୍କ ବୁଦ୍ଧିର ସ୍ତରକୁ ଅନୁଧ୍ୟାନ କରି ଶାନ୍ତ ରୁହ । କେହି ଯଦି ଉତ୍ତମ ଭୋଜନ ଯେପରି ଖିରି-ପୁରି, ହାଲୁଆ-କଚୋରୀ ଆଦି ଖାଇବାକୁ ଦେଉଛି ତ ସେହି ଭୋଜନରେ ପ୍ରଭାବିତ ହୁଅ ନାହିଁ । ତା'କର୍ମର ଫଳ ତା'କୁ ନିଶ୍ଚେ ମିଳିବ । କେହି ଯଦି ସାଧାରଣ ଭୋଜନ ଖୁଆଉଛି ତେବେ ଅଧିକ ଆନନ୍ଦର ସହିତ ତାକୁ ଖାଇବା ଉଚିତ । ସର୍ବଦା କାମ ବାସନା (Sex)କୁ ଗୁରୁତ୍ୱ ଦିଅ ନାହିଁ, ସେହି ଭକ୍ତ ବସ୍ତବରେ ପରମେଶ୍ୱରଙ୍କୁ ପ୍ରାପ୍ତ କରିପାରିବ । ଯଦି କାମ ବାସନା ମନକୁ ଅସ୍ଥିର କରୁଛି ତେବେ ଭକ୍ତି ନାମ ସୁମିରଣରେ ତାକୁ ଲଗାଇ ଆନନ୍ଦ ପ୍ରାପ୍ତ କର । ସଙ୍ଗେ ସଙ୍ଗେ ମନ ସିଥିଳ ପଡିଯିବ ।

କାମ ବାସନାକୁ ଦମନ କରିବାର ଉପାୟ :-

କବୀର ପରନାରୀ କୋ ଦେଖିଏ, ବେହେନ ବେଟୀ କେ ଭାବ ।
କହ କବୀର କାମ ନାଶ କା, ୟହୀ ସହଜ ଉପାୟ ॥

ମୋକ୍ଷ ପ୍ରାପ୍ତିର ଅନ୍ୟ ଭାବ "ଅନଳ (ଅଲଲ୍) ପକ୍ଷୀ ପରି ସ୍ୱଭାବ"

ଯେପରି ଅନଳ ପକ୍ଷୀ (ଅଲଲ ପକ୍ଷୀ) ସର୍ବଦା ଆକାଶରେ ରହିଥାଏ । ଏହି ପକ୍ଷୀ ଏବେ ବିଲୁପ୍ତ ହୋଇସାରିଛି । ତା'ର ଚାରୋଟି ଗୋଡ଼ ଥାଏ । ଆଗ ଗୋଡ଼ ଦୁଇଟି ଛୋଟ ଏବଂ ପଛ ଗୋଡ଼ ଦୁଇଟି ବଡ଼ ଅଟେ । ଲମ୍ବା ଲମ୍ବା ଡେଣା ସହିତ ଆକାରରେ ଏହା ବହୁତ ବଡ ଥିଲା । ଏକ ବଡ ପକ୍ଷୀ ଅର୍ଥାତ ଯୁବ ପକ୍ଷୀ ଥରକେ ଚାରୋଟି ହାତୀକୁ ଆକାଶରେ ଥିବା ନିଜ ପରିବାର ପାଖକୁ ଉଠାଇ ନେଇ ଯାଉଥିଲା ।

ଅନଳ ପକ୍ଷୀ (ଅଲଲ ପକ୍ଷୀଟି) ଉପର ବାୟୁମଣ୍ଡଳରେ ରହୁଥିଲା । ମାଈ ଅନଳ ପକ୍ଷୀ ସେହି ଅକାଶରେ ଥିବା ଅବସ୍ଥାରେ ହିଁ ଅଣ୍ଡା ଉତ୍ପନ୍ନ କରିଥାଏ । ସେ ଅଣ୍ଡା ସେହି ସ୍ଥାନ ଉପରେ ଦେଇଥାଏ ଯେଉଁଠି ତଳେ କଦଳୀବଣ ଥାଏ । କଦଳୀ ଗଛ ପରସ୍ପର ପରସ୍ପର ମଧ୍ୟରେ ଛନ୍ଦି ହୋଇ ବଣ ସୃଷ୍ଟି କରିଥାନ୍ତି । ହାତୀମାନଙ୍କର ଦଳ(ସମୂହ) ଅର୍ଥାତ ଶହ ଶହ ସଂଖ୍ୟାରେ ହାତୀ ମଧ୍ୟ କଦଳୀ ବଣରେ ରହୁଥିଲେ କାରଣ ହାତୀ କଦଳୀ ଗଛକୁ ଖାଇଥାନ୍ତି ଏବଂ ସେହି ବଣରେ ମଧ୍ୟରେ ମଉଜ-ମସ୍ତି କରିବା ସହିତ ଆରାମ ମଧ୍ୟ କରିଥାନ୍ତି । ଅଲଲ ପକ୍ଷୀର ଅଣ୍ଡା ବାୟୁ ମଣ୍ଡଳ ମଧ୍ୟ ଦେଇ ତଳକୁ ପୃଥିବୀ ପର୍ଯ୍ୟନ୍ତ ଆସିବା ସମୟରେ ବାୟୁର ଘର୍ଷଣରେ ପରିପକ୍ୱ ହୋଇ ତା ଭିତରେ ଶାବକ ପ୍ରସ୍ତୁତ ହୋଇ ଯାଇଥାଏ । ସେହି ଅଣ୍ଡା କଦଳୀ ଗଛ ଉପରେ ପଡ଼ିଥାଏ । କଦଳୀ ବଣ ଗହଳିଆ ହୋଇଥିବା କାରଣରୁ ଅଣ୍ଡା କ୍ଷତିଗ୍ରସ୍ତ ହୋଇନଥାଏ । ଏକ ନିର୍ଦ୍ଦିଷ୍ଟ ବେଗରେ ଅଣ୍ଡା ତଳକୁ ଗତି କରି କଦଳୀ ଗଛକୁ ଭାଙ୍ଗି ଭୂମିରେ ପଡୁଥିଲା ଯେପରି ଅଣ୍ଡାଟି ଫାଟିବ । ଅଣ୍ଡାର ଆକାର ବହୁତ ବଡ଼ ତଥା ଖୋଳପା ମଧ୍ୟ ବହୁତ ଶକ୍ତ ହେଉଥିଲା । ଶାବକର ରକ୍ଷା ପାଇଁ ଅଣ୍ଡାର ଖୋଳପା ଏବଂ ଶାବକ ମଝିରେ ଗଦି ଭଳି ଏକ ପ୍ରକାରର କୋମଳ ପଦାର୍ଥ ଥାଏ । ଯାହା ପୃଥିବୀ ଉପରେ ପଡ଼ିବା ସମୟରେ ଶାବକକୁ ଆଘାତ ଲାଗିବାରୁ ବଞ୍ଚାଇଥାଏ । ଅନଳ ପକ୍ଷୀର ଛୁଆ ପୃଥିବୀର ଅନ୍ୟ ପକ୍ଷୀ ସାବକମାନଙ୍କ ସହିତ ରହିଥାଏ । ସେମାନଙ୍କ ସହିତ ମିଶି ଉଡ଼ିବା ଶିଖିଥାଏ, ମାତ୍ର ତା' ଅନ୍ତରାତ୍ମା ଏହା କହୁଥିଲା ଯେ ଏହା ମୋ ଘର ପରିବାର ନୁହେଁ, ମୋ ପରିବାର ତ ଉପରେ ଅଛି । ଉପରେ ଥିବା ମୋ ପରିବାର ପାଖକୁ ମୋତେ ନିଶ୍ଚୟ ଯିବାକୁ ପଡିବ । ଏହା ମୋ ସଂସାର ନୁହେଁ । ସେ ଯୁବା ହୋଇଯିବା ପରେ ହାତୀମାନଙ୍କ ଦଳ ଉପରେ ଝାମ୍ପ ମାରିଥାଏ । ଚାରି ଗୋଡର ପଞ୍ଜାରେ ଚାରୋଟି ହାତୀ ତଥା ଥଣ୍ଟରେ ଗୋଟିଏ ହାତୀକୁ ଧରି ଉଡ଼ିଯାଇଥାଏ । ସେ ନିଜ ପରିବାର ପାଖକୁ ଚାଲିଯାଇଥାଏ । ସାଙ୍ଗରେ ସେମାନଙ୍କ ପାଇଁ ଆହାର ନେଇ ଯାଇଥାଏ ।

କବୀର ପରମେଶ୍ୱରଜୀ ସଠିକ୍ ଉଦାହରଣ ଦେଇ, ଭକ୍ତମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି ଯେ ଆପଣମାନେ ଏହି ସଂସାରର ସ୍ଥାୟୀ ବାସିନ୍ଦା ନୁହଁନ୍ତି । ଆପଣମାନଙ୍କୁ ଏହି ଲୋକ ଛାଡି ଯିବାକୁ ପଡିବ । ଉପରେ ଥିବା ସତ୍ୟଲୋକରେ ଆପଣଙ୍କ ପରିବାର ଅଛି । ଆପଣ ଏହି ପୃଥିବୀରେ ଆସି ପଡ଼ିଛନ୍ତି । ତତ୍ତ୍ୱଜ୍ଞାନ ପ୍ରାପ୍ତ ଭକ୍ତର ମନଭାବ ସେହି ଅଲଲ ପକ୍ଷୀର ଛୁଆ ଭଳି ହେବା ଉଚିତ୍ । ସତଲୋକ ଯିବାର ସମୟ ଯେପର୍ଯ୍ୟନ୍ତ ଆସିନାହିଁ ସେପର୍ଯ୍ୟନ୍ତ ସଂସାରିକ ଲୋକମାନଙ୍କ ସହିତ ମିଶି ଶିଷ୍ଟାଚାରରେ ରୁହନ୍ତୁ । ସତ୍ୟଲୋକକୁ ଯିବା ସମୟରେ ଏମାନଙ୍କ ପ୍ରତି କୌଣସି ଆଶକ୍ତି ରଖିବା ଅନୁଚିତ୍ । ନିଜ ନାମ-ସୁମିରଣ ଓ ଧର୍ମ-ପୁଣ୍ୟ ଉପାର୍ଜନକୁ ସାଥିରେ ନେଇ ଉଡି ଯିବାକୁ ପଡିବ । ନିଜ ପରିବାର, ନିଜ ଘର ସତ୍ୟଲୋକକୁ ଚାଲିଯିବାର ଅଛି ।

ଅନୁରାଗ ସାଗର ପୃଷ୍ଠା ନଂ ୧୫୨ ର ସାରାଂଶ :-

ଏହି ପୃଷ୍ଠାରେ ଶରୀର ଭିତରେ ଥିବା ଗୁପ୍ତ ଭେଦ ବିଷୟରେ ପରମେଶ୍ୱର କହିଛନ୍ତି । ଏହି ମାନବ ଶରୀରରେ ୭୨ଟି ନାଡ଼ି ଅଛି । ସେଥିମଧ୍ୟରୁ ତିନୋଟି (ଇଡ଼ା, ପିଙ୍ଗଳା, ସୁଷୁମ୍ନା) ନାଡ଼ି

ମୁଖ୍ୟ ଅଟେ । ପୁଣି ଆଉ ଗୋଟିଏ ବିଶେଷ ନାଡ଼ି ଅଛି, ତା'ର ନାମ ହେଲା "ବ୍ରହ୍ମ ରନ୍ଧ୍ର" ।

ପରମେଶ୍ୱର କବୀରଜୀ କହିଛନ୍ତି, ଧର୍ମଦାସ ! ମନ ହିଁ ଜ୍ୟୋତି ନିରଞ୍ଜନ ଅଟେ । ମନ ଜୀବକୁ ଏଭଳି ନଚାଉଛି ଯେପରି ଯାଦୁଗର ମାଙ୍କଡକୁ ନଚାଇଥାଏ । ଏହି ଶରୀରରେ ୫ ତତ୍ତ୍ୱ, ୨୫ ପ୍ରକୃତି ତଥା ତିନି ଗୁଣ କାଳପୁରୁଷର ତିନି ଏଜେଣ୍ଟ ଭଳି ଅଛନ୍ତି । ଏମାନେ ଜୀବକୁ ଭ୍ରମରେ ରଖିଥାନ୍ତି । ଏହି ଶରୀରରେ କାଳ ନିରଞ୍ଜନ ଓ ଜୀବର ପ୍ରମୁଖ ଭୁମିକା ଥାଏ । କାଳ ନିରଞ୍ଜନ ମନ ରୂପରେ ସମସ୍ତ ପାପ କରାଇ ଜୀବ ମୁଣ୍ଡରେ ଲଦି ଦେଇଥାଏ ।

ଅନୁରାଗ ସାଗରର ପୃଷ୍ଠା ନଂ ୧୫୩ ର ସାରାଂଶ :-

କାଳ ପୁରୁଷ ସମସ୍ତ ଜୀବଙ୍କୁ ଏପରି ଭ୍ରମରେ ରଖିଛି ଯେ ଜୀବ ପରମେଶ୍ୱରକୁ ଭୁଲିଯାଇଛି ।

''ମନ କିପରି ପାପ-ପୂଣ୍ୟ କରାଇଥାଏ''

ମନ ହିଁ କାଳ-କରାଳ ଅଟେ । ମନ ଜୀବକୁ ନଚାଇଥାଏ । ସୁନ୍ଦର ସ୍ତ୍ରୀକୁ ଦେଖି ତା' ସହିତ ଭୋଗ-ବିଳାସ କରିବାର ଇଚ୍ଛା ମନରେ ଉତ୍ପନ୍ନ ହୋଇଥାଏ । ନାରୀ ଭୋଗ କରି ମନ (କାଳ ନିରଞ୍ଜନ) ଆନନ୍ଦ ନେଲା, କିନ୍ତୁ ଜୀବ ମୁଣ୍ଡରେ ପାପ ଲଦି ଦେଲା ।

(ବର୍ତ୍ତମାନ ସରକାର ଦୃଢ଼ ଆଇନ ପ୍ରଣୟନ କରିଛନ୍ତି । କୌଣସି ପୁରୁଷ କୌଣସି ସ୍ତ୍ରୀକୁ ବଳାତ୍କାର କଲେ ୧୦ ବର୍ଷ ଜେଲ ଦଣ୍ଡ ଭୋଗିବ । ନାବାଳିକାକୁ ଧର୍ଷଣ କରିଥିବା ବ୍ୟକ୍ତିକୁ ଆଜୀବନ କାରାଦଣ୍ଡ ମିଳିଥାଏ । ମନ ପ୍ରେରଣାରେ ଆନନ୍ଦ ମିଳିଲା ଦୁଇ ମିନିଟର, ତା'ପରେ ଦୁଃଖ ମିଳିଲା ପାହାଡ଼ ଭଳି । ତେଣୁ ମନକୁ ଜ୍ଞାନ ରୂପକ ଲଗାମ ଦ୍ୱାରା ମନକୁ ରୋକିବା ହିତକର ଅଟେ ।

ଅନୁରାଗ ସାଗର ପୃଷ୍ଠା ନଂ ୧୫୪ ର ସାରାଂଶ :-

ପର ଧନ ଦେଖି ମନ ତାକୁ ଅକ୍ତିଆର କରିବାକୁ ପ୍ରେରଣା କରିଥାଏ । ଚୋରୀ କରାଇ ଜୀବକୁ ଦଣ୍ଡ ଦିଆଇଥାଏ । ପର ନିନ୍ଦା କରିବା, ପରଧନ ହଡ଼ପ କରିବା ପାପ ଅଟେ । କାଳ ପୁରୁଷ ଏହି ଭଳି ବିଭିନ୍ନ କର୍ମ ବନ୍ଧନରେ ଜୀବକୁ ବାନ୍ଧି ରଖିଛି । ସନ୍ତଙ୍କ ପ୍ରତି ବିରୋଧ ଭାବ ଏବଂ ଗୁରୁଦ୍ରୋହ ଭଳି ଅପରାଧିକ କର୍ମ ଏହି ମନରୂପୀ କାଳ ହିଁ କରାଇଥାଏ ।

"ନିରଞ୍ଜନ ଚରିତ୍ର = କାଳର ଜାଲ"

ପରମେଶ୍ୱର କବୀର ଜୀ କହିଛନ୍ତି ଯେ ଧର୍ମଦାସ ! ମୁଁ ତୋତେ ଧର୍ମ (ଧର୍ମରାୟ - କାଳ)ର ଜାଲ ବିଷୟରେ ବୁଝାଉଛି । କାଳ ନିରଞ୍ଜନ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତବତଃ ପ୍ରବେଶ କରି ଗୀତା ଜ୍ଞାନ ଦେଲା । କର୍ମଯୋଗକୁ ଉତ୍ତମ ବୋଲି କହି ଅର୍ଜୁନ ଦ୍ୱାରା ଯୁଦ୍ଧ କରାଇଲା, ଜ୍ଞାନ ଯୋଗ ପ୍ରସଙ୍ଗରେ ତାକୁ ଭ୍ରମିତ କଲା । ଅର୍ଜୁନ ପ୍ରଥମରୁ ନ୍ୟାୟସଙ୍ଗତ କଥା କହୁଥିଲା ଯାହା ତାକୁ ଜଣା ଥିଲା । ସେ ଏହା କହୁଥିଲା ଯେ ଯୁଦ୍ଧ କରି ନିଜ ପୁତୁରା, ଭାଇ, ସଳା, ଶଶୁର, ଦାଦା-ବଡବାପା ଆଦି ନିଜ କୁଳର ବ୍ୟକ୍ତିମାନଙ୍କୁ ମାରିବା ଅପେକ୍ଷା ଭିକ୍ଷା ମାଗି ପେଟ ପୋଷିବା ଭଲ । ଏଭଳି ରାଜ୍ୟର ଆବଶ୍ୟକତା ହିଁ ମୋର ନାହିଁ ଯାହା ପାପ କର୍ମ ଦ୍ୱାରା ପ୍ରାପ୍ତ ହେବ । ତାକୁ ଡ଼ରାଇ-ଧମକାଇ, ଯୁଦ୍ଧ କରାଇ ନର୍କର ଭାଗୀ କରିଦେଲା । ଜ୍ଞାନଯୋଗର ବାହାନା କରି କର୍ମଯୋଗ ଉପରେ ଜୋର ଦେଇ ମହାପାପ କରାଇଦେଲା ।

ଅନୁରାଗ ସାଗର ପୃଷ୍ଠା ନଂ ୧୫୫ର ସାରାଂଶ :-

ଧର୍ମଦାସ ପ୍ରଶ୍ନ କଲେ ଯେ ହେ ପ୍ରଭୁ ! କାଳ ଜାଲ ବିଷୟରେ ତ ଆପଣ ବୁଝାଇଲେ, କୃପା କରି ଏବେ କୁହନ୍ତୁ, ଆପଣଙ୍କ ପ୍ରାପ୍ତି ପାଇଁ ଜୀବକୁ କ'ଣ କରିବା ଉଚିତ୍ ?

"ସତ୍‌ଗୁରୁ (କବୀର ଜୀ)ଙ୍କ ବଚନ"

ଭକ୍ତର ୧୬ ଗୁଣ (ଆଭୂଷଣ)

ପରମେଶ୍ୱର କବିର ଜୀ କହିଲେ, ହେ ଧର୍ମଦାସ ! ଭବସାଗର ଅର୍ଥାତ କାଳ ଲୋକରୁ ବାହାରିବା ପାଇଁ ଭକ୍ତି ରୂପି ଶକ୍ତିର ଆବଶ୍ୟକତା ଅଛି । ପରମାତ୍ମାଙ୍କ ପ୍ରାପ୍ତି ପାଇଁ ଜୀବ ଠାରେ

ଷୋଳ (୧୬) ଟି ଲକ୍ଷଣ ରହିବା ଅନିର୍ବାର୍ଯ୍ୟ । ଏହାକୁ ଆତ୍ମାର ଷୋଳ ସୃଙ୍ଗାର (ଅଳଙ୍କାର) କୁହା ଯାଇଥାଏ । ଏହି ୧୬ ଆଭୁଷଣ ଅନିର୍ବାର୍ଯ୍ୟ ଅଟେ ।

୧. ଜ୍ଞାନ ୨. ବିବେକ ୩. ସତ୍ୟ ୪. ସନ୍ତୋଷ ୫. ପ୍ରେମଭାବ ୬. ଧିରଜ ୭. ନିରଧୋଷା (ଛଳନା ରହିତ) ୮. ଦୟା ୯. କ୍ଷମା ୧୦. ଶୀଳ ୧୧. ନିଷ୍କର୍ମ ୧୨. ତ୍ୟାଗ ୧୩. ବୈରାଗ ୧୪. ଶାନ୍ତି ନିଜ ଧର୍ମା ୧୫. ଭକ୍ତି କର ନିଜ ଜୀବ ଉବାରେ ୧୬. ମିତ୍ର ସମ ସବକୋ ଚିତ୍ ଧାରେ ।

ଭାବାର୍ଥ :- ପରମାତ୍ମା ପ୍ରାପ୍ତି ପାଇଁ ଭକ୍ତମାନଙ୍କ ଠାରେ କେତେକ ବିଶେଷ ଲକ୍ଷଣ ରହିବା ଉଚିତ ।

୧. ତତ୍ତ୍ୱଜ୍ଞାନ ୨. ବିବେକ ୩. ସତ୍ୟ ଭାଷଣ ୪. ପରମାତ୍ମା ଯାହା ଦେଇଛନ୍ତି ସେଥିରେ ହିଁ ସନ୍ତୋଷ ହେବା ଏବଂ ତାହା ପରମେଶ୍ୱରଙ୍କର ଇଚ୍ଛା ବୋଲି ଜାଣିବା । ୫. ପ୍ରେମ ଭାବନା ରଖି ଭକ୍ତି କରିବା ତଥା ଅନ୍ୟମାନଙ୍କ ପ୍ରତି ମଧ ମୃଦୁ ଭାଷା ପ୍ରୟୋଗ କରିବା । ୬. ଧୈର୍ଯ୍ୟ ଧରିବା, ସଦଗୁରୁ ଯେଉଁ ଜ୍ଞାନ ଦେଇଛନ୍ତି ସେଥିରେ ସଫଳତା ପାଇବା ପାଇଁ ଧୈର୍ଯ୍ୟ ରଖିବା, ଫଳ ପ୍ରାପ୍ତି ପାଇଁ ବ୍ୟସ୍ତ ନ ହେବା । ୭. କାହା ସହିତ ଦଗାବାଜି(ଧୋକା, ଠକାମୀ) ନ କରିବା । ୮. ସମସ୍ତଙ୍କ ପ୍ରତି ଦୟାଭାବ ରଖିବା । ୯. କ୍ଷମା କରିବା ଗୁଣ ଭକ୍ତ ଓ ସନ୍ଥଙ୍କର ଅଳଙ୍କାର ଅଟେ । ଶତ୍ରୁକୁ ମଧ କ୍ଷମା କରିଦେବା ଉଚିତ୍ ୧୦. ବିନୟଶୀଳ ସ୍ୱଭାବ ହେବା ଉଚିତ । ମନରେ ନିଷ୍କାମ ଭାବ ରଖି ଭକ୍ତି କରିବା ଉଚିତ, ସାଂସାରିକ ଲାଭ ପାଇବା ଉଦ୍ଦେଶ୍ୟରେ ଭକ୍ତି କର ନାହିଁ । ୧୨. ତ୍ୟାଗ ଭାବନା ବହୁତ ଅନିର୍ବାର୍ଯ୍ୟ ଅଟେ । ୧୩. ମନରେ ବୈରାଗ୍ୟ ଭାବ ଆସିବା ଉଚିତ । ଏହି ସଂସାରକୁ ନଗଣ୍ୟ ତଥା ନିଜ ଜୀବନକୁ ଅସ୍ଥାୟୀ ବୋଲି ଜାଣି ପରମାତ୍ମାଙ୍କ ପ୍ରତି ବିଶେଷ ପ୍ରେମ ଭାବ ରଖିବା ମୋକ୍ଷ ପ୍ରାପ୍ତି ମାର୍ଗରେ ଅତି ଆବଶ୍ୟକ ଅଟେ । ୧୪. ଭକ୍ତର ଏକ ବିଶେଷ ଗୁଣ ଶାନ୍ତି ଅଟେ, ଏହା ମଧ ଅନିର୍ବାର୍ଯ୍ୟ ଅଟେ । ୧୫. ଭକ୍ତି କରିବା ଅର୍ଥାତ ଭକ୍ତି କରି ନିଜ ଜୀବର କଲ୍ୟାଣ କରନ୍ତୁ ୧୬. ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ମିତ୍ର ଭଳି ବ୍ୟବହାର କରିବା ଉଚିତ୍ ।

ଉପରୋକ୍ତ ସମସ୍ତ ଗୁଣର ଅଧିକାରୀ ହେବାପରେ ସତଲୋକ ଯିବା ଭକ୍ତ ପକ୍ଷେ ସମ୍ଭବ ହେବ । ଏହା ବ୍ୟତୀତ ଗୁରୁଜୀଙ୍କ ସେବା, ଗୁରୁ ପଦ୍ଧତି ଉପରେ ବିଶ୍ୱାସ ରଖିବା ତଥା ପରମାତ୍ମାଙ୍କ ଭକ୍ତି ଓ ସନ୍ଥ ସମାଗମରେ ସାମିଲ ହେବା ଅତି ଆବଶ୍ୟକ ଅଟେ ।

ଅନୁରାଗ ସାଗର, ପୃଷ୍ଠା ନଂ ୧୫୬ ତଥା ପୃଷ୍ଠା ନଂ୧୫୭ ର ସାରାଂଶ :-

ଉକ୍ତ ପୃଷ୍ଠାଗୁଡ଼ିକରେ ମଧ ଏହି ଜ୍ଞାନ ଅଛି, ବିଷୟ-ବିକାର ତ୍ୟାଗ କରିବା ଦ୍ୱାରା ହିଁ ଭକ୍ତି ସଫଳ ହୋଇଥାଏ ।

ଅନୁରାଗ ସାଗର, ପୃଷ୍ଠା ନଂ ୧୫୮ ର ସାରାଂଶ :-

ପରମେଶ୍ୱର କହିଛନ୍ତି ଯେ ଉପଦେଶୀ ଭକ୍ତଙ୍କୁ ପ୍ରତି୧୫ ତମ ଦିନରେ ଏକ ଧାର୍ମିକ ଅନୁଷ୍ଠାନ ଅର୍ଥାତ ପାଠ କରାଇବା ଉଚିତ । ଯଦି ୧୫ ଦିନରେ ନ କରି ପାରୁଛ ତେବେ ମାସରେ ଥରେ ଅବଶ୍ୟ ପାଠ କରିବେ । ନିର୍ଧନ ବ୍ୟକ୍ତି ପାଇଁ କହିଛନ୍ତି ଯେ ବର୍ଷରେ ଦୁଇଥର କରାଇବେ କିମ୍ବା ବର୍ଷରେ ଥରେ ନିଶ୍ଚୟ କରାଇବ । ବର୍ଷରେ ଥରେ ଯିଏ ନ କରୁଛି ସେହି ଭକ୍ତ ସାକଟ (ଭକ୍ତିଭାବ ହୀନ)ରୂପେ ପରିଗଣିତ ହେବ । ବର୍ଷର ଥରେ ଯଦି ପାଠ କରାଇ ପାରିବ ତେବେ ଜୀବକୁ ମୋକ୍ଷ ପ୍ରାପ୍ତିରେ କୌଣସି ବାଧା ନାହିଁ ।

ଶ୍ରଦ୍ଧାର ସହିତ କବୀର ନାମ ଜପ କରନ୍ତୁ ଅର୍ଥାତ୍ ଗର୍ବର ସହିତ କବୀରଜୀଙ୍କର ନାମ ଉଚ୍ଚାରଣ କରନ୍ତୁ । ଏହି ନାମକୁ ନେଇ କେବେ ଲାଜ୍ଜାବୋଧ କରିବେ ନାହିଁ ଯେ ଏପରି ନାମ କେଉଁ ପରମାତ୍ମାଙ୍କ କଣ ହୋଇପାରେ । ଏଭଳି କରୁଥିବା ବ୍ୟକ୍ତିକୁ ଭୟ କରିବେ ନାହିଁ କି, ସେମାନଙ୍କ ସମ୍ମୁଖରେ ଲଜ୍ୟାବୋଧ ମଧ କରିବେ ନାହିଁ ଏବଂ ତତ୍‌ସହିତ ତୋ (ଧର୍ମଦାସ) ନାମକୁ ମଧ ଆଦରର ସହିତ କହିବେ ।

ଭାବାର୍ଥ ଏହା ଯେ ଆଦରଣୀୟ ଧର୍ମଦାସଙ୍କ ସହିତ ପରମାତ୍ମା ସମୟ ଅତିବାହିତ କରିଥିଲେ, ତାଙ୍କୁ ସାଙ୍ଗରେ ସତ୍ୟଲୋକ ନେଇଗଲେ, ନିଜର ଯଥାର୍ଥ ପରିଚୟ ଦେଲେ । ଧର୍ମଦାସ ଜୀ ସ୍ୱଚକ୍ଷୁରେ ଦେଖିଥିବା ତଥା ପରମେଶ୍ୱରଙ୍କ ଶ୍ରୀମୁଖରୁ ନିଜ କାନରେ ଶୁଣିଥିବା ଆଧ୍ୟାତ୍ମିକ ଜ୍ଞାନକୁ କବୀର ସାଗର, କବୀର ବାଣୀ, କବୀର ଶବ୍ଦାବଳୀ ଇତ୍ୟାଦି ଗ୍ରନ୍ଥ ଲିପିବଦ୍ଧ କରି ମାନବସମାଜର ମହାନ ଉପକାର କରିଛନ୍ତି । ତେଣୁ ଧର୍ମଦାସଜୀଙ୍କର ମହିମା ମଧ୍ୟ ଗାନ କରାଯିବା ଉଚିତ୍ ।

ଭକ୍ତକୁ ଅନ୍ତିମ ନିଃଶ୍ୱାସ ପର୍ଯ୍ୟନ୍ତ ଭକ୍ତି-ସାଧନା ତଥା ମର୍ଯ୍ୟାଦା (ନିୟମ) ପାଳନ କରିବା ଉଚିତ୍ । ଯେପରି ଶୂରବୀର ଯୁଦ୍ଧ ଭୂମିରେ ଶତ୍ରୁକୁ ମାରିଥାଏ କିମ୍ବା ନିଜେ ବୀରଗତିକୁ ପ୍ରାପ୍ତ ହୋଇଥାଏ । ସେ ଯୁଦ୍ଧଭୂମିରେ କଦାପି ପଛ ଘୁଞ୍ଚା ଦେଇ ନଥାଏ । ସନ୍ତ ଓ ଭକ୍ତର ଯୁଦ୍ଧଭୂମି ହେଉଛି ଭକ୍ତି-ମନ୍ତ୍ରଜପ ଓ ମର୍ଯ୍ୟାଦା । ଯେଉଁ ଶିଷ୍ୟ ଗୁରୁଙ୍କ ପ୍ରତି ବିମୁଖ ହୋଇଯାଏ, ନାମ ଖଣ୍ଡିତ କରି ଦିଏ, ସେ ଗୁରୁଙ୍କର ଦୋଷ-ଦୁର୍ବଳତା କାଢ଼ିବା ସ୍ୱଭାବିକ । ଯେଉଁଥିପାଇଁ ସେ ନର୍କର ଅଗ୍ନି କୁଣ୍ଡରେ ପଡ଼ିବ । ଗୁରୁଙ୍କ ପ୍ରତି ବିମୁଖ ହୋଇ ଯଦି ସେ ଭକ୍ତି ଛାଡ଼ିଦେବ ତେବେ ତା'ର ବହୁତ ହାନୀ ହେବ ।

ଉଦାହରଣ ଯେପରି ଇନଭର୍ଟରକୁ ଚାର୍ଜିଙ୍ଗ ପାଇଁ ପ୍ଲଗ୍‌ରେ ଲଗାଇ ରଖିଥିବା ପର୍ଯ୍ୟନ୍ତ ତାହା ଚାର୍ଜ୍ ହେଉଥାଏ । କିନ୍ତୁ ମଝିରେ ଯଦି ଚାର୍ଜର କାଢି ଦିଆଯିବ ତେବେ ଇନଭର୍ଟର ସେହି ସମୟ ପର୍ଯ୍ୟନ୍ତ ଲାଭ ଦେବ ଯେଉଁ ହିସାବରେ ତାହ ଚାର୍ଜ ହୋଇଥିବ, ପୁଣି ହଠାତ ସମସ୍ତ ସୁବିଧା ବନ୍ଦ ହୋଇଯିବ । ସେହି ଶିଷ୍ୟର ଅବସ୍ଥା ଠିକ୍ ଏହି ଭଳି ହେବ ବୋଲି ଜାଣନ୍ତୁ । ମର୍ଯ୍ୟାଦା (ନିୟମ)ରେ ରହି ଗୁରୁ ଚରଣରେ ଯେତେ ଦିନ ପର୍ଯ୍ୟନ୍ତ ଭକ୍ତି କରିଥିବ ସେହି ଶକ୍ତି ପୁଞ୍ଜି ଆକାରରେ ଆତ୍ମା ମଧ୍ୟରେ ଜମା ହୋଇ ରହିଗଲା, ଆତ୍ମା ସେହି ପରିମାଣରେ ଚାର୍ଜ ହୋଇଗଲା । ଯେଉଁ ଦିନ ଗୁରୁଜୀଙ୍କ ପ୍ରତି ବିମୁଖ ହୋଇଯିବ, ସେହି ଦିନ ଠାରୁ ଭକ୍ତିର ଶକ୍ତି ତା'ନିକଟକୁ ଆସିବା ବନ୍ଦ ହୋଇଯିବ । ଗୁରୁ ବିମୁଖ (ଗୁରୁଙ୍କୁ ବିରୋଧ କରି ଗୁରୁଙ୍କୁ ତ୍ୟାଗ କରିଦେବା) ହୋଇ ସେହି ଗୁରୁଙ୍କ ଦ୍ୱାରା ପ୍ରଦତ୍ତ ସାଧନା ମନ୍ତ୍ର ଆଦି କରିବା ଦ୍ୱାରା କୌଣସି ଲାଭ ହୁଏ ନାହିଁ । ଯେପରି ବିଜୁଳି କନେକଶନ କାଟିଯିବା ପରେ ପଙ୍ଖା, ମୋଟର, ବଲ୍‌ବ ଆଦିର ସ୍ୱିଚ୍ ଚାଲୁ କରିବା ଦ୍ୱାରା ନା ପଙ୍ଖା ଘୁରିବ, ନା ବଲ୍‌ବ ଜଳିବ । ଏହି ଦୁର୍ଦ୍ଦଶା ଗୁରୁ ବିମୁଖ ଭକ୍ତର ହେବ, ତା'ପରେ ସେ ନର୍କର ଭାଗୀ ହେବ । କବୀର ପରମେଶ୍ୱର କହିଛନ୍ତି ଯେ:-

କବୀର, ମାନୁଷ ଜନ୍ମ ପାୟକର ଖୋଓ୍ୱେ, ସତଗୁରୁ ବିମୁଖା ଯୁଗ-ଯୁଗ ରୋଓ୍ୱେ ।
କବୀର, ଗୁରୁ ବିମୁଖ ଜୀବ କତହୁ ନ ବଚୈ । ଅଗ୍ନି କୁଣ୍ଡ ମେଁ ଜର-ବର ନାଚୈ ॥
କୋଟି ଜନ୍ମ ବିଷଧର କୋ ପାବୈ । ବିଷ ଜ୍ୱାଳା ସହୀ ଜନ୍ମ ଗମାବୈ ॥
ବିଷ୍ଠା (ଟଟ୍‌ଟି) ମାହିଁ କ୍ରମି ଜନ୍ମ ଧରଇ । କୋଟି ଜନ୍ମ ନରକ ହୀ ପରହୀ ॥

ଭାବାର୍ଥ:- ଗୁରୁ ତ୍ୟାଗ କରି ଦେଇଥିବା ଜୀବ ଆଦୌ ତ୍ରାହି ନାହିଁ । ନର୍କରେ ଥିବା ଅଗ୍ନିକୁଣ୍ଡରେ ଜଳି-ପୋଡି (ଦଗ୍ଧିଭୂତ)ହୋଇ କଷ୍ଟ ଭୋଗିବ । ଅଗ୍ନି ଜ୍ୱାଳାରେ ସେଠାରେ ନାଚିବ ଅର୍ଥାତ ଛଟ୍ ପଟ୍ ହୋଇ ଅଗ୍ନିରେ ପଡିବ-ଉଠିବ ।

ତା'ପରେ କୋଟି କୋଟି ବର୍ଷ ପର୍ଯ୍ୟନ୍ତ ବିଷଧର ସର୍ପ ଯୋନି (ଶରୀର) ପ୍ରାପ୍ତ କରିବ । ସାପ ଶରୀରରେ ଥିବା ବିଷର ଉତ୍ତାପ ତାକୁ ବହୁତ ଯନ୍ତ୍ରଣା ଦେଇଥାଏ । ଗ୍ରୀଷ୍ମ କାଳରେ ସେହି ବିଷ ପ୍ରକୋପରୁ ନିଜକୁ ରକ୍ଷା କରିବା ତଥା ଶୀତଳତା ପାଇଁ ସର୍ପ ଚନ୍ଦନ ବୃକ୍ଷରେ ଗୁଡ଼ାଇ ହୋଇ ରୁହନ୍ତି । ତା'ପରେ ସେହି ଗୁରୁ ବିମୁଖ ଜୀବ ଅର୍ଥାତ୍ ଗୁରୁଦ୍ରୋହୀ ଭକ୍ତ ବିଷ୍ଠା (ମଳ)ରେ କୃମି ଜନ୍ମ ପାଇଥାଏ । ଏହି ଭଳି ଗୁରୁଙ୍କ ଠାରୁ ଦୂରେଇ ଯାଇଥିବା ପ୍ରାଣୀ ମହାକଷ୍ଟ ଭୋଗୀଥାଏ । ଯଦି ଗୁରୁ ନକଲୀ (ଭଣ୍ଡ) ହୋଇଥିବ ତେବେ ତା'କୁ ତ୍ୟାଗ କରି ପୂର୍ଣ୍ଣଗୁରୁଙ୍କ ଶରଣାପନ୍ନ ହେଲେ କୌଣସି ପାପ ଲାଗେ ନାହିଁ ।

କବୀର ଗୁରୁ ଦୟାଲ ତୋ ପୁରୁଷ ଦୟାଲ । ଜେହି ଗୁରୁ ବ୍ରତ ଛୁଏ ନହୀଁ କାଲ୍ ॥

ଭାବାର୍ଥ:- ହେ ଧର୍ମଦାସ ! ଗୁରୁ ଯଦି ଶିଷ୍ୟ ପ୍ରତି ଦୟାବାନ ଅଟନ୍ତି ଅର୍ଥାତ ଗୁରୁଙ୍କ ହୃଦୟରେ ଶିଷ୍ୟର ଛବି ଯଦି ସ୍ୱଚ୍ଛ ଏବଂ ମର୍ଯ୍ୟାଦା (ନିୟମ) ରେ ରହି ସେ ଭକ୍ତି କରୁଛି ତ ପରମାତ୍ମା ମଧ୍ୟ ସେହି ଭକ୍ତ ଉପରେ ପ୍ରସନ୍ନ ହୋଇଥାନ୍ତି । ଅନ୍ୟଥା ଉପରୋକ୍ତ ସମସ୍ତ କଷ୍ଟ ଶିଷ୍ୟକୁ ଭୋଗୀବାକୁ ପଡ଼ିବ ।

ପୃଷ୍ଠା ନଂ୧୬୦ ର ସାରାଂଶ :-

ଏହି ପୃଷ୍ଠାରେ ଗୁରୁ ମହିମା ବିଷୟରେ କିଛି ଉଲ୍ଲେଖ ଅଛି ତଥା କୋଇଲିର ଚାଣକ୍ୟ ନୀତି ବିଷୟରେ ଲେଖାଅଛି ।

''କାଳ ଦ୍ୱାରା ପ୍ରଭାବିତ ଜୀବ ସଦଗୁରୁଙ୍କ ଜ୍ଞାନକୁ ସ୍ୱୀକାର କରେ ନାହିଁ''

"କାଉ - କୋଇଲି" ର ଉଦାହରଣ :- କୋଇଲି କେବେ ନିଜେ ବସା ବାନ୍ଧି ସେଥିରେ ଅଣ୍ଡା ଦେଇ ଛୁଆ ଉତ୍ପନ୍ନ କରେ ନାହିଁ । କାରଣ ଏହା ଯେ କୋଇଲି ଅଣ୍ଡାକୁ କାଉ ଖାଇ ଦେଇଥାଏ । ତେଣୁ ନିଜ ଅଣ୍ଡାର ହାନୀ ନ ହେବା ପାଇଁ କୋଇଲି ଏକ ଉପାୟ ଅବଲମ୍ବନ କରିଥାଏ, ଅଣ୍ଡା ଦେବା ସମୟ ଆସିଲେ କୋଇଲି ଏହି ଧ୍ୟାନ ରଖିଥାଏ ଯେ ମାଈ କାଉ କେଉଁଠାରେ ବସା ବାନ୍ଧି ଅଣ୍ଡା ଉତ୍ପନ୍ନ କରିଛି । ଯେତେବେଳେ ମାଈ କାଉ ଖାଦ୍ୟ ଅନ୍ୱେଷଣରେ ଦୂରକୁ ଉଡ଼ିଯାଇଥାଏ ସେହି ସମୟରେ କୋଇଲି କାଉ ବସାରେ ଅଣ୍ଡା ଦେଇ ଚାଲିଆସେ ଏବଂ ଦୂରରେ ଥିବା କୌଣସି ଏକ ବୃକ୍ଷରେ ବସିଯାଏ ବା ଆଖ ପାଖରେ ଉପସ୍ଥିତ ରହିଥାଏ । ମାଈ କାଉ ଯେତେବେଳେ ବସାକୁ ଫେରିଆସି ଦୁଇଟି ବଦଳରେ ଚାରୋଟି ଅଣ୍ଡା ଦେଖିବାକୁ ପାଇଥାଏ ତ ସେତେବେଳେ ସେ ଚିହ୍ନି ପାରିନଥାଏ ଯେ ମୋ ଅଣ୍ଡା କେଉଁଟି, ଅନ୍ୟ ଅଣ୍ଡା କେଉଁଟି ? ସେଥିପାଇଁ ସେ ସମସ୍ତ ଅଣ୍ଡାକୁ ଉଷୁମ କରି ସେଥିରୁ ଛୁଆମାନଙ୍କୁ ବାହାର କରିଥାଏ । କୋଇଲି ମଧ୍ୟ ପାଖା ପାଖି ରହି ନଜର ରଖିଥାଏ କିନ୍ତୁ ନିଜ ଛୁଆଙ୍କୁ କୋଇଲି ମଧ୍ୟ ଚିହ୍ନିପାରି ନଥାଏ କାରଣ ସବୁ ଛୁଆମାନଙ୍କର ରଙ୍ଗ ଏକାଭଳି (କଳାରଙ୍ଗ) ହୋଇଥାଏ । ଯେତେବେଳେ ପିଲାମାନେ ଉଡ଼ିବାକୁ ଲାଗନ୍ତି, ସେତେବେଳେ କୋଇଲି ନିକଟରେ ଥିବା ଏକ ବୃକ୍ଷରେ ବସି 'କୁହୁ-କୁହୁ' ସ୍ୱର ଶୁଣାଇଥାଏ ଯାହା କୋଇଲିର ଛୁଆମାନଙ୍କୁ ପ୍ରଭାବିତ କରିଥାଏ, କାଉ ଛୁଆମାନେ କିନ୍ତୁ ସ୍ଥିର ରହିଥାନ୍ତି । କୋଇଲିର ସ୍ୱର ଶୁଣି କୋଇଲି ଛୁଆମାନେ କୋଇଲି ଆଡ଼କୁ ଉଡି ଚାଲିଯାନ୍ତି । କୋଇଲି କୁହୁ-କୁହୁ ଶବ୍ଦ କରି ଦୂରକୁ ଉଡ଼ି ଚାଲି ଯାଇଥାଏ, ତା'ପଛେ ପଛେ କୋଇଲି ଛୁଆମାନେ ମଧ୍ୟ ସେହି ସ୍ୱର ପ୍ରତି ଆକୃଷ୍ଟ ହୋଇ କୋଇଲି ପଛେ ପଛେ ଦୂରକୁ ଉଡ଼ି ଯାଇଥାନ୍ତି । କାଉ ଏହି ବିଚାର କରିଥାଏ ଯେ ଯେଉଁମାନେ ଗଲେ ସେମାନେ ତ ଆଉ ଫେରିବେ ନାହିଁ କିନ୍ତୁ ବସାରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ସମ୍ଭାଳିବାକୁ ପଡିବ କାରଣ ଅନ୍ୟ କୌଣସି ପକ୍ଷୀ ସେମାନଙ୍କର ଯେପରି ଅନିଷ୍ଟ ନ କରନ୍ତୁ, ଏହି ବିଚାର କରି ମାଈ କାଉ ଫେରିଆସେ । ଏହିପରି କୋଇଲି ଛୁଆମାନେ ନିଜ କୁଳ-ପରିବାର ସହିତ ମିଶି ଯାଇଥାନ୍ତି ।

ପରମେଶ୍ୱର କବୀରଜୀ ଧର୍ମଦାସଙ୍କୁ ବୁଝାଇ କହିଲେ, ହେ ଧର୍ମଦାସ ! ତୋ ପୁତ୍ର ନାରାୟଣ ଦାସ କାଉ ଅର୍ଥାତ୍ କାଳର ସନ୍ତାନ ଅଟେ । ମୋ ବଚନର ପ୍ରଭାବ ତା' ଉପରେ ପଡ଼ିଲା ନାହିଁ । ତୁମେ କିନ୍ତୁ ଦୟାଳୁ (କରୁଣାମୟ ସତ୍ୟପୁରୁଷ)ଙ୍କର ଅଂଶ ଅଟ । ତେଣୁ ମୋ ପ୍ରତ୍ୟେକ ବାଣୀର ପ୍ରଭାବ ତୁମ ଉପରେ ପଡ଼ିଲା ଏବଂ ତୁମେ ମୋ ପାଖକୁ ଆକର୍ଷିତ ହୋଇ ଚାଲିଆସିଲ । କିନ୍ତୁ କାଳର ଅଂଶ ନାରାୟଣ ଦାସ ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ । ଏହିପରି ଘଟଣା ପ୍ରତ୍ୟେକ ପରିବାରରେ ଘଟିଥାଏ । ଯେଉଁମାନେ ଅଙ୍କୁରୀ ହଂସ ଅର୍ଥାତ ପୂର୍ବ ଜନ୍ମର ଭକ୍ତି ସଂସ୍କାରୀ, କୌଣସି ଏକ ଜନ୍ମରେ ଯେଉଁମାନେ ସଦଗୁରୁ କବୀଜୀଙ୍କ ସତ୍ୟକବୀର ପନ୍ଥରେ ଦୀକ୍ଷିତ ଥିଲେ କିନ୍ତୁ ତାଙ୍କର ମୁକ୍ତି ହୋଇ ପାରି ନ ଥିଲା, ସେମାନେ ଯେ କୌଣସି ପରିବାରରେ ଜନ୍ମିଲେ ମଧ୍ୟ ସଦଗୁରୁ କବୀର ଜୀଙ୍କ ବାଣୀ ଶୁଣିବା କ୍ଷଣି ବ୍ୟକୁଳ ହୋଇ ଉଠନ୍ତି । ଆକର୍ଷିତ ହୋଇ ଦୀକ୍ଷା ପ୍ରାପ୍ତ କରି, ଶିଷ୍ୟ ହୋଇ ନିଜର କଲ୍ୟାଣ କରାଇଥାନ୍ତି । ସେହି ପରିବାରରେ ଏଭଳି କିଛି ସଦଶ୍ୟ ଥାଆନ୍ତି ଯେଉଁମାନେ

ଆଦୌ ସ୍ୱୀକାର କରନ୍ତି ନାହିଁ । ପରିବାରର ଅନ୍ୟ ଯେଉଁ ଦୀକ୍ଷିତ ସଦସ୍ୟଙ୍କୁ ବିରୋଧ ତଥା ଥଟ୍ଟା-ପରିହାସ କରିଥାନ୍ତି । ସେମାନେ କାଳର ଅଂଶ ଅଟନ୍ତି । ସେମାନେ ନାରାୟଣ ଦାସ ଭଳି କାଳ ଦୂତମାନଙ୍କ ଦ୍ୱାରା ପ୍ରଚଳିତ ସାଧନା ହିଁ କରିଥାନ୍ତି ।

ଅନୁରାଗ ସାଗର ପୃଷ୍ଠା ନଂ୧୬୧ର ସାରାଂଶ :-

କବୀର ପରମାତ୍ମା କହୁଛନ୍ତି ଯେ ହେ ଧର୍ମଦାସ ! ଶୂରବୀର ଓ କୋଇଲି ଛୁଆ (ସନ୍ତାନ) ଯିବା ସମୟରେ ଯେପରି ପଛକୁ ଚାହିଁ ଦେଖିନଥାନ୍ତି । ଏହି ଭଳି ସମସ୍ତ ବାଧା-ବିଘ୍ନକୁ ଏଡାଇ, ପରିବାରର ମୋହ-ମାମତାକୁ ଛାଡି, ଯଦି କେହି ଦୌଡି ଆସି ମୋ ଚରଣରେ ଶରଣାପନ୍ନ ହୁଏ ତେବେ ମୁଁ ତା'ର ଏକ ଶହ ଏକ ପିଢ଼ିକୁ ପାରି କରିଦେବି ।

କବୀର, ଭକ୍ତ ବୀଜ ହୋୟ ଜୋ ହଂସା । ତାରୂଂ ତାସ କେ ଏକୋତର ବଂଶା ॥
କବୀର କୋୟଲ ସୁତ ଜୈସେ ଶୂରା ହୋଇ । ୟହୀ ବିଧି ଧାୟା ମିଲୈ ମୋହେ କୋଇ ॥
ନିଜ ଘର୍ କୀ ସୂରତୀ କରୈ ଜୋ ହଂସା । ତାରୋଂ ତାସ କେ ଏକୋତର ବଂଶା ॥

ହଂସ (ଭକ୍ତ)ର ଲକ୍ଷଣ

କାଉ ପରି ଖରାପ ପ୍ରବୃତ୍ତି ଯିଏ ତ୍ୟାଗ କରିପାରିବ ସେ ହଂସ ଅର୍ଥାତ ଭକ୍ତ ହୋଇପାରିବ । କାଉ ନିଜର ସ୍ୱାର୍ଥ ସାଧନ ପାଇଁ ଅନ୍ୟର ଅନିଷ୍ଟ କରିଥାଏ । କୌଣସି ପଶୁ ଶରୀରରେ ଘାଆ ହୋଇଯାଇଥିଲେ କାଉ ସେହି ଘା'କୁ ଖୁମ୍ପି ଖୁମ୍ପି ମାଂସ ଖାଇଥାଏ, ପଶୁର ଆଖିରୁ ଅଶ୍ରୁ ବୋହିବାରେ ଲାଗିଥାଏ । କାଉର ସ୍ୱର ମଧ୍ୟ କର୍କଶ ହୋଇଥାଏ । ହଂସ (ଭକ୍ତ) କାଉ ପରି ନିଜ ସ୍ୱଭାବ ତ୍ୟାଗ କରିବା ଉଚିତ୍ । ନିଜ ସ୍ୱାର୍ଥ ପାଇଁ କାହାରିକୁ କଷ୍ଟ ଦେବା ଅନୁଚିତ୍ । କୋଇଲି ଭଳି ମୃଦୁଭାଷୀ ହେବା ଉଚିତ୍ । ଏହା ଭକ୍ତର ଲକ୍ଷଣ ହୋଇଥାଏ ।

''ଜ୍ଞାନୀ ଅର୍ଥାତ୍ ସତସଙ୍ଗୀର ଲକ୍ଷଣ''

ସତଗୁରୁଙ୍କଠାରୁ ଜ୍ଞାନ ଓ ଦୀକ୍ଷା ପ୍ରାପ୍ତ କରି ଶିଷ୍ୟ ଯଦି ଜଗତ ହିସାବରେ ଚାଲୁଛି ତେବେ ସେ ମୂର୍ଖ ଅଟେ । ଭକ୍ତିରୁ ମିଳିବାକୁ ଥିବା ଲାଭରୁ ସେ ବଞ୍ଚିତ ହୁଏ । ଭକ୍ତି ମାର୍ଗରେ ସେ ଆଗକୁ ବଢିପାରେ ନାହିଁ । ସେମାନେ ସାରଶବ୍ଦ ପ୍ରାପ୍ତି ପାଇଁ ଯୋଗ୍ୟ ହୋଇ ପାରନ୍ତି ନାହିଁ । ଯଦି ଅନ୍ଧ ବ୍ୟକ୍ତିର ଗୋଡ ବିଷ୍ଠା (ମଳ) ବା ଗୋବର ଉପରେ ପଡିଯାଏ ତେବେ ତା ସହିତ କେହି ଥଟ୍ଟା ମଜା କରିନଥାନ୍ତି । ତାକୁ ଚାହିଁ କେହି ହସି ନ ଥାନ୍ତି । କିନ୍ତୁ ଆଖି ଥିବା ବ୍ୟକ୍ତି ଅର୍ଥାତ ଭକ୍ତ ଯଦି ଖରାପ ସ୍ଥାନକୁ ଯିବ (ପରନାରୀ ଗମନ, ଚୋରୀ କରିବା, ନିୟମ-ମର୍ଯ୍ୟାଦା ଭଙ୍ଗ କରିବା, ବର୍ଜିତ ବସ୍ତୁ ଓ ସାଧନା ପ୍ରୟୋଗ କରିବାକୁ ଖରାପ ସ୍ଥାନ କୁହାଯାଇଛନ୍ତି) ତବେ ସେ ନିନ୍ଦାର ପାତ୍ର ହେବ ।

ଅନୁରାଗ ସାଗର ପୃଷ୍ଠା ନଂ ୧୬୨ ଓ ୧୬୩ ର ସାରାଂଶ :-

''ଭକ୍ତ ପରମାର୍ଥୀ ହେବା ଉଚିତ୍''

ଗାଈ ଯେପରି ଜଙ୍ଗଲ ଓ କ୍ଷେତ ଆଦିରୁ ସ୍ୱୟଂ ଘାସ ଚରିଆସିଥାଏ, ସ୍ୱୟଂ ଜଳ ପିଇଥାଏ । କିନ୍ତୁ ମାନବକୁ ଅମୃତ ଦୁଗ୍ଧ ପିଆଇଥାଏ । ତା' ଦୁଗ୍ଧରୁ ଘିଅ ହୋଇଥାଏ । ଗାଈ ସୁତ ଅର୍ଥାତ୍ ଗାଈ ଛୁଆକୁ ହଳ କାମରେ ଲଗା ଯାଇଥାଏ । ସେ ମଣିଷର ପୋଷଣ କରିଥାଏ । ଗାଈର ଗୋବର ମଧ୍ୟ ମଣିଷର କାମରେ ଆସିଥାଏ । ମୃତ୍ୟୁପରେ ଗାଈ ଚମଡ଼ାରୁ ଜୋତା ତିଆରି ହୋଇଥାଏ ଯାହା ମାନବର ପାଦକୁ କଣ୍ଟା ଓ ପଥର ଆଦିରୁ ରକ୍ଷା କରିଥାଏ । କିନ୍ତୁ ମାନବ ଜନ୍ମ ପ୍ରାପ୍ତ ପ୍ରାଣୀ (ଆତ୍ମା) ପରମାର୍ଥ କାର୍ଯ୍ୟ ନ କରି, ଭକ୍ତିରୁ ବଞ୍ଚିତ ରହି, ପାପ କର୍ମ କରି ନିଜ ଅମୂଲ୍ୟ ଜୀବନକୁ ନଷ୍ଟ କରିଥାଏ । ମାଂସାହାରୀ ନରରାକ୍ଷସ ଭଳି, ଗାଈକୁ ମାରି ତା' ମାଂସ ଖାଇ ମହାପାପର ଭାଗୀ ହୋଇଥାଏ । ଏହି ପ୍ରସଙ୍ଗ ସମ୍ବନ୍ଧିତ ପରମେଶ୍ୱର କବୀରଜୀଙ୍କର ବାଣୀ ନିମ୍ନରେ ପଢ଼ନ୍ତୁ :-

"ପରମାର୍ଥୀ ଗାଈର ଦୃଷ୍ଟାନ୍ତ"

ଗଉକୋ ଜାନୁ ପରମାର୍ଥ ଖାନୀ । ଗଉ ଚାଲ ଗୁଣ ପରଖହୁ ଜ୍ଞାନୀ ॥
ଆପନ ଚରେ ତୃଣ ଉଦ୍ୟାନା । ଅଞ୍ଚବେ ଜଳ ଦେ କ୍ଷୀର ନିଦାନା ॥

ତାସୁ କ୍ଷୀର ଘୃତ ଦେବ ଅଘାହୀଂ । ଗୌ ସୁତ ନର କେ ପୋଷକ ଆହୀଂ ॥
ବିଷ୍ଠା ତାସୁ କାଜ ନର ଆବେ । ନର ଅଘ କର୍ମୀ ଜନ୍ମ ଗମାବେ ॥
ଟୀକା ପୁରେ ତବ ଗୌ ତନ ନାସା । ନର ରାକ୍ଷସ ଗୋତନ ଲେତ ଗ୍ରାସା ॥
ଚାମ ତାସୁ ତନ ଅତି ସୁଖଦାଇ । ଏତିକ ଗୁଣ ଇକ ଗୋତନ ଭାଇ ॥

"ପରମାର୍ଥୀ ସନ୍ଥଙ୍କ ଲକ୍ଷଣ"

ଗୌ ସମ ସନ୍ଥ ଗହେ ୟହ ବାଣୀ । ତୋ ନହିଂ କାଳ କରୈ ଜିବହାନୀ ॥
ନରତନ ଲହି ଅସ ବୁଦ୍ଧି ହୋଇ । ସତଗୁରୁ ମିଲେ ଅମର ହ୍ୱୈ ସୋଇ ॥
ସୁନି ଧର୍ମନି ପରମାରଥ ବାଣୀ । ପରମାରଥତେ ହୋୟ ନ ହାନୀ ॥
ପଦ ପରମାରଥ ସନ୍ଥ ଅଧାରା । ଗୁରୁ ସମ ଲେଇ ସୋ ଉତରେ ପାରା ॥
ସତ୍ୟ ଶବ୍ଦ କୋ ପରିଚୟ ପାବୈ । ପରମାରଥ ପଦ ଲୋକ ସିଧାବୈ ॥
ସେବା କରେ ବିସାରେ ଆପା । ଆପା ଥାପ ଅଧିକ ସନ୍ତାପା ॥
ୟହ ନର ଅସ ଚାତୁର ବୁଦ୍ଧିମାନା । ଗୁନ ସୁଭ କର୍ମ କହୈ ହମ ଠାନା ॥
ଉଞ୍ଚା କର୍ମ ଅପନେ ସିର ଲୀହ୍ନା । ଅବଗୁଣ କର୍ମ ପର ସିର ଦୀହ୍ନା ॥
ତାତ ହୋୟ ଶୁଭ କର୍ମ ବିନାଶା । ଧର୍ମଦାସ ପଦ ଗହୋ ବିଶ୍ୱାସା ॥
ଆଶା ଏକ ନାମକୀ ରାଖେ । ନିଜ ଶୁଭକର୍ମ ପ୍ରଗଟ ନହିଁ ଭାଖେ ॥
ଗୁରୁପଦ ରହେ ସଦା ଲୌ ଲୀନା । ଜୈସେ ଜଳହି ନ ବିସରତ ମୀନା ॥
ଗୁରୁକେ ଶବ୍ଦ ସଦା ଲୌ ଲାବେ । ସତ୍ୟନାମ ନିଶଦିନ ଗୁଣ ଗାବୈ ॥
ଜୈସେ ଜଳହି ନ ବିସରେ ମୀନା । ଐସେ ଶବ୍ଦ ଗହେ ପରବୀନା ॥
ପୁରୁଷ ନାମକୋ ଅସ ପରଭାଉ । ହଂସା ବହୁରି ନ ଜଗମହଁ ଆଉ ॥
ନିଶ୍ଚୟ ଜାୟ ପୁରୁଷ କେ ପାସା । କୂର୍ମକଳା ପରଖହୁ ଧର୍ମଦାସା ॥

ଭାବାର୍ଥ:- ପରମେଶ୍ୱର କବୀରଜୀ, ଧର୍ମଦାସଜୀଙ୍କ ମାଧ୍ୟମରେ ମାନବକୁ ସଂଦେଶ ଓ ନିର୍ଦ୍ଦେଶ ଦେଇଛନ୍ତି । କହିଛନ୍ତି ଯେ ମାନବକୁ ଗାଈ ଭଳି ପରମାର୍ଥୀ ହେବା ଉଚିତ୍ । ଯେଉଁମାନଙ୍କୁ ସଦଗୁରୁ ମିଳିସାରିଛନ୍ତି ସେମାନେ ତ ଅମର ହୋଇଯିବେ । ଘୋର ଅଘୋ (ପାପ)ରୁ ରକ୍ଷା ପାଇଯିବେ । ସେବା କରି ନିଜ ମହିମା(ପ୍ରଶଂସା)ର ଆଶା କଦାପି ରଖ ନାହିଁ । ଯଦି ନିଜେ ନିଜକୁ ସବାସି (ଆତ୍ମ ବଡିମା ପାଇଁ ନିଜେ ନିଜର ପ୍ରଶଂସା କରିବା) ଦେବ ତେବେ ତାକୁ ଅଧିକ କଷ୍ଟ ହେବ । ଶୁଭକର୍ମ ନଷ୍ଟ ହୋଇଯିବ ।

ଉପଦେଶୀ କେବଳ ସେହି ଏକ ନାମର ଆଶା ରଖିବା ଉଚିତ୍ । ଆତ୍ମବଡିମା ଭାବ ହୃଦୟରୁ ବାହାର କରିଦିଅ । ନିଜ ଶୁଭକର୍ମ (ଦାନ ବା ଅନ୍ୟ ସେବା) ବିଷୟରେ ଅନ୍ୟକୁ କୁହନାହିଁ । ଗୁରୁଜୀଙ୍କ ପଦ (ଚରଣ) ଅର୍ଥାତ୍ ଗୁରୁଙ୍କ ଶରଣ ତଳେ ଏପରି ପଡି ରୁହ ଯେପରି ଜଳରେ ମୀନ ରହିଥାଏ । ଜଳ ବିନା ମାଛ ଗୋଟିଏ କ୍ଷଣ ରହିପାରେ ନାହିଁ, ତୁରନ୍ତ ମରିଯାଏ । ଠିକ୍ ଏହିଭଳି ଗୁରୁଙ୍କ ଶରଣକୁ ମହତ୍ତ୍ୱ ଦିଅ । ଗୁରୁଜୀଙ୍କ ଦ୍ୱାରା ପ୍ରଦତ୍ତ ଶବ୍ଦ ଅର୍ଥାତ୍ ଜପମନ୍ତ୍ର (ସତଗୁରୁ ଶବ୍ଦ) ଯାହା ସତ୍ୟନାମ ଅଟେ, ସେହି ବାସ୍ତବିକ ଭକ୍ତି ମନ୍ତ୍ରରେ ସର୍ବଦା ଲୀନ ରୁହ ଯାହା ପୁରୁଷ (ପରମାତ୍ମା)ଙ୍କ ଭକ୍ତିମନ୍ତ୍ର ଅଟେ, ସେହି ମନ୍ତ୍ରର ଏଭଳି ପ୍ରଭାବ ଅଛି, ସେଥିରେ ଏତେ ଶକ୍ତି ଅଛି ଯେ ସାଧକ ଜନ୍ମ-ମରଣ ଚକ୍ରରେ ପଡ଼ିବାକୁ ପୁନର୍ବାର ଏ ସଂସାରକୁ ଆସେ ନାହିଁ । ସେ ସେହି ସନାତନ ପରମଧାମକୁ ଚାଲିଯାଏ ଯେଉଁଠି ପରମ ଶାନ୍ତି ଅଛି । ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ସଂସାରକୁ ଫେରି ଆସେନାହିଁ ।

ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୧୮ର ଶ୍ଳୋକ ୬୨ରେ ମଧ୍ୟ ଏହି ପ୍ରମାଣ ଅଛି । ଗୀତା ଜ୍ଞାନଦାତା କହିଛନ୍ତି ଯେ ହେ ଅର୍ଜୁନ ! ତୁମେ ସର୍ବଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯାଅ, ସେହି ପରମେଶ୍ୱରଙ୍କ କୃପାରେ ତୁମେ ପରମଶାନ୍ତି ଓ ସନାତନ ପରମ ଧାମ (ଶାଶ୍ୱତମ୍ ସ୍ଥାନମ୍) ପ୍ରାପ୍ତ ହେବ । (ଅଧ୍ୟାୟ ୧୮ ଶ୍ଳୋକ ୬୨)

ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ତତ୍ତ୍ୱଜ୍ଞାନ ପ୍ରାପ୍ତି ପରେ ପରମେଶ୍ୱରଙ୍କର ସେହି ପରମ ପଦକୁ ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବା ପରେ ସାଧକ ସଂସାରକୁ ପୁନର୍ବାର ଫେରି ଆସେ ନାହିଁ । ଯେଉଁ ପରମେଶ୍ୱର ଏହି ସଂସାର ରୂପୀ ବୃକ୍ଷର ରଚନା କରିଛନ୍ତି, ସେହି ପରମେଶ୍ୱରଙ୍କର ଭକ୍ତି କର । (ଅଧ୍ୟାୟ ୧୫ ଶ୍ଳୋକ ୪)

ଗୀତା ଜ୍ଞାନଦାତା ନିଜ ନାଶବାନ ଅର୍ଥାତ ଜନ୍ମ-ମରଣ ସ୍ଥିତି ବିଷୟରେ ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨, ଅଧ୍ୟାୟ ୪ ଶ୍ଳୋକ ୫,୯ ରେ ତଥା ଅଧ୍ୟାୟ ୧୦ ଶ୍ଳୋକ ୨ ରେ ସ୍ପଷ୍ଟ କରି କହିଛନ୍ତି ଯେ ଅର୍ଜୁନ! ତୋର ଆଉ ମୋର ବହୁତ ଜନ୍ମ ହୋଇ ସାରିଛି, ତୁ ଜାଣି ନାହୁଁ, ମୁଁ ଜାଣିଛି । ପାଠକଗଣ! ଗୀତାରୁ ଏହା ସ୍ପଷ୍ଟ ହେଲା ଯେ ଗୀତା ଜ୍ଞାନଦାତା (କାଳ ବ୍ରହ୍ମ ଅଟେ ଯିଏ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବେଶ କରି ଗୀତାଜ୍ଞାନ କହିଥିଲା) ନାଶବାନ ଅଟେ, ସେ ସ୍ୱୟଂ ଜନ୍ମ-ମରଣ ଚକ୍ରରେ ଅଛି ତେଣୁ ତା' ଉପାସକର ମଧ୍ୟ ଏହି ଅବସ୍ଥା ହୋଇଥାଏ । ତେଣୁ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ତଥା ଅଧ୍ୟାୟ ୧୫ ଶ୍ଳୋକ ୪ରେ ଯେଉଁ ଲାଭ ବିଷୟରେ ବର୍ଣ୍ଣିତ ଅଛି ତାହା ସେମାନଙ୍କୁ ପ୍ରାପ୍ତ ହେବ ନାହିଁ । ଆଉ ଗୋଟିଏ କଥା ପ୍ରମାଣିତ ହେଉଛି ଯେ ଗୀତା ଜ୍ଞାନଦାତା ଠାରୁ ଭିନ୍ନ ଅନ୍ୟ ଜଣେ ସମର୍ଥ ତଥା ସର୍ବ ଲାଭଦାୟକ ପରମେଶ୍ୱର ଅଛନ୍ତି ଯାହାଙ୍କ ଶରଣକୁ ଯିବା ପାଇଁ ସ୍ୱୟଂ ଗୀତା ଜ୍ଞାନଦାତା ଅର୍ଥାତ କାଳ ବ୍ରହ୍ମ କହିଛି । ସେହି ପରମେଶ୍ୱର କବୀର ବନ୍ଦୀ ମୁକ୍ତିଦାତା ଅଟନ୍ତି । ନିଜ ମହିମା ବିଷୟରେ ସ୍ୱୟଂ ହିଁ କହିଛନ୍ତି ଯାହା ଆପଣ କବୀର ସାଗରରେ ପଢୁଛନ୍ତି । ଅନୁରାଗ ସାଗରର ପୃଷ୍ଠା ନଂ୧୩ ରେ ପରମେଶ୍ୱର କହିଛନ୍ତି ଯେ ସତ୍ୟ ପୁରୁଷଙ୍କ ଦ୍ୱାରା ରଚିତ ସୃଷ୍ଟି ବିଷୟରେ କହିଥିବା କଥାର ସାକ୍ଷୀ କାହାକୁ ରଖିବି, କାରଣ ସମସ୍ତଙ୍କର ଉତ୍ପତ୍ତି ପରେ ହୋଇଛି । ପ୍ରଥମେ ସତ୍ୟପୁରୁଷ ଏକୁଟିଆ ଥିଲେ । ବିଚାରଣୀୟ ବିଷୟ ଏଠାରେ ଏହା ଯେ ସୃଷ୍ଟି ରଚନା ସମୟରେ ଯଦି କେହି ନ ଥିଲେ ପୁଣି କବୀରଜୀଙ୍କୁ କିପରି ଜ୍ଞାନ ହେଲା ? ଏଥିରୁ ପ୍ରମାଣିତ ହେଉଛି ଯେ କବୀରଜୀ ହିଁ ସ୍ୱୟଂ ପୂର୍ଣ୍ଣ ପରମାତ୍ମା ସୃଷ୍ଟିର ସୃର୍ଜନ କର୍ତ୍ତା ଅଟନ୍ତି । ଯେଉଁ ମହାନ ଆତ୍ମାମାନଙ୍କୁ ପରମେଶ୍ୱର କବୀରଜୀ ଦର୍ଶନ ଦେଇଛନ୍ତି, ସେ ମଧ୍ୟ ଏହି ସାକ୍ଷୀ ଦେଇଛନ୍ତି ଯେ :-

ଗରୀବ ଅନନ୍ତ କୋଟି ବ୍ରହ୍ମାଣ୍ଡ କା, ଏକ ରତି ନହୀଁ ଭାର ।
ସତଗୁରୁ ପୁରୁଷ କବୀର ହୈ, କୁଲକେ କେ ସିର୍ଜନହାର ॥

ଏହି ବାଣୀରୁ ଭାବାର୍ଥ ସ୍ପଷ୍ଟ ହେଉଛି ।

"କୂର୍ମ କଲା ପର୍‌ଖୋ ଧର୍ମଦାସା"ର ଭାବାର୍ଥ ଏହା ଯେ ଯେପରି କୂର୍ମ ଅର୍ଥାତ୍ କଇଁଛ ବିପଦ ସମୟରେ ନିଜର ମୁଖ ଓ ଗୋଡ଼ଗୁଡ଼ିକୁ ନିଜ ଶରୀର ମଧ୍ୟରେ ଲୁଚାଇଦେଇ ନିଷ୍କ୍ରିୟ ହୋଇଯାଇଥାଏ ଏବଂ ବିପଦ ଟଳିଯିବାର ପରେ ତୁରନ୍ତ ନିଜ ମାର୍ଗରେ ଅଗ୍ରସର ହୋଇଥାଏ । ଏହିପରି ସଂସାରିକ ବ୍ୟକ୍ତି ଯଦି ଆପଣଙ୍କ ଭକ୍ତି ମାର୍ଗରେ ବାଧା ଉତ୍ପନ୍ନ କରୁଛି ତେବେ ତାକୁ ପ୍ରତିଉତ୍ତର ନଦେଇ ନିଜ ଭକ୍ତିକୁ ଲୁଚାଇ ସୁରକ୍ଷିତ ରଖ । ସ୍ଥିତି ସୁଧୁରିବା କ୍ଷଣି ପୁଣି ସେହି ବେଗରେ ସାଧନା କର । ଏହିଭଳି କରିବା ଦ୍ୱାରା "ନିଶ୍ଚୟ ଜାୟ ପୁରୁଷକେ ପାସା" ସେହି ସାଧକ ପରମାତ୍ମାଙ୍କ ପାଖକୁ ନିଶ୍ଚୟ ଚାଲିଯିବ ।

ଅନୁରାଗ ସାଗର ପୃଷ୍ଠା ନଂ ୧୬୩ (୨୮୧) ରେ :-

ସୋରଠା :- ହଂସ ତହାଁ ସୁଖ ବିଲସହୀଁ, ଆନନ୍ଦ ଧାମ ଅମୋଲ ।
ପୁରୁଷ ତନୁ ଛବି ନିରଖହିଂ, ହଂସ କରେଂ କିଲୋଲ ॥

ଭାବାର୍ଥ :- ଉପରୋକ୍ତ ଜ୍ଞାନ ଆଧାରରେ ସାଧନା କରି ସାଧକ ଅମରଧାମକୁ ଚାଲି ଯାଇଥାଏ । ସେଠାରେ ଶୁଖ ଭୋଗ କରିଥାଏ । ସେହି ସତ୍ୟଲୋକ ବହୁମୂଲ୍ୟ ଅଟେ । ସେଠାରେ ସତ୍ୟପୁରୁଷଙ୍କ ଶରୀରର ଶୋଭାକୁ ଦେଖି ହଂସାତ୍ମାମାନେ ଆନନ୍ଦିତ ହୋଇଥାନ୍ତି ।

ଝ ଦୀକ୍ଷା ପ୍ରାପ୍ତି କରି ନାମ ସ୍ମରଣ କରିବା ଅନିବାର୍ଯ୍ୟ :-

ଅଧ୍ୟାୟ "ବୀରସିଂହ ବୋଧ" ପୃଷ୍ଠା ନଂ ୧୨୩ :-

ରାଜା ବୀର ସିଂହଙ୍କର ସୁନ୍ଦରଦେଈ ନାମକ ଜଣେ ସାନ ରାଣୀ ଥିଲେ । ସେ ମଧ୍ୟ ପରମେଶ୍ୱର କବୀରଜୀଙ୍କ ଠାରୁ ଦୀକ୍ଷା ନେଇଥିଲେ । ସେ ବହୁତ ସତସଙ୍ଗ ଶୁଣି ସାରିଥିଲେ କିନ୍ତୁ ବିଶ୍ୱାସ କମ ଥିଲା, ନାମଜପ ରୂପକ ପୁଞ୍ଜି ଉପାର୍ଜନ ଅର୍ଥାତ ସାଧନା କରୁନଥିଲେ । ରାଣୀଙ୍କର ଅନ୍ତିମ ସମୟ ଉପନିତ ହେବା ପରେ ଯମ ଦୂତମାନେ ରାଜଭବନ ଭିତରକୁ ପ୍ରବେଶ କଲେ । ପୁଣି ଯମଦୂତମାନେ ରାଣୀଙ୍କ ଶରୀର ମଧ୍ୟକୁ ପ୍ରବେଶ କରି ଅନ୍ତିମ ନିଶ୍ୱାସର ଅପେକ୍ଷାରେ ରହିଲେ । ରାଣୀ ସୁନ୍ଦରଦେଈ ବ୍ୟତିବ୍ୟସ୍ତ ହୋଇପଡିଲେ । ରାଣୀଙ୍କୁ ଯମଦୂତଗଣ ଦୃଶ୍ୟମାନ ହେବାକୁ ଲାଗିଲେ । ରାଜା, ରାଣୀଙ୍କୁ ପଚାରିଲେ କ'ଣ ହେଲା ? ରାଣୀ କହିଲେ, ମୋତେ ରାଜଭୋଗ, ମହଲ, ଅଳଙ୍କାର ଆଦି କିଛି ବି ଭଲ ଲାଗୁନାହିଁ, ସାଧୁ-ସନ୍ଥ, ଭକ୍ତମାନଙ୍କୁ ଡ଼କାଇ ପରମାତ୍ମାଙ୍କର ଚର୍ଚ୍ଚା କରାନ୍ତୁ । ସାଧୁ-ସନ୍ଥ ଓ ଭକ୍ତମାନେ ଆସି ପରମାତ୍ମାଙ୍କର ଚର୍ଚ୍ଚା ତଥା ଭକ୍ତି କରିବାକୁ ଲାଗିଲେ । କିନ୍ତୁ କୌଣସି ଲାଭ ହେଲା ନାହିଁ । ରାଣୀଙ୍କ ଶରୀରର କଷ୍ଟ ଅଧିକ ବଢ଼ିଗଲା । ନିଶ୍ୱାସ-ପ୍ରଶ୍ୱାସର ଗତି ମନ୍ଥର ହୋଇଗଲା । ନିଃଶ୍ୱାସ-ପ୍ରଶ୍ୱାସ ରହି ରହି ଯିବା-ଆସିବା କରିବାକୁ ଲାଗିଲା । ହୃଦୟ(ଚକ୍ର) କମଳକୁ ତ୍ୟାଗ କରି, ଜୀବ ଭୟଭୀତ ହୋଇ ତ୍ରିକୁଟୀ ଆଡ଼କୁ ପଳାୟନ କଲା, ଯମଦୂତମାନେ ଚାରିପଟୁ ଘେରିଗଲେ । ଚାରିଜଣ ଯମଦୂତ ଜୀବକୁ ଘେରିଯାଇ କହିଲେ, ଆପଣ ଚାଲନ୍ତୁ ! ଆପଣଙ୍କୁ ହରି(ପ୍ରଭୁ) ଡକାଉଛନ୍ତି । ତା'ପରେ ସେହି ଜୀବ (ରାଣୀ)କୁ ସତସଙ୍ଗ ମନେ ପଡ଼ିଗଲା । ସେ ଯମଦୂତମାନଙ୍କୁ କହିଲା, ଆରେ ବଦମାସ୍ ! ଆରେ ଅତ୍ୟାଚାରୀ ! ତୁମ୍ଭେମାନେ ଏଠାରେ କେମିତି ପହଞ୍ଚିଗଲ ? ଆମ୍ଭ ସଦଗୁରୁ ଆମ୍ଭ ମାଲିକ ଅଟନ୍ତି । ତୁମ୍ଭେମାନେ ମୋତେ କଦାପି ନେଇପାରିବ ନାହିଁ । ମୋ ସଦଗୁରୁ ଧନୀ (ମାଲିକ) ମୋତେ ନାମ (ମନ୍ତ୍ର) ଦେଇଛନ୍ତି । ମୋ ଗୁରୁଜୀ ଆସିବା ପରେ ମୁଁ ଯିବି । ଏକଥା ଶୁଣି ଯମଦୂତମାନେ କହିଲେ, ଯଦି ଆପଣଙ୍କର କେହି ସ୍ୱାମୀ (ଧନୀ) ଅଛନ୍ତି ତେବେ ତାକୁ ଡ଼କାଅ, ନଚେତ୍ ଆମ୍ଭ ସହିତ ପରମାତ୍ମାଙ୍କ ଦରବାରକୁ ଚାଲ । ଜୀବ କହିଲା :-

ଧରଣୀ (ପୃଥୀ) ଆକାଶ ସେ ନଗର ନିଆରା । ତହାଁ ନିବାଜୈ ଧନୀ ହମାରା ॥
ଅଗମ ଶବ୍ଦ ଜବ ଭାଖୈ ନାଉଂ । ତବ ଯମ ଜୀବ କେ ନିକଟ ନହୀଁ ଆଉଂ ॥

ଭାବାର୍ଥ :- ପ୍ରଥମେ ରାଣୀଙ୍କୁ ଏହା ବିଶ୍ୱାସ ହେଉ ନଥିଲା ଯେ ସତସଙ୍ଗରେ ସଦଗୁରୁ ଜୀ ଯେଉଁ ଜ୍ଞାନ ଶୁଣାଉଛନ୍ତି, ତାହା ସତ୍ୟ । ସେ ଭାବୁଥିଲେ ଯେ ଏହା କେବଳ କାହାଣୀ ଅଟେ, କାରଣ ଚାକର ଚାକରାଣୀମାନେ ଆଦେଶ ମିଳିବା ମାତ୍ରେ ହିଁ ଧାଇଁ ଆସୁଥିଲେ । ମନ ପସନ୍ଦର ଖାଦ୍ୟ ଖାଇବାକୁ ମିଳୁଥିଲା, ପିନ୍ଧିବାକୁ ସୁନ୍ଦର ବସ୍ତ୍ର-ଅଳଙ୍କାର ମିଳିଯାଉଥିଲା । ସେ ଭାବୁଥିଲା ଯେ ଏହିଭଳି ସୁଖ ସଦା ସର୍ବଦା ମିଳୁଥିବ । ପୂର୍ବ ଜନ୍ମର ବ୍ୟାଟେରି ଚାର୍ଜ ଥିବାରୁ ଏହି ସୁଖ ମିଳୁଥିଲା । ବର୍ତ୍ତମାନ ଚାର୍ଜର (ନାମ)ମିଳିଲା କିନ୍ତୁ ତାକୁ ଚାଲୁ କଲେ ନାହିଁ ଅର୍ଥାତ ସାଧନା କଲେ ନାହିଁ । ଚାର୍ଜ ସମାପ୍ତ ହୋଇଗଲେ ବ୍ୟାଟେରି ଡ଼ାଉନ୍ ହୋଇଯାଏ ତଥା ସେଥିରୁ ମିଳୁଥିବା ସମସ୍ତ ସୁବିଧା ବନ୍ଦ ହୋଇଯାଇଥାଏ । ତା'ପରେ ନା ପଙ୍ଖା ଚାଲିଥାଏ, ନା ବଲବ୍ ଜଳିଥାଏ । ଯେତେ ସୁଇଚ୍ ଚିପିଲେ ମଧ୍ୟ କୌଣସି କାର୍ଯ୍ୟ ହୋଇନଥାଏ । ଠିକ୍ ଏହିଭଳି ଜୀବର ପୂର୍ବ ଜନ୍ମର ଭକ୍ତି ଧନ ଅର୍ଥାତ ଚାର୍ଜିଂ ସମାପ୍ତ ହୋଇଗଲେ ସମସ୍ତ ସୁବିଧା ଛଡାଇ ନିଆଯାଇଥାଏ । ଜୀବକୁ ନର୍କରେ ପକାଯିବା ପରେ ତା'ବୁଦ୍ଧି କାମ କାରିଥାଏ । ସେତେବେଳେକୁ କିନ୍ତୁ ହାତରୁ ସମୟ ଖସିଯାଇଥାଏ । କେବଳ ପାଶ୍ଚାତାପ ଏବଂ କାନ୍ଦିବା ବାକି ରହିଯାଇଥାଏ । ରାଣୀ ସୁନ୍ଦରଦେଈ ପୂର୍ବରୁ ସତସଙ୍ଗ ଶୁଣିଥିଲେ । ପୂର୍ଣ୍ଣ ସଦଗୁରୁଙ୍କ ଠାରୁ ଦୀକ୍ଷା ନେଇଥିଲେ । କିନ୍ତୁ ନାମଜପ ରୂପକ ଭକ୍ତିଧନ ଉପାର୍ଜନ କରିନଥିଲେ । କିନ୍ତୁ ସେ ଗୁରୁଦ୍ରୋହୀ ହୋଇନଥିଲେ କିମ୍ବା ଗୁରୁ ନିନ୍ଦା କରିନଥିଲେ । ରାଣୀ, ସଦଗୁରୁଙ୍କୁ ସୁମିରଣ କଲେ; ହେ ସତଗୁରୁ ! ହେ ମହାଧନୀ ! ମୋତେ ଯମଦୂତମାନେ ଘେରି ରହିଛନ୍ତି । ଏ ଦାସୀକୁ ମୁକ୍ତ କରାନ୍ତୁ ପ୍ରଭୁ ! ମୁଁ ଆପଣଙ୍କ ଠାରୁ ଦୀକ୍ଷା ନେଇଛି । ଆଜି ମୁଁ ଜାଣିପାରିଲି ଯେ ଏଭଳି ବିପତ୍ତି ସମୟରେ ନା ପତି, ନା ପତ୍ନୀ, ନା ପୁଅ-ଝିଅ, ଭାଇ-ଭଉଣୀ, ରାଜା-ପ୍ରଜା କେହି

ମଧ୍ୟ ସହାୟ ହୁଅନ୍ତି ନାହିଁ । ରାଣୀର ଜୀବ ହୃଦୟର ସହିତ ସଦଗୁରୁଙ୍କୁ ଡ଼ାକିଲା । ସଦଗୁରୁ କବୀରଜୀ ତୁରନ୍ତ ସେଠାରେ ଉପସ୍ଥିତ ହୋଇଗଲେ । ରାଣୀ ଦୌଡ଼ିଯାଇ ସଦଗୁରୁ ଦେବଙ୍କ ଚରଣ ତଳେ ପଡିଗଲେ । ଯମଦୂତମାନେ ସେହି କ୍ଷଣି ସେଠାରୁ ପଳାୟନ କରି ସେମାନଙ୍କ ହରି ଅର୍ଥାତ ଧର୍ମରାଜଙ୍କ ପାଖକୁ ଗଲେ ଏବଂ କହିଲେ ଯେ ତା'ସତଗୁରୁ ଆସିବା କ୍ଷଣି ସେଠାରେ ଆଲୋକମୟ ହୋଇଗଲା । ଜୀବ, ସତ୍ ସୁକୃତ ନାମ ଜପିଥିଲା, କେବଳ ଏହି ନାମଟି ତା'ର ମନେଥିଲା । ଏହି କାରଣରୁ ସତଗୁରୁ ତାକୁ ଯମଦୂତଙ୍କ କବଳରୁ ମୁକ୍ତ କରି ପୁନଃ ଆୟୁଷ ବଢାଇଲେ । ତା'ପରେ ରାଣୀ ମନ ଲଗାଇ ଭକ୍ତି କଲେ । ସଦଗୁରୁ କବୀର ଜୀ ପୁନର୍ବାର ସତ୍ୟନାମ ଏବଂ ସାରନାମ ଦେଲେ, ରାଣୀ ସେହି ନାମଜପ କରି ଭକ୍ତି ରୂପକ ପୂଞ୍ଜି ଜମା କଲେ । ସଂସାର ଧିରେ ଧିରେ ସାରହୀନ(ଶ୍ରୀହୀନ) ମନେହେଲା । ରାଜଭୋଗ, ଧନ, ପରିବାର ପ୍ରତି ବିମୁଖ ଭାବ ଅସିଗଲା । ଜୀବନର ଅନ୍ତିମ ସମୟ ପାଖେଇ ଆସିବା ପରି ଲାଗୁଥିଲା । ଏହି କାରଣରୁ ରାଣୀ ସଦଗୁରୁଙ୍କ ଚରଣରେ ତନ-ମନ-ଧନ ସମର୍ପଣ କରି ଭକ୍ତି କରିବା ପରେ ସତ୍ୟଲୋକ ଗମନ କଲେ । ରାଣୀଙ୍କ ଜୀବ ସମ୍ମୁଖରେ ପରମେଶ୍ୱର (ସତ୍ୟପୁରୁଷ) ନିଜର ଅନ୍ୟ ଏକ ରୂପ ଧାରଣ କରି ସଦଗୁରୁଙ୍କୁ ପ୍ରଶ୍ନ କଲେ ଯେ ହେ ତ୍ରାଣକର୍ତ୍ତା ! ମୋ ଜୀବକୁ ଯମଦୂତମାନେ କିପରି ଅଟକାଇ ଦେଲେ ? ସଦଗୁରୁ ରୂପରେ ବିରାଜମାନ କବୀର ଜୀ କହିଲେ, ହେ ପରମେଶ୍ୱର ! ଇଏ ଦୀକ୍ଷା ନେଇ ଭକ୍ତି କରିନଥିଲା । ସେହି କାରଣରୁ ଏହାକୁ ଯମଦୂତ ଘେରି ଯାଇଥିଲେ । ମୁଁ ମୁକ୍ତ କଲି । ପରମେଶ୍ୱର କବୀର୍‌ଜୀ ଜୀବକୁ ପଚାରିଲେ, ଆପଣ କାହିଁକି ଭକ୍ତି କରିନଥିଲେ ? ସତ୍ୟଲୋକକୁ କେମତି ଚାଲି ଆସିଲ ?

ମୁଣ୍ଡ ତଳକୁ କରି ଜୀବ କହିଲା, ପ୍ରଥମେ ମୋତେ ବିଶ୍ୱାସ ହେଉନଥିଲା । ପୁଣି ଯମଦୂତମାନଙ୍କର ଯାତନା ଦେଖି ଆପଣଙ୍କ କଥା ମୋର ମନେପଡ଼ିଗଲା । ଆପଣଙ୍କ ଜ୍ଞାନ ସତ୍ୟ ବୋଲି ଅନୁଭବ କଲି । ଆପଣଙ୍କୁ ଡ଼ାକିଲି । ଆପଣ ମୋର ରକ୍ଷା କଲେ । ମୋତେ ପୁନଃ ଜୀବନ ଦାନ ମିଳିଲା । ମନପ୍ରାଣ ଦେଇ ଯେତେବେଳେ ମୁଁ ଆପଣଙ୍କ ଭକ୍ତି କଲି । ପୂର୍ଣ୍ଣ ଦୀକ୍ଷା ପ୍ରାପ୍ତ କରି, ଆପଣଙ୍କ କୃପା ତଥା ଗୁରୁଜୀଙ୍କ ସହଯୋଗରେ ଏଠାରେ ମୁଁ ଆପଣଙ୍କ ଚରଣ କମଳରେ ଆସି ପହଞ୍ଚିପାରିଛି । ସତ୍ୟଲୋକରେ ପହଞ୍ଚିବା ପରେ ଏଠାରୁ ଯାଇଥିବା ଭକ୍ତକୁ ଅନ୍ୟ ଭକ୍ତଙ୍କ ପାଖକୁ ପଠାଇ ଦିଆଯାଇଥାଏ । ପୁଣି ସୁନ୍ଦର ଅମର ଶରୀର ମିଳିଥାଏ । ବହୁତ ବଡ଼ ଆବାସିକ ମହଲ ମିଳିଥାଏ । ଅଗଣାରେ ବିମାନ ଛିଡ଼ା ହୋଇଥାଏ । ସିଦ୍ଧି ଶକ୍ତି ହଂସାତ୍ମାମାନଙ୍କର ଆଦେଶକୁ ଅପେକ୍ଷା କରିଥାଏ । ଆଦେଶ ମିଳିବା କ୍ଷଣି ବିଦ୍ୟୁତ୍ ଭଳି ତୁରନ୍ତ ସକ୍ରିୟ ହୋଇଥାଏ ଯେପରି ସ୍ୱିଚ୍(Switch) ଚିପିବା ମାତ୍ରେ ହିଁ ବିଜୁଳି ଚାଳିତ ଯନ୍ତ୍ର ତୁରନ୍ତ କାର୍ଯ୍ୟ କରିଥାଏ, ଏହିପରି ସେଠାରେ ବଚନ ରୂପକ ସ୍ୱିଚ୍ (Switch) ଅଛି । ଆବଶ୍ୟକୀୟ ବସ୍ତୁ ମଗାଇବା କ୍ଷଣି ବସ୍ତୁ-ପଦାର୍ଥ ଆପଣଙ୍କ ନିକଟରେ ତତ୍‌କ୍ଷଣାତ ଉପସ୍ଥିତ ହୋଇଯିବ । ଭୋଜନ କରିବାକୁ ଇଚ୍ଛା ହେବା ମାତ୍ରେ ଆପଣଙ୍କ ଭୋଜନ ସ୍ଥାନ ନିକଟରେ ଗତିବିଧି ଆରମ୍ଭ ହୋଇଯିବ, ଥାଳୀ-ଗିଲାସ ଆପେ ଆପେ ରଖିଦିଆଯିବ । କିଛି ସମୟରେ ଖାଇବା ପାଇଁ ଇଚ୍ଛା ହେବ ତ ସିଦ୍ଧି ଦ୍ୱାରା ଉଠି ରୋଷେଇ ଘରେ ପହଞ୍ଚିଯିବେ । ସ୍ୱଳ୍ପ ମିନିଟ ପଶ୍ଚାତ୍ ଇଚ୍ଛା ହେଲେ ବି ସଙ୍ଗେ ସଙ୍ଗେ ଖାଦ୍ୟ ବ୍ୟବସ୍ଥା ହୋଇଯିବ । ଭ୍ରମଣ କରିବାକୁ ଇଚ୍ଛା ହେଲେ ବିମାନର ଗତିବିଧି ଆରମ୍ଭ ହୋଇଯିବ । ବିମାନ ନିକଟକୁ ଯିବା କ୍ଷଣି ଦ୍ୱାର ଆପେ ଖୋଲିଯିବ । ବିମାନ ଷ୍ଟାର୍ଟ ହୋଇଯିବ । ଯେଉଁ ଦ୍ୱୀପର ଯେଉଁ ସ୍ଥାନକୁ ଯିବା ପାଇଁ ଇଚ୍ଛା ହେବ, ଚିନ୍ତା କରିବା ମାତ୍ରେ ହିଁ ବିମାନ ଆପେ ସେହି ଆଡ଼କୁ ଉଡ଼ିବା ଆରମ୍ଭ କରି ଗନ୍ତବ୍ୟ ସ୍ଥଳରେ ପହଞ୍ଚିଯିବ । ଇଚ୍ଛା ହେବା କ୍ଷଣି ତାଜା ସତେଜ ଫଳ ଗଛରୁ ତୋଳି ଆଣି ଆପଣଙ୍କ ସମ୍ମୁଖରେ ରଖି ଦିଆଯିବ । ସତ୍ୟଲୋକର ଅବିକଳ ନକଲ ଏହି କାଳଲୋକ ଅଟେ । ଏହି ଲୋକ ଭଳି ସ୍ତ୍ରୀ-ପୁରୁଷ ପରିବାର ସେଠାରେ ମଧ୍ୟ ଅଛି । ସତ୍ୟଲୋକରେ ଦୁଇଟି ଉପାୟରେ ସନ୍ତାନ ଉତ୍ପତ୍ତି ହୋଇଥାଏ । ଶବ୍ଦ (ବଚନ) ଦ୍ୱାରା ଓ ମୈଥୁନ କ୍ରିୟା ଦ୍ୱାରା । ତାହା ହଂସାତ୍ମାମାନଙ୍କ ଇଚ୍ଛା ଉପରେ ନିର୍ଭର କରିଥାଏ । ବଚନ ଶକ୍ତି ଦ୍ୱାରା ସନ୍ତାନ ଉତ୍ପତ୍ତି ହେଉଥିବା ଅଞ୍ଚଳଟି ସତ୍ୟପୁରୁଷଙ୍କ ସିଂହାସନର ଚତୁଃର୍ପାଶ୍ୱରେ ଅବସ୍ଥିତ । ନର-ନାରୀଙ୍କ

ଦ୍ୱାରା ସନ୍ତାନ ଉତ୍ପତ୍ତି ହେଉଥିବା ଅଞ୍ଚଳଟି ତା'ପରେ ଅଛି । ବଚନରୁ ସନ୍ତାନ ଉତ୍ପନ୍ନ କରିବା କାର୍ଯ୍ୟ କେବଳ ନର ହିଁ କରିଥାଏ । ସତ୍ୟଲୋକରେ ବୃଦ୍ଧାବସ୍ଥା ନାହିଁ । ନର-ନାରୀଙ୍କ ଦ୍ୱାରା ହେଉଥିବା ସନ୍ତାନ ଉତ୍ପତ୍ତି କାର୍ଯ୍ୟ ଉଭୟ ପୁଅ ଓ ଝିଅ କରିଥାନ୍ତି । କେବଳ ବଚନରେ ବିବାହ କରିଥାନ୍ତି । ଯେଉଁ ପିଲାମାନେ ଉତ୍ପନ୍ନ ହୋଇଥାନ୍ତି, ସେମାନେ କାଳ ଲୋକରୁ ମୁକ୍ତ ହୋଇ ସେଠାକୁ ଯାଇଥିବା ଜୀବମାନେ ଜନ୍ମ ନେଇଥାନ୍ତି । ପୁଣି କେବେ ମରିନଥାନ୍ତି କି ବୃଦ୍ଧ ମଧ୍ୟ ହୋଇନଥାନ୍ତି । ଯେଉଁମାନେ ଏଠାରୁ ମୁକ୍ତ ହୋଇ ସତ୍ୟଲୋକକୁ ଯାଇଥାନ୍ତି, ସେମାନଙ୍କୁ ସର୍ବପ୍ରଥମେ ସତ୍ୟପୁରୁଷଙ୍କର ଦର୍ଶନ କରାଇ ଦିଆଯାଏ । ସେହି ସମୟରେ ତା'ର ସେହି ସ୍ୱରୂପ ରହିଥାଏ ଯେଉଁ ରୂପରେ ସେ ପୃଥିବୀରୁ ଯାଇଥାଏ, କିନ୍ତୁ ବୃଦ୍ଧ ତଳ ଲୋକରୁ ଯିବ ତ ସେଠାରେ ସତ୍ୟପୁରୁଷଙ୍କ ସାମ୍ନାକୁ ସେହି ଅବସ୍ଥା ଓ ସ୍ୱରୂପରେ ଆସିଥାଏ । ସେଠାରେ ତା' ଶରୀରର ପ୍ରକାଶ ଷୋଳଟି ସୂର୍ଯ୍ୟର ମିଳିତ ପ୍ରକାଶ ସହ ସମାନ ହୋଇଯାଇଥାଏ । ତା' ପରେ ତାକୁ ସେହି ସ୍ଥାନକୁ ପଠାଇ ଦିଆଯାଇଥାଏ ଯେଉଁ ସ୍ଥାନ ଅନ୍ୟ ସମସ୍ତ ସ୍ଥାନ ଠାରୁ ଭିନ୍ନ ଅଟେ । ସେଠାକୁ ଯିବା ପରେ ତା' ସ୍ୱରୂପ ତ ସେହିଭଳି ଅପରିବର୍ତ୍ତିତ ରହିଥାଏ କିନ୍ତୁ ଶରୀରର ତେଜ ଷୋଳଟି ସୂର୍ଯ୍ୟର ମିଳିତ ପ୍ରକାଶ ପରି ତେଜୋମୟ ହୋଇ ଯାଇଥାଏ, ପରନ୍ତୁ ଯଦି ବୃଦ୍ଧ ତଳ ଲୋକରୁ ଯାଇଥିବ ତ ଯୁବାବସ୍ଥା ହୋଇଯାଇଥାଏ । ଯଦି ଯୁବକ ହୋଇଥିବ ତେବେ ସେହିଭଳି ଯୁବକ ହୋଇ ରହିବ, ବାଳକ ହୋଇଥିଲେ ବାଳକ ପରି ରହିବ । ସତ୍ୟ ପୁରୁଷଙ୍କ ବଚନ ଦ୍ୱାରା ଅଳ୍ପ କେତେକଙ୍କୁ ସେଠାରେ ସ୍ତ୍ରୀ-ପୁରୁଷ ଶରୀର ମିଳିଥାଏ । କେତେକଙ୍କୁ ସତ୍ୟପୁରୁଷଙ୍କ ଦ୍ୱାରା ବୀଜ ରୂପ ଦିଆଯାଇଥାଏ, ଯେଉଁମାନଙ୍କର ଜନ୍ମ ପୁନର୍ବାର ସତ୍ୟଲୋକରେ କାହା ଘରେ ହୋଇଥାଏ, ପରିବାର ବଢିଥାଏ । କାଳ ଲୋକ ଓ ଅକ୍ଷର ଲୋକରୁ ମୁକ୍ତ ହୋଇଯାଇଥିବା ସେହି ହଂସାତ୍ମାମାନେ ସେଠାରେ ଗୋଟିଏ ଥର ଜନ୍ମ ନେଇଥାନ୍ତି । ସେମାନଙ୍କୁ ଏକାନ୍ତ ସ୍ଥାନରେ ରଖାଯାଇଥାଏ । ସେମାନେ ଉଭୟ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ ହେଉଥିବା ତଥା ସ୍ତ୍ରୀ-ପୁରୁଷଙ୍କ ଦ୍ୱାରା ଉତ୍ପନ୍ନ ହେଉଥିବା କ୍ଷେତ୍ରରେ ଜନ୍ମ ନେଇଥାନ୍ତି । ସ୍ତ୍ରୀ-ପୁରୁଷଙ୍କ ଦ୍ୱାରା ଉତ୍ପତ୍ତିର ହାର ଅଧିକ ହୋଇଥାଏ । ଏହି ହାର ୧୦:୯୦ହୋଇଥାଏ । ୧୦% ଉତ୍ପତ୍ତି ବଚନ ଶକ୍ତିରୁ, ୯୦% ଉତ୍ପତ୍ତି ବିବାହ ରୀତିରେ ହୋଇଥାଏ ।

ସତ୍ୟଲୋକରେ ନର-ନାରୀମାନଙ୍କର ଶରୀରର ପ୍ରକାଶ ଷୋଳଟି ସୂର୍ଯ୍ୟର ମିଳିତ ପ୍ରକାଶ ସହିତ ସମାନ ହୋଇଥାଏ । ପ୍ରଥମେ ମିନି ସତଲୋକ, ମାନସରୋବର ପଡିବ । ସେଠାରେ ଉଭୟଙ୍କର ଶରୀରର ପ୍ରକାଶ ଚାରୋଟି ସୂର୍ଯ୍ୟର ମିଳିତ ତେଜ ସହିତ ସମାନ ହୋଇଥାଏ, ପୁଣି ଆଗକୁ ବଢିଥାନ୍ତି । ପରବ୍ରହ୍ମଙ୍କ ଲୋକରେ ନିର୍ମିତ ଅଷ୍ଟ କମଳ ପାଖରେ ପହଞ୍ଚିବା ପରେ ହଂସ ଏବଂ ହଂସିନୀ ଅର୍ଥାତ ନର-ନାରୀଙ୍କ ଶରୀରର ପ୍ରକାଶ ୧୨ ଟି ସୂର୍ଯ୍ୟଙ୍କ ମିଳିତ ପ୍ରକାଶ ସହିତ ସମାନ ହୋଇଯାଇଥାଏ । ତା'ପରେ ସତ୍ୟଲୋକରେ ନିର୍ମିତ ଭ୍ରମର ଗୁମ୍ଫାରେ ପ୍ରତ୍ୟେକଙ୍କ ଶରୀରର ପ୍ରକାଶ ଷୋଳଟି ସୂର୍ଯ୍ୟର ମିଳିତ ପ୍ରକାଶ ସହ ସମାନ ହୋଇ ଯାଇଥାଏ ।

ପ୍ରମାଣ - କବୀର ସାଗର ଅଧ୍ୟାୟ "ମୋହମ୍ମଦ୍ ବୋଧ୍" ପୃଷ୍ଠା ନଂ୨୦,୨୧ ଓ ୨୨ ରେ ଥିବା ଦଶ ମୁକାମୀ ରେଖତା:-

ଦଶ୍ ମୁକାମୀ ରେଖ୍‌ତା

ପୃଷ୍ଠା ନଂ ୨୧ର କିଛି ଅଂଶ ଲେଖୁଛି:-

ଭୟା ଆନନ୍ଦ ଫନ୍ଦ ସବ ଛୋଡ଼ିୟା ପହୁଞ୍ଚା ଜହାଁ ସତ୍ୟଲୋକ ମେରା ॥
{ହଂସନୀ (ନାରୀ ରୂପୀ ପୂଣ୍ୟାତ୍ମାଗଣ) ହଂସ (ନର ରୂପୀ ପୂଣ୍ୟାତ୍ମାଗଣ)}
ହଂସନୀ ହଂସ ସବ ଗାୟ ବଜାୟ କେ ସାଜି କେ କଳଶ ମୋହେ ଲେନ ଆଏ ॥
ଯୁଗନ ଯୁଗନ କେ ବିଛୁଡ଼େ ମିଲେ ତୁମ ଆୟ କୈ ପ୍ରେମ କରି ଅଙ୍ଗ ସେ ଅଙ୍ଗ ଲାଏ ॥
ପୁରୁଷ ଦର୍ଶ ଜବ ଦୀହ୍ନା ହଂସ କୋ ତପତ ବହୁ ଜନ୍ମ କୀ ତବ ନଶାୟେ ॥
ପଲିଟ କର ରୂପ ଜବ ଏକ ସା କୀହ୍ନା ମାନୋ ତବ ଭାନୁ ଷୋଡ଼ଷ (୧୬) ଉଗାୟେ ॥

ପହୁପ କେ ଦୀପ ପୟୁଷ (ଅମୃତ) ଭୋଜନ କରେଁ ଶବ୍ଦ କୀ ଦେହ ସବ ହଂସ ପାଇ ॥
ପୁଷ୍ପ କା ସେହରା ହଂସ ଔର ହଂସନୀ ସଚ୍ଚିଦାନନ୍ଦ ସିର ଛତ୍ର ଛାଏ ॥
ଦୀପୈଁ ବହୁ ଦାମିନୀ ଦମକ ବହୁ ଭାଁତି କୀ, ଜହାଁ ଘନ ଶବ୍ଦ କୋ ଘମୋଡ଼ ଲାଇ ॥
ଲଗେ ଜହାଁ ବରସନେ ଘନ ଘୋର କେ ଉଠତ ତହାଁ ଶବ୍ଦ ଧୂନି ଅତି ସୋହାଇ ॥
ସୁନ୍ନ ସୋହେଁ ହଂସ-ହଂସନୀ ଯୁହ୍ନ (ଜୋଡେ-ଝୁଣ୍ଟ) ହ୍ୱୈ ଏକହୀ ନୂର ଏକ ରଙ୍ଗ ରାଗୈ ॥
କରତ ବିହାର (ସୈର) ମନ ଭାବନୀ ମୁକ୍ତି ମେଁ କର୍ମ ଔର ଭ୍ରମ ସବ ଦୂର ଭାଗେ ॥
ରଙ୍କ ଔର ଭୂପ (ରାଜା) କୋଇ ପରଣ ଆବୈ ନହୀଁ କରତ କୋଲାହଳ ବହୁତ ପାଗେ ॥
କାମ ଔର କ୍ରୋଧ ମଦ ଲୋଭ ଅଭିମାନ ସବ ଛାଡି ପାଖଣ୍ଡ ସତ ସବ୍ଦ ଲାଗେ ॥
ପୁରୁଷ କେ ବଦନ (ଶରୀର) କୌନ ମହିମା କହୂଁ ଜଗତ ମେଁ ଉପମା କଛୁ ନାହୀଁ ପାୟୀ ॥
ଚନ୍ଦ ଔର ସୂର (ସୂର୍ଯ୍ୟ) ଗଣ ଜ୍ୟୋତି ଲାଗେ ନେହୀଁ ଏକ ହୀ ନଖ (ନାଖୁନ) ପ୍ରକାଶ ଭାଇ ॥
ପରବାନ ଜିନ ନାଦ ବଂଶ କା ପାଇୟା ପହୁଁଚିୟା ପୁରୁଷ କେ ଲୋକ ଜାୟୀ ॥
କହ କବୀର ଯହୀ ଭାଁତି ସୋ ପାଇହେ ସତ୍ୟ ପୁରୁଷ କୀ ରାହ ସୋ ପ୍ରକଟ ଗାୟୀ ॥

ଭାବାର୍ଥ:- ଏହି ଅମୃତବାଣୀରୁ ସ୍ପଷ୍ଟ ହୁଏ ଯେ ପରମେଶ୍ୱର କବୀର ଜୀ ସତଗୁରୁ ରୂପରେ ଧର୍ମଦାସଙ୍କୁ ପୃଥିବୀ ଲୋକରୁ ସତ୍ୟଲୋକକୁ ନେଇ ଯାଉଥିବା ରାସ୍ତାରେ ୯ ଟି ସ୍ଥାନ ପଡିଥିଲା ଯେପରି ନାସୂତ, ମଲକୂତ ଯାହା ଫରାସୀ ଶବ୍ଦ ଅଟେ । ଧର୍ମଦାସ କହୁଛନ୍ତି ଯେ ଏହି ସାତ ଆକାଶ ପାରିହେବା ପରେ ଅଚିନ୍ତ, ବିଷ୍ଣୁ ଲୋକ ଆଦିକୁ ଅତିକ୍ରମ କରି ଯେତେବେଳେ ସତ୍ୟଲୋକରେ ପହଞ୍ଚିଲେ, ସେତେବେଳେ ଆଦର ସତ୍କାର ସହିତ ମୋତେ ନେବା ପାଇଁ ସତ୍ୟଲୋକର ହଂସ (ନର)ଏବଂ ହଂସିନୀ (ନାରୀ)ମାନେ ନାଚି-ଗାଇ, ଢୋଲ ଆଦି ବାଦ୍ୟଯନ୍ତ୍ର ବଜାଇ, ସ୍ତ୍ରୀ ଲୋକମାନେ ମୁଣ୍ଡ ଉପରେ କଳସ ରଖି ମୋତେ ନେବାକୁ ଆସିଲେ । ସେମାନଙ୍କ ଶରୀରର ତେଜ ଷୋଳଟି ସୂର୍ଯ୍ୟର ମିଳିତ ତେଜ ସହ ସମାନ ଥିଲା । ମୋ ଶରୀରର ତେଜ ମଧ୍ୟ ସେମାନଙ୍କ ଶରୀରର ତେଜ ପରି ୧୬ ସୂର୍ଯ୍ୟ ସମାନ ହୋଇଗଲା ।

ପୃଥିବୀ ଲୋକରୁ ମୋକ୍ଷ ପ୍ରାପ୍ତ କରି ଯେଉଁ ହଂସ ସେଠାକୁ ଯାଇଥାଏ, ତା'କୁ ପୁହପ ନାମକ ଦ୍ୱୀପକୁ ନିଆ ଯାଇଥାଏ । ସେଠାରେ ସମସ୍ତ ସୁଖ ଅଛି, ତାହା ସତ୍ୟଲୋକର ଅଂଶ ବିଷେଶ ଅଟେ । ପରନ୍ତୁ ସର୍ବ ପ୍ରଥମେ ତଳୁ ଯାଇଥିବା ମୋକ୍ଷପ୍ରାପ୍ତ ଜୀବକୁ ପୂହପ ନାମକ ଦ୍ୱୀପରେ ରଖା ଯାଇଥାଏ । ସେହି ଦ୍ୱିପର ଦୃଶ୍ୟ ଏଠାରେ ଚିତ୍ରଣ କରାଯାଇଛି । ସେହିଠାରୁ ଜୀବର ଜନ୍ମ ଅନ୍ୟସ୍ଥାନରେ ଥିବା ପରିବାର ମଧ୍ୟରେ ହୋଇଥାଏ । ଏହାପରେ ସେହି ସ୍ଥାନର ବର୍ଣ୍ଣନା ଅଛି ଯେଉଁଠାରେ ନର-ନାରୀଙ୍କ ଠାରୁ ଉତ୍ପତ୍ତି ହୋଇ ପରିବାର ସୃଷ୍ଟି ହୋଇଥାଏ । ଯେଉଁଠାରେ ନର-ନାରୀଙ୍କର ଜୋଡ଼ି ସମୂହ ସୁଖରେ ବସି ପରସ୍ପର ମଧ୍ୟରେ କଥୋପକଥନ ହେଉଥାନ୍ତି । ମେଘ ଗର୍ଜିବା ସହିତ ସୂକ୍ଷ୍ମ ଜଳକଣିକାର ସିଞ୍ଚନ ଉପରୁ ହେଉଥାଏ । ଅନ୍ୟ ସ୍ଥାନ ଠାରୁ ଅଲଗା ଏହି ସ୍ୱତନ୍ତ୍ର ସ୍ଥାନକୁ ସତ୍ୟଲୋକ ନିବାସୀ ପିକନିକ୍ ପାଇଁ ଯାଇଥାନ୍ତି । କିଛି ସ୍ଥାନ ଏଭଳି ଅଛି ଯେଉଁଠି ମେଘ ନ ଥାଇ ମଧ୍ୟ ବର୍ଷା ହୋଇଥାଏ ।

ଝଦୀକ୍ଷା ପଶ୍ଚାତ୍ ସାଧକକୁ କ'ଣ କରିବା ଉଚିତ ? ଏହାର ସୂଚନା ପବିତ୍ର କବୀର ସାଗରର "ଧର୍ମବୋଧ" ଅଧ୍ୟାୟରେ ମଧ୍ୟ ଅଛି ।

କୃପାକରି ପଢ଼ନ୍ତୁ "ଧର୍ମବୋଧ" ଅଧ୍ୟାୟର ସାରାଂଶ:-

କବୀର ସାଗରର ୩୩ ତମ ଅଧ୍ୟାୟ "ଧର୍ମ ବୋଧ" ପୃଷ୍ଠା ୧୭୭ (୧୫୨୧) ରେ ଅଛି । ଏହି ଅଧ୍ୟାୟରେ ପରମେଶ୍ୱର କବୀରଜୀ ଧର୍ମଯଜ୍ଞ ବିଷୟରେ ବିଶେଷ ଜ୍ଞାନ ଦେଇଛନ୍ତି । ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ କବୀର ପରମେଶ୍ୱରଙ୍କ ବାସ୍ତବିକ ପନ୍ଥରେ ପ୍ରତ୍ୟେହ ତିନିଥର ସଂଧ୍ୟା (ସ୍ତୁତି)କରାଯାଇଥାଏ । ସଂଧ୍ୟାର ଅର୍ଥ ଦୁଇ ବେଳ(ସମୟ)ର ମିଳନ । ସେଥିମଧ୍ୟରୁ ଏକ ସଂଧ୍ୟା ହେଉଛି ପ୍ରାତଃ ସମୟ ଯେତେବେଳେ ଦିନ ଓ ରାତ୍ରିର ମିଳନ ହୋଇଥାଏ, ରାତ୍ରି ବିଦାୟ ନେଇଥାଏ ଏବଂ ଦିନର ଶୁଭାରମ୍ଭ ହୋଇଥାଏ । ଦ୍ୱିତୀୟ ସଂଧ୍ୟା ହେଉଛି ଦିନ ବାରଟା । ସେହି ସମୟ

ଗଡ଼ିଲେ ଦିନର ଦ୍ୱିପ୍ରହର ପୂରା ହୋଇଥାଏ, ଅପରାହ୍ନ ଆରମ୍ଭ ହୋଇଥାଏ । ଏହା ମଧ୍ୟଦିନର ସଂଧ୍ୟା ଅଟେ । ତୃତୀୟ ସଂଧ୍ୟାଟି ସାୟଂ କାଳରେ ହୋଇଥାଏ । ସେତେବେଳେ ଦିନ ଏବଂ ରାତ୍ରିର ମିଳନ ହୋଇଥାଏ । ସାଧାରଣ ଲୋକେ ସଞ୍ଜକୁ ସଂଧ୍ୟା ବୋଲି କହିଥାନ୍ତି । ସଂଧ୍ୟାର ଅର୍ଥ ପରମାତ୍ମାଙ୍କର ସ୍ତୁତି କରିବା ମଧ୍ୟ ହୋଇଥାଏ ।

ବେଦରେ ପ୍ରମାଣ ଅଛି ଯେ ଯିଏ ଜଗତର ତ୍ରାଣକର୍ତ୍ତା ସେ ପ୍ରତିଦିନ ତିନିଥର ସଂଧ୍ୟା କରିବେ ଏବଂ କରାଇବେ ମଧ୍ୟ । ସକାଳେ ଏବଂ ସନ୍ଧ୍ୟାରେ ପୂର୍ଣ୍ଣ ପରମାତ୍ମାଙ୍କର ସ୍ତୁତି-ଆରତୀ ତଥା ମଧ୍ୟାହ୍ନରେ ସର୍ବ ବିଶ୍ୱ ଦେବତାଙ୍କର ସ୍ତୁତି କରିବାକୁ କହିଥାନ୍ତି । ପ୍ରମାଣ :- ଋଗ୍‌ବେଦ ମଣ୍ଡଳ ନଂ ୮ ସୂକ୍ତ ୧ ମନ୍ତ୍ର ୨୯ ରେ ଏବଂ ଯଦୂର୍ବେଦ ଅଧ୍ୟାୟ ୧୯ ମନ୍ତ୍ର ୨୬ ରେ ଅଛି ।

କବୀର ସାଗରର ଧର୍ମବୋଧ ଅଧ୍ୟାୟର ପୃଷ୍ଠା ୧୭୭ରେ ମଧ୍ୟ ଏହି ପ୍ରମାଣ ଅଛି ।

ସାଂଝ ସକାର ମଧ୍ୟାହ୍ନ ସନ୍ଧ୍ୟା ତୀନୋଁ କାଲ୍ ।
ଧର୍ମ କର୍ମ ତପ୍ପର ସଦା କୀଜୈ ସୁରତି ସମ୍ଭାଲ ॥

ଭାବାର୍ଥ:- ଭକ୍ତଗଣ ତିନି ସମୟ(କାଳ)ରେ ସଂଧ୍ୟା କରିବା ଉଚିତ । ସାଞ୍ଝ୍ ଅର୍ଥାତ ସନ୍ଧ୍ୟା ବେଳକୁ, ସକାର୍ ଅର୍ଥାତ ସକାଳ ଏବଂ ମଧ୍ୟାହ୍ନ ଅର୍ଥାତ୍ ଦ୍ୱିପହର (ଦିବସର ମଧ୍ୟ ସମୟ) ସମୟରେ ସଂଧ୍ୟା କରିବା ସମୟରେ ସୁରତି ଅର୍ଥାତ ସନ୍ଧ୍ୟା ଆରତୀ ସମୟରେ ବୋଲା ଯାଉଥିବା ବାଣୀ ପ୍ରତି ଧ୍ୟାନ ରହିବା ଉଚିତ ଏବଂ ଧର୍ମ କାର୍ଯ୍ୟରେ ଆଳସ୍ୟ ନ କରି ସଦା ସର୍ବଦା ତପ୍ପର ରହିବା ଉଚିତ୍ ।

ଧର୍ମବୋଧ ପୃଷ୍ଠା ନଂ ୧୭୮(୧୫୨୨) ରେ:-

କବୀର, କୋଟିନ କଣ୍ଟକ ଘେରି ଜୈଁ୍ୟା ନିତ୍ୟ କ୍ରିୟା ନିଜ କୀହ୍ନ ।
ସୁମିରନ ଭଜନ ଏକାନ୍ତ ମେଁ ମନ ଚଞ୍ଚଳ ଗହ ଲୀନ ॥

ଭାବାର୍ଥ:- ଭକ୍ତ ଉପରକୁ ଯେତେ କଷ୍ଟ ଆସୁନା କାହିଁକି ନିଜ ଦୈନଦିନ କ୍ରିୟା (ତିନି ସମୟର ସଂଧ୍ୟା) ନିଶ୍ଚୟ କରିବା ଉଚିତ୍, ଚଞ୍ଚଳ ମନକୁ ଆୟତ୍ତ କରି ଏକାନ୍ତରେ ପରମାତ୍ମାଙ୍କ ଦୀକ୍ଷାରୁ ପ୍ରାପ୍ତ ନାମ ଜପ କରିବା ଉଚିତ୍ ।

କବୀର ଭକ୍ତୋଁ ଅରୁ ଗୁରୁ କୀ ସେବା କର ଶ୍ରଦ୍ଧା ପ୍ରେମ ସହିତ ।
ପରମ ପ୍ରଭୁ (ସତ୍ୟପୁରୁଷ) ଧ୍ୟାବହୀ କରି ଅତିଶ୍ୟ ମନ ପ୍ରୀତ ॥

ଭାବାର୍ଥ :- ନିଜ ଗୁରୁଦେବ ତଥା ସତସଙ୍ଗକୁ ଓ ନିଜ ଘରକୁ ଆସୁଥିବା ଭକ୍ତମାନଙ୍କର ସର୍ବଦା ଆଦର ସହକାରେ ସେବା କରିବା ଉଚିତ୍ । ମନରେ ଶ୍ରଦ୍ଧା ତଥା ପ୍ରେମ ଭାବ ରଖି ସେବା କରିବା ଉଚିତ । ପରମ ପ୍ରଭୁ ଅର୍ଥାତ ପରମ ଅକ୍ଷର ପୁରୁଷଙ୍କର ଭକ୍ତି ଅତ୍ୟାଧିକ ପ୍ରେମର ସହିତ କରିବା ଉଚିତ୍ ।

''ଭକ୍ତ ଜତି ଏବଂ ସତୀ ହେବା ଉଚିତ୍''

"ଜତିର ଲକ୍ଷଣ"

ପୁରୁଷ ଯତି (ଜତି) ସୋ ଜାନିୟେ, ନିଜ ତ୍ରିୟା ତକ ବିଚାର ।
ମାତା ବହନ ପୁତ୍ରୀ ସକଲ ଔର ଜଗ କୀ ନାର ॥

ଭାବାର୍ଥ:- ଜତି ପୁରୁଷ ତା'କୁ କୁହାଯାଏ ଯିଏ ନିଜ ସ୍ତ୍ରୀ ବ୍ୟତୀତ ଅନ୍ୟ ସ୍ତ୍ରୀ ପ୍ରତି ପତି-ପତ୍ନୀ ଭାବ(ଖରାପ ଭାବ) ରଖୁ ନ ଥିବ । ଆୟୁ ଅନୁସାରେ ପର ସ୍ତ୍ରୀକୁ ମାଆ, ଭଉଣୀ ବା ଝିଅ ନଜରରେ ଦେଖୁଥିବ ।

"ସତି ସ୍ତ୍ରୀର ଲକ୍ଷଣ"

ସ୍ତ୍ରୀ ସୋ ଜୋ ପତିବ୍ରତ ଧର୍ମ ଧରୈ, ନିଜ ପତି ସେବତ ଜୋୟ ॥
ଅନ୍ୟପୁରୁଷ ସବ ଜଗତ ମେଁ ପିତା ଭ୍ରାତ ସୁତ ହୋୟ ॥
ଅପନେ ପତି କୀ ଆଜ୍ଞା ମେଁ ରହୈ, ନିଜ ତନ ମନ ସେ ଲାଗ ॥
ପିୟା ବିପରୀତ ନା କଛୁ କରୈ ତା ତ୍ରିୟା କୋ ବଡ଼ ଭାଗ ॥

ଭାବାର୍ଥ : ସତୀ ସ୍ତ୍ରୀ ତାକୁ ହିଁ କୁହାଯାଏ ଯିଏ କେବଳ ନିଜ ସ୍ୱାମୀ ପ୍ରତି ପ୍ରେମ ଭାବ ରଖିଥାଏ । ନିଜ ସ୍ୱାମୀ ବ୍ୟତୀତ ସଂସାରର ଅନ୍ୟ ପୁରୁଷଙ୍କୁ ବୟସ ଅନୁସାରେ ପିତା, ଭାଇ ତଥା ପୁତ୍ର ଭାବରେ ଦେଖିଥାଏ ଅର୍ଥାତ ବ୍ୟବହାର ଦେଖାଇଥାଏ । ନିଜ ପତିଙ୍କ ଆଜ୍ଞାଧିନ ହୋଇ ତନ-ମନ ଦେଇ ସେବା କରେ, ସ୍ୱାମୀଙ୍କ ଇଚ୍ଛା ବିପରିତ କୌଣସି କାର୍ଯ୍ୟ କରେ ନାହିଁ ।

"ଦାନ କରିବା କେତେ ଅପରିହାର୍ଯ୍ୟ"

କବୀର, ମନୋକାମନା ବିହାୟ କେ, ହର୍ଷ ସହିତ କରେ ଦାନ ।
ତାକା ତନ ମନ ନିର୍ମଳ ହୋୟ, ହୋୟ ପାପ କୀ ହାନ ॥
କବୀର, ଯଜ୍ଞ ଦାନ ବିନ ଗୁରୁକେ, ନିଶ ଦିନ ମାଲା ଫେର ।
ନିଷ୍ଫଂଲ ବହ କରନୀ ସକଲ, ସତଗୁରୁ ଭାଖୈ ଟେର ॥
ପ୍ରଥମ ଗରୁସେ ପୁଛିଏ, କୀଜୈ କାଜ ବହୋର ।
ସୋ ସୁଖଦାୟକ ହୋତ ହୈ, ମିଟେ ଜୀବ କା ଖୋର ॥

ଭାବାର୍ଥ:- କବୀର ପରମେଶ୍ୱର କହିଛନ୍ତି ଯେ କୌଣସି ପ୍ରକାରର ମନୋସ୍କାମନା ନ ରଖି ଯେଉଁ ଦାନ କରାଯାଇଥାଏ ସେହି ଦାନ ଦୁଇ ପ୍ରକାରର ଫଳ ଦେଇଥାଏ । ଏହାଦ୍ୱାରା ବର୍ତ୍ତମାନର ଜୀବନରେ କାର୍ଯ୍ୟ ସିଦ୍ଧି ହେବା ସହିତ ଭବିଷ୍ୟତ ପାଇଁ ମଧ୍ୟ ପୂଣ୍ୟ ଜମା ହୋଇରହିବ ଏବଂ ମନୋସ୍କାମନା ପୂର୍ଣ୍ଣ ହେବା ପାଇଁ ଯେଉଁ ଦାନ କରାଯାଇଥାଏ ତାହା କାର୍ଯ୍ୟ ସିଦ୍ଧି ହୋଇସାରିବା ପରେ ସମାପ୍ତ ହୋଇଯାଇଥାଏ । ମନୋସ୍କାମନା ପୂରଣର ଆଶା ନ ରଖି କରାଯାଇଥିବା ଦାନ ଆତ୍ମାକୁ ନିର୍ମଳ କରିଥାଏ, ପାପ ନାଶ କରିଥାଏ ।

ଝପ୍ରଥମେ ଗୁରୁଧାରଣ କରନ୍ତୁ, ତା'ପରେ ଗୁରୁଦେବଙ୍କ ନିଦ୍ଦେର୍ଶ ଅନୁସାରେ ଦାନ କରିବା ଉଚିତ୍ । ବିନା ଗୁରୁରେ ଯେତେ ବି ଦାନ କରନ୍ତୁ, ମାଳା ଗଡାଇ ଯେତେ ବି ନାମ ସୁମିରଣ କରନ୍ତୁ, ସମସ୍ତ ଚେଷ୍ଟା ବ୍ୟର୍ଥ ଯିବ । ସଦଗୁରୁ ଜୋର-ଜୋରରେ ଏହି କଥା କହିଥାନ୍ତି ।

ଝପ୍ରଥମେ ଗୁରୁଙ୍କ ଆଦେଶ ନିଅନ୍ତୁ, ତା'ପରେ ନିଜ ନୂତନ କାର୍ଯ୍ୟର ପ୍ରାରମ୍ଭ କରନ୍ତୁ । ସେହି କାର୍ଯ୍ୟ ସୁଖଦାୟକ ହେବା ସହିତ ମନର ସମସ୍ତ ଚିନ୍ତା ଦୂର କରିଥାଏ ।

କବୀର, ଅଭ୍ୟାଗତ ଆଗମ ନିରଖି, ଆଦର ମାନ ସମେତ ।
ଭୋଜନ ଛାଜନ, ବିତ ଯଥା, ସଦା କାଳ ଜୋ ଦେତ ॥

ଭାବାର୍ଥ:- ଆପଣଙ୍କ ଘରକୁ କେହି ଅତିଥି ଆସିଲେ ନିଜ ଆର୍ଥିକ ସ୍ଥିତି ଅନୁସାରେ ଭୋଜନ ଏବଂ ବିଛଣାର ବ୍ୟବସ୍ଥା ଆଦରର ସହ କରନ୍ତୁ ।

ସୋଇ ମ୍ଲେଚ୍ଛ ସମ ଜାନିୟେ, ଗୃହୀ ଜୋ ଦାନ ବିହୀନ ।
ଯହୀ କାରଣ ନିତ ଦାନ କରେ, ଜୋ ନର ଚତୁର ପ୍ରବିନ ॥

ଭାବାର୍ଥ:- ଯେଉଁ ଗୃହସ୍ଥୀ ବ୍ୟକ୍ତି ଦାନ କରେ ନାହିଁ, ସେହି ବ୍ୟକ୍ତି ମ୍ଲେଚ୍ଛ ଅର୍ଥାତ ଦୁଷ୍ଟ ବ୍ୟକ୍ତି ସମାନ ଅଟେ । ତେଣୁ ହେ ବୁଦ୍ଧିମାନ ବନ୍ଧୁଗଣ ! ଦାନ କରିବା ପାଇଁ ସର୍ବଦା ଚେଷ୍ଟା କରନ୍ତୁ ।

ପାତ୍ର-କୁପାତ୍ର ବିଚାର କେ ତବ ଦୀଜୈ ତାହି ଦାନ ।
ଦେତା ଲେତା ସୁଖ ଲହ ଅନ୍ତ ହୋୟ ନେହୀଁ ହାନ ॥

ଭାବାର୍ଥ:- କୁପାତ୍ରକୁ ଦାନ ଦେବା ଅନୁଚିତ । ସୁପାତ୍ରକୁ ହର୍ଷପୂର୍ବକ ଦାନ ଦେବା ଉଚିତ୍ । ସୁପାତ୍ର ବିଷୟରେ ଗୁରୁଦେବ ଏହା କହିଛନ୍ତି ଯେ କେହି ଯଦି ଭୋକିଲା ଅଛି ତେବେ ତାକୁ ଭୋଜନ ଦେବା ଉଚିତ । କୌଣସି ରୋଗୀ ଯଦି ଚିକିତ୍ସା ଆବଶ୍ୟକ କରୁଛି ତେବେ ନିଜେ ଉପସ୍ଥିତିରେ ପଇସା ଖର୍ଚ୍ଚ କରି ସେହି ରୋଗୀର ଚିକିତ୍ସା କରାଇବା ଉଚିତ । ବନ୍ୟା ପ୍ରପୀଡ଼ିତ, ଭୂମିକମ୍ପ ପ୍ରପୀଡ଼ିତଙ୍କୁ ଗୋଷ୍ଠୀ ଅର୍ନ୍ତଭୁକ୍ତ କରି ନିଜ ହାତରେ ଭୋଜନ-କପଡ଼ା ଆଦି ଦେବାକୁ ସୁପାତ୍ରରେ ଦିଆଯିବା ଦାନ ବୋଲି କହିଛନ୍ତି । ଏଥିରେ କୌଣସି ଅନିଷ୍ଟ ହୋଇନଥାଏ ।

"ଧର୍ମ ବୋଧ ପୃଷ୍ଠା ୧୭୯ ର ସାରାଂଶ"

କବୀର, ଫଳ କାରଣ ସେବା କରୈ, ନିଶଦିନ ଯାଚୈ ରାମ ।
କହ କବୀର ସେବା ନେହୀଁ, ଜୋ ଚାହୈ ଚୌଗୁନେ ଦାମ ॥

ଭାବାର୍ଥ:- କୌଣସି କାର୍ଯ୍ୟସିଦ୍ଧି ପାଇଁ ଯିଏ ସେବା (ପୂଜା) କରିଥାଏ, ଦିନ-ରାତି ପରମାତ୍ମାଙ୍କୁ ମାଗିଥାଏ । ପରମେଶ୍ୱର କବୀର ଜୀ କହୁଛନ୍ତି ଯେ ସେହି ସେବା, ସେବା ନୁହେଁ ଯାହା ବଦଳରେ ଚାରିଗୁଣା ଧନ ଇଚ୍ଛା କରାଯାଇଥାଏ ।

କବୀର, ସଜ୍ଜନ ସଗେ କୁଟୁମ୍ବ ହିତୁ, ଜୋ କୋଇ ଦ୍ୱାରୈ ଆବ ।
କବହୁ ନିରାଦର ନା କୀଜିଏ, ରଖୈ ସବ କା ଭାବ ॥

ଭାବାର୍ଥ:- ଭଦ୍ର ବ୍ୟକ୍ତିଗଣ, ଅତ୍ମୀୟ ଅର୍ଥାତ ସମ୍ପର୍କୀୟ ବନ୍ଧୁ, କୁଟୁମ୍ବ ଅର୍ଥାତ ପରିଜନ ତଥା ହିତାକାଂକ୍ଷୀ ଅର୍ଥାତ ଆପଣଙ୍କ ହିତକାରୀ ଆପଣଙ୍କ ଦ୍ୱାରକୁ ଆସୁଛନ୍ତି ତ ସେମାନଙ୍କର ଅନାଦର କରିବା ଉଚିତ୍ ନୁହେଁ । ସମସ୍ତଙ୍କୁ ସମ୍ମାନ କରିବା ଉଚିତ ।

କବୀର, କୋଡ଼ୀ-କୋଡ଼ୀ ଜୋଡ଼ି କର୍, କୀନେ ଲାଖ କରୋର ।
ପୈସା ଏକ ନା ସଙ୍ଗ ଚଲୈ, କେତେ ଦାମ ବଟୋର ॥

ଭାବାର୍ଥ:- ଦାନ ଧର୍ମରେ ଟଙ୍କା ଖର୍ଚ୍ଚ ନ କରି ଲକ୍ଷ-କୋଟି ଟଙ୍କା ଠୁଳ କଲ । ଯେତେ ଧନ ସଂଗ୍ରହ କରି ରଖିଥିଲେ ମଧ୍ୟ ସଂସାର ଛାଡ଼ି ଯିବା ସମୟରେ ଏକ ପଇସା ମଧ୍ୟ ସାଥିରେ ଯିବ ନାହିଁ ।

ଜୋ ଧନ ହରିକେ ହେତ, ଧର୍ମ ରାହ ନେହୀଁ ଲଗାତ ।
ସୋ ଧନ ଚୋର ଲବାର ଗହ, ଧର ଛାଡୀ ପର ଲାତ ॥

ଭାବାର୍ଥ:- ଯେଉଁ ଧନ ପରମାତ୍ମାଙ୍କ ଉଦ୍ଦେଷ୍ୟରେ ଖର୍ଚ୍ଚ ହୁଏ ନାହିଁ, କୌଣସି ଧର୍ମ-କର୍ମରେ ଲାଗେ ନାହିଁ, ସେହି ବ୍ୟକ୍ତିର ଧନକୁ ଚୋର-ଡକାୟତ, ଲୁଣ୍ଠନକାରୀ ନାଲି ଅଖି ଦେଖାଇ ଅର୍ଥାତ ଡ଼ରାଇ-ଧମକାଇ ଛଡ଼ାଇ ନେଇଯାନ୍ତି ।

ସତକା ସୌଦା ଜୋ କରେ, ଦମ୍ମ ଛଲ୍ ଛିଦ୍ର ତ୍ୟାଗୈ ।
ଅପନେ ଭାଗ କା ଧନ ଲହୈ, ପରଧନ ବିଷ ସମ ଲାଗୈ ॥

ଭାବାର୍ଥ:- ପରମାତ୍ମାଙ୍କ ପ୍ରତି ଭୟ ରଖି, ସତ୍ୟକୁ ଆଧାର କରି ସମସ୍ତ କର୍ମ କରିବା ସହିତ ନିଜ ଭାଗ୍ୟରେ ଯେଉଁ ଧନ ଲେଖା ଅଛି ସେଥିରେ ହିଁ ସନ୍ତୁଷ୍ଟ ହେବା ଉଚିତ୍ । ପର ଧନ ବିଷ ସମାନ ଅଟେ ।

ଭୂଖା ଜହି ଘର ତେ ଫିରୈ, ତାକୋ ଲାଗେ ପାପ ।
ଭୂଖୋଂ ଭୋଜନ ଜୋ ଦେତ ହେ, କଟେ କୋଟି ସନ୍ତାପ ॥

ଭାବାର୍ଥ:- କେଉଁ ଘରୁ ଯଦି କେହି ଭୋକିଲା ପେଟରେ ଫେରିଯାଏ ତେବେ ତାକୁ ପାପ ଲାଗିଥାଏ । ଭୋକିଲା ବ୍ୟକ୍ତିକୁ ଭୋଜନ ଦେବା ଲୋକର କୋଟି-କୋଟି ବାଧା-ବିଘ୍ନ ଟଳି ଯାଇଥାଏ ।

ପ୍ରଥମ ସନ୍ଥ କୋ ଜୀମାଇଏ । ପିଛେ ଭୋଜନ ଭୋଗ ।
ଐସେ ପାପ କୋ ଟାଳିୟେ, କଟେ ନିତ୍ୟ କା ରୋଗ ॥

ଭାବାର୍ଥ:- ଯଦି ଆପଣଙ୍କ ଘରକୁ କେହି ସନ୍ଥ (ଭକ୍ତ) ଆସନ୍ତି ତେବେ ପ୍ରଥମେ ତାଙ୍କୁ ଭୋଜନ ଦେବା ଉଚିତ୍, ଆପଣ ପରେ ଭୋଜନ କରିବା ଉଚିତ୍ । ଏହି ପ୍ରକାରେ ପ୍ରତିଦିନ ନିଜ ଉପରକୁ ଆସୁଥିବା ପାପକର୍ମ ଜନିତ କଷ୍ଟକୁ ଟାଳିବା ଉଚିତ୍ ।

ଧର୍ମ ବୋଧ ପୃଷ୍ଠା ୧୮୦ର ସାରାଂଶ:-

କବୀର, ଯଦ୍ୟପି ଉତ୍ତମ କର୍ମ କରି, ରହୈ ରହିତ ଅଭିମାନ ।
ସାଧୁ ଦେଖୀ ସିର ନାବତେ, କରତେ ଆଦର ମାନ ॥

ଭାବାର୍ଥ:- ଅଭିମାନ ତ୍ୟାଗ କରି ଶ୍ରେଷ୍ଠ କର୍ମ କରିବା ଉଚିତ୍ । ସନ୍ଥ, ଭକ୍ତ ଆସୁଥିବା ଦେଖି ନତମସ୍ତକ ହୋଇ ପ୍ରଣାମ ତଥା ସମ୍ମାନ କରିବା ଉଚିତ୍ ।

କବୀର, ବାର-ବାର ନିଜ ଶ୍ରବଣତେଁ, ସୁନେ ଜୋ ଧର୍ମ ପୁରାଣ ।
କୋମଳ ଚିତ ଉଦାର ନିତ, ହିଂସା ରହିତ ବଖାନ ॥

ଭାବାର୍ଥ :- ଭକ୍ତ, ଧର୍ମ-କର୍ମ ସମ୍ବନ୍ଧିତ ସତସଙ୍ଗ ଜ୍ଞାନ ବାରମ୍ବାର ଶୁଣି ନିଜ ଚିତ୍ତକୁ କୋମଳ ରଖିବା ଉଚିତ । ଅହିଂସା ପରମ ଧର୍ମ ଅଟେ । ତେଣୁ ଅହିଂସା ସମ୍ବନ୍ଧୀୟ ପ୍ରବଚନ ଶୁଣିବା ଉଚିତ୍ ।

କବୀର, ନ୍ୟାୟ ଧର୍ମଯୁକ୍ତ କର୍ମ ସବ କରୈଁ, ନ କରନା କବହୁ ଅନ୍ୟାୟ ।
ଜୋ ଅନ୍ୟାୟୀ ପୁରୁଷ ହୈଂ, ବନ୍ଧେ ଯମପୁର ଜାୟ ॥

ଭାବାର୍ଥ:- ସର୍ବଦା ନ୍ୟାୟସଙ୍ଗତ କର୍ମ କରିବା ଉଚିତ୍ । କେବେ ଅନ୍ୟାୟ କରିବା ଉଚିତ୍ ନୁହେଁ । ଯେଉଁମାନେ ଅନ୍ୟାୟ କରନ୍ତି, ସେମାନେ ଯମରାଜଙ୍କ ଲୋକକୁ ଯାଇ ନର୍କରେ ପଡ଼ନ୍ତି ।

ଧର୍ମବୋଧ ପୃଷ୍ଠା ୧୮୧ ର ସାରାଂଶ:-

କବୀର, ଗୃହ କାରଣ ମେଁ ପାପ ବହୁ, ନିତ ଲାଗୈ ସୁନ ଲୋୟ ।
ତାହିତେ ଦାନ ଅବଶ୍ୟ ହୈ, ଦୂର ତାହିତେ ହୋୟ ।
କବୀର, ଚକ୍କୀ ଚୌଁକୈ ଚୂଲହ ମେଁ, ଝାଡୁ ଅରୁ ଜଲପାନ ।
ଗୃହ ଆଶ୍ରମୀ କୋ ନିତ୍ୟ ୟହ, ପାପ ପାଞ୍ଚେ ବିଧି ଜାନ ॥

ଭାବାର୍ଥ:- ଗୃହସ୍ଥୀ ବ୍ୟକ୍ତିଙ୍କୁ ଚକିରେ ଅଟା ପେସିବା, ଖାଦ୍ୟ ତିଆରି କରିବା ପାଇଁ ଚୂଲୀରେ ନିଆଁ ଜଳାଇବା, ଚୌଁକା ଅର୍ଥାତ୍ ଭୂମି ଲିପିବା, ଝାଡୁ ମାରିବା ତଥା ଖାଇବା-ପିଇବାରେ ଏହିଭଳି ପାଞ୍ଚ ପ୍ରକାରର ପାପ ଲାଗିଥାଏ । ଆରେ ସାଂସାରୀ ବ୍ୟକ୍ତି ! ଶୁଣ ! ଏହି ସବୁ କାରଣରୁ ଆପଣଙ୍କୁ ପ୍ରତିଦିନ ପାପ ଲାଗୁଛି । ତେଣୁ ଦାନ କରିବା ଆବଶ୍ୟକ ଅଟେ । ଏହି ପାପ ଦାନ ଧର୍ମ ଦ୍ୱାରା ହିଁ ନାଶ ହୋଇଥାଏ ।

କବୀର, କଛୁ କଟେ ସତସଙ୍ଗ ସତେ, କଛୁ ନାମ କେ ଜାପ ।
କଛୁ ସନ୍ଥକେ ଦର୍ଶତେ, କଛୁ ଦାନ ପ୍ରତାପ ॥

ଭାବାର୍ଥ:- ଭକ୍ତର ପାପ ବିଭିନ୍ନ ଧାର୍ମିକ କ୍ରିୟା ଦ୍ୱାରା ସମାପ୍ତ ହୋଇଥାଏ, କିଛି ପାପ ସତସଙ୍ଗ-ବଚନ ଶ୍ରବଣ ଦ୍ୱାରା ଜ୍ଞାନଯଜ୍ଞ କାରଣରୁ କଟିଥାଏ, କିଛି ପାପ ନାମ ଜପ ଦ୍ୱାରା କଟିଥାଏ, କିଛି ପାପ ସନ୍ଥଙ୍କ ଦର୍ଶନ ଦ୍ୱାରା କଟିଥାଏ ତଥା କିଛି ପାପ ଦାନ-ଧର୍ମ ଦ୍ୱାରା ସମାପ୍ତ ହୋଇଥାଏ ।

ଆମ୍ଭେ ପିନ୍ଧୁଥିବା ବସ୍ତ୍ର ଯେପରି ମାଟି-ଧୂଳି ଲାଗିବା ଦ୍ୱାରା ମଇଳା ହୋଇଥାଏ । ସେଗୁଡ଼ିକୁ ପାଣି-ସାବୁନ ଦ୍ୱାରା ସଫା କରାଯାଇଥାଏ । ଏହିପରି ପ୍ରତିଦିନର କାର୍ଯ୍ୟରେ ପାପ ଲାଗିବା ସ୍ୱାଭାବିକ । ବସ୍ତ୍ର ପରି ସତସଙ୍ଗ ବଚନ, ନାମ ସୁମିରଣ, ଦାନ ଓ ସନ୍ଥ ଦର୍ଶନ ରୂପକ ସାବୁନ ଓ ପାଣିରେ ନିତ୍ୟ ଧୋଇବା ଦ୍ୱାରା ଆତ୍ମା ନିର୍ମଳ ରହିଥାଏ । ଭକ୍ତିରେ ମନ ଲାଗି ରହିଥାଏ ।

କବୀର, ଜୋ ଧନ ପାୟ ନା ଧର୍ମ କରତ, ନାହୀଁ ସଦ ବ୍ୟୋହାର ।
ସୋ ପ୍ରଭୁ କେ ଚୋର ହେ, ଫିରତେ ମାରୋ ମାର ॥

ଭାବାର୍ଥ:- ପରମାତ୍ମା ମାନବକୁ ଯେଉଁ ଧନ ଦେଇଥାନ୍ତି, ସେହି ଧନରୁ ଯେଉଁମାନେ ଦାନ ଏବଂ ଉତ୍ତମ ଆଚରଣ କରନ୍ତି ନାହିଁ ସେମାନେ ପରମାତ୍ମାଙ୍କର ଚୋର ଅଟନ୍ତି ଏବଂ ସେମାନେ ମାୟା ଠୁଳ କରିବା ନିଶାରେ ଏଠି ସେଠି ଘୂରିବୁଲନ୍ତି । ସନ୍ଥ ଗରୀବ ଦାସଜୀ ମଧ୍ୟ କହିଛନ୍ତି ଯେ:-

ଜିନ ହର କୀ ଚୋରୀ କରୀ, ଔର ଗଏ ରାମ ଗୁଣ ଭୂଲ ।
ତେ ବିଧନା ବାଗୁଲ କିଏ, ରହେ ଉଧ ମୁଖ ଝୁଲ ॥

ଏହି ପ୍ରମାଣ ବିଷୟରେ ଗୀତା ଅଧ୍ୟାୟ ୩, ଶ୍ଳୋକ ୧୦ ରୁ ୧୩ ରେ କୁହାଯାଇଛି ଯେ ଯେଉଁମାନେ ଧର୍ମ-କର୍ମ କରନ୍ତି ନାହିଁ, ଯେଉଁମାନେ ପରମାତ୍ମାଙ୍କ ଦ୍ୱାରା ଦିଆଯାଇଥିବା ଧନରୁ

ଦାନ ଆଦି ଧର୍ମ କାର୍ଯ୍ୟ କରନ୍ତି ନାହିଁ, ସେମାନେ ତ ଚୋର ଅଟନ୍ତି । ସେମାନେ କେବଳ ନିଜ ଶରୀର ପୋଷଣ ପାଇଁ ଅନ୍ନ ରାନ୍ଧିଥାନ୍ତି । ଧର୍ମ କାର୍ଯ୍ୟରେ ନ ଲଗାଇ ସେମାନେ ତ କେବଳ ପାପ ଖାଇଥାନ୍ତି ।

"ପିଲାମାନଙ୍କୁ ନିଶ୍ଚୟ ପାଠ ପଢାଇବା ଉଚିତ୍"

କବୀର, ମାତ ପିତା ସୋ ଶତ୍ରୁ ହେଁ, ବାଲ ପଢ଼ାବୈ ନାହୀଁ ।
ହଂସନ ମେଁ ବଗୁଲା ଯଥା, ତଥା ଅନପଢ଼୍ ସୋ ପଣ୍ଡିତ ମାହୀଁ ॥

ଭାବାର୍ଥ:- ଯେଉଁ ମାତା-ପିତା ନିଜ ପିଲାମାନଙ୍କୁ ପାଠ ପଢ଼ାନ୍ତି ନାହିଁ, ସେମାନେ ନିଜ ପିଲାଙ୍କର ଶତ୍ରୁ ଅଟନ୍ତି । ଶିକ୍ଷିତ ଓ ଅଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ପାର୍ଥକ୍ୟ ଏହିଭଳି, ଯେପରି ହଂସ ପକ୍ଷୀ ମଧ୍ୟରେ ବଗୁଲା । ଏଠାରେ ପଢ଼ାଇବାର ତାତ୍ପର୍ଯ୍ୟ ପିଲାମାନଙ୍କୁ ଧାର୍ମିକ ଜ୍ଞାନ କରାଇବା, ସତସଙ୍ଗ ଶୁଣାଇବା ଆଦି ଅଟେ ।

ଯଦି କୌଣସି ବ୍ୟକ୍ତିର ଆଧ୍ୟାତ୍ମିକ ଜ୍ଞାନ ନାହିଁ ତେବେ ସେ ଶୁଭ-ଅଶୁଭ କର୍ମ ବିଷୟରେ ଜାଣିପାରେ ନାହିଁ । ଯେଉଁ କାରଣରୁ ସେ ପାପ ପରେ ପାପ କରିଥାଏ । ଯେଉଁମାନେ ସତସଙ୍ଗ ଶୁଣନ୍ତି ସେମାନଙ୍କୁ ସମ୍ପୂର୍ଣ୍ଣ କର୍ମ ତଥା ଆଧ୍ୟାତ୍ମିକତା ବିଷୟରେ ଜ୍ଞାନ ହୋଇଯାଇଥାଏ । ସେହି ବ୍ୟକ୍ତି କେବେ ବି ପାପ କରିନଥାଏ । ସେ ହଂସ ପକ୍ଷୀ ଭଳି ସରୋବରରୁ କେବଳ ମୋତି ଖାଇଥାଏ, ଜୀବ-ଜନ୍ତୁ, ମାଛ ଆଦି ଖାଇନଥାଏ । କିନ୍ତୁ ଏହି ଗୁଣ ବିପରିତ ଆଧ୍ୟାତ୍ମିକ ଜ୍ଞାନହୀନ ବ୍ୟକ୍ତିମାନଙ୍କର ବଗୁଲା ପକ୍ଷୀ ଭଳି ସ୍ୱଭାବ ହୋଇଥାଏ । ବଗୁଲା ପକ୍ଷୀ, ମାଛ, ଗେଣ୍ଡା, ପୋକ ଆଦି ଜଳଜୀବ ଖାଇଥାଏ । ଶରୀର ଅନୁସାରେ ହଂସ ଓ ବଗୁଲା ପକ୍ଷୀ ସମାନ ଆକାରର ତଥା ଧଳା ରଙ୍ଗର ଅଟନ୍ତି । ସେମାନଙ୍କୁ ଦେଖି ଚିହ୍ନି ହୋଇନଥାଏ । ସେମାନଙ୍କୁ ସେମାନଙ୍କର କର୍ମରୁ ଜାଣି ହୁଏ । ଏହିପରି ତତ୍ତ୍ୱଜ୍ଞାନ ଯୁକ୍ତ ବ୍ୟକ୍ତିମାନଙ୍କୁ ଶୁଭ କର୍ମ ତଥା ତତ୍ତ୍ୱଜ୍ଞାନ ହୀନ ବ୍ୟକ୍ତିମାନଙ୍କୁ ଅଶୁଭ କର୍ମ ଆଧାରରେ ଚିହ୍ନାଯାଇ ଥାଏ ।

କବୀର, ପହଲେ ଅପନେ ଧର୍ମ କୋ, ଭଲି ଭାଁତି ସିଖ୍‌ଲାୟ ।
ଅନ୍ୟ ଧର୍ମ କୀ ଶିଖ ସୁନି, ଭଟକି ବାଲ ବୁଦ୍ଧି ଜାୟ ।

ଭାବାର୍ଥ :- ପିଲା ବା ପରିବାରର ଅନ୍ୟ ସଦସ୍ୟମାନଙ୍କୁ ପ୍ରଥମେ ନିଜ ଧର୍ମ ବିଷୟରେ ସଂପୂର୍ଣ୍ଣ ଜ୍ଞାନ କରାଇବା ଉଚିତ । ଯେଉଁମାନଙ୍କୁ ନିଜ ଧର୍ମ ଅର୍ଥାତ ଧାର୍ମିକ କ୍ରିୟା ବିଷୟରେ କୌଣସି ଜ୍ଞାନ ନାହିଁ, ସେମାନେ ବାଲୁତ ବୁଦ୍ଧି ଯୁକ୍ତ ହୋଇଥାନ୍ତି । ସେମାନେ ଅନ୍ୟ ଧର୍ମ ପନ୍ଥ(ମାର୍ଗ)ର ଶିକ୍ଷାରେ ପ୍ରଭାବିତ ହୋଇ ବାଟବଣା ହୋଇଯାନ୍ତି ଅର୍ଥାତ ବାସ୍ତବିକ ଭକ୍ତି ମାର୍ଗରୁ ଦୂରେଇ ଯାଇଥାନ୍ତି । ଯେଉଁମାନଙ୍କୁ ନିଜ ଧର୍ମ (ପନ୍ଥ)ର ସମ୍ପୂର୍ଣ୍ଣ ଜ୍ଞାନ ଥାଏ, ସେମାନେ କଦାପି ଭ୍ରମିତ ହୁଅନ୍ତି ନାହିଁ ।

ଧର୍ମ ବୋଧ ପୃଷ୍ଠା ୧୮୨ ର ସାରାଂଶ :-

କବୀର, ଜୋ କଛୁ ଧନ କା ଲାଭ ହୋ, ଶୁଦ୍ଧ କମାଇ କୀନ ।
ତା ଧନ କେ ଦଶଓ୍ୱେଁ ଅଂଶ କୋ, ଅପନେ ଗୁରୁକୋ ଦୀନ ॥
ଦସଓ୍ୱାଁ ଅଂଶ ଗୁରୁକୋ ଦୀଜୈ । ଅପ୍ନା ଜନ୍ମ ସଫଲ କର ଲୀଜୈ ॥

ଭାବାର୍ଥ:- ଶୁଦ୍ଧ ସତ୍ ଉପାର୍ଜନରୁ ଯେଉଁ ଲାଭ ହୋଇଥାଏ, ତାହାର ଦଶ ଭାଗରୁ ଏକ ଭାଗ ନିଜ ଗୁରୁଦେବଙ୍କୁ ଦାନ କରିବା ଉଚିତ୍ ।

କବୀର, ଜେ ଗୁରୁ ନିକଟ ନିବାସ କରୈ, ତୋ ସେବା କର ନିତ୍ୟ ।
ଜୋ କଛୁ ଦୂର ବସୈ, ପଲ ପଲ ଧ୍ୟାନ ସେ ହିତ ॥

ଭାବାର୍ଥ:- ଯଦି ଗୁରୁଙ୍କ ଆସ୍ଥାନ ଆପଣଙ୍କ ବାସସ୍ଥାନ ନିକଟରେ ହୋଇଥିବ ତେବେ ସେବା କରିବା ପାଇଁ ପ୍ରତିଦିନ ଯାଆନ୍ତୁ । ଯଦି ଦୂରରେ ଅଛନ୍ତି ତେବେ ପ୍ରତି କ୍ଷଣରେ ତାଙ୍କୁ ସ୍ମରଣ କରିବା ଉଚିତ । ଏହା ଦ୍ୱାରା ସାଧକର ହିତ ସାଧନ ହୋଇଥାଏ । ଅର୍ଥାତ୍ ଲାଭ ମିଳିଥାଏ ।

କବୀର, ଛଠେ ମାସ ଗୁରୁ ଦର୍ଶ କରନ ତେ, କବହୁ ନା ଚୁକୋ ହଂସ ।
ଗୁରୁ ଦର୍ଶ ଅରୁ ସତସଙ୍ଗ ବିଚାର, ସୋ ଉଧରୈ ଜାତ ହୈ ବଂଶ ॥
କବୀର, ଛଠେ ମାସ ନା କରି ସକେ, ବର୍ଷ ମେଁ କରୋ ଧାୟ ।
ବର୍ଷ ମେଁ ଦର୍ଶ ନାହିଁ କରେ, ସୋ ଭକ୍ତ ସାକିଟ ଠହରାୟ ॥
କବୀର ଜୈ ଗୁରୁ ପରଲୋକ ଗମନ କରେ, ସୀଖ ମାନିୟୋ ଶୀଶ ।
ହରଦମ ଗୁରୁ କୋ ସାଥ ଜାନି, ସୁମରୋ ନିତ ଜଗଦୀଶ ॥
କବୀର ଗୁରୁ ମରା ମତ ଜାନିୟୋ, ବସ୍ତ୍ର ତ୍ୟାଗା ସ୍ଥୁଳ ।
ସୂକ୍ଷ୍ମ ଦେହୀ ଗମନ କରି, ଖିଲା ଅମର ଓହ ଫୁଲ ॥
କବୀର ସତଲୋକ ମେଁ ବୈଠୀ କର, ଗୁରୁ ନିରଖୈ ତୋହେ ।
ଗୁରୁ ତଜ ନା ଓୌର ମାନିୟୋ, ଅଧାମ୍ ହାନି ହୋୟ ॥
କବୀର ଗୁରୁ କେ ଶିଷ୍ୟ କୀ ଜଗଦୀଶ କରୈ ସହାୟ ।
ନାମ ଜପୈ, ଅରୁ ଦାନ ଧର୍ମ ମେଁ କବହୁ ନ ଅଳସାୟ ।
କବୀର, ଜୈସେ ରବି ଆକାଶ ସେ, ସବକେ ସାଥ ରହାୟ ॥
ଉଷ୍ଣତା ଅରୁ ପ୍ରକାଶ କୋ, ଦୂରହୀ ତେ ପହୁଞ୍ଚାୟ ॥
କବୀର, ଏୟିସେ ଗୁରୁ ଜହାଁ ବସେ, ସବ ପର କରେ ରଜା ।
ଗୁରୁ ସମୀପ ଜାନକର ସକଳ ବିକାର କରତ ଲଜା ॥

ଭାବାର୍ଥ:- ପ୍ରତି ଛ' ମାସରେ ଗୁରୁଜୀଙ୍କର ଦର୍ଶନ ନିଶ୍ଚୟ କରନ୍ତୁ । ସତସଙ୍ଗ ଓ ଗୁରୁ ଦର୍ଶନ ଦ୍ୱାରା ପୁରା ବଂଶର ମୁକ୍ତି ହୋଇଥାଏ । ଯଦି ଛ' ମାସରେ ଦର୍ଶନ କରିପାରୁ ନାହାଁନ୍ତି ତେବେ ବର୍ଷରେ ଥରେ ଅତି ବ୍ୟଗ୍ରତାର ସହ ଅର୍ଥାତ ଉତ୍କଣ୍ଠାର ସହିତ ଦର୍ଶନ କରିବାକୁ ଯାଆନ୍ତୁ । ଯେଉଁ ଶିଷ୍ୟ ବର୍ଷରେ ଥରେ ବି ଗୁରୁ ଦର୍ଶନ ନ କରୁଛି ସେହି ଶିଷ୍ୟକୁ ଭକ୍ତିହୀନ କୁହାଯାଇଥାଏ ।

ଯଦି ଗୁରୁଜୀ ସତ୍‌ଲୋକ ଚାଲିଯାଆନ୍ତି ତେବେ ତାଙ୍କ ଶିକ୍ଷାକୁ ଆଧାର ମାନି ନିଜ ଧର୍ମ-କର୍ମ କରିବା ଜାରି ରଖନ୍ତୁ । ଗୁରୁଦେବଙ୍କୁ ନିଜ ପାଖରେ ପ୍ରତି କ୍ଷଣ ଥିବା ପରି ମନେକରି ପରମେଶ୍ୱରଙ୍କର ଭଜନ କରନ୍ତୁ, ଗୁରୁଜୀ ଯେଉଁ ଦୀକ୍ଷା ମନ୍ତ୍ର ଦେଇଛନ୍ତି, ସେହି ମନ୍ତ୍ରର ଜପ କରନ୍ତୁ ।

ଗୁରୁଜୀଙ୍କୁ ମୃତ ବୋଲି ଭାବନ୍ତୁ ନାହିଁ । ଏହା ତ ସ୍ଥୁଳ ଶରୀର ତ୍ୟାଗ ଅଟେ ଯେପରି ପିନ୍ଧା ବସ୍ତ୍ରକୁ କାଢି ଦିଆ ଯାଇଥାଏ । ଶରୀର ସୁରକ୍ଷିତ ରହିଥାଏ । ଏହିଭଳି ସ୍ଥୁଳ ଶରୀର ରୂପି ବସ୍ତ୍ର ତ୍ୟାଗ କରିଛନ୍ତି ବୋଲି ଭାବିବା ଉଚିତ । ନୂରୀ (ତେଜ ପୁଞ୍ଜ) ଶରୀରରେ ସତ୍ୟଲୋକକୁ ଚାଲି ଯାଇଛନ୍ତି । ସେଠାରେ ଅମରତ୍ୱ ପ୍ରାପ୍ତ କରିଛନ୍ତି । ଆପଣଙ୍କର ଅପେକ୍ଷା କରିଛନ୍ତି । ଆପଣଙ୍କୁ ମଧ୍ୟ ସେଠାକୁ ଯିବାର ଅଛି । ଯେ ପର୍ଯ୍ୟନ୍ତ ଆପଣ ନ ମରିଛନ୍ତି (ସ୍ଥୁଳ ଶରୀର ତ୍ୟାଗ ନ କରିବା ପର୍ଯ୍ୟନ୍ତ) ସେ ପର୍ଯ୍ୟନ୍ତ ସତଲୋକକୁ ଯାଇ ପାରିବେ ନାହିଁ । ଶିଷ୍ୟମାନଙ୍କୁ ମଧ୍ୟ ଏହି ସ୍ଥୁଳ ବସ୍ତ୍ର ତ୍ୟାଗ କରିବାକୁ ପଡ଼ିବ । ତେଣୁ ଗୁରୁଜୀଙ୍କ ଶରୀର ତ୍ୟାଗରେ ଶୋକ ନ କରି ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ସାଧନା କରନ୍ତୁ ତଥା ସମସ୍ତ ନିୟମ ମର୍ଯ୍ୟାଦା ପାଳନ କରି ନିଜ ଜୀବନ ସଫଳ କରାନ୍ତୁ ।

ଗୁରୁଦେବ ସତ୍ୟଲୋକରେ ବସି ଆପଣଙ୍କୁ ଦେଖୁଥିବେ । ଗୁରୁଜୀ ସଂସାର ତ୍ୟାଗ କରି ଚାଲିଯିବା ପରେ ଆଉ କାହାକୁ ଗୁରୁ ରୂପରେ ଦେଖିବେ ନାହିଁ, ନଚେତ୍ ଭକ୍ତି କ୍ଷୟ ହୋଇଯିବ ।

ଗୁରୁଜୀଙ୍କଠାରୁ ଉପଦେଶ ପ୍ରାପ୍ତ କରିଥିବା ଶିଷ୍ୟକୁ ପରମେଶ୍ୱର ସହାୟତା କରିଥାନ୍ତି । ଗୁରୁଜୀଙ୍କ ଦ୍ୱାରା ପ୍ରଦତ୍ତ ନାମର ଜପ କରିବା ତଥା ଦାନ-ଧର୍ମ କରିବାରେ ଶିଷ୍ୟକୁ କଦାପି ଆଳସ୍ୟ କରିବା ଅନୁଚିତ ।

ସୂର୍ଯ୍ୟ ଯେପରି ଦୂର ଆକାଶରେ ଥାଇ ମଧ୍ୟ ସମସ୍ତଙ୍କୁ ଉଷ୍ଣତା ଓ ଆଲୋକ ପ୍ରଦାନ କରିଥାନ୍ତି, ସମସ୍ତଙ୍କୁ ନିଜ ନିଜ ପାଖରେ ନଜର ଆସିଥାନ୍ତି । ଏହିଭଳି ଗୁରୁଜୀ ଯେଉଁଠାରେ ବି ବସିଥାନ୍ତୁ ନା

କାହିଁକି, ସେହିଠାରୁ ହିଁ ନିଜ ଭକ୍ତମାନଙ୍କ ଉପରେ କୃପା କରିଥାନ୍ତି । ଗୁରୁଜୀ ମୋ ନିକଟରେ ଅଛନ୍ତି ତଥା ମୋତେ ଦେଖୁଛନ୍ତି ବୋଲି ଭାବି ବିଷୟ-ବିକାର ଗ୍ରସ୍ତ ହେବାରେ ଲଜ୍ଜାବୋଧ କରି ତାହା ପରିତ୍ୟାଗ କରିବା ଉଚିତ୍ ।

ଧର୍ମବୋଧ ପୃଷ୍ଠା ୧୮୩ ରେ ସାରାଂଶ:-

କବୀର, କେତେ ଜନକାଦିକ ଗୃହୀ ଜୋ ନିଜ ଧର୍ମ ପ୍ରବୀନ ।
ପାୟେ ଶୁଭଗତି ଆପ ହୀ ଔରନହୁ ମତି ଦୀନ ॥

ଭାବାର୍ଥ:- ରାଜା ଜନକଙ୍କ ଭଳି ଗୃହସ୍ଥି, ନିଜ ଧର୍ମର ବିଦ୍ୱାନ ଥିଲେ ଅର୍ଥାତ ମାନବ କର୍ମର ଜ୍ଞାନୀ ଥିଲେ । ଯେଉଁ କାରଣ ପାଇଁ ଶୁଭଗତି ପ୍ରାପ୍ତ କଲେ ଅର୍ଥାତ୍ ସ୍ୱର୍ଗ ପ୍ରାପ୍ତ କଲେ ତଥା ଅନ୍ୟମାନଙ୍କୁ ମଧ୍ୟ ସ୍ୱର୍ଗ ପ୍ରାପ୍ତିର ମାର୍ଗ ବିଷୟରେ କହିଲେ ।

କବୀର, ହରି କେ ହେତ ନ ଦେତ, ଧନ ଦେତ କୁମାର୍ଗ ମାହୀଂ ।
ଐସେ ଅନ୍ୟାୟୀ ଅଧମ, ବାନ୍ଧେ ଯମପୁର ଜାହୀଂ ॥

ଭାବାର୍ଥ:- ଯେଉଁ ବ୍ୟକ୍ତିମାନେ ଧର୍ମ କରନ୍ତି ନାହିଁ ଅଧିକନ୍ତୁ ଧନର ଦୂରୁପଯୋଗ କରି ମଦ ପିଇଥାନ୍ତି, ମାଂସ ଖାଇଥାନ୍ତି, ତମ୍ବାଖୁ ସେବନ କରିଥାନ୍ତି ଏବଂ ଲୋକ ଦେଖାଣିଆ କାର୍ଯ୍ୟରେ ଅଯଥା ଖର୍ଚ୍ଚ କରିଥାନ୍ତି, ଏହିଭଳି ଅନ୍ୟାୟୀ, ହୀନ ଆତ୍ମାକୁ ଯମଲୋକ ଅର୍ଥାତ ନର୍କଲୋକକୁ ବାନ୍ଧିକରି ନିଆ ଯାଇଥାଏ ।

"ଭକ୍ତର ବ୍ୟବହାର କିଭଳି ହେବା ଉଚିତ୍ ?"

ନିଜଧନ କେ ଭାଗୀ ଜେତେ ସଗେ ବନ୍ଧୁ ପରିବାର ।
ଜୈସା ଯାକୋ ଭାଗ ହୈ ଦୀଜୈ ଧର୍ମ ସମ୍ଭାର ।

ଭାବାର୍ଥ:- ପରମେଶ୍ୱର କବୀର ଜୀ କହିଛନ୍ତି ଯେ ଆଇନ ଅନୁଯାୟୀ ସମ୍ପତ୍ତିର ଅଧିକାରୀ ଯେତେ ଜଣ ଥିବେ, ସେମାନଙ୍କୁ ସେମାନଙ୍କର ପୂରା ଭାଗ ଦେଇଦେବା ଉଚିତ । ଭକ୍ତ ନିଜ ଧର୍ମ-କର୍ମକୁ ଧ୍ୟାନରେ ରଖି ଅର୍ଥାତ ଯାହାର ଯେତେ ଭାଗ ପଡିବ, ପରମାତ୍ମାଙ୍କ ପ୍ରତି ଭୟ ରଖି ସଂପୂର୍ଣ୍ଣ ସମ୍ପତ୍ତିକୁ ବାଣ୍ଟିଦେବା ଉଚିତ ।

ଧର୍ମ ବୋଧ ପୃଷ୍ଠା ୧୮୪ ର ସାରାଂଶ :-

କବୀର, ଖାଟ ପଡ଼େ ତବ ଝଖଇ ନୟନନ ଆବେ ନୀର ।
ଯତନ ତବ କଛୁ ବନୈ ନହୀଁ, ତନୁ ବ୍ୟାପ ମୃତ୍ୟୁ ପୀର ॥

ଭାବାର୍ଥ:- ବୃଦ୍ଧ ହୋଇଯିବା ପରେ କିମ୍ବା ରୋଗଗ୍ରସ୍ତ ହୋଇଯିବା ପରେ ମଣିଷ ଯେତେବେଳେ ଖଟିଆରେ ପଡ଼ିରହିଥାଏ ଏବଂ ତା' ଆଖିରୁ ଅଶ୍ରୁ ବୋହି ଚାଲୁଥାଏ, ସେତେବେଳେ କୌଣସି ପ୍ରକାର ରକ୍ଷା ତା'ର ହୋଇପାରିବ ନାହିଁ, ମୃତ୍ୟୁ ସମୟର ଯନ୍ତ୍ରଣା ତାକୁ ଅବଶ୍ୟ ଭୋଗିବାକୁ ପଡିଥାଏ । କଥାରେ ଅଛି ଯେଉଁମାନେ ଭକ୍ତି କରନ୍ତି ନାହିଁ ସେମାନଙ୍କର ଅନ୍ତିମ ସମୟ ମହା କଷ୍ଟଦାୟକ ହୋଇଥାଏ । ତା' ପ୍ରାଣ ସହଜରେ ଶରୀରରୁ ବାହାରି ନଥାଏ, ତାକୁ ଏପରି ପୀଡ଼ା ହୋଇଥାଏ ଯେପରି ଲକ୍ଷ ଲକ୍ଷ ବିଛା କାମୁଡିଲେ ହୁଏ । ସେତେବେଳେ ଯମଦୂତ ତା' ତଣ୍ଟିକୁ ଚିପି ଦିଅନ୍ତି । ବ୍ୟକ୍ତି ନା କିଛି କହିପାରିଥାଏ ନା ସମ୍ପୂର୍ଣ୍ଣ ନିଶ୍ୱାସ ନେଇପାରିଥାଏ । ଆଖିରୁ କେବଳ ଅଶ୍ରୁ ବାହାରିଥାଏ । ତେଣୁ ଭକ୍ତି ଓ ଶୁଭକର୍ମ ବିଷୟରେ ଉପରେ ଯାହା କୁହାଯାଇଛି, ମାନବ ତାହା କରିବା ଉଚିତ ।

କବୀର, ଦେଖେ ଜବ ଯମ ଦୂତନ କୋ, ଇତ ଉତ ଜୀବ ଲୁକାୟ ।
ମହା ଭୟଙ୍କର ଭେଷ ଲଖୀ, ଭୟଭୀତ ହୋ ଜାୟ ॥

ଭାବାର୍ଥ:- ଯମ ଦୂତମାନଙ୍କର ରୂପ ଅତି ଭୟଙ୍କର ହୋଇଥାଏ । ମୃତ୍ୟୁ ସମୟରେ ଯମଦୂତମାନେ ସେହି ଧର୍ମ ଓ ଭକ୍ତିହୀନ ବ୍ୟକ୍ତିମାନଙ୍କୁ ହିଁ ଦେଖା ଦେଇଥାନ୍ତି । ସେମାନଙ୍କୁ ଦେଖି ଭୟବିତ ହୋଇ ପ୍ରାଣୀ ଶରୀର ଭିତରେ ଏଠି-ସେଠି ଲୁଚିବାକୁ ଚେଷ୍ଟା କରିଥାଏ ।

କବୀର, ଭକ୍ତି ଦାନ କୀୟା ନହୀଁ, ଅବ ରହ କାସ କୀ ଓଟ ।
ମାର ପୀଟ ପ୍ରାଣ ନିକାଲହୀଂ, ଜମ ତୋଡ଼େଙ୍ଗେ ହୋଠ ॥

ଭାବାର୍ଥ :- ନା ଗୁରୁ ଗ୍ରହଣ କଲୁ, ନା ଭକ୍ତି କଲୁ, ନା ଦାନ-ଧର୍ମ ଆଦି କଲୁ, ତେଣୁ ଏବେ ତୁ କାହା ଛତ୍ରଛାୟା ତଳେ ଆଶ୍ରୟ ନେବୁ ? ଯମ ଦୂତମାନେ ମାଡ ମାରି ତୋ ପ୍ରାଣ ନେବେ ଏବଂ ବିନା ବୁଝି-ବିଚାରି ତୋତେ ପ୍ରହାର କରିବେ ଅର୍ଥାତ ଅତି ନିର୍ଦ୍ଦୟ ଭାବେ ପିଟି ପିଟି ତୋ ଓଠକୁ ଫଟାଇ ଦେବେ । ଓଠ ଫଟାଇବା, ଅର୍ଥାତ ନିର୍ଦ୍ଦୟ ଭାବେ ମାରିବା ।

ଧର୍ମବୋଧ ପୃଷ୍ଠା ୧୮୫-୧୮୬ ରେ ସାମାନ୍ୟ ଜ୍ଞାନ ଅଛି ।

ଧର୍ମବୋଧ ପୃଷ୍ଠା ୧୮୭ ର ସାରାଂଶ:-

କବୀର, ମାନ ଅପମାନ ସମକର ଜାନୈ, ତଜୈ ଜଗତ କୀ ଆଶ ।
ଚାହ ରହିତ ସଂସ୍ୟ ରହିତ, ହର୍ଷ ଶୋକ ନହୀଁ ତାସ ॥

ଭାବାର୍ଥ:- ଭକ୍ତକୁ ଯଦି କେହି ଅପମାନିତ କରୁଛି ତେବେ ସେଥିପ୍ରତି ଧ୍ୟାନ ଦେବେ ନାହିଁ । ସେହି ବ୍ୟକ୍ତିର ବୁଦ୍ଧି ପ୍ରତି ଅନୁଗ୍ରହ କରିବେ ଏବଂ ଯେଉଁ ବ୍ୟକ୍ତି ସମ୍ମାନ କରିବ ତା' ପ୍ରତି ମଧ୍ୟ ଧ୍ୟାନ ଦେବେ ନାହିଁ । ଅର୍ଥାତ କାହାର ସମ୍ମାନରେ ବଶିଭୂତ ହୋଇ ନିଜ ଧର୍ମ ଖରାପ କରିବେ ନାହିଁ । ହାନୀ-ଲାଭକୁ ପରମାତ୍ମାଙ୍କର ଦାନ ଭାବି ସନ୍ତୁଷ୍ଟ ରୁହ ।

କବୀର, ମାର୍ଗ ଚଲୈ ଅଧୋ ଗତି, ଚାର ହାଥ ମାଂହୀ ଦେଖ ।
ପରତରିୟା ପର ଧନ ନା ଚାହୈ, ସମଝ ଧର୍ମ କେ ଲେଖ ॥

ଭାବାର୍ଥ:- ଭକ୍ତ ରାସ୍ତାରେ ଚାଲିବା ସମୟରେ ତଳକୁ ଚାହିଁ ଚାଲିବା ଉଚିତ । ଚାଲିବା ସମୟରେ ଭକ୍ତର ଦୃଷ୍ଟି ଚାରିହାତ ଅର୍ଥାତ ୬ ଫୁଟ ଭିତରେ ସୀମିତ ରହିବା ଉଚିତ । ଧର୍ମ-କର୍ମ ଜ୍ଞାନର ବିଚାର କରି ପରସ୍ତ୍ରୀ ଓ ପରଧନକୁ ଖରାପ ଦୃଷ୍ଟିରେ ଦେଖିବା ଅନୁଚିତ ।

କବୀର, ପାତ୍ର କୁପାତ୍ର ବିଚାର କର, ଭିକ୍ଷା ଦାନ ଜୋ ଲେତ ।
ନୀଚ୍ ଅକର୍ମୀ ସୂମ କା, ଦାନ ମହା ଦୁଃଖ ଦେତ ॥

ଭାବାର୍ଥ:- ସନ୍ଥ ଅର୍ଥାତ ଗୁରୁ ନିଜ ଶିଷ୍ୟଙ୍କ ବ୍ୟତୀତ ଅନ୍ୟ କାହାଠାରୁ ଦାନ-ଭିକ୍ଷା ନେବା ଅନୁଚିତ । କୁକର୍ମୀ ଓ ଅଧର୍ମୀର ଧନ ବହୁତ ଦୁଃଖ ଦେଇଥାଏ ।

ପୃଷ୍ଠା ୧୮୮ ରେ ସାମାନ୍ୟ ଜ୍ଞାନ ଅଛି ।

ଧର୍ମବୋଧ ପୃଷ୍ଠା ୧୮୯ ର ସାରାଂଶ :-

କବୀର, ଇନ୍ଦ୍ରୀତତ୍ତ୍ୱ ପ୍ରକୃତି ସେ, ଆତ୍ମ ଜାନ ପାର ।
ଜାପଏକ ପଲ ନେହୀଁ ଛୂଟୈ, ଟୂଟ ନା ପାବୈ ତାର ॥

ଭାବାର୍ଥ:- ଆତ୍ମା ପାଞ୍ଚତତ୍ତ୍ୱରୁ ଭିନ୍ନ ବୋଲି ଜାଣ । ଶରୀର ଆତ୍ମା ନୁହେଁ । ସର୍ବଦା ସତନାମ ଜାପ କର ।

କବୀର, ଜପ ତପ କରି କେ ଥକ ଗଏ, ହରି ଯଶ ଗାବେ ସନ୍ଥ ।
କୈ ଜିନ ଧର୍ମ ପୁରାଣ ପଢ଼େ, ଐସୋ ଧର୍ମ ସିଦ୍ଧାନ୍ତ ॥

ଭାବାର୍ଥ:- ଭକ୍ତ, ମନ୍ତ୍ର ଜପ କରି-କରି ଯଦି ଥକି ଯାଏ ତେବେ ପରମାତ୍ମାଙ୍କ ମହିମାର ବାଣୀ ପଢିବା ଉଚିତ୍, ମୁଖସ୍ଥ ଅଛି ଯଦି ଗାୟନ କରୁ ନଚେତ୍ ନିଜ ଧର୍ମର ପୁସ୍ତକ ପଠନ କରୁ,ଏହା ଧାର୍ମିକ ସିଦ୍ଧାନ୍ତ ଅଟେ ।

ଧର୍ମବୋଧ ପୃଷ୍ଠା ୧୯୦ ର ସାରାଂଶ:-

କବୀର, ଜ୍ଞାନୀ ରୋଗୀ ଅର୍ଥାର୍ଥୀ ଜିଜ୍ଞାସୂ ଯେ ଚାର ।
ସୋ ସବ ହୀ ହରି ଧ୍ୟାବତେ, ଜ୍ଞାନୀ ଉତରେ ପାର ॥

ଭାବାର୍ଥ:- ପରମାତ୍ମାଙ୍କ ଭକ୍ତି, ଚାରି ପ୍ରକାରର ବ୍ୟକ୍ତି କରିଥାନ୍ତି:-

୧. ଜ୍ଞାନୀ:- ଜ୍ଞାନୀକୁ ବିଶ୍ୱାସ ହୋଇଯାଇଥାଏ ଯେ ମାନବ ଜୀବନ କେବଳ ପରମାତ୍ମାଙ୍କ

ଭକ୍ତିକରି ଜୀବର କଲ୍ୟାଣ କରାଇବା ପାଇଁ ପ୍ରାପ୍ତ ହୋଇଥାଏ । ଜ୍ଞାନୀ ବ୍ୟକ୍ତିର ଏହି ବିଶ୍ୱାସ ମଧ୍ୟ ଥାଏ ଯେ କେବଳ ସେହି ଏକ ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତି ଦ୍ୱାରା ହିଁ ମୋକ୍ଷ ପ୍ରାପ୍ତ ହୋଇଥାଏ, ଅନ୍ୟ ଦେବୀ-ଦେବତାଙ୍କର ଭକ୍ତିରେ ଜନ୍ମ-ମରଣର କ୍ଲେଶ (ଦୁଃଖ) ହରଣ ହେବ ନାହିଁ । ପୂର୍ଣ୍ଣ ସତଗୁରୁଙ୍କ ଠାରୁ ଦୀକ୍ଷା ପ୍ରାପ୍ତ କରିବା ଦ୍ୱାରା ହିଁ ଲାଭ ମିଳିଥାଏ । ଏହି କାରଣରୁ କେବଳ ଜ୍ଞାନୀ ଭକ୍ତ ହିଁ ଏହି ଭବସାଗରରୁ ପାରି ହୁଅନ୍ତି ।

୨. ଅର୍ଥାର୍ଥୀ:- ଯେଉଁମାନେ କେବଳ ଧନ ଲାଭ ପାଇଁ ଭକ୍ତି କରିଥାନ୍ତି ।

୩. ଆର୍ତ୍ତ ଅର୍ଥାତ ସଙ୍କଟ ଗ୍ରସ୍ତ:- କେବଳ ନିଜ ସଙ୍କଟର ନାଶ କରିବା ପାଇଁ ଭକ୍ତି କରନ୍ତି ।

୪. ଜିଜ୍ଞାସୁ:- ଜିଜ୍ଞାସୁମାନେ ପରମାତ୍ମାଙ୍କ ଜ୍ଞାନକୁ ଅସମ୍ପୂର୍ଣ୍ଣ ବୋଲି ଭାବିଥାନ୍ତି ଏବଂ ବକ୍ତା ହୋଇ ସମ୍ମାନ (ମହିମା) ପାଇବା ଆଶାରେ ନିଜ ଜୀବନକୁ ନଷ୍ଟ କରିଥାନ୍ତି । ଏହି ପ୍ରମାଣ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୬-୧୭ ରେ ମଧ୍ୟ ଅଛି ।

ଧର୍ମବୋଧ ପୃଷ୍ଠା ୧୯୧ର ସାରାଂଶ:-

କବୀର, କ୍ଷମା ସମାନ ନା ତପ, ସୁଖ ନେହାଁ ସନ୍ତୋଷ ସମାନ ।
ତୃଷ୍ଣା ସମାନ ନେହାଁ ବ୍ୟାଧୀ କୋଇ, ଧର୍ମ ନା ଦୟା ସମାନ ॥

ଭାବାର୍ଥ:- ପରମେଶ୍ୱର କବୀରଜୀ କହିଛନ୍ତି ଯେ କ୍ଷମା କରିବା ବହୁତ ବଡ଼ ତପ ଅଟେ, କ୍ଷମା ସମାନ ଅନ୍ୟ ତପ ନାହିଁ । ସନ୍ତୋଷ ତୁଲ୍ୟ କୌଣସି ସୁଖ ନାହିଁ । କୌଣସି ବସ୍ତୁ ପ୍ରାପ୍ତିର ଇଚ୍ଛା ସମାନ କୌଣସି ବିପଦ ନାହିଁ ଏବଂ ଦୟା ସମାନ ଧର୍ମ ନାହିଁ ।

କବୀର, ଯୋଗ (ଭକ୍ତି) କେ ଅଙ୍ଗ ପାଞ୍ଚ ହେଁ, ସଂଯମ ମନନ ଏକାନ୍ତ ।
ବିଷୟ ତ୍ୟାଗ ନାମ ରଟନ, ହୋୟେ ମୋକ୍ଷ ନିଶ୍ଚିନ୍ତ ॥

ଭାବାର୍ଥ:- ଭକ୍ତିର ଚାରୋଟି ଜରୁରୀ ଅଙ୍ଗ ଅଛି । ସଂଯମତା ଅର୍ଥାତ ପ୍ରତ୍ୟେକ କାର୍ଯ୍ୟରେ ସଂଯମତା ରକ୍ଷା କରିବା ଉଚିତ୍ । ଧନ ସଂଗ୍ରହ କରିବାରେ, କଥା କହିବାରେ, ଖାଇବା-ପିଇବାରେ, ବିଷୟ ଭୋଗରେ ସଂଯମତା ରକ୍ଷା କରନ୍ତୁ ଅର୍ଥାତ ଭକ୍ତକୁ କମ କଥା କହିବା ଉଚିତ, ବିଷୟ-ବାସନା ତ୍ୟାଗ କରିବା ଉଚିତ୍ । ପରମାତ୍ମାଙ୍କ ଭଜନ ତଥା ପରମାତ୍ମାଙ୍କ ବାଣୀ-ପ୍ରବଚନ ଆଦିକୁ ମନନ-ମନ୍ଥନ କରିବା ଅନିବାର୍ଯ୍ୟ । ଏହିଭଳି ସାଧନା ଓ ମର୍ଯ୍ୟାଦା ପାଳନ କରିବା ଦ୍ୱାରା ନିଶ୍ଚୟ ମୋକ୍ଷ ପ୍ରାପ୍ତି ହୋଇଥାଏ ।

ଋପୂର୍ଣ୍ଣ ପରମାତ୍ମା, ଭକ୍ତର ଆୟୁ ବଢ଼ାଇ ଦିଅନ୍ତି:-

ଋଗ୍‌ବେଦ ମଣ୍ଡଳ ୧୦ ସୂକ୍ତ ୧୬୧ ମନ୍ତ୍ର ୨ରେ କୁହାଯାଇଛି ଯେ ପୂର୍ଣ୍ଣପ୍ରଭୁ, ନିଜ ଭକ୍ତର ରୋଗକୁ ସମାପ୍ତ କରିଦିଅନ୍ତି । ଯଦି ରୋଗୀର ଆୟୁ ଅବଶିଷ୍ଟ ନାହିଁ ଏବଂ ସେ ମୃତ୍ୟୁ ଦେବତାଙ୍କ ନିକଟକୁ ଯିବା ନିଶ୍ଚିତ ହୋଇସାରିଛି ତେବେ ପରମାତ୍ମା ତାକୁ ସୁସ୍ଥ କରି, ତା' ଆୟୁ ବୃଦ୍ଧି କରି ଶତ ବର୍ଷ ଅର୍ଥାତ ଶହେ ବର୍ଷର ଜୀବନ ଦାନ କରିଦିଅନ୍ତି । ପ୍ରମାଣ ପାଇଁ ପଢନ୍ତୁ "କବୀର ସାଗର"ର "ଗରୁଡ଼ ବୋଧ" ଅଧ୍ୟାୟ :-

ଗରୁଡ଼ ବୋଧ" ଅଧ୍ୟାୟର ସାରାଂଶ

କବୀର ସାଗରର ୧୧ ତମ ଅଧ୍ୟାୟ "ଗରୁଡ଼ ବୋଧ" ପୃଷ୍ଠା ୬୫ (୬୨୫) ରେ ଅଛି:-

ପରମେଶ୍ୱର କବୀର ଜୀ ଧର୍ମଦାସଙ୍କୁ କହିଲେ, ମୁଁ ବିଷ୍ଣୁଙ୍କ ବାହନ ପକ୍ଷୀରାଜ ଗରୁଡ଼ଙ୍କୁ ଉପଦେଶ ଦେଲି, ତାଙ୍କୁ ସୃଷ୍ଟି ରଚନା ବିଷୟରେ ଶୁଣାଇଲି । ଅମରଲୋକ କଥା ଏବଂ ସତ୍ୟପୁରୁଷଙ୍କ ମହିମା ଶୁଣି ଗରୁଡ଼ ଦେବ ଆଚମ୍ବିତ ହେଲେ । ନିଜ କାନ ପ୍ରତି ବିଶ୍ୱାସ କରିପାରୁ ନ ଥିଲେ । ମନେ ମନେ ବିଚାର କରୁଥିଲେ ଯେ ଆଜି ମୁଁ ଏ କଣ ଶୁଣୁଛି ? ମୁଁ ସ୍ୱପ୍ନ ଦେଖୁ ନାହିଁତ । ମୁଁ କୌଣସି ଅନ୍ୟ ଦେଶକୁ ଚାଲିଯାଇ ନାହିଁତ । ଯେଉଁ ଦେଶ ଓ ପରମାତ୍ମା ବିଷୟରେ ମୁଁ ଶୁଣିଲି, ତାହା ମୋ ଆଖି ସମ୍ମାରେ ଚଳଚିତ୍ର ଭଳି ଚାଲୁଥିଲା । ଗରୁଡ଼ ଦେବ ଯେତେବେଳେ ଏହି ଚିନ୍ତାରେ ନିମଗ୍ନ ହୋଇ ଯାଇଥିଲେ ସେତେବେଳେ ମୁଁ କହିଲି, ହେ ପକ୍ଷୀରାଜ ! ମୋ କଥାକୁ ମିଛ ବୋଲି

ଭାବୁଛନ୍ତି କି ? ଆପଣ ନିରବ ହୋଇଗଲେ ଯେ, ଯଦି କୌଣସି ଶଙ୍କା ଅଛି ତେବେ ସମାଧାନ ପାଇଁ ପ୍ରଶ୍ନ କରନ୍ତୁ । ଯଦି ମୋ ବାଣୀ ଆପଣଙ୍କୁ ଦୁଃଖ ଦେଇଛି ତେବେ କ୍ଷମା କରନ୍ତୁ । ମୋର ଏହି ବଚନ ଶୁଣି ଖଗେଶଙ୍କ ଆଖିରେ ଲୁହ ଆସିଗଲା ଏବଂ କହିଲେ, ହେ ଦେବ ! ଆପଣ କିଏ, ଆପଣଙ୍କ ଉଦ୍ଦେଶ୍ୟ କ'ଣ ? ଏତେ କଟୁ ସତ୍ୟ କହିଲେ ଯେ ଏହା ହଜମ ହୋଇ ପାରୁନାହିଁ । ଆପଣ ଯେଉଁ ଅମରଲୋକ, ଯେଉଁ ଅମର ପରମେଶ୍ୱରଙ୍କ ବିଷୟରେ ଆପଣ କହିଲେ, ଯଦି ଏହା ସତ୍ୟ ତେବେ ଆମ୍ଭଙ୍କୁ ଭ୍ରମିତ କରି ରଖାଯାଇଛି, ଯଦି ଏକଥା ଅସତ୍ୟ ତେବେ ଆପଣ ନିନ୍ଦାର ପାତ୍ର ଓ ଅପରାଧୀ ଅଟନ୍ତି । ଯଦି ଏହା ସତ୍ୟ ତେବେ ଏହି ଗରୁଡ଼ ଆପଣଙ୍କର ବିଶେଷ ଦାସ ହେବ । ପରମେଶ୍ୱର କବୀରଜୀ ଧର୍ମଦାସଙ୍କୁ କହିଲେ ଯେ ମୁଁ କହିଲି, ହେ ଗରୁଡ଼ ଦେବ ! ଆପଣଙ୍କ ମନରେ ଯେଉଁ ସନ୍ଦେହ ଉପୁଜିଛି ତାହା ସ୍ୱାଭାବିକ, ମାତ୍ର ଆପଣ ଧୈର୍ଯ୍ୟର ସହିତ ନିଜ ସନ୍ଦେହ ମୋଚନ କଲେ ଏବଂ ମୋ ଜ୍ଞାନକୁ ସତ୍ୟ ବୋଲି ମାନି ସ୍ୱୀକାର କଲେ, ଏହା ଆପଣଙ୍କର ମହାନତା ହେବ । ମାତ୍ର ଆପଣଙ୍କୁ ମୁଁ ଯେଉଁ ଅମର ପୁରୁଷ ଓ ସତ୍ୟଲୋକ ବିଷୟରେ ସୂଚନା ଦେଉଛି ତାହା ପରମ ସତ୍ୟ ଅଟେ । ମୋ ନାମ କବୀର ଏବଂ ମୁଁ ସେହି ଅମର ଲୋକର ନିବାସୀ ଅଟେ । ଆପଣମାନଙ୍କୁ କାଳ ବ୍ରହ୍ମ ଭ୍ରମିତ କରି ରଖିଛି । ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ମଧ୍ୟ ଏହି ଜ୍ଞାନ ଜଣା ନାହିଁ । ଗରୁଡ଼ ଜୀ ! ଆପଣ ଟିକେ ବିଚାର କରନ୍ତୁ । ପ୍ରଥମେ ଜୀବର ଜନ୍ମ ହୁଏ । ଆନନ୍ଦରେ ବସବାସ କରିବା ସହିତ ସେ ନିଜ ପରିବାରର ବିସ୍ତାର କରେ । ପରିବାର ପାଳନପୋଷଣ ତଥା ସାଂସାରିକ ପରମ୍ପରା ନିର୍ବାହରେ ସେ ନିଜକୁ ନିୟୋଜିତ କରି ବୃଦ୍ଧ ହୋଇଯାଇଥାଏ । ଯେଉଁ ପରିବାରକୁ ଦେଖି ଦିନେ ସେ ନିଜକୁ ଧନ୍ୟ ମନେ କରୁଥିଲା, ଆଜି ସେହି ପରିବାର ତଥା ଏ ସାଂସାରକୁ ତ୍ୟାଗ କରିବାକୁ ସେ ବାଧ୍ୟ ହେଉଛି । ନିଜେ ମଧ୍ୟ କାନ୍ଦୁଛି । ଶେଷ ନିଶ୍ୱାସକୁ ଅପେକ୍ଷା କରିଛି । ସାରା ପରିବାର ମଧ୍ୟ ଦୁଃଖି ହେଉଛି । ସାଂସାରର ଏ କେଉଁ ନିୟମ ? ଏହା ଯଥାର୍ଥ କି ? ଗରୁଡ଼ ଦେବ କହିଲେ, ହେ କବୀର ଦେବ ! ଏହା ତ ସଂସାରର ବିଧାନ ଅଟେ । ଯଦି ଜନ୍ମ ହୋଇଛି ତେବେ ମୃତ୍ୟୁ ସୁନିଶ୍ଚିତ । ପରମେଶ୍ୱର ପ୍ରଶ୍ନ କଲେ ଯେ କେହି କ'ଣ ମରିବାକୁ ଚାହେଁ ? କେହି କ'ଣ ବୃଦ୍ଧାବସ୍ଥାକୁ ପସନ୍ଦ କରେ ? ଗରୁଡ଼ ଦେବଙ୍କ ଉତ୍ତର = ନାଁ । କବୀର ପରମେଶ୍ୱର କହିଲେ ନା ବୃଦ୍ଧାବସ୍ଥା ଅସନ୍ତା, ନା ମୃତ୍ୟୁ, ଏମିତି ହେଲେ କେମିତି ହୁଅନ୍ତା ? ଗରୁଡ଼ ଦେବ କହିଲେ, ଏଥିରେ କହିବାର କ'ଣ ଅଛି, ଏଭଳି ଯଦି ହୋଇପାରିବ ତେବେ ଅତି ଆନନ୍ଦର କଥା କିନ୍ତୁ ଏହା କାଳ୍ପନିକ କାହାଣୀ(ସ୍ୱପ୍ନ ବିଚାର) ଭଳି । ହେ ଧର୍ମଦାସ ! ମୁଁ କହିଲି, ବେଦ-ପୁରାଣ ଆଦିକୁ ଆପଣ କେଉଁ ଦୃଷ୍ଟିରେ ଦେଖୁଛନ୍ତି, ସତ୍ୟ ନା ଅସତ୍ୟ ? ଗରୁଡ଼ ଦେବ କହିଲେ, ପରମ ସତ୍ୟ ।

ଦେବୀ ପୁରାଣର ତୃତୀୟ ସ୍କନ୍ଦରେ ଭଗବାନ ବିଷ୍ଣୁ ସ୍ୱୟଂ କହୁଛନ୍ତି ଯେ ହେ ମାତା ! ତୁମେ ଶୁଦ୍ଧ ସ୍ୱରୂପା । ଏ ସାରା ସଂସାର ତୁମ୍ଭ ଠାରୁ ହିଁ ଉଦ୍ଭାସିତ ହୋଇଛି । ମୁଁ ବ୍ରହ୍ମା ଏବଂ ଶଙ୍କର ଆପଣଙ୍କ କୃପାରୁ ହିଁ ବିଦ୍ୟମାନ ଅଟୁଁ । ଆମର ତ ଆବିର୍ଭାବ (ଜନ୍ମ) ଏବଂ ତିରୋଭାବ (ମୃତ୍ୟୁ) ହେଉଛି ।

ପରମେଶ୍ୱର କବୀରଙ୍କ ମୁଖ କମଳରୁ ଏଭଳି ଦୃଢ଼ ପ୍ରମାଣ (ସଠିକ୍ ପ୍ରମାଣ) ବିଷୟରେ ଶୁଣି ଗରୁଡ଼ ଦେବ ତାଙ୍କ ଚରଣ ତଳେ ପଡ଼ିଗଲେ । ନିଜ ଭାଗ୍ୟର ପ୍ରଶଂସା କଲେ ଏବଂ କହିଲେ ଯେ ଯେଉଁ ଦେବ ଏହି ସୃଷ୍ଟି ରଚନା, ବ୍ରହ୍ମା-ବିଷ୍ଣୁ-ମହେଶ, ଦୂର୍ଗା ଦେବୀ ତଥା ନିରଞ୍ଜନ (ବ୍ରହ୍ମ)ଙ୍କ ଉତ୍ପତ୍ତି ବିଷୟରେ ଜାଣିଛନ୍ତି, ସେ ହିଁ ସୃଷ୍ଟିକର୍ତ୍ତା ପରମେଶ୍ୱର ଅଟନ୍ତି । ଆଜି ପର୍ଯ୍ୟନ୍ତ ଏଭଳି ଜ୍ଞାନ କେହି କହିନଥିଲେ । ଯଦି ଅନ୍ୟ କୌଣସି ଜୀବକୁ ଏ ବିଷୟରେ ଜଣାଥାନ୍ତା ତେବେ ସେ ଋଷି-ମହର୍ଷି ହୋଇଥିଲେ ବି ନିଶ୍ଚୟ କଥା(ପ୍ରବଚନ) କରିଥାନ୍ତେ । ସୁପ୍ରସିଦ୍ଧ ମଣ୍ଡଳେଶ୍ୱରମାନଙ୍କର ପ୍ରବଚନ ମୁଁ ଶୁଣିଛି । କାହା ପାଖରେ ଏହି ଜ୍ଞାନ ନାହିଁ । ସେମାନଙ୍କୁ ବେଦ-ଗୀତାର ଜ୍ଞାନ ଆଦୌ ଜଣା ନାହିଁ । ଆପଣ ନିଜକୁ ଲୁଚାଉଛନ୍ତି । ମୁଁ ଆପଣଙ୍କୁ ଚିହ୍ନି ପାରିଛି । କୃପାକରି ମୋତେ ଆପଣଙ୍କ ଶରଣକୁ ନିଅନ୍ତୁ ପରମେଶ୍ୱର !

ପରମେଶ୍ୱର କବୀରଜୀ ଗରୁଡ଼ ଦେବଙ୍କୁ କହିଲେ ଯେ ଆପଣ ପ୍ରଥମେ ନିଜ ପ୍ରଭୁ ଶ୍ରୀ ବିଷ୍ଣୁଙ୍କ ଠାରୁ ଏହି ଆଜ୍ଞା ନିଅନ୍ତୁ ଯେ ମୁଁ ନିଜର କଲ୍ୟାଣ କରାଇବାକୁ ଚାହୁଁଛି । ଜଣେ ମହାନ ସନ୍ଥ ମୋତେ ମିଳିଛନ୍ତି । ମୁଁ ତାଙ୍କ ଜ୍ଞାନ ଶୁଣିଛି । ଯଦି ଆପଣଙ୍କ ଆଜ୍ଞା ହେବ ତେବେ ମୁଁ ନିଜର କଲ୍ୟାଣ କରାଇପାରିବି । ମୁଁ ଆପଣଙ୍କର ଦାସ, ଚାକର ଅଟେ, ଆପଣ ମୋର ମାଲିକ ଅଟନ୍ତି । ଆମ୍ଭଙ୍କୁ ସର୍ବଦା ଏକାଠି ରହିବାର ଅଛି । ଯଦି ଆପଣଙ୍କୁ ନ କହି ମୁଁ ନାମ ଦୀକ୍ଷା ନେଇଯିବି ତେବେ ଆପଣ ନାରାଜ ହୋଇଯିବେ । ପରମେଶ୍ୱରଙ୍କ ଠାରୁ ପରାମର୍ଶ ପାଇ ଗରୁଡ଼ ଦେବ ଏହା ହିଁ କଲେ । ଶ୍ରୀବିଷ୍ଣୁଙ୍କୁ ସବୁ କଥା କହିଲେ । ଶ୍ରୀ ବିଷ୍ଣୁ କହିଲେ, ମୁଁ ଆପଣଙ୍କୁ ମନା କରିପାରିବି ନାହିଁ, ନିଷ୍ପତି ନେବାକୁ ଆପଣ ସ୍ୱତନ୍ତ୍ର ଅଟନ୍ତି । ଆପଣ ନିଜର ଇଚ୍ଛାବ୍ୟକ୍ତ କରି ସତ୍ୟକଥା କହିଦେଲେ । ମୋର କୌଣସି ଆପତ୍ତି ନାହିଁ ।

ହେ ଧର୍ମଦାସ ! ମୁଁ ଗରୁଡ଼ଙ୍କୁ ପ୍ରଥମ ମନ୍ତ୍ରଦୀକ୍ଷାର ପାଞ୍ଚ ନାମ {ପ୍ରତ୍ୟେକ ଦେବତାଙ୍କର ସାଧନା ମନ୍ତ୍ର ଯାହା ଦ୍ୱାରା କମଳ ଖୋଲିଥାଏ}ଦେଲି । ଗରୁଡ଼ ଦେବ କହିଲେ, ହେ ଗୁରୁଦେବ ! ଏହି ମନ୍ତ୍ର ତ ଏଠାକାର ଦେବତାମାନଙ୍କର ଅଟେ । ଏଥିରେ ଅମର ପୁରୁଷଙ୍କର ମନ୍ତ୍ର ନାହିଁ । ପରମେଶ୍ୱର କବୀର ଜୀ କହିଲେ ଯେ ଏହା ଏମାନଙ୍କର ପୂଜା ମନ୍ତ୍ର ନୁହେଁ । ଏଠାକାର ଦେବତାମାନଙ୍କୁ ନିଜ ପ୍ରତି ଆକୃଷ୍ଟ କରାଇ ଏମାନଙ୍କ ଋଣ ଜାଲରୁ ମୁକ୍ତ ହେବାର ଏହା ଚାବିକାଠି (Key) ଅଟେ । ଏମାନଙ୍କୁ ବଶୀକରଣ କରିବାର ମନ୍ତ୍ର ଏହା ଅଟେ । ଯେପରି ମଈଁଷିକୁ ଆକର୍ଷିତ କରିବା ପାଇଁ ଯଦି ତାକୁ ମଈଁଷି-ମଈଁଷି ଡ଼ାକିବା ତେବେ ସେ ଡ଼ାକ ଦେବା ବ୍ୟକ୍ତିଆଡ଼କୁ ଆଦୌ ଚାହିଁ ନଥାଏ । ତା' ବଶୀକରଣ ନାମ ହୁର୍‌ର୍-ହୁର୍‌ର କହି ଡକାଗଲେ ସେହି ମନ୍ତ୍ର ପ୍ରଭାବରେ ସେ ତୁରନ୍ତ ସକ୍ରିୟ ହୋଇ ଯାଇଥାଏ । ଡ଼ାକ ଦେବା ବ୍ୟକ୍ତିଆଡ଼କୁ ଧାଇଁ ଆସିଥାଏ । ଡ଼ାକ ଦେବା ବ୍ୟକ୍ତି ଏହା ସାହାଯ୍ୟରେ ନିଜ ମଈଁଷିର ଗର୍ଭ ଧାରଣ ମଧ୍ୟ କରାଇଥାଏ । ଏହି ପ୍ରକାରେ ବିଷ୍ଣୁଙ୍କର ଅନ୍ୟ କୌଣସି ନାମ ଜପ କଲେ ସେ ଧ୍ୟାନ ଦେଇନଥାନ୍ତି । ଯେତେବେଳେ ଆପଣ ଏହି ମନ୍ତ୍ରର ଜପ କରିବେ ସେତେବେଳେ ବିଷ୍ଣୁ ଦେବ ତୁରନ୍ତ ପ୍ରଭାବିତ ହୋଇ ନିଜ ସାଧକର ସାହାଯ୍ୟ କରିଥାନ୍ତି । ଏହି ଦେବତାମାନେ ତିନି ଲୋକ (ପୃଥିବୀ, ସ୍ୱର୍ଗ, ପାତାଳ) ର ପ୍ରଧାନ ଦେବତା ଅଟନ୍ତି । ଏମାନେ ଜୀବକୁ କେବଳ ତା' କର୍ମ (ସଂସ୍କାର) ଫଳ ଦେଇପାରିବେ । ଏହି ମନ୍ତ୍ର ଜପ ଦ୍ୱାରା ଆମ୍ଭର ପୂଣ୍ୟ ଓ ଭକ୍ତିଧନ ଅଧିକ ମାତ୍ରାରେ ସଂଗୃହିତ ହୋଇଯାଇଥାଏ । ଏହାର ପ୍ରତିଫଳ ସ୍ୱରୂପ ଦେବତାମାନେ ସାଧକକୁ ସହାୟତା କରିଥାନ୍ତି । ଏମାନଙ୍କର ସାଧନା ଓ ପୂଜା ମଧ୍ୟରେ ଥିବା ପାର୍ଥକ୍ୟକୁ ଏହିଭଳି ଭାବେ ବୁଝିବାକୁ ପଡିବ । ଯେପରି ଆମ୍ଭକୁ ଆମ୍ଭ ଖାଇବାକୁ ହେଲେ ସର୍ବ ପ୍ରଥମେ ପରିଶ୍ରମ, ମଜୁରୀ ତଥା ଚାକିରୀ କରିବାକୁ ପଡିବ, ଅର୍ଥ ଉପାର୍ଜନ ହେଲେ ଆମ୍ଭ ଖାଇବାକୁ ମିଳିବ । ଚାକିରୀକୁ ପୂଜା କୁହାଯିବ ନାହିଁ । ଏଠାରେ ଆମ୍ଭ ଆମ୍ଭର ପୂଜ୍ୟ ଅଟେ । ପୂଜ୍ୟକୁ ପାଇବା ପାଇଁ କରାଯାଇଥିବା ପ୍ରଚେଷ୍ଟାକୁ ଚାକିରୀ କୁହାଯାଏ । ଏହିପରି ଆମ୍ଭମାନଙ୍କର ପୂଜ୍ୟ କବୀର ପରମେଶ୍ୱର ତଥା ଅମରଲୋକ ଅଟେ । ସେଥିପାଇଁ ଆମ୍ଭେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ, ଶ୍ରୀ ଗଣେଷ ତଥା ଶ୍ରୀ ଦୂର୍ଗାଙ୍କର ଚାକିରୀ କରିଥାଉଁ, ସାଧନା କରିଥାଉଁ କିନ୍ତୁ ପୂଜା କେବଳ ପରମେଶ୍ୱରଙ୍କର କରିଥାଉଁ । ଗରୁଡ଼ ଜୀ ବହୁତ ପ୍ରସନ୍ନ ହେଲେ ଏବଂ ଏହି ଅମୃତ ଜ୍ଞାନର ଚର୍ଚ୍ଚା ପାଇଁ ଶ୍ରୀ ବ୍ରହ୍ମାଙ୍କୁ ସାକ୍ଷାତ କଲେ । ତାଙ୍କୁ କହିଲେ ଯେ ମୁଁ ଜଣେ ମହର୍ଷିଙ୍କ ଠାରୁ ଅଦ୍ଭୁତ ଜ୍ଞାନ ଶୁଣିଛି । ତାଙ୍କ ଜ୍ଞାନ ମୋତେ ସତ୍ୟ ଲାଗିଲା । ଗରୁଡ଼ କହିଲେ, ଆପଣ (ବ୍ରହ୍ମା), ବିଷ୍ଣୁ ତଥା ଶିବ ନାଶବାନ ଅଟନ୍ତି, ପୂର୍ଣ୍ଣ ପରମାତ୍ମା ନୁହଁନ୍ତି । ଆପଣ କେବଳ ଭାଗ୍ୟରେ ଲିଖିତ ଫଳ ହିଁ ଦେଇ ପାରିବେ, ଆପଣ କାହାରି ଆୟୁଷ ବୃଦ୍ଧି କରିପାରନ୍ତି ନାହିଁ, କାହା କର୍ମକୁ ଆପଣ କମ-ଅଧିକ କରିପାରନ୍ତି ନାହିଁ । ପୂର୍ଣ୍ଣ ପରମାତ୍ମା ଭିନ୍ନ ଅଟନ୍ତି, ସେ ଅମର ଲୋକରେ ରୁହନ୍ତି । ସେ ପାପ କର୍ମକୁ କାଟି ଦିଅନ୍ତି । ସେ ମୃତ୍ୟୁକୁ ଟାଳି ଆୟୁଷ ବଢ଼ାଇ ଦିଅନ୍ତି । ଏହାର ପ୍ରମାଣ ବେଦରେ ଅଛି ବୋଲି ସେ କହୁଛନ୍ତି । ଋଗ୍‌ବେଦ ମଣ୍ଡଳ୧୦ ସୂକ୍ତ ୧୬୧ ମନ୍ତ୍ର ୨ ରେ କୁହାଯାଇଛି ଯେ ରୋଗୀର

ରୋଗ ବଢ଼ିଯାଇ ଯଦି ସେ ମୃତ୍ୟୁକୁ ପ୍ରାପ୍ତ ହୋଇ ସାରିଥିବ ତେବେ ସେହି ଭକ୍ତକୁ ମୁଁ ମୃତ୍ୟୁ ଦେବତା ଠାରୁ ଛଡ଼ାଇ ଆଣିଥାଏ, ତାକୁ ମୁଁ ନୂତନ ଜୀବନ ପ୍ରଦାନ କରି ଦେଇଥାଏ । ବଞ୍ଚିବାର ପୂର୍ଣ୍ଣ ଆୟୁ ତାକୁ ଦେଇଥାଏ ।

ଋଗ୍‌ବେଦ ମଣ୍ଡଳ ୧୦ ସୂକ୍ତ ୧୬୧ ମନ୍ତ୍ର ୫ରେ କୁହାଯାଇଛି ଯେ ହେ ପୂନର୍ଜନ୍ମ ପ୍ରାପ୍ତ ପ୍ରାଣୀ ! ତୁ ମୋ ଭକ୍ତି କର । ଯଦି ତୋ ଆଖି ସମାପ୍ତ ହୋଇଯିବ ତେବେ ତୋ ଆଖି ମଧ୍ୟ ସୁସ୍ଥ କରି ଦେବି, ତୋ ସହ ଭେଟ ହେବି ଅର୍ଥାତ ତୋତେ ପ୍ରାପ୍ତ ହେବି ।

ବ୍ରହ୍ମାଜୀଙ୍କର ବେଦ ମନ୍ତ୍ର କଣ୍ଠସ୍ଥ ଥିଲା । ତୁରନ୍ତ ସେ ବୁଝିଗଲେ, ପରନ୍ତୁ ସାଂସାରିକ ଲୋକ ବେଦ ଆଧାରରେ ବ୍ରହ୍ମାଜୀ ନିଜକୁ ପ୍ରଜାପତି ଅର୍ଥାତ ସମସ୍ତଙ୍କର ଉତ୍ପତ୍ତିକର୍ତ୍ତା ବୋଲି ଭାବୁଥିଲେ । ବେଦକୁ କଣ୍ଠସ୍ଥ କରିଦେବା କଥା ଭିନ୍ନ କଥା । ବେଦ ମନ୍ତ୍ରକୁ ବୁଝିବା ବିଶେଷ ଜ୍ଞାନ ଅଟେ । ଆତ୍ମ ବଡିମାର ବଶବର୍ତ୍ତୀ ହୋଇ ବ୍ରହ୍ମା କହିଲେ ଯେ ଏ ବିଶ୍ୱରେ ମୋ ବ୍ୟତିତ ଅନ୍ୟ କାହାକୁ ବେଦ ଜ୍ଞାନ ଜଣା ନାହିଁ । ମନ୍ତ୍ରଗୁଡ଼ିକର ଭୂଲ ବ୍ୟାଖ୍ୟା କରିଛନ୍ତି । ଏଭଳି ବ୍ୟକ୍ତିମାନଙ୍କ ବିଷୟରେ କବୀର ପରମେଶ୍ୱର କହିଛନ୍ତି ଯେ:-

କବୀର, ଜାନ ବୁଝ ସାଚୀ ତଜୈଂ, କରୈ ଝୁଠେ ସେ ନେହ ।
ତାକି ସଂଗତ ହେ ପ୍ରଭୂ, ସ୍ୱପନ ମେଁ ଭୀ ନା ଦେଯ ॥

ଶବ୍ଦାର୍ଥ :- କବୀର ପରମେଶ୍ୱର କହିଛନ୍ତି ଯେ ଯେଉଁ ବ୍ୟକ୍ତି ସ୍ୱଚକ୍ଷୁରେ ସମସ୍ତ ପ୍ରମାଣ ଦେଖିବା ପରେ ଯଦି ମିଥ୍ୟାକୁ ଆଧାର କରିଥାଏ ତେବେ ସେହି ବ୍ୟକ୍ତିକୁ ପରମାତ୍ମା ! ସ୍ୱପ୍ନରେ ସୁଦ୍ଧା ଦର୍ଶନ ଦେଇ ନଥାନ୍ତି । ସେ ବହୁତ ଦୁଷ୍ଟ ତଥା ତା'ସହିତ ଜ୍ଞାନ ଚର୍ଚ୍ଚା କରିବା ବ୍ୟର୍ଥ ଅଟେ ।

ଗରୁଡ଼ଙ୍କ ବଚନ ଶୁଣି ବ୍ରହ୍ମା କ୍ରୋଧିତ ହୋଇଗଲେ ଏବଂ କହିଲେ ଯେ ତୋର ପକ୍ଷୀ ବୁଦ୍ଧି ଅଟେ । ତୋତେ ଯିଏ ଯାହା କହିଦେଉଛି ତା' କଥା ଉପରେ ତୁ ବିଶ୍ୱାସ କରିଯାଉଛୁ । ତୋର ନିଜସ୍ୱ ବୁଦ୍ଧି ନାହିଁ । ବ୍ରହ୍ମା ସଙ୍ଗେ ସଙ୍ଗେ ବିଷ୍ଣୁ, ମହେଶ, ଇନ୍ଦ୍ର ତଥା ଅନ୍ୟ ସମସ୍ତ ଦେବତା ଓ ଋଷିମାନଙ୍କୁ ସେଠାକୁ ଡ଼କାଇଲେ । ସଭାର ଆୟୋଜନ ହେଲା । ସଭାର ଅଭିପ୍ରାୟ ବିଷୟରେ ବ୍ରହ୍ମାଜୀ କହିଲେ ଯେ ଆଜି ଗରୁଡ଼ ଏକ ନୂଆ କଥା କହୁଛି ଯେ ବ୍ରହ୍ମା-ବିଷ୍ଣୁ-ମହେଶ ନାଶବାନ ଅଟନ୍ତି । ପୂର୍ଣ୍ଣ ପରମାତ୍ମା ଅନ୍ୟ କେହି ଅଟନ୍ତି । ସେ ଅମର ଲୋକରେ ରୁହନ୍ତି । ଆପଣମାନେ କର୍ତ୍ତା ନୁହଁନ୍ତି । ଏକଥା ଶୁଣି ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ ବହୁତ କ୍ରୋଧିତ ହେଲେ ଏବଂ ଗରୁଡ଼କୁ ବ୍ରହ୍ମାଙ୍କ ପରି କଟୁକଥା (ଦୋଷ ବାହାର କରି ଭଲ-ଖରାପ କହିବା)ଶୁଣାଇଲେ । ତା'ପରେ ସମସ୍ତେ ମିଶି ଏହି ନିର୍ଣ୍ଣୟ ନେଲେ ଯେ ସତ୍ୟାସତ ଜଣିବା ପାଇଁ ମାତା (ଦୁର୍ଗା)ଙ୍କ ନିକଟକୁ ଯିବେ । ସମସ୍ତେ ମିଶି ମାତାଙ୍କୁ ଏହି ପ୍ରଶ୍ନ ପଚାରିଲେ ଯେ ଆମ୍ଭମାନଙ୍କ (ବ୍ରହ୍ମା, ବିଷ୍ଣୁ, ଶିବ) ଉପରେ ଆଉ କ'ଣ କେହି ପୂର୍ଣ୍ଣ ପ୍ରଭୁ ଅଛନ୍ତି, ଆମ୍ଭେ କ'ଣ ନାଶବାନ ଅଟୁଁ ?

ମାତା, ରୋକଠୋକ୍ ଜବାବ ଦେଇ କହିଲେ ଯେ ତୁମମାନଙ୍କୁ ଏ ଭଳି ଭ୍ରମ କେବେ ଠାରୁ ହୋଇଗଲାଣି ଯେ ତୁମ୍ଭେମାନେ ଅବିନାଶୀ ତଥା ଜଗତର କର୍ତ୍ତା ଅଟ । ଯଦି ଏଭଳି ଭାବୁଛ ତେବେ ତୁମ୍ଭେମାନେ ମୋର ମଧ୍ୟ କର୍ତ୍ତା (ବାପ) ହେଲ, ବାସ୍ତବରେ ତୁମ୍ଭେମାନେ ତ ମୋ ଗର୍ଭରୁ ଜନ୍ମ ନେଇଛ । ବାସ୍ତବରେ ପରମେଶ୍ୱର ଭିନ୍ନ ଅଟନ୍ତି, ସେ ହିଁ ଅବିନାଶୀ ଅଟନ୍ତି । ସେ ହିଁ ସମସ୍ତଙ୍କର କର୍ତ୍ତା ଅଟନ୍ତି । ଏକଥା ଶୁଣିବା ପରେ ସଭା ଭଙ୍ଗ ହେଇଗଲା ଏବଂ ସମସ୍ତେ ଚାଲିଗଲେ । କିନ୍ତୁ ବ୍ରହ୍ମା-ବିଷ୍ଣୁ-ମହେଶଙ୍କୁ ଏହି ସତ୍ୟ ସ୍ୱୀକାର୍ଯ୍ୟ ହୋଇପାରୁ ନଥିଲା, ସେମାନେ ଗରୁଡ଼କୁ ଡ଼କାଇଲେ । ଗରୁଡ଼ ଆସି ପ୍ରଣାମ କଲେ । ଆଦେଶ ମିଳିବା ପରେ ବସିଲେ । ତିନି ଦେବତା କହିଲେ, ହେ ପକ୍ଷୀରାଜ ! କ'ଣ କଲେ ଆପଣମାନଙ୍କର ବିଶ୍ୱାସ ହେବ ଯେ ଆମ୍ଭେ ଜଗତର କର୍ତ୍ତା ଅଟୁ ? ଯେପରି ଇଚ୍ଛା ସେପରି ପରୀକ୍ଷା ଆପଣ କରିପାରିବେ । ଏହା ଶୁଣି ଗରୁଡ଼ ସେଠାରୁ ଉଡ଼ି ଆସି ମୋ ପାଖରେ (କବୀରଙ୍କ ପାଖରେ)ପହଞ୍ଚିଲେ ତଥା ସମସ୍ତ ବୃତ୍ତାନ୍ତ ଜଣାଇଲେ । ତା'ପରେ ମୁଁ କହିଲି, ବଙ୍ଗ ଦେଶ (ବର୍ତ୍ତମାନର ବାଙ୍ଗଲାଦେଶ)ର ଜଣେ ବ୍ରାହ୍ମଣଙ୍କର ଏକ ୧୨ ବର୍ଷୀୟ ବାଳକ ଅଛି ।

ତା'ର ଆୟୁଷ ପ୍ରାୟ ସମାପ୍ତ ହୋଇ ଆସିଲାଣି । ସେ ଅଳ୍ପ ଦିନର ଅତିଥି ଅଟେ । ସେହି ବାଳକକୁ ଶରଣକୁ ନେବା ପାଇଁ ବ୍ରହ୍ମା, ବିଷ୍ଣୁ, ଶିବଙ୍କ ସ୍ଥିତି ବିଷୟରେ ମୁଁ ସେହି କଥା କହିଲି ଯେଉଁ କଥା ତୋତେ ଜଣାଇଥିଲି ଗରୁଡ଼ ! । ମୋ କଥା ଶୁଣି ସେହି ବାଳକ ବାଦ-ବିବାଦ କରି ମୋ ଜ୍ଞାନକୁ ଅସ୍ୱୀକାର କଲା । ତା'ପରେ ସେହି ବାଳକକୁ ମୁଁ କହିଲି ଯେ ତୋର ମାତ୍ର ତିନି ଦିନର ଆୟୁଷ ବାକି ଅଛି । ଯଦି ତୋ ବ୍ରହ୍ମା-ବିଷ୍ଣୁ-ଶିବ ସାମର୍ଥ୍ୟବାନ ଅଟନ୍ତି ତେବେ ନିଜ ଜିବନ ବଞ୍ଚାଇବା ପାଇଁ ତାଙ୍କୁ ଗୁହାରି କର । ଏହା କହି ମୁଁ ଅନ୍ତର୍ଧାନ ହୋଇଗଲି । ବାଳକର ଅବସ୍ଥା ସଂଘାତିକ । ତାକୁ ସାଥିରେ ନେଇ ଦେବତାଙ୍କ ପାଖକୁ ଯାଅ । ସେମାନଙ୍କ ଦ୍ୱାରା କିଛି ହୋଇ ପାରିବ ନାହିଁ । ପୁଣି ତୁମେ ମୋ ସହିତ ଧ୍ୟାନ ବଳରେ କଥାବାର୍ତ୍ତା କରିବ । ମୁଁ ତୁମକୁ ଆଗକୁ କ'ଣ କରିବାର ଅଛି ସେ ବିଷୟରେ ଜଣାଇବି । ଗରୁଡ଼ ସେହି ବାଳକକୁ ସଙ୍ଗରେ ଧରି ବ୍ରହ୍ମା-ବିଷ୍ଣୁ-ଶିବଙ୍କ ପାଖକୁ ଗଲେ ଏବଂ ବାଳକକୁ ବୁଝାଇ କହିଲେ ଯେ ଆପଣ ସେହି ଦେବତାମାନଙ୍କୁ କହିବେ ଯେ ଆମ୍ଭେ ଆପଣଙ୍କର ଭକ୍ତ ଅଟୁଁ । ମୋ ଜେଜେ, ଜେଜେଙ୍କ ବାପା, ମୋ ପିତା ଓ ମୁଁ ସର୍ବଦା ଆପଣମାନଙ୍କର ପୂଜା କରିଆସିଛୁ । କେବଳ ଦୁଇ ଦିନର ଆୟୁଷ ମୋର ବାକି ଅଛି । ମୋ ଆୟୁ ଏତିକି କ'ଣ ପାଇଁ ? କୃପାକରି ମୋ ଆୟୁ ବଢ଼ାଇ ଦିଅନ୍ତୁ ।

ପିଲାଟିର ଏହି ବିନତୀ ଶୁଣି ତିନି ଦେବତା ଚେଷ୍ଟା କଲେ ମାତ୍ର ଚେଷ୍ଟା ବ୍ୟର୍ଥ ହେଲା । ପୁଣି ବିଚାର କଲେ ଯେ ଧର୍ମରାଜ (ନ୍ୟାୟଧୀଶ)ଙ୍କ ନିକଟକୁ ଚାଲଯିବା । ସମସ୍ତଙ୍କ ହିସାବ **(Account)** ତାଙ୍କ ପାଖରେ ଅଛି । ତାଙ୍କୁ କହି ଆୟୁ ବଢ଼ାଇ ଦେବା । ଏହି ବିଚାର କରି ସମସ୍ତେ ଧର୍ମରାଜଙ୍କ ପାଖକୁ ଗଲେ । ତିନି ଦେବତା ତାଙ୍କୁ କହିଲେ; ପ୍ରଥମେ ଏହା କୁହନ୍ତୁ ଯେ ଏହି ବ୍ରାହ୍ମଣ ପିଲାର ଆୟୁଷ କେତେ ? ଧର୍ମରାଜ ଡ଼ାଇରୀ (ରେଜିଷ୍ଟର) ଦେଖି କହିଲେ ଯେ କାଲି ଏହାର ମୃତ୍ୟୁ ହେବ । ତିନି ଦେବତା କହିଲେ; ଆପଣ ଏହି ପିଲାଟିର ଆୟୁ ବଢ଼ାଇ ଦିଅନ୍ତୁ । ଧର୍ମରାଜ କହିଲେ ଏହା ଅସମ୍ଭବ । ତ୍ରୀଦେବ କହିଲେ ଆମ୍ଭେ କୌଣସି କାର୍ଯ୍ୟ ପାଇଁ ଆପଣଙ୍କ ନିକଟକୁ ବାରମ୍ବାର ଆସି ନ ଥାଉ, ଏହା ଆମ୍ଭ ସମ୍ମାନ ପ୍ରଶ୍ନ । ଅମ୍ଭ ଇଜ୍ଜତ ରକ୍ଷା କର । ଧର୍ମରାଜ କହିଲେ ଗୋଟିଏ କ୍ଷଣ ଆୟୁ ନା ବୃଦ୍ଧି କରାଯାଇ ପାରିବ ନା ହ୍ରାସ କରାଯାଇ ପାରିବ । ଯଦି ଆପଣ ନିଜ ଆୟୁରୁ ଏହାକୁ ଦେଇ ପାରିବେ ତେବେ ମୁଁ ବଢ଼ାଇ ପାରିବି ।

ଏକଥା ଶୁଣିବା ମାତ୍ରେ ସମସ୍ତଙ୍କର ହୋସ ଉଡିଗଲା ଏବଂ କହିବାକୁ ଲଗିଲେ ଯେ କେବଳ ପରମେଶ୍ୱର ହିଁ ଏହି କାର୍ଯ୍ୟ କରିପାରିବେ । ସେଠାରୁ ତୁରନ୍ତ ଚାଲି ଆସି କହିଲେ ଯେ କେଉଁ ଅନ୍ୟ ସମର୍ଥ ଶକ୍ତି ଯଦି ଅଛି ତେବେ ତାଙ୍କ ଦ୍ୱାରା ତୁମେ ଏହାର ଆୟୁ ବଢ଼ାଇ ଆମ୍ଭକୁ ଦେଖାଅ । ଗରୁଡ଼, କବୀରଜୀଙ୍କୁ ଧ୍ୟାନ ଦ୍ୱାରା (ଟେଲିଫୋନ୍‌ରେ) ସମ୍ପର୍କ କଲେ । ପରମେଶ୍ୱର କବୀରଜୀ ଧ୍ୟାନ ଦ୍ୱାରା କହିଲେ ଯେ ତୁମେ ଏହି ବାଳକ ପାଇଁ ମାନସରୋବରରୁ ଜଳ ନେଇଆସ । ଶ୍ରବଣ ନାମକ ଜଣେ ଭକ୍ତ ସେଠାରେ ଅଛନ୍ତି । ତାଙ୍କୁ ମୁଁ ସବୁ ବୁଝାଇ ଦେଇଛି, ତୁମେ ଅମୃତ ନେଇଆସ ।

ଗରୁଡ଼ଙ୍କୁ ଯେଉଁଭଳି ଆଦେଶ ମିଳିଲା ସେ ସେହିଭଳି ହିଁ କଲେ । ଅମୃତ ଆଣି ସେହି ପିଲାକୁ ପିଆଇଲେ । ତା'ପରେ ସେହି ବାଳକ ପାଖକୁ ମୁଁ ଗଲି । ଗରୁଡ଼ ସେହି ପିଲାକୁ ସବୁ ବୁଝାଇ କହିଲେ ଯେ ଅମୃତ ଏକ ବାହାନା ମାତ୍ର । ଇଏ ସ୍ୱୟଂ ପରମେଶ୍ୱର ଅଟନ୍ତି । ପରମେଶ୍ୱର ଜଳକୁ ଅଭିମନ୍ତ୍ରିତ କରି ଦେଇଥିଲେ । ବାଳକ ! ତୁମେ ଦୀକ୍ଷା ନିଅ । ଏହି ଅମୃତ ପାନକରି ତୁମେ ତ କେବଳ ଦଶ ଦିନ ପର୍ଯ୍ୟନ୍ତ ଜୀବିତ ରହି ପାରିବ । ବାଳକ ମୋ ଠାରୁ ଦୀକ୍ଷା ନେଲା । ପନ୍ଦର ଦିନ ପର୍ଯ୍ୟନ୍ତ ବାଳକ ନ ମରିବା ଦେଖି ଗରୁଡ଼ ତ୍ରୀଦେବଙ୍କୁ (ବ୍ରହ୍ମା, ବିଷ୍ଣୁ, ମହେଶଙ୍କୁ) ଏହା ଜଣାଇଲେ ଯେ ସେହି ବାଳକଟି ଜୀବିତ ଅଛି । ମୋ ଗୁରୁଙ୍କ ଠାରୁ ସେ ଦୀକ୍ଷା ନେଇ ସାରିଛି । ସେହି ପିଲାକୁ ସେ ବଞ୍ଚିବାର ପୂର୍ଣ୍ଣ ଆୟୁର ଆଶୀର୍ବାଦ ଦେଇ ସାରିଛନ୍ତି । ଏକଥା ଶୁଣି ବ୍ରହ୍ମା-ବିଷ୍ଣୁ-ମହେଶ ପୁଣି ଧର୍ମରାଜଙ୍କ ପାଖକୁ ଗଲେ, ସାଥିରେ ଗରୁଡ଼ ମଧ୍ୟ ଗଲେ । ତିନି ଦେବତା ଧର୍ମରାଜଙ୍କୁ ପଚାରିଲେ ଯେ ସେହି ବାଳକ ଏ ପର୍ଯ୍ୟନ୍ତ ଜୀବିତି କିପରି ଅଛି, ତା'ର ତ ମୃତ୍ୟୁ ହେବାର ଥିଲା ।

ଧର୍ମରାଜ ସେହି ବାଳକର ଖାତା ଖୋଲି ଦେଖନ୍ତି ତ ତା'ର ଦୀର୍ଘ ଆୟୁ ଲେଖାଥିଲା । ଧର୍ମରାଜ କହିଲେ ଯେ ଏସବୁ ଉପରୁ ହିଁ ହୋଇଥାଏ । ଏଭଳି ଘଟଣା ବେଳେ-ବେଳେ ଘଟିଥାଏ । ସେହି ପରମେଶ୍ୱରଙ୍କର ଲୀଳା ବିଷୟରେ କିଏ ବା ଜାଣେ ?

ତିନି ଦେବତାଙ୍କୁ ଏହା ଆଶ୍ଚର୍ଯ୍ୟ ଲାଗିଥିଲା, କିନ୍ତୁ ଅହଙ୍କାର ଓ ଆତ୍ମ ବଡିମା କାରଣରୁ ପ୍ରତ୍ୟକ୍ଷ ପ୍ରମାଣ ଦେଖି ମଧ୍ୟ ସତ୍ୟକୁ ସ୍ୱୀକାର କରିନଥିଲେ । ନିଜର ଅହଂ ଭାବ ତ୍ୟାଗ କରି ପାରିନଥିଲେ । ଗରୁଡ଼ଙ୍କର ବିଶ୍ୱାସ ଦୃଢ ହୋଇ ଯାଇଥିଲା ।

କବୀର, ରାଜ ତଜନା ସହଜ ହୈ, ସହଜ ତ୍ରିୟା କା ନେହ ।
ମାନ ବଡ଼ାଇ ଈର୍ଷା, ଦୁର୍ଲଭ ତଜନା ଯେହ ॥

ଶବ୍ଦାର୍ଥ :- ଆଧ୍ୟାତ୍ମିକ ଜ୍ଞାନ ଅଭାବରୁ ମାନବକୁ ବିଭିନ୍ନ ଅସାଧ୍ୟ ବିକାର କବଳିତ କରି ରଖିଥାଏ, ଯେପରି କି ଆତ୍ମ ବଡିମା, ଈର୍ଷା ଆଦି । ଆତ୍ମ ବଡିମାର ଅର୍ଥ ହେଲା ଧନ ବା ପଦ-ପଦବୀର ଅହଙ୍କାରରେ ସମ୍ମାନିତ ବ୍ୟକ୍ତି । ଏହି ଦୁଇ ବିକାର (ଈର୍ଷା ଓ ଆତ୍ମ ବଡିମା ଅର୍ଥାତ୍ ସମ୍ମାନ ପାଇବା ପାଇଁ ବଡପଣ ଦେଖାଇ ହେବା) ମଣିଷକୁ ଏତେ ପରିମାଣରେ ପ୍ରଭବିତ କରିଥାଏ ଯେ ଏହି ଅଭିମାନରେ ଅନ୍ଧ ହୋଇ ମାନବ ଏହାକୁ ତ୍ୟାଗ କରି ପାରେନାହିଁ । ମାନବ ରାଜପଦ ଛାଡ଼ି ଦେଇପାରେ, ସ୍ତ୍ରୀକୁ ତ୍ୟାଗ କରିଦେଇ ପାରେ ପରନ୍ତୁ ଏ ଦୁଇଟିକୁ ତ୍ୟାଗ କରିବା ତା'ପାଇଁ କଠିନ ଅଟେ ।

ଗରୁଡ଼ ବୋଧର ଅନ୍ତିମ ଭାଗରେ ବାସୁକୀ ନାଗ କନ୍ୟା ପ୍ରକରଣକୁ ଭୂଲ ଭାବରେ ଉଲ୍ଲେଖ କରାଯାଇଛି । ସେଥିରେ ଗରୁଡ଼କୁ ଯେଭଳି ଗୁରୁ ପଦରେ ଚିତ୍ରଣ କରାଯାଇଛି କିନ୍ତୁ ବାସ୍ତବିକତା ତାହା ନୁହେଁ । ସମସ୍ତ ଲୀଳା ପରମେଶ୍ୱର କବୀରଜୀ ହିଁ କରିଛନ୍ତି ।

"ଗରୁଡ଼ ବୋଧର କିଛି ଅମୃତ ବାଣୀ ନିମ୍ନରେ ପଢ଼ନ୍ତୁ"

ଧର୍ମଦାସଙ୍କ ବଚନ

ଧର୍ମଦାସ ବୀନତୀ କରୈ, ସୁନହୁ ଜଗତ ଆଧାର ।
ଗରୁଡ ବୋଧ ଭେଦ ସବ, ଅବ କହୋ ତତ୍ତ୍ୱ ବିଚାର ॥

ଶବ୍ଦାର୍ଥ :- ଧର୍ମଦାସ, ପରମେଶ୍ୱର କବୀରଙ୍କ ଠାରୁ ଗରୁଡ଼ଦେବଙ୍କ ବିଷୟରେ ଜ୍ଞାନ ଜାଣିବାକୁ ଇଚ୍ଛାବ୍ୟକ୍ତ କରି ଏହି ନିବେଦନ କଲେ ଯେ ହେ ସଂସାର ଧାରଣକାରୀ ପରମାତ୍ମା ! ମୋତେ ଗରୁଡ଼ ଦେବ ପକ୍ଷୀଙ୍କ ବିଷୟରେ ଯଥାର୍ଥ ଜ୍ଞାନ ପ୍ରଦାନ କରିବାର କୃପା କରନ୍ତୁ ।

ସତଗୁରୁଙ୍କ ବଚନ (କବୀର ବଚନ)

ପ୍ରଥମ ଗରୁଡ଼ ସୋଂ ଭେଁଟ ଜବ ଭୟଉ । ସତସାହବ ମେ ବୋଲ ସୁନାଉ ।
ଧର୍ମଦାସ ସୁନୋ କହୁ ବୁଝାଇ । ଜେହି ବିଧି ଗରୁଡ଼ କୋ ସମଝାଇ ॥

ଶବ୍ଦାର୍ଥ :- କବୀର ପରମେଶ୍ୱର ଧର୍ମଦାସଙ୍କୁ କହିଲେ ଯେ ପ୍ରଥମ ଥର ପାଇଁ ଯେତେବେଳେ ମୁଁ ଗରୁଡ଼କୁ ଦେଖିଲି ସେତେବେଳେ ମୁଁ ସତ ସାହେବ କହିଲି । ହେ ଧର୍ମଦାସ ! ଶୁଣ ଯେଉଁ ପ୍ରକାରେ ମୁଁ ଗରୁଡ଼କୁ ବୁଝାଇଲି, ସେହି ବିଧି ବିଷୟରେ ତୁମକୁ ଜଣାଉଅଛି ।

ଗରୁଡ଼ଙ୍କ ବଚନ

ସୁନା ବଚନ ସତ ସାହବ ଜବହୀ / ଗରୁଡ ପ୍ରଣାମ କିୟା ତବହୀ ॥
ଶୀଶ ନୀବାୟ ତିନ ପୁଛା ଚାହୟେ । ହୋ ତୁମ କୌନ କହାଁ ସେ ଆୟେ ॥

ଶବ୍ଦାର୍ଥ :- ଗରୁଡ଼ ପକ୍ଷୀ ଯେତେବେଳେ ସତ ସାହେବ ବଚନ ଶୁଣିଲେ, ସଙ୍ଗେ ସଙ୍ଗେ ପ୍ରଣାମ କଲେ, ନତମସ୍ତକ ହୋଇ ମୋତେ ପଚାରିଲେ; ଆପଣ କିଏ ? କେଉଁଠାରୁ ଆସିଛନ୍ତି ?

ଜ୍ଞାନୀ (କବୀର)ଙ୍କ ବଚନ

କହା କବୀର ହୈ ନାମ ହମାରା । ତତ୍ତ୍ୱଜ୍ଞାନ ଦେନେ ଆଏ ସଂସାରା ॥
ସତ୍ୟପୁରୁଷ ହେ କୁଲ କା ଦାତା । ହମ ବାକା ସବ ଭେଦ ବତାତ ।।
ସତ୍ୟଲୋକ ସେ ହମ ଚଲି ଆଏ । ଜୀବ ଛୁଡ଼ାବନ ଜଗ ମେଁ ପ୍ରକଟାଏ ॥

ଶବ୍ଦାର୍ଥ:- କବୀର କହିଲେ, ମୁଁ ଗରୁଡ଼କୁ କହିଲି ଯେ ମୋ ନାମ କବୀର ଅଟେ । ସମ୍ପୂର୍ଣ୍ଣ ବିଶ୍ୱକୁ ତତ୍ତ୍ୱଜ୍ଞାନ ଅର୍ଥାତ୍ ଯଥାର୍ଥ ଅଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରିବାକୁ ଆସିଛି । ମୁଁ ସତ୍ୟଲୋକ ଅର୍ଥାତ ସନାତନ ପରମଧାମରୁ ଅବତରିତ ହୋଇ ଆସିଛି । ଜୀବମାନଙ୍କୁ କାଳ ଜାଲରୁ ମୁକ୍ତ କରାଇବା ପାଇଁ ଏହି ଜଗତରେ ପ୍ରକଟ ହୋଇଛି । ସତ୍ୟପୁରୁଷ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ମାଲିକ ଅଟନ୍ତି । ସମସ୍ତଙ୍କର ପାଳନ ପୋଷଣ କରିବା ବାଲା ତଥା ସମସ୍ତଙ୍କର ଦାତା ସେ ଅଟନ୍ତି । ମୁଁ ତାଙ୍କର ସମ୍ପୂର୍ଣ୍ଣ ଭେଦ କହିପାରିବି ।

ଗରୁଡ଼ ବଚନ

ସୁନତ ବଚନ ଅଚମ୍ଭୋ ମାନା । ସତ୍ୟ ପୁରୁଷ ହୈ କୌନ ଭଗବାନା ॥
ପ୍ରତ୍ୟକ୍ଷଦେବ ଶ୍ରୀ ବିଷ୍ଣୁ କହାବୈ । ଦଶ ଔତାର ଧରି ଧରି ଜାଓ୍ୱୈ ॥

ଶବ୍ଦାର୍ଥ :- କବୀରଜୀ କହିଲେ, ଗରୁଡ଼ ସତ ସାହେବ ଶୁଣି ଆଶ୍ଚର୍ଯ୍ୟ ହେଲା ଏବଂ ପଚାରିଲା ଯେ ଇଏ କେଉଁ ପରମାତ୍ମା ଅଟନ୍ତି ? ଆଧ୍ୟାତ୍ମିକ ଜ୍ଞାନରୁ ସ୍ପଷ୍ଟ ହେଲା ଯେ ଶ୍ରୀ ବିଷ୍ଣୁ ପରମାତ୍ମା ଅଟନ୍ତି । ସେ ହିଁ ଦଶ ଅବତାର ଧାରଣ କରି ପୃଥିବୀକୁ ଆସନ୍ତି ।

ଜ୍ଞାନୀ (କବୀର)ଙ୍କ ବଚନ

ତବ ହମ କହୟା ସୁନୋ ଗରୁଡ଼ ସୁଜାନା । ପରମ ପୁରୁଷ ହୈ ପୁରୁଷ ପୁରାନା ॥ (ଆଦି କା)
ଓ୍ୱହ କବହୁ ନା ମରତା ଭାଇ । ଓ୍ୱହ ଗର୍ଭ ସେ ଦେହ ଧରତା ନାହୀଁ ॥
କୋଟି ମରେ ବିଷ୍ଣୁ ଭଗବାନା । କ୍ୟା ଗରୁଡ଼ ତୁମ ନେହୀଁ ଜାନା ॥
ଜାକା ଜ୍ଞାନ ବେଦ ବତଲାଓ୍ୱୈ । ବେଦ ଜ୍ଞାନ କୋଇ ସମଝ ନ ପାବୈ ॥
ଜିସନେ କୀହ୍ନ ସକଲ ବିସ୍ତାରା । ବ୍ରହ୍ମା, ବିଷ୍ଣୁ,ମହାଦେବ କା ସିରଜନହାରା ॥
ଜୁନୀ ସଙ୍କଟ ଓ୍ୱହ ନେହୀଁ ଆବେ । ଓ୍ୱହ ତୋ ସାହେବ ଅକ୍ଷୟ କହାବୈ ।

ଶବ୍ଦାର୍ଥ :- କବୀରଜୀ କହିଲେ, ହେ ପ୍ରିୟ ଗରୁଡ଼ ! ଶୁଣ ଇଏ ସତ୍ୟ ପୁରୁଷ ଅର୍ଥାତ ପରମ ପୁରୁଷ ଅର୍ଥାତ ଆଦି ପରମାତ୍ମା ଅର୍ଥାତ ସର୍ବକାଳୀନ ଭଗବାନ ଅଟନ୍ତି । ସେ କେବେ ମରନ୍ତି ନାହିଁ କି ମାତା ଗର୍ଭରୁ ଜନ୍ମ ନିଅନ୍ତି ନାହିଁ । ହେ ଗରୁଡ଼ ! ତୁମକୁ କ'ଣ ଜଣାନାହିଁ କି, କୋଟି କୋଟି ବିଷ୍ଣୁ ମରି ସାରିଛନ୍ତି । ଯେଉଁ ପରମ ଅକ୍ଷର ପୁରୁଷଙ୍କ ବିଷୟରେ ବେଦରେ କୁହାଯାଇଛି, ସେହି ବେଦ ଜ୍ଞାନକୁ ଠିକ୍‌ରେ କେହି ବୁଝିପାରି ନାହାନ୍ତି । ଯିଏ ସର୍ବ ବ୍ରହ୍ମାଣ୍ଡର ବିସ୍ତାର କରିଛନ୍ତି, ଯିଏ ବ୍ରହ୍ମା-ବିଷ୍ଣୁ-ଶିବଙ୍କ ଉତ୍ପତ୍ତି କରିଛନ୍ତି, ସେହି ପରମାତ୍ମା ଚୌରାସୀ ଲକ୍ଷ ଯୋନୀର କଷ୍ଟ ଭୋଗନ୍ତି ନାହିଁ । ସେ ତ ଅବିନାଶୀ ଅଟନ୍ତି ।

ଗରୁଡ଼ଙ୍କ ବଚନ

ରାମ ରୂପ ଧରି ବିଷ୍ଣୁ ଆୟା । ଜିନ ଲଙ୍କା କା ମାରା ରାୟା ॥
ପୂର୍ଣ୍ଣ ବ୍ରହ୍ମ ହୈ ବିଷ୍ଣୁ ଅବିନାଶୀ । ହେ ବନ୍ଦୀ ଛୋଡ଼ ସବ ସୁଖ ରାଶୀ ॥
ତେତୀସ କୋଟି ଦେବତନ କୀ ବନ୍ଧ ଛୁଡ଼ାଇ । ପୂର୍ଣ୍ଣ ପ୍ରଭୂ ହୈଂ ରାମ ରାଇ ॥

ଶବ୍ଦାର୍ଥ:- ଗରୁଡ଼ କହିଲେ ଯେ ଶ୍ରୀ ବିଷ୍ଣୁ, ରାମଚନ୍ଦ୍ରର ଅବତାର ଧାରଣ କରି ଶ୍ରୀ ଲଙ୍କାର ରାଜା ରାବଣକୁ ମାରିଥିଲେ । ଶ୍ରୀ ବିଷ୍ଣୁ ଅବିନାଶୀ ପୂର୍ଣ୍ଣବ୍ରହ୍ମ ଅଟନ୍ତି । ତେତୀଶ କୋଟି ଦେବତାଙ୍କୁ ରାଜା ରାବଣର କାରାଗାରରୁ ମୁକ୍ତ କଲେ । ସମସ୍ତ ସୁଖର ସେ ଅସରନ୍ତି ଭଣ୍ଡାର ବନ୍ଦୀ ମୁକ୍ତିଦାତା (ବନ୍ଦୀଛୋଡ଼) ଅଟନ୍ତି । ରାଜା ଶ୍ରୀରାମ ପୂର୍ଣ୍ଣ ପରମାତ୍ମା ଅଟନ୍ତି ।

ଜ୍ଞାନୀ (କବୀର)ଙ୍କ ବଚନ

ତୁମ ଗରୁଡ କୈସେ କହୋ ଅବିନାଶୀ । ସତ୍ୟପୁରୁଷ ବିନ କଟୈ ନା କାଳ କୀ ଫାଁସୀ ॥
ଜା ଦିନ ଲଙ୍କ ମେଁ କରୀ ଚଢ଼ାଇ । ନାଗ ଫାସ ମେଁ ବନ୍ଧେ ରଘୁରାଇ ॥
ସେନା ସହିତ ରାମ ବନ୍ଧାଇ । ତବ ତୁମ ନାଗ ଜା ମାରେ ଭାଇ
ତବ ତେରେ ବିଷ୍ଣୁ ବନ୍ଧନ ସେ ଛୁଟେ । ଯାକୁ ପୂଜୈ ଭାଗ ଜାକେ ଫୁଟେ ॥

କବୀର ଐସୀ ମାୟା ଅଟପଟୀ, ସବ ଘଟ ଆନ ଅଡ଼ୀ ॥
କିସ କିସ କୂଂ ସମଝାଉଁ, କୂଏଁ ଭାଙ୍ଗ୍ ପଡ଼ୀ ॥

ଶବ୍ଦାର୍ଥ :- କବୀରଜୀ କହିଲେ, ହେ ଗରୁଡ଼ ଦେବ ! ଆପଣ ଶ୍ରୀ ବିଷ୍ଣୁଙ୍କୁ କିପରି ଅବିନାଶୀ କହୁଛନ୍ତି ? ସତ୍ୟ ପୁରୁଷଙ୍କ କୃପା ବିନା କାଳ ଫାସ ଆର୍ଥତ୍ କର୍ମ ବନ୍ଧନ ସମାପ୍ତ ହୋଇ ପାରିବ ନାହିଁ । ହେ ଗରୁଡ଼ ! ମନେ ପକାଅ, ଶ୍ରୀ ରାମଚନ୍ଦ୍ର ଯେତେବେଳେ ଶ୍ରୀଲଙ୍କା ଉପରେ ଆକ୍ରମଣ କରିଥିଲେ, ଯୁଦ୍ଧ ସମୟରେ ଶ୍ରୀରାମ ତଥା ତାଙ୍କର ସମସ୍ତ ସେନା ନାଗଫାସ ବନ୍ଧନରେ ପଡିଥିଲେ । ତୁମେ ନାଗଫାସକୁ କାଟି ଶ୍ରୀରାମ ତଥା ତାଙ୍କର ସମସ୍ତ ସେନାଙ୍କୁ ମୁକ୍ତ କରାଇବା ପରେ ଯାଇ ତୁମ ବିଷ୍ଣୁ ବନ୍ଧନରୁ ମୁକ୍ତ ହୋଇଥିଲେ । ଶ୍ରୀରାମ ଓ ତାଙ୍କ ସେନାଙ୍କ ପାଇଁ ତୁମେ ବନ୍ଦୀ ମୁକ୍ତିଦାତା ହେଲ । ଯିଏ ଶ୍ରୀ ବିଷ୍ଣୁଙ୍କୁ ଇଷ୍ଟ ରୂପେ ପୂଜିଥାଏ ସେ ଭଗ୍ୟହୀନ ଅଟେ । କବୀର ଜୀ ଦୁଃଖୀ ମନରେ କହିଲେ ଯେ କାଳବ୍ରହ୍ମ ନିଜର ମାୟାଜାଲ ଦ୍ୱାରା ସମସ୍ତ ପ୍ରାଣୀଙ୍କର ଘଟ ଅର୍ଥାତ୍ ହୃଦୟକୁ ଅଜ୍ଞାନରେ ପରିପୂର୍ଣ୍ଣ କରି ଦେଇଛି । କେତେ ଜଣକୁ ବୁଝାଇବି, ଏହା ଏପରି ଏକ ସମସ୍ୟା ଯେପରି କୂଅରେ କେହି ଏକ କ୍ୱିଣ୍ଟାଲ୍ ଭାଙ୍ଗ ବାଟି/ପେଶି ମିଶାଇ ଦେଇଛି । ସେହି କୂଅର ଜଳକୁ ଯେଉଁ ବ୍ୟକ୍ତି ପିଇବ ତାକୁ ନିଶା ହୋଇଯିବ । ଯେତେ ଜଣ ବ୍ୟକ୍ତି ସେହି ଭାଙ୍ଗକୁ ପାନ କରି ନିଶାଗ୍ରସ୍ତ ହୋଇଥାନ୍ତି, ସେମାନେ ସମସ୍ତେ ଏକ ପ୍ରକାରର ବଙ୍କା-ଟଙ୍କା ଚାଲିଥାନ୍ତି ତଥା ଖନେଇ-ଖନେଇ କଥାବାର୍ତ୍ତା କରିଥାନ୍ତି । କାଳବ୍ରହ୍ମଙ୍କ ଦ୍ୱାରା ଭ୍ରମିତ ପ୍ରାଣୀମାନେ ଏହିପରି ଦଶା ଭୋଗୁଛନ୍ତି । ସେମାନେ ସମସ୍ତେ ଏହା ହିଁ କହିଥାନ୍ତି ଯେ ଶ୍ରୀ ବିଷ୍ଣୁ, ଶ୍ରୀ ଶିବ ଏବଂ ଶ୍ରୀ ବ୍ରହ୍ମା ଅବିନାଶୀ ପ୍ରଭୁ ତଥା ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ଓ ସଂହାର କର୍ତ୍ତା ଅଟନ୍ତି । ଏହି ତିନି ଦେବଙ୍କ ଅତିରିକ୍ତ ଅନ୍ୟ କେହି ପରମାତ୍ମା ନାହାଁନ୍ତି ।

ଗରୁଡ଼ ବଚନ

ଜ୍ଞାନୀ ଗରୁଡ଼ ହୈ ଦାସ ତୁହ୍ମାରା । ତୁମ ବିନ ନେହୀଁ ଜୀବ ନିସ୍ତାରା ॥
ଇତନା କହ ଗରୁଡ ଚରଣ ଲିପଟାୟା । ଶରଣ ଲେବୋଂ ଅବିଗତ ରାୟା ॥
କବହୁ ନା ଛୋଡ଼ୋଁ ତୁହ୍ମାରା ଶରଣା । ତୁମ ସାହବ ହୋ ତାରଣ ତରଣା ॥
ପଛର ବୁଦ୍ଧି ପର ପଡ଼େ ହୈ ଜ୍ଞାନୀ । ହୋ ତୁମ ପୂର୍ଣ୍ଣ ବ୍ରହ୍ମ ଲିୟା ହମ ଜାନୀ

ଶବ୍ଦାର୍ଥ - ଗରୁଡଜୀ, କବୀରଜୀଙ୍କୁ କହିଲେ ଯେ ହେ ବିଦ୍ୱାନ କବୀର ପ୍ରଭୁ ! ମୁଁ ଗରୁଡ଼ ଆପଣଙ୍କର ଗୋଲାମ ଅଟେ । ଆପଣଙ୍କ ବିନା ଜୀବର କଲ୍ୟାଣ ଅସମ୍ଭବ । କବୀରଜୀ, ଧର୍ମଦାସଙ୍କୁ କହିଲେ, ଏହି କଥା କହି ଗରୁଡ଼ ମୋ ଚରଣ ଦ୍ୱୟକୁ ଜାବୁଡ଼ି ଧରିଲା ଏବଂ କହିଲା, ହେ ପରମେଶ୍ୱର ! ମୋତେ ଆପଣଙ୍କ ଶରଣକୁ ନିଅନ୍ତୁ । ମୁଁ ଆପଣଙ୍କ ଶରଣ କେବେ ଛାଡ଼ିବି ନାହିଁ । ପ୍ରକୃତରେ ଆପଣ ହିଁ ତ୍ରାଣକର୍ତ୍ତା ଅର୍ଥାତ୍ ପୂର୍ଣ୍ଣମୋକ୍ଷ ଦାତା ଅଟନ୍ତି । ହେ ଜ୍ଞାନୀ କବୀର ଜୀ ! ଆମ୍ଭ ଭଳି ଜୀବମାନଙ୍କର ବୁଦ୍ଧି ଭ୍ରଷ୍ଟ ହୋଇଯାଇଛି । ଏବେ ମୋତେ ଜ୍ଞାନ ହୋଇଯାଇଛି ଯେ ଆପଣ ହିଁ ପୂର୍ଣ୍ଣ ବ୍ରହ୍ମ ଅଟନ୍ତି ।

ଜ୍ଞାନୀ (କବୀର) ଙ୍କ ବଚନ

ତବ ହମ ଗରୁଡ କୁଁ ପାଞ୍ଚ ନାମ ସୁନାୟା । ତବ ୱାକୁଂ ସଂଶୟ ଆୟା ॥
ଯହ ତୋ ପୂଜା ଦେବତନ କୀ ଦାତା । ୟା ସେ କୈସେ ମୋକ୍ଷ ବିଧାତା ॥
ତୁମତୋ କହୋ ଦୂସରା ଅବିନାଶୀ । ୱା ସେ କଟେ କାଳ କୀ ଫାସୀ ॥
ନାୟବ ସେ କୈସେ ସାହେବ ଡ଼ରହୀ । କୈସେ ମୈଁ ଭବସାଗର ତିରହୀ ॥

ଶବ୍ଦାର୍ଥ :- କବୀର ପରମେଶ୍ୱରଜୀ, ଧର୍ମଦାସଜୀଙ୍କୁ କହିଲେ ଯେ ଗରୁଡ ପ୍ରାର୍ଥନା ଶୁଣି ମୁଁ ତାକୁ ପାଞ୍ଚନାମର ଦୀକ୍ଷା ମନ୍ତ୍ର ଦେଲି, ଯାହା ଶରୀରରେ ଥିବା କମଳରେ ପ୍ରକଟ ସମସ୍ତ ଦେବତା ଓ ଦେବୀ ଦୁର୍ଗାଙ୍କ ସାଧନା ପାଇଁ ଉଦ୍ଦିଷ୍ଟ ଅଟେ ।

ଜ୍ଞାନୀ (କବୀର)ଙ୍କ ବଚନ

ସାଧନା କୋ ପୂଜା ମତ ଜାନୋ । ସାଧନା କୂଁ ମଜ୍‌ଦୂରୀ ମାନୋ ॥
ଜୋ କୋଉ ଆମ୍ର ଫଲ୍ ଖାନୋ ଚାହେଁ । ପହଲେ ବହୁତେ ମେହନତ କରାବେଁ ॥
ଧନ ହୋଣ୍ଡେ ଫଲ ଆମ୍ର ଖାବେଁ । ଆମ୍ର ଫଲ ଇଷ୍ଟ କହାଣ୍ଡେ ॥
ପୂଜା ଇଷ୍ଟ ପୂଜ୍ୟ କୀ କହୀଏ । ଔସେ ମେହନତ ସାଧନା ଲହୀଏ ॥
ଯହ ସୁନ ଗରୁଡ ଭୟୋ ଆନନ୍ଦା । ସଂଶୟ ସୂଲ କିୟୋ ନିକନ୍ଦା ॥

ଶବ୍ଦାର୍ଥ :- ପରମେଶ୍ୱର କବୀରଙ୍କୁ ଗରୁଡ଼ ଦେବ କହିଲେ ଯେ ହେ ପରମେଶ୍ୱର ! ଏହି ଦେବତାମାନଙ୍କର ନାମ ମନ୍ତ୍ର ଆପଣ ମୋତେ ଦେଲେ ଯାହା ଏମାନଙ୍କର ପୂଜା ଅଟେ । ଆପଣ କହିଲେ ଯେ ଏମାନେତ କେବଳ ୧୬ କଳା ଯୁକ୍ତ ପ୍ରଭୁ ଅଟନ୍ତି । କାଳ କିନ୍ତୁ ଏକ ହଜାର କଳା ଯୁକ୍ତ ପ୍ରଭୁ ଅଟେ । ପୂର୍ଣ୍ଣବ୍ରହ୍ମ ଅସଂଖ୍ୟ କଳାଯୁକ୍ତ ପରମେଶ୍ୱର ଅଟନ୍ତି । ଆପଣ ସୃଷ୍ଟି ରଚନାରେ ଏହା ମଧ୍ୟ କହିଛନ୍ତି ଯେ କାଳ ଆପଣଙ୍କୁ ରୋକି ରଖିଛି । କାଳବ୍ରହ୍ମ ଅଧୀନରେ ତିନି ଦେବତା ବ୍ରହ୍ମା-ବିଷ୍ଣୁ-ଶିବ ଅଛନ୍ତି । ହେ ପରମେଶ୍ୱର ! ନାଏବ (ଉପ ବା ଛୋଟ) କୁ ସାହେବ (ସ୍ୱାମୀ-ମାଲିକ) କେମିତି ଡ଼ରିବେ ? ଅର୍ଥାତ ବ୍ରହ୍ମା, ବିଷ୍ଣୁ, ଶିବ କାଳ ବ୍ରହ୍ମର କେବଳ ନାଏବ ଅଟନ୍ତି । ଯେପରି ନାଏବ ତହସିଲଦାର ଅର୍ଥାତ ଉପ ତହସିଲଦାର ଥାଆନ୍ତି । ତେବେ ଛୋଟକୁ ବଡ଼ କେମିତି ଡ଼ରିବ ? ଭାବାର୍ଥ ଏହା ଯେ ତିନି ଦେବତା କାଳ ବ୍ରହ୍ମର ନାଏବ ଅଟନ୍ତି । ଏମାନଙ୍କର ଭକ୍ତି କରିବା ପାଇଁ ଆପଣ କହୁଛନ୍ତି, ଜପ କରିବା ପାଇଁ ଏମାନଙ୍କର ନାମ ମନ୍ତ୍ର ମଧ୍ୟ ଦେଇଛନ୍ତି । ଏହି ନାଏବମାନେ ନିଜ ସାହବ (କାଳ ବ୍ରହ୍ମ) ଠାରୁ ଆମ୍ଭଙ୍କୁ କିପରି ମୁକ୍ତ କରିପାରିବେ ? ଏହା ଶୁଣି ପରମେଶ୍ୱର କବୀର ଜୀ, ପୂଜା ଓ ସାଧନା ମଧ୍ୟରେ ଥିବା ଅନ୍ତର ବିଷୟରେ ଏହା କହିଲେ ଯେ ଯଦି କାହାକୁ ଆମ୍ବ ଫଳ ଖାଇବା ପାଇଁ ଇଚ୍ଛା ହେଉଛି ତେବେ ଆମ୍ବ ଫଳ ତା'ର ପୂଜ୍ୟ ଅଟେ । ସେହି ପୂଜ୍ୟ ବସ୍ତୁକୁ ପାଇବା ପାଇଁ କରାଯାଉଥିବା ପ୍ରଚେଷ୍ଟାକୁ ସାଧନା କୁହାଯାଏ । ଯେପରି ଧନ ଉପାର୍ଜନ ପାଇଁ ପରିଶ୍ରମ କରିବାକୁ ପଡ଼ିଥାଏ । ସେହି ଧନରେ ଆମ୍ବ କିଣି ଖିଆ ଯାଇଥାଏ । ଏହିପରି ପୂର୍ଣ୍ଣ ପରମାତ୍ମା ଆମ୍ଭମାନଙ୍କର ଇଷ୍ଟ ଦେବ ଅର୍ଥାତ୍ ପୂଜ୍ୟ ଦେବ ଅଟନ୍ତି । ଦେବତାମାନଙ୍କର ମନ୍ତ୍ର ଜପ ମଜୁରୀ ଅଟେ । ନାମ ଜପରୁ ଯେଉଁ ଭକ୍ତି ରୂପୀ ଧନ ଉପାର୍ଜନ ହେବ ସେହି ଉପାର୍ଜନକୁ କାଳବ୍ରହ୍ମ ନିକଟରେ ଛାଡ଼ି, ଋଣ ମୁକ୍ତ ହୋଇ ନିଜ ଇଷ୍ଟ ଅର୍ଥାତ ପୂଜ୍ୟଦେବ କବୀର ଦେବ (କବୀରଦେବ)ଙ୍କୁ ପ୍ରାପ୍ତ କରିବା । ଏହିକଥା ଶୁଣି ଗରୁଡ଼ ଜୀ ଅତି ପ୍ରସନ୍ନ ହେଲେ ତଥା ତାଙ୍କୁ ଏହି ପ୍ରମାଣ ମିଳିଗଲା ଯେ ସେହି ଗୁରୁ ପୂର୍ଣ୍ଣଗୁରୁ ଅଟନ୍ତି ଏବଂ ପୂର୍ଣ୍ଣଗୁରୁ ହିଁ ଶଙ୍କା ସମାଧାନ କରି ପାରିବେ । ତା'ପରେ ସେ ଦୀକ୍ଷା ଗ୍ରହଣ କଲେ । ଗରୁଡ଼ଜୀଙ୍କୁ ତ୍ରେତୟା ଯୁଗରେ ପରମାତ୍ମା ନିଜ ଶରଣକୁ ନେଇଥିଲେ । ଗରୁଡ ଶ୍ରୀ ବିଷ୍ଣୁଙ୍କର ବାହନ ହୋଇଥିବା କାରଣରୁ ବାରମ୍ବାର ତାଙ୍କ ମହିମା ଶୁଣି ତଥା ଶ୍ରୀ ବିଷ୍ଣୁଙ୍କର କିଛି ଚମତ୍କାରୀ ଲୀଳା ଦେଖି ଗୁରୁଙ୍କ ପ୍ରତି ତାଙ୍କର ବିଶ୍ୱାସ କମ ହୋଇଗଲା, ମାତ୍ର ସେ ଗୁରୁଦ୍ରୋହୀ ହୋଇ ନ ଥିଲେ । ପୁଣି କୌଣସି ଏକ ଜନ୍ମରେ ଏହି ଆତ୍ମା ମାନବ ଶରୀର ପ୍ରାପ୍ତ କରିବ, ସେତେବେଳେ ଏହି ଗରୁଡ଼ ବାଲା ଆତ୍ମାକୁ ପରମେଶ୍ୱର ନିଜ ଶରଣକୁ ନେଇ ମୁକ୍ତ କରିବେ । ଦୀକ୍ଷା ପ୍ରାପ୍ତି ପରେ ଗରୁଡ, ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ସହିତ ଜ୍ଞାନ ଚର୍ଚ୍ଚା କରିବା ପାଇଁ ବିଚାର କଲେ । ଗରୁଡ଼ ଜୀ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ, ତାଙ୍କ ସହିତ ଜ୍ଞାନ ଚର୍ଚ୍ଚା କଲେ ।

"ଗରୁଡ଼ଙ୍କ ବଚନ ବ୍ରହ୍ମାଙ୍କ ପ୍ରତି "

ବ୍ରହ୍ମା କହା ତୁମ କୈସେ ଆୟେ । କହୋ ଗରୁଡ଼ ମୋହେ ଅର୍ଥାୟ ॥
ତବ ହମ କହା ସୁନୋଂ ନିରଞ୍ଜନ ପୂତା । ଆୟା ତୁହ୍ମେଁ ଜଗାବନ ସୂତା ॥
ଜନ୍ମ-ମରଣ ଏକ ଝଂଝଟ ଭାରୀ । ପୂର୍ଣ୍ଣ ମୋକ୍ଷ କରାଓ ତ୍ରିପୁରାରୀ ॥

ଶବ୍ଦାର୍ଥ :- ପରମେଶ୍ୱର କବୀରଙ୍କଠାରୁ ଦୀକ୍ଷା ପ୍ରାପ୍ତି ପରେ ତଥା ସଂସାରର ଉତ୍ପତ୍ତି

ବିଷୟରେ କଥା ଶୁଣିବା ପରେ ଗରୁଡ଼ଙ୍କୁ ପୂର୍ଣ୍ଣ ବିଶ୍ୱାସ ହୋଇଗଲା ଯେ ଯେଉଁ ଜ୍ଞାନ ପୁରାଣ ଓ ବେଦରେ ଅଛି ଏବଂ ସେହି ଜ୍ଞାନ ଯଦି କବୀରଜୀଙ୍କ ଜ୍ଞାନ ସହିତ ମେଳଖାଉଛି ତେବେ ଅନ୍ୟ ଯେଉଁ ଜ୍ଞାନ ସେ ଦେଉଛନ୍ତି ତାହା ମଧ୍ୟ କଦାପି ଭୁଲ ହୋଇ ପାରିବ ନାହିଁ । ସୃଷ୍ଟିର ଉତ୍ପତ୍ତି ଜ୍ଞାନ ଉତ୍ପତ୍ତିକର୍ତ୍ତା ଅର୍ଥାତ ପରମେଶ୍ୱରଙ୍କ ବିନା ଅନ୍ୟ କେହି କହିପାରିବେ ନାହିଁ । ଇଏ ଋଷି ନୁହଁନ୍ତି, ଇଏ ସ୍ୱୟଂ ପରମେଶ୍ୱର ଅଟନ୍ତି । ଗରୁଡ ଏହି କଥା ମନରେ ବିଚାର କରି ଶ୍ରୀ ବ୍ରହ୍ମାଙ୍କ ଲୋକକୁ ଗଲେ କାରଣ ଶ୍ରୀ ବ୍ରହ୍ମାଙ୍କୁ ବେଦଜ୍ଞ ବୋଲି କୁହଯାଏ । ବ୍ରହ୍ମା, ଗରୁଡଙ୍କୁ ଆସିବାର କାରଣ ବିଷୟରେ ପଚାରିଲେ; କୁହ ଗରୁଡ ! ଆସିବାର ଅଭିପ୍ରାୟ ? କାରଣ ଜଣାଇବାକୁ ଯାଇ ଗରୁଡ଼ କହିଲେ, ହେ ଜ୍ୟୋତି ନିରଞ୍ଜନ ସୁତ ଅର୍ଥାତ୍ ବ୍ରହ୍ମା ! ଆସିବାର କାରଣ ବିଷୟରେ ଶୁଣନ୍ତୁ, ଆପଣଙ୍କ ପରି ଅଜ୍ଞାନ ଅନ୍ଧକାରରେ ଶୋଇଥିବା ବ୍ୟକ୍ତିଙ୍କୁ ମୁଁ ତତ୍ତ୍ୱଜ୍ଞାନ ଦ୍ୱାରା ଜାଗ୍ରତ ଅର୍ଥାତ୍ ସତର୍କ କରିବାକୁ ଆସିଛି । ଜନ୍ମ-ମରଣର ରୂପୀ ସଙ୍କଟ ଭାରି ଭୟଙ୍କର । ଆପଣ ନିଜର ପୂର୍ଣ୍ଣ ମୋକ୍ଷ କରାନ୍ତୁ ।

"ବ୍ରହ୍ମା ବଚନ"

ହମରା କୋଇ ନହୀଁ ଜନ୍ମ ଦାତା । କେବଳ ଏକ ହମାରୀ ମାତା ॥
ପିତା ହମାରା ନିରାକାର ଜାନୀ । ହମ ହୈଂ ପୂର୍ଣ୍ଣ ସାରଙ୍ଗ ପାଣୀ ॥
ହମରା ମରଣ କବହୁ ନହୀଁ ହୋଣ୍ଟେ । କୌନ ଅଜ୍ଞାନ ମେଁ ପକ୍ଷୀ ସୋଣ୍ଟେ ॥
ତବହୀ ବ୍ରହ୍ମା ବିମାନ ମଙ୍ଗାଣ୍ଟା । ବିଷ୍ଣୁ, ବ୍ରହ୍ମା କୋ ତୁରନ୍ତ ବୁଲାବା ॥
ଗଏ ବିମାନ ଦୋନୋଁ ପାସା । ପଲ ମେଁ ଆନ ବିରାଜେ ପାସା ॥
ଇନ୍ଦ୍ର କୁବେର ବରୁଣ ବୁଲାଏ । ତେତିସ କରୋଡ ଦେବତା ଆଏ ॥
ଆଏ ଋଷି ମୁନୀ ଔର ନାଥା । ସିଦ୍ଧି ସାଧକ ସବ ଆ ଜାତା ॥
ବ୍ରହ୍ମା କହା ଗରୁଡ଼ ନୀଦ ମେଁ ବୋଲୈ । କୋରୀ ଝୁଠ କୁଫର ବହୁ ତୋଲୈ ॥
କହ କୋଇ ଔର ହେ ସିରଜନହାରା । ଜନ୍ମ-ମରଣ ବତାବୈ ହମାରା ॥
ତାତେ ମେଁ ଯହ ମଜଲିସ ଜୋଡ଼ୀ । ଗରୁଡ କେ ମନ କ୍ୟା ବାତାଂ ଦୌଡ଼ୀ ॥
ଋଷି ମୁନି ଅନୁଭବ ବତାତା । ବ୍ରହ୍ମା, ବିଷ୍ଣୁ, ଶିବ ବିଧାତା ॥
ନିର୍ଗୁଣ ସରଗୁଣ ଯେହୀ ବନ ଜାବୈ । କବହୁ ନହୀଁ ମରଣ ମେଁ ଆଣ୍ଟେ ॥

ଶବ୍ଦାର୍ଥ :- ବ୍ରହ୍ମା କହିଲେ, ହେ ଗରୁଡ଼ ! ଆମ୍ଭର ଜନ୍ମ ମୃତ୍ୟୁ ହୁଏ ନାହିଁ । ଆମ୍ଭର ମାତା-ପିତା କେହି ନାହାଁନ୍ତି, ଆମ୍ଭର କେବଳ ଜଣେ ମାତା ଅଛନ୍ତି । ଆମ୍ଭର ପିତା ନିରାକାର ଅଟନ୍ତି । ଆମ୍ଭେ ପୂର୍ଣ୍ଣ ପରମାତ୍ମା ଅଟୁଁ । (ସାରଙ୍ଗ ମାନେ ଧନୁ, ପାଣୀ ମାନେ ହାତରେ ଧନୁ ଧରିଥିବା ବ୍ୟକ୍ତିକୁ କାଳଲୋକର ପ୍ରାଣୀମାନେ ପରମାତ୍ମା ବୋଲି କହିଥାନ୍ତି ।) ହେ ପକ୍ଷୀ ଗରୁଡ଼ ! ତୁ ଅଜ୍ଞାନ ନିଦ୍ରାରେ ଶୋଇଛୁ । ଶୁଣ ! ଆମ୍ଭମାନଙ୍କର କେବେ ଜନ୍ମ-ମରଣ ହୋଇନଥାଏ । ବ୍ରହ୍ମା ସେହି କ୍ଷଣୀ ବିମାନ ମଗାଇ ଚାଳକକୁ କହିଲେ ଯେ ବିଷ୍ଣୁ ଓ ଶିବଙ୍କୁ ଏଠାକୁ ଘେନି ଆସ । କିଛି କ୍ଷଣ ମଧ୍ୟରେ ବିମାନ ଉଭୟଙ୍କୁ ନେଇ ଆସିଲା । ଏମାନଙ୍କ ସହିତ ତେତୀଶ କୋଟି ଦେବତା ତଥା ଦେବତାମାନଙ୍କର ରାଜା ଇନ୍ଦ୍ର ଏବଂ ଧନ ଦେବତା କୁବେର, ଜଳ ଦେବତା ବରୁଣଙ୍କୁ ମଧ୍ୟ ସେଠାକୁ ଡ଼କାଇଲେ । ଅଠାଶୀ ହଜାର ଋଷି, ନଅଜଣ ନାଥ, ଚୌରାସୀ ସିଦ୍ଧି ଆଦି ସମସ୍ତଙ୍କୁ ଡ଼କାଗଲା । ବଡ ସଭାର ଆୟୋଜନ କରାଗଲା । ବ୍ରହ୍ମା କହିଲେ, ଗରୁଡ଼ ଏପରି କଥା କହୁଛି ଯେପରି କେହି ନିଦରେ ବିଳବିଳେଇ ଥାଏ । ସମ୍ପୂର୍ଣ୍ଣ ମିଛ କଥା କହୁଛି । କହୁଛି କ'ଣ ନା ତୁମ୍ଭମାନଙ୍କର (ବ୍ରହ୍ମା, ବିଷ୍ଣୁ ଓ ଶିବ)ଙ୍କର ଜନ୍ମ-ମୃତ୍ୟୁ ହେଉଛି । ତୁମ୍ଭଠାରୁ ଭିନ୍ନ ଅନ୍ୟ କେହି ସୃଷ୍ଟି କର୍ତ୍ତା ପରମାତ୍ମା ଅଛନ୍ତି । ଏଥିପାଇଁ ମୁଁ ଏହି ସଭା ଡ଼କାଇଛି ଯେ ଗରୁଡ଼ ମନକୁ ଏଭଳି ବିଚାର ଆସୁଛି କିପରି ?

ବ୍ରହ୍ମାଜୀ ନିଜ ବକ୍ତବ୍ୟ ରଖୁଥିବା ସମୟରେ ଅନ୍ୟ ଋଷି ଓ ମୁନିଗଣ(ସାଧକ)ନିଜ ଅନୁଭବ ଆଧରରେ କହିବାକୁ ଲାଗିଲେ ଯେ ବ୍ରହ୍ମା, ବିଷ୍ଣୁ ଓ ଶିବ ଜଗତର ଉତ୍ପତ୍ତିକର୍ତ୍ତା ପରମାତ୍ମା ଅଟନ୍ତି । ଏମାନେ ହିଁ ନିର୍ଗୁଣ ଓ ସର୍ଗୁଣ ହୋଇ ଲୀଳା କରନ୍ତି । ଏମାନଙ୍କର କେବେ ମୃତ୍ୟୁ ହୋଇନଥାଏ ।

"ବିଷ୍ଣୁଙ୍କ ବଚନ"

ପକ୍ଷୀରାଜ ଯହ କ୍ୟା ମନ ମେଁ ଆଇ । ପାପ ଲଗୈ ବନା ଆଲୋଚକ ଭାଇ ॥
ହମସେ ଔର କୌନ ବଡ଼େରା ଦାତା । ହମହୈ କର୍ତା ଔର ଚୌଥୀ ମାତା ॥
ତୁମରୀ ମତି ଅଜ୍ଞାନ ହରଲୀନି । ହମ ହୈଁ ପୂର୍ଣ୍ଣ କରତାର ତୀନୀ ॥

ଶବ୍ଦାର୍ଥ :- ବିଷ୍ଣୁ କହିଲେ, ହେ ପକ୍ଷୀରାଜ ଗରୁଡ଼ ! ତୁମ ମନକୁ ଏଭଳି ଭ୍ରମ ଧାରଣା କିପରି ଆସିଲା ଯେ ଆମ୍ଭର ଜନ୍ମ-ମରଣ ହୋଇଥାଏ । ତୁମେ ନିନ୍ଦାର ପାତ୍ର ହୋଇଗଲ । ଆମ୍ଭଠାରୁ ବଡ଼ କେଉଁ ପରମାତ୍ମା ଅଛନ୍ତି ? ଆମ୍ଭେ ତିନି ଦେବତା ଓ ଚତୁର୍ଥରେ ମାତା ଦୁର୍ଗା ହିଁ ଏହି ସଂସାରର କର୍ତ୍ତା ଅଟନ୍ତି । ଅଜ୍ଞାନତା ତୋ ବୁଦ୍ଧିକୁ ସମାପ୍ତ କରିଦେଇଛି । ଆମ୍ଭଠାରୁ ଭିନ୍ନ ଅନ୍ୟ କେହି ସୃଷ୍ଟିର ଉତ୍ପତ୍ତିକର୍ତା ଅଛନ୍ତି ବୋଲି ତୁ କେମିତି କହୁଛୁ ? ଆମ୍ଭେ ତିନି ଦେବତା ପୂର୍ଣ୍ଣ କର୍ତ୍ତା ଅର୍ଥାତ ପୂର୍ଣ୍ଣ ପରମାତ୍ମା ଅଟୁଁ । ସୃଷ୍ଟିର ଉତ୍ପତ୍ତିକର୍ତ୍ତା ଅଟୁଁ ।

"ମହାଦେବ ବଚନ"

କହ ମହାଦେବ ପକ୍ଷୀ ହେ ଭୋଳା । ହୃଦୟ ଜ୍ଞାନ ଇନ ନହୀଁ ତୋଲା ॥
ବ୍ରହ୍ମା ବନାବୈ ବିଷ୍ଣୁ ପାଲୈ । ହମ ସବ୍‌କା କା କରତେ କାଲୈ ॥
ଔର ବତା ଗରୁଡ଼ ଅଜ୍ଞାନୀ । ରକ୍ଷୀ ବତାବୈ ତୁମ ନହୀଁ ମାନୀ ॥
ଚଲୋ ମାତା ସେ ପୂଛୈ ବାତା । ନିର୍ଣ୍ଣୟ କରୋ କୌନ ହୈ ବିଧାତା ॥
ସବନେ କହା ସହୀ ହୈ ବାନୀ । ନିର୍ଣ୍ଣୟ କରେଗୀ ମାତା ରାଣୀ ॥
ସବ ଉଠଗୟେ ମାତା ପାସା । ଆପନ ସମସ୍ୟା କରୀ ପ୍ରକାଶା ॥

ଶବ୍ଦାର୍ଥ :- ମହାଦେବ ଅର୍ଥାତ ଶିବ କହିଲେ ଯେ ଏହି ପକ୍ଷୀ ବହୁତ ସରଳ ଅଟେ । ନିଜ ଜ୍ଞାନକୁ ତର୍ଜମା ନ କରି ଏଭଳି କଥା କହୁଛି । ବ୍ରହ୍ମା ଜୀବମାନଙ୍କର ଉତ୍ପତ୍ତି କର୍ତ୍ତା, ବିଷ୍ଣୁ ପାଳନକର୍ତ୍ତା ଏବଂ ମୁଁ ସଂହାର କର୍ତ୍ତା ଅଟେ । ଆରେ ଅଜ୍ଞାନୀ ଗରୁଡ଼ ! ତୁ କୁହ, ଅନ୍ୟ କେଉଁ ସମର୍ଥ ପ୍ରଭୁ ଅଛନ୍ତି ? ଉପସ୍ଥିତ ସଭାରେ ଶ୍ରୀ ଶିବ କହିଲେ, ଆସନ୍ତୁ, ମାତା ଦୁର୍ଗାଙ୍କ ଠାରୁ ଜାଣିବା, ନିର୍ଣ୍ଣୟ କରି ମାତା କହିବେ ଯେ ପୂର୍ଣ୍ଣ ପରମାତ୍ମ କିଏ ଅଟନ୍ତି । ଶିବଙ୍କ ରାୟକୁ ସମସ୍ତେ ସମର୍ଥନ କରି କହିଲେ ଯେ ଆପଣ ଠିକ୍ କହୁଛନ୍ତି । ମାତାରାଣୀ ନିର୍ଣ୍ଣୟ କରିବେ ଯେ ବାସ୍ତବରେ ପରମାତ୍ମା କିଏ ଅଟନ୍ତି । ସଭାରେ ଉପସ୍ଥିତ ସମସ୍ତ ଦେବତା-ଋଷିଗଣ ଉଠି ଦେବୀ ମାତାଙ୍କ ନିକଟକୁ ଗଲେ ଏବଂ ନିଜ ସମସ୍ୟା ବିଷୟରେ ଜଣାଇଲେ ।

"ମାତା ବଚନ"

କହା ମାତା ଗରୁଡ଼ ବତାଓ । ଔର କର୍ତ୍ତା ହୈ କୌନ ସମଝାଓ ॥

ଶବ୍ଦାର୍ଥ :- ଦେବୀମାତା, ଗରୁଡ଼କୁ ପ୍ରଶ୍ନ କଲେ ଯେ ତୁମେ କୁହ ଯେ ଏମାନଙ୍କ ଠାରୁ ଭିନ୍ନ ଏ ସଂସାରର ବିଧାତା ଅର୍ଥାତ ଉତ୍ପତ୍ତିକର୍ତ୍ତା କିଏ ଅଟନ୍ତି ?

"ଗରୁଡ଼ ବଚନ"

ମାତ ତୁମ ଜାନତ ହୋ ସାରୀ । ସଚ ବତା କହେ ନ୍ୟାକାରୀ ॥
ସଭା ମେଁ ଝୁଠୀ ବାତ ବନାବୈ । ବାକା ବଂଶ ସମୁଲା ଜାବୈ ॥
ମୈଁ ସୁନା ଔର ଆଖୋଁ ଦେଖା । କରତା ଅବିଗତ ଅଲଗ ବିଶେଷା ॥
ଜହାଁ ସେ ଜନ୍ମ ହୁଆ ତୁହ୍ମାରା । ୱହ ହେ ସବକା ସିରଜନହାରା ॥
ବେଦ ଜାକା ନିତ ଗୁଣ ଗାଓ୍ୱୈଁ । କେବଳ ୱହୀ ଏକ ଅମର ବତାବୈ ॥
ମରହୈଂ ବ୍ରହ୍ମା ବିଷ୍ଣୁ ନରେଶା । ମର ହୈଁ ବସ ଶଙ୍କର ଶେଷା ॥
ଅମର ପୁରୁଷ ସତ ପୁର ରହତା । ଅପନେ ମୁଖ ସତ୍ୟ ଜ୍ଞାନ ୱହ କହତା
ବେଦ କହେ ୱହ ପୃଥୀ ପର ଆଓ୍ୱୈ । ଭୂଲେ ଜୀବନ କୋ ଜ୍ଞାନ ବତଲାବୈ ॥
କ୍ୟା ଯେ ଝୁଠେ ଶାସ୍ତ୍ର ସାରେ । ତୁମ ବ୍ୟର୍ଥ ବନ ବୈଠେ ସିରଜନହାରେ ॥
ମାନ ବଡ଼ାଇ ଛୋଡ଼ୋ ଭାଇ । ତାକି ଭକ୍ତି କରେ ଅମରାପୁର ଜାଇ ॥
ମାତା କହନା ସାଚୀ ବାତା । ବତାଓ ଦେବୀ ହୈ କୌନ ବିଧାତା ॥

ଶବ୍ଦାର୍ଥ :- ଗରୁଡ଼ କହିଲେ, ହେ ମାତା ! ଆପଣଙ୍କୁ ସବୁ ଜଣାଅଛି । ନ୍ୟାୟଧିଶ ସତ୍ୟ କଥା କହିବା ଉଚିତ । ପରମାତ୍ମାଙ୍କର ଏହି ବିଧାନ ଅଛି ଯେ ଯେଉଁ ନ୍ୟାୟକର୍ତ୍ତା ସଭାରେ ମିଛ କଥା କହିଥାଏ ତା' ବଂଶ ସମୁଳେ ନାଶ ହୋଇଥାଏ । ଗରୁଡ଼ ପୁଣି କହିଲେ ଯେ ମାତା ! ଯେଉଁ ପରମେଶ୍ୱର ଆପଣଙ୍କୁ ଉତ୍ପତ୍ତି କରିଛନ୍ତି, ସେ ସମସ୍ତଙ୍କର ଉତ୍ପତ୍ତିକର୍ତ୍ତା ଅଟନ୍ତି । ମୁଁ ସ୍ୱଚକ୍ଷୁରେ ଦେଖିଛି ଏବଂ ତତ୍ତ୍ୱଦର୍ଶୀଙ୍କ ଠାରୁ ଶୁଣିଛି ମଧ୍ୟ । ସେହି କର୍ତ୍ତା ଦିବ୍ୟ ଅବିଗତ ବିଶେଷ ଅଟନ୍ତି । ସେ ଭିନ୍ନ ଅଟନ୍ତି । (ଅବିଗତର ଅର୍ଥ ଯାହାର ଭେଦ ଗୁପ୍ତ ଥିବ) ବେଦରେ ତାଙ୍କ ମହିମା ବିଷୟରେ ଅଧିକ କୁହାଯାଇଛି । ବେଦରେ କୁହାଯାଇଛି ଯେ କେବଳ ସେ ହିଁ ଅବିନାଶୀ ଅଟନ୍ତି । ବ୍ରହ୍ମା, ବିଷ୍ଣୁ, ଶିବଙ୍କ ମୃତ୍ୟୁ ହୁଏ । ଅବିନାଶୀ ପରମାତ୍ମା ତ ସତଲୋକ (ଋତ୍‌ଧାମା)ରେ ରୁହନ୍ତି । ସେ ହିଁ ପୃଥିବୀ ପୃଷ୍ଠରେ ପ୍ରକଟ ହୋଇ ନିଜ ଶ୍ରୀ ମୁଖ ନିସୃତ ବାଣୀ ମାଧ୍ୟମରେ ଯଥାର୍ଥ ଆଧ୍ୟାତ୍ମିକ ଜ୍ଞାନ କହିଥାନ୍ତି, ଅଜ୍ଞାନତା କାରଣରୁ ସତ୍ୟ ଭକ୍ତି ମାର୍ଗରୁ ପଥଭ୍ରଷ୍ଟ ହୋଇଥିବା ଉତ୍ତମ ସାଧକଗଣଙ୍କୁ ସତ୍ୟମାର୍ଗ ବିଷୟରେ ଜ୍ଞାନ ଦେଇଥାନ୍ତି । ଏହି ପ୍ରମାଣ ବେଦରେ ଅଛି । ଏସବୁ ଶାସ୍ତ୍ର କ'ଣ ମିଥ୍ୟା ? ହେ ତ୍ରିଦେବ ! ଆପଣ ଅଯଥା ସୃଷ୍ଟିକର୍ତ୍ତା ହୋଇ ବସିଛନ୍ତି । ହେ ଭାଇ(ବ୍ରହ୍ମା-ବିଷ୍ଣୁ-ଶିବ) ! ଆତ୍ମ ବଡିମା ତ୍ୟାଗ କରି ନିଜ ଜୀବର କଲ୍ୟାଣ କରାନ୍ତୁ । ସେହି ପୂର୍ଣ୍ଣ ପରମାତ୍ମାଙ୍କର ଭକ୍ତି କରନ୍ତୁ । ଗରୁଡ଼, ମାତାଙ୍କ ଆଡ଼କୁ ମୁଖ କରି ପ୍ରାର୍ଥନା କଲେ ଯେ ମାତା ! ସତ୍ୟ କୁହ, ଏ ସଂସାରର ଉତ୍ପତ୍ତିକର୍ତ୍ତା କିଏ ଅଟନ୍ତି ?

"ମାତା (ଦୁର୍ଗା) ବଚନ"

ମାତା କହେ ସୁନୋରେ ପୁତା । ତୁମ କୋଗୀ ତୀନେଁ ଅବଧୂତା ॥
ଭକ୍ତି କରି ନା ମାଲିକ ପାଏ । ଅପନେ କୋ ତୁମ ଅମର ବତାଏ ॥
ୱହ କର୍ତ୍ତାହେ ସବସେ ନ୍ୟାରା । ହମ ତୁମ ସବକା ସିରଜନହାରା ॥
ଗରୁଡ଼ କହତ ହୈ ସଚ୍ଚୀ ବାଣୀ । ଐସେ ବଚନ କହା ମାତା ରାନୀ ॥
ସବ ଉଠ ଗଏ ଅପନେ ଅସ୍ଥାନା । ସାଚ ବଚନ କାହୁ ନେହିଁ ମାନା ॥

ଶବ୍ଦାର୍ଥ :- ମାତା ଦେବୀ ଦୁର୍ଗା, ବ୍ରହ୍ମା, ବିଷ୍ଣୁ, ଶିବଙ୍କୁ କହିଲେ ଯେ ହେ ପୁତ୍ରଗଣ ! ଶୁଣ ! ତୁମେ ତିନି ଭାଇ ସ୍ୱୟଂ ସାଧକ ଅଟ । ସତ୍ୟ ଭକ୍ତି ନ କରି ନିଜକୁ ଅଜର-ଅମର କହୁଅଛ, କାରଣ ପରମାତ୍ମା ତୁମ୍ଭମାନଙ୍କୁ କେବେ ମିଳି ନାହାନ୍ତି । ସୃଷ୍ଟିର ସେହି ଉତ୍ପତ୍ତିକର୍ତ୍ତା ସମସ୍ତଙ୍କ ଠାରୁ ଭିନ୍ନ ଅଟନ୍ତି । ତୁମ୍ଭମାନଙ୍କୁ, ମୋତେ ଓ ଅନ୍ୟ ଜୀବମାନଙ୍କର ଆତ୍ମାକୁ ସେ ହିଁ ଉତ୍ପତ୍ତି କରିଛନ୍ତି । ମାତା ଯେତେବେଳେ ଏହି କଥା କହିଲେ ସେତେବେଳେ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟ ତଥା ବ୍ରହ୍ମା, ବିଷ୍ଣୁ ଓ ଶିବ ସେଠାରୁ ଉଠି ନିଜ-ନିଜ ସ୍ଥାନକୁ ଚାଲିଗଲେ, ପରନ୍ତୁ ମାତାଙ୍କ କଥାକୁ ସତ୍ୟ ବୋଲି ସ୍ୱୀକାର କଲେ ନାହିଁ ।

"ଗରୁଡ଼ ବଚନ"

ବ୍ରହ୍ମା ବିଷ୍ଣୁ ମୋହେ ବୁଲାୟା । ମହାଦେବ ଭୀ ୱହାଁ ବୈଠ ପାୟା ॥
ତିନୋଁ କହେ, କୋଈ ଦୋ ପ୍ରମାଣା । ତବ ହମ ତୋହେ ସାଚା ଜାନା ॥
ମୈଁ କହା ଗୁଙ୍ଗା ଗୁଡ଼ ଖାଓ୍ୱେ । ଦୁଜେ କୋ ସ୍ୱାଦ କ୍ୟା ବତ୍‌ଲାବୈ ॥
ମୈଁ ଜାତ୍ ହୁଁ ସତଗୁରୁ ପାସା । ଲା ପ୍ରମାଣ କରୁ ଭ୍ରମ ବିନାଶା ॥
ତ୍ରିଦେବ କହେଁ ଲୋ ପରୀକ୍ଷା ହମାରୀ । ପୂର୍ଣ୍ଣ କରେଁ ତେରୀ ଆଶା ସାରୀ ॥
ହମହୀଁ ମାରେ ହମହୀ ବଚାବୈଁ । ହମ ରହତ ସଦା ନିର୍ଦ୍ଦାବୈଁ ॥
ଗରୁଡ କହା ହମ କରେଁ ପରୀକ୍ଷା । ତୁମ ପୂର୍ଣ୍ଣ ତୋ ଲୂଁ ତୁହ୍ମାରୀ ଦୀକ୍ଷା ॥
ଉଡ଼ା ୱହାଁ ସେ ଗୁରୁ ପାସେ ଆୟା । ସବ ବୃତ୍ତାତ କହ ସୁନାୟା

ଶବ୍ଦାର୍ଥ:- ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଓ ଶ୍ରୀ ଶିବ, ଗରୁଡଙ୍କୁ ନିଜ ପାଖକୁ ବିଷ୍ଣୁ ଲୋକଙ୍କୁ ଡକାଇଲେ ଏବଂ କହିଲେ, ହେ ଗରୁଡ ! ତୁମେ କୌଣସି ଏକ ପ୍ରମାଣ ଦିଅ ଯେ ଆମ୍ଭ ଉର୍ଦ୍ଧରେ

ଅନ୍ୟ କେଉଁ ସମର୍ଥ ଶକ୍ତି ଅଛନ୍ତି, ନିଜର କୌଣସି ଅନୁଭବ କୁହ । ତା'ପରେ ଯାଇ ଆମ୍ଭେ ଆପଣଙ୍କ କଥାକୁ ସତ୍ୟ ବୋଲି ମାନିବୁ । ଗରୁଡ କହିଲେ, ଯେପରି ମୁକ ବ୍ୟକ୍ତି ଗୁଡ ଖାଇ ନିଜେ ତାର ସ୍ୱାଦକୁ ସ୍ୱୟଂ ଅନୁଭବ କରି ପ୍ରସନ୍ନ ହୋଇଥାଏ କିନ୍ତୁ ଅନ୍ୟକୁ ସେହି ସ୍ୱାଦ ବିଷୟରେ କହିପାରେ ନାହିଁ । ସେହିପରି ମୁଁ ନିଜ ଅନୁଭବ ବିଷୟରେ ଆପଣଙ୍କୁ କହିପାରିବି ନାହିଁ । ମୁଁ ସଦଗୁରୁଙ୍କ ଠାରୁ ସତ୍ୟ ଆଧ୍ୟାତ୍ମିକ ବଚନ ଶୁଣିଛି ଏବଂ ପୂର୍ଣ୍ଣ ପରମାତ୍ମାଙ୍କୁ ସ୍ୱଚକ୍ଷୁରେ ଦେଖିଛି । ଆପଣଙ୍କୁ ପରମାତ୍ମାଙ୍କ ଦର୍ଶନ କେବଳ ସଦଗୁରୁ କରାଇ ପାରିବେ । ମୁଁ ନିଜ ସଦଗୁରୁଙ୍କ ନିକଟକୁ ଯାଉଛି । ଆପଣଙ୍କ ବିଶ୍ୱାସ ପାଇଁ ପ୍ରମାଣ ଆଣିବି ଯାହାଦ୍ୱାରା ଆପଣଙ୍କର ଶଙ୍କା ସମାଧାନ ହୋଇଯିବ । ତିନି ଦେବତା କହିଲେ, ଆମ୍ଭକୁ ଥରେ ପରୀକ୍ଷା କରି ତୁ ଦେଖ । ତୋର ସମସ୍ତ ମନସ୍କାମନା ଆମ୍ଭେ ପୁରଣ କରି ଦେବୁ । ଅମ୍ଭେ ଉତ୍ପନ୍ନ କରିଥାଉ । ଆମ୍ଭେ ପାଳନ କରିଥାଉ । ଅମ୍ଭେ ସଂହାର କରିଥାଉ । ଆମ୍ଭେ ହିଁ ମୃତ୍ୟୁ ମୁଖରୁ ରକ୍ଷା କରିଥାଉ । ଅମ୍ଭେ ତିନି ଦେବତା ପୂର୍ଣ୍ଣ ସ୍ୱତନ୍ତ୍ର ଅଟୁ । ଆମ୍ଭେ ଯାହା ଇଚ୍ଛା ତାହା କରିପାରିବୁ । ଗରୁଡଜୀ କହିଲେ, ମୁଁ ଆପଣମାନଙ୍କର ପରୀକ୍ଷା ନେବି । ଯଦି ଆପଣ ପୂର୍ଣ୍ଣ ପରମାତ୍ମା ପ୍ରମାଣିତ ହେଲେ ତେବେ ମୁଁ ଆପଣଙ୍କର ଶିଷ୍ୟ ହେବି । ଗରୁଡ ସେଠାରୁ ଉଡିଯାଇ ସଦଗୁରୁ କବୀରଜୀଙ୍କ ନିକଟରେ ପହଞ୍ଚିଲା । କବୀରଜୀ ସେହି ସମୟରେ ଯୋଗଜୀତ ନାମରେ ପ୍ରକଟ ହୋଇଥାନ୍ତି । ଗରୁଡ, ଯୋଗଜୀତ(କବୀରଜୀ)ଙ୍କୁ ସମସ୍ତ ବୃତ୍ତାନ୍ତ କହିଲେ

"ସତଗୁରୁ (କବୀର) ବଚନ"

ଗରୁଡ଼ ସୁନୋ-ବଙ୍ଗ ଦେଶ କୋ ଜାଓ । ବାଳକ ମରେଗା, କହୋ ଉସେ ବଚାଅ ॥
ଦିନ ତୀନ କୀ ଆୟୁ ଶେଷା । କରୋ ଜୀବିତ ବ୍ରହ୍ମା ବିଷ୍ଣୁ ମହେଶା ॥
ଫିର ହମ ପାସ ଆନା ଭାଇ । ହମ ବାଳକ କୋ ଦେବୈଂ ଜିବାଇ ॥
ବଙ୍ଗ ଦେଶ ମେଁ ଗରୁଡ ଗୟୋ, ବାଳକ ଲିୟା ସାଥ ॥
ତ୍ରିଦେବା ସେ ଅର୍ଜ କରୀ, ଜୀବନ ଦେ ବାଳକ କରୋ ସୁନାଥ ॥

ଶବ୍ଦାର୍ଥ :- କବୀରଜୀ କହିଲେ, ହେ ଗରୁଡ଼ ! ତୁମେ ବଙ୍ଗଦେଶ (ବର୍ତ୍ତମାନର ବାଙ୍ଗଲାଦେଶ)କୁ ଯାଅ । ସେଠାରେ ଜଣେ ବାଳକର ମାତ୍ର ତିନି ଦିନର ଆୟୁଷ ବାକି ଅଛି । ତା'ର ମୃତ୍ୟୁ ହେବାର ଅଛି । ସେହି ବାଳକକୁ ନେଇ ବ୍ରହ୍ମା-ବିଷ୍ଣୁ-ମହେଶଙ୍କ ପାଖକୁ ଯାଅ । କିନ୍ତୁ ସେମାନଙ୍କ ଦ୍ୱାରା ବାଳକ ଜୀବିତ ହେବ ନାହିଁ । ପୁଣି ମୋ ପାଖକୁ ବାଳକଟିକୁ ନେଇ ଆସିବ । ମୁଁ ଜୀବିତ କରି ଦେବି । ଗୁରୁଡ଼, ନିଜ ସତ୍‌ଗୁରୁଙ୍କ ଆଦେଶାନୁସାରେ ବଙ୍ଗଦେଶରୁ ବାଳକକୁ ସାଥିରେ ନେଇ ତିନି ଦେବତାଙ୍କ ପାଖକୁ ଗଲା ଏବଂ ଗୁହାରୀ କଲା ଯେ ଏହି ବାଳକର ଆୟୁ ବଢ଼ାଇ ଯଦି ଜୀବନ ଦାନ କରି ଦେବେ ତେବେ ମାନି ନେବି ଯେ ଆପଣ ସାମର୍ଥ ପରମାତ୍ମା ଅଟନ୍ତି ।

"ତ୍ରିଦେବ ବଚନ"

ଧର୍ମରାଜ ପର ହୈ ଲେଖା ସାରା । ଓ୍ୱାସେ ଜାନେ ସବ ବିଚାରା ॥
ଗରୁଡ ଔର ବାଳକ ସାରେ । ଗଏ ଧର୍ମରାଜ ଦରବାରେ ॥
ଧର୍ମରାଜ ସେ ଆୟୁ ଜାନୀ । ଦିନ ତୀନ ଶେଷ ବଖାନୀ ॥
ଯାକୀ ଆୟୁ ବଢୈ ନାହୀଁ । ମୃତ୍ୟୁ ଅତି ନିୟଡ଼େ ଆୟୀ ॥
ତ୍ରିଦେବ କହଁ ଆଏ ରାଖୋ ଲାଜା । ହମ କ୍ୟା ମୁଖ ଦିଖାଓ୍ୱେଁ ଧର୍ମରାଜା ॥
ଧର୍ମ କହ ଆପନ ଆୟୁ ଦେ ଭାଇ । ତୋ ବାଳକ କୀ ଆୟୁ ବଢ଼ ଜାଇ ॥
ଚଲେ ତୀନୋଁ ନ ନହୀଁ ପାର ବସାଇ । ବନେ ବୈଠେ ଥେ ସମର୍ଥ ରାଇ ॥
ସୁନ ଗରୁଡ ଯହ ସତ୍ୟ ହେ ଭାଇ । ଆଇ ମୃତ୍ୟୁ ନ ଟାଳୀ ଜାଇ ॥

ଶବ୍ଦାର୍ଥ :- ତିନିଦେବ କହିଲେ ଯେ ଧର୍ମରାଜଙ୍କ ପାଖରେ ସମସ୍ତ ଜୀବଙ୍କର ଜନ୍ମ-ମୃତ୍ୟୁର ଲେଖାଅଛି । ଗରୁଡ, ଚାଲନ୍ତୁ ତାଙ୍କ ସହିତ କଥା ହେବା । ଗରୁଡ, ସେହି ବାଳକ ଓ ତିନି ଦେବତା

ସମସ୍ତେ ମିଶି ଧର୍ମରାଜ (କାଳବ୍ରହ୍ମର ନ୍ୟାୟଧୀଶ)ଙ୍କ କାର୍ଯ୍ୟାଳୟକୁ ଗଲେ ଓ ବାଳକର ଆୟୁ କେତେ ଅବଶିଷ୍ଟ ଅଛି ତାହା ଜାଣିବାକୁ ଚେଷ୍ଟା କରିବାରୁ ବାଳକର ଆୟୁ ତିନି ଦିନ ବାକି ଅଛି ବୋଲି ଜାଣିବାକୁ ପାଇଲେ । ତିନି ଦେବତା ଧର୍ମରାଜଙ୍କୁ କହିଲେ, ହେ ଧର୍ମରାଜ ! ଆମ୍ଭେ ଆପଣଙ୍କ ଦରବାରକୁ ଆସିଛୁ, ଆମ୍ଭମାନଙ୍କର ସମ୍ମାନ ରକ୍ଷା କରନ୍ତୁ । ଏହି ବାଳକର ଆୟୁ ବୃଦ୍ଧି କରିଦିଅନ୍ତୁ । ଏ ସଂସାରରେ କିପରି ସମ୍ମାନ ପାଇବୁ ? ଧର୍ମରାଜ କହିଲେ ଯେ ଆପଣମାନଙ୍କ ମଧ୍ୟରୁ କେହି ଯଦି ନିଜର ଆୟୁ ଦେବେ ତେବେ ଆପଣଙ୍କର ମୃତ୍ୟୁ ହୋଇଯିବ, ବାଳକର ଆୟୁ ବଢ଼ିଯିବ । ଗରୁଡ଼ କହିଲେ, ଏହି କଥା ଶୁଣି ତିନି ଦେବତା ସେଠାରୁ ଉଠି ଚାଲିଗଲେ ଯେଉଁମାନେ ନିଜକୁ ସ୍ୱୟମ୍ଭୁ ସମର୍ଥ ଭଗବାନ ବୋଲି କହୁଥିଲେ । ତିନି ଦେବତା ଏହା କହି ଚାଲିଗଲେ ଯେ ହେ ଗରୁଡ଼ ! ଏହା ନିରାଟ ସତ୍ୟ ଯେ ଯାହାର ମୃତ୍ୟୁ ଆସେ, ସେହି ମୃତ୍ୟୁକୁ ଟାଳି ହେବନାହିଁ ।

"ଗରୁଡ଼ ବଚନ"

ସମର୍ଥ ମେଁ ଗୁଣ ଐସା ବତାୟା । ଆୟୁ ବଢ଼ାବୈ ଔର ଅମର କରବାୟା ॥
ଅବ ମେଁ ଜାଉଁ ସମର୍ଥ ପାସା । ବାଳକ ବଚନେ କୀ ପୂରୀ ଆଶା
ଗୟା ଗରୁଡ କବୀର କୀ ଶରଣା । ଦୟା କରୋ ହୋ ସାହବ ଜରଣା (ବିଶ୍ୱାସ) ॥

ଶବ୍ଦାର୍ଥ - ଗରୁଡ଼ କହିଲେ, ସମର୍ଥ ଭଗବାନଙ୍କର ଏହି ଶକ୍ତି ଅଛି ଯାହା ସାଧକର ଆୟୁ ବୃଦ୍ଧି କରିଦିଏ ତଥା ସାଧକର ଜନ୍ମ-ମରଣ ଚକ୍ରକୁ ସଦା ସର୍ବଦା ପାଇଁ ସମାପ୍ତ କରିଦେଇ ତାକୁ ଅମର କରିଦିଏ । ଏବେ ମୁଁ ସମର୍ଥ ପରମେଶ୍ୱରଙ୍କ ନିକଟକୁ ଯିବି । ବାଳକର ମୃତ୍ୟୁ ଟଳି ଯିବାର ସମ୍ପୂର୍ଣ୍ଣ ଆଶା ଅଛି । ଏହା କହି ଗରୁଡ଼ ଦେବ ବାଳକକୁ ତା' ଘରେ ଛାଡ଼ି ଦେଇ କବୀର ପରମେଶ୍ୱରଙ୍କ ନିକଟକୁ ଗଲେ ଏବଂ କହିଲେ, ହେ ପରମାତ୍ମା ! ବାଳକଟିକୁ ଜୀବିତ କରି ନିଜ ସାମର୍ଥ୍ୟର ପରିଚୟ ଦିଅନ୍ତୁ ଯାହା ଦ୍ୱାରା ଜନତାଙ୍କର ବିଶ୍ୱାସ ବଢି ପାରିବ ।

"କବୀର ସାହେବଙ୍କ ବଚନ"

ସୁନୋ ଗରୁଡ ଏକ ଅମର ବାଣୀ । ଯହ ଅମୃତ ଲେ ବାଳକ ପିଲାନୀ ॥
ଜୀବୈ ବାଳକ ଉମର ବଢ ଜାବୈ । ଜଗ ବିଚରେ ବାଳକ ନିର୍ଦ୍ଦାବୈ ॥
ବାଳକ ଲାନା ମେରେ ପାସା । ନାମ ଦାନ କର କାଳ ବିନାଶା ॥
ଜୈସା କହା ଗରୁଡ଼ ନେ କୀହ୍ନା । ବାଳକ କୂଂ ଜା ଅମୃତ ଦୀନା ॥
ଲେ ବାଳକ ତୁରନ୍ତ ହୀ ଆଏ । ସତଗୁରୁ ସେ ଦୀକ୍ଷା ପାଏ ॥
ଆଶୀର୍ବାଦ ଦିଆ ସତଗୁରୁ ସ୍ୱାମୀ । ଦୟା କରି ପ୍ରଭୁ ଅନ୍ତର୍ଯ୍ୟାମୀ ॥
ବଦଲା ଧର୍ମରାଜ କା ଲେଖା । ବ୍ରହ୍ମା ବିଷ୍ଣୁ ଶିବ ଆଁଖୋ ଦେଖା ॥
ଗଏ ଫିର ଧର୍ମରାଜ ଦରବାରା । ଲେଖା ଫିର ଦିଖାଉଁ ତୁହ୍ମାରା ॥
ଧର୍ମରାଜ ଜବ ଖାତା ଖୋଲା । ଅଚର୍ଜ ଦେଖ ମୁଖ ସେ ବୋଲା ॥
ପରମେଶ୍ୱର କା ଯହ ଖେଲ ନିରାଲା । ଉସକା କ୍ୟା କରତ ହେ କାଲା ॥
ୱୋ ସମର୍ଥ ରାଖନହାରା । ୱାନେ ଲେଖ ବଦଲ ଦିଆ ସାରା ॥
ସୌ ବର୍ଷ ଯହ ବାଳକ ଜୀବୈ । ଭକ୍ତି ଜ୍ଞାନ ସୁଧା ରସ ପୀବୈ ॥
ଯହ ଭୀ ଲେଖ ଇସୀ କେ ମାହୀଁ । ଆଁଖୋ ଦେଖୋ ଝୁଠୀ ନାହୀଁ ॥
ଦେଖା ଲେଖା ତୀନୋଁ ଦେବା । ଅଚର୍ଜ ହୁଆ କହୁଁ କ୍ୟା ଭେବା ॥
ବୋଲେ ବ୍ରହ୍ମା ବିଷ୍ଣୁ ମହେଶା । ପରମ ପୁରୁଷ ହୈ କୋଇ ବିଶେଷା ॥
ଜୋ ଚାହେ ୱହ ମାଲିକ କରସୀ । ବାକୀ ଶରଣ ଫିର କୈସେ ମରସୀ ॥
ପକ୍ଷୀରାଜ ତୁମ ସାଚେ ପାୟେ । ନାହକ ହମ ମଗଜ ପଚାଏ ॥
କରୋ ତୁମ ଜୋ ମାନ ମନ ତେରା । ତୁହ୍ମାରା ଗରୁଡ ଭାଗ ବଡ଼େରା ॥

ପୂର୍ଣ୍ଣ ବ୍ରହ୍ମ ଅବିନାଶୀ ଦାତା । ସଚ ମେଁ ହେ କୋଇ ଔର ବିଧାତା ॥
ଇତନା କହ ଗଏ ଅପନେ ଧାମା । ଗରୁଡ଼ ଔର ବାଳକ କରି ପ୍ରଣାମା ॥
ଭକ୍ତି କରୀ ବାଳକ ଚିତ ଲାଇ । ଗରୁଡ଼ ଅରୁ ବାଳକ ଭୟେ ଗୁରୁ ଭାଇ ॥
ଧର୍ମଦାସ ଯହ ଗରୁଡ଼ କୋ ବୋଧା । ଏକ-ଏକ ବଚନ କହା ମେଁ ସୋଧା ॥

ଶବ୍ଦାର୍ଥ :- ପରମେଶ୍ୱର କବୀର ଜୀ ନିଜ କମଣ୍ଡଳରୁ କିଛି ଜଳ ଗରୁଡ଼କୁ ଦେଲେ ଏବଂ କହିଲେ ଯେ ଏହା ଅମୃତ ଜଳ ଅଟେ । ବାଳକକୁ ଏହି ଜଳ ପାନ କରାଅ । ଜଳ ପାନ କରିବା ପରେ ଦୀକ୍ଷା ନେବା ପାଇଁ ତା'ର ଇଚ୍ଛା ହେବ, କାଳର ପ୍ରଭାବ ତା' ଉପରୁ ହଟିଯିବ । ତା'ପରେ ସେହି ପିଲାକୁ ମୋ ପାଖକୁ ଆଣି ଦୀକ୍ଷା ଦିଆଇବ । ମୃତ୍ୟୁ (କାଳ) ଦଶା ତା'ର ସମାପ୍ତ ହୋଇଯିବ । ଗରୁଡ, ସଦଗୁରୁଙ୍କ ଆଦେଶ ପାଳନ କରି ବାଳକକୁ ଅମୃତ ପାନ କରାଇଲେ । ଅମୃତ ପାନ ପରେ ବାଳକର ଦୀକ୍ଷା ନେବା ପାଇଁ ପ୍ରବଳ ଇଚ୍ଛା ହେଲା । ଗରୁଡ଼ ବାଳକକୁ ସଦଗୁରୁଙ୍କ ନିକଟକୁ ଆଣି ଦୀକ୍ଷା ଦିଆଇଲେ । ପରମାତ୍ମା, ବାଳକକୁ ଆଶୀର୍ବାଦ ଦେଇ କୃତାର୍ଥ କଲେ । ଧର୍ମରାଜଙ୍କ ଲେଖା (ଡାଏରୀ) ସେହି କ୍ଷଣୀ ବଦଳି ଗଲା । ଧର୍ମରାଜଙ୍କ ଦରବାରକୁ ଯାଇ ତିନି ଦେବତା ବଦଳି ଯାଇଥିବା ସେହି ଲେଖାକୁ ନିଜ ଆଖିରେ ଦେଖିଲେ । ଧର୍ମରାଜ ସେହି ଲେଖାକୁ ପଢ଼ି ଶୁଣାଇଲେ ଏବଂ ଦେଖାଇଲେ । ସେଥିରେ ଏହା ଲେଖାଥିଲା ଯେ ଏହି ମଣିଷ ଶରୀରଧାରୀ ଜୀବ ଏବେ ଶହେ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିବ ତଥା ଭକ୍ତି କରିବ । ପୂର୍ଣ୍ଣ ପରମାତ୍ମାଙ୍କ ତରଫରୁ ଏହି ଆୟୁ ବୃଦ୍ଧି କରାଯାଇଛି । ସେହି ଲେଖାକୁ ଧର୍ମରାଜ ପଢ଼ିଲେ ଏବଂ ବ୍ରହ୍ମା-ବିଷ୍ଣୁ-ଶିବ ନିଜ ଆଖିରେ ଦେଖିଲେ । ଏହା ଦେଖି ସେମାନଙ୍କୁ ଆଶ୍ଚର୍ଯ୍ୟ ଲାଗିଲା ଯେ ଏହା କିପରି ସମ୍ଭବ ହୋଇ ପାରିଲା ? ଏହା ଦେଖି ଧର୍ମରାଜ ମଧ୍ୟ ଆଶ୍ଚର୍ଯ୍ୟ ହେଲେ ଏବଂ କହିଲେ ଯେ ପରମେଶ୍ୱରଙ୍କର ଏହା ଅଦ୍ଭୁତ ଲୀଳା ଅଟେ । କାଳ ଅର୍ଥାତ କାଳବ୍ରହ୍ମ ତା'ର କ'ଣ କରିପାରିବ ? କାଳବ୍ରହ୍ମ ଦ୍ୱାରା ନିର୍ଦ୍ଧାରିତ ମୃତ୍ୟୁ ସମୟ ପରମେଶ୍ୱରଙ୍କ ଆଦେଶରେ ସମାପ୍ତ ହୋଇଯାଇଥାଏ । ସେହି ଭିନ୍ନ ସାମର୍ଥ୍ୟବାନ ଜୀବମାନଙ୍କର ରକ୍ଷକ ଅଟନ୍ତି । ମୋ ହିସାବ ଖାତାରେ ଥିବା ସମସ୍ତ ପୁରୁଣା ଲେଖାକୁ ସେ ପରିବର୍ତ୍ତନ କରିଦେଲେ । ସେହି ବାଳକ ଶହେ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିବ ଏବଂ ଭକ୍ତି ମଧ୍ୟ କରିବ, ଉକ୍ତ ଖାତାରେ ଏହା ମଧ୍ୟ ଲେଖାଯାଇଛି । ମୁଁ ମିଛ କହୁ ନାହିଁ । ଆପଣ ନିଜେ ଦେଖନ୍ତୁ । ବ୍ରହ୍ମା-ବିଷ୍ଣୁ-ଶିବ ସ୍ୱଚକ୍ଷୁରେ ଏହା ଦେଖି କହିଲେ, ଏହା ତ ବଡ ଆଶ୍ଚର୍ଯ୍ୟର କଥା । ପ୍ରକୃତରେ ଅନ୍ୟ କେହି ପରମ ପୁରୁଷ ଅଛନ୍ତି । ସେ ଯାହା ଇଚ୍ଛା ତାହା କରି ପାରିବେ । ଯିଏ ତାଙ୍କ ଶରଣାପନ୍ନ ହୋଇଗଲା ସେ କିପରି ମରି ପାରିବ ? ପକ୍ଷୀରାଜ ଗରୁଡ଼ ! ତୁମ୍ଭ କଥାରେ ସତ୍ୟତା ଅଛି । ଅଯଥାରେ ଆମ୍ଭେ ତୁମ ସହିତ ବାଦ ବିବାଦ କଲୁ । ତୁମ ମନ ଯାହା ଚାହୁଁଛି ତାହା କର । ଗରୁଡ଼ ! ତୁମେ ବହୁତ ଭାଗ୍ୟବାନ । ଏହି କଥା କହି ତିନି ଦେବତା ନିଜ ନିଜ ଧାମକୁ ଚାଲିଗଲେ । ଗରୁଡ଼ ଓ ବାଳକ ଧର୍ମରାଜ ଓ ତିନି ଦେବତାଙ୍କୁ ପ୍ରଣାମ କଲେ ।

କବୀରଜୀ, ଧର୍ମଦାସଜୀଙ୍କୁ କହିଲେ କି ଏହି ପ୍ରକାରେ ସେହି ବାଳକ ଓ ଗରୁଡ଼ ଉଭୟେ ଗୁରୁଭାଇ ହେଲେ । ହେ ଧର୍ମଦାସ ! ଏହାଥିଲା ଗରୁଡ଼ଙ୍କୁ ଶରଣକୁ ନେବାର ବୃତ୍ତାନ୍ତ ଅର୍ଥାତ୍ ଗରୁଡବୋଧ ।

ଝ ଶ୍ରୀ ହନୁମାନଜୀଙ୍କ ଗୁରୁଜୀ କିଏ ଥିଲେ ? ଆପଣ ପଢ଼ନ୍ତୁ "କବୀର ସାଗର'' ଅଧ୍ୟାୟ "ହନୁମାନ ବୋଧ"ର ସାରାଂଶ :-

"ହନୁମାନ ବୋଧ" ଅଧ୍ୟାୟର ସାରାଂଶ

କବୀର ସାଗର, ପୃଷ୍ଠା ନଂ ୧୧୩ ରେ ଦ୍ୱାଦଶ ତମ ଅଧ୍ୟାୟ "ହନୁମାନ ବୋଧ" ଅଛି ।

କବୀର ସାଗରର ଏହି ଅଧ୍ୟାୟରେ ପବନ ସୂତ ହନୁମାନଙ୍କୁ ଶରଣକୁ ନେବାର ପ୍ରକରଣ ଅଛି । ଧର୍ମଦାସ ପ୍ରଶ୍ନ କଲେ ଯେ ହେ ପରମେଶ୍ୱର ବନ୍ଦୀ ମୁକ୍ତିଦାତା ! ପୂଣ୍ୟାତ୍ମା ପବନପୁତ୍ର ହନୁମାନଙ୍କୁ ଆପଣ ଦର୍ଶନ ଦେଇଛନ୍ତି କି ?

ଉତ୍ତର (ପରମେଶ୍ୱର କବୀରଙ୍କର) = ହଁ

ପ୍ରଶ୍ନ (ଧର୍ମଦାସଙ୍କ):- ହେ ପ୍ରଭୁ ! ଆପଣଙ୍କ ଜ୍ଞାନକୁ ସେ ସ୍ୱୀକାର କରିଥିଲେ କି ? ସେ ମୋ ଭଳି ଶ୍ରୀରାମ ଓରଫ ବିଷ୍ଣୁଙ୍କଠାରେ ଅତୁଟ ଶ୍ରଦ୍ଧା ରଖୁଥିଲେ । ଆପଣ ତାଙ୍କୁ ନିଜ ଶରଣକୁ ନେବା ସୂର୍ଯ୍ୟ ପଶ୍ଚିମରୁ ଉଦୟ ହେବା ପରି ମନେହୁଏ ।

ଉତ୍ତର (ପରମେଶ୍ୱର କବୀରଙ୍କର) :- ପରମେଶ୍ୱର କବୀରଜୀ ପବନସୂତ ହନୁମାନଙ୍କୁ ନିଜ ଶରଣକୁ ନେବାର ବୃତ୍ତାନ୍ତ ଧର୍ମଦାସଙ୍କୁ କହିଲେ । ପଢନ୍ତୁ, ସରଳାର୍ଥ କର୍ତ୍ତା (ରାମପାଲ ଦାସ)ଙ୍କ ଦ୍ୱାରା ପରମେଶ୍ୱର କବୀରଜୀ କିପରି ହନୁମାନଙ୍କୁ ନିଜ ଶରଣକୁ ନେଲେ ଏବଂ ରାମାୟଣର ସଂକ୍ଷିପ୍ତ ବର୍ଣ୍ଣନ ।

ରାମାୟଣ ଗ୍ରନ୍ଥରେ ଏକ ପ୍ରକରଣ ଅଛି ଯେ ବାଳୀ ନାମରେ ଜଣେ ରାଜା ଥିଲା । ସୁଗ୍ରୀବ ତା'ର ଭାଇ ଥିଲା । କୌଣସି ଏକ କାରଣରୁ ବାଳୀ ନିଜ ଭାଇ ସୁଗ୍ରୀବକୁ ନିଜ ରାଜ୍ୟରୁ ବିତାଡିତ କରିଦେଲା । ବଳପୂର୍ବକ ତା' ପତ୍ନୀକୁ ନିଜ ପତ୍ନୀ କରି ରଖିଲା । ସୁଗ୍ରୀବ ଦୁଃଖି ମନରେ ଦେଶ ବାହାରେ ଭ୍ରମଣ କରୁଥିବା ସମୟରେ ଦେଖିଲେ ଯେ ହନୁମାନ ଏକ ପାହାଡ଼ ଉପରେ ବସି ରାମ-ରାମ ଜପ କରୁଛନ୍ତି । ଦୁହିଁଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଗଲା । ସୁଗ୍ରୀବ, ହନୁମାନଙ୍କୁ ନିଜ ଦୁଃଖ ବିଷୟରେ କହିଲେ । ଶରଣାଗତ ସୁଗ୍ରୀବର ସହାୟତା କରିବା ପାଇଁ ହନୁମାନ ବଚନ ଦେଲେ । ସୁଗ୍ରୀବ, ହନୁମାନଙ୍କୁ କହିଲେ ଯେ ବାଳୀର ଏଭଳି ସିଦ୍ଧି ଶକ୍ତି ଅଛି ଯେ ତା' ସହିତ ଯେଉଁ ବ୍ୟକ୍ତି ଯୁଦ୍ଧ କରିବ ସେହି ବ୍ୟକ୍ତିର ଅଧା ଶକ୍ତି ବାଳୀ ଶରୀରରେ ପ୍ରବେଶ କରିଯାଏ । ଏହି କଥା ଶୁଣି ହୁନମାନ ଶାନ୍ତ ରହିଲେ । ଯୁଦ୍ଧ କରିବାର ଇଚ୍ଛା ତ୍ୟାଗ କରି ଦେଲେ । ସେହି ସମୟରେ ରାଜା ଦଶରଥଙ୍କ ପୁତ୍ର ରାମଚନ୍ଦ୍ରଙ୍କୁ ବନବାସ ହୋଇଥିଲା । ପତ୍ନୀ ସୀତା ଓ ଭାଇ ଲକ୍ଷ୍ମଣ ମଧ୍ୟ ତାଙ୍କ ସହିତ ବଣକୁ ଯାଇଥିଲେ । ଶ୍ରୀଲଙ୍କାର ରାଜା ରାବଣର ଭଉଣୀ ଶୁର୍ପଣଖା ଲକ୍ଷ୍ମଣକୁ ଦେଖି ବିବାହ କରିବା ପାଇଁ ପ୍ରସ୍ତାବ ଦେଲା । ଲକ୍ଷ୍ମଣ କହିଲେ ମୋର ବିବାହ ହୋଇ ସାରିଛି । (ଲକ୍ଷ୍ମଣଙ୍କ ପତ୍ନୀଙ୍କ ନାମ ଉର୍ମିଳା ଥିଲା) ଶୁର୍ପଣଖା ବାରମ୍ବାର ବିବହା କରିବା ପାଇଁ ଜିଦ୍ କରିବାରୁ ଶେଷନାଗଙ୍କ ଅବତାର ଲକ୍ଷ୍ମଣ କ୍ରୋଧର ବଶବର୍ତ୍ତୀ ହୋଇ ତା' ନାକ କାଟି ଦେଲେ । ଶୁର୍ପଣଖା ନିଜ ଦୁର୍ଦ୍ଦଶା ବିଷୟରେ ଭାଇ ରାବଣକୁ ଜଣାଇ ଜଙ୍ଗଲର ସେହି ସ୍ଥାନର ଠିକଣା ବିଷୟରେ କହିଲା ଯେଉଁଠି ରାମ, ଲକ୍ଷ୍ମଣ, ସୀତା ରହୁଥିଲେ । ରାବଣ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ରାମଙ୍କ ପତ୍ନୀ ସୀତାଙ୍କୁ ଅପହରଣ କରିବା ପାଇଁ ଯୋଜନା କଲା । ରାବଣ ନିଜ ମାମୁଁ ମାରୀଚିର ସହଯୋଗରେ ସାଧୁ ବେଶ ଧାରଣ କରି ସୀତାଙ୍କୁ ଅପହରଣ କଲା ।

ସୀତାଙ୍କୁ ଖୋଜିବା ପାଇଁ ଶ୍ରୀରାମ ଏବଂ ଶ୍ରୀ ଲକ୍ଷ୍ମଣ ବଣ-ଜଙ୍ଗଲରେ ଘୁରି ବୁଲୁଥିଲେ । ସେହି ସମୟରେ ତାଙ୍କୁ ଶ୍ରୀ ହନୁମାନ ଓ ଶ୍ରୀ ସୁଗ୍ରୀବ ମିଳିଲେ । ପରସ୍ପର ମଧ୍ୟରେ ପରିଚୟର ଆଦାନ ପ୍ରଦାନ ହେଲା । ସୁଗ୍ରୀବ, ଶ୍ରୀରାମଙ୍କୁ ନିଜର ଦୁଃଖ କଷ୍ଟ ବିଷୟରେ ଜଣାଇଲେ । ଶ୍ରୀ ରାମଚନ୍ଦ୍ର ସର୍ତ୍ତ ରଖିଲେ ଯେ ଆପଣଙ୍କୁ ଯଦି ମୁଁ ଆପଣଙ୍କ ରାଜ୍ୟ ଫେରାଇ ଆଣି ଦେବି ତେବେ ସୀତାଙ୍କୁ ଖୋଜିବା ତଥା ଫେରାଇ ଆଣିବା ପାଇଁ ଆପଣଙ୍କୁ ମଧ୍ୟ ମୋତେ ସହଯୋଗ କରିବାକୁ ପଡ଼ିବ । ଉଭୟେ ପ୍ରତିଶୃତିବଦ୍ଧ ହେଲେ । ଶ୍ରୀ ରାମଚନ୍ଦ୍ର ବୃକ୍ଷ ଆଡୁଆଳରେ ଲୁଚି ବାଳୀକୁ ଯୁଦ୍ଧରେ ବଦ୍ଧ କରି ସୁଗ୍ରୀବକୁ ରାଜ ସିହଂାସନରେ ବସାଇଲେ । ସୁଗ୍ରୀବ ନିଜ ପ୍ରତିଶୃତି ପାଳନ କଲେ । ସୀତାଙ୍କୁ ଖୋଜିବା ପାଇଁ ଚତୁର୍ଦ୍ଦିଗକୁ ଦୂତ ପ୍ରେରଣ କରାଗଲା । ଜଟାୟୁ ପକ୍ଷୀ ଶ୍ରୀରାମଙ୍କୁ ଜଣାଇଲା ଯେ ସୀତା ମାତାଙ୍କୁ ଲଙ୍କାର ରାଜା ରାବଣ ଅପହରଣ କରି ନେଇଛି ଏବଂ ମାତାଙ୍କୁ ତା' କବଳରୁ ମୁକ୍ତ କରିବା ପାଇଁ ମୁଁ ଚେଷ୍ଟା କରିବାରୁ ସେ ମୋ ପକ୍ଷ ଛେଦନ କରିଦେଲା । ରାବଣ ସହିତ କଥାବାର୍ତ୍ତା କରିବା ତଥା ସୀତାଙ୍କୁ ଫେରାଇ ଆଣିବା ପାଇଁ ଶ୍ରୀ ରାମଚନ୍ଦ୍ର ଜୀ, ହନୁମାନଜୀଙ୍କୁ ରାଜଦୂତ କରି ପଠାଇଲେ । । ସୀତାଙ୍କ ବିଶ୍ୱାସ ପାଇଁ ଶ୍ରୀ ରାମଚନ୍ଦ୍ର ନିଜର ଏକ ମୁଦି ହନୁମାନଙ୍କୁ ଦେଲେ ଯେଉଁଥିରେ ଶ୍ରୀରାମ ଲେଖା ଯାଇଥିଲା । ଯେଉଁ ମୁଦି ଦେଖି ସୀତାଙ୍କର ବିଶ୍ୱାସ ଦୃଢ

ହୋଇ ପାରିବ ଯେ ଶ୍ରୀ ରାମଙ୍କ ଦ୍ୱାରା ପ୍ରେରିତ ହୋଇ ହନୁମାନ ମୋତେ ଦେଖା କରିବାକୁ ଆସିଛି । ହନୁମାନ, ଶ୍ରୀ ରାମଙ୍କ ମୁଦ୍ରିକା ନେଇ ଆକାଶ ମାର୍ଗରେ ଉଡି ଶ୍ରୀଲଙ୍କାରେ ପହଞ୍ଚିଲେ । ରାବଣର ଏକ ସୁନ୍ଦର ବଗିଚା ଥିଲା । ସେହି ବଗିଚାରେ ରାକ୍ଷସ ରାବଣ ସୀତାଙ୍କୁ ବନ୍ଦୀ କରି ରଖିଥିଲା । ହନୁମାନ, ସୀତା ମାତାଙ୍କୁ ମୁଦ୍ରିକା ପ୍ରଦାନ କରି ସୀତାଙ୍କ ମନରେ ବିଶ୍ୱାସ ଜାତ କରାଇଲେ । ରାକ୍ଷାସ ରାବଣ ସୀତାଙ୍କୁ ଯେତେ କଷ୍ଟ-ଯାତନା ଦେଇଥିଲା ସମସ୍ତ ବୃତ୍ତାନ୍ତ ସୀତା ହନୁମାନଙ୍କୁ ଜଣାଇଲେ । ସୀତା ନିଜ ହାତରୁ କଙ୍କଣ ବାହାର କରି ହନୁମାନଙ୍କୁ ଦେଲେ । କହିଲେ, ଭାଇ ! ତୁମେ ଶ୍ରୀରାମଙ୍କୁ ଏହି କଙ୍କଣ ଦେଖାଇବା ପରେ ଯାଇ ତାଙ୍କର ବିଶ୍ୱାସ ହେବ ଯେ ତୁମେ ସୀତାଙ୍କୁ ଖୋଜିକରି ଆସିଛ । ହନୁମାନଙ୍କ ସହିତ ସୀତା ଆସିବାକୁ ମନା କରି କହିଲେ ଯେ ମୁଁ ତୁମ ସହିତ ଯିବି ନାହିଁ । ହୁନମାନ ଫଳ ଖାଇବାକୁ ଇଚ୍ଛା ପ୍ରକାଶ କରିବାରୁ ସୀତା କହିଲେ, ଭାଇ ! କୌଣସି ଫଳ ଯଦି ତଳେ ପଡ଼ିଥିବ ତେବେ ସେହି ଫଳ ତୁମେ ଖାଇ ପାରିବ । ଫଳ ତୋଳି ଖାଇବା ପାଇଁ ଆଦେଶ ମୋତେ ମଧ୍ୟ ନାହିଁ । ଏହି କଥାରେ କ୍ଷୁବ୍ଧ ହୋଇ ହନୁମାନ ପ୍ରଥମେ ଗଛ ଉପାଡ଼ିଲେ ତା'ପରେ ପାଚିଲା ଫଳ ଖାଇଲେ । ତା'ପରେ ସେହି ଗଛକୁ ସମୁଦ୍ରରେ ଫିଙ୍ଗି ଦେଲେ । ରାବଣର ସୁନ୍ଦର (ନୌ ଲଖା) ବଗିଚାକୁ ହନୁମାନ ଏହିଭଳି ଭାବେ ଉଜାଡି ଦେଇ ବୃକ୍ଷ-ଲତା ଆଦିକୁ ସମୁଦ୍ରରେ ଫିଙ୍ଗି ଦେଲେ । ଲଙ୍କାର ରାଜା ରାବଣ, ହନୁମାନ ଲାଙ୍ଗୁଡ଼ରେ କପଡ଼ା-ତୁଳା ଆଦି ବାନ୍ଧି ନିଆଁ ଲଗାଇ ଦେଇଥିଲା । ହନୁମାନ ନିଜ ଲାଞ୍ଜରେ ଲାଗିଥିବା ନିଆଁରେ ରାବଣର ଲଙ୍କା ନଗରୀକୁ ପୋଡ଼ି ପାଉଁଶ କରିଦେଲେ ।

ଏହାପରେ ହନୁମାନ ଆକାଶ ମାର୍ଗରେ ଉଡ଼ି ସମୁଦ୍ର ପାରି ହୋଇ ଏକ ପାହାଡ଼ ଉପରେ ଓହ୍ଲାଇଲେ । ସକାଳ ସମୟ ଥିଲା । ପବିତ୍ର ଜଳରେ ପରିପୂର୍ଣ୍ଣ ଏକ ଜଳାଶୟ ପାହାଡ ଉପରେ ଥିଲା । ଜଳାଶୟ ନିକଟରେ ଏକ ବଗିଚା ଥିଲା ଯାହା ଫଳନ୍ତି ବୃକ୍ଷରେ ଭର୍ତ୍ତି ହୋଇଥିଲା । ହନୁମାନଙ୍କୁ ଭୋକ ଲାଗିବାରୁ ସେ ସ୍ନାନ କରିବା ପାଇଁ ବିଚାର କଲେ । ସୀତା ଦେଇଥିବା କଙ୍କଣଟିକୁ ଗୋଟିଏ ପଥର ଉପରେ ରଖିଦେଇ ସ୍ନାନ କଲେ । ସ୍ନାନ କରୁଥିବା ସମୟରେ ହନୁମାନଙ୍କ ନଜର କଙ୍କଣ ଉପରେ ଥାଏ । ସେହି ସମୟରେ ଏକ ମାଙ୍କଡ କେଉଁ ଆଡୁ ଆସି ପଥର ଉପରେ ଥିବା କଙ୍କଣଟିକୁ ଉଠାଇ ନେଇ ସଙ୍ଗେ ସଙ୍ଗେ ପଳାଇଗଲା । ହନୁମାନଙ୍କୁ ଏହି ଚିନ୍ତା ଘାରିଲା ଯେ ମାଙ୍କଡ଼ ଯଦି କଙ୍କଣଟିକୁ ସମୁଦ୍ରରେ ଫିଙ୍ଗି ଦେବ ତେବେ ସମସ୍ତ ପରିଶ୍ରମ ମୋର ବ୍ୟର୍ଥ ହୋଇଯିବ । ଏବେ ଲଙ୍କାକୁ ଯିବା ରାସ୍ତା ମୋର ବନ୍ଦ । ଅଜବ ଚିନ୍ତାରେ ଚିନ୍ତିତ ହୋଇ ହନୁମାନ ସେହି ମାଙ୍କଡ଼ ପଛେ ପଛେ ଚାଲିଲେ । ଚାହୁଁ ଚାହୁଁ ମାଙ୍କଡ଼ ସେହି କଙ୍କଣଟିକୁ ଜଣେ ଋଷିଙ୍କ କୁଟୀର ବାହାରେ ଥିବା ଏକ ମାଠିଆରେ ପକାଇ ଦେଇ ଦୌଡ଼ି ପଳାଇଲା । ହନୁମାନ ଟିକେ ଆଶ୍ୱସ୍ତ ହେଲେ ।

ହନୁମାନ ମାଠିଆ ଭିତରୁ କଙ୍କଣଟିକୁ କାଢ଼ିବାକୁ ଚେଷ୍ଟା କରିବା ସମୟରେ ଦେଖିବାକୁ ପାଇଲେ ଯେ ମାଠିଆରେ ଏକା ଭଳି ଅନେକ କଙ୍କଣ ଅଛି । ହନୁମାନ ପୁଣି ଏକ ସମସ୍ୟାରେ ସମ୍ମୁଖୀନ ହେଲେ । ମାଠିଆ ମଧ୍ୟରୁ କଙ୍କଣଗୁଡିକୁ କାଢି ଦେଖନ୍ତି ତ ସେଗୁଡିକ ମଧ୍ୟରେ କୌଣସି ପାର୍ଥକ୍ୟ ଦୃଷ୍ଟିଗୋଚର ହେଉ ନାହିଁ । ମୁଁ ଆଣିଥିବା କଙ୍କଣ କେଉଁଟି ? ଭୁଲବଶତଃ ଅନ୍ୟ କେଉଁ କଙ୍କଣ ଯଦି ନେଇଯିବି ତେବେ ଶ୍ରୀ ରାମ କହିବେ ଯେ ଏହି କଙ୍କଣ ସୀତାଙ୍କର ନୁହେଁ ଏବଂ ମୋର ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ ହୋଇଯିବ । ନିଜ କୁଟୀର ବାହାରେ ବସିଥିବା ଜଣେ ଋଷି ହନୁମାନଜୀଙ୍କର ଏହି ଉଦ୍ୱିଗ୍ନତା ଦେଖି ହସୁଥିଲେ । ଋଷି ମହାତ୍ମା କହିଲେ ଆସ ପବନପୁତ୍ର ! କେଉଁ ଅସୁବିଧାରେ ପଡିଛନ୍ତି ? ହନୁମାନ କହିଲେ ଯେ ଋଷି ମହାତ୍ମା ! ଶ୍ରୀ ରାମଚନ୍ଦ୍ରଙ୍କ ପତ୍ନୀଙ୍କୁ ଲଙ୍କାର ରାଜା ରାବଣ ଅପହରଣ କରି ନେଇଯାଇଛି । ମୁଁ ଅନୁସନ୍ଧାନ କରି ଆସିଛି । ଋଷି ମହାତ୍ମା ପ୍ରଶ୍ନ କଲେ ଯେ କେତେ ନମ୍ବର ରାମଚନ୍ଦ୍ରଙ୍କ କଥା କହୁଛନ୍ତି ? ଏହି କଥା ଶୁଣି ହନୁମାନ ଆଶ୍ଚର୍ଯ୍ୟ ହେଲେ ଏବଂ ଭାବିଲେ ଯେ ଋଷି ମାହାତ୍ମା ହୋଶରେ ଅଛନ୍ତି ନା ଭାଙ୍ଗ ପିଇ ବସିଛନ୍ତି ? ହନୁମାନ ପ୍ରଶ୍ନ କଲେ, ହେ ଋଷିବର ! ଏମିତି କ'ଣ ଅନେକ ରାମ ଅଛନ୍ତି କି ? ଋଷି କହିଲେ, ହଁ, ଏମିତି

ଅନେକ ରାମ ଜନ୍ମ ହୋଇ ସାରିଛନ୍ତି ଏବଂ ଆଗକୁ ମଧ୍ୟ ଜନ୍ମ ନେବେ ଓ ମରିବେ । ଋଷିଙ୍କ ବ୍ୟବହାର ହନୁମାନଙ୍କୁ ଠିକ୍ ଲାଗି ନ ଥିଲା । ମାତ୍ର ଋଷିଙ୍କ ସହିତ ବିବାଦ କରିବା ମଧ୍ୟ ହିତକର ନୁହେଁ ବୋଲି ସେ ଅନୁଭବ କଲେ । ଋଷି କହିଲେ, ତୁମେ ଫଳ ଖାଅ, ମୁଁ ଖାଦ୍ୟ ପ୍ରସ୍ତୁତ କରୁଛି । ଭୋଜନ ମଧ୍ୟ କର । ତୁମେ ଥକିଯାଇଛ, ବିଶ୍ରାମ କର ।

ହନୁମାନ କହିଲେ, ଋଷିବର ! ମୋର ତ ନିଦ ହଜି ଯାଇଛି । ମୋତେ ସୀତା ମାତା ଏକ କଙ୍କଣ ଦେଇଥିଲେ । ସେହି କଙ୍କଣ ବିନା ଶ୍ରୀ ରାମଚନ୍ଦ୍ରଙ୍କୁ ବିଶ୍ୱାସ ହେବ ନାହିଁ ଯେ ସୀତାଙ୍କୁ ଠାବ କରାଯାଇ ସାରିଛି । ସେହି କଙ୍କଣଟିକୁ ମୁଁ ପଥର ଉପରେ ରଖିଦେଇ ଗାଧୋଉ ଥିଲି । ଗୋଟିଏ ମାଙ୍କଡ଼ କଙ୍କଣଟିକୁ ସେଠାରୁ ନେଇ ଆସି ଏହି ମାଠିଆରେ ପକାଇ ଦେଲା । ମୁଁ ଚିହ୍ନି ପାରୁନାହିଁ ଯେ ପ୍ରକୃତରେ ମୁଁ ଆଣିଥିବା କଙ୍କଣ କେଉଁଟି, ମୋତେ ତ ସବୁ ଏକା ଭଳି ଲାଗୁଛି ।

ଋଷି ରୂପରେ ବିରାଜମାନ ପରମେଶ୍ୱର କବୀର ଜୀ କହିଲେ, ହେ ପବନସୁତ ! ସେଥିମଧ୍ୟରୁ ଯେ କୌଣସି ଏକ କଙ୍କଣ ନେଇଯାଅ, ସେଗୁଡ଼ିକ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପୁଣି କହିଲେ ଯେ ଏହି ମାଠିଆରେ ଯେତୋଟି କଙ୍କଣ ପଡ଼ିଛି ସେତେ ଥର ଦଶରଥ ପୁତ୍ର ଶ୍ରୀ ରାମଙ୍କୁ ବନବାସ ତଥା ସୀତାହରଣ ହୋଇଛି, ହନୁମାନ ଦ୍ୱାରା ସୀତାଙ୍କର ଠାବ ମଧ୍ୟ ସେତେ ଥର ହୋଇଛି । ହନୁମାନ କହିଲେ, ଋଷି ମହାତ୍ମା ! ମୁଁ ଆପଣଙ୍କ କଥାକୁ ସ୍ୱୀକାର କରୁଛି, କିନ୍ତୁ ଜାଣିବାକୁ ଚାହୁଁଛି ଯେ ପ୍ରତ୍ୟେକ ଥର ସୀତାହରଣ ହେବା, ହନୁମାନଙ୍କ ଦ୍ୱାରା ଠାବ କରି କଙ୍କଣ ଆଣିବା ଏବଂ ମାଙ୍କଡ଼ ଦ୍ୱାରା ମାଠିଆରେ ପକାଇବା କାର୍ଯ୍ୟ ପ୍ରତ୍ୟେକ ଥର ଯଦି ହେଉଛି ତେବେ କଙ୍କଣ ତ ଏହିଠାରେ ରହି ଯାଉଥିବ ପୁଣି ହନୁମାନ କ'ଣ ନେଇକରି ଯାଉଥିବ ? ଋଷି ମୁନୀନ୍ଦ୍ର କହିଲେ, ଉକ୍ତ ମାଠିଆକୁ ମୁଁ ଏହି ଆଶୀର୍ବାଦ ଦେଇଛି ଯେ ଯେଉଁ ବସ୍ତୁ ମାଠିଆରେ ପଡ଼ିବ, ସେହି ବସ୍ତୁ ଭଳି ଆଉ ଏକ ବସ୍ତୁ ତିଆରି ହୋଇଯିବ । ଏହା କହି ଋଷି ଜୀ ମାଠିଆ ଭିତରେ ଏକ ମାଟି ପାତ୍ର ପକାଇବା ପରେ ସେହି ଭଳି ଆଉ ଏକ ପାତ୍ର ସୃଷ୍ଟି ହୋଇଗଲା । ଋଷି ମୁନୀନ୍ଦ୍ର ଜୀ କହିଲେ, ହେ ହନୁମାନ ! ତୁମେ ଗୋଟିଏ କଙ୍କଣ ନେଇଯାଅ, କୌଣସି ଅସୁବିଧା ହେବନି । ହନୁମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥିଲା । ସେହି ମାଠିଆ ମଧ୍ୟରୁ ଗୋଟିଏ କଙ୍କଣ ବାହାର କରି ଆକାଶକୁ ଉଡିଗଲେ ।

ଶ୍ରୀ ହନୁମାନ, ଶ୍ରୀ ରାମଚନ୍ଦ୍ରଙ୍କୁ ସୀତାଙ୍କ କଙ୍କଣ ଦେଲେ ତଥା ମାତା ସୀତା ଯେଉଁ ବାର୍ତ୍ତା ଦେଇଥିଲେ, ତାହା ଜଣାଇଲେ । ସୀତାଙ୍କ କଙ୍କଣ ଦେଖିବା ମାତ୍ରେ ଶ୍ରୀ ରାମଚନ୍ଦ୍ର ଭାବୁକ ହୋଇଗଲେ । ହନୁମାନଙ୍କୁ ଆଲିଙ୍ଗନ କଲେ । କହିଲେ, ହେ ସାଧୁ ପୁରୁଷ ! ଆପଣଙ୍କ ଉପକାର ମୁଁ କେମିତି ସୁଝିବି ? ନିଜ ଜୀବନକୁ ବିପଦରେ ପକାଇ ଆପଣ ମୋ ପାଇଁ ବଡ କଠିନ କାର୍ଯ୍ୟ କରିଛନ୍ତି । ଏହି କଙ୍କଣ ସୀତାଙ୍କର ହିଁ ଅଟେ । ଆଗାମୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଏବେ ମୁଁ ସଭା ଡାକୁଛି । ସମୁଦ୍ର ଉପରେ ସେତୁ ନିର୍ମାଣ କରିବା ପାଇଁ ନିର୍ଣ୍ଣୟ ନିଆଗଲା । ଋଷି ମୁନୀନ୍ଦ୍ରଙ୍କ ଆଶୀର୍ବାଦରୁ ନଳ-ନୀଳଙ୍କୁ ଏଭଳି ଶକ୍ତି ପ୍ରାପ୍ତ ହୋଇଥିଲା ଯାହାଦ୍ୱାରା କୌଣସି ବସ୍ତୁକୁ ଯଦି ସେମାନେ ନିଜ ହାତରେ ଜଳରେ ପକାଇ ଦେଉଥିଲେ ତାହା ବୁଡୁ ନଥିଲା । ପଥର, କଂସା ବାସନ ଆଦି ଯେକୌଣସି ବସ୍ତୁ ଜଳରେ ପକାଇଲେ ତାହା ଜଳରେ ଭାସୁଥିଲା । ଅହଙ୍କାର ଓ ଆତ୍ମ ବଡ଼ିମା ପାଇଁ ନଳ-ନୀଳ ଯେତେବେଳେ ନିଜ ଗୁରୁ ଋଷି ମୁନୀନ୍ଦ୍ରଙ୍କର ନାଁ ନେଲେ ନାହିଁ । ସେତେବେଳେ ଉଭୟଙ୍କର ସେହି ଶକ୍ତି ତୁରନ୍ତ ସମାପ୍ତ ହୋଇଗଲା । ଏହା ଦେଖି ରାମଚନ୍ଦ୍ର, ହନୁମାନ ଓ ସେଠାରେ ଉପସ୍ଥିତ ସମସ୍ତ ଯୋଦ୍ଧା ମହାଦୁଃଖୀ ହୋଇଗଲେ । ସେତୁ ନିର୍ମାଣ ପାଇଁ ଶ୍ରୀ ରାମ ଆଣ୍ଠୁଏ ପାଣିରେ ତିନି ଦିନ ପର୍ଯ୍ୟନ୍ତ ଛିଡ଼ା ହୋଇ ସମୁଦ୍ରକୁ ପ୍ରାର୍ଥନା କଲେ ମାତ୍ର ସମୁଦ୍ର ଆଦୌ କର୍ଣ୍ଣପାତ କଲେ ନାହିଁ । ତା'ପରେ ଶ୍ରୀରାମ, ଲକ୍ଷ୍ମଣଙ୍କୁ କହିଲେ, ଦୁଷ୍ଟ ପ୍ରବୃତ୍ତିର ବ୍ୟକ୍ତି କଥାରେ ମାନନ୍ତି ନାହିଁ, ମୋ ଅଗ୍ନିବାଣ ବାହାର କର, ଅଗ୍ନି ବର୍ଷାକରି ସମୁଦ୍ରକୁ ଶୁଷ୍କ କରିଦେବି । ସେହି ସମୟରେ ସମୁଦ୍ର ବିପ୍ର ରୂପ ଧାରଣ କରି ଶ୍ରୀରାମଙ୍କ ସମ୍ମୁଖରେ ହାତ ଯୋଡ଼ି ଛିଡ଼ା ହୋଇଗଲେ ତଥା କହିଲେ, ହେ

ଭଗବାନ ! ମୋ ଜଳରାଶି ମଧ୍ୟରେ ବହୁତ ପ୍ରାଣୀଙ୍କର ସଂସାର ଅଛି । ଆପଣ ମୋତେ ଜାଳିଦେଲେ ସେମାନେ ମରିଯିବେ, ତେଣୁ ଆପଣ ପାପରେ ଭାଗୀ ହୁଅନ୍ତୁ ନାହିଁ । ଆପଣ ଏପରି କିଛି କରନ୍ତୁ ଯେପରି ସାପ ମରୁ କିନ୍ତୁ ଲାଠି ନ ଭାଙ୍ଗୁ ।

ଆପଣଙ୍କ ସୈନ୍ୟବାହିନୀରେ ନଳ-ନୀଳ ନାମରେ ଦୁଇ ଜଣ ସୈନିକ ଅଛନ୍ତି । ସେମାନଙ୍କୁ ସେମାନଙ୍କ ଗୁରୁଙ୍କର ଆଶୀର୍ବାଦ ମିଳିଛି । ସେମାନଙ୍କ ହାତର ପଥର ବି ମୋ ଜଳରାଶି ଉପରେ ଭାସିଥାଏ । ପଥର ପକାଇବା ପାଇଁ ନଳ-ନୀଳଙ୍କୁ କୁହାଗଲା । ଆମ୍ ବଡିମା ଆଶା ରଖି ଦୁହେଁ ଗୁରୁଙ୍କୁ ସ୍ମରଣ କଲେ ନାହିଁ । ଯେଉଁ କାରଣ ପାଇଁ ଋଷି ମୁନୀନ୍ଦ୍ର ସେମାନଙ୍କ ଠାରୁ ଶକ୍ତି ହରଣ କରିନେଲେ । ଜଳରେ ପଥର ବୁଡ଼ିଗଲା । ସମୁଦ୍ର ସେମାନଙ୍କ ଭୁଲ ବିଷୟରେ ସେମାନଙ୍କୁ ଜଣାଇଲେ । ତା'ପରେ ଯାଇ ନଳ-ନୀଳ ନିଜ ଗୁରୁଙ୍କୁ ସ୍ମରଣ କଲେ ।

ଶ୍ରୀ ରାମଚନ୍ଦ୍ରଙ୍କୁ ମଧ୍ୟ ଅନୁଭବ ହେଲା ଯେ ଗୁରୁ ଯଦି ନିଜ ଶିଷ୍ୟମାନଙ୍କୁ ଶକ୍ତି ଦେଇପାରୁଛନ୍ତି ତେବେ ମୋ କାର୍ଯ୍ୟ ମଧ୍ୟ କରି ପାରିବେ । ଶ୍ରୀ ରାମଚନ୍ଦ୍ର, ଶ୍ରୀ ବିଷ୍ଣୁଙ୍କ ଅବତାର ଥିଲେ । ଶ୍ରୀ ବିଷ୍ଣୁ କାଳ ନିରଞ୍ଜନର ପୁତ୍ର ଅଟନ୍ତି । ପରମେଶ୍ୱର କବୀର ଜୀ ପ୍ରଥମ ଥର ପାଇଁ ଯେତେବେଳେ କାଳଲୋକକୁ ଆସିଥିଲେ ସେତେବେଳେ ଜ୍ୟୋତି ନିରଞ୍ଜନ (କାଳପୁରୁଷ) ପ୍ରଥମେ ପରମେଶ୍ୱରଙ୍କ ସହିତ ଝଗଡ଼ା କରିଥିଲା । କିନ୍ତୁ ଚତୁରାମି କାମରେ ନ ଆସିବାରୁ ଚରଣ ତଳେ ପଡ଼ିଯାଇ କ୍ଷମା ପ୍ରାର୍ଥନା କଲା ଏବଂ କିଛି ଆଶୀର୍ବାଦ ମଧ୍ୟ ପ୍ରାପ୍ତ କଲା । ସେଥିମଧ୍ୟରୁ ଗୋଟିଏ ଏହା ମଧ୍ୟ ଥିଲା ଯେ ମୋ ଅଂଶ ବିଷ୍ଣୁ, ତ୍ରେତୟା ଯୁଗରେ ରାମଚନ୍ଦ୍ର ନାମରେ ରାଜା ଦଶରଥଙ୍କ ଘରେ ଜନ୍ମ ନେବ, ତାକୁ ବନବାସ ହୋଇଯିବ । ତା' ସହିତ ତା' ପତ୍ନୀ ସୀତା ମଧ୍ୟ ଥିବ । ଏକ ରାକ୍ଷସ ତାକୁ ଅପହରଣ କରି ଲଙ୍କା ନଗରୀକୁ ନେଇଯିବ । ଯେତେବେଳେ ରାମଚନ୍ଦ୍ର ସମୁଦ୍ର ଉପରେ ସେତୁ ନିର୍ମାଣ କରିବାକୁ ଚେଷ୍ଟା କରି ଅସଫଳ ହେବେ ସେତେବେଳେ ଆପଣ ସେହି ସେତୁ ନିର୍ମାଣ କରାଇଦେବେ । ଦ୍ୱିତୀୟ ଆଶୀର୍ବାଦ ଏହା ଥିଲା ଯେ ଦ୍ୱାପର ଯୁଗରେ ସେ ହିଁ କୃଷ୍ଣ ରୂପରେ ଜନ୍ମ ନେବ । ମୃତ୍ୟୁ ଉପରାନ୍ତ ପୁରୀ ନଗରର ସମୁଦ୍ର କୂଳରେ ଜଗନ୍ନାଥ ନାମରେ ଏକ ମନ୍ଦିର ନିର୍ମାଣ କରାଇବ । କିନ୍ତୁ ସମୁଦ୍ର ମନ୍ଦିର ନିର୍ମାଣ କରାଇ ଦେବ ନାହିଁ । ଆପଣ ସେହି ମନ୍ଦିରକୁ ସମୁଦ୍ର କବଳରୁ ରକ୍ଷା କରିବେ । ପରମେଶ୍ୱର କବୀର ଜୀ ବଚନ ଦେଲେ ଯେ ହଁ ମୁଁ ସେହି କାର୍ଯ୍ୟ କରିବି । ସେହି ବଚନ ପାଳନ କରିବାକୁ ଯାଇ ପରମେଶ୍ୱର କବୀର ଜୀ, ମୁନୀନ୍ଦ୍ର ଋଷି ରୂପରେ ସେତୁବନ୍ଧ ନିକଟରେ ପ୍ରକଟ ହୋଇଗଲେ ଏବଂ ନିଜ ବାଡ଼ି (ଲାଠି) ଦ୍ୱାରା ପର୍ବତ ଚତୁର୍ପାର୍ଶ୍ୱରେ ରେଖା ଅଙ୍କିତ କଲେ ।

ନଳ-ନୀଳ ଦୂରରୁ ନିଜ ଗୁରୁଙ୍କୁ ଚିହ୍ନିପାରି କହିଲେ ଯେ ଆମ୍ଭ ଗୁରୁଜୀ ଆସିଗଲେ । ଶ୍ରୀରାମ, ଗୁରୁ ମୁନିନ୍ଦ୍ରଙ୍କୁ ନିଜ ସମସ୍ୟା ବିଷୟରେ ଜଣାଇଲେ ତଥା ନିଜ କାର୍ଯ୍ୟ ସିଦ୍ଧି ପାଇଁ ବିନମ୍ର ଭାବରେ ଆଶୀର୍ବାଦ ମାଗିଲେ । ପରମେଶ୍ୱର କହିଲେ, ନଳ-ନୀଳ ଭୁଲ କରିଛନ୍ତି । ଯେଉଁ କାରଣ ପାଇଁ ସେମାନଙ୍କର ଶକ୍ତି କ୍ଷୀଣ ହୋଇଯାଇଛି । ନିକଟରେ ଥିବା ପର୍ବତ ଚତୁର୍ପାର୍ଶ୍ୱରେ ମୁଁ ଗାର ଟାଣିଦେଇଛି । ତା' ଭିତରେ ଥିବା ପଥରଗୁଡିକୁ ମୁଁ କାଠ ଠାରୁ ବି ହାଲୁକା କରିଦେଇଛି, ସେଗୁଡ଼ିକ ପାଣିରେ ବୁଡ଼ିବ ନାହିଁ । ହନୁମାନ ଜୀ ରାମ ଭକ୍ତ ଥିଲେ ତେଣୁ ପଥରଗୁଡ଼ିକ ଉପରେ ରାମ-ରାମ ଲେଖିଲେ ଏବଂ ସେଗୁଡିକୁ ନେଇ ସମୁଦ୍ରରେ ପକାଇବାରୁ ତାହା ଭାସିଥିଲା । ନଳ-ନୀଳ ଶିଳ୍ପକାର ଅର୍ଥାତ ରାଜମିସ୍ତ୍ରୀ କାମରେ ନିପୁଣ ଥିଲେ ତେଣୁ ପଥରକୁ କାଟି ଗୋଟିଏ ପଥର ସହିତ ଆଉ ଗୋଟିଏ ପଥରକୁ ଖଞ୍ଜି ଯୋଡୁଥିଲେ । ପ୍ରଥମେ ଶ୍ରୀରାମଙ୍କ ଦ୍ୱାରା ପଥର ଭାସିଲା ନାହିଁ, ନଳ-ନୀଳ ମଧ୍ୟ ଅସଫଳ ହେଲେ । ହନୁମାନ ଠିଆ-ଠିଆ ରାମ-ରାମ କରୁଥାନ୍ତି, ଚାହୁଁଥାନ୍ତି ଯେ ପଥର ଭାସୁ, ମାତ୍ର ସମସ୍ତ ଚେଷ୍ଟା ବ୍ୟର୍ଥ ଯାଉଥାଏ । ଋଷି ମୁନୀନ୍ଦ୍ରଜୀ (କବୀରଜୀ) ପଥରକୁ ହାଲୁକା କରି ଦେଇଥିଲେ । ସେଥିପାଇଁ ପଥର ସମୁଦ୍ରରେ ଭାସୁଥିଲା । ହନୁମାନ ନିଜ ରାମ-ରାମ ପାଠ ଜାରି ରଖିବା ପାଇଁ ଶ୍ରଦ୍ଧାରେ ପଥର ଉପରେ ରାମ-ରାମ ଲେଖୁଥିଲେ । ସେ ଯେଉଁଠାରେ ବସୁଥିଲେ

ସେଠାରେ ଥିବା ଗଛ ପତ୍ରରେ ରାମ-ରାମ ଲେଖୁଥିଲେ । ହନୁମାନଜୀ, ଦଶରଥ ପୁତ୍ର ଶ୍ରୀ ରାମଚନ୍ଦ୍ରଙ୍କୁ ପୂର୍ବରୁ ଜାଣିବି ନଥିଲେ । ତାଙ୍କ ସହିତ ସାକ୍ଷାତ ହେବା ପୂର୍ବରୁ ମଧ୍ୟ ରାମ-ରାମ ଜପ କରୁଥିଲେ । ଯେପରି ଲୋକବେଦ (କାଳ୍ପନିକ କଥା) ଆଧାରରେ ଆମ୍ଭେ ଶୁଣିଛେ ଯେ ନଳ-ନୀଳଙ୍କ ହାତରେ ପଥର ଭାସିଥିଲା ଯାହାଦ୍ୱାରା ପୋଲ ନିର୍ମାଣ ସମ୍ଭବ ହୋଇଥିଲା । କେହି କହିଥାନ୍ତି ଯେ ହନୁମାନ ପଥରଗୁଡ଼ିକ ଉପରେ ରାମ-ରାମ ଲେଖିଥିଲେ ସେଥିପାଇଁ ପଥର ଭାସି ଥିଲା । ଆମ୍ଭେ ପୂର୍ବରୁ ଏକଥା ମଧ୍ୟ ଶୁଣିଥିଲୁ ଯେ ଶ୍ରୀ ରାମଚନ୍ଦ୍ରଙ୍କ ହାତ ସ୍ପର୍ଶ ଦ୍ୱାରା ପଥର ଭାସି ଥିଲା । ଏହି ଭଳି ବିଭିନ୍ନ ପ୍ରକାରର କଥା ଶୁଣିବାକୁ ମିଳିବାର କାରଣ ପଥର ଭସାଇବା ପାଇଁ ପୂର୍ବରୁ ହୋଇଥିବା ବାର୍ତ୍ତା ଅନୁସାରେ ମୁନୀନ୍ଦ୍ର ଋଷି ଜୀ ପାହାଡ଼ ଚାରିପଟେ ଗାର ଟାଣି ପଥରକୁ ହାଲୁକା କରି ଦେଇଥିଲେ । ସେଠାରେ ଉପସ୍ଥିତ ଥିବା ୨୦-୩୦ ଜଣ ବ୍ୟକ୍ତିଙ୍କ ସମ୍ମୁଖରେ ଏହି ଘଟଣା ଘଟିଥିଲା । ବାକି କୋଟି-କୋଟି ବ୍ୟକ୍ତି ଯେଉଁମାନେ ଯୁଦ୍ଧ ପାଇଁ ଆସିଥିଲେ ସେମାନେ ତ ଆଦେଶ ମିଳିବା ମାତ୍ରେ ପଥର ବୋହି ଆଣିଥିଲେ । ସେମାନେ କେବଳ ଏହି ଦୃଶ୍ୟ ଦେଖିଥିଲେ ଯେ ହନୁମାନ ରାମ-ରାମ ଲେଖୁଥିଲେ ଓ ଅନ୍ୟମାନେ ସେହି ପଥରଗୁଡ଼ିକୁ ଉଠାଇ ଆଣୁଥିଲେ । ତା'ପରେ ନଳ-ନୀଳ ଦୁହେଁ ମିଶି ପଥରରେ ପୋଲ ନିର୍ମଣ କରିଥିଲେ । ରାମଚନ୍ଦ୍ର ଜୀ ନଳ-ନୀଳଙ୍କୁ ଧନ୍ୟବାଦ ଦେଉଥିଲେ । ସେଠାରେ ଉପସ୍ଥିତ ଥିବା ଅନ୍ୟ ବ୍ୟକ୍ତିଗଣ ପରସ୍ପର ମଧ୍ୟରେ କଥା ହେଉଥିଲେ ଯେ ହନୁମାନ ପଥର ଉପରେ ରାମ-ରାମ ଲେଖିଥିବାରୁ ପଥରଗୁଡ଼ିକ ଜଳ ଉପରେ ଭାସୁଛି । କିଛି ବ୍ୟକ୍ତି ଏହା ଭାବୁଥିଲେ ଯେ ଏହା ନଳ-ନୀଳଙ୍କ ହାତର କରାମତି, ଯେଉଁ କାରଣ ପାଇଁ ପଥର ଭାସୁଛି । ଏହି ପ୍ରକାରେ ଲୋକମାନଙ୍କ ମନରେ ଭୁଲ ଧରଣା ଉତ୍ପନ୍ନ ହୋଇ ପ୍ରଚାରିତ ହୋଇଥିଲା । ଶେଷରେ ପୋଲ ତିଆରି କରି ସମସ୍ତେ ଯୁଦ୍ଧରେ ଲିପ୍ତ ହୋଇଗଲେ । ଯୁଦ୍ଧରେ ଅଧିକାଂଶ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା, କିଛି ବ୍ୟକ୍ତି ଯେଉଁମାନେ ବଞ୍ଚିଯାଇଥିଲେ ସେମାନେ ନିଜ ନିଜ ଘରକୁ ଫେରି ଆସି ନିଜ ନଗର-ଗ୍ରାମରେ ଏହି ଭୁଲ ସୁଚନା ଦେଇଥିଲେ ଯାହାକୁ ସତ୍ୟ ବୋଲି ନିର୍ବିବାଦରେ ସମସ୍ତେ ମାନନ୍ତି । ବାସ୍ତବରେ ସତ୍ୟ ଏହା ଯାହା ଏହି ଦାସ (ରାମପାଲ ଦାସ) କହୁଛି । ଯୁଦ୍ଧ ହେବା ପରେ ଶ୍ରୀରାମଙ୍କ ସୈନ୍ୟବାହିନୀ ଉପରେ ନାଗଫାସ ଶସ୍ତ୍ର ପ୍ରୟୋଗ କରାଗଲା । ଶ୍ରୀରାମ, ହନୁମାନ, ଜାମ୍ବବନ୍ତ, ସୁଗ୍ରୀବ, ଅଙ୍ଗଦ ସମେତ ସମସ୍ତ ସେନା ନାଗ(ସର୍ପ) ଦ୍ୱାରା ବନ୍ଧା ହୋଇଗଲେ । ସର୍ପ ଗୁଡେଇ ହୋଇ ଶରୀର ସହିତ ହାତକୁ ବାନ୍ଧି ଦେଲେ ଯେପରି ଆଖୁ ଗଛକୁ କୃଷକ ବାନ୍ଧିଥାଏ । ସମସ୍ତେ ନିଷ୍କ୍ରିୟ ହୋଇ ପଡିରହିଲେ । ତା'ପରେ ଗରୁଡ଼ଙ୍କୁ ଡ଼କାଗଲା । ଗରୁଡ଼ ସମସ୍ତ ନାଗ(ସର୍ପ)କୁ କାଟିବା ପରେ ସମସ୍ତ ସେନା ତଥା ଶ୍ରୀରାମ ବନ୍ଧନ ମୁକ୍ତ ହେଲେ ।

ତୀରାଘାତରେ ଲକ୍ଷ୍ମଣଙ୍କର ଶକ୍ତିଭେଦ ହେଲା (କୋମାକୁ ଚାଲି ଯାଇଥିଲେ) । ହନୁମାନ ଲଙ୍କାରୁ ବୈଦ୍ୟ ଧରି ଆଣିଲେ । ବୈଦ୍ୟ କହିଲା ଯେ ଦ୍ରୋଣଗିରୀ ପ୍ରର୍ବତରେ ସଞ୍ଜୀବନୀ ବନୌଷଧି ଅଛି । ତାକୁ ଚିହ୍ନିବାର ଉପାୟ ଏହା ଯେ ରାତିରେ ତାହା ଜୁଳୁଜୁଳିଆ ପୋକ ଭଳି ଜଳିଥାଏ । ସୂର୍ଯ୍ୟୋଦୟ ପୂର୍ବରୁ ସେହି ଚେରକୁ ଆଣାଯାଇ ପାରିଲେ ଲକ୍ଷ୍ମଣ ଜୀବିତ ହୋଇପାରିବେ, ବିଳମ୍ବ ହେଲେ ମୃତ୍ୟୁ ସୁନିଶ୍ଚିତ । ଶ୍ରୀରାମ ହନୁମାନଙ୍କୁ ଏହି ଦାୟିତ୍ୱ ଦେଇ କହିଲେ ଯେ ହେ, ବଜରଙ୍ଗ ବାଲୀ! ତୁମ ବିନା ଏହି କାର୍ଯ୍ୟ ସମ୍ଭବ ହେବ ନାହିଁ । ଆଦେଶ ପାଇବା କ୍ଷଣୀ ହନୁମାନ ଆକାଶ ମାର୍ଗରେ ଉଡ଼ି ଚେର ଆଣିବାକୁ ଗଲେ । ରାକ୍ଷସମାନେ ନିଜ ମାୟା ଦ୍ୱାରା ଦ୍ରୋଣଗିରୀ ପର୍ବତରେ ଥିବା ଅନ୍ୟ ନକଲି ଚେର-ମୁଳି ବୃକ୍ଷଗୁଡ଼ିକୁ ମଧ୍ୟ ଆଲୋକିତ କରି ଦେଇଥିଲେ । ବୈଦ୍ୟ କହିଥିଲା ଯେ ସେଗୁଡ଼ିକ ଖୁବ୍ କମ ସଂଖ୍ୟାରେ ଥାଏ । ଦିନ ବେଳେ ସେଗୁଡ଼ିକୁ ଚିହ୍ନି ହୁଏ ନାହିଁ କାରଣ ସେହି ବୃକ୍ଷ ନିକଟରେ ସେହିପରି ଅନ୍ୟ ଔଷଧୀୟ ବୃକ୍ଷ ମଧ୍ୟ ଉଠିଥାଏ । ବୈଦ୍ୟ କଥା ବୁଝିବାକୁ ହନୁମାନଙ୍କୁ ଅଧିକ ସମୟ ଲାଗି ନ ଥିଲା । ତେଣୁ ହନୁମାନ ସମ୍ପୂର୍ଣ୍ଣ ଦ୍ରୋଣଗିରୀ ପର୍ବତକୁ ଉଠାଇ ଧରି ଆକାଶ ମାର୍ଗରେ ଉଡି ଆସିଲେ । ଲକ୍ଷ୍ମଣ ଓ ଶ୍ରୀରାମ ନିଜ ଭାଇ ଭରତଙ୍କ ଶକ୍ତି ବିଷୟରେ ଯାହା କହିଥିଲେ ତାହା ହନୁମାନଙ୍କୁ ହଜମ ହେଉ ନ ଥାଏ । ରାମ-ଲକ୍ଷ୍ମଣ କହୁଥିଲେ ଯେ ଭରତ

ଥିଲେ ସେ ଏକୁଟିଆ ରାବଣ, ତା'ର ଲକ୍ଷେ ପୁତ୍ର ଓ ଲକ୍ଷେ ପଚିଶ ହଜାର ନାତିଙ୍କୁ ଯମଲୋକକୁ ପଠାଇ ଦେଇଥାନ୍ତା । ହନୁମାନଙ୍କ ମନକୁ ଏହି ବିଚାର ଆସିଲା ଯେ ଯିବା ରାସ୍ତାରେ ଭରତଙ୍କୁ ପରୀକ୍ଷା କରି ଯିବି । ଏପଟେ ଭରତଙ୍କୁ ଜଣା ଥିଲା ଯେ ରାବଣ ଓ ରାମଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି । ଆକାଶ ମାର୍ଗରେ ପର୍ବତ ସହିତ ହନୁମାନଙ୍କୁ ଯାଉଥିବାର ଦେଖି ଭାବିଲେ ଯେ କୌଣସି ରାକ୍ଷସ ଯାଉଛି ବୋଧେ, ସେ ବହୁତ ହାନୀ କରି ଦେଇପାରେ । ଭରତ, ହନୁମାନଙ୍କୁ ଲକ୍ଷ କରି ତୀର ମାରିଲେ । ହନୁମାନ ତୀର ବିଦ୍ଧ ହେବା ବାହାନା କରି ହେ ରାମ-ହେ ରାମ କହି ଧରିତ୍ରୀ ଉପରେ ପଡ଼ିଗଲେ । ହନୁମାନ ସେହି ପର୍ବତକୁ ମଧ୍ୟ ଧରିତ୍ରୀ ଉପରେ ରଖିଦେଲେ ।

ରାମ ଶବ୍ଦ ଶୁଣି ଭରତଙ୍କୁ ବୁଝିବାରେ ଆଉ ବିଳମ୍ବ ହେଲାନାହିଁ । ସେ ନିଶ୍ଚିନ୍ତ ହୋଇଗଲେ ଯେ ଇଏ ଆମ ନିଜ ପକ୍ଷର କେହି ଅଟନ୍ତି । ନିକଟକୁ ଯାଇ ପଚାରିଲେ, ଆପଣ କିଏ ? କେଉଁଆଡେ ଯାଉଛନ୍ତି ? ପର୍ବତ କାହିଁକି ଉଠାଇ ଆଣିଛନ୍ତି ? ମୋ ନାମ ଭରତ ଅଟେ । ମୁଁ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କ ଭାଇ ଅଟେ । ହନୁମାନ କହିଲେ, ମୁଁ ହନୁମାନ । ରାମ-ରାବଣଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି । ଆପଣଙ୍କ ଭାଇ ଲକ୍ଷ୍ମଣଙ୍କୁ ତୀର ମାଡ ହୋଇଥିବା କାରଣରୁ ସେ ମୂର୍ଚ୍ଛିତ ହୋଇ ଯାଇଛନ୍ତି । ବୈଦ୍ୟ କହିଲେ ଯେ ଦ୍ରୋଣଗିରୀ ପର୍ବତରେ ସେହି ଔଷଧୀୟ ବୃକ୍ଷ ଅଛି । ମୁଁ ଚିହ୍ନି ନ ପାରି ସମ୍ପୂର୍ଣ୍ଣ ପର୍ବତକୁ ଉଠାଇ ଆଣିଛି । ସୂର୍ଯ୍ୟୋଦୟ ହେବା ପୂର୍ବରୁ ମୋତେ ପହଞ୍ଚିବାର ଅଛି । ନଚେତ୍ ଲକ୍ଷ୍ମଣଙ୍କର ମୃତ୍ୟୁ ହୋଇଯିବ । ଆପଣ କିଛି ବିଚାର ନ କରି ତୀର ମାରିଲେ, ଏବେ ସମୟ ପୂର୍ବରୁ ମୁଁ ସେଠାରେ କିପରି ପହଞ୍ଚି ପାରିବି ? ସୂର୍ଯ୍ୟୋଦୟ ପୂର୍ବରୁ ସେଠାରେ ନ ପହଞ୍ଚିଲେ ଲକ୍ଷ୍ମଣ ଏ ସଂସାରରେ ରହିବେ ନାହିଁ । ଏହା ଶୁଣି ଭରତ ତୀର ମାରିବାର କାରଣ ଜଣାଇଲେ ତଥା କହିଲେ ଯେ, ହେ ଅଞ୍ଜନୀ ପୁତ୍ର ! ଚିନ୍ତା କର ନାହିଁ । ତୁମେ ଦ୍ରୋଣଗିରୀ ପର୍ବତକୁ ଉଠାଅ ଧରି ମୋ ବାଣର ଅଗ୍ରଭାଗରେ ବସ । ତା'ପରେ ନିଜ ଦୁଇ ଗୋଡ଼କୁ ଆଗ ପଛ କରି ଛିଡ଼ା ହୁଅ । ମୁଁ ତୀର ଦ୍ୱାରା କମ ସମୟ ମଧ୍ୟରେ ଆପଣଙ୍କୁ ପର୍ବତ ସହିତ ଲଙ୍କାକୁ ପଠାଇ ଦେବି ।

ନିଜ ଶକ୍ତି ପାଇଁ ହନୁମାନ ବହୁତ ଗର୍ବ କରୁଥିଲେ । ଭୂମି ଉପରେ ଥିବା ତୀରର ଅଗ୍ର ଭାଗରେ ଦୁଇ ଗୋଡକୁ ରଖିବା ସହିତ ହାତରେ ପର୍ବତ ଧରି ଛିଡ଼ା ହୋଇଗଲେ । ତା'ପରେ ଭରତ ଧନୁରେ ତୀର ଯୋଡିବା ପାଇଁ ହନୁମାନ ଓ ପର୍ବତ ସହିତ ତୀରକୁ ଭୂମିରୁ ଉଠାଇ ନିଜ ଛାତି ସମାନ ଉଚ୍ଚକୁ ଆଣିଲେ । ଏହା ଦେଖି ହନୁମାନ ଆଶ୍ଚର୍ଯ୍ୟ ହେଲେ ଏବଂ ଭାବିଲେ ଯେ ମୋ ସହିତ ଦ୍ରୋଣାଗିରୀ ପର୍ବତକୁ ଭରତ ଏପରି ଉଠାଇଲେ ଯେପରି କେବଳ ତୀର ଉଠାଉଛନ୍ତି । ଏହା ଦେଖି ହନୁମାନ କହିଲେ, ହେ ଦଶରଥ ପୁତ୍ର ! ମୁଁ ତ ଆପଣଙ୍କ ପରୀକ୍ଷା ନେଉଥିଲି । ମୁଁ ଏକଦମ୍ ସୁସ୍ଥ ଅଛି । ମୁଁ ସ୍ୱୟଂ ଉଡ଼ିଯାଇ ସମୟ ପୂର୍ବରୁ ପହଞ୍ଚିଯିବି । ଆପଣଙ୍କ ଦୁଇ ଭାଇ ମୋ ଆଗରେ ଆପଣଙ୍କର ପ୍ରଶଂସା କରି ଏହା କହୁଥିଲେ ଯେ ଭରତ ଥିଲେ ସେ ଏକା ରାବଣ ଓ ରାବଣ ସେନାକୁ ପରାସ୍ତ କରିବା ପାଇଁ ଯଥେଷ୍ଟ ହୋଇଥାନ୍ତା । ସେମାନଙ୍କର ଏହି କଥାକୁ ମୁଁ ବିଶ୍ୱାସ କରି ପାରୁନଥିଲି । ଆଜି ନିଜ ଆଖିରେ ଦେଖିଲି । ବାସ୍ତବରେ ଆପଣ ଶୂରବୀର ଏବଂ ବଳବାନ ଅଟନ୍ତି । ମୋ ଅଭିମାନକୁ ମଧ୍ୟ ଆପଣ ଚୂରମାର୍ କରିଦେଲେ । ଏହା କହି ହନୁମାନ ସେହି ତୀର ଅଗ୍ରଭାଗରୁ ହିଁ ଲମ୍ଫ ପ୍ରଦାନ କରି ଉଡ଼ିଗଲେ । ସେ ସମୟରେ ତୀରଟି ତିଳେ ମାତ୍ର ଏପଟ ସେପଟ ହୋଇନଥିଲା ।

ବିଚାରଣୀୟ ବିଷୟ ଏହା ଯେ । କୌଣସି ଭାରି ଜିନିଷକୁ କେହି ଉଠାଇବା ବେଳେ ଦୁଇ ହାତ କିମ୍ବା ଗୋଟିଏ ହାତ ସାହାଯ୍ୟରେ ଉଠାଇଥାଏ, ମାତ୍ର ସେହି ଭାରି ଜିନିଷକୁ କୌଣସି ଠେଙ୍ଗା ସାହଯ୍ୟରେ ଉଠାଇବାକୁ ଚାହିଁଲେ ତାହା କଦାପି ଉଠିବ ନାହିଁ । କମ୍ ଓଜନଯୁକ୍ତ ବସ୍ତୁକୁ ଠେଙ୍ଗା ସହାଯ୍ୟରେ ଉଠାଯାଇ ପାରିବ । ଭରତ ସେଦିନ ମହାବଳୀ ହନୁମାନ ଓ ଦ୍ରୋଣାଗିରୀ ପର୍ବତକୁ ପୃଥିବୀ ପୃଷ୍ଠରୁ ୫୦ ଫୁଟ ଉପରକୁ ଉଠାଇ ଦେଲେ । ତ୍ରେତୟା ଯୁଗରେ ମଣିଷର ଉଚ୍ଚତା ପାଖାପାଖି ୭୦ ଅବା ୮୦ ଫୁଟ ହେଉଥିଲା । ଏହା କୌଣସି ସହଜ କାର୍ଯ୍ୟ ନୁହେଁ । କୌଣସି ବ୍ୟକ୍ତିକୁ କେହି

ଠେଙ୍ଗା ସାହଯ୍ୟରେ ଉଠାଇ ଦେଖୁ, କିପରି ଅନୁଭବ ହେବ ? ବୈଦ ଲକ୍ଷ୍ମଣକୁ ସଞ୍ଜୀବନୀ ଔଷଧି ପିଆଇ ସୁସ୍ଥ କଲା । ଯୁଦ୍ଧ ହେଲା, ରାବଣ ମଲା । ରାବଣ, ଭଗବାନ ଶିବଙ୍କର ଭକ୍ତି କରିଥିଲା । ଦଶ ଥର ନିଜ ମସ୍ତକ ଛେଦନ କରି ଶିବଙ୍କୁ ଭେଟି ଦେଇଥିଲା । ଶିବ ପ୍ରତ୍ୟେକ ଥର ରାବଣକୁ ତା' ମସ୍ତକ ଫେରାଇ ଦେଇଥିଲେ ଏବଂ ଆଶୀର୍ବାଦ ଦେଲେ ଯେ ତୋର ମୃତ୍ୟୁ ଦଶ ଥର ମୁଣ୍ଡ କାଟ ହେବା ପରେ ହେବ । ଯୁଦ୍ଧ ବେଳେ 'ରାବଣର ଦଶ ଥର ମୁଣ୍ଡ କାଟ ହୋଇଥିଲା । ଦଶ ଥର ମୁଣ୍ଡ କଟିଥିଲା, ଦଶ ଥର ପୁଣି ମୁଣ୍ଡ ଯୋଡ଼ି ହୋଇ ଯାଇଥିଲା । ପୁଣି ବିଭୀଷଣ ଏହା କହିଥିଲେ ଯେ ରାବଣର ନାଭିରେ ଅମୃତ ଅଛି, ରାବଣର ନାଭିରେ ତୀର ମାରିବା ପାଇଁ ରାମଚନ୍ଦ୍ର ପ୍ରାଣପଣେ ଚେଷ୍ଟା କରି ସାରିଥିଲେ, ପରନ୍ତୁ ରାବଣର ଧ୍ୟାନ ସେହିଠାରେ କେନ୍ଦ୍ରିତ ହୋଇଥିଲା ଯେପରି ନାଭିରେ ତୀର ନ ବାଜେ । ରାମଚନ୍ଦ୍ର, ପରମେଶ୍ୱରଙ୍କୁ ସ୍ମରଣ କରି କହିଲେ, ଏହି ରାକ୍ଷସକୁ ମାରି ମୋତେ ସହାୟ ହୁଅନ୍ତୁ ପ୍ରଭୁ । ହେ ମହାଦେବ ! ହେ ଦେବଙ୍କର ଦେବ ! ହେ ମହାପ୍ରଭୁ ! ମୋତେ ସହାୟ ହୁଅନ୍ତୁ । ଆପଣଙ୍କ ଝିଅ (ସୀତା) ମହାକଷ୍ଟରେ ଅଛି । ଆପଣଙ୍କ ସନ୍ତାନମାନଙ୍କୁ (ତେତୀଶ କୋଟି ଦେବତାଙ୍କୁ) ମଧ୍ୟ ଏହି ରାକ୍ଷସ ଜେଲ୍‌ରେ ବନ୍ଦୀ କରି ରଖିଛି । ସେହି ସମୟରେ ପରମେଶ୍ୱର କବୀର ଜୀ ଗୁପ୍ତ ରୂପରେ ରାମଚନ୍ଦ୍ରଙ୍କ ହାତ ଉପରେ ନିଜ ସୂକ୍ଷ୍ମ ହାତ ରଖି ରାବଣର ନାଭିରେ ତୀର ମାରିବା ପରେ ରାବଣ ମରିଥିଲା ।

{ପରମେଶ୍ୱର କବୀରଙ୍କ ପ୍ରାପ୍ତି ପଶ୍ଚାତ୍ ସନ୍ଥ ଗରୀବ ଦାସଜୀ (ଗ୍ରାମ- ଛୁଡ଼ାଣୀ, ଜିଲ୍ଲା- ଝଜ୍ଜର, ରାଜ୍ୟ- ହରିୟାଣା) ପରମେଶ୍ୱର କବୀର ଜୀଙ୍କ ମହିମା ଗାନ କରିବାକୁ ଯାଇ କହିଛନ୍ତି ଯେ:-

କବୀର, କହ ମେରେ ହଂସ କୋ, ଦୁଃଖି ନା ଦୀଜେ କୋୟ ।
ସନ୍ଥ ଦୁଃଖାଏ ମେଁ ଦୁଃଖୀ, ମେରା ଆପା ଭୀ ଦୁଃଖୀ ହୋୟ ॥
ପହୁଁଚୁଁଙ୍ଗା ଛନ୍ ଏକ ମେଁ, ଜନ୍ ଅପନେ କେ ହେତ୍ ।
ତେତୀଶ୍ କୋଟି କୀ ବନ୍ଧ୍ ଛୁଟାଇ, ରାବଣ ମାରା ଖେତ୍ ॥
ଜୋ ମେରେ ସନ୍ଥ କୋ ଦୁଃଖୀ କରେ, ବାକା ଖୋଉଁ ବଂଶ
ହିରଣାକୁଶ ଉଦର ବିଦାରିୟା, ମୈଁ ହୀ ମାରା କଂସ ॥
ରାମ-କୃଷ୍ଣ କବୀର କେ ଶହଜାଦେ, ଭକ୍ତି ହେତ ଭୟେ ପ୍ୟାଦେ ॥ }

ଶବ୍ଦାର୍ଥ :-ସନ୍ଥ ଗରୀବ ଦାସ ଜୀ କହିଛନ୍ତି ଯେ ଶ୍ରୀ ରାମଚନ୍ଦ୍ର ଏବଂ ଶ୍ରୀକୃଷ୍ଣଙ୍କର ଶୁଭକର୍ମର ପରିମାଣ ସ୍ୱରୂପ କବୀରଜୀ ସେମାନଙ୍କୁ ଆବଶ୍ୟକ ସ୍ଥଳେ ସାହାଯ୍ୟ କରିଥିଲେ । କାରଣ ଶ୍ରୀରାମ ଓ ଶ୍ରୀକୃଷ୍ଣ ସେହି କବୀର ସମ୍ରାଟଙ୍କର ସହଜାଦେ ଅର୍ଥାତ୍ ରାଜକୁମାର ଅଟନ୍ତି ଅର୍ଥାତ୍ ସମସ୍ତ ଜୀବ ପରମାତ୍ମା କବୀରଜୀଙ୍କର ଅଟନ୍ତି ଏବଂ ରାମ-କୃଷ୍ଣ ଅର୍ଥାତ୍ ବିଷ୍ଣୁ ଉତ୍ତମ ଆତ୍ମା ଅଟନ୍ତି । ସେହି ପରମେଶ୍ୱର ସେମାନଙ୍କର ମଧ୍ୟ ରକ୍ଷା କରିଥାନ୍ତି । ସେ ଜନତାଙ୍କୁ ସାବଧାନ କରି ଦେଇଥାନ୍ତି ଯେ ମୋ ସାଧକକୁ କେହି କଷ୍ଟ ଦିଅ ନାହିଁ । ମୋ ଭକ୍ତ କଷ୍ଟ ପାଇଲେ ମୁଁ ଦୁଃଖି ହୋଇଥାଏ । ମୋ ଭକ୍ତକୁ ରକ୍ଷା କରିବା ପାଇଁ ମୁଁ କ୍ଷଣକରେ ଅର୍ଥାତ୍ ଗୋଟିଏ ସେକେଣ୍ଡରେ ପହଞ୍ଚି ଯାଇଥାଏ । ଏଥିପାଇଁ ଶ୍ରୀରାମଚନ୍ଦ୍ରଙ୍କ ହାତରେ ଯେତେବେଳେ ରାବଣ ମଲାନାହିଁ ସେତେବେଳେ ଗୁପ୍ତ ରୂପରେ ମୁଁ ରାମଙ୍କ ହାତ ଧରି ରାବଣର ନାଭିରେ ତୀର ମାରିଥିଲି ଯାହା ଦ୍ୱାରା ରାବଣର ମୃତ୍ୟୁ ହୋଇଥିଲା । ରାମ ସେନାକୁ ଶକ୍ତି ପ୍ରଦାନ କରି ଉତ୍ସାହିତ କଲି । ଏହିପରି କୃଷ୍ଣକୁ ସାହାଯ୍ୟ କରି କଂସକୁ ମୁଁ ହିଁ ବଦ୍ଧ କରିଥିଲି । ଯିଏ ମୋ ଭକ୍ତକୁ କଷ୍ଟ ଦେବ, ତା' ବଂଶ ନିପାତ କରିଦେବି ଅର୍ଥାତ୍ ତା' ଖାନଦାନକୁ ସମାପ୍ତ କରିଦେବି ।

ଶ୍ରୀ ରାମ, ରାବଣର ସାନ ଭାଇ ବିଭୀଷଣଙ୍କୁ ଲଙ୍କା ରାଜ୍ୟ ପ୍ରଦାନ କଲେ । ଏହି ଉଦ୍ଦେଶ୍ୟରେ ସୀତାଙ୍କର ଅଗ୍ନି ପରୀକ୍ଷା କରାଇଲେ ଯେ ରାବଣ ଯଦି ସୀତାଙ୍କ ସହିତ ମିଳନ କରିଥିବ ତେବେ ଅଗ୍ନିରେ ଜଳିଯାଇ ମରିଯିବ । ଯଦି ସୀତା ସତୀ ହୋଇଥିବେ ତେବେ ଅଗ୍ନିରେ ଜଳିବେ

ନାହିଁ । ଶେଷରେ ସୀତା ଅଗ୍ନିରେ ଜଳିଲେ ନାହିଁ । ସେଠାରେ ଉପସ୍ଥିତ ଲକ୍ଷାଧିକ ବ୍ୟକ୍ତି ସୀତା ମାତାଙ୍କର ଜୟ ଗାନ କରିଥିଲେ । ସୀତା ସତୀ ପଦ ପ୍ରାପ୍ତ କଲେ । ଆଶ୍ୱିନ୍ନ ମାସ, ଶୁକ୍ଳପକ୍ଷ ଦଶମୀରେ ରାବଣର ବଧ ହେଲା ।

ରାବଣ ବଧର ୨୦ ଦିନ ପରେ ୧୪ ବର୍ଷର ବନବାସ ପୂର୍ଣ୍ଣ କରି ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ପୁଷ୍ପକ ବିମାନରେ ବସି ଅଯୋଧ୍ୟା ନଗରୀକୁ ଆସିଲେ । ସେଦିନ କାର୍ତ୍ତିକ ମାସର ଅମାବାସ୍ୟା ଥିଲା । ଅମାବାସ୍ୟାର ଅନ୍ଧାର ରାତିରେ ଅଯୋଧ୍ୟାବାସୀ ନିଜ ନିଜ ଘରେ ତଥା ଘର ଛାତ ଉପରେ ଗାଈ ଘିଅରେ ଦୀପ ପ୍ରଜ୍ୱଳନ କରି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ଆଗମନ ଉପଲକ୍ଷେ ଖୁସି ପାଳନ କଲେ । ଭରତ ନିଜ ଭାଇ ଶ୍ରୀରାମଚନ୍ଦ୍ରଙ୍କୁ ରାଜ୍ୟ ଫେରାଇ ଦେଲେ । ଦିନେ ସୀତା, ଶ୍ରୀ ରାମଚନ୍ଦ୍ରଙ୍କୁ କହିଲେ ଯେ ଯୁଦ୍ଧରେ ଲଢ଼ିଥିବା ଯୋଧାମାନଙ୍କୁ ମୁଁ କିଛି ପୁରସ୍କାର ଦେବାକୁ ଚାହୁଁଛି । ପୁରସ୍କାର ସ୍ୱରୂପ ଏକ ଅସଲି ମୋତି ହାର ସୀତା ନିଜ ବେକରୁ କାଢି ହନୁମାନଙ୍କୁ ଦେଲେ ଏବଂ କହିଲେ, ହେ ହନୁମାନ ! ଏହି ଅମୂଲ୍ୟ ଉପହାର ମୁଁ ଆପଣଙ୍କୁ ଦେଉଛି, ଯତ୍ନ ସହକାରେ ରଖିବ । ହନୁମାନ ସେହି ହାରକୁ ଛିଣ୍ଡାଇ ସେଥିରେ ଥିବା ମୋତିଗୁଡିକୁ ଗୋଟି ଗୋଟି କରି ଭାଙ୍ଗି ତଳେ ଫିଙ୍ଗି ଦେଲେ । ହନୁମାନଙ୍କର ଏଭଳି ବ୍ୟବହାର ସୀତାଙ୍କୁ ଭଲ ଲାଗି ନ ଥିଲା । କ୍ରୋଧିତ ହୋଇ କହିଲେ, ଆରେ ମୂର୍ଖ ! ଏ କ'ଣ କଲୁ ? ଏଭଳି ଅମୂଲ୍ୟ ହାରକୁ ଭାଙ୍ଗି ସର୍ବନାଶ କରିଦେଲୁ । ତୁ ଯେଉଁ ବାନରକୁ ସେହି ବାନର । ମୋ ଆଖି ସାମନାରୁ ତୁ ଚାଲିଯା । ସେହି ସମୟରେ ଶ୍ରୀ ରାମଚନ୍ଦ୍ର ଜୀ ସୀତାଙ୍କ ସହିତ ସିଂହାସନରେ ବିରାଜମାନ ଥିଲେ । ହନୁମାନଙ୍କର ଏଭଳି ବ୍ୟବହାର ତାଙ୍କୁ ଠିକ୍ ଲାଗି ନ ଥିଲା, କିଛି ନ କହି ସେ ନିରବ ରହିଲେ । ହନୁମାନ କହିଲେ, ମାତା ! ଯେଉଁ ବସ୍ତୁରେ ରାମ ନାମ ଲେଖା ନାହିଁ, ସେହି ବସ୍ତୁ ମୋର କୌଣସି କାର୍ଯ୍ୟରେ ଆସିବ ନାହିଁ । ହାରରେ ଥିବା ସମସ୍ତ ମୋତିକୁ ମୁଁ ଭାଙ୍ଗି ଦେଖିସାରିଛି, ସେଥିରେ ରାମ ନାମ ଲେଖା ନାହିଁ । ତେଣୁ ତାହା ମୋର କୌଣସି କାମରେ ଆସିବ ନାହିଁ । ସୀତା କହିଲେ, କ'ଣ ତୋ ଶରୀର ଭିତରେ ମଧ୍ୟ ରାମ ନାମ ଲେଖା ଅଛି ? ଯଦି ଲେଖା ନାହିଁ ତେବେ ଏହି ଶରୀରକୁ କାହିଁକି ରଖିଛୁ, ଏହାକୁ ଦୁଇ ଖଣ୍ଡ କରି ଚିରି ଫିଙ୍ଗିଦିଅ । ହନୁମାନ ସଙ୍ଗେ ସଙ୍ଗେ ନିଜ ଛାତି ଚିରିଦେଇ ଦେଖାଇଲେ । ତା ଭିତରେ ରାମ-ରାମ ଲେଖା ଥିଲା । ହନୁମାନ ସେହି କ୍ଷଣୀ ଅଯୋଧ୍ୟା ତ୍ୟାଗ କରି କେଉଁ ଦୂର ସ୍ଥାନକୁ ଚାଲିଗଲେ ।

ଶ୍ରୀ ରାମଚନ୍ଦ୍ରଜୀ ଅଯୋଧ୍ୟାବାସୀଙ୍କର ଦୁଃଖ-ଦୁର୍ଦ୍ଦଶା ବିଷୟରେ ଜାଣିବା ପାଇଁ ବେଶ ବଦଳାଇ, ଗୁପ୍ତ ରୂପ ଧାରଣ କରି ରାତ୍ର ସମୟରେ ନଗର ପରିକ୍ରମା କରୁଥିଲେ । କିଛି ବର୍ଷ ଉପରାନ୍ତ ରାଜା ରାମଚନ୍ଦ୍ର ରାତ୍ର ସମୟରେ ଅଯୋଧ୍ୟା ନଗରୀରେ ବିଚରଣ କରୁଥିବା ସମୟରେ ଏକ ଘର ଭିତରୁ ଖୁବ ଜୋର୍‌ରେ ପାଟିତୁଣ୍ଡ ଶୁଭୁଥିବାର ଶୁଣିବାକୁ ପାଇଲେ । ରାଜା ରାମଚନ୍ଦ୍ର ସେହି ଘର ନିକଟକୁ ଯାଇ କଥା ଶୁଣିଲେ । ଜଣେ ଧୋବାର ସ୍ତ୍ରୀ ଝଗଡ଼ା କରି ଘରୁ ପଳାଇ ଯାଇଥିଲା । ସେ ଦୁଇ ତିନି-ଦିନ ନିଜ ଭଉଣୀର ଘରେ ରହି ପୁଣି ଘରକୁ ଫେରି ଆସିଲା । ଧୋବା ତାକୁ ପିଟୁ ଥିଲା । କହୁଥିଲା ଯେ ବାହାରିଯା ତୁ ମୋ ଘରୁ, ବାହାରେ ଦୁଇ ରାତି ରହି ଆସିଛୁ । ମୁଁ ତୋତେ ଘରେ ରଖିବି ନାହିଁ । ତୁ କଳଙ୍କିତ ହୋଇଯାଇଛୁ । ଧୋବଣୀ କହିଲା, ମୁଁ ଭଗବାନଙ୍କ ଶପଥ କରି କହୁଛି, ରାଜା ରାମଚନ୍ଦ୍ରଙ୍କ ଶପଥ କରି କହୁଛି, ମୁଁ ନିର୍ଦ୍ଦୋଷ ଅଟେ । ଧୋବା କହିଲା ଯେ ମୁଁ ଦଶରଥ ପୁତ୍ର ରାମଚନ୍ଦ୍ର ନୁହେଁ ଯେ ନିଜ କଳଙ୍କିନୀ ପତ୍ନୀକୁ ଘରକୁ ନେଇ ଆସିଛି ଯିଏ ରାବଣ ସହିତ ବର୍ଷ ବର୍ଷ ଧରି ରହିଥିଲା । ଅଯୋଧ୍ୟା ନଗରବାସୀ ସର୍ବତ୍ର ଏହି କଥା ଚର୍ଚ୍ଚା କରୁଛନ୍ତି । ଏଭଳି ବ୍ୟକ୍ତି କେଉଁ ମୁହଁ ନେଇ ବଞ୍ଚିଛି ଯାହାର ପତ୍ନୀ ଅପବିତ୍ର ହୋଇସାରିଛି । ଧୋବା ମୁଖରୁ ଏଭଳି କଥା ଶୁଣି ରାଜା ରାମଚନ୍ଦ୍ରଙ୍କୁ ଏପରି ଅନୁଭବ ହେଲା ଯେପରି କାନରେ କେହି ଗରମ ତେଲ ଢ଼ାଳି ଦେଲା ।

ତହିଁ ପରଦିନ ରାମଚନ୍ଦ୍ର ସଭା ବସାଇଲେ ତଥା ନଗରୀରେ ଚାଲିଥିବା ଚର୍ଚ୍ଚା ବିଷୟରେ

ଜଣାଇଲେ ଏବଂ କହିଲେ ଯେ ଏହି ଚର୍ଚ୍ଚା ସେହିଦିନ ବନ୍ଦ ହେବ ଯେଉଁ ଦିନ ମୁଁ ସୀତାକୁ ଘରୁ ବାହାର କରିଦେବି । ସୀତାଙ୍କୁ ସଙ୍ଗେ ସଙ୍ଗେ ସଭାକୁ ଡ଼କାଯାଇ ଘରୁ ବାହାରି ଯିବା ପାଇଁ ଆଦେଶ ଦିଆଗଲା । ତା ସହିତ କାରଣ ମଧ୍ୟ ଜଣାଇ ଦେଲେ । ସୀତା ବିନିତ ପ୍ରାର୍ଥନା କରି କହିଲେ, ହେ ସ୍ୱାମୀ ! ଆପଣ ମୋର ଅଗ୍ନି ପରୀକ୍ଷା କରିଥିଲେ । ମୁଁ ମଧ୍ୟ ଅନ୍ତରରୁ କହୁଛି, ରାବଣ ମୋ ସହିତ ମିଳନ କରିନାହିଁ । କାରଣ ଏହା ଥିଲା ଯେ ତାକୁ ଜଣେ ଋଷିଙ୍କର ଅଭିଶାପ ମିଳିଥିଲା, କୌଣସି ପରନାରୀକୁ ଯଦି ତୁ ବଳାତ୍କାର କରୁ ତେବେ ସଙ୍ଗେ ସଙ୍ଗେ ତୋର ମୃତ୍ୟୁ ହୋଇଯିବ । ଯଦି ପରନାରୀର ସହମତିରେ ମିଳନ କରିବୁ ତେବେ ଏଭଳି ହେବ ନାହିଁ । ଯେଉଁ କାରଣରୁ ରାବଣ ମୋତେ ସ୍ପର୍ଶ କରି ପାରିନଥିଲା, ହେ ପ୍ରଭୁ ! ମୁଁ ଏବେ ଗର୍ଭବତୀ ଅଛି । ଏଭଳି ସ୍ଥିତିରେ ମୁଁ କେଉଁଆଡେ ଯିବି ? ଏ ସଂସାରରେ ରାବଣ ଭଳି ବ୍ୟକ୍ତିମାନଙ୍କର ଅଭାବ ନାହିଁ । ଆଦେଶ ଦେଇ ରାମଚନ୍ଦ୍ର ସଭା ପରିତ୍ୟାଗ କରି ଚାଲିଗଲେ । ଯିବା ବେଳେ କହିଗଲେ ଯେ ମୁଁ ନିନ୍ଦାର ପାତ୍ର ହେବାକୁ ଚାହୁଁ ନାହିଁ । ମୋ ବଂଶର ମର୍ଯ୍ୟଦା ହାନୀ ନ ହେଉ । ଏକଥା ଶୁଣି ସୀତାଙ୍କ ପାଦ ତଳୁ ମାଟି ଖସିଗଲା ତଥା ଆକାଶ ଅନ୍ଧକାରମୟ ହୋଇଗଲା ପରି ତାଙ୍କୁ ଲାଗିଲା, ସଂସାରରେ ସ୍ୱଳ୍ପ ଦିନର ଜୀବନ ବାକି ରହିବା ପରି ଲାଗିଲା ।

ସୀତା ଅଯୋଧ୍ୟା ଛାଡି ଯିବାକୁ ଲାଗିଲେ । ଯିବାବେଳେ ବାରମ୍ବାର ପଛକୁ ଚାହିଁ ନିଜ ରାମ ତଥା ତାଙ୍କ ରାଜମହଲକୁ ଦେଖିବାକୁ ଚେଷ୍ଟା କରୁଥାନ୍ତି । ଦୂର ଜଙ୍ଗଲ ମଧ୍ୟରେ ଥିବା ଋଷି ବାଲ୍ମୀକିଙ୍କ କୁଟୀର ନିକଟରେ ଯାଇ ପହଞ୍ଚିଲେ । କ୍ଳାନ୍ତ ହୋଇ ପଡିଥିବା କାରଣରୁ ଅଚେତ ହୋଇ ଭୂମି ଉପରେ ପଡିଗଲେ । ସେହି ସମୟରେ ଋଷି ବାଲ୍ମୀକି ସ୍ନାନ କରିବା ପାଇଁ ନିଜ ଆଶ୍ରମରୁ ବାହାରୁଥାନ୍ତି । ନିକଟରେ ଜଣେ ଗର୍ଭାବତୀ ଯୁବତୀ ଅଚେତ ହୋଇ ପଡ଼ିଥିବାର ଦେଖି ନିକଟକୁ ଗଲେ । ନିଜ ଆଶ୍ରମରୁ ଔଷଧ ଆଣି ସୀତାଙ୍କ ମୁଖରେ ଦେଲେ । ସେତେବେଳେ ଗ୍ରୀଷ୍ମ ସମୟ ଥିଲା । ମୁଖରେ ଥଣ୍ଡା ଜଳ ଛିଟା ମାରିଲେ । ସୀତା ସଙ୍ଗେ ସଙ୍ଗେ ସଚେତ ହୋଇ ବସିଗଲେ । ଋଷି ତାଙ୍କୁ ନାମ ଓ ଗ୍ରାମ ବିଷୟରେ ପଚାରିବାରୁ ସୀତା କହିଲେ ଯେ ତଳେ ପୃଥିବୀ, ଉପରେ ଆକାଶ, ଆଉ କିଛି ବି କହିବା ପାଇଁ ମନା କଲେ । ଋଷି ଦୟାବାନ ହୋଇଥାନ୍ତି । କହିଲେ, ପୁତ୍ରୀ ! ଏ ସଂସାରରେ ସମସ୍ତେ ସ୍ୱାର୍ଥପର ଅଟନ୍ତି । ପରମାତ୍ମାଙ୍କୁ ଧନ୍ୟବାଦ ଜ୍ଞାପନ କର, ତାଙ୍କ କୃପାରୁ ତୁ ମୋ ଆଶ୍ରମକୁ ଆସିଯାଇଛୁ ପୁତ୍ରୀ ! ମୋତେ ନିଜର ପିତା ବୋଲି ଭାବି ମୋ ପାଖରେ ରୁହ । ସୀତା, ଋଷି ବାଲ୍ମୀକିଙ୍କ ଆଶ୍ରମରେ ରହିବାକୁ ଲାଗିଲେ । ଋଷି ମଧ୍ୟ କଥାକୁ ଆଗକୁ ବଢ଼ାଇଲେ ନାହିଁ । ପରମେଶ୍ୱର କବୀର ଜୀ ଯିଏ ତ୍ରେତୟା ଯୁଗରେ 'ଋଷୀ ମୁନୀନ୍ଦ୍ର' ରୂପରେ ଲୀଳା କରିବାକୁ ଆସିଥିଲେ, ହନୁମାନଙ୍କୁ ଭେଟିଥିଲେ, ସତ ସାହେବ କହିଲେ । ହନୁମାନ ରାମ-ରାମ କହିଲେ ତଥା ଛିଡ଼ା ହୋଇ ଋଷିଙ୍କର ସତ୍କାର କଲେ ତଥା ଗୋଟିଏ ପଥର ଉପରେ ନିଜେ ବସିଲେ, ଅନ୍ୟ ଏକ ପଥର ଉପରେ ଋଷିଙ୍କୁ ବସିବା ପାଇଁ ଅନୁରୋଧ କଲେ । ଦୁହେଁ ସ୍ଥାନ ଗ୍ରହଣ କଲେ । ହନୁମାନ, ଋଷି ମହାତ୍ମାଙ୍କୁ ଚିହ୍ନିବାକୁ ଚେଷ୍ଟା କଲେ । ଋଷି ମହାତ୍ମା କହିଲେ, କି ଚିନ୍ତା କରୁଛ ହନୁମାନ ? ମୁଁ ସେହି ଋଷି, ମୋ ଆଶ୍ରମରେ ମାଙ୍କଡ଼ ସୀତାଙ୍କ କଙ୍କଣ ଆଣି ମାଠିଆରେ ପକାଇ ଥିଲା । ସେହିଭଳି ଆଉ କିଛି କଙ୍କଣ ମଧ୍ୟ ସେଥିରେ ଥିଲା । ହେ ହନୁମାନ ! ସେହି କଙ୍କଣ କଥା ମନେ ଅଛି ତ ? ଏହାଶୁଣି ହନୁମାନ ଋଷିଙ୍କୁ ଚିହ୍ନିବାରେ ବିଳମ୍ବ ନ କରି ତାଙ୍କୁ ପୁଣି ଋଷିଙ୍କୁ ପ୍ରଣାମ କଲେ । ହେ ଋଷିବର ! ଆପଣଙ୍କର ଆସିବାର ଅଭିପ୍ରାୟ ? ମୁନୀନ୍ଦ୍ର ଋଷି ରୂପରେ ବିରାଜମାନ ପରମେଶ୍ୱର କବୀର କହିଲେ, ହେ ପବନ ପୁତ୍ର ! ଆପଣଙ୍କୁ ଭକ୍ତି ଜ୍ଞାନ ଦେବା ପାଇଁ ମୁଁ ଆସିଛି । ଯେଉଁ ଦଶରଥ ପୁତ୍ର ରାମଚନ୍ଦ୍ରଙ୍କୁ ଆପଣ ପୂର୍ଣ୍ଣ ପରମାତ୍ମା ଭାବି ପୂଜା କରୁଛନ୍ତି ତାହ ଭୁଲ, ଆପଣ ଭ୍ରମରେ ଅଛନ୍ତି । ଯିଏ ଜନ୍ମ-ମରଣ ଚକ୍ରରେ ଅଛନ୍ତି ସେ କଦାପି ପୂର୍ଣ୍ଣ ପରମାତ୍ମା ହୋଇପାରିବେ ନାହିଁ । ପୂର୍ଣ୍ଣ ପରମାତ୍ମା ତ ଅବିନାଶୀ (ଅମର) ଅଟନ୍ତି । ହନୁମାନ କହିଲେ, ହେ ଋଷିବର ! ଆପଣଙ୍କ କଥାରେ ମୁଁ ଦୁଃଖିତ । ମୋ ଭାବନାକୁ ଏହା ଆଘାତ କରୁଛି । ଦୟାକରି ଆପଣ ଅନ୍ୟ ପ୍ରସଙ୍ଗ

ଉପରେ ଚର୍ଚ୍ଚା କରନ୍ତୁ । ପରମେଶ୍ୱର କବୀର ଜୀ କହିଲେ, ଯଦି କୌଣସି ବ୍ୟକ୍ତି ଭୁଲ୍ ରାସ୍ତାରେ ଯାଉଛି ଏବଂ ସେହି ରାସ୍ତାକୁ ସେ ଠିକ୍ ବୋଲି ଭାବି ଆଗକୁ ଅଗ୍ରସର ହେଉଛି କିନ୍ତୁ ସେହି ରାସ୍ତାଟି ଡ଼କାୟତମାନଙ୍କ ଆଡ୍ଡା ଆଡ଼କୁ ଯାଉଛି । ଯଦି କୌଣସି ଭଦ୍ର ବ୍ୟକ୍ତି ସେହି ବ୍ୟକ୍ତିକୁ କହିବେ ଯେ ଯେଉଁ ରାସ୍ତାରେ ଆପଣ ଯାଉଛନ୍ତି, ସେହି ରାସ୍ତାରେ ଆପଣଙ୍କ ଜୀବନ-ଧନ ପ୍ରତି ବିପଦ ଅଛି, ଆଗରେ ଡ଼କାୟତମାନଙ୍କର ଆଡ୍ଡା ଅଛି । ଡକାୟତମାନେ ପ୍ରଥମେ ମାଡ଼ ଦିଅନ୍ତି, ପୁଣି ଲୁଣ୍ଠନ କରନ୍ତି । କିନ୍ତୁ ଏହି କଥାର ଭୁଲ ଅର୍ଥ କାଢି ସେହି ବ୍ୟକ୍ତି ଯଦି ଓଲଟା କହିବ ଯେ ଆପଣ ମୋ ଭାବନାକୁ ଆଘାତ କରୁଛନ୍ତି, ଏହା କେତେ ଦୁର ଯୁକ୍ତିସଙ୍ଗତ ? ହନୁମାନ ଚୁପ୍ ରହି ମୁରୁକି ହସିଲେ ଅର୍ଥାତ ମୌନ ରହି ସମ୍ମତି ଜଣାଇଲେ । ହନମାନଙ୍କ ମୁଖ ମଣ୍ଡଳରୁ ଶାନ୍ତିର ଆଭାସ ପାଇ ପରମେଶ୍ୱର କହିଲେ ଯେ ଶ୍ରୀ ରାମଚନ୍ଦ୍ର, ଶ୍ରୀ ବିଷ୍ଣୁଙ୍କର ଅବତାର ଅଟନ୍ତି । ଶ୍ରୀ ବିଷ୍ଣୁ, ଶ୍ରୀ ବ୍ରହ୍ମା, ଶ୍ରୀ ଶିବଙ୍କ ପିତା କାଳବ୍ରହ୍ମ ଅଟେ । ଏହି କାଳକୁ ଜ୍ୟୋତି ନିରଞ୍ଜନ ମଧ୍ୟ କୁହନ୍ତି । ନିଜ ଭୁଲ୍ ପାଇଁ କାଳକୁ ଏହି ଅଭିଶାପ ମିଳିଛି ଯେ, ଏକ ଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ସେ ପ୍ରତିଦିନ ଖାଇବ । ଲକ୍ଷେ ପଚିଶ ହଜାର ପ୍ରତି ଦିନ ଉତ୍ପନ୍ନ କରିବ । ଏହି କାର୍ଯ୍ୟ ସାଧନ ନିମନ୍ତେ ସେ ନିଜର ତିନି ପୁତ୍ରଙ୍କୁ ଗୋଟିଏ-ଗୋଟିଏ ବିଭାଗର ସ୍ୱାମୀ କରି ରଖିଛି । ଶ୍ରୀ ବ୍ରହ୍ମାଜୀ ରଜଗୁଣ ଅଟନ୍ତି, ଯାହାଙ୍କ ପ୍ରଭାବରେ ସମସ୍ତ ପ୍ରାଣୀ କ୍ରୀୟାଶୀଳ ହୋଇ ସନ୍ତାନ ଉତ୍ପତ୍ତି କରିଥାନ୍ତି । ସେଥିପାଇଁ ଆମ୍ଭେ ଭୁଲରେ ବ୍ରହ୍ମାଙ୍କୁ ଉତ୍ପତ୍ତିକର୍ତା ବୋଲି ମାନିଛେ, ଉତ୍ପତ୍ତିକର୍ତ୍ତା ତ ପୂର୍ଣ୍ଣ ପରମାତ୍ମା ଅଟନ୍ତି ।

କାଳ ନିଜର ଦ୍ୱିତୀୟ ପୁତ୍ର ବିଷ୍ଣୁଙ୍କୁ କର୍ମାନୁସାରେ ପାଳନପୋଷଣ କରିବା ବିଭାଗ ଦେଇଛନ୍ତି, ବିଷ୍ଣୁ ସତଗୁଣ ଅଟନ୍ତି । କାଳ ନିଜର ତୃତୀୟ ପୁତ୍ର ତମଗୁଣ ଶିବଙ୍କୁ ଏକ ଲକ୍ଷ ମାନବ ଶରୀରଧାରୀ ଜୀବଙ୍କୁ ମାରି ନିଜ ନିକଟକୁ ପଠାଇବା ବିଭାଗ ଦେଇଛି । ସେ ନିଜେ ଅବ୍ୟକ୍ତ (ଗୁପ୍ତ) ରହିଥାଏ । ଆପଣ ଭଲଭାବେ ଜାଣନ୍ତି ଯେ ଏଠାରେ କୌଣସି ବି ଜୀବ ଅମର ନୁହେଁ, ଦେବତାମାନେ ବି ମରୁଛନ୍ତି । ବ୍ରହ୍ମା-ବିଷ୍ଣୁ-ଶିବ ମଧ୍ୟ ଜନ୍ମନ୍ତି-ମରନ୍ତି । ସେମାନେ ପୂର୍ଣ୍ଣ ଆୟୁ ପର୍ଯ୍ୟନ୍ତ ବଞ୍ଚନ୍ତି । ସମସ୍ତଙ୍କର ବୃଦ୍ଧାବସ୍ଥା ମଧ୍ୟ ଆସିଥାଏ । କିନ୍ତୁ ଏଭଳି ଏକ ଲୋକ ଅଛି ଯେଉଁଠାରେ ବୃଦ୍ଧାବସ୍ଥା ଓ ମରଣ ନାହିଁ । ସେଠାରେ କୌଣସି ରାବଣ କାହା ପତ୍ନୀକୁ ଅପହରଣ କରେ ନାହିଁ । ଆପଣଙ୍କ ଆଖି ସାମ୍ନାରେ ଲଙ୍କାରେ ହୋଇଥିବା ରାମ-ରାବଣ ଯୁଦ୍ଧରେ କେବଳ ସୀତାଙ୍କୁ ମୁକ୍ତ କରିବା ପାଇଁ କେତେ ଯେ ବ୍ୟକ୍ତି-ପ୍ରାଣୀ ମଲେ । ଶ୍ରୀରାମଚନ୍ଦ୍ରଙ୍କ ପାଇଁ ଆପଣ ନିଜ ପ୍ରାଣର ବାଜି ଲଗାଇ ଲଙ୍କା ଦହନ କଲେ । ରାବଣର ଭାଇ ଅହିରାବଣ ଯିଏ କି ପାତାଳର ରାଜା ଥିଲା, ସେ ରାମ-ଲକ୍ଷ୍ମଣଙ୍କୁ ଅପହରଣ କରିନେଇ ସେମାନଙ୍କର ବଳି ଦେବାର ଥିଲା, ଆପଣ ସେଠାକୁ ମଧ୍ୟ ଗଲେ, ଦୁଇ ଭାଇଙ୍କୁ ଜୀବିତ ଅବସ୍ଥାରେ ଫେରାଇ ଆଣିଲେ । ଆପଣ ନିଜେ କୁହନ୍ତୁ, ଏମାନେ ପରମାତ୍ମା କି ? ଯୁଦ୍ଧ ସମୟରେ ଯେତେବେଳେ ନାଗଫାସ ଶସ୍ତ୍ର ପ୍ରୟୋଗ ହେବାରୁ ସର୍ପମାନେ ଶ୍ରୀରାମ, ଲକ୍ଷ୍ମଣ, ସମସ୍ତ ସେନା ଓ ଆପଣଙ୍କୁ ବାନ୍ଧି ଦେଇଥିଲେ । ସର୍ପ ବନ୍ଧନରେ ଆପଣମାନେ ସମସ୍ତେ ଥିଲେ । ସେତେବେଳେ ଆପଣମାନେ ସମସ୍ତେ ନିରୁପାୟ ଥିଲେ । ଅଳ୍ପ କିଛି ସମୟ ମଧ୍ୟରେ ରାବଣ ସେନା ଅତି ସହଜରେ ଆପଣମାନଙ୍କୁ ହତ୍ୟା କରିଥାନ୍ତେ । ସେତେବେଳେ ଗରୁଡ଼ଙ୍କୁ ଡ଼କାଗଲା । ସେ ନାଗଫାସ କାଟିବା ଦ୍ୱାରା ଆପଣ ଓ ରାମଚନ୍ଦ୍ର ବନ୍ଧନମୁକ୍ତ ହେଲେ । ଯଦି ପରମାତ୍ମା ନିରୁପାୟ ହୋଇ ନିଜକୁ ବନ୍ଧନ ମୁକ୍ତ ପାରିଲେ ନାହିଁ ତେବେ ତାଙ୍କ ଉପାସକଙ୍କର ଭକ୍ତଙ୍କର କି ଅବସ୍ଥା ହେବ ? ବିଚାର କରନ୍ତୁ ।

କାଟେ ବନ୍ଧନ ବିପତ ମେଁ, କଠିନ୍ କିୟେ ସଂଗ୍ରାମ ।
ଟିହ୍ନୋରେ ନର ପ୍ରାଣୀୟୋ, ଗରୁଡ଼ ବଡ଼ୋ କେ ରାମ ॥

ହନୁମାନ କହିଲେ, ଋଷିବର ! ସମୁଦ୍ର ଉପରେ ସେତୁ ନିର୍ମାଣ କୌଣସି ସାଧାରଣ ବ୍ୟକ୍ତି ଦ୍ୱାରା ସମ୍ଭବ ହେବ କି ? ପରମାତ୍ମାଙ୍କ ବିନା ନିର୍ମାଣ ହୋଇ ପାରିବ ନାହିଁ ।

ସମନ୍ଦର ପାଁଣ୍ଟି ଲଙ୍କା ଗୟୋ, ସୀତା କୋ ଭର୍‌ତାର୍ ।
ଅଗସ୍ତ ଋଷି ସାତୋଁ ପୀୟେ, ଇନ୍‌ମେଁ କୌନ କରତାର୍ ॥

ଶବ୍ଦାର୍ଥ :- ସମୁଦ୍ର ଉପରେ ସେତୁ ନିର୍ମାଣ କରିଦେଲେ ବୋଲି ଶ୍ରୀ ରାମଚନ୍ଦ୍ରଙ୍କୁ ଆପଣ ପରମାତ୍ମା ରୂପେ ସ୍ୱୀକାର କରୁଛନ୍ତି ତେବେ ଅଗସ୍ତି ଋଷି ସାତ ସମୁଦ୍ରର ଜଳକୁ ପିଇ ଦେଇଥିଲେ । ତେବେ ଏମାନଙ୍କ ମଧ୍ୟରୁ ପରମାତ୍ମା କିଏ ଅଟନ୍ତି ?

ଋଷି ମୁନୀନ୍ଦ୍ର କହିଲେ, ଆପଣ ଭୁଲିଗଲେ କି ? ଜଣେ ଋଷି ଆସିଥିଲେ । ନିଜ ବାଡ଼ି ଦ୍ୱାରା ଏକ ପର୍ବତର ଚାରିପଟେ ଗାର ଟାଣି ପଥରଗୁଡିକୁ ହାଲୁକା କରିବା ପରେ ପଥର ଭାସିଥିଲା ଓ ପୋଲ ନିର୍ମାଣ ହୋଇଥିଲା । ହନୁମାନ କହିଲେ, ସେ ତ ବିଶ୍ୱକର୍ମା ଥିଲେ ଯିଏ କି ରୂପ ବଦଳାଇ ଶ୍ରୀ ରାମଚନ୍ଦ୍ରଙ୍କ ଆମନ୍ତ୍ରଣରେ ଆସିଥିଲେ । ପରମେଶ୍ୱର କବୀର କହିଲେ, ବିଶ୍ୱକର୍ମା ପୋଲ ନିର୍ମାଣ କରିପାରିବେ, କିନ୍ତୁ ଜଳ ଉପରେ ପଥର ଭସାଇ ପାରିବେ ନାହିଁ । ନଳ-ନୀଳଙ୍କ ହାତରେ ସିଦ୍ଧି ଶକ୍ତି ଥିଲା । ସେମାନଙ୍କ ହାତର ବସ୍ତୁ ଜଳରେ ଭାସିଥାଏ । ସେଦିନ କିନ୍ତୁ ସେମାନଙ୍କ ମନରେ ଅଭିମାନ ଆସିଯାଇଥିଲା । ସେମାନଙ୍କର ଶକ୍ତି ସମାପ୍ତ ହୋଇ ଯାଇଥିଲା । ସେହି ଆଶୀର୍ବାଦ ମୁଁ ସେମାନଙ୍କୁ ଦେଇଥିଲି । ହନୁମାନ କହିଲେ, ଆପଣ ଋଷି ମୁନୀନ୍ଦ୍ର ଅଟନ୍ତି କି ? ପରମେଶ୍ୱର କହିଲେ, ହଁ । ମୁନୀନ୍ଦ୍ର କହିଲେ, ନିଜ ଜୀବନକୁ ଖାତିର ନ କରି ଆପଣ ଶ୍ରୀ ରାମଙ୍କ ପାଇଁ କ'ଣ ନ କରିଛନ୍ତି । ସୀତା ଯେତେବେଳେ ଆପଣଙ୍କୁ କଟୁ ବଚନ କହି ଘରୁ ଚାଲି ଯିବା ପାଇଁ କହିଲେ ସେତେବେଳେ ଶ୍ରୀରାମ ସେହିଠାରେ ହିଁ ବିରାଜମାନ ଥିଲେ । ପଦେ କଥା ମଧ୍ୟ କହିଲେ ନାହିଁ ଯେ ସୀତା ! ଏପରି କାହିଁକି କହୁଛ ? ଋଷିଙ୍କ ମୁଖରୁ ଏହି ବଚନ ଶୁଣି ପବନସୁତ ହୃଦୟରେ ଏହାକୁ ସ୍ୱୀକାର କରୁଥିଲେ ମାତ୍ର ଉପର ଦେଖାଣିଆ କହୁଥିଲେ ଯେ ଋଷିବର ! କାହାର ସମାଲୋଚନା କରିବା ଅନୁଚିତ । ମୁନୀନ୍ଦ୍ର କହିଲେ ସତ୍ୟ କହିବା ସମାଲୋଚନା ନୁହେଁ । ଶ୍ରୀ ରାମ ଓ ସୀତା ଯଦି ଉତ୍ତମ ଗୁଣବାନ ହୋଇଥାନ୍ତେ ତେବେ ଆପଣଙ୍କ ଉପକାର ସେମାନେ ଆଜୀବନ ଭୁଲି ପାରିନଥାନ୍ତେ ଏବଂ ସଦା ସର୍ବଦା ପାଇଁ ଆପଣଙ୍କୁ ନିଜ ଚରଣରେ ରଖିଥାନ୍ତେ । ସେମାନଙ୍କ ବିନ ଆପଣ ବଞ୍ଚିବାକୁ ଉଚିତ୍ ମନେକରନ୍ତି ନାହିଁ । ପୁଣି ଶୁଣନ୍ତୁ ! ଆପଣଙ୍କ ସହିତ ଯେଭଳି ବ୍ୟବହାର ସେମାନେ କଲେ, ତା'ର ଫଳ ମଧ୍ୟ ରାମ-ସୀତାଙ୍କୁ ମିଳିସାରିଛି । କିଛି ବର୍ଷ ପଶ୍ଚାତ୍ ଶ୍ରୀରାମ, ସୀତାଙ୍କୁ ଘରୁ ବାହାର କରି ଦେଇଥିଲେ । ସେତେବେଳେ ସେ ଗର୍ଭବତୀ ଥିଲେ । ଏହା ଶୁଣି ହନୁମାନଙ୍କ ନୟନରୁ ଅଶ୍ରୁ ବୋହି ଆସିଲା । ଋଷି ମହାତ୍ମାଙ୍କ ଚରଣ ତଳେ ସେ ପଡ଼ିଗଲେ । ତାଙ୍କ ମୁଖରୁ କୌଣସି ବଚନ ବାହାରି ନ ଥିଲା । ଅଯୋଧ୍ୟାବାସୀ ଦୀପାବଳୀ-ଦଶହରା ଦୁଇ ବର୍ଷ ପାଳନ କରିଥିଲେ । ତା'ପରେ ପାଳନ କରିବା ଏଥିପାଇଁ ବନ୍ଦ କରି ଦେଇଥିଲେ ଯେ ଯେଉଁ ଦେବୀଙ୍କ ପାଇଁ ରାବଣ ମଲା, ଆଜି ପୁଣି କେତେ ରାବଣର ପ୍ରତାଡନା ତାକୁ ସହ୍ୟ କରିବାକୁ ପଡିବ । ଦୀପାବଳୀ ଖୁସିର ପ୍ରତୀକ ଅଟେ । ରାଜା ଓ ରାଣୀ ମଧ୍ୟରେ ଯେତେବେଳେ ବିଚ୍ଛେଦ ହୋଇଗଲା ସେତେବେଳେ ନା ରାଜାକୁ ଦୀପାବଳୀ ଭଲ ଲାଗିଥିଲା ନା ପ୍ରଜାଙ୍କୁ । ଏହି କାରଣରୁ ଦୀପାବଳୀ ପର୍ବ ସେହି ସମୟରୁ ହିଁ ବନ୍ଦ ହୋଇଯାଇଥିଲା । କେବଳ ଦୁଇବର୍ଷ ପାଳନ କରାଯାଇଥିଲା, ସେହି ଆଧାରରେ ଭ୍ରମିତ ଶ୍ରଦ୍ଧାଳୁଗଣ ଏହି ପର୍ବକୁ ବାଧ୍ୟତାମୂଳକ କହି ଆଜି ପର୍ଯ୍ୟନ୍ତ ପାଳନ କରି ଚାଲିଛନ୍ତି ।

ଏହିଭଳି ଦଶହରା ଓ ରାବଣପୋଡ଼ି ପରମ୍ପରା ସମାଜରେ ପ୍ରଚଳିତ ଅଛି । କୌଣସି ପରିବାରରେ ଯେତେବେଳେ କୌଣସି ଯୁବକ ବା ଯୁବତୀର ମୃତ୍ୟୁ ହୋଇଯାଏ ସେତେବେଳେ ସେହି ପରିବାର ଲୋକେ ତଥା ତାଙ୍କ ସମ୍ପର୍କୀୟମାନେ କୌଣସି ପର୍ବ ପାଳନ କରିନଥାନ୍ତି ।

ହନୁମାନ କହିଲେ, ପ୍ରଭୁ ! ପରମେଶ୍ୱରଙ୍କର ଚର୍ଚ୍ଚା କରନ୍ତୁ । କବୀର ପରମେଶ୍ୱର ସୃଷ୍ଟି ରଚନା ଶୁଣାଇଲେ । ସତ୍ୟକଥା ଶୁଣି ହନୁମାନ ଗଦ୍‌ଗଦ୍ ହୋଇଗଲେ । ସତ୍ୟଲୋକ ଦେଖାଇବା ପାଇଁ ପ୍ରାର୍ଥନା କଲେ । ପରମେଶ୍ୱର ଆକାଶକୁ ଉଡ଼ିଗଲେ, ହନୁମାନ ତଳୁ ତାଙ୍କୁ ଦେଖୁଥାନ୍ତି । କିଛି ସମୟ ପାଇଁ ଅନ୍ତର୍ଧାନ ହୋଇଗଲେ । ହନୁମାନ ଏବେ ଚିନ୍ତାରେ ପଡିଗଲେ ଯେ ଋଷି ମହାତ୍ମା ପୁଣି କିପରି ମିଳିବେ ? ଇତି ମଧ୍ୟରେ ଆକାଶରେ ବିଶେଷ ପ୍ରକାରର ଆଲୋକ ଦେଖାଗଲା । ମୁନୀନ୍ଦ୍ରଜୀ, ହନୁମାନଙ୍କୁ ଦିବ୍ୟଦୃଷ୍ଟି ଦେଇ ସତଲୋକ ଦେଖାଇଲେ । ଋଷି ମୁନୀନ୍ଦ୍ର ସେଠାରେ ସିଂହାସନ ଉପରେ

ବସିଥିବାର ଦୃଶ୍ୟମାନ ହେଲେ । ତାଙ୍କ ଶରୀରର ପ୍ରକାଶ ଅତ୍ୟାଧିକ ଥିଲା । ରାଜାଙ୍କ ପରି ମସ୍ତକରେ ମୁକୁଟ ଓ ଉପରେ ଛତ୍ରୀ ଥିଲା । କିଛି ସମୟ ପାଇଁ ସେହି ଦୃଶ୍ୟ ଦେଖାଇ ହନୁମାନଙ୍କର ସେହି ଦିବ୍ୟ ଦୃଷ୍ଟି ସମାପ୍ତ କରି ଦେଲେ । ଏହାପରେ ମୁନୀନ୍ଦ୍ରଜୀ ତଳକୁ ଅବତରଣ କଲେ । ଏବେ ହନୁମାନଙ୍କୁ ବିଶ୍ୱାସ ହୋଇଗଲା ଯେ ଇଏ ପରମେଶ୍ୱର ଅଟନ୍ତି ତଥା ସତ୍ୟଲୋକ ହିଁ ସ୍ଥାୟୀ ସୁଖର ସ୍ଥାନ ଅଟେ । ହନୁମାନ, ପରମେଶ୍ୱର କବୀରଙ୍କ ଠାରୁ ଦୀକ୍ଷା ପ୍ରାପ୍ତ କରି ନିଜ ଜୀବନ ଧନ୍ୟ କରିବା ସହ ମୁକ୍ତିର ଅଧିକାରୀ ହେଲେ । ପବିତ୍ର ଆତ୍ମା, ପରମାର୍ଥୀ ସ୍ୱଭାବଯୁକ୍ତ ହନୁମାନଙ୍କୁ ପରମେଶ୍ୱର କବୀର ଜୀ ନିଜ ଶରଣକୁ ଏହିପରି ଭାବେ ନେଇଥିଲେ । ପରମାର୍ଥୀ ଆତ୍ମାକୁ ଏହି ସଂସାର ତଥା କାଳ ସ୍ୱାମୀ ଯଦିବା ପରୋପକାରର ଫଳ ଦିଅନ୍ତି ନାହିଁ, ମାତ୍ର ଏଭଳି ଆତ୍ମାଙ୍କୁ ପରମେଶ୍ୱର ନିଶ୍ଚୟ ନିଜ ଶରଣକୁ ନିଅନ୍ତି, କାରଣ ଏହିଭଳି ପୂଣ୍ୟାତ୍ମାମାନେ ପରମ ଭକ୍ତ ହୋଇ ଭକ୍ତି କରି ମୋକ୍ଷ ପ୍ରାପ୍ତି କରନ୍ତି । ଯେଉଁ ସାଂସାରିକ ବ୍ୟକ୍ତିମାନେ ପରମାର୍ଥୀଙ୍କୁ ପ୍ରତାରିତ କରନ୍ତି, ସେମାନେ ଆଜୀବନ କଷ୍ଟମୟ ଜୀବନଯାପନ କରିଥାନ୍ତି ।

ଅନ୍ତିମ ସମୟରେ ଶ୍ରୀ ରାମଚନ୍ଦ୍ର ନିଜ ପୁତ୍ର ଲବ-କୁଶଙ୍କ ଠାରୁ ପରାଜିତ ହୋଇଥିଲେ । ତାଙ୍କୁ ଦର୍ଶନ କରିବାକୁ ମଧ୍ୟ ସୀତା ଉଚିତ ମନେ କଲେ ନାହିଁ । ଚାହୁଁ-ଚାହୁଁ ଭୂଗର୍ଭରେ ଲୀନ ହୋଇଗଲେ । ଏହି ଗ୍ଲାନିରେ ଶ୍ରୀ ରାମଚନ୍ଦ୍ର ଅଯୋଧ୍ୟା ନିକଟରେ ପ୍ରଭାହିତ ସରୟୁ ନଦୀକୁ ଲମ୍ଫ ପ୍ରଦାନ କରି, ଜଳ ସମାଧି ନେଇ ନିଜ ଜୀବନ ଲୀଳାକୁ ସମାପ୍ତ କଲେ । ପରମାର୍ଥୀ ହନୁମାନଙ୍କୁ ଦୁଃଖୀ ବ୍ୟକ୍ତିଙ୍କର ନିସ୍ୱାର୍ଥ ସେବାର ଫଳ ମିଳିଲା । ପରମାତ୍ମା ସ୍ୱୟଂ ଆସି ମୋକ୍ଷ ମାର୍ଗ ବିଷୟରେ ଜ୍ଞାନ ଦେଲେ । ଜୀବର ଆତ୍ମ କଲ୍ୟାଣ ହେଲା । ହନୁମାନ ପୁନର୍ବାର ମାନବ ଜୀବନ ପ୍ରାପ୍ତ କରିବେ । ସେତେବେଳେ କବୀର ପରମେଶ୍ୱର ପୁଣି ତାଙ୍କୁ ଶରଣକୁ ନେଇ ମୁକ୍ତ କରିବେ । ସେହି ଆତ୍ମା ମଧ୍ୟରେ ସତ୍ୟ ଭକ୍ତିର ବୀଜ ଅଙ୍କୁରିତ ହୋଇସାରିଛି ।

ଆମ୍ଭେମାନେ କାଳ ଜାଲରେ କିପରି ଫସିଲେ ?

ଏହାର ଉତ୍ତର ପାଇବା ପାଇଁ କୃପାକରି ପଢ଼ନ୍ତୁ "ସୃଷ୍ଟି ରଚନା" ଅଧ୍ୟାୟ, ଏହି ପୁସ୍ତକ "ଜୀବନର ମାର୍ଗ"ରେ ଯାହା ପୃଷ୍ଠା ନଂ୨୪୮ ରୁ ୨୯୬ ମଧ୍ୟରେ ଅଛି ।

''କାଳ ସହିତ କବୀର ପରମେଶ୍ୱରଙ୍କର ବାର୍ତ୍ତା''

ବର୍ତ୍ତମାନ ଆମ୍ଭେ କାଳ ଲୋକରେ ରହୁଅଛେ । ଆତ୍ମା ଉପରେ ଅନେକ ସ୍ଥୂଳ ଶରୀର ଚଢ଼ାଇ କାଳ ପୁରୁଷ ଆତ୍ମାକୁ ଜୀବ କରିଦେଇଛି । ଇଏ ଜୀବକୁ ଭ୍ରମିତ କରି ରଖିଛି । ପୂର୍ଣ୍ଣ ପରମାତ୍ମା ଆମ୍ଭମାନଙ୍କର ଜନକ ଅଟନ୍ତି, ଏହା ଆମ୍ଭେ ଜାଣିପାରୁ ନାହୁଁ କାରଣ କାଳ ଆମ୍ଭକୁ ଭ୍ରମିତ କରି ଦେଇଛି । ନିଜକୁ ପରମାତ୍ମା ବୋଲି ସିଦ୍ଧ କରୁଛି । ପରମାତ୍ମାଙ୍କ ଅଂଶ ଜୀବାତ୍ମାକୁ ଇଏ ଜାଣିଶୁଣି କଷ୍ଟ ଦେଉଛି ଯେମିତି ପରମାତ୍ମା ଦୁଃଖି ହୁଅନ୍ତୁ । ପ୍ରତ୍ୟେକ ଆତ୍ମା ସହିତ ଇଏ ମନ ରୂପରେ ରହି ଭୁଲ କାର୍ଯ୍ୟ କରାଇଥାଏ, କିନ୍ତୁ ଦଣ୍ଡ ଜୀବାତ୍ମା ଭୋଗିଥାଏ । ମଦ-ଗଞ୍ଜେଇ ପରି ନିଶା ସେବନରେ ଅଭ୍ୟସ୍ତ କରାଇବା, ବଳାତ୍କାର (Rape) ପରି ଅନ୍ୟାନ୍ୟ ପାପ କରାଇବା । ମନ ରୂପରେ କାଳ ଏସବୁ କରାଇଥାଏ । ଯେତେବେଳେ ଆପଣ ଲେଖକ (ସନ୍ତ ରାମପାଲ)ଠାରୁ ଦୀକ୍ଷା ନେବେ ସେତେବେଳେ କାଳ ସିଧା ଚାଲିବ ଅର୍ଥାତ୍ ମନ ଉପରେ ପ୍ରଭାବ ବିସ୍ତାର କରିପାରିବ ନାହିଁ କାରଣ ଜୀବାତ୍ମା ସହିତ ପରମାତ୍ମାଙ୍କର ଶକ୍ତି ରହିଥାଏ । ଆତ୍ମା ତତ୍ତ୍ୱଜ୍ଞାନ ଦ୍ୱାରା ବିବେକଶୀଳ ହୋଇଯାଏ । ପରମାତ୍ମାଙ୍କ ଶକ୍ତି ବଳରେ ଆତ୍ମା ଦୃଢ଼ ହୋଇଯାଏ । କାଳବ୍ରହ୍ମ କେବଳ କବୀର ପରମାତ୍ମାଙ୍କୁ ହିଁ ଭୟ କରିଥାଏ । ସନ୍ତ ଗରିବ ଦାସଜୀ କହିଛନ୍ତି ଯେ:-

କାଳ ଡ଼ରେ କରତାର୍ ସେ, ଜୟ-ଜୟ-ଜୟ ଜଗଦୀଶ୍ ।
ଜୌରା ଜୋଡ଼ୀ ଝାଡ଼ୁତା, ପଗ ରଜ ଡ଼ାରେ ଶୀଶ ॥
ଗରୀବ, କାଳ ଜୋ ପୀସେ ପୀସନା, ଜୌରା ହୈ ପନିହାର ।
ଯେ ଦୋ ଅସଲ ମଜଦୂର୍ ହୈଁ, ସତଗୁରୁ କବୀର କେ ଦରବାର୍ ॥

ଭାବାର୍ଥ ଏକଦମ୍ ସ୍ପଷ୍ଟ ଯେ ପରମାତ୍ମା କବୀର ଜୀ ଆମ୍ଭମାନଙ୍କର ଆତ୍ମାକୁ କାଳ ଜାଲରୁ ବାହାର କରିବା ପାଇଁ ପ୍ରୟାସ କରୁଛନ୍ତି । କାଳବ୍ରହ୍ମ ଆତ୍ମାମାନଙ୍କୁ ଫସାଇ ରଖିବା ପାଇଁ ପ୍ରଚେଷ୍ଟା କରୁଛି । ପରବର୍ତ୍ତୀ ପ୍ରସଙ୍ଗରେ ଏହାର ପ୍ରତ୍ୟକ୍ଷ ପ୍ରମାଣ ଅଛି ।

ସର୍ବବ୍ରହ୍ମାଣ୍ଡର ରଚନା କରି ପରମେଶ୍ୱର ଯେତେବେଳେ ନିଜ ଲୋକରେ ବିଶ୍ରାମ କରିବାକୁ ଲାଗିଲେ, ତତ୍‌ପଶ୍ଚାତ ଆମ୍ଭେ ସମସ୍ତେ କାଳ ବ୍ରହ୍ମାଣ୍ଡରେ ଅବସ୍ଥାନ କରିବା ପୂର୍ବକ ନିଜ କୃତକର୍ମର ଦଣ୍ଡ ଭୋଗିବା ସହିତ ବହୁତ ଦୁଃଖରେ ସମୟ ଅତିବାହିତ କରିବାକୁ ଲାଗିଲୁ । ସୁଖ ଓ ଶାନ୍ତି ଅନ୍ୱେଷଣରେ ପଥଭ୍ରଷ୍ଟ ହେଲୁ ଏବଂ ଆମ୍ଭକୁ ଆମ୍ଭ ନିଜ ଘର ସତଲୋକର ସ୍ମୃତି କଷ୍ଟ ଦେଲା ତଥା ସେଠାକୁ ପୁଣି ଫେରିଯିବା ପାଇଁ ଆମ୍ଭେ ଭକ୍ତି ପ୍ରାରମ୍ଭ କଲୁ । କେହି କେହି ଚାରି ବେଦକୁ କଣ୍ଠସ୍ଥ କଲା ତ କେହି କଠିନ ତପ କରିବାକୁ ଲାଗିଲେ ଏବଂ ହୋମଯଜ୍ଞ, ଧ୍ୟାନ, ସମାଧି ଇତ୍ୟାଦି କ୍ରୀୟାର ପ୍ରାରମ୍ଭ ହେଲା, କିନ୍ତୁ ନିଜ ଘର ସତ୍ୟଲୋକକୁ ଆମ୍ଭେ ଫେରିଯାଇ ପାରିଲୁ ନାହିଁ କାରଣ ଉପରୋକ୍ତ କ୍ରିୟାଗୁଡ଼ିକୁ କରିବା ଦ୍ୱାରା ପରଜନ୍ମରେ ଆଗାମୀ ଉତ୍ତମ ସମୃଦ୍ଧ ଜୀବନ ପ୍ରାପ୍ତ କରି (ଯେପରି ରାଜା-ମହାରଜା, ବଡ଼ ବ୍ୟବସାୟୀ, ଉଚ୍ଚ ପଦାଧିକାରୀ, ଦେବ-ମହାଦେବ, ସ୍ୱର୍ଗ-ମହାସ୍ୱର୍ଗ ଆଦିକୁ ଯାଇସାରି) ପୁଣି ଚୌରାଶୀ ଲକ୍ଷ ଯୋନିର କଷ୍ଟ ଭୋଗିବାକୁ ଲାଗିଲୁ । ବହୁ ଚିନ୍ତାଗ୍ରସ୍ତ ହୋଇ ରହିବାକୁ ଲାଗିଲୁ ଏବଂ ପରମପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ଲାଗିଲୁ ଯେ ହେ କୃପାସିନ୍ଧୁ ! ଆମ୍ଭକୁ ଅମ୍ଭ ନିଜ ଘର ସତଲୋକର ରାସ୍ତା ଦେଖାନ୍ତୁ । ଅମ୍ଭେ ହୃଦୟର ସହିତ ଆପଣଙ୍କର ଭକ୍ତି କରୁଛୁ, ଆପଣ ଆମ୍ଭଙ୍କୁ ଦର୍ଶନ କାହିଁକି ଦେଉନାହାଁନ୍ତି ?

କବୀର ସାହେବ, ଧର୍ମଦାସଜୀଙ୍କୁ ଏହି ବୃତ୍ତାନ୍ତ ଜଣାଇବାକୁ ଯାଇ କହିଲେ, ଧର୍ମଦାସ ! ଏହି ଜୀବମାନଙ୍କର ଆକୁଳ ନିବେଦନ ଶୁଣି ନିଜ ସତ୍ୟଲୋକରୁ ମୁଁ ଯୋଗଜୀତ ରୂପ ଧାରଣ କରି ଏହି କାଳ ଲୋକକୁ ଆସି ଦେଖିଲି ଯେ ଏକୋଇଶତମ ବ୍ରହ୍ମାଣ୍ଡରେ (କାଳର ନିଜ ଘର) ଥିବା ତପ୍‌ଶିଳା ଉପରେ ଜୀବମାନଙ୍କୁ ଭାଜି ସେମାନଙ୍କ ସୂକ୍ଷ୍ମ ଶରୀରରୁ ଗନ୍ଧ ବାହାର କରାଯାଉଥିଲା । ମୁଁ ପହଞ୍ଚିବା ପରେ ସେହି ଜୀବମାନଙ୍କର ଜ୍ୱଳନ ସମାପ୍ତ ହୋଇଗଲା । ସେମାନେ ମୋତେ ଦେଖି କହିଲେ, ହେ ପୁରୁଷ ! ଆପଣ କିଏ ? ଆପଣଙ୍କ ଦର୍ଶନ ମାତ୍ରେ ଆମ୍ଭଙ୍କୁ ବହୁତ ସୁଖ ଓ ଶାନ୍ତିର ଆଭାଷ ହେଉଛି । ତା'ପରେ ମୁଁ ସେମାନଙ୍କୁ ଜଣାଇଲି ଯେ, ମୁଁ ପାରବ୍ରହ୍ମ ପରମେଶ୍ୱର କବୀର ଅଟେ । ଆପଣମାନେ (ସମସ୍ତ ଜୀବ) ମୋ ଲୋକରୁ ଆସି କାଳ ବ୍ରହ୍ମର ଏହି ଲୋକରେ ଫସି ଯାଇଛ । ଏହି କାଳପୁରୁଷ ପ୍ରତିଦିନ ଏକଲକ୍ଷ ମାନବଙ୍କର ସୂକ୍ଷ୍ମ ଶରୀରରୁ ଗନ୍ଧ ବାହାର କରି ଖାଇଥାଏ, ତା'ପରେ କର୍ମ ଦଣ୍ଡ ଭୋଗିବା ପାଇଁ ନାନା ପ୍ରକାରର ଯୋନିରେ ଛାଡ଼ି ଦେଇଥାଏ । ଏହାଶୁଣି ଜୀବାତ୍ମାମାନେ କହିଲେ, ହେ ଦୟାଳୁ ପରମେଶ୍ୱର ! ଆମ୍ଭମାନଙ୍କୁ ଏହି କାଳ ଜେଲରୁ ମୁକ୍ତ କରାନ୍ତୁ । ମୁଁ କହିଲି, ତିନିଥର ତପ କରି କାଳ ଏହି ୨୧ବ୍ରହ୍ମାଣ୍ଡ ମୋ ଠାରୁ ପ୍ରାପ୍ତ କରିଛି । ଆପଣମାନେ ଏଠାରେ ଯେଉଁ ସବୁ ବସ୍ତୁ ବ୍ୟବହାର କରୁଛନ୍ତି ଏସବୁ କାଳର ଅଟେ ଏବଂ ଆପଣମାନେ ସମସ୍ତେ ନିଜ ନିଜ ଇଚ୍ଛାରେ ଏଠାକୁ ବୁଲିବାକୁ ଆସିଛନ୍ତି । ଏଥିପାଇଁ ଆପଣମାନଙ୍କ ଉପରେ କାଳବ୍ରହ୍ମର ଅତ୍ୟଧିକ ଋଣ ହୋଇସାରିଛି ଏବଂ ମୋ ବାସ୍ତବିକ ନାମର ଜପ ବିନା ଏହି ଋଣ ପରିଶୋଧ ହୋଇପାରିବ ନାହିଁ ।

ଯେ ପର୍ଯ୍ୟନ୍ତ ଆପଣ ଋଣମୁକ୍ତ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ କାଳ ବ୍ରହ୍ମର ଏହି ଜେଲରୁ ଆପଣ ବାହାରକୁ ଯାଇ ପାରିବେ ନାହିଁ । ସେଥିପାଇଁ ଆପଣମାନଙ୍କୁ ମୋ ଠାରୁ ନାମ ଉପଦେଶ ନେଇ ଭକ୍ତି କରିବାକୁ ପଡ଼ିବ । ତେବେ ଯାଇ ମୁଁ ଆପଣମାନଙ୍କୁ ମୁକ୍ତ କରି ନେଇଯିବି । ଏହି ବିଷୟରେ ଆମ୍ଭେ କଥାବାର୍ତ୍ତା ହେଉଥିବା ସମୟରେ କାଳବ୍ରହ୍ମ ସେଠାରେ ପ୍ରକଟ ହୋଇଗଲା ଏବଂ ସେ ବହୁତ କ୍ରୋଧିତ ହୋଇ ମୋ ଉପରକୁ ଆକ୍ରମଣ କଲା । ମୁଁ ମୋ ଶବ୍ଦ ଶକ୍ତି ଦ୍ୱାରା ତାକୁ ମୁର୍ଚ୍ଛିତ କରିଦେଲି । ପୁଣି କିଛି ସମୟ ପରେ ତା'ର ଚେତା ଆସିଲା । ମୋ ଚରଣ ତଳେ ପଡ଼ି ଯାଇ କ୍ଷମା ପ୍ରାର୍ଥନା କରିବାକୁ ଲାଗିଲା ଏବଂ କହିଲା ଯେ ଆପଣ ମୋ ଠାରୁ ବଡ, ମୋ ଉପରେ ଟିକେ

ଦୟା କରନ୍ତୁ ଏବଂ ମୋତେ କୁହନ୍ତୁ ଯେ ଆପଣ ମୋ ଲୋକକୁ କ'ଣ ପାଇଁ ଆସିଛନ୍ତି ? ଏହା ଶୁଣି ମୁଁ କାଳ ପୁରୁଷକୁ କହିଲି ଯେ କିଛି ଜୀବାତ୍ମା ଭକ୍ତି କରି ନିଜ ସ୍ୱଗୃହ ସତ୍‌ଲୋକକୁ ଫେରି ଯିବାକୁ ଚାହୁଁଛନ୍ତି । ସେମାନଙ୍କୁ ସତ୍ୟ ଭକ୍ତି ମାର୍ଗ ବିଷୟରେ ଜଣାଇବା ପାଇଁ ଏବଂ ତୋର ଏହି ଭେଦ ବତାଇବା ପାଇଁ ମୁଁ ଏଠାକୁ ଆସିଛି ଯେ ତୁ କାଳ ଅଟୁ, ଏକ ଲକ୍ଷ ମାନବ ଶରୀରଧାରି ଜୀବ ପ୍ରତିଦିନ ଆହାର କରୁଛୁ ଏବଂ ଲକ୍ଷେ ପଚିଶ ହଜାର ଜୀବଙ୍କୁ ଉତ୍ପନ୍ନ କରୁଛୁ ତଥା ନିଜେ ଭଗବାନ ହୋଇ ବସିଛୁ । ମୁଁ ଏମାନଙ୍କୁ କହିଦେବି ଯେ ତୁମ୍ଭେମାନେ ଯାହାର ଭକ୍ତି କରୁଛ, ସେ ଭଗବାନ ନୁହେଁ, ସେ କାଳ ଅଟେ । ଏହା ଶୁଣି କାଳ କହିଲା, ଯଦି ସବୁ ଜୀବ ସତଲୋକୁ ଫେରିଯିବେ ତେବେ ମୋ ଭୋଜନ ବ୍ୟବସ୍ଥା କେମିତି ହେବ ? ମୁଁ ଭୋକରେ ମରିଯିବି । ଆପଣଙ୍କୁ ମୋର ଏହି ପ୍ରାର୍ଥନା ଯେ ତିନି ଯୁଗରେ କମ ସଂଖ୍ୟାରେ ଜୀବ ନେବେ ଏବଂ ମୋର ଏହି ଭେଦ ବିଷୟରେ କାହାକୁ କହିବେ ନାହିଁ ଯେ ମୁଁ କାଳ, ସମସ୍ତଙ୍କୁ ଖାଉଛି । କଳିଯୁଗ ଆସିଲେ ଯେତେ ଇଚ୍ଛା ସେତେ ଜୀବ ଆପଣ ନେଇଯିବେ । କାଳ ମୋତେ ଏହି ଭଳି ବଚନବଦ୍ଧ କରାଇଥିଲା । କବୀର ସାହେବ ଧର୍ମଦାସଙ୍କୁ ପୁଣି କହିଲେ ଯେ ସତ୍ୟଯୁଗ, ତ୍ରେତୟା ଯୁଗ, ଦ୍ୱାପର ଯୁଗରେ ମଧ୍ୟ ମୁଁ ଆସିଥିଲି ଏବଂ ବହୁତ ଜୀବଙ୍କୁ ସତ୍ୟଲୋକ ନେଇ ଯାଇଥିଲି କିନ୍ତୁ ଏହାର ଭେଦ କହି ନଥିଲି । ଏବେ ମୁଁ କଳି ଯୁଗରେ ଆସିଛି ଏବଂ କାଳ ସହିତ ମୋର ବାର୍ତ୍ତା ହୋଇଛି । କାଳ ବ୍ରହ୍ମ ମୋତେ କହିଛି, ଏବେ ଆପଣ ଯେତେ ଚେଷ୍ଟା କରନ୍ତୁ, ଆପଣଙ୍କ କଥା କେହି ଶୁଣିବେ ନାହିଁ । ପ୍ରଥମେ ତ ମୁଁ ସେମାନଙ୍କୁ ଭକ୍ତି କରିବା ଅବସ୍ଥାରେ ହିଁ ରଖିନାହିଁ । ସେମାନଙ୍କୁ ବିଡ଼ି, ସିଗାରେଟ୍, ମଦ, ମାଂସ ଆଦି ଦୁର୍ବ୍ୟସନରେ ଅଭ୍ୟସ୍ତ କରାଇ ସେମାନଙ୍କର ପ୍ରବୃତ୍ତି ବଦଳାଇ ଦେଇଛି । ଜୀବାତ୍ମାମାନଙ୍କୁ ନାନା ପ୍ରକାରର ଶାସ୍ତ୍ରବିରୁଦ୍ଧ ପୂଜାରେ ଲଗାଇ ଦେଇଛି । ଦ୍ୱିତୀୟରେ ନିଜ ଜ୍ଞାନ ଦେଇ ଆପଣ ପୁନର୍ବାର ନିଜ ଲୋକକୁ ଫେରିଯିବା ପରେ ମୁଁ (କାଳ) ମୋ ଦୂତମାନଙ୍କୁ ପ୍ରେରଣ କରି ଆପଣଙ୍କ ମାର୍ଗ ସହିତ ମେଳ ଖାଉଥିବା (ସାମଞ୍ଜସ୍ୟ ଥିବା) ବାର (୧୨) ପ୍ରକାରର ପନ୍ଥ (ମାର୍ଗ) ଆରମ୍ଭ କରିଦେଇ ଜୀବମାନଙ୍କୁ ଭ୍ରମିତ କରିଦେବି । ସେମାନେ ସତ୍ୟଲୋକର ମହିମା ଗାନ କରିବେ, ଆପଣଙ୍କ ଜ୍ଞାନ ବିଷୟରେ ଆଲୋଚନା କରିବେ (ପ୍ରବଚନ ଦେବେ) କିନ୍ତୁ ନାମ (ମନ୍ତ୍ର)ଜପ କରିବେ ମୋର, ଯାହାର ପରିଣାମ ସ୍ୱରୂପ ସେମାନେ ମୋର ଭୋଜନ ହେବେ । ଏହି କଥା ଶୁଣି କବୀର ସାହେବ କହିଲେ, ତୁ ତୋ ଚେଷ୍ଟା ଜାରି ରଖ, ମୁଁ କିନ୍ତୁ ସତ୍ୟମାର୍ଗର ଜ୍ଞାନ ପ୍ରଦାନ କରିବା ପରେ ହିଁ ଫେରିବି ଏବଂ ଯେଉଁମାନେ ମୋ ଜ୍ଞାନକୁ ହୃଦୟରେ ଧାରଣ କରିପାରିବ ସେମାନେ ତୋ ପ୍ରରୋଚନାରେ ପଡି କଦାପି ଭ୍ରମିତ ହେବେ ନାହିଁ ।

ସତଗୁରୁ କବୀର ସାହେବ କହିଲେ, ହେ ନିରଞ୍ଜନ ! ଯଦି ମୁଁ ଚାହିଁବି ତେବେ ତୋର ସମସ୍ତ ଖେଳକୁ ଗୋଟିଏ କ୍ଷଣରେ ସମାପ୍ତ କରିଦେବି, କିନ୍ତୁ ଏପରି କରିବା ଦ୍ୱାର ମୋ ବଚନ ଭଙ୍ଗ ହେବ । ଏହି ବିଚାର କରି ମୋ ପ୍ରିୟ ହଂସମାନଙ୍କୁ ମୁଁ ଯଥାର୍ଥ ଜ୍ଞାନ ଦେଇ, ଶବ୍ଦ (ମନ୍ତ୍ର)ର ଶକ୍ତି ପ୍ରଦାନ କରି ସତ୍ୟଲୋକ ନେଇଯିବି ଏବଂ କହିଲେ ଯେ:-

କହୋ କବୀର ସୁନୋ ଧର୍ମରାୟା, ହମ ଶଙ୍କୋ ହଂସା ପଦ ପରସାୟା ।
ଜିନ ଲୀହ୍ନା ହମରା ପ୍ରବାନା, ସୋ ହଂସା ହମ କିଏ ଅମାନା ॥

(ଜୀବମାନଙ୍କୁ ମାୟାଜାଲ(କୁହେଳିକା)ମଧ୍ୟରେ ବାନ୍ଧି ରଖିବା ତଥା ନିଜ ଭୋକ ମେଣ୍ଟାଇବା ପାଇଁ କାଳପୁରୁଷ ପାଞ୍ଚିଥିବା ବିଭିନ୍ନ ଉପାୟର ବର୍ଣ୍ଣନା, ପବିତ୍ର କବୀର ସାଗରରେ)

ଦ୍ୱାଦସ ପନ୍ଥ କରୁ ମୈଁ ସାଜା, ନାମ ତୁହ୍ଲାରା ଲେ କରୁଁ ଅବାଜା ।
ଦ୍ୱାଦସ ଯମ ସଂସାର ପଠୋହେ, ନାମ ତୁହ୍ଲାରେ ପନ୍ଥ ଚଲୈହୋ ॥
ପ୍ରଥମ ଦୂତ ମମ ପ୍ରଗଟେ ଜାଇ, ପୀଛେ ଅଂଶ ତୁହ୍ଲାରା ଆଇ ॥
ଯହୀ ବିଧି ଜୀବୋଁ କୋ ଭ୍ରମାଉଁ, ପୁରୁଷ ନାମ ଜୀବ ସମ୍ଝାଉଁ ॥
ଦ୍ୱାଦସ ପନ୍ଥ ନାମ ଜୋ ଲୈହେ, ସୋ ହମରେ ମୁଖ ଆନ ସମୈ ହୈ ॥

କହା ତୁହ୍ଳାରା ଜୀବ ନେହୀଁ ମାନେ, ହମାରୀ ଔର ହୋୟ ବାଦ ବଖାନୈ ॥
ମେଁ ଦୃଢ ଫନ୍ଦା ରଚୀ ବନାଇ, ଜାମୈଁ ଜୀବ ରହେ ଉରଝାଇ ॥
ଯଜ୍ଞ ହୋମ ଅରୁ ନେମ ଅଚାରା, ଔର ଅନେକ ଫନ୍ଦ ମେଁ ଡ଼ାରା ॥
ଜୋ ଜ୍ଞାନୀ ଜାଓ ସଂସାରା, ଜୀବ ନା ମାନେ କହା ତୁହ୍ଳାରା ॥

(ସତ୍‌ଗୁରୁଙ୍କ ବଚନ)

ଜ୍ଞାନୀ କହେ ସୁନୋ ଅନ୍ୟାୟୀ, କାଟେଁ ଫନ୍ଦ ଜୀବ ଲେ ଜାଇ ॥
ଜେତିକ ଫନ୍ଦ ତୁମ ରଚେ ବିଚାରୀ, ସତ୍ୟ ଶବଦ ତୈ ସବୈ ବିଡ଼ାରୀ ॥
ଜୌନ ଜୀବ ହମ ଶବ୍ଦ ଦୃଢାବୈ, ଫନ୍ଦ ତୁହ୍ଳାରା ସକାଲ ମୁକ୍ତାବୈ ॥
ଚୌକା କର ପ୍ରବାନା ପାଇ, ପୁରୁଷ ନାମ ତିହି ଦେଉଁ ଚିହ୍ନାଇ ॥
ତାକେ ନିକଟ କାଲ ନେହୀଁ ଆବୈ, ସନ୍ଧି ଦେଖି ତାକହ ସିର ନାବୈ ॥

ଉପରୋକ୍ତ ବିବରଣୀରୁ ଏହା ପ୍ରମାଣିତ ହେଉଛି ଯେ ସଂସାରରେ ଚାଲିଥିବା ଅନେକ ପନ୍ଥ (ମାର୍ଗ), ଯେଉଁମାନଙ୍କ ପାଖରେ କବୀର ସାହେବଙ୍କ ଦ୍ୱାରା ନିର୍ଦ୍ଦେଶିତ ସତ୍ୟଭକ୍ତି ମାର୍ଗ ନାହିଁ,ଏମାନେ ସମସ୍ତେ କାଳ ପ୍ରେରିତ ଅଟନ୍ତି । ତେଣୁ ବୁଦ୍ଧିମାନ ବ୍ୟକ୍ତି ବୁଝି ବିଚାରି ଭକ୍ତି ମାର୍ଗ ଆପଣେଇବା ଉଚିତ କାରଣ ମନୁଷ୍ୟ ଜନ୍ମ ଅମୂଲ୍ୟ ଅଟେ, ଏହା ବାରମ୍ବାର ମିଳେନାହିଁ । କବୀର ସାହେବ କୁହନ୍ତି ଯେ:-

କବୀର ମାନୁଷ ଜନ୍ମ ଦୁର୍ଲଭ ହୈ, ମିଲେ ନା ବାରମ୍ବାର ।
ତରୁବର ସେ ପତ୍ତା ଟୁଟ ଗିରେ, ବହୁର ନା ଲଗତା ଡ଼ାରି ॥

ତିନି ଯୁଗରେ ଅଳ୍ପ ସଂଖ୍ୟକ ଜୀବ ନେବା ପାଇଁ
କାଳ ନିରଞ୍ଜନ ଦ୍ୱାରା କବୀରଜୀଙ୍କୁ ବଚନବଦ୍ଧ କରାଇବା ।
(ବିସ୍ତୃତ ଓ ସମ୍ପୂର୍ଣ୍ଣ ବର୍ଣ୍ଣନ)

ପ୍ରଶ୍ନ :- କବୀରଙ୍କ ନାମରେ ଚାଲୁଥିବା ୧୨ ଟି ପନ୍ଥ (ମାର୍ଗ)ର ବାସ୍ତବିକ ମୁଖିଆ କିଏ ତଥା ତ୍ରୟୋଦଶତମ ପନ୍ଥ କାହା ଦ୍ୱାରା ପରିଚାଳିତ ହେବ ?

ଉତ୍ତର :- କବୀର ସାଗରର ସଂଶୋଧନ କର୍ତ୍ତା ସ୍ୱାମୀ ଯୁଗଳାନନ୍ଦ (ବିହାରୀ) ଦୁଃଖ ପ୍ରକାଶ କରି କହିଛନ୍ତି ଯେ ଅନେକ ସମୟରେ କବୀରଜୀଙ୍କ ଗ୍ରନ୍ଥରେ ଅଦଳ ବଦଳ କରି ସେଗୁଡ଼ିକର ଅର୍ଥକୁ ଅନର୍ଥ କରାଯାଇଛି ।

ଉଦାହରଣ:- ଯୋଗଜୀତ ରୂପରେ ପରମେଶ୍ୱର କବୀର ସହେବଙ୍କର କାଳ ବ୍ରହ୍ମ ସହିତ ବିବାଦ ହୋଇଥିଲା । ତାହା "ସ୍ୱସମବେଦ ବୋଧ" ପୃଷ୍ଠା ନଂ୧୧୭ ରୁ ୧୨୨ ତଥା "ଅନୁରାଗ ସାଗର" ପୃଷ୍ଠା ନଂ ୬୦ ରୁ ୬୭ ରେ ଅଛି ।

ପରମେଶ୍ୱର କବୀର ନିଜ ପୁତ୍ର ଯୋଗଜୀତ ରୂପ ଧାରଣ କରି କାଳର ପ୍ରଥମ ବ୍ରହ୍ମାଣ୍ଡରେ ପ୍ରକଟ ହେଲେ ଯାହା ଏକୋଇଶତମ ବ୍ରହ୍ମାଣ୍ଡ ଅଟେ, ଯେଉଁଠି ତପସ୍ଶିଳା ଅଛି । କାଳବ୍ରହ୍ମ ଯୋଗଜୀତଙ୍କ ସହିତ ବିବାଦ କଲା । ତା'ପରେ ନିରୁପାୟ ହୋଇ ଚରଣ ଧରି କ୍ଷମା ପ୍ରର୍ଥାନା କଲା ତଥା କିଛି ସୁବିଧା ପ୍ରାପ୍ତି କରିବା ପାଇଁ ପ୍ରତିଜ୍ଞା ମଧ୍ୟ କରାଇଲା ।

୧. ତିନି ଯୁଗ (ସତ୍ୟ ଯୁଗ, ତ୍ରେତା ଯୁଗ, ଦ୍ୱାପର ଯୁଗ)ରେ କମ ସଂଖ୍ୟକ ଜୀବଙ୍କୁ ପାରି କରିବେ ।
୨. ଜୀବମାନଙ୍କୁ ଜୋର ଜବରଦସ୍ତି ମୋ ଲୋକରୁ ନେବେ ନାହିଁ ।
୩. ଆପଣ ଆପଣଙ୍କ ଜ୍ଞାନ ବୁଝାଇବେ । ଯିଏ ଆପଣଙ୍କ ଜ୍ଞାନକୁ ସ୍ୱୀକାର କରିବ ସେ ଆପଣଙ୍କର ଏବଂ ଯିଏ ମୋର ଜ୍ଞାନକୁ ସ୍ୱୀକାର କରିବ ସେ ମୋର ହେବ ।
୪. କଳିଯୁଗରେ ପ୍ରଥମେ ମୋ ଦୂତମାନେ ପ୍ରକଟ ହେବେ, ପରେ ଆପଣଙ୍କ ଦୂତ ଯିବେ ।
୫. ତ୍ରେତୟା ଯୁଗରେ ସମୁଦ୍ର ଉପରେ ଆପଣ ସେତୁ ନିର୍ମାଣ କରିବେ । ସେତେବେଳେ ମୋ ପୁତ୍ର ବିଷ୍ଣୁ, ରାମଚନ୍ଦ୍ର ରୂପରେ ଲଙ୍କାର ରାଜା ରାବଣ ସହିତ ଯୁଦ୍ଧ କରିବ, ସମୁଦ୍ର ରାସ୍ତା ଛାଡିବ ନାହିଁ ।

୬. ଦ୍ୱାପର ଯୁଗରେ ବୌଦ୍ଧ ଶରୀର ତ୍ୟାଗକରି ଯିବି । ମୋ ଆଦେଶରେ ରାଜା ଇନ୍ଦ୍ରଦ୍ୟୁମ୍ନ ମୋ ନାମରେ(ଜଗନ୍ନାଥ ନାମରେ) ସମୁଦ୍ର କୂଳରେ ଏକ ମନ୍ଦିର ନିର୍ମାଣ କରିବା ପାଇଁ ଇଚ୍ଛା ବ୍ୟକ୍ତ କରିବେ । ମନ୍ଦିର ନିର୍ମାଣରେ ସମୁଦ୍ର ବାଧା ସୃଷ୍ଟି କରିବ । ଆପଣ ସେହି ମନ୍ଦିରକୁ ରକ୍ଷା କରିବେ । ପରମାତ୍ମା, କାଳର ସମସ୍ତ ଅଭିଳାଷା ପୂର୍ଣ୍ଣ କରିବା ପାଇଁ ବଚନବଦ୍ଧ ହେଲେ । ତା'ପରେ କାଳ ବ୍ରହ୍ମ ହସିବାକୁ ଲାଗିଲା ଏବଂ କହିଲା, ହେ ଯୋଗଜିତ ଆପଣ ସଂସାରକୁ ଯାଆନ୍ତୁ, ଯେତେବେଳେ କଳିଯୁଗ ଆସିବ ସେତେବେଳେ ମୋର ୧୨ ଜଣ ଦୂତ (ନକଲି ସତଗୁରୁ)ଙ୍କୁ ମୁଁ ସଂସାରକୁ ପଠାଇବି । ଯେତେବେଳେ କଳିଯୁଗକୁ ୫୫୦୫ ବର୍ଷ ପୂରଣ ହେବ ସେତେବେଳେ ମୋ ଦୂତମାନେ ଆପଣଙ୍କ ନାମରେ (କବୀରଜୀଙ୍କ ନାମରେ) ୧୨ ଟି କବିର ପନ୍ଥ ଆରମ୍ଭ କରି ଦେଇଥିବେ । କବୀର ଜୀ, ଯୋଗଜୀତ ରୂପରେ କାଳବ୍ରହ୍ମକୁ କହିଥିଲେ ଯେ କଳିଯୁଗରେ ମୋର ନାମ କବୀର ହେବ ଏବଂ କବୀର ପନ୍ଥ ନାମରେ ପନ୍ଥ ଆରମ୍ଭ କରିବି । ଏଥିପାଇଁ ଜ୍ୟୋତି ନିରଞ୍ଜନ କାଳ କହିଥିଲା ଯେ ଆପଣ କବୀର ନାମରେ ଗୋଟିଏ ପନ୍ଥ ଆରମ୍ଭ କରିବେ ତ ମୁଁ (କାଳ) କବୀର ନାମରେ ୧୨ ଟି ପନ୍ଥ ଆରମ୍ଭ କରିଦେବି । ମାନବ ସମାଜକୁ ଭ୍ରମିତ କରି ନିଜ ଜାଲରେ ବାନ୍ଧି ରଖିବି । ଏହା ବ୍ୟତୀତ ଏମିତି ଅନେକ ନକଲି ପନ୍ଥ (ମାର୍ଗ) ଆରମ୍ଭ କରିଦେବି ଯେଉଁମାନେ ସତ୍ୟଲୋକ, ସଚଖଣ୍ଡର କଥା କହିବେ ସତ କିନ୍ତୁ ସେମାନଙ୍କ ପାଖରେ ସତ୍ୟ ସାଧନା ନ ଥିବ । ଯେଉଁ କାରଣରୁ ସେମାନେ ସତ୍ୟଲୋକର ଆଶା ରଖି ଭୁଲ ନାମ (ମନ୍ତ୍ର) ଜପ କରି ମୋ ଜାଲରେ ହିଁ ରହିଯିବେ ।

କାଳବ୍ରହ୍ମ ପଚାରିଥିଲା ଯେ ଆପଣ କେଉଁ ସମୟରେ ନିଜର ସତ୍ୟ କବୀର ପନ୍ଥ ଆରମ୍ଭ କରିବେ ? କବୀର ଜୀ କହିଥିଲେ ଯେ, ଯେତେବେଳେ କଳିଯୁଗକୁ ୫୫୦୫ (ପାଞ୍ଚ ହଜାର ପାଞ୍ଚସହ ପାଞ୍ଚ) ବର୍ଷ ବିତିଯିବ, ସେତେବେଳେ ମୋ ବାସ୍ତବିକ ତ୍ରୟୋଦଶତମ କବୀର ପନ୍ଥର ମୁଁ ପ୍ରଚଳନ କରିବି ।

କାଳ କହିଲା ଯେ ସେହି ସମୟ ଆସିବା ପୂର୍ବରୁ ସାରା ପୃଥିବୀରେ ମୁଁ ଶାସ୍ତ୍ର ବିଧି ତ୍ୟାଗ କରାଇ ଶାସ୍ତ୍ରବିରୁଦ୍ଧ ଜ୍ଞାନ ପ୍ରଚାର କରାଇ ଦେବି ଏବଂ ମନମୁଖୀ ଆଚରଣ କରାଇ ମାନବକୁ ମିଥ୍ୟା ମନ୍ତ୍ର ଓ ଭୁଲ ସାଧନାରେ ଅଭ୍ୟସ୍ତ କରାଇଦେବି । ଯେତେବେଳେ ଆପଣଙ୍କର ତ୍ରୟୋଦଶତମ ଅଂଶ ଆସି ସତ୍ୟ କବୀର ପନ୍ଥ ଆରମ୍ଭ କରିବ ସେତେବେଳେ ତା'କଥାରେ କେହି ବିଶ୍ୱାସ କରିବେ ନାହିଁ, ଓଲଟା ତା'ସହିତ ଝଗଡ଼ା କରିବେ । କବୀର ଜୀଙ୍କୁ ଜଣାଥିଲା ଯେ କଳିଯୁଗକୁ ୫୫୦୫ ବର୍ଷ ପୂର୍ଣ୍ଣ ହୋଇଯିବା (ସନ ୧୯୯୭ ରେ) ପରେ ଶିକ୍ଷା କ୍ଷେତ୍ରରେ କ୍ରାନ୍ତି ଅସିବ । ସର୍ବ ମାନବ ଅକ୍ଷର ଜ୍ଞାନ ଯୁକ୍ତ ହୋଇଯିବେ । ସେତେବେଳେ ମୋ ଦାସ ସମସ୍ତ ଧାର୍ମିକ ଗ୍ରନ୍ଥରେ ଲୁଚି ରହିଥିବା ତତ୍ତ୍ୱଜ୍ଞାନକୁ ଠିକ୍‌ରେ ବୁଝିପାରି ମାନବ ସମାଜ ସମ୍ମୁଖରେ ଉପସ୍ଥାପନ କରିବ । ଶିକ୍ଷିତ ମାନବ ସ୍ୱଚକ୍ଷୁରେ ପ୍ରମାଣଗୁଡିକୁ ଦେଖି, ସତ୍ୟ ସହିତ ପରିଚିତ ହୋଇ ତୁରନ୍ତ ମୋ ତ୍ରୟୋଦଶତମ ପନ୍ଥରୁ ଦୀକ୍ଷା ନେବ ଏବଂ ସାରା ବିଶ୍ୱ ମୋ ଦ୍ୱାରା ନିର୍ଦ୍ଦେଶିତ ଭକ୍ତି ବିଧି ଏବଂ ତତ୍ତ୍ୱଜ୍ଞାନକୁ ହୃଦୟର ସହିତ ସ୍ୱୀକାର କରି ଭକ୍ତି କରିବ । ସେତେବେଳେ ପୁନଃ ସତ୍ୟଯୁଗ ଭଳି ବାତାବରଣ ସୃଷ୍ଟି ହୋଇଯିବ । ପରସ୍ପର ମଧ୍ୟରେ ରାଗଦ୍ୱେଷ ରହିବ ନାହିଁ, ଚୋରି-ନାରୀ, ଲୁଣ୍ଠନ-ଠକାମୀ ପରି କୁକର୍ମ କେହି କରିବେ ନାହିଁ । କେହି ଧନ ଠୁଳ କରି ରଖିବେ ନାହିଁ । ଭକ୍ତିକୁ ଅଧିକ ମହତ୍ତ୍ୱ ଦିଆଯିବ । ଯେପରି ସେହି ସମୟରେ ସେହି ବ୍ୟକ୍ତିକୁ ମହାନ କୁହାଯାଉଥିବା ଯାହା ପାଖରେ ଅଧିକ ଧନ ଥିବ, ବଡ଼ ବ୍ୟବସାୟ ଥିବ ଏବଂ ଯିଏ ବଡ଼-ବଡ଼ କୋଠାଘର ନିର୍ମାଣ କରି ରଖିଥିବ ମାତ୍ର ୧୩ ତମ ପନ୍ଥ ଆରମ୍ଭ ହେବା ପରେ ସେହି ବ୍ୟକ୍ତିମାନଙ୍କୁ ମୂର୍ଖ ବୋଲି କୁହାଯିବ, ଏବଂ ଯେଉଁମାନେ ଭକ୍ତି କରିବେ, ସାଧା ସିଧା ଘର ତିଆରି କରି ରହିବେ, ସେମାନେ ମହାନ, ବଡ଼ ତଥା ସମ୍ମାନିତ ବ୍ୟକ୍ତି ରୂପେ ପରିଗଣିତ ହେବେ ।

"ପ୍ରମାଣ ପାଇଁ ପବିତ୍ର କବୀର ସାଗରର ଭିନ୍ନ ଭିନ୍ନ ଅଧ୍ୟାୟରୁ ନିଆ ଯାଇଥିବା ଅମୃତ ବାଣୀ"

"କବୀରଜୀ ଓ ଜ୍ୟୋତି ନିରଞ୍ଜନ ମଧ୍ୟରେ ବାର୍ତ୍ତା"

ଅନୁରାଗ ସାଗର ପୃଷ୍ଠା ନଂ ୬୨ ପୃଷ୍ଠାରେ :-

"ଧର୍ମରାୟ (ଜ୍ୟୋତି ନିରଞ୍ଜନ) ବଚନ"

ଧର୍ମରାୟ ଅସ ବିନତୀ ଠାନୀ । ମୈଁ ସେବକ ଦ୍ୱିତୀୟା ନ ଜାନୀ ॥ ୧
ଜ୍ଞାନୀ ବିନତୀ ଏକ ହମାରା । ସୋ ନ କରହୁ ଜିହ ସେ ହୋ ମୋର ବିଗାରା ॥୨
ପୁରୁଷ ଦୀହ୍ନ ଜସ ମୋକହଂ ରାଜୁ । ତୁମ ଭୀ ଦେହହୁ ତୋ ହୋଓ୍ୱେ ମମ କାଜୁ ॥ ୩
ଅବ ମୈଁ ବଚନ ତୁହ୍ଲରୋ ମାନୀ । ଲୀଜୋ ହଂସା ହମ ସୋ ଜ୍ଞାନୀ ॥ ୪

ପୃଷ୍ଠା ୬୩ରୁ ଅନୁରାଗ ସାଗରର ବାଣୀ :-

ଦୟାବନ୍ତ ତୁମ ସାହେବ ଦାତା । ଏତିକ କୃପା କରୋ ହୋ ତାତା ॥ ୫
ପୁରୁଷ ଶ୍ରାପ ମୋକହଂ ଦୀହ୍ନା । ଲଖ ଜୀବ ନିତ ଗ୍ରାସନ କୀହ୍ନା ॥ ୬

ପୃଷ୍ଠା୬୪ରୁ ଅନୁରାଗ ସାଗରର ବାଣୀ:-

ଜୋ ଜୀବ ସକଲ ଲୋକ ତବ ଆଓ୍ୱେ । କୈସେ କ୍ଷୁଧା ମୋର ମିଟାବୈ ॥ ୭
ଜୈସେ ପୁରୁଷ କୃପା ମୋପେ କୀହ୍ନା । ଭୌସାଗର କା ରାଜ ମୋହେ ଦୀହ୍ନା ॥ ୮
ତୁମ ଭୀ କୃପା ମୋପର କରହୁ । ଜୋ ମାଁଗେ ସୋ ମୋହେ ଦେହୋ ବରହୁ ॥ ୯
ସତ୍‌ଯୁଗ, ତ୍ରେତା, ଦ୍ୱାପର ମାଁହୀଂ । ତୀନୋ ଯୁଗ ଜୀବ ଥୋଡ଼େ ଜାହୀଁ ॥୧୦
ଚୌଥା ଯୁଗ ଜବ କଳିଯୁଗ ଆବୈ । ତବ ତବ ଶରଣ ଜୀବ୍ ବହୁ ଜାବୈ ॥ ୧୧

ପୃଷ୍ଠା ୬୫ରୁ ଅନୁରାଗ ସାଗରର ବାଣୀ, ଉପର ପାର୍ଶ୍ୱରୁ ବାଣୀ ପଂକ୍ତି ନଂ ୩ ରୁ :-

ପ୍ରଥମ ଦୂତ୍ ମମ ପ୍ରକଟୈ ଜାଇ । ପୀଛେ ଅଂଶ ତୁହ୍ଲରା ଆଇ ॥ ୧୨

ପୃଷ୍ଠା ୬୪ରୁ ଅନୁରାଗ ସାଗରର ବାଣୀ, ଉପର ପାର୍ଶ୍ୱରୁ ବାଣୀ ପଂକ୍ତି ନଂ ୬:-

ଐସା ବଚନ ହରି ମୋହେ ଦୀଜୈ । ତବ ସଂସାର ଗବନ ତବ କୀଜୈ ॥୧୩

"ଯୋଗଜୀତ ବଚନ = ଜ୍ଞାନୀ ବଚନ"

ପୃଷ୍ଠା ୬୪ରୁ ଅନୁରାଗ ସାଗରର ବାଣୀ, ଉପର ପାର୍ଶ୍ୱରୁ ବାଣୀ ପଂକ୍ତି ନଂ ୭:-

ଅରେ କାଳ ତୁମ ପରପଞ୍ଚ ପସାରା । ତୀନୋଁ ଯୁଗ୍ ଜୀବନ ଦୁଖ ଡ଼ାରା ॥ ୧୪
ବୀନତୀ ତୋରୀ ଲୀହ୍ନ ମୈଁ ଜାନି । ମୋକହଁ ଠଗା କାଳ ଅଭିମାନୀ ॥ ୧୫
ଜସ ବୀନତୀ ତୁ ମୋସନ କୀହ୍ନୀ । ସୋ ଅବ ବଖସ ତୋହେ ଦୀହ୍ନୀ ॥୧୬
ଚୌଥା ଯୁଗ ଜବ କଳଯୁଗ୍ ଆବୈ । ତବ ହମ ଅପନା ଅଂଶ ପଠାବୈ ॥ ୧୭

"ଧର୍ମରାୟ (କାଳ) ବଚନ"

ପୃଷ୍ଠା ୬୪ରୁ ଅନୁରାଗ ସାଗରର ବାଣୀ, ଉପର ପାର୍ଶ୍ୱରୁ ବାଣୀ ପଂକ୍ତି ନଂ ୧୭ :-

ହେ ସାହେବ ତୁମ ପନ୍ଥ ଚଲାଉ । ଜୀବ ଉବାର ଲୋକ ଲୈ ଜାଉ ॥ ୧୮

ପୃଷ୍ଠା ୬୬ରୁ ଅନୁରାଗ ସାଗରର ବାଣୀ, ଉପର ପାର୍ଶ୍ୱରୁ ବାଣୀ ପଂକ୍ତି ନଂ ୮, ୯, ୧୬ ରୁ ୨୧ :-

ସନ୍ଧିନ୍ଧାପ (ସାରଶବ୍ଦ) ମୋହେ ଦିଜେ ଜ୍ଞାନୀ ଜୈସେ ଦେଓ୍ୱଙ୍ଗେ ହଂସ ସହଦାନୀ ॥ ୧୯
ଜୋ ଜନ ମୋକୂଁ ସନ୍ଧି (ସାର ଶବ୍ଦ)ବତାବୈ । ତାକେ ନିକଟ କାଳ ନହୀଁ ଆବୈ ॥୨୦
କହୈ ଧର୍ମରାୟ ଜାଓ ସଂସାରା । ଆନହୁ ଜୀବ ନାମ ଆଧାରା ॥ ୨୧
ଜୋ ହଂସା ତୁହ୍ଲରେ ଗୁଣ ଗାବୈ । ତାହି ନିକଟ ହମ ନେହୀଁ ଜାବୈ ॥ ୨୨
ଜୋ କୋଇ ଲେହୈ ଶରଣ ତୁହ୍ଲାରୀ । ମମ ସିର ଦେ ହୋବୈ ପାରୀ ॥ ୨୩
ହମ ତୋ ତୁମ ସଙ୍ଗ କୀହ୍ନ ଢ଼ିଠାଇ । ତାତ ଜାନ କିହ୍ନୀ ଲଡ଼କାଇ ॥ ୨୪
କୋଟିନ ଅବଗୁଣ ବାଳକ କରହୀ । ପିତା ଏକ ଚିତ ନେହୀଁ ଧରହୀ ॥ ୨୫
ଜୋ ପିତା ବାଳକ କୂଁ ଦେହେ ନିକାରୀ । ତବ କୋ ରକ୍ଷା କରେ ହମାରୀ ॥ ୨୬

ସାରନାମ ଦେଖୋ ଜେହି ସାଥା । ତାହି ହଂସ ମେଁ ନୀବାଉଁ ମାଥା ॥ ୨୭

ଜ୍ଞାନୀ (କବୀର) ବଚନ

ଅନୁରାଗ ସାଗର ପୃଷ୍ଠା ୬୬:-

ଜୋ ତୋହି ଦେହୁଁ ସନ୍ଧି ବତାଇ । ତୋ ତୁଁ ଜୀବନ କୋ ହଇହୋ ଦୁଖଦାଇ ॥ ୨୮
ତୁମ ପରପଞ୍ଚ ଜାନ ହମ ପାବା । କାଳ ଚଲୈ ନେହୀଁ ତୁହ୍ଲରା ଦାବା ॥ ୨୯
ଧର୍ମରାୟ ତୋହି ପ୍ରକଟ ଭାଖା । ଗୁପ୍ତ ଅଙ୍କ ବୀରା ହମ ରାଖା ॥ ୩୦
ଜୋ କୋଇ ଲେଇ ନାମ ହମାରା । ତାହି ଛୋଡ ତୁମ ହୋ ଜାନା ନିୟାରା ॥ ୩୧
ଜୋ ତୁମ ମୋର ହଂସ କୋ ରୋକୋ ଭାଇ । ତୋ ତୁମ କାଳ ରହନ ନେହୀଁ ପାଇ ॥ ୩୨

"ଧର୍ମରାୟ (କାଳ ନିରଞ୍ଜନ) ବଚନ"

ପୃଷ୍ଠା ୬୨ତଥା ୬୩ରୁ ଅନୁରାଗ ସାଗରର ବାଣୀ :-

ବେସକ ଜାଓ ଜ୍ଞାନୀ ସଂସାର ! । ଜୀବ ନ ମାନୈ କହା ତୁହ୍ଲାରା ॥ ୩୩
କହା ତୁହ୍ଲାରା ଜୀବ ନା ମାନୈ । ହମରୀ ଔର ହୋୟ ବାଦ ବଖାନୈ ॥୩୪
ଦୃଢ଼ ଫନ୍ଦା ମେଁ ରଚା ବନାଇ । ଜାମେଁ ସକଲ ଜୀବ ଉରଝାଇ ॥୩୫
ବେଦ-ଶାସ୍ତ୍ର ସମର୍ତି ଗୁଣଗାନା । ପୁତ୍ର ମେରେ ତୀନ ପ୍ରଧାନା ॥୩୬
ତୀନହୂ ବହୁ ବାଜୀ ରଚି ରାଖା । ହମରୀ ମହିମା ଜ୍ଞାନ ମୁଖ ଭାଖା ॥୩୭
ଦେବଲ ଦେବ ପାଷାଣ ପୂଜାଇ । ତୀର୍ଥ ବ୍ରତ ଜପ ତପ ମନ ଲାଇ ॥୩୮
ପୂଜା - ବିଶ୍ୱଦେବ ଅରାଧୀ । ୟହ ମତି ଜୀବୋଁ କୋ ରାଖା ବାଁଧି ॥୩୯
ଯଗ(ଯଜ୍ଞ)ହୋମ ଔର ନେମ ଅଚାରା । ଔର ଅନେକ ଫନ୍ଦ ମେଁ ଡ଼ାରା ॥ ୪୦

"ଜ୍ଞାନୀ (କବୀର) ବଚନ"

ହମନେ କହା ସୁନୋ ଅନ୍ୟାୟୀ । କାଟୁଁ ଫଂନ୍ଦ୍ ଜୀବ ଲେ ଜାଇ ॥ ୪୧
ଜେତେ ଫନ୍ଦ ତୁମ ରଚେ ବିଚାରୀ । ସତ୍ୟ ଶବ୍ଦ ତେ ସବୈ ବିଡ଼ାରୀ ॥ ୪୨
ଜୌନ ଜୀବ ହମ ଶବ୍ଦ ଦୃଢ଼ାବୈ । ଫନ୍ଦ ତୁହ୍ଲାରା ସକଲ ମୁଭାବୈଁ ॥ ୪୩
ଜବହୀ ଜୀବ ଚିହ୍ନୀ ଜ୍ଞାନ ହମାରା । ତଜହୀ ଭ୍ରମ ସବ ତୋର ପସାରା ॥ ୪୪
ସତ୍ୟନାମ ଜୀବନ ସମଝାଓ୍ୱୋଁ । ହଂସ୍ ଉଭାର ଲୋକ ଲୈ ଜାଓ୍ୱୈ ॥ ୪୫
ପୁରୁଷ ସୁମିରନ୍ ସାର ବୀରା । ନାମ ଅବିଚଲ ଜନାବହୂଁ ॥ ୪୬
ଶୀଶ ତୁହ୍ଲାରେ ପାଁବ ଦେକେ, ହଂସ ଲୋକ ପଠାବହୂଁ ॥ ୪୭
ତାକେ ନିକଟ କାଳ ନେହୀଁ ଆଓ୍ୱେ । ସନ୍ଧି ଦେଖ ତାକୋ ସିର ନାଓ୍ୱୈ ॥ ୪୮

(ସନ୍ଧି= ସତ୍ୟନାମ +ସାରନାମ)

"ଧର୍ମରାୟ (କାଳ) ବଚନ"

ପନ୍ଥ ଏକ ତୁମ ଆପ ଚଲାଉ । ଜୀବନ କୋ ସତଲୋକ ଲୈ ଜାଉ ॥ ୪୯
ଦ୍ୱାଦଶ ପନ୍ଥ କରୁଁ ମେଁ ସାଜା । ନାମ ତୁହ୍ଲାରା ଲେ କରୌଁ ଆଓ୍ୱାଜା ॥ ୫୦
ଦ୍ୱାଦଶ ଯମ ସଂସାର ପଠାଉଁ । ନାମ କବୀର ଲେ ପନ୍ଥ ଚଲାଉଁ ॥ ୫୧
ପ୍ରଥମ ଦୂତ ମେରେ ପ୍ରଗଟୈ ଜାଇ । ପୀଛେ ଅଂଶ ତୁହ୍ଲାରା ଆଇ॥ ୫୨
ଯେହି ବିଧି ଜୀବନ କୋ ଭ୍ରମାଉଁ । ଆପନନାମ ପୁରୁଷ କା ବତାଉଁ ॥ ୫୩
ଦ୍ୱାଦଶ ପନ୍ଥ ନାମ ଜୋ ଲୈହି । ହମରେ ମୁଖ ମେଁ ଆନ ସମୈହି ॥ ୫୪

"ଜ୍ଞାନୀ (କବୀର) ବଚନ" ଚୌପାଇ

ଅଧ୍ୟାୟ "ସ୍ୱସମବେଦ ବୋଧ" ପୃଷ୍ଠା ୧୨୧:-

ଅରେ କାଳ ପରପଞ୍ଚ ପସାରା । ତୀନୋଁ ଯୁଗ ଜୀବନ ଦୁଖ ଆଧାରା ॥ ୫୫
ବିନତୀ ତୋରୀ ଲୀନ ମୈଁ ମାନୀ । ମୋକହଁ ଠଗେ କାଳ ଅଭିମାନୀ ॥୫୬

ଚୌଥା ଯୁଗ ଜବ କଳଯୁଗ ଆଇ । ତବ ହମ ଅପନା ଅଂଶ ପଠାଇ ॥ ୫୭
କାଳ ଫନ୍ଦ ଛୂଟେଁ ନର ଲୋଇ । ସକଳ ସୃଷ୍ଟି ପରବାନିକ(ଦକ୍ଷୀତ) ହୋଇ ॥୫୮
ଘର ଘର ଦେଖୋ ବୋଧ (ଜ୍ଞାନ) ବିଚାରା (ଚର୍ଚ୍ଚା) । ସତ୍ୟନାମ ସବ ଠୋର ଉଚାରା ॥୫୯
ପାଞ୍ଚ ହଜାର ପାଞ୍ଚ ସୌ ପାଞ୍ଚା । ତବ ଯହ ବଚନ ହୋୟଗା ସାଚା ॥୬୦
କଳିଯୁଗ ବୀତ ଯାଏ ଜବ ଏତା । ସବ ଜୀବ ପରମ ପୁରୁଷ ପଦ ଚେତା ॥୬୧

ଭାବାର୍ଥ :- (ବାଣୀ ସଂଖ୍ୟା ୫୫ରୁ ୬୧ ପର୍ଯ୍ୟନ୍ତ) ପରମେଶ୍ୱର କବୀର ଜୀ କହିଲେ, ଆରେ କାଳ ! ତୁ ବଡ ପ୍ରପଞ୍ଚ ରଚନା କରି ରଖିଛୁ । ତିନି ଯୁଗ (ସତ୍ୟ, ତ୍ରେତୟା, ଦ୍ୱାପର) ରେ ଜୀବମାନଙ୍କୁ ବହୁତ କଷ୍ଟ ଦେବୁ । ଯେପରି ତୁ କହୁଛୁ । ତୁ ମୋତେ ଯାହା ପ୍ରାର୍ଥନା କରିଥିଲୁ ତାହା ମୁଁ ସ୍ୱୀକାର କଲି । ତୁ ମୋ ସହିତ ଛଳନା କରିଛୁ, କିନ୍ତୁ ଚତୁର୍ଥ ଯୁଗ କଳିଯୁଗ ଯେବେ ଆସିବ, ସେତେବେଳେ ମୋ ନିଜ ଅଂଶ ଅର୍ଥାତ୍ କୃପା ପାତ୍ର ଆତ୍ମାକୁ ମୁଁ ପଠାଇବି । ରେ କାଳ ! ତୋ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସମସ୍ତ ଫାନ୍ଦ ଅର୍ଥାତ୍ ଅଜ୍ଞାନ ଆଧାରିତ ମିଥ୍ୟା ଜ୍ଞାନ ଓ ସାଧନାକୁ ସତ୍ୟଶବ୍ଦ ଏବଂ ସତ୍ୟଜ୍ଞାନ ଦ୍ୱାରା ସେହି ସନ୍ଥ ସମାପ୍ତ କରିବ । ସେ ସମୟରେ ସମ୍ପୂର୍ଣ୍ଣ ବିଶ୍ୱ ଦୀକ୍ଷିତ ଅର୍ଥାତ୍ ମୋର ସେହି ସନ୍ଥ ଠାରୁ ନାମ ନେଇ ଦୀକ୍ଷିତ ହେବ । ସେହି ସମୟ ପର୍ଯ୍ୟନ୍ତ ଅର୍ଥାତ୍ ଯେପର୍ଯ୍ୟନ୍ତ କଳିଯୁଗ ପାଞ୍ଚ ହଜାର ପାଞ୍ଚ ଶହ ପାଞ୍ଚ ବର୍ଷ ନ ବିତିଛି ସେପର୍ଯ୍ୟନ୍ତ ସତ୍ୟନାମ, ମୂଳନାମ (ସାର ଶବ୍ଦ) ତଥା ମୂଳ ଜ୍ଞାନ (ତତ୍ତ୍ୱଜ୍ଞାନ) ପ୍ରକାଶ କରାଯିବ ନାହିଁ । ପରନ୍ତୁ ଯେତେବେଳେ କଳିଯୁଗକୁ ପାଞ୍ଚ ହଜାର ପାଞ୍ଚ ଶହ ପାଞ୍ଚ ବର୍ଷ ପୂର୍ଣ୍ଣ ହୋଇଯିବ, ସେତେବେଳେ ଘରେ-ଘରେ ମୋ ଅଧ୍ୟାତ୍ମିକ ଜ୍ଞାନର ଚର୍ଚ୍ଚା ହେବ ଏବଂ ସମସ୍ତ ଉପଦେଶୀଙ୍କୁ ସତ୍ୟନାମ, ସାର ଶବ୍ଦ ପ୍ରଦାନ କରାଯିବ । ଏବେ ଯେଉଁ କଥା ମୁଁ କହୁଛି, ମୋର ଏହି ବଚନ କଳିଯୁଗକୁ ୫୫୦୫ (ପାଞ୍ଚ ହଜାର ପାଞ୍ଚ ଶହ ପାଞ୍ଚ) ବର୍ଷ ପୂର୍ଣ୍ଣ ହୋଇଯିବ ପରେ ସତ୍ୟ ପ୍ରମାଣିତ ହେବ । ଯେତେବେଳେ କଳିଯୁଗକୁ ଏତିକି ବର୍ଷ ବିତି ଯିବା ସେତେବେଳେ ସର୍ବ ମାନବ ପ୍ରାଣୀ ପରମ ପୁରୁଷ ଅର୍ଥାତ୍ ସତ୍ୟପୁରୁଷଙ୍କ ପଦ ଅର୍ଥାତ୍ ସେହି ପରମ ପଦର ଜ୍ଞାତା ହୋଇଯିବେ । ଯେଉଁ ବିଷୟରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ରେ କୁହାଯାଇଛି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପ୍ରାପ୍ତି ପଶ୍ଚାତ୍ ପରମେଶ୍ୱରଙ୍କର ସେହି ପରମ ପଦର ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବା ପରେ ସାଧକ ପୂନର୍ବାର କେବେ ଏ ସଂସାରକୁ ଫେରି ନ ଥାଏ । ଯେଉଁ ପରମେଶ୍ୱର ଏହି ସଂସାର ରୂପୀ ବୃକ୍ଷକୁ ବିସ୍ତାରିତ କରିଛନ୍ତି ଅର୍ଥାତ୍ ଯେଉଁ ପରମେଶ୍ୱର ଏହି ସୃଷ୍ଟିକୁ ରଚନା କରିଛନ୍ତି, ସେହି ପରମେଶ୍ୱରଙ୍କର ଭକ୍ତି କର ।

ସ୍ୱସମବେଦ ବୋଧ ପୃଷ୍ଠା ନଂ ୧୭୦ :-

ଅଥ ସ୍ୱସମ ବେଦର ସ୍ଫୁଟବାର୍ତ୍ତା - ଚୌପଦୀ

ଏକ ଲାଖ ଔର ଅସି ହଜାରା । ପୀର ପୈଗମ୍ବର ଔର ଅବତାରା ॥୬୨
ସୌ ଅବ ଆହି ନିରଞ୍ଜନ ବଂଶା । ତନ ଧରୀ-ଧରୀ କରେଁ ନିଜ ପିତା ପ୍ରଶଂସା ॥୬୩
ଦଶ ଅବତାର ନିରଞ୍ଜନ କେ ରେ । ରାମ କୃଷ୍ଣ ସବ ଆହୀଁ ବଡ଼େରେ ॥୬୪
ଇନସେ ବଡ଼ା ଜ୍ୟୋତି ନିରଞ୍ଜନ ସୋଇ । ଯାମେଁ ଫେର ବଦଲ ନହୀଁ କୋଇ ॥୬୫

ଭାବାର୍ଥ :- ପରମେଶ୍ୱର କବୀର କହିଛନ୍ତି ଯେ ବାବା ଆଦମଙ୍କ ଠାରୁ ନେଇ ହଜରତ୍ ମୁହମ୍ମଦଙ୍କ ପର୍ଯ୍ୟନ୍ତ ମୋଟ ଏକ ଲକ୍ଷ ଅଶି ହଜାର (୧,୮୦,୦୦୦) ପୈଗମ୍ବର ଏବଂ ଦଶ ଅବତାର ଯାହାଙ୍କୁ ହିନ୍ଦୁମାନେ ପୁଜା କରନ୍ତି, ଏମାନେ ସମସ୍ତେ କାଳ ଦ୍ୱାରା ପ୍ରେରିତ ହୋଇ ଆସିଛନ୍ତି । ଏହି ଦଶ ଅବତାର ମଧ୍ୟରୁ ରାମ ଏବଂ କୃଷ୍ଣ ମୁଖ୍ୟ ଅଟନ୍ତି । ଏମାନେ ସମସ୍ତେ କାଳର ପ୍ରତିନିଧି ହୋଇ ଜୀବମାନଙ୍କୁ ଭ୍ରମିତ କରି କାଳ ସାଧନାକୁ ଦୃଢ଼ କରି ଦେଇଛନ୍ତି । ସମସ୍ତଙ୍କର ମୁଖିଆ ଜ୍ୟୋତି ନିରଞ୍ଜନ କାଳ (ବ୍ରହ୍ମ) ଅଟେ ।

ସ୍ୱସମବେଦ ବୋଧ ପୃଷ୍ଠା ୧୭୧ (୧୫୧୫) :-

ସତ୍ୟ କବିର ବଚନ

ଦୋହା :- ପାଞ୍ଚ ହଜାର ଅରୁ ପାଞ୍ଚ ସୌ ପାଞ୍ଚ ଜବ କଳୟୁଗ ବୀତ ଜାୟ ।
ମହାପୁରୁଷ ଫରମାନ ତବ, ଜଗ ତାରନ କୂଂ ଆୟ ॥୬୬
ହିନ୍ଦୁ ତୁର୍କ ଆଦି ସବୈ, ଜେତେ ଜୀବ ଜହାନ
ସତ୍ୟନାମ କୀ ସାଖ ଗହୀ, ପାବୈଂ ପଦ ନିର୍ବାଣ ॥ ୬୭
ଯଥା ସରିତ ଗଣ ଆପ ହୀ, ମିଲୈଂ ସିନ୍ଧୁ ମେ ଧାୟ ।
ସତ୍ୟ ସୁକୃତ୍ କେ ମଧ ତିମି, ସବ ହୀ ପନ୍ଥ ସମାୟ ॥୬୮
ଜବ ଲଗ ପୂର୍ଣ୍ଣ ହୋୟ ନେହୀଁ, ଠିକ୍ କା ତିଥି ବାର ।
କପଟ-ଚତୁରୀ ତବହୀ ଲୌଁ, ସ୍ୱସମ ବେଦ ନିରାଧାର ॥ ୬୯
ସବହୀ ନାରୀ-ନର ଶୁଦ୍ଧ ତବ, ଜବ ଠୀକ କା ଦିନ ଆବନ୍ତ ।
କପଟ ଚାତୁରୀ ଛୋଡ଼ି କେ, ଶରଣ କବୀର ଗହନ୍ତ ॥୭୦
ଏକ ଅନେକ ହୋ ଗୟେ, ପୁନଃ ଅନେକ ହୈଏକ ।
ହଂସ ଚଲେ ସତଲୋକ ସବ, ସତ୍ୟନାମ କୀ ଟେକ ॥୭୧
ଘର ଘର ବୋଧ ବିଚାର ହେ, ଦୁର୍ମତି ଦୂର ବହାୟ ।
କଳୟୁଗ ମେଁ ସବ ଏକ ହୋଇ, ବରତେଁ ସହଜ୍ ସୁଭାୟ ॥ ୭୨
କହାଁ ଉଗ୍ର କହାଁ ଶୁଦ୍ର ହୋ, ହରୈଁ ସବ୍‌କୀ ଭବ ପୀର୍ (ପୀଡ଼ା) ୭୩
ସୋ ସମାନ ସମଦୃଷ୍ଟି ହେ, ସମର୍ଥ ସତ୍ୟ କବୀର ॥୭୫

ଭାବାର୍ଥ:- ପରମେଶ୍ୱର କବୀର କହିଛନ୍ତି ଯେ ହେ ଧର୍ମଦାସ ! ମୁଁ ଜ୍ୟୋତି ନିରଞ୍ଜନ ଅର୍ଥାତ୍ କାଳବ୍ରହ୍ମକୁ ମଧ କହିଥିଲି, ଏବେ ଆପଣଙ୍କୁ ମଧ କହୁଛି ।

ସ୍ୱସମବେଦ ବୋଧ ବାଣୀ ସଂଖ୍ୟା ୬୬ ରୁ ୭୪ ର ସରଳାର୍ଥ :- ଯେତେବେଳେ କଳିଯୁଗକୁ ପାଞ୍ଚ ହଜାର ପାଞ୍ଚ ସହ ପାଞ୍ଚ ବର୍ଷ ବିତି ଯିବ, ସେତେବେଳେ ବିଶ୍ୱର ଉଦ୍ଧାର ପାଇଁ ଜଣେ ମହାପୁରୁଷ ଆସିବେ । ହିନ୍ଦୁ, ମୁସଲମାନ ପରି ଯେତେ ବି ସମ୍ପ୍ରଦାୟ ସେତେବେଳକୁ ସୃଷ୍ଟି ହୋଇ ସାରିଥିବ ଏବଂ ଯେତେ ଜୀବ ସଂସାରରେ ଅଛନ୍ତି, ସେମାନେ ମାନବ ଶରୀର ପ୍ରାପ୍ତ କରି ସେହି ମହାପୁରୁଷଙ୍କ ଠାରୁ ସତ୍ୟନାମ ନେଇ ସତ୍ୟନାମର ଶକ୍ତି ବଳରେ ମୋକ୍ଷ ପ୍ରାପ୍ତି କରିବେ । ସେହି ମହାପୁରୁଷ ଯିଏ ସତ୍ୟ କବୀର ପନ୍ଥର ପୃଷ୍ଠପୋଷକତା କରିବେ, ସେହି (ତ୍ରୟୋଦଶତମ) ପନ୍ଥ ସହ ଅନ୍ୟ ସମସ୍ତ ପନ୍ଥ ଆପେ ଆପେ ଏପରି ତୀବ୍ର ଗତିରେ ମିଶି ଯିବ ଯେପରି ଭିନ୍ନ ଭିନ୍ନ ନଦୀ ନିରନ୍ତର ପ୍ରବାହିତ ହୋଇ ସ୍ୱୟଂ ସମୁଦ୍ରରେ ମିଶିଥାଏ ଏବଂ ସେହି ନଦୀକୁ କେହି ଅଟକାଇ ପାରେ ନାହିଁ । ଏହି ଭଳି ସେହି ତ୍ରୟୋଦଶତମ ପନ୍ଥରେ ଅନ୍ୟ ସମସ୍ତ ପନ୍ଥ ଖୁବ୍ ଶୀଘ୍ର ମିଶିଯାଇ ଗୋଟିଏ ପନ୍ଥ ହୋଇଯିବ । କିନ୍ତୁ ଯେ ପର୍ଯ୍ୟନ୍ତ ସେହି ନିର୍ଧାରିତ ସମୟ ନ ଆସିଛି ଅର୍ଥାତ୍ କଳିଯୁଗକୁ ପାଞ୍ଚ ହଜାର ପାଞ୍ଚ ସହ ପାଞ୍ଚ ବର୍ଷ ପୂରା ନ ହୋଇଛି ସେପର୍ଯ୍ୟନ୍ତ ଏହି ସ୍ୱସମବେଦ ଜ୍ଞାନ ଯାହା ମୁଁ କହୁଛି ଏବଂ ଆପଣ ଲେଖୁଛନ୍ତି, ସେଗୁଡ଼ିକ ନିରାଧାର ଲାଗିବ ।

ସେହି ନିର୍ଧାରିତ ସମୟ ଯେତେବେଳେ ଉପନିତ ହେବ ସେତେବେଳକୁ ସମସ୍ତ ସ୍ତ୍ରୀ-ପୁରୁଷ ଉତ୍ତମ ଚିନ୍ତାଧାରା ତଥା ଶୁଦ୍ଧ ଆଚରଣ ଯୁକ୍ତ ହୋଇ କପଟ ଓ ଚାତୁରାମୀ ତ୍ୟାଗ କରି ମୋ (କବୀରଜୀଙ୍କର) ଶରଣ ଗ୍ରହଣ କରିବେ । ପରମାତ୍ମାଙ୍କ ଠାରୁ ଲାଭ ପ୍ରାପ୍ତି ପାଇଁ ଗୋଟିଏ ଧର୍ମ (ମାନବ ଧର୍ମ)ରୁ ଆଜି ଅନେକ ପନ୍ଥ (ଧାର୍ମିକ ସମୁଦାୟ) ସୃଷ୍ଟି ହୋଇଯାଇଛି, ପୁନର୍ବାର ସମସ୍ତେଏକ ହୋଇଯିବେ । ସମସ୍ତ ହଂସ (ନିର୍ବିକାର ଭକ୍ତ) ଆତ୍ମା ସତ୍ୟନାମର ଶକ୍ତି ବଳରେ ସତ୍ୟଲୋକକୁ ଚାଲିଯିବେ । ମୋ ଆଧାତ୍ମିକ ଜ୍ଞାନର ଚର୍ଚ୍ଚା ଘରେ ଘରେ ହେବ । ଯାହା ଦ୍ୱାରା ସମସ୍ତଙ୍କର ଦୁର୍ବୁଦ୍ଧି ସମାପ୍ତ ହୋଇଯିବ । କଳିଯୁଗରେ ପୁଣି ଏକ ହୋଇ ସ୍ୱଭାବିକ ବ୍ୟବହାର ଅର୍ଥାତ୍ ଶାନ୍ତିପୂର୍ବକ

ଜୀବନଯାପନ କରିବେ । କେଉଁ ଉଗ୍ର ସ୍ୱଭାବଯୁକ୍ତ ଅର୍ଥାତ୍ ଡ଼ାକୁ, ଲୁଟେରା, କଂସେଇ ହେଉ ବା ଶୁଦ୍ର ବା ଅନ୍ୟ କୁକର୍ମ କରୁଥିବା ନୀଚ ବ୍ୟକ୍ତି ହେଉ ନା କାହିଁକି ସତ୍ୟ ଭକ୍ତି କରୁଥିବା ସମସ୍ତ ବ୍ୟକ୍ତିଙ୍କର ସଂକଟ ଅର୍ଥାତ୍ ସମସ୍ତ ସାଂସାରିକ କଷ୍ଟ ପାରମାତ୍ମା ହରଣ କରିବେ ଅର୍ଥାତ୍ ଦୂର କରିବେ ଏବଂ ସେହି ୧୩ ତମ (ତ୍ରୟୋଦଶତମ) ପନ୍ଥର ପ୍ରବର୍ତ୍ତକ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବେ ଅର୍ଥାତ୍ ଉଚ୍ଚ-ନୀଚ ଭେଦ ଭାବ ରଖିବେ ନାହିଁ । ସେ ସମର୍ଥ ସତ୍ୟ କବୀର । (ମମ୍ ସନ୍ଥ ମୁଝେ ଜାନ୍ ମେରା ହିଁ ସ୍ୱରୂପମ୍)

ପ୍ରଶ୍ନ :- ସେହି ତ୍ରୟୋଦଶତମ ପନ୍ଥ କେଉଁଟି, ତା'ର ପ୍ରବର୍ତ୍ତକ କିଏ ଅଟନ୍ତି ?

ଉତ୍ତର:- ସେହି ତ୍ରୟୋଦଶତମ ପନ୍ଥ "ଯଥାର୍ଥ ସତ୍ କବୀର" ପନ୍ଥ ଅଟେ । ତାହାର ପ୍ରବର୍ତ୍ତକ ସ୍ୱୟଂ କବୀର ପରମେଶ୍ୱର ଜୀ ଅଟନ୍ତି । ବର୍ତ୍ତମାନର ସଞ୍ଚାଳକ ତାଙ୍କ ଗୋଲାମ ରାମପାଲ ଦାସ, ପୁତ୍ର - ସ୍ୱାମୀ ରାମଦେବାନନ୍ଦ ଜୀ ମହାରାଜ ଅଟନ୍ତି । (ଆଧ୍ୟାତ୍ମିକ ଦୃଷ୍ଟିରେ ଗୁରୁ ହିଁ ପିତା ଅଟନ୍ତି ଯିଏ ଆତ୍ମାର ପୋଷଣ କରନ୍ତି ।)

ପ୍ରମାଣ:- ଏମିତି ସନ୍ଥ ଧର୍ମଦାସଜୀଙ୍କ ବଂଶ ପରମ୍ପରାର ମହନ୍ତମାନଙ୍କ ସହିତ ଜଡ଼ିତ ଥିବା ଶ୍ରଦ୍ଧାଳୁଗଣ ଅଜ୍ଞାନତାର ବଶବର୍ତ୍ତୀ ହୋଇ ଧର୍ମଦାସ ଜୀଙ୍କ ପରିବାର ଧାରାକୁ ତ୍ରୟୋଦଶତମ ପନ୍ଥ ଓ ତା'ର ସଂଚାଳକ ରୂପେ ପ୍ରମାଣିତ କରିବାର କୁଚେଷ୍ଟା କରିଛନ୍ତି । ମାତ୍ର ମଇଁଷିକୁ ହାତୀ ପୋଷାକ ପିନ୍ଧାଇ କେହି ଯଦି କହିବ ଯେ ଦେଖ, ଏହି ପୋଷାକ ମଇଁଷିର ଅଟେ ତେବେ ବୁଦ୍ଧିମାନ ବ୍ୟକ୍ତି ତୁରନ୍ତ ବୁଝିଯାଇ କହିବ ଯେ ଏହା ମଇଁଷିର ବସ୍ତ୍ର ନୁହେଁ । ଏହାତ ମଇଁଷି ଠାରୁ ଅଧିକ ଗୁଣା ଲମ୍ବା-ଚୌଡ଼ା ବାଲା ପଶୁର ଅଟେ, ଯଦିବା ସେମାନେ ଏହା କହି ପାରିବେ ନାହି ଯେ ଏହା ହାତୀର ବସ୍ତ୍ର ଅଟେ ।

ଉଦାହରଣ:- ପବିତ୍ର କବୀର ସାଗରର ଅଧ୍ୟାୟ "କବୀର ଚରିତ୍ର ବୋଧ"ର ପୃଷ୍ଠା ୧୮୩୪-୧୮୩୫ ରେ ଲେଖା ଅଛି ।

ତେର ଗାଡ଼ି କାଗଜରେ ଲେଖିବା :-

ଏକଦା ଦିଲ୍ଲୀର ବାଦ୍‌ଶାହା କହିଲେ ଯେ କବୀରଜୀ ଅଢ଼େଇ ଦିନ ଅର୍ଥାତ୍ ୬୦ ଘଣ୍ଟାରେ ଯଦି ୧୩ (ତେର) ଗାଡ଼ି କାଗଜରେ ଲେଖିଦେବେ ତେବେ ମୁଁ ତାଙ୍କୁ ପରମାତ୍ମା ବୋଲି ସ୍ୱୀକାର କରିବି । ପରମେଶ୍ୱର କବୀରଜୀ ତେରଟି ଗାଡ଼ି ଉପରେ ରଖାଯାଇଥିବା ସେହି କାଗଜ ଉପରେ ନିଜ ଆଶା ବାଡି ବୁଲାଇ ଦେଲେ । ସମସ୍ତ କାଗଜରେ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନର ଅମୃତବାଣୀ ସଙ୍ଗେ ସଙ୍ଗେ ଲେଖି ହୋଇଗଲା । ରାଜାଙ୍କୁ ବିଶ୍ୱାସ ହୋଇଗଲା । କିନ୍ତୁ ନିଜ ଧର୍ମର ଲୋକମାନେ(ମୁସଲମାନ) ଚାପ ପକାଇବାରୁ ରାଜା ସେହି ଗ୍ରନ୍ଥଗୁଡ଼ିକୁ ଗାତ ଖୋଳି ଦିଲ୍ଲୀରେ ପୋତି ଦେଲେ । କବୀର ସାଗର ଗ୍ରନ୍ଥର କବୀର ଚରିତ୍ରବୋଧ ନାମକ ଅଧ୍ୟାୟର, ପୃଷ୍ଠା ୧୮୩୪-୧୮୩୫ରେ ଭୁଲ ଲେଖାଅଛି ଯେ ଯେତେବେଳେ ମୁକ୍ତାମଣି ସାହେବଙ୍କ ସମୟ ଆସିବ ଏବଂ ଦିଲ୍ଲୀ ନଗରରେ ତାଙ୍କ ପତାକା ଉଡ଼ିବ ସେହି ସମୟରେ ପୁସ୍ତକଗୁଡ଼ିକୁ ମାଟି ତଳୁ ବାହାର କରାଯିବ । ସେହି ମୁକ୍ତାମଣି ଅବତାର ଧର୍ମଦାସଙ୍କ ବଂଶର ତ୍ରୟୋଦଶତମ ପିଢ଼ି ହେବ ।

ବିବେଚନା :- ଉପରେ କବୀର ସାଗର ଗ୍ରନ୍ଥରେ ପରିବର୍ତ୍ତନ କରାଯାଇ ଯେଉଁ ଭୁଲ ତଥ୍ୟ ପ୍ରଦାନ କରାଯାଇଛି ତାହାର ପ୍ରମାଣ ଏହି ପ୍ରକାରର ଅଟେ ଯେ ବର୍ତ୍ତମାନ ସମୟରେ ଛତୀଶଗଡ ରାଜ୍ୟର ରାୟଗଡ ନାମକ ଜିଲ୍ଲାର ଦାମାଖେଡାରେ ଧର୍ମଦାସଙ୍କ ବଂଶ ଗାଦ୍ଦୀ ଅଛି । ସେହି ଗାଦ୍ଦୀରେ ୧୪ତମ (ଚତୁର୍ଦ୍ଦଶତମ) ବଂଶଗୁରୁ ଶ୍ରୀ ପ୍ରକାଶମୁନୀ ନାମ ସାହେବ ବିରାଜମାନ ଅଛନ୍ତି । ୧୩ ତମ ବଂଶଗୁରୁ ଶ୍ରୀ ଉଦିତ ନାମ ସାହେବ ଥିଲେ ଯିଏ କି ବର୍ତ୍ତମାନ ସନ ୨୦୧୩ରୁ ୧୫ବର୍ଷ ପୂର୍ବେ୧୯୯୮ରେ ଶରୀର ତ୍ୟାଗ କରି ସାରିଛନ୍ତି । ଯଦି ୧୩ ତମ ଗାଦ୍ଦୀବାଲା ବଂଶଗୁରୁଙ୍କ ଉଦ୍ଦେଶ୍ୟରେ ଏହା ଲେଖା ଯାଇଥାନ୍ତା ତେବେ ସେହି ପୁସ୍ତକ(ଗ୍ରନ୍ଥ) ଗୁଡ଼ିକୁ ସେ ମାଟି ତଳୁ ବାହାର କରାଇ ଦିଲ୍ଲୀରେ ବାନା ଉଡାଇଥାନ୍ତେ । ତାଙ୍କ ସମୟରେ ଏଭଳି ଘଟଣା ଘଟି ନାହିଁ ତେଣୁ ଯେଉଁ

୧୩ ତମ ପନ୍ଥ ବିଷୟରେ କୁହାଯାଇଛି ତାହା ଧର୍ମଦାସହଜୀଙ୍କ ବଂଶ ପରମ୍ପରାର ନୁହେଁ ।

ପୁଣି କବୀର ସାଗର, "କବିର ଚରିତ୍ର ବୋଧ" ଅଧ୍ୟାୟ ୧୮୭୦ ପୃଷ୍ଠାରେ ଯେଉଁ ୧୨ (ବାର) ପନ୍ଥର ନାମ ଉଲ୍ଲେଖ ଅଛି ସେଗୁଡ଼ିକ ସେହି ନକଲୀ ପନ୍ଥ ଯାହା କାବୀର ସାହେବଙ୍କ ନାମରେ ଚଲାଇବ ପାଇଁ କାଳ (ଜ୍ୟୋତି ନିରଞ୍ଜନ) କହିଥିଲା । ସେଥିମଧ୍ୟରୁ ସର୍ବ ପ୍ରଥମେ "ନାରାୟଣ ଦାସ" ଲେଖାଯାଇଛି । ଦ୍ୱାଦଶତମ ପନ୍ଥ, ଗରୀବ ଦାସଙ୍କର ଲେଖାଯାଇଛି । ପ୍ରକୃତରେ ପ୍ରଥମେ ଚୂଡ଼ାମଣୀ ଅଟନ୍ତି, ସେମାନେ ଜାଣି-ଶୁଣି ସେଥିରେ ପରିବର୍ତ୍ତନ କରିଛନ୍ତି ।

ସେମାନଙ୍କର ନିଶ୍ଚୟ ମନେଥିବ ପରମେଶ୍ୱର କବୀରଜୀ ନାରାୟଣ ଦାସଙ୍କୁ କେବେ ବି ଶିଷ୍ୟ କରିନଥିଲେ । ନାରାୟଣ ଦାସ ତ ଶ୍ରୀକୃଷ୍ଣଙ୍କର ପୂଜାରୀ ଥିଲେ । ନିଜ ସାନ ଭାଇ ଚୂଡ଼ାମଣିଙ୍କୁ ସେ ଘୋର ବିରୋଧ କରିଥିଲେ । ଯେଉଁ କାରଣରୁ ଶ୍ରୀ ଚୂଡ଼ାମଣୀ କୁଦୁର୍ମାଲ୍ ଚାଲିଯାଇଥିଲେ । ପରେ ବାନ୍ଧବଗଡ଼ ନଗର ନଷ୍ଟ ହୋଇ ଯାଇଥିଲା । "କବୀର ଚରିତ୍ର ବୋଧ"ର ପୃଷ୍ଠା ୧୮୭୦ ରେ ବାର ପନ୍ଥର ପ୍ରବର୍ତ୍ତକମାନଙ୍କର ନାମ ଲେଖାଯାଇଛି । ସେଥିରେ ପ୍ରଥମଟି ଭୁଲ ନାମ ଲେଖାଯାଇଛି । ଅବଶିଷ୍ଟ ଠିକ୍ ଅଛି । ସେଗୁଡ଼ିକ ନିମ୍ନରେ ଦିଆଯାଇଛି:-

୧. ନାରାୟଣ ଦାସଙ୍କ ପନ୍ଥ ୨. ଯାଗୌ ଦାସଙ୍କ ପନ୍ଥ ୩. ସୁରତ ଗୋପାଳ ପନ୍ଥ ୪. ମୂଳ ନିରଞ୍ଜନ ପନ୍ଥ ୫. ଟକସାରୀ ପନ୍ଥ ୬. ଭଗବାନ ଦାସ ଜୀଙ୍କ ପନ୍ଥ ୭. ସତ୍‌ନାମୀ ପନ୍ଥ ୮. କମାଲୀୟେ (କମାଲଜୀଙ୍କ) ପନ୍ଥ ୯. ରାମ କବୀର ପନ୍ଥ ୧୦. ପ୍ରେମଧାମ (ପରମ ଧାମ) କୀ ବାଣୀ ପନ୍ଥ ୧୧. ଜୀବା ଦାସ ପନ୍ଥ ୧୨. ଗରୀବ ଦାସ ପନ୍ଥ ।

ପୁଣି କବୀର ସାଗରର "କବୀର ବାଣୀ" ଅଧ୍ୟାୟର ପୃଷ୍ଠା ୧୩୪ରେ ଲେଖାଅଛି ଯେ:-

"ବଂଶ ପ୍ରକାର"

ପ୍ରଥମ ବଂଶ ଉତ୍ତମ (ଏହା ଚୁଡ଼ାମଣିଜୀଙ୍କ ବିଷୟରେ କୁହାଯାଇଛି)
ଦ୍ୱିତୀୟ ବଂଶ ଅହଂକାରୀ (ଏହା ଯାଗୌ ଅର୍ଥାତ୍ ଜାଗୁ ଦାସଙ୍କର ଅଟେ)
ତୃତୀୟ ବଂଶ ପ୍ରଚଣ୍ଡ (ଏହା ସୂରତ ଗୋପଳଙ୍କର ଅଟେ)
ଚତୁର୍ଥ ବଂଶ ବୀରହେ (ଏହା ମୂଳ ନିରଞ୍ଜନ ପନ୍ଥ ଅଟେ)
ପଞ୍ଚମ ବଂଶ ନିନ୍ଦ୍ରା (ଏହା ଟକ୍‌ସାରୀ ପନ୍ଥ ଅଟେ)
ଷଷ୍ଠ ବଂଶ ଉଦାସ (ଏହା ଭଗବାନ ଦାସଙ୍କ ପନ୍ଥ ଅଟେ)
ସପ୍ତମ ବଂଶ ଜ୍ଞାନ ଚତୁରାଇ (ଏହା ସତନାମୀ ପନ୍ଥ ଅଟେ)
ଅଷ୍ଟମ ବଂଶ ଦ୍ୱାଦଶ ପନ୍ଥ ବିରୋଧ (ଏହା କମାଲଜୀଙ୍କର କମାଲୀୟ ପନ୍ଥ ଅଟେ)
ନବମ ବଂଶ ପନ୍ଥ ପୂଜା (ଏହା ରାମ କବୀର ପନ୍ଥ ଅଟେ)
ଦଶମ ବଂଶ ପ୍ରକାଶ (ଏହା 'ପରମ ଧାମକୀ ବାଣୀ' ପନ୍ଥ ଅଟେ)
ଏକାଦଶ ବଂଶ ପ୍ରକଟ ପସାରା (ଏହା ଜୀବା ପନ୍ଥ ଅଟେ)

ଦ୍ୱାଦଶତମ ବଂଶ ପ୍ରକଟ ହୋୟ ଉଜିୟାରା (ଏହା ହରିୟାଣା ରାଜ୍ୟର, ଝଜ୍ଜର ଜିଲ୍ଲାର ଛୁଡାଣୀ ଗ୍ରାମର ସନ୍ଥ ଗରୀବ ଦାସଙ୍କ ପନ୍ଥ ଅଟେ । ସନ୍ଥ ଗରୀବ ଦାସ ଜୀ, ପରମେଶ୍ୱର କବୀରଙ୍କ ଦର୍ଶନ ପ୍ରାପ୍ତି ପରେ ତାଙ୍କ ମହିମା ଓ ଯଥାର୍ଥ ଜ୍ଞାନକୁ ସର୍ବ ସମ୍ମୁଖରେ ଗାନ କରିଥିଲେ ଯାହା ଦ୍ୱାରା ପରମେଶ୍ୱର କବୀରଙ୍କ ମହିମା ବିଷୟରେ କିଛି ପ୍ରକାଶ ହୋଇଥିଲା ।)

ତେରଞ୍ଜେ ବଂଶ ମିଟେ ସକଲ୍ ଅନ୍ଧିୟାରା {ଏହା ହିଁ ପ୍ରକୃତ କବୀର ପନ୍ଥ ଅଟେ ଯାହା ସନ ୧୯୯୪ ରୁ ଆରମ୍ଭ ହୋଇଅଛି ଯାହା ବର୍ତ୍ତମାନ ମୋ (ରାମପାଲ ଦାସ) ଦ୍ୱାରା ସଞ୍ଚାଳିତ ହେଉଛି ।}

ଧର୍ମଦାସଙ୍କ ବଂଶ ଗାଦ୍ଦୀ ଦାମାଖେଡ଼ା ବାଲା, ଧର୍ମଦାସଙ୍କ ପ୍ରକୃତ ବଂଶ ଗଦ୍ଦୀର ଭେଦକୁ ଲୁଚେଇବାକୁ ଚେଷ୍ଟା କରିଛନ୍ତି ସତ କିନ୍ତୁ ସତ୍ୟତାକୁ ଲୁଚାଇ ପାରିନାହାନ୍ତି ।

କବୀର ସାଗର, ଅଧ୍ୟାୟ "କବୀର ବାଣୀ"ର ପୃଷ୍ଠା ୧୩୬ :-

ଦ୍ୱାଦଶ ପନ୍ଥ ଚଲୋ ସୋ ଭେଦ

ଦ୍ୱାଦଶ ପନ୍ଥ କାଳ ଫୁରମାନା । ଭୂଲେ ଜୀବ ନ ଜାୟ ଠିକାନା ॥
ତାତେଁ ଆଗମ କହ ହମ ରାଖା । ବଂଶ ହମାରା ଚୂଡ଼ାମଣି ଶାଖା ॥
ପ୍ରଥମ ଜଗମେ ଜାଗୁ ଭ୍ରମାବୈ । ବିନା ଭେଦ ୱହ ଗ୍ରନ୍ଥ ଚୂରାବୈ ॥
ଦୂସରା ସୂରତି ଗୋପାଲ ହୋଇ । ଅକ୍ଷର ଜୋ ଯେଗା ଦୃଢ଼ାବୈ ସୋଇ ॥

(ବିବେଚନା:- ଏଠାରେ ପ୍ରଥମେ ଜାଗୁ ଦାସ କୁହାଯାଇଛି କିନ୍ତୁ ବାଣୀ ସ୍ପଷ୍ଟ କରୁଛି ଯେ (ପ୍ରଥମ) ବଂଶ ଚୂଡ଼ାମଣି ଅଟେ । ଦ୍ୱିତୀୟରେ ଜାଗୁ ଦାସ । ଏହାର ପ୍ରମାଣ "କବୀର ଚରିତ୍ର ବୋଧ"ର ପୃଷ୍ଠା ୧୮୭୦ ରେ ଅଛି । ଦ୍ୱିତୀୟ ଜାଗୁଦାସ ଅଟେ । ଅଧ୍ୟାୟ "ସ୍ୱସମବେଦ ବୋଧ" ପୃଷ୍ଠା ୧୫୫ (୧୪୯୯) ରେ ମଧ୍ୟ ଦ୍ୱିତୀୟରେ ଜାଗୁ ଲେଖାଯାଇଛି । ଏଠାରେ କିନ୍ତୁ ପ୍ରଥମ ବୋଲି ଲେଖି ଦେଇଛନ୍ତି । ଏଠାରେ ପ୍ରଥମେ ଚୂଡ଼ାମଣି ଲେଖିବା ଉଚିତ ଥିଲା ।)

ତୀସରା ମୂଳ ନିରଞ୍ଜନ ବାନୀ । ଲୋକ ବେଦ କୀ ନିର୍ଣ୍ଣୟ ଠାନୀ ॥

(ଏଠାରେ ଚତୁର୍ଥ ଲେଖିବା ଉଚିତ୍ ଥିଲା ।)

ଚୌଥେ ପନ୍ଥ ଟକ୍‌ସାର (ଟକ୍‌ସାରୀ) ଭେଦ ଲୌ ଆବୈ । ନୀର ପବନ କୋ ସନ୍ଧି ବତାବୈ ॥

(ଏଠାରେ ପଞ୍ଚମ ଲେଖିବା ଉଚିତ୍ ଥିଲା)

ପାଞ୍ଚୱା ପନ୍ଥ ବୀଜ କୋ ଲେଖା । ଲୋକ ପ୍ରଲୋକ କହୈ ହମ ମୈଁ ଦେଖା ॥

(ଏହା ଭଗବାନ ଦାସଙ୍କ ପନ୍ଥ ଯାହାକୁ ଷଷ୍ଠ ବୋଲି ଲେଖିବାର ଥିଲା ।)

ଛଟା ପନ୍ଥ ସତ୍ୟନାମୀ ପ୍ରକାଶ । ଘଟ କେ ମାହୀଁ ମାର୍ଗନିବାସା ॥

(ଏଠାରେ ସପ୍ତମ ପନ୍ଥ ଲେଖିବା ଉଚିତ୍ ଥିଲା ।)

ସାତ୍‌ୱାଁ ଜୀବ ପନ୍ଥ ଲେ ବୋଲେ ବାଣୀ । ଭୟୋ ପ୍ରତୀତ୍ ମର୍ମ ନେହାଁ ଜାନୀ ॥

(ଏଠାରେ ଅଷ୍ଟମ କମାଲଙ୍କ ପନ୍ଥ ଅଟେ ।)

ଆଠ୍‌ୱାଂ ରାମ୍ କବୀର୍ କହାବୈ । ସତ୍‌ଗୁରୁ ଭ୍ରମ୍ ଲୈ ଜୀବ୍ ଦୃଢ଼ାବୈ ॥

(ପ୍ରକୃତରେ ଏହା ନବମ ପନ୍ଥ ଅଟେ ।)

ନୌମେଁ ଜ୍ଞାନ କୀ କଲା ଦିଖାବୈ । ଭଇ ପ୍ରତୀତ ଜୀବ ସୁଖ ପାବୈ ॥

ବାସ୍ତବରେ ଏହା ଏକାଦଶତମ 'ଜୀବା' ପନ୍ଥ ଅଟେ । ଏଠାରେ ନୌମା (ନବମ) ଲେଖିବା ଭୁଲ ।)

ଦସ୍‌ୱେଁ ଭେଦ ପରମ ଧାମକୀ ବାଣୀ । ସାଖ ହମାରୀ ନିର୍ଣ୍ଣୟ ଠାଣୀ ॥

(ଏହା ଠିକ୍ ଲେଖାଯାଇଛି, ମାତ୍ର ଏକାଦଶ ବୋଲି ଲେଖା ଯାଇନାହିଁ । ଯଦି ଚୂଡ଼ାମଣିଙ୍କୁ ପ୍ରଥମ ବୋଲି ଧରିବା ତେବେ ସଠିକ୍ କ୍ରମ ପରିଲକ୍ଷିତ ହୁଏ । ବାସ୍ତବରେ ଚୂଡ଼ାମଣି ଜୀ ପ୍ରଥମ ଅଟନ୍ତି । ଏହାପରେ ୧୨ତମ (ଦ୍ୱାଦଶତମ) ପନ୍ଥ ଗରୀବ ଦାସ ଜୀ ବାଲା ପନ୍ଥର ବର୍ଣ୍ଣନ ପ୍ରାରମ୍ଭ ହେଉଛି । ଏହା ସାଙ୍କେତିକ ଅଟେ । ସନ୍ଥ ଗରୀବଦାସଙ୍କ ଜନ୍ମ ବିକ୍ରମ ସମ୍ବତ୍ ୧୭୭୪ (ସତରଶହ ଚଉସ୍ତରୀ)ରେ ହୋଇଥିଲା । ଏଠାରେ ଭୁଲରେ ସତର ଶହ ପଚସ୍ତରୀ ଲେଖାଯାଇଛି । ଏହା ପ୍ରିଣ୍ଟିଂ ଜନିତ ତ୍ରୁଟି ଅଟେ)

ସମ୍ବତ୍ ସତରହ ସୌ ପଚହତ୍ତର (୧୭୭୫) ହୋଇ । ତାଦିନ ପ୍ରେମ ପ୍ରକଟେଁ ଜଗ ସୋଇ ॥
ଆଜ୍ଞା ରହେ ବ୍ରହ୍ମ ବୋଧ ଲାବୈ । କୋଲୀ ଚମାର ସବକେ ଘର ଖାବୈ ॥
ସାଖି ହମାରୀ ଲେ ଜୀବ ସମଝାବୈ । ଅସଖ୍ୟ ଜନ୍ମ ଠୌର ନେହାଁ ପାବୈ ॥
ବାରହଓ୍ୱେଁ (ବାରବୈ) ପନ୍ଥ ପ୍ରଗଟ ହୋବୈ ବାଣୀ । ଶବ୍ଦ ହମାରେ କୀ ନିର୍ଣ୍ଣୟ ଠାନୀ ॥
ଅସ୍ଥିର ଘର କା ମର୍ମ ନେହାଁ ପାଓ୍ୱେ । ଯେ ବାର (ବାରହ) ପନ୍ଥ ହମୀ (କବୀର ଜୀ) କୋ ଧାଓ୍ୱେଁ ॥
ବାରହେଁ ପନ୍ଥ ହମହି (କବୀର ଜୀ ହୀ) ଚଲି ଆବୈଁ । ସବ ପନ୍ଥ ମିଟା, ଏକ ହୀ ପନ୍ଥ ଚଲାବୈଁ ॥
ପ୍ରଥମ ଚରଣ କଳିଯୁଗ ନିରୟାନା (ନିର୍ବାଣ) ତବ ମଗହର ମାଣ୍ଡୋ ମୈଦାନା ॥

ଭାବାର୍ଥ :- ଏଠାରେ ସ୍ପଷ୍ଟ ହୁଏ ଯେ ଦ୍ୱାଦଶତମ ପନ୍ଥ, ସନ୍ଥ ଗରୀବ ଦାସ ବାଲା ପନ୍ଥ ଅଟେ କାରଣ ସନ୍ଥ ଗରୀବ ଦାସଙ୍କୁ ପରମେଶ୍ୱର କବୀରଜୀ ଦର୍ଶନ ଦେଇ ତାଙ୍କ ଜ୍ଞାନଯୋଗ ଖୋଲି ଦେବାପରେ ସନ୍ଥ ଗରୀବ ଦାସ, ପରମେଶ୍ୱର କବୀରଜୀଙ୍କ ମହିମା ଗାନ କରିଛନ୍ତି, ଯାହାକୁ ବର୍ତ୍ତମାନ ସମୟରେ ଗ୍ରନ୍ଥ ରୂପରେ ପ୍ରିଣ୍ଟ କରାଯାଇଛି । ବିଚାରଣୀୟ ବିଷୟ ଏହା ଯେ ସନ୍ଥ ଗରୀବ ଦାସଙ୍କ ପନ୍ଥ ପର୍ଯ୍ୟନ୍ତ ୧୨ (ବାର) ଟି ପନ୍ଥ ଚାଲିସାରିଛି । ଏହା ମଧ୍ୟ ଲେଖାଯାଇଛି ଯେ ମୋ ମହିମା ଗାନ କରି ସନ୍ଥ ଗରୀବ ଦାସ ଜୀ ସାଖୀ-ଶବ୍ଦ-ଚୌପଦୀ ଆଦି ଲେଖିଛନ୍ତି, ମାତ୍ର ସେହି ଦ୍ୱାଦଶତମ ପନ୍ଥର ଅନୁଯାୟୀମାନେ ନିଜ-ନିଜ ବୁଦ୍ଧି ଅନୁସାରେ ବାଣୀର ଭାବାର୍ଥ ବାହାର କରିବେ କିନ୍ତୁ ବାଣୀର ଭାବାର୍ଥ ଠିକ୍‌ରେ ବୁଝିନପାରି ଗରୀବ ଦାସଜୀଙ୍କ ପନ୍ଥ ପର୍ଯ୍ୟନ୍ତ ଯେତେ ଅନୁଯାୟୀ ଅର୍ଥାତ୍ ଦ୍ୱାଦଶତମ ପନ୍ଥର ଅନୁଯାୟୀମାନେ ମୋ ବାଣୀଗୁଡିକୁ ଠିକ୍‌ରେ ବୁଝି ପାରିବେ ନାହିଁ । ଯେଉଁଥି ପାଇଁ ଅସଂଖ୍ୟ ଜନ୍ମ ପର୍ଯ୍ୟନ୍ତ ସତଲୋକ (ଅମର ଧାମ)ର ଠିକଣା ପାଇ ପାରିବେ ନାହିଁ । ଏହି ଦ୍ୱାଦଶତମ ପନ୍ଥର ଅନୁଯାୟୀମାନେ କବୀରଜୀଙ୍କ ନାମରେ ପନ୍ଥ ଚଲାଇବେ ଏବଂ ମୋ ନାମରେ ମହିମା ପ୍ରାପ୍ତ କରିବେ, କିନ୍ତୁ ଏହି ବାରଟି ପନ୍ଥର ଅନୁଯାୟୀମାନେ ଅସ୍ଥିର ଅର୍ଥାତ୍ ସ୍ଥାୟୀ ଘର (ସତ୍ୟଲୋକ)ପ୍ରାପ୍ତ କରି ପାରିବେ ନାହିଁ । ପୁଣି କୁହାଯାଇଛି ଯେ ଆଗକୁ ଦ୍ୱାଦଶତମ ପନ୍ଥ (ସନ୍ଥ ଗରୀବ ଦାସ ବାଲା ପନ୍ଥ) ରେ ମୁଁ ଅର୍ଥାତ୍ ସ୍ୱୟଂ କବୀର ଜୀ ହିଁ ଆସିବି ଏବଂ ସମସ୍ତ ପନ୍ଥକୁ ସମାପ୍ତ କରି କେବଳ ଗୋଟିଏ ପନ୍ଥ ଚଲାଇବି । ସେହି ସମୟ କଳିଯୁଗର ପ୍ରଥମ ସମୟ ହେବ, ଯେଉଁ ସମୟରେ ମୁଁ (କବୀର) ସମ୍ବତ୍ ୧୫୭୫ (ସନ ୧୫୧୮)ରେ ମଗହର ନଗର (ଉତ୍ତର ପ୍ରଦେଶ)ରୁ ନିର୍ବାଣ ପ୍ରାପ୍ତ କରିବି । ଅର୍ଥାତ୍ କିଛି ଲୀଳା କରି ସତଲୋକ ଗମନ କରିବି ।

ପରମେଶ୍ୱର କବୀରଜୀ କଳିଯୁଗକୁ ତିନୋଟି ଭାଗରେ ବିଭକ୍ତ କରିଛନ୍ତି । ପ୍ରଥମ ଭାଗ ତାକୁ କୁହାଯିବ ଯେଉଁ ସମୟରେ ପରମେଶ୍ୱର ଲୀଳା କରି ଯାଇସାରିଛନ୍ତି । କଳିଯୁଗକୁ ପାଞ୍ଚ ହଜାର ପାଞ୍ଚଶହ ପାଞ୍ଚ ବର୍ଷ ବିତିଯିବା ପରେ ମଧ୍ୟମ ପିଢି ଆରମ୍ଭ ହେବ । ଶେଷ ଭାଗରେ ସମସ୍ତେ କୃତଘ୍ନୀ ହୋଇଯିବେ, କେହି ଭକ୍ତି କରିବେ ନାହିଁ ।

ଏହି ଦାସ (ରାମପାଲ ଦାସ)ର ନିକାସ (ଉଦ୍‌ଗମ ସ୍ଥାନ)ସନ୍ଥ ଗରୀବ ଦାସ ବାଲା ଦ୍ୱାଦଶପନ୍ଥରୁ ହୋଇଛି । ସେହି ତ୍ରୟୋଦଶତମ ପନ୍ଥ ଏବେ ଚାଲିଛି, ସ୍ୱୟଂ ପରମେଶ୍ୱର କବୀର ଜୀ ସଂଚାଳନ କରୁଛନ୍ତି । ଗୁରୁ ମହାରାଜ ସ୍ୱାମୀ ରାମଦେବାନନ୍ଦଙ୍କର ଆଶୀର୍ବାଦରୁ ଏହା ସଫଳ ହେବ ଏବଂ ସାରା ବିଶ୍ୱ ପରମେଶ୍ୱର କବୀରଙ୍କ ଭକ୍ତି କରିବ ।

ପରମେଶ୍ୱର କବୀରଜୀ, ସନ୍ଥ ଗରୀବ ଦାସଜୀଙ୍କୁ ସଦଗୁରୁ ରୂପରେ ଦର୍ଶନ ଦେଇଥିଲେ । ପରମାତ୍ମା ତ କବୀର ହିଁ ଅଟନ୍ତି । ସେ ନିଜ ଜ୍ଞାନର ପ୍ରଚାର ପାଇଁ ସ୍ୱୟଂ ପୃଥିବୀ ଓ ଅନ୍ୟ ଲୋକରେ ପ୍ରକଟ ହୁଅନ୍ତି । ସନ୍ଥ ଗରୀବ ଦାସ ଜୀ "ଅସୁର ନିକନ୍ଦନ ରମୈଣୀ" ରେ କହିଛନ୍ତି ଯେ "ସତ୍‌ଗୁରୁ ଦିଲ୍ଲୀ ମଣ୍ଡଲ୍ ଆୟସୀ । ସୂତୀ ଧରଣୀ ସୂମ ଜଗାୟସୀ । ଦିଲ୍ଲୀକେ ତଖତ ଛତ୍ର ଫେର ଭୀ ଫିରାୟ ସୀ । ଚୌଷଠ୍ ଯୋଗନୀ ମଙ୍ଗଲ ଗାୟସୀ ।" "ପରମେଶ୍ୱର କବୀର ବନ୍ଦୀ ଛୋଡ଼୍ (ବନ୍ଦୀ ମୁକ୍ତାଦାତା)" ସନ୍ଥ ଗରୀବ ଦାସଜୀଙ୍କ ସତ୍‌ଗୁରୁ ଥିଲେ ।

ପରମେଶ୍ୱର କବୀରଜୀ, କବୀର ସାଗର ଅଧ୍ୟାୟ "କବୀର ବାଣୀ" ପୃଷ୍ଠା ୧୩୬ ଏବଂ ୧୩୭ରେ କହିଛନ୍ତି ଯେ ଦ୍ୱାଦଶତମ (୧୨ତମ) ପନ୍ଥ ସନ୍ଥ ଗରୀବ ଦାସଙ୍କ ଦ୍ୱାରା ସଂଚାଳିତ ହେବ ।

ସମ୍ବତ ସତରହ ସୌ ପଚହତ୍ତର (୧୭୭୫) ହୋଇ । ଜା ଦିନ ପେମ ପ୍ରକଟୈ ଜଗ ସୋଇ ॥
ସାଖି ହମାରୀ ଲେ ଜୀବ୍ ସମଝାଙ୍ଗେ । ଅସଂଖ୍ୟା ଜନ୍ମ ଠୌର ନେହିଁ ପାବୈ ॥
ବାରହବୈ ପନ୍ଥ ପ୍ରଗଟ୍ ହୋ ବାଣୀ । ଶବ୍ଦ ହମାରେ କୀ ନିର୍ଣ୍ଣୟ ଠାଣୀ ॥
ଅସ୍ଥିର ଘର କା ମର୍ମ୍ ନା ପାବୈଁ । ଯେ ବାରା (ବାରହ) ପନ୍ଥ ହମହୀ କୋ ଧାବୈଁ ॥
ବାରହଙ୍ଗେଁ ପନ୍ଥ ହମ ହୀ ଚଲି ଆବୈଁ । ସବ ପନ୍ଥ ମିଟା ଏକ ପନ୍ଥ ଚଲାବୈଁ ॥

ଭାବାର୍ଥ, ପରମେଶ୍ୱର କବୀରଜୀ ସ୍ପଷ୍ଟ କରି ଦେଇଛନ୍ତି ଯେ୧୨ତମ (ଦ୍ୱାଦଶତମ) ପନ୍ଥ ପର୍ଯ୍ୟନ୍ତ ଅନୁଯାୟୀମାନେ ମୋ ମହିମାର ସାଖୀ ଯାହା ମୁଁ (ପରମେଶ୍ୱର କବୀର) ସ୍ୱୟଂ କହିଛି ଯାହାକି କବୀର ସାଗର, କବୀର ସାଖୀ, କବୀର ବୀଜକ୍, କବୀର୍ ଶବ୍ଦାବଳୀ ଇତ୍ୟାଦି ଗ୍ରନ୍ଥରେ ଲେଖାଯାଇଛି । ସେହି ଗ୍ରନ୍ଥଗୁଡ଼ିକୁ ଏବଂ ମୋ କୃପାପାତ୍ର ଗରୀବ ଦାସ ଦ୍ୱାରା କୁହାଯାଇଥିବା ବାଣୀର ଗୁଢ଼ ରହସ୍ୟକୁ ଠିକ୍‌ରେ ନ ବୁଝି ସ୍ୱୟଂ ଭୁଲ ନିର୍ଣ୍ଣୟ ନେଇ ନିଜର ଅନୁଯାୟୀମାନଙ୍କୁ ବୁଝାଇବେ, ମାତ୍ର ସତ୍ୟ ସହିତ ପରିଚିତ ନ ହୋଇପାରି ଅସଙ୍ଖ୍ୟ ଜନ୍ମ ପର୍ଯ୍ୟନ୍ତ ସ୍ଥାୟୀ ଘର ଅର୍ଥାତ୍ ସନାତନ ପରମଧାମ (ସତ୍ୟଲୋକ) ପ୍ରାପ୍ତ କରି ପାରିବେ ନାହିଁ । ପୁଣି ମୁଁ (ପରମେଶ୍ୱର କବୀର) ସେହି ଗରୀବ ଦାସଙ୍କ ପନ୍ଥରେ ଆସିବି । କଳିଯୁଗକୁ ପାଞ୍ଚ ହଜାର ପାଞ୍ଚଶହ ପାଞ୍ଚ ବର୍ଷ ପୂର୍ଣ୍ଣ ହେବା ପରେ ପ୍ରକୃତ (ଯଥାର୍ଥ) କବୀର ପନ୍ଥ ଚାଲୁ କରାଯିବ । ସେତେବେଳେ ତତ୍ତ୍ୱଜ୍ଞାନର ଚର୍ଚ୍ଚା ଘରେ-ଘରେ ହେବ । ଏହି ତତ୍ତ୍ୱଜ୍ଞାନକୁ ହୃଦୟଙ୍ଗମ କରି ସଂସାରର ସର୍ବ ମାନବ ମୋ ଭକ୍ତି କରିବେ । ସମସ୍ତେ ଉତ୍ତମ ଆଚରଣଯୁକ୍ତ ହୋଇ ଶାନ୍ତି ପୂର୍ବକ ସହାବସ୍ଥାନ କରିବେ । ଏଥିରୁ ପ୍ରମାଣିତ ହେଲା ଯେ ତ୍ରୟୋଦଶତମ ପନ୍ଥ ଯାହା ବାସ୍ତବିକ କବୀର ପନ୍ଥ ଅଟେ ତାହା ଏବେ ଏହି ଦାସ 'ରାମପାଲ ଦାସ' ଦ୍ୱାରା ସଂଞ୍ଚାଳିତ ହେଉଅଛି । କୃପା ପରମେଶ୍ୱର କବୀରଜୀଙ୍କର ଅଟେ । ପରମେଶ୍ୱର କବୀରଜୀ "ତୋତାଦ୍ରି" ନାମକ ସ୍ଥାନରେ ବ୍ରାହ୍ମଣମାନଙ୍କ ସମୂହିକ ଭୋଜନରେ ଯଦି ମଣିଷି ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ କରାଇ ପାରିଲେ ତେବେ ସେ ନିଜେ ମଧ୍ୟ ବେଦ ମନ୍ତ୍ର ଉଚ୍ଚାରଣ କରିପାରିଥାନ୍ତେ । ସମର୍ଥ ଶକ୍ତିର ସାମର୍ଥ୍ୟତା ଏହା ଯେ ସେ ନିଜ ଇଚ୍ଛା ଅନୁସାରେ ଯାହା ମାଧ୍ୟମରେ ଚାହିଁବେ ନିଜ ମହିମାଗାନ କରାଇପାରିବେ । ସମ୍ଭବତଃ ଏହି କାରଣ ପାଇଁ ପରମେଶ୍ୱର କବୀରଜୀ ଦୟା ପରବଶଃ ହୋଇ ତାଙ୍କ କୃପାପାତ୍ର ଏହି ଦାସ (ରାମପାଲ ଦାସ) ମାଧ୍ୟମରେ ଏହି ୧୩ ତମ (ତ୍ରୋୟଦଶତମ) ପନ୍ଥ ଚଳାଉଛନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ କଳିଯୁଗ କେତେ ବିତିସାରିଛି ?

ହିନ୍ଦୁ ଧର୍ମରେ ଆଦି ଶଙ୍କରାଚାର୍ଯ୍ୟ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଅନ୍ୟ ଅର୍ଥରେ ଆଦି ଶଙ୍କରାଚାର୍ଯ୍ୟ ହିନ୍ଦୁ ଧର୍ମର ସଂରକ୍ଷକ ତଥା ଜୀବନ ଦାତା ମଧ୍ୟ ଅଟନ୍ତି । ତାଙ୍କ ପରେ ଯେଭଳି ପ୍ରଚାର ତାଙ୍କ ଶିଷ୍ୟମାନେ କଲେ, ପରିଣାମ ସ୍ୱରୂପ ହିନ୍ଦୁ ଦେବତାମାନଙ୍କର ପୂଜାରେ ବୈପ୍ଳବିକ ପରିବର୍ତ୍ତନ ଆସିଗଲା । ତାଙ୍କର ଇଷ୍ଟଦେବ ଶ୍ରୀ ଶଙ୍କର ଭଗବାନ ଅଟନ୍ତି । ସେମାନଙ୍କର ପୂଜ୍ୟ ଦେବୀ ପାର୍ବତୀ ଅଟନ୍ତି । ଏହା ସହିତ ସେମାନେ ଶ୍ରୀ ବିଷ୍ଣୁ ଓ ଅନ୍ୟ ଦେବତାମାନଙ୍କର ପୂଜାରୀ ଅଟନ୍ତି । ବିଶେଷକରି "ପଞ୍ଚଦେବ ପୂଜା"ର ବିଧାନ ଅଛି :- ୧. ଶ୍ରୀ ବ୍ରହ୍ମା ୨. ଶ୍ରୀ ବିଷ୍ଣୁ ୩. ଶ୍ରୀ ଶଙ୍କର ୪. ଶ୍ରୀ ପରାଶର ଋଷି ୫. ଶ୍ରୀ କୃଷ୍ଣ ଦ୍ୱୈପାୟନ ଓରଫ୍ ଶ୍ରୀ ବେଦବ୍ୟାସ ପୂଜ୍ୟନୀୟ ଅଟନ୍ତି ।

ପୁସ୍ତକ "ଜୀବନୀ ଆଦି ଶଙ୍କରାଚାର୍ଯ୍ୟ"ରେ ଉଲ୍ଲେଖ ଅଛି ଯେ ଆଦି ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଈଶା ମସିହାଙ୍କ ଜନ୍ମର ୫୦୮ ବର୍ଷ ପୂର୍ବରୁ ହୋଇଥିଲା ।

ପୁଣି "ହିମାଳୟ ତୀର୍ଥ" ନାମକ ଏକ ପୁସ୍ତକରେ ଏକ ଭବିଷ୍ୟବାଣୀର ଉଲ୍ଲେଖ ଥିଲା ଯାହା ଆଦି ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ପୂର୍ବର ଅଟେ । କୁହାଯାଇଛି ଯେ ଆଦି ଶଙ୍କରାଚାର୍ଯ୍ୟଙ୍କର ଜନ୍ମ, କଳିଯୁଗକୁ ତିନି ହଜାର ବର୍ଷ ବିତିଯିବା ପରେ ହେବ ।

ଏବେ ଗଣିତ ପ୍ରୟୋଗ କରି ହିସାବ କରି ଦେଖିବା ଯେ ବର୍ତ୍ତମାନ ଅର୍ଥାତ୍ ୨୦୧୨ ପର୍ଯ୍ୟନ୍ତ କଳିଯୁଗ କେତେ ବିତି ସାରିଛି ?

ଆଦି ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଈଶା (ଯୀଶୁ)ଙ୍କ ଜନ୍ମର ୫୦୮ ପୂର୍ବେ ହେଲା

ଈଶା(ଯୀଶୁ)ଙ୍କ ଜନ୍ମକୁ ହେଲା = ୨୦୧୨ ବର୍ଷ

ଶଙ୍କରାଚାର୍ଯ୍ୟଙ୍କୁ କେତେ ବର୍ଷ ହେଲା = ୨୦୧୨+୫୦୮= ୨୫୨୦ ବର୍ଷ ।

ଉପର ହିସାବରେ ଶଙ୍କରାଚାର୍ଯ୍ୟଙ୍କର ଜନ୍ମ = କଳିଯୁଗକୁ ୩୦୦୦ ବର୍ଷ ବିତିଯିବା ପରେ ହେଲା ।

୨୦୧୨ ସୁଦ୍ଧା କଳି ଯୁଗର ସର୍ବମୋଟ୍ କେତେ ବର୍ଷ ବିତି ସାରିଛି = ୩୦୦୦ + ୨୫୨୦ = ୫୫୨୦ ବର୍ଷ । ଏବେ ଦେଖିବା ଯେ ୫୫୦୫ ବର୍ଷ, କଳିଯୁଗର କେଉଁ ମସିହାରେ ପୂର୍ଣ୍ଣ ହୋଇସାରିଛି = ୫୫୨୦-୫୫୦୫= ୧୫ ବର୍ଷ ୨୦୧୨ ପୂର୍ବରୁ ।

୨୦୧୨ -୧୫=୧୯୯୭ ମସିହା ସୁଦ୍ଧା କଳିଯୁଗକୁ ୫୫୦୫ ବର୍ଷ ପୂର୍ଣ୍ଣ ହୋଇଯାଇଛି । ବିକ୍ରମ ସମ୍ବତ ହିସାବରେ ସ୍ୱଦେଶୀ ବର୍ଷ ଫାଲ୍ଗୁନ ମାସ ଅର୍ଥାତ୍ ଫେବୃୟାରୀ-ମାର୍ଚ୍ଚରେ ପୂରା ହେଉଛି ।

ତେଣୁ ଯେଉଁ ସନ୍ଥଗଣ କହିଥାନ୍ତି ଯେ ଶ୍ରୀ ମଭଗବତ୍ ଗୀତା ୫୧୫୧ ବର୍ଷ ପୂର୍ବେ କୁହା ଯାଇଥିଲା ତାହା ଭୂଲ୍ ଅଟେ ।

''ଗୁରୁ ବିନା ମୋକ୍ଷ ଅସମ୍ଭବ''

ପ୍ରଶ୍ନ :- ଗୁରୁଙ୍କ ବିନା ଭକ୍ତି ସମ୍ଭବ କି ନୁହେଁ ?

ଉତ୍ତର :- ଭକ୍ତି କରିହେବ, କିନ୍ତି ସେହି ପ୍ରୟାସ ନିରର୍ଥକ ଅଟେ ।

ପ୍ରଶ୍ନ :- କାରଣ କୁହନ୍ତୁ ?

ଉତ୍ତର :- ପରମାତ୍ମାଙ୍କ ବିଧାନ ବିଷୟରେ ସୂକ୍ଷ୍ମବେଦରେ ଏହା କୁହାଯାଇଛି ଯେ:-

କବୀର, ଗୁରୁବିନ ମାଳା ଫେରତେ, ଗୁରୁବିନ ଦେତେ ଦାନ୍ ।
ଗୁରୁ ବିନ୍ ଦୋନୋଁ ନିଷ୍ଫଲ ହେ, ପୂଛୋ ବେଦ ପୁରାଣ ॥
କବୀର, ରାମ କୃଷ୍ଣ ସେ କୌନ୍ ବଡ଼ା, ଉନ୍ହୋଁ ଭୀ ଗୁରୁ କୀହ୍ନ ।
ତୀନ୍ ଲୋକ୍ କେ ଓ୍ୱେ ଧନୀ, ଗୁରୁ ଆଗେ ଆଧୀନ୍ ॥

କବୀର, ରାମ୍ କୃଷ୍ଣ ବଡ଼େ ତିହୁଁ ପୂର ରାଜା । ତିନ ଗୁରୁ ବନ୍ଦ କୀହ୍ନ ନିଜ୍ କାଜା ॥

ଭାବାର୍ଥ :- ଗୁରୁ ଧାରଣ ନ କରି ଯଦି ନାମମନ୍ତର ଜପମାଳା ଗଡ଼ାଇବ ବା ଦାନ ଦେବ, ସେସବୁ ବ୍ୟର୍ଥ ଯିବ । ଯଦି ଆପଣଙ୍କୁ ସନ୍ଦେହ ହେଉଛି ତେବେ ଆମ୍ଭ ବେଦ ଓ ପୁରାଣ-ଶାସ୍ତ୍ରରେ ଏହାର ପ୍ରମାଣ ଦେଖନ୍ତୁ ।

ଶ୍ରୀମଭଗବତ୍ ଗୀତା ଚାରି ବେଦର ସାରାଂଶ ଅଟେ । ଗୀତା ଅଧ୍ୟାୟ ୨ ଶ୍ଳୋକ ୭ ରେ ଅର୍ଜୁନ କହୁଛନ୍ତି ଯେ ହେ ଶ୍ରୀକୃଷ୍ଣ ! ମୁଁ ଆପଣଙ୍କ ଶିଷ୍ୟ ଅଟେ, ଆପଣଙ୍କ ଶରଣରେ ଅଛି । ଗୀତା ଅଧ୍ୟାୟ ୪ ଶ୍ଳୋକ ୩ ରେ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତବଶତଃ ପ୍ରବେଶ କରି କାଳବ୍ରହ୍ମ ଅର୍ଜୁନକୁ କହୁଛି, ତୁ ମୋର ଭକ୍ତ ଅଟୁ । ପୁରାଣରେ ପ୍ରମାଣ ଅଛି ଯେ ଶ୍ରୀ ରାମଚନ୍ଦ୍ର, ଋଷି ବଶିଷ୍ଠଙ୍କ ଠାରୁ ନାମଦୀକ୍ଷା ନେଇଥିଲେ ଏବଂ ନିଜ ଘର ଓ ରାଜ କାର୍ଯ୍ୟ ସମ୍ଭାଳିବା ପାଇଁ ଗୁରୁ ବଶିଷ୍ଠଙ୍କ ଆଦେଶ ନେଇ କାର୍ଯ୍ୟ କରୁଥିଲେ । ଶ୍ରୀ କୃଷ୍ଣ, ଋଷି ସନ୍ଦୀପନିଙ୍କ ଠାରୁ ଅକ୍ଷରଜ୍ଞାନ ପ୍ରାପ୍ତ କରିଥିଲେ ଏବଂ ଶ୍ରୀକୃଷ୍ଣଙ୍କ ଆଧାତ୍ମିକ ଗୁରୁ ଦୁର୍ବାଶା ଋଷି ଥିଲେ ।

କବୀର ପରମେଶ୍ୱରଜୀ ଆମ୍ଭମାନଙ୍କୁ ବୁଝାଇବାକୁ ଚେଷ୍ଟାକରି କହୁଛନ୍ତି ଯେ ଆପଣମାନେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କାହାକୁ ବଡ଼ ଅର୍ଥାତ୍ ସାମର୍ଥ ଭଗବାନ ରୂପେ ସ୍ୱୀକାର କରିନଥାଅ । ସେମାନେ ତିନି ଲୋକର ପ୍ରଭୁ ଥିଲେ, ସେମାନେ ମଧ୍ୟ ଗୁରୁ ଧାରଣ କରି ସ୍ୱୟଂ ଭକ୍ତି କଲେ, ମାନବ ଜୀବନ ସାର୍ଥକ କଲେ । ଏଥିରୁ ସହଜରେ ଜ୍ଞାନ ହୋଇଯିବ ଯେ ସାଧାରଣ ବ୍ୟକ୍ତି ଯଦି ବିନା ଗୁରୁରେ ଭକ୍ତି କରେ ତେବେ ତାହା କେତେ ଦୁର ଯଥାର୍ଥ, ଅର୍ଥାତ୍ ତାହା ବ୍ୟର୍ଥ ଅଟେ ।

ଝବିନା ଗୁରୁରେ ଲୋକ ଦେଖାଣିଆ ବା ଦନ୍ତକଥା ଆଧାରିତ ଭକ୍ତିକୁ ଲୋକବେଦ ଅନୁସାରେ ଭକ୍ତି କହିଥାନ୍ତି । ଲୋକବେଦର ଅର୍ଥ କୌଣସି ଅଞ୍ଚଳରେ ପ୍ରଚଳିତ ଭକ୍ତି ବିଷୟକ ଜ୍ଞାନ ଯାହା ତତ୍ତ୍ୱଜ୍ଞାନର ବିପରୀତ ହୋଇଥାଏ । ଲୋକବେଦ ଆଧାରରେ ଏହି ଦାସ (ସନ୍ଥ ରାମପାଲ ଦାସ) ଶ୍ରୀ ହନୁମାନ, ବାବା ଶ୍ୟାମ ଜୀ, ଶ୍ରୀ ରାମ, ଶ୍ରୀ କୃଷ୍ଣ, ଶ୍ରୀ ଶିବ ଏବଂ ଅନ୍ୟ ଦେବୀ-ଦେବତାମାନଙ୍କର ଭକ୍ତି କରୁଥିଲା । ହନୁମାନଙ୍କ ଉପାସନାରେ ମଙ୍ଗଳବାର ବ୍ରତ, ବୁନ୍ଦି ପ୍ରସାଦ ବାଣ୍ଟିବା, ନିଜେ ଦେଶୀ ଘିଅରେ ତିଆରି ଗିଚ୍ ଚୂରମା(ଲଡୁ) ଖାଉଥିଲି । କିନ୍ତୁ ହନୁମାନଙ୍କୁ ଡାଲଡା ବନସ୍ପତି ଘିଅରେ ପ୍ରସ୍ତୁତ ବୁନ୍ଦି ଭୋଗ ଲଗାଉଥିଲି । ହରେ-ରାମ ହରେ-କୃଷ୍ଣ, କୃଷ୍ଣ-କୃଷ୍ଣ ହରେ-ହରେ ମନ୍ତ୍ର ଜପ କରୁଥିଲି । କେହି ବ୍ୟକ୍ତି କହିଛନ୍ତି ଯେ:-

ଓମ୍ ନାମ ସବ୍‌ସେ ବଡ଼ା, ଇସସେ ବଡ଼ା ନା କୋୟ ।
ଓଁ ନାମ କା ଜାପ କରେ, ତୋ ଶୁଦ୍ଧ ଆତ୍ମା ହୋୟ ॥

ଏହି କାରଣରୁ ଓମ୍ ମନ୍ତ୍ର ଜପ କରିବା ଆରମ୍ଭ କରିଦେଲି । ଓମ୍ ନମୋ ଶିବାୟଃ, ଭଗବାନ ଶିବଙ୍କର ଏହି ମନ୍ତ୍ର ଜପ କରୁଥିଲି । ବିଷ୍ଣୁଙ୍କର ମନ୍ତ୍ର - ଓମ୍ ଭଗବତେ ବାସୁଦେବାୟଃ ନମଃ ଜପ କରୁଥିଲି । ତୀର୍ଥ ଯାତ୍ରା କରିବା, ସେଠାରେ ଦାନ ଓ ସ୍ନାନ କରିବା ଆଦି ଲୋକବେଦ ଆଧାରିତ କ୍ରୀୟା କରିବାକୁ ଯାଉଥିଲି ।

ପରିବାରରେ ସୁଖ-ସମୃଦ୍ଧି ବୃଦ୍ଧି ହେବା ଦେଖି ମୁଁ ଭାବୁଥିଲି ଯେ ଏସବୁ ସୁଖ ମୋତେ ଉପରୋକ୍ତ ଭକ୍ତି କାରଣରୁ ପ୍ରାପ୍ତି ହେଉଅଛି । ଯେପରି କେହି ଉଚ୍ଚ କକ୍ଷକୁ ଉତ୍ତୀର୍ଣ୍ଣ ହେବା, ପରିବାରରେ ବିବାହ ସମ୍ପନ୍ନ ହେବା, ପୁତ୍ର-କନ୍ୟା ଜନ୍ମ ହେବା, ଚାକିରୀ ମିଳିବା ଇତ୍ୟାଦି ସମସ୍ତ ସୁଖ ସେହି ଉପରୋକ୍ତ ସାଧନାରୁ ମିଳୁଛି ବୋଲି ମୁଁ ଭାବୁଥିଲି । କବୀର ପରମେଶ୍ୱରଜୀ ସୂକ୍ଷ୍ମ ବେଦରେ କହିଛନ୍ତି ।

କବୀର, ପିଛେ ଲାଗ୍ୟା ଜାଉଁ ଥା, ମେଁ ଲୋକ୍ ବେଦ୍ କେ ସାଥ ।
ରାସ୍ତେ ମେଁ ସତ୍‌ଗୁରୁ ମିଲେ, ଦୀପକ ଦୀହ୍ନା ହାଥ ॥

ଭାବାର୍ଥ - ସାଧକ, ଲୋକବେଦ ଅର୍ଥାତ୍ ଦନ୍ତକଥା ଆଧାରରେ ଭକ୍ତି କରୁଥିଲା । ସେହି ଶାସ୍ତ୍ରବିରୁଦ୍ଧ ସାଧନା ମାର୍ଗରେ ସେ ଚାଲୁଥିଲା । ରାସ୍ତାରେ ଅର୍ଥାତ୍ ଭକ୍ତି ମାର୍ଗରେ ଦିନେ ମୋତେ ତତ୍ତ୍ୱଦର୍ଶୀ ସନ୍ତ ମିଳିଗଲେ । ସେ ଶାସ୍ତ୍ରବିଧି ଅନୁସାରେ ଶାସ୍ତ୍ର ପ୍ରମାଣିତ ସାଧନା ରୂପକ ଦୀପକୁ ମୋ ହାତରେ ଧରାଇ ଦେଲେ ଅର୍ଥାତ୍ ସତ୍ୟ ଶାସ୍ତ୍ରାନୁକୂଳ ସାଧନା ବିଷୟରେ ଜ୍ଞାନ ଦେଲେ ଯାହା ଦ୍ୱାରା ମୋ ଜୀବନ ନଷ୍ଟ ହୋଇଯିବା ପରିବର୍ତ୍ତେ ବଞ୍ଚିଗଲା । ସତଗୁରୁଙ୍କ ଦ୍ୱାରା ପ୍ରଦତ୍ତ ତତ୍ତ୍ୱଜ୍ଞାନ ରୂପକ ଆଲୋକରେ ଜଣାପଡିଗଲା ଯେ ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ଭୁଲ ଭକ୍ତି କରୁଥିଲି । ଶ୍ରୀମଭଗବତ ଗୀତା ଅଧ୍ୟାୟ୧୬ ଶ୍ଳୋକ୨୩-୨୪ରେ କୁହାଯାଇଛି ଯେ ଶାସ୍ତ୍ରବିଧି ତ୍ୟାଗ କରି ଯେଉଁ ସାଧକ ମନମୁଖୀ ଆଚରଣ କରନ୍ତି, ସେମାନଙ୍କୁ ନା ତ ସୁଖ ପ୍ରାପ୍ତି ହୁଏ, ନା ସିଦ୍ଧି ପ୍ରାପ୍ତି ହୋଇଥାଏ ନା ଗତି ଅର୍ଥାତ୍ ମୋକ୍ଷ ମିଳିଥାଏ ଅର୍ଥାତ୍ ଏହା ବ୍ୟର୍ଥ ସାଧନା ଅଟେ । ପୁଣି ଗୀତା ଅଧ୍ୟାୟ ୧୬, ଶ୍ଳୋକ୨୪ରେ କୁହାଯାଇଛି ଯେ ଅର୍ଜୁନ, ତୁମ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ନିରୁପଣରେ ଶାସ୍ତ୍ର ହିଁ ପ୍ରମାଣ ।

ଉପରୋକ୍ତ ଯେଉଁ ସାଧନାଗୁଡ଼ିକୁ ଏହି ଦାସ (ସନ୍ତ ରାମପାଲ ଦାସ) କରୁଥିଲା ତଥା ବର୍ତ୍ତମାନ ପୁରା ହିନ୍ଦୁ ସମାଜ ମଧ୍ୟ ଏହା କରୁଛି । ଗୀତା-ବେଦରେ ବର୍ଣ୍ଣନ ନ ଥିବା କାରଣରୁ ଏଗୁଡିକ ଶାସ୍ତ୍ରବିରୁଦ୍ଧ ସାଧନା ଯାହା ନିରର୍ଥକ ଅର୍ଥେ ।

କବୀର, ଗୁରୁ ବିନ୍ କାହୁ ନା ପାୟା ଜ୍ଞାନା, ଜ୍ୟୋଁ ଥୋଥା ଭୁସ୍ ଛଡ଼େ ମୂଢ଼୍ କିସାନା,
କବୀର, ଗୁରୁ ବିନ୍ ବେଦ ପଢ଼େ ଜୋ ପ୍ରାଣୀ, ସମଝେ ନା ସାର ରହେ ଅଜ୍ଞାନୀ ॥

ତେଣୁ ଗୁରୁଜୀଙ୍କ ତତ୍ତ୍ୱାବଧାନରେ ବେଦ-ଶାସ୍ତ୍ର ଜ୍ଞାନ ଅଧ୍ୟୟନ କରିବା ଉଚିତ ଯାହା ଦ୍ୱାରା ଶାସ୍ତ୍ରାନକୂଳ ସତ୍ୟ ଭକ୍ତି ସାଧନା କରି ମଣିଷ ଜୀବନ ଧନ୍ୟ ହୋଇପାରିବ ।

''ପୂର୍ଣ୍ଣଗୁରୁଙ୍କ ବଚନ ଶକ୍ତି ବଳରେ ଭକ୍ତି ହୋଇଥାଏ''

ଉଦାହରଣ:- ଗୁରୁଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ଭକ୍ତି କରିବା ଦ୍ୱାରା ଲାଭ ମିଳିଥାଏ । ବିନା ଗରୁରେ ଭକ୍ତି କରିବା ଦ୍ୱାରା କୌଣସି ଲାଭ ମିଳେ ନାହିଁ ।

ଉଦାହରଣ:- ଜଣେ ରାଜାଙ୍କର ରାଣୀ ବହୁତ ଧର୍ମ ପରାୟଣା ଥିଲେ । ସେ ପରମେଶ୍ୱର କବୀରଜୀଙ୍କ ଠାରୁ ଗୁରୁଦୀକ୍ଷା ଗ୍ରହଣ କରିଥିଲେ । ସେ ପ୍ରତିଦିନ ଗୁରୁଦର୍ଶନ ପାଇଁ ଯାଉଥିଲେ । ରାଜାଙ୍କୁ ଏହା ଭଲ ଲାଗୁନଥିଲା । କିନ୍ତୁ ସେ ନିଜ ପତ୍ନୀଙ୍କୁ ସେଠାକୁ ଯିବାକୁ ରୋକି ମଧ୍ୟ ପାରୁନଥିଲେ । କାରଣ ପ୍ରଥମତଃ ସେ ଜଣେ ଶକ୍ତିଶାଳୀ ରାଜାର ଝିଅ ଥିଲେ । ଦ୍ୱୀତିୟରେ ସେ ନିଜ ପତ୍ନୀଙ୍କୁ ସଦା ପ୍ରସନ୍ନ ଚିତ୍ତରେ ଦେଖିବାକୁ ଚାହୁଁଥିଲେ ।

ରାଜା ଦିନେ ରାଣୀଙ୍କୁ କହିଲେ ଯେ ଆପଣ ଯଦି ନ ରାଗିବେ ତେବେ ମୁଁ ଆପଣଙ୍କୁ

ଗୋଟିଏ କଥା କହିବି ? ରାଣୀ କହିଲେ କୁହନ୍ତୁ । ରାଜା କହିଲେ, ଆପଣ ନିଜ ଗୁରୁଙ୍କ ପାଖକୁ ଯାଉଛନ୍ତି, ଭକ୍ତି ତ ବିନା ଗୁରୁରେ ମଧ୍ୟ ହୋଇ ପାରିବ । ରାଣୀ କହିଲେ, ଗୁରୁଜୀ କହିଛନ୍ତି ଯେ ଗୁରୁ ବିନା ଭକ୍ତି କରିବା ବ୍ୟର୍ଥ ଅଟେ । ରାଜା କହିଲେ, ମୁଁ ତୁମ ଗୁରୁଜୀଙ୍କ ସହିତ ଦେଖା କରିବା ପାଇଁ କାଲି ଆପଣଙ୍କ ସହିତ ଯିବି, ଏ ବିଷୟରେ ତାଙ୍କ ଠାରୁ ସ୍ପଷ୍ଟୀକରଣ ମାଗିବି ।

ରାଜା, ସନ୍ଥଙ୍କୁ କହିଲେ ଯେ ଆପଣ ଗୁରୁଙ୍କ ବିନା ଭକ୍ତି ହୋଇ ପାରିବ ନାହିଁ କହି ଜନତାଙ୍କୁ ମୂର୍ଖ ବନାଉଛନ୍ତି, ବିନା ଗୁରୁରେ ଭକ୍ତି ସଫଳ ହେବ ନାହିଁ କାହିଁକି ? କେବଳ ନାମମନ୍ତ୍ର ତ ଜପ କରିବାକୁ ପଡ଼ିଥାଏ । ଜଣେ ଅନ୍ୟ ଜଣକୁ ପଚାରି ଜପ କରିପାରିବ, ଏତିକି ହିଁ ଯଥେଷ୍ଟ । ସନ୍ଥ କହିଲେ, ରାଜା ! ଆପଣଙ୍କ କଥାରେ ଦମ୍ ଅଛି । ମୁଁ ଆପଣଙ୍କ ରାଜ ଦରବାରକୁ ଆସି ସେଠାରେଏହି କଥାର ଉତ୍ତର ରଖିବି । ନିର୍ଦ୍ଧାରିତ ଦିନରେ ସନ୍ଥ ମହାତ୍ମା ରାଜାଙ୍କ ଦରବାରକୁ ଗଲେ । ରାଜା ସିଂହାସନ ଉପରେ ବିରାଜମାନ ଥିଲେ, ଆଖ-ପାଖରେ ସିପାହୀମାନେ ଛିଡ଼ା ହୋଇଥିଲେ । ସନ୍ଥଙ୍କ ପାଇଁ ଅଲଗା ଚୌକି ରଖାଯାଇଥିଲା । ସନ୍ଥ, ରାଜ ଦରବାରରେ ପହଞ୍ଚିବା କ୍ଷଣୀ ରାଜାଙ୍କ ଆଡକୁ ହାତରେ ନିର୍ଦ୍ଦେଶ କରି ନିକଟରେ ଛିଡ଼ା ହୋଇଥିବା ସିପାହୀମାନଙ୍କୁ କହିଲେ ଯେ ରାଜାକୁ ଗିରଫ କର, କିନ୍ତୁ ସୀପାହିମାନେ ରାଜାଙ୍କୁ ଗିରଫ କଲେ ନାହିଁ ।

ଏହା ଦେଖି ରାଜା ମନରେ ସନ୍ଥଙ୍କ ପ୍ରତି କ୍ରୋଧ ଜାତ ହେଲା । ରାଜା ଭାବିଲା ଯେ ଏହି ବଦ୍‌ମାସ ମୋ ରାଜ୍ୟ ହଡ଼ପ କରବା ପାଇଁ ମୋ ପତ୍ନୀକୁ ଏହି ଉଦ୍ଦେଶ୍ୟରେ ଭ୍ରମିତ କରି ରଖିଛି । ରାଜା ଥରେ ମାତ୍ର ସିପାହୀଙ୍କୁ କହିଲେ, ସିପାହୀ ! ଗିରଫ କର । ରାଜାଙ୍କ ସଙ୍କେତ ସନ୍ଥଙ୍କ ପ୍ରତି ଥିଲା । ରାଜାଙ୍କ ମୁଖରୁ ଏହି ଆଦେଶ ଶୁଣିବା କ୍ଷଣୀ ସୈନିକ, ସନ୍ଥଙ୍କୁ ବାନ୍ଧି ପକାଇଲେ ।

ସନ୍ଥ କହିଲେ, ହେ ରାଜନ୍ ! ଆପଣ ଘରକୁ ଡ଼ାକି ସନ୍ଥଙ୍କ ପ୍ରତି ଅଭଦ୍ରାମୀ ପ୍ରଦର୍ଶନ କରୁଛନ୍ତି । ଏହା ଠିକ୍ ହେଉନାହିଁ । ରାଜା କହିଲେ, ଆପଣ ଏଭଳି ଅଯଥା କଥା କ'ଣ ପାଇଁ କରୁଥିଲେ ? ମୋତେ ବନ୍ଦୀ କରିବା ପାଇଁ ମୋ ସୈନିକମାନଙ୍କୁ ଆଦେଶ ଦେଉଥିଲେ କାହିଁକି ? ସନ୍ଥ କହିଲେ, ମୁଁ ଆପଣଙ୍କର ସେହି ପ୍ରଶ୍ନର ଉତ୍ତର ଦେଉଥିଲି ଯେ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ଭକ୍ତି କରିବା କାହିଁକି ଲାଭଦାୟକ ଅଟେ ? ମୋତେ ବନ୍ଧନ ମୁକ୍ତ କରାନ୍ତୁ, ତା'ପରେ ଯାଇ ମୁଁ ଆପଣଙ୍କ ପ୍ରଶ୍ନର ଉତ୍ତର ଦେବି । ରାଜା ସିପାହୀମାନଙ୍କୁ କହିଲେ, ଛାଡ଼ି ଦିଅ ତାଙ୍କୁ । ସିପାହୀମାନେ ସନ୍ଥଙ୍କୁ ଛାଡ଼ି ଦେଲେ । ସନ୍ଥ କହିଲେ, ହେ ରାଜନ୍ ! ଆପଣଙ୍କ ସୈନିକମାନଙ୍କୁ ମୁଁ ଠିକ୍ ଏହି ବାକ୍ୟ କହିଥିଲି ଯେ "ରାଜାଙ୍କୁ ବନ୍ଦୀ କର" କିନ୍ତୁ ସିପାହୀମାନେ ମୋ କଥାକୁ କର୍ଣ୍ଣପାତ କରିନଥିଲେ । ଏହି ସମାନ ବାକ୍ୟ ଆପଣ କହିବା ପରେ ସିପାହୀମାନେ ସଙ୍ଗେ ସଙ୍ଗେ ମୋତେ ଗିରଫ କରିନେଲେ । ରାଜୁତି କରିବାର ଶକ୍ତି ଆପଣଙ୍କ ବଚନରେ ଅଛି ଏବଂ ମୋ ବଚନରେ ଆଧ୍ୟାତ୍ମିକ ଶକ୍ତି ଅଛି । ସେହି ମନ୍ତ୍ର ଜପ କରି ଭକ୍ତି କରିବା ପାଇଁ ଆପଣ ଆଉ କାହାକୁ କହିବେ ତ ମନ୍ତ୍ର କୌଣସି କାମ କରିବ ନାହିଁ । କିନ୍ତୁ ସେହି ନାମ (ମନ୍ତ୍ର) ଜପ କରିବା ପାଇଁ ମୁଁ ଅନ୍ୟକୁ କହିଲେ ତୁରନ୍ତ ପ୍ରଭାବରେ ତାହା କ୍ରିୟାଶୀଳ ହେବ । ତେଣୁ ପୂର୍ଣ୍ଣସନ୍ଥଙ୍କ ଠାରୁ ଦୀକ୍ଷା ନେବା ଦ୍ୱାରା ସାଧକର ଆଧ୍ୟାତ୍ମିକ କାର୍ଯ୍ୟକଳାପ ତୁରନ୍ତ ଆରମ୍ଭ ହୋଇ ଯାଇଥାଏ, ତା' ଆତ୍ମା ମଧ୍ୟରେ ଭକ୍ତି ଅଙ୍କୁରିତ ହୋଇଥାଏ । ସୂକ୍ଷ୍ମ ବେଦରେ କୁହାଯାଇଛି ଯେ:-

ସତଗୁରୁ ପଶୁ ମାନୁଷ କରି ଡାରେ, ସିଦ୍ଧି ଦେୟ କର ବ୍ରହ୍ମ ବିଚାରେଁ ।

ଭାବାର୍ଥ:-ସଦଗୁରୁ ମାନବକୁ ସର୍ବପ୍ରଥମେ ସତ୍‌ସଙ୍ଗ ଶୁଣାଇ ଭଦ୍ର ମଣିଷ କରିଥାନ୍ତି । ସମସ୍ତ ବିକାରରୁ ମୁକ୍ତ କରାଇଥାନ୍ତି । ତା'ପରେ ନିଜ ଭକ୍ତିର ସିଦ୍ଧି ଅର୍ଥାତ୍ ଶକ୍ତିକୁ ଶବ୍ଦ ମାଧ୍ୟମରେ ଶିଷ୍ୟର ଅନ୍ତରରେ ପ୍ରବେଶ କରାଇ ଶିଷ୍ୟ ମନରେ ବ୍ରହ୍ମ ଅର୍ଥାତ୍ ପରମାତ୍ମାଙ୍କ ସାଧନା କରିବାର ପ୍ରବଳ ଇଚ୍ଛା ସୃଷ୍ଟି କରାଇଥାନ୍ତି ଯାହା ଦ୍ୱାରା ଭକ୍ତି ପ୍ରତି ସାଧକର ରୁଚି ଦିନକୁ ଦିନ ବଢ଼ିଥାଏ । ତା'ପରେ ସେ ଦେବତା ହୋଇଯାଇଥାଏ । କବୀର ଜୀ କହିଛନ୍ତି ଯେ:-

କବୀର, ବଲିହାରୀ ଗୁରୁ ଆପଣା, ଘଡ଼ୀ-ଘଡ଼ୀ ସୌ-ସୌ ବାର ।
ମାନୁଷ ସେ ଦେବତା କିୟା, କରତ ନା ଲାଇ ବାର ॥

ତେଣୁ କୁହାଯାଇଛି ଯେ:-

କବୀର, ଗୁରୁବିନ୍ ମାଲା ଫେରତେ, ଗୁରୁ ବିନ ଦେତେ ଦାନ୍ ।
ଗୁରୁ ବିନ୍ ଦୋନୋ ନିଷ୍ଫଳ ହେ, ଚାହେ ପୁଛୋ ବେଦ୍ ପୁରାଣ ॥
ଯୋଗ, ଯଜ୍ଞ, ତପ୍, ଦାନ୍ କରାବୈ, ଗୁରୁ ବିମୁଖ ଫଲ କଭୀ ନେହିଁ ପାବୈ ॥

ଭାବାର୍ଥ :- ଯେଉଁମାନେ ଗୁରୁ ଧାରଣ ନକରି ମନ୍ତ୍ର ଜପକରି ମାଳା ଗଡାନ୍ତି ବା ଦାନ ଦେଇଥାନ୍ତି, ତାହା ବ୍ୟର୍ଥ ଅଟେ । ବେଦ-ପୁରାଣରେ ମଧ୍ୟ ଏହାର ପ୍ରମାଣ ଅଛି । ପୁଣି ଶେଷ ଚୌପଦୀର ଭାବାର୍ଥ ଏହା ଯେ ଦୀକ୍ଷା ନେଇ ପୁଣି ଗୁରୁଙ୍କୁ ଛାଡି ଯଦି ସେହି ମନ୍ତ୍ରଗୁଡ଼ିକର ଜପ କରିବା ସହ ଯଜ୍ଞ, ହୋମ, ଦାନ ଆଦି କରୁଛ ତେବେ ସେ ସବୁ ବ୍ୟର୍ଥ ଯିବ । ସେହି ବ୍ୟକ୍ତିକୁ କୌଣସି ଲାଭ ମିଳିବ ନାହିଁ ।

କବୀର:- ତାଁତେ ସତଗୁରୁ ଶରଣା ଲୀଜୈ, କପଟ ଭାବ ସବ ଦୂର କରିଜୈ ।

ଅନ୍ୟ ପ୍ରମାଣ:-

କବୀର, ଗର୍ଭ ଯୋଗେଶ୍ୱର ଗୁରୁ ବିନା, କରତେ ହରି କୀ ସେବ
କହେଁ କବୀର ବୈକୁଣ୍ଠ ସେ, ଫେର ଦିଆ ସୁଖଦେବ୍ ॥
ରାଜା ଜନକ ଗୁରୁ କିୟା, ଫିର୍ କିହ୍ନୀ ହର କୀ ସେବ୍ ।
କହେ କବୀର ବୈକୁଣ୍ଠ ମେଁ, ଚଲେ ଗୟେ ସୁଖଦେବ୍ ॥

ଭାବାର୍ଥ:- ଋଷି ବେଦବ୍ୟାସଙ୍କ ପୁତ୍ର ସୁଖଦେବ ନିଜ ପୂର୍ବ ଜନ୍ମର ଭକ୍ତି ଶକ୍ତି ସାହାଯ୍ୟରେ ଉଡ଼ି ସ୍ୱର୍ଗକୁ ଚାଲି ଯାଉଥିଲେ । ଦିନେ ସେ ଭଗବାନ ବିଷ୍ଣୁଙ୍କ ଲୋକରେ ନିର୍ମିତ ସ୍ୱର୍ଗ ଭିତରକୁ ପ୍ରବେଶ କରିବାକୁ ଲାଗିଲେ । ସେଠାକାର କର୍ମଚାରୀ ଋଷି ସୁଖଦେବଜୀଙ୍କୁ ସ୍ୱର୍ଗର ଦ୍ୱାର ନିକଟରେ ପଚାରିଲେ ଯେ ଋଷିବର ! ଆପଣଙ୍କ ପୂଜ୍ୟ ଗୁରୁଜୀଙ୍କ ନାମ କୁହନ୍ତୁ । ସୁଖଦେବ ଉତ୍ତର ଦେଲେ, ଗୁରୁଙ୍କର କ'ଣ ଆବଶ୍ୟକତା ଅଛି ? ଦ୍ୱାରପାଳ କହିଲେ, ଅନ୍ୟମାନେ ସମସ୍ତେ ଗୁରୁ ଧାରଣ କରି ଏଠାକୁ ଆସିଛନ୍ତି । ସୁଖଦେବ କହିଲେ, ମୋ ପାଖରେ ଏତେ ଶକ୍ତି ଅଛି ଯେ ମୁଁ ବିନା ଗୁରୁରେ ଏଠାକୁ ଆସିପାରିଛି । ଦ୍ୱାରପାଳ କହିଲେ, ଋଷିବର ! ତାହା ଆପଣ ପୂର୍ବ ଜନ୍ମରେ ସଂଗ୍ରହ କରିଥିବା ଭକ୍ତିର ଶକ୍ତି ଅଟେ । ଆଉଥରେ ଯଦି ଗୁରୁ ଧାରଣ କରି ଭକ୍ତି ନ କରିବ ତେବେ ପୂର୍ବର ଭକ୍ତିପୂଞ୍ଜି ଅଳ୍ପଦିନ ମଧ୍ୟରେ ସମାପ୍ତ ହୋଇଯିବ । ଆପଣଙ୍କ ମାନବ ନଷ୍ଟ ହୋଇଯିବ ।

ଉଦାହରଣ:- ବର୍ତ୍ତମାନ ସମୟରେ ଏକ ଇନ୍‌ଭର୍ଟର ବ୍ୟାଟେରୀକୁ ଚାର୍ଜର୍ ଲଗାଇ ଚାର୍ଜିଙ୍ଗ୍ କରି ରଖାଯାଇଛି । ପରବର୍ତ୍ତି ସମୟରେ ଚାର୍ଜରଟିକୁ ଖୋଲି ଦିଆଯିବା ପରେ ମଧ୍ୟ ଇନ୍‌ଭର୍ଟରଟି କାର୍ଯ୍ୟ କରିବା ଜାରି ରଖିବ କାରଣ ସେଥିରେ ଶକ୍ତି ସଂଗ୍ରହ ହୋଇସାରିଛି । କିଛି ସମୟ ପରେ ତାହା ସମସ୍ତ କାର୍ଯ୍ୟ କରିବା ବନ୍ଦ କରିଦେଇଥାଏ । ନା ଟ୍ୟୁବ୍‌ଲାଇଟ୍ ଜଳିଥାଏ ନା ପଙ୍ଖା ଘୂରିଥାଏ । ପୁଣି ଚାଜିଙ୍ଗ୍ କରିବାକୁ ପଡ଼ିବ । ସେଥିପାଇଁ ଚାର୍ଜର ଆବଶ୍ୟକ । ଗୁରୁଙ୍କୁ ଚାର୍ଜର ଓ ପରମେଶ୍ୱରଙ୍କୁ ବିଜୁଳିକୁ ବୋଲି ଜାଣ ।

ସୁଖଦେବ ଋଷି ନିଜ ସିଦ୍ଧି ପାଇଁ ବହୁତ ଅଭିମାନ କରୁଥିଲେ, ତେଣୁ ସେ ଦ୍ୱାରପାଳଙ୍କ କଥା ମାନି ନଥିଲେ । କଥା ଭଗବାନ ବିଷ୍ଣୁଙ୍କ ପାଖରେ ପହଞ୍ଚିଲା । ଶ୍ରୀ ବିଷ୍ଣୁ ମଧ୍ୟ ଏହି କଥା କହିଲେ, ଋଷିବର ! ପ୍ରଥମେ ଆପଣ ଗୁରୁ ଧାରଣ କରନ୍ତୁ, ତା'ପରେ ଏଠାକୁ ଆସିବେ । ସୁଖଦେବ କହିଲେ, ଭଗବାନ ! ଏହି ପୃଥିବୀ ଲୋକରେ ମୋ ସମକକ୍ଷ ବ୍ୟକ୍ତି କେହି ନାହାଁନ୍ତି, ନା କୌଣସି ଉତ୍ତମ ଗୁରୁ ଅଛନ୍ତି । କୃପାକରି ଆପଣ କୁହନ୍ତୁ ଯେ ମୁଁ କାହାକୁ ଗୁରୁ କରିବି ? ଶ୍ରୀ ବିଷ୍ଣୁ କହିଲେ ଆପଣ ରାଜା ଜନକଙ୍କୁ ଗୁରୁ କରନ୍ତୁ । ଏହା କହି ଶ୍ରୀ ବିଷ୍ଣୁ ନିଜ ମହଲକୁ ଚାଲିଗଲେ । ସୁଖଦେବ ଋଷି ପୁଣି ପୃଥିବୀକୁ ଫେରିଲେ । ରାଜା ଜନକଙ୍କ ଠାରୁ ଦୀକ୍ଷା ନେଇ ସେ ଦେଇଥିବା ଭକ୍ତିମନ୍ତ୍ର ଜପ କଲେ । ତପୂଷ୍ଟାତ୍ ଭଗବାନ ବିଷ୍ଣୁ, ଋଷି ସୁଖଦେବଙ୍କୁ ତାଙ୍କ ଲୋକରେ ନିର୍ମିତ ସ୍ୱର୍ଗରେ ରହିବାକୁ

ସୁଯୋଗ ଦେଇଥିଲେ । ତେଣୁ ଗୁରୁ ଧାରଣ କରି ଭକ୍ତି କରିବା ଦ୍ୱାରା ସଫଳତା ମିଳିଥାଏ । ବିନା ଗୁରୁରେ ଭକ୍ତି, ଦାନ-ଧର୍ମ ଆଦି କରିବା ବ୍ୟର୍ଥ ଅଟେ ।

ଋଗୁରୁ, ପୂର୍ଣ୍ଣ ହୋଇଥିବା ଆବଶ୍ୟକ, ଭଣ୍ଡଗୁରୁଙ୍କଠାରୁ କୌଣସି ଲାଭ ପ୍ରାପ୍ତି ହୁଏ ନାହିଁ ।

ପ୍ରଶ୍ନ:- ପୂର୍ଣ୍ଣଗୁରୁଙ୍କ ପରିଚୟ କ'ଣ ? ଆମ୍ଭେ ଯେ କୌଣସି ସନ୍ଥଙ୍କ ଠାରୁ ଜ୍ଞାନ ଶୁଣିଲେ ବି ସେ ଆମ୍ଭକୁ ପୂର୍ଣ୍ଣ ସଦଗୁରୁ ପରି ଜଣା ପଡୁଛନ୍ତି ।

ଉତ୍ତର:- ସୂକ୍ଷ୍ମ ବେଦରେ ଗୁରୁଙ୍କ ଲକ୍ଷଣ ବିଷୟରେ କୁହାଯାଇଛି:-

ଗରୀବ:-ସତ୍‌ଗୁରୁ କେ ଲକ୍ଷଣ କହୁଁ, ମଧୁରେ ବୈନ ବିନୋଦ୍ ।
ଚାର ବେଦ ଛ ଶାସ୍ତ୍ର, କହେ ଅଠାରା ବୋଧ୍ ॥

ସନ୍ଥ ଗରୀବ ଦାସ ଜୀ (ଗ୍ରାମ-ଛୁଡ଼ାଣୀ, ଜିଲ୍ଲା-ଝଜ୍ଜର୍, ହରିୟାଣା)ଙ୍କୁ ପରମେଶ୍ୱର କବୀରଜୀ ଦର୍ଶନ ଦେଇଥିଲେ ଏବଂ ତାଙ୍କ ଆତ୍ମାକୁ ଉପରେ ଥିବା ନିଜ ସତ୍ୟଲୋକ (ସନାତନ ପରମଧାମ)କୁ ନେଇ ଯାଇଥିଲେ । ଉପରେ ଥିବା ସମସ୍ତ ଲୋକର ଅବଲୋକନ କରାଇ ପୁଣି ପୃଥିବୀ ଲୋକରେ ଛାଡ଼ି ଦେଇଥିଲେ । ତାଙ୍କୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ କହିଥିଲେ । ପରମେଶ୍ୱର କବୀର ଜୀ ତାଙ୍କ ଜ୍ଞାନଯୋଗ ଖୋଲି ଦେଇଥିଲେ । ସନ୍ଥ ଗରୀବଦାସ ଜୀ ସେହି ଆଧାରରେ ଗୁରୁଙ୍କ ପରିଚୟ ବିଷୟରେ କହିଛନ୍ତି ଯେ ଯିଏ ବାସ୍ତବିକ ଗୁରୁ ଅର୍ଥାତ୍ ସତଗୁରୁ ହୋଇଥିବେ ସେ ଏଭଳି ଜ୍ଞାନ ଦେଇଥାନ୍ତି ଯେ ତାଙ୍କ ବଚନ ଆତ୍ମାକୁ ଆନନ୍ଦିତ କରିଦିଏ, ତାଙ୍କ ବଚନ ବହୁତ ମଧୁର ଲାଗେ କାରଣ ତାଙ୍କ ବଚନ ସତ୍ୟ ଉପରେ ଆଧାରିତ ହୋଇଥାଏ । କାଣର ସଦଗୁରୁ ଚାରି ବେଦ ଓ ସର୍ବ ଶାସ୍ତ୍ରରେ ଲିଖିତ ଜ୍ଞାନକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥାନ୍ତି ।

ଏହାର ପ୍ରମାଣ ପରମେଶ୍ୱର କବୀର ଜୀ ସୂକ୍ଷ୍ମବେଦରେ କବୀର ସାଗରର ୧୯୬୦ ପୃଷ୍ଠାରେ ଥିବା "ଜୀବ ଧର୍ମ ବୋଧ" ନାମକ ଅଧ୍ୟାୟରେ ଦେଇଛନ୍ତି":-

ଗୁରୁ କେ ଲକ୍ଷଣ ଚାର୍ ବଖାନା, ପ୍ରଥମ ବେଦ୍ ଶାସ୍ତ୍ର କା ଜ୍ଞାନା ॥
ଦୁଜେ ହରି ଭକ୍ତି ମନକର୍ମ ବାଣୀ, ତୀଜେ ସମଦୃଷ୍ଟି କରି ଜାଣୀ ॥
ଚୌଥେ ବେଦ ବିଧି ସବ କର୍ମା, ଯେ ଚାର ଗୁରୁ ଗୁଣ ଜାନୋଁ ମର୍ମା ॥

ସରଳାର୍ଥ:- କବୀର ପରମେଶ୍ୱର ଜୀ କହିଛନ୍ତି ଯେ ଯିଏ ସଚ୍ଚା (ବାସ୍ତବିକ) ଗୁରୁ ହୋଇଥିବେ । ତାଙ୍କର ଚାରୋଟି ମୁଖ୍ୟ ଲକ୍ଷଣ ଥିବ:-

୧. ସର୍ବ ବେଦ-ଶସ୍ତ୍ରର ସଂପୂର୍ଣ୍ଣ ଜ୍ଞାନ ସହିତ ସେ ଭଲ ଭାବେ ପରିଚିତ ଥିବେ ।
୨. ଦ୍ୱିତୀୟରେ ସେ ମନ-କର୍ମ-ବଚନରେ ନିଜେ ମଧ୍ୟ ଭକ୍ତି କରିଥାନ୍ତି ଅର୍ଥାତ୍ ତାଙ୍କ ଉଚ୍ଚାରଣ ଓ ଆଚରଣରେ କୌଣସି ପାର୍ଥକ୍ୟ ନଥାଏ ।
୩. ତୃତୀୟ ଲକ୍ଷଣ ଏହା ଯେ ସମସ୍ତ ଅନୁଗାମୀମାନଙ୍କ ସହିତ ସେ ସମାନ ବ୍ୟବହାର କରିଥାନ୍ତି, କୌଣସି ଭେଦଭାବ ରଖନ୍ତି ନାହିଁ ।
୪. ଚତୁର୍ଥ ଲକ୍ଷଣ ଏହା ଯେ ସମସ୍ତ ଭକ୍ତିକର୍ମ ସେ ବେଦ (ଚାରି ବେଦ ବିଷୟରେ ତ ସମସ୍ତେ ଜାଣିଛନ୍ତି ୧. ଋଗ୍‌ବେଦ, ୨. ଯଜୁର୍ବେଦ, ୩. ସାମବେଦ, ୪ ଅଥର୍ବବେଦ ତଥା ପଞ୍ଚମ ବେଦ ଯାହା ସୂକ୍ଷ୍ମବେଦ ଅଟେ) ସମସ୍ତ ବେଦ ଅନୁସାରେ ନିଜେ କରନ୍ତି ଓ କରାଇଥାନ୍ତି । ଋ ବେଦ (ଚାରି ବେଦ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଏବଂ ଅଥର୍ବବେଦ)ରେ କେବଳ ଓମ୍ = ଓଁ, ଏହି ଗୋଟିଏ ନାମ ଅଛି ଜପ ପାଇଁ ।

ପ୍ରମାଣ = ଯଜୁର୍ବେଦ ଅଧ୍ୟାୟ ୪୦ର ମନ୍ତ୍ର ୧୫ ଏବଂ ୧୭ ରେ ଅଛି ।

ମନ୍ତ୍ର୧୫ରେ କୁହାଯାଇଛି ଯେ କାର୍ଯ୍ୟ କରୁଥିବା ସମୟରେ ଓମ୍ (ଓଁ) ନାମର ସୁମିରଣ କର, ବିଶେଷ ଉତ୍କଣ୍ଠାର ସହିତ କର, ମାନବ ଜୀବନର ପରମ କର୍ତ୍ତବ୍ୟ ଭାବି ସୁମିରଣ କର, ଓଁ ମନ୍ତ୍ରର ଜପ ମୃତ୍ୟୁ ପର୍ଯ୍ୟନ୍ତ କରିବା ଦ୍ୱାରା ଏତେ ପରିମାଣରେ ଅମରତ୍ୱ ପ୍ରାପ୍ତ ହୋଇଯିବ ଯେତେ ଓଁ ମନ୍ତ୍ରର ସୁମିରଣରେ ହୋଇଥାଏ (ଯଜୁର୍ବେଦ ୪୦/୧୫)

ଝ ଯଜୁର୍ବେଦ ଆଧ୍ୟୟ ୪୦ ମନ୍ତ୍ର ୧୭ରେ ବେଦ ଜ୍ଞାନଦାତା ବ୍ରହ୍ମ ହିଁ ଅଟନ୍ତି । ସେ କହିଛନ୍ତି ଯେ ଯିଏ ପୂର୍ଣ୍ଣ ପରମାତ୍ମା ଅଟନ୍ତି, ସେ ତ ପରୋକ୍ଷ (ଲୁଚିଛନ୍ତି ଅର୍ଥାତ୍ ଅବ୍ୟକ୍ତ) ଅଛନ୍ତି । ସେ ସମସ୍ତଙ୍କୁ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । (ତାଙ୍କ ବିଷୟରେ ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୦ରେ ସୂଚନା ଦିଆଯାଇଛି ଯେ ତାଙ୍କ ବିଷୟରେ ଯଥାର୍ଥ ଜ୍ଞାନ ତତ୍ତ୍ୱଦର୍ଶୀ ସନ୍ଥ ହିଁ ଜାଣିଛନ୍ତି, ତାଙ୍କୁ ପଚାରି ବୁଝ) ପୁଣି ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର୧୭ ରେ ସେ କୁହାଯାଇଛି ଯେ (ଅହମ୍ ଖମ୍ ବ୍ରହ୍ମ) ମୁଁ ବ୍ରହ୍ମ ଅଟେ । ମୋର ଓମ୍ = ଓଁ ନାମ ଅଟେ । ଉପରେ ଥିବା ଦିବ୍ୟ ଆକାଶ ରୂପୀ ବ୍ରହ୍ମ ଲୋକରେ ମୁଁ ରହୁଛି । (ଯଜୁର୍ବେଦ ୪୦/୧୭)

ଏହି ପ୍ରମାଣ ଶ୍ରୀ ଦେବୀ ମହାପୁରାଣ :- (ଗୀତାପ୍ରେସ୍, ଗୋରଖପୁରରୁ ପ୍ରକାଶିତ, ସଚିତ୍ର ମୋଟା ଟାଇପ୍ କେବଳ ହିନ୍ଦୀ)ର ସପ୍ତମ ସ୍କନ୍ଦର ପୃଷ୍ଠା ୫୬୨-୫୬୩ ରେ ଅଛି । ଶ୍ରୀଦେବୀ ମହାଶୟା, ରାଜା ହିମାଳୟଙ୍କୁ କହୁଛନ୍ତି ଯେ ରାଜନ୍! ଆପଣ ଯଦି ଆତ୍ମ-କଲ୍ୟାଣ ଚାହୁଁଛନ୍ତି ତେବେ ମୋ ଭକ୍ତି ସହିତ ଅନ୍ୟ ସମସ୍ତ କଥାକୁ ମଧ୍ୟ ଛାଡି ଦିଅନ୍ତୁ, କେବଳ ଗୋଟିଏ ଓଁ ନାମର ଜପ କରନ୍ତୁ, ବ୍ରହ୍ମ ପ୍ରାପ୍ତିର ଉଦ୍ଦେଶ୍ୟ ରଖନ୍ତୁ । ଏହା ଦ୍ୱାରା ଆପଣ ବ୍ରହ୍ମ ପ୍ରାପ୍ତି ହୋଇଯିବେ, ସେହି ବ୍ରହ୍ମ, ବ୍ରହ୍ମଲୋକ ରୂପୀ ଦିବ୍ୟ ଆକାଶରେ ରୁହନ୍ତି । ଏଥିରୁ ସ୍ପଷ୍ଟ ହେଲା ଯେ ବେଦରେ କେବଳ ଗୋଟିଏ "ଓମ୍" ନାମ ଜପ କରିବା ପାଇଁ କୁହାଯାଇଛି । ଶ୍ରୀମଦ ଭାଗବତ ଗୀତା ଯାହା ବେଦର ସାରାଶଂ ଅଟେ, ଅଧ୍ୟାୟ ୮ ଶ୍ଳୋକ ୧୩ରେ କୁହାଯାଇଛି ଯେ:-

ଓମ୍ ଇତି ଏକାକ୍ଷରମ୍ ବ୍ରହ୍ମ ବ୍ୟାହରନ୍ ମାମ୍ ଅନୁସ୍ମରନ୍ ।
ଯଃ ପ୍ରୟାତି ତ୍ୟଜନ୍ ଦେହମ୍ ସଃ ଯାତି ପରମାମ୍ ଗତିମ୍ ।।

ଅନୁବାଦ :- ଗୀତା ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ମୁଁ ବ୍ରହ୍ମ, ମୋର କେବଳ ଓମ୍ = ଓଁ, ଏହି ଗୋଟିଏ ଅକ୍ଷର ଅଟେ, ଏହାକୁ ଉଚ୍ଚାରଣ-ସୁମିରଣ କରି ଯେଉଁ ସାଧକ ଶରୀର ତ୍ୟାଗ କରିଥାଏ, ସେ ମୃତ୍ୟୁ ଉପରାନ୍ତ ଓଁ ନାମ ସୁମିରଣରୁ ମିଳିବା ବାଲା ପରମ ଗତି ଅର୍ଥାତ୍ ବ୍ରହ୍ମଲୋକକୁ ଯାଇଥାଏ ।

ଶ୍ରୀ ମଭଗବତ୍ ଗୀତା ତଥା ବେଦରେ ଏହା ଅତିରିକ୍ତ ଅର୍ଥାତ୍ "ଓମ୍"= ଓଁ ବ୍ୟତୀତ ବ୍ରହ୍ମ ସାଧନାର ଅନ୍ୟ କୌଣସି ମନ୍ତ୍ରର ଉଲ୍ଲେଖ ନାହିଁ ।

ଏଥିରୁ ପ୍ରମାଣିତ ହେଲା ଯେ ଓଁ = ଓମ୍ ନାମର ଜପ, ଶାସ୍ତ୍ର ପ୍ରାମାଣିତ ଅଟେ ।

ଝ ଗୀତା ଜ୍ଞାନଦାତା ସ୍ପଷ୍ଟ କରିଛନ୍ତି ଯେ ଅର୍ଜୁନ! ତୋର ଏବଂ ମୋର ଅନେକ ଜନ୍ମ ହୋଇସାରିଛି, ଆଗକୁ ମଧ୍ୟ ହେବ । ମୋ ଉତ୍ପତ୍ତି ବିଷୟରେ ଋଷି ଓ ଦେବତାଗଣ ଜାଣିନାହାଁନ୍ତି । (ଗୀତା ଅଧ୍ୟାୟ /ଶ୍ଳୋକ ୨/୧୨, ୪/୫,୧୦/୨)

ଏଥରୁ ପ୍ରାମାଣିତ ହେଲା ଯେ ଗୀତା ଜ୍ଞାନଦାତା "ବ୍ରହ୍ମ" ନାଶବାନ ଅଟେ ଏବଂ ସେ ଜନ୍ମ-ମରଣ ଚକ୍ର ଅର୍ନ୍ତଗତ ଅଟନ୍ତି । ବ୍ରହ୍ମ ଉପାସକମାନେ ମଧ୍ୟ ଜନ୍ମ-ମରଣ ଚକ୍ରରେ ହିଁ ରହିବେ । ତେଣୁ ଗୀତା ଅଧ୍ୟାୟ ୮ଶ୍ଳୋକ ୧୬ ରେ କୁହାଯାଇଛି ଯେ ବ୍ରହ୍ମଲୋକକୁ ଯାଇଥିବା ସାଧକ ମଧ୍ୟ ପୁର୍ନଜନ୍ମ ଚକ୍ରରେ ରହିଥାନ୍ତି । ତେଣୁ ଗୀତା ଅଧ୍ୟାୟ ୧୮ଶ୍ଳୋକ ୬୨ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ହେ ଭାରତ! ତୁ ସର୍ବଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଯା', ସେହି ପରମେଶ୍ୱରଙ୍କ କୃପାରୁ ହିଁ ତୁ ପରମ ଶାନ୍ତି ତଥା ସନାତନ ପରମଧାମ ଅର୍ଥାତ୍ ସତ୍ୟଲୋକ ପ୍ରାପ୍ତ ହେବୁ ।

ଝପୁଣି ଗୀତା ଅଧ୍ୟାୟ୧୫ ଶ୍ଳୋକ ୪ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ଯେତେବେଳେ ତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇଯିବ, ତାଙ୍କ ନିର୍ଦ୍ଦେଶ ଅନୁସାରେ ସାଧନା କରି, ତା'ପରେ ପରମେଶ୍ୱରଙ୍କର ସେହି ପରମପଦକୁ ଅନ୍ୱେଷଣ କରିବା ଉଚିତ୍, ଯେଉଁଠିକୁ ଯିବାପରେ ସାଧକ ପୁନର୍ବାର ଏ ସଂସାରକୁ କେବେ ଫେରି ଆସେ ନାହିଁ । ତେଣୁ କେବଳ ସେହି ପରମେଶ୍ୱରଙ୍କର ପୂଜା କର ।

ଗୀତା ଅଧ୍ୟାୟ ୭ ଶ୍ଳୋକ ୨୯ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ:-

"ଜରା ମରଣ୍ ମୋକ୍ଷାୟ ମାମ୍ ଆଶ୍ରିତ୍ୟ ଯତନ୍ତି ଯେ
ତେ ତତ୍ ବ୍ରହ୍ମ ବିଦୁଃ କୃତସ୍ନନ୍ ଅଧ୍ୟାତ୍ମମ୍ କର୍ମ ଚ ଅଖିଳମ୍"

ଭାବାର୍ଥ:- ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେଉଁମାନେ ମୋ ଦ୍ୱାରା ପ୍ରଦତ୍ତ ଜ୍ଞାନ ଉପରେ ଆଶ୍ରିତ ହୋଇ ଅର୍ଥାତ୍ ମୋ କହିବା ଅନୁସାରେ ତତ୍ତ୍ୱଦର୍ଶୀ ସନ୍ତଙ୍କଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ କରନ୍ତି, ଯେଉଁମାନେ ଜରା ଅର୍ଥାତ୍ ବୃଦ୍ଧାବସ୍ଥା ଏବଂ ମୃତ୍ୟୁ କଷ୍ଟରୁ ମୋକ୍ଷ ପ୍ରାପ୍ତ କରିବା ପାଇଁ ପ୍ରୟାସ କରିଥାନ୍ତି, ଭକ୍ତିର ପ୍ରତିଫଳ ସ୍ୱରୂପ ସଂସାରର କୌଣସି ମୂଲ୍ୟବାନ ବସ୍ତୁ ପ୍ରାପ୍ତ କରିବା ପାଇଁ ଇଚ୍ଛା କରିନଥାନ୍ତି ସେମାନେ (ତତ୍ ବ୍ରହ୍ମ ବିଦୁଃ) ସେହି ବ୍ରହ୍ମ, ସମ୍ପୂର୍ଣ୍ଣ ଅଧ୍ୟାତ୍ମ ଓ ସମସ୍ତ କର୍ମକୁ ଜାଣିଛନ୍ତି ।

ଝ ଗୀତା ଅଧ୍ୟାୟ ୮ ଶ୍ଳୋକ ୧ ରେ ଅର୍ଜୁନ ପଚାରୁଛନ୍ତି ଯେ "ତତ୍ ବ୍ରହ୍ମ" କ'ଣ ? ଗୀତା ଜ୍ଞାନଦାତା ଏହାର ଉତ୍ତର ଗୀତା ଅଧ୍ୟାୟ ୮ ର ଶ୍ଳୋକ ୩ ରେ ହିଁ ଦେଇଛନ୍ତି । କହିଛନ୍ତି ଯେ ସେ 'ପରମ ଅକ୍ଷର' ବ୍ରହ୍ମ ଅଟନ୍ତି ।

ଝ ଗୀତା ଅଧ୍ୟାୟ ୮ଶ୍ଳୋକ ୫ ତଥା ୭ ରେ ଗୀତା ଜ୍ଞାନଦାତା ନିଜ ଭକ୍ତି କରିବା ପାଇଁ କହୁଛନ୍ତି ଏବଂ ଭରଷା ଦେଉଛନ୍ତି ଯେ ମୋ ଭକ୍ତି ଦ୍ୱାରା ତୁ ମୋତେ ପ୍ରାପ୍ତ ହେବୁ, ମୋ ଭକ୍ତିରେ ଜନ୍ମ-ମରଣ, କର୍ମ ଚକ୍ର ଲାଗି ରହିବ, ଯୁଦ୍ଧ ବି କରିବାକୁ ପଡ଼ିବ, ପରମ ଶାନ୍ତି ମିଳିବ ନାହିଁ ।

ଝ-ପୁଣି ଗୀତା ଅଧ୍ୟାୟ ୮ ଶ୍ଳୋକ ୮, ୯, ୧୦ ରେ ଗୀତା ଜ୍ଞାନଦାତା ତୁରନ୍ତ କହିଛନ୍ତି ଯେ "ତତ୍ ବ୍ରହ୍ମ " ଅର୍ଥାତ୍ "ପରମ ଅକ୍ଷର ବ୍ରହ୍ମ"ଙ୍କ ଭକ୍ତି କରିବା ବାଲା ସେହି ସଚ୍ଚିଦାନନ୍ଦ ଘନ ବ୍ରହ୍ମ ଅର୍ଥାତ୍ ମୋ ଠାରୁ ଭିନ୍ନ ସେହି ଦିବ୍ୟ ପରମେଶ୍ୱରଙ୍କୁ ପ୍ରାପ୍ତ କରିବ ।

ଝଏହିଭଳି ପରମ ଅକ୍ଷର ବ୍ରହ୍ମଙ୍କ ମହିମା ବିଷୟରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ କହିଛନ୍ତି । ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୬ ରେ ଦୁଇଜଣ ପୁରୁଷଙ୍କ ବିଷୟରେ କୁହାଯାଇଛି । ଜଣେ କ୍ଷର ପୁରୁଷ ଯିଏ ଗୀତା ଜ୍ଞାନଦାତା ଅଟନ୍ତି, ଯାହାଙ୍କର ୨୧ ଟି ବ୍ରହ୍ମାଣ୍ଡ ଅଛି । ଗୀତା ଜ୍ଞାନଦାତା ବ୍ରହ୍ମ ଅଟନ୍ତି ।

ଦ୍ୱିତୀୟରେ ଅକ୍ଷର ପୁରୁଷ, ଯାହାଙ୍କ ଅଧୀନରେ ୭ ଶଙ୍ଖ ବ୍ରହ୍ମାଣ୍ଡ ଅଛି । ଏହି ଦୁହିଁଙ୍କୁ ନାଶବାନ କୁହାଯାଇଛି । ଏମାନଙ୍କ ଲୋକରେ ଥିବା ସମସ୍ତ ଜୀବ ମଧ୍ୟ ନାଶବାନ ଅଟନ୍ତି ବୋଲି କୁହାଯାଇଛି:-

ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ ରେ କହିଛନ୍ତି ଯେ:-

"ଉତ୍ତମ୍ ପୁରୁଷଃ ତୁ ଅନ୍ୟଃ ପରମାତ୍ମା ଇତି ଉଦାହୃତଃ
ଯଃ ଲୋକ ତ୍ରୟମ୍ ଆବିଶ୍ୟ ବିଭର୍ତ୍ତି ଅବ୍ୟୟଃ ଈଶ୍ୱରଃ"

ଅନୁବାଦ :- ଉତ୍ତମ ପୁରୁଷ = ପୁରୁଷୋତ୍ତମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ତ ଉପରେ ବର୍ଣ୍ଣିତ କ୍ଷରପୁରୁଷ ଏବଂ ଅକ୍ଷରପୁରୁଷଙ୍କ ଠାରୁ ଭିନ୍ନ (ଅନ୍ୟ) ଅଟନ୍ତି ଯାହାଙ୍କୁ ପରମାତ୍ମା କୁହାଯାଏ, ଯିଏକି ତିନିଲୋକ {କ୍ଷର ପୁରୁଷର ୨୧ ଟି ବ୍ରହ୍ମାଣ୍ଡ କ୍ଷେତ୍ରର ବିଶିଷ୍ଟ ଲୋକ, ଅନ୍ୟଟି ଅକ୍ଷର ପୁରୁଷର ୭ ଶଙ୍ଖ ବ୍ରହ୍ମାଣ୍ଡର ବିଶିଷ୍ଟ ଲୋକ, ତୃତୀୟରେ :- ଉପରେ ଥିବା ଚାରୋଟି ଲୋକ (ସତ୍ୟଲୋକ, ଅଲଖ ଲୋକ, ଅଗମଲୋକ, ଅନାମୀ ଲୋକ) ଏହିଭଳି ନିର୍ମିତ ହୋଇଥିବା ତିନୋଟି ଲୋକରେ} ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରନ୍ତି, ସେହି ହିଁ ପ୍ରକୃତରେ ଅବିନାଶୀ ପରମେଶ୍ୱର ଅଟନ୍ତି ।

ଝଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ ଏହି ପରମ ଅକ୍ଷର ବ୍ରହ୍ମଙ୍କୁ ପ୍ରାପ୍ତି କରିବାର ମନ୍ତ୍ର ବିଷୟରେ କୁହାଯାଇଛି:-

ଓଁ ତତ୍ ସତ୍ ଇତି ନିର୍ଦ୍ଦେଶଃ ବ୍ରହ୍ମଣଃ ତ୍ରିବିଧଃ ସ୍ମୃତଃ ।
ବ୍ରାହ୍ମଣାଃ ତେନ ବେଦାଃ ଯଜ୍ଞାଃ ଚ ବିହିତା ପୁରା ॥

ବ୍ରହ୍ମଣଃ = ସଚ୍ଚିଦାନନ୍ଦ ଘନ ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ଭକ୍ତି ସାଧନା ଅର୍ଥାତ୍ ପରମେଶ୍ୱରଙ୍କର ସେହି ପରମ ପଦକୁ ପ୍ରାପ୍ତି କରିବାର ମନ୍ତ୍ର ବିଷୟରେ କୁହାଯାଇଛି, ଯେଉଁଠିକୁ

ଯିବା ପରେ ସାଧକ ପୁନର୍ବାର ଏ ସଂସାରକୁ ଫେରି ଆସେ ନାହିଁ । ଯେଉଁଠି ପରମଶାନ୍ତି ପ୍ରାପ୍ତ ହୋଇଥାଏ, ଯାହା ସନାତନ ପରମଧାମ ଅଟେ ।

ଓଁ = "ବ୍ରହ୍ମ" ଅର୍ଥାତ୍ "କ୍ଷରପୁରୁଷ"ଙ୍କ ମନ୍ତ୍ର ଅଟେ, ଯାହା ପ୍ରତ୍ୟକ୍ଷ ଅଟେ ।

ତତ୍ = ଏହା "ଅକ୍ଷର ପୁରୁଷ"ଙ୍କ ଜପ ମନ୍ତ୍ର ଅଟେ । ଏହି ମନ୍ତ୍ରଟି ସାଙ୍କେତିକ ଅଟେ, ବାସ୍ତବିକ ମନ୍ତ୍ର ବିଷୟରେ ଦୀକ୍ଷା ଦେବା ସମୟରେ ଦୀକ୍ଷାର୍ଥୀଙ୍କୁ କୁହାଯାଇଥାଏ, ଅନ୍ୟମାନଙ୍କୁ କୁହାଯାଇନଥାଏ ।

ସତ୍ = ଏହା "ପରମ ଅକ୍ଷର ପୁରୁଷ" ଙ୍କ ସାଧନା ମନ୍ତ୍ର ଅଟେ । ଏହା ମଧ୍ୟ ସାଙ୍କେତିକ ଅଟେ । ଦୀକ୍ଷାର୍ଥୀମାନଙ୍କୁ ଦୀକ୍ଷା ଦେବା ସମୟରେ କୁହାଯାଇଥାଏ । ପ୍ରକୃତ ମନ୍ତ୍ରଟି ସୂକ୍ଷ୍ମ ବେଦରେ ଲେଖା ଅଛି । ଏହାର ପ୍ରମାଣ ସାମବେଦ ମନ୍ତ୍ର ସଂଖ୍ୟା ୮୨୨ରେ ମଧ୍ୟ ଅଛି ଯେ ତିନି ନାମ (ମନ୍ତ୍ର)ର ଜପ ଦ୍ୱାରା ପୂର୍ଣ୍ଣମୋକ୍ଷ ମିଳିଥାଏ ।

ସଂଖ୍ୟା ନଂ. ୮୨୨ ସାମବେଦ ଉତାର୍ଚିକ ଅଧ୍ୟାୟ ୩ - ଖଣ୍ଡ ନଂ. ୫ - ଶ୍ଳୋକ ନଂ. ୮ (ସନ୍ଥ ରାମପାଲ ଦାସଙ୍କ ଦ୍ୱାରା ଭାଷା-ଭାଷ୍ୟ):-

ମନୀଷିଭିଃ ପବତେ ପୂର୍ବ୍ୟଃ କବିର୍ନୃଭିର୍ଯ୍ୟତଃ ପରି କୋଶାଂ ଅସିଷ୍ୟଦତ୍ ।
ତ୍ରିତସ୍ୟ ନାମ ଜନୟନ୍ମଧୁ କ୍ଷରନ୍ନିନ୍ଦ୍ରସ୍ୟ ବାୟୁଂ ସଖାୟ ବର୍ଧୟନ୍ ।।୮।।

ମନୀଷିଭିଃ- ପବତେ-ପୂର୍ବ୍ୟଃ-କବିର୍-ନୃଭିଃ-ଯତଃ- ପରି-କୋଶାମ୍ - ଅସିଷ୍ୟଦତ୍-ତ୍ରି-ତସ୍ୟ- ନାମ-ଜନୟନ୍-ମଧୁ- କ୍ଷରନଃ-ନ-ଇନ୍ଦ୍ରସ୍ୟ-ବାୟୁମ୍-ସଖ୍ୟାୟ-ବର୍ଧୟନ୍ ।

ଶବ୍ଦାର୍ଥ :- (ପୂର୍ବ୍ୟଃ) ସନାତନ ଅର୍ଥାତ୍ ସର୍ବ ପ୍ରଥମେ ପ୍ରକଟ (କବିର୍ ନୃଭିଃ) କବୀର ପରମେଶ୍ୱର ମଣିଷ ରୂପ ଧାରଣ କରି ଅର୍ଥାତ୍ ଗୁରୁ ରୂପରେ ପ୍ରକଟ ହୋଇ (ମନୀଷିଭିଃ) ବୁଦ୍ଧିମାନ ଭକ୍ତମାନଙ୍କୁ (ତ୍ରି) ତିନି (ନାମ) ମନ୍ତ୍ର ଅର୍ଥାତ୍ ନାମ ଉପଦେଶ ଦେଇ (ପବତେ) ପାପରହିତ ଅର୍ଥାତ୍ ପବିତ୍ର କରି (ଜନୟନ୍) ଜନ୍ମ ଓ (କ୍ଷରନଃ) ମୃତ୍ୟୁରୁ (ନ) ରହିତ କରିଥାନ୍ତି ତଥା (ତସ୍ୟ) ତାହାର (ବାୟୁମ୍) ପ୍ରାଣ ଅର୍ଥାତ୍ ଜୀବନ-ଶ୍ୱାସ 'ଯାହା ସଂସ୍କାରବଶତଃ ଗଣି ଗଣି ପ୍ରଦାନ କରାଯାଇଥାଏ' କୁ (କୋଶାନ୍) ନିଜ ଭଣ୍ଡାରରୁ (ସଖ୍ୟାୟ) ମିତ୍ରତା ଆଧାରରେ (ପରି) ସମ୍ପୂର୍ଣ୍ଣ ରୂପେ (ବର୍ଧୟନ୍) ବଢ଼ାଇଥାନ୍ତି । (ଯତଃ) ଯେଉଁ କାରଣ ପାଇଁ (ଇନ୍ଦ୍ରସ୍ୟ) ପରମେଶ୍ୱରଙ୍କ (ମଧୁ) ବାସ୍ତବିକ ଆନନ୍ଦକୁ (ଅସିଷ୍ୟଦତ୍) ନିଜ ଆଶୀର୍ବାଦ ରୂପକ ପ୍ରସାଦ ଦ୍ୱାରା ପ୍ରାପ୍ତ କରାଇଥାନ୍ତି ।

ଭାବାର୍ଥ :- ଏହି ମନ୍ତ୍ରରେ ସ୍ପଷ୍ଟ କରାଯାଇଛି ଯେ ପୂର୍ଣ୍ଣ ପରମାତ୍ମା କବିର ଅର୍ଥାତ୍ କବୀର, ମାନବ ଶରୀରରେ ଗୁରୁ ରୂପରେ ପ୍ରକଟ ହୋଇ ପ୍ରଭୁ ପ୍ରେମୀମାନଙ୍କୁ ତିନି ମନ୍ତ୍ରର ଜପ ଦେଇ ସତ୍ୟଭକ୍ତି କରାନ୍ତି ତଥା ସେହି ମିତ୍ର ଭକ୍ତକୁ ପବିତ୍ର କରି ନିଜ ଆଶୀର୍ବାଦ ଦ୍ୱାରା ପୂର୍ଣ୍ଣ ପରମାତ୍ମା ଆର୍ଥାତ୍ ନିଜକୁ ପ୍ରାପ୍ତି କରିବାର ମାର୍ଗ ବିଷୟରେ ଜଣାଇ ପୂର୍ଣ୍ଣ ସୁଖ ପ୍ରାପ୍ତ କରାନ୍ତି । ସାଧକର ଆୟୁ ବଢ଼ାନ୍ତି । ଏହି ପ୍ରମାଣ ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ ଅଛି ଯେ ଓଁ-ତତ୍-ସତ୍ ଇତି ନିର୍ଦ୍ଦେଶଃ ବ୍ରହ୍ମଣଃ ତ୍ରିବିଧ ସ୍ମୃତଃ, ଭାବାର୍ଥ ଏହା ଯେ ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ କରିବାର ଓଁ (୧), ତତ୍ (୨), ସତ୍ (୩) ମନ୍ତ୍ର ଜପ ସୁମିରଣ କରିବାର ନିର୍ଦ୍ଦେଶ ଅଛି । ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ଏହି ନାମ ପ୍ରାପ୍ତ କରନ୍ତୁ । ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କ ବିଷୟରେ ଗୀତା ଅଧ୍ୟାୟ ୪ ଶ୍ଳୋକ ନଂ ୩୪ ରେ କୁହାଯାଇଛି ତଥା ଗୀତା ଅଧ୍ୟାୟ ନଂ.୧୫ ଶ୍ଳୋକ ନଂ.୧୬ ୪ ରେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ବିଷୟରେ ସୁଚନା ଦିଆଯାଇଛି ଏବଂ କୁହାଯାଇଛି ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ଠାରୁ ତତ୍ତ୍ୱଜ୍ଞାନ ପ୍ରାପ୍ତି ପରେ ସେହି ପରମ ପଦ ପରମେଶ୍ୱରଙ୍କର ଅନ୍ୱେଷଣ କରିବା ଉଚିତ୍ । ଯେଉଁଠିକୁ ଯିବାପରେ ସାଧକ ପୁନର୍ବାର ଫେରି ଏହି ସଂସାରକୁ ଆସନ୍ତି ନାହିଁ ଅର୍ଥାତ୍ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇଯାଇଥାନ୍ତି । ଏହି ସଂସାରର ରଚନା ସେହି ପୂର୍ଣ୍ଣ ପରମାତ୍ମାଙ୍କ ଠାରୁ ହୋଇଛି ।

ବିଶେଷ:-ଉପରୋକ୍ତ ବିବରଣୀରୁ ସ୍ପଷ୍ଟ ହେଲା ଯେ ପବିତ୍ର ଚାରି ବେଦ ମଧ୍ୟ ସାକ୍ଷୀ ଅଟନ୍ତି ଯେ ପୂର୍ଣ୍ଣ ପରମାତ୍ମା ହିଁ ପୂଜାର ଯୋଗ୍ୟ ଅଟନ୍ତି, ତାଙ୍କର ପ୍ରକୃତ ନାମ କବିର୍ଦ୍ଦେବ (କବୀର

ପରମେଶ୍ୱର) ଅଟେ ତଥା ସେହି ତିନି ନାମ (ମନ୍ତ୍ର)ର ଜପ ଦ୍ୱାରା ହିଁ ପୂର୍ଣ୍ଣ ମୋକ୍ଷ ମିଳିଥାଏ ।

ଏହି ତିନିମନ୍ତ୍ରର ଜପ ଚାରିବେଦର ସାରାଂଶ ଶ୍ରୀମଦ୍ ଭଗବତ୍ ଗୀତାରେ ପ୍ରମାଣ ଅଛି ଯେ ଏହା ଦ୍ୱାରା ସେହି ସ୍ଥାନ ପ୍ରାପ୍ତ ହୋଇଥାଏ, ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ଏହି ସଂସାରକୁ ଫେରି ଆସି ନ ଥାଏ । ଏହା ସନାତନ ପରମଧାମ ଅଟେ, ଯେଉଁଠିକୁ ଯିବା ପରେ ପରମ ଶାନ୍ତି ପ୍ରାପ୍ତି ହୋଇଥାଏ ।

ବେଦ ଓ ଗୀତାରେ ଏହି ଅମୂଲ୍ୟ ତିନି ନାମ ମନ୍ତ୍ର ଅସ୍ପଷ୍ଟ ଅର୍ଥାତ୍ ସାଙ୍କେତିକ ଭାବେ ଲେଖାଯାଇଛି । ତେଣୁ ଚାରିବେଦ ଓ ଗୀତାନୁସାରେ ସାଧନା କରିବା ଦ୍ୱାରା ସେହି ସ୍ଥାନ ଓ ପରମାତ୍ମା ପ୍ରାପ୍ତ ହୋଇ ପାରିବ ନାହିଁ । ତେଣୁ ଗୀତା ଅଧ୍ୟାୟ ୪ଶ୍ଳୋକ ୩୨ ଏବଂ ୩୪ ରେ ଗୀତା ଜ୍ଞାନଦାତା ସ୍ପଷ୍ଟ କରିଛନ୍ତି ଯେ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନର ଯଥାର୍ଥ ଜ୍ଞାନ (ବ୍ରହ୍ମଣଃ ମୁଖେ) ସଚ୍ଚିଦାନନ୍ଦ ଘନ ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ତାଙ୍କ ନିଜ ମୁଖ-କମଳରେ ବାଣୀ ଉଚ୍ଚାରଣ କରି କହିଥାନ୍ତି, ସେହି ବାଣୀଗୁଡିକୁ ସଚ୍ଚିଦାନନ୍ଦ ଘନ ବ୍ରହ୍ମଙ୍କ ବାଣୀ ବୋଲି କୁହାଯାଏ । ଏହାକୁ ତତ୍ତ୍ୱଜ୍ଞାନ ତଥା ସୂକ୍ଷ୍ମ ବେଦ ମଧ୍ୟ କୁହାଯାଏ । ଏହି ତତ୍ତ୍ୱଜ୍ଞାନକୁ ଜାଣିଯିବା ପରେ ମାନବ ସର୍ବ ପାପରୁ ମୁକ୍ତ ହୋଇଯାଇଥାଏ । ଯେଉଁଥିରେ ସମ୍ପୂର୍ଣ୍ଣ ଭକ୍ତି ମନ୍ତ୍ର ଓ ବିଧି ବିଷୟରେ ବର୍ଣ୍ଣନା କରାଯାଇଛି । (ଗୀତା ଅଧ୍ୟୟ ୪ ଶ୍ଳୋକ ୩୨)

ଝଗୀତା ଅଧ୍ୟାୟ ୪ ଶ୍ଳୋକ ୩୪= ସେହି ତତ୍ତ୍ୱଜ୍ଞାନକୁ ତୁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିକଟକୁ ଯାଇ ବୁଝ । ତାଙ୍କୁ ଦଣ୍ଡବତ ପ୍ରଣାମ କରିବା ଦ୍ୱାରା, କପଟ ଭାବ ତ୍ୟାଗକରି ବିନମ୍ରପୂର୍ବକ ପ୍ରଶ୍ନ କରିବା ଦ୍ୱାରା, ପରମାତ୍ମା ତତ୍ତ୍ୱକୁ ଭଲଭାବେ ଜାଣିଥିବା ସେହି ଜ୍ଞାନୀ ମହାତ୍ମା ତୋତେ ତତ୍ତ୍ୱଜ୍ଞାନ ବିଷୟରେ ଉପଦେଶ ଦେବେ ।(ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪)

ବନ୍ଧୁଗଣ ! ସେହି ତତ୍ତ୍ୱଦର୍ଶୀ ସନ୍ଥ ଏହି ଦାସ (ସନ୍ଥ ରାମପାଲ ଦାସ) ଅଟେ । ବର୍ତ୍ତମାନ ସମୟରେ ସେହି ତତ୍ତ୍ୱଜ୍ଞାନ ମୋ ପାଖରେ ଅଛି, ମୋ ବ୍ୟତୀତ ଅନ୍ୟ କାହା ପାଖରେ ନାହିଁ । ସାରା ବିଶ୍ୱର ଜନସଂଖ୍ୟା ପ୍ରାୟ ୭ ଅର୍ବ ଅଟେ । ଏହି ଅର୍ବ-ଖର୍ବ ମନୁଷ୍ୟମାନଙ୍କ ମଧ୍ୟରେ ମୋ ଅତିରିକ୍ତ ଅନ୍ୟ କେହି ମଧ୍ୟ ଏହି ଜ୍ଞାନକୁ ଜାଣି ନାହାଁନ୍ତି ।

ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ତିନି ଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଏବଂ ତମଗୁଣ ଶିବ)ଙ୍କ ଭକ୍ତି କରୁଥିବା ୧- ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା, ୨-ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ୩- ଦୂଷିତ କର୍ମ କରୁଥିବା, ୪- ମୂର୍ଖମାନେ ମୋତେ ମଧ୍ୟ ଭଜନ୍ତି ନାହିଁ ।

ପୁଣି ଗୀତା ଅଧ୍ୟାୟ ୭, ଶ୍ଳୋକ ୧୬ରୁ ୧୮ରେ ଗୀତା ଜ୍ଞାନଦାତା ନିଜ ସାଧନା କରୁଥିବା ଭକ୍ତଙ୍କ ସ୍ଥିତି ବିଷୟରେ ଏହା କହିଛନ୍ତି ଯେ ଚାରି ପ୍ରକାରର ଭକ୍ତ (୧- ଆର୍ତ୍ତ,୨- ଅର୍ଥାର୍ଥୀ, ୩- ଜିଜ୍ଞାସୁ, ୪-ଜ୍ଞାନୀ) ମୋର ଭକ୍ତି କରିଥାନ୍ତି । ଏମାନଙ୍କ ମଧ୍ୟରୁ କେବଳ ଜ୍ଞାନୀ ସାଧକକୁ ଶ୍ରେଷ୍ଠ ବୋଲି କୁହାଯାଇଛି କିନ୍ତୁ ତତ୍ତ୍ୱଜ୍ଞାନ ଅଭାବ କାରଣରୁ ସେହି ସାଧକ ମୋ ସାଧନା ଅର୍ଥାତ୍ ବ୍ରହ୍ମର ଅନୁତ୍ତମ ଅର୍ଥାତ୍ ନିକୃଷ୍ଟ ଗତିରେ ହିଁ ସ୍ଥିତ ରହିଗଲା ।

ଝଗୀତା ଅଧ୍ୟାୟ ୭, ଶ୍ଳୋକ୧୯ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଜନ୍ମ-ଜନ୍ମାନ୍ତରର ଅନ୍ତିମ ଜନ୍ମରେ କେହି ଜ୍ଞାନୀ ଆତ୍ମା ସଠିକ୍ ବିଧିରେ ମୋ ପୂଜା ମଧ୍ୟ କରିଥାଏ । ଅନ୍ୟଥା ଅନ୍ୟ ଉପାସନାରେ ସର୍ବଦା ତତ୍ପର ରହିଥାଏ । "ବାସୁଦେବ ଅର୍ଥାତ୍ ସର୍ବଗତମ୍ ବ୍ରହ୍ମ ହିଁ ସବୁ କିଛି ଅଟନ୍ତି"ଏହି ବିବରଣୀ ଦେଉଥିବା ମହାତ୍ମା ତ ବହୁତ ଦୁର୍ଲଭ ଅଟନ୍ତି । ତାଙ୍କ ଭକ୍ତି ଦ୍ୱାରା ହିଁ ପରମଶାନ୍ତି ପ୍ରାପ୍ତି ହୋଇଥାଏ, ତାଙ୍କ ଭକ୍ତି ଦ୍ୱାରା ହିଁ ସନାତନ ପରମଧାମ ପ୍ରାପ୍ତି ହୋଇଥାଏ । ତାଙ୍କ ଭକ୍ତି ଦ୍ୱାରା ସେହି ପରମ ପଦ ପ୍ରାପ୍ତି ହୋଇଥାଏ ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ଏ ସଂସାରକୁ କଦାପି ଫେରି ଆସି ନ ଥାଏ । ସେହି ପରମ ଅକ୍ଷର ବ୍ରହ୍ମ ସମସ୍ତଙ୍କର ଉତ୍ପତ୍ତିକର୍ତ୍ତା ଅଟନ୍ତି, ସେ ହିଁ ସଂସାର ରୂପକ ଓଲଟ ବୃକ୍ଷର ମୂଳ ଅଟନ୍ତି ଯିଏକି ତିନି ଲୋକରେ ପ୍ରବେଶ କରି

ସମସ୍ତଙ୍କର ଧାରଣ-ପୋଷଣ କରିଥାନ୍ତି, ସେ ହିଁ ପାପନାଶକ ଅଟନ୍ତି । ସେ ହିଁ ପୂର୍ଣ୍ଣ ମୋକ୍ଷ ଦାତା ଅଟନ୍ତି, କେବଳ ତାଙ୍କରି ଭକ୍ତି କରିବା ଉଚିତ୍ ।

ପ୍ରିୟ ପାଠକଗଣ ! ସେହି ତତ୍ତ୍ୱଦର୍ଶୀ ସନ୍ଥ ବର୍ତ୍ତମାନ ସମୟରେ ଏହି ଦାସ (ସନ୍ଥ ରାମପାଲ ଦାସ) ଅଟେ । ମୋ ପାଖରେ ସମ୍ପୂର୍ଣ୍ଣ ବେଦ-ଶାସ୍ତ୍ରର ଜ୍ଞାନ ତଥା ବାସୁଦେବ ଭଗବାନଙ୍କ ଭକ୍ତିର ସମ୍ପୂର୍ଣ୍ଣ ମନ୍ତ୍ର ମୋ ପାଖରେ ଅଛି ।

ବର୍ତ୍ତମାନ "ବାସୁଦେବ"ଙ୍କ ପରିଭାଷା ବିଷୟରେ କହୁଛି:-

ବାସୁଦେବଙ୍କ ପରିଭାଷା

ଗୀତା ଅଧ୍ୟାୟ ୩, ଶ୍ଳୋକ ୧୪-୧୫ରେ କୁହାଯାଇଛି ଯେ ସମସ୍ତ ପ୍ରାଣୀ ଅନ୍ନରୁ ଉତ୍ପନ୍ନ ହୁଅନ୍ତି । ଅଧିକ ବିବରଣୀ ପୃଷ୍ଠା ୨୧୦ ଓ ୨୧୧ ରେ ଆପଣଙ୍କୁ ପୂର୍ବରୁ ଦିଆଯାଇଛି, ସେହି ପୃଷ୍ଠାରେ ପଢ଼ନ୍ତୁ । ଏଠାରେ କେବଳ ଏହି ବିଷୟ ବସ୍ତୁକୁ ବିଚାରକୁ ନେବା ।

ପୁଣି କୁହାଯାଇଛି ଯେ ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷଙ୍କ ଉତ୍ପତ୍ତି ଅବିନାଶୀ ପରମାତ୍ମାଙ୍କଠାରୁ ହୋଇଛି ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ କୁହାଯାଇଛି । ଏଥିରୁ ପ୍ରମାଣିତ ହେଲା ଯେ ''ସର୍ବଗତମ୍ ବ୍ରହ୍ମ'' = ସର୍ବବ୍ୟାପକ ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ବାସୁଦେବ ସଦା ସର୍ବଦା ଯଜ୍ଞରେ ପ୍ରତିଷ୍ଠିତ ଅଟନ୍ତି ।

ବିଚାର କରନ୍ତୁ :- ସର୍ବଗତମ୍ ବ୍ରହ୍ମର ଅର୍ଥ ହେଲା ସର୍ବବ୍ୟାପକ ପରମଅକ୍ଷର ପରମାତ୍ମା । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୫)

୧. ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ଶିବ ଆଦି ତିନି ଦେବତା ଗୋଟିଏ ବ୍ରହ୍ମାଣ୍ଡରେ ନିର୍ମିତ ତିନି ଲୋକ (ସ୍ୱର୍ଗଲୋକ, ପୃଥିବୀ ଲୋକ, ପାତାଳଲୋକ)ର କେବଳ ଗୋଟିଏ-ଗୋଟିଏ ବିଭାଗ ଅର୍ଥାତ୍ ଗୁଣର ମାଲିକ ଅଟନ୍ତି । ଏମାନେ ସର୍ବଗତମ୍ ବ୍ରହ୍ମ ଅର୍ଥାତ୍ ସର୍ବବ୍ୟାପକ ପରମାତ୍ମା = ବାସୁଦେବ ନୁହଁନ୍ତି ।

୨. ବ୍ରହ୍ମ ଅର୍ଥାତ୍ କ୍ଷର ପୁରୁଷ:- ବ୍ରହ୍ମ କେବଳ ୨୧ଟି ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ଇଏ ମଧ୍ୟ ସର୍ବବ୍ୟାପକ ଅର୍ଥାତ୍ ବାସୁଦେବ ନୁହଁନ୍ତି ।

୩. ଅକ୍ଷର ପୁରୁଷ:- ଇଏ କେବଳ ୭ଶଙ୍ଖ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି, ଇଏ ମଧ୍ୟ ବାସୁଦେବ ନୁହଁନ୍ତି ।

୪. ପରମ ଅକ୍ଷର ବ୍ରହ୍ମ:- ସମସ୍ତ ବ୍ରହ୍ମାଣ୍ଡର ସ୍ୱାମୀ, ସମସ୍ତଙ୍କର ଧାରଣ-ପୋଷଣକାରୀ ଅଟନ୍ତି, ବାସ୍ତବରେ ଏ ହିଁ ବାସୁଦେବ ଅଟନ୍ତି ।

ବିଶେଷ :- ଅଧିକ ଜାଣିବା ପାଇଁ ଏହି ପୁସ୍ତକର "ସୃଷ୍ଟି ରଚନା" ନାମକ ଅଧ୍ୟାୟ ପଢ଼ନ୍ତୁ ।

ଝ ଯେପରି କି ଆଗରୁ ଆପଣଙ୍କୁ କୁହାଯାଇଛି ଯେ ପରମ ଅକ୍ଷର ବ୍ରହ୍ମ ସ୍ୱୟଂ ପୃଥିବୀ ପୃଷ୍ଠରେ ପ୍ରକଟ ହୋଇ ଉତ୍ତମ ଆତ୍ମାମାନଙ୍କୁ ଦର୍ଶନ ଦିଅନ୍ତି । ସେମାନଙ୍କୁ ତତ୍ତ୍ୱଜ୍ଞାନ କହିଥାନ୍ତି । ଏହି ବିଧାନାନୁସାରେ ସେହି ପରମାତ୍ମା ସନ୍ଥ ଗରୀବଦାସଜୀଙ୍କୁ (ଗ୍ରାମ- ଛୁଡ଼ାଣୀ, ଜିଲ୍ଲା- ଝଜ୍ଜର, ହରିୟାଣା ରାଜ୍ୟ) ସନ ୧୭୨୭ରେ ଦର୍ଶନ ଦେଇଥିଲେ । ପରମାତ୍ମା ଜଣେ ଜିନ୍ଦା ମହାତ୍ମା(ମୁସଲମାନ ସାଧୁ/ଫକୀର) ବେଶଭୂଷାରେ ଆସିଥିଲେ । ଗରୀବ ଦାସଙ୍କ ଆତ୍ମାକୁ ସେହି ସନାତନ ପରମଧାମକୁ ସାଥିରେ ନେଇ ଯାଇଥିଲେ । ପୁଣି ଉପରେ ଥିବା ସର୍ବ ବ୍ରହ୍ମାଣ୍ଡ ତଥା ପ୍ରଭୁମାନଙ୍କ ସ୍ଥିତି ଦେଖାଇ, ତତ୍ତ୍ୱଜ୍ଞାନ ସହିତ ପରିଚିତ କରାଇ, ପୁଣି ଶରୀର ମଧ୍ୟକୁ ଛାଡ଼ି ଦେଇଥିଲେ । ସେତେବେଳେ ସନ୍ଥ ଗରୀବ ଦାସଜୀଙ୍କ ବୟସ ୧୦ବର୍ଷ ହୋଇଥିଲା । ପରିବାର ଲୋକେ ସନ୍ଥ ଗରୀବ ଦାସଙ୍କୁ ମୃତ ବୋଲି ଭାବି ତାଙ୍କ ଶରୀରକୁ ଜୁଇ ଉପରେ ରଖିଦେଇ ଅନ୍ତିମ ଦାହ ସଂସ୍କାର ପାଇଁ ପ୍ରସ୍ତୁତି କରୁଥିବା ସମୟରେ ପରମାତ୍ମା ତାଙ୍କ ଆତ୍ମାକୁ ଶରୀର ମଧ୍ୟକୁ ପ୍ରବେଶ କରାଇଦେଲେ । ଗରୀବ ଦାସଜୀ ଜୀବିତ ହୋଇଯିବା ପରେ ସର୍ବ କୁଳ-ବଂଶର ଲୋକମାନଙ୍କର ଖୁସୀର ସୀମା ରହିଲା ନାହିଁ । ତା'ପରେ ସନ୍ଥ ଗରୀବ ଦାସଜୀ ଏକ ଅମୂଲ୍ୟ ଗ୍ରନ୍ଥ ରଚନା କଲେ । ନିଜ ଆଖିରେ ଦେଖିଥିବା ଦୃଶ୍ୟାବଳୀ ତଥା ସ୍ୱୟଂ ପରମାତ୍ମାଙ୍କ ଦ୍ୱାରା କୁହାଯାଇଥିବା ଜ୍ଞାନକୁ

ଦାଦୁପନ୍ଥର ଗୋପାଳ ଦାସ ନାମକ ଜଣେ ସାଧୁଙ୍କ ଦ୍ୱାରା ଲିପିବଦ୍ଧ କରାଇଲେ । ବର୍ତ୍ତମାନ ସମୟରେ ଯାହାକୁ ପ୍ରିଣ୍ଟ କରି ରଖାଯାଇଛି ।

ଝପଞ୍ଜାବ ରାଜ୍ୟର ଲୁଧିୟାନା ନାମକ ଶହର ନିକଟରେ ବାସୀୟର ନାମକ ଏକ ଗାଁ ଅଛି । ସେହି ଗାଁରେ ରାମରାୟ ଓରଫ୍ ଝୁମକରା ନାମଧାରୀ ଜଣେ ବ୍ୟକ୍ତି ରହୁଥିଲା । ସେ ସନ୍ଥ ଗରୀବଦାସଙ୍କ ମହିମା ବିଷୟରେ ଶୁଣି ଦର୍ଶନାର୍ଥେ ତାଙ୍କ ଗ୍ରାମ ଛୁଡ଼ାଣୀକୁ ଚାଲି ଆସିଲା । ସନ୍ଥ ଗରୀବ ଦାସଜୀ ତାକୁ ସେହି ଜ୍ଞାନ ଶୁଣାଇଲେ ଯେଉଁ ଜ୍ଞାନ ସନ୍ଥ ଗରୀବ ଦାସଜୀଙ୍କ ଠାରୁ ଏହି ଦାସ (ସନ୍ଥ ରାମପାଲ ଦାସ)କୁ ମିଳିଛି । ଯାହା ଆପଣମାନଙ୍କୁ ଏହି ପୁସ୍ତକ ତଥା ଅନ୍ୟ ପୁସ୍ତକ ମାଧ୍ୟମରେ ମୁଁ ଅବଗତ କରାଇଲି ।

ରାମରାୟ ପ୍ରଶ୍ନ କଲା, ହେ ମହାତ୍ମା ଜୀ ! ଆଜି ପର୍ଯ୍ୟନ୍ତ ଏପରି ଜ୍ଞାନ ମୋତେ କେହି ବି କହି ନାହାନ୍ତି । ବାଣୀ ମାଧ୍ୟମରେ ସନ୍ଥ ଗରୀବ ଦାସଜୀ କହିଲେ ଯେ:-

କୋଟ୍‌ୟୋଁ ମଧ୍ୟ କୋଇ ନେହାଁରେ ଝୁମକ୍‌ରା,
ଅର୍‌ବୋ ମେଁ କୋଇ ଗରକ୍ ସୁନେ ରେ ଝୁମକ୍‌ରା ॥

ଅନୁବାଦ ଓ ଭାବାର୍ଥ :- ସନ୍ଥ ଗରୀବଦାସ ଜୀ କହିଲେ ଯେ କୋଟି-କୋଟି ଲୋକମାନଙ୍କ ମଧ୍ୟରେ କାହା ପାଖରେ ବି ଏହି ଜ୍ଞାନ ନାହିଁ, ଅର୍ବ-ଖର୍ବରେ କୌଣସି ଜଣେ ବ୍ୟକ୍ତି ପାଖରେ ଏହା ମିଳିବ । ସେହି ସନ୍ଥ ସର୍ବଜ୍ଞାନ ସମ୍ପନ୍ନ ସମ୍ପୂର୍ଣ୍ଣ ସାଧନା ମନ୍ତ୍ରର ଗରକ୍ ଅର୍ଥାତ୍ ପରିପୂର୍ଣ୍ଣ ଅଟନ୍ତି । ପ୍ରିୟ ପାଠକଗଣ ! ସେହି ସନ୍ଥ ବର୍ତ୍ତମାନ ସମୟରେ ହିସାର ଜିଲ୍ଲାର ବରୱାଲା ବାଲା ଅଟନ୍ତି । ଜ୍ଞାନ ବୁଝନ୍ତୁ ଏବଂ ଲାଭ ଉଠାନ୍ତୁ ।

ପ୍ରଶ୍ନ:- ପ୍ରାଚୀନ କାଳରୁ ପ୍ରଚଳିତ ସମସ୍ତ ଭକ୍ତି ସାଧନା ଭୂଲ ବୋଲି ଆପଣ କିପରି କହିପାରୁଛନ୍ତି ? ଯେପରି ସର୍ବ ଋଷିଗଣ ତପସ୍ୟା କରୁଥିଲେ, ସର୍ବ ହିନ୍ଦୁ ସମାଜରେ ଆମ୍ଭେ ଦେଖିଛୁ ଯେ ସମସ୍ତେ ହରେ କୃଷ୍ଣ -ହରେ ରାମ, ରାମ-ରାମ ହରେ-ହରେ, ରାଧେ ରାଧେ ଶ୍ୟାମ୍ ମିଲାଦେ, ଓମ୍ ନମଃ ଶିବାୟ, ଓମ୍ ନମୋ ଭଗବତେ ବାସୁ ଦେବାୟ ନମଃ, ଜୟ ସିୟାରାମ, ରାଧେ ଶ୍ୟାମ୍, ଓମ୍ ତତ୍ ସତ୍ ଇତ୍ୟାଦି ମନ୍ତ୍ର ମଧ୍ୟରୁ ଯେ କୌଣସି ଗୋଟିଏ ମନ୍ତ୍ରର ଜପ କରି ଆସୁଅଛୁ । ଏବେ ମଧ୍ୟ ଜପ କରୁଅଛୁ । ଶ୍ରୀ ରାମଚନ୍ଦ୍ର, ଶ୍ରୀକୃଷ୍ଣଙ୍କୁ ଆମ୍ଭେ ପୂର୍ଣ୍ଣ ପରମାତ୍ମା ବୋଲି ସ୍ୱୀକାର କରୁ, ତେଣୁ ତାଙ୍କ ନାମ ଜପ କରୁଛୁ । ଏହି ନାମ ଜପକୁ ଆପଣ ବ୍ୟର୍ଥ ବୋଲି କହୁଛନ୍ତି, ସ୍ପଷ୍ଟୀକରଣ ଦିଅନ୍ତୁ ।

ଉତ୍ତର:- ପ୍ରାଚୀନ କାଳରେ ଯଦି ଏହି ଭକ୍ତି ସାଧନା ଓ ମନ୍ତ୍ର ଥାଆନ୍ତା ତେବେ ଶ୍ରୀମଦ୍ଭଗବତ୍ ଗୀତାର ଅଧ୍ୟାୟ ୪ ଶ୍ଳୋକ ୧-୨ରେ ଗୀତା ଜ୍ଞାନଦାତା ଏହା କହିନଥାନ୍ତେ ଯେ ଏହି ଯୋଗ ଅର୍ଥାତ୍ ଯେଉଁ ଭକ୍ତି ବିଧି ଗୀତାଜ୍ଞାନ ମାଧ୍ୟମରେ ମୁଁ କହୁଅଛି, ଏହା ଏବେ ପ୍ରାୟ ବିଲୁପ୍ତ ପ୍ରାୟ ହୋଇଯାଇଛି, ନଷ୍ଟ ହୋଇଯାଇଛି । ଏହି ଜ୍ଞାନ ଏବଂ ଭକ୍ତି ବିଷୟରେ ମୁଁ ପ୍ରଥମେ ସୂର୍ଯ୍ୟଦେବଙ୍କୁ କହିଥିଲି, ତା'ପରେ ସୂର୍ଯ୍ୟ ଏହି ଜ୍ଞାନ ମନୁଙ୍କୁ କହିଥିଲେ, ମନୁ ତାଙ୍କ ନିଜ ପୁତ୍ର ଇକ୍ଷ୍ୱାକୁଙ୍କୁ କହିଥିଲେ, ତା'ପରେ କିଛି ରହସ୍ୟ ଋଷିମାନେ ଜାଣିବାକୁ ପାଇଲେ । ଏବେ ବହୁତ ସମୟରୁ ଅର୍ଥାତ୍ ଦ୍ୱାପର ଯୁଗର ବହୁତ ଆଗରୁ ହିଁ ବିଲୁପ୍ତ ଥିଲା ଏବଂ ମନୁ, ଇକ୍ଷ୍ୱାକ ଇତ୍ୟାଦି ସମସ୍ତେ ସତ୍ୟଯୁଗର ପ୍ରଥମ ଭାଗ ସମୟର ଅଟନ୍ତି । ଯଦି ଆପଣ ରାଜା ଦଶରଥଙ୍କ ପୁତ୍ର ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀ ବାସୁଦେବଙ୍କ ପୁତ୍ର ଶ୍ରୀ କୃଷ୍ଣଚନ୍ଦ୍ରଙ୍କୁ ପୂର୍ଣ୍ଣ ପରମାତ୍ମା ବୋଲି ମାନୁଛନ୍ତି ଏବଂ ଏମାନଙ୍କ ନାମ ହରେ-ରାମ, ହରେ-କୃଷ୍ଣ ଇତ୍ୟାଦିକୁ ଜପ କରୁଛନ୍ତି ଏବଂ ଏହି ମନ୍ତ୍ର ଦ୍ୱାରା ମୋକ୍ଷ ମିଳିବ ବୋଲି ଭାବୁଛନ୍ତି ତେବେ ଏହା ଶ୍ରୀ ମଦ୍ଭଗବତ୍ ଗୀତାରେ ବର୍ଣ୍ଣିତ ଯଥାର୍ଥ ପ୍ରୀଚୀନ ଯୋଗ ଅର୍ଥାତ୍ ଭକ୍ତି ବିଧିର ବିପରୀତ ହୋଇଥିବା କାରଣରୁ ବ୍ୟର୍ଥ ତଥା ଶାସ୍ତ୍ରବିଧି ତ୍ୟାଗ ପୂର୍ବକ ଏହା ମନମୁଖୀ ଆଚରଣ ହେଲା, ଯେଉଁ କାରଣରୁ ଉପରୋକ୍ତ ପ୍ରଶ୍ନରେ ଉଲ୍ଲେଖଥିବା ଅନ୍ୟ ମନ୍ତ୍ରଗୁଡ଼ିକ ମଧ୍ୟ ଶାସ୍ତ୍ର ପ୍ରମାଣିତ ନୁହେଁ, ତେଣୁ ଏହା ବ୍ୟର୍ଥ ଅଟେ । ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୩-୨୪ରେ କୁହାଯାଇଛି ଯେ

ଯେଉଁ ପୁରୁଷ, ଶାସ୍ତ୍ରବିଧି ତ୍ୟାଗ କରି ମନମୁଖୀ ଆଚରଣ କରନ୍ତି, ସେମାନଙ୍କୁ ନା ସୁଖ ମିଳିଥାଏ ନା ସିଦ୍ଧି ମିଳିଥାଏ, ନା ସେମାନଙ୍କର ଗତି (ମୁକ୍ତି) ହୋଇଥାଏ ଅର୍ଥାତ୍ ସମସ୍ତ ସାଧନା ବ୍ୟର୍ଥ ଅଟେ । (ଗୀତା ଅଧ୍ୟାୟ ୧୬, ଶ୍ଳୋକ-୨୩)

ଝ ଗୀତା ଅଧ୍ୟାୟ୧୬ ଶ୍ଳୋକ୨୪ରେ କୁହାଯାଇଛି ଯେ ଅର୍ଜୁନ ତୁମ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟର ବ୍ୟବସ୍ଥାରେ ଶାସ୍ତ୍ର ହିଁ ପ୍ରମାଣ ଅଟେ । ଭାବାର୍ଥ ଏହା ଯେ ଯେଉଁ ଭକ୍ତିବିଧି ପ୍ରମାଣିତ ଶାସ୍ତ୍ର (ଚାରି ବେଦ = ରଗ୍‌ବେଦ, ଯର୍ଜୁର୍ବେଦ, ସାମବେଦ ଓ ଅଥର୍ବବେଦ ତଥା ଏହି ଚାରିବେଦର ସାରାଂଶ ଶ୍ରୀମଭଗବତ୍ ଗୀତା ଏବଂ ସୂକ୍ଷ୍ମବେଦ = ପରମାତ୍ମା ଯାହା ନିଜ ମୁଖ କମଳରେ କହିଥିଲେ । ଏଗୁଡିକ ଭକ୍ତିର ଜ୍ଞାନ ଓ ସମାଧାନ ପ୍ରମାଣିତ ଶାସ୍ତ୍ର ଅଟେ) ରେ ବର୍ଣ୍ଣିତ ହୋଇନାହିଁ, ତାହା ଶାସ୍ତ୍ରବିରୁଦ୍ଧ ସାଧନା ଅଟେ । ତେଣୁ ଭକ୍ତିର କେଉଁ କର୍ମ କରିବା ଉଚିତ୍ ଏବଂ କେଉଁ କର୍ମ କରିବା ଅନୁଚିତ୍ ସେଥିପାଇଁ ଶାସ୍ତ୍ରକୁ ହିଁ ଆଧାର ମାନନ୍ତୁ । ଶାସ୍ତ୍ର ବର୍ଣ୍ଣିତ ଭକ୍ତବିଧି ଆପଣାନ୍ତୁ ଏବଂ ଅନ୍ୟଗୁଡ଼ିକୁ ତ୍ୟାଗ କରି ଦିଅନ୍ତୁ ।

ଝ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମ ତ୍ରେତୟା ଯୁଗର ଶେଷ ଭାଗରେ ହୋଇଥିଲା । ଦ୍ୱାପରଯୁଗର ଶେଷ ଭାଗରେ ଶ୍ରୀକୃଷ୍ଣଙ୍କର ଜନ୍ମ ହୋଇଥିଲା । ମାନବ ସତ୍ୟ ଯୁଗରୁ ହିଁ ଭକ୍ତି କରି ଆସୁଅଛି । ସେ ସମୟରେ କେଉଁ ରାମ ଥିଲେ ? ଆପଣ କହିବେ ଯେ ଶ୍ରୀବିଷ୍ଣୁ ତ ସତ୍ୟଯୁଗ ପୂର୍ବରୁ ବି ଅଛନ୍ତି ଏବଂ ଶ୍ରୀରାମ, ଶ୍ରୀକୃଷ୍ଣ ମଧ୍ୟ ସ୍ୱୟଂ ଶ୍ରୀବିଷ୍ଣୁ ହିଁ ଥିଲେ । ସତ୍ୟଯୁଗରେ ମଧ୍ୟ ପ୍ରମାଣ ଅଛି ଯେ ମହର୍ଷି ବାଲ୍ମିକୀ ରାମ-ରାମ ନାମ ଜପ କରୁଥିଲେ, ସେ ବିଷ୍ଣୁ-ବିଷ୍ଣୁ ଜପ କରୁନଥିଲେ । ଏଥିରୁ ପ୍ରମାଣିତ ହେଲାଯେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଠାରୁ ଭିନ୍ନ ଅନ୍ୟ କେହି "ରାମ" ଅର୍ଥାତ୍ "ମାଲିକ" ଅଛନ୍ତି । ସେହି ରାମଙ୍କର ଜପ କରିବା ଉଚିତ, ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୭ ଶ୍ଳୋକ ୨୯ରେ କୁହାଯାଇଛି । ଯାହାଙ୍କ ବିଷୟରେ କୁହଯାଇଛି ଯେ "ତତ୍ ବ୍ରହ୍ମ"ଙ୍କୁ ଜାଣିଥିବା ସାଧକ କେବଳ ଜରା ଅର୍ଥାତ୍ ବୃଦ୍ଧ ଅବସ୍ଥା ତଥା ମୃତ୍ୟୁରୁ ମୁକ୍ତି ପାଇବା ପାଇଁ ହିଁ ଭକ୍ତି କରନ୍ତି । ଗୀତା ଅଧ୍ୟାୟ ୮ ଶ୍ଳୋକ ୭ ରେ ଅର୍ଜୁନ ପ୍ରଶ୍ନ କରୁଛି ଯେ ସେହି "ତତ୍ ବ୍ରହ୍ମ" କ'ଣ ?

ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୮ ଶ୍ଳୋକ ନଂ ୩ ରେ ଏହାର ଉତ୍ତର ଦେଇ କହୁଛନ୍ତି ଯେ ସେ "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି । ଗୀତା ଅଧ୍ୟାୟ ୮ର ଶ୍ଳୋକ ୫,୭ ରେ ଗୀତା ଜ୍ଞାନଦାତା ନିଜ ଭକ୍ତି କରିବା ପାଇଁ କହୁଛନ୍ତି । ଯାହାର ଜପ ମନ୍ତ୍ର ଗୀତାର ସେହି ଅଷ୍ଟମ ଅଧ୍ୟାୟର ଶ୍ଳୋକ ୧୩ ରେ ହିଁ କହିଛନ୍ତି *(ଓମ୍ ଇତି ଏକାକ୍ଷରମ୍ ବ୍ରହ୍ମ ବ୍ୟାହରନ୍ ମାମ୍ ଅନୁସ୍ମରନ୍.....)*

ଝ ଗୀତା ଅଧ୍ୟାୟ ୮ର ଶ୍ଳୋକ ୮, ୯, ୧୦ ରେ ଗୀତା ଜ୍ଞାନଦାତା ତା' ନିଜ ଠାରୁ ଭିନ୍ନ ସେହି ତତ୍‌ବ୍ରହ୍ମ ଅର୍ଥାତ୍ ପରମଅକ୍ଷର ବ୍ରହ୍ମଙ୍କ ଭକ୍ତି କରିବାକୁ କହୁଛନ୍ତି । ତାଙ୍କ ଭକ୍ତିର ନାମ ଜପ ବିଷୟରେ ଗୀତା ଅଧ୍ୟାୟ ୧୭ ଶ୍ଳୋକ ନଂ ୨୩ ରେ କହିଛନ୍ତି :-

ଓଁ ତତ୍ ସତ୍ ଇତି ନିର୍ଦ୍ଦେଶଃ ବ୍ରହ୍ମଣଃ ତ୍ରିବିଧଃ ସ୍ମୃତଃ
ବ୍ରାହ୍ମଣାଃ ତେନ ବେଦାଃ ଚ ଯଜ୍ଞାଃ ଚ ବିହିତାଃ ପୁରା ।।

ସରଳାର୍ଥ :- ବ୍ରହ୍ମଣଃ = ସଚ୍ଚିଦାନଦ ଘନ ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ଭକ୍ତିର ଓଁ, ତତ୍, ସତ୍ ମନ୍ତ୍ରକୁ ସ୍ମରଣ କରିବାକୁ (ନିର୍ଦ୍ଦେଶଃ) ଆଦେଶ ଅଛି । ଯାହାକୁ (ତ୍ରିବିଧଃ) ତିନି ପ୍ରକାରରେ (ସ୍ମୃତଃ) ସ୍ମରଣ କରିବା ପାଇଁ କୁହାଯାଇଛି (ବ୍ରାହ୍ମଣାଃ) ବିଦ୍ୱାନ୍ ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ତ (ତେନ) ସେହି (ବେଦାଃ) ଜ୍ଞାନ ଆଧାରରେ ଭକ୍ତି କରୁଥିଲେ (ଚ) ଏବଂ (ଯଜ୍ଞାଃ) ଧାର୍ମିକ ଯଜ୍ଞାନୁଷ୍ଠାନ (ଚ) ଓ ଅନ୍ୟ ଭକ୍ତିକର୍ମ (ପୁରା) ସୃଷ୍ଟିର ଆଦି ସମୟ ଅର୍ଥାତ୍ ସୃଷ୍ଟିର ପ୍ରାରମ୍ଭରେ (ବିହିତାଃ) କରାଯାଉଥିଲା ।

ଶ୍ରୀମଭଗବତ୍ ଗୀତାରୁ ପ୍ରମାଣିତ ହେଲା ଯେ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅନ୍ୟ କେହି ପୂର୍ଣ୍ଣ ପରମାତ୍ମା ଅଛନ୍ତି ଯିଏକି ଶ୍ରୀବିଷ୍ଣୁ, ଶ୍ରୀବ୍ରହ୍ମା ଏବଂ ଶ୍ରୀଶିବଙ୍କ ଠାରୁ ମଧ୍ୟ ଭିନ୍ନ ଅଟନ୍ତି । ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧,୪,୧୭ ରେ ତଥା ଗୀତା ଅଧ୍ୟାୟ ୧୮ ଶ୍ଳୋକ

୬୨ରେ ତଥା ଗୀତାରେ ଆହୁରି ଅନେକ ସ୍ଥାନରେ କୁହାଯାଇଛି ଯେ ସେ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬ ରେ ଦୁଇଜଣ ପୁରୁଷଙ୍କ ବିଷୟରେ କୁହାଯାଇଛି । ଉଭୟଙ୍କୁ ନାଶବାନ ବୋଲି କୁହାଯାଇଛି । ତାଙ୍କ ଅନ୍ତର୍ଗତ ଯେତେ ବି ପ୍ରାଣୀ ଅଛନ୍ତି, ସେମାନେ ମଧ୍ୟ ନାଶବାନ ଅଟନ୍ତି । (୧) କ୍ଷର ପୁରୁଷ - ଇଏ କେବଳ ଏକୋଇଶ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । (୨) ଅକ୍ଷର ପୁରୁଷ - ଇଏ ୭ ଶଙ୍ଖ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ଏହି ଦୁଇ ପ୍ରଭୁ ପୂର୍ଣ୍ଣ ପରମାତ୍ମା ନୁହଁନ୍ତି । (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬)

ଝଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଉତ୍ତମଃ ପୁରୁଷଃ ତ୍ୱଃ ଅନ୍ୟଃ ଅର୍ଥାତ୍ ପୁରୁଷୋତ୍ତମ ତ ଉପରେ ବର୍ଣ୍ଣିତ ଦୁଇ ପୁରୁଷ (କ୍ଷର ପୁରୁଷ ଏବଂ ଅକ୍ଷର ପୁରୁଷ)ଙ୍କ ଠାରୁ ଭିନ୍ନ ଅଟନ୍ତି ଯାହାଙ୍କୁ (ପରମାତ୍ମା ଇତି ଉଦାହୃତ) ପରମାତ୍ମା ବୋଲି କୁହାଯାଇଛି । (ଯଃ ଲୋକତ୍ରୟମ୍) ଯିଏ ତିନି ଲୋକରେ (ଆବିଶ୍ୟ ବିଭର୍ତି) ପ୍ରବେଶ କରି ଧାରଣ-ପୋଷଣ କରନ୍ତି, (ଅବ୍ୟୟଃ ଈଶ୍ୱରଃ) ଅବିନାଶୀ ପରମେଶ୍ୱର ଅଟନ୍ତି । (ଗୀତା ଅଧ୍ୟାୟ ୧୫ଶ୍ଳୋକ ୧୭)

ଝଏଥିରୁ ପ୍ରମାଣିତ ହେଲା ଯେ ପରମ ଅକ୍ଷର ବ୍ରହ୍ମ ହିଁ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ତାଙ୍କ ଭକ୍ତିର ମନ୍ତ୍ର ଓଁ, ତତ୍, ସତ୍ ଅଟେ ଏହା ମଧ୍ୟ ପ୍ରମାଣିତ ହେଲା । ଓଁ, ତତ୍, ସତ୍ ଯେଉଁ ତିନି ମନ୍ତ୍ର ଅଛି ଏହା ଉପରୋକ୍ତ ତିନି ପ୍ରଭୁ (ଓଁ - ଅକ୍ଷରଟି କ୍ଷର ବ୍ରହ୍ମ ଅର୍ଥାତ୍ ଗୀତା ଜ୍ଞାନଦାତାଙ୍କର ଅଟେ) ତତ୍ = ଏହି ମନ୍ତ୍ରଟି ସାଙ୍କେତିକ ଅଟେ ଯାହା ଏହି ପୁସ୍ତକରେ ପୂର୍ବରୁ ବର୍ଣ୍ଣିତ ଅଛି, ତାହା ପଢ଼ନ୍ତୁ । ଏହି ତତ୍ ନାମ ଜପ = ଅକ୍ଷର ପୁରୁଷଙ୍କର ଜପ ମନ୍ତ୍ର ଅଟେ, ସତ୍ = ଏହା ମଧ୍ୟ ସାଙ୍କେତିକ ଅଟେ, ବିସ୍ତୃତ ବିବରଣୀ ପୂର୍ବରୁ ଏହି ପୁସ୍ତକରେ ଦିଆଯାଇଥିବା ବିଷୟରେ ପଢ଼ନ୍ତୁ । ଏହି ସତ୍ ମନ୍ତ୍ରଟି ପରମ ଅକ୍ଷର ବ୍ରହ୍ମଙ୍କର ଅଟେ । ଶ୍ରୀ ମଭାଗବତ ଗୀତାରେ ଏହି ପୂର୍ଣ୍ଣମୋକ୍ଷ ପ୍ରାପ୍ତିର ସଙ୍କେତିକ ମନ୍ତ୍ର ଅଛି । ଆଜି ପର୍ଯ୍ୟନ୍ତ (ସନ୍୨୦୧୨ ପର୍ଯ୍ୟନ୍ତ) କେହି ଏହା ସ୍ପଷ୍ଟ କରି ନ ଥିଲେ । ଆପଣ ଯେଉଁ ହରି ଓମ୍ ତତ୍ ସତ୍ ମନ୍ତ୍ର ଜପ କରୁଛନ୍ତି, ତାହାବି ମୂଲ୍ୟହୀନ ଅଟେ କାରଣ ଆପଣଙ୍କୁ ତତ୍ ଓ ସତ୍‌ର ବାସ୍ତବିକ ମନ୍ତ୍ର ବିଷୟରେ ଜଣା ନାହିଁ ।

ଉଦାହରଣ :- ଜଣେ ଧନୀ ବ୍ୟକ୍ତି ନିଜ ଘର ଭିତରେ ଗାତ ଖୋଳି ନିଜର ସମସ୍ତ ଧନ ପୋତି ଦେଲେ, ସେହି ସ୍ଥାନ ବିଷୟରେ କେବଳ ସେହି ଧନୀ ବ୍ୟକ୍ତିକୁ ହିଁ ଜଣାଥିଲା । ସେହି ଧନୀ ବ୍ୟକ୍ତି ଏକ ଖାତା (ଡାଏରୀ)ରେ ସେହି ସ୍ଥାନ ବିଷୟରେ ସାଙ୍କେତିକ ଶବ୍ଦରେ ଲେଖିଦେଲେ । ତା'ପରେ ହଠାତ୍ ଦିନେ ସେହି ବ୍ୟକ୍ତିର ମୃତ୍ୟୁ ହୋଇଗଲା । ପିତାଙ୍କ ଅନ୍ତିମ ସଂସ୍କାର ପରେ ପୁତ୍ରମାନେ ସେହି ଡାଏରୀଟିକୁ ଖୋଲି ଦେଖିଲେ ଯୋଉଁଥିରେ ତାଙ୍କ ପିତା ଏହା ଲେଖିଥିଲେ ଯେ ଧନ କେଉଁଠି ଅଛି । ଯାହାର ସୂଚନା ପିତା ଅନ୍ୟ କାହାରିକୁ ବି ଦେଉ ନଥିଲେ ।

ଧନୀ ବ୍ୟକ୍ତିର ଘର ଆଗରେ ଗୋଟିଏ ଅଗଣା ଥିଲା, ସେହି ଅଗଣାର ଗୋଟଏ କୋଣରେ ଗୋଟିଏ ମନ୍ଦିର ତିଆରି ହୋଇଥିଲା । ଡାଏରୀରେ ଲେଖା ଥିଲା ଯେ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ରାତି ୨ଟା ବେଳେ ସମସ୍ତ ଧନ ମନ୍ଦିର ଗମ୍ବୁଜ ଭିତରେ ପୋତି ରଖିଅଛି । ତେଣୁ ପୁଅମାନେ ମନ୍ଦିରର ଗୁମ୍ବଜକୁ ରାତି ୨ଟା ବେଳେ ଭାଙ୍ଗି ଧନ ଖୋଜିଲେ, କିନ୍ତୁ କିଛି ବି ମିଳିଲା ନାହିଁ । ପିଲାମାନଙ୍କୁ ବହୁତ ଦୁଃଖ ଲାଗିଲା । ଦିନେ ନିକଟତମ ଗ୍ରାମରୁ ତାଙ୍କ ମୃତ ପିତାଙ୍କ ମିତ୍ର ଶୋକ ବ୍ୟକ୍ତ କରିବା ପାଇଁ ଆସିଲେ, ପିଲାମାନେ ଯଥା ସ୍ଥାନରୁ ଧନ ପ୍ରାପ୍ତି ବିଷୟରେ ତାଙ୍କ ନିକଟରେ ଜଣାଇଲେ । ଧନୀ ବ୍ୟକ୍ତିଙ୍କର ମିତ୍ର ସେହି ଡାଏରୀଟିକୁ ମଗାଇ ଲେଖାଗୁଡ଼ିକୁ ପଢ଼ିଲେ ଏବଂ କହିଲେ ଯେ ମନ୍ଦିରର ଗମ୍ବୁଜଟିକୁ ପୂର୍ବ ଭଳି ତିଆରି କର, ମୁଁ ପୁଣି ଅନ୍ୟ କୌଣସି ଦିନ ଆସିବି ଏବଂ ଧନ ଥିବା ସ୍ଥାନ ବିଷୟରେ କହିବି । ପୁଣି ସେହି ବ୍ୟକ୍ତି ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ଆସିଲେ । ରାତି ଦୁଇଟା ସମୟରେ ଯେଉଁ ସ୍ଥାନ ଉପରେ ଚନ୍ଦ୍ର ଆଲୋକରେ ମନ୍ଦିର ଗମ୍ବୁଜର ଛାଇ ପଡ଼ିଲା ଠିକ୍ ସେହି ସ୍ଥାନରେ ମାଟି ଖୋଳିବାକୁ ସେ ନିର୍ଦ୍ଦେଷ ଦେଲେ । ଡ଼ାଏରୀରେ ଲେଖିଥିବା ସମସ୍ତ ଧନ ମିଳିଲା । ଧନ ପ୍ରାପ୍ତ କରି ପିଲାମାନେ ବହୁତ ଖୁସି ହେଲେ ଏବଂ ଧନୀ ମଧ୍ୟ ହୋଇଗଲେ ।

ଆପଣ ଯେଉଁ ହରି ଓମ୍ ତତ୍ ସତ୍ ଜପ କରୁଛନ୍ତି ତାହା ସେହି ମନ୍ଦିରର ଗମ୍ଭୁଜକୁ ଖୋଳିବା ଭଳି କାମ କରୁଛନ୍ତି, ଏଥିରୁ ଆପଣଙ୍କୁ କିଛି ବି ହସ୍ତଗତ ହେବନାହିଁ । ସେହି ଉପଯୁକ୍ତ ସ୍ଥାନ ଅର୍ଥାତ୍ ବାସ୍ତବିକ ମନ୍ତ୍ର ମୋ (ସନ୍ତ ରାମପାଲ ଦାସ) ପାଖରେ ଅଛି । ତାହା ଗ୍ରହଣ କରି ଭକ୍ତି ଧନୀ ତଥା ସୁଖୀ ହୁଅନ୍ତୁ ।

ପ୍ରଶ୍ନ :- ରାଧା, ବୃନ୍ଦାବନ ନିକଟସ୍ଥ ଗ୍ରାମ- ବରସାଣା (ଉତ୍ତର ପ୍ରଦେଶ)ର ବାସିନ୍ଦା ଥିଲେ । ସେଠାକାର ଲୋକମାନେ "ରାଧେ-ରାଧେ" ମନ୍ତ୍ର ଜପ କରନ୍ତି । ପ୍ରାତଃ କାଳରେ ବା ଅନ୍ୟ ସମୟରେ ପରସ୍ପର ମଧ୍ୟରେ ଦେଖା-ଚାହାଁ ହେବା ସମୟରେ ସେମାନେ ରାମ-ରାମ ବୋଲି କହିନଥାନ୍ତି । ସେମାନେ କହିଥାନ୍ତି, ମଉସା ! ରାଧେ ରାଧେ, ମଉସା କହିଥାନ୍ତି, ପୁଅ ! ରାଧେ ରାଧେ । ସେମାନେ କ'ଣ ମୂର୍ଖ କି ?

ଉତ୍ତର :- ତତ୍ତ୍ୱଜ୍ଞାନ ଅଭାବରୁ ଲୋକବେଦକୁ ସତ୍ୟ ଜ୍ଞାନ ମାନି ଶାସ୍ତ୍ରବିରୁଦ୍ଧ ମନ୍ତ୍ରର ଜାପ ଚାଲିଛି । ଆପଣଙ୍କୁ ମୁଁ ପୂର୍ବରୁ ସ୍ପଷ୍ଟ କରିଦେଇ ସାରିଛି ଯେ ଗୀତା ଅଧ୍ୟାୟ ୧୬ ଶ୍ଳୋକ୨୩ - ୨୪ରେ କୁହାଯାଇଛି ଯେ ଯେଉଁମାନେ ଶାସ୍ତ୍ରବିଧିକୁ ତ୍ୟାଗକରି ମନମୁଖୀ ଆଚରଣ କରିଥାନ୍ତି ଅର୍ଥାତ୍ ଯେଉଁ ମନ୍ତ୍ର ଜପ ଶାସ୍ତ୍ରରେ ନାହିଁ, ସେହି ମନ୍ତ୍ରର ଜପ କରନ୍ତି ସେମାନଙ୍କୁ ନା ସୁଖ ମିଳିଥାଏ, ନା ସିଦ୍ଧି ମିଳିଥାଏ, ନା ସେମାନଙ୍କର ଗତି (ମୁକ୍ତି) ହୋଇଥାଏ ଅର୍ଥାତ୍ ଏହି ଜପ ସାଧନା ବ୍ୟର୍ଥ ଅଟେ । ଏଥିରେ ଅର୍ଜୁନ ! ତୁମ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ବ୍ୟବସ୍ଥାରେ ଶାସ୍ତ୍ର ହିଁ ପ୍ରମାଣ ଅଟେ । ପ୍ରଥମରୁ ଏହା ସ୍ପଷ୍ଟ କରିଦେଇଛି । ଏବେ ପ୍ରଶ୍ନ ଆସେ ମଉସା-ପୁତୁରା ରାଧେ ରାଧେ ଶବ୍ଦ କାହିଁକି ଉଚ୍ଚାରଣ କରାଯାଏ । ରାଧା କିଏ ଥିଲେ ? ଏକଥା ଆପଣ ଭଲଭାବେ ଜାଣନ୍ତି । ରାଧା, ଶ୍ରୀକୃଷ୍ଣଙ୍କ ପ୍ରେମିକା ଥିଲେ । ସେ ସମୟରେ ବରସାଣା ଗାଁର ଲୋକେ ରାଧାକୁ ବ୍ୟଭିଚାରିଣୀ, ଚରିତ୍ରହୀନା, ନିର୍ଲଜ୍ୟା ଇତ୍ୟାଦି ବିଶ୍ଳେଷଣ ଦ୍ୱାରା ସମ୍ବୋଧନ କରୁଥିଲେ । ସେମାନେ କହୁଥିଲେ ଯେ ଇଏ ଆର ଗାଁ'ର ନନ୍ଦ ବାବାଙ୍କ ପୁଅ ସହିତ ଲୁଚି-ଲୁଚି ମିଳାମିଶା କରୁଛି, ତେଣୁ ଏହାକୁ ଘରେ ପୁରାଅ ନାହିଁ, ଅନ୍ୟ ଝିଅମାନଙ୍କ ଉପରେ ଖରାପ ପ୍ରଭାବ ପଡ଼ିବ, ଶ୍ରୀମାନ୍‌ଜୀ ! ବର୍ତ୍ତମାନ ସେହି ବରସାଣା ଗାଁର ଲୋକେ ରାଧାଙ୍କ ପାଇଁ ସ୍ୱୟଂ (ସ୍ତ୍ରୀ-ପୁରୁଷ, ଯୁବତୀମାନେ) କହୁଛନ୍ତି ଯେ ରାଧେ ରାଧେ ଶ୍ୟାମ ମିଳାଦେ, ଯେପରି ଆପଣ ପୂର୍ବରୁ କହିଥିଲେ ଯେ ଆମ୍ଭେ ଏହି ନାମ ମଧ୍ୟ ଜାପ କରୁଛୁ । ଏବେ ନା ରାଧା ଅଛନ୍ତି ନା ଶ୍ରୀକୃଷ୍ଣ । ଏବେ ସେମାନେ ସନ୍ନିପାତ ଜ୍ୱର ରୋଗୀ ଭଳି ବିଳ ବିଳାଉଛନ୍ତି, ରାଧେ ରାଧେ ଶ୍ୟାମ୍ ମିଳାଦେ । ଏହିଭଳି ସ୍ଥିତି ଅନ୍ୟ ମନ୍ତ୍ରଗୁଡ଼ିକର ଯାହା ଆପଣ ପୂର୍ବ ପ୍ରଶ୍ନରେ କହିଛନ୍ତି, ସେଗୁଡ଼ିକୁ ଜାଣନ୍ତୁ । ସେଗୁଡିକ ମଧ୍ୟ ଶାସ୍ତ୍ର ପ୍ରମାଣିତ ହୋଇନଥିବା କାରଣରୁ ବ୍ୟର୍ଥ ଅଟେ ।

æ ଆପଣଙ୍କର ଏହି ପ୍ରଶ୍ନର ଉତ୍ତର ଏବେ ଦେଉଛି, ମଉସା କହୁଛି ରାଧେ-ରାଧେ, ପୁତୁରା ମଧ୍ୟ କହୁଛି ରାଧେ-ରାଧେ, ଆପଣଙ୍କୁ ମଧ୍ୟ ଜଣା ଅଛି ଯେ ରାଧା, ଶ୍ରୀକୃଷ୍ଣଙ୍କ ପ୍ରେମିକା ଥିଲେ । ଆପଣଙ୍କୁ ଏହା ମଧ୍ୟ ଜଣାଅଛି ଯେ ଶ୍ରୀକୃଷ୍ଣ ଯେତେବେଳେ ରୁକ୍ମିଣୀଙ୍କୁ ରଥରେ ବସାଇ ନେଇଯିବାକୁ ଲାଗିଲେ ସେତେବେଳେ ରୁକ୍ମିଣୀଙ୍କ ଭାଇ ନିଜ ଭଉଣୀକୁ ମୁକ୍ତ କରିବା ପାଇଁ ଘୋଡ଼ା ପିଠିରେ ବସି ରଥ ପଛରେ ଗୋଡ଼ାଇଥିଲେ । ଶ୍ରୀକୃଷ୍ଣ ପ୍ରଥମେ ତାକୁ ପିଟି ଥିଲେ, ତା'ପରେ ରଥ ପଛରେ ବାନ୍ଧି ଘୋଷାରୀ ଥିଲେ । ରୁକ୍ମିଣୀ ମଧ୍ୟ ଶ୍ରୀକୃଷ୍ଣଙ୍କ ପ୍ରେମିକା ଥିଲେ । ଦୁହିଁଙ୍କ ମଝିରେ ରୁକ୍ମଣୀଙ୍କ ଭାଇ ବାଧା ସୃଷ୍ଟି କରିବାରୁ ଶ୍ରୀକୃଷ୍ଣ ତା'ର କେଉଁ ଭଳି ଦଶା କରିଥିଲେ । ରୁକ୍ମିଣୀଙ୍କ ପ୍ରାର୍ଥନା କ୍ରମେ ଶ୍ରୀକୃଷ୍ଣ ତାଙ୍କ ଭାଇକୁ ଛାଡି ଦେଇଥିଲେ । ଭଗବାନ ଶ୍ରୀକୃଷ୍ଣ ବା ରାଧା ଯଦି ବର୍ତ୍ତମାନ ସମୟରେ ଉପସ୍ଥିତ ଥାଆନ୍ତେ ଏବଂ ବରସାଣା ଗାଁ'ର ସେହି ମଉସା ପୁତୁରା ପରସ୍ପରକୁ ଏହି ଶବ୍ଦ କହିଥାନ୍ତେ ଯେ "ରାଧେ-ରାଧେ" ତେବେ ଶ୍ରୀକୃଷ୍ଣ ଏହା ପସନ୍ଦ କରିଥାନ୍ତେ କି ? କେବେ ନୁହେଁ, ମଉସା-ପୁତୁରା ଦୁହିଁଙ୍କୁ ରଥରେ ବାନ୍ଧି ଘୋଷାରିଥାନ୍ତେ । ଆପଣ ଯଦି କାହା ପ୍ରେମିକାର ନାଁ ନେଇ ବିଳି ବିଳେଇବେ ତେବେ ସେହି ପ୍ରେମିକକୁ କେମିତି ଲାଗିବ ? ଯଦି ସେ ଶକ୍ତିଶାଳୀ ହୋଇଥିବ ତ ମୁହଁ ଫଟେଇ ଦେବ, ଦୁର୍ବଳିଆ ହୋଇ ଥିବ ତ କ୍ରନ୍ଦନ କରିବ, ନିଜ ଜୀବନକୁ

ଧିକ୍କାର କରିବ । ସେ କେବେ ଖୁସି ହେବ କି ? ନାଁ, ତେଣୁ ଏହି ମନ୍ତ୍ରଗୁଡିକ ଯାହା ଶାସ୍ତ୍ର ପ୍ରମାଣିତ ନୁହେଁ, ସେଗୁଡିକ ଜପ କରିବା ବ୍ୟର୍ଥ ଅଟେ । ଶାସ୍ତ୍ର ପ୍ରମାଣିତ ବାସ୍ତବିକ ନାମ (ମନ୍ତ୍ର) ମୋ ପାଖରେ ଅଛି । ମୋ ପାଖକୁ ଆସି ତାହା ଗ୍ରହଣ କରି ନିଜର କଲ୍ୟାଣ କରାଅ ।

ପ୍ରଶ୍ନ:- ଆପଣ ପ୍ରଶ୍ନ (ପୂର୍ଣ୍ଣଗୁରୁଙ୍କ ପରିଚୟ କ'ଣ ?)ର ଉତ୍ତରରେ ଏକ ସ୍ଥାନରେ ଲେଖାଯାଇଛି ଏବଂ ପ୍ରମାଣିତ ହେଲା ଯେ ଓଁ (ଓମ୍) ମନ୍ତ୍ରର ଜପ ଶାସ୍ତ୍ର ପ୍ରମାଣିତ ଅଟେ । (କାଳବ୍ରହ୍ମଙ୍କର ପୂଜା କରିବା ଉଚିତ୍ ନା ନୁହେଁ ?)ର ଉତ୍ତରରେ ଅନେକ ଋଷିମାନଙ୍କର ପୂଜାକୁ ଆପଣ ଶାସ୍ତ୍ରବିଧି ତ୍ୟାଗ ପୂର୍ବକ ମନମୁଖୀ ଆଚରଣ ବୋଲି କହିଛନ୍ତି, ଯେଉଁମାନେ ଓଁ (ଓମ୍) ମନ୍ତ୍ରର ଜପ କରୁଥିଲେ ।

ଉତ୍ତର- ସେହି ଋଷିଗଣ ଓମ୍ (ଓଁ) ମନ୍ତ୍ରର ଜପ କରିବା ସହିତ ହଠ ଯୋଗ(ଶରୀରକୁ କଷ୍ଟ ଦେଇ ଯେଉଁ ଯୋଗ କରାଯାଏ) କରି ଘୋର ତପସ୍ୟା କରିଥିଲେ । ଯେଉଁ କାରଣରୁ ସେମାନଙ୍କ ସାଧନାକୁ ଶାସ୍ତ୍ରବିରୁଦ୍ଧ ସାଧନା ବୋଲି କୁହାଯାଇଛି । ଓମ୍ (ଓଁ) ମନ୍ତ୍ରର ଜପ ଶାସ୍ତ୍ର ପ୍ରମାଣିତ ଅଟେ, କିନ୍ତୁ ମୋକ୍ଷଦାୟକ ନୁହଁ । ଯାହା ଦ୍ୱାରା ଅନୁତ୍ତମ ଗତି (ମୁକ୍ତି) ପ୍ରାପ୍ତି ହୋଇଥାଏ । ତେଣୁ ସେହି ଋଷିମାନଙ୍କର ପୂଜା କରିବା ବିଧି ଶାସ୍ତ୍ରବିରୁଦ୍ଧ ଅଟେ । ବେଦ ଏବଂ ଗୀତାରେ ସେହି ପୂର୍ଣ୍ଣ ପରମାତ୍ମାଙ୍କ ଭକ୍ତି କରିବା ପାଇଁ କୁହାଯାଇଛି । ତେଣୁ ତାଙ୍କ ଭକ୍ତି ନ କରି ମନମୁଖୀ ପୂଜା କରିବା ଶାସ୍ତ୍ରବିରୁଦ୍ଧ ଅଟେ ।

ପ୍ରଶ୍ନ :- ମହର୍ଷି ବାଲ୍ମିକି ତ ସତ୍ୟଯୁଗରେ ଥିଲେ, ସେ ମଧ୍ୟ ରାମ ନାମ ଜପ କରୁଥିଲେ । ଏହି ମନ୍ତ୍ର ବି ଶାସ୍ତ୍ର ପ୍ରମାଣିତ ନୁହେଁ କି ?

ଉତ୍ତର:- ପୂର୍ବରୁ କହିଛି ଯେ ଗୀତା ଅଧ୍ୟାୟ ୪ ଶ୍ଳୋକ ୧-୨ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଏହି ଜ୍ଞାନ ପ୍ରଥମେ ମୁଁ ସୂର୍ଯ୍ୟକୁ ଶୁଣାଇଥିଲି । ସେ ନିଜ ପୁତ୍ର ମନୁକୁ ଶୁଣାଇଲେ । ତା' ପରେ ଏହି ଜ୍ଞାନ ଧିରେ ଧିରେ କିଛି ରାଜଋଷିଙ୍କୁ ପ୍ରାପ୍ତ ହେଲା । ସୂର୍ଯ୍ୟ, ମନୁ ଓ ରାଜର୍ଷି ଆଦି ଚରିତ୍ର ସତ୍ୟଯୁଗ ପ୍ରାରମ୍ଭ ସମୟର ଅଟନ୍ତି । ସେମାନଙ୍କ ପରେ ଏହି ଜ୍ଞାନ ନଷ୍ଟ ହୋଇ ଯାଇଥିଲା । ମହର୍ଷି ବାଲ୍ମିକୀଙ୍କୁ ସପ୍ତଋଷି ଦର୍ଶନ ଦେଇଥିଲେ । ସେମାନେ ତପସ୍ୟା କରି ସିଦ୍ଧି ପାପ୍ତି କରିଥିଲେ । ହଠ ଯୋଗ ମାଧ୍ୟମରେ ତପସ୍ୟା କରିବାର ସେହି ବିଧି ବିଷୟରେ ସେମାନେ ମହର୍ଷି ବାଲ୍ମିକୀଙ୍କୁ ଜଣାଇଲେ । ଯେଉଁ ହଠଯୋଗ ତପସ୍ୟା ବିଧିକୁ ମହର୍ଷି ବାଲ୍ମୀକୀଜୀ ଆପଣାଇ, ତନ-ମନ ଦେଇ ଅତି ଶ୍ରଦ୍ଧାର ସହିତ କଲେ । କିଛି ଦିନ ଉପରାନ୍ତ ଶରୀରର ଉପର ଭାଗ (ମସ୍ତକ)ରୁ ଶବ୍ଦ ଶୁଣିବାକୁ ମିଳିଥିଲା । ତାହା ଥିଲା "ରାମ-ରାମ" । ତପସ୍ୟା କରିବା ସମୟରେ ମହର୍ଷି ବାଲ୍ମିକୀ ସେହି ଶବ୍ଦ ଉଚ୍ଚାରଣ କରିବାକୁ ଲାଗିଲେ । ଶୁଣିବା ଲୋକଙ୍କୁ ଏପରି ଲାଗିଲା ଯେପରି ସେ ମରା-ମରା କହୁଛନ୍ତି, ପ୍ରକୃତିରେ ସେ ରାମ-ରାମ ହିଁ ଉଚ୍ଚାରଣ କରୁଥିଲେ । ତାଙ୍କ ତପସ୍ୟାର ଫଳ ତାଙ୍କୁ ମିଳିଲା, ତାଙ୍କୁ ସିଦ୍ଧି ପ୍ରାପ୍ତ ହୋଇଗଲା । ତାଙ୍କ ଦିବ୍ୟଦୃଷ୍ଟି ଖୋଲିଗଲା ଯାହା ଦ୍ୱାରା ସେ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମର ହଜାର ବର୍ଷ ପୂର୍ବରୁ ରାମାୟଣ ଅର୍ଥାତ୍ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ତଥା ତାଙ୍କ ଜୀବନର ସମସ୍ତ ଘଟଣାବଳୀକୁ ଲିପିବଦ୍ଧ କରି ଦେଇଥିଲେ । ଗ୍ରନ୍ଥଟିର ନାମ "ବାଲ୍ମିକୀ ରାମାୟଣ" । ଯାହା ସଂସ୍କୃତ ଭାଷାରେ ଲେଖାଯାଇଥିଲା । ରାମ-ରାମ ଜପ ଦ୍ୱାରା କୌଣସି ଆଧ୍ୟାତ୍ମିକ ଲାଭ ମିଳେ ନାହିଁ । ପରମାତ୍ମାଙ୍କ ବୋଧକ ଶବ୍ଦ ହୋଇଥିବା କାରଣରୁ ଏହାକୁ ଉଚ୍ଚାରଣ କରିବା ଦ୍ୱାରା ପରମାତ୍ମାଙ୍କ କଥା ମନେ ପଡ଼ିଯାଇଥାଏ । ଏହି କାରଣରୁ ହିନ୍ଦୁ ଧର୍ମରେ ରାମ ନାମ ଉଚ୍ଚାରଣର ପ୍ରଚଳନ ପ୍ରାଚୀନ କାଳରୁ ଅଛି । ଯେପରି ସ୍ୱାମୀ ରାମାନନ୍ଦଜୀ ଅନ୍ୟମାନଙ୍କୁ ରାମ-ରାମ କହି ସମ୍ବୋଧିତ କରୁଥିଲେ । ତାଙ୍କ ଶିଷ୍ୟମାନେ ମଧ୍ୟ ପରସ୍ପର-ପରସ୍ପରକୁ ରାମ-ରାମ କହି ସମ୍ବୋଧିତ କରୁଥିଲେ । କିନ୍ତୁ ଜପ କରିବାର ମନ୍ତ୍ର "ଓଁ" ଥିଲା । ଏହିଭଳି ଆମ୍ଭେ କବୀର ପନ୍ଥୀ "ସତ୍ ସାହେବ୍" କହିଥାଉଁ । ଆମ୍ଭ ଜପ ମନ୍ତ୍ର ଭିନ୍ନ ଅଟେ । ସେହି ଭକ୍ତି ବିଧି ବଳରେ ଭଗବାନଙ୍କ ନିକଟକୁ ଯିବା ସମ୍ଭବ ହୋଇଥାଏ । ସୂକ୍ଷ୍ମ ବେଦରେ କୁହାଯାଇଛି :-

ସତ୍‌ଗୁରୁ ମିଲେ ତୋ ଇଚ୍ଛା ମିଟେ, ପଦ ମିଲ ପଦୈ ସମାନା ।
ଚଲ୍ ହଂସା ଉସ ଲୋକ୍ ପଠାଉଁ, ଜୋ ଅଜର ଅମର ଅସ୍ଥାନା ।
ଚାର ମୁକ୍ତି ଜହାଁ ଚମ୍ପୀ କର୍‌ତୀ, ମାୟା ହୋ ରହୀ ଦାସୀ ।
ଦାସ ଗରୀବ୍ ଅଭୟ ପଦ୍ ପରସୈ, ମିଲେ ରାମ ଅବିନାଶୀ ।।

"ଭକ୍ତି କେଉଁ ପ୍ରଭୁଙ୍କର କରିବା ଉଚିତ୍''ଗୀତାନୁସାର

ତେଣୁ ସୂକ୍ଷ୍ମବେଦରେ କୁହାଯାଇଛି ଯେ:-

"ଭଜନ କରୋ ଉସ ରବ କା, ଜୋ ଦାତା ହେ କୁଲ ସବ କା"

ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧ଓ ୪ ରେ ତଥା ୧୬ ଓ ୧୭ ରେ କୁହାଯାଇଛି ଯେ ଏହି ସଂସାର ଏକ ଅଶ୍ୱତଥ୍ ବୃକ୍ଷ ସଦୃଶ୍ୟ । ଯେଉଁ ସନ୍ଥ ଏହି ସଂସାର ରୂପୀ ଅଶ୍ୱତ୍ଥ ବୃକ୍ଷର ମୂଳରୁ ଆରମ୍ଭ କରି ତିନିଗୁଣ ରୂପୀ ଶାଖା ପର୍ଯ୍ୟନ୍ତ ସମସ୍ତ ଅଙ୍ଗକୁ ଭିନ୍ନ ଭିନ୍ନ କରି ବ୍ୟାଖ୍ୟା କରି ଦେଇପାରନ୍ତି (ସଃ ବେଦବିତ୍) ସେ ବେଦର ତାତ୍ପର୍ଯ୍ୟକୁ ଜାଣିଥିବା ଜ୍ଞାନୀ ଅଟନ୍ତି ଅର୍ଥାତ୍ ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି ।

ନିଜ ଦ୍ୱାରା ରଚନା କରାଯାଇଥିବା ସୃଷ୍ଟି ବିଷୟକ ଜ୍ଞାନ ଏବଂ ବାସ୍ତବିକ ଆଧ୍ୟାତ୍ମିକ ଜ୍ଞାନ ପରମାତ୍ମା ସ୍ୱୟଂ ପୃଥିବୀ ପୃଷ୍ଠରେ ପ୍ରକଟ ହୋଇ ନିଜ ମୁଖ କମଳରେ ଶୁଣାଇଥାନ୍ତି । ପ୍ରମାଣ ପାଇଁ ନିମ୍ନସ୍ଥ ବେଦମନ୍ତ୍ର ପଢ଼ନ୍ତୁ । କୃପାକରି ଏହି ମନ୍ତ୍ରଗୁଡ଼ିକର ଜେରକ୍ସ କପି "ଗୀତା ତୁମ ଜ୍ଞାନ ଅମୃତ" ପୁସ୍ତକରେ ଦେଖନ୍ତୁ, ଯାହାର ଅନୁବାଦ ଆର୍ଯ୍ୟ ସମାଜର ପ୍ରବର୍ତ୍ତକ ମହର୍ଷି ଦୟାନନ୍ଦ ତଥା ତାଙ୍କ ଅନୁଗାମୀମାନେ ଅଟନ୍ତି । ତାଙ୍କ ତ୍ରୁଟିଗୁଡ଼ିକୁ ଏହି ଲେଖକ (ସନ୍ଥ ରାମପାଲ ଦାସ) ସୁଧାରିଛି ।

ଋଗ୍‌ବେଦ ମଣ୍ଡଳ ନଂ୯, ସୂକ୍ତ ୮୬, ମନ୍ତ୍ର ୨୬ -୨୭, ଋଗ୍‌ବେଦ ମଣ୍ଡଳ ନଂ୯, ସୂକ୍ତ ୮୨ ମନ୍ତ୍ର ୧-୨, ଋଗ୍‌ବେଦ ମଣ୍ଡଳ ନଂ ୯ ସୂକ୍ତ ୯୬ ମନ୍ତ୍ର ୧୬ ରୁ ୨୦, ଋଗ୍‌ବେଦ ମଣ୍ଡଳ ନଂ ୯ସୂକ୍ତ ୯୪ ମନ୍ତ୍ର ୧, ଋଗ୍‌ବେଦ ମଣ୍ଡଳ ନଂ ୯ ସୂକ୍ତ ୯୫ ମନ୍ତ୍ର ୨, ଋଗ୍‌ବେଦ ମଣ୍ଡଳ ନଂ ୯ ସୂକ୍ତ ୫୪ ମନ୍ତ୍ର ୩, ଋଗ୍‌ବେଦ ମଣ୍ଡଳ ନଂ ୯ ସୂକ୍ତ ୨୦ ମନ୍ତ୍ର ୧ରେ ପ୍ରମାଣ ଅଛି ଯେ ଯିଏ ସର୍ବ ବ୍ରହ୍ମାଣ୍ଡର ରଚୟିତା, ସମସ୍ତଙ୍କର ପାଳନକର୍ତ୍ତା ପରମେଶ୍ୱର ଅଟନ୍ତି । ସର୍ବ ଭୁବନ ଉପରେ ଥିବା ଲୋକରେ ସେ ବସିଛନ୍ତି । (ଋଗ୍‌ବେଦ ମଣ୍ଡଳ ନଂ ୯ ସୂକ୍ତ ୫୪ ମନ୍ତ୍ର ୩) ସେହି ପରମାତ୍ମା ସେଠାରୁ ଗତିକରି ଅର୍ଥାତ୍ ସଶରୀରରେ ଏହି ପୃଥିବୀ ପୃଷ୍ଠକୁ ଆସି ଭକ୍ତମାନଙ୍କର ସଙ୍କଟ ମୋଚନ କରିଥାନ୍ତି । ତାଙ୍କ ନାମ କବିର୍ଦେବ ଅର୍ଥାତ୍ କବୀର ପରମେଶ୍ୱର ଅଟେ । ଏଠାକୁ ଆସି ଦୃଢ ଆତ୍ମାମାନଙ୍କୁ ଦର୍ଶନ ଦେଇଥାନ୍ତି, ନିଜ ମୁଖରେ ତତ୍ତ୍ୱଜ୍ଞାନ ଗାନକରି ସେହି ଉତ୍ତମ ଆତ୍ମାମାନଙ୍କୁ ସେ ଶୁଣାଇଥାନ୍ତି । ସେହି ପରମାତ୍ମା ଉପରିସ୍ଥ ଲୋକରେ ବସିଛନ୍ତି । (ଋଗ୍‌ବେଦ ମଣ୍ଡଳ ନଂ ୯ସୂକ୍ତ ୮୬ ମନ୍ତ୍ର ୨୬-୨୭, ମଣ୍ଡଳ ୮୨ ମନ୍ତ୍ର ୧-୨ ତଥା ମଣ୍ଡଳ ନଂ. ୯ ସୂକ୍ତ ୨୦-ମନ୍ତ୍ର ୧)

ପରମାତ୍ମା ପୃଥିବୀ ପୃଷ୍ଠରେ କବି ଭଳି ଆଚରଣ କରି ବିଚରଣ କରିଥାନ୍ତି । (ଋଗ୍‌ବେଦ ମଣ୍ଡଳ ନଂ. ୯ ସୂକ୍ତ୯୪ ମନ୍ତ୍ର ୧)

ପରମାତ୍ମା ନିଜ ମୁଖରେ ବାଣୀ ଗାନକରି ସାଧକମାନଙ୍କୁ ଭକ୍ତି କରିବା ପାଇଁ ପ୍ରେରଣା ଦେଇଥାନ୍ତି । ପରମାତ୍ମା ଭକ୍ତିର ଗୁପ୍ତ ମନ୍ତ୍ରଗୁଡ଼ିକୁ ଆବିଷ୍କାର କରନ୍ତି । (ଋଗ୍‌ବେଦ ମଣ୍ଡଳ ନଂ. ୯ ସୂକ୍ତ ୯୫ -ମନ୍ତ୍ର ୨)

ପରମାତ୍ମା ତତ୍ତ୍ୱଜ୍ଞାନକୁ (କବିର୍ବାଣୀ) କବୀର ବାଣୀ (ଲୋକୋକ୍ତି, ଦୋହା, ଚୌପଦୀ) ମାଧ୍ୟମରେ ଗାନକରି ଶୁଣାଇଥାନ୍ତି । ସେ କବିର୍ଦେବ (କବୀର ପରମେଶ୍ୱର) ଅଟନ୍ତି ଯିଏ କି ସନ୍ଥ ରୂପରେ ପ୍ରକଟ ହୁଅନ୍ତି । ସେହି ପରମେଶ୍ୱରଙ୍କ ଦ୍ୱାରା, ଋଷି ବା ସନ୍ଥମାନଙ୍କ ଦ୍ୱାରା ରଚିତ ଅସଙ୍ଖ୍ୟ ବାଣୀକୁ ତତ୍ତ୍ୱଜ୍ଞାନ କୁହାଯାଏ, ସେଗୁଡ଼ିକ ତାଙ୍କ ଅନୁଗାମୀମାନଙ୍କ ପାଇଁ ଅମୃତ ତୁଲ୍ୟ ଆନନ୍ଦଦାୟକ ଅଟେ ।

ସେହି ପରମେଶ୍ୱର ପ୍ରସିଦ୍ଧ କବିମାନଙ୍କ ମଧ୍ୟରୁ ଜଣେ ସୁପ୍ରସିଦ୍ଧ କବି ପଦବୀ ମଧ୍ୟ ପ୍ରାପ୍ତ

କରିଥାନ୍ତି । ତାଙ୍କୁ କବି ବୋଲି ସମସ୍ତେ କହିଥାନ୍ତି, କିନ୍ତୁ ସେ ବାସ୍ତବରେ ପରମାତ୍ମା ଅଟନ୍ତି । ସେହି ପରମାତ୍ମା ତୃତୀୟ ମୁକ୍ତିଧାମ (ସତ୍ୟଲୋକ)ରେ ବିରାଜମାନ ଅଟନ୍ତି । ମନୁଷ୍ୟ ଯେପରି ଭିନ୍ନ-ଭିନ୍ନ ବସ୍ତ୍ର ଧାରଣ କରିଥାଏ, ସେହପରି ସେହି ପରମାତ୍ମା ଭିନ୍ନ-ଭିନ୍ନ ରୂପରେ ପୃଥିବୀ ପୃଷ୍ଠରେ ପ୍ରକଟ ହୁଅନ୍ତି । ଉପରୋକ୍ତ ରଗ୍‌ବେଦ ମନ୍ତ୍ରରୁ ଏହା ସ୍ପଷ୍ଟ ହୁଏ ଯେ ପରମାତ୍ମା ନିଜ ଅମରଧାମରୁ ଗତିକରି ଆସି ପୃଥିବୀ ପୃଷ୍ଠରେ ପ୍ରକଟ ହୁଅନ୍ତି । ସେ ଶ୍ରେଷ୍ଠ ଆତ୍ମାମାନଙ୍କୁ ଦର୍ଶନ ଦେଇଥାନ୍ତି । ସେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ଭୂମିକା କରି ଦୋହା, ଚୌପଦୀ, ଶବ୍ଦାବଳୀ ମାଧ୍ୟମରେ ତତ୍ତ୍ୱଜ୍ଞାନ କହିଥାନ୍ତି । ସେହି ପରମେଶ୍ୱର ସନ ୧୩୯୮ରୁ ୧୫୧୮ ପର୍ଯ୍ୟନ୍ତ ୧୨୦ ବର୍ଷ ପୃଥିବୀ ପୃଷ୍ଠର ଭାରତ ବର୍ଷରେ, ପବିତ୍ର ଭୂମି କାଶୀ ସହରରେ ବୁଣାକାର (ତନ୍ତି) ରୂପେ ଲୀଳା କରି ତତ୍ତ୍ୱଜ୍ଞାନ ଶୁଣାଇଥିଲେ ।

କବୀର, ଅକ୍ଷର ପୁରୁଷ ଏକ ପେଡ୍ ହେ, କ୍ଷର ପୁରୁଷ ବାକି ଡ଼ାର୍ ।
ତିନୋଁ ଦେବା ଶାଖା ହେ, ପାତ୍ ରୂପ ସଂସାର ॥

ବିଶେଷ :- କବୀର ବାଣୀ ପୁସ୍ତକରେ ଏଭଳି ଏକ ବାଣୀ ମଧ୍ୟ ଲେଖା ଅଛି ଯେ :-

କବୀର, ଅକ୍ଷର ପୁରୁଷ ବୃକ୍ଷ କା ତନା ହେ, କ୍ଷର ପୁରୁଷ ହେ ଡ଼ାର ।
ତ୍ରୟଦେବ୍ ଶାଖା ଭୟେ, ପାତ୍ ଜାନୋଁ ସଂସାର୍ ॥

ସରଳାର୍ଥ :- ବୃକ୍ଷର ଯେଉଁ ଅଂଶ ବାହାରକୁ ନଜର ଆସିଥାଏ, ସେହି ଅଂଶର ବିବରଣୀ ଦିଆଯାଇ କୁହଯାଇଛି ଯେ ତାହା ବୃକ୍ଷର କାଣ୍ଡ ଅଟେ, ତାହାକୁ ''ଅକ୍ଷର ପୁରୁଷ'' ବୋଲି ଜାଣ । କାଣ୍ଡ ଉପରକୁ ଯେଉଁ ମୋଟା ଡ଼ାଳ ବାହାରିଥାଏ, ସେଥିମଧ୍ୟରୁ ଗୋଟିଏ ଡ଼ାଳକୁ "କ୍ଷର ପୁରୁଷ " ବୋଲି ଜାଣ । ପୁଣି ସେହି ମୋଟା ଡ଼ାଳରୁ ଯେଉଇ ତିନି ଶାଖା ଡ଼ାଳ ବାହାରିଛି । ସେହି ତିନି ଶାଖା ଡ଼ାଳକୁ ତିନି ଦେବତା :- (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଏବଂ ତମଗୁଣ ଶିବ) ବୋଲି ଜାଣନ୍ତୁ ଏବଂ ସେହି ଶାଖାରେ ଥିବା ପତ୍ରଗୁଡ଼ିକୁ ଜୀବ-ଜନ୍ତୁ ବୋଲି ଜାଣନ୍ତୁ ।

ପରମେଶ୍ୱର କବୀରଜୀ ତତ୍ତ୍ୱଜ୍ଞାନ ଆଧାରରେ ସମସ୍ତ ଜ୍ଞାନ କହିଛନ୍ତି । ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ରେ ମଧ୍ୟ କୁହାଯାଇଛି ଯେ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନଗୁଡ଼ିକର ବିବରଣୀ, (ବ୍ରହ୍ମଣଃ ମୁଖେ) ସଚ୍ଚିଦାନନ୍ଦ ଘନବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ତାଙ୍କ ନିଜ ମୁଖ କମଳରେ ବୋଲିଥିବା ବାଣୀ ମାଧ୍ୟମରେ ବିସ୍ତୃତ ଭାବରେ କହିଛନ୍ତି, ତାହା ତତ୍ତ୍ୱଜ୍ଞାନ ଅଟେ ।

ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ରେ କୁହାଯାଇଛି ଯେ ପରମାତ୍ମା ସ୍ୱୟଂ ଯେଉଁ ତତ୍ତ୍ୱଜ୍ଞାନ କହିଥାନ୍ତି, ସେହି ଜ୍ଞାନକୁ କେବଳ ତାଙ୍କ କୃପାପାତ୍ର ସନ୍ଥ ହିଁ ବୁଝିପାରିଥାନ୍ତି । ସେହି ତତ୍ତ୍ୱଜ୍ଞାନକୁ ତୁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିକଟକୁ ଯାଇ ବୁଝ । ତାଙ୍କୁ ଦଣ୍ଡବତ ପ୍ରଣାମ (ଭୂମି ଉପରେ ପେଟ ଲଗାଇ ଲମ୍ବା ଭାବରେ ଶୋଇ ପ୍ରଣାମ) କରି ବିନମ୍ର ଭାବରେ ପ୍ରଶ୍ନ କଲେ ସେହି ତତ୍ତ୍ୱଦର୍ଶୀ ସନ୍ଥ ତୋତେ ତତ୍ତ୍ୱଜ୍ଞାନର ଉପଦେଶ ଦେବେ ।

ସେହି ତତ୍ତ୍ୱଜ୍ଞାନକୁ ପରମେଶ୍ୱର ସ୍ୱୟଂ ପୃଥିବୀ ପୃଷ୍ଠରେ ପ୍ରକଟ ହୋଇ କହିଥିଲେ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ୧ରେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ବିଷୟରେ କୁହାଯାଇଛି ଯେ ଯେଉଁ ସନ୍ଥ ସଂସାର ରୂପୀ ଓଲଟ ବୃକ୍ଷର ମୂଳଠାରୁ ପତ୍ର ପର୍ଯ୍ୟନ୍ତ ସମସ୍ତ ଅଙ୍ଗକୁ ଜାଣିଥାନ୍ତି, ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି ।

ଝଏବେ ସଂସାର ରୂପୀ ବୃକ୍ଷର ସର୍ବାଙ୍ଗ ବିଷୟରେ ଜାଣନ୍ତୁ :-

୧. ମୂଳ - ମୂଳ ପରମ ଅକ୍ଷର ବ୍ରହ୍ମ ଯିଏ ସମସ୍ତଙ୍କର ମାଲିକ ଅର୍ଥାତ୍ ସମସ୍ତଙ୍କର ଉତ୍ପତ୍ତିକର୍ତ୍ତା ଅଟନ୍ତି । ସେ ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୮ ଶ୍ଳୋକ ୧ରେ ପ୍ରଶ୍ନର କରାଯାଇଛି ଏବଂ ତାହାର ଉତ୍ତର ସେହି ଗୀତା ଅଧ୍ୟାୟ ୮ର ଶ୍ଳୋକ ୩, ୮, ୯,୧୦ ଓ ୨୦,୨୧,୨୨ରେ ଦିଆଯାଇଛି । ସେହି ବିଷୟରେ ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ୧୭ରେ ମଧ୍ୟ ବର୍ଣ୍ଣନା ହୋଇଛି । ଯେପରିକି ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧୬ରେ ଦୁଇ ପୁରୁଷଙ୍କ ବିଷୟରେ କୁହାଯାଇଛି ଯେ ଜଣେ "କ୍ଷରପୁରୁଷ" ଓ ଅନ୍ୟ ଜଣେ "ଅକ୍ଷର ପୁରୁଷ" ।

ଇଏ ଦୁହେଁ ଏବଂ ଏମାନଙ୍କ ଅନ୍ତର୍ଗତ ଯେତେବି ଶରୀରଧାରୀ ପ୍ରାଣୀ ଅଛନ୍ତି, ସମସ୍ତେ ନାଶବାନ ଅଟନ୍ତି । ଜୀବାତ୍ମା କେବେ ମରେ ନାହିଁ ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧୭ରେ କୁହାଯାଇଛି ଯେ (ଉତ୍ତମ ପୁରୁଷଃ) ଅର୍ଥାତ୍ ପୁରୁଷୋତ୍ତମ ହେଉଛନ୍ତି (ଅନ୍ୟଃ) ଆଉ ଜଣେ ଯାହାଙ୍କୁ (ପରମାତ୍ମା ଇତି ଉଦାହୃତଃ) ପରମାତ୍ମା ବୋଲି କୁହାଯାଇଛି, (ଯଃ ଲୋକ ତ୍ରୟମ୍) ଯିଏ ତିନିଲୋକରେ (ଆବିଶ୍ୟ ବିଭର୍ତି) ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରନ୍ତି । ସେ (ଅବ୍ୟୟଃ ଈଶ୍ୱରଃ) ଅବିନାଶୀ ପରମେଶ୍ୱର ଅଟନ୍ତି । ଏହି ପରମଅକ୍ଷର ବ୍ରହ୍ମ ହିଁ ସଂସାର ରୂପୀ ବୃକ୍ଷର ମୂଳ ରୂପକ ପରମେଶ୍ୱର ଅଟନ୍ତି । ଇଏ ହେଉଛନ୍ତି ସେହି ପରମାତ୍ମା ଯାହାଙ୍କ ବିଷୟରେ ସନ୍ତୁ ଗରୀବ ଦାସଜୀ କହିଛନ୍ତି ଯେ :-

"ଭଜନ କରୋ ଉସ ରବକା, ଜୋ ଦାତା ହେ କୂଲ ସବ୍‌କା"

ସେହି ପରମାତ୍ମା ଅସଂଖ୍ୟ ବ୍ରହ୍ମାଣ୍ଡର ମାଲିକ ଅଟନ୍ତି । କ୍ଷର ପୁରୁଷ ଓ ଅକ୍ଷର ପୁରୁଷଙ୍କର ମଧ୍ୟ ମାଲିକ ତଥା ଉତ୍ପତ୍ତିକର୍ତ୍ତା ଅଟନ୍ତି ।

୨. ଅକ୍ଷର ପୁରୁଷ :- ଅକ୍ଷର ପୁରୁଷଙ୍କୁ ସଂସାର ରୂପୀ ବୃକ୍ଷର ଗଣ୍ଡି ବୋଲି ଜାଣ ଯିଏ ସାତଶଙ୍ଖ ବ୍ରହ୍ମାଣ୍ଡର ମାଲିକ କିନ୍ତୁ ନାଶବାନ ଅଟନ୍ତି ।

୩. କ୍ଷର ପୁରୁଷ :- କ୍ଷର ପୁରୁଷ ଗୀତା ଜ୍ଞାନଦାତା ଅଟନ୍ତି ଯାହାଙ୍କୁ 'କ୍ଷର ବ୍ରହ୍ମ' ମଧ୍ୟ କୁହାଯାଏ । ଏହାଙ୍କୁ ସଂସାର ରୂପୀ ବୃକ୍ଷର କାଣ୍ଡ ବୋଲି ଜାଣ ଯିଏ କେବଳ ୨୧ ବ୍ରହ୍ମାଣ୍ଡର ମାଲିକ କିନ୍ତୁ ନାଶବାନ ଅଟନ୍ତି

୪. ତିନି ଦେବତା :- (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ) ସଂସାର ରୂପୀ ବୃକ୍ଷର ତିନି ଶାଖା ଡାଳ ଅଟନ୍ତି :- ଏମାନେ ଗୋଟିଏ ବ୍ରହ୍ମାଣ୍ଡରେ ନିର୍ମିତ ତିନି ଲୋକ (ପୃଥିବୀ ଲୋକ, ପାତାଳ ଲୋକ, ସ୍ୱର୍ଗ ଲୋକର ଗୋଟିଏ ଗୋଟିଏ ବିଭାଗୀୟ ମନ୍ତ୍ରୀ ଅଟନ୍ତି) ମାଲିକ ଅଟନ୍ତି ।

ଯେପରି ରଜଗୁଣ ବିଭାଗର ମାଲିକ ଶ୍ରୀ ବ୍ରହ୍ମା ଅଟନ୍ତି, ଯାହାଙ୍କ ପ୍ରଭାବରେ ସମସ୍ତ ଜୀବ ସନ୍ତାନ ଉତ୍ପତ୍ତି କରନ୍ତି । ଶ୍ରୀବିଷ୍ଣୁ ସତଗୁଣ ବିଭାଗର ମାଲିକ ଅଟନ୍ତି ଯିଏ ସମସ୍ତ ପ୍ରାଣୀଙ୍କୁ ମୋହ-ମମତାରେ ବାନ୍ଧି ରଖିଥାନ୍ତି ଏବଂ ସମସ୍ତଙ୍କୁ ସେମାନଙ୍କର କୃତ କର୍ମର ଫଳ ଦିଅନ୍ତି । ଶ୍ରୀଶଙ୍କର ତମଗୁଣ ବିଭାଗର ମାଲିକ ଅଟନ୍ତି ଯାହାଙ୍କ ଯୋଗୁଁ ସମସ୍ତଙ୍କର ଅନ୍ତ ଘଟିଥାଏ ଏବଂ ଏହି ସଂସାରର ସମସ୍ତ ପ୍ରାଣୀଙ୍କୁ ପତ୍ର ରୂପେ ଜାଣନ୍ତୁ । ଏହା ହେଉଛି ସଂସାର ରୂପୀ ଓଲଟା ବୃକ୍ଷର ସମସ୍ତ ଅଙ୍ଗର ଭିନ୍ନ ଭିନ୍ନ ପରିଚୟ । ପରମେଶ୍ୱର କବୀରଜୀ ସ୍ୱୟଂ ନିଜ ମୁଖ କମଳରେ ଏହି ଜ୍ଞାନ କହିଥିଲେ । ଯାହା ଶ୍ରୀ ଧନୀ ଧର୍ମଦାସ (ବାନ୍ଧବଗଢ଼ ବାଲା)ଙ୍କ ଦ୍ୱାରା କବୀର ବାଣୀ, କବୀର ବୀଜକ, କବୀର ଶବ୍ଦାବଳୀ ତଥା କବୀର ସାଗର ଅଦି ଗ୍ରନ୍ଥରେ ଲେଖାଗଲା । ସେହି ପରମେଶ୍ୱର ସେତେବେଳେ କେବଳ କହି ଯାଇଥିଲେ ଅଥବା ବର୍ତ୍ତମାନ ସମୟରେ ଏହି ଦାସ (ସନ୍ତୁ ରାମପାଲ ଦାସ) ସେହି ଜ୍ଞାନକୁ ବୁଝିପରିଛି । ପରମେଶ୍ୱର କବୀରଜୀଙ୍କ କୃପାରୁ ଏହି ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ମୋତେ ପ୍ରାପ୍ତ ହୋଇଛି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ ଅନୁସାର (ତତ୍ତ୍ୱଦର୍ଶୀ ସନ୍ତୁଙ୍କ ପରିଚୟ) ମଧ୍ୟ ଏହା ପ୍ରମାଣିତ ହେଲା ଯେ ଏହି ଦାସ(ସନ୍ତୁ ରାମପାଲ ଦାସ) ସେହି ତତ୍ତ୍ୱଦର୍ଶୀ ସନ୍ତୁ ଅଟନ୍ତି ।

ଉପରକୁ ଚେର୍ (ମୂଳ) ତଳକୁ ଶାଖାଯୁକ୍ତ ଓଲଟା ଭାବରେ ଝୁଲି ଥିବା ସଂସାର୍ ରୂପୀ ବୃକ୍ଷର୍ ଚିତ୍ର

ପୁନଃ ପ୍ରସଙ୍ଗ ଉପରକୁ ଆସିବା ''ଭଜନ କରୋ ଉସ ରବ୍ କା ଜୋ ଦାତା ହେ କୁଲ୍ ସବ କା'' ।

ଏପର୍ଯ୍ୟନ୍ତ ଏହା କୁହାଯାଉଥିଲା ଯେ ଭକ୍ତି କରିବା ଉଚିତ୍ କିନ୍ତୁ ବର୍ତ୍ତମାନ ଏହା ସ୍ପଷ୍ଟ କରିବା ଯେ ଭକ୍ତି କାହାର କରିବା ଉଚିତ୍ ? ୧. ରଜଗୁଣ ଶ୍ରୀ ବ୍ରହ୍ମାଙ୍କର ୨. ସତଗୁଣ ଶ୍ରୀ ବିଷ୍ଣୁଙ୍କର ନା ୩. ତମଗୁଣ ଶ୍ରୀ ଶିବ ରୂପୀ ତିନି ଶାଖାର ନା ପୁଣି ୪. ଗୀତା ଜ୍ଞାନଦାତା କ୍ଷର ପୁରୁଷ ରୂପୀ ମୋଟା ଶାଖା ଡ଼ାଳର ନା ୫. କାଣ୍ଡ ରୂପକ ଅକ୍ଷର ପୁରୁଷଙ୍କର ନା ୬. ପରମ ଅକ୍ଷର ପୁରୁଷଙ୍କର = ମୂଳର ।

ଉଦାହରଣ :- ଯଦି ଆମ୍ଭେ ନର୍ସରୀରୁ ଏକ ଆମ୍ବ ଚାରା ଆଣି ତାକୁ କ୍ଷେତ କିମ୍ବା ବାଡିରେ ଲଗାଇବା ତେବେ କେମିତି ପୋତିବା ? ପ୍ରଥମେ ମାଟି ଖୋଳି ଗାତ କରି ଚାରାଟିର ମୂଳକୁ ଗାତରେ ପୋତି ମାଟି ଘୋଡାଇ ଦେଇଥାଉ । ତା'ପରେ ଚାରା ମୂଳରେ ଜଳ, ଖତ ଓ ସାର ଆଦି ଦେଇଥାଉ ଅର୍ଥାତ୍ ଚାରାର ମୂଳକୁ ପୂଜା (ଉପଚାର) କରିଥାଉ । ମୂଳରୁ ଆହାର ଗଣ୍ଡିକୁ ଯାଇଥାଏ ଓ ଗଣ୍ଡି ନିଜ ପାଇଁ ଆବଶ୍ୟକ ଆହାର ରଖି ଅବଶିଷ୍ଟ କାଣ୍ଡକୁ ପଠାଇଥାଏ । କାଣ୍ଡ ନିଜ ପାଇଁ ଆବଶ୍ୟକ ଆହାର ରଖି ଅବଶିଷ୍ଟ ଶାଖାଗୁଡିକୁ ପଠାଇଥାଏ । ଏହିଭଳି ଶାଖାଗୁଡ଼ିକ ମଧ୍ୟ ନିଜ ଆବଶ୍ୟକ ମୁତାବକ ଆହାର ରଖି ଅବଶିଷ୍ଟ ଆହାରକୁ ପତ୍ର ପର୍ଯ୍ୟନ୍ତ ପଠାଇଥାନ୍ତି । ଏହି ପ୍ରକାରେ ଚାରାଟି ବୃକ୍ଷରେ ପରିଣତ ହୋଇ ଫଳ ପ୍ରଦାନ କରିଥାଏ ।

ବୁଦ୍ଧିମାନ ପାଠକ ସମାଜ, ଏକଥା ବୁଝି ସାରିଥିବେ ଯେ ଆମ୍ଭେ ପ୍ରକୃତରେ କେଉଁ ପରମାତ୍ମାଙ୍କର ପୂଜା କରିବା ଉଚିତ ?

ସୂକ୍ଷ୍ମ ବେଦରେ ପରମେଶ୍ୱର କବୀରଜୀ କହିଛନ୍ତି ଯେ :-

କବୀର, ଏକୈ ସାଧୈ ସବ୍ ସଧୈ, ସବ୍ ସାଧୈ ସବ୍ ଜାୟ ।
ମାଲୀ ସୀଞ୍ଚୈ ମୂଲ୍ କୁଁ, ଫୂଲୈ ଫଳୈ ଅଘାୟ ॥

ଏକ ମୂଳ ମାଲିକଙ୍କ ପୂଜା କରିବା ଦ୍ୱାରା ସମସ୍ତ ଦେବତାଙ୍କର ପୂଜା ହୋଇଯାଇଥାଏ, ଯାହା ଶାସ୍ତ୍ରାନୁକୂଳ ଅଟେ । ଯେଉଁମାନେ ତିନି ଦେବତାଙ୍କ ମଧ୍ୟରୁ ଜଣେ ବା ଦୁଇଜଣ (ଶ୍ରୀ ବିଷ୍ଣୁ ସତଗୁଣ ତଥା ଶ୍ରୀ ଶଙ୍କର ତମଗୁଣ) କିମ୍ବା ତିନିଜଣଙ୍କୁ ଇଷ୍ଟଦେବ ରୂପେ ଗ୍ରହଣ କରି ପୂଜା କରିଥାନ୍ତି, ତାହା ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୦ ଅନୁସାରେ ଅବ୍ୟଭିଚାରିଣୀ ଭକ୍ତି ହୋଇ ନ ଥିବା କାରଣରୁ ବ୍ୟର୍ଥ ଅଟେ । ଯେପରି ଜଣେ ସ୍ତ୍ରୀ ନିଜ ସ୍ୱାମୀ ବ୍ୟତିତ ଅନ୍ୟ ପୁରୁଷ ସହିତ ଶାରିରିକ ସମ୍ପର୍କ ରଖି ନ ଥାଏ, ସେ ଅବ୍ୟଭିଚାରିଣୀ ସ୍ତ୍ରୀ ଅଟେ । ଯେଉଁମାନେ ଏକାଧିକ ପୁରୁଷଙ୍କ ସହିତ ସଂପର୍କ ରଖନ୍ତି ସେମାନେ ବ୍ୟଭିଚାରିଣୀ ହୋଇଥିବା କାରଣରୁ ସମାଜରେ ନିନ୍ଦିତ ହୋଇଥାନ୍ତି । ନିଜ ସ୍ୱାମୀ ହୃଦୟରୁ ସେମାନେ ଦୂର ହୋଇ ଯାଇଥାନ୍ତି ।

ଶାସ୍ତ୍ରାନୁକୂଳ ସାଧନା ଅର୍ଥାତ୍ ସିଧା ପୋତା ଯାଇଥିବା ଭକ୍ତି ରୂପୀ ଚାରାର ଚିତ୍ର, ଏହି ପୁସ୍ତକର ୨୨୬ ପୃଷ୍ଠାରେ ଏବଂ ଶାସ୍ତ୍ରବିରୁଦ୍ଧ ସାଧନା ଅର୍ଥାତ୍ ଓଲଟା ପୋତାଯାଇଥିବା ଭକ୍ତି ରୂପୀ ଚାରାର ଚିତ୍ର ୨୨୭ ପୃଷ୍ଠାରେ ଦେଖନ୍ତୁ ।

ବ୍ରହ୍ମା
ଗୀତା ଅଧ୍ୟାୟ ନଂ-୧୫
ଶ୍ଳୋକ ନଂ- ୧ ରୁ ୪
ତଥା ଶ୍ଳୋକ ନଂ- ୧୬
ଓ ୧୭ ର ପ୍ରମାଣ
ଶିବ
ବିଷ୍ଣୁ
ଡାଳ ବ୍ରହ୍ମ
(କ୍ଷର ପୁରୁଷ)
କବୀର୍ - ଅକ୍ଷର୍ ପୁରୁଷ୍ ଏକ୍ ପେଡ୍ ହୈ,
ନିରଂଜନ୍ ବାକୀ ଡାର୍ ।
ତିନୋ ଦେବା ଶାଖା ହୈଂ,
ପାତ୍ ରୂପ୍ ସଂସାର୍ ।।
କାଣ୍ଡ
(ଅକ୍ଷର ପୁରୁଷ ପରବ୍ରହ୍ମ)
କବୀର ସାହେବ
(ମୂଳ ଚେର)
ଶାସ୍ତ୍ରାନୁକୂଳ
ସାଧନା
ଅର୍ଥାତ୍ ସିଧା ଭାବରେ ଲଗାଯାଇଥିବା ଭକ୍ତିରୂପୀ ଚାରା

ପୂର୍ଣ୍ଣ ବ୍ରହ୍ମ କବୀର ସାହେବ
ଗୀତା ଅଧ୍ୟାୟ ନଂ-୧୫
ଶ୍ଳୋକ ନଂ- ୧ ରୁ ୪
ତଥା ଶ୍ଳୋକ ନଂ- ୧୬
ଓ ୧୭ ର ପ୍ରମାଣ
ପୂର୍ଣ୍ଣ ବ୍ରହ୍ମ
ଶାଖା
(ଗୀତା ଚଉଦ ଅକ୍ଷର ପୁରୁଷ)
କବୀର୍ - ଅକ୍ଷର୍ ପୁରୁଷ୍ ଏକ୍ ପେଡ୍ ହୈ,
ନିରଂଜନ୍ ବାକୀ ଡାର୍ ।
ତିନୋ ଦେବା ଶାଖା ହୈଂ,
ପାତ୍ ରୂପ୍ ସଂସାର୍ ।।
ଡାଳ ବ୍ରହ୍ମ
(କ୍ଷର ପୁରୁଷ)
ବିଷ୍ଣୁ (ଶାଖା)
ଶିବ
ବ୍ରହ୍ମା
ଶାସ୍ତ୍ର ବିରୁଦ୍ଧ ସାଧନା
ଅର୍ଥାତ୍ ଓଲଟା ଭାବରେ ଲଗାଯାଇଥିବା ଭକ୍ତିରୂପୀ ଚାରା

ଉପରୋକ୍ତ ପ୍ରମାଣଗୁଡ଼ିକରୁ ଏହା ସ୍ପଷ୍ଟ ହେଲା ଯେ କେବଳ ସେହି ଏକ ମୂଳ ମାଲିକଙ୍କ ଭକ୍ତି କରିବା ଦ୍ୱାରା ସାଧକର ଆତ୍ମକଲ୍ୟାଣ ସମ୍ଭବ ହୋଇଥାଏ ।

ଅନ୍ୟ ପ୍ରମାଣ:- ଗୀତା ଅଧ୍ୟାୟ ୩ ଶ୍ଳୋକ ୧୦ ରୁ ୧୫ ରେ ଉପରୋକ୍ତ ଭକ୍ତିର ସମର୍ଥନ କରାଯାଇଛି ।

ଝଗୀତା ଅଧ୍ୟାୟ ୩ ଶ୍ଳୋକ ୧୦= ପ୍ରଜାପତି ଅର୍ଥାତ୍ ସୃଷ୍ଟିକର୍ତ୍ତା, ସୃଷ୍ଟି ଆରମ୍ଭରେ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନଗୁଡିକର ଜ୍ଞାନ ସହିତ ପ୍ରଜାମାନଙ୍କୁ ଉତ୍ପନ୍ନ କରି ଆଦେଶ ଦେଇଥିଲେ ଯେ ତୁମ୍ଭେମାନେ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ପାଳନ କରି ବୃଦ୍ଧିକୁ ପ୍ରାପ୍ତ ହୁଅ । ଏହି ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନଗୁଡିକ ତୁମ୍ଭମାନଙ୍କୁ ବାଞ୍ଛିତ ଫଳ ପ୍ରଦାନ ଅବଶ୍ୟ କରିବେ । (ଗୀତା ୩:୧୦)

ଝଏହି ଶାସ୍ତ୍ରାନୁକୂଳ ଧାର୍ମିକ ଅନୁଷ୍ଠାନ ଦ୍ୱାରା ଦେବତା (ସଂସାର ରୂପୀ ବୃକ୍ଷର ଶାଖା) ମାନଙ୍କୁ ଉନ୍ନତ କର ଅର୍ଥାତ୍ ପୂର୍ଣ୍ଣ ପରମାତ୍ମା(ମୂଳ ମାଲିକ)ଙ୍କୁ ଇଷ୍ଟଦେବ ରୂପେ ମାନି ସାଧନା କରିବା ଦ୍ୱାରା ଶାଖାଗୁଡ଼ିକ ଆପେ ଆପେ ଉନ୍ନତ ହୋଇଯାଏ, ଯାହା ପୂର୍ବରୁ ସ୍ପଷ୍ଟ ହୋଇସାରିଛି । ତା'ପରେ ସେହି ଦେବତାମାନେ (ଶାଖାମାନେ ବଡ଼ ହୋଇ ଫଳ ପ୍ରଦାନ କରିବେ) ତୁମ୍ଭମାନଙ୍କୁ ଉନ୍ନତ କରନ୍ତୁ ଅର୍ଥାତ୍ ଯେତେବେଳେ ଆମ୍ଭେ ଶାସ୍ତ୍ରାନୁକୂଳ ସାଧନା କରିବା ସେତେବେଳେ ଆମ୍ଭମାନଙ୍କର ଭକ୍ତି କର୍ମ ପ୍ରାରମ୍ଭ ହେବ । ଏହି ତିନି ଦେବତା (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଏବଂ ଶ୍ରୀ ଶିବ ରୂପୀ ଶାଖା) ଆମ୍ଭ କର୍ମର ଫଳ ପ୍ରଦାନ କରିଥାନ୍ତି । ଏହି ପ୍ରକାରେ ପରସ୍ପରଙ୍କୁ ଉନ୍ନତ କରିବା ଦ୍ୱାରା ତୁମ୍ଭମାନଙ୍କର କଲ୍ୟାଣ ହେବା ସହିତ ପ୍ରକୃତ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଯିବ । (ଗୀତା ଜ୍ଞାନଦାତା ଏହି ଜ୍ଞାନ ଗୀତା ଅଧ୍ୟାୟ ୩ ଶ୍ଳୋକ୧୧ରେ କହିଛନ୍ତି)

ଝଶାସ୍ତ୍ରାନୁକୂଳ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନଗୁଡ଼ିକ ଦ୍ୱାରା ତୃପ୍ତ ଦେବତାଗଣ ଅର୍ଥାତ୍ ସଂସାର ରୂପକ ବୃକ୍ଷର ଶାଖାଗୁଡ଼ିକ ତୁମ୍ଭମାନଙ୍କୁ ନ ମାଗିଲେ ମଧ୍ୟ ବାଞ୍ଛିତ ଫଳ ନିଶ୍ଚୟ ପ୍ରଦାନ କରୁଥିବେ । ଯେପରି ମୂଳରେ ଜଳ ସିଞ୍ଚନ କରିବା ଦ୍ୱାରା ଚାରାଟି ବୃକ୍ଷରେ ପରିଣତ ହୋଇଯାଏ ଏବଂ ଡାଳଗୁଡ଼ିକ ଫଳରେ ପରିପୂର୍ଣ୍ଣ ହୋଇଯାନ୍ତି । ପୁଣି ସେହି ବୃକ୍ଷର ଶାଖାଗୁଡ଼ିକ ଆପେ ଆପେ ପ୍ରତିବର୍ଷ ଫଳ ପ୍ରଦାନ କରୁଥିବେ ଅର୍ଥାତ୍ ଆପଣମାନେ କରିଥିବା ଶାସ୍ତ୍ରାନୁକୂଳ ଭକ୍ତି କର୍ମର ଫଳ ଯାହା ସଞ୍ଚିତ ହୋଇଥାଏ, ତାହା ଆପଣ ମାଗନ୍ତୁ ବା ନ ମାଗନ୍ତୁ, ଦେବତାମାନେ ଆପଣଙ୍କୁ ପ୍ରଦାନ କରିବେ । ଯଦି ସେହି ଦେବତାମାନଙ୍କ ଦ୍ୱାରା ଦିଆଯାଇଥିବା ଆପଣଙ୍କ କର୍ମ ସଂସ୍କାରର ଧନକୁ ଆପଣ ଦାନ ଧର୍ମରେ ନ ଲଗାଇବେ ତେବେ ସେହି ସାଧକକୁ ଭକ୍ତି ଚୋର କୁହାଯିବ । ଭବିଷ୍ୟତରେ ସେ ପୂଣ୍ୟହୀନ ହୋଇ ଦୁଃଖ ପାଇଥାଏ । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୨)

ଝ-ଯଜ୍ଞର ଅବଶିଷ୍ଟ ଅନ୍ନକୁ ସେବନ କରୁଥିବା ସନ୍ତଜନ ସର୍ବ ପାପରୁ ମୁକ୍ତ ହୋଇଯାନ୍ତି । ଭାବାର୍ଥ ଏହା ଯେ ତତ୍ତ୍ୱଦର୍ଶୀ ସନ୍ତ ସର୍ବପ୍ରଥମେ ପରମଅକ୍ଷର ବ୍ରହ୍ମଙ୍କୁ ଭୋଗ ଲଗାଇବା ପରେ ଅବଶିଷ୍ଟ ଅନ୍ନକୁ ଭକ୍ତମାନଙ୍କ ମଧ୍ୟରେ ବିତରଣ କରିଥାନ୍ତି । ଏହା ସତ୍ୟ ସାଧନାର ପରିଚୟ ଅଟେ । ସେହି ସନ୍ତ ଶାସ୍ତ୍ର ଅନୁକୂଳ ସମସ୍ତ ଭକ୍ତି ମନ୍ତ୍ର ମଧ୍ୟ ପ୍ରଦାନ କରିଥାନ୍ତି, ଯେଉଁ କାରଣରୁ ସାଧକ ସର୍ବ ପାପରୁ ମୁକ୍ତ ହୋଇ ସତ୍ୟଲୋକକୁ ଚାଲିଯାଇଥାଏ । ଯେଉଁ ପାପୀ ଲୋକମାନେ ଶାସ୍ତ୍ରବିଧି ଅନୁସାରେ ଧାର୍ମିକ କ୍ରିୟା କିମ୍ବା ଧର୍ମ କରନ୍ତି ନାହିଁ, କେବଳ ନିଜ ଶରୀର ପୋଷଣ ପାଇଁ ଅନ୍ନ ରାନ୍ଧି ଖାଇଥାନ୍ତି, ସେମାନେ କେବଳ ପାପକୁ ହିଁ ଖାଇଥାନ୍ତି । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୩)

ଝ ସମସ୍ତ ପ୍ରାଣୀ ଅନ୍ନରୁ ଉତ୍ପନ୍ନ ଅର୍ଥାତ୍ ଅନ୍ନ ଭୋଜନ ଦ୍ୱାରା ଶରୀରରେ ସନ୍ତାନ ଉତ୍ପତ୍ତିର ପଦାର୍ଥ ସୃଷ୍ଟି ହୋଇଥାଏ, ଯାହାଦ୍ୱାରା ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଥାଏ । ଅନ୍ନର ଉତ୍ପତ୍ତି ବୃଷ୍ଟିରୁ ହୋଇଥାଏ ଏବଂ ବୃଷ୍ଟି ଶାସ୍ତ୍ରବିଧି ସମ୍ମତ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନରୁ ଉତ୍ପନ୍ନ ହୋଇଥାଏ । ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନ ଶାସ୍ତ୍ର ବର୍ଣ୍ଣିତ ବିଧି ଅନୁସାରେ କରାଯାଉଥିବା କର୍ମରୁ ଉତ୍ପନ୍ନ ହୋଇଥାଏ । କର୍ମ, ବ୍ରହ୍ମ ଅର୍ଥାତ୍ କ୍ଷର ପୁରୁଷଠାରୁ ଉତ୍ପନ୍ନ ବୋଲି ଜାଣ, କାରଣ ଆମ୍ଭେମାନେ ବ୍ରହ୍ମ(କାଳ)ଲୋକକୁ ଆସିଥିବା କାରଣରୁ କର୍ମ ଦ୍ୱାରା ହିଁ ଆମ୍ଭକୁ ସମସ୍ତ ସୁଖ ସୁବିଧା ପ୍ରାପ୍ତ

ହୋଇଥାଏ । ଆମ୍ଭେ ସତଲୋକରେ ଥିବାବେଳେ କୌଣସି କର୍ମ ନ କରି ସମସ୍ତ ସୁବିଧା ପ୍ରାପ୍ତ ହେଉଥିଲେ । ଏଥିପାଇଁ କୁହାଯାଇଛି ଯେ କର୍ମ, ବ୍ରହ୍ମରୁ ଉତ୍ପନ୍ନ ବୋଲି ଜାଣ ଏବଂ ବ୍ରହ୍ମ (କାଳ)ର ଉତ୍ପତ୍ତି ଅବିନାଶୀ ପରମାତ୍ମାଙ୍କଠାରୁ ହୋଇଅଛି ।(ଯାହାର ବର୍ଣ୍ଣନ ଗୀତା ଅଧ୍ୟାୟ ୧୫ ଶ୍ଳୋକ୧୭ରେ ଅଛି ଏବଂ ସୃଷ୍ଟି ରଚନା ଅଧ୍ୟାୟରେ ପଢନ୍ତୁ) । ଏଥିରୁ ପ୍ରମାଣ ହେଲା ଯେ (ସର୍ବଗତମ୍ ବ୍ରହ୍ମ) ସର୍ବବ୍ୟାପି ପରମ ଅକ୍ଷର ପରମାତ୍ମା ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ହିଁ ଯଜ୍ଞରେ ଅର୍ଥାତ ଧାର୍ମିକ ଅନୁଷ୍ଠାନରେ (ପ୍ରତିଷ୍ଠିତମ୍) ପ୍ରତିଷ୍ଠିତ ଅଟନ୍ତି ଅର୍ଥାତ୍ ସମସ୍ତ ଧାର୍ମିକ କ୍ରିୟାରେ ପରମ ଅକ୍ଷର ବ୍ରହ୍ମ ଇଷ୍ଟ ରୂପରେ ପୂଜ୍ୟ ଅଟନ୍ତି । (ଗୀତା ଅଧ୍ୟାୟ ୩ ଶ୍ଳୋକ ୧୪-୧୫)

ପରମ ଅକ୍ଷର ବ୍ରହ୍ମ ଗୀତା ଜ୍ଞାନଦାତାଙ୍କଠାରୁ ଭିନ୍ନ ଅଟନ୍ତି ।

ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ରେ ସ୍ୱୟଂ କହିଛନ୍ତି ଯେ ହେ ଭାରତ ! ତୁମେ ସର୍ବଭାବରେ ସେହି ପରମେଶ୍ୱର ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ଶରଣକୁ ଯାଅ । ସେହି ପରମେଶ୍ୱରଙ୍କ କୃପାରୁ ତୁମେ ପରମ ଶାନ୍ତି ଓ ଶାଶ୍ୱତ ସ୍ଥାନ ଅର୍ଥାତ୍ ସନାତନ ପରମଧାମକୁ ପ୍ରାପ୍ତ ହେବ ।

ଝଗୀତା ଅଧ୍ୟାୟ ୧୫ ଶ୍ଳୋକ ୪ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ତତ୍ତ୍ୱଦର୍ଶୀ ସନ୍ତ ମିଳିଯିବା ପରେ ତତ୍ତ୍ୱଜ୍ଞାନ ରୂପୀ ଶସ୍ତ୍ର ଦ୍ୱାରା ଅଜ୍ଞାନତାକୁ ଛେଦନ କରି ପରମେଶ୍ୱରଙ୍କର ସେହି ପରମପଦର ଅନ୍ୱେଷଣ କରିବା ଉଚିତ୍ । ଯେଉଁଠିକୁ ଯିବା ପରେ ସାଧକ ପୁନର୍ବାର ପ୍ରତ୍ୟାବର୍ତ୍ତନ କରି ଏହି ସଂସାରରେ ଜନ୍ମ ନେଇ ନଥାଏ ଅର୍ଥାତ୍ ସାଧକକୁ ସେହି ସନାତନ ପରମଧାମ ପ୍ରାପ୍ତ ହୋଇଥାଏ ଯେଉଁଠାରେ ପରମ ଶାନ୍ତି ବିଦ୍ୟମାନ, ସେଠାରେ କୌଣସି କଷ୍ଟ ନଥାଏ, ସେଠାରେ ମୃତ୍ୟୁ ନାହିଁ, ସେଠାରେ ବୃଦ୍ଧାବସ୍ଥା ନାହିଁ, କୌଣସି ବସ୍ତୁର ଅଭାବ ନାହିଁ । ଯେଉଁ ପରମେଶ୍ୱରଙ୍କଠାରୁ ସଂସାର ରୂପୀ ବୃକ୍ଷ ବିସ୍ତାର ଲାଭ କରିଛି, ସେହି ପରମେଶ୍ୱରଙ୍କର ଭକ୍ତି କରିବା ଉଚିତ୍ ।

ଝ-ଗୀତା ଅଧ୍ୟୟ ୧୩ ଶ୍ଳୋକ ୧୭ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ସେହି ପରବ୍ରହ୍ମ ଅର୍ଥାତ୍ ମୋଠାରୁ ଭିନ୍ନ ପ୍ରଭୁ, ଅନ୍ୟ ଅର୍ଥରେ ପରମ ଅକ୍ଷର ବ୍ରହ୍ମ (ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୮ ଶ୍ଳୋକ ୩ ରେ କୁହାଯାଇଛି) ଜ୍ୟୋତିମାନଙ୍କ ମଧ୍ୟରେ ଜ୍ୟୋତି, ଯାହାଙ୍କୁ ମାୟା ରହିତ କୁହାଯାଉଛି, ବୋଦ୍ଧରୂପ(ଜାଣିବା ଯୋଗ୍ୟ) ପରମତ୍ମା ତତ୍ତ୍ୱଜ୍ଞାନ ଦ୍ୱାରା ପ୍ରାପ୍ତ ହୋଇଥାନ୍ତି ଏବଂ ବିଶେଷ ରୂପରେ ସମସ୍ତଙ୍କ ହୃଦୟରେ ସେ ଅବସ୍ଥାନ କରନ୍ତି । (ଗୀତା ଅଧ୍ୟାୟ ୧୩ ଶ୍ଳୋକ ୧୭)

ବିଚାର କରନ୍ତୁ :- ଯେଉଁ ତତ୍ତ୍ୱଜ୍ଞାନ ଦ୍ୱାରା ସେହି ପରମ ଅକ୍ଷର ବ୍ରହ୍ମ ପ୍ରାପ୍ତ ହୁଅନ୍ତି ତାହାକୁ ସୂକ୍ଷ୍ମ ବେଦ ମଧ୍ୟ କୁହାଯାଏ ଯେଉଁ ସୂକ୍ଷ୍ମ ବେଦର ଜ୍ଞାନ ଗୀତା ଜ୍ଞାନଦାତାଙ୍କର ନାହିଁ । ସେଥିପାଇଁ ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ ଓ ୩୪ ରେ କହିଛନ୍ତି ଯେ ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନର ବିସ୍ତାରପୂର୍ବକ ଜ୍ଞାନ ସ୍ୱୟଂ (ବ୍ରହ୍ମଣଃ ମୁଖେ) ସଚ୍ଚିଦାନନ୍ଦ ଘନ ବ୍ରହ୍ମ ପରମାତ୍ମା ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମ ନିଜ ମୁଖ ମଣ୍ଡଳରେ ଉଚ୍ଚାରଣ କରି କହିଥାନ୍ତି ଯାହାକୁ ସଚ୍ଚିଦାନ୍ଦ ଘନ ବ୍ରହ୍ମ ବାଣୀ କୁହାଯାଏ, ଏହାକୁ ତତ୍ତ୍ୱଜ୍ଞାନ କୁହାଯାଏ । ଏହି ଜ୍ଞାନ ପ୍ରାପ୍ତକରି ସାଧକ ସମସ୍ତ ପାପରୁ ମୁକ୍ତ ହୋଇଯାଏ ।(ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨)

ଝପାଠକମାନଙ୍କୁ ନିବେଦନ ଯେ ଗୀତା ଅଧ୍ୟୟ ୪ ଶ୍ଳୋକ ୩୨ର ମୂଳ ପାଠରେ "ବ୍ରହ୍ମଣଃ" ଶବ୍ଦ ଅଛି । ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ ଗୀତା ଅଥବା ଅନ୍ୟ ସ୍ଥାନରୁ ପ୍ରକାଶିତ ଗୀତାରେ ଅନୁବାଦକମାନେ ବ୍ରହ୍ମଣଃର ଅର୍ଥ ବେଦ କରିଛନ୍ତି ଯାହା ସଂପୂର୍ଣ୍ଣ ଭୂଲ୍ ।

ଗୀତା ଅଧ୍ୟାୟ ୧୭ ଶ୍ଳୋକ ୨୩ ରେ ମଧ୍ୟ "ବ୍ରହ୍ମଣଃ" ଶବ୍ଦ ଅଛି, ଯେଉଁଠି ସଠିକ୍ ଅନୁବାଦ କରାଯାଇ "ସଚ୍ଚିଦାନନ୍ଦ ଘନ ବ୍ରହ୍ମ " ଲେଖାଯାଇଛି । ତେଣୁ ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ ରେ "ବ୍ରହ୍ମଣଃ ମୁଖେ" ର ଅର୍ଥ ସଚ୍ଚିଦାନନ୍ଦ ଘନ ବ୍ରହ୍ମଙ୍କ ମୁଖରେ ଉଚ୍ଚାରିତ ବାଣୀ କରିବା ଉଚିତ୍ ହେବ ।

ଗୀତା ଅଧ୍ୟାୟ ୪ ଶ୍ଳୋକ ୩୪ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ସେହି ତତ୍ତ୍ୱଜ୍ଞାନକୁ ଯେଉଁ ପରମେଶ୍ୱର ନିଜ ମୁଖ କମଳରେ କହିଥାନ୍ତି, ତୁମେ ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିକଟକୁ ଯାଇ, ତାଙ୍କୁ ଦଣ୍ଡବତ ପ୍ରଣାମ କରି ବିନୟପୂର୍ବକ ପ୍ରଶ୍ନ କଲେ ପରମାତ୍ମା ତତ୍ତ୍ୱକୁ ଭଲଭାବେ ଜାଣିଥିବା ସେହି ତତ୍ତ୍ୱଦର୍ଶୀ ମହାତ୍ମା ତୁମ୍ଭକୁ ଉପଦେଶ ଦେବେ ।

ପ୍ରଭୁପ୍ରେମୀ ପାଠକଗଣ ! ଏଥିରୁ ପ୍ରମାଣିତ ହେଲା ଯେ ସେହି ତତ୍ତ୍ୱଜ୍ଞାନ ଯାହା ବଳରେ ପରମ ଅକ୍ଷର ବ୍ରହ୍ମ ପ୍ରାପ୍ତ ହୁଅନ୍ତି ତାହା ଗୀତାରେ ଗ୍ରନ୍ଥରେ ନାହିଁ । ଗୀତା ଚାରିବେଦ (ଋଗବେଦ, ଯଜୁର୍ବେଦ, ସାମବେଦ, ଅର୍ଥବ ବେଦ)ର ସଂକ୍ଷିପ୍ତ ରୂପ ବା ସାରାଂଶ ଅଟେ । ଏଥିରୁ ପ୍ରମାଣିତ ହେଲା ଯେ ସୂକ୍ଷ୍ମବେଦରେ ଥିବା ତତ୍ତ୍ୱଜ୍ଞାନ ପ୍ରଚଳିତ ଅନ୍ୟ କେଉଁ ସଦଗ୍ରନ୍ଥରେ ନାହିଁ । ସେହି ଜ୍ଞାନ ମୋ(ସନ୍ଥ ରାମପାଲ ଦାସ) ପାଖରେ ଅଛି, ବିଶ୍ୱରେ ଅନ୍ୟ କାହା ପାଖରେ ନାହିଁ ।

ପ୍ରଶ୍ନ :- ଶ୍ରୀ ବ୍ରହ୍ମା ରଜଗୁଣ, ଶ୍ରୀ ବିଷ୍ଣୁ ସତଗୁଣ ଓ ଶ୍ରୀ ଶିବ ତମଗୁଣ ଇଷ୍ଟ ରୂପେ ପୂଜାର ଯୋଗ୍ୟ ନୁହଁନ୍ତି କି ? ହିନ୍ଦୁ ଧର୍ମରେ ଏହି ଦେବତାମାନଙ୍କର ପୂଜା କରାଯାଏ । ହିନ୍ଦୁ ଧର୍ମଗୁରୁ ଶଙ୍କାରାଚାର୍ଯ୍ୟ ଓ ଅନ୍ୟମାନେ ଏହି ଦେବତାମାନଙ୍କୁ ଇଷ୍ଟ ରୂପେ ପୂଜା କରିବାକୁ ପରାମର୍ଶ ଦେବା ସହିତ ନିଜେ ମଧ୍ୟ କରିଥାନ୍ତି । ଆପଣଙ୍କ କଥାରେ ବିଶ୍ୱାସ ହେଉନାହିଁ, ଗୀତାରେ ଆପଣ ଏହା ପ୍ରମାଣିତ କରିପାରିବେ କି ?

ଉତ୍ତର :- ହିନ୍ଦୁ ଧର୍ମର ଧର୍ମଗୁରୁମାନଙ୍କର ନିଜ ସଦଗ୍ରନ୍ଥର ଜ୍ଞାନ ନାହିଁ । ଯେପରି ଅକ୍ଷର ଜ୍ଞାନ ଦେଉଥିବା ଅଧ୍ୟାପକ ନିଜ ପାଠ୍ୟକ୍ରମ ଅନ୍ତର୍ଗତ ପୁସ୍ତକରେ ଥିବା ପାଠ ଅନୁସାରେ ଯଦି ସେ ନ ପଢାନ୍ତି ତେବେ ସେହି ଅଧ୍ୟାପକ ବିଦ୍ୟାର୍ଥୀମାନଙ୍କ ପାଇଁ ହାନିକାରକ ଅଟନ୍ତି । ସେ ଭଲ ଶିକ୍ଷକ ନୁହଁନ୍ତି । ଏହି ଅବସ୍ଥା ହିନ୍ଦୁ ଧର୍ମର ଧର୍ମଗୁରୁମାନଙ୍କର ଅଟେ ।

ପ୍ରମାଣ :- ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ତିନିଗୁଣ ପ୍ରଭାବରେ (ରଜଗୁଣ ଶ୍ରୀ ବ୍ରହ୍ମାଙ୍କ ଦ୍ୱାରା ଉତ୍ପତ୍ତି, ସତଗୁଣ ଶ୍ରୀ ବିଷ୍ଣୁଙ୍କ ଦ୍ୱାରା ସ୍ଥିତି ଓ ତମଗୁଣ ଶ୍ରୀ ଶିବଙ୍କ ଦ୍ୱାରା ସଂହାର) ଯାହା ଘଟୁଛି ତାହାର କାରଣ ମୁଁ, ପରନ୍ତୁ ସେସବୁରେ ମୁଁ ନାହିଁ କି ସେସବୁ ମୋଠାରେ ନାହାଁନ୍ତି ।(ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨)

ପ୍ରଥମେ ଏହା ପ୍ରମାଣିତ କରିବା ଯେ କିପରି ବ୍ରହ୍ମା ରଜଗୁଣ, ବିଷ୍ଣୁ ସତଗୁଣ ଓ ଶିବ ତମଗୁଣ ଅଟନ୍ତି ।

୧. ମାର୍କଣ୍ଡେୟ ପୁରାଣ (ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ କେବଳ ହିନ୍ଦୀ ସଚିତ୍ର ଟାଇପ୍)ର ପୃଷ୍ଠା ୧୨୩ ରେ ଲେଖାଅଛି ଯେ ବ୍ରହ୍ମା, ବିଷ୍ଣୁ ଓ ଶିବ, ବ୍ରହ୍ମଙ୍କର ପ୍ରଧାନ ଶକ୍ତି ଅଟନ୍ତି । ଏମାନେ ହିଁ ତିନିଗୁଣ ଅଟନ୍ତି, ଏମାନେ ହିଁ ତିନି ଦେବତା ଅଟନ୍ତି ।

୨. ଶ୍ରୀ ଦେବୀ ପୁରାଣ (ଶ୍ରୀ ଖେମଚନ୍ଦ ଶ୍ରୀ କୃଷ୍ଣ ଚନ୍ଦ ଭେଙ୍କେଟଶ୍ୱର ପ୍ରେସ୍ ମୁମ୍ବାଇରୁ ପ୍ରକାଶିତ)ର ତୃତୀୟ ସ୍କନ୍ଧର ଅଧ୍ୟାୟ ୫ ଶ୍ଳୋକ ୮ରେ କୁହାଯାଇଛି ଯେ:-

ୟଦି ଦୟାଦର୍ମନା ସଦା ଅମ୍ବିକେ କଥମ୍ ଅହମ୍ ବିହିତଃ ତମୋଗୁଣଃ
କମଳଜଃ ରଜଗୁଣଃ କଥମ୍ ବିହିତଃ ଚ ଶ୍ରୀ ହରିଃ ସତଗୁଣଃ(ଦେବୀ ପୁରାଣ ୩/୫/୮)

ଅନୁବାଦ :- ଭଗବାନ ଶିବ ନିଜ ମାତା ଦୁର୍ଗାଜୀଙ୍କୁ ପ୍ରଶ୍ନ କରୁଛନ୍ତି, ହେ ମାତା ! ଯଦି ଆପଣ ଅମ୍ଭମାନଙ୍କ ଉପରେ ଦୟାଯୁକ୍ତ ତେବେ ମୋତେ କାହିଁକି ତମୋଗୁଣଯୁକ୍ତ କଲେ ? ପଦ୍ମଫୁଲ ଉପରେ ଉତ୍ପନ୍ନ ବ୍ରହ୍ମାଜୀଙ୍କୁ ରଜଗୁଣଯୁକ୍ତ ଓ ଶ୍ରୀ ବିଷ୍ଣୁଜୀଙ୍କୁ ସତଗୁଣଯୁକ୍ତ କାହିଁକି କଲେ ?

ଝଏଥିରୁ ପ୍ରମାଣିତ ହେଲା ଯେ ୧. ରଜଗୁଣ କୁହନ୍ତୁ କିମ୍ବା ବ୍ରହ୍ମା କୁହନ୍ତୁ,୨. ସତଗୁଣ କୁହନ୍ତୁ କିମ୍ବା ବିଷ୍ଣୁ କୁହନ୍ତୁ, ୩. ତମଗୁଣ କୁହନ୍ତୁ କିମ୍ବା ଶିବ କୁହନ୍ତୁ ଏକା କଥା ।

ଝଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ର ଭାବାର୍ଥ:- ଗୀତା ଜ୍ଞାନଦାତା କାଳବ୍ରହ୍ମ ଅଟନ୍ତି । ପ୍ରମାଣ- ଗୀତା ଅଧ୍ୟାୟ୧୧ ଶ୍ଳୋକ ୩୧-୩୨, ଅଧ୍ୟାୟ୧୧ ଶ୍ଳୋକ ୩୧ରେ ଅର୍ଜୁନ ପଚାରିଲେ ଯେ, ହେ ମହାନୁଭାବ ! ଆପଣ କିଏ ? ଶ୍ରୀକୃଷ୍ଣ ତ ଅର୍ଜୁନଙ୍କର ଶଳା ଥିଲେ । ଶ୍ରୀକୃଷ୍ଣଙ୍କ ଭଉଣୀ ସୁଭଦ୍ରାଙ୍କ

ବିବାହ ଅର୍ଜୁନଙ୍କ ସହିତ ହୋଇଥିଲା । ବିଚାର କରନ୍ତୁ, ଶ୍ରୀକୃଷ୍ଣ ଯଦି ଗୀତା ଜ୍ଞାନଦାତା ହୋଇଥାନ୍ତେ ତେବେ ଅର୍ଜୁନଙ୍କୁ ଏହି ପ୍ରଶ୍ନ କରିବାକୁ ପଡି ନଥାନ୍ତା ଯେ ଆପଣ କିଏ ? ଭିଣୋଇ କ'ଣ ନିଜ ଶାଳକଙ୍କୁ ଚିହ୍ନି ପାରି ନଥିଲେ ? ବାସ୍ତବରେ କାଳବ୍ରହ୍ମ, ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ଭଳି ପ୍ରବେଶ କରି ଗୀତାଜ୍ଞାନ କହୁଥିଲେ । ("ଅଧିକ ପ୍ରମାଣ ପାଇଁ ପଢ଼ନ୍ତୁ ପୁସ୍ତକ "ଗୀତା ତେରା ଜ୍ଞାନ ଅମୃତ", "ଗହରୀ ନଜର ଗୀତା ମେଁ", "ଜ୍ଞାନ ଗଙ୍ଗା", "ଆଧ୍ୟାତ୍ମିକ ଜ୍ଞାନଗଙ୍ଗା" ଓ ସତସଙ୍ଗର **D.V.D.**ଦେଖିବା ଦ୍ୱାରା ଜାଣି ପାରିବେ ଯେ ଶ୍ରୀମଭଗବତ ଗୀତାଜ୍ଞାନ କିଏ କହିଥିଲେ । ଏ ସବୁ ଆମ୍ଭ **website www.jagatgururampalji.org** ରେ ଉପଲବ୍ଧ ଅଛି, ନିଃଶୁଳ୍କ ଡ଼ାଉନଲୋଡ୍ କରିପାରିବେ । **(you tube** ରେ ମଧ୍ୟ **Search** କରିପାରିବେ) **Satsang Barwala Ashram** କିମ୍ବା **Sant Rampalji)** ଗୀତା ଅଧ୍ୟାୟ ୧୧ ଶ୍ଳୋକ ୩୨ରେ ଗୀତା ଜ୍ଞାନଦାତା କାଳବ୍ରହ୍ମ ସ୍ୱୟଂ କହୁଛନ୍ତି ଯେ ମୁଁ କାଳ ଅଟେ, ଏବେ ପ୍ରବୃତ୍ତ ହୋଇଛି ଅର୍ଥାତ୍ ବର୍ତ୍ତମାନ ପ୍ରକଟ ହୋଇଛି । ଯଦି ଶ୍ରୀକୃଷ୍ଣ ଗୀତାଜ୍ଞାନ କହିଥାନ୍ତେ ତେବେ ସେ କଦାପି କହି ନ ଥାନ୍ତେ ଯେ ମୁଁ ବର୍ତ୍ତମାନ ଏଠାକୁ ଆସିଛି, କାରଣ ଶ୍ରୀକୃଷ୍ଣ ପ୍ରଥମରୁ ସେଠାରେ ବିଦ୍ୟମାନ ଥିଲେ । ଏହା ପୂର୍ବରୁ ଶ୍ରୀକୃଷ୍ଣ କେବେ ମଧ୍ୟ କହି ନାହାଁନ୍ତି ଯେ ମୁଁ କାଳ ଅଟେ ଏବଂ ନା ପରେ କେବେ କହିଛନ୍ତି ଯେ ମୁଁ ସମସ୍ତଙ୍କର ବିନାଶ କରୁଥିବା ବର୍ଦ୍ଧିତ କାଳ ଅଟେ । ଶ୍ରୀକୃଷ୍ଣ, କୌରବଙ୍କ ରାଜସଭାରେ ମଧ୍ୟ ନିଜର ବିରାଟ ରୂପ ଦେଖାଇଥିଲେ । କିନ୍ତୁ ଏହି ବିରାଟ ରୂପ ପ୍ରତ୍ୟେକ ଭକ୍ତି ଯୁକ୍ତ ଆତ୍ମାର ରହିଥାଏ । କେହି କେହିଁ ଏହି ବିରାଟ ରୂପକୁ ନିଜ ଭକ୍ତିର ଶକ୍ତି ବଳରେ ପ୍ରକଟ କରିପାରନ୍ତି ।

ଝ ଗୀତା ଅଧ୍ୟାୟ ୧୧ ଶ୍ଳୋକ ୪୭ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ଅର୍ଜୁନ ! ମୋର ଏହି ବିରାଟ ରୂପକୁ ତୁମ ବ୍ୟତିତ ପୂର୍ବରୁ ଅନ୍ୟ କେହି ଦେଖି ନାହାଁନ୍ତି । "ପାଠକମାନଙ୍କୁ ନିବେଦନ ଯେ ଶ୍ରୀକୃଷ୍ଣ ତ ନିଜର ବିରାଟ ରୂପକୁ କୌରବଙ୍କ ରାଜସଭାରେ ଦେଖାଇ ସାରିଥିଲେ, ଯେଉଁ ରୂପକୁ ସେଠାରେ ଉପସ୍ଥିତ କୌରବଙ୍କ ସହିତ ହଜାର ହଜାର ବ୍ୟକ୍ତି ଦେଖିଥିଲେ । ଯଦି ଶ୍ରୀକୃଷ୍ଣ ଗୀତାଜ୍ଞାନ କହିଥାନ୍ତେ ତା'ହେଲେ ସେ କଦାପି ଏହା କହି ନ ଥାନ୍ତେ ଯେ ମୋର ଏହି ବିରାଟ ରୂପକୁ ତୁମ ବ୍ୟତିତ ପୂର୍ବରୁ ଆଉ କେହି ଦେଖି ନ ଥିଲେ । ଏଥିରୁ ସ୍ପଷ୍ଟ ହେଲା ଯେ ଗୀତା ଜ୍ଞାନଦାତା "କାଳବ୍ରହ୍ମ" ଅଟନ୍ତି ଯାହାଙ୍କୁ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬ରେ କ୍ଷରପୁରୁଷ ବୋଲି କୁହାଯାଇଛି । ଯାହାଙ୍କୁ ଗୀତା ଅଧ୍ୟାୟ ୮ ଶ୍ଳୋକ ୧୩ରେ କୁହାଯାଇଛି ଯେ,

"ଓମ୍ ଇତି ଏକାକ୍ଷରମ୍ ବ୍ରହ୍ମ ବ୍ୟାହରନ୍ ମାମ୍ ଅନୁସ୍ମରନ୍
ଯଃ ପ୍ରୟାତି ତ୍ୟଜନ୍ ଦେହମ୍ ସଃ ଯାତି ପରମାମ୍ ଗତିମ୍"

ସରଳାର୍ଥ :- ଗୀତା ଜ୍ଞାନଦାତା କହୁଛନ୍ତି ଯେ (ମାମ୍ ବ୍ରହ୍ମ) ମୁଁ 'ବ୍ରହ୍ମ' (ଓମ୍ ଇତି ଏକାକ୍ଷରମ୍) ମୋର ଏକ ଅକ୍ଷର ମନ୍ତ୍ର ଓଁ ଅଟେ । (ବ୍ୟାହରନ୍) ଏହାକୁ ଉଚ୍ଚାରଣ କରି (ଅନୁସ୍ମରନ୍) ସ୍ମରଣ କରି (ଯଃ ପ୍ରୟାତି ତ୍ୟଜନ୍ ଦେହମ୍)ଯେଉଁ ସାଧକ ଶରୀର ତ୍ୟାଗ କରିଥାଏ, (ସଃ ଯାତି ପରମାମ୍ ଗତିମ୍) ସେ ଓଁ ମନ୍ତ୍ରରୁ ମିଳୁଥିବା ପରମ ଗତିକୁ ପ୍ରାପ୍ତ ହୋଇଥାଏ । ଏହାକୁ ଆହୁରି ସ୍ପଷ୍ଟ କରୁଅଛି ।

ଶ୍ରୀ ଦେବୀପୁରାଣ (ସଚିତ୍ର ମୋଟା ଟାଇପ୍ କେବଳ ହିନ୍ଦୀ, ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ)ର ସପ୍ତମ ସ୍କନ୍ଧ ପୃଷ୍ଠା ୫୬୨-୫୬୩ରେ ଏହି ପ୍ରକରଣ ଅଛି ଯେ :-

ଶ୍ରୀ ଦେବୀ, ରାଜା ହିମାଳୟଙ୍କୁ ବ୍ରହ୍ମଜ୍ଞାନ ଉପଦେଶ ଶୁଣାଇ କହିଲେ ଯେ ହେ ରାଜନ୍ ! ତୁମ୍ଭେ ଓମ୍ (ଓଁ) ମନ୍ତ୍ର ଜପ କର, ଯାହାଦ୍ୱାରା ବ୍ରହ୍ମ ପ୍ରାପ୍ତି ହୋଇପାରିବ । ଏହି ଓଁ ମନ୍ତ୍ର ବ୍ରହ୍ମଙ୍କର ଜପମନ୍ତ୍ର ଅଟେ ଏବଂ ଅନ୍ୟ ସମସ୍ତ ବିଷୟ ଓ ପୂଜାକୁ ତ୍ୟାଗ କରି କେବଳ ଏକାକ୍ଷର ମନ୍ତ୍ର ''ଓଁ''ର ଜପ କର ଓ ବ୍ରହ୍ମ ପ୍ରାପ୍ତିର ଉଦ୍ଦେଶ୍ୟ ରଖ, ତୁମ୍ଭର କଲ୍ୟାଣ ହେଉ । ଏହାଦ୍ୱାରା ତୁମ୍ଭେ ବ୍ରହ୍ମଙ୍କୁ ପ୍ରାପ୍ତ ହୋଇଯିବ । ଏହି ବ୍ରହ୍ମ ଦିବ୍ୟ ଆକାଶ ରୂପୀ ବ୍ରହ୍ମଲୋକରେ ରହିଥାନ୍ତି । ଏହି ଦେବୀ ମହାପୁରାଣରୁ ସ୍ପଷ୍ଟ ହେଲା ଯେ ଓଁ ମନ୍ତ୍ର ଜପ ବ୍ରହ୍ମଙ୍କର ଅଟେ ।

ଅନ୍ୟପ୍ରମାଣ :- ଶ୍ରୀ ଶିବ ମହାପୁରାଣ (ଗୀତାପ୍ରେସ ଗୋରଖପୁରରୁ ପ୍ରକାଶିତ ସଚିତ୍ର ମୋଟା ଟାଇପ)ର ବିଦ୍ଧେଶ୍ୱର ସହିଂତାର ପୃଷ୍ଠା ୨୩-୨୫ରେ ଏହି ପ୍ରକରଣ ଅଛି ଯେ:-

ଏକଦା ରଜଗୁଣ ଶ୍ରୀ ବ୍ରହ୍ମା ଏବଂ ସତଗୁଣ ଶ୍ରୀ ବିଷ୍ଣୁଙ୍କ ମଧ୍ୟରେ ଯୁଦ୍ଧ ହେଲା । କାରଣ ହେଲା, ଥରେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁଙ୍କ ନିବାସକୁ ଯାଇ କହିଲେ, ହେ ଅଭିମାନୀ ! ମୁଁ ତୁମ ନିକଟକୁ ଆସିଅଛି, ତୁମେ ଉଠି ମୋତେ ସମ୍ମାନ ଦେଉନାହଁ କିମ୍ବା ପୁତ୍ର ହୋଇ ମଧ୍ୟ ପିତାର ସତ୍କାର କରୁନାହୁଁ । ମୁଁ ସମସ୍ତ ଜଗତର ଉତ୍ପତ୍ତିକର୍ତ୍ତା ତଥା ସମସ୍ତଙ୍କ ପିତା ଅଟେ । ଏଭଳି ବଚନ ଶୁଣି ଶ୍ରୀ ବିଷ୍ଣୁ ଅନ୍ତରରେ ବହୁତ କ୍ରୋଧିତ ହେଲେ, କିନ୍ତୁ ଉପରେ ହସି ହସି କହିଲେ, ଆସ ପୁତ୍ର । ମୁଁ ତୁମର ପିତା ଅଟେ । ମୋ ନାଭିକମଳରୁ ତୁମର ଉତ୍ପତ୍ତି ହୋଇଛି । ଏହି କଥାରେ ଦୁହେଁ ଅସ୍ତ୍ର ଉଠାଇ ନିଜ ମଧ୍ୟରେ ଯୁଦ୍ଧ କରିବାକୁ ଲାଗିଲେ । ସେହି ସମୟରେ କାଳବ୍ରହ୍ମ ଦୁଇଜଣଙ୍କ ମଝିରେ ଏକ ତେଜମୟ ସ୍ତମ୍ଭ ଛିଡ଼ା କରିଦେଲେ, ଯେଉଁ କାରଣରୁ ଦୁହେଁ ଯୁଦ୍ଧ କରିବା ବନ୍ଦ କରିଦେଲେ । କାଳବ୍ରହ୍ମ ନିଜ କନିଷ୍ଠ ପୁତ୍ର ଶିବ ରୂପ ଧାରଣ କରିବା ସହିତ ନିଜ ପତ୍ନୀ ଦୁର୍ଗାଙ୍କୁ ପାର୍ବତୀ ରୂପ ଧାରଣ କରାଇ ହଠାତ୍ ସେ ଦୁହିଁଙ୍କ ନିକଟରେ ପ୍ରକଟ ହୋଇ ଉଭୟଙ୍କୁ କହିଲେ, ତୁମ୍ଭ ଦୁଇଜଣଙ୍କର ଜ୍ଞାନ ନାହିଁ ଯେ ଏଠାକାର ଈଶ୍ୱର କିଏ ? ମୁଁ ବ୍ରହ୍ମ ଏବଂ ଏହି ସଂସାର ମୋର ଅଟେ । ହେ ବ୍ରହ୍ମା, ବିଷ୍ଣୁ ! ତୁମ୍ଭେ ଦୁହେଁ ତପସ୍ୟା କରି ମୋ ଠାରୁ ଗୋଟିଏ-ଗୋଟିଏ ପଦବୀ ପ୍ରାପ୍ତ କରିଅଛ । ବ୍ରହ୍ମାଙ୍କୁ ସୃଷ୍ଟି ଉତ୍ପତ୍ତି ଏବଂ ବିଷ୍ଣୁଙ୍କୁ ପାଳନର ବିଭାଗ ଦେଇଛି । ଶୁଣ ପୁତ୍ର ! ଏହିଭଳି ମୁଁ, ମହେଶ ତଥା ରୁଦ୍ରଙ୍କୁ ମଧ୍ୟ ସଂହାର ତଥା ତିରୋଭାବ ବିଭାଗ ଦେଇଛି । ପୁଣି କହିଲେ ଯେ ଏକାକ୍ଷର ମନ୍ତ୍ର ଓମ୍ (ଓଁ) ମୋର ଜପ ମନ୍ତ୍ର ଅଟେ । ଏହି ପାଞ୍ଚୋଟି ଉପାଦାନ (ଅ, ଉ, ମ, ନାଦ ଏବଂ ବିନ୍ଦୁ) ମିଶି ଏକ ଅକ୍ଷର "ଓଁ" ମନ୍ତ୍ରର ସୃଷ୍ଟି ହୋଇଛି । ତେଣୁ ଏଠାରେ ପାଠକଗଣଙ୍କୁ ସ୍ପଷ୍ଟ ହେଲା ଯେ "ଓଁ" ହେଉଛି ବ୍ରହ୍ମଙ୍କର ଏକ ଅକ୍ଷର ଜପ ମନ୍ତ୍ର । ଏହା ମଧ୍ୟ ସ୍ପଷ୍ଟ ହେଲା ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ମହେଶଙ୍କଠାରୁ କାଳବ୍ରହ୍ମ ଭିନ୍ନ ଅଟନ୍ତି ଏବଂ ବ୍ରହ୍ମା, ବିଷ୍ଣୁ ଓ ଶିବ କାଳବ୍ରହ୍ମଙ୍କର ପୁତ୍ର ପୁତ୍ର ଅଟନ୍ତି ।

ଅନ୍ୟପ୍ରମାଣ :- ଶ୍ରୀ ଶିବ ମହାପୁରାଣ (ଗୀତାପ୍ରେସ୍ ଗୋରଖପୁରରୁ ପ୍ରକାଶିତ, ସଚିତ୍ର ମୋଟା ଟାଇପ)ରେ ଥିବା ରୁଦ୍ର ସଂହିତାର ପୃଷ୍ଠା ୧୧୦ରେ ଉଲେଖ ଅଛି ଯେ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ତଥା ତମୋଗୁଣ ଶିବ ଏହି ତିନି ଦେବତାଙ୍କଠାରେ ଗୁଣ ରହିଛି, କିନ୍ତୁ ମୁଁ ଏମାନଙ୍କଠାରୁ ଭିନ୍ନ ଅଟେ ।

ଏହି ସମସ୍ତ ପ୍ରମାଣରୁ ସ୍ପଷ୍ଟ ହେଲା ଯେ ଗୀତା ଜ୍ଞାନଦାତା କାଳବ୍ରହ୍ମ ଅଟନ୍ତି । ତାଙ୍କୁ ଏହି ଅଭିଶାପ ମିଳିଛି ଯେ ସେ ପ୍ରତିଦିନ ଏକ ଲକ୍ଷ ମନୁଷ୍ୟ ଶରୀରଧାରୀ ପ୍ରାଣୀଙ୍କୁ ଭକ୍ଷଣ କରିବେ ଏବଂ ଏକ ଲକ୍ଷ ପଚିଶି ହଜାର ପ୍ରାଣୀ ଉତ୍ପନ୍ନ କରିବେ ।

ଏଥିପାଇଁ ନିଜର ତିନି ପୁତ୍ରଙ୍କୁ ସେ ଗୋଟିଏ-ଗୋଟିଏ ଗୁଣଯୁକ୍ତ କରି ରଖିଛନ୍ତି, ଏମାନଙ୍କ ଶରୀରରୁ ଉତ୍ପନ୍ନ ହେଉଥିବା ଗୁଣଗୁଡ଼ିକର ସୂକ୍ଷ୍ମ ପ୍ରଭାବ ପ୍ରତ୍ୟେକ ପ୍ରାଣୀଙ୍କୁ କାର୍ଯ୍ୟ କରିବା ପାଇଁ ବିବଶ କରିଥାଏ । ଯେପରି ରୋଷେଇ ଘରେ ଲଙ୍କା ଛୁଙ୍କ ଦିଆଗଲେ ଛିଙ୍କ ଆସିଥାଏ । ସେହି ଛିଙ୍କକୁ କେହି ମଧ୍ୟ ଅଟକାଇ ପାରିନଥାନ୍ତି । ରୋଷେଇ ଘରେ ଲଙ୍କା ତ ସ୍ଥୂଳ ରୂପରେ ଥାଏ, କିନ୍ତୁ ସେଥିରୁ ବାହାରୁଥିବା ଗୁଣ ଦୂର କୋଠରୀରେ ବସିଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିଥାଏ ।

ତିନି ଦେବତା (ଶ୍ରୀ ବ୍ରହ୍ମା,ଶ୍ରୀବିଷ୍ଣୁ, ଶ୍ରୀ ଶିବ) ଏହିଭଳି ନିଜ-ନିଜ ଲୋକରେ ଅବସ୍ଥାନ କରନ୍ତି, କିନ୍ତୁ ସେମାନଙ୍କ ଶରୀରରୁ ଉତ୍ପନ୍ନ ଗୁଣର ସୂକ୍ଷ୍ମ ପ୍ରଭାବ ତିନି ଲୋକ(ସ୍ୱର୍ଗଲୋକ, ପାତାଳଲୋକ, ପୃଥିବୀଲୋକ)ରେ ଥିବା ପ୍ରାଣୀମାନଙ୍କୁ ପ୍ରଭାବିତ କରିଥାଏ ଯାହାଦ୍ୱାରା କାଳବ୍ରହ୍ମ ପାଇଁ ଏକଲକ୍ଷ ମାନବ ଆହାର ପ୍ରସ୍ତୁତ ହୋଇଥାଏ । ଏହି କାରଣରୁ ଗୀତା ଅଧ୍ୟାୟ ୭ ଶ୍ଳୋକ୧୨ରେ ଗୀତା ଜ୍ଞାନଦାତା ବ୍ରହ୍ମ କହିଛନ୍ତି ଯେ :-

ଝ ତିନିଗୁଣ ପ୍ରଭାବରେ ଦ୍ୱାରା ଯାହା କିଛି ବି ଘଟୁଛି, ତାହାର ମୁଖ୍ୟ କାରଣ ମୁଁ ହିଁ ଅଟେ । ଯେପରି ରଜଗୁଣ ବ୍ରହ୍ମା ଦ୍ୱାରା ଉତ୍ପତ୍ତି, ସତଗୁଣ ବିଷ୍ଣୁ ଦ୍ୱାରା ସ୍ଥିତି ତଥା ତମୋଗୁଣ ଶିବ

ଦ୍ୱାରା ସଂହାର ହେଉଛି । ଏମାନଙ୍କ ଦ୍ୱାରା ଏସବୁ ମୋ ପାଇଁ ହିଁ ହେଉଅଛି ବୋଲି ଜାଣ, କିନ୍ତୁ ସେମାନେ ନା ମୋ ସହିତ ଅଛନ୍ତି, ନା ମୁଁ ସେମାନଙ୍କ ସହିତ ଅଛି କାରଣ କାଳବ୍ରହ୍ମ ଏହି ତିନି ଦେବତାଙ୍କ ଠାରୁ ଅଲଗା ରୁହନ୍ତି । (ଗୀତା ଅଧ୍ୟାୟ ୭ଶ୍ଳୋକ ୧୨)

ଝସାରା ସଂସାର ଏହି ତିନି ଗୁଣ (ରଜଗୁଣ ବ୍ରହ୍ମା, ସତ୍‌ଗୁଣ ବିଷ୍ଣୁ, ଏବଂ ତମଗୁଣ ଶିବ) ପ୍ରତି ମୋହିତ ତଥା ଏହି ତିନି ଦେବତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଜ୍ଞାନ ଅଛି । ଏହି ତିନି ଦେବତାଙ୍କ ଠାରୁ ଭିନ୍ନ ମୋତେ ତଥା (ଅବ୍ୟୟମ୍) ସେହି ଅବିନାଶୀ ପରମାତ୍ମାଙ୍କୁ ଜାଣି ନାହାଁନ୍ତି । (ଗୀତା-୭:୧୩)

ଝ କାରଣ ମୋର ଏହି ଅଲୌକିକ ତ୍ରିଗୁଣମୟୀ ମାୟା (ଅର୍ଥାତ ମୋ ପୁତ୍ରମାନଙ୍କ ଦ୍ୱାରା ବିସ୍ତାରିତ ମାୟାଜାଲ) ବଡ଼ ଦୁସ୍ତର ଅଟେ, ବେକାର ଅଟେ । ଯେଉଁ ସାଧକ କେବଳ ମୋତେ (କାଳବ୍ରହ୍ମକୁ) ଭଜିଥାନ୍ତି, ସେମାନେ ଏହି ମାୟା (ବ୍ରହ୍ମା, ବିଷ୍ଣୁ, ମହେଶଙ୍କ ଭକ୍ତିରୁ ମିଳୁଥିବା ଲାଭ ଠାରୁ ଅଧିକ ଲାଭ ବ୍ରହ୍ମଙ୍କ ଭକ୍ତିରେ ଅଛି । ତେଣୁ ସେ କହିଛନ୍ତି ଯେ ଯେଉଁମାନେ ଏହି ତିନି ଜଣଙ୍କ ଠାରୁ ମିଳୁଥିବା ଲାଭକୁ ତ୍ୟାଗ କରି କାଳବ୍ରହ୍ମଙ୍କର ସାଧନା କରନ୍ତି, ସେମାନେ ତିନି ଦେବତାଙ୍କର ଉଲଙ୍ଘନ ଅର୍ଥାତ୍ ଏମାନଙ୍କ ସାଧନାକୁ ତ୍ୟାଗ କରି ଦିଅନ୍ତି) କୁ ଉଲଙ୍ଘନ କରନ୍ତି । (ଗୀତା ଅଧ୍ୟାୟ ୭:୧୪)

ଝ ଗୀତା ଅଧ୍ୟାୟ ୭ ଶ୍ଳୋକ୧୫ରେ କହିଛନ୍ତି ଯେ :- ତିନିଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ରୂପୀ ମାୟାଜାଲ ଦ୍ୱାରା ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି ଅର୍ଥାତ୍ ଯେଉଁ ସାଧକ ଏହି ତିନି ଦେବତାଙ୍କ ଠାରୁ ଭିନ୍ନ, ଅନ୍ୟ ପ୍ରଭୁଙ୍କୁ ଜାଣନ୍ତି ନାହିଁ ସେମାନେ ଏହି ଦେବତାଙ୍କଠାରୁ ମିଳୁଥିବା ନାମମାତ୍ର ଲାଭକୁ ମୋକ୍ଷ ଭାବି ଏହି ଦେବତାମାନଙ୍କ ଭକ୍ତିରେ ନିମଗ୍ନ ହୋଇ ଯାଇଥାନ୍ତି, ଏମାନଙ୍କର ପୂଜା କରିଥାନ୍ତି । ଅସୁର ସ୍ୱଭାବକୁ ଧାରଣ କରିଥିବା ଏଭଳି ବ୍ୟକ୍ତି ମଣିଷମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂର୍ଖ ଜନ ମୋତେ (କାଳବ୍ରହ୍ମକୁ) ଭଜନ୍ତି ନାହିଁ । (ଗୀତା ଅଧ୍ୟାୟ ୭ ଶ୍ଳୋକ ୧୫)

ଝ ଗୀତା ଅଧ୍ୟାୟ ୧୪ ଶ୍ଳୋକ ୧୯ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଯେତେବେଳେ ଦୃଷ୍ଟା ଅର୍ଥାତ୍ ତତ୍ତ୍ୱଜ୍ଞାନ ଶୁଣିବା ବାଲା ଏବଂ ତିନିଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)କୁ ଇଷ୍ଟ ରୂପେ ପୂଜା କରିବା ବାଲା ନିଜର ପୁରୁଣା ଚିନ୍ତାଧାରାକୁ ବଦଳାଇ ନଥାଏ ଅର୍ଥାତ୍ ଏହି ତିନିଗୁଣଙ୍କ ବ୍ୟତୀତ ଅନ୍ୟ କାହାକୁ କର୍ତ୍ତା ରୂପେ ସ୍ୱୀକାର କରେ ନାହିଁ ଏବଂ ଏହି ତିନି ଦେବତାଙ୍କଠାରୁ ଭିନ୍ନ ପୂର୍ଣ୍ଣ ପରମାତ୍ମାଙ୍କ ଜ୍ଞାନ ମଧ୍ୟ ପ୍ରାପ୍ତ କରିଥାଏ, ସେ ମୋ ଜାଲରେ ରହିଯାଏ । (ଗୀତା ଅଧ୍ୟାୟ ୧୪ ଶ୍ଳୋକ ୧୯)

ଗୀତା ଅଧ୍ୟାୟ ୧୪ ଶ୍ଳୋକ୨୦ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଦେହଧାରୀ ମନୁଷ୍ୟ ଏହି ତିନି ଦେବତାଙ୍କୁ ଉଲଙ୍ଘନ କରି ଅର୍ଥାତ ଏମାନଙ୍କ ପୂଜାକୁ ତ୍ୟାଗ କରି ଜନ୍ମ-ମରଣ, ବୃଦ୍ଧାବସ୍ଥା ତଥା ଅନ୍ୟ ସମସ୍ତ ଦୁଃଖରୁ ମୁକ୍ତ ହୋଇ ପରମାନନ୍ଦ ଅର୍ଥାତ୍ ଗୀତା ଅଧ୍ୟାୟ ୧୮ଶ୍ଳୋକ ୬୨ ଏବଂ ଅଧ୍ୟାୟ ୧୫ଶ୍ଳୋକ ୪ରେ ବର୍ଣ୍ଣିତ ପରମ ଶାନ୍ତି ତଥା ସନାତନ ପରମଧାମ ପ୍ରାପ୍ତ ହୋଇଥାଏ ।

ସାରାଂଶ :-ତିନି ଦେବତା (ବ୍ରହ୍ମା ରଜଗୁଣ, ବିଷ୍ଣୁ ସତଗୁଣ ଏବଂ ଶିବ ତମଗୁଣ)ଙ୍କ ପୂଜା କରୁଥିବା ବ୍ୟକ୍ତି ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରିବା ବ୍ୟକ୍ତିକୁ ମୁର୍ଖ ବୋଲି କହିଛନ୍ତି । ଭାବାର୍ଥ ଏହା ଯେ ଏମାନଙ୍କ ପୂଜା କରିବା ଅନୁଚିତ୍ ।

କାରଣ :- ୧. ହିରଣ୍ୟକଶ୍ୟପ, ରଜଗୁଣ ଶ୍ରୀ ବ୍ରହ୍ମାଙ୍କର ପୂଜା କରିଥିଲା, ନିଜ ପୁତ୍ର ପ୍ରହଲ୍ଲାଦର ଶତ୍ରୁ ପାଲଟିଗଲା, ରାକ୍ଷସ ରୂପେ ପରିଚିତ ହେଲା, କୁକୁର ଭଳି ମୃତ୍ୟୁକୁ ପ୍ରାପ୍ତ ହେଲା ।

୨. ରାବଣ ତମଗୁଣ ଶ୍ରୀ ଶିବଙ୍କର ପୂଜା କରିଥିଲା, ଜଗତ ଜନନୀ ସୀତାଙ୍କୁ ଅପହରଣ କଲା, ସିତାଙ୍କୁ ନିଜ ସ୍ତ୍ରୀ କରିବା ପାଇଁ କୁଚେଷ୍ଟା କଲା, ରାକ୍ଷସ ରୂପେ ପରିଚିତ ହେଲା, କୁକୁର ଭଳି ମୃତ୍ୟୁକୁ ପ୍ରାପ୍ତ ହେଲା, ଭଷ୍ମାସୁର ମଧ୍ୟ ତମଗୁଣ ଶିବଙ୍କୁ ପୂଜା କରିଥିଲା । ରାକ୍ଷସ ରୂପେ ପରିଚିତ ହେଲା, କୁକୁର ଭଳି ମୃତ୍ୟୁକୁ ପ୍ରାପ୍ତ ହେଲା ।

୩. ଶ୍ରୀ ବିଷ୍ଣୁଙ୍କ ଉପାସକଙ୍କୁ ବୈଷ୍ଣବ କୁହାଯାଏ । ଏକଦା ହରିଦ୍ୱାରରେ କୁମ୍ଭ ମେଳା ଚାଲିଥାଏ । ସେହି ପର୍ବରେ ସ୍ନାନ କରିବା ପାଇଁ ସମସ୍ତ ସନ୍ଥ (ଗିରୀ, ପୁରୀ, ନାଗା, ନାଥ) ପହଞ୍ଚିଗଲେ । ନାଗାମାନେ ତମଗୁଣ ଶ୍ରୀଶିବଙ୍କର ପୂଜାରୀ ଅଟନ୍ତି ଏବଂ ବୈଷ୍ଣବ ସତ୍‌ଗୁଣ ଶ୍ରୀବିଷ୍ଣୁଙ୍କର ପୂଜାରୀ ଅଟନ୍ତି । ସମସ୍ତେ ହରିଦ୍ୱାରର ''ହର କୀ ପୈଡୀ'' ସ୍ନାନ ଘାଟରେ ବୁଡ ପକାଇବା ପାଇଁ ପ୍ରସ୍ତୁତି ଆରମ୍ଭ କଲେ । ଏମାନଙ୍କ ସଂଖ୍ୟାରେ ୨୦୦୦୦ଥିଲେ ।କିଛି ସମୟ ଭିତରେ ଏତିକି ସଂଖ୍ୟାରେ ହିଁ ବୈଷ୍ଣବ ସାଧୁ ସେହି ଗାଧୁଆ ଘାଟ ନିକଟରେ ପହଞ୍ଚିଗଲେ । ବୈଷ୍ଣବ ସାଧୁମାନେ ନାଗାମାନଙ୍କୁ କହିଲେ ଯେ- ଆମ୍ଭେ ଶ୍ରେଷ୍ଠ ଅଟୁଁ, ଆମ୍ଭେ ପ୍ରଥମେ ସ୍ନାନ କରିବୁ । ଏତିକି କଥା ଉପରେ ଉଭୟଙ୍କମଧ୍ୟରେ ଝଗଡ଼ା ହୋଇଗଲା । ଖଣ୍ଡା,କଟୁରୀ,ଛୁରୀ ସାହାଯ୍ୟରେ ଲଢ଼ିବାକୁ ଲାଗିଗଲେ, ଉଭୟ ପକ୍ଷରୁ ପାଖାପାଖି ୨୫୦୦୦ ସାଧୁ ତିନିଗୁଣର ଉପାସକ ହଣା କଟା ହୋଇ ମରି ଗଲେ ।

ଏହି କାରଣରୁ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ରୁ ୧୫ରେ ତିନିଗୁଣ (ରଜଗୁଣବ୍ରହ୍ମା, ସତଗୁଣବିଷ୍ଣୁ, ତମଗୁଣଶିବ)ଙ୍କ ଉପାସକ ମାନଙ୍କୁ ରାକ୍ଷସ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ଦୂଷିତ କର୍ମ କରିବା ବାଲା ମୂର୍ଖ ବୋଲି କହିଛି ।

ଏଥିରୁ ପ୍ରମାଣିତ ହେଲାଯେ- ଶ୍ରୀ ବ୍ରହ୍ମା ରଜଗୁଣ, ଶ୍ରୀବିଷ୍ଣୁ ସତଗୁଣ, ଶ୍ରୀ ଶିବତମଗୁଣଙ୍କ ଭକ୍ତି କରିବା ବାଲା ମୂର୍ଖ, ରାକ୍ଷସ, ମନୁଷ୍ୟମାନଙ୍କ ମଧ୍ୟରେ ନୀଚ ତଥା ନିକୃଷ୍ଟ କର୍ମ କରୁଥିବା ମୂର୍ଖ ବ୍ୟକ୍ତି ଅଟନ୍ତି ଅର୍ଥାତ୍ ଏମାନଙ୍କୁ ଇଷ୍ଟଦେବ ରୂପେ ପୂଜା କରିବା ନିରର୍ଥକ ଅଟେ ।

ପୂଜା ଓ ସାଧନା ମଧ୍ୟରେ ପାର୍ଥକ୍ୟ

ପ୍ରଶ୍ନ :- କାଳବ୍ରହ୍ମଙ୍କର ପୂଜାକରିବା ଉଚିତ୍ ନା ଅନୁଚିତ୍ ? ଗୀତାରେ ପ୍ରମାଣ ଦେଖାନ୍ତୁ ।

ଉତ୍ତର :- କରିବା ଅନୁଚିତ୍ । ପ୍ରଥମେ ଆପଣଙ୍କୁ ପୂଜା ଓ ସାଧନା ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ କହୁଛି ।

ଭକ୍ତି ଅର୍ଥାତ୍ ପୂଜା :- ଯେପରି ଆମ୍ଭମାନଙ୍କୁ ଜଣାଅଛି ଯେ ମାଟି ତଳେ ମଧୁର ଶୀତଳଜଳ ଅଛି । ତାକୁ କିପରି ପ୍ରାପ୍ତ କରା ଯାଇପାରିବ ? ସେଥିପାଇଁ ପ୍ରଥମେ ବୋରିଙ୍ଗ ମେସିନ ଦ୍ୱାରା ମାଟିରେ ଗାତ କରାଯାଇ ସେହି ଗାତ (Bore)ଭିତରେ ଲୁହା କିମ୍ବା ପ୍ଲାଷ୍ଟିକ୍ ପାଇପ୍ ଭର୍ତ୍ତି କରାଯାଏ । ତା'ପରେ ହାଣ୍ଡପମ୍ପ୍ (ନଳକୂପ) ମେଶିନ୍ ଲଗାଯାଏ । ତତ୍‌ପଶ୍ଚାତ୍ ଜୀବନଦାୟକ ଶୀତଳ ଜଳ ମିଳିଥାଏ ।

ଜଳ ଆମ୍ଭର ପୂଜ୍ୟ ଅଟେ, ତାକୁ ପ୍ରାପ୍ତ କରିବା ପାଇଁ ବ୍ୟବହାର କରାଯାଇଥିବା ଉପକରଣ ଓ ପ୍ରଚେଷ୍ଟାକୁ ସାଧନା ବୋଲି ଜାଣନ୍ତୁ କିନ୍ତୁ ଯଦି ଆମ୍ଭେ ସେହି ଉପକରଣଗୁଡ଼ିକର ପୂଜା କରିବା ତେବେ ଜଳ ପ୍ରାପ୍ତ କରିପାରିବା ନାହିଁ । ଉପକରଣ ମାଧ୍ୟମରେ ପୂଜ୍ୟ ବସ୍ତୁ ପ୍ରାପ୍ତ ହୋଇଥାଏ ।

ଅନ୍ୟ ଉଦାହରଣ :- ପତିବ୍ରତା ସ୍ତ୍ରୀ ଯେପରି ପରିବାରର ସମସ୍ତ ସଦସ୍ୟ ଶ୍ୱଶୁର-ଶାଶୁଙ୍କୁ ମାତା-ପିତା ପରି, ସାନ ଓ ବଡ଼ ଯାଆକୁ ସାନ ଓ ବଡ଼ ଭଉଣୀ ଭଳି ଆଦର ସତ୍କାର କରିଥାଏ କିନ୍ତୁ ପୂଜା କେବଳ ନିଜ ସ୍ୱାମୀର କରିଥାଏ । ଯେତେବେଳେ ସେମାନେ ଅଲଗା ହୋଇଯାନ୍ତି ସେତେବେଳେ ନିଜ ଭାଗରେ ମିଳିଥିବା ସମସ୍ତ ବସ୍ତୁକୁ ନିଜ ସ୍ୱାମୀଙ୍କ କୋଠରୀ ମଧ୍ୟକୁ ନେଇ ଯାଇଥାନ୍ତି ।

ଅନ୍ୟ ଉଦାହରଣ :- ଆମ୍ଭ ଖାଇବା ପାଇଁ ଆମ୍ଭମାନଙ୍କର ଯେତେବେଳେ ଇଚ୍ଛା ହୁଏ ସେତେବେଳେ ଆମ୍ଭ ଆମମାନଙ୍କର ପୂଜ୍ୟ ହୋଇଥାଏ ଏବଂ ଆମ୍ଭ ପ୍ରାପ୍ତ କରିବା ପାଇଁ ଧନର ଆବଶ୍ୟକତା ପଡ଼ିଥାଏ । ଧନ ସଂଗ୍ରହ କରିବା ପାଇଁ ମଜୁରୀ/ଚାକିରୀ/କୃଷିକାର୍ଯ୍ୟ କରିବାକୁ ପଡ଼ିଥାଏ । ତତ୍‌ପଶ୍ଚାତ୍ ଆମ୍ଭକୁ ଆମ୍ଭ ଫଳ ପ୍ରାପ୍ତ ହୋଇଥାଏ । ଏହି କାରଣରୁ ଏଠାରେ ଆମ୍ଭଫଳ ଆମର ପୂଜ୍ୟ ହେଲା ଏବଂ ତାକୁ ପାଇବା ପାଇଁ କରାଯାଇଥିବା ଅନ୍ୟାନ୍ୟ ଚେଷ୍ଟାକୁ ସାଧନା କୁହାଗଲା । ହାସଲ ଯୋଗ୍ୟ ବସ୍ତୁକୁ ପ୍ରାପ୍ତ କରିବା ପାଇଁ ସାଧନା କରିବାକୁ ପଡ଼ିଥାଏ ତେଣୁ ସାଧନା ଓ ପୂଜା ଅର୍ଥାତ୍ ଭକ୍ତି ଭିନ୍ନ ଭିନ୍ନ ଅଟେ ଯାହା ଏଠାରେ ସ୍ପଷ୍ଟ ହେଲା ।

ପ୍ରଶ୍ନ କରାଯାଉଛି ଯେ ବ୍ରହ୍ମଙ୍କର ପୂଜା କରିବା ଉଚିତ୍ କି ? ଉତ୍ତରରେ ସ୍ପଷ୍ଟ କରାଯାଇଛି ଯେ କରିବା ଅନୁଚିତ୍ । ବର୍ତ୍ତମାନ ଶ୍ରୀମଭଗବତ ଗୀତାରେ ପ୍ରମାଣ ଦେଖାଉଛି ।

ଗୀତା ଅଧ୍ୟାୟ ୭ ଶ୍ଳୋକ ୧୨ ରୁ ୧୫ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ତିନିଗୁଣ(ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ)ଙ୍କର ଭକ୍ତି ମୂଲ୍ୟହୀନ ଅଟେ । ପୁଣି ଗୀତା ଅଧ୍ୟାୟ ୭ର ଶ୍ଳୋକ୧୬-୧୭-୧୮ରେ ଗୀତା ଜ୍ଞାନଦାତା ବ୍ରହ୍ମ ନିଜ ଭକ୍ତିରୁ ମିଳୁଥିବା ଗତି ଅର୍ଥାତ୍ ମୋକ୍ଷକୁ "ଅନୁତ୍ତମ" ଅର୍ଥାତ୍ ନିକୃଷ୍ଟ ବୋଲି କହିଛନ୍ତି । ପୁଣି କହିଛନ୍ତି ଯେ ଚାରି ପ୍ରକାରର ବ୍ୟକ୍ତି ମୋ ଭକ୍ତି କରିଥାନ୍ତି ।

୧. ଅର୍ଥାର୍ଥୀ :- ଧନ ଲାଭ ପାଇଁ ବେଦ ଅନୁସାରେ ଅନୁଷ୍ଠାନ କରୁଥିବା ବ୍ୟକ୍ତି ।

୨. ଆର୍ତ୍ତ :- ସଙ୍କଟ ନିବାରଣ ପାଇଁ ବେଦ ଅନୁସାରେ ଅନୁଷ୍ଠାନ କରୁଥିବା ବ୍ୟକ୍ତି ।

୩. ଜିଜ୍ଞାସୁ :- ପରମାତ୍ମାଙ୍କ ବିଷୟରେ ଜାଣିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ।

(ଜିଜ୍ଞାସୁ ଭକ୍ତ ଜ୍ଞାନ ଗ୍ରହଣ କରିବା ପରେ ସ୍ୱଂୟ ବକ୍ତା ହୋଇଯାନ୍ତି)

ଏହି ତିନି ପ୍ରକାରର ବ୍ରହ୍ମ ଉପାସକଙ୍କୁ ବ୍ୟର୍ଥ କୁହାଯାଇଛି ।

୪.ଜ୍ଞାନୀ:- ଜ୍ଞାନୀ ଜାଣେ ଯେ ମନୁଷ୍ୟ ଜନ୍ମ ବଡ଼ ଦୁର୍ଲଭ ଅଟେ । ମନୁଷ୍ୟ ଜୀବନ ପ୍ରାପ୍ତ କରି ଆତ୍ମକଲ୍ୟାଣ କରିବା ଉଚିତ୍ । ସେମାନଙ୍କୁ ଏହି ଜ୍ଞାନ ମଧ୍ୟ ହୋଇ ଯାଇଥାଏ ଯେ ଅନ୍ୟ ଦେବତାଙ୍କର ପୂଜା ଦ୍ୱାରା ମୋକ୍ଷ ଲାଭ ହେବ ନାହି ତେଣୁ ଅନନ୍ୟ ମନରେ ସେହି ଏକ ପରମାତ୍ମାଙ୍କର ଭକ୍ତି କରିବା ଦ୍ୱାରା ପୂର୍ଣ୍ଣମୋକ୍ଷ ସମ୍ଭବ ହୋଇଥାଏ । ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ ବେଦକୁ ସେମାନେ ଯେପରି ବୁଝିଲେ ସେହି ଆଧରରେ ବ୍ରହ୍ମଙ୍କୁ ସାମର୍ଥ ପ୍ରଭୁ ରୂପେ ସ୍ୱୀକାର କରି ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୧୫ରୁ ଓମ୍ ନାମ ପ୍ରାପ୍ତ କରି ଭକ୍ତି କରିବାକୁ ଲାଗିଲେ ମାତ୍ର ପୂର୍ଣ୍ଣମୋକ୍ଷ ମିଳିଲା ନାହିଁ । ଓମ୍ (ଓଁ) ମନ୍ତ୍ର ବ୍ରହ୍ମ ସାଧନାର ମନ୍ତ୍ର ଅଟେ ଯାହା ଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତି ହୋଇଥାଏ । ଏହା ପୂର୍ବରୁ ପ୍ରମାଣିତ ହୋଇସାରିଛି । ଗୀତା ଅଧ୍ୟାୟ ୮ ଶ୍ଳୋକ୧୬ରେ କୁହାଯାଇଛି ଯେ ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକ ପୁନରାବର୍ତ୍ତୀ ଚକ୍ରରେ ଅଛି ଅର୍ଥାତ୍ ବ୍ରହ୍ମଲୋକକୁ ଯାଇଥିବା ସାଧକ ପୁନର୍ବାର ସଂସାରକୁ ଫେରିଆସି ଜନ୍ମ-ମୃତ୍ୟୁ ଚକ୍ରରେ ପଡ଼ିଥାନ୍ତି ।

କାଳବ୍ରହ୍ମ ସାଧନାରେ ସେହି ମୋକ୍ଷ ପ୍ରାପ୍ତି ହୁଏ ନାହିଁ ଯେଉଁ ମୋକ୍ଷ ବିଷୟରେ ଗୀତା ଅଧ୍ୟାୟ୧୫ ଶ୍ଳୋକ ୪ରେ କୁହାଯାଇଛି ଯେ "ତତ୍ତ୍ୱଜ୍ଞାନ ଦ୍ୱାରା ଅଜ୍ଞାନତାକୁ ନାଶକରି ପରମେଶ୍ୱରଙ୍କର ସେହି ପରମପଦକୁ ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବା ପରେ ସାଧକ ପୁଣି ସଂସାରକୁ ଫେରିଆସି ନଥାଏ ।"

ଝ ଗୀତା ଅଧ୍ୟାୟ ୭ ଶ୍ଳୋକ୧୮ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ ଏହି ଜ୍ଞାନୀ ଆତ୍ମା (ଯାହାକୁ ଚତୁର୍ଥ ନଂ ବ୍ରହ୍ମସାଧକ ବୋଲି କୁହାଯାଇଛି) ବହୁତ ଉଦାର ଅର୍ଥାତ୍ ସାଧୁ ମାତ୍ର ତତ୍ତ୍ୱଜ୍ଞାନ ଅଭାବରୁ ଇଏ ମୋ ଅନୁତ୍ତମ ଗତିରେ ହିଁ ଅଟକି ଗଲା । ଗୀତା ଜ୍ଞାନଦାତା ନିଜ ସାଧନାରୁ ମିଳୁଥିବା ଗତିକୁ ମଧ୍ୟ ଅନୁତ୍ତମ ଅର୍ଥାତ୍ ନିକୃଷ୍ଟ ବୋଲି କହିଛନ୍ତି, ତେଣୁ ବ୍ରହ୍ମର ପୂଜା କରିବା ଅନୁଚିତ୍ ।

କାରଣ :- ତୃଣକ ଋଷି ନାମକ ଜଣେ ଜ୍ଞାନୀ ଆତ୍ମା ଥିଲେ । ସେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ହଠଯୋଗ ଓ ଓମ୍ (ଓଁ)ମନ୍ତ୍ରର ଜପ କଲେ ଯାହାଦ୍ୱାରା ତାଙ୍କୁ କିଛି ସିଦ୍ଧି ପ୍ରାପ୍ତି ହେଲା । କାଳବ୍ରହ୍ମର ସାଧନା ଦ୍ୱାରା ଜନ୍ମ-ମୃତ୍ୟୁ, ସ୍ୱର୍ଗ-ନର୍କ ଚକ୍ର ସଦା ସର୍ବଦା ପାଇଁ ଲାଗି ରହିବ କାରଣ ଗୀତା ଅଧ୍ୟାୟ ୨ ଶ୍ଳୋକ ୧୨, ଗୀତା ଅଧ୍ୟାୟ ୪ ଶ୍ଳୋକ ୫,୧୦, ଶ୍ଳୋକ୨ରେ ଗୀତା ଜ୍ଞାନଦାତା ବ୍ରହ୍ମ କହିଛନ୍ତି ଯେ ଅର୍ଜୁନ ! ତୁମର ଓ ମୋର ଅନେକ ଜନ୍ମ ହୋଇସାରିଛି, ତୁ ଜାଣି ନାହୁଁ କିନ୍ତୁ ମୁଁ ଜାଣିଛି । ତୁ, ମୁଁ ଏବଂ ଏହି ସମସ୍ତ ରାଜା ପୂର୍ବରୁ ମଧ୍ୟ ଜନ୍ମ ନେଇଥିଲେ, ଆଗକୁ ମଧ୍ୟ ଜନ୍ମ ନେବେ । ଏହି ଭାବନା ମନରୁ ଦୂର କରିଦିଅ ଯେ ଆମ୍ଭେ କେବଳ ଏବେ ଜନ୍ମଗ୍ରହଣ କରିଛେ । ମୋ ଜନ୍ମ ବୃତ୍ତାନ୍ତ ଏହି ମହର୍ଷି ଓ ଦେବତାଗଣ ମଧ୍ୟ ଜାଣି ନାହାଁନ୍ତି କାରଣ ଏମାନେ ସମସ୍ତେ ମୋଠାରୁ ଜନ୍ମ ହୋଇଛନ୍ତି ।

ଏଥିରୁ ସ୍ୱତଃ ପ୍ରମାଣିତ ହେଉଛି ଯେ ଯଦି ଗୀତା ଜ୍ଞାନଦାତା କାଳବ୍ରହ୍ମ ଜନ୍ମ-ମରଣ ଚକ୍ର ଅର୍ନ୍ତଗତ ତେବେ ତାଙ୍କ ଉପାସକ କିପରି ଅମର ହୋଇ ପାରିବେ ? ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଲା ଯେ ବ୍ରହ୍ମ ଉପାସନାରେ ସେହି ମୋକ୍ଷ ପ୍ରାପ୍ତି ହୋଇପାରିବ ନାହିଁ ଯେଉଁ ମୋକ୍ଷ ବିଷୟରେ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ଓ ଅଧ୍ୟାୟ ୧୫ ଶ୍ଳୋକ ୪ରେ କୁହାଯାଇଛି । ଏହି ଶ୍ଳୋକଗୁଡ଼ିକରେ ଗୀତା ଜ୍ଞାନଦାତା ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଛନ୍ତି ଯେ ହେ ଭାରତ ! ତୁମେ ସର୍ବଭାବରେ ସେହି ପରମେଶ୍ୱର ପରମଅକ୍ଷର ବ୍ରହ୍ମଙ୍କ ଶରଣକୁ ଯାଅ । ସେହି ପରମେଶ୍ୱରଙ୍କ କୃପାରେ ତୁମେ ପରମଶାନ୍ତି ଓ ସନାତନ ପରମଧାମ ଅର୍ଥାତ୍ ସତ୍ୟଲୋକ ପ୍ରାପ୍ତ ହେବ । ତତ୍ତ୍ୱଜ୍ଞାନକୁ ହୃଦୟଙ୍ଗମ କରି ପରମାତ୍ମାଙ୍କର ସେହି ପରମ ପଦକୁ ଅନ୍ୱେଷଣ କରିବା ଉଚିତ୍ ଯେଉଁଠିକୁ ଯିବାପରେ ସାଧକ ପୁଣି ସଂସାରକୁ ପୁନର୍ବାର ଫେରି ଆସି ନ ଥାଏ । ବିଚାର କରନ୍ତୁ, ଗୀତା ଜ୍ଞାନଦାତା ନିଜେ ଜନ୍ମ-ମରଣ ଚକ୍ରରେ ଅଛନ୍ତି ତେଣୁ ବ୍ରହ୍ମ ଉପାସନାର ଗତିକୁ ଅନୁତ୍ତମ (ନିକୃଷ୍ଟ) କହିଛନ୍ତି ।

ଏବେ ଚୁଣକ ଋଷି ପ୍ରସଙ୍ଗ ଶୁଣାଉଛି:- ଚୂଣକ ଋଷି ଓମ୍ (ଓଁ) ମନ୍ତ୍ରର ଜପ ଓ ହଠଯୋଗ କଲେ । ବେଦ (ଋଗ୍‌ବେଦ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ)ରେ ବର୍ଣ୍ଣିତ ଭକ୍ତିବିଧି ଦ୍ୱାରା ପରମାତ୍ମା ପ୍ରାପ୍ତି ହୁଅନ୍ତି ନାହିଁ । ଏହାର ପ୍ରମାଣ ଗୀତା ଅଧ୍ୟାୟ ୧୧ଶ୍ଳୋକ ୪୭-୪୮ରେ ଅଛି । ଗୀତା ଜ୍ଞାନଦାତା ବ୍ରହ୍ମ କହୁଛନ୍ତି ଯେ ହେ ଅର୍ଜୁନ ! ମୁଁ କାଳ ବ୍ରହ୍ମ ଅଟେ, ଏହା ମୋର ବିରାଟ ରୂପ ଅଟେ । ତୁମ ବ୍ୟତୀତ ପୁର୍ବରୁ ଅନ୍ୟ କାହାକୁ ମୋର ଏହି ରୂପର ଦର୍ଶନ ହୋଇ ନାହିଁ, ତୁମ ଉପରେ କୃପାକରି ମୁଁ ଏହି ରୂପ ଦେଖାଇଛି । ମୋର ଏହି ରୂପର ଦର୍ଶନ ଅର୍ଥାତ୍ ବ୍ରହ୍ମପ୍ରାପ୍ତି ନା ବେଦରେ ବର୍ଣ୍ଣିତ ବିଧିରେ ଅର୍ଥାତ୍ ଓଁ ମନ୍ତ୍ରର ଜପରେ, ନା ହୋମ ଆଦି ଯଜ୍ଞରେ ହୋଇଥାଏ ଅର୍ଥାତ୍ ବେଦରେ ବର୍ଣ୍ଣିତ ବିଧିରେ ବ୍ରହ୍ମ ପ୍ରାପ୍ତି ହୋଇଥାଏ , ଏହି କାରଣରୁ ଚୁଣକ ଋଷି ମଧ୍ୟ କାଳବ୍ରହ୍ମକୁ ନିରାକର କହିଥିଲେ । କିନ୍ତୁ ବ୍ରହ୍ମ ପ୍ରାପ୍ତି ପରିବର୍ତ୍ତେ ସେହି ସାଧନାରୁ ତାଙ୍କୁ କିଛି ସିଦ୍ଧି ପ୍ରାପ୍ତି ହୋଇଗଲା ଯାହାଦ୍ୱାରା ସେ ସଂସାରରେ ପ୍ରସିଦ୍ଧ ହୋଇଗଲେ । ସିଦ୍ଧି ପ୍ରାପ୍ତ ସାଧକ ବର୍ଷ-ବର୍ଷ ଧରି କରିଥିବା ସାଧନାରୁ ଚାର୍ଜ କରିଥିବା ନିଜ ବ୍ୟାଟେରୀରୁ ଅନ୍ୟ କାହାକୁ ଅଭିଶାପ ଦେଇ ନିଜ ଭକ୍ତି ଉପାର୍ଜିତ ଧନର ସର୍ବନାଶ କରିଥାନ୍ତି । ସିଦ୍ଧି ଦ୍ୱାରା କାହା ଉପରେ ଜନ୍ତ୍ର-ମନ୍ତ୍ର କରି ନିଜ ଭକ୍ତିର ବିନାଶ କରନ୍ତି ତଥା ସଂସାରରେ ପ୍ରଶଂସାର ପାତ୍ର ହୋଇ ନିଜେ ନିଜେ ପ୍ରଭୁ ହୋଇଯାଆନ୍ତି ।

ମାନ୍ଧାତା ନାମରେ ଜଣେ ଚକ୍ରବର୍ତ୍ତୀ ରାଜା ଥିଲେ । ସେ ସମୟରେ ସମସ୍ତ ପୃଥିବୀ ଉପରେ ତାଙ୍କର ରାଜୁତି ଥିଲା । ସେ ନିଜ ରାଜ୍ୟରେ ଏହା ଯାଞ୍ଚ କରିବାକୁ ଚାହିଁଲା ଯେ ପୃଥିବୀର ଅନ୍ୟ ରାଜାମାନେ ମୋ ଅଧୀନରେ ଅଛନ୍ତି କି ନାହିଁ, ସେମାନଙ୍କ ଭିତରୁ କେହି ସ୍ୱତନ୍ତ୍ର ହେବାକୁ ଚାହୁଁଛି କି ? ତେଣୁ ରାଜା ଏକ ଚିଠି ଲେଖି ଘୋଡ଼ା ବେକରେ ବାନ୍ଧିଦେଲେ ଯେ ଯେଉଁ ରାଜକୁ ମାନ୍ଧାତା ରାଜାଙ୍କର ପରାଧୀନତା ସ୍ୱୀକାର ନୁହେଁ ସେ ଏହି ଘୋଡ଼ାକୁ ଧରିବା ସହିତ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଉ । ରାଜାଙ୍କ ପାଖରେ ୭୨ କୋଟି ସୈନ୍ୟ ଥିଲେ । ସେହି ଘୋଡ଼ା ସହିତ ଶହ ଶହ ସୈନିକ ମଧ୍ୟ ପୃଥିବୀ ଭ୍ରମଣରେ ବାହାରିଲେ । ପୃଥିବୀ ସାରା ବୁଲିବା ପରେ ମଧ୍ୟ କୌଣସି ରାଜା ସେହି ଘୋଡ଼ାକୁ ଧରିଲା ନାହିଁ ।ଏଥିରୁ ସ୍ପଷ୍ଟ ହେଲା ଯେ ସାରା ପୃଥୀର ଛୋଟ-ଛୋଟ ରାଜା ନିଜର ଚକ୍ରବର୍ତ୍ତୀ ଶାସକର ଅଧୀନରେ ଅଛନ୍ତି । ଘୋଡ଼ା ସହିତ ଯେତେ ସୈନ୍ୟ ଥିଲେ ସମସ୍ତେ ଖୁସିରେ ଫେରୁଥିଲେ । ଫେରିବା ରାସ୍ତାରେ ଚୂଣକ ଋଷିଙ୍କ କୁଟୀର ପଡିଥିଲା । ଚୂଣକ ଋଷି ଅନ୍ୟ ଘୋଡ଼ା ପିଠିରେ ବସିଥିବା ସୈନିକମାନଙ୍କୁ ପଚାରିଲା, ଆରେ ସୈନିକଗଣ !କୁଆଡ଼େ ଯାଇଥିଲ ? ଏହି ଘୋଡ଼ା ପିଠିରେ କେହି ବସି ନାହାନ୍ତି କାହିଁକି ? ସୈନିକମାନେ ଋଷିଙ୍କୁ ସବୁକଥା ଜଣାଇଲେ । ସବୁ ଶୁଣି ସାରିବା ପରେ ଋଷି ପଚାରିଲା, କ'ଣ କୌଣସି ରାଜା ମାନ୍ଧାତା ରାଜାଙ୍କ ଯୁଦ୍ଧ ସ୍ୱୀକାର କଲେ ନାହିଁ ? ସୈନିକମାନେ ପ୍ରଶ୍ନ କଲେ, କାହା ବାହୁରେ ଯଦି ଦମ୍ ଅଛି, ଯଦି ମାଆ କ୍ଷୀର କେହି ପିଇଛ ତେବେ ଆମ ରାଜା ସହିତ ଯୁଦ୍ଧ କର ? ଆମ ରାଜାଙ୍କର ୭୨ କୋଟି ସୈନ୍ୟ ଅଛନ୍ତି, କେହି ତାଙ୍କ ସହିତ ଯୁଦ୍ଧ କରିବାକୁ ଯଦି ସାହସ କରନ୍ତି ତେବେ ତା ହାଡ ଭାଙ୍ଗି ଚୂନା

କରିଦେବେ ।ଏହା ଶୁଣି କାଳବ୍ରହ୍ମର ପୂଜକ ଚୁଣକ ଋଷି କହିଲେ, ଆରେ ସୈନିକଗଣ ! ଆପଣଙ୍କ ରାଜାଙ୍କ ସହିତ ଯୁଦ୍ଧ କରିବାକୁ ମୁଁ ପ୍ରସ୍ତୁତ, ମୋ କୁଟୀର ପାଖରେ ଥିବା ସେହି ଗଛରେ ଏହି ଘୋଡାକୁ ବାନ୍ଧି ଦିଅ ।ଏହାଶୁଣି ସୈନିକ ମାନେ କହିଲେ, ଆରେ କାଙ୍ଗାଳ ! ତୋ ପାଖରେ ଖାଇବା ପାଇଁ ଦାନା ନାହିଁ, ମାନ୍ଧାତା ରାଜା ସହିତ ତୁ କି ଯୁଦ୍ଧ କରିବୁ ? ନିଜ ଭକ୍ତି ପ୍ରତି ଧ୍ୟାନ ଦେ, ଅଯଥାରେ ବିପଦକୁ କାହିଁକି ଆମନ୍ତ୍ରଣ କରୁଛୁ । ଋଷି କହିଲା, ଯାହାହେବ ଦେଖାଯିବ, ତୁମ ରାଜାକୁ କହିଦିଅ ଯେ ଆପଣଙ୍କ ସହିତ ଯୁଦ୍ଧ କରିବା ପାଇଁ ଚୁଣକ ଋଷି ପ୍ରସ୍ତୁତ ଅଛି । ରାଜାକୁ ଏକଥା ଜଣା ପଡ଼ିବା ପରେ ରାଜା ଭାବିଲା ଯେ ଆଜି ଏକ କାଙ୍ଗାଳ ଋଷି ଯୁଦ୍ଧ କରିବାକୁ ସାହସ କରିଛି, କାଲି ହୁଏତ ଆଉ କେହି ସାହସ କରିପାରେ ତେଣୁ ବିପଦକୁ ଆରମ୍ଭରୁ ସମାପ୍ତ କରିଦେବା ଉଚିତ୍ । ରାଜା ଏହିକଥା ଚିନ୍ତାକରି ଗୋଟିଏ ବ୍ୟକ୍ତିକୁ ମାରିବା ତଥା ଅନ୍ୟମାନଙ୍କୁ ଭୟଭୀତ କରିବା ପାଇଁ ୭୨ କୋଟି ସେନାକୁ ଚାରି ଭାଗ କରି ଋଷି ସହିତ ଯୁଦ୍ଧ କରିବାକୁ ପ୍ରଥମେ ଗୋଟିଏ ଭାଗରେ ଥିବା ୧୮କୋଟି ସୈନ୍ୟଙ୍କୁ ପଠାଇଲା । ଏପଟେ କାଳବ୍ରହ୍ମର ପୂଜକ ଚୁଣକ ଋଷି ତା' ସିଦ୍ଧି ଶକ୍ତି ବଳରେ ଚାରୋଟି ପୁତୁଳା(ମୂର୍ତ୍ତୀ/ପ୍ରତୀମା) ଅର୍ଥାତ୍ ପରମାଣୁ ବୋମା ପ୍ରସ୍ତୁତ କଲା । ଗୋଟିଏ ପୁତଳା ଛାଡ଼ିଲା ଯାହା ୧୮ କୋଟି ସୈନଙ୍କୁ ସମାପ୍ତ ଦେଲା । ରାଜା ପୁଣି ଆଉ ଗୋଟିଏ ସୈନ୍ୟଦଳ ପଠାଇଲା, ଚୁଣକ ଋଷି ଦ୍ୱିତୀୟ ପୁତୁଳା ଛାଡ଼ିଲା । କାଳବ୍ରହ୍ମର ପୂଜକ ଚୁଣକ ଋଷି ଏହିଭଳି ମାନ୍ଧାତା ରାଜାର ୭୨ କୋଟି ସୈନ୍ୟଙ୍କୁ ବିନାଶ କରିଦେଲା ।

ବିଚାର କରନ୍ତୁ :- ଋଷି-ମହର୍ଷିମାନଙ୍କୁ ରାଜାମାନଙ୍କ କର୍ଯ୍ୟକଳାପରେ ମୁଣ୍ଡ ପୁରାଇବା ଅନୁଚିତ୍ କାରଣ ଋଷିମାନେ ପରମାତ୍ମା ପ୍ରାପ୍ତି ପାଇଁ ହଜାର-ହଜାର ବର୍ଷ ପର୍ଯ୍ୟନ୍ତ ଓଁ ମନ୍ତ୍ରର ଜପ କଲେ କିନ୍ତୁ ପରମାତ୍ମା ପ୍ରାପ୍ତି ହେଲା ନାହିଁ କାରଣ ଗୀତା ଅଧ୍ୟାୟ୧୧ଶ୍ଳୋକ ୪୭-୪୮ରେ ଲେଖାଅଛି ଯେ ବେଦ(ଚାରିବେଦ ଯଥା ଋଗବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ)ରେ ବର୍ଣ୍ଣିତ ଭକ୍ତିବିଧି ଦ୍ୱାରା ବ୍ରହ୍ମ ପ୍ରାପ୍ତି ହୁଏ ନାହିଁ । ପ୍ରତିବଦଳରେ ସେହି ଋଷିମାନଙ୍କୁ ସିଦ୍ଧି ପ୍ରାପ୍ତି ହୋଇଯାଏ କିନ୍ତୁ ଅଜ୍ଞାନତା କାରଣରୁ ସେହି କୁହେଳିକାକୁ ସେମାନେ ଭକ୍ତିର ଉପଲବ୍ଧି ଭାବେ ସ୍ୱୀକାର କଲେ । ପୁଣି ଭକ୍ତି କରି ମଧ୍ୟ ସେମାନେ ସେହି ଶ୍ରେଷ୍ଠ ପଦକୁ ପ୍ରାପ୍ତ କରି ପାରିଲେ ନାହିଁ ଯେଉଁଠିକୁ ଯିବାପରେ ସାଧକକୁ ପୁନର୍ବାର ଜନ୍ମ ନେବାକୁ ପଡିନଥାଏ । ଏ ବିଷୟରେ ସେହି ଋଷିମାନଙ୍କର ଜ୍ଞାନ ନଥିଲା କାରଣ ସେତେବେଳେ ସେମାନଙ୍କୁ ତତ୍ତ୍ୱଦର୍ଶୀ ସନ୍ତ ମିଳନଥିଲେ । ସୂକ୍ଷ୍ମବେଦରେ କୁହାଯାଇଛି ଯେ :-

କବୀର ଗୁରୁ ବିନ କାହୁ ନା ପାୟା ଜ୍ଞାନା,ଜ୍ୟୌଁ ଥୋଥା ଭୂଷ ଛଡ଼େ ମୁଢ କିସାନା ।
ଗୁରୁ ବିନ ବେଦ ପଢ଼େ ଜୋ ପ୍ରାଣୀ, ସମଝେ ନା ସାର ରହେ ଅଜ୍ଞାନୀ ।।
ଗରୀବ, ବହତର କ୍ଷୌଣୀ ଖା ଗୟା, ଚୁଣକ ଋଷିଶ୍ୱର ଏକ ।
ଦେହ ଧାରେଁ ଜୌରା ଫିରେଂ, ସବହୀ କାଳ କେ ଭେଷ ।।

ଭାବାର୍ଥ :- ତତ୍ତ୍ୱଦର୍ଶୀ ସନ୍ତଙ୍କୁ ଗୁରୁ ରୂପେ ନ ପାଇଥିବା କାରଣରୁ ସାଧକ ଯେଉଁ ସାଧନା କରିଥାଏ ତାହା ଶାସ୍ତ୍ରବିଧି ତ୍ୟାଗ ପୂର୍ବକ ମନମୁଖୀ ଆଚରଣ ହୋଇଥାଏ ଯାହାଦ୍ୱାରା ସାଧକଙ୍କୁ କୌଣସି ଲାଭ ମିଳି ନଥାଏ । ଗୀତା ଅଧ୍ୟାୟ୧୬ ଶ୍ଳୋକ୨୩-୨୪ରେ ପ୍ରମାଣ ଅଛି ଯେ ହେ ଭାରତ ! ଯେଉଁ ସାଧକ ଶାସ୍ତ୍ରବିଧିକୁ ତ୍ୟାଗ କରି ମନମୁଖୀ ଆଚରଣ କରିଥାଏ ତାକୁ ନା ସୁଖ ମିଳିଥାଏ, ନା ସେ କୌଣସି ସିଦ୍ଧି ପ୍ରାପ୍ତ କରିଥାଏ, ନା ତା'ର ଗତି ଅର୍ଥାତ୍ ମୋକ୍ଷ ହୋଇଥାଏ । ବର୍ତ୍ତମାନ ତୋ ପାଇଁ ଶାସ୍ତ୍ର ହିଁ ପ୍ରମାଣ ଯେ କେଉଁ ସାଧନା କରିବା ଉଚିତ୍ ଏବଂ କେଉଁ ସାଧନା କରିବା ଅନୁଚିତ୍ ।

ଗୁରୁ ବିନା ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ତଙ୍କ ବିନା ଯେତେ ବେଦ ପଢଲେ ବା ମୁଖସ୍ଥ କଲେ ମଧ୍ୟ ବେଦର ଗୁଢ ରହସ୍ୟକୁ ବୁଝି ହୁଏ ନାହିଁ ଯେପରି ପୂର୍ବକାଳରେ ବ୍ରାହ୍ମଣମାନେ ବେଦମନ୍ତ୍ରକୁ ମନେ ରଖୁଥିଲେ । ଯେଉଁମାନେ ଚାରିବେଦକୁ ମୁଖସ୍ତ କରୁଥିଲେ ସେମାନେ ଚର୍ତୁବେଦୀ କୁହାଯାଉଥିଲା ଏବଂ ଯେଉଁମାନେ ତିନିବେଦକୁ ମନେ ରଖୁଥିଲେ ସେମାନଙ୍କୁ ତ୍ରିବେଦୀ କୁହାଯାଉଥିଲା କିନ୍ତୁ ବେଦରେ

ଥିବା ଗୁଢ଼ ରହସ୍ୟ ବିଷୟରେ ଜ୍ଞାନ ନହେବା କାରଣରୁ ସେହି ଋଷିମାନେ ବେଦକୁ ପଢ଼ି ମୁଖସ୍ଥ କରି ମଧ୍ୟ ଅଜ୍ଞାନୀ ରହିଗଲେ । ସୂକ୍ଷ୍ମବେଦରେ କହିଛନ୍ତି ଯେ:-

"ପୀଠ ମନ୍ଥୁଖାଦାଖ ଲଦିହେ, ଉଁଟ ଖାତ ବବୁଲ୍"

ଭାବାର୍ଥ ଏହା ଯେ ପୂର୍ବକାଳରେ ବେପାରୀମାନେ ମରୁଭୂମିରେ ଓଟ ପିଠିରେ କିଶ୍‌ମିଶ୍ ଲଦି ବିଭିନ୍ନ ସ୍ଥାନରୁ ନେଇ ଯାଉଥିଲେ । ଓଟ ନିଜ ପିଠି ଉପରେ ଏତେ ସ୍ୱାଦିଷ୍ଟ କିଶ୍‌ମିଶ୍ ଲଦି ଚାଲିଥାଏ କିନ୍ତୁ ନିଜେ ବବୁଲ ଗଛର କଣ୍ଟକିତ ଡାଳରେ ମୁହଁ ମାରି ସେହି ପତ୍ର ଖାଇଥାଏ । ଠିକ୍ ଏହିଭଳି ସେତେବେଳର ଋଷିମାନେ ଚାରିବେଦ ରୂପକ କିଶ୍‌ମିଶ୍ ବସ୍ତାକୁ ପିଠିରେ ଲଦି ବୁଲୁଥିଲେ କିନ୍ତୁ କାଳବ୍ରହ୍ମ ରୂପୀ ବବୁଲ ଗଛର ପୂଜା କରୁଥିଲେ ଯାହା ଦ୍ୱାରା ସେମାନଙ୍କୁ ନା ସନାତନ ପରମଧାମ ନା ପରମଶାନ୍ତି ପ୍ରାପ୍ତ ହେଉଥିଲା । ପୁଣି ସୂକ୍ଷ୍ମବେଦରେ କହିଛନ୍ତି ଯେ:-

ବଞ୍ଜାରେ କେ ବୈଲ ଜ୍ୟୋଁ, ଫିରା ଦେଶ-ବିଦେଶ ।
ଖାଣ୍ଡ ଛୋଡ଼ ଭୁଷ ଖାତ ହୈ, ବିନ ସତଗୁରୁ ଉପଦେଶ ।।

ଭାବାର୍ଥ ଏହା ଯେ ପୂର୍ବକାଳରେ ବଞ୍ଜାରା ଅର୍ଥାତ୍ ବେପାରୀମାନେ ବଳଦ ପିଠିରେ ଖାଣ୍ଡ (ଚିନିବସ୍ତା) ଲଦି ଗାଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେବା ଆଣିବା କରୁଥିଲେ । ବଳଦ ପିଠିରେ ଚିନିବସ୍ତା ଲଦା ହୋଇଥାଏ କିନ୍ତୁ ବଳଦ ନିଜେ କୁଣ୍ଡା ଓ ପାଳ ଆଦି ଖାଇଥାଏ । ଏହିଭଳି ଗୁରୁଙ୍କ ଦ୍ୱାରା ତତ୍ତ୍ୱଜ୍ଞାନ ନ ମିଳିଥିବା କାରଣରୁ ସେହି ଋଷିମାନେ ବେଦ ରୂପକ ମିଶ୍ରିକୁ ମୁଖସ୍ଥ କରିଥିଲେ କିନ୍ତୁ ଭାବାର୍ଥ ଠିକ୍‌ରେ ନ ବୁଝିପାରି ବେଦ ବିରୁଦ୍ଧ ସାଧନା କରୁଥିଲେ ।

ଉଦାହରଣ ସ୍ୱରୂପ :-

ଶ୍ରୀ ଦେବୀ ପୁରାଣ (ସଚିତ୍ର ମୋଟ ଟାଇପ୍, କେବଳ ହିନ୍ଦୀ ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ)ର ୫ମ ସ୍କନ୍ଦ ପୃଷ୍ଠା ୪୧୪ରେ ଲେଖାଅଛି:- ବେଦବ୍ୟାସ କହିଲେ, ସତ୍ୟଯୁଗର ବ୍ରାହ୍ମଣମାନେ ବେଦର ପୂର୍ଣ୍ଣଜ୍ଞାନୀ ଥିଲେ । ସେମାନେ ଦେବୀ ଅର୍ଥାତ୍ ଶ୍ରୀଦୁର୍ଗାଙ୍କର ପୂଜା କରୁଥିଲେ । ପ୍ରତ୍ୟେକ ଗାଁରେ ଶ୍ରୀ ଦେବୀଙ୍କର ମନ୍ଦିର ନିର୍ମାଣ ପାଇଁ ସେମାନଙ୍କର ପ୍ରବଳ ଇଚ୍ଛା ଥିଲା ।

ପାଠକଗଣ ବିଚାର କରନ୍ତୁ :-

ଚାରିବେଦ ଓ ବେଦର ସାରାଂଶ ଶ୍ରୀମଭାଗବତ୍ ଗୀତାରେ କେଉଁଠାରେ ମଧ୍ୟ ଦେବୀଙ୍କ ପୂଜା ପାଇଁ ନିର୍ଦ୍ଦେଶ ନାହିଁ ତେଣୁ ସତ୍ୟଯୁଗର ବ୍ରାହ୍ମଣମାନଙ୍କର ବେଦ ବିଷୟରେ କେଉଁ ଜ୍ଞାନ ଥିଲା ତାହା ଆପଣ ବିଚାର କରନ୍ତୁ । ଏହି ଶ୍ରୀ ଦେବୀପୁରାଣର ୭ମ ସ୍କନ୍ଦର ପୃଷ୍ଠା ୫୬୨, ୫୬୩ ରେ ଶ୍ରୀ ଦେବୀ, ରାଜା ହିମାଳୟଙ୍କୁ କହିଛନ୍ତି ଯେ ତୁ ମୋ ପୂଜା ମଧ୍ୟ ପରିତ୍ୟାଗ କରିଦେ । ଯଦି ବ୍ରହ୍ମ ପ୍ରାପ୍ତି ଚାହୁଁଛୁ ତେବେ ଅନ୍ୟ ସମସ୍ତ ବିଷୟକୁ ତ୍ୟାଗ କରି କେବଳ ଓମ୍ (ଓଁ) ଜପ କର । ଏହା ବ୍ରହ୍ମର ମନ୍ତ୍ର ଅଟେ । ଏହାଦ୍ୱାରା ବ୍ରହ୍ମ ପ୍ରାପ୍ତି ହେବୁ । ବ୍ରହ୍ମଲୋକ ରୂପୀ ଦିବ୍ୟ ଆକାଶରେ ସେହି ବ୍ରହ୍ମ ରୁହେ । ପାଠକଗଣ ସହଜରେ ବୁଝିଯିବେ ଯେ ଯଦି ସତ୍ୟଯୁଗର ବ୍ରାହ୍ମଣମାନଙ୍କର ଏହି ଜ୍ଞାନ ଥିଲା ଏବଂ ଏହିଭଳି ସାଧନା ସେମାନେ କରୁଥିଲେ ତେବେ ବର୍ତ୍ତମାନର ବ୍ରାହ୍ମଣମାନଙ୍କର କେଉଁ ଜ୍ଞାନ ଥିବ ? ଏହି ଶ୍ରୀ ଦେବୀ ପୁରାଣର ୫ମ ସ୍କନ୍ଦର ପୃଷ୍ଠା ୪୧୪ରେ ଏହା ମଧ୍ୟ ଲେଖାଅଛି ଯେ ସତ୍ୟଯୁଗରେ ଯେଉଁମାନେ ରାକ୍ଷସ ଥିଲେ ସେମାନେ କଳିଯୁଗରେ ବ୍ରାହ୍ମଣ କଥିତ ହେବେ । ବ୍ରାହ୍ମଣ କୌଣସି ସ୍ୱତନ୍ତ୍ର ଜାତି ନୁହଁ । ଯିଏ ପରମାତ୍ମା ଅର୍ଥାତ୍ ବ୍ରହ୍ମଙ୍କୁ ପ୍ରାପ୍ତି ପାଇଁ ଯତ୍ନଶୀଳ ସେ ଯେଉଁ ଜାତିର ହୋଇଥାଉନା କାହିଁକି ତାଙ୍କୁ ବ୍ରାହ୍ମଣ କୁହାଯିବ । ବର୍ତ୍ତମାନ ସମୟରେ ପରମ୍ପରାଗତ ବ୍ରାହ୍ମଣ ବହୁତ କମ ଅଛନ୍ତି । ସନ୍ଥ ରୂପରେ ବ୍ରହ୍ମଜ୍ଞାନ ଦେଉଥିବା ବ୍ୟକ୍ତି ଅଧିକ ଅଛନ୍ତି ଯେଉଁମାନେ ବ୍ରାହ୍ମଣ ଅର୍ଥାତ୍ ମାର୍ଗଦର୍ଶକ ଗୁରୁ ରୂପେ ପରିଚିତ ଏବଂ ସେମାନେ ତତ୍ତ୍ୱଜ୍ଞାନହୀନ ଅଟନ୍ତି । ତେଣୁ କୁହାଯାଇଛି ଯେ ବିନା ତତ୍ତ୍ୱଦର୍ଶୀ ଗୁରୁରେ ବେଦରେ ଥିବା ଗୁଢ଼ ରହସ୍ୟର କାହାକୁ ଜ୍ଞାନ ହେଲା ନାହିଁ ଯେଉଁ କାରଣରୁ ସେମାନେ ବେଦ ପଢୁଥିଲେ ସତ କିନ୍ତୁ ସାଧନା କରୁଥିଲେ ବେଦ ବିରୁଦ୍ଧରେ । ବେଦ ଓ ଗୀତାରେ ତିନି ଦେବତା (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବ)ଙ୍କ ପୂଜା କରିବାକୁ ମନା

ଅଛି । ଜ୍ଞାନହୀନ ସନ୍ଥମାନେ ସର୍ବ ହିନ୍ଦୁସମାଜକୁ ଏହି ତିନି ଦେବତାଙ୍କ ଭକ୍ତିରେ କେନ୍ଦ୍ରିଭୁତ କରି ରଖିଛନ୍ତି ଏବଂ ଶ୍ରୀ ଦେବୀ ଦୁର୍ଗା, ବିଷ୍ଣୁ ଓ ଶିବଙ୍କର ଭକ୍ତି ନିଜେ କରୁଛନ୍ତି ଓ ସର୍ବ ହିନ୍ଦୁ ସମାଜ ଦ୍ୱାରା କରାଉଛନ୍ତି । ପ୍ରାରମ୍ଭରୁ ଏହି ଲୋକବେଦ (ଦନ୍ତକଥା)ଜ୍ଞାନ ଆମ୍ଭ ସମାଜରେ ପ୍ରଚଳିତ ଅଛି ଯାହା ମୋ ସମ୍ମୁଖରେ ଏକ ବଡ଼ ପାଚେରୀ ସଦୃଶ ଛିଡ଼ା ହୋଇଛି । ମୁଁ ଶାସ୍ତ୍ରୋକ୍ତ ଜ୍ଞାନ କହିବା ସହିତ ପ୍ରୋଜେକ୍ଟର ମାଧ୍ୟମରେ ପ୍ରମାଣ ଦେଖାଉଛି କିନ୍ତୁ ସେମାନେ ପୂର୍ବର ସେହି ଅସତ୍ୟ ଜ୍ଞାନକୁ ସତ୍ୟ ମାନି ବାସ୍ତବିକତାକୁ ଆଖି ସମ୍ମୁଖରେ ଦେଖି ବିଶ୍ୱାସ କରିବା ପରିବର୍ତ୍ତେ ବିରୋଧ କରି ମୋତେ ଜେଲ୍ ପଠାଉଛନ୍ତି ।

ସୁକ୍ଷ୍ମବେଦରେ କୁହାଯାଇଛି ଯେ :-

ଗରୀବ ବେଦ ପଢ଼େ ପର ଭେଦ ନା ଜାଣେ, ବାଁଚେ ପୁରାଣ ଅଠାର ।
ପଥ୍ଥର କୀ ପୂଜା କରେ, ବିସରେ ସିରଜନହାରା ।।

ଭାବାର୍ଥ ଏହା ଯେ ଏହି ଭକ୍ତ ସମାଜ ବେଦ ଓ ଅଠରପୁରାଣ ପଢ଼ି ମଧ୍ୟ ମୂର୍ତ୍ତୀ ପୂଜା କରୁଛନ୍ତି । ବେଦ ବର୍ଣ୍ଣିତ ସମସ୍ତଙ୍କର ସୃଷ୍ଟିକର୍ତ୍ତା ପରମ ଅକ୍ଷର ବ୍ରହ୍ମଙ୍କୁ ଭୁଲି ଯାଇଛନ୍ତି । ଅନ୍ୟ ପ୍ରଭୁମାନଙ୍କର ପୂଜାକରି ପରମଶାନ୍ତି ଓ ସନାତନ ପରମଧାମ ଅର୍ଥାତ୍ ପରମେଶ୍ୱରଙ୍କର ସେହି ପରମପଦକୁ ପ୍ରାପ୍ତ କରିବାରୁ ବଞ୍ଚିତ ହେଉଛନ୍ତି ଯେଉଁ ବିଷୟରେ ଗୀତା ଅଧ୍ୟାୟ ୧୮ ଶ୍ଳୋକ ୬୨ ଓ ଅଧ୍ୟାୟ ୧୫ ଶ୍ଳୋକ ୪ ରେ କୁହାଯାଇଛି । ସୂକ୍ଷ୍ମବେଦରେ ତାହା ଲେଖାଅଛି ଯେ:-

ଗୁରୁଓ୍ୱାଂ ଗାମ ବିଗାଡ଼େ ସନ୍ତୋ, ଗୁରୁଓ୍ୱାଂ ଗାମ ବିଗାଡ଼େ ।
ଔସେ କର୍ମ, ଜୀବକେ ଲା ଦିଏ, ଫିର ଝଡ଼ୀଁ ନହୀଁ ଝାଡ଼େ ।।

ଭାବାର୍ଥ ଏହା ଯେ ବେଦ ଜ୍ଞାନହୀନ, ତତ୍ତ୍ୱଜ୍ଞାନ ସହ ଅପରିଚିତ ଗୁରୁମାନେ ପ୍ରତ୍ୟେକ ଗାଁ'ରେ ଶାସ୍ତ୍ର ଓ ଭକ୍ତିବିରୁଦ୍ଧ ଜ୍ଞାନ ଶୁଣାଇ ସେମାନଙ୍କୁ ଏତେ ପରିମାଣରେ ଭ୍ରମିତ କରି ଦେଇଛନ୍ତି ଯେ ବର୍ତ୍ତମାନ ଯେତେ ବୁଝାଇଲେ ମଧ୍ୟ ଶାସ୍ତ୍ରବିରୁଦ୍ଧ ସାଧନା ପରିତ୍ୟାଗ କରିବା ପାଇଁ କେହି ପ୍ରସ୍ତୁତ ହେଉନାହାଁନ୍ତି ।

ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩ରେ ଲେଖାଅଛି ଯେ ଶାସ୍ତ୍ରବିଧିକୁ ତ୍ୟାଗ କରି ମନମୁଖୀ ଆଚରଣ କରିବା ଦ୍ୱାରା ନା ସିଦ୍ଧି ମିଳିଥାଏ ନା ମୁକ୍ତି ମିଳିଥାଏ ଅର୍ଥାତ୍ ଏହି ସାଧନା ବ୍ୟର୍ଥ ଅଟେ ।

ଅନ୍ୟପଟେ ଆପଣମାନେ ଚୁଣକ ଋଷିଙ୍କ କଥା ପଢ଼ିଲେ ଯେ ଚୁଣକ ଋଷିକୁ କିଛି ସିଦ୍ଧି ପ୍ରାପ୍ତି ହୋଇଗଲା । ପାଠକଗଣ ଏହା ବୁଝିବା ଆବଶ୍ୟକ ଯେ ସିଦ୍ଧି ହେଉଛି ଭକ୍ତିର ବାଇପ୍ରଡ଼ାକୁ ଯେପରି ଯ'ର ମଧ୍ୟ ନଡା (ପାଳ) ବାହାରେ ଯାହା ଧାରୁଆ ହୋଇଥାଏ । ପଶୁ ତାକୁ ଖାଇବା ଦ୍ୱାରା ସେମାନଙ୍କ ପାଟିରେ କ୍ଷତ ସୃଷ୍ଟି ହୋଇଥାଏ ଯାହା ଚୁଣକ ଋଷିକୁ ମିଳିଲା ।

ଶାସ୍ତ୍ରବିଧି ଅନୁସାରେ ଭକ୍ତି ଦ୍ୱାରା ଯେଉଁ ସିଦ୍ଧି ପ୍ରାପ୍ତ ହୋଇଥାଏ ତାହ ଧାନଗଛ (ନଡା/ କୁଟା) ଭଳି ଯାହା ପଶୁମାନଙ୍କ ପାଇଁ ଉପଯୋଗୀ ତଥା ଖାଇବା ପାଇଁ ସରଳ ହୋଇଥାଏ ।

ଭାବାର୍ଥ ଏହା ଯେ ଶାସ୍ତ୍ରବିଧି ଅନୁସାରେ ସାଧନା ନ କରିବା ଦ୍ୱାରା ଯେଉଁ ସିଦ୍ଧି ପ୍ରାପ୍ତି ହୋଇଥାଏ ତାହା ସାଧକକୁ ଲାଭ ଦେବା ପରିବର୍ତ୍ତେ ଅନିଷ୍ଟ କରିଥାଏ କାରଣ ଅଜ୍ଞାନତାବଶତଃ ଋଷିମାନେ ସେଗୁଡ଼ିକୁ ପ୍ରୟୋଗ କରି ଅନ୍ୟର ଅନିଷ୍ଟ କରିଦିଅନ୍ତି । କାହାକୁ ଆଶୀର୍ବାଦ ଦେଇ ନିଜ ଭକ୍ତିଶକ୍ତି ଯାହା ଓଁ ନାମ ମନ୍ତ୍ରଜପ ଦ୍ୱାରା ଉପାର୍ଜିତ ହୋଇଥାଏ ତାହ ସମାପ୍ତ କରି ପୁଣି ଶୁନ୍ୟହସ୍ତ ହୋଇଯାନ୍ତି ।

ଯେପରି ଚୁଣକ ଋଷି ଚକ୍ରବର୍ତ୍ତୀ ରାଜା ମାନ୍ଧାତାର ୭୨ କୋଟି ସୈନିକଙ୍କର ବିନାଶ କରିଦେଲେ, ନିଜ ଉପାର୍ଜିତ ଭକ୍ତିସିଦ୍ଧି ମଧ୍ୟ ହରାଇଲେ । ସୂକ୍ଷ୍ମବେଦରେ କୁହାଯାଇଛି ଯେ:-

ଗରୀବ ବହତର କ୍ଷୌଣୀ କ୍ଷୟ କରୀ, ଚୁଣକ ଋଷିଶ୍ୱର ଏକ ।
ଦେହ ଧାରେଁ ଜୌରା (ମୃତ୍ୟୁ) ଫିରୌଁ, ସବ ହୀ କାଳ କେ ଭେଷ ।।

ଭାବାର୍ଥ :- ଋଷିମାନଙ୍କ ମଧ୍ୟରେ ଶ୍ରେଷ୍ଠ ଚୁଣକ ଋଷି ମାନ୍ଧାତା ରାଜାଙ୍କ ୭୨ କୋଟି ସେନାର ବିନାଶ କରିଦେଲେ, ଏମାନେ ବାହ୍ୟରୁ ମହାନ ମହାତ୍ମା ଭଳି ଜଣାପଡନ୍ତି କିନ୍ତୁ ନିଜ ଉପରକୁ ଯେତେବେଳେ ବିପଦ ଆସେ ସେତେବେଳେ ସଙ୍ଗେ ସଙ୍ଗେ ସର୍ପ ରୂପ ଁଧାରଣ କରନ୍ତି, ଛୋଟ ଛୋଟ କଥାରେ ରାଗିଯାଇ ଅଭିଶାପ ଦେବା ଓ ବିନା କାରଣରେ ଅନ୍ୟ ସହିତ ଲଢିବା ଏମାନଙ୍କ ପାଇଁ ସାଧାରଣ କଥା ଅଟେ ।

''ଦୁର୍ବାସା ଋଷିଙ୍କ କୃତ୍ୟ''

ଦୁର୍ବାସା ନାମକ ଜଣେ ଋଷି କାଳବ୍ରହ୍ମର ପୂଜକ (ବ୍ରହ୍ମ ସାଧକ) ଥିଲେ । ଏକଦା ସେ ରାସ୍ତାରେ ଯାଉଥିବା ସମୟରେ ଜଣେ ଅପ୍‌ସରା (ସ୍ୱର୍ଗର ମହିଳା)ଙ୍କୁ ଭେଟିଲେ ଯିଏ ସୁନ୍ଦର ମୋତି ହାରଟିଏ ପିନ୍ଧିଥିଲେ । ଋଷି ଦୁର୍ବାସା କହିଲେ ଯେ ମୋତେ ଏହି ହାରଟିକୁ ଦେଇଦିଅ । ଦେବପରୀଙ୍କୁ ଏକଥା ଜଣା ଥିଲା ଯେ ଋଷିମାନେ ସର୍ପ ସ୍ୱଭାବର ଅଟନ୍ତି ତେଣୁ ହାର ଦେବା ପାଇଁ ଯଦି ମନା କରିଦେବି ତେବେ ଋଷି ସଙ୍ଗେ ସଙ୍ଗେ ଅଭିଶାପ ଦେଇ ଦେବେ । ଏହି କଥା ଚିନ୍ତା କରି ଅପ୍‌ସରା ତୁରନ୍ତ ହାରଟିକୁ ନିଜ ବେକରୁ କାଢ଼ି ଆଦରର ସହିତ ଋଷିଙ୍କୁ ଦେଇଦେଲେ । ଦୁର୍ବାସା ଋଷି ସେହି ହାରଟିକୁ ନିଜ ଜଟାରେ ଗୁଡ଼ାଇ ଦେଇ ଆଗକୁ ଅଗ୍ରସର ହେଲେ । ସମ୍ମୁଖରୁ ସ୍ୱର୍ଗର ରାଜା ଇନ୍ଦ୍ର ନିଜ ଐରାବତ ହାତୀ ଉପରେ ବସି ଆସୁଥିଲେ । ଅପସରା ଓ ଗନ୍ଧର୍ବମାନେ ଗୀତ ଗାଇ ବାଜା ବଜାଇ ଇନ୍ଦ୍ରଙ୍କ ଆଗେ ଆଗେ ଚାଲିଥାନ୍ତି । ସମ୍ମାନାର୍ଥେ କୋଟି-କୋଟି ଦେବୀ-ଦେବତା ମଧ୍ୟ ସେମାନଙ୍କ ସହିତ ଚାଲିଥାନ୍ତି । ଏହି ସମୟରେ ଦୁର୍ବାସା ଋଷି ସେହି ହାରଟିକୁ ନିଜ ଜଟାରୁ କାଢ଼ି ଇନ୍ଦ୍ରଙ୍କ ଆଡ଼କୁ ଫିଙ୍ଗି ଦେଲେ । ଇନ୍ଦ୍ର ସେହି ହାରଟିକୁ ହାତୀ ବେକ ଉପରେ ରଖିଦେଲେ । ହାତୀ ନିଜ ଶୁଣ୍ଢ ଦ୍ୱାରା ସେହି ହାରଟିକୁ ତଳକୁ ଫିଙ୍ଗିଦେଲା । (ଇନ୍ଦ୍ର ହାତୀ ଉପରେ ବସିଥିବା ସମୟରେ କୌଣସି ଭକ୍ତ ବା ଅନ୍ୟ ଦେବତା ତାଙ୍କୁ ଉପହାର ଆକାରରେ ଯଦି ଫୁଲମାଳ ଆଦି ଦେଇଥାନ୍ତି ସେହି ଉପହାରକୁ ଇନ୍ଦ୍ର ହାତୀ ବେକ ଉପରେ ରଖିଦେଇଥାନ୍ତି ।) ହାତୀ ନିଜ ଶୁଣ୍ଢ ଦ୍ୱାରା ତୁରନ୍ତ ସେହି ଉପହାରକୁ ତଳକୁ ପିଙ୍ଗି ଦେଇଥାଏ । ହାତୀ ସେହି ରୁଟୀନ୍ ଅନୁସାରେ ହାରଟିକୁ ତଳକୁ ଫିଙ୍ଗି ଦେଲା ।

ଏହା ଦେଖି ଋଷ ଦୁର୍ବାସା ଅତ୍ୟନ୍ତ କ୍ରୋଧିତ ହୋଇଗଲେ ଏବଂ କହିଲେ, ରେ ଇନ୍ଦ୍ର ! ରାଜ ପଦବୀର ବହୁତ ଅଭିମାନ ତୋର ହୋଇଯାଇଛି । ମୋ ଦ୍ୱାରା ଦିଆ ଯାଇଥିବା ହାରକୁ ତୁ ଅନାଦର କରିଛୁ । ମୁଁ ଅଭିଶାପ ଦେଉଛି, ତୋର ସମସ୍ତ ରାଜ୍ୟ ନଷ୍ଟ ହୋଇଯାଉ । ଏକଥା ଶୁଣି ଦେବରାଜ ଇନ୍ଦ୍ର ଭୟରେ ଥରିବାକୁ ଲାଗିଲେ ଏବଂ କହିଲେ, ହେ ବିପ୍ର ! ମୁଁ ଆପଣଙ୍କ ହାରକୁ ଆଦରର ସହିତ ଗ୍ରହଣ କରି ହାତୀ ଉପରେ ରଖି ଦେଇଥିଲି । ହାତୀ ତା କର୍ତ୍ତବ୍ୟ କରିବାକୁ ଯାଇ ହାରଟିକୁ ତଳକୁ ଫିଙ୍ଗିଦେଲା, ମୋତେ କ୍ଷମା କରି ଦିଅନ୍ତୁ । ଇନ୍ଦ୍ର ବାରମ୍ବାର ହାତଯୋଡ଼ି ପ୍ରାର୍ଥନା କରୁଥାନ୍ତି, ହାତୀ ପିଠିରୁ ତଳକୁ ଓହ୍ଲାଇ ଦଣ୍ଡବତ ପ୍ରଣାମ କରି କ୍ଷମା ମଧ୍ୟ ମାଗିଲେ, ମାତ୍ର ଦୁର୍ବାସା ଋଷି କିଛି ଶୁଣିଲେ ନାହିଁ ଏବଂ କହିଲେ, ମୁଁ ଯାହା କହି ଦେଇଛି ତାହା ଫେରାଇ ପାରିବି ନାହିଁ । କିଛି ଦିନ ଭିତରେ ରାଜା ଇନ୍ଦ୍ରଙ୍କର ସର୍ବନାଶ ହୋଇଗଲା, ସ୍ୱର୍ଗ ଉଜୁଡ଼ି ଗଲା ।

ଝଏକଦା ଋଷି ଦୁର୍ବାସା ଦ୍ୱାରୀକା ନଗରୀ ନିକଟସ୍ଥ ଏକ ଜଙ୍ଗଲରେ କିଛି ଦିନ ପାଇଁ ରହିଥିଲେ । ଦ୍ୱାରୀକାବାସୀ ଏକଥା ଜାଣି ପାରିଲେ ଯେ ଦୁର୍ବାସା ଋଷି ସେମାନଙ୍କ ନଗରୀ ନିକଟକୁ ଆସିଛନ୍ତି । ସେ ତ୍ରିକାଳଦର୍ଶୀ ମହାତ୍ମା ତଥା ସିଦ୍ଧି ଯୁକ୍ତ ଋଷି ଅଟନ୍ତି । ଦ୍ୱାରୀକାବାସୀ ଭାବୁଥିଲେ ଯେ ଶ୍ରୀ କୃଷ୍ଣଙ୍କ ଠାରୁ ଅଧିକ ଶକ୍ତିଶାଳୀ କେହି ନାହାନ୍ତି । ଶ୍ରୀ କୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ସହିତ କିଛି ଯାଦବ ମିଶି ଏକ ଯୋଜନା ପ୍ରସ୍ତୁତ କରି ନିଜ ଭିତରେ ଆଲୋଚନା କଲେ ଯେ ଶୁଣିବାକୁ ପାଉଛୁ କି ଦୁର୍ବାସା ଋଷି ତ୍ରିକାଳଦର୍ଶୀ ଅଟନ୍ତି, ସେ ମନ କଥା ମଧ୍ୟ କହି ଦେଇପାରନ୍ତି, ଅନ୍ତର୍ଯ୍ୟାମୀ ଅଟନ୍ତି, ଚାଲ ସମସ୍ତେ ତାଙ୍କ ପରୀକ୍ଷା ନେବା । ଏହି ବିଚାର କରି ପ୍ରଦ୍ୟୁମ୍ନକୁ ଏକ ଗର୍ଭବତୀ ସ୍ତ୍ରୀ ରୂପରେ ସଜାଇ ଦଶ-ବାରଜଣ ବ୍ୟକ୍ତି ଦୁର୍ବାସାଙ୍କ ନିକଟକୁ ଗଲେ । ସେମାନଙ୍କ ମଧ୍ୟରୁ ଜଣକୁ ସେହି

ଗର୍ଭବତୀ ସ୍ତ୍ରୀର ସ୍ୱାମୀ କଲେ । ଦୁର୍ବାସା ଋଷିଙ୍କ ପାଖକୁ ଯାଇ କହିଲେ ଯେ ଋଷିବର ! ବହୁତ ଦିନ ପରେ ଏହି ମହିଳାଙ୍କ ଉପରେ ପରମାତ୍ମାଙ୍କର କୃପା ହେଲା, ଇଏ ଗର୍ଭବତୀ ଅଟନ୍ତି, ଏହି ବ୍ୟକ୍ତି ତାଙ୍କର ସ୍ୱାମୀ ଅଟନ୍ତି । ଗର୍ଭରେ ପୁଅ ଅଛି ନା ଝିଅ ଏହା ଜାଣିବା ପାଇଁ ଦୁହେଁ ବ୍ୟତିବ୍ୟସ୍ତ ହେଉଛନ୍ତି । ଆପଣ ତ ଅନ୍ତର୍ଯ୍ୟାମୀ, କୃପାକରି କୁହନ୍ତୁ । ସେମାନେ ପ୍ରଦ୍ୟୁମ୍ନର ପେଟ ଉପରେ ଏକ କଢ଼େଇ ବାନ୍ଧି ତା'ଉପରେ କପା ଓ ପୁରୁଣା ଲୁଗାରେ ତିଆରି ଏକ ଗଣ୍ଠିଲି ବାନ୍ଧି ଉପରୁ ନାରୀ ବସ୍ତ୍ର ପିନ୍ଧାଇ ରଖିଥିଲେ । ଜଣା ପଡୁଥିଲା ସତେ ଯେପରି ଗର୍ଭବତୀ ନାରୀ । ଋଷି ଦୁର୍ବାସା ତାଙ୍କ ସିଦ୍ଧି ଶକ୍ତି (ଦିବ୍ୟଦୃଷ୍ଟି) ବଳରେ ଦେଖିଲେ ଏବଂ ଜାଣି ପାରିଲେ ଯେ ଏମାନେ ମୋ ସହିତ ଥଟ୍ଟା-ମଜା କରିବା ପାଇଁ ଆସିଛନ୍ତି । କ୍ରୋଧିତ ହୋଇ ସଙ୍ଗେ ସଙ୍ଗେ ଅଭିଶାପ ଦେଲେ ଯେ ଏହି ଗର୍ଭ ଯାଦବ କୁଳର ବିନାଶର କାରଣ ହେବ, ଏତିକି କହି କୋପାନଳ ହୋଇଗଲେ । ସମସ୍ତେ ସେଠାରୁ ପଳାୟନ କରିବାକୁ ଲାଗିଲେ ।

ଦ୍ୱାରୀକା ନଗରୀରେ ଏହି କଥା ନିଆଁ ଭଳି ବ୍ୟାପିଗଲା ଯେ ଦୁର୍ବାସା ଋଷି ଏହି ଅଭିଶାପ ଦେଇଛନ୍ତି ଯେ ଯାଦବକୁଳର ବିନାଶ ହେବ । ନଗରବାସୀଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଆମ୍ଭମାନଙ୍କ ସହିତ ସର୍ବ ଶକ୍ତିମାନ ଭଗବାନ ଅଖିଳ ବ୍ରହ୍ମାଣ୍ଡର ନାୟକ ଶ୍ରୀକୃଷ୍ଣ ଅଛନ୍ତି । ତେଣୁ ଦୁର୍ବାସା ଋଷିଙ୍କ ଅଭିଶାପର ପ୍ରଭାବ ଆମ ଉପରେ ପଡ଼ିବ ନାହିଁ । ତଥାପି କେତେକ ବୁଦ୍ଧିମାନ ଯାଦବ ଏକାଠି ହୋଇ ଶ୍ରୀକୃଷ୍ଣଙ୍କ ନିକଟକୁ ଗଲେ ତଥା ଋଷି ଦୁର୍ବାସାଙ୍କ ସହିତ ପିଲାମାନେ କରିଥିବା ଥଟ୍ଟା-ମଜା ଘଟଣା ଏବଂ ଋଷି ଦୁର୍ବାସା ଦେଇଥିବା ଅଭିଶାପ ବିଷୟରେ ସର୍ବ ବୃତ୍ତାନ୍ତ ଶୁଣାଇଲେ । ସମସ୍ତ ବାର୍ତ୍ତା ଶୁଣି ଶ୍ରୀକୃଷ୍ଣ ଜୀ କିଛି ସମୟ ଚିନ୍ତାକରି କହିଲେ ଯେ ସେହି ପିଲାମାନଙ୍କୁ ସାଥିରେ ନେଇ ଦୁର୍ବାସା ଋଷିଙ୍କ ପାଖକୁ ଯାଅ ଏବଂ କ୍ଷମା ପ୍ରାର୍ଥନା କର । ଏହିକଥା ମାନି ସେମାନେ ଦୁର୍ବାସାଙ୍କ ପାଖକୁ ଗଲେ, କ୍ଷମା ପ୍ରାର୍ଥନା କଲେ, ପରନ୍ତୁ ଦୁର୍ବାସା କହିଲେ ଯେ ଯାହା ମୁଁ କହିସାରିଛି, ତାହା ଆଉ ଫେର ପାରିବ ନାହିଁ ।

ସମସ୍ତ ବ୍ୟକ୍ତି ଶ୍ରୀକୃଷ୍ଣଙ୍କ ନିକଟକୁ ପୁନର୍ବାର ଯାଇ ସବୁ କଥା ଜଣାଇଲେ । ସେଦିନ ଦ୍ୱାରୀକା ନଗରୀରେ କାହା ଘରେ ଭୋଜନ ପ୍ରସ୍ତୁତ ହେଲା ନାହିଁ । ସର୍ବ ନଗରୀ ଚିନ୍ତାମଗ୍ନ ହୋଇଗଲା । ଶ୍ରୀକୃଷ୍ଣଜୀ କହିଲେ, ଚିନ୍ତା କାହିଁକି କରୁଛ । ଗର୍ଭ ରୂପରେ ଯେଉଁ ବସ୍ତୁକୁ ବ୍ୟବହାର କରାଯାଇଥିଲା, ସେହି ବସ୍ତୁ ଦ୍ୱାରା ଆମ୍ଭମାନଙ୍କର ବିନାଶ ହେବ ବୋଲି ସେ କହିଛନ୍ତି । ଏପରି କର, ଲୁଗାପଟା ଓ କପା ଗଣ୍ଠିଲି ଆଦିକୁ ଜଳାଇ ଦିଅ । ପ୍ରଭାସ କ୍ଷେତ୍ର (ଯମୁନା ନଦୀ କୂଳରେ ଥିବା ଏକ ସ୍ଥାନର ନାମ)କୁ ଯାଇ ଲୁହା କଡେଇକୁ ପଥରରେ ଘସି ଯମୁନା ନଦୀରେ ଫିଙ୍ଗି ଦିଅ । ସେହିଠାରେ ବସି ଘର୍ଷଣ କର, ଲୁହା ଗୁଣ୍ଡଗୁଡ଼ିକୁ ସେହିଠାରେ ନଦୀ ଜଳ ମଧ୍ୟକୁ ଫିଙ୍ଗିଦିଅ, ପାଉଁଶ ମଧ୍ୟ ଫିଙ୍ଗିଦିଅ । ''ନା ରହେଗା ବାଁଶ, ନା ବଜେଗୀ ବାଁସୁରୀ'' । ଗର୍ଭରେ ବ୍ୟବହୃତ ବସ୍ତୁଗୁଡ଼ିକ ନ ରହିଲେ ଆମ୍ଭମାନଙ୍କର ବିନାଶ ହେବ କେମିତି ? ଏହି ଉପାୟଟି ଦ୍ୱାରିକାବାସୀଙ୍କୁ ବହୁତ ଭଲ ଲାଗିଲା ଏବଂ ସେମାନେ ବିପଦ ମୁକ୍ତ ହୋଇଗଲେ ବୋଲି ଭାବିଲେ । ଶ୍ରୀ କୃଷ୍ଣଙ୍କ ଆଦେଶ ଅନୁସାରେ ସବୁ କରାଗଲା । କଢ଼େଇର ଏକ ବଳାକୁ ସମ୍ପୂର୍ଣ୍ଣ ରୂପେ ଘସାଯାଇ ପାରିଲା ନାହିଁ, ବଳାଟିକୁ ସେମିତି ଯମୁନା ନଦୀ ମଧ୍ୟକୁ ଫିଙ୍ଗିଦେଲେ । ଚକ୍-ମକ୍ କରୁଥିବା ଖାଦ୍ୟ ଭାବି ଏକ ମାଛ ଏହାକୁ ଖାଇଦେଲା । ବାଲିୟା ନାମକ ଏକ ଶବର ସେହି ମାଛଟିକୁ ଧରିନେଲା । ମାଛଟିକୁ କାଟିଲା ବେଳକୁ ସେଥିରୁ ଏକ ଧାତୁ ବାହାରିଲା । ଯାଞ୍ଚ କରି ସେହି ଧାତୁଟିକୁ ନିଜ ତୀରର ଅଗ୍ରଭାଗରେ ବିଷଯୁକ୍ତ କରି ଲଗାଇ ପାଇଁ ସ୍ଥିର କଲା ଏବଂ ତାକୁ ସାଇତି ରଖିଲା । ଘସିବା ପରେ କଢ଼େଇରୁ ବାହାରିଥିବା ଲୁହା ଗୁଣ୍ଡକୁ ସେମାନେ ପାଣିରେ ପକାଇ ଦେଇଥିଲେ ଯାହା ଲମ୍ବା ନଳ ପରି ଘାଷ ରୂପରେ ଯମୁନା ନଦୀର କୂଳେ-କୂଳେ ଉତ୍ପନ୍ନ ହୋଇଗଲା ।

ଅଳ୍ପ କିଛି ଦିନ ପରେ ଦ୍ୱାରୀକା ନଗରୀରେ ଉତ୍ପାତ ଆରମ୍ଭ ହୋଇଗଲା । ଛୋଟ-ଛୋଟ କଥାକୁ ନେଇ ନିଜ-ନିଜ ଭିତରେ ହଣା-ମରା ଆରମ୍ଭ ହେଲା । ପରସ୍ପର ମଧ୍ୟରେ ଶତ୍ରୁତା

ବଢ଼ିଚାଲିଲା । ନଗରବାସୀଙ୍କର ଏଭଳି ଅବସ୍ଥା ଦେଖି କିଛି ଗଣମାନ୍ୟ ବ୍ୟକ୍ତି ଭଗବାନ ଶ୍ରୀ କୃଷ୍ଣଙ୍କ ନିକଟକୁ ଗଲେ ଏବଂ ନଗରୀରେ ଘଟୁଥିବା ସମସ୍ତ ଘଟଣା ବିଷୟରେ ଜଣାଇଲେ ତଥା ସମସ୍ୟାର କାରଣ ଓ ସମାଧାନର ରାସ୍ତା ବିଷୟରେ ମଧ୍ୟ ଜାଣିବାକୁ ଇଚ୍ଛା ବ୍ୟକ୍ତ କଲେ କାରଣ ଶ୍ରୀ କୃଷ୍ଣ ଯାଦବ ଓ ପାଣ୍ଡବମାନଙ୍କର ଆଧ୍ୟାତ୍ମିକ ଗୁରୁ ଥିଲେ । ଗୁରୁଙ୍କ ଦ୍ୱାରା ହିଁ ସଙ୍କଟର ନିବାରଣ କରାଯାଇଥାଏ । ଶ୍ରୀକୃଷ୍ଣ ସେମାନଙ୍କୁ କାରଣ ଜଣାଇ କହିଲେ ଯେ ଦୁର୍ବାସା ଋଷିଙ୍କର ଅଭିଶାପ ଏବେ ଫଳୁଛି ଏବଂ ସମାଧାନ ଏହା ଯେ ସମସ୍ତ ପୁରୁଷ (Male) ଯାଦବ (ଆଜି ଯିଏ ଜନ୍ମ ହେଇଥିବ ସେ ମଧ୍ୟ) ସେହି ପ୍ରଭାସ କ୍ଷେତ୍ରକୁ ଯାଅ, ଯମୁନା ନଦୀରେ ଯେଉଁଠାରେ ଲୁହା କଢ଼େଇର ଚୂର୍ଣ୍ଣ ଫିଙ୍ଗା ଯାଇଥିଲା, ସେଠାକୁ ଯାଇ ସ୍ନାନ କରିବା ଦ୍ୱାରା ତୁମ୍ଭେମାନେ ଅଭିଶାପରୁ ମୁକ୍ତ ହୋଇଯିବ । ସମସ୍ତ ଦ୍ୱାରୀକାବାସୀ ଶ୍ରୀକୃଷ୍ଣଙ୍କ ଆଦେଶ ପାଳନ କଲେ । ସମସ୍ତ ପୁରୁଷ ଯାଦବ, ଅଭିଶାପ ମୁକ୍ତ ହେବା ପାଇଁ ପ୍ରଭାସ କ୍ଷେତ୍ରକୁ ସ୍ନାନ କରିବା ପାଇଁ ଗଲେ । ଦୁର୍ବାସା ଋଷିଙ୍କ ଅଭିଶାପ କାରଣରୁ ସମସ୍ତ ଯାଦବ ସାମୁହିକ ଭାବେ ଏକତ୍ରିତ ହେଲେ । ପ୍ରଥମେ ସ୍ନାନ କରିବାକୁ ଯୋଜନା କଲେ । ହୁଏତ ସ୍ନାନ କରି ଅଭିଶାପ ମୁକ୍ତ ହୋଇଯିବା ପରେ ପରସ୍ପର ମଧ୍ୟରେ ଥିବା ମନମାଳିନ୍ୟତା ଦୂର ହୋଇଯିବ । କିନ୍ତୁ ଏଭଳି କିଛି ବି ହେଲା ନାହିଁ । ପ୍ରଥେମ ସମସ୍ତେ ସ୍ନାନ କଲେ, ତା'ପରେ ନିଜ-ନିଜ ମଧ୍ୟରେ ଗାଳିଗୁଳଜ କରିବା ଆରମ୍ଭ କରିଦେଲେ । ପୁଣି ସେହି ଘାସକୁ ଉପାଡ଼ି ପରସ୍ପରକୁ ମାରିବା ଆରମ୍ଭ କରିଦେଲେ । ଲୁହା କଡେଇର ଚୂର୍ଣ୍ଣ ପଡି ଯେଉଁ ଘାସ ଉଠିଥିଲା ତାହା ଖଣ୍ଡା ଭଳି କାର୍ଯ୍ୟ କରିବାକୁ ଲାଗିଲା । ଧାରୁଆ ଘାସ ଦ୍ୱାରା ପ୍ରହାର କରିବା ମାତ୍ରେ ହିଁ ମୁଣ୍ଡ ଗଣ୍ଡିରୁ ଅଲଗା ହୋଇ ତଳେ ପଡ଼ିବାକୁ ଲାଗିଲା । ଏହିଭଳି ସମସ୍ତ ଯାଦବ ନିଜ-ନିଜ ମଧ୍ୟରେ ଲଢ଼େଇ କରି ମୃତ୍ୟୁକୁ ପ୍ରାପ୍ତ ହେଲେ । ଦୁଇ-ଚାରିଶହ ଯାଦବ ଅବଶିଷ୍ଟ ରହି ଯାଇଥିବା ସମୟରେ ଶ୍ରୀକୃଷ୍ଣ ମଧ୍ୟ ସେଠାରେ ପହଞ୍ଚିଗଲେ । ସେ ମଧ୍ୟ ସେହି ଘାସକୁ ଉପାଡ଼ିବାକୁ ଲାଗିଲେ ଏବଂ ସେହି ଧାରୁଆ ନଳଘାସ ହଠାତ୍ ଲୁହାର ମୂଷଳ ହୋଇଗଲା । ଶେଷକୁ ବଞ୍ଚିଯାଇଥିବା ନିଜ କୁଳର ବ୍ୟକ୍ତିମାନଙ୍କୁ ଶ୍ରୀକୃଷ୍ଣ ସ୍ୱୟଂ ହତ୍ୟା କଲେ ।

ଏହା ପରେ ଶ୍ରୀକୃଷ୍ଣଜୀ ଏକ ବୃକ୍ଷ ତଳେ ବିଶ୍ରାମ କରିବାକୁ ଲାଗିଲେ । ଇତି ମଧ୍ୟରେ ଦୈବାତ୍ ସେହି ବାଲୀୟା ଶବର ଯିଏ ସେହି ଲୁହା କଢ଼େଇର ବଳା(କଢ଼ା)କୁ ବ୍ୟବହାର କରି ବିଷାକ୍ତ ତୀର(Arrow) ତିଆରି କରିଥିଲା, ସେହି ତୀରକୁ ଧରି ସେ ଶିକାର ଅନୁସନ୍ଧାନରେ ସେହି ସ୍ଥାନ ନିକଟକୁ ଆସିଲା ଯେଉଁଠି ଶ୍ରୀକୃଷ୍ଣ ବିଶ୍ରାମ କରୁଥିଲେ । ଶ୍ରୀକୃଷ୍ଣଙ୍କ ଡ଼ାହାଣ ଗୋଡ଼ର ପାଦ ତଳେ ଗୋଟିଏ ପଦ୍ମ ଚିହ୍ନ ଥିଲା । ସେହି ପାଦ ଶହେ ୱାଟ୍‌ର ବଲ୍‌ବ ଭଳି ଚମକୁ ଥିଲା । ବୃକ୍ଷର ଡାଳ ସବୁ ତଳ ପର୍ଯ୍ୟନ୍ତ ଓହଳି ଥିଲା । ସେହି ଗହଳିଆ ଡ଼ାଳ ଭିତରେ ପଦ୍ମର ଚମକ ସ୍ପଷ୍ଟ ଭାବେ ଦେଖା ଯାଉନଥିଲା । ବାଳିୟା ଶବର ଭାବିଲା, ବୋଧହୁଏ ଏହା କୌଣସି ହରିଣର ଆଖି, ତେଣୁ ଶୀକାର କରିବା ଉଦ୍ଦେଷ୍ୟରେ ତୀର ଚାଳନା କଲା । ତୀରଟି ଶ୍ରୀକୃଷ୍ଣଙ୍କ ପାଦକୁ ଭେଦ କରିବା ପରେ ଶ୍ରୀକୃଷ୍ଣଜୀ ଚିତ୍କାର କରି କହିଲେ, ମରିଗଲିରେ, ମରିଗଲି । ବାଳୀଆ ଶବରକୁ ଆଭାସ ହେଲା ଯେ ତୀର କୌଣସି ବ୍ୟକ୍ତିଙ୍କ ଶରୀରକୁ ବିଦ୍ଧ କରିଛି । ଦୌଡିଯାଇ ଦେଖେ ତ ଦ୍ୱାରୀକାଧୀଶ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ବାଲୀୟା କହିଲା, ହେ ମହାରାଜ ! ମୁଁ ଭୁଲରେ ତୀର ମାରିଦେଇଛି । ଆପଣଙ୍କ ପାଦର ଚମକକୁ ହରିଣର ଆଖି ଭାବି ମୁଁ ତୀର ମାରିଦେଲି । ମୋ ଦ୍ୱାରା ମସ୍ତବଡ଼ ଭୁଲ୍ ହୋଇଗଲା । କ୍ଷମା ଦିଅନ୍ତୁ ମହାରାଜ ! ଶ୍ରୀ କୃଷ୍ଣ କହିଲେ କିଛି ବି ଭୁଲ ହୋଇନାହିଁ । ଏହା ତୋର ଆଉ ମୋର ପୂର୍ବ ଜନ୍ମର ହିସାବ କିତାବ ଯାହା ମୁଁ ସୁଝି ଦେଲି । ତୁ ତ୍ରେତୟା ଯୁଗରେ ସୁଗ୍ରୀବର ଭାଇ ବାଳୀ ଥିଲୁ ମୁଁ ଦଶରଥଙ୍କ ପୁତ୍ର ରାମଚନ୍ଦ୍ର ଥିଲି । ମୁଁ ମଧ୍ୟ ସେହି ଜନ୍ମରେ ଏକ ବୃକ୍ଷ ଆଡୁଆଳରେ ଲୁଚି ତୋତେ ଅନ୍ୟାୟରେ ମାରିଥିଲି, ତୁ ସେହି ଅନ୍ୟାୟର ପ୍ରତିଶୋଧ ନେଲୁ (Tit for tat) ।

ଏହିଭଳି ଭାବେ ଦୁର୍ବାସା ଋଷିଙ୍କ ଅଭିଶାପରୁ ଯାଦବ କୂଳର ବିନାଶ ହେଲା । ବର୍ତ୍ତମାନ ସମୟରେ ଯେଉଁ ଯାଦବମାନେ ଅଛନ୍ତି ସେମାନେ ସେହି ନରସଂହାର ସମୟରେ ନିଜ ମାତୃ ଗର୍ଭରେ

ବ୍ରହ୍ମ ଲୋକର ଲଘୁଚିତ୍ର

ନିରାକାର ଜ୍ୟୋତି
ମହାଶିବ ଶୃଙ୍ଗେରେ ଲାଳ
ଭବୋଗୁଣୀ ସ୍ୱଣ୍ଣାଳ ଖେଳ
ଦୁର୍ଗା ଲୋକ
ଚଳଲୀ ଅଗମ ଲୋକ
ଚଳଲୀ ଅଲଖ ଲୋକ
ଚଳଲୀ ସତ୍ୟଲୋକ
ମହାଭଗବାନ ଦ୍ୱାର
ଶ୍ରୀ ଶ୍ରୀ ଶ୍ରୀ

ଥିଲେ, ପରେ ସେମାନଙ୍କର ଜନ୍ମ ହୋଇଥିଲା ।

ସୂକ୍ଷ୍ମ ବେଦରେ ଲେଖାଅଛି :-*ଗରୀବ୍, ଦୁର୍ବାସା କୋପେ ତହାଁ, ସମଝ୍ ନ ଆଇ ନୀଚ୍ ।*
ଛପ୍ପନ କରୋଡ଼ ଯାଦବ କଟେ, ମଚୀ ରୂଧୀର କୀ କୀଚ୍ ।।

ସରଳାର୍ଥ:- ଋଷି ଦୁର୍ବାସା ପିଲାମାନଙ୍କର ଥଟ୍ଟା-ମଜା ପ୍ରତି ଏତେ ଅସହିଷ୍ଣୁ ହୋଇଗଲେ ଯେ ସେମାନଙ୍କ ବଂଶ ବିନାଶ କରିବା ପାଇଁ ଅଭିଶାପ ଦେଇଦେଲେ । ସେହି ନୀଚ ଦୁର୍ବାସା ଋଷି ଥରେ ମାତ୍ର ଚିନ୍ତାକଲେ ନାହିଁ ମୋ ଅଭିଶପର ପରିଣାମ କ'ଣ । ଘଟଣାଟି ଅତି ସାଧାରଣ ଥିଲା, କିନ୍ତୁ ନୀଚ ଦୁର୍ବାସା ଋଷି ଏତେ ଅନ୍ୟାୟ କରିଦେଲେ ଯେ ଛପନ କୋଟି ଯାଦବ ହଣାକଟା ହୋଇ ମୃତ୍ୟୁବରଣ କଲେ । ରକ୍ତ ପ୍ରବାହିତ ହୋଇ କାଦୁଅରେ ପରିଣତ ହୋଇଗଲା ।

ଏହି ପ୍ରକାରେ ଚୁଣକ ଋଷି ବିନା କାରଣରେ ଶତ୍ରୁତା ଭାବ ଅପଣାଇ ମାନ୍ଧାତା ରାଜାର ୭୨ କୋଟି ସେନାର ସଂହାର କରିଦେଲେ ।

ଋକପିଳ ନାମକ ଜଣେ ଋଷି ଥିଲେ, ଯାହାଙ୍କୁ ଭଗବାନ ବିଷ୍ଣୁଙ୍କ ୨୪ ଅବତାର ମଧ୍ୟରୁ ଗୋଟିଏ ଅବତାର ବୋଲି କୁହାଯାଏ, ସେ ତପସ୍ୟାରତ ଥିଲେ ।

ସଗଡ଼ ନାମକ ଜଣେ ରାଜା ଥିଲା । ତାଙ୍କର ୬୦ ହଜାର ପୁତ୍ର ଥିଲେ । କେହି ଜଣେ ଋଷି କହିଲେ ଯେ ଯଦି ଗୋଟିଏ ପୋଖରୀ, ଗୋଟିଏ କୂଅ ଓ ଗୋଟିଏ ବଗିଚା ନିର୍ମାଣ କରାଯିବ ତେବେ ତାହା ଗୋଟିଏ ଅଶ୍ୱମେଘ ଯଜ୍ଞ ସମାନ ଫଳ ଦେବ । ସଗଡ଼ ରାଜାର ପୁଅମାନେ ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରିଦେଲେ । ବୁଦ୍ଧିଜୀବିମାନେ ସେମାନଙ୍କୁ କହିଲେ ଯେ ଆପଣମାନେ ଯଦି ବିଭିନ୍ନ ସ୍ଥାନରେ ଏମିତି ପୋଖରୀ, କୂଅ, ବଗିଚା ଆଦି ନିର୍ମାଣ କରିବେ ତେବେ ପୃଥିବୀରେ ଅନ୍ନ ଉତ୍ପନ୍ନ କରିବା ପାଇଁ ଆଉ ସ୍ଥାନ ରହିବ ନାହିଁ । କୌଣସି ରାଜା ଏହାକୁ ବିରୋଧ କରିବାରୁ ତା ସହିତ ଲଢିବାକୁ ଲାଗିଲେ । ସଗଡ଼ ରାଜାର ସନ୍ତାନମାନେ ଗୋଟିଏ ଘୋଡ଼ାକୁ ସାଥିରେ ଧରି ଚାଲିଲେ । ଘୋଡା ବେକରେ ଗୋଟିଏ ଚିଠି ଲେଖି ବାନ୍ଧିଦେଲେ । ଚିଠିରେ ଏହା ଲେଖାଥିଲା ଯେ ଯଦି କେହି ଆମ୍ଭମାନଙ୍କ କାର୍ଯ୍ୟରେ ବାଧା ଦେବାକୁ ଚାହୁଁଛି ତେବେ ଏହି ଘୋଡ଼ାକୁ ଧରିନେଉ ଏବଂ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଉ । ସେହି ପାଗଳମାନଙ୍କ ସହିତ କିଏ ଲଢିବ ? ପୃଥିବୀ ଦେବୀ, ଭଗବାନ ବିଷ୍ଣୁଙ୍କ ପାଖକୁ ଗଲେ । ଗୋଟିଏ ଗାଈର ରୂପ ଧାରଣ କରି କହିଲେ ଯେ ହେ ଭଗବାନ ! ପୃଥିବୀରେ ସଗଡ଼ ନାମକ ଜଣେ ରାଜା ଅଛି । ତା'ର ୬୦ହଜାର ପୁତ୍ର ଅଛନ୍ତି । ସେମାନଙ୍କ ମୁଣ୍ଡରେ ଏପରି ଭୂତ ପଶିଛି ଯେ ମୋ ବକ୍ଷକୁ ସେମାନେ ବିଭିନ୍ନ ସ୍ଥାନରେ ଖୋଳି ପକାଉଛନ୍ତି ଯାହା ଦ୍ୱାରା ମନୁଷ୍ୟମାନଙ୍କ ଭୋଜନ ପାଇଁ ଅନ୍ନ ଉତ୍ପନ୍ନରେ ବାଧା ଉପୁଜିବ । ଏକଥା ଶୁଣି ଭଗବାନ ବିଷ୍ଣୁ କହିଲେ ଯେ ତୁମେ ଯାଅ ! ସେମାନେ ଆଉ କିଛି କରିବେ ନାହିଁ । ଭଗବାନ ବିଷ୍ଣୁ, ଦେବରାଜ ଇନ୍ଦ୍ରଙ୍କୁ ଡ଼କାଇଲେ ଏବଂ କହିଲେ ଯେ ସଗଡ଼ ରାଜାର ୬୦ ହଜାର ପୁତ୍ର ଯଜ୍ଞ କରୁଛନ୍ତି । ଯଦି ସେମାନଙ୍କର ୧୦୦ ଯଜ୍ଞ ସମ୍ପୂର୍ଣ୍ଣ ହୋଇଯିବ ତେବେ ତୁମ ଇନ୍ଦ୍ରଗାଦୀ ସେମାନଙ୍କୁ ଦେବାକୁ ପଡ଼ିବ । ସମୟ ଥାଉ ଥାଉ କିଛି ଯଦି କରିପାରିବ ତେବେ କର । ଇନ୍ଦ୍ର ନିଜ ଦୂତମାନଙ୍କୁ ସମସ୍ତ କଥା ବୁଝାଇ ପଠାଇଲେ । ରାତିରେ ସଗଡ ରାଜାର ପୁତ୍ରମାନେ ଶୋଇ ପଡ଼ିଥିଲେ । ଘୋଡ଼ାଟିକୁ ଗଛରେ ବାନ୍ଧି ରଖିଥିଲେ । ରାଜା ଇନ୍ଦ୍ରଙ୍କ ଦୂତମାନେ ଘୋଡ଼ାଟିକୁ ଖୋଲି କପିଳ ତପସ୍ୱୀଙ୍କ ଜଙ୍ଘରେ ବାନ୍ଧି ଦେଲେ । କପିଳ ଋଷି ଅନେକ ବର୍ଷରୁ ତପସ୍ୟାରତ ଥିଲେ ତେଣୁ ତାଙ୍କ ଶରୀର ଅସ୍ଥି-ପିଞ୍ଜରା ଯୁକ୍ତ ହୋଇ ଯାଇଥିଲା । ପଦ୍ମାସନରେ ବସିଥିଲେ, ଗୋଡ଼ ଦୁଇଟି ସରୁ ହୋଇଯାଇଥିଲା । ଯେପରି ବର୍ଷା ହେଲେ ଗଛର ଚେରରୁ ମାଟି ଧୋଇ ହୋଇଯାଇଥାଏ ଏବଂ ଚେରଗୁଡ଼ିକ ମଝିରେ ୬-୭ ଇଞ୍ଚର ଫାଙ୍କ (Gap) ସୃଷ୍ଟି ହୋଇଯାଇଥାଏ, କପିଳ ଋଷିଙ୍କ ଗୋଡ଼ ସେହି ଭଳି ହୋଇ ଯାଇଥିଲା । ଇନ୍ଦ୍ର ରାଜାଙ୍କ ଦୂତମାନେ କପିଳ ଋଷିଙ୍କ ଗୋଡ ଭିତରେ ଦଉଡି ପୁରାଇ ଜଙ୍ଘରେ ଘୋଡ଼ାଟିକୁ ବାନ୍ଧିଦେଲେ ।

ସଗଡ଼ ରାଜାର ପୁଅମାନେ ସକାଳୁ ଉଠି ଦେଖନ୍ତି ତ ଘୋଡ଼ା ନାହିଁ । ଯୁଦ୍ଧର ପ୍ରସ୍ତୁତି କରି

ଘୋଡ଼ା ଅନ୍ୱେଷଣରେ ୬୦ ହଜାର ପଟୁଆର ବାହାରିଲା । ଘୋଡ଼ାର ପାଦ ଚିହ୍ନକୁ ଅନୁଶରଣ କରି ସେମାନେ କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଗଲେ । ନିଜ ଜଙ୍ଘରେ ଘୋଡ଼ାକୁ ବାନ୍ଧି ରଖିଥିବାର ଦେଖି ସଗଡ଼ ରାଜାର ପୁତ୍ରମାନେ କପିଳ ଋଷିଙ୍କ କାଖକୁ (ଦୁଇ ବାହୁ ତଳେ ଥିବା କାଖକୁ ହରିୟାଣା ଭାଷାରେ ହିଁଖ କୁହାଯାଏ) ଭାଲୀ ଦ୍ୱାରା ଆଘାତ କଲେ । କପିଳ ଋଷିଙ୍କ ଆଖିପତାର ବାଳ ଏତେ ଲମ୍ବା ହୋଇଯାଇଥିଲା ଯେ ତାହ ମାଟିକୁ ସ୍ପର୍ଶ କରୁଥିଲା । ଯନ୍ତ୍ରଣା ଅନୁଭବ ହେବାରୁ ଋଷି କ୍ରୋଧାନ୍ୱିତ ହୋଇ ଲମ୍ବା ଆଖି ବାଳଗୁଡିକୁ ହାତରେ ଟେକିଲେ, ଦୁଇ ଆଖିରୁ ଅଗ୍ନିବାଣ ନିର୍ଗତ ହେବାକୁ ଲାଗିଲା । ୬୦ ହଜାର ପୁତ୍ରଙ୍କୁ ନେଇ ଗଠିତ ସଗଡ଼ ରାଜାର ସେନାବାହିନୀ ନିମିଷକ ମଧ୍ୟରେ ପାଉଁଶ ହୋଇଗଲେ ।

ସୂକ୍ଷ୍ମ ବେଦରେ କୁହାଯାଇଛି ଯେ :- ୬୦ ହଜାର ସଗଡ଼୍ କେ ହୋତେ, କପିଳ ମୁନିଶ୍ୱର ଖାଏ ।

ଜୈ ପର୍‌ମେଶ୍ୱର କୀ କରେଁ ଭକ୍ତି, ତୋ ଅଜର ଅମର ହୋ ଯାଏ ।।
୭୨ କ୍ଷୌଣୀ ଖା ଗୟା, ଚୁଣକ୍ ଋଷିଶ୍ୱର ଏକ୍ ।
ଦେହ ଧାରେଁ ଜୌରା ଫିରୈ,ସଭୀ କାଳ କେ ଭେଷ ।।
ଦୁର୍ବାସା କୋପେ ତହାଁ, ସମଝ ନ ଆଇ ନୀଚ ।
୫୬ କରୋଡ଼ ଯାଦବ କଟେ, ମଚୀ ରୁଧିର କି କୀଚ ।।

ଭାବାର୍ଥ:- କପିଳ ମୁନି, ଚୁଣକ ଋଷି ଏବଂ ଦୁର୍ବାସା ଋଷି ସଂସାରରେ ବହୁତ ପ୍ରସିଦ୍ଧ ଅଟନ୍ତି କିନ୍ତୁ ସେମାନେ ସମସ୍ତେ ସେହି ଋଷି ରୂପଧାରୀ ଆତ୍ମା ଯେଉଁମାନେ କାଳବ୍ରହ୍ମର ଭକ୍ତି କରନ୍ତି । ସେମାନେ ମୃତ୍ୟୁର ଚଳନ୍ତି ପ୍ରତିମା । ସେମାନେ ମନୁଷ୍ୟ ରୂପୀ ବାଣ ଥିଲେ । (ବାଣ = ଏକ ଛୋଟ ମାଠିଆକୁ ତନ୍ତ୍ର ବିଦ୍ୟା ସାହାଯ୍ୟରେ ଆକାଶରେ ଉଡ଼ାଇ ଶତ୍ରୁ ଉପରେ ଛଡା ଯାଇଥାଏ ଯାହା ବହୁତ ଅନିଷ୍ଟ କରିଥାଏ) । ସରଳ ନିରୀହ ପ୍ରାଣୀମାନେ ଭୁଲବଶତଃ ଏମାନଙ୍କୁ ମହାନ ଆତ୍ମା ବୋଲି ଭାବିଥାନ୍ତି ।

ଏମାନେ ସମସ୍ତେ ଜ୍ଞାନୀ ଓ ଉଦାର ଚେତା ଥିଲେ । ପରମାତ୍ମା ପ୍ରାପ୍ତି ତଥା ନିଜର କଲ୍ୟାଣ ପାଇଁ ଏମାନେ ନିଜର ତନ-ମନ-ଧନ ଅର୍ପଣ କରି ଦେଇଥିଲେ, ପରନ୍ତୁ ତତ୍ତ୍ୱଦର୍ଶୀ ସନ୍ତ ନ ମିଳିବା କାରଣରୁ କାଳବ୍ରହ୍ମଙ୍କୁ ସାମର୍ଥ ପ୍ରଭୁ ରୂପେ ମାନି ନେବାର ଭୁଲ କରି ଦେଇଥିଲେ । ଓମ୍ (ଓଁ) ନାମ ଜପ କରିବା ସହ ସମାଧି ଲଗାଇ ଅତ୍ୟଧିକ ହଠଯୋଗ କରିଥିଲେ । ଯାହାଦ୍ୱାରା ପରମାତ୍ମା ପ୍ରାପ୍ତି ନ ହୋଇ ଓଲଟା ହାନି ହୋଇଥାଏ, କାରଣ ଏହି ସାଧନା ଶାସ୍ତ୍ରବିରୁଦ୍ଧ ଅଟେ ।

ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ରେ କୁହାଯାଇଛି ଯେ ଶାସ୍ତ୍ରବିଧିକୁ ତ୍ୟାଗ କରି ଯେଉଁମାନେ ମନମୁଖୀ ଆଚରଣ କରିଥାନ୍ତି, ସେମାନଙ୍କର ସାଧନା ବ୍ୟର୍ଥ ଅଟେ । ଏହି କାରଣରୁ ଉଦାର ଆତ୍ମାମାନେ କାଳବ୍ରହ୍ମର ଅନୁତ୍ତମ ଗତିରେ ଅଟକି ରହିଗଲେ ।

ଗୀତା ଅଧ୍ୟାୟ ୧୭ ଶ୍ଳୋକ ୫-୬ ରେ କୁହାଯାଇଛି ଯେ-

ଝଯେଉଁ ମନୁଷ୍ୟ ଶାସ୍ତ୍ରବିଧି ରହିତ କେବଳ ମନ କଳ୍ପିତ ଘୋର ତପ କରନ୍ତି ଏବଂ ଦମ୍ଭ, ଅହଙ୍କାର, କାମନା, ଆସକ୍ତି, ଅଭିମାନ ଯୁକ୍ତ ଅଟନ୍ତି । (ଗୀତା ଅଧ୍ୟାୟ ୧୭ ଶ୍ଳୋକ ୫)

ଝଶରୀରରେ ଥିବା ସମସ୍ତ କମଳରେ ସ୍ଥିତ ଦେବ ଶକ୍ତିମାନଙ୍କୁ ଏବଂ ପୂର୍ଣ୍ଣ ପରମାତ୍ମା ତଥା ମୋତେ ମଧ୍ୟ କୃଶ କରିବା ବାଲା ଅର୍ଥାତ୍ କଷ୍ଟ ଦେବା ବାଲା ଅଜ୍ଞାନୀମାନଙ୍କୁ ତୁ ଅସୁର ସ୍ୱଭାବଯୁକ୍ତ ବୋଲି ଜାଣ । (ଗୀତା ଅଧ୍ୟାୟ ୧୭ଶ୍ଳୋକ୬)

ଝଏହି ପ୍ରମାଣ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୧୭ ରୁ ୨୦ରେ ଅଛି ।

ଝ-ନିଜକୁ ଶ୍ରେଷ୍ଠ ବୋଲି ମାନୁଥିବା ସେହି ଗର୍ବୀ ପୁରୁଷମାନେ ଧନ ଓ ମାନର ନିଶାରେ ଯୁକ୍ତ ହୋଇ କେବଳ ନାମମାତ୍ର ଯଜ୍ଞ ଦ୍ୱାରା ଲୋକ ଦେଖାଣିଆ ଉପାସନା କରି ଶାସ୍ତ୍ର ବିଧି ରହିତ ପୂଜା କରିଥାନ୍ତି । (ଗୀତା ଅଧ୍ୟାୟ ୧୬ ଶ୍ଳୋକ୧୭)

ଋଅହଙ୍କାର, ବଳ, ଗର୍ବ, କାମନା ଓ କ୍ରୋଧ ଆଦିର ବଶବର୍ତ୍ତୀ ହୋଇ, ଅନ୍ୟର ନିନ୍ଦା କରୁଥିବା ପୁରୁଷ ନିଜର ତଥା ଅନ୍ୟମାନଙ୍କ ଶରୀରରେ ଅବସ୍ଥିତ ମୋ ସହିତ ଦ୍ୱେଷ କରିଥାନ୍ତି । (ଗୀତା ଅଧ୍ୟାୟ୧୬ ଶ୍ଳୋକ ୧୮)

ଋସେହି ଦ୍ୱେଷ ପରାୟଣ, ପାପୀ, କ୍ରୂର ସ୍ୱଭାବଯୁକ୍ତ ନରାଧମୋଁ ଅର୍ଥାତ୍ ନିଜ ମନୁଷ୍ୟମାନଙ୍କୁ ''ଯେଉଁମାନେ ବଚନ ଶକ୍ତି ଦ୍ୱାରା କୋଟି କୋଟି ବ୍ୟକ୍ତିଙ୍କର ହତ୍ୟା କରିଥାନ୍ତି'' ମୁଁ ସଂସାରରେ ବାରମ୍ବାର ଆସୁରୀ ଯୋନୀ ଅର୍ଥାତ୍ ରାକ୍ଷସ ଯୋନିରେ ଜନ୍ମ ଦେଇଥାଏ । (ଗୀତା ଅଧ୍ୟାୟ ୧୬ ଶ୍ଳୋକ୧୯) ସୂକ୍ଷ୍ମବେଦରେ ମଧ୍ୟ ଏମାନଙ୍କୁ ନୀଚ ବୋଲି କୁହାଯାଇଛି:-

ଦୁର୍ବାସା କୋପେ ତହାଁ, ସମଝ୍ ନ ଆଇ ନୀଚ୍ ।
୫୬ କରୋଡ଼୍ ଯାଦବ୍ କଟେ, ମଚୀ ରୂଧୀର କୀ କୀଚ୍ ।

ଋରେ ଅର୍ଜୁନ ! ସେହି ମୂଢ଼ ବ୍ୟକ୍ତିଗଣ ମୋତେ ପ୍ରାପ୍ତ ନକରି ଜନ୍ମ-ଜନ୍ମ ଧରି ରାକ୍ଷସ ଯୋନି ବା ତା'ଠାରୁ ବି ଅତି ନୀଚ ଗତି ପ୍ରାପ୍ତ କରନ୍ତି ଅର୍ଥାତ୍ ଘୋର ନର୍କରେ ପଡ଼ନ୍ତି । (ଗୀତା ଅଧ୍ୟାୟ ୧୭ଶ୍ଳୋକ୨୦)

ଉପରୋକ୍ତ ପ୍ରମାଣଗୁଡ଼ିକରୁ ପ୍ରମାଣିତ ହେଲା ଯେ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮ରେ ଗୀତା ଜ୍ଞାନଦାତା ନିଜ ସାଧନାରୁ ମିଳୁଥିବା ଗତିକୁ ଏହି କାରଣରୁ ଅନୁତ୍ତମ ଅର୍ଥାତ୍ ଅଶ୍ରେଷ୍ଠ/ନିକୃଷ୍ଟ ଆଖ୍ୟ

ଋଗୀତା ଅଧ୍ୟାୟ ୭ ଶ୍ଳୋକ ୧୮ = ଗୀତା ଜ୍ଞାନଦାତା କହିଛନ୍ତି ଯେ ଚାରି ପ୍ରକାରର ସାଧକଙ୍କ ମଧ୍ୟରୁ ଚତୁର୍ଥ ଶ୍ରେଣୀରେ ଯେଉଁ ଜ୍ଞାନୀ ସାଧକ ଅଛନ୍ତି, ସେମାନେ ସମସ୍ତେ ନିଶ୍ଚେ ଉଦାର ଆତ୍ମା ଅଟନ୍ତି କାରଣ ପରମାତ୍ମା ପ୍ରାପ୍ତି ପାଇଁ ସେମାନେ ନିଜ ଶରୀର ନଷ୍ଟ ହେବାର ଚିନ୍ତା ମଧ୍ୟ କରିନାହାଁନ୍ତି । ହଜାର-ହଜାର ବର୍ଷ ପର୍ଯ୍ୟନ୍ତ ଭୋକ-ଶୋଷରେ ସାଧନାରତ ରହିଛନ୍ତି, କିନ୍ତୁ ତତ୍ତ୍ୱଦର୍ଶୀ ସନ୍ଥ ନ ମିଳିବା କାରଣରୁ ସେମାନେ ସମସ୍ତେ ମୋ ଅନୁତ୍ତମ ଅର୍ଥାତ୍ ନିକୃଷ୍ଟ ଗତି ଅର୍ଥାତ୍ ବ୍ରହ୍ମ ସାଧନାରୁ ମିଳୁଥିବା ମୋକ୍ଷ, ଯେଉଁ ପ୍ରକାରାର ମୋକ୍ଷ ଉପରୋକ୍ତ ଋଷିମାନଙ୍କର ହେଲା, ସେହିଠାରେ ସେମାନେ ଅଟକି ଗଲେ ଅର୍ଥାତ୍ ଜନ୍ମ-ମରଣ, ଚୌରାଶୀ ଲକ୍ଷ ଯୋନି ଚକ୍ରରେ ଜନ୍ମ ନେବା ଗତିରେ ରହିଗଲେ । (ଗୀତା ଅଧ୍ୟାୟ ୭ ଶ୍ଳୋକ୧୮)

ଋ:ନିଷ୍କର୍ଷ:- ଚୁଣକ ଋଷି, ଦୁର୍ବାସା ଋଷି ଏବଂ କପିଳ ଋଷି ଯେଉଁ ଓମ୍(ଓଁ) ମନ୍ତ୍ରକୁ ଜପ କଲେ ସେହି ଭକ୍ତିର ଫଳ ସ୍ୱରୂପ ସେମାନେ କିଛିଦିନ ପାଇଁ ବ୍ରହ୍ମଲୋକକୁ ଯିବେ । ସେଠାରେ ଭକ୍ତି ରୂପକ ପୂଣ୍ୟକୁ ସମାପ୍ତ କରି ପୁନର୍ବାର ପୃଥିବୀରେ ରାଜା ହେବେ, କାରଣ ସୂକ୍ଷ୍ମବେଦରେ ଲେଖା ଅଛି:- ତପ ସେ ରାଜ, ରାଜ ମଧ ମାନମ୍, ଜନ୍ମ ତୀସରେ ଶୁକର ସ୍ୱାନମ୍ ।

ପୁଣି କୁକୁର, ଗଧ ହେବେ, ତା'ପରେ ନର୍କକୁ ଯିବେ । କୁକୁର ହେବା ସମୟରେ ସେମାନଙ୍କ ମୁଣ୍ଡରେ ପୋକ ପଡ଼ିବେ । ଏମାନଙ୍କ ଅଭିଶାପରେ ଯେଉଁ ବ୍ୟକ୍ତିମାନେ ମରିଥିଲେ, ସେହି ପାପ ଏମାନଙ୍କୁ ଭୋଗୀବାକୁ ପଡିବ, ପୋକମାନେ ଏମାନଙ୍କର ମାଂସକୁ କାମୁଡି ଖାଇବେ । ଏହି କାରଣରୁ ଗୀତାରେ ମଧ୍ୟ ଏଭଳି ସାଧକମାନଙ୍କ ବିଷୟରେ କୁହାଯାଇଛି ଯାହା ଆପଣ ଉପରେ ପଡ଼ିଲେ ।

ଋଉପରୋକ୍ତ କଥାର ସାରାଂଶ:-

୧. ବ୍ରହ୍ମ ସାଧନା ଅନୁତ୍ତମ (ନିକୃଷ୍ଟ)ଅଟେ ।

୨. ତିନି ତାପକୁ ଶ୍ରୀକୃଷ୍ଣ ମଧ୍ୟ ସମାପ୍ତ କରି ପାରିଲେ ନାହିଁ । ଅଭିଶାପ ଦେବା ତିନି (ଦୈବିକ)ତାପ ଅନ୍ତର୍ଗତ । ଶ୍ରୀକୃଷ୍ଣଙ୍କ ସହିତ ସମସ୍ତ ଯାଦବ ମଧ୍ୟ ଦୁର୍ବାସାଙ୍କ ଅଭିଶାପର ଶୀକାର ହୋଇଗଲେ ।

୩. ଅଭିଶାପ ମୁକ୍ତ ହେବା ପାଇଁ ସମାଧାନର ରାସ୍ତା କାଢି ଶ୍ରୀକୃଷ୍ଣଜୀ, ଯାଦବମାନଙ୍କୁ ଯମୁନା ନଦୀରେ ସ୍ନାନ କରିବାକୁ କହିଲେ । ଏହାଦ୍ୱାରା ଅଭିଶାପ ନାଶ ହେବା ବଦଳରେ ଯାଦବକୁଳର ବିନାଶ ଅବଶ୍ୟ ହୋଇଗଲା । ବିଚାର କରନ୍ତୁ :- ଯେଉଁ ଅନ୍ୟ ସନ୍ଥ ବା ବ୍ରାହ୍ମଣମାନେ ଏଭଳି ସ୍ନାନ ବା ତୀର୍ଥ କରିବା ଦ୍ୱାରା ସଙ୍କଟ ମୁକ୍ତ ହେବାର ରାୟ ଦେଇଥାନ୍ତି, ତାହା କେତେ ଫଳପ୍ରଦ ? ଅର୍ଥାତ୍ ବ୍ୟର୍ଥ କାରଣ ଯେଉଁଠି ତ୍ରୈଲୋକ୍ୟନାଥ ଭଗବାନଙ୍କ ଦ୍ୱାରା ନିର୍ଦ୍ଦେଶିତ ସମାଧାନ ଅନୁସାରେ ଯମୁନା ସ୍ନାନରେ କିଛି ମଧ୍ୟ ଲାଭ ହୋଇନଥିଲା, ତେବେ କ୍ଷୁଦ୍ର ବ୍ରାହ୍ମଣ, ଗୁରୁମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ସ୍ନାନ ଆଦି ସମାଧାନ କ୍ରିୟାରୁ

କିଛି ମଧ୍ୟ ପ୍ରାପ୍ତି ହେବ ନାହିଁ ।

୪. ଶ୍ରୀକୃଷ୍ଣଜୀ ପ୍ରଥମେ ଦୁର୍ବସା ଋଷିଙ୍କ ଅଭିଶାପରୁ ରକ୍ଷା ପାଇବାର ଉପାୟ ବିଷୟରେ ଏହା କହିଥିଲେ ଯେ ସେହି କଡେଇଟିକୁ ପଥରରେ ଘସି ଚୁର୍ଣ୍ଣ କରି ଯମୁନା ନଦୀର ପ୍ରଭାସ କ୍ଷେତ୍ରରେ ଭସାଇ ଦିଅ । ନା ରହିବ ବାଉଁଶ, ନା ବାଜିବ ବଇଁଶୀ, କିନ୍ତୁ ହେଲା କ'ଣ ? ବାଉଁଶ ବି ରହିଗଲା, ୫୬ କୋଟି ଯାଦବଙ୍କ ବଇଁଶୀ ବି ବାଜିଗଲା ।

ସଜ୍ଜନ ମଣ୍ଡଳି ! ବର୍ତ୍ତମାନ ସମୟରେ ମଣିଷ ସବୁଠାରୁ ବୁଦ୍ଧିମାନ ଓ ଶିକ୍ଷିତ ଅଟେ, ମୋ ଦ୍ୱାରା (ସନ୍ଥ ରାମପାଲ ଦାସ ଦ୍ୱାରା) ପ୍ରଦତ୍ତ ଜ୍ଞାନକୁ ଶାସ୍ତ୍ର ସହିତ ମେଳ କରନ୍ତୁ, ତା'ପରେ ଭକ୍ତି କରି ଦେଖନ୍ତୁ, କିପରି ଆଶ୍ଚର୍ଯ୍ୟ ଘଟୁଛି ।

ଝପ୍ରସଙ୍ଗକୁ ଆଗକୁ ନେବା:-

୧. ତିନିଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ଙ୍କ ଭକ୍ତି କରିବା ବ୍ୟର୍ଥ ବୋଲି ପ୍ରମାଣିତ ହେଲା ।

୨. ଗୀତା ଜ୍ଞାନଦାତା ବ୍ରହ୍ମଙ୍କ ଭକ୍ତିକୁ ସ୍ୱୟଂ ଗୀତା ଜ୍ଞାନଦାତା ଅଧ୍ୟାୟ ୭ ଶ୍ଳୋକ ୧୮ ରେ ଅନୁତ୍ତମ ବୋଲି କହିଛନ୍ତି । ସେ ଗୀତା ଅଧ୍ୟାୟ ୧୮ଶ୍ଳୋକ ନଂ ୬୨ରେ ସେହି ପରମେଶ୍ୱର ଅର୍ଥାତ୍ ପରମ ଅକ୍ଷର ବ୍ରହ୍ମଙ୍କ ଶରଣକୁ ଯିବା ପାଇଁ କହିଛନ୍ତି । ଏହା ମଧ୍ୟ କହିଛନ୍ତି ଯେ ସେହି ପରମେଶ୍ୱରଙ୍କ କୃପାରୁ ତୁ ପରମଶାନ୍ତି ଓ ସନାତନ ପରମଧାମ ପ୍ରାପ୍ତ ହେବୁ ।

୩. ଗୀତା ଅଧ୍ୟାୟ୧୫ଶ୍ଳୋକ୧ରୁ୪ରେ ସଂସାର ରୂପୀ ବୃକ୍ଷ ବିଷୟରେ ବର୍ଣ୍ଣନ ଅଛି ତଥା ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ମଧ୍ୟ ଦିଆଯାଇଛି । ସଂସାର ରୂପୀ ବୃକ୍ଷର ସମସ୍ତ ଅଂଶ, ମୂଳ କେଉଁ ପରମେଶ୍ୱର ଅଟନ୍ତି ? ଗଣ୍ଡି କେଉଁ ପ୍ରଭୁ ଅଟନ୍ତି ? କାଣ୍ଡ କେଉଁ ପ୍ରଭୁ ଅଟନ୍ତି, ଶାଖା କେଉଁ-କେଉଁ ଦେବତା ଅଟନ୍ତି ? ସଂସାରକୁ ପତ୍ର ରୂପେ ବର୍ଣ୍ଣନା କରାଯାଇଛି ।

ଏହି ଅଧ୍ୟାୟ ୧୫ ଶ୍ଳୋକ ୧୬ ରେ ସ୍ପଷ୍ଟ କରାଯାଇଛି ଯେ :-

୧. କ୍ଷର ପୁରୁଷ (ଇଏ ୨୧ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି):- କ୍ଷର ପୁରୁଷଙ୍କୁ ବ୍ରହ୍ମ, କାଳବ୍ରହ୍ମ, ଜ୍ୟୋତି ନିରଞ୍ଜନ ମଧ୍ୟ କୁହାଯାଏ । ଇଏ ନାଶବାନ ଅଟନ୍ତି । ଆମ୍ଭେମାନେ ଏହି କ୍ଷର ପୁରୁଷଙ୍କ ଲୋକରେ ରହୁଅଛେ ଏବଂ ଏହି ଲୋକରୁ ଆମ୍ଭଙ୍କୁ ମୁକ୍ତ ହେବାର ଅଛି ଏବଂ ପରମାତ୍ମା କବୀର ଦେବଙ୍କ ନିକଟକୁ ସତ୍ୟଲୋକକୁ ଆମ୍ଭକୁ ଯିବାର ଅଛି ।

୨. ଅକ୍ଷର ପୁରୁଷ:- ଇଏ ସାତଶଙ୍ଖ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି, ଇଏ ମଧ୍ୟ ନାଶବାନ ଅଟନ୍ତି । ଅକ୍ଷର ପୁରୁଷଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ମଧ୍ୟ ଦେଇ ଯାଇଥିବା ରାସ୍ତାରେ ଆମ୍ଭଙ୍କୁ ସତ୍ୟଲୋକକୁ ଯିବାକୁ ପଡିବ । ତେଣୁ ତାଙ୍କ ଟୋଲ୍ ଟ୍ୟାକ୍ସ ଦେବାକୁ ପଡିବ । ଅକ୍ଷର ପୁରୁଷଙ୍କ ପାଖରେ ଆମ୍ଭମାନଙ୍କର କେବଳ ଏତିକି କାମ ଅଛି ।

ଝଗୀତା ଅଧ୍ୟାୟ ୧୫ଶ୍ଳୋକ ୧୭ରେ କହିଛନ୍ତି ଯେ:-

ଉତ୍ତମଃ ପୁରୁଷଃ ତୁ ଅନ୍ୟଃ ପରମାତ୍ମା ଇତି ଉଦାହୃତଃ ।
ଯଃ ଲୋକ ତ୍ରୟମ୍ ଆବିଶ୍ୟ ବିଭର୍ତି ଅବ୍ୟୟଃ ଈଶ୍ୱରଃ ।।

ସରଳାର୍ଥ:- ଗୀତା ଅଧ୍ୟାୟ ୧୫ଶ୍ଳୋକ୧୬ରେ କୁହାଯାଇଥିବା ଦୁଇ ପୁରୁଷ, ଜଣେ କ୍ଷର ପୁରୁଷ, ଆଉ ଜଣେ ଅକ୍ଷର ପୁରୁଷ ଅଟନ୍ତି । ଉତ୍ତମ ପୁରୁଷ ଅର୍ଥାତ୍ ପୁରୁଷୋତ୍ତମ ଏହି ଦୁହିଙ୍କଠାରୁ ଭିନ୍ନ ଅଟନ୍ତି, ତାଙ୍କୁ ହିଁ ପରମାତ୍ମା କୁହାଯାଏ ଯିଏ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରନ୍ତି । ସେ ହିଁ ବାସ୍ତବରେ ଅବିନାଶୀ ପରମେଶ୍ୱର ଅଟନ୍ତି ।(ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭) ଗୀତା ଅଧ୍ୟାୟ ୩ ଶ୍ଳୋକ ୧୪-୧୫ରେ ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ସର୍ବଗତମ୍ ବ୍ରହ୍ମ ଅର୍ଥାତ୍ ସର୍ବବ୍ୟାପୀ ପରମାତ୍ମା, ଯିଏ ସଚ୍ଚିଦାନନ୍ଦ ଘନ ବ୍ରହ୍ମ ଅଟନ୍ତି, ତାଙ୍କୁ ବାସୁଦେବ ମଧ୍ୟ କୁହାଯାଏ ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୭ ଶ୍ଳୋକ ୧୯ରେ କୁହାଯାଇଛି । ସେ ହିଁ ସଦା ଯଜ୍ଞ ଅର୍ଥାତ୍ ଧାର୍ମିକ ଅନୁଷ୍ଠାନରେ ପ୍ରତିଷ୍ଠିତ ଅଟନ୍ତି ଅର୍ଥାତ୍ ଇଷ୍ଟ ରୂପେ ପୂଜ୍ୟ ଅଟନ୍ତି ।

ପୂର୍ଣ୍ଣଗୁରୁଙ୍କଠାରୁ ଦୀକ୍ଷା ପ୍ରାପ୍ତ କରି ନିୟମରେ ରହି ଭକ୍ତି କରନ୍ତୁ । ଏହିଭଳି ଜୀବନର ମାର୍ଗରେ ଅଗ୍ରସର ହୋଇ ସଂସାରରେ ସୁଖୀ ଜୀବନ ଜାପନ କରନ୍ତୁ ତଥା ମୋକ୍ଷ ରୂପକ ଲକ୍ଷ୍ୟ ପ୍ରାପ୍ତ କରନ୍ତୁ ।

ସୃଷ୍ଟି ରଚନା

(ସୂକ୍ଷ୍ମ ବେଦର୍ ନିଷ୍କର୍ଷ ରୂପ ସୃଷ୍ଟି ରଚନାର୍ ବର୍ଣ୍ଣନ)

ପ୍ରଭୁପ୍ରେମୀ ଆତ୍ମାଗଣ ପ୍ରଥମ ଥର ପାଇଁ ନିମ୍ନୋକ୍ତ ସୃଷ୍ଟି ରଚନା ବିଷୟଟିକୁ ପଢିଲେ ଏପରି ଲାଗିବ ଯେପରି ଏକ ମନଗଢା କାହାଣୀ । ପରନ୍ତୁ ସର୍ବ ପବିତ୍ର ସଦ୍‌ଗ୍ରନ୍ଥରେ ଥିବା ପ୍ରମାଣଗୁଡିକୁ ପଢି ଆପଣ ଆର୍ଶ୍ଚର୍ଯ୍ୟାନ୍ୱିତ ହେବେ ଏବଂ ଚିନ୍ତା କରିବେ ଯେ ଏହି ବାସ୍ତବିକ ଅମୃତ ଜ୍ଞାନ କେଉଁଠି ଲୁଚି ରହିଥିଲା ? କୃପାକରି ଧୈର୍ଯ୍ୟର ସହିତ ଏହି ଅମୃତଜ୍ଞାନକୁ ପଢନ୍ତୁ ତଥା ସୁରକ୍ଷିତ ରଖନ୍ତୁ । ଆପଣଙ୍କ ଏକଶହ ଏକ ପିଢି ପର୍ଯ୍ୟନ୍ତ ଏହା କାମରେ ଆସିବ । ପବିତ୍ର ଆତ୍ମାଗଣ କୃପାକରି ସତ୍ୟନାରାୟଣ (ଅବିନାଶୀ ପ୍ରଭୁ/ସତ୍ୟ ପୁରୁଷ)ଙ୍କ ଦ୍ୱାରା ରଚିତ ସୃଷ୍ଟି ରଚନାର ବାସ୍ତବିକ ଜ୍ଞାନ ପଢନ୍ତୁ ।

୧. ପୂର୍ଣ୍ଣବ୍ରହ୍ମ:- ଏହି ସୃଷ୍ଟି ରଚନାରେ ସତ୍ୟପୁରୁଷ - ସତ୍‌ଲୋକର ସ୍ୱାମୀ (ପ୍ରଭୁ), ଅଲଖ ପୁରୁଷ - ଅଲଖ ଲୋକର ସ୍ୱାମୀ (ପ୍ରଭୁ), ଅଗମ ପୁରୁଷ - ଅଗମ ଲୋକର ସ୍ୱାମୀ (ପ୍ରଭୁ) ତଥା ଅନାମୀ ପୁରୁଷ - ଅନାମୀ/ଅକହ ଲୋକର ସ୍ୱାମୀ (ପ୍ରଭୁ) ତ ସେହି ଏକ ପୂର୍ଣ୍ଣବ୍ରହ୍ମ ଅଟନ୍ତି, ଯିଏ ବାସ୍ତବରେ ଅବିନାଶୀ ପ୍ରଭୁ ଅଟନ୍ତି ଏବଂ ଭିନ୍ନ ଭିନ୍ନ ରୂପ ଧାରଣ କରି ସେ ନିଜର ଚାରି ଲୋକରେ ରୁହନ୍ତି । ଯାହା ଅନ୍ତର୍ଗତ ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି ।

୨. ପରବ୍ରହ୍ମ:- ଇଏ କେବଳ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ (ପ୍ରଭୁ) ଅଟନ୍ତି । ପରବ୍ରହ୍ମଙ୍କୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଏ । ପରନ୍ତୁ ଅକ୍ଷର ପୁରୁଷ ଓ ତାଙ୍କ ବ୍ରହ୍ମାଣ୍ଡଗୁଡିକ ବାସ୍ତବରେ ଅବିନାଶୀ ନୁହେଁ ।

୩. ବ୍ରହ୍ମ :- ଇଏ କେବଳ ଏକୋଇଶି ବ୍ରହ୍ମାଣ୍ଡର ସ୍ୱାମୀ (ପ୍ରଭୁ) ଅଟନ୍ତି । ଇଏ କ୍ଷର ପୁରୁଷ, ଜ୍ୟୋତି ନିରଞ୍ଜନ, କାଳ ଆଦି ଉପମାତ୍ମକ ନାମରେ ପରିଚିତ । ନିଜେ ବ୍ରହ୍ମ ଓ ତାଙ୍କର ସମସ୍ତ ବ୍ରହ୍ମାଣ୍ଡ ମଧ୍ୟ ନାଶବାନ (ବିନାଶଶୀଳ) ଅଟେ ।

(ଉପରୋକ୍ତ ତିନିପୁରୁଷ (ପ୍ରଭୂ)ଙ୍କର ପ୍ରମାଣ ପବିତ୍ର ଶ୍ରୀମଦ୍ ଭାଗବତ୍ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ମଧ୍ୟ ଅଛି ।)

୪. ବ୍ରହ୍ମା:- ବ୍ରହ୍ମା, ବ୍ରହ୍ମଙ୍କର ଜ୍ୟେଷ୍ଠପୁତ୍ର ଅଟନ୍ତି, ବିଷ୍ଣୁ ମଧ୍ୟମ ପୁତ୍ର ଏବଂ ଶିବ ତୃତୀୟ ପୁତ୍ର ଅଟନ୍ତି । ବ୍ରହ୍ମଙ୍କର ଏହି ତିନି ପୁତ୍ର କେବଳ ଗୋଟିଏ ବ୍ରହ୍ମାଣ୍ଡର ଗୋଟିଏ ବିଭାଗ(ଗୁଣ)ର ସ୍ୱାମୀ (ପ୍ରଭୂ) ଅଟନ୍ତି ତଥା ନାଶବାନ ଅଟନ୍ତି । ବିସ୍ତୃତ ବିବରଣୀ ପାଇଁ କୃପାକରି ପଢନ୍ତୁ ନିମ୍ନଲିଖିତ ସୃଷ୍ଟି ରଚନା ବିଷୟ :-

{କବିର୍ଦେବ (କବୀର ପରମେଶ୍ୱର) ସୂକ୍ଷ୍ମବେଦ ଅର୍ଥାତ୍ କର୍ବିବାଣୀରେ ନିଜ ଦ୍ୱାରା ରଚିତ ସୃଷ୍ଟିର ଜ୍ଞାନ ସ୍ୱୟଂ କହିଛନ୍ତି ଯାହା ନିମ୍ନରେ ପ୍ରଦାନ କରାଗଲା ।}

ସର୍ବ ପ୍ରଥମେ କେବଳ ଗୋଟିଏ ସ୍ଥାନ 'ଅନାମୀ (ଅନାମୟ) ଲୋକ' ଥିଲା । ଯାହାକୁ ଅକହ ଲୋକ ମଧ୍ୟ କୁହାଯାଏ । ପୂର୍ଣ୍ଣ ପରମାତ୍ମା ସେହି ଅନାମୀ ଲୋକରେ ଏକା ରହୁଥିଲେ । ସେହି ପରମାତ୍ମାଙ୍କ ବାସ୍ତବିକ ନାମ କବିର୍ଦେବ୍ ଅର୍ଥାତ୍ କବୀର ପରମେଶ୍ୱର ଅଟେ । ସମସ୍ତ ଆତ୍ମା ସେହି ପୂର୍ଣ୍ଣଧନୀଙ୍କ ଶରୀରରେ ସମାବିଷ୍ଟ ହୋଇ ରହିଥିଲେ । ଏହି କବିର୍ଦେବଙ୍କ ଉପମାତ୍ମକ (ପଦବୀର) ନାମ ଅନାମୀ ପୁରୁଷ ଅଟେ । (ପୁରୁଷର ଅର୍ଥ ପ୍ରଭୁ ଅଟେ । ପ୍ରଭୁ ମନୁଷ୍ୟକୁ ନିଜ ସ୍ୱରୂପ ଦେଇ ଗଢିଛନ୍ତି ଏଥିପାଇଁ ମନୁଷ୍ୟର ନାମ ପୁରୁଷ ହୋଇଛି ।) ଅନାମୀ ପୁରୁଷଙ୍କର ଏକ ଲୋମକୂପର ପ୍ରକାଶ (ତେଜ)ଏକ ଶଙ୍ଖ ସୂର୍ଯ୍ୟ କିରଣଠାରୁ ମଧ୍ୟ ଅଧିକ ।

ବିଶେଷ:- ଯେପରି କୌଣସି ଦେଶର ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କର ନାମ ତ ଅନ୍ୟ କିଛି ଥାଏ କିନ୍ତୁ ପଦର ଉପମାତ୍ମକ (ପଦବୀର) ନାମ ପ୍ରଧାନମନ୍ତ୍ରୀ ହୋଇଥାଏ । ବେଳେ ବେଳେ ପ୍ରଧାନମନ୍ତ୍ରୀ ନିଜ ପାଖରେ ଏକାଧିକ ବିଭାଗ ମଧ୍ୟ ରଖିଥାନ୍ତି । ଯେତେବେଳେ ଯେଉଁ ବିଭାଗର ଫାଇଲ୍‌ରେ ଦସ୍ତଖତ କରନ୍ତି ସେତେବେଳେ ସେହି ପଦବୀର ନାମ ଉଲ୍ଲେଖ କରିଥାନ୍ତି । ଯେପରି

ପରମେଶ୍ୱର କବୀର୍ ସାହେବଙ୍କ ଅସଂଖ୍ୟ ବ୍ରହ୍ମାଣ୍ଡର ଲଘୁଚିତ୍ର

ଅନାମୀ ଲୋକ: ଏହି ଲୋକରେ ଆତ୍ମା ଏବଂ ପରମାତ୍ମା ଗୋଟିଏ ରୂପ ହୋଇ କବୀର ସାହେବ ହିଁ ଅନାମୀ ରୂପରେ ଅଛନ୍ତି । ଯେପରି ମାଟିର ହୁଡା (ଛୋଟ ଛୋଟ ଟୁକୁରା) ହୋଇଯାଆନ୍ତି । ପୁଣି ବର୍ଷା ହେବାପରେ ଗୋଟିଏ ପୃଥିବୀ ହୋଇଯାଆନ୍ତି, ଅଲଗା ଅସ୍ତିତ୍ୱ ରହେନାହିଁ ।

ଅଗମ ଲୋକ : ଏହି ଲୋକରେ ମଧ୍ୟ କବୀର୍ ସାହେବ୍ ଅଗମ ପୁରୁଷ ରୂପରେ ରୁହନ୍ତି ।

ଅଲଖ ଲୋକ : ଏହି ଲୋକରେ ମଧ୍ୟ କବୀର୍ ସାହେବ୍ ଅଲଖ ପୁରୁଷ ରୂପରେ ରୁହନ୍ତି ।

ଗୃହ ମନ୍ତ୍ରାଳୟର ଫାଇଲ୍‌ରେ ଦସ୍ତଖତ କରିବା ସମୟରେ ନିଜକୁ ଗୃହମନ୍ତ୍ରୀ ବୋଲି ଲେଖିଥାନ୍ତି । ସେଠାରେ ପ୍ରଧାନମନ୍ତ୍ରୀଙ୍କର ଦସ୍ତଖତର ଶକ୍ତି ହ୍ରାସ ହୋଇ ଯାଇଥାଏ । ଏହି ପ୍ରକାରେ କବୀର ପରମେଶ୍ୱର (କବିର୍ଦେବ)ଙ୍କ ଶରୀରର ତେଜର ଅନ୍ତର ଭିନ୍ନ ଭିନ୍ନ ଲୋକରେ କମ ଅଧିକ ହୋଇ ଯାଇଥାଏ ।

ଠିକ୍ ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ପରମେଶ୍ୱର) ନିମ୍ନରେ ଅନ୍ୟ ତିନୋଟି ଲୋକ (ଅଗମ ଲୋକ, ଅଲଖ ଲୋକ, ସତ୍ୟଲୋକ) ର ରଚନା ନିଜ ଶବ୍ଦ (ବଚନ) ଶକ୍ତି ଦ୍ୱାରା କଲେ । ଏହି ପୂର୍ଣ୍ଣବ୍ରହ୍ମ ପରମାତ୍ମା କବିର୍ଦେବ (କବୀର ପରମେଶ୍ୱର) ଅଗମ ଲୋକରେ ପ୍ରକଟ ହେଲେ ତଥା କବିର୍ଦେବ (କବୀର ପରମେଶ୍ୱର) ଅଗମ ଲୋକର ମଧ୍ୟ ସ୍ୱାମୀ ଅଟନ୍ତି ତଥା ସେଠାରେ ତାଙ୍କର ଉପମାତ୍ମକ (ପଦବୀର) ନାମ ଅଗମ ପୁରୁଷ ଅର୍ଥାତ୍ ଅଗମ ପ୍ରଭୁ ଅଟେ । ଏହି ଅଗମ ପ୍ରଭୁଙ୍କ ମାନବ ସଦୃଶ ଶରୀର ବହୁତ ତେଜୋମୟ ଅଟେ । ଯାହାଙ୍କ ଗୋଟିଏ ଲୋମକୂପର ତେଜ (କିରଣ) ଅର୍ବ-ଖର୍ବ ସୂର୍ଯ୍ୟର କିରଣଠାରୁ ମଧ୍ୟ ଅଧିକ ।

ଏହି ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବିର ଦେବ = କବୀର ପରମେଶ୍ୱର) ଅଲଖ ଲୋକରେ ପ୍ରକଟ ହେଲେ ତଥା ସ୍ୱୟଂ ଅଲଖ ଲୋକର ମଧ୍ୟ ସ୍ୱାମୀ ଅଟନ୍ତି ତଥା ଏହି ପରମେଶ୍ୱରଙ୍କର ଉପମାତ୍ମକ ନାମ ଅଲଖ ପୁରୁଷ ମଧ୍ୟ ଅଟେ ତଥା ଏହି ପୂର୍ଣ୍ଣପ୍ରଭୁଙ୍କ ମାନବ ସଦୃଶ ତେଜୋମୟ (ସ୍ୱର୍ଜ୍ୟୋତି) ଶରୀର ସ୍ୱୟଂ ପ୍ରକାଶିତ ଅଟେ । ଏକ ଲୋମକୂପର ରଶ୍ମି ଅର୍ବ-ଖର୍ବ ସୂର୍ଯ୍ୟର ପ୍ରକାଶ ଠାରୁ ମଧ୍ୟ ଅଧିକ ।

ଏହି ପୂର୍ଣ୍ଣପ୍ରଭୁ ସତ୍‌ଲୋକରେ ପ୍ରକଟ ହେଲେ ତଥା ଇଏ ସତ୍‌ଲୋକର ମଧ୍ୟ ପ୍ରଭୁ ଅଟନ୍ତି । ଏଥିପାଇଁ ତାଙ୍କ ଉପମାତ୍ମକ (ପଦବୀର) ନାମ ସତ୍ୟପୁରୁଷ (ଅବିନାଶୀ ପ୍ରଭୁ) ଅଟେ । ଏହି ଅବିନାଶୀ ପ୍ରଭୁଙ୍କ ନାମ ଅକାଳମୂର୍ତ୍ତୀ - ଶବ୍ଦ ସ୍ୱରୂପୀ ରାମ - ପୂର୍ଣ୍ଣବ୍ରହ୍ମ - ପରମ ଅକ୍ଷର ବ୍ରହ୍ମ ଇତ୍ୟାଦି ଅଟେ । ଏହି ସତ୍ୟପୁରୁଷ କବିର୍ଦେବ (କବୀର ପ୍ରଭୁ)ଙ୍କ ମାନବ ସଦୃଶ ଶରୀର ତେଜୋମୟ ଅଟେ । ଯାହାଙ୍କର ଏକ ଲୋମକୂପର ପ୍ରକାଶ(ଆଲୋକ) କୋଟିଏ ସୂର୍ଯ୍ୟ ଏବଂ କୋଟିଏ ଚନ୍ଦ୍ରମାର ପ୍ରକାଶଠାରୁ ମଧ୍ୟ ଅଧିକ ।

ଏହି କବିର୍ଦେବ (କବୀର ପ୍ରଭୁ) ସତ୍ୟପୁରୁଷ ରୂପରେ ପ୍ରକଟ ହେଲେ, ସତ୍‌ଲୋକରେ ବିରାଜମାନ ହୋଇ ପ୍ରଥମେ ସତ୍‌ଲୋକର ଅନ୍ୟ ରଚନା କଲେ ।

ଗୋଟିଏ ଶବ୍ଦ (ବଚନ) ଦ୍ୱାରା ଷୋହଳଟି ଦ୍ୱୀପର ରଚନା କଲେ । ପୁଣି ଷୋହଳଟି ଶବ୍ଦ ଦ୍ୱାରା ଷୋହଳ ପୁତ୍ରଙ୍କୁ ଉତ୍ପତ୍ତି କଲେ । ଗୋଟିଏ ମାନସରୋବର ରଚନା କରି ସେଥିରେ ଅମୃତ ଭରିଦେଲେ । ସେହି ଷୋହଳ ପୁତ୍ରଙ୍କର ନାମଗୁଡିକ ହେଲା - (୧) "କୂର୍ମ", (୨) "ଜ୍ଞାନୀ", (୩) "ବିବେକ", (୪) "ତେଜ", (୫) "ସହଜ", (୬) "ସନ୍ତୋଷ", (୭) "ସୁରତି", (୮) "ଆନନ୍ଦ", (୯) "କ୍ଷମା", (୧୦) "ନିଷ୍କାମ", (୧୧) "ଜଳରଙ୍ଗି", (୧୨) "ଅଚିନ୍ତ", (୧୩) "ପ୍ରେମ", (୧୪) "ଦୟାଳୁ", (୧୫) "ଧୈର୍ଯ୍ୟ", (୧୬) "ଯୋଗ ସନ୍ତାୟନ" ଅର୍ଥାତ୍ ଯୋଗଜିତ୍ ।

ସତ୍ୟପୁରୁଷ କବିର୍ଦେବ ନିଜ ପୁତ୍ର ଅଚିନ୍ତକୁ ସତ୍‌ଲୋକର ଅନ୍ୟ ରଚନା ଦାୟିତ୍ୱ ଅର୍ପଣ କରିବା ସହିତ ଶକ୍ତି ମଧ୍ୟ ପ୍ରଦାନ କଲେ । ଅଚିନ୍ତ, ଶବ୍ଦ ଶକ୍ତି ଦ୍ୱାରା ଅକ୍ଷର ପୁରୁଷ (ପରବ୍ରହ୍ମ)ଙ୍କର ଉତ୍ପତ୍ତି କଲେ ତଥା କହିଲେ ଯେ ମୋତେ ସାହାଯ୍ୟ କର । ଅକ୍ଷର ପୁରୁଷ ସ୍ନାନ କରିବା ପାଇଁ ମାନସରୋବରକୁ ଗଲା, ସେଠାରେ ତାକୁ ବହୁତ ଆନନ୍ଦ ଲାଗିଲା ଏବଂ ସେଠାରେ ସେ ଶୋଇପଡିଲା । ଅନେକ ସମୟ ପର୍ଯ୍ୟନ୍ତ ବାହାରକୁ ଆସିଲା ନାହିଁ । ଅଚିନ୍ତଙ୍କ ପ୍ରାର୍ଥନା କ୍ରମେ ଅକ୍ଷର ପୁରୁଷକୁ ନିଦ୍ରାରୁ ଜାଗ୍ରତ କରିବା ପାଇଁ କବିର୍ଦେବ (କବୀର ପରମେଶ୍ୱର) ସେହି ମାନସରୋବରରୁ କିଛି ଅମୃତ ଜଳ ନେଇ ଏକ ଅଣ୍ଡା ତିଆରି କଲେ ଏବଂ ସେହି ଅଣ୍ଡା ମଧ୍ୟରେ ଏକ ଆତ୍ମାକୁ ପ୍ରବେଶ କରାଇ ମାନସରୋବରର ଅମୃତ ଜଳ ମଧ୍ୟକୁ ଛାଡିଦେଲେ । ଅଣ୍ଡାର ଘଡ୍ ଘଡ୍ ଶବ୍ଦରେ

ଅକ୍ଷର ପୁରୁଷର ନିଦ୍ରାଭଙ୍ଗ ହେଲା । ସେ ଅଣ୍ଡାଟିକୁ କ୍ରୋଧ ଦୃଷ୍ଟିରେ ଚାହିଁବା କାରଣରୁ ଅଣ୍ଡାଟି ଦୁଇଫାଳ ହୋଇଗଲା ଏବଂ ତା' ଭିତରୁ ଜ୍ୟୋତି ନିରଞ୍ଜନ (କ୍ଷର ପୁରୁଷ) ବାହାରିଲା ଯିଏ ପରର୍ବତ୍ତୀ ସମୟରେ "କାଳ"ନାମରେ ପରିଚିତ ହେଲା । ଯାହାର ବାସ୍ତବିକ ନାମ "କୈଲ୍" ଅଟେ । ତା'ପରେ ସତ୍ୟପୁରୁଷ (କବିର୍ଦେବ) ଆକାଶବାଣୀ କଲେ ଯେ ତୁମ୍ଭେ ଦୁହେଁ ବାହାରକୁ ଆସ ତଥା ଅଚିନ୍ତଙ୍କ ଦ୍ୱୀପରେ ଅବସ୍ଥାନ କର । ଆଜ୍ଞା ପାଇ ଅକ୍ଷର ପୁରୁଷ ଓ କ୍ଷରପୁରୁଷ (କୈଲ) ଦୁହେଁ ଅଚିନ୍ତଙ୍କ ଦ୍ୱୀପରେ ଅବସ୍ଥାନ କରିବାକୁ ଲାଗିଲେ (ପିଲାମାନଙ୍କୁ ସେମାନଙ୍କ ଦାୟିତ୍ୱହୀନତା ବିଷୟରେ ସଚେତ କରାଇଲେ କାରଣ ପିଲାମାନଙ୍କର ପୁଣି ପ୍ରଭୁତାର ଗର୍ବ ହୋଇ ନ ଯାଉ, କାରଣ ସାମର୍ଥ୍ୟ ପ୍ରଭୁଙ୍କ ବିନା କାର୍ଯ୍ୟ ସଫଳ ହୁଏ ନାହିଁ) ପୁଣି ପୂର୍ଣ୍ଣଧନୀ କବିର୍ଦେବ ନିଜେ ସମସ୍ତ ରଚନା କଲେ । ନିଜ ଶବ୍ଦ ଶକ୍ତି ଦ୍ୱାରା ଏକ ରାଜେଶ୍ୱରୀ (ରାଷ୍ଟ୍ରୀ) ଶକ୍ତି ଉତ୍ପନ୍ନ କଲେ ଯାହାଙ୍କ ଦ୍ୱାରା ସର୍ବ ବ୍ରହ୍ମାଣ୍ଡର ସ୍ଥାପନ କଲେ । ଏହାଙ୍କୁ ପରାଶକ୍ତି, ପରାନନ୍ଦନୀ ମଧ୍ୟ କୁହାଯାଏ । ପୂର୍ଣ୍ଣବ୍ରହ୍ମ ନିଜ ବଚନ ଶକ୍ତି ଦ୍ୱାରା ସମସ୍ତ ଆତ୍ମାଙ୍କୁ ନିଜ ପରି ମାନବ ଶରୀରର ରୂପ ଦେଇ ନିଜ ଭିତରୁ ଉତ୍ପନ୍ନ କଲେ । ପ୍ରତ୍ୟେକ ହଂସ ଆତ୍ମାଙ୍କର ରଚନା ପରମାତ୍ମାଙ୍କ ଶରୀର ସଦୃଶ୍ୟ କଲେ, ମାନବ ସଦୃଶ୍ୟ ଏହି ଶରୀରର ତେଜ ଷୋହଳ (୧୬) ସୂର୍ଯ୍ୟର ତେଜ ପରି ଅଟେ । ପରନ୍ତୁ ପରମେଶ୍ୱରଙ୍କ ଶରୀରର ଏକ ଲୋମକୂପର ପ୍ରକାଶ କୋଟିଏ ସୂର୍ଯ୍ୟର ତେଜ ଠାରୁ ମଧ୍ୟ ଅଧିକ । ଅନେକ ସମୟ ଉପରାନ୍ତ କ୍ଷରପୁରୁଷ (ଜ୍ୟୋତି ନିରଞ୍ଜନ) ଚିନ୍ତା କଲା ଯେ ଆମେ ତିନିଜଣ (ଅଚିନ୍ତ - ଅକ୍ଷର ପୁରୁଷ - କ୍ଷରପୁରୁଷ) ଗୋଟିଏ ଦ୍ୱୀପରେ ରହୁଅଛୁ ତଥା ଅନ୍ୟମାନେ ସମସ୍ତେ ଗୋଟିଏ ଗୋଟିଏ ଦ୍ୱୀପରେ ରହୁଛନ୍ତି । ମୁଁ ମଧ୍ୟ ସାଧନା କରି ଭିନ୍ନ ଦ୍ୱୀପ ପ୍ରାପ୍ତ କରିବି । ଏହା ବିଚାର କରି ସେ ଗୋଟିଏ ଗୋଡରେ ଛିଡାହୋଇ ସତୁରୀ (୭୦) ଯୁଗ ପର୍ଯ୍ୟନ୍ତ ତପସ୍ୟା କଲା ।

"ସମସ୍ତ ଆତ୍ମା କାଳ ଜାଲରେ ଫସିଲେ କିପରି ?"

ବିଶେଷ:- ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ତପସ୍ୟା କରୁଥିବା ସମୟରେ ଜ୍ୟୋତି ନିରଞ୍ଜନର ଏକୋଇଶି (୨୧) ବ୍ରହ୍ମାଣ୍ଡରେ ଅବସ୍ଥାନ କରୁଥିବା ସମସ୍ତ ଆତ୍ମା (ଆତ୍ମେ) ଏହାର ସାଧନା ପ୍ରତି ଆସକ୍ତ ହୋଇ ଅନ୍ତରରେ ତାକୁ ଭଲ ପାଇବାକୁ ଲାଗିଲୁ ତଥା ନିଜ ସୁଖଦାୟୀ ପ୍ରଭୁ ସତ୍ୟପୁରୁଷଙ୍କ ପ୍ରତି ବିମୁଖ ହୋଇଗଲୁ । ଯେଉଁ କାରଣରୁ ପତିବ୍ରତା ପଦରୁ ଦୁର ହୋଇଗଲୁ । ପୂର୍ଣ୍ଣପ୍ରଭୁ ବାରମ୍ବାର ସାବଧାନ କରିବା ସତ୍ତ୍ୱେ କ୍ଷରପୁରୁଷଙ୍କଠାରୁ ଆମ୍ଭମାନଙ୍କର ଆସକ୍ତି ତୁଟିଲା ନାହିଁ । (ଏହି ପ୍ରଭାବ ଆଜି ମଧ୍ୟ କାଳ ସୃଷ୍ଟିରେ ବିଦ୍ୟମାନ । ଯେପରି ଆଜିର ଯୁବଗୋଷ୍ଠୀ ଚଳଚିତ୍ର ଅଭିନେତା/ ଅଭିନେତ୍ରୀମାନଙ୍କର ନାଟକୀୟ ଭାବଭଙ୍ଗି ତଥା ନିଜ ରୋଜଗାର ଉଦ୍ଦେଶ୍ୟରେ ସେମାନେ କରୁଥିବା ଭୂମିକା ପ୍ରତି ଅତି ଆସକ୍ତ ହୋଇ ଯାଉଛନ୍ତି, ଯେତେ ବାରଣ କଲେ ମଧ୍ୟ ମାନୁ ନାହାଁନ୍ତି । କୌଣସି ଅଭିନେତା ବା ଅଭିନେତ୍ରୀ ନିକଟସ୍ଥ ସହରକୁ ଆସିବାର ଥିଲେ ନିର୍ବୋଧ ଯୁବଗୋଷ୍ଠୀ କେବଳ ତାଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଏକତ୍ରିତ ହୋଇଯାଇଥାନ୍ତି । ଅଭିନେତା ନିଜ ରୋଜଗାର ବ୍ୟସ୍ତ, କିନ୍ତୁ ଖର୍ଚ୍ଚାନ୍ତ ହୁଅନ୍ତି ଯୁବଗୋଷ୍ଠୀ । ମାତା-ପିତା ଯେତେ ବୁଝାଇଲେ ମଧ୍ୟ ପିଲା ମାନନ୍ତି ନାହିଁ । ଯେ କୌଣସି ପ୍ରକାରେ ଲୁଚିଛପି ଚାଲି ଯାଇଥାନ୍ତି) ।

ପୂର୍ଣ୍ଣବ୍ରହ୍ମ କବିର୍ଦେବ(କବୀର ପ୍ରଭୁ) କ୍ଷର ପୁରୁଷକୁ ପଚାରିଲେ, କୁହ ତୁମେ କ'ଣ ଚାହୁଁଛ ? ସେ କହିଲା, ପିତାଜୀ ! ଏହି ସ୍ଥାନ ମୋ ପାଇଁ କମ ପଡୁଛି । ମୋତେ ଅଲଗା ଏକ ଦ୍ୱୀପ ପ୍ରଦାନ କରିବାର କୃପା କରନ୍ତୁ । ହକ୍କା କବୀର (ସତ୍ୟ କବୀର) କ୍ଷର ପୁରୁଷକୁ ଏକୋଇଶି (୨୧) ବ୍ରହ୍ମାଣ୍ଡ ପ୍ରଦାନ କରିଦେଲେ । କିଛି ସମୟ ଉପରାନ୍ତ ଜ୍ୟୋତି ନିରଞ୍ଜନ ଚିନ୍ତା କଲା ଯେ ଏଥିରେ କିଛି ରଚନା କରାଯିବା ଉଚିତ । କେବଳ ବ୍ରହ୍ମାଣ୍ଡ (ପ୍ଲଟ୍) କେଉଁ କାମରେ ଆସିବ । ଏହା ବିଚାର କରି, ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ପ୍ରଭୁ)ଙ୍କ ଠାରୁ ରଚନା ସାମଗ୍ରୀ ପ୍ରାପ୍ତି ପାଇଁ ପୁଣି ସତୁରୀ (୭୦) ଯୁଗ ପର୍ଯ୍ୟନ୍ତ ତପସ୍ୟା କଲା । ସତ୍ୟପୁରୁଷ ତାକୁ ତିନି ଗୁଣ ଓ ପାଞ୍ଚତତ୍ତ୍ୱ ପ୍ରଦାନ କରିଦେଲେ । ଯାହା ସାହାଯ୍ୟରେ ବ୍ରହ୍ମ (ଜ୍ୟୋତି ନିରଞ୍ଜନ) ନିଜ ବ୍ରହ୍ମାଣ୍ଡରେ କିଛି ରଚନା କରି

ପୁଣି ଚିନ୍ତାକଲା ଯେ ଏଥିରେ କିଛି ଜୀବ ମଧ୍ୟ ରହିବା ଉଚିତ୍ । ଏକୁଟିଆ ମନ ଲାଗୁନାହିଁ । ଏହା ବିଚାର କରି ଚଉଷଠି (୬୪) ଯୁଗ ପର୍ଯ୍ୟନ୍ତ ପୁଣି ତପସ୍ୟା କଲା । ପୂର୍ଣ୍ଣ ପରମାତ୍ମା କବୀର୍ଦେବ ପଚାରିବାରୁ ସେ କହିଲା ଯେ ମୋତେ କିଛି ଆତ୍ମା ଦିଅନ୍ତୁ । ଏକୁଟିଆ ମନ ଲାଗୁନାହିଁ । ସେତେବେଳେ ସତ୍ୟପୁରୁଷ କବିରାଗ୍ନି (କବୀର ପରମେଶ୍ୱର) କହିଲେ ଯେ 'ବ୍ରହ୍ମ' ! ତୋ ତପସ୍ୟାର ଫଳ ସ୍ୱରୁପ ମୁଁ ତୋତେ ଆଉ କିଛି ବ୍ରହ୍ମାଣ୍ଡ ଦେଇ ପାରିବି କିନ୍ତୁ କୌଣସି ଜପ-ତପ ସାଧନାର ଫଳ ରୂପେ ତୋତେ ମୋ ଆତ୍ମାମାନଙ୍କୁ ଦେଇପାରିବି ନାହିଁ । ହଁ, ଯଦି କେହି ସ୍ୱଇଚ୍ଛାରେ ତୋ ସହିତ ଯିବା ପାଇଁ ଚାହାଁନ୍ତି ତେବେ ସେମାନେ ଯାଇପାରିବେ । ଯୁବା କବୀର (ସମର୍ଥ କବୀର)ଙ୍କ ବଚନ ଶୁଣି ଜ୍ୟୋତି ନିରଞ୍ଜନ ଆତ୍ମମାନଙ୍କ ନିକଟକୁ ଆସିଲା । ତା'ପରେ ଆତ୍ମେ ସମସ୍ତେ(ସମସ୍ତ ହଂସାତ୍ମା) ତାକୁ ଘେରିଯାଇ ତା' ଚାରିପଟେ ଠିଆ ହୋଇଗଲୁ କାରଣ ଆତ୍ମେମାନେ ପ୍ରଥମରୁ ତା' ପ୍ରତି ଆସକ୍ତ ଥିଲୁ । ଜ୍ୟୋତି ନିରଞ୍ଜନ କହିଲା, ମୁଁ ପିତାଙ୍କଠାରୁ ଅଲଗା ଏକୋଇଶିଟି(୨୧) ବ୍ରହ୍ମାଣ୍ଡ ପ୍ରାପ୍ତ କରିଛି । ସେଠାରେ ନାନା ପ୍ରକାରର ରମଣୀୟ ସ୍ଥଳ ତିଆରି କରିଛି । ଆପଣମାନେ ମୋ ସହିତ ଯିବେ କି ? ଏହା ଶୁଣି ସମସ୍ତେ କହିଲେ (ସମସ୍ତ ହଂସାତ୍ମା ଯେଉଁମାନେ ଆଜି ଏହି ଏକୋଇଶି (୨୧) ବ୍ରହ୍ମାଣ୍ଡରେ ଦୁଃଖମୟ ଜୀବନଯାପନ କରୁଛନ୍ତି) ଯେ ଯଦି ପିତାଜୀ ଆଜ୍ଞା ଦିଅନ୍ତି ତେବେ ଆମେ ପ୍ରସ୍ତୁତ ଅଛୁ । ଏହାଶୁଣି କ୍ଷରପୂରୁଷ, ପୂର୍ଣ୍ଣବ୍ରହ୍ମ ମହାନ କବୀର (ସମର୍ଥ କବୀର ପ୍ରଭୂ)ଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲା । କବିରାଗ୍ନି (କବୀର ପରମେଶ୍ୱର) କହିଲେ ଯେ ମୋ ସମ୍ମୁଖରେ ସମ୍ମତି ପ୍ରଦାନ କରିବା ଆତ୍ମାମାନଙ୍କୁ କେବଳ ମୁଁ ଆଦେଶ ଦେଇପାରିବି । କ୍ଷରପୁରୁଷ ଓ ପରମ ଅକ୍ଷର ପୁରୁଷ (କବିରମିତୌଜା=କବିର ଅମିତ ଓଜା) ଅର୍ଥାତ୍ ଯାହାଙ୍କୁ ଶକ୍ତିର କୌଣସି ତୁଳନା ନାହିଁ, ସେ କବୀର) ଉଭୟେ ଆତ୍ମ (ସମସ୍ତ ଆତ୍ମା) ନିକଟକୁ ଆସିଲେ । ସତ୍ କବିର ଦେବ କହିଲେ ଯେ ଯେଉଁ ହଂସ ଆତ୍ମାମାନେ ବ୍ରହ୍ମ ସହିତ ଯିବାପାଇଁ ଚାହୁଁଛନ୍ତି ସେମାନେ ହାତ ଉପରକୁ ଟେକି ସମ୍ମତି ପ୍ରଦାନ କରନ୍ତୁ । ନିଜ ପିତାଙ୍କ ସମ୍ମୁଖରେ କାହାର ସାହସ ହେଲାନାହିଁ । କେହି ରାଜି ହେଲେ ନାହିଁ । ବହୁତ ସମୟ ପର୍ଯ୍ୟନ୍ତ ନିରବତା ବ୍ୟାପି ରହିଲା । ତତ୍‌ପଶ୍ଚାତ୍ ଜଣେ ହଂସାତ୍ମା ସାହସ କଲେ ଏବଂ କହିଲେ ଯେ ପିତାଜୀ! ମୁଁ ଯିବାପାଇଁ ପ୍ରସ୍ତୁତ ଅଛି । ପୁଣି ତାକୁ ଦେଖି ଆତ୍ମେ ସମସ୍ତ ଆତ୍ମା (ଯେଉଁମାନେ ଆଜି କାଳ ବ୍ରହ୍ମର ୨୧ବ୍ରହ୍ମାଣ୍ଡରେ ପଡି ରହିଛନ୍ତି) ରାଜି ହୋଇଗଲେ । ପରମେଶ୍ୱର କବୀରଜୀ, ଜ୍ୟୋତି ନିରଞ୍ଜନକୁ କହିଲେ ଯେ ତୁମେ ନିଜ ସ୍ଥାନକୁ ଯାଅ । ଯେଉଁମାନେ ତୁମ ସହିତ ଯିବାପାଇଁ ରାଜି ଅଛନ୍ତି ସେହି ହଂସ ଆତ୍ମାମାନଙ୍କୁ ମୁଁ ତୁମ ପାଖକୁ ପଠାଇଦେବି । ଜ୍ୟୋତି ନିରଞ୍ଜନ ନିଜ ୨୧ ବ୍ରହ୍ମାଣ୍ଡକୁ ଚାଲିଗଲା । ସେ ପର୍ଯ୍ୟନ୍ତ ଏହି ଏକୋଇଶ ବ୍ରହ୍ମାଣ୍ଡ ସତ୍‌ଲୋକରେ ହିଁ ଥିଲା ।

ତତ୍‌ପଶ୍ଚାତ୍ ପୂର୍ଣ୍ଣବ୍ରହ୍ମ ସର୍ବ ପ୍ରଥମେ ସହମତି ପ୍ରକାଶ କରିଥିବା ହଂସକୁ ଏକ କନ୍ୟା ରୂପ ଦେଲେ ପରନ୍ତୁ ସ୍ତ୍ରୀ ଇନ୍ଦ୍ରିୟ ଦେଇ ନ ଥିଲେ । ତା'ପରେ ସମସ୍ତ ଆତ୍ମାଙ୍କୁ (ଯେଉଁମାନେ ଜ୍ୟୋତି ନିରଞ୍ଜନ (ବ୍ରହ୍ମ) ସହିତ ଯିବା ପାଇଁ ସହମତି ପ୍ରଦାନ କରିଥିଲେ) ସେହି କନ୍ୟା ଶରୀରରେ ପ୍ରବେଶ କରାଇ ଦେଲେ । ସେହି କନ୍ୟାର ନାମ ଆଷ୍ଟ୍ରା (ଆଦିମାୟା/ପ୍ରକୃତିଦେବୀ/ଦୁର୍ଗା) ହେଲା । ସତ୍ୟପୁରୁଷ କହିଲେ ହେ ପୁତ୍ରୀ! ମୁଁ ତୋତେ ଶବ୍ଦଶକ୍ତି ପ୍ରଦାନ କରିଛି । ବ୍ରହ୍ମ, ଯେତେ ଜୀବ ଆବଶ୍ୟକ କରିବ, ତୁମେ ତାକୁ ଉତ୍ପନ୍ନ କରିଦେବ । ପୂର୍ଣ୍ଣବ୍ରହ୍ମ କବିର୍ଦେବ (କବୀର ସାହେବ)ପ୍ରକୃତିକୁ ନିଜ ପୁତ୍ର ସହଜ ଦାସଙ୍କ ସହିତ କ୍ଷରପୁରୁଷ ନିକଟକୁ ପଠାଇ ଦେଲେ । ସହଜ ଦାସଜୀ, ଜ୍ୟୋତି ନିରଞ୍ଜନକୁ କହିଲେ ଯେ, ପିତାଜୀ ଏହି ଭଉଣୀ ଶରୀରରେ ସେହି ସମସ୍ତ ଆତ୍ମାମାନଙ୍କୁ ପ୍ରବେଶ କରାଇ ଦେଇଛନ୍ତି ଯେଉଁମାନେ ଆପଣଙ୍କ ସହିତ ଯିବାପାଇଁ ସହମତି ପ୍ରଦାନ କରିଥିଲେ ତଥା ପିତାଜୀ ପ୍ରକୃତିକୁ ବଚନ ଶକ୍ତି ପ୍ରଦାନ କରିଛନ୍ତି । ଆପଣ ଯେତେ ଜୀବ ଚାହିଁବେ ପ୍ରକୃତି ନିଜ ଶବ୍ଦ ଶକ୍ତି ଦ୍ୱାରା ତାହା ଉତ୍ପନ୍ନ କରାଇବେ । ଏହା କହି ସହଜ ଦାସ ନିଜ ଦ୍ୱୀପକୁ ଫେରି ଆସିଲେ ।

ଯୁବା ହୋଇଥିବା କାରଣରୁ କନ୍ୟାର ରଙ୍ଗ-ରୂପ ସୁନ୍ଦର ଦେଖା ଯାଉଥିଲା । ବ୍ରହ୍ମ ମନରେ ବିଷୟ-ବାସନା ଉତ୍ପନ୍ନ ହେବାକୁ ଲାଗିଲା ତଥା ପ୍ରକୃତି ଦେବୀ ସହିତ ସେ ଅଶ୍ଳୀଳ ଗତିବିଧି ଆରମ୍ଭ କରିଦେଲା । ଦୁର୍ଗା କହିଲେ, ଜ୍ୟୋତି ନିରଞ୍ଜନ ! ପିତାଙ୍କ ଦ୍ୱାରା ପ୍ରଦତ୍ତ ଶବ୍ଦଶକ୍ତି ମୋ ପାଖରେ ଅଛି । ଆପଣ ଯେତେ ପ୍ରାଣୀ କହିବେ ମୁଁ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ କରିଦେବି । ଆପଣ ମୈଥୁନ ପରମ୍ପରାର ଆରମ୍ଭ କରନ୍ତୁ ନାହିଁ । ଆପଣ ସେହି ପିତାଙ୍କ ଶବ୍ଦଶକ୍ତି ଦ୍ୱାରା ଅଣ୍ଡା ମଧ୍ୟରୁ ଉତ୍ପନ୍ନ ହୋଇଛନ୍ତି ତଥା କିଛି ମୁହୂର୍ତ୍ତ ପରେ ମୁଁ ମଧ୍ୟ ସେହି ପିତାଙ୍କ ଶବ୍ଦଶକ୍ତିରୁ ଉତ୍ପନ୍ନ ହେଲି ତେଣୁ ଆପଣ ମୋର ବଡଭାଇ ଅଟନ୍ତି । ଭଉଣୀ-ଭାଇର ଏହି ସଂଯୋଗ ମହାପାପର କାରଣ ହେବ । ପରନ୍ତୁ ପ୍ରକୃତି ଦେବୀଙ୍କର ଏହି ପ୍ରାର୍ଥନାକୁ ଜ୍ୟୋତି ନିରଞ୍ଜନ ଅଦୌ କର୍ଣ୍ଣପାତ କଲା ନାହିଁ ତଥା ନିଜ ଶବ୍ଦ ଶକ୍ତି ଦ୍ୱାରା ନଖ ସାହାଯ୍ୟରେ ପ୍ରକୃତି ଦେବୀ ଶରିରରେ ସ୍ତ୍ରୀ ଇନ୍ଦ୍ରିୟ (ଯୋନି) ଲଗାଇ ଦେଲା ତଥା ବଳାତ୍କାର କରିବା ପାଇଁ ଉଦ୍ୟମ କଲା । ସେହି ସମୟରେ ଦୁର୍ଗା ନିଜ ଇଜ୍ଜତ୍ ରକ୍ଷା କରିବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ସୂକ୍ଷ୍ମ ରୂପ ଧାରଣ କରି ଜ୍ୟୋତି ନିରଞ୍ଜନର ମୁଖଦ୍ୱାରା ଦେଇ ପେଟ ମଧ୍ୟକୁ ପ୍ରବେଶ କରିଗଲା ତଥା ନିଜକୁ ରକ୍ଷା କରିବା ପାଇଁ ପୂର୍ଣ୍ଣବ୍ରହ୍ମ କବୀର୍ ଦେବଙ୍କୁ ପାର୍ଥନା କଲା । ସେହି ସମୟରେ କବିର୍ଦେବ (କବୀର ଦେବ) ନିଜ ପୁତ୍ର ଯୋଗସନ୍ତାୟନ ଅର୍ଥାତ୍ ଯୋଗଜୀତଙ୍କ ରୂପ ଧାରଣ କରି ସେଠାରେ ପ୍ରକଟ ହେଲେ ତଥା କନ୍ୟାକୁ ବ୍ରହ୍ମ ଉଦରରୁ ବାହାରକୁ କାଢ଼ିଲେ ତଥା କହିଲେ, ଜ୍ୟୋତି ନିରଞ୍ଜନ ! ଆଜିଠୁ ତୋର ନାମ "କାଳ" ହେବ । ଏଣିକି ତୋର ଜନ୍ମ-ମୃତ୍ୟୁ ହେବ । ଏଥିପାଇଁ ତୋର ନାମ କ୍ଷରପୁରୁଷ ହେବ ଏବଂ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀ ପ୍ରତିଦିନ ତୁ ଭକ୍ଷଣ କରିବୁ ତଥା ଏକଲକ୍ଷ ପଚିଶ ହଜାର ପ୍ରାଣୀ ଉତ୍ପନ୍ନ କରିବୁ । ଏକୋଇଶି ବ୍ରହ୍ମାଣ୍ଡ ସହିତ ତୁମ୍ଭ ଦୁହିଁଙ୍କୁ ଏଠାରୁ ନିଷ୍କାଶିତ କରାଗଲା । ଏତିକି କହିବା ପରେ ଏକୋଇଶି ବ୍ରହ୍ମାଣ୍ଡ ବିମାନ ଭଳି ଗତି କରିବାକୁ ଲାଗିଲା ତଥା ସହଜ ଦାସଙ୍କ ଦ୍ୱୀପ ନିକଟ ଦେଇ ସତ୍‌ଲୋକରୁ ଷୋହଳ (୧୬) ଶଙ୍ଖକୋଶ (ଏକକୋଶ ପାଖାପାଖି ତିନି (୩) କିଲୋମିଟର ହୋଇଥାଏ) ଦୂରରେ ଆସି ଅଟକିଗଲା ।

ବିଶେଷ ବିବରଣୀ:- ବର୍ତ୍ତମାନ ପର୍ଯ୍ୟନ୍ତ ତିନି ଶକ୍ତିଙ୍କର ବିବରଣୀ ଆସିଛି ।

୧. ପୂର୍ଣ୍ଣବ୍ରହ୍ମ ଯିଏ ସତ୍ୟପୁରୁଷ, ଅକାଳପୁରୁଷ, ଶବ୍ଦସ୍ୱରୂପୀ ରାମ, ପରମ ଅକ୍ଷରବ୍ରହ୍ମ / ପୁରୁଷ ଆଦି ନାମରେ ପରିଚିତ । ଏହି ପୂର୍ଣ୍ଣବ୍ରହ୍ମ ଅସଂଖ୍ୟ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି ତଥା ବାସ୍ତବରେ ସେ ଅବିନାଶୀ ଅଟନ୍ତି ।

୨. ପରବ୍ରହ୍ମ - ଯାହାଙ୍କୁ ଅକ୍ଷର ପୁରୁଷ ମଧ୍ୟ କୁହାଯାଏ । ବାସ୍ତବରେ ସେ ଅବିନାଶୀ ନୁହଁନ୍ତି । ସେ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି ।

୩. ବ୍ରହ୍ମ - ଯିଏ ଜ୍ୟୋତି ନିରଞ୍ଜନ, କାଳ, କୈଳ, କ୍ଷରପୁରୁଷ ତଥା ଧର୍ମରାୟ ଆଦି ନାମରେ ପରିଚିତ, ସେ କେବଳ ଏକୋଇଶ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି । ଏବେ ଆଗକୁ ଏହି ବ୍ରହ୍ମ (କାଳ)ଙ୍କ ସୃଷ୍ଟିର ଗୋଟିଏ ବ୍ରହ୍ମାଣ୍ଡର ପରିଚୟ ଦିଆଯିବ, ଯେଉଁଥିରେ ଆଉ ତିନୋଟି ନାମ ଆପଣଙ୍କୁ ପଢିବାକୁ ମିଳିବ - ବ୍ରହ୍ମା, ବିଷ୍ଣୁ ଓ ଶିବ । ବ୍ରହ୍ମ ଓ ବ୍ରହ୍ମାଙ୍କ ମଧ୍ୟରେ ପାର୍ଥକ୍ୟ - ଗୋଟିଏ ବ୍ରହ୍ମାଣ୍ଡରେ ନିର୍ମିତ ସର୍ବ ଉପର ସ୍ଥାନରେ ବ୍ରହ୍ମ (କ୍ଷରପୁରୁଷ) ତିନୋଟି ଗୁପ୍ତ ସ୍ଥାନ ରଚନା କରି ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଓ ଶିବ ରୂପରେ ରୁହନ୍ତି ତଥା ନିଜ ପତ୍ନୀ ପ୍ରକୃତି (ଦୁର୍ଗା)ଙ୍କ ସହଯୋଗରେ ତିନି ପୁତ୍ରଙ୍କର ଉତ୍ପତ୍ତି କରିଥାନ୍ତି ।

ସେମାନଙ୍କ ନାମ ମଧ୍ୟ ବ୍ରହ୍ମା, ବିଷ୍ଣୁ ଓ ଶିବ ରଖିଥାନ୍ତି । ବ୍ରହ୍ମଙ୍କ ପୁତ୍ର ବ୍ରହ୍ମା ଗୋଟିଏ ବ୍ରହ୍ମାଣ୍ଡର ତିନିଲୋକ (ପୃଥିବୀଲୋକ, ସ୍ୱର୍ଗଲୋକ, ପାତାଳଲୋକ)ର ଏକ ରଜଗୁଣ ବିଭାଗର ମନ୍ତ୍ରୀ (ସ୍ୱାମୀ) ଅଟନ୍ତି । ଏହାଙ୍କୁ ତ୍ରୈଲୋକୀୟ ବ୍ରହ୍ମା କୁହାଯାଏ ତଥା ବ୍ରହ୍ମ ଯିଏ ବ୍ରହ୍ମଲୋକରେ ବ୍ରହ୍ମାରୂପରେ ରୁହନ୍ତି ତାଙ୍କୁ ମହାବ୍ରହ୍ମା ବା ବ୍ରହ୍ମଲୋକୀୟ ବ୍ରହ୍ମା କୁହାଯାଏ । ଏହି ବ୍ରହ୍ମ (କାଳ)ଙ୍କୁ ସଦାଶିବ, ମହାଶିବ ଓ ମହାବିଷ୍ଣୁ ମଧ୍ୟ କୁହାଯାଏ ।

ଗୋଟିଏ ବ୍ରହ୍ମାଣ୍ଡର ଲଘୁଚିତ୍ର

ଶ୍ରୀ ବିଷ୍ଣୁ ପୁରାଣରେ ପ୍ରମାଣ:- ଚତୁର୍ଥ ଅଂଶ ଅଧ୍ୟାୟ ୧ ପୃଷ୍ଠା ୨୩୦-୨୩୧ରେ ଶ୍ରୀ ବ୍ରହ୍ମା କହୁଛନ୍ତି :- ଯେଉଁ ଅଜନ୍ମା, ସର୍ବମୟ ବିଧାତା ପରମେଶ୍ୱରଙ୍କ ଆଦି, ମଧ୍ୟ, ଅନ୍ତ, ସ୍ୱରୂପ, ସ୍ୱଭାବ ଓ ସାର ମୁଁ ଜାଣିପାରି ନାହିଁ (ଶ୍ଳୋକ-୮୩) ।

ଯିଏ ମୋ ରୂପ ଧାରଣ କରି ସଂସାରର ସୃଷ୍ଟି କରନ୍ତି, ସ୍ଥିତି (ସଂସାର ପାଳନ) ସମୟର ପୁରୁଷ ରୂପ ତଥା ରୁଦ୍ର ରୂପରେ ଯିଏ ବିଶ୍ୱକୁ ଗ୍ରାସ କରନ୍ତି, ଅନନ୍ତ ରୂପରେ ସମ୍ପୂର୍ଣ୍ଣ ଜଗତକୁ ଧାରଣ କରିଛନ୍ତି । (ଶ୍ଳୋକ ୮୬) ।

"ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଓ ଶ୍ରୀ ଶିବଙ୍କର ଉତ୍ପତ୍ତି"

କାଳ (ବ୍ରହ୍ମ), ପ୍ରକୃତି (ଦୁର୍ଗା)କୁ କହିଲେ, ଏବେ ମୋର କିଏ କ'ଣ କରିବ ? ଏବେ ମୋ ଇଚ୍ଛା ମୁତାବକ ମୁଁ କାର୍ଯ୍ୟ କରିବି । ପ୍ରକୃତି ପୁଣି ପ୍ରାର୍ଥନା କରି କହିଲା, ଆପଣଙ୍କୁ ଲଜ୍ୟା ଲାଗିବା ଦରକାର । ପ୍ରଥମେ ତ ଆପଣ ମୋ ବଡଭାଇ କାରଣ ସେହି ପୂର୍ଣ୍ଣ ପରମାତ୍ମା (କବିର୍ଦେବ)ଙ୍କ ବଚନ ଶକ୍ତି ଦ୍ୱାରା ଅଣ୍ଡା ମଧ୍ୟରୁ ଆପଣ (ବ୍ରହ୍ମ)ଙ୍କର ଉତ୍ପତ୍ତି ହୋଇଛି ତଥା କିଛି ସମୟ ପରେ ସେହି ପରମେଶ୍ୱରଙ୍କ ବଚନ ଶକ୍ତିରୁ ମୋର ମଧ୍ୟ ଉତ୍ପତ୍ତି ହୋଇଛି । ଦ୍ୱିତୀୟରେ ଆପଣଙ୍କ ପେଟରୁ ମୁଁ ବାହାରିଛି, ମୁଁ ଆପଣଙ୍କ କନ୍ୟା ହେଲି ତଥା ଆପଣ ମୋର ପିତା ହେଲେ । ଏହି ପବିତ୍ର ସମ୍ପର୍କକୁ ନଷ୍ଟ କରିବା ମହାପାପ ହେବ । ମୋ ନିକଟରେ ପିତାଙ୍କ ଦ୍ୱାରା ପ୍ରଦତ୍ତ ଶବ୍ଦଶକ୍ତି ଅଛି । ଯେତେ ପ୍ରାଣୀ ଆପଣ କହିବେ ମୁଁ ବଚନ ଶକ୍ତି ଦ୍ୱାରା ଉତ୍ପନ୍ନ କରିଦେବି । ଜ୍ୟୋତି ନିରଞ୍ଜନ, ଦୁର୍ଗାଙ୍କର କୌଣସି ଗୋଟିଏ ବି ପ୍ରାର୍ଥନା ଶୁଣିଲା ନାହିଁ ତଥା କହିଲା ଯେ ମୋତେ ଯେଉଁ ଦଣ୍ଡ ମିଳିବାର ଥିଲା ମିଳିଗଲା । ମୋତେ ସତ୍‌ଲୋକରୁ ନିଷ୍କାସିତ କରି ଦିଆଗଲା । ବର୍ତ୍ତମାନ ମୁଁ ମନଇଚ୍ଛା କାର୍ଯ୍ୟ କରିବି । ଏହା କହି କାଳ ପୁରୁଷ (କ୍ଷର ପୁରୁଷ) ପ୍ରକୃତିଙ୍କ ସହିତ ବଳପୂର୍ବକ ବିବାହ କଲା ତଥା ତିନି ପୁତ୍ର (ରଜଗୁଣ ଯୁକ୍ତ-ବ୍ରହ୍ମାଜୀ, ସତଗୁଣ ଯୁକ୍ତ-ବିଷ୍ଣୁଜୀ ତଥା ତମଗୁଣ ଯୁକ୍ତ-ଶିବଜୀ)ଙ୍କର ଉତ୍ପତ୍ତି କଲା । ଯୁବକ ହେବା ପର୍ଯ୍ୟନ୍ତ ତିନିପୁତ୍ରଙ୍କୁ ଦୁର୍ଗାଙ୍କ ଦ୍ୱାରା ଅଚେତ କରାଇ ରଖିଥାଏ । ପୁଣି ଯୁବକ ହୋଇଯିବା ପରେ ଶ୍ରୀ ବ୍ରହ୍ମାଙ୍କୁ ପଦ୍ମ ଫୁଲ ଉପରେ, ଶ୍ରୀ ବିଷ୍ଣୁଙ୍କୁ ଶେଷନାଗ ଶଯ୍ୟା ଉପରେ ତଥା ଶ୍ରୀ ଶିବଙ୍କୁ କୈଳାସ ପର୍ବତ ଉପରେ ସଚେତ କରି ଏକତ୍ରିତ କରିଦେଇଥାଏ । ତତ୍‌ପଶ୍ଚାତ୍ ପ୍ରକୃତି (ଦୁର୍ଗା) ଦ୍ୱାରା ଏହି ତିନିଜଣଙ୍କର ବିବାହ କରି ଦିଆଯାଏ ତଥା ଗୋଟିଏ ବ୍ରହ୍ମାଣ୍ଡର ତିନି ଲୋକ (ସ୍ୱର୍ଗଲୋକ, ପୃଥିବୀଲୋକ, ପାତାଳ ଲୋକ)ରେ ଏମାନଙ୍କୁ ଗୋଟିଏ ଗୋଟିଏ ବିଭାଗର ମନ୍ତ୍ରୀ (ପ୍ରଭୁ) ରୂପେ ନିଯୁକ୍ତି କରିଦିଏ । ଯେପରି ଶ୍ରୀ ବ୍ରହ୍ମାଙ୍କୁ ରଜଗୁଣ ବିଭାଗର, ଶ୍ରୀବିଷ୍ଣୁଙ୍କୁ ସତଗୁଣ ବିଭାଗ ତଥା ଶ୍ରୀ ଶିବ ଶଙ୍କରଙ୍କୁ ତମଗୁଣ ବିଭାଗର ଦାୟିତ୍ୱ ତଥା ସ୍ୱୟଂ ଗୁପ୍ତ (ମହାବ୍ରହ୍ମା-ମହାବିଷ୍ଣୁ-ମହାଶିବ) ରୂପରେ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥାଏ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଗୋଟିଏ ବ୍ରହ୍ମଲୋକ ରଚନା କରିଛି । ସେଥିରେ ତିନୋଟି ଗୁପ୍ତସ୍ଥାନ ନିର୍ମାଣ କରିଛି । ସେଥିମଧ୍ୟରୁ ଗୋଟିଏ ରଜଗୁଣ ପ୍ରଧାନ ସ୍ଥାନ ଅଟେ । ଯେଉଁଠି ଏହି ବ୍ରହ୍ମ (କାଳ) ସ୍ୱୟଂ ମହାବ୍ରହ୍ମା (ମୁଖ୍ୟମନ୍ତ୍ରୀ) ରୂପରେ ରହିଥାଏ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାସାବିତ୍ରୀ ରୂପରେ ରଖିଥାଏ । ଏହି ଦୁହିଁଙ୍କ ସଂଯୋଗରୁ ଯେଉଁ ପୁତ୍ର ଏହି ସ୍ଥାନରେ ଉତ୍ପନ୍ନ ହୁଏ ସ୍ୱତଃପ୍ରବୃତ୍ତ ଭାବେ ସେ ରଜୋଗୁଣୀ ହୋଇଯାଏ । ଦ୍ୱିତୀୟ ସ୍ଥାନଟିକୁ ସତଗୁଣ ପ୍ରଧାନ କରି ସେଠାରେ ଏହି କ୍ଷରପୁରୁଷ ସ୍ୱୟଂ ମହାବିଷ୍ଣୁ ରୂପରେ ରୁହେ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାଲକ୍ଷ୍ମୀ ରୂପରେ ରଖି ଯେଉଁ ପୁତ୍ର ଉତ୍ପନ୍ନ କରେ ସେହି ପୁତ୍ରର ନାମ ବିଷ୍ଣୁ ରଖିଥାଏ । ସେହି ବାଳକ ସତଗୁଣ ଯୁକ୍ତ ହୋଇଥାଏ । ତୃତୀୟରେ ଏହି କାଳ ସେଠାରେ ଏକ ତମଗୁଣ ପ୍ରଧାନ କ୍ଷେତ୍ର ନିର୍ମାଣ କରିଛି । ସେଠାରେ ସେ ସଦାଶିବ ରୂପରେ ନିଜେ ରୁହେ ତଥା ନିଜ ପତ୍ନୀ ଦୁର୍ଗାଙ୍କୁ ମହାପାର୍ବତୀ ରୂପରେ ରଖିଥାଏ । ଦୁହିଁଙ୍କ ପତିପତ୍ନୀ ବ୍ୟବହାରରୁ ଯେଉଁ ପୁତ୍ର ଉତ୍ପନ୍ନ ହୁଏ ତାହାର ନାମ ଶିବ ରଖିଥାନ୍ତି ତଥା ସେହି ପୁତ୍ରକୁ ତମଗୁଣ ଯୁକ୍ତ କରିଦିଅନ୍ତି । (ପ୍ରମାଣ ପାଇଁ ଦେଖନ୍ତୁ ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ ପବିତ୍ର ଶ୍ରୀ ଶିବ ମହାପୁରାଣ, ବିଦ୍ୟେଶ୍ୱର ସଂହିତା ପୃଷ୍ଠା ୨୪-୨୬ ଯେଉଁଥିରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର ବା ମହେଶ୍ୱରଙ୍କଠାରୁ ଭିନ୍ନ ସଦାଶିବ ଅଟନ୍ତି ତଥା ରୁଦ୍ର

ସଂହିତା ଅଧ୍ୟାୟ ୬ ତଥା ୭,୯ ପୃଷ୍ଠା ନଂ. ୧୦୦ରୁ ୧୦୫ ତଥା ୧୧୦ରେ ଅନୁବାଦ କର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ତଥା ପବିତ୍ର ଶ୍ରୀମଦ୍ ଦେବୀ ମହାପୁରାଣ ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୧୪ରୁ ୧୨୩ ପର୍ଯ୍ୟନ୍ତ, ଗୀତା ପ୍ରେସ ଗୋରଖପୁରରୁ ପ୍ରକାଶିତ, ଯାହାର ଅନୁବାଦ କର୍ତ୍ତା ଶ୍ରୀହନୁମାନ ପ୍ରସାଦ ପୋଦ୍ଦାର ଚିମନ୍‌ଲାଲ ଗୋସ୍ୱାମୀ) । ପୁଣି ଏମାନଙ୍କ ସହିତ ଛଳନା କରି ନିଜ ଭୋଜନ ପାଇଁ ଶ୍ରୀ ବ୍ରହ୍ମାଙ୍କ ଦ୍ୱାରା ଜୀବମାନଙ୍କର ଉତ୍ପତ୍ତି କରିଥାଏ । ଶ୍ରୀ ବିଷ୍ଣୁଙ୍କ ଦ୍ୱାରା ପାଳନ (ପରସ୍ପରକୁ ମୋହ ମମତାରେ ବାନ୍ଧି କାଳ ଜାଲରେ ରଖିବା) ତଥା ଶ୍ରୀ ଶିବଙ୍କ ଦ୍ୱାରା ସଂହାର (କାରଣ ଅଭିଶାପବଶତଃ କାଳପୁରୁଷକୁ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କର ସୂକ୍ଷ୍ମ ଶରୀରରୁ ମଇଳା ବାହାର କରି ଖାଇବାକୁ ପଡିଥାଏ । ସେଥିପାଇଁ ଏକୋଇଶିତମ ବ୍ରହ୍ମାଣ୍ଡରେ ଏକ ତପ୍ତଶୀଳା ଅଛି ଯାହା ସ୍ୱତଃ ଉତ୍ତପ୍ତ ରହିଥାଏ । ସେହି ତପ୍ତଶୀଳା ଉପରେ ଜୀବାତ୍ମାକୁ ଗରମ କରି ସେଥରୁ ବାହାରୁଥିବା ମଇଳାକୁ ଖାଇଥାଏ । ଜୀବମାନେ ମରି ନ ଥାନ୍ତି କିନ୍ତୁ ଅସହନୀୟ କଷ୍ଟ ଭୋଗିଥାନ୍ତି । ତା'ପରେ ସେମାନଙ୍କୁ କର୍ମ ଆଧାରରେ ଅନ୍ୟ ଶରୀର ପ୍ରଦାନ କରିଥାଏ) । ଯେପରି କୌଣସି ଏକ ଗୃହରେ ତିନୋଟି ପ୍ରକୋଷ୍ଠ (କକ୍ଷ) ଅଛି, ଗୋଟିଏ ପ୍ରକୋଷ୍ଠରେ ଅଶ୍ଳୀଳ ଚିତ୍ର ଲାଗିଅଛି । ସେହି ପ୍ରକୋଷ୍ଠକୁ ପ୍ରବେଶ କରିବା ମାତ୍ରେ ମନରେ ସେହିଭଳି ଖରାପ ଭାବନା ଉତ୍ପନ୍ନ ହୋଇଯାଏ । ଦ୍ୱିତୀୟ କକ୍ଷରେ ସାଧୁସନ୍ଥ ଓ ଭକ୍ତମାନଙ୍କର ଚିତ୍ର ଲାଗିଥଲେ, ମନରେ ଉତ୍ତମ ଭାବନା ଓ ପ୍ରଭୁଚିନ୍ତନ ତଥା ଭକ୍ତିଭାବ ସୃଷ୍ଟି ହୁଏ । ତୃତୀୟ କକ୍ଷରେ ଦେଶଭକ୍ତ ଓ ସହିଦମାନଙ୍କର ଚିତ୍ର ଲାଗିଥିଲେ, ମନରେ ସେହିଭଳି ଉଗ୍ର ଭାବନା ଉତ୍ପନ୍ନ ହୋଇଯାଏ । ଠିକ୍ ଏହି ପ୍ରକାରେ ବ୍ରହ୍ମ (କାଳ) ନିଜ ବୁଦ୍ଧିରେ ଉପରୋକ୍ତ ତିନି ଗୁଣଯୁକ୍ତ ସ୍ଥାନର ରଚନା କରିଅଛି ।

"ତିନିଗୁଣ କ'ଣ? ପ୍ରମାଣ ସହିତ"

"ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ ତିନିଗୁଣ ଅଟନ୍ତି । ଏମାନେ ବ୍ରହ୍ମ (କାଳ) ତଥା ପ୍ରକୃତି (ଦୁର୍ଗା)ଠାରୁ ଉତ୍ପନ୍ନ ହୋଇଛନ୍ତି ଏବଂ ଏମାନେ ନାଶବାନ ଅଟନ୍ତି ।"

ପ୍ରମାଣ:- ଗୀତାପ୍ରେସ ଗୋରଖପୁର ପ୍ରକାଶିତ ଶ୍ରୀ ଶିବ ମହାପୁରାଣ, ସଂପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ବିଦ୍ୟେଶ୍ୱର ସଂହିତା ପୃଷ୍ଠା ନଂ ୨୪-୨୬ ତଥା ରୁଦ୍ର ସଂହିତା ପୃଷ୍ଠା ନଂ ୧୧୦ ଅଧ୍ୟାୟ ୯, "ଏହି ପ୍ରକାରେ ବ୍ରହ୍ମା, ବିଷ୍ଣୁ ଓ ଶିବ ତିନିଗୁଣ ଯୁକ୍ତ ଦେବତା ଅଟନ୍ତି, ପରନ୍ତୁ ସଦାଶିବ (ବ୍ରହ୍ମ-କାଳ)କୁ ଗୁଣାତୀତ ବୋଲି କୁହାଯାଇଛି ।"

ଦ୍ୱିତୀୟ ପ୍ରମାଣ:- ଗୀତାପ୍ରେସ ଗୋରଖପୁର ପ୍ରକାଶିତ ଶ୍ରୀମଦ ଦେବୀ ଭାଗବତ ପୁରାଣ, ସମ୍ପାଦକ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ଚିମନଲାଲ ଗୋସ୍ୱାମୀ, ତୃତୀୟ ସ୍କନ୍ଧ, ଅଧ୍ୟାୟ ୫ ପୃଷ୍ଠା ନଂ ୧୨୩ରେ ଭଗବାନ ବିଷ୍ଣୁ, ମାତା ଦୁର୍ଗାଙ୍କର ସ୍ତୁତି କରି କହିଲେ, ମୁଁ (ବିଷ୍ଣୁ), ବ୍ରହ୍ମା ଓ ଶଙ୍କର ତୁମ୍ଭ କୃପାରୁ ବିଦ୍ୟମାନ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଏବଂ ତିରୋଭାବ (ମୃତ୍ୟୁ) ହୋଇଥାଏ । ଆମ୍ଭେ ନିତ୍ୟ (ଅବିନାଶୀ) ନୁହେଁ । ତୁମ୍ଭେ ନିତ୍ୟ, ଜଗତଜନନୀ, ପ୍ରକୃତି ଏବଂ ସନାତନୀ ଦେବୀ ଅଟ । ଭଗବାନ ଶଙ୍କର କହିଲେ, ଯଦି ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁ ତୁମ୍ଭଠାରୁ ଉତ୍ପନ୍ନ ! ତେବେ ସେମାନଙ୍କ ପରେ ଉତ୍ପନ୍ନ ହୋଇ ତମଗୁଣୀ ଲୀଳା କରୁଥିବା ମୁଁ ଶଙ୍କର ତୁମ୍ଭ ସନ୍ତାନ ନୁହେଁ କି ? ଅର୍ଥାତ୍ ମୋର ଉତ୍ପତ୍ତିକର୍ତ୍ତା ତୁମ୍ଭେ ହିଁ ଅଟ । ଏହି ସଂସାରର ସୃଷ୍ଟି-ସ୍ଥିତି-ସଂହାରରେ ତୁମ୍ଭ ଗୁଣ ସଦା ସର୍ବଦା ରହିଛି । ଏହି ତିନିଗୁଣରୁ ଉତ୍ପନ୍ନ ଆମ୍ଭେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ନିୟମାନୁସାରେ କାର୍ଯ୍ୟରେ ତତ୍ପର ରହିଥାଉ ।

ଉପରୋକ୍ତ ଏହି ବିବରଣୀ କେବଳ ହିନ୍ଦୀ ଅନୁବାଦିତ ଶ୍ରୀ ଦେବୀ ମହାପୁରାଣରେ ରହିଛି, ଯେଉଁଥିରେ କିଛି ତଥ୍ୟକୁ ଲୁଚା ଯାଇଛି । ଏଥିପାଇଁ ଦେଖନ୍ତୁ ପ୍ରମାଣ- ଶ୍ରୀମଦ୍ ଦେବୀଭାଗବତ ମହାପୁରାଣ, ସଭାଷ୍ଟିକମ୍ ସମହାତ୍ୟମ୍, ଖେମରାଜ ଶ୍ରୀକୃଷ୍ଣ ଦାସ ପ୍ରକାଶନ, ମୁମ୍ବାଇ । ଏଥିରେ ସଂସ୍କୃତ ସହିତ ହିନ୍ଦୀ ଅନୁବାଦ ମଧ୍ୟ କରାଯାଇଛି । ତୃତୀୟ ସ୍କନ୍ଧ ଅଧ୍ୟାୟ ୪ ପୃଷ୍ଠା ନଂ ୧୦ ଶ୍ଳୋକ ୪୨:-

ବ୍ରହ୍ମା- ଅହମ୍ ଇଶ୍ୱରଃ ଫିଲ୍ ତେ ପ୍ରଭାବାସ୍ସର୍ବେ ବୟଂ ଜନି ଯୁତା ନ ଯଦା ତୁ ନିତ୍ୟାଃ କେ ଅନ୍ୟେ ସୁରାଃ ଶତମଖ ପ୍ରମୁଖାଃ ଚ ନିତ୍ୟା ନିତ୍ୟା ତ୍ୱମେବ ଜନନୀ ପ୍ରକୃତିଃ ପୁରାଣା । (୪୨)

ହିନ୍ଦୀ ଅନୁବାଦ:- ହେ ମାତା ! ବ୍ରହ୍ମା, ମୁଁ ଓ ଶିବ ତୁମ୍ଭ ପ୍ରଭାବରୁ ହିଁ ଜନ୍ମବାନ ଅଟୁ, ନିତ୍ୟ ନୁହେଁ ଅର୍ଥାତ୍ ଆମ୍ଭେମାନେ ଅବିନାଶୀ ନୁହେଁ, ପୁଣି ଇନ୍ଦ୍ରାଦି ଅନ୍ୟ ଦେବତା କିପରି ନିତ୍ୟ ହୋଇପାରିବେ । କେବଳ ତୁମ୍ଭେ ହିଁ ଅବିନାଶୀ, ପ୍ରକୃତି ତଥା ସନାତନୀ ଦେବୀ ଅଟ ।

ପୃଷ୍ଠା ନଂ ୧୧-୧୨, ଅଧ୍ୟାୟ-୫, ଶ୍ଳୋକ-୮:- ଯଦି ଦୟାର୍ଦ୍ରମନା ନ ସଦାଂଽବିକେ କଥମହଂ ବିହିତଃ ଚ ତମୋଗୁଣଃ କମଳଜଶ୍ଚ ରଜୋଗୁଣସଂଭବଃ ସୁବିହିତଃ କିମୁ ସତ୍ତ୍ୱଗୁଣୋଁ ହରିଃ । (୮)

ଅନୁବାଦ:- ଭଗବାନ ଶଙ୍କର କହିଲେ:- ହେ ମାତା ! ଯଦି ଆମ୍ଭମାନଙ୍କ ଉପରେ ଆପଣ ଦୟାଯୁକ୍ତ ତେବେ ମୋତେ ତମୋଗୁଣୀ କଲେ କାହିଁକି ? ପଦ୍ମଫୁଲରୁ ଉତ୍ପନ୍ନ ବ୍ରହ୍ମାଙ୍କୁ ରଜଗୁଣ ତଥା ବିଷ୍ଣୁଙ୍କୁ ସତଗୁଣ ଯୁକ୍ତ କଲେ କାହିଁକି ? ଅର୍ଥାତ୍ ଜୀବମାନଙ୍କର ଜନ୍ମ-ମୃତ୍ୟୁ ରୂପୀ ଦୁଃଷ୍କର୍ମରେ ଆମ୍ଭଙ୍କୁ କାହିଁକି ନିୟୋଜିତ କଲେ ?

ଶ୍ଳୋକ୧୨:-ରମୟସେ ସ୍ୱପତିଂ ପୁରୁଷଂ ସଦା ତବ ଗତିଂ ନ ହି ବିହ ବିଦ୍‌ମ ଶିବେ (୧୨)

ହିନ୍ଦୀ :- ଆପଣ, ପତି ପୁରୁଷ ଅର୍ଥାତ୍ କାଳ ଭଗବାନଙ୍କ ସହିତ ସର୍ବଦା ଭୋଗ ବିଳାସରେ ଲିପ୍ତ ରହିଥାନ୍ତି । ଆପଣଙ୍କ ଗତି ବିଷୟରେ କେହି ଜାଣନ୍ତି ନାହିଁ ।

ନିଷ୍କର୍ଷ:- ଉପରୋକ୍ତ ପ୍ରମାଣଗୁଡିକରୁ ସିଦ୍ଧ ହେଲା ଯେ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ତଥା ତମଗୁଣ ଶିବ ଅଟନ୍ତି । ଏହି ତିନି ଦେବତା ନାଶବାନ ଅଟନ୍ତି । ଦୁର୍ଗାଙ୍କ ପତି ବ୍ରହ୍ମ (କାଳ) ଅଟନ୍ତି ଯିଏ ତାଙ୍କ ସହିତ ଭୋଗ ବିଳାସ କରିଥାନ୍ତି ।

"ବ୍ରହ୍ମ(କାଳ)ଙ୍କର୍ ଅବ୍ୟକ୍ତ ରହିବା ପାଇଁ ପ୍ରତିଜ୍ଞା"

ସୁକ୍ଷ୍ମ ବେଦର ଅବଶିଷ୍ଟାଶଂ ସୃଷ୍ଟି ରଚନା ବିଷୟ .....

ତିନି ପୁତ୍ରଙ୍କର ଉତ୍ପତ୍ତି ପରେ ବ୍ରହ୍ମ ନିଜ ପତ୍ନୀ ଦୁର୍ଗା (ପ୍ରକୃତି)ଙ୍କୁ କହିଲେ, ମୁଁ ପ୍ରତିଜ୍ଞା କରୁଛି ଯେ ଭବିଷ୍ୟତରେ କାହାକୁ ବି ନିଜ ବାସ୍ତବିକ ରୂପରେ ଦର୍ଶନ ଦେବି ନାହିଁ । ଯେଉଁ କାରଣରୁ ମୁଁ ଅବ୍ୟକ୍ତ ବୋଲି ସମସ୍ତେ ଜାଣିବେ । ଆପଣ ମୋ ଭେଦ (ରହସ୍ୟ) କାହାକୁ ଜଣାଇବେ ନାହିଁ, ମୁଁ ଗୁପ୍ତ ରହିବି । ଦୁର୍ଗା ପଚାରିଲେ, ଆପଣ କ'ଣ ନିଜ ପୁତ୍ରମାନଙ୍କୁ ମଧ୍ୟ ଦର୍ଶନ ଦେବେ ନାହିଁ ? ବ୍ରହ୍ମ ଉତ୍ତର ଦେଲେ ଯେ ମୋ ପୁତ୍ରମାନଙ୍କୁ ଏବଂ ଅନ୍ୟ କାହାକୁ ମଧ୍ୟ କୌଣସି ସାଧନା ଦ୍ୱାରା ମୁଁ ଦର୍ଶନ ଦେବିନାହିଁ । ଏହା ମୋର ଅଟଳ ନିୟମ ହେବ । ଦୁର୍ଗା କହିଲେ, ଆପଣ ନିଜ ସନ୍ତାନମାନଙ୍କଠାରୁ ଗୁପ୍ତ ରହିବେ ଯାହା ଆପଣଙ୍କର ଉତ୍ତମ ନିୟମ ନୁହେଁ । ତା'ପରେ କାଳ କହିଲେ ଦୁର୍ଗା ! ଏହା ମୋର ବିବଶଃତା । ପ୍ରତିଦିନ ଏକ ଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଆହାର କରିବାର ଅଭିଶାପ ମୋତେ ଲାଗିଛି । ଯଦି ମୋ ପୁତ୍ର (ବ୍ରହ୍ମା, ବିଷ୍ଣୁ, ଶିବ)ଙ୍କୁ ଏହା ଜଣା ପଡ଼ିଯିବ ତେବେ ସେମାନେ ଏହି ଉତ୍ପତ୍ତି, ପାଳନ ଓ ସଂହାର କାର୍ଯ୍ୟ କରିବେ ନାହିଁ । ଏଥିପାଇଁ ମୋର ଏହି ଅନୁତ୍ତମ ନିୟମ ସର୍ବଦା ଲାଗୁ ରହିବ । ଯେତେବେଳେ ଏହି ତିନି ପୁତ୍ର ବଡ଼ ହୋଇଯିବେ ସେତେବେଳେ ସେମାନଙ୍କୁ ଅଚେତ କରିଦେବ । ମୋ ବିଷୟରେ କିଛି ବି ଜଣାଇବ ନାହିଁ, ନଚେତ୍ ମୁଁ ତୁମକୁ ମଧ୍ୟ ଦଣ୍ଡ ଦେବି । ଏହି ଭୟରେ ଦୁର୍ଗା ବାସ୍ତବତାକୁ ଲୁଚାଇ ରଖିଛନ୍ତି । ଏଥିପାଇଁ ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪ରେ କୁହାଯାଇଛି ଯେ ବୁଦ୍ଧିହୀନ ଜନ ସମୁଦାୟ ମୋର ଏହି ଅନୁତ୍ତମ ନିୟମ ସହିତ ଅପରିଚିତ ଅଟନ୍ତି ଯେ ମୁଁ କେବେ ବି କାହା ସମ୍ମୁଖରେ ପ୍ରକଟ ହୁଏ ନାହିଁ, ନିଜ ଯୋଗମାୟା ଦ୍ୱାରା ଲୁଚି ରହିଥାଏ । ଏହି କାରଣରୁ ମୋତେ (ଅବ୍ୟକ୍ତକୁ) ମନୁଷ୍ୟ ରୂପଧାରୀ ଅର୍ଥାତ୍ କୃଷ୍ଣ ବୋଲି ମାନିଥାନ୍ତି ।

(ଅବୁଦ୍ଧୟଃ) ବୁଦ୍ଧିହୀନ(ମମ୍) ମୋର (ଅନୁତ୍ତମାମ୍) ଅନୁତ୍ତମ ଅର୍ଥାତ୍ ଅଶ୍ରେଷ୍ଠ (ଅବ୍ୟୟମ୍) ଅବିନାଶୀ (ପରମ୍ ଭାବମ୍) ବିଶେଷ ଭାବକୁ (ଅଜାନନ୍ତଃ) ନ ଜାଣିପାରି (ମାମ୍ ଅବ୍ୟକ୍ତମ୍) ମୁଁ ଅବ୍ୟକ୍ତକୁ (ବ୍ୟକ୍ତିମ୍) ମନୁଷ୍ୟ ରୂପରେ (ଆପନ୍ନମ) ଆସିଥିବା (ମନ୍ୟନ୍ତେ) ମାନିଥାନ୍ତି ଅର୍ଥାତ୍ ମୁଁ କୃଷ୍ଣ ନୁହେଁ । (ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪)

ଗୀତା ଅଧ୍ୟାୟ ୧୧ ଶ୍ଳୋକ ୪୭ ଓ ୪୮ରେ କହିଛନ୍ତି ଯେ ଏହା ହେଉଛି ମୋର ବାସ୍ତବିକ କାଳ ରୂପ ଯାହାର ଦର୍ଶନ ଅର୍ଥାତ୍ ବ୍ରହ୍ମ ପ୍ରାପ୍ତି ନା ବେଦ ବର୍ଣ୍ଣିତ ବିଧି, ନା ଜପ, ନା ତପ, ନା କୌଣସି କ୍ରିୟା ଦ୍ୱାରା ହୋଇପାରିବ ।

ତିନି ସନ୍ତାନ ଯୁବକ ହୋଇଯିବା ପରେ ମାତା ଭବାନୀ (ପ୍ରକୃତି, ଅଷ୍ଟାଙ୍ଗୀ) କହିଲେ, ତୁମ୍ଭେମାନେ ସାଗର ମନ୍ଥନ କର । ପ୍ରଥମ ଥର ସାଗର ମନ୍ଥନରୁ (ଜ୍ୟୋତି ନିରଞ୍ଜନ ନିଜ ନିଶ୍ୱାସ ଦ୍ୱାରା ଚାରିବେଦର ଉତ୍ପନ୍ନ କରି ଗୁପ୍ତ ବାଣୀ ଦ୍ୱାରା ସାଗରରେ ନିବାସ କରିବା ପାଇଁ ଆଜ୍ଞା ଦେଲା) ବାହାରି ଥିବା ଚାରି ବେଦକୁ ବ୍ରହ୍ମା ନେଲେ । ସମୁଦ୍ର ମନ୍ଥନରୁ ବାହାରିଥିବା ବସ୍ତୁକୁ ସାଙ୍ଗରେ ଧରି ତିନି ପୁତ୍ର ଯେତେବେଳେ ମାତାଙ୍କ ନିକଟକୁ ଆସିଲେ ସେତେବେଳେ ମାତା କହିଲେ ଯେ ଚାରିବେଦକୁ ବ୍ରହ୍ମା ରଖନ୍ତୁ ଏବଂ ପଢନ୍ତୁ ।

ନୋଟ୍ :- ବାସ୍ତବରେ ପୂର୍ଣ୍ଣବ୍ରହ୍ମ, ବ୍ରହ୍ମ ଅର୍ଥାତ୍ କାଳକୁ ପାଞ୍ଚୋଟି ବେଦ ପ୍ରଦାନ କରିଥିଲେ । କିନ୍ତୁ ବ୍ରହ୍ମ କେବଳ ଚାରିବେଦକୁ ପ୍ରକଟ କରି ପଞ୍ଚମ ବେଦକୁ ଲୁଚାଇ ଦେଲା । ଯାହାକୁ ପୂର୍ଣ୍ଣ ପରମାତ୍ମା ସ୍ୱୟଂ ପ୍ରକଟ ହୋଇ କବିର୍ଗିର୍ଭିଃ ଅର୍ଥାତ୍ କବିର୍ବାଣୀ (କବୀର ବାଣୀ) ଦ୍ୱାରା ଲୋକ ଉକ୍ତି ଓ ଦୋହା ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଦ୍ୱିତୀୟ ଥର ସାଗର ମନ୍ଥନରୁ ତିନି କନ୍ୟା ବାହାରିଲେ । ମାତା ତିନି କନ୍ୟାଙ୍କୁ ତିନି ପୁତ୍ରଙ୍କ ମଧ୍ୟରେ ବାଣ୍ଟି ଦେଲେ । ପ୍ରକୃତି (ଦୁର୍ଗା) ନିଜର ଅନ୍ୟ ତିନି ରୂପ (ସାବିତ୍ରୀ, ଲକ୍ଷ୍ମୀ ଓ ପାର୍ବତୀ) ଧାରଣ କଲେ । ସେମାନଙ୍କୁ ସମୁଦ୍ର ମଧ୍ୟରେ ଲୁଚାଇ ଦେଲେ ତଥା ସାଗର ମନ୍ଥନ ସମୟରେ ବାହାରକୁ ବାହାର କରିଦେଲ । ସେହି ପ୍ରକୃତି ସ୍ୱୟଂ ତିନି ରୂପ ହେଲେ ଏବଂ ପତ୍ନୀ ରୂପରେ ଭଗବାନ ବ୍ରହ୍ମାଙ୍କୁ ସାବିତ୍ରୀ, ଭଗବାନ ବିଷ୍ଣୁଙ୍କୁ ଲକ୍ଷ୍ମୀ, ଭଗବାନ ଶଙ୍କରଙ୍କୁ ପାର୍ବତୀଙ୍କୁ ଦେଲେ । ତିନି ଦେବତା ଭୋଗ ବିଳାସ କଲେ, ସୁର ଓ ଅସୁର ଉଭୟେ ଜନ୍ମ ହେଲେ ।

{ତୃତୀୟ ଥର ସାଗର ମନ୍ଥନ ସମୟରେ ବ୍ରହ୍ମାଙ୍କୁ ଚଉଦ ରତ୍ନ, ବିଷ୍ଣୁ ଓ ଦେବତାମାନଙ୍କୁ ଅମୃତ, ଅସୁରମାନଙ୍କୁ ମଦ୍ୟ (ସୁରା) ମିଳିଲା ଏବଂ ପରମାର୍ଥ ଶିବ ନିଜ କଣ୍ଠରେ ବିଷକୁ ଧାରଣ କଲେ । ଏସବୁ ତ ବହୁତ ପଛର ଘଟଣା} ଯେତେବେଳେ ବ୍ରହ୍ମା ବେଦ ଅଧ୍ୟୟନ କରିବାକୁ ଲାଗିଲେ ସେତେବେଳେ ଜାଣିପାରିଲେ ଯେ ସର୍ବ ବ୍ରହ୍ମାଣ୍ଡର ରଚୟିତା, ସୃଷ୍ଟିର ମାଲିକ, ସତପୁରୁଷ (ପ୍ରଭୁ) ଅନ୍ୟ କେହି ଅଟନ୍ତି । ବିଷ୍ଣୁ ଓ ଶିବଙ୍କୁ ବ୍ରହ୍ମା କହିଲେ, ବେଦରେ ବର୍ଣ୍ଣିତ ଅଛି ଯେ ସୃଷ୍ଟିକର୍ତ୍ତା କେହି ଅନ୍ୟ ପ୍ରଭୁ ଅଟନ୍ତି । କିନ୍ତୁ ବେଦ କହୁଛି ଯେ ଏହାର ରହସ୍ୟ ବେଦ ମଧ୍ୟରେ ନାହିଁ । ଏହାର ରହସ୍ୟ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ପଚାରି ବୁଝିବା ପାଇଁ ସଙ୍କେତ ଦିଆଯାଇଛି । ବ୍ରହ୍ମା, ମାତା ଦୁର୍ଗାଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲେ । କିନ୍ତୁ ମାତା କୁହନ୍ତି ଯେ ମୋ ଉପରେ ଅନ୍ୟ କେହି ପ୍ରଭୁ ନାହାଁନ୍ତି, ମୁଁ ହିଁ କର୍ତ୍ତା, ମୁଁ ସର୍ବ ଶକ୍ତିମାନ । ପରନ୍ତୁ ବ୍ରହ୍ମା କହିଲେ, ବେଦ ତ ଇଶ୍ୱର କୃତ, ଏହା ମିଥ୍ୟା ହୋଇ ନ ପାରେ । ଦୁର୍ଗା କହିଲେ, ତୋ ପିତା ପ୍ରତିଜ୍ଞା କରିଛନ୍ତି, ସେ ତୋତେ ଦର୍ଶନ ଦେବେ ନାହିଁ । ବ୍ରହ୍ମା କହିଲେ, ମାତା ! ଆପଣଙ୍କ କଥାରେ ମୋର ବିଶ୍ୱାସ ହେଉ ନାହିଁ, ମୁଁ, ସେହି ପୁରୁଷ(ପ୍ରଭୁ)ଙ୍କର ଠିକଣା ନିଶ୍ଚୟ ଖୋଜି ବାହାର କରିବି । ଦୁର୍ଗା କହିଲେ ଯଦି ସେ ତୁମକୁ ଦର୍ଶନ ନ ଦିଅନ୍ତି ତେବେ ତୁମେ କ'ଣ କରିବ ? ବ୍ରହ୍ମା କହିଲେ, ମୁଁ ଆପଣଙ୍କୁ ମୁହଁ ଦେଖାଇବି ନାହିଁ । କିନ୍ତୁ ଜ୍ୟୋତି ନିରଞ୍ଜନ ଶପଥ କରିଛନ୍ତି ଯେ ମୁଁ ଅବ୍ୟକ୍ତ ରହିବି, କାହାକୁ ଦର୍ଶନ ଦେବି ନାହିଁ । ଅର୍ଥାତ୍ ୨୧ ବ୍ରହ୍ମାଣ୍ଡରେ କେବେବି ନିଜ ବାସ୍ତବିକ କାଳ (ସାକାର) ରୂପରେ କାହା ସମ୍ମୁଖକୁ ଆସିବି ନାହିଁ ।

ଗୀତା ଅଧ୍ୟାୟ ୭ ଶ୍ଳୋକ ନଂ୨୪

ଅବ୍ୟକ୍ତମ୍, ବ୍ୟକ୍ତିମ୍, ଆପନ୍ନମ୍, ମନ୍ୟନ୍ତେ, ମାମ୍, ଅବୁଦ୍ଧୟଃ ।
ପରମ୍, ଭାବମ୍, ଅଜାନନ୍ତଃ, ମମ, ଅବ୍ୟୟମ୍, ଅନୁତ୍ତମମ୍ ॥୨୪॥

ଅନୁବାଦ:- (ଅବୁଦ୍ଧୟଃ) ବୁଦ୍ଧିହୀନ ମନୁଷ୍ୟ (ମମ୍) ମୋର (ଅନୁତ୍ତମମ୍) ଅଶ୍ରେଷ୍ଠ

(ଅବ୍ୟୟମ୍) ଅଟଳ (ପରମ୍) ପରମ (ଭାବମ୍) ଭାବକୁ (ଅଜାନନ୍ତଃ)ନ ଜାଣିପାରି (ଅବ୍ୟକ୍ତମ୍) ଅଦୃଶ୍ୟମାନ (ମାମ୍) ମୁଁ କାଳକୁ (ବ୍ୟକ୍ତିମ୍) ନର ଆକାରରେ କୃଷ୍ଣ (ଆପନ୍ନମ୍) ପ୍ରାପ୍ତ ହେବା (ମନ୍ୟନ୍ତେ) ମନେ କରନ୍ତି ।

ଗୀତା ଅଧ୍ୟାୟ ୭ ଶ୍ଳୋକ ନଂ୨୫

ନ, ଅହମ୍, ପ୍ରକାଶଃ, ସର୍ବସ୍ୟ, ଯୋଗମାୟାସମାବୃତଃ ।

ମୂଢଃ, ଅୟମ୍, ନ, ଅଭିଜାନାତି, ଲୋକଃ, ମାମ୍, ଅଜମ୍, ଅବ୍ୟୟମ୍ ॥୨୫॥

ଅନୁବାଦ: (ଅହମ୍) ମୁଁ (ଯୋଗମାୟା ସମାବୃତଃ) ଯୋଗମାୟାରେ ଲୁଚି ରହି (ସର୍ବସ୍ୟ) ସମସ୍ତଙ୍କୁ (ପ୍ରକାଶଃ) ପ୍ରତ୍ୟକ୍ଷ (ନ) ହୁଏ ନାହିଁ ଅର୍ଥାତ୍ ଅଦୃଶ୍ୟ ଅର୍ଥାତ୍ ଅବ୍ୟକ୍ତ ରହିଥାଏ, ଏଥିପାଇଁ (ଅଜମ୍) ଜନ୍ମ ନ ନେଉଥିବା (ଅବ୍ୟୟମ୍) ଅବିନାଶୀ ଅଟଳ ଭାବକୁ (ଅୟମ୍) ଏହି (ମୁଢ) ଅଜ୍ଞାନୀ (ଲୋକଃ) ଜନ ସମୁଦାୟ, ସଂସାର (ମାମ୍) ମୋତେ (ନ) ନ (ଅଭିଜାନାତି) ଜାଣିଥାନ୍ତି ଅର୍ଥାତ୍ ମୋତେ ଅବତାର ରୂପରେ ଆସିଥିବା ମନେ କରନ୍ତି । କାରଣ ବ୍ରହ୍ମ ନିଜ ଶବ୍ଦଶକ୍ତି ବଳରେ ଭିନ୍ନ ଭିନ୍ନ ରୂପ ଧାରଣ କରି ପାରନ୍ତି । ସେ ଦୁର୍ଗାଙ୍କ ପତି ଅଟନ୍ତି, ତେଣୁ ସେ ଏହି ମନ୍ତ୍ରରେ କହିଛନ୍ତି ଯେ ମୁଁ ଶ୍ରୀକୃଷ୍ଣ ଆଦିଙ୍କ ଭଳି ଦୁର୍ଗାଙ୍କଠାରୁ ଜନ୍ମ ନିଏ ନାହିଁ ।

"ନିଜ ପିତା (କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବ୍ରହ୍ମାଙ୍କ ପ୍ରୟାସ"

ଯେତେବେଳେ ଦୁର୍ଗା କହିଲେ, ବ୍ରହ୍ମା ! ଅଲଖ ନିରଞ୍ଜନ ତୁମ ପିତା ଅଟନ୍ତି କିନ୍ତୁ ସେ ତୁମକୁ କଦାପି ଦର୍ଶନ ଦେବେ ନାହିଁ, ସେତେବେଳେ ବ୍ରହ୍ମା କହିଲେ, ମୁଁ ନିଶ୍ଚୟ ତାଙ୍କର ଦର୍ଶନ କରି ଫେରିବି । ମାତା ପଚାରିଲେ, ଯଦି ସେ ତୁମକୁ ଦର୍ଶନ ନ ଦେବେ ତେବେ ତୁମେ କ'ଣ କରିବ ? ବ୍ରହ୍ମା କହିଲେ ଯେ ମୁଁ ପ୍ରତିଜ୍ଞା କରୁଛି, ଯଦି ପିତାଙ୍କ ଦର୍ଶନ ନ ହୁଏ ତେବେ ମୁଁ ଆପଣଙ୍କ ସମ୍ମୁଖକୁ ଆସିବି ନାହିଁ । ଏହା କହି ବ୍ରହ୍ମା ବ୍ୟାକୁଳ ହୋଇ ଉତ୍ତର ଦିଗକୁ ଅଗ୍ରସର ହେଲେ ଯେଉଁଆଡେ କେବଳ ଅନ୍ଧକାର ହିଁ ଥିଲା । ସେଠାରେ ବ୍ରହ୍ମା ଚାରିଯୁଗ ପର୍ଯ୍ୟନ୍ତ ଧ୍ୟାନରେ ବସିଲେ ପରନ୍ତୁ ତାଙ୍କୁ କିଛି ବି ପ୍ରାପ୍ତି ହେଲାନାହିଁ । କାଳ ଶୂନ୍ୟବାଣୀ କଲେ ଯେ ଦୁର୍ଗା ! ଜୀବ ଉତ୍ପତ୍ତି କାହିଁକି କରୁନାହଁ ? ଭବାନୀ କହିଲେ, ଆପଣଙ୍କ ଜ୍ୟେଷ୍ଠପୁତ୍ର ବ୍ରହ୍ମା ଜିଦି କରି ଆପଣଙ୍କୁ ଖୋଜିବାକୁ ଯାଇଛି । ବ୍ରହ୍ମା ବିନା ଜୀବଙ୍କର ଉତ୍ପତ୍ତି ଅସମ୍ଭବ । ଏହା ଶୁଣି ବ୍ରହ୍ମ (କାଳ) କହିଲେ, ତାକୁ ଫେରି ଆସିବା ପାଇଁ କୁହ, ମୁଁ ତାକୁ ଦର୍ଶନ ଦେବି ନାହିଁ । ତା'ପରେ ଦୁର୍ଗା (ପ୍ରକୃତି) ନିଜ ଶବ୍ଦଶକ୍ତି ବଳରେ ଗାୟତ୍ରୀ ନାମ୍ନୀ ଏକ କନ୍ୟାକୁ ଉତ୍ପନ୍ନ କରି ବ୍ରହ୍ମାଙ୍କୁ ଫେରାଇ ଆଣିବା ପାଇଁ ଆଦେଶ ଦେଲେ । ଗାୟତ୍ରୀ ବ୍ରହ୍ମାଙ୍କ ନିକଟକୁ ଯାଇ ଦେଖିଲେ ଯେ ବ୍ରହ୍ମା ସମାଧିସ୍ଥ ଅଛନ୍ତି, ତାଙ୍କ ନିକଟକୁ କେହି ଆସିଥିବାର କୌଣସି ଆଭାସ ନ ଥିଲା । ସେତେବେଳେ ଆଦିକୁମାରୀ (ପ୍ରକୃତି) ଧ୍ୟାନଦ୍ୱାରା ଗାୟତ୍ରୀକୁ କହିଲେ, ତାଙ୍କ ଚରଣ ସ୍ପର୍ଶକର । ଆଜ୍ଞା ପାଇ ଗାୟତ୍ରୀ ବ୍ରହ୍ମାଙ୍କର ଚରଣ ସ୍ପର୍ଶ କଲେ । ସ୍ପର୍ଶମାତ୍ରେ ବ୍ରହ୍ମାଙ୍କର ଧ୍ୟାନଭଗ୍ନ ହେଲା । ସେ କ୍ରୋଧିତ ହୋଇ କହିଲେ, କିଏ ତୁ ପାପିନୀ ମୋ ଧ୍ୟାନଭଙ୍ଗ କଲୁ, ମୁଁ ତୋତେ ଅଭିଶାପ ଦେବି । ଗାୟତ୍ରୀ କହିଲେ, ଏଥିରେ ମୋର କିଛି ଦୋଷ ନାହିଁ, ପ୍ରଥମେ ମୋ କଥା ଶୁଣନ୍ତୁ ପରେ ମୋତେ ଅଭିଶାପ ଦେବେ । ଆପଣଙ୍କୁ ଫେରାଇ ନେବା ପାଇଁ ମୋତେ ମାତା କହିଛନ୍ତି । କାରଣ ଆପଣଙ୍କ ବିନା ଜୀବ ଉତ୍ପତ୍ତି ଅସମ୍ଭବ । ବ୍ରହ୍ମା କହିଲେ, ପିତାଙ୍କ ଦର୍ଶନ ବିନା ମୁଁ କିପରି ଯିବି ? ଏପରି ସ୍ଥିତିରେ ଗଲେ ମୋର ଉପହାସ ହେବ । ଯଦି ଆପଣ ମାତାଙ୍କ ସମ୍ମୁଖରେ କହିବେ ଯେ ବ୍ରହ୍ମାଙ୍କୁ ପିତା(ଜ୍ୟୋତି ନିରଞ୍ଜନ)ଙ୍କର ଦର୍ଶନ ହୋଇଛି ଏବଂ ମୁଁ ସ୍ୱଚକ୍ଷୁରେ ଏହା ଦେଖିଛି ତେବେ ମୁଁ ଆପଣଙ୍କ ସାଥିରେ ଯିବି । ସେତେବେଳେ ଗାୟତ୍ରୀ କହିଲେ, ଯଦି ଆପଣ ମୋ ସହିତ ସମ୍ଭୋଗ(ସେକ୍ସ) କରିବେ ତେବେ ଆପଣଙ୍କ ସପକ୍ଷରେ ମୁଁ ମିଥ୍ୟା ସାକ୍ଷୀ ଦେବି । ବ୍ରହ୍ମା ଚିନ୍ତାକଲେ ଯେ ପିତାଙ୍କ ଦର୍ଶନ ବିନା ମାତାଙ୍କ ସମ୍ମୁଖକୁ ଗଲେ ଲାଜ ଲାଗିବ ଏବଂ ଅନ୍ୟ କୌଣସି ଉପାୟ ନାହିଁ, ଏହା ଭାବି ସେ ଗାୟତ୍ରୀ ସହିତ ରତିକ୍ରୀଡା (ସମ୍ଭୋଗ) କଲେ ।

ତା'ପରେ ଗାୟତ୍ରୀ କହିଲେ ଯେ ଆମ୍ଭେ ଆଉ ଜଣକୁ ସାକ୍ଷୀ ରଖିବା ଉଚିତ୍ । ବ୍ରହ୍ମା କହିଲେ, ଏହା ଏକ ଉତ୍ତମ ପ୍ରସ୍ତାବ ଅଟେ । ଏହାଶୁଣି ଗାୟତ୍ରୀ ନିଜ ଶବ୍ଦଶକ୍ତି ଦ୍ୱାରା ଏକ କନ୍ୟା (ପୁହପବତୀ ନାମକ) ଉତ୍ପନ୍ନ କଲେ । ସେହି କନ୍ୟାକୁ ଦୁହେଁ କହିଲେ, ଆପଣ ମାତାଙ୍କ ସମ୍ମୁଖରେ ସାକ୍ଷୀ ଦେବେ ଯେ ବ୍ରହ୍ମା, ପିତାଙ୍କର ଦର୍ଶନ କରିଛନ୍ତି । ଏହାଶୁଣି ପୁହପବତୀ କହିଲେ, ମୁଁ ମିଥ୍ୟା ସାକ୍ଷୀ କାହିଁକି ଦେବି ? ହଁ, ଯଦି ବ୍ରହ୍ମା ମୋ ସହିତ ରତିକ୍ରୀଡା (ସମ୍ଭୋଗ) କରିବେ ତେବେ ମୁଁ ସାକ୍ଷୀ ଦେବା ପାଇଁ ପ୍ରସ୍ତୁତ ଅଛି । ଗାୟତ୍ରୀ, ବ୍ରହ୍ମାଙ୍କୁ ବୁଝାଇ କହିଲେ (ଉସକାଇଲେ) ଏବେ ଅନ୍ୟ କୌଣସି ଉପାୟ ନାହିଁ । ଏହା ଶୁଣି ବ୍ରହ୍ମା ପୁହପବତୀ ସହିତ ସଂମ୍ଭୋଗ କଲେ ଏବଂ ତିନିଜଣ ମିଶି ଆଦିମାୟା(ପ୍ରକୃତି)ଙ୍କ ନିକଟକୁ ଗଲେ । ଦୁଇ ଦେବୀ ଉପରୋକ୍ତ ସର୍ତ୍ତ ଏଥିପାଇଁ ରଖିଥିଲେ ଯେ ବ୍ରହ୍ମା ଯଦି ମାତାଙ୍କ ସମ୍ମୁଖରେ ମିଥ୍ୟା ସାକ୍ଷୀ ବିଷୟରେ କହିଦେବେ ତେବେ ମାତା ଆମ୍ଭଙ୍କୁ ଅଭିଶାପ ଦେବେ । ସେଥିପାଇଁ ସେମାନେ ବ୍ରହ୍ମାଙ୍କୁ ମଧ୍ୟ ଦୋଷୀ କରିଦେଲେ ।

(ଏଠାରେ ମହାରାଜ ଗରୀବ ଦାସଜୀ କହିଛନ୍ତି ଯେ -"ଦାସ ଗରୀବ ୟହ ଚୂକ୍ ଧୁରୋଁ ଧୁର")

"ମାତା (ଦୁର୍ଗା)ଙ୍କ ଦ୍ୱାରା ବ୍ରହ୍ମାଙ୍କୁ ଅଭିଶାପ ଦେବା"

ମାତା, ବ୍ରହ୍ମାଙ୍କୁ ପ୍ରଶ୍ନ କଲେ ଯେ ତୁମକୁ ପିତାଙ୍କର ଦର୍ଶନ ମିଳିଲା କି ? ବ୍ରହ୍ମା କହିଲେ, ହଁ ମୋତେ ପିତାଙ୍କର ଦର୍ଶନ ମିଳିଲା । ଦୁର୍ଗା କହିଲେ, ସାକ୍ଷୀ ଦିଅ । ବ୍ରହ୍ମା କହିଲେ, ଏହି ଦୁହିଁଙ୍କ ସମ୍ମୁଖରେ ପିତାଙ୍କ ସହିତ ସାକ୍ଷାତକାର ହେଲା । ଦେବୀ ସେହି କନ୍ୟା ଦୁହିଁଙ୍କୁ ପଚାରିଲେ ଯେ, କ'ଣ ତୁମ୍ଭମାନଙ୍କ ସମ୍ମୁଖରେ ବ୍ରହ୍ମଙ୍କ ସହିତ ସାକ୍ଷାତକାର ହୋଇଛି ? ଉତ୍ତରରେ ସେମାନେ କହିଲେ, ହଁ ଆମ୍ଭେ ଦୁହେଁ ନିଜ ଆଖିରେ ଦେଖିଛୁ । ପୁଣି ଭବାନୀ(ପ୍ରକୃତି)ଙ୍କର ସନ୍ଦେହ ଜାତ ହେଲା । ବ୍ରହ୍ମଦେବ କାହାକୁ କେବେ ଦର୍ଶନ ଦେବେ ନାହିଁ ବୋଲି ମୋତେ କହିଥିଲେ । ଏହା ଚିନ୍ତାକରି ମାତା ଅଷ୍ଟାଙ୍ଗୀ ଧ୍ୟାନରେ ବସିଲେ ଏବଂ କାଳ/ଜ୍ୟୋତି ନିରଞ୍ଜନଙ୍କୁ ପ୍ରଶ୍ନ କଲେ ଯେ ଘଟଣା କ'ଣ ? ଜ୍ୟୋତି ନିରଞ୍ଜନ କହିଲେ, ଏମାନେ ମିଥ୍ୟା କହୁଛନ୍ତି । ମାତା କହିଲେ, ତୁମ୍ଭେମାନେ ମିଛ କହୁଛ । ଆକାଶବାଣୀ ହେଲା ଯେ ଏମାନଙ୍କୁ କୌଣସି ଦର୍ଶନ ହୋଇନାହିଁ । ଏହି କଥା ଶୁଣି ବ୍ରହ୍ମା କହିଲେ ଯେ ମାତା ! ମୁଁ ପିତାଙ୍କୁ ଖୋଜିବା ପାଇଁ ଶପଥ କରି ଯାଇଥିଲି । ପରନ୍ତୁ ପିତା(ବ୍ରହ୍ମ)ଙ୍କ ଦର୍ଶନ ହେଲା ନାହିଁ । ଆପଣଙ୍କ ସମ୍ମୁଖକୁ ଆସିବା ପାଇଁ ଲାଜ ଲାଗୁଥିଲା । ଏଥିପାଇଁ ଆମ୍ଭେ ସମସ୍ତେ ମିଥ୍ୟାର ଆଶ୍ରୟ ନେଲୁ । ତା'ପରେ ମାତା ଦୁର୍ଗା କହିଲେ, ଏବେ ମୁଁ ତୁମ୍ଭମାନଙ୍କୁ ଅଭିଶାପ ଦେଉଛି ।

ବ୍ରହ୍ମାଙ୍କୁ ଅଭିଶାପ:- ଜଗତରେ ତୋର ପୂଜା ହେବ ନାହିଁ । ଭବିଷ୍ୟତର ତୋର ବଂଶଧର ବହୁତ ଅଧର୍ମ କରିବେ । ମିଥ୍ୟା କଥା କହି ଜଗତକୁ ଠକିବେ । ବାହାରକୁ କର୍ମକାଣ୍ଡ କରିବା ପରି ଦେଖାଯିବେ କିନ୍ତୁ ଅନ୍ତର ବିକାରଗ୍ରସ୍ତ ହେବ । ପୁରାଣ ଶାସ୍ତ୍ର ଆଦି ପଢି ଲୋକଙ୍କୁ ଧର୍ମକଥା ଶୁଣାଇବେ କିନ୍ତୁ ସଦ୍‌ଗ୍ରନ୍ଥରେ ଥିବା ବାସ୍ତବିକ ଜ୍ଞାନକୁ ନିଜେ ଗ୍ରହଣ କରିବେ ନାହିଁ । ପୁଣି ଯଶ ଓ ଧନ ପ୍ରାପ୍ତି ପାଇଁ ଗୁରୁପଦ ଧାରଣ କରି ଅନୁଗାମୀମାନଙ୍କୁ ଲୋକବେଦ (ଶାସ୍ତ୍ରବିରୋଧି ଲୋକକଥା) ଶୁଣାଇବେ । ଦେବୀ-ଦେବତାଙ୍କର ପୂଜା ନିଜେ କରିବା ସହିତ ଅନ୍ୟ ଦ୍ୱାରା ମଧ୍ୟ କରାଇବେ । ଅନ୍ୟର ନିନ୍ଦାକରି କଷ୍ଟ ପରେ କଷ୍ଟ ଭୋଗିବେ । ଯେଉଁମାନେ ତାଙ୍କର ଅନୁଗାମୀ ହେବେ ସେମାନଙ୍କୁ ପରମାର୍ଥୀ ହେବାକୁ ଦେବେ ନାହିଁ । ଦାନ-ଦକ୍ଷୀଣା ପାଇଁ ମାନବ ସମାଜକୁ ଠକିବେ । ନିଜକୁ ଶ୍ରେଷ୍ଠ ତଥା ଅନ୍ୟମାନଙ୍କୁ ନୀଚ ମନେକରିବେ । ମାତାଙ୍କ ମୁଖରୁ ଏହି କଥା ଶୁଣି ବ୍ରହ୍ମା ମୂର୍ଚ୍ଛିତ ହୋଇ ଭୂମି ଉପରେ ପଡିଗଲେ । ବହୁତ ସମୟ ପରେ ଚେତା ଫେରିଲେ ।

ଗାୟତ୍ରୀକୁ ଅଭିଶାପ :- ତୋର ବହୁତ ଷଣ୍ଡ ପତି ହେବେ । ମୃତ ଲୋକରେ ତୁ ଗାଈ ଜନ୍ମ ନେବୁ ।

ପୁହପବତୀକୁ ଅଭିଶାପ :- ତୋର ବାସ ଅପରିଷ୍କାର ସ୍ଥାନରେ ହେବ । ତୋ ଫୁଲକୁ କେହି ପୂଜାରେ ଲଗାଇବେ ନାହିଁ । ମିଥ୍ୟା ସାକ୍ଷୀ ଦେଇଥିବା କାରଣରୁ ତୋତେ ଏହି ନର୍କଭୋଗ

କରିବାକୁ ପଡିବ । ତୋର ନାମ କେବଡା କେତକୀ ହେବ । (ହରିୟାଣାରେ ଏହାକୁ କୂସୋନ୍ଧୀ କୁହାଯାଏ ଯାହା ଅପରିଷ୍କାର ସ୍ଥାନରେ ଜନ୍ମିଥାଏ) ।

ଏହି ପ୍ରକାରେ ତିନିଜଣଙ୍କୁ ଅଭିଶାପ ଦେଇ ମାତା ଭବାନୀ ବହୁତ ପଶ୍ଚାତାପ ମଧ୍ୟ କଲେ । {ଜୀବ ଏହିଭଳି ଭାବେ ପ୍ରଥମେ କିଛି ବିଚାର ନ କରି ମନ (କାଳ ନିରଞ୍ଜନ) ପ୍ରଭାବରେ ଭୁଲ କାର୍ଯ୍ୟ କରିଦିଏ କିନ୍ତୁ ପରେ ଆତ୍ମା (ସତ୍ୟପୁରୁଷଙ୍କ ଅଂଶ) ପ୍ରଭାବରେ ଯେତେବେଳେ ତାର ଜ୍ଞାନ ହୋଇଯାଏ ସେତେବେଳେ ତାକୁ ପଶ୍ଚାତାପ କରିବାକୁ ପଡିଥାଏ ।) ଯେପରି ମାତା-ପିତା ଛୋଟ ଛୋଟ ଭୁଲ ପାଇଁ ନିଜ ପିଲାମାନଙ୍କୁ ଶାସ୍ତି ଦେଇଥାନ୍ତି (କ୍ରୋଧର ବଶବର୍ତ୍ତୀ ହୋଇ) କିନ୍ତୁ ପରେ ପଶ୍ଚାତାପ କରିଥାନ୍ତି । ମନ (କାଳ ନିରଞ୍ଜନ)ର ପ୍ରଭାବରେ ଏହି ପ୍ରକିୟା ସମସ୍ତ ଜୀବଙ୍କଠାରେ କ୍ରିୟାଶୀଳ ହୋଇଥାଏ} ହଁ, ଏକ ବିଶେଷ କଥା ଏହା ଯେ ନିରଞ୍ଜନ(କାଳ-ବ୍ରହ୍ମ) ମଧ୍ୟ ନିଜର ନିୟମ ତିଆରି କରିଛି, ଯଦି କୌଣସି ଜୀବ ଅନ୍ୟ ଦୁର୍ବଳ ଜୀବକୁ କଷ୍ଟ ଦିଏ ତେବେ ତା' ଉପରେ ପ୍ରତିଶୋଧ ନିଆଯିବ । ଭବାନୀ (ପ୍ରକୃତି, ଅଷ୍ଟାଙ୍ଗୀ) ଯେତେବେଳେ ବ୍ରହ୍ମା, ଗାୟତ୍ରୀ ଓ ପୁହପବତିଙ୍କୁ ଅଭିଶାପ ଦେଲେ ସେତେବେଳେ ଅଲଖ ନିରଞ୍ଜନ (ବ୍ରହ୍ମ-କାଳ) କହିଲେ, ହେ ଭବାନୀ (ପ୍ରକୃତି/ ଅଷ୍ଟାଙ୍ଗୀ) ତୁମେ ଆଦୌ ଠିକ୍ କାର୍ଯ୍ୟ କଲ ନାହିଁ । ଏବେ ମୁଁ (ନିରଞ୍ଜନ) ତୁମଙ୍କୁ ଅଭିଶାପ ଦେଉଛି, ଦ୍ୱାପର ଯୁଗରେ ତୁମର ମଧ୍ୟ ପାଞ୍ଚଜଣ ପତି ହେବେ । (ଦ୍ରୌପଦୀ ହିଁ ଆଦିମାୟାଙ୍କ ଅବତାର ଅଟନ୍ତି) ଏହି ଆକାଶବାଣୀ ଶୁଣି ଆଦିମାୟା କହିଲେ, ହେ ଜ୍ୟୋତି ନିରଞ୍ଜନ ! (କାଳ) ତୁମ ନିକଟରେ ମୁଁ ବନ୍ଧା ତେଣୁ ତୁମେ ଯାହା ଇଚ୍ଛା ତାହା କରିବ ।

{ସୃଷ୍ଟି ରଚନା ପ୍ରକରଣରେ ଦୁର୍ଗାଙ୍କର ଅନ୍ୟ ନାମଗୁଡିକୁ ବାରମ୍ବାର ଲେଖିବାର ଉଦ୍ଦେଶ୍ୟ ଏହା ଯେ ପୁରାଣ, ଗୀତା ଓ ବେଦ ଆଦିରେ ପ୍ରମାଣ ଦେଖିବା ସମୟରେ ଭ୍ରମ ଉତ୍ପନ୍ନ ହେବ ନାହିଁ । ଯେପରି ଗୀତା ଅଧ୍ୟାୟ ୧୪ ଶ୍ଳୋକ ୩-୪ରେ କାଳବ୍ରହ୍ମ କହିଛନ୍ତି ଯେ ପ୍ରକୃତି ସମସ୍ତ ଜୀବଙ୍କର ଗର୍ଭଧାରିଣୀ ମାତା ଅଟନ୍ତି । ମୁଁ, ତାଙ୍କ ଗର୍ଭରେ ବୀଜ ସ୍ଥାପନ କରିଛି । ଶ୍ଳୋକ ୧୫ ରେ କୁହାଯାଇଛି ଯେ ପ୍ରକୃତିରୁ ଉତ୍ପନ୍ନ ତିନି ଗୁଣ ଜୀବାତ୍ମାକୁ କର୍ମ ବନ୍ଧନରେ ବାନ୍ଧି ରଖନ୍ତି ।- (ଲେଖା ସମାପ୍ତ) । ଏହି ପ୍ରକରଣରେ ପ୍ରକୃତି ହିଁ ଦୁର୍ଗା ତଥା ତିନିଗୁଣ ତିନି ଦେବତା ଅର୍ଥାତ୍ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କର ସାଂକେତିକ ନାମ ଅଟେ । }

"ନିଜ ପିତା (କାଳ/ବ୍ରହ୍ମ)ଙ୍କ ପ୍ରାପ୍ତି ପାଇଁ ବିଷ୍ଣୁଙ୍କ ପ୍ରସ୍ଥାନ ଓ ମାତାଙ୍କ ଆଶୀର୍ବାଦ ପ୍ରାପ୍ତି କରିବା"

ଏହା ପରେ ପ୍ରକୃତି ଦେବୀ ବିଷ୍ଣୁଙ୍କୁ କହିଲେ ଯେ ପୁତ୍ର ! ତମେ ମଧ୍ୟ ନିଜ ପିତାଙ୍କୁ ଖୋଜିବା ଉଚିତ । ମାତାଙ୍କଠାରୁ ଆଜ୍ଞା ପାଇ ବିଷ୍ଣୁ ନିଜ ପିତା କାଳ(ବ୍ରହ୍ମ)ଙ୍କ ଅନ୍ୱେଷଣ କରିବାକୁ ଯାଇ ପାତାଳ ଲୋକରେ ପହଞ୍ଚିଗଲେ, ଯେଉଁଠାରେ ଶେଷନାଗ ଥିଲା । ନିଜ ସୀମାରେ ବିଷ୍ଣୁଙ୍କୁ ପ୍ରବେଶ କରୁଥିବା ଦେଖି ଶେଷନାଗ କ୍ରୋଧିତ ହୋଇ ତାଙ୍କ ଉପରକୁ ବିଷ ଛାଡିଲା । ବିଷ ପ୍ରଭାବରେ ବିଷ୍ଣୁଙ୍କ ଶରୀରର ରଙ୍ଗ ଶ୍ୟାମଳ ହୋଇଗଲା । ଯେପରି ରଙ୍ଗ ସ୍ପ୍ରେ କଲେ ହୋଇଯାଏ । ବିଷ୍ଣୁ ଚିନ୍ତାକଲେ ଯେ ଏହି ଶେଷନାଗକୁ ଉଚିତ ଶିକ୍ଷା ଦେବାକୁ ପଡିବ । ଜ୍ୟୋତି ନିରଞ୍ଜନ (କାଳ) ଦେଖିଲେ ଯେ ଏବେ ବିଷ୍ଣୁଙ୍କୁ ଶାନ୍ତ କରିବାକୁ ପଡିବ । ତା'ପରେ ଆକାଶବାଣୀ ହେଲା ଯେ ବିଷ୍ଣୁ ଏବେ ନିଜ ମାତାଙ୍କ ନିକଟକୁ ତୁମେ ଫେରିଯାଇ ସମସ୍ତ ସତ୍ୟ ବିବରଣୀ କହିଦିଅ ଏବଂ ଶେଷନାଗ ତୁମକୁ ଯେଉଁ କଷ୍ଟ ଦେଲା ତାର ପ୍ରତିଶୋଧ ଦ୍ୱାପର ଯୁଗରେ ନେବ । ଦ୍ୱାପର ଯୁଗରେ ତୁମେ (ବିଷ୍ଣୁ) କୃଷ୍ଣ ଅବତାର ଧାରଣ କରିବ ଏବଂ କାଳିଦହରେ କାଳିନ୍ଦ୍ରୀ ନାମକ ନାଗ 'ଶେଷନାଗ'ର ଅବତାର ନେବ ।

ଉଁଚ୍ ହୋଇକେ ନୀଚ୍ ସତାବୈ, ତାକର୍ ଓଏଲ୍ (ବଦଲା) ମୋହୀ ସୌଁ ପାଓ୍ୱେ ।
ଜୋ ଜୀବ୍ ଦେଇ ପୀର ପୂନୀ କାହୁଁ, ହମ୍ ପୂନି ଓଏଲ୍ ଦିବାଓ୍ୱେଁ ତାହୁଁ ॥

ବିଷ୍ଣୁ, ମାତାଙ୍କ ନିକଟକୁ ଆସି ସତ୍ୟ-ସତ୍ୟ କହିଦେଲେ ଯେ ମୋତେ ପିତାଙ୍କର ଦର୍ଶନ

ମିଳିଲା ନାହିଁ । ଏହିକଥା ଶୁଣି ମାତା (ପ୍ରକୃତି) ବହୁତ ପ୍ରସନ୍ନ ହେଲେ ଏବଂ କହିଲେ, ପୁତ୍ର ! ତୁମେ ସତ୍ୟବାଦୀ । ଏବେ ନିଜ ଶକ୍ତି ବଳରେ ମୁଁ, ତୁମ ପିତାଙ୍କୁ ଭେଟକରି ତୁମ ମନର ସଂଶୟ ଦୂର କରିବି ।

କବୀର, ଦେଖ ପୁତ୍ର ତୋହି ପିତା ଭୀଟାଉଁ, ତୌରେ ମନକା ଧୋଖା ମିଟାଉଁ ।
ମନ ସ୍ୱରୂପ କର୍ତ୍ତା କହ ଜାନୋଁ, ମନ ତେ ଦୂଜା ଓୌର ନ ମାନୋ ।
ସ୍ୱର୍ଗ ପାତାଳ ଦୌର ମନ କେରା, ମନ ଅସ୍ଥିର ମନ ଅହୈ ଅନେରା ।
ନିରଂକାର ମନ ହୀ କୋ କହିଏ, ମନକୀ ଆସ ନୀଶ ଦିନ ରହିଏ ।
ଦେଖ ହୁଁ ପଲ୍‌ଟି ଶୂନ୍ୟ ମହ ଜ୍ୟୋତି, ଜହାଁ ପର ଝିଲମିଲ ଝାଲର ହୋତୀ ॥

ଏହି ପ୍ରକାରେ ମାତା (ଅଷ୍ଟାଙ୍ଗୀ, ପ୍ରକୃତି) ବିଷ୍ଣୁଙ୍କୁ କହିଲେ ଯେ ଏହି ମନ ହେଉଛି ଜଗତର କର୍ତ୍ତା । ମନ ସ୍ୱୟଂ ଜ୍ୟୋତି ନିରଞ୍ଜନ ଅଟେ । ଧ୍ୟାନ ସମୟରେ ଯେଉଁ ଏକ ହଜାର ଜ୍ୟୋତି ନଜର ଆସେ ତାହା ନିରଞ୍ଜନଙ୍କର ରୂପ ଅଟେ । ଯେଉଁ ଶଙ୍ଖ, ଘଣ୍ଟା ଶବ୍ଦ ଶୁଭୁଛି ତାହା ମହାସ୍ୱର୍ଗରେ ନିରଞ୍ଜନର ବାଜୁଛି । ମାତା (ଅଷ୍ଟାଙ୍ଗୀ/ପ୍ରକୃତି) କହିଲେ, ହେ ପୁତ୍ର ! ସର୍ବ ଦେବତାଙ୍କର ତୁମେ ମଉଡ଼ମଣୀ ଏବଂ ତୁମ୍ଭର ସମସ୍ତ ମନସ୍କାମନା ମୁଁ ପୂର୍ଣ୍ଣ କରିବି । ସାରା ଜଗତରେ ତୁମର ପୂଜା ହେବ । ତୁମେ ମୋତେ ସତ୍ୟ କହିଛ । ନିଜ ବ୍ୟର୍ଥ ମହିମା ଗାନ କରିବା ଏହି କାଳର ଏକୋଇଶ ବ୍ରହ୍ମାଣ୍ଡରେ ଥିବା ପ୍ରାଣୀମାନଙ୍କର ଏକ ବିଶେଷ ଅଭ୍ୟାସ ଅଟେ । ମାତା ଦୁର୍ଗା, ଶ୍ରୀ ବିଷ୍ଣୁଙ୍କୁ କହୁଛନ୍ତି ଯେ ତୁମ ପୂଜା ଏହି ଜଗତରେ ହେବ । ମୁଁ, ତୁମକୁ ପିତାଙ୍କର ଦର୍ଶନ କରାଇ ଦେଲି । ଦୁର୍ଗା ମାତା କେବଳ ପ୍ରକାଶ (ଆଲୋକ) ଦେଖାଇ ଶ୍ରୀ ବିଷ୍ଣୁଙ୍କୁ ଭଣ୍ଡାଇ ଦେଲେ । ପ୍ରଭୁଙ୍କର ଏହି ସ୍ଥିତି ବିଷୟରେ ଶ୍ରୀବିଷ୍ଣୁ ମଧ୍ୟ ନିଜ ଅନୁଗାମୀମାନଙ୍କୁ ବୁଝାଇଲେ ଯେ ପରମାତ୍ମାଙ୍କର କେବଳ ପ୍ରକାଶ ଦୃଶ୍ୟମାନ ହୁଏ । ପରମାତ୍ମା ନିରାକାର ଅଟନ୍ତି । ଏହାପରେ ଆଦି ଭବାନୀ ରୁଦ୍ର (ମହେଶ)ଙ୍କ ନିକଟକୁ ଗଲେ ତଥା କହିଲେ ଯେ, ମହେଶ ! ତୁମେ ମଧ୍ୟ ନିଜ ପିତାଙ୍କୁ ଖୋଜିବା ପାଇଁ ଚେଷ୍ଟା କର, ଅନ୍ୟ ଦୁଇଭାଇଙ୍କୁ ତ ପିତାଙ୍କର ଦର୍ଶନ ହେଲା ନାହିଁ । ସେମାନଙ୍କୁ ଯାହା ଦେବାର ଥିଲା ତାହା ପ୍ରଦାନ କରିଦେଲି ଏବେ ତୁମେ ଯାହା ମାଗିବା ପାଇଁ ଚାହୁଁଛ ତାହା ମାଗ । ଏହାଶୁଣି ମହେଶ କହିଲେ, ହେ ଜନନୀ ! ଦୁଇ ବଡଭାଇଙ୍କୁ ପିତାଙ୍କର ଦର୍ଶନ ମିଳିଲା ନାହିଁ, ମୁଁ ପୁନର୍ବାର ଚେଷ୍ଟା କରିବା ବ୍ୟର୍ଥ ହେବ । କୃପାକରି ମୋତେ ଏପରି ବର ପ୍ରଦାନ କରନ୍ତୁ ଯଦ୍ୱାରା ମୁଁ ଅମର (ମୃତ୍ୟୁଞ୍ଜୟ) ହୋଇଯିବି । ଏହା ଶୁଣି ମାତା କହିଲେ, ମୁଁ ଏହା କରିପାରିବି ନାହିଁ । ଏହା ମୋ କ୍ଷମତା ଅର୍ନ୍ତଭୁକ୍ତ ନୁହେଁ । ହଁ, ଅନ୍ୟ ଏକ ଉପାୟ ବିଷୟରେ କହିବି, ଯାହା ଦ୍ୱାରା ତୁମ ଆୟୁ ଅଧିକ ହୋଇଯିବ, ଏହା ଯୋଗ ସମାଧି ଅଟେ (ଏଥିପାଇଁ ମହାଦେବ ଅଧିକାଂଶ ସମୟ ସମାଧିସ୍ଥ ରୁହନ୍ତି) । ଏହି ପ୍ରକାରେ ମାତା (ଅଷ୍ଟାଙ୍ଗୀ-ପ୍ରକୃତି) ତିନି ପୁତ୍ରଙ୍କୁ ସେମାନଙ୍କ ବିଭାଗ ବଣ୍ଟନ କରିଦେଲେ ।

ଭଗବାନ ବ୍ରହ୍ମାଙ୍କୁ କାଳ ଲୋକରେ ଚୌରାଷୀ ଲକ୍ଷ ଶରୀର ରଚନା (ଉତ୍ପତ୍ତି) କରିବା ଅର୍ଥାତ୍ ପ୍ରାଣୀମାନଙ୍କୁ ରଜଗୁଣରେ ପ୍ରଭାବିତ କରି ସନ୍ତାନ ଉତ୍ପତ୍ତି ପାଇଁ ବିବଶ କରି ଜୀବ ଉତ୍ପତ୍ତି କରାଇବା ବିଭାଗ ପ୍ରଦାନ କଲେ ।

ଉକ୍ତ ଜୀବମାନଙ୍କୁ କର୍ମାନୁସାରେ ପାଳନ ପୋଷଣ କରିବା ତଥା ମୋହ-ମମତା ଉତ୍ପନ୍ନ କରାଇ ସ୍ଥିତି ସମ୍ଭାଳି ରଖିବାର ବିଭାଗ ଭଗବାନ ବିଷ୍ଣୁଙ୍କୁ ଦେଲେ ।

ଭଗବାନ ଶିବ ଶଙ୍କର(ମହାଦେବ)ଙ୍କୁ ସଂହାର କରିବା ବିଭାଗ ପ୍ରଦାନ କଲେ । କାରଣ ଏମାନଙ୍କ ପିତା ଜ୍ୟୋତି ନିରଞ୍ଜନଙ୍କୁ ପ୍ରତିଦିନ ଏକଲକ୍ଷ ମାନବ ଶରୀରଧାରୀ ଜୀବଙ୍କୁ ଖାଇବାକୁ ପଡିଥାଏ ।

ଏଠାରେ ମନକୁ ପ୍ରଶ୍ନ ଆସିପାରେ ଯେ ବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କ ମାଧ୍ୟମରେ ସୃଷ୍ଟି, ପାଳନ ଓ ସଂହାର କିପରି ହୋଇଥାଏ । ଏମାନେ ନିଜ ନିଜ ଲୋକରେ ରହିଥାନ୍ତି । ବର୍ତ୍ତମାନ ଯେପରି

ସଞ୍ଚାର ପ୍ରଣାଳୀକୁ ସଂଚାଳନ କରିବା ପାଇଁ ଆକାଶକୁ ଉପଗ୍ରହ ଛଡା ଯାଉଛି ଯାହା ପୃଥିବୀ ପୃଷ୍ଠରେ ସଞ୍ଚାର ପ୍ରଣାଳୀକୁ ନିୟନ୍ତ୍ରଣ କରିଥାଏ । ଠିକ୍ ଏହି ପ୍ରକାରେ ତିନି ଦେବତା ଯେଉଁଠାରେ ରୁହନ୍ତୁନା କାହିଁକି ଏମାନଙ୍କ ଶରୀରରୁ ବାହାରୁଥିବା ସୁକ୍ଷ୍ମ ଗୁଣର ତରଙ୍ଗ ତିନିଲୋକରେ ସ୍ୱତଃପ୍ରବୃତ୍ତ ଭାବେ ପ୍ରତ୍ୟେକ ପ୍ରାଣୀଙ୍କୁ ପ୍ରଭାବିତ କରିଥାଏ ।

ଉପରୋକ୍ତ ବିବରଣୀ ବ୍ରହ୍ମ(କାଳ)ଙ୍କର ଗୋଟିଏ ବ୍ରହ୍ମାଣ୍ଡର ସୃଷ୍ଟି ରଚନା ଅଟେ । ଏହି ପରି କ୍ଷରପୁରୁଷ(କାଳ)ଙ୍କର ଏକୋଇଶଟି ବ୍ରହ୍ମାଣ୍ଡ ରହିଛି ।

ପରନ୍ତୁ କ୍ଷରପୁରୁଷ(କାଳ) ସ୍ୱୟଂ ବ୍ୟକ୍ତ ଅର୍ଥାତ୍ ବାସ୍ତବିକ ଶରୀର ଧାରଣ କରି କାହା ସମ୍ମୁଖକୁ ଆସନ୍ତି ନାହିଁ । ତାଙ୍କୁ ପ୍ରାପ୍ତ କରିବା ପାଇଁ ତିନିଦେବ (ବ୍ରହ୍ମା, ବିଷ୍ଣୁ, ଶିବ) ବେଦ ବର୍ଣ୍ଣିତ ବିଧି ଅନୁସାରେ ଯଥାସମ୍ଭବ ସାଧନା କରି ମଧ୍ୟ ବ୍ରହ୍ମ(କାଳ)ଙ୍କର ଦର୍ଶନ ପାଇଲେ ନାହିଁ । ତା'ପରେ ଋଷିଗଣ ବେଦକୁ ପଢିବାକୁ ଲାଗିଲେ । ସେଥିରେ ଲେଖାଅଛି ଯେ, ଅଗ୍ନେଃ ତନୁର୍ ଅସି, (ପବିତ୍ର ଯଜୁର୍ବେଦ ଅଧ୍ୟାୟ ୧ ମନ୍ତ୍ର ୧୫) ପରମେଶ୍ୱର ସଶରୀର ଅଟନ୍ତି ତଥା ପବିତ୍ର ଯଜୁର୍ବେଦ ଅଧ୍ୟାୟ ୫ ମନ୍ତ୍ର ୧ରେ ଲେଖାଅଛି ଯେ, ଅଗ୍ନେଃ ତନୁର୍ ଅସି ବିଷ୍ଣବେ ତ୍ୱା ସୋମସ୍ୟ ତନୁର୍ ଅସି । ଏହି ଦୁଇ ମନ୍ତ୍ରରେ ବେଦ ପ୍ରମାଣ ଦେଉଅଛି ଯେ ସର୍ବବ୍ୟାପକ, ସର୍ବପାଳନ କର୍ତ୍ତା ସତ୍ୟପୁରୁଷ ସଶରୀର ଅର୍ଥାତ୍ ସାକାର ଅଟନ୍ତି । ପବିତ୍ର ଯଜୁର୍ବେଦ ଅଧ୍ୟାୟ ୪୦ ମନ୍ତ୍ର ୮ରେ ଲେଖାଅଛି ଯେ (କବିର ମନିଷୀ) ସମସ୍ତ ପ୍ରାଣୀ ଯେଉଁ ପରମେଶ୍ୱରଙ୍କୁ ଖୋଜୁଛନ୍ତି ସେ କବିର୍ ଅର୍ଥାତ୍ କବୀର ଅଟନ୍ତି । ତାଙ୍କ ଶରୀର ନାଡି ବିହୀନ (ଅସ୍ନାବିରମ୍) ଅଟେ । ସେ (ଶୁକ୍ରମ୍) ବୀର୍ଯ୍ୟରୁ ଜାତ ପଞ୍ଚତତ୍ତ୍ୱରେ ଗଠିତ ଭୌତିକ (ଅକାୟମ୍) କାୟା ରହିତ ଅଟନ୍ତି । ସେ ସମସ୍ତଙ୍କର ପ୍ରଭୁ ସର୍ବୋପରି ସତ୍‌ଲୋକରେ ବିରାଜମାନ ଅଟନ୍ତି । ସେହି ପରମେଶ୍ୱରଙ୍କର ତେଜମୟ (ସ୍ୱର୍ଜ୍ୟୋତି) ସ୍ୱପ୍ରକାଶିତ ଶରୀର ଯାହା ଶବ୍ଦରୂପୀ ଅର୍ଥାତ୍ ଅବିନାଶୀ ଅଟେ । ସେହି କବିର୍ଦେବ (କବୀର ପରମେଶ୍ୱର) ହେଉଛନ୍ତି ସର୍ବ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା (ବ୍ୟଦଧାତା) ସର୍ବ ବ୍ରହ୍ମାଣ୍ଡର ରଚୟିତା (ସ୍ୱୟମ୍ଭୁଃ) ସ୍ୱୟଂ ପ୍ରକଟ ହେଉଥିବା (ଯଥା ତଥ୍ୟ ଅର୍ଥାତ୍) ବାସ୍ତବରେ (ଶାଶ୍ୱତ୍) ଅବିନାଶୀ ଅଟନ୍ତି । (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୭ରେ ମଧ୍ୟ ପ୍ରମାଣ ଅଛି) । ଭାବାର୍ଥ ହେଲା ଯେ ପୂର୍ଣ୍ଣବ୍ରହ୍ମଙ୍କ ଶରୀରର ନାମ କବୀର (କବିର ଦେବ) ଅଟେ । ସେହି ପରମେଶ୍ୱରଙ୍କର ଶରୀର ନୂରତତ୍ତ୍ୱରେ ଗଠିତ । ପରମାତ୍ମାଙ୍କ ଶରୀର ଅତି ସୂକ୍ଷ୍ମ ଅଟେ ଯାହା ସେହି ସାଧକକୁ ଦୃଶ୍ୟମାନ ହୁଏ ଯାହାର ଦିବ୍ୟଦୃଷ୍ଟି ଖୋଲି ଯାଇଥାଏ । ଏହି ପ୍ରକାରେ ଜୀବର ମଧ୍ୟ ସୂକ୍ଷ୍ମ ଶରୀର ଅଛି, ଯାହା ଉପରେ ପାଞ୍ଚତତ୍ତ୍ୱର ଖୋଳ (ଢାଙ୍କୁଣି) ଅର୍ଥାତ୍ ପାଞ୍ଚତତ୍ତ୍ୱର କାୟା ଢାଙ୍କି ହୋଇ ରହିଥାଏ, ଯାହା ମାତା ପିତାଙ୍କ ସଂଯୋଗରୁ (ଶୁକ୍ରମ୍) ବୀର୍ଯ୍ୟରେ ଗଠିତ ହୋଇଥାଏ । ଏହି ଶରୀର ତ୍ୟାଗ ପରେ ମଧ୍ୟ ଜୀବର ସୂକ୍ଷ୍ମ ଶରୀର ତା ସହିତ ରହିଥାଏ । ତାହା ସେହି ସାଧକକୁ ଦେଖାଯାଏ ଯାହାର ଦିବ୍ୟଦୃଷ୍ଟି ଖୋଲି ଯାଇଥାଏ । ଏହି ପ୍ରକାରେ ପରମାତ୍ମା ଓ ଜୀବର ସ୍ଥିତିକୁ ଜାଣନ୍ତୁ । ବେଦରେ ପ୍ରମାଣ ଅଛି ଯେ ଓଁ ନାମ ସୁମିରଣ ହେଉଛି କେବଳ ବ୍ରହ୍ମଙ୍କର ସାଧନା ଅଟେ । ଏହିମତେ ଓଁ ନାମର ଜପକୁ ପୂର୍ଣ୍ଣବ୍ରହ୍ମଙ୍କ ଜପ ଭାବି ମୁନୀ-ଋଷିଗଣ ମଧ୍ୟ ହଜାର ହଜାର ବର୍ଷ ହଠଯୋଗ(କଠିନ ସମାଧି ଅଭ୍ୟାସ) କରି ପ୍ରଭୁ ପ୍ରାପ୍ତି ପାଇଁ ଚେଷ୍ଟା କରିଛନ୍ତି ପରନ୍ତୁ ପ୍ରଭୁଦର୍ଶନ ହୋଇପାରି ନାହିଁ, ମାତ୍ର ସିଦ୍ଧି ପ୍ରାପ୍ତ ହୋଇଗଲେ । ସେହି ସିଦ୍ଧି ରୂପୀ ଖେଳନାରେ ଖେଳି ଋଷିଗଣ ଜନ୍ମ-ମୃତ୍ୟୁ ଚକ୍ରରେ ହିଁ ରହିଗଲେ ଏବଂ ନିଜ ଅନୁଭବକୁ ଶାସ୍ତ୍ରରେ ଲେଖିଦେଲେ ଯେ ପରମାତ୍ମା ନିରାକାର ଅଟନ୍ତି । ବ୍ରହ୍ମ(କାଳ) ଶପଥ କରିଛନ୍ତି ଯେ ମୁଁ ନିଜ ବାସ୍ତବିକ ରୂପରେ କାହାକୁ ଦର୍ଶନ ଦେବି ନାହିଁ । ସମସ୍ତେ ମୋତେ ଅବ୍ୟକ୍ତ ବୋଲି ଜାଣିବେ । (ଅବ୍ୟକ୍ତର ଭାବାର୍ଥ ହେଲା, କେହି ଆକାରରେ ଥାଇ ମଧ୍ୟ ନିଜ ବ୍ୟକ୍ତିଗତ ସ୍ଥୁଳ ରୂପରେ ଦର୍ଶନ ନ ଦେବା । ଯେପରି ଆକାଶକୁ ବାଦଲ ଢାଙ୍କିଦେଲେ ଦିନବେଳେ ସୂର୍ଯ୍ୟ ଅଦୃଶ୍ୟ ହୋଇଯାଆନ୍ତି, ସେ ଦୃଶ୍ୟମାନ ହୁଅନ୍ତି ନାହିଁ ପରନ୍ତୁ ବାସ୍ତବରେ ବାଦଲ ପଛପଟେ ପୂର୍ବଭଳି ବିଦ୍ୟମାନ ଥାଆନ୍ତି । ଏହି ଅବସ୍ଥାକୁ ଅବ୍ୟକ୍ତ କୁହାଯାଏ । (ପ୍ରମାଣ ପାଇଁ ଗୀତା ଅଧ୍ୟାୟ ୭ ଶ୍ଳୋକ ୨୪-୨୫, ଅଧ୍ୟାୟ ୧୧ ଶ୍ଳୋକ ୪୮ ତଥା ୩୨)

ପବିତ୍ର ଗୀତା ଜ୍ଞାନଦାତା ବ୍ରହ୍ମ (କାଳ) ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରେତ ରୂପରେ ପ୍ରବେଶ କରି କହୁଛନ୍ତି ଯେ ହେ ଅର୍ଜୁନ ! ମୁଁ ମହାବଳି କାଳ ଅଟେ ଏବଂ ସମସ୍ତଙ୍କୁ ଖାଇବା ପାଇଁ ଆସିଛି । (ଗୀତା ଅଧ୍ୟାୟ ୧୧ ଶ୍ଳୋକ ନଂ ୩୨) ଏହା ମୋର ବାସ୍ତବିକ ରୂପ ଅଟେ । ଏହି ରୂପକୁ ତୁମ ବ୍ୟତୀତ ନା କେହି ଆଗରୁ ଦେଖିଛି ନା ପରେ ଦେଖିପାରିବ । ଅର୍ଥାତ୍ ବେଦରେ ବର୍ଣ୍ଣିତ ଯଜ୍ଞ-ଜପ-ତପ ତଥା ଓମ୍ ନାମ ଆଦି ବିଧି ଦ୍ୱାରା ମଧ୍ୟ ମୋର ଏହି ବାସ୍ତବିକ ସ୍ୱରୂପର ଦର୍ଶନ ହୋଇ ପାରିବ ନାହିଁ । (ଗୀତା ଅଧ୍ୟାୟ ୧୧ ଶ୍ଳୋକ ନଂ ୪୮) ମୁଁ କୃଷ୍ଣ ନୁହେଁ, ଏହି ମୁର୍ଖ ଲୋକମାନେ ମୁଁ ଅବ୍ୟକ୍ତକୁ କୃଷ୍ଣ ରୂପରେ ବ୍ୟକ୍ତ (ମନୁଷ୍ୟ ରୂପ) ବୋଲି ଭାବୁଛନ୍ତି । କାରଣ ମୋର ଏହି ଘୃଣ୍ୟ ନିୟମ ବିଷୟରେ ସମସ୍ତେ ଅପରିଚିତ ଯେ ମୁଁ କଦାପି ମୋର ବାସ୍ତବିକ କାଳ ରୂପରେ କାହା ସମ୍ମୁଖକୁ ଆସେ ନାହିଁ । ନିଜ ଯୋଗମାୟା ବଳରେ ଲୁଚିରହେ (ଗୀତା ଅଧ୍ୟାୟ ୭ ଶ୍ଳୋକ ନଂ ୨୪-୨୫) । ବିଚାର କରନ୍ତୁ, ଗୀତା ଜ୍ଞାନଦାତା ନିଜର ଲୁଚି ରହିବା ନିୟମକୁ ସ୍ୱୟଂ ନିକୃଷ୍ଟ (ଅନୂତ୍ତମ) କାହିଁକି କହୁଛନ୍ତି ?

ଯଦି ପିତା ନିଜ ସନ୍ତାନମାନଙ୍କୁ ଦର୍ଶନ ଦେଉ ନାହାଁନ୍ତି ତେବେ ତାଙ୍କର ନିଶ୍ଚୟ କୌଣସି ତ୍ରୁଟି ରହିଛି ଯେଉଁ କାରଣରୁ ସେ ସମସ୍ତ ସୁବିଧା ପ୍ରଦାନ କରି ମଧ୍ୟ ଲୁଚି ରହିଛନ୍ତି । କାଳ(ବ୍ରହ୍ମ)ଙ୍କୁ ଅଭିଶାପବଶତଃ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଆହାର କରିବାପାଇଁ ପଡୁଛି ତଥା ପ୍ରତିଦିନ ଯେଉଁ ୨୫ ପ୍ରତିଶତ ଅଧିକ ଜୀବ ଉତ୍ପନ୍ନ ହେଉଛନ୍ତି ସେମାନଙ୍କ ପାଇଁ ବ୍ୟବସ୍ଥା କରିବା ଏବଂ କର୍ମଦଣ୍ଡ ଭୋଗିବା ପାଇଁ ଚୌରାଶୀ ଲକ୍ଷ ଯୋନୀର ରଚନା କରାଯାଇଛି । ଯଦି ସର୍ବସମ୍ମୁଖରେ କାହାର ପୁତ୍ର, କାହାର ପୁତ୍ରୀ, କାହାର ପତ୍ନୀ ତଥା କାହାର ମାତା-ପିତାଙ୍କୁ ମାରି ଖାଇବେ ତେବେ 'ବ୍ରହ୍ମ' ପ୍ରତି ସମସ୍ତଙ୍କର ଘୃଣାଭାବ ଜାତ ହେବ । ପୂର୍ଣ୍ଣ ପରମାତ୍ମା କବିରାଗ୍ନି (କବୀର ପରମେଶ୍ୱର) ଯେବେ ସ୍ୱୟଂ ଆସିବେ ଅଥବା ନିଜର କେହି ସନ୍ଦେଶବାହକ(ଦୂତ)ଙ୍କୁ ପ୍ରେରଣ କରିବେ, ସେତେବେଳେ ସମସ୍ତ ପ୍ରାଣୀ ସତଭକ୍ତି କରି କାଳର ଏହି ଜାଲରୁ ମୁକୁଳି ଯିବେ । ତେଣୁ ସେ ସମସ୍ତଙ୍କୁ ଭ୍ରମିତ କରି ବାସ୍ତବ ସତ୍ୟଠାରୁ ଦୂରେଇ ରଖିଛନ୍ତି ତଥା ପବିତ୍ର ଗୀତା ଅଧ୍ୟାୟ ୭ ଶ୍ଳୋକ ୧୮, ୨୪ ଓ ୨୫ରେ ନିଜ ସାଧନା ଦ୍ୱାରା ହେଉଥିବା ମୁକ୍ତି (ଗତି)କୁ ମଧ୍ୟ (ଅନୂତ୍ତମାମ୍) ଅଶ୍ରେଷ୍ଠ (ଅତି ଖରାପ) ତଥା ନିଜ ବିଧାନ(ନିୟମ)କୁ ମଧ୍ୟ (ଅନୂତ୍ତମ) ଅଶ୍ରେଷ୍ଠ ବୋଲି କହିଛନ୍ତି ।

ପ୍ରତ୍ୟେକ ବ୍ରହ୍ମାଣ୍ଡର ବ୍ରହ୍ମଲୋକରେ ଏକ ମହାସ୍ୱର୍ଗ ସୃଷ୍ଟି କରିଛନ୍ତି । ପ୍ରାଣୀମାନଙ୍କୁ ଧୋକା ଦେବା ଉଦ୍ଦେଶ୍ୟରେ ପ୍ରକୃତି(ଦୁର୍ଗା/ଆଦି ମାୟା)ଙ୍କ ଦ୍ୱାରା ମହାସ୍ୱର୍ଗର ଏକ ସ୍ଥାନରେ ନକଲି ସତଲୋକ, ନକଲି ଅଲଖଲୋକ, ନକଲି ଅଗମ ଲୋକ ଓ ନକଲି ଅନାମୀ ଲୋକର ରଚନା କରାଯାଇଛି । କବୀର ସାହେବଙ୍କର ଏକ ଶବ୍ଦ, 'କର୍ ନୈନୋଁ ଦୀଦାର୍ ମହଲ୍ ମେଁ ପ୍ୟାରା ହୈ' ବାଣୀରେ ଅଛି ଯେ 'କାୟା ଭେଦ କିୟା ନିରବାରା, ୟହ ସବ ରଚନା ପିଣ୍ଡ ମଂଝାରା ହୈ । ମାୟା ଅବିଗତ ଜାଲ ପସାରା, ସୋ କାରୀଗର ଭାରା ହୈ । ଆଦିମାୟା କିହ୍ନି ଚତୁରାଇ, ଝୁଠୀ ବାଜୀ ପିଣ୍ଡ ଦିଖାଇ, ଅବିଗତ ରଚନା ରଚି ଅଣ୍ଡ ମାହି ବାକା ପ୍ରତିବିମ୍ବ ଡାରା ହୈ ।'

ଗୋଟିଏ ବ୍ରହ୍ମାଣ୍ଡରେ ଅନ୍ୟ ଲୋକଗୁଡିକର ମଧ୍ୟ ରଚନା ହୋଇଛି, ଯେପରି ଶ୍ରୀ ବ୍ରହ୍ମାଙ୍କ ଲୋକ, ଶ୍ରୀ ବିଷ୍ଣୁଙ୍କ ଲୋକ, ଶ୍ରୀ ଶିବଙ୍କ ଲୋକ ଆଦି । ସେଠାରେ ବସି ଏହି ତିନି ପ୍ରଭୁ ତଳେ ଥିବା ତିନି ଲୋକ (ସ୍ୱର୍ଗଲୋକ ଅର୍ଥାତ୍ ଇନ୍ଦ୍ରଙ୍କ ଲୋକ, ପୃଥିବୀ ଲୋକ ଓ ପାତାଳ ଲୋକ)ରେ ଗୋଟିଏ ଗୋଟିଏ ବିଭାଗର ମାଲିକ ହୋଇ ପ୍ରଭୂତା କରିଥାନ୍ତି ତଥା ନିଜ ପିତା 'କାଳ'ଙ୍କର ଭୋଜନ ପାଇଁ ପ୍ରାଣୀମାନଙ୍କର ସୃଷ୍ଟି, ସ୍ଥିତି ଓ ସଂହାର କାର୍ଯ୍ୟଭାର ସମ୍ଭାଳିଥାନ୍ତି । ଏହି ତିନି ପ୍ରଭୁଙ୍କର ଜନ୍ମ ମୃତ୍ୟୁ ମଧ୍ୟ ହୋଇଥାଏ । ସେତେବେଳେ କାଳ ଏମାନଙ୍କୁ ମଧ୍ୟ ଖାଇଥାଏ । ଏହି ବ୍ରହ୍ମାଣ୍ଡ [ଏହାକୁ ଅଣ୍ଡ ମଧ୍ୟ କୁହାଯାଏ, କାରଣ ବ୍ରହ୍ମାଣ୍ଡର ଆକାର ଅଣ୍ଡାକାର ଅଟେ । ଏହାକୁ ପିଣ୍ଡ ମଧ୍ୟ କୁହାଯାଏ, କାରଣ ଶରୀର(ପିଣ୍ଡ)ରେ ଥିବା କମଳ ଦ୍ୱାରା ଟେଲିଭିଜନ ଭଳି ବ୍ରହ୍ମାଣ୍ଡର ରଚନା ଦେଖିହୁଏ]ରେ ଗୋଟିଏ ମାନସରୋବର ଏବଂ ଧର୍ମରାୟ (ନ୍ୟାୟାଧୀଶ) ଲୋକ ମଧ୍ୟ ରହିଛି । ଏକ ଗୁପ୍ତ ସ୍ଥାନରେ

ବ୍ରହ୍ମ ଲୋକର ଲଘୁଚିତ୍ର

ଜ୍ୟୋତି ନିରଞ୍ଜନ (କାଳ) ବ୍ରହ୍ମର ଲୋକ (୨୧ ବ୍ରହ୍ମାଣ୍ଡ) ର ଲଘୁଚିତ୍ର

ପୂର୍ଣ୍ଣ ପରମାତ୍ମା ଅନ୍ୟ ରୂପ ଧାରଣ କରି ରହିଥାନ୍ତି ଯେପରି ପ୍ରତ୍ୟେକ ଦେଶର ରାଜଦୂତ ଭବନ ରହିଥାଏ । ସେଠାକୁ କେହି ଯାଇ ପାରନ୍ତି ନାହିଁ । ସେଠାରେ ସେହି ଆତ୍ମାମାନେ ରୁହନ୍ତି ଯେଉଁମାନଙ୍କର ସତଲୋକ ପ୍ରାପ୍ତିର ଭକ୍ତି ଅପୂର୍ଣ୍ଣ ରହିଥାଏ । ଯେତେବେଳେ ଭକ୍ତିଯୁଗ ଆସେ ସେତେବେଳେ ପରମେଶ୍ୱର କବୀରଜୀ ନିଜ ପ୍ରତିନିଧି ଭାବରେ ପୂର୍ଣ୍ଣସନ୍ତ ସଦଗୁରୁଙ୍କୁ ପଠାଇଥାନ୍ତି । ସେହି ସମୟରେ ଏହି ପୂଣ୍ୟାତ୍ମାମାନଙ୍କୁ ପୃଥିବୀଲୋକରେ ମାନବ ଶରୀର ପ୍ରାପ୍ତ ହୋଇଥାଏ ଏବଂ ଏମାନେ ଅତିଶୀଘ୍ର ସତଭକ୍ତି ମାର୍ଗରେ ଲାଗିଯାଆନ୍ତି ତଥା ସଦ୍‌ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରିଥାନ୍ତି । ସେହି ସ୍ଥାନରେ ଅବସ୍ଥାନ କରୁଥିବା ହଂସାତ୍ମାମାନଙ୍କର ଭକ୍ତି ଉପାର୍ଜିତ ଧନ ଖର୍ଚ୍ଚ ହୋଇ ନ ଥାଏ । ପରମାତ୍ମାଙ୍କ ଭଣ୍ଡାରରୁ ସର୍ବ ସୁବିଧା ଉପଲବ୍ଧ ହୋଇଥାଏ । ବ୍ରହ୍ମ (କାଳ) ସାଧକଙ୍କର ଭକ୍ତି ଉପାର୍ଜିତ ଧନ ସ୍ୱର୍ଗ-ମହାସ୍ୱର୍ଗରେ ସମାପ୍ତ ହୋଇଯାଏ, କାରଣ ଏହି କାଳଲୋକ(ବ୍ରହ୍ମଲୋକ) ତଥା ପରବ୍ରହ୍ମଲୋକରେ ପ୍ରାଣୀମାନଙ୍କୁ କେବଳ ତାଙ୍କ କୃତ କର୍ମର ଫଳ ହିଁ ମିଳିଥାଏ ।

କ୍ଷରପୁରୁଷ (ବ୍ରହ୍ମ) ନିଜ ୨୦ଟି ବ୍ରହ୍ମାଣ୍ଡକୁ ଚାରୋଟି ମହାବ୍ରହ୍ମାଣ୍ଡରେ ବିଭାଜିତ କରିଛନ୍ତି । ୫ଟି ବ୍ରହ୍ମାଣ୍ଡର ସମୂହକୁ ଏକ ଅଣ୍ଡାକାର ଗୋଲେଇ(ପରିଧି) ମଧ୍ୟରେ ଆବଦ୍ଧ କରି ଏକ ମହାବ୍ରହ୍ମାଣ୍ଡ କରିଛନ୍ତି ଏବଂ ସେହିପରି ଚାରୋଟି ମହାବ୍ରହ୍ମାଣ୍ଡକୁ ମଧ୍ୟ ଆଉ ଏକ ଅଣ୍ଡାକାର ଗୋଲେଇ (ପରିଧି) ମଧ୍ୟରେ ଆବଦ୍ଧ କରି ରଖିଛନ୍ତି । ଏକୋଇଶତମ ବ୍ରହ୍ମାଣ୍ଡର ରଚନା ମଧ୍ୟ ଏକ ମହାବ୍ରହ୍ମାଣ୍ଡ ଭଳି ସମାନ ଆକାରରେ ହୋଇଅଛି । ଏକୋଇଶତମ ବ୍ରହ୍ମାଣ୍ଡର ପ୍ରବେଶ ଦ୍ୱାରକୁ ଲାଗି ତିନୋଟି ରାସ୍ତା ତିଆରି ହୋଇଛି । ଏକୋଇଶିତମ ବ୍ରହ୍ମାଣ୍ଡର ବାମପାର୍ଶ୍ୱକୁ ନକଲି ସତଲୋକ, ନକଲି ଅଲଖଲୋକ, ନକଲି ଅଗମଲୋକ ଓ ନକଲି ଅନାମୀଲୋକର ରଚନା, ପ୍ରାଣୀମାନଙ୍କୁ ଧୋକା ଦେବା ପାଇଁ ଆଦିମାୟା(ଦୁର୍ଗା)ଙ୍କ ଦ୍ୱାରା କରାଯାଇଛି ତଥା ଡାହାଣପାର୍ଶ୍ୱକୁ ବାରଜଣ ସର୍ବଶ୍ରେଷ୍ଠ ବ୍ରହ୍ମ ସାଧକ(ଭକ୍ତ)ଙ୍କୁ ରଖିଥାନ୍ତି । ସେମାନଙ୍କୁ ନିଜର ସନ୍ଦେଶ ବାହକ (ସନ୍ତ-ସତଗୁରୁ) ରୂପେ ପ୍ରତ୍ୟେକ ଯୁଗରେ ପୃଥିବୀ ପୃଷ୍ଠକୁ ପ୍ରେରଣ କରିଥାନ୍ତି, ଯିଏକି ଶାସ୍ତ୍ର ବିରୁଦ୍ଧ ସାଧନା ଓ ଜ୍ଞାନ ପ୍ରଚାର କରି ସ୍ୱୟଂ ଭକ୍ତିହୀନ ହେବା ସହିତ ଅନୁଯାୟୀମାନଙ୍କୁ ମଧ୍ୟ କାଳ ଜାଲରେ ଫଶାଇ ଚାଲନ୍ତି । ତା'ପରେ ସେହି ଗୁରୁ ଓ ଅନୁଗାମୀ ଉଭୟେ ନର୍କଗାମୀ ହୋଇଥାନ୍ତି । ସାମ୍ନାପଟକୁ ଯାଇଥିବା ରାସ୍ତାକୁ ଏକ ତାଲା ଲଗାଇ ବନ୍ଦ କରାଯାଇଛି ଯାହା କାଳ(ବ୍ରହ୍ମ)ଙ୍କର ନିଜ ଲୋକକୁ ଯାଇଛି, ଯେଉଁଠାରେ ଏହି ବ୍ରହ୍ମ(କାଳ) ନିଜ ବାସ୍ତବିକ ମାନବ ସଦୃଶ କାଳ ରୂପରେ ବିରାଜମାନ ଅଛନ୍ତି । ସେହି ସ୍ଥାନରେ ତାଓ୍ୱା ଆକାରର ଏକ ବିରାଟ ପଥର ଖଣ୍ଡ (ରୁଟି ସେକା ଲୁହା ପ୍ଲେଟ ଭଳି) ରହିଛି ଯାହା ସ୍ୱତଃ ଗରମ ରହିଥାଏ । ତାହା ଉପରେ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀମାନଙ୍କର ସୁକ୍ଷ୍ମ ଶରୀରକୁ ଭାଜି ସେଥିରୁ ବାହାରୁଥିବା ମଇଳାକୁ ସେ ଖାଇଥାନ୍ତି । ସେହି ସମୟରେ ପ୍ରାଣୀକୁ ଭୀଷଣ ପୀଡା ଅନୁଭବ ହୋଇଥାଏ ତଥା ହାହାକାର ପଡିଯାଏ । ପୁଣି କିଛି ସମୟ ଉପରାନ୍ତ ସେମାନେ ବେହୋସ ହୋଇଯାଆନ୍ତି କିନ୍ତୁ ମରନ୍ତି ନାହିଁ । ତା'ପରେ ସେମାନଙ୍କୁ ଧର୍ମରାୟଙ୍କ ଲୋକକୁ ପଠାଯାଇ ସେଠାରେ କର୍ମ ଆଧାରରେ ଅନ୍ୟ ଜନ୍ମ ପ୍ରାପ୍ତ ହୋଇ ଜନ୍ମ-ମୃତ୍ୟୁର ଚକ୍ରରେ ଘୂରି ବୁଲନ୍ତି । ଉପରୋକ୍ତ ସାମ୍ନା ରାସ୍ତାରେ ଲାଗିଥିବା ତାଲାକୁ ବ୍ରହ୍ମ(କାଳ) କେବଳ ନିଜ ଆହାର ଉଦ୍ଦେଶ୍ୟରେ ପ୍ରାଣୀମାନଙ୍କୁ ଭିତରକୁ ଆଣିବା ପାଇଁ କିଛି ସମୟ ପାଇଁ ଖୋଲିଥାଏ । ପୂର୍ଣ୍ଣ ପରମାତ୍ମାଙ୍କ ସତନାମ ଓ ସାରନାମ ବଳରେ ସେହି ତାଲା ଆପେ ଆପେ ଖୋଲିଯାଏ । ଏହିପରି 'କାଳ'ର ଜାଲ ବିଷୟରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା କବିର୍ଦେବ (କବୀର ସାହେବ) ନିଜ ଭକ୍ତ ଧର୍ମଦାସଜୀଙ୍କୁ ବୁଝାଇଛନ୍ତି ।

"ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡର ସ୍ଥାପନା"

କବୀର ପରମେଶ୍ୱର (କବିର୍ଦେବ) ପୁଣି କହୁଛନ୍ତି ଯେ ପରବ୍ରହ୍ମ (ଅକ୍ଷର ପୁରୁଷ) ନିଜ କାର୍ଯ୍ୟରେ ଅବହେଳା କରି ଦୁଇଟି ଭୁଲ କରିଥିଲେ । ପ୍ରଥମେ ମାନସରୋବର ମଧ୍ୟରେ ଶୋଇପଡିଥିଲେ ଏବଂ ଦ୍ୱିତୀୟରେ ପରମେଶ୍ୱର (ମୁଁ ଅର୍ଥାତ୍ କବୀର ସାହେବ) ଯେତେବେଳେ

ସେହି ସରୋବର ମଧ୍ୟକୁ ଅଣ୍ଡା ଛାଡିଲେ ସେତେବେଳେ ଅକ୍ଷର ପୁରୁଷ (ପରବ୍ରହ୍ମ) ସେହି ଅଣ୍ଡାକୁ କ୍ରୋଧ ଦୃଷ୍ଟିରେ ଚାହିଁଥିଲେ । ଏହି ଦୁଇଟି ଅପରାଧ ପାଇଁ ତାଙ୍କୁ ମଧ୍ୟ ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ସତଲୋକରୁ ନିଷ୍କାସିତ କରି ଦିଆଗଲା । ଅନ୍ୟ ଏକ କାରଣ ଥିଲା ଯେ ଅକ୍ଷର ପୁରୁଷ (ପରବ୍ରହ୍ମ) ନିଜ ସାଥି ବ୍ରହ୍ମ(କ୍ଷରପୁରୁଷ)ର ବିଚ୍ଛେଦରେ ବ୍ୟାକୁଳ ହୋଇ ପରମପିତା କବିର୍ଦେବ(କବୀର ପରମେଶ୍ୱର)ଙ୍କୁ ଭୁଲି ବ୍ରହ୍ମକୁ ମନେ ପକାଇ ଭାବୁଥିଲେ ଯେ କ୍ଷରପୁରୁଷ(ବ୍ରହ୍ମ) ବହୁତ ଖୁସି ପାଳନ କରୁଥିବ, ସେ ସ୍ୱତନ୍ତ୍ର ରାଜ୍ୟ ଭୋଗ କରିବ, ମୁଁ ପଛରେ ରହିଗଲି । ଅନ୍ୟ ଯେଉଁ ଆତ୍ମାମାନେ ପରବ୍ରହ୍ମଙ୍କ ସହିତ ସାତଶଙ୍ଖ ବ୍ରହ୍ମାଣ୍ଡରେ ଜନ୍ମ-ମୃତ୍ୟୁର କର୍ମଦଣ୍ଡ ଭୋଗୁଛନ୍ତି, ସେମାନେ ମଧ୍ୟ ପୂର୍ଣ୍ଣ ପରମାତ୍ମା, ସୁଖଦାୟୀ କବିର୍ଦେବଙ୍କୁ ଭୁଲିଯାଇ ସେହି ହଂସାତ୍ମାମାନଙ୍କ ବିଚ୍ଛେଦର ଦୁଃଖରେ ମଗ୍ନ ହୋଇଗଲେ ଯେଉଁମାନେ ବ୍ରହ୍ମ(କାଳ)ଙ୍କର ଏକୋଇଶ ବ୍ରହ୍ମାଣ୍ଡରେ ଫଶିଛନ୍ତି । ପରମେଶ୍ୱର କବୀର ଦେବ ବାରମ୍ବାର ବୁଝାଇବା ସତ୍ତ୍ୱେ ଆସ୍ଥା ହଟିଲା ନାହିଁ । ପରବ୍ରହ୍ମ (ଅକ୍ଷର ପୁରୁଷ) ଚିନ୍ତାକଲେ ଯେ ମୁଁ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରାପ୍ତ କଲେ ଠିକ୍ ହେବ । ଏହା ଚିନ୍ତାକରି ରାଜ୍ୟ ପ୍ରାପ୍ତିର ଇଚ୍ଛା ରଖି ସାରନାମର ଜପ ପ୍ରାରମ୍ଭ କରିଦେଲେ । ଏହି ପ୍ରକାରେ ଅନ୍ୟ ଆତ୍ମାମାନେ (ଯେଉଁମାନେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡରେ ଫଶିଛନ୍ତି) ଚିନ୍ତାକଲେ ଯେ ବ୍ରହ୍ମଙ୍କ ସହିତ ଯାଇଥିବା ଆତ୍ମାମାନେ ସେଠାରେ ମଉଜ-ମସ୍ତି କରୁଥିବେ, ଆମ୍ଭେ ପଛରେ ରହିଗଲୁ । ପରବ୍ରହ୍ମଙ୍କ ମନରେ ଏହି ଧାରଣା ଜାତ ହେଲା ଯେ କ୍ଷରପୁରୁଷ ଅଲଗା ହୋଇ ବହୁତ ସୁଖୀ ହୋଇଯିବ । ମନରେ ଏହି ବିଚାର ରଖି ଅନ୍ତରାତ୍ମାରେ ଭିନ୍ନ ସ୍ଥାନ ପ୍ରାପ୍ତି ପାଇଁ ନିଷ୍ପତ୍ତି ନେଲେ । ପରବ୍ରହ୍ମ (ଅକ୍ଷର ପୁରୁଷ) ଅଲଗା ରାଜ୍ୟ ପ୍ରାପ୍ତି ପାଇଁ ହଠଯୋଗ ନ କରି ବିଶେଷ ନିଷ୍ଠାର ସହିତ ସହଜ ଧ୍ୟାନ ଯୋଗ କରିବାକୁ ଲାଗିଲେ । ଅଲଗା ସ୍ଥାନ ପ୍ରାପ୍ତି କରିବା ପାଇଁ ପାଗଳଙ୍କ ପରି ବିଚରଣ କରିବାକୁ ଲାଗିଲେ, ଖାଇବା ପିଇବା ମଧ୍ୟ ତ୍ୟାଗ କରିଦେଲେ । ତାଙ୍କର ଏହି ବୈରାଗ୍ୟ ଭାବ ଦେଖି ଅନ୍ୟ କିଛି ଆତ୍ମା ତାଙ୍କ ପ୍ରତି ଆସକ୍ତ ହୋଇଗଲେ ଏବଂ ତାଙ୍କୁ ଭଲ ପାଇବାକୁ ଲାଗିଲେ । ପୂର୍ଣ୍ଣପ୍ରଭୁ ପଚାରିବାରୁ ପରବ୍ରହ୍ମ ନିଜ ପାଇଁ ଅଲଗା ସ୍ଥାନ ମାଗିଥିଲେ ଏବଂ କିଛି ହଂସ ଆତ୍ମାଙ୍କୁ ସାଥିରେ ନେବା ପାଇଁ ପ୍ରାର୍ଥନା କରିଥିଲେ । ଏହାଶୁଣି କବିର୍ଦେବ କହିଲେ, ଯେଉଁ ଆତ୍ମା ଆପଣଙ୍କ ସହିତ ନିଜ ଇଚ୍ଛାରେ ଯିବା ପାଇଁ ଚାହିଁବେ ସେମାନଙ୍କୁ ପଠାଇ ଦେବି । ପୂର୍ଣ୍ଣପ୍ରଭୁ ପଚାରିଲେ ଯେ ଯେଉଁ ହଂସ ଆତ୍ମାମାନେ ପରବ୍ରହ୍ମଙ୍କ ସହିତ ଯିବା ପାଇଁ ଇଚ୍ଛୁକ ସେମାନେ ମୋ ସମ୍ମୁଖରେ ସହମତି ବ୍ୟକ୍ତ କର । ବହୁ ସମୟ ପରେ ଜଣେ ହଂସାତ୍ମା ସମ୍ମତି ପ୍ରଦାନ କଲା ପୁଣି ତାକୁ ଦେଖି ଅନ୍ୟ ସମସ୍ତ ଆତ୍ମା ସମ୍ମତି ପ୍ରଦାନ କଲେ । ସର୍ବ ପ୍ରଥମେ ରାଜି ହୋଇଥିବା ହଂସକୁ ପ୍ରଭୁ, ସ୍ତ୍ରୀ ରୂପ ଦେଲେ, ତାଙ୍କ ନାମ ଇଶ୍ୱରୀମାୟା (ପ୍ରକୃତି ସୁରତି) ରଖିଲେ ଏବଂ ଅନ୍ୟ ଆତ୍ମାମାନଙ୍କୁ ସେହି ଇଶ୍ୱରୀମାୟା ମଧ୍ୟରେ ପ୍ରବେଶ କରାଇ ଅଚିନ୍ତଙ୍କ ଦ୍ୱାରା ଅକ୍ଷର ପୁରୁଷ (ପରବ୍ରହ୍ମ) ନିକଟକୁ ପଠାଇଦେଲେ । (ପତିବ୍ରତା ପଦରୁ ଓହରିବାର ଶାସ୍ତି ପାଇଲେ) ବହୁଯୁଗ ପର୍ଯ୍ୟନ୍ତ ଦୁହେଁ ସାତଶଙ୍ଖ ବ୍ରହ୍ମାଣ୍ଡରେ ରହିଲେ, ପରନ୍ତୁ ପରବ୍ରହ୍ମ ତାଙ୍କ ପ୍ରତି ଦୁର୍ବ୍ୟବହାର କଲେ ନାହିଁ । ଇଶ୍ୱରୀମାୟାଙ୍କ ଇଚ୍ଛାକୁ ପରବ୍ରହ୍ମ ଅଙ୍ଗିକାର କଲେ ତଥା ନିଜ ଶବ୍ଦଶକ୍ତି ଦ୍ୱାରା ନଖାଘାତ କରି ସ୍ତ୍ରୀ ଇନ୍ଦ୍ରୀୟ (ଯୋନି) ତିଆରି କଲେ । ଈଶ୍ୱରୀ ଦେବୀଙ୍କ ସହମତି କ୍ରମେ ସନ୍ତାନ ଉତ୍ପତ୍ତି କଲେ । ସେହି କାରଣରୁ ପରବ୍ରହ୍ମଙ୍କ ଲୋକ (ସାତଶଙ୍ଖ ବ୍ରହ୍ମାଣ୍ଡ)ରେ ପ୍ରାଣୀମାନଙ୍କୁ ତପ୍ତଶୀଳାର କଷ୍ଟ ଦିଆଯାଏ ନାହିଁ ତଥା ସେଠାକାର ପଶୁପକ୍ଷୀମାନେ ମଧ୍ୟ ବ୍ରହ୍ମଲୋକର ଦେବତାଙ୍କଠାରୁ ଉତ୍ତମ ଚରିତ୍ରଯୁକ୍ତ ଅଟନ୍ତି । ସେମାନଙ୍କର ଆୟୁ ମଧ୍ୟ ବହୁତ ଲମ୍ବା ଅଟେ । ପରନ୍ତୁ ସେମାନଙ୍କୁ ଜନ୍ମ-ମୃତ୍ୟୁ, କର୍ମ ଆଧାରରେ କର୍ମଦଣ୍ଡ ତଥା ପରିଶ୍ରମ କରି ଉଦରପୂର୍ତ୍ତି କରିବାକୁ ପଡିଥାଏ । ଏହି ଲୋକ ଭଳି ସ୍ୱର୍ଗ ଓ ନର୍କ ସେଠାରେ ମଧ୍ୟ ଅଛି । ପରବ୍ରହ୍ମ(ଅକ୍ଷରପୁରୁଷ)ଙ୍କୁ ସାତଶଙ୍ଖ ବ୍ରହ୍ମାଣ୍ଡ ତାଙ୍କ ଇଚ୍ଛାରୂପୀ ଭକ୍ତି ଧ୍ୟାନ ଅର୍ଥାତ୍ ସହଜ ସମାଧି ବିଧି ଦ୍ୱାରା କରିଥିବା ଉପାର୍ଜନର ପ୍ରତିଫଳ ସ୍ୱରୂପ ପ୍ରଦାନ କରାଗଲା ତଥା ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ଅକ୍ଷରବ୍ରହ୍ମ ଓ ଈଶ୍ୱରୀମାୟାଙ୍କୁ ସତ୍‌ଲୋକରୁ ନିଷ୍କାସିତ କରାଗଲା ।

ପୂର୍ଣ୍ଣବ୍ରହ୍ମ (ସତ୍ୟପୁରୁଷ) ସତ୍‌ଲୋକର ସମସ୍ତ ବ୍ରହ୍ମାଣ୍ଡ, ବ୍ରହ୍ମର ଏକୋଇଶ ବ୍ରହ୍ମାଣ୍ଡ ଏବଂ ପରବ୍ରହ୍ମର ସାତଶଙ୍ଖ ବ୍ରହ୍ମାଣ୍ଡର ମଧ୍ୟ ପ୍ରଭୁ (ମାଲିକ) ଅଟନ୍ତି ଅର୍ଥାତ୍ ପରମେଶ୍ୱର କବିର୍ଦେବ ଅନନ୍ତକୋଟି ବ୍ରହ୍ମାଣ୍ଡର ମାଲିକ ଅଟନ୍ତି ।

ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଓ ଶ୍ରୀ ଶିବ ଚାରି ଭୂଜା ଓ ୧୬ କଳା ବିଶିଷ୍ଟ ଅଟନ୍ତି । ପ୍ରକୃତି ଦେବୀ (ଦୁର୍ଗା) ଆଠ ଭୂଜା ଓ ୬୪ କଳାଯୁକ୍ତ ଅଟନ୍ତି । ବ୍ରହ୍ମ (କ୍ଷରପୁରୁଷ) ଏକ ହଜାର ଭୂଜା ଓ ଏକ ହଜାର କଳାଯୁକ୍ତ ଅଟନ୍ତି ଏବଂ ସେ ଏକୋଇଶ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ପରବ୍ରହ୍ମ(ଅକ୍ଷର ପୁରୁଷ)ଙ୍କର ଦଶ ହଜାର ଭୁଜା ଓ ଦଶ ହଜାର କଳାଯୁକ୍ତ ଅଟନ୍ତି ଏବଂ ସେ ସାତ ଶଙ୍ଖ ବ୍ରହ୍ମାଣ୍ଡର ପ୍ରଭୁ ଅଟନ୍ତି । ପୂର୍ଣ୍ଣବ୍ରହ୍ମ (ପରମ ଅକ୍ଷରପୁରୁଷ ଅର୍ଥାତ୍ ସତ୍ୟପୁରୁଷ) ଅସଂଖ୍ୟ ଭୂଜା ଓ ଅସଂଖ୍ୟ କଳାଯୁକ୍ତ ଅଟନ୍ତି ତଥା ବ୍ରହ୍ମର ଏକୋଇଶ ବ୍ରହ୍ମାଣ୍ଡ, ପରବ୍ରହ୍ମର ସାତଶଙ୍ଖ ବ୍ରହ୍ମାଣ୍ଡ ସହିତ ଅସଂଖ୍ୟ ବ୍ରହ୍ମାଣ୍ଡର ସେ ପ୍ରଭୁ ଅଟନ୍ତି । ସମସ୍ତ ପ୍ରଭୁ ନିଜର ସମସ୍ତ ଭୂଜାକୁ ଲୁଚାଇ କେବଳ ଦୁଇଟି ହସ୍ତ ରଖିପାରନ୍ତି ଏବଂ ନିଜ ଇଚ୍ଛାନୁସାରେ ସମସ୍ତ ହସ୍ତକୁ ପ୍ରକଟ ମଧ୍ୟ କରିପାରନ୍ତି । ପୂର୍ଣ୍ଣ ପରମାତ୍ମା, ପରବ୍ରହ୍ମର ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଭିନ୍ନ ସ୍ଥାନ ନିର୍ମାଣ କରି ଅନ୍ୟ ରୂପରେ ଗୁପ୍ତ ଭାବେ ରହିଥାନ୍ତି । ଯେପରି ବାହାରେ ଏକ ଘୂର୍ଣ୍ଣ୍ୟମାନ କ୍ୟାମେରା ଲଗାଯାଇ ଭିତରେ ଟି.ଭି. (ଟେଲିଭିଜନ) ଚାଲୁକରିବା ଦ୍ୱାରା ବାହାରର ସମସ୍ତ ଦୃଶ୍ୟ ଟି.ଭି.ରେ ଦୃଶ୍ୟମାନ ହୋଇଥାଏ ତଥା ଅନ୍ୟ ଏକ ଟି.ଭି. ବାହାରେ ରଖି ଭିତରେ ଏକ କ୍ୟାମେରା ସ୍ଥାୟୀ ରୂପେ ଲଗାଇବା ଦ୍ୱାରା ସେଥିରେ କେବଳ ଭିତରେ ବସିଥିବା ପ୍ରବନ୍ଧକଙ୍କ ଚିତ୍ର ଦୃଶ୍ୟମାନ ହୋଇଥାଏ, ଯାହାଦ୍ୱାରା ସମସ୍ତ କର୍ମଚାରୀ ସାବଧାନ ରହିଥାନ୍ତି ।

ଏହି ପ୍ରକାରେ ପୂର୍ଣ୍ଣ ପରମାତ୍ମା ନିଜ ସତ୍‌ଲୋକରେ ବସି ସମସ୍ତଙ୍କୁ ନିୟନ୍ତ୍ରିତ କରିଥାନ୍ତି ତଥା ପ୍ରତ୍ୟେକ ବ୍ରହ୍ମାଣ୍ଡରେ ମଧ୍ୟ ସଦଗୁରୁ କବିର୍ଦେବ ବିଦ୍ୟମାନ ରୁହନ୍ତି ଯେପରି ସୂର୍ଯ୍ୟ ଦୂରରେ ରହି ମଧ୍ୟ ଅନ୍ୟ ଲୋକଗୁଡିକ ଉପରେ ନିଜର ପ୍ରଭାବ ବିସ୍ତାର କରିଥାନ୍ତି ।

"ପବିତ୍ର ଅଥର୍ବ ବେଦରେ ସୃଷ୍ଟି ରଚନାର ପ୍ରମାଣ"

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୧:-

ବ୍ରହ୍ମ ଯଜ୍ଞାନଂ ପ୍ରଥମଂ ପୁରସ୍ତାଦ୍ ବି ସୀମତଃ ସୁରୁଚୋ ବେନ ଆବଃ ।
ସଃ ବୁଧ୍ନ୍ୟା ଉପମା ଅସ୍ୟ ବିଷ୍ଠାଃ ସତଶ୍ଚ ଯୋନିମସତଶ୍ଚ ବି ବଃ ॥ ୧ ॥

ବ୍ରହ୍ମ-ଜ-ଜ୍ଞାନମ୍-ପ୍ରଥମମ୍ - ପୁରସ୍ତାତ୍ -ବିସିମତଃ-ସୁରୁଚଃ-ବେନଃ-ଆବଃ-ସଃ-ବୁଧ୍ନ୍ୟାଃ-ଉପମା-ଅସ୍ୟ-ବିଷ୍ଠାଃ-ସତଃ-ଚ-ଯୋନିମ୍ -ଅସତଃ-ଚ-ବି ବଃ ।

ଅନୁବାଦ:- (ପ୍ରଥମମ୍) ପ୍ରାଚୀନ ଅର୍ଥାତ୍ ସନାତନ (ବ୍ରହ୍ମ) ପରମାତ୍ମା (ଜ) ପ୍ରକଟ ହୋଇ (ଜ୍ଞାନମ୍) ନିଜ ବିଚାର ବଳରେ(ପୁରସ୍ତାତ୍) ଶିଖରରେ ଅର୍ଥାତ୍ ସତ୍ୟଲୋକ ଆଦିକୁ (ସୁରୁଚଃ) ସ୍ୱଇଚ୍ଛାରେ ପ୍ରବଳ ଆଗ୍ରହର ସହିତ ସ୍ୱପ୍ରକାଶିତ (ବିସିମତଃ) ସୀମା ରହିତ ଅର୍ଥାତ୍ ବିଶାଳ ଆୟତନର ଭିନ୍ନ ଲୋକଗୁଡିକୁ ରଚନା କଲେ । ସେହି (ବେନଃ) ବୁଣାକାର ସିଲେଇ କରି ଅର୍ଥାତ୍ କପଡା ଭଳି ବୁଣି (ଆବଃ) ସୁରକ୍ଷିତ କଲେ (ଚ) ତଥା (ସଃ) ସେହି ପୂର୍ଣ୍ଣବ୍ରହ୍ମ ହିଁ ସମସ୍ତ ରଚନା କଲେ (ଅସ୍ୟ) ଏଥିପାଇଁ ସେହି (ବୁଧ୍ନ୍ୟାଃ) ମୂଳ ମାଲିକ (ଯୋନିମ୍) ମୂଳସ୍ଥାନ ସତ୍ୟଲୋକର ରଚନା କରିଛନ୍ତି (ଅସ୍ୟ) ଏହାର (ଉପମା) ସଦୃଶ ଅର୍ଥାତ୍ ସାମଞ୍ଜସ୍ୟ ଥିବା (ସତଃ) ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମଙ୍କ ଲୋକ ଯାହା କିଛି ସ୍ଥାୟୀ (ଚ) ତଥା (ଅସତଃ) କ୍ଷରପୁରୁଷଙ୍କ ଅସ୍ଥାୟୀ ଲୋକ ଆଦି (ବି ବଃ) ଭିନ୍ନ ବସତି (ବିଷ୍ଠାଃ) ସ୍ଥାପନା କଲେ ।

ଭାବାର୍ଥ :- ପବିତ୍ର ବେଦ ଜ୍ଞାନଦାତା ବ୍ରହ୍ମ(କାଳ) କହୁଛନ୍ତି ଯେ ସନାତନ ପରମେଶ୍ୱର ସ୍ୱୟଂ ଅନାମୟ(ଅନାମୀ) ଲୋକରୁ ଆସି ସତ୍ୟଲୋକରେ ପ୍ରକଟ ହୋଇ ନିଜ ବିଚାରରେ କପଡା ବୁଣିବା ପରି ସୃଷ୍ଟି ରଚନା କରି ଉପରେ ଥିବା ସତ୍ୟଲୋକ ଆଦିକୁ ସୀମାବିହୀନ, ସ୍ୱପ୍ରକାଶିତ,

ଅଜର-ଅମର ଅର୍ଥାତ୍ ଅବିନାଶୀ କଲେ ଏବଂ ତଳେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ତଥା ବ୍ରହ୍ମଙ୍କ ଏକୋଇଶ ବ୍ରହ୍ମାଣ୍ଡ ଓ ଏଥିରେ ଥିବା କ୍ଷୁଦ୍ରରୁ ଅତିକ୍ଷୁଦ୍ର ରଚନା ମଧ୍ୟ ସେହି ପରମାତ୍ମା ଅସ୍ଥାୟୀ (ବିନାଶୀ) କଲେ ।

କାଣ୍ଡ ନଂ ୪ ଅନୁବାଦ ନଂ ୧ ମନ୍ତ୍ର ନଂ ୨:-

ଇୟଂ ପିତ୍ର୍ୟା ରାଷ୍ଟ୍ର୍ୟେତ୍ୱଗ୍ରେ ପ୍ରଥମାୟ ଜନୁଷେ ଭୁବନେଷ୍ଠାଃ ।
ତସ୍ମା ଏତଂ ସୁରୁଚଂ ହ୍ୱାରମହ୍ୟଂ ଧର୍ମଂ ଶ୍ରୀଣନ୍ତୁ ପ୍ରଥମାୟ ଧାସ୍ୟଞ୍ୱେ ॥୨॥

ଇୟମ୍ - ପିତ୍ର୍ୟା - ରାଷ୍ଟ୍ରି-ଏତୁ - ଅଗ୍ରେ- ପ୍ରଥମାୟ - ଜନୁଷେ - ଭୁବନେଷ୍ଠାଃ-ତସ୍ମା - ଏତମ୍ - ସୁରୁଚମ୍ - ହ୍ୱାରମହ୍ୟମ୍ -ଧର୍ମମ୍ - ଶ୍ରୀଣାନ୍ତୁ - ପ୍ରଥମାୟ-ଧାସ୍ୟବେ ।

ଅନୁବାଦ:- (ଇୟମ୍) ଏହି (ପିତ୍ର୍ୟା) ଜଗତପିତା ପରମେଶ୍ୱର (ଏତୁ) ଏହି (ଅଗ୍ରେ) ସର୍ବୋତ୍ତମ (ପ୍ରଥମାୟ) ସର୍ବ ପ୍ରଥମ ମାୟା ପରାନନ୍ଦନୀ (ରାଷ୍ଟ୍ରି) ରାଜେଶ୍ୱରୀ ଶକ୍ତି ଅର୍ଥାତ୍ ପରାଶକ୍ତି ଯାହାଙ୍କୁ ଆକର୍ଷଣ ଶକ୍ତି ମଧ୍ୟ କୁହାଯାଏ, ଙ୍କୁ (ଜନୁଷେ) ଉତ୍ପନ୍ନ କରି (ଭୁବନେଷ୍ଠାଃ) ଲୋକ ସ୍ଥାପନା କଲେ (ତସ୍ମା) ସେହି ପରମେଶ୍ୱର (ସୁରୁଚମ୍) ପ୍ରବଳ ଆଗ୍ରହର ସହିତ ସ୍ୱଇଚ୍ଛାରେ (ଏତମ୍) ଏହି (ପ୍ରଥମାୟ) ପ୍ରଥମ ଉତ୍ପତ୍ତି ଶକ୍ତି ଅର୍ଥାତ୍ ପରାଶକ୍ତିଙ୍କ ଦ୍ୱାରା (ହ୍ୱାରମହ୍ୟମ୍) ପରସ୍ପର ବିୟୋଗକୁ ଅଟକାଇବା ଅର୍ଥାତ୍ ଆକର୍ଷଣ ଶକ୍ତିର (ଶ୍ରୀଣାନ୍ତୁ) ଗୁରୁତ୍ୱ ଆକର୍ଷଣକୁ ପରମାତ୍ମା ଆଦେଶ ଦେଲେ ଚିରକାଳ ରୁହ ସେହି କଦାପି ସମାପ୍ତ ହେଉ ନ ଥିବା (ଧର୍ମମ୍) ସ୍ୱଭାବରେ (ଧାସ୍ୟବେ) ଧାରଣ କରି ସିଲାଇ କଲେ ଅର୍ଥାତ୍ କପଡା ଭଳି ବୁଣି ଅଟକାଇ ରଖିଛନ୍ତି ।

ଭାବାର୍ଥ :- ଜଗତପିତା ପରମେଶ୍ୱର ନିଜ ଶବ୍ଦଶକ୍ତି ଦ୍ୱାରା ରାଷ୍ଟ୍ରୀ ଅର୍ଥାତ୍ ସର୍ବପ୍ରଥମ ମାୟା ରାଜେଶ୍ୱରୀଙ୍କୁ ଉତ୍ପନ୍ନ କଲେ ତଥା ସେହି ପରାଶକ୍ତି ଦ୍ୱାରା ଗୋଟିଏ ଅନ୍ୟଟିକୁ ଆକର୍ଷଣ ଶକ୍ତି ମାଧ୍ୟମରେ ଧରି ରଖିପାରୁଥିବା, କଦାପି ସମାପ୍ତ ହେଉନଥିବା ଗୁଣଦ୍ୱାରା ଉପରୋକ୍ତ ସମସ୍ତ ବ୍ରହ୍ମାଣ୍ଡକୁ ସ୍ଥାପନ କରିଛନ୍ତି ।

କାଣ୍ଡ ନଂ ୪ ଅନୁବାଦ ନଂ ୧ ମନ୍ତ୍ର ନଂ ୩ :-

ପ୍ର ଯୋ ଜଜ୍ଞେ ବିଦ୍ୱାନସ୍ୟ ବନ୍ଧୁର୍ବିଶ୍ୱା ଦେବାନାଂ ଜନିମା ବିବକ୍ତି ।
ବ୍ରହ୍ମ ବ୍ରହ୍ମଣ ଉଜ୍ଜଭାର ମଧ୍ୟାନ୍ନୀଚୈରୁଚୈଃ ସ୍ୱଧା ଅଭି ପ୍ର ତସ୍ଥୌ ॥୩॥

ପ୍ର-ଯଃ-ଜଜ୍ଞେ-ବିଦ୍ୱାନସ୍ୟ-ବନ୍ଧୁଃ-ବିଶ୍ୱା-ଦେବାନାମ୍-ଜନିମା-ବିବକ୍ତି-ବ୍ରହ୍ମଃ-ବ୍ରହ୍ମଣଃ-ଉଜ୍ଜ୍ୱଭାର-ମଧ୍ୟାତ୍-ନିଚୈଃ-ଉଚୈଃ-ସ୍ୱଧା-ଅଭିଃ-ପ୍ରତସ୍ଥୌ ।

ଅନୁବାଦ:- (ପ୍ର) ସର୍ବପ୍ରଥମେ (ଦେବାନାମ୍) ଦେବତାମାନଙ୍କର ଓ ବ୍ରହ୍ମାଣ୍ଡଗୁଡିକର (ଜଜ୍ଞେ) ଉତ୍ପତ୍ତିର ଜ୍ଞାନକୁ (ବିଦ୍ୱାନସ୍ୟ) ଜିଜ୍ଞାସୁ ଭକ୍ତର (ଯଃ) ଯେଉଁ (ବନ୍ଧୁଃ) ବାସ୍ତବିକ ସାଥୀ ଅର୍ଥାତ୍ ପୂର୍ଣ୍ଣ ପରମାତ୍ମା ହିଁ ନିଜ ସେବକଙ୍କୁ (ଜନିମା) ନିଜଦ୍ୱାରା କରାଯାଇଥିବା ସୃଷ୍ଟିକୁ (ବିବକ୍ତି) ସ୍ୱୟଂ ଠିକ୍ ଠିକ୍ ବିସ୍ତାରପୂର୍ବକ କହିଥାନ୍ତି ଯେ (ବ୍ରହ୍ମଣଃ) ପୂର୍ଣ୍ଣ ପରମାତ୍ମା (ମଧ୍ୟାତ୍) ନିଜ ମଧ୍ୟରୁ ଅର୍ଥାତ୍ ଶବ୍ଦଶକ୍ତି ଦ୍ୱାରା (ବ୍ରହ୍ମଃ) ବ୍ରହ୍ମ-କ୍ଷରପୁରୁଷ ଅର୍ଥାତ୍ କାଳକୁ (ଉଜ୍ଜଭାର) ଉତ୍ପନ୍ନ କରି (ବିଶ୍ୱା) ସାରା ସଂସାରକୁ ଅର୍ଥାତ୍ ସମସ୍ତ ଲୋକକୁ (ଉଚୈଃ) ଉପରେ ଥିବା ସତ୍ୟଲୋକ ଆଦି (ନିଚୈଃ) ତଳେ ପରବ୍ରହ୍ମ ଓ ବ୍ରହ୍ମଙ୍କ ସର୍ବ ବ୍ରହ୍ମାଣ୍ଡ (ସ୍ୱଧା) ନିଜେ ଧାରଣ କରିଥିବା (ଅଭିଃ) ଆକର୍ଷଣ ଶକ୍ତିଦ୍ୱାରା (ପ୍ରତସ୍ଥୌ) ଦ୍ୱୟକୁ ଉତ୍ତମ ଭାବେ ସ୍ଥାପନ କଲେ ।

ଭାବାର୍ଥ:- ପୂର୍ଣ୍ଣ ପରମାତ୍ମା ନିଜେ ରଚିଥିବା ସୃଷ୍ଟିର ଜ୍ଞାନ ତଥା ସମସ୍ତ ଆତ୍ମାମାନଙ୍କର ଉତ୍ପତ୍ତିର ଜ୍ଞାନ ନିଜ ପ୍ରିୟ ଦାସଙ୍କୁ ସ୍ୱୟଂ ହିଁ ଠିକ୍ ଭାବରେ କହିଥାନ୍ତି ଯେ ପୂର୍ଣ୍ଣ ପରମାତ୍ମା ନିଜ ଶରୀର ମଧ୍ୟରୁ ଶବ୍ଦଶକ୍ତି ଦ୍ୱାରା ବ୍ରହ୍ମ (କ୍ଷର ପୁରୁଷ/କାଳ)ର ଉତ୍ପତ୍ତି ତଥା ସମସ୍ତ ବ୍ରହ୍ମାଣ୍ଡ ଉପରେ ଥିବା ସତ୍ୟଲୋକ, ଅଲଖଲୋକ, ଅଗମ ଲୋକ ଓ ଅନାମୀ ଲୋକ ଆଦି ତଥା ତଳେ ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ବ୍ରହ୍ମଙ୍କ ଏକୋଇଶ ବ୍ରହ୍ମାଣ୍ଡକୁ ନିଜେ ଧାରଣ କରିଥିବା ଆକର୍ଷଣ ଶକ୍ତି ଦ୍ୱାରା ସ୍ଥାପନା କରି ଅଟକାଇ ରଖିଛନ୍ତି ।

ଯେପରି ପୂର୍ଣ୍ଣ ପରମାତ୍ମା କବୀର ପରମେଶ୍ୱର (କବିର୍ଦେବ) ନିଜର ଅତି ପ୍ରିୟ ସେବକ ଅର୍ଥାତ୍ ସଖା ଶ୍ରୀ ଧର୍ମଦାସଜୀ ଓ ଆଦରଣୀୟ ଗରୀବ ଦାସଜୀ ଆଦିଙ୍କୁ ନିଜେ ରଚିଥିବା ସୃଷ୍ଟିର ଜ୍ଞାନ ସ୍ୱୟଂ କହିଛନ୍ତି । ଉପରୋକ୍ତ ବେଦମନ୍ତ୍ର ମଧ୍ୟ ଏହାର ସମର୍ଥନ କରୁଅଛି ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୪:-

ସଃ ହି ଦିବଃ ସଃ ପୃଥିବ୍ୟା ଋତସ୍ଥା ମହୀ କ୍ଷେମଂ ରୋଦସୀ ଅସ୍କଭାୟତ୍ ।
ମହାନ୍ ମହୀ ଅସ୍କଭାୟଦ୍ ବି ଜାତୋ ଦ୍ୟାଂ ସଦ୍ମ ପାର୍ଥିବଂ ଚ ରଜଃ ॥୪॥

ସଃ-ହି-ଦିବଃ-ସଃ-ପୃଥିବ୍ୟା-ଋତସ୍ଥା-ମହୀ-କ୍ଷେମମ୍-ରୋଦସି-ଅସ୍କଭାୟତ୍-ମହାନ୍-ମହୀ-ଅସ୍କଭାୟତ୍-ବିଜାତଃ-ଧାମ୍-ସଦମ୍-ପାର୍ଥିବମ୍-ଚ-ରଜଃ

ଅନୁବାଦ:- (ସଃ) ସେହି ସର୍ବଶକ୍ତିମାନ ପରମାତ୍ମା (ହି) ନିଃସନ୍ଦେହ (ଦିବଃ) ଉପରେ ଥିବା ଚାରି ଦିବ୍ୟଲୋକ ଯେପରି ସତ୍ୟଲୋକ, ଅଲଖଲୋକ, ଅଗମଲୋକ ଓ ଅନାମୀଲୋକ ଅର୍ଥାତ୍ ଅକହଲୋକ ଅର୍ଥାତ୍ ଦିବ୍ୟ ଗୁଣଯୁକ୍ତ ଲୋକଗୁଡିକୁ (ଋତସ୍ଥା) ସତ୍ୟ ସ୍ଥିର ଅର୍ଥାତ୍ ଅଜର-ଅମର ରୂପେ ସ୍ଥିର କଲେ (ସ) ସେହିଭଳି (ପୃଥିବ୍ୟା) ତଳେ ଥିବା ପୃଥିବୀ ଭଳି ସମସ୍ତ ଲୋକ ଯେପରି ପରବ୍ରହ୍ମଙ୍କ ସାତଶଙ୍ଖ ତଥା ବ୍ରହ୍ମ/କାଳଙ୍କ ଏକୋଇଶ ବ୍ରହ୍ମାଣ୍ଡ (ମହୀ) ପୃଥ୍ୱୀ ତତ୍ତ୍ୱ ଦ୍ୱାରା (କ୍ଷେମମ୍) ସୁରକ୍ଷା ସହିତ (ଅସ୍କଭାୟତ୍) ସ୍ଥାପନ କଲେ (ରୋଦସୀ) ଆକାଶ ତତ୍ତ୍ୱ ଓ ପୃଥ୍ୱୀ ତତ୍ତ୍ୱ ଦ୍ୱୟର ତଳ ଓ ଉପର ବ୍ରହ୍ମାଣ୍ଡଗୁଡିକୁ {ଯେପରି ଆକାଶ ଏକ ସୂକ୍ଷ୍ମ ତତ୍ତ୍ୱ ଓ ଶବ୍ଦ ଆକାଶର ଗୁଣ ଅଟେ, ପୂର୍ଣ୍ଣ ପରମାତ୍ମା ଉପର ଲୋକଗୁଡିକୁ ଶବ୍ଦ ରୂପରେ ରଚିଲେ, ଯାହା ତେଜପୁଞ୍ଜରେ ତିଆରି ତଥା ତଳେ ଥିବା ପରବ୍ରହ୍ମ (ଅକ୍ଷର ପୁରୁଷ)ଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ତଥା ବ୍ରହ୍ମ/କ୍ଷରପୁରୁଷଙ୍କ ଏକୋଇଶ ବ୍ରହ୍ମାଣ୍ଡଗୁଡିକୁ ପୃଥିବୀ ତତ୍ତ୍ୱରେ ଅସ୍ଥାୟୀ ରଚନା କଲେ} (ମହାନ୍) ପୂର୍ଣ୍ଣ ପରମାତ୍ମା (ପାର୍ଥିବମ୍) ପୃଥ୍ୱୀ ଭଳି (ବି) ଭିନ୍ନ ଭିନ୍ନ (ଧାମ୍) ଲୋକ (ଚ) ଏବଂ (ସଦମ୍) ଆବାସ ସ୍ଥାନ (ମହୀ) ପୃଥ୍ୱୀ ତତ୍ତ୍ୱରେ (ରଜଃ) ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଛୋଟ-ଛୋଟ ଲୋକଗୁଡିକର (ଜାତଃ) ରଚନା କରି (ଅସ୍କଭାୟତ୍) ସ୍ଥିର କଲେ ।

ଭାବାର୍ଥ:- ଉପରେ ଥିବା ଚାରିଲୋକ ସତ୍ୟଲୋକ, ଅଲଖ ଲୋକ, ଅଗମ ଲୋକ, ଅନାମୀ ଲୋକ ଆଦିକୁ ଅଜର-ଅମର ସ୍ଥାୟୀ ଅର୍ଥାତ୍ ଅବିନାଶୀ ରୂପେ ରଚନା କରିଛନ୍ତି ଏବଂ ତଳେ ଥିବା ବ୍ରହ୍ମ ଓ ପରବ୍ରହ୍ମଙ୍କ ଲୋକକୁ ଅସ୍ଥାୟୀ ରୂପେ ରଚନା କରିବା ସହିତ ଅନ୍ୟ ଛୋଟ-ଛୋଟ ଲୋକଗୁଡିକୁ ମଧ୍ୟ ସେହି ପରମେଶ୍ୱର ରଚନା କରି ସ୍ଥିର କରିଛନ୍ତି ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୫

ସଃ ବୁଧ୍ନ୍ୟାଦାଷ୍ଟ୍ର ଜନୁଷୋଽଭ୍ୟଗ୍ରଂ ବୃହସ୍ପତିର୍ଦେବତା ତସ୍ୟ ସମ୍ରାଟ୍ ।
ଅହର୍ଯ୍ୟଚ୍ଛୁକ୍ରଂ ଜ୍ୟୋତିଷୋ ଜନିଷ୍ଟାଥ ଦ୍ୟୁମନ୍ତୋ ବି ବସନ୍ତୁ ବିପ୍ରାଃ ॥୫॥

ସ-ବୁଧ୍ନ୍ୟାତ୍-ଆଷ୍ଟ୍ର-ଜନୁଷେଃ-ଅଭି-ଅଗ୍ରମ୍-ବୃହସ୍ପତିଃ-ଦେବତା-ତସ୍ୟ-ସମ୍ରାଟ-ଅହଃ -ଯତ୍-ଶୁକ୍ରମ୍-ଜ୍ୟୋତିଷଃ-ଜନିଷ୍ଟ-ଅଥ-ଦ୍ୟୁମନ୍ତଃ-ବି-ବସନ୍ତୁ-ବିପ୍ରାଃ ।

ଅନୁବାଦ:-(ସଃ) ସେହି (ବୁଧ୍ନ୍ୟାତ୍) ମୂଳ ମାଲିକଙ୍କଠାରୁ (ଅଭି-ଅଗ୍ରମ୍) ସର୍ବ ପ୍ରଥମ ସ୍ଥାନରେ (ଆଷ୍ଟ୍ର) ଅଷ୍ଟାଙ୍ଗୀ ମାୟା-ଦୁର୍ଗା ଅର୍ଥାତ୍ ପ୍ରକୃତି ଦେବୀ (ଜନୁଷେଃ) ଉତ୍ପନ୍ନ ହେଲେ କାରଣ ତଳେ ଥିବା ପରବ୍ରହ୍ମ ଓ ବ୍ରହ୍ମଙ୍କ ଲୋକର ପ୍ରଥମ ସ୍ଥାନ ସତ୍‌ଲୋକ ଅଟେ ଏହାକୁ ତୃତୀୟ ଧାମ ମଧ୍ୟ କୁହାଯାଏ (ତସ୍ୟ) ଏହି ଦୁର୍ଗାଙ୍କର ମଧ୍ୟ ମାଲିକ ଏହି (ସମ୍ରାଟ) ରାଜାଧିରାଜ (ବୃହସ୍ପତିଃ) ସବୁଠାରୁ ବଡ ପତି ଓ ଜଗତଗୁରୁ (ଦେବତା) ପରମେଶ୍ୱର ଅଟନ୍ତି । (ଯତ୍) ଯାହାଙ୍କଠାରୁ (ଅହଃ) ସମସ୍ତଙ୍କର ବିୟୋଗ ହୋଇଛି (ଅଥ) ଏହାପରେ (ଜ୍ୟୋତିଷଃ) ଜ୍ୟୋତି ରୂପ ନିରଞ୍ଜନ ଅର୍ଥାତ୍ କାଳଙ୍କ (ଶୁକ୍ରମ୍) ବୀର୍ଯ୍ୟ ଅର୍ଥାତ୍ ବୀଜ ଶକ୍ତିରୁ (ଜନିଷ୍ଟ) ଦୁର୍ଗାଙ୍କ ଉଦରରୁ ଉତ୍ପନ୍ନ ହୋଇ (ବିପ୍ରାଃ) ଭକ୍ତ ଆତ୍ମାମାନେ (ବି) ସ୍ୱତନ୍ତ୍ର ଭାବେ (ଦ୍ୟୁମନ୍ତଃ) ମନୁଷ୍ୟ ଲୋକ ତଥା ସ୍ୱର୍ଗ ଲୋକରେ ଜ୍ୟୋତି ନିରଞ୍ଜନର ଆଦେଶ ଅନୁସାର ଦୁର୍ଗା କହିଲେ (ବସନ୍ତୁ) ନିବାସ କର, ଅର୍ଥାତ୍ ସେମାନେ ନିବାସ କରିବାକୁ ଲାଗିଲେ ।

ଭାବାର୍ଥ:- ପୂର୍ଣ୍ଣ ପରମାତ୍ମା ଉପରିସ୍ଥ ଚାରିଲୋକ ମଧ୍ୟରୁ ଯାହା ତଳୁ ସର୍ବ ପ୍ରଥମ ଅର୍ଥାତ୍ ସତ୍ୟଲୋକରେ ଆଷ୍ଟ୍ରା ଅର୍ଥାତ୍ ଅଷ୍ଟାଙ୍ଗୀ (ପ୍ରକୃତୀ ଦେବୀ/ଦୁର୍ଗା)ଙ୍କୁ ଉପଜ୍ଜି କଲେ । ଏହି ରାଜାଧିରାଜ, ଜଗତଗୁରୁ, ପୂର୍ଣ୍ଣ ପରମେଶ୍ୱର(ସତ୍ୟପୁରୁଷ) ଅଟନ୍ତି, ଯାହାଙ୍କ ଠାରୁ ସମସ୍ତଙ୍କର ବିୟୋଗ ହୋଇଛି । ପୁଣି ସମସ୍ତ ପ୍ରାଣୀ ଜ୍ୟୋତି ନିରଞ୍ଜନ(କାଳ)ଙ୍କ (ବୀର୍ଯ୍ୟ)ବୀଜ ଦ୍ୱାରା ଦୁର୍ଗା(ଆଷ୍ଟ୍ରା)ଙ୍କ ଗର୍ଭରେ ଉତ୍ପନ୍ନ ହୋଇ ସ୍ୱର୍ଗଲୋକ ଓ ପୃଥିବୀ ଲୋକରେ ନିବାସ କରିବାକୁ ଲାଗିଲେ ।

କାଣ୍ଡ ନଂ ୪ ଅନୁବାକ ନଂ ୧ ମନ୍ତ୍ର ନଂ ୬

ନୂନଂ ତଦସ୍ୟ କାବ୍ୟା ହିନୋତି ମହୋ ଦେବସ୍ୟ ପୂର୍ବସ୍ୟ ଧାମ ।
ଏଷ ଯଜ୍ଞେ ବହୁଭିଃ ସାକମିଥ୍ୟା ପୂର୍ବେ ଅର୍ଧେ ବିଷିତେ ସସନ୍ ନୁ ॥୬॥

ନୂନଂ-ତତ୍-ଅସ୍ୟ-କାବ୍ୟଃ-ମହଃ-ଦେବସ୍ୟ-ପୂର୍ବସ୍ୟ-ଧାମ-ହୋନୋତି-ପୂର୍ବେ-ବିଷିତେ-ଏଷ-ଯଜ୍ଞେ-ବହୁଭିଃ-ସାକମ୍-ଇଥ୍ୟା-ଅର୍ଧେ-ସସନ୍-ନୁ ।

ଅନୁବାଦ -(ନୂନମ୍)ନିଃସନ୍ଦେହ (ତତ୍) ସେହି ପୂର୍ଣ୍ଣ ପରମେଶ୍ୱର ଅର୍ଥାତ୍ ତତ୍‌ବ୍ରହ୍ମ ହିଁ (ଅସ୍ୟ) ଏହି (କାବ୍ୟ) ଭକ୍ତ ଆତ୍ମା ଯିଏ ପୂର୍ଣ୍ଣ ପରମେଶ୍ୱରଙ୍କର ଭକ୍ତି ବିଧିବତ କରିଥାଏ ତାକୁ ପୁନର୍ବାର (ମହଃ) ସର୍ବ ଶକ୍ତିମାନ (ଦେବସ୍ୟ) ପରମେଶ୍ୱରଙ୍କ (ପୂର୍ବସ୍ୟ) ପ୍ରଥମ (ଧାମ) ଲୋକ ଅର୍ଥାତ୍ ସତ୍ୟଲୋକକୁ (ହିନୋତି) ପ୍ରେରଣ କରିଥାନ୍ତି ।

(ପୂର୍ବେ) ପୂର୍ବର (ବିଷିତେ) ବିଶେଷ ପ୍ରେମୀ ଭକ୍ତ (ଏଷ) ଏହି ପରମେଶ୍ୱରଙ୍କୁ ଓ (ଯଜ୍ଞେ) ସୃଷ୍ଟି ଉପଜ୍ଜିର ଜ୍ଞାନକୁ ଜାଣି (ବହୁଭିଃ) ଅତ୍ୟନ୍ତ ଆନନ୍ଦ(ସାକମ୍)ର ସହିତ (ଅର୍ଧେ) ଅଧା (ସସନ୍) ଶୋଇ (ଇଥ୍ୟା) ବିଧିବତ୍ ଏହି ପ୍ରକାରେ (ନୁ) ଅନ୍ତର ଆତ୍ମାରେ/ହୃଦୟ ସହକାରେ ସ୍ତୁତି କରିଥାଏ ।

ଭାବାର୍ଥ:- ସେହି ପୂର୍ଣ୍ଣ ପରମେଶ୍ୱର ସତ୍ୟ ସାଧନା କରୁଥିବା ସାଧକକୁ ସର୍ବପ୍ରଥମ ସ୍ଥାନ(ସତ୍ୟଲୋକ)କୁ ନେଇଯାନ୍ତି, ଯେଉଁଠାରୁ ସେ ଅଲଗା ହୋଇ ଆସିଥିଲେ । ସେଠାରେ ସେହି ବାସ୍ତବିକ ସୁଖଦାୟୀ ପ୍ରଭୁଙ୍କୁ ପ୍ରାପ୍ତ କରି ଖୁସିରେ ଆତ୍ମବିଭୋର ହୋଇ, ଆନନ୍ଦରେ ସ୍ତୁତି କରି କହିଥାଏ ଯେ ହେ ପରମାତ୍ମା ! ଅସଂଖ୍ୟ ଜନ୍ମର ପଥଭ୍ରଷ୍ଟ ଆତ୍ମାକୁ ବାସ୍ତବିକ ଠିକଣା ମିଳିଗଲା ଏହାର ପ୍ରମାଣ ପବିତ୍ର ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୬ ରେ ମଧ୍ୟ ଅଛି ।

ଏହି ପ୍ରକାରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ(କବୀର ପରମେଶ୍ୱର) ଆଦରଣୀୟ ଗରୀବ ଦାସଜୀଙ୍କୁ ସତ୍ୟଭକ୍ତି ପ୍ରଦାନ କରି ସତ୍ୟଲୋକକୁ ନେଇଯାଇଥିଲେ, ଆଦରଣୀୟ ଗରୀବ ଦାସଜୀ ମାହାରାଜ ସ୍ୱଚକ୍ଷୁରେ ଦେଖିଥିବା ଦୃଶ୍ୟ ବିଷୟରେ ଏହା କହୁଛନ୍ତି ଯେ :-

ଗରୀବ, ଅଜବ୍ ନଗର ମେଁ ଲେ ଗୟେ, ହମକୁଁ ସତଗୁରୁ ଆନ ।
ଝିଲ୍‌କେ ବିମ୍ବ ଅଗାଧ ଗତି, ସୁତେ ଚାଦର ତାନ ॥

କାଣ୍ଡ ନଂ୪ ଅନୁବାକ ନଂ୧ ମନ୍ତ୍ର ନଂ ୭

ଯୋଽଥର୍ବାଣଂ ପିତ୍ତରଂ ଦେବବନ୍ଧୁଂ ବୃହସ୍ପତିଂ ନମସାବ ଚ ଗଚ୍ଛାତ୍ ।
ତ୍ୱଂ ବିଶ୍ୱେଷାଂ ଜନିତା ଯଥାସଃ କବିର୍ଦ୍ଦେବୋ ନ ଦଭାୟତ୍ ସ୍ୱଧାବାନ୍ ॥୭॥

ଯଃ -ଅଥର୍ବାଣମ୍ - ପିତ୍ତରମ୍ -ଦେବବନ୍ଧୁମ୍-ବୃହସ୍ପତିମ୍ - ନମସା-ଅବ-ଚ-ଗଚ୍ଛାତ୍-ତ୍ୱମ୍-ବିଶ୍ୱେଷାମ୍-ଜନିତା-ଯଥା-ସଃ-କବିର୍ଦ୍ଦେବଃ-ନ-ଦଭାୟତ୍-ସ୍ୱଧାବାନ୍ ।

ଅନୁବାଦ:- (ଯଃ) ଯିଏ (ଅଥର୍ବାଣମ୍) ଅଚଳ ଅର୍ଥାତ୍ ଅବିନାଶୀ (ପିତ୍ତରମ୍) ଜଗତପିତା (ଦେବବନ୍ଧୁମ୍) ଭକ୍ତମାନଙ୍କର ବାସ୍ତବିକ ସାଥି ଅର୍ଥାତ୍ ଆତ୍ମାର ଆଧାର (ବୃହସ୍ପତିମ୍) ଜଗତଗୁରୁ (ଚ) ତଥା (ନମସା) ବିନମ୍ର ପୁଜାରୀ ଅର୍ଥାତ୍ ବିଧିବତ ସାଧକଙ୍କୁ (ଅବ) ସୁରକ୍ଷାର ସହିତ (ଗଚ୍ଛାତ୍) ସତ୍ୟଲୋକକୁ ଯାଇଥିବା ଅର୍ଥାତ୍ ଯାହାର ପୂର୍ଣ୍ଣମୋକ୍ଷ ହୋଇସାରିଛି, ଯେଉଁମାନେ ସତଲୋକକୁ ଯାଇସାରିଛନ୍ତି, ସେମାନଙ୍କୁ ସତ୍ୟଲୋକ ନେଇ ଯାଉଥିବା (ବିଶ୍ୱେଷାମ୍) ସମସ୍ତ ବ୍ରହ୍ମାଣ୍ଡର (ଜନିତା) ରଚନା କରିଥିବା, ଜଗଦମ୍ବା ଅର୍ଥାତ୍ ମାତା ଗୁଣଯୁକ୍ତ (ନ ଦଭାୟତ୍) କାଳ ଭଳି ଧୋକା ଦେଉ ନଥିବା (ସ୍ୱଧାବାନ୍) ସ୍ୱଭାବ ଅର୍ଥାତ୍ ବହୁ ଗୁଣଯୁକ୍ତ (ଯଥା) ଯଥାବତ୍ ଅର୍ଥାତ୍ ସେହିଭଳି (ସଃ)

ସେ ହେଉଛନ୍ତି (ତ୍ୱମ୍) ଆପଣ (କବିର୍ଦେବଃ/ କବିର୍‌ଦେବଃ) କବିର୍ଦେବ ଅଟନ୍ତି ଅର୍ଥାତ୍ ଅନ୍ୟ ଭାଷାରେ ତାଙ୍କୁ କବୀର ପରମେଶ୍ୱର ମଧ୍ୟ କୁହାଯାଏ ।

ଭାବାର୍ଥ:- ଏହି ମନ୍ତ୍ରରେ ଏହା ମଧ୍ୟ ସ୍ପଷ୍ଟ ହେଲା ଯେ ସେହି ପରମେଶ୍ୱରଙ୍କର ନାମ କବିର୍ଦେବ୍ ଅର୍ଥାତ୍ କବୀର ପରମେଶ୍ୱର ଯିଏ ସମସ୍ତ ସୃଷ୍ଟିର ରଚନା କରିଛନ୍ତି ।

ଯେଉଁ ପରମେଶ୍ୱର ଅଚଳ ଅର୍ଥାତ୍ ବାସ୍ତବରେ ଅବିନାଶୀ (ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ମଧ୍ୟ ପ୍ରମାଣ ଅଛି) ଜଗତଗୁରୁ, ଆତ୍ମାର ଆଧାର, ଯିଏ ପୂର୍ଣ୍ଣ ମୁକ୍ତ ହୋଇ ସତ୍ୟଲୋକ ଯାଇଛନ୍ତି, ସେମାନଙ୍କୁ ସତ୍ୟଲୋକ ନେଇ ଯାଉଥିବା, ସର୍ବ ବ୍ରହ୍ମାଣ୍ଡର ରଚୟିତା, କାଳ(ବ୍ରହ୍ମ)ଙ୍କ ଭଳି ଧୋକା ଦେଉ ନ ଥିବା, ଯଥାବତ ସେ ହିଁ ସ୍ୱୟଂ କବିର୍ଦେବ ଅର୍ଥାତ୍ କବୀର ପ୍ରଭୁ ଅଟନ୍ତି । ଏହି ପରମେଶ୍ୱର ସର୍ବ ବ୍ରହ୍ମାଣ୍ଡ ଓ ପ୍ରାଣୀମାନଙ୍କୁ ନିଜ ଶବ୍ଦ ଶକ୍ତିରେ ଉତ୍ପନ୍ନ କରିଥିବା କାରଣରୁ (ଜନିତା) ତାଙ୍କୁ ମାତା ବୋଲି ମଧ୍ୟ ସମ୍ବୋଧନ କରାଯାଏ ତଥା (ପିତରମ୍) ପିତା ତଥା (ବନ୍ଧୁ) ଭାଇ ବାସ୍ତବରେ ସେ ହିଁ ଅଟନ୍ତି ତଥା (ଦେବ) ସେ ହିଁ ପରମେଶ୍ୱର ଅଟନ୍ତି । ଏଥିପାଇଁ କବିର୍ଦେବ (କବୀର ପରମେଶ୍ୱର)ଙ୍କର ସ୍ତୁତି ଏହିଭଳି କରାଯାଇଥାଏ "ତ୍ୱମେବ ମାତା ଚ ପିତା ତ୍ୱମେବ ତ୍ୱମେବ ବନ୍ଧୁ ଚ ସଖା ତ୍ୱମେବ, ତ୍ୱମେବ ବିଦ୍ୟା ଚ ଦ୍ରବିଣମ୍ ତ୍ୱମେବ, ତ୍ୱମେବ ସର୍ବଂ ମମ ଦେବ ଦେବ" । ଏହି ପରମେଶ୍ୱରଙ୍କ ମହିମାର ବିସ୍ତୃତ ବିବରଣୀ ପବିତ୍ର ଋଗ୍‌ବେଦ ମଣ୍ଡଳ ନଂ ୧ ସୁକ୍ତ ୨୪ରେ ଅଛି ।

"ପବିତ୍ର ଋଗ୍‌ବେଦରେ୍ ସୃଷ୍ଟି ରଚନାର୍ ପ୍ରମାଣ"

ମଣ୍ଡଳ ନଂ୧୦ ସୁକ୍ତ୯୦ ମନ୍ତ୍ର ୧

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ବିଶ୍ୱତୋଂ ବୃତ୍ୱାତ୍ୟତିଷ୍ଠଦ୍ଦଶାଙ୍ଗୁଳମ୍ ॥୧॥

ସହସ୍ରଶିର୍ଷା-ପୁରୁଷଃ-ସହସ୍ରାକ୍ଷଃ-ସହସ୍ରପାତ୍-ସ -ଭୂମିମ୍- ବିଶ୍ୱତଃ -ବୃତ୍ୱା- ଅତ୍ୟାତିଷ୍ଠତ୍ -ଦଶଂଗୁଳମ୍ ।

ଅନୁବାଦ :- (ପୁରୁଷଃ) ବିରାଟ ରୂପ କାଳ ଭଗବାନ ଅର୍ଥାତ୍ କ୍ଷରପୁରୁଷ (ସହସ୍ରଶିର୍ଷା) ଏକ ହଜାର ମସ୍ତକଯୁକ୍ତ (ସହସ୍ରାକ୍ଷଃ) ଏକ ହଜାର ଚକ୍ଷୁଯୁକ୍ତ (ସହସ୍ରାପାତ) ଏକ ହଜାର ଚରଣଯୁକ୍ତ (ସ) ସେହି କାଳ (ଭୂମିମ୍) ପୃଥ୍ୱୀ ଭଳି ଏକୋଇଶଟି ବ୍ରହ୍ମାଣ୍ଡକୁ (ବିଶ୍ୱତଃ) ଚତୁଃପାର୍ଶ୍ୱରୁ (ଦଶଂଗୁଳମ୍) ଦଶ ଆଙ୍ଗୁଠି ସାହାଯ୍ୟରେ ଅର୍ଥାତ୍ ପୂର୍ଣ୍ଣ ରୂପରେ କାବୁ କରି (ବୃତ୍ୱା) ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି (ଅତ୍ୟତିଷ୍ଠତ୍) ଏହାଠାରୁ ଶ୍ରେଷ୍ଠ ଅର୍ଥାତ୍ ନିଜ କାଳ ଲୋକରେ ସବୁଠାରୁ ଭିନ୍ନ ଏକୋଇଶ ବ୍ରହ୍ମାଣ୍ଡରେ ଅବସ୍ଥାନ କଲେ ଅର୍ଥାତ୍ ସେଠାରେ ରୁହନ୍ତି ।

ଭାବାର୍ଥ :-ଏହି ମନ୍ତ୍ରରେ ବିରାଟ (କାଳ/ବ୍ରହ୍ମ) ବିଷୟରେ ବର୍ଣ୍ଣନା କରାଯାଇଛି । (ଗୀତା ଅଧ୍ୟାୟ ୧୦-୧୧ରେ ମଧ୍ୟ କାଳ ବ୍ରହ୍ମଙ୍କର ଏହିପରି ବର୍ଣ୍ଣନ ଅଛି । ଅଧ୍ୟାୟ ୧୧ ମନ୍ତ୍ର ନଂ ୪୬ରେ ଅର୍ଜୁନ କହିଛନ୍ତି, ହେ ସହସ୍ରବାହୁ ଅର୍ଥାତ୍ ହଜାର ଭୁଜାଧାରୀ ଆପଣ ନିଜର ସେହି ଚତୁର୍ଭୁଜ ରୂପରେ ଦର୍ଶନ ଦିଅନ୍ତୁ ।)

ଯାହାଙ୍କର ଏକହଜାର ହାତ, ଗୋଡ ଓ ଏକହଜାର ଆଖି, କାନ ଆଦି ଅଛି ସେହି ବିରାଟ ରୂପଧାରୀ କାଳପ୍ରଭୁ ନିଜ ଅଧୀନରେ ସମସ୍ତ ପ୍ରାଣୀଙ୍କୁ ପୂର୍ଣ୍ଣ ରୂପେ କାବୁ କରି ଅର୍ଥାତ୍ ୨୦ଟି ବ୍ରହ୍ମାଣ୍ଡକୁ ଗୋଲାକାର ପରିଧି ମଧ୍ୟରେ ଆବଦ୍ଧ କରି ସ୍ୱୟଂ ଏସମସ୍ତ ଉର୍ଦ୍ଧ୍ୱରେ ଥିବା (ଅଲଗା) ଏକୋଇଶତମ ବ୍ରହ୍ମାଣ୍ଡରେ ବସିଛନ୍ତି ।

ଋଗ୍‌ବେଦ ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୨

ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭାବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ॥୨॥

ପୁରୁଷ-ଏବ-ଇଦମ୍-ସର୍ବମ୍-ଯତ୍-ଭୂତମ୍-ଯତ୍-ଚ-ଭାବ୍ୟମ୍-ଉତ୍-ଅମୃତତ୍ୱସ୍ୟ-ଇଶାନଃ-ଯତ୍-ଅଗ୍ନେନ-ଅତିରୋହତି ।

ଅନୁବାଦ :- (ଏବ) ଏହିପରି ଆଂଶିକରୂପେ ସତ୍ୟ (ପୁରୁଷ) ଭଗବାନ ହେଉଛନ୍ତି ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମ (ଚ) ଏବଂ (ଇଦମ୍) ଏହି (ଯତ୍) ଯିଏ (ଭୂତମ୍) ଉତ୍ପନ୍ନ ହୋଇଛନ୍ତି (ଯତ୍) ଯିଏ (ଭାବ୍ୟମ୍) ଭବିଷ୍ୟତରେ ହେବେ (ସର୍ବମ୍) ସମସ୍ତ (ଯତ୍) ପ୍ରୟାସ ଅର୍ଥାତ୍ ପରିଶ୍ରମ ଦ୍ୱାରା (ଅନ୍ନେନ) ଅନ୍ନରୁ (ଅତିରୋହତି) ବିକଶିତ ହୋଇଥାଏ । ଏହି ଅକ୍ଷର ପୁରୁଷ ମଧ୍ୟ (ଉତ) ସନ୍ଦେହଯୁକ୍ତ (ଅମୃତତ୍ୱସ୍ୟ) ମୋକ୍ଷର (ଇଶାନଃ) ସ୍ୱାମୀ ଅଟନ୍ତି ଅର୍ଥାତ୍ ଭଗବାନ ରୂପେ ଅକ୍ଷର ପୁରୁଷ ମଧ୍ୟ ଆଂଶିକ ଯୋଗ୍ୟ ଅଟନ୍ତି, ପରନ୍ତୁ ପୂର୍ଣ୍ଣ ମୋକ୍ଷଦାୟକ ନୁହଁନ୍ତି ।

ଭାବାର୍ଥ :- ଏହି ମନ୍ତ୍ରରେ ପରବ୍ରହ୍ମ (ଅକ୍ଷରପୁରୁଷ)ଙ୍କ ବିବରଣୀ ଦିଆଯାଇଛି ଯିଏ କିଛି ମାତ୍ରାରେ ଭଗବାନଙ୍କ ଭଳି ଲକ୍ଷଣଯୁକ୍ତ ଅଟନ୍ତି, ପରନ୍ତୁ ତାଙ୍କ ଭକ୍ତିରେ ମଧ୍ୟ ପୂର୍ଣ୍ଣମୋକ୍ଷ ହୁଏ ନାହିଁ । ଏଥିପାଇଁ ତାଙ୍କୁ ସନ୍ଦେହଯୁକ୍ତ ମୁକ୍ତିଦାତା ଓ ଆଂଶିକରୂପେ ପ୍ରଭୁ ଗୁଣଯୁକ୍ତ କୁହାଯାଇଛି । କାରଣ କାଳ ଭଗବାନଙ୍କ ଭଳି ପରବ୍ରହ୍ମ ଜୀବମାନଙ୍କୁ ତପ୍ତଶିଳାରେ ଭାଜି ଖାଆନ୍ତି ନାହିଁ । କିନ୍ତୁ ଏହି ପରବ୍ରହ୍ମ ଲୋକର ପ୍ରାଣୀମାନଙ୍କୁ ପରିଶ୍ରମ କରି କର୍ମ ଆଧାରରେ ହିଁ ଫଳ ପ୍ରାପ୍ତି ହୋଇଥାଏ ତଥା ସମସ୍ତ ପ୍ରାଣୀଙ୍କର ଶରୀର ଅନ୍ନରୁ ହିଁ ବିକଶିତ ହୋଇଥାଏ । ଜନ୍ମ-ମୃତ୍ୟୁର ଅବଧି ଯଦିଓ କାଳ(କ୍ଷରପୁରୁଷ) ଲୋକଠାରୁ ଅଧିକ ପରନ୍ତୁ ଉତ୍ପତ୍ତି, ପ୍ରଳୟ ଓ ଚୌରାଶୀ ଲକ୍ଷ ଯୋନିର କଷ୍ଟଭୋଗ ସେଠାରେ ମଧ୍ୟ ଅଛି ।

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୩

ଏତାବାନସ୍ୟ ମହିମାତୋ ଜ୍ୟାୟାଁଶ୍ଚ ପୁରୁଷଃ ।
ପାଦୋଽସ୍ୟ ବିଶ୍ୱା ଭୂତାନି ତ୍ରିପାଦସ୍ୟାମୃତଂ ଦିବି ॥୩॥

ଏତାବାନ୍-ଅସ୍ୟ-ମହିମାଂ-ଅତଃ-ଜ୍ୟାୟାନ୍-ଚ-ପୁରୁଷଃ-ପାଦଃ-ଅସ୍ୟ-ବିଶ୍ୱା-ଭୂତାନି-ତ୍ରି-ପାଦ୍-ଅସ୍ୟ -ଅମୃତମ୍-ଦିବି ।

ଅନୁବାଦ :- (ଅସ୍ୟ) ଏହି ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମଙ୍କର କେବଳ (ଏତାବାନ) ଏତିକି ମାତ୍ର (ମହିମା) ପ୍ରଭୂତା ଅଛି । (ଚ) ଏବଂ (ପୁରୁଷଃ) ସେହି ପରମ ଅକ୍ଷର ବ୍ରହ୍ମ ଅର୍ଥାତ ପୂର୍ଣ୍ଣବ୍ରହ୍ମ ପରମେଶ୍ୱର ତ (ଅତଃ) ଏହାଙ୍କଠାରୁ ମଧ୍ୟ (ବ୍ୟାୟାମ୍) ଶ୍ରେଷ୍ଠ ଅଟନ୍ତି (ବିଶ୍ୱା) ସମସ୍ତ (ଭୂତାନି) କ୍ଷରପୁରୁଷ, ଅକ୍ଷର ପୁରୁଷ ଓ ସତ୍ୟଲୋକ ତଥା ଏହି ଲୋକଗୁଡିକରେ ଥିବା ସମସ୍ତ ପ୍ରାଣୀ (ଅସ୍ୟ) ଏହି ପୂର୍ଣ୍ଣ ପରମାତ୍ମା ପରମ ଅକ୍ଷରପୁରୁଷଙ୍କ (ପାଦଃ) ଗୋଟିଏ ପାଦ ଅର୍ଥାତ୍ ଏକ ଅଂଶ ମାତ୍ର ଅଟେ । (ଅସ୍ୟ) ଏହି ପରମେଶ୍ୱରଙ୍କ (ତ୍ରି) ତିନି (ଦିବି) ଦିବ୍ୟଲୋକ ଯଥା ସତ୍ୟଲୋକ-ଅଲଖ ଲୋକ-ଅଗମ ଲୋକ (ଅମୃତମ୍) ଅବିନାଶୀ (ପାଦ୍) ଦ୍ୱିତୀୟ ପାଦ ଅଟେ ଅର୍ଥାତ୍ ସର୍ବ ବ୍ରହ୍ମାଣ୍ଡରେ ଯାହା ବି ଉତ୍ପନ୍ନ ହୋଇଛି, ତାହା ସେହି ସତ୍ୟପୁରୁଷ ପୂର୍ଣ୍ଣ ପରମାତ୍ମାଙ୍କର ଅଂଶ ବା ଅଙ୍ଗ ଅଟେ ।

ଭାବାର୍ଥ :- ଉପରୋକ୍ତ ମନ୍ତ୍ର ୨ରେ ବର୍ଣ୍ଣିତ ଅକ୍ଷର ପୁରୁଷ (ପରବ୍ରହ୍ମ)ଙ୍କର କେବଳ ଏତିକି ମାତ୍ର ମହିମା ରହିଛି । କିନ୍ତୁ ସେହି ପୂର୍ଣ୍ଣପୁରୁଷ କବିର୍ଦେବ ତାଙ୍କଠାରୁ ବି ବଡ ଅଟନ୍ତି ଅର୍ଥାତ୍ ସର୍ବଶକ୍ତିମାନ୍ ଅଟନ୍ତି ତଥା ସର୍ବବ୍ରହ୍ମାଣ୍ଡ ତାଙ୍କର କିଞ୍ଚିତ ଅଂଶ ଉପରେ ଅବସ୍ଥିତ । ଏହି ମନ୍ତ୍ରରେ କେବଳ ତିନିଲୋକର ବର୍ଣ୍ଣନା କରାଯାଇଛି କାରଣ ଚତୁର୍ଥ ଅନାମୀ (ଅନାମୟ) ଲୋକର ରଚନା ଅନ୍ୟ ଲୋକଗୁଡିକ ପୂର୍ବରୁ ହୋଇଛି । ଏହି ତିନିପ୍ରଭୁ (କ୍ଷରପୁରୁଷ-ଅକ୍ଷର ପୁରୁଷ ତଥା ଏହି ଦୁହିଁଙ୍କଠାରୁ ଭିନ୍ନ ପରମ ଅକ୍ଷର ପୁରୁଷ)ଙ୍କ ବିବରଣୀ ଶ୍ରୀମଦ ଭଗବତ ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧୬-୧୭ରେ ଅଛି (ଏହାର ପ୍ରମାଣ କରିବାକୁ ଯାଇ ଆଦରଣୀୟ ଗରୀବ ଦାସ ସାହେବଜୀ କହିଛନ୍ତି ଯେ :-

ଗରୀବ, ଜାକେ ଅର୍ଦ୍ଧ ରୂମ ପର ସକଲ ପସାରା, ଐସା ପୂର୍ଣ୍ଣବ୍ରହ୍ମ ହମାରା ।
ଗରୀବ, ଅନନ୍ତ କୋଟି ବ୍ରହ୍ମାଣ୍ଡ କା, ଏକ ରତି ନହୀଁ ଭାର ।
ସତଗୁରୁ ପୁରୁଷ କବୀର ହୈଁ, କୁଲକେ ସୃଜନହାର ॥

ଏହାର ପ୍ରମାଣ ଦେବାକୁ ଯାଇ ଆଦରଣୀୟ ଦାଦୁ ସାହେବଜୀ କହିଛନ୍ତି ଯେ :-

ଜିନ ମୋକୁଁ ନିଜ ନାମ ଦିୟା, ସୋଇ ସତଗୁରୁ ହମାର ।
ଦାଦୁ ଦୁସରା କୋଏ ନହୀଁ, କବୀର ସୃଜନହାର ॥

ଏହାର ପ୍ରମାଣ ଆଦରଣୀୟ ନାନକ ସାହେବଜୀ ଦେଇଛନ୍ତି ଯେ :-

ୟକ ଅର୍ଜ ଗୁଫତମ ପେଶ ତୋ ଦର କୁନ କରତାର ।
ହକକା କବୀର କରୀମ ତୁ, ବେଏବ ପରବରଦିଗାର ॥

(ଶ୍ରୀ ଗୁରୁଗ୍ରନ୍ଥ ସାହେବ, ପୃଷ୍ଠା ନଂ ୭୨୧, ମହଲା ୧, ରାଗ ତିଲଙ୍ଗ)

କୁନ କରତାରର ଅର୍ଥ ହେଲା ସମସ୍ତଙ୍କର ରଚୟିତା, ଅର୍ଥାତ୍ ଶବ୍ଦଶକ୍ତିରେ ରଚନା କରିଥିବା ଶବ୍ଦସ୍ୱରୂପୀ ପ୍ରଭୁ, ହକ୍‌କା କବୀରର ଅର୍ଥ ସତ କବୀର, କରୀମ୍‌ର ଅର୍ଥ ଦୟାଳୁ, ପରବରଦିଗାରର ଅର୍ଥ ହେଲା ପରମାତ୍ମା)

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୪

ତ୍ରିପାଦୂର୍ଧ୍ୱ ଉଦୈପୁରୁଷଃ ପାଦୋଽସ୍ୟେହାଭବତ୍ପୁନଃ ।
ତତୋ ବିଷ୍ୱ ଙ୍ବ୍ୟକ୍ରାମତ୍ସାଶନାନଶନେ ଅଭି ॥୪॥

ତ୍ରି-ପାଦ-ଉର୍ଧ୍ୱଃ-ଉଦୈତ୍-ପୁରୁଷଃ-ପାଦଃ-ଅସ୍ୟ-ଇହ-ଅଭବତ୍-ପୂନଃ-ତତଃ- ବିଶ୍ୱଙ୍ - ବ୍ୟକ୍ରାମତ୍-ସଃ-ଅଶନାନଶନେ-ଅଭି ।

ଅନୁବାଦ :- (ପୁରୁଷଃ) ଏହି ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ଅବିନାଶୀ ପରମାତ୍ମା (ଉର୍ଧ୍ୱଃ) ଉପରେ ଥିବା (ତ୍ରି) ତିନିଲୋକ ଯେପରି ସତ୍ୟଲୋକ-ଅଲଖଲୋକ-ଅଗମଲୋକ ରୂପୀ (ପାଦ) ଗୋଡ ଅର୍ଥାତ୍ ଉପର ଅଂଶରେ (ଉଦୈତ୍) ପ୍ରକଟ ହୁଅନ୍ତି ଅର୍ଥାତ୍ ବିରାଜମାନ ଅଟନ୍ତି (ଅସ୍ୟ) ଏହି ପରମେଶ୍ୱର ପୂର୍ଣ୍ଣବ୍ରହ୍ମଙ୍କର (ପାଦଃ) ଗୋଟିଏ ଗୋଡ ଅର୍ଥାତ୍ ଏକ ଅଂଶ ଜଗତ ରୂପ (ପୁନର୍) ପୁଣି (ଇହ) ଏଠାରେ (ଅଭବତ୍) ପ୍ରକଟ ହୋଇଥାନ୍ତି (ତତଃ) ଏଥିପାଇଁ (ସଃ) ସେହି ଅବିନାଶୀ ପୂର୍ଣ୍ଣ ପରମାତ୍ମା (ଅଶନାନଶନେ) ଖାଉଥିବା କାଳ ଅର୍ଥାତ୍ କ୍ଷରପୁରୁଷ ଓ ନ ଖାଉଥିବା ପରବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷଙ୍କଠାରୁ ମଧ୍ୟ (ଅଭି) ଉପରେ (ବିଶ୍ୱଙ୍) ସର୍ବତ୍ର (ବ୍ୟକ୍ରାମତ୍) ବ୍ୟାପ୍ତ ଅର୍ଥାତ୍ ତାଙ୍କ ପ୍ରଭୁତା ସର୍ବ ବ୍ରହ୍ମାଣ୍ଡ ଓ ସର୍ବ ପ୍ରଭୁମାନଙ୍କ ଉପରେ ଅଛି ଏବଂ ସେ ସମସ୍ତଙ୍କର ମାଲିକ ଅଟନ୍ତି । ଯିଏ ନିଜ ଶକ୍ତିକୁ ସମସ୍ତଙ୍କ ଉପରେ ବିସ୍ତାରିତ କରିଛନ୍ତି ।

ଭାବାର୍ଥ:- ଏହି ସର୍ବ ସୃଷ୍ଟିର ରଚୟିତା ପ୍ରଭୁ ନିଜ ରଚନାର ଉପର ଅଂଶରେ ସତ୍ୟଲୋକ, ଅଲଖ ଲୋକ, ଅଗମ ଲୋକ ଆଦି ତିନି ସ୍ଥାନରେ ତିନୋଟି ରୂପରେ ସ୍ୱୟଂ ପ୍ରକଟ ହୁଅନ୍ତି ଅର୍ଥାତ୍ ସ୍ୱୟଂ ବିରାଜମାନ ଅଟନ୍ତି । ଏଠାରେ ଅନାମୀ ଲୋକର ବର୍ଣ୍ଣନା କରା ନ ଯିବାର କାରଣ ଅନାମୀ ଲୋକରେ କୌଣସି ରଚନା କରାଯାଇ ନାହିଁ ଏବଂ ଅକହ (ଅନାମୟ) ଲୋକ ଶେଷ ରଚନାର ପୂର୍ବର ଅଟେ । ପୁଣି କୁହାଯାଇଛି ଯେ ସେହି ପରମାତ୍ମାଙ୍କ ସତଲୋକରୁ ବିଛିନ୍ନ ହୋଇ ତଳର ବ୍ରହ୍ମ ଓ ପରବ୍ରହ୍ମଙ୍କ ଲୋକର ଉତ୍ପନ୍ନ ହୋଇଛି ଏବଂ ସେହି ପୂର୍ଣ୍ଣ ପରମାତ୍ମା, ଖାଉଥିବା ବ୍ରହ୍ମ ଅର୍ଥାତ୍ କାଳ (ବ୍ରହ୍ମ/କାଳ ବହୁତ ବଡ ଅଭିଶାପ ପାଇଥିବା କାରଣରୁ ପ୍ରତିଦିନ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀଙ୍କୁ ଖାଇଥାନ୍ତି) ତଥା ଖାଉନଥିବା ପରବ୍ରହ୍ମ ଅର୍ଥାତ୍ ଅକ୍ଷର ପୁରୁଷଙ୍କଠାରୁ (ପରବ୍ରହ୍ମ, ପ୍ରାଣୀମାନଙ୍କୁ ଖାଆନ୍ତି ନାହିଁ, ପରନ୍ତୁ ଜନ୍ମ-ମୃତ୍ୟୁ ଓ କର୍ମଦଣ୍ଡ ଆଦିରେ ବାନ୍ଧି ରଖିଥାନ୍ତି) ଉର୍ଦ୍ଧରେ ସର୍ବବ୍ୟାପକ ଅଟନ୍ତି । ଅର୍ଥାତ୍ ଏହି ପୂର୍ଣ୍ଣ ପରମାତ୍ମାଙ୍କ ପ୍ରଭୁତା ସମସ୍ତଙ୍କ ଉପରେ ଅଛି ଅର୍ଥାତ୍ କବୀର ପରମେଶ୍ୱର ହିଁ ସମସ୍ତଙ୍କର ପ୍ରଭୁ ଅଟନ୍ତି । ଯିଏ ନିଜ ଶକ୍ତିକୁ ସମସ୍ତଙ୍କ ଉପରେ ବିସ୍ତାରିତ କରି ରଖିଛନ୍ତି । ଯେପରି ସୂର୍ଯ୍ୟ ନିଜ ଆଲୋକକୁ ସମସ୍ତଙ୍କ ଉପରେ ପାକାଇ ପ୍ରଭାବିତ କରିଥାନ୍ତି । ଏହିପରି ପୂର୍ଣ୍ଣ ପରମାତ୍ମା ସମସ୍ତ ବ୍ରହ୍ମାଣ୍ଡର ନିୟନ୍ତ୍ରଣ ପାଇଁ ନିଜ ଶକ୍ତିରୂପୀ ରେଂଜ୍ (କ୍ଷମତା)କୁ ବିସ୍ତାରିତ କରିଛନ୍ତି ଯେପରି ମୋବାଇଲ ଫୋନ୍‌ର ଟାୱାର ଏକଦେଶୀୟ ହୋଇ ମଧ୍ୟ ସର୍ବଦା ନିଜ ଶକ୍ତି ଅର୍ଥାତ୍ ମୋବାଇଲ୍ ଫୋନର ରେଂଜ୍ (କ୍ଷମତା)କୁ ସର୍ବତ୍ର ବିସ୍ତାରିତ କରିଥାଏ ।

ଏହି ପ୍ରକାରେ ପୂର୍ଣ୍ଣ ପ୍ରଭୂ ନିଜର ନିରାକାର ଶକ୍ତିକୁ ସର୍ବବ୍ୟାପକ କରିଛନ୍ତି, ଯଦ୍ୱାରା ପୂର୍ଣ୍ଣ ପରମାତ୍ମା ସର୍ବ ବ୍ରହ୍ମାଣ୍ଡକୁ ଗୋଟିଏ ସ୍ଥାନରେ ବସି ନିୟନ୍ତ୍ରଣ କରିଥାନ୍ତି ।

ଆଦରଣୀୟ ଗରୀବ ଦାସଜୀ ମହାରାଜ ଏହାର ପ୍ରମାଣ ଦେଇ କହୁଛନ୍ତି ଯେ (ଅମୃତବାଣୀ ରାଗ କଲ୍ୟାଣ) ।

ତୀନ ଚରଣ ଚିନ୍ତାମଣୀ ସାହେବ, ଶେଷ ବଦନ ପର ଛାଏ ।
ମାତା, ପିତା, କୁଲ ନ ବନ୍ଧୁ, ନା କିହ୍ନେ ଜନନୀ ଜାଏ ॥

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୫

ତସ୍ମାଦ୍ୱିରାଳଜାୟତ ବିରାଜୋ ଅଧି ପୂରୂଷଃ ।
ସ ଜାତୋ ଅତ୍ୟରିଚ୍ୟତ ପଶ୍ଚାଦ୍‌ଭୂମିମଥୋ ପୁରଃ ॥ ୫ ॥

ତସ୍ମାତ୍ - ବିରାଟ୍ - ଅଜାୟତ-ବିରାଜଃ-ଅଧି-ପୁରୁଷଃ-ସ-ଜାତଃ-ଅତ୍ୟରିଚ୍ୟତ-ପଶ୍ଚାତ୍-ଭୂମିମ୍ - ଅଥଃ-ପୁରଃ ।

ଅନୁବାଦ :- (ତସ୍ମାତ୍) ତତ୍‌ପଶ୍ଚାତ ସେହି ପରମେଶ୍ୱର ସତ୍ୟ ପୁରୁଷଙ୍କ ଶବ୍ଦଶକ୍ତିରୁ (ବିରାଟ୍) ବିରାଟ ଅର୍ଥାତ୍ ବ୍ରହ୍ମ, ଯାହାଙ୍କୁ କ୍ଷରପୁରୁଷ ବା କାଳ ମଧ୍ୟ କୁହାଯାଏ (ଅଜାୟତ) ଉତ୍ପନ୍ନ ହୋଇଛନ୍ତି (ପଶ୍ଚାତ୍) ଏହାପରେ (ବିରାଜଃ) ବିରାଟ ପୁରୁଷ ଅର୍ଥାତ୍ କାଳ ଭଗବାନଙ୍କଠାରୁ (ଅଧି) ବଡ଼ (ପୁରୁଷଃ) ପରମେଶ୍ୱର (ଭୂମିମ୍) ପୃଥିବୀ ଲୋକ, କାଳ ବ୍ରହ୍ମ ତଥା ପରବ୍ରହ୍ମଙ୍କ ଲୋକକୁ (ଅତ୍ୟରିଚ୍ୟତ) ଭଲ ଭାବରେ ରଚନା କଲେ (ଅଥଃ) ପୁଣି (ପୁରଃ) ଅନ୍ୟ ଛୋଟ ଛୋଟ ଲୋକ(ସ) ସେହି ପୂର୍ଣ୍ଣ ପରମେଶ୍ୱର ହିଁ (ଜାତଃ) ଉତ୍ପନ୍ନ କଲେ ଅର୍ଥାତ୍ ସ୍ଥାପିତ କଲେ ।

ଭାବାର୍ଥ :- ଉପରୋକ୍ତ ମନ୍ତ୍ର ୪ରେ ବର୍ଣ୍ଣିତ ତିନିଲୋକ(ଅଗମ ଲୋକ, ଅଲଖ ଲୋକ, ସତ୍ୟଲୋକ)ର ରଚନା କରିବା ପରେ ପୂର୍ଣ୍ଣ ପରମାତ୍ମା, ବ୍ରହ୍ମ (ଜ୍ୟୋତି ନିରଞ୍ଜନ)ଙ୍କୁ ଉତ୍ପତ୍ତି କଲେ ଅର୍ଥାତ୍ ସେହି ସର୍ବ ଶକ୍ତିମାନ ପରମାତ୍ମା ପୂର୍ଣ୍ଣବ୍ରହ୍ମ କବିର୍ଦେବ (କବୀର ପ୍ରଭୁ)ଙ୍କଠାରୁ ବିରାଟ ଅର୍ଥାତ୍ ବ୍ରହ୍ମ (କାଳ)ଙ୍କର ଉତ୍ପତ୍ତି ହେଲା । ଏହି ପ୍ରମାଣ ଗୀତା ଅଧ୍ୟାୟ ୩ ମନ୍ତ୍ର ୧୫ରେ ଅଛି ଯେ ଅକ୍ଷର ପୁରୁଷ ଅର୍ଥାତ୍ ଅବିନାଶୀ ପ୍ରଭୁଙ୍କ ନିକଟରୁ ବ୍ରହ୍ମ ଉତ୍ପନ୍ନ ହେଲେ, ଏହି ପ୍ରମାଣ ଅଥର୍ବ ବେଦ କାଣ୍ଡ ୪ ଅନୁବାକ ୧ ସୁକ୍ତ ୩ ରେ ଅଛି ଯେ ପୂର୍ଣ୍ଣବ୍ରହ୍ମଙ୍କ ନିକଟରୁ ବ୍ରହ୍ମଙ୍କ ଉପତ୍ତି ହେଲା । ସେହି ପୂର୍ଣ୍ଣବ୍ରହ୍ମ (ଭୂମିମ୍) ଭୂମି ଆଦି ଛୋଟ ବଡ ସମସ୍ତ ଲୋକର ରଚନା କଲେ । ସେହି ପୂର୍ଣ୍ଣବ୍ରହ୍ମ ଏହି ବିରାଟ ଭଗବାନ ବ୍ରହ୍ମଙ୍କଠାରୁ ମଧ୍ୟ ବଡ ଅଟନ୍ତି ଅର୍ଥାତ୍ ସେ ବ୍ରହ୍ମଙ୍କର ମଧ୍ୟ ପ୍ରଭୁ ଅଟନ୍ତି ।

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୫

ସପ୍ତାସ୍ୟାସନ୍ପରିଧୟସ୍ତ୍ରିଃ ସପ୍ତ ସମିଧଃ କୃତାଃ ।
ଦେବା ଯଦ୍ୟଜ୍ଞଂ ତନ୍ୱାନା ଅବଧ୍ନନ୍ପୁରୂଷଂ ପଶୁମ୍ ॥୧୫ ॥

ସପ୍ତ-ଅସ୍ୟ-ଆସନ୍-ପରିଧୟଃ-ତ୍ରିସପ୍ତ-ସମିଧଃ-କୃତାଃ-ଦେବା-ଯତ୍-ଯଜ୍ଞମ୍-ତନ୍ୱାନାଃ - ଅବଧ୍ନନ୍-ପୁରୁଷମ୍ - ପଶୁମ୍ ।

ଅନୁବାଦ:- (ସପ୍ତ)ସାତଶଙ୍ଖ ବ୍ରହ୍ମାଣ୍ଡ ପରବ୍ରହ୍ମଙ୍କର ଏବଂ (ତ୍ରିସପ୍ତ) ଏକୋଇଶ ବ୍ରହ୍ମାଣ୍ଡ କାଳ ବ୍ରହ୍ମଙ୍କର (ଶମିଧଃ) କର୍ମଦଣ୍ଡ ଦୁଃଖ ରୂପୀ ଅଗ୍ନିରେ ଦୁଃଖି (କୃତାଃ) କରୁଥିବା (ପରିଧୟଃ) ଗୋଲାକାର ପରିଧି ରୂପୀ ସୀମାରେ (ଆସନ୍) ବିଦ୍ୟମାନ ଅଟେ (ଯତ୍) ଯିଏ (ପୁରୁଷମ୍) ପୂର୍ଣ୍ଣ ପରମାତ୍ମାଙ୍କର (ଯଜ୍ଞମ୍) ବିଧିବତ ଧାର୍ମିକ କର୍ମ ଅର୍ଥାତ୍ ପୂଜା କରନ୍ତି (ପଶୁମ୍) ବଳି ପାଇଁ ଉଦ୍ଦିଷ୍ଟ ପଶୁ ଭଳି କାଳ ଜାଲରେ କର୍ମ ବନ୍ଧନରେ ବାନ୍ଧି ହୋଇଥିବା (ଦେବା) ଭକ୍ତ ଆତ୍ମାମାନଙ୍କୁ (ତନ୍ୱାନାଃ) କାଳ ଦ୍ୱାରା ରଚିତ ଅର୍ଥାତ୍ ବିଛାଯାଇଥିବା ପାପ କର୍ମବନ୍ଧନ ରୂପୀ ଜାଲରୁ (ଅବଧ୍ନନ୍) ବନ୍ଧନ ରହିତ କରନ୍ତି ଅର୍ଥାତ୍ ବନ୍ଦୀ ମୁକ୍ତିଦାତା 'ବନ୍ଦୀଛୋଡ୍' ଅଟନ୍ତି ।

ଭାବାର୍ଥ:- ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ବ୍ରହ୍ମଙ୍କ ଏକୋଇଶ ବ୍ରହ୍ମାଣ୍ଡରେ ଗୋଲାକାର ପରିଧି ମଧ୍ୟରେ ବନ୍ଦୀ ହୋଇ ପାପକର୍ମର ଅଗ୍ନୀରେ ଜଳୁଥିବା ପ୍ରାଣୀମାନଙ୍କୁ ବାସ୍ତବିକ ପୂଜାବିଧି

ବତାଇ ସଠିକ୍ ଉପାସନା କରାଇଥାନ୍ତି ଯେଉଁ କାରଣରୁ ବଳି ଦେବା ପାଇଁ ଉଦ୍ଦିଷ୍ଟ ପଶୁମାନଙ୍କ ଭଳି ଜନ୍ମ-ମୃତ୍ୟୁ ଚକ୍ରରେ କାଳ (ବ୍ରହ୍ମ) ଭଗବାନଙ୍କ ଭୋଜନ ପାଇଁ ତପ୍ତଶୀଳା କଷ୍ଟରେ ପୀଡିତ ଭକ୍ତାତ୍ମାମାନଙ୍କୁ କାଳ ଦ୍ୱାରା ବିଛାଯାଇଥିବା କର୍ମ ବନ୍ଧନ ରୂପୀ ଜାଲକୁ ନଷ୍ଟକରି ବନ୍ଧନ ରହିତ କରାଇଥାନ୍ତି ଅର୍ଥାତ୍ ବନ୍ଦୀ ମୁକ୍ତିଦାତା ବନ୍ଦୀଛୋଡ଼ ଅଟନ୍ତି । ଏହାର ପ୍ରମାଣ ପବିତ୍ର ଯଜୁର୍ବେଦ୍ ଅଧ୍ୟାୟ ୫ ମନ୍ତ୍ର ୩୨ରେ ଅଛି ଯେ କବୀରଂଘାରିସି (କବୀର) କବୀର ପରମେଶ୍ୱର (ଅଂଘ) ପାପର (ଅରି) ଶତ୍ରୁ (ଅସି) ଅଟନ୍ତି ଅର୍ଥାତ୍ କବୀର ପାପ ବିନାଶକ ଅଟନ୍ତି । ବନ୍ଧାରିସି (ବନ୍ଧାରି) ବନ୍ଧନର ଶତ୍ରୁ ଅର୍ଥାତ୍ ବନ୍ଦୀଛୋଡ଼ କବୀର ପରମେଶ୍ୱର (ଅସି) ଅଟନ୍ତି ।

ମଣ୍ଡଳ ୧୦ ସୁକ୍ତ ୯୦ ମନ୍ତ୍ର ୧୬

ଯଜ୍ଞେନ ଯଜ୍ଞମୟଜନ୍ତ ଦେବାସ୍ତାନି ଧର୍ମାଣି ପ୍ରଥମାନ୍ୟାସନ୍ ।

ତେ ହ ନାକଂ ମହିମାନଃ ସଚନ୍ତ ଯତ୍ର ପୂର୍ବେ ସାଧ୍ୟାଃ ସନ୍ତି ଦେବାଃ ॥୧୬॥

ଯଜ୍ଞେନ-ଯଜ୍ଞମ୍ -ଅ- ଯଜନ୍ତ - ଦେବାଃ - ତାନି-ଧର୍ମାଣି-ପ୍ରଥମାନି-ଆସନ୍-ତେ-ହ-ନାକମ୍-ମହିମାନଃ-ସଚନ୍ତ -ଯତ୍ର -ପୂର୍ବେ-ସାଧ୍ୟାଃ-ସନ୍ତିଦେବାଃ ।

ଅନୁବାଦ :- ଯେଉଁ (ଦେବା) ନିର୍ବିକାର ଦେବ ସ୍ୱରୂପ ଭକ୍ତାତ୍ମାଗଣ (ଅଯଜ୍ଞମ୍) ଅସମ୍ପୂର୍ଣ୍ଣ ଭୁଲ ଧାର୍ମିକ ପୂଜା ସ୍ଥାନରେ (ଯଜ୍ଞେନ) ଧାର୍ମିକ କର୍ମ ଆଧାରରେ ସତ୍ୟଭକ୍ତି (ଅଯଜନ୍ତ) ପୂଜା କରିଥାନ୍ତି (ତାନି) ସେମାନେ (ଧର୍ମାଣି) ଧାର୍ମିକ ଶକ୍ତି ସମ୍ପନ୍ନ (ପ୍ରଥମାନି) ମୁଖ୍ୟ ଅର୍ଥାତ୍ ଉତ୍ତମ (ଆସନ୍) ଅଟନ୍ତି (ତେ ହ) ସେହିମାନେ ହିଁ ବାସ୍ତବରେ (ମହିମାନଃ) ମହାନ୍ ଭକ୍ତି ଶକ୍ତିଯୁକ୍ତ ହୋଇ (ସାଧ୍ୟାଃ) ସଫଳ ଭକ୍ତଜନ (ନାକମ୍) ପୂର୍ଣ୍ଣ ସୁଖଦାୟକ ପରମେଶ୍ୱରଙ୍କୁ (ସଚନ୍ତ) ଭକ୍ତି ନିମିତ୍ତ କାରଣ ଅର୍ଥାତ୍ ସତ୍ୟଭକ୍ତିର ଉପାର୍ଜନ ଦ୍ୱାରା ପ୍ରାପ୍ତ ହୋଇଥାନ୍ତି, ସେମାନେ ସେହି ସ୍ଥାନକୁ ଚାଲିଯାନ୍ତି । (ଯତ୍ର) ଯେଉଁଠାରେ (ପୂର୍ବେ) ପ୍ରଥମେ ହୋଇଥିବା ସୃଷ୍ଟିର (ଦେବାଃ) ପାପ ରହିତ ଦେବ ସ୍ୱରୂପ ଭକ୍ତାତ୍ମାମାନେ (ସନ୍ତି) ରୁହନ୍ତି ।

ଭାବାର୍ଥ:- ଯିଏ ନିର୍ବିକାର(ଯେଉଁମାନେ ମାଂସ, ମଦ୍ୟ, ତମ୍ବାଖୁ ସେବନ ତ୍ୟାଗ କରିବା ସହିତ ଅନ୍ୟ କୁକର୍ମରୁ ନିଜକୁ ଦୁରେଇ ରଖିଛନ୍ତି) ସେହି ଦେବ ସ୍ୱରୂପ ଭକ୍ତାତ୍ମାଗଣ ଶାସ୍ତ୍ରବିଧି ରହିତ ପୂଜାକୁ ତ୍ୟାଗ କରି ଶାସ୍ତ୍ରାନୁକୂଳ ସାଧନା କରିଥାନ୍ତି । ସେମାନେ ଭକ୍ତି ପୁଞ୍ଜି ବଳରେ ଧନୀ ହୋଇ କାଳର ଋଣରୁ ମୁକ୍ତ ହୋଇ ନିଜ ସତ୍ୟଭକ୍ତିର ଉପାର୍ଜନ ସାହାଯ୍ୟରେ ସେହି ସର୍ବ ସୁଖଦାୟୀ ପରମାତ୍ମାଙ୍କୁ ପ୍ରାପ୍ତ କରିଥାନ୍ତି ଅର୍ଥାତ୍ ସତ୍ୟଲୋକକୁ ଚାଲି ଯାଇଥାନ୍ତି, ଯେଉଁଠାରେ ସର୍ବ ପ୍ରଥମେ ରଚିତ ସୃଷ୍ଟିର ଦେବ ସ୍ୱରୂପ ଅର୍ଥାତ୍ ପାପରହିତ ହଂସ ଆତ୍ମାମାନେ ରହୁଛନ୍ତି ।

ଯେପରି କିଛି ଆତ୍ମା କାଳ(ବ୍ରହ୍ମ) ଜାଲରେ ଫସି ଏହି ବ୍ରହ୍ମାଣ୍ଡକୁ ଆସିଗଲେ, କିଛି ଆତ୍ମା ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡକୁ ଆସିଗଲେ, ତଥାପି ଅନେକ ଆତ୍ମା ଯେଉଁମାନଙ୍କର ପୂର୍ଣ୍ଣ ପରମାତ୍ମାଙ୍କ ଉପରେ ଅଟଳ ବିଶ୍ୱାସ ଥିଲା, ଯେଉଁମାନେ ପତିବ୍ରତା ପଦରୁ ଓହରି ନଥିଲେ, ସେମାନେ ସେଠାରେ ରହିଗଲେ । ଏହାର ସତ୍ୟାସତ୍ୟ ପ୍ରକାଶ କରୁଥିବା ପବିତ୍ର ବେଦର ସେହି ବିବରଣୀ ଏଠାରେ ପ୍ରଦାନ କରାଗଲା । ଏହି ପ୍ରମାଣ ଗୀତା ଅଧ୍ୟାୟ ୮ର ଶ୍ଳୋକ ନଂ ୮-୧୦ରେ ଅଛି ଯେ ଯେଉଁ ସାଧକ ଶାସ୍ତ୍ରବିଧି ଅନୁସାରେ ପୂର୍ଣ୍ଣ ପରମାତ୍ମାଙ୍କର ସତ୍ୟ ସାଧନା କରନ୍ତି ସେହି ଭକ୍ତ ନିଜ ଭକ୍ତିର ପୁଞ୍ଜି ବଳରେ ସେହି ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି ଅର୍ଥାତ୍ ତାଙ୍କ ନିକଟକୁ ଚାଲିଯାଆନ୍ତି । ଏଥିରୁ ପ୍ରମାଣିତ ହେଲା ଯେ ତିନି ପ୍ରଭୁ ଅଛନ୍ତି, ବ୍ରହ୍ମ-ପରବ୍ରହ୍ମ-ପୂର୍ଣ୍ଣବ୍ରହ୍ମ । ଏମାନଙ୍କୁ ୧. ବ୍ରହ୍ମ-ଇଶ୍-କ୍ଷରପୁରୁଷ, ୨. ପରବ୍ରହ୍ମ-ଅକ୍ଷର ପୁରୁଷ/ଅକ୍ଷର ବ୍ରହ୍ମ-ଇଶ୍ୱର ୩. ପୂର୍ଣ୍ଣବ୍ରହ୍ମ-ପରମ ଅକ୍ଷର ବ୍ରହ୍ମ-ପରମେଶ୍ୱର-ସତ୍ୟପୁରୁଷ ଆଦି ପର୍ଯ୍ୟାୟବାଚୀ ଶବ୍ଦ ଦ୍ୱାରା ସମ୍ବୋଧନ କରାଯାଏ ।

ଏହି ପ୍ରମାଣ ଋଗ୍‌ବେଦ ମଣ୍ଡଳ ୯ ସୁକ୍ତ ୯୬ ମନ୍ତ୍ର ୧୭-୨୦ରେ ସ୍ପଷ୍ଟ ବର୍ଣ୍ଣିତ ଅଛି ଯେ ପୂର୍ଣ୍ଣ ପରମାତ୍ମା କବିର୍ଦ୍ଦେବ(କବୀର ପରମେଶ୍ୱର) ଶିଶୁରୂପ ଧାରଣ କରି ପ୍ରକଟ ହୁଅନ୍ତି ଏବଂ ନିଜ ନିର୍ମଳ ଅମୂଲ୍ୟ ଜ୍ଞାନ ଅର୍ଥାତ୍ ତତ୍ତ୍ୱଜ୍ଞାନ (କବିର୍ଗୀର୍ଭିଃ) କବୀର ବାଣୀ ଦ୍ୱାରା ନିଜ

ଅନୁଯାୟୀମାନଙ୍କୁ କବିତା ମାଧ୍ୟମରେ ବର୍ଣ୍ଣନା କରିଥାନ୍ତି । ସେହି କବିର୍ଦେବ(କବୀର ପରମେଶ୍ୱର)ଙ୍କର ଧାମ, ବ୍ରହ୍ମ(କ୍ଷରପୁରୁଷ)ଙ୍କ ଧାମ ଓ ପରବ୍ରହ୍ମ(ଅକ୍ଷର ପୁରୁଷ)ଙ୍କ ଧାମଠାରୁ ଭିନ୍ନ ଅଟେ ଯାହା ପୂର୍ଣ୍ଣବ୍ରହ୍ମ (ପରମ ଅକ୍ଷର ପୁରୁଷ)ଙ୍କ ତୃତୀୟ ରତଧାମ (ସତ୍ୟଲୋକ) ଅଟେ । ସେଠାରେ ସେ ସାକାର ରୂପରେ ବିରାଜମାନ ତଥା ସତ୍ୟଲୋକଠାରୁ ଚତୁର୍ଥରେ ଅନାମୀ ଲୋକ ଅଛି ଯେଉଁଠାରେ ଏହି କବିର୍ଦେବ(କବୀର ପରମେଶ୍ୱର) ଅନାମୀ ପୁରୁଷ ରୂପରେ ମନୁଷ୍ୟ ସଦୃଶ୍ୟ ଆକାରରେ ବିରାଜମାନ ଅଟନ୍ତି ।

"ପବିତ୍ର ଶ୍ରୀମଦ୍ ଦେବୀ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ"

"ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମାତା-ପିତା"

(ଦୁର୍ଗା ଏବଂ ବ୍ରହ୍ମଙ୍କ ସଂଯୋଗରୁ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଜନ୍ମ)

ପବିତ୍ର ଶ୍ରୀମଦ୍‌ଦେବୀ ମହାପୁରାଣ ତୃତୀୟ ସ୍କନ୍ଧ, ଅଧ୍ୟାୟ ୧-୩ (ଗୀତାପ୍ରେସ୍ ଗୋରଖପୁରରୁ ପ୍ରକାଶିତ, ଅନୁବାଦକର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ତଥା ଚିମନ୍‌ଲାଲ ଗୋସ୍ୱାମୀଜୀ, ପୃଷ୍ଠା ନଂ ୧୧୪ରୁ) ।

ପୃଷ୍ଠା ନଂ ୧୧୪ରୁ ୧୧୮ରେ ଏହି ବର୍ଣ୍ଣନ ଅଛି ଯେ କେତେକ ଆଚାର୍ଯ୍ୟ ଭବାନୀଙ୍କୁ ସମ୍ପୂର୍ଣ୍ଣ ମନୋସ୍କାମନା ପୂର୍ଣ୍ଣକାରୀ ବୋଲି କହିଥାନ୍ତି । ତାଙ୍କୁ ପ୍ରକୃତି କୁହାଯାଏ ଏବଂ ବ୍ରହ୍ମଙ୍କ ସହିତ ତାଙ୍କର ଅବୈଧ ସମ୍ବନ୍ଧ ଅଛି । {ଯେପରି ପତ୍ନୀକୁ ଅର୍ଦ୍ଧାଙ୍ଗିନୀ ମଧ୍ୟ କୁହାଯାଏ ଅର୍ଥାତ୍ ଦୁର୍ଗା, ବ୍ରହ୍ମ(କାଳ)ଙ୍କର ପତ୍ନୀ ଅଟନ୍ତି ।} ଏକ ବ୍ରହ୍ମାଣ୍ଡର ସୃଷ୍ଟି ରଚନା ବିଷୟରେ ରାଜା ଶ୍ରୀ ପରିକ୍ଷିତଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବ୍ୟାସଜୀ କହିଲେ, ମୁଁ ଏହାର ଉତ୍ତର ଶ୍ରୀ ନାରଦଜୀଙ୍କୁ ପଚାରିଥିଲି ଯେ ହେ ଦେବର୍ଷି ! ଏହି ବ୍ରହ୍ମାଣ୍ଡର ରଚନା କିପରି ହେଲା ? ମୋର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀ ନାରଦଜୀ କହିଲେ, ମୁଁ ନିଜ ପିତା ଶ୍ରୀ ବ୍ରହ୍ମାଙ୍କୁ ଏହା ପଚାରିଥିଲି ଯେ ହେ ପିତାଶ୍ରୀ ! ଏହି ବ୍ରହ୍ମାଣ୍ଡର ରଚନା ଆପଣ କରିଛନ୍ତି ନା ଶ୍ରୀବିଷ୍ଣୁଜୀ ଏହାର ରଚୟିତା ଅଟନ୍ତି ନା ଶିବଜୀ ଏହାକୁ ରଚନା କରିଛନ୍ତି ? କୃପାକରି ସତ୍ୟ କୁହନ୍ତୁ । ସେତେବେଳେ ପୂଜ୍ୟ ପିତା ଶ୍ରୀ ବ୍ରହ୍ମାଜୀ କହିଲେ, ପୁତ୍ର ନାରଦ ! ମୁଁ ପ୍ରଥମେ ନିଜକୁ ପଦ୍ମଫୁଲ ଉପରେ ବସିଥିବାର ଦେଖିବାକୁ ପାଇଲି । ଏହି ଅଗାଧ ଜଳ ଉପରେ ମୁଁ କେମିତି ଉତ୍ପନ୍ନ ହେଲି ମୋତେ ଜଣା ନାହିଁ । ହଜାରେ ବର୍ଷ ପର୍ଯ୍ୟନ୍ତ ପୃଥିବୀକୁ ଅନ୍ୱେଷଣ କରିବାକୁ ଲାଗିଲି କିନ୍ତୁ ଏହାର ଆଦି ଓ ଅନ୍ତ କିଛି ଜାଣି ପାଇଲି ନାହିଁ । ପୁଣି ଶୂନ୍ୟବାଣୀ ହେଲା ଯେ ତପସ୍ୟା କର । ଏକ ହଜାର ବର୍ଷ ତପସ୍ୟା କଲି । ତା'ପରେ ସୃଷ୍ଟି କରିବା ପାଇଁ ଶୂନ୍ୟବାଣୀ ହେଲା । ଏହି ସମୟରେ ମଧୂ ଏବଂ କୈଟଭ ନାମକ ଦୁଇ ରାକ୍ଷସ ଆସିଲେ, ସେମାନଙ୍କ ଭୟରେ ମୁଁ ପଦ୍ମନାଡକୁ ଧରି ତଳକୁ ଓହ୍ଲାଇଲି । ସେଠାରେ ଭଗବାନ ବିଷ୍ଣୁ ଶେଷନାଗ ଶଯ୍ୟା ଉପରେ ଅଚେତ ଅବସ୍ଥାରେ ପଡିଥିଲେ । ତାଙ୍କ ଭିତରୁ ଜଣେ ସ୍ତ୍ରୀ (ପ୍ରେତରୂପରେ ପ୍ରବିଷ୍ଟ ଦୁର୍ଗା) ବାହାରିଲେ । ସେ ଆଭୂଷଣରେ ସୁସଜ୍ଜିତ ହୋଇ ଆକାଶରେ ଦୃଶ୍ୟମାନ ହେବାକୁ ଲାଗିଲେ । ସେହି ସମୟରେ ଭଗବାନ ବିଷ୍ଣୁଙ୍କ ଚେତା ଫେରିଲା । ସେତେବେଳେ ମୁଁ ଓ ବିଷ୍ଣୁ ଥିଲୁ । ଏହି ସମୟରେ ଭଗବାନ ଶଙ୍କର ମଧ୍ୟ ଆସିଲେ । ଦେବୀ ଆମ୍ଭମାନଙ୍କୁ ବିମାନରେ ବସାଇ ବ୍ରହ୍ମଲୋକକୁ ନେଇଗଲେ । ସେଠାରେ ଆଉ ଜଣେ ବ୍ରହ୍ମା, ଜଣେ ବିଷ୍ଣୁ ଓ ଜଣେ ଶିବଙ୍କୁ ଦେଖିଲୁ ତଥା ଜଣେ ଦେବୀଙ୍କୁ ଦେଖିଲୁ । ଏହା ଦେଖି ବିଷ୍ଣୁଜୀ ବିବେକ ପୂର୍ବକ ନିମ୍ନୋକ୍ତ ବର୍ଣ୍ଣନା କଲେ (ସେହି ସମୟରେ ବ୍ରହ୍ମ/କାଳ ଭଗବାନ ବିଷ୍ଣୁଙ୍କୁ ଚେତନା ପ୍ରଦାନ କରିଦେଲେ, ତାଙ୍କର ବାଲ୍ୟକାଳ ମନେ ପଡିଗଲା । ତା'ପରେ ସେ ନିଜ ପୂର୍ବ କାହାଣୀ ଶୁଣାଇବାକୁ ଲାଗିଲେ) ।

ପୃଷ୍ଠା ନଂ ୧୧୯-୧୨୦ରେ ଭଗବାନ ବିଷ୍ଣୁଜୀ, ଶ୍ରୀ ବ୍ରହ୍ମାଜୀ ଓ ଶ୍ରୀ ଶିବଜୀଙ୍କୁ କହିଲେ ଯେ ଏହି ଦେବୀ ଆମ୍ଭ ତିନିଜଣଙ୍କର ମାତା ଅଟନ୍ତି, ଜଗଜ୍ଜନନୀ ପ୍ରକୃତି ଦେବୀ ଅଟନ୍ତି । ମୁଁ ଏହି ଦେବୀଙ୍କୁ ସେତେବେଳେ ଦେଖିଥିଲି ଯେତେବେଳେ ମୁଁ ଛୋଟ ବାଳକ ଥିଲି, ମୋତେ ଦୋଳିରେ ଝୁଲାଉଥିଲେ ।

ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୨୩ରେ ଶ୍ରୀ ବିଷ୍ଣୁଜୀ, ଶ୍ରୀ ଦୁର୍ଗାଜୀଙ୍କୁ ସ୍ତୁତି କରି କହିଲେ, ମାତା ତୁମ୍ଭେ ଶୁଦ୍ଧ ସ୍ୱରୂପା, ଏହି ସାରା ସଂସାର ତୁମ୍ଭଠାରୁ ଉଦ୍ଭାସିତ ହୋଉଅଛି । ମୁଁ (ବିଷ୍ଣୁ), ବ୍ରହ୍ମା ଏବଂ ଶଙ୍କର ତୁମ୍ଭ କୃପାରୁ ବିଦ୍ୟମାନ ଅଟୁ । ଆମ୍ଭମାନଙ୍କର ଆବିର୍ଭାବ (ଜନ୍ମ) ଏବଂ ତିରୋଭାବ (ମୃତ୍ୟୁ) ହୋଇଥାଏ । ଅର୍ଥାତ୍ ଆମ୍ଭେ ତିନିଜଣ ନାଶବାନ ଅଟୁ । କେବଳ ତୁମ୍ଭେ ହିଁ ନିତ୍ୟ (ଅବିନାଶୀ) ଓ ଜଗତ୍ ଜନନୀ, ପ୍ରକୃତି ଦେବୀ ଅଟ ।

ଭଗବାନ ଶଙ୍କର କହିଲେ, ଦେବୀ! ଯଦି ମହାଭାଗ ବିଷ୍ଣୁ ତୁମ୍ଭଠାରୁ ପ୍ରକଟ (ଉତ୍ପନ୍ନ) ହୋଇଛନ୍ତି ଓ ତାଙ୍କ ପରେ ଉତ୍ପନ୍ନ ହୋଇଥିବା ବ୍ରହ୍ମା ମଧ୍ୟ ତୁମ୍ଭର ବାଳକ ହେଲେ । ତେବେ ମୁଁ ତମଗୁଣୀ ଲୀଳା କରୁଥିବା ଶଙ୍କର କ'ଣ ତୁମ୍ଭର ସନ୍ତାନ ନୁହେଁ? ଅର୍ଥାତ୍ ମୋତେ ମଧ୍ୟ ତୁମେ ଉତ୍ପନ୍ନ କରିଛ ।

ବିଚାର କରନ୍ତୁ :- ଉପରୋକ୍ତ ବିବରଣୀରୁ ସିଦ୍ଧ ହେଲା ଯେ ଶ୍ରୀ ବ୍ରହ୍ମାଜୀ, ଶ୍ରୀ ବିଷ୍ଣୁଜୀ ଓ ଶ୍ରୀ ଶିବଜୀ ନାଶବାନ ଅଟନ୍ତି । ମୃତ୍ୟୁଞ୍ଜୟ (ଅଜର-ଅମର) ଓ ସର୍ବେଶ୍ୱର ନୁହଁନ୍ତି ତଥା ଦୁର୍ଗା (ପ୍ରକୃତି)ଙ୍କ ପୁତ୍ର ଅଟନ୍ତି ତଥା ବ୍ରହ୍ମ (କାଳ-ସଦାଶିବ) ଏମାନଙ୍କର ପିତା ଅଟନ୍ତି ।

ତୃତୀୟ ସ୍କନ୍ଧ ପୃଷ୍ଠା ନଂ ୧୨୫ ରେ ବ୍ରହ୍ମା ପ୍ରଶ୍ନ କଲେ ଯେ ହେ ମାତା! ବେଦରେ ଯେଉଁ ବ୍ରହ୍ମଙ୍କ ବିଷୟରେ କୁହାଯାଇଛି ସେ ଆପଣ ଅଟନ୍ତି ନା ଅନ୍ୟ କେହି ପ୍ରଭୂ ଅଟନ୍ତି? ଏହାର ଉତ୍ତରରେ ଦୁର୍ଗା କହୁଛନ୍ତି, ମୁଁ ଓ ବ୍ରହ୍ମ ଏକ ଅଟୁ । ପୁଣି ଏହି ସ୍କନ୍ଧର ପୃଷ୍ଠା ନଂ ୧୨୯ରେ କହୁଛନ୍ତି ଯେ ଏବେ ମୋ କାର୍ଯ୍ୟସିଦ୍ଧି ପାଇଁ ବିମାନରେ ବସି ତୁମ୍ଭେମାନେ ଶୀଘ୍ର ପ୍ରସ୍ଥାନ କର । କୌଣସି କଠିନ ପରିସ୍ଥିତି ଉପସ୍ଥିତ ହେଲେ ତୁମ୍ଭେ ଯେତେବେଳେ ମୋତେ ସ୍ମରଣ କରିବ, ସେତେବେଳେ ମୁଁ ତୁମ୍ଭମାନଙ୍କ ସମ୍ମୁଖକୁ ଆସିବି । ହେ ଦେବଗଣ! ତୁମ୍ଭେମାନେ ସର୍ବଦା ମୋର(ଦୁର୍ଗାଙ୍କ) ଏବଂ ବ୍ରହ୍ମଙ୍କର ଧ୍ୟାନ କରିବା ଉଚିତ । ଆମ୍ଭ ଦୁହିଁଙ୍କର ସୁମିରଣ କଲେ ତୁମ୍ଭମାନଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଉପରୋକ୍ତ ବ୍ୟାଖ୍ୟାରୁ ଏହା ସ୍ୱସିଦ୍ଧ ହେଉଛି ଯେ ଦୁର୍ଗା(ପ୍ରକୃତି) ଓ ବ୍ରହ୍ମ (କାଳ) ହିଁ ଏହି ତିନି ଦେବତାଙ୍କର ମାତା-ପିତା ଅଟନ୍ତି ଏବଂ ବ୍ରହ୍ମା, ବିଷ୍ଣୁ ଓ ଶିବ ନାଶବାନ ଅଟନ୍ତି ଏବଂ ପୂର୍ଣ୍ଣ ଶକ୍ତିଯୁକ୍ତ ନୁହଁନ୍ତି ।

ତିନି ଦେବତା (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ)ଙ୍କର ବିବାହ ଦୁର୍ଗା(ପ୍ରକୃତି ଦେବୀ) କରାଇଛନ୍ତି । ପୃଷ୍ଠା ନଂ ୧୨୮-୧୨୯ରେ, ତୃତୀୟ ସ୍କନ୍ଧ ।

ଗୀତା ଅଧ୍ୟାୟ ୭ର ଶ୍ଳୋକ ନଂ ୧୨

ଯେ, ଚ, ଏବ, ସାତ୍ତ୍ୱିକାଃ, ଭାବାଃ, ରାଜସାଃ, ତାମସାଃ, ଚ, ଯେ,
ମତଃ, ଏବ, ଇତି, ତାନ୍, ବିଦ୍ଧି, ନ, ତୁ, ଅହମ୍, ତେଷୁ, ତେ, ମୟି ॥

ଅନୁବାଦ:- (ଚ) ଆଉ (ଏବ) ମଧ୍ୟ (ଯେ) ଯେଉଁ (ସାତ୍ତ୍ୱିକାଃ) ସତ୍ତ୍ୱଗୁଣ ବିଷ୍ଣୁଙ୍କର ସ୍ଥିତି (ଭାବାଃ) ଭାବ ଅଟେ ଏବଂ (ଯେ) ଯେଉଁ (ରାଜସାଃ) ରଜୋଗୁଣ ବ୍ରହ୍ମାଙ୍କଠାରୁ ଉତ୍ପତ୍ତି(ଚ) ତଥା (ତାମସାଃ) ତମଗୁଣ ଶିବଙ୍କ ଦ୍ୱାରା ସଂହାର (ତାନ୍) ସେ ସବୁକୁ ତୁ (ମତଃ,ଏବ) ମୋ ଦ୍ୱାରା ସୁନିୟୋଜିତ ନିୟମାନୁସାରେ ହିଁ ହୋଇଥାଏ (ଇତି) ଏହିପରି (ବିଦ୍ଧି) ଜାଣ (ତୁ) ପରନ୍ତୁ ବାସ୍ତବରେ (ତେଷୁ) ସେମାନଙ୍କଠାରେ (ଅହମ୍) ମୁଁ ଏବଂ (ତେ) ସେମାନେ (ମୟି) ମୋଠାରେ (ନ) ନାହାଁନ୍ତି ।

"ପବିତ୍ର ଶିବ ମହାପୁରାଣରେ ସୃଷ୍ଟି ରଚନାର ପ୍ରମାଣ"

(କାଳ ବ୍ରହ୍ମ ଓ ଦୁର୍ଗାଙ୍କ ଠାରୁ ବିଷ୍ଣୁ, ବ୍ରହ୍ମା ଓ ଶିବଙ୍କ ଉତ୍ପତ୍ତି)

ଏହାର ପ୍ରମାଣ ପବିତ୍ର ଶ୍ରୀ ଶିବ ପୁରାଣ ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ, ଅନୁବାଦକର୍ତ୍ତା ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ଏହାର ଅଧ୍ୟାୟ ୬ ରୁଦ୍ର ସଂହିତା, ପୃଷ୍ଠା ନଂ ୧୦୦ରେ କୁହାଯାଇଛି ଯେ ଯିଏ ମୂର୍ତ୍ତୀ ରହିତ ପରବ୍ରହ୍ମ ଅଟନ୍ତି, ଭଗବାନ ସଦାଶିବ ତାଙ୍କରି ମୂର୍ତ୍ତୀ ଅଟନ୍ତି । ତାଙ୍କ ଶରୀରରୁ ଏକ ଶକ୍ତି ବାହାରିଲା, ସେହି ଶକ୍ତିକୁ ଅମ୍ବିକା, ପ୍ରକୃତି (ଦୁର୍ଗା),

ତ୍ରିଦେବ ଜନନୀ (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କୁ ଉତ୍ପନ୍ନ କରିଥିବା ମାତା) କୁହାଗଲା । ଯାହାଙ୍କର ଆଠଟି ଭୂଜା ଅଛି । ଯିଏ ସଦାଶିବ ତାଙ୍କୁ ଶିବ, ଶମ୍ଭୁ ଓ ମହେଶ୍ୱର ମଧ୍ୟ କୁହାଯାଏ । (ପୃଷ୍ଠା ନଂ ୧୦୧ରେ) ସେ ନିଜର ସମସ୍ତ ଅଙ୍ଗରେ ଭସ୍ମ ଲଗାନ୍ତି । ସେହି କାଳ ରୂପୀ ବ୍ରହ୍ମ, ଶିବଲୋକ ନାମକ ଏକ ସ୍ଥାନ ନିର୍ମାଣ କଲେ । ପୁଣି ଦୁହେଁ ପତି-ପତ୍ନୀ ବ୍ୟବହାର କରି ଏକ ପୁତ୍ର ଉତ୍ପନ୍ନ କଲେ, ତାଙ୍କ ନାମ ବିଷ୍ଣୁ ରଖିଲେ (ପୃଷ୍ଠା ନଂ ୧୦୨) ।

ପୁଣି ରୁଦ୍ର ସଂହିତା ଅଧ୍ୟାୟ ନଂ ୭ ପୃଷ୍ଠା ନଂ ୧୦୩ରେ ବ୍ରହ୍ମା କହିଲେ, ମୋର ଉତ୍ପତ୍ତି ମଧ୍ୟ ଭଗବାନ ସଦାଶିବ(ବ୍ରହ୍ମ-କାଳ) ଓ ପ୍ରକୃତି(ଦୁର୍ଗା)ଙ୍କ ସଂଯୋଗରୁ ଅର୍ଥାତ୍ ପତି-ପତ୍ନୀ ବ୍ୟବହାରରୁ ହୋଇଅଛି । ପୁଣି ମୋତେ ଅଚେତ କରି ଦିଆଗଲା ।

ପୁଣି ରୁଦ୍ର ସଂହିତା ଅଧ୍ୟାୟ ନଂ ୯ ପୃଷ୍ଠା ନଂ ୧୧୦ରେ କୁହାଯାଇଛି ଯେ ଏହି ପ୍ରକାରେ ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର ଏହି ତିନି ଦେବତା ଗୁଣ ଯୁକ୍ତ ଅଟନ୍ତି, ପରନ୍ତୁ ଶିବ (କାଳ-ବ୍ରହ୍ମ)ଙ୍କୁ ଗୁଣାତିତ କୁହାଯାଏ ।

ଏଠାରେ ଚାରୋଟି କଥା ପ୍ରମାଣିତ ହେଲା ଅର୍ଥାତ୍ ସଦାଶିବ(କାଳ-ବ୍ରହ୍ମ) ଓ ପ୍ରକୃତି (ଦୁର୍ଗା)ଙ୍କଠାରୁ ବ୍ରହ୍ମା, ବିଷ୍ଣୁ ଓ ଶିବ ଉତ୍ପନ୍ନ ହୋଇଛନ୍ତି । ତିନି ଭଗବାନ(ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ଶିବ)ଙ୍କର ମାତା ଶ୍ରୀ ଦୁର୍ଗା ତଥା ପିତା ଶ୍ରୀ ଜ୍ୟୋତି ନିରଞ୍ଜନ(ବ୍ରହ୍ମ) ଅଟନ୍ତି । ଏହି ତିନି ପ୍ରଭୁ ରଜଗୁଣ-ବ୍ରହ୍ମା, ସତ୍ୱଗୁଣ-ବିଷ୍ଣୁ, ତମଗୁଣ-ଶିବ ଅଟନ୍ତି ।

"ପବିତ୍ର ଶ୍ରୀମଦ୍ଭଗବତ୍ ଗୀତାରେ ସୃଷ୍ଟି ରଚନାର ପ୍ରମାଣ"

ଏହାର ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧୪ ଶ୍ଳୋକ ନଂ ୩ ରୁ ୫ ରେ ଅଛି । ବ୍ରହ୍ମ (କାଳ) କହୁଛନ୍ତି ଯେ ପ୍ରକୃତି (ଦୁର୍ଗା) ତ ମୋ ପତ୍ନୀ ଅଟେ, ମୁଁ ବ୍ରହ୍ମ (କାଳ) ଏହାର ପତି ଅଟେ । ଆମ ଦୁହିଁଙ୍କ ସଂଯୋଗରୁ ସର୍ବ ପ୍ରାଣୀମାନଙ୍କ ସହ ତିନି ଗୁଣ(ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ର ଉତ୍ପତ୍ତି ହୋଇଅଛି । ମୁଁ ବ୍ରହ୍ମ ସମସ୍ତ ପ୍ରାଣୀଙ୍କର ପିତା ଅଟେ ତଥା ପ୍ରକୃତି(ଦୁର୍ଗା) ଏମାନଙ୍କର ମାତା ଅଟେ । ମୁଁ ଏହାର ଉଦରରେ ବୀଜ ସ୍ଥାପନା କରିଥାଏ ଯଦ୍ଦ୍ୱାରା ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଥାଏ । ପ୍ରକୃତି (ଦୁର୍ଗା)ଠାରୁ ଉତ୍ପନ୍ନ ତିନି ଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ) ଜୀବମାନଙ୍କୁ କର୍ମ ଆଧାରରେ ଶରୀରରେ ବାନ୍ଧି ରଖିଥାନ୍ତି ।

ଏହାର ପ୍ରମାଣ ଅଧ୍ୟାୟ ୧୫ ଶ୍ଳୋକ ୧ ରୁ ୪ ତଥା ୧୬, ୧୭ରେ ମଧ୍ୟ ଅଛି ।

ଗୀତା ଅଧ୍ୟାୟ ନଂ୧୫ର ଶ୍ଳୋକ ନଂ୧

ଊର୍ଦ୍ଧ୍ୱମୂଳମ୍, ଅଧଃଶାଖମ୍, ଅଶ୍ୱତ୍ଥମ୍, ପ୍ରାହୁଃ, ଅବ୍ୟୟମ୍,
ଛନ୍ଦାଂସି, ଯସ୍ୟ, ପର୍ଣ୍ଣାନି, ଯଃ, ତମ୍, ବେଦ, ସଃ, ବେଦବିତ୍ ॥

ଅନୁବାଦ: (ଊର୍ଦ୍ଧ୍ୱମୂଳମ୍) ଉପରକୁ ପୂର୍ଣ୍ଣ ପରମାତ୍ମା ଆଦିପୁରୁଷ ପରମେଶ୍ୱର ରୂପୀ ମୂଳ (ଅଧଃଶାଖମ୍) ତଳକୁ ତିନି ଗୁଣ ଅର୍ଥାତ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବ ରୂପୀ ଶାଖାଯୁକ୍ତ (ଅବ୍ୟୟମ୍) ଅବିନାଶୀ (ଅଶ୍ୱତ୍ଥମ୍) ବିସ୍ତାରିତ ଅଶ୍ୱତ୍ଥବୃକ୍ଷ ଅଟେ,(ଯସ୍ୟ) ଯାହାର (ଛନ୍ଦାଂସି) ଯେପରି ବେଦରେ ଛନ୍ଦ ଅଛି ଏହିଭଳି ସଂସାର ରୂପୀ ବୃକ୍ଷର ମଧ୍ୟ ବିଭାଗ ଛୋଟ-ଛୋଟ ଅଂଶକୁ ପ୍ରଶାଖା (ପର୍ଣ୍ଣାନି) ପତ୍ର (ପ୍ରାହୁଃ) କହିଛନ୍ତି (ତମ୍) ସେହି ସଂସାର ରୂପୀ ବୃକ୍ଷକୁ (ଯଃ) ଯିଏ (ବେଦ) ଏହାକୁ ବିସ୍ତାର ସହିତ ଜାଣିଥାଏ (ସଃ) ସେ (ବେଦବିତ୍) ପୂର୍ଣ୍ଣ ଜ୍ଞାନୀ ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଟନ୍ତି ।

ଗୀତା ଅଧ୍ୟାୟ ନଂ୧୫ ଶ୍ଳୋକ ନଂ ୨

ଅଧଃ, ଚ, ଊର୍ଦ୍ଧ୍ୱମ୍, ପ୍ରସୃତାଃ, ତସ୍ୟ, ଶାଖାଃ, ଗୁଣପ୍ରବୃଦ୍ଧାଃ,
ବିଷୟପ୍ରବାଳାଃ, ଅଧଃ, ଚ, ମୂଳାନି, ଅନୁସନ୍ତତାନି, କର୍ମାନୁବନ୍ଧିନୀ, ମନୁଷ୍ୟଲୋକେ ॥

ଅନୁବାଦ : (ତସ୍ୟ) ସେହି ବୃକ୍ଷର (ଅଧଃ) ତଳେ (ଚ) ଏବଂ (ଊର୍ଦ୍ଧ୍ୱମ୍) ଉପରେ (ଗୁଣପ୍ରବୃଦ୍ଧାଃ) ତିନି ଗୁଣ ବ୍ରହ୍ମା-ରଜଗୁଣ, ବିଷ୍ଣୁ-ସତଗୁଣ, ଶିବ-ତମଗୁଣ ରୂପେ(ପ୍ରସୃତାଃ) ବିସ୍ତାରିତ

ହୋଇ (ବିଷୟପ୍ରବାଳାଃ) ବିକାର- କାମ କ୍ରୋଧ, ମୋହ, ଲୋଭ ଅହଙ୍କାର ରୂପୀ କଅଁଳିଆ(ଶାଖାଃ) ଡାଳ ବ୍ରହ୍ମା, ବିଷ୍ଣୁ, ଶିବ (କର୍ମାନୁବନ୍ଧିନୀ) ଜୀବକୁ କର୍ମ ବନ୍ଧନରେ ବାନ୍ଧିବାର (ମୂଳାନି) ମୁଖ୍ୟ କାରଣ ଅଟନ୍ତି (ଚ) ତଥା (ମନୁଷ୍ୟଲୋକେ) ମନୁଷ୍ୟ ଲୋକ - ଅର୍ଥାତ୍ ପୃଥିବୀ ଲୋକରେ (ଅଧଃ) ତଳେ - ନର୍କ, ଚୌରାଶୀ ଲକ୍ଷ ଯୋନିରେ (ଊର୍ଦ୍ଧ୍ୱମ୍) ଉପରେ ସ୍ୱର୍ଗଲୋକ ଇତ୍ୟାଦିରେ(ଅନୁସନ୍ତତାନି) ବ୍ୟବସ୍ଥିତ କରିଛନ୍ତି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୩

ନ, ରୂପମ୍, ଅସ୍ୟ, ଇହ, ତଥା, ଉପଲଭ୍ୟତେ, ନ, ଅନ୍ତଃ, ନ, ଚ, ଆଦିଃ, ନ, ଚ,
ସମ୍ପ୍ରତିଷ୍ଠା, ଅଶ୍ୱତ୍ଥମ୍, ଏନମ୍, ସୁବିରୂଢମୂଳମ୍, ଅସଂଗଶସ୍ତ୍ରେଣ, ଦୃଢେନ, ଛିତ୍ତ୍ୱା ॥

ଅନୁବାଦ : (ଅସ୍ୟ) ଏହି ରଚନାର (ନ) ନା (ଆଦିଃ) ଆରମ୍ଭ (ଚ) ତଥା (ନ) ନା (ଅନ୍ତଃ) ଅନ୍ତ ଅଛି (ନ) ନା (ତଥା) ସେପରି (ରୂପମ୍) ସ୍ୱରୂପ (ଉପଲଭ୍ୟତେ) ମିଳିଥାଏ (ଚ) ତଥା (ଇହ) ଏହି ବିଚାର କାଳରେ ଅର୍ଥାତ୍ ମୋ ଦ୍ୱାରା ଦିଆଯାଉଥିବା ଗୀତା ଜ୍ଞାନର ପୂର୍ଣ୍ଣ ଜ୍ଞାନ ମୋତେ ମଧ୍ୟ (ନ) ଜଣା ନାହିଁ (ସମ୍ପ୍ରତିଷ୍ଠା) କାରଣ ସର୍ବବ୍ରହ୍ମାଣ୍ଡ ରଚନାର ସଠିକ୍ ସ୍ଥିତି ବିଷୟରେ ମୋର ଜ୍ଞାନ ନାହିଁ (ଏନମ୍) ଏହି (ସୁବିରୂଢମୂଳମ୍) ସୁଦୃଢ ସ୍ଥିତିଯୁକ୍ତ (ଅଶ୍ୱତ୍ଥମ୍) ମଜବୁତ ସ୍ୱରୂପଯୁକ୍ତ ସଂସାର ରୂପୀ ବୃକ୍ଷର ଜ୍ଞାନକୁ (ଅସଂଡ୍‌ଗଶସ୍ତ୍ରେଣ) ପୂର୍ଣ୍ଣ ଜ୍ଞାନ ରୂପୀ (ଦୃଢେନ୍) ଦୃଢ ସୂକ୍ଷ୍ମବେଦ ଅର୍ଥାତ୍ ତତ୍ତ୍ୱଜ୍ଞାନ ଦ୍ୱାରା ଜାଣି (ଛିତ୍ତ୍ୱା) ଛେଦନ କରି ଅର୍ଥାତ୍ ନିରଞ୍ଜନର ଭକ୍ତିକୁ କ୍ଷଣିକ ଅର୍ଥାତ୍ କ୍ଷଣଭଙ୍ଗୁର ବୋଲି ଜାଣି ବ୍ରହ୍ମା, ବିଷ୍ଣୁ, ଶିବ, ବ୍ରହ୍ମ ଓ ପରବ୍ରହ୍ମଙ୍କ ଊର୍ଦ୍ଧ୍ୱରେ ପୂର୍ଣ୍ଣବ୍ରହ୍ମଙ୍କର ଅନ୍ୱେଷଣ କରିବା ଉଚିତ୍ ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୪

ତତଃ, ପଦମ୍, ତତ୍, ପରିମାର୍ଗିତବ୍ୟମ୍, ଯସ୍ମିନ୍, ଗତାଃ, ନ, ନିବର୍ତନ୍ତି, ଭୂୟଃ ।
ତମ୍, ଏବ, ଚ, ଆଦ୍ୟମ୍, ପୁରୁଷମ୍, ପ୍ରପଦ୍ୟେ, ଯତଃ, ପ୍ରବୃତିଃ, ପ୍ରସୃତା, ପୁରାଣୀ ॥

ଅନୁବାଦ :- ଯେତେବେଳେ ତତ୍ତ୍ୱଦର୍ଶୀ ସନ୍ଥ ମିଳିଯିବେ (ତତଃ) ତା'ପରେ (ତତ୍) ସେହି ପରମାତ୍ମାଙ୍କ (ପଦମ୍) ପଦ ସ୍ଥାନ ଅର୍ଥାତ୍ ସତ୍ୟଲୋକକୁ (ପରିମାର୍ଗିତବ୍ୟମ୍) ଭଲଭାବରେ ଖୋଜିବା ଉଚିତ (ଯସ୍ମିନ୍) ଯେଉଁଠିକ (ଗତାଃ) ଯାଇଥିବା ସାଧକ (ଭୂୟଃ) ପୁଣି (ନ, ନିବର୍ତନ୍ତି) ଲେଉଟି କରି ସଂସାରକୁ ଆସନ୍ତି ନାହିଁ (ଚ) ଏବଂ (ଯତଃ) ଯେଉଁ ପରମାତ୍ମା-ପରମ ଅକ୍ଷର ବ୍ରହ୍ମଙ୍କଠାରୁ (ପୁରାଣୀ) ଆଦି (ପ୍ରବୃତିଃ) ରଚନା-ସୃଷ୍ଟି (ପ୍ରସୃତା) ଉତ୍ପନ୍ନ ହୋଇଅଛି (ତମ୍) ଅଜ୍ଞାତ (ଆଦ୍ୟମ୍) ଆଦି ଯମ ଅର୍ଥାତ୍ ମୁଁ କାଳ ନିରଞ୍ଜନ (ପୁରୁଷମ୍) ପୂର୍ଣ୍ଣ ପରମାତ୍ମାଙ୍କର (ଏବ) ହିଁ (ପ୍ରପଦ୍ୟେ) ମୁଁ ଶରଣରେ ଅଛି ତଥା ତାଙ୍କ ପୂଜା କରୁଅଛି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧୬

ଦ୍ୱୌ, ଇମୌ, ପୁରୁଷୌ, ଲୋକେ, କ୍ଷରଃ, ଚ, ଅକ୍ଷରଃ, ଏବ, ଚ,
କ୍ଷରଃ, ସର୍ବାଣି, ଭୂତାନି, କୂଟସ୍ଥଃ , ଅକ୍ଷରଃ, ଉଚ୍ୟତେ ॥

ଅନୁବାଦ :- (ଲୋକେ) ଏହି ସଂସାରରେ (ଦ୍ୱୌ) ଦୁଇ ପ୍ରକାରର (କ୍ଷରଃ) ନାଶବାନ (ଚ) ଏବଂ (ଅକ୍ଷରଃ) ଅବିନାଶୀ (ପୁରୁଷୌ) ଭଗବାନ ଅଛନ୍ତି (ଏବ) ଏହି ପ୍ରକାର (ଇମୌ) ଏହି ଦୁଇ ପ୍ରଭୁଙ୍କ ଲୋକରେ (ସର୍ବାଣୀ) ସମ୍ପୂର୍ଣ୍ଣ (ଭୂତାନି) ପ୍ରାଣୀମାନଙ୍କର ଶରୀର (କ୍ଷରଃ) ନାଶବାନ (ଚ) ଏବଂ (କୂଟସ୍ଥଃ) ଜୀବାତ୍ମା (ଅକ୍ଷରଃ) ଅବିନାଶୀ (ଉଚ୍ୟତେ) କୁହାଯାଇଥାଏ ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧୭

ଉତ୍ତମଃ, ପୁରୁଷଃ, ତୁ, ଅନ୍ୟଃ, ପରମାତ୍ମା, ଇତି, ଉଦାହୃତଃ,
ଯଃ, ଲୋକତ୍ରୟମ୍, ଆବିଶ୍ୟ, ବିଭର୍ତି, ଅବ୍ୟୟଃ, ଈଶ୍ୱରଃ ॥

ଅନୁବାଦ:- (ଉତ୍ତମଃ) ଉତ୍ତମ (ପୁରୁଷ) ପ୍ରଭୁ (ତୁ) ତ (ଅନ୍ୟଃ) ଉପରୋକ୍ତ ଦୁଇପ୍ରଭୁ "କ୍ଷରପୁରୁଷ ଓ ଅକ୍ଷର ପୁରୁଷ"ଙ୍କଠାରୁ ମଧ୍ୟ ଭିନ୍ନ (ଅଲଗା) ଅଟନ୍ତି (ଇତି) ସେ ବାସ୍ତବରେ

(ପରମାତ୍ମା) ପରମାତ୍ମା (ଉଦାହୃତଃ) କୁହାଯାଇଛି । (ଯଃ) ଯିଏ (ଲୋକତ୍ରୟମ୍) ତିନି ଲୋକରେ (ଆବିଶ୍ୟ) ପ୍ରବେଶ କରି (ବିଭର୍ତି) ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି ଏବଂ (ଅବ୍ୟୟଃ) ଅବିନାଶୀ (ଈଶ୍ୱରଃ) ଇଶ୍ୱର (ପ୍ରଭୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଥାତ୍ ସମର୍ଥ ପ୍ରଭୁ) ଅଟନ୍ତି ।

ଭାବାର୍ଥ :- ଗୀତା ଜ୍ଞାନଦାତା ପ୍ରଭୁ କେବଳ ଏତିକି କହିଛନ୍ତି ଯେ ଏହି ସଂସାର ଓଲଟା ଭାବେ ସ୍ଥିତ ଏକ ବୃକ୍ଷ ସଦୃଶ ଜାଣ । ଉପରେ ଚେର(ମୂଳ) ପୂର୍ଣ୍ଣ ପରମାତ୍ମା ଅଟନ୍ତି । ତଳକୁ ଶାଖା-ପ୍ରଶାଖା ଆଦିକୁ ଅନ୍ୟ ଅଂଶ ବୋଲି ଜାଣନ୍ତୁ । ଏହି ସଂସାର ରୂପୀ ବୃକ୍ଷର ପ୍ରତ୍ୟେକ ଭାଗର ଭିନ୍ନ ଭିନ୍ନ ବିବରଣୀ ଯେଉଁ ସନ୍ଥ ଜାଣନ୍ତି ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି ଯାହାଙ୍କ ବିଷୟରେ ଗୀତା ଅଧ୍ୟାୟ ୪ ଶ୍ଳୋକ ନଂ ୩୪ରେ କୁହାଯାଇଛି । ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ୨-୩ରେ କେବଳ ଏତିକି କୁହାଯାଇଛି ଯେ ତିନିଗୁଣ ରୂପୀ ଶାଖା ଅଟେ । ଏହି ବିଚାର କାଳରେ ଅର୍ଥାତ୍ ଗୀତାରେ ଆପଣଙ୍କୁ ମୁଁ (ଗୀତା ଜ୍ଞାନଦାତା) ପୂର୍ଣ୍ଣ ବିବରଣୀ ଦେଇପାରିବି ନାହିଁ, କାରଣ ମୋତେ ଏହି ସୃଷ୍ଟି ରଚନାର ଆଦି ଓ ଅନ୍ତ ଜଣା ନାହିଁ । ସେଥିପାଇଁ ଗୀତା ଅଧ୍ୟାୟ ୪ ଶ୍ଳୋକ ନଂ ୩୪ରେ କୁହାଯାଇଛି ଯେ କୌଣସି ତତ୍ତ୍ୱଦର୍ଶୀ ସନ୍ଥଙ୍କଠାରୁ ସେହି ପୂର୍ଣ୍ଣ ପରମାତ୍ମାଙ୍କ ଜ୍ଞାନ ବିଷୟରେ ଜାଣ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ରେ ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କ ପରିଚୟ ଦିଆଯାଇଛି ଯେ ସେ ସଂସାର ରୂପୀ ବୃକ୍ଷର ପ୍ରତ୍ୟେକ ଭାଗର ଜ୍ଞାନ ଦେବେ, ତାଙ୍କୁ ପଚାରି ବୁଝ । ଗୀତା ଅଧ୍ୟାୟ ୧୫ର ଶ୍ଳୋକ ୪ରେ କୁହାଯାଇଛି ଯେ ସେହି ତତ୍ତ୍ୱଦର୍ଶୀ ସନ୍ଥ ମିଳିଯିବା ପରେ ସେହି ପରମପଦ ପରମେଶ୍ୱରଙ୍କୁ ଖୋଜିବା ଉଚିତ ଅର୍ଥାତ୍ ସେହି ତତ୍ତ୍ୱଦର୍ଶୀ ସନ୍ଥଙ୍କ ନିର୍ଦ୍ଦେଶ ଅନୁସାରେ ସାଧନା କରିବା ଉଚିତ ଯଦ୍ୱାରା ପୂର୍ଣ୍ଣମୋକ୍ଷ (ଅନାଦି ମୋକ୍ଷ) ପ୍ରାପ୍ତି ହୋଇଥାଏ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ତିନି ପ୍ରଭୁଙ୍କ ବିଷୟରେ ସ୍ପଷ୍ଟ କରାଯାଇଛି ଯେ ଜଣେ କ୍ଷର ପୁରୁଷ(ବ୍ରହ୍ମ) ଦ୍ୱିତୀୟରେ ଅକ୍ଷର ପୁରୁଷ (ପରବ୍ରହ୍ମ) ତୃତୀୟରେ ପରମ ଅକ୍ଷର ପୁରୁଷ(ପୂର୍ଣ୍ଣବ୍ରହ୍ମ) । କ୍ଷର ପୁରୁଷ ଓ ଅକ୍ଷର ପୁରୁଷ ବାସ୍ତବରେ ଅବିନାଶୀ ନୁହନ୍ତି । ସେହି ଅବିନାଶୀ ପରମାତ୍ମା ଏହି ଦୁହିଁଙ୍କଠାରୁ ଭିନ୍ନ ଅଟନ୍ତି । ସେ ହିଁ ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି ।

ଉପରୋକ୍ତ ଶ୍ରୀମଦ୍ଭଗବତ୍ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧-୪ ତଥା ୧୬-୧୭ରେ ଏହା ପ୍ରମାଣିତ ହେଲା ଯେ ଓଲଟା ଲଟକି ଥିବା ସଂସାର ରୂପୀ ବୃକ୍ଷର ମୂଳ ଅର୍ଥାତ୍ ଚେର ପରମ ଅକ୍ଷରବ୍ରହ୍ମ ଅର୍ଥାତ୍ ପୂର୍ଣ୍ଣବ୍ରହ୍ମ ଅଟନ୍ତି ଯାହାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବୃକ୍ଷର ପାଳନ ହୋଇଥାଏ ତଥା ବୃକ୍ଷର ଯେଉଁ ଅଂଶ ଭୂପୃଷ୍ଠ ବାହାରେ ଅର୍ଥାତ୍ ମାଟି ଉପରକୁ ଦୃଶ୍ୟମାନ ହୁଏ ତାହା ଗଣ୍ଡି ଅଟେ ଯାହାକୁ ଅକ୍ଷର ପୁରୁଷ ଅର୍ଥାତ୍ ପରବ୍ରହ୍ମ ବୋଲି ଜାଣନ୍ତୁ । ସେହି ଗଣ୍ଡି ଉପରକୁ ଅନ୍ୟ ମୋଟା ଶାଖାମାନ ବାହାରିଥାଏ । ସେଥିମଧ୍ୟରୁ ଗୋଟିଏ ଶାଖାକୁ ବ୍ରହ୍ମ ଅର୍ଥାତ୍ କ୍ଷରପୁରୁଷ ବୋଲି ଜାଣ ତଥା ସେହି ଶାଖାରୁ ଯେଉଁ ଅନ୍ୟ ତିନୋଟି ପ୍ରଶାଖା ବାହାରିଥାଏ ସେମାନଙ୍କୁ ବ୍ରହ୍ମା, ବିଷ୍ଣୁ ଓ ଶିବ ବୋଲି ଜାଣନ୍ତୁ ତଥା ପ୍ରଶାଖାର ଅଗ୍ରଭାଗରେ ଥିବା ପତ୍ରଗୁଡିକୁ ସାଂସାରିକ ପ୍ରାଣୀ ବୋଲି ଜାଣନ୍ତୁ । ଉପରୋକ୍ତ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧୬-୧୭ରେ ସ୍ପଷ୍ଟ ଅଛି ଯେ କ୍ଷରପୁରୁଷ(ବ୍ରହ୍ମ) ଅକ୍ଷର ପୁରୁଷ (ପରବ୍ରହ୍ମ) ତଥା ଏହି ଦୁହିଁଙ୍କ ଲୋକରେ ଯେତେ ପ୍ରାଣୀ ଅଛନ୍ତି, ସେମାନଙ୍କ ସ୍ଥୂଳ ଶରୀର ନାଶବାନ ଓ ଜୀବାତ୍ମା ଅବିନାଶୀ ଅଟେ ଅର୍ଥାତ୍ ଉପରୋକ୍ତ ଦୁଇ ପ୍ରଭୁ ଓ ଏମାନଙ୍କ ଅନ୍ତର୍ଗତ ସମସ୍ତ ପ୍ରାଣୀ ନାଶବାନ ଅଟନ୍ତି । ଯଦିବା ଅକ୍ଷର ପୁରୁଷ(ପରବ୍ରହ୍ମ)ଙ୍କୁ ଅବିନାଶୀ କୁହାଯାଇଛି ପରନ୍ତୁ ବାସ୍ତବରେ ଅବିନାଶୀ ପରମାତ୍ମା ଏହି ଦୁହିଁଙ୍କଠାରୁ ଭିନ୍ନ ଅଟନ୍ତି । ସେ ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ପାଳନପୋଷଣ କରିଥାନ୍ତି । ଉପରୋକ୍ତ ବର୍ଣ୍ଣନାରେ ତିନି ପ୍ରଭୁଙ୍କର ଭିନ୍ନ ଭିନ୍ନ ବିବରଣୀ ଦିଆଯାଇଛି ।

ଉପରକୁ ଚେର୍ (ମୂଳ) ତଳକୁ ଶାଖାଯୁକ୍ତ ଓଲଟା ଭାବରେ ଥିବା ସଂସାର୍ ରୂପୀ ବୃକ୍ଷର୍ ଚିତ୍ର

"ପବିତ୍ର ବାଇବେଲ୍ ଓ ପବିତ୍ର କୁରାନ୍ ଶରୀଫରେ ସୃଷ୍ଟି ରଚନାର ପ୍ରମାଣ"

ଏହାର ପ୍ରମାଣ ପବିତ୍ର ବାଇବେଲ୍‌ରେ ଓ ପବିତ୍ର କୁରାନ୍ ଶରୀଫ୍‌ରେ ମଧ୍ୟ ଅଛି । କୁରାନ୍ ଶରୀଫରେ ପବିତ୍ର ବାଇବେଲର ଜ୍ଞାନ ମଧ୍ୟ ଅଛି, ଏଥିପାଇଁ ଏହି ଦୁଇ ସଦଗ୍ରନ୍ଥ ମିଳିତ ରୂପେ ପ୍ରମାଣ କରଥାନ୍ତି ଯେ ସୃଷ୍ଟିର ରଚିୟିତା କିଏ ଓ ତାଙ୍କ ସ୍ୱରୂପ କ'ଣ ତଥା ତାଙ୍କ ବାସ୍ତବିକ ନାମ କ'ଣ ।

ପବିତ୍ର ବାଇବଲ (ଉତ୍ପତ୍ତି ଗ୍ରନ୍ଥ ପୃଷ୍ଠା ନଂ ୨ର ଅ. ୧:୨୦ - ୨:୫)

ଷଷ୍ଠଦିନ : ପ୍ରାଣୀ ଓ ମନୁଷ୍ୟ :

ଅନ୍ୟ ପ୍ରାଣୀମାନଙ୍କର ରଚନା କରି୨୬. ପୁଣି ପରମେଶ୍ୱର କହିଲେ, ମୁଁ ମନୁଷ୍ୟକୁ ନିଜ ସ୍ୱରୂପ ଅନୁସାରେ, ନିଜ ସମାନତାରେ ତିଆରି କରିଛି, ଯିଏ ସମସ୍ତ ପ୍ରାଣୀଙ୍କୁ ନିଜ ନିୟନ୍ତ୍ରଣରେ ରଖିବ । ୨୭. ତା'ପରେ ପରମେଶ୍ୱର ମନୁଷ୍ୟକୁ ନିଜ ସ୍ୱରୂପ ଅନୁସାରେ ଉତ୍ପନ୍ନ କଲେ, ନିଜ ସ୍ୱରୂପ ଅନୁସାରେ ହିଁ ପରମେଶ୍ୱର ମନୁଷ୍ୟକୁ ଉତ୍ପନ୍ନ କଲେ, ନର ଓ ନାରୀ ରୂପରେ ମନୁଷ୍ୟମାନଙ୍କର ସୃଷ୍ଟି କଲେ ।

୨୯. ପ୍ରଭୁ ମନୁଷ୍ୟକୁ ଭୋଜନ ପାଇଁ ଯେତେ ମଞ୍ଜି ଯୁକ୍ତ ଛୋଟ ଛୋଟ ଗଛ ଅଛି ତଥା ଯେଉଁ ଗଛ ଫଳରେ ମଞ୍ଜି ଅଛି, ତାହା ପ୍ରଦାନ କଲେ,(ମାଂସ ଖାଇବାକୁ କହିନାହାଁନ୍ତି)

ସପ୍ତମଦିନ :- ବିଶ୍ରାମର ଦିନ :

ପରମେଶ୍ୱର ଛଅ ଦିନରେ ସର୍ବ ସୃଷ୍ଟିର ଉତ୍ପତ୍ତି କଲେ ତଥା ସପ୍ତମ ଦିନ ବିଶ୍ରାମ କଲେ ।

ପବିତ୍ର ବାଇବେଲ ପ୍ରମାଣିତ କରୁଛି ଯେ ପରମାତ୍ମାଙ୍କର ମାନବ ସଦୃଶ ଶରୀର ଅଛି, ଯିଏ ଛଅ ଦିନରେ ସର୍ବ ସୃଷ୍ଟିର ରଚନା କଲେ ଏବଂ ସପ୍ତମ ଦିନରେ ବିଶ୍ରାମ କଲେ ।

ପବିତ୍ର କୁରାନ୍ ଶରୀଫ(ସୁରତ୍ ଫୁର୍କାନି ୨୫, ଆୟତ ନଂ ୫୨, ୫୮, ୫୯)

ଆୟତ୍ ୫୨:-ଫଲା ତୁଲିଅଲ୍-କାଫିରନ୍ ୱ୍ୱ ଜାହିଦ୍‌ହୁମ୍ ବିହୀ ଜିହାଦନ୍ କବୀରା(କବୀରନ୍) ॥୫୨॥

ଭାବାର୍ଥ ଏହା ଯେ ହଜରତ ମହମ୍ମଦଙ୍କ ଖୁଦା (ପ୍ରଭୁ) କହୁଛନ୍ତି ଯେ ହେ ପୈଗମ୍ବର ! ଆପଣ କାଫିର୍ (ଯେଉଁମାନେ ଏକ ପ୍ରଭୁଙ୍କ ଭକ୍ତି ତ୍ୟାଗ କରି ଅନ୍ୟ ଦେବୀ-ଦେବତାଙ୍କ ତଥା ମୂର୍ତ୍ତୀପୂଜା ଆଦି କରିଥାନ୍ତି)ମାନଙ୍କର କଥା ଆଦୌ ମାନ ନାହିଁ, କାରଣ ସେମାନେ କବୀରଙ୍କୁ ପୂର୍ଣ୍ଣ ପରମାତ୍ମା ରୂପେ ସ୍ୱୀକାର କରନ୍ତି ନାହିଁ । ଆପଣ ମୋ ଦ୍ୱାରା ପ୍ରଦତ୍ତ ଏହି କୁରାନ୍ ଜ୍ଞାନ ଆଧାରରେ ଦୃଢ ରହିବେ ଯେ କବୀର ହିଁ ପୂର୍ଣ୍ଣପ୍ରଭୁ ଅଟନ୍ତି ତଥା କବୀର ଅଲ୍ଲାହଙ୍କ ପାଇଁ ସଂଘର୍ଷ କର (ଲଢିବା ନାହିଁ) ଅର୍ଥାତ୍ ଭକ୍ତିରେ ଅଟଳ ରୁହ ।

ଆୟତ୍ ୫୮:- ୱ୍ୱ ତୱ୍ୱକ୍କଲ ଅଲଲ - ହରିଲ୍ଲଜୀ ଲା ୟମୂତୁ ୱ୍ୱ ସବ୍ବିହ୍ ବିହମ୍‌ଦିହୀ ୱ୍ୱ କଫା ବିହୀ ବିଜୁନୂବି ଇବାଦିହୀ ଖବୀରା (କବୀରା) ॥୫୮॥

ଭାବାର୍ଥ ହେଲା ହଜରତ୍ ମହମ୍ମଦ ଯାହାଙ୍କୁ ନିଜର ଗୁରୁ ମାନୁଥିଲେ ସେହି ଆଲ୍ଲା (ପ୍ରଭୁ) କୌଣସି ଅନ୍ୟ ପୂର୍ଣ୍ଣପ୍ରଭୁଙ୍କ ଆଡକୁ ସଙ୍କେତ କରି କହୁଛନ୍ତି ଯେ ଏ ପୈଗମ୍ବର ! ସେହି କବୀର୍ ପରମାତ୍ମା ଉପରେ ବିଶ୍ୱାସ ରଖ ଯିଏ ତୁମ୍ଭଙ୍କୁ ଜୀନ୍ଦା ମହାତ୍ମା (ଫକିର) ରୂପରେ ଆସି ଭେଟିଥିଲେ । ତାଙ୍କର କେବେ ମୃତ୍ୟୁ ହୁଏ ନାହିଁ ଅର୍ଥାତ୍ ବାସ୍ତବରେ ସେ ଅବିନାଶୀ ଅଟନ୍ତି । ପ୍ରଶଂସାର ସହିତ ତାଙ୍କ ପାକି (ପବିତ୍ର ମହିମା)ର ଗୁଣଗାନ କରାଯିବା ଉଚିତ୍, ସେହି କବୀର ଅଲ୍ଲାହ (କବିର୍ଦେବ) ପୂଜାର ଯୋଗ୍ୟ ଅଟନ୍ତି ତଥା ନିଜ ଉପାସକର ସମସ୍ତ ପାପକୁ ସେ ନାଶ କରିପାରନ୍ତି ।

ଆୟତ ୫୯:- ଅଲ୍ଲଜୀ ଖଲକସ୍‌ସମାବାତି ୱ୍ୱଲ୍‌ଅର୍ଜ ୱ୍ୱ ମା ବୈନ୍‌ହୁମା ଫି ସିତ୍ତି ଅୟ୍‌ୟାମିନ୍ ମୁମ୍ମସ୍ତୱା ଅଲଲ୍‌ଅର୍ଶି ଅର୍ରହ୍‌ମାନୁ ଫସ୍‌ଅଲ୍ ବିହୀ ଖବୀରନ୍ (କବୀରନ୍) ॥୫୯॥

ଏହାର ଭାବାର୍ଥ ହେଲା ହଜରତ ମହମ୍ମଦଙ୍କୁ କୁରାନ ଶରୀଫ୍ ଜ୍ଞାନଦାତା ପ୍ରଭୁ (ଅଲ୍ଲାହ) କହୁଛନ୍ତି ଯେ ଏହି କବୀର ପ୍ରଭୁ ସେ ଅଟନ୍ତି ଯିଏ ଭୂମି ଓ ଆକାଶ ମଧ୍ୟରେ ଯାହା ବି ବିଦ୍ୟମାନ, ସର୍ବ ସୃଷ୍ଟିର ରଚନା ସେ ଛଅ ଦିନରେ କରିଛନ୍ତି ତଥା ସପ୍ତମ ଦିନରେ ଉପରେ ଥିବା ନିଜ

ସତ୍‌ଲୋକକୁ ଯାଇ ସିଂହାସନ ଉପରେ ବିରାଜମାନ ହୋଇଗଲେ (ବସିଲେ) । ତାଙ୍କ ବିଷୟରେ ଜାଣିବା ପାଇଁ କୌଣସି (ବାଖବର) ତତ୍ତ୍ୱଦର୍ଶୀ ସନ୍ଥଙ୍କୁ ପଚାର ।

ସେହି ପୂର୍ଣ୍ଣ ପରମାତ୍ମାଙ୍କୁ କିପରି ପ୍ରାପ୍ତି କରିହେବ ତଥା ବାସ୍ତବିକ ଜ୍ଞାନ ବିଷୟରେ କୌଣସି ତତ୍ତ୍ୱଦର୍ଶୀ ସନ୍ଥ (ବାଖବର)ଙ୍କୁ ପଚାର, ମୁଁ ଜାଣିନାହିଁ ।

ଉପରୋକ୍ତ ଦୁଇ ପବିତ୍ର ଧର୍ମ(ଇସାଇ ଓ ମୁସଲମାନ)ର ପବିତ୍ର ଶାସ୍ତ୍ରଗୁଡିକ ମିଳିତ ଭାବେ ଏହା ପ୍ରମାଣିତ କଲେ ଯେ ସର୍ବ ସୃଷ୍ଟିର ରଚୟିତା, ସର୍ବପାପ ବିନାଶକ, ସର୍ବ ଶକ୍ତିମାନ, ଅବିନାଶୀ ପରମାତ୍ମା ମାନବ ସଦୃଶ ସଶରୀର ସାକାର ଅଟନ୍ତି ତଥା ସେ ସତ୍ୟଲୋକରେ ରୁହନ୍ତି । ତାଙ୍କ ନାମ କବୀର ଅଟେ, ତାଙ୍କୁ ଅଲ୍ଲାହୁ ଅକବିରୁ ମଧ୍ୟ କୁହାଯାଏ ।

ଆଦରଣୀୟ ଧର୍ମଦାସଜୀ ପୂଜ୍ୟ କବୀର ପ୍ରଭୁଙ୍କୁ ପଚାରିଲେ, ହେ ସର୍ବଶକ୍ତିମାନ୍! ଆଜି ପର୍ଯ୍ୟନ୍ତ ଏହି ତତ୍ତ୍ୱଜ୍ଞାନ ବିଷୟରେ କେହି କହିନଥିଲେ, ବେଦର ମର୍ମକୁ ଜାଣିଥିବା ଜ୍ଞାନୀ ବ୍ୟକ୍ତିମାନେ ମଧ୍ୟ କହି ପାରିନାହାନ୍ତି । ଏଥିରୁ ସିଦ୍ଧ ହେଲା ଯେ ପବିତ୍ର ଚାରି ବେଦ ଓ ପବିତ୍ର ଚାରି କତେବ୍ (କୁରାନ ଶରୀଫ୍ ଇତ୍ୟାଦି) ମିଥ୍ୟା ଅଟେ । ପୂର୍ଣ୍ଣ ପରମାତ୍ମା କହିଛନ୍ତି ଯେ:-

କବୀର, ବେଦ କତେବ୍ ଝୁଠେ ନହିଁ ଭାଇ, ଝୁଠେ ହୈଁ ଜୋ ସମଝେ ନାହିଁ ।

ଭାବାର୍ଥ ଏହା ଯେ ଚାରି ପବିତ୍ର ବେଦ (ରଗ୍‌ବେଦ - ଅଥର୍ବବେଦ - ଯଜୁର୍ବେଦ - ସାମବେଦ) ତଥା ପବିତ୍ର ଚାରି କତେବ୍ (କୁରାନ ଶରୀଫ୍ - ଜବୁର୍ - ତୌରାତ୍ - ଇଂଜିଲ୍) ଭୁଲ୍ ନୁହେଁ । ପରନ୍ତୁ ଯେଉଁମାନେ ଏହାର ମର୍ମକୁ ବୁଝିପାରି ନାହାଁନ୍ତି ସେମାନେ ଅଜ୍ଞାନୀ ଅଟନ୍ତି ।

"ପୂଜ୍ୟ କବୀର୍ ପରମେଶ୍ୱର(କବିର୍ ଦେବ)ଜୀଙ୍କ ଅମୃତବାଣୀରେ୍ ସୃଷ୍ଟି ରଚନା"

ବିଶେଷ :- ନିମ୍ନ ଅମୃତବାଣୀ ସନ ୧୪୦୩ {ଯେତେବେଳେ ପୂଜ୍ୟ କବିର୍ଦେବ(କବୀର ପରମେଶ୍ୱର)ଲୀଳାମୟ ଶରୀରରେ ପାଞ୍ଚବର୍ଷର ହୋଇଥିଲେ} ସନ ୧୫୧୮ {ଯେତେବେଳେ କବିର୍ଦେବ (କବୀର ପରମେଶ୍ୱର) ମଗହର ଧାମରୁ ସଶରୀରେ ସତ୍ୟଲୋକ ପ୍ରସ୍ଥାନ କଲେ}ର ମଧ୍ୟବର୍ତ୍ତୀ କାଳ ପ୍ରାୟ ୬୦୦ ବର୍ଷ ପୂର୍ବେ ପରମପୂଜ୍ୟ କବୀର ପରମେଶ୍ୱର (କବିର୍ଦେବ) ନିଜ ପ୍ରିୟ ସେବକ(ଦାସ/ଭକ୍ତ) ଆଦରଣୀୟ ଧର୍ମଦାସ ସାହେବଜୀଙ୍କୁ ଶୁଣାଇଥିଲେ ତଥା ଧନୀ ଧର୍ମଦାସ ସାହେବଜୀ ଏହାକୁ ଲିପିବଦ୍ଧ କରିଥିଲେ । ପରନ୍ତୁ ସେ ସମୟରେ ପବିତ୍ର ହିନ୍ଦୁ ଓ ପବିତ୍ର ମୁସଲମାନ ଧର୍ମର ଅଜ୍ଞାନୀ ଗୁରୁମାନେ (ନୀମ-ହକିମ) କହିଥିଲେ ଯେ ଏହି ଧାଣକ (ବୁଣାକାର) କବୀର ମିଥ୍ୟାବାଦୀ ଅଟେ । କୌଣସି ସଦଗ୍ରନ୍ଥରେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ଓ ଶ୍ରୀ ଶିବଙ୍କ ମାତା-ପିତାଙ୍କର ନାମ ଉଲ୍ଲେଖ ନାହିଁ । ଏହି ତିନି ପ୍ରଭୁ ଅବିନାଶୀ ଅଟନ୍ତି ତଥା ଏମାନଙ୍କର ଜନ୍ମ ଓ ମୃତ୍ୟୁ ହୁଏ ନାହିଁ । କବୀର ପରମେଶ୍ୱରଙ୍କ ପ୍ରମାଣ ନା ପବିତ୍ର ବେଦରେ ନା ପବିତ୍ର କୁରାନ ଶରୀଫ ଆଦି କୌଣସି ଗ୍ରନ୍ଥରେ ଅଛି । ପରମାତ୍ମା ନିରାକାର ବୋଲି ଶାସ୍ତ୍ରରେ ଲେଖାଅଛି, ପ୍ରତିଦିନ ଆମ୍ଭେ ପଠନ କରୁଛୁ । ନିରୀହ ଆତ୍ମାମାନେ ସେହି ବିଚକ୍ଷଣ (ଚତୁର ଗୁରୁ)ମାନଙ୍କ କଥାରେ ବିଶ୍ୱାସ କରିବାକୁ ଲାଗିଲେ ଏବଂ ଭାବିଲେ ଯେ ବାସ୍ତବରେ ଏହି କବୀର ତନ୍ତୀ(ବୁଣାକାର) ଅଶିକ୍ଷିତ, ଆମ୍ଭ ଗୁରୁଜୀ ଶିକ୍ଷିତ ତେଣୁ ନିଶ୍ଚୟ ସତ୍ୟ କହୁଥିବେ । ଆଜି ସେହି ସତ୍ୟର ପରିପ୍ରକାଶ ହେଉଛି ଏବଂ ସମସ୍ତ ପବିତ୍ର ଧର୍ମର ପବିତ୍ର ସଦଗ୍ରନ୍ଥ ମଧ୍ୟ ଏହାର ଜ୍ୱଳନ୍ତ ସାକ୍ଷୀ । ଏଥିରୁ ପ୍ରମାଣିତ ହେଲା ଯେ ପୂର୍ଣ୍ଣ ପରମେଶ୍ୱର, ସର୍ବ ସୃଷ୍ଟିର ରଚୟିତା, ସର୍ବ ବ୍ରହ୍ମାଣ୍ଡର ମାଲିକ ତଥା କବିର୍ଦେବ(କବୀର ପରମେଶ୍ୱର)ହିଁ ସର୍ବଜ୍ଞ ଅଟନ୍ତି । ଯିଏ କାଶୀ(ବନାରସ)ରେ ପଦ୍ମଫୁଲ ଉପରେ ପ୍ରକଟ ହୋଇ ନିଜ ବାସ୍ତବିକ ତେଜମୟ ଶରୀର ଉପରେ ମାନବ ସଦୃଶ ଏକ ହାଲୁକା ତେଜର ଶରୀର ଧାରଣ କରି ୧୨୦ ବର୍ଷ ପର୍ଯ୍ୟନ୍ତ ଲୀଳା କରି ନିଜ ଦ୍ୱାରା ରଚିତ ସୃଷ୍ଟିର ସଠିକ୍(ବାସ୍ତବିକ ତତ୍ତ୍ୱ) ଜ୍ଞାନ ଦେଇ ସଶରୀରେ ସତ୍ୟଲୋକ ଚାଲିଗଲେ । ପ୍ରଭୁପ୍ରେମୀ ପାଠକଗଣ କୃପାକରି ପଢନ୍ତୁ ପରମେଶ୍ୱର କବୀର ସାହେବଜୀଙ୍କ ଦ୍ୱାରା ଉଚ୍ଚାରିତ ନିମ୍ନ ଅମୃତବାଣୀ :-

ଧର୍ମଦାସ ୟହ ଜଗ ବୌରାନା । କୋଇ ନ ଜାନେ ପଦ ନିରବାନା ।।
ୟହି କାରଣ ମୈଁ କଥା ପସାରା । ଜଗସେ କହିୟୋ ରାମ ନିୟାରା ।।

ୟହି ଜ୍ଞାନ ଜଗ ଜୀବ ସୁନାଓ । ସବ ଜୀବୋଁକା ଭରମ ନଶାଓ ।।
ଭରମ ଗୟେ ଜଗ ବେଦ ପୁରାନା । ଆଦିରାମ କା ଭେଦ ନ ଜାନା ।।
ରାମ ରାମ ସବ ଜଗତ ବଖାନେ । ଆଦିରାମ କୋଇ ବିରଲା ଜାନେ ।।
ଜ୍ଞାନୀ ସୁନେ ସୋ ହିରଦୈ ଲଗାଇ । ମୂର୍ଖ ସୁନେ ସୋ ଗମ୍ୟ ନା ପାଇ ।।
ଅବ ମୈଁ ତୁମସେ କହୋଁ ଚିତାଇ । ତ୍ରୟଦେବନକୀ ଉତ୍ପତ୍ତି ଭାଇ ।।
କୁଛ ସଂକ୍ଷେପ କହୋଁ ଗୁହରାଇ । ସବ ସଂଶୟ ତୁହ୍ଲରେ ମିଟ ଜାଇ ।।
ମାଁ ଅଷ୍ଟଂଗୀ ପିତା ନିରଞ୍ଜନ । ଓ୍ୱେ ଜମ ଦାରୁଣ ବଂଶନ ଅଞ୍ଜନ ।।
ପହିଲେ କୀହ୍ନ ନିରଞ୍ଜନ ରାଇ । ପୀଛେସେ ମାୟା ଉପଜାଇ ।।
ମାୟା ରୂପ ଦେଖ ଅତି ଶୋଭା । ଦେବ ନିରଞ୍ଜନ ତନମନ ଲୋଭା ।।
କାମଦେବ ଧର୍ମରାୟ ସତ୍ତାୟେ । ଦେବୀ କୋ ତୁରତହୀ ଧର ଖାୟେ ।।
ପେଟ ସେ ଦେବୀ କରି ପୁକାରା । ସାହବ ମେରା କରୋ ଉବାରା ।।
ଟେର ସୁନୀ ତବ ହମ ତହାଁ ଆୟେ । ଅଷ୍ଟଙ୍ଗୀ କୋ ବନ୍ଦ ଛୁଡାୟେ ।।
ସତଲୋକ ମୈଁ କୀହ୍ନା ଦୁରାଚାରି । କାଳ ନିରଞ୍ଜନ ଦିହ୍ନା ନିକାରି ।।
ମାୟା ସମେତ ଦିୟା ଭଗାଇ । ସୋଲହ ସଙ୍ଗ କୋସ ଦୂରୀ ପର ଆଇ ।।
ଅଷ୍ଟଙ୍ଗୀ ଔର କାଳ ଅବ ଦୋଇ । ମନ୍ଦ କର୍ମ ସେ ଗଏ ବିଗୋଇ ।।
ଧର୍ମରାୟ କୋ ହିକମତ କୀହ୍ନା । ନଖ ରେଖା ସେ ଭଗକର ଲୀହ୍ନା ।।
ଧର୍ମରାୟ କୀହ୍ନାଁ ଭୋଗ୍ ବିଲାସା । ମାୟାକୋ ରହୀ ତବ ଆସା ।।
ତୀନ ପୁତ୍ର ଅଷ୍ଟଙ୍ଗୀ ଜାୟେ । ବ୍ରହ୍ମା ବିଷ୍ଣୁ ଶିବ ନାମ ଧରାୟେ ।।
ତୀନ ଦେବ ବିସ୍ତାର ଚଲାଏ । ଇନମୈଁ ୟହ ଜଗ ଧୋଖା ଖାଏ ।।
ପୁରୁଷ ଗମ୍ୟ କୈସେ କୋ ପାଓ୍ୱେ । କାଳ ନିରଞ୍ଜନ ଜଗ ଭରମାଓ୍ୱେ ।।
ତୀନ ଲୋକ ଅପନେ ସୁତ ଦୀହ୍ନା । ସୁନ୍ନ ନିରଞ୍ଜନ ବାସା ଲିହ୍ନା ।।
ଅଲଖ ନିରଞ୍ଜନ ସୁନ୍ନ ଠିକାନା । ବ୍ରହ୍ମା ବିଷ୍ଣୁ ଶିବ ଭେଦ ନ ଜାନା ।।
ତୀନ ଦେବ ସୋ ଉନକୋ ଧାବୈଁ । ନିରଞ୍ଜନ କା ଓ୍ୱେ ପାର ନା ପାବୈଁ ।।
ଅଲଖ ନିରଞ୍ଜନ ବଡା ବଟପାରା । ତୀନ ଲୋକ ଜିବ କୀହ୍ନ ଅହାରା ।।
ବ୍ରହ୍ମା ବିଷ୍ଣୁ ଶିବ ନହୀଁ ବଚାୟେ । ସକଲ ଖାୟ ପୁନ ଧୂର ଉଡାୟେ ।।
ତିନକେ ସୁତ ହୈଁ ତୀନୋଁ ଦେବା । ଆନ୍ଧର ଜୀବ କରତ ହୈଁ ସେବା ।।
ଅକାଳ ପୁରୁଷ କାହୂ ନହିଁ ଚୀହ୍ନା । କାଳ ପାୟ ସବହୀ ଗହ ଲିହ୍ନାଁ ।।
ବ୍ରହ୍ମ କାଳ ସକଲ ଜଗ ଜାନେ । ଆଦି ବ୍ରହ୍ମକୋ ନା ପହିଚାନେ ।।
ତୀନୋଁ ଦେବ ଔର ଔତାରା । ତାକେ ଭଜେ ସକଲ ସଂସାରା ।।
ତୀନୋଁ ଗୁଣ କା ୟହ ବିସ୍ତାରା । ଧର୍ମଦାସ ମୈଁ କହୋଁ ପୁକାରା ।।
ଗୁଣ ତିନୋକୀ ଭକ୍ତି ମୈଁ, ଭୂଲ ପରୋ ସଂସାରା ।।
କହୈ କବୀର ନିଜ ନାମ ବିନ, କୈସେ ଉତରୈଁ ପାର ।।

ଉପରୋକ୍ତ ଅମୃତବାଣୀରେ ପରମେଶ୍ୱର କବୀର ସାହେବଜୀ ନିଜ ପ୍ରିୟ ସେବକ ଶ୍ରୀ ଧର୍ମଦାସଜୀଙ୍କୁ କହୁଛନ୍ତି ଯେ ଧର୍ମଦାସ ! ଏହି ସାରା ସଂସାର ତତ୍ତ୍ୱଜ୍ଞାନ ଅଭାବରୁ ଆଜି ବିଚଳିତ । କାହାକୁ ପୂର୍ଣ୍ଣ ମୋକ୍ଷ ମାର୍ଗ ତଥା ପୂର୍ଣ୍ଣ ସୃଷ୍ଟି ରଚନାର ଜ୍ଞାନ ନାହିଁ । ଏଥିପାଇଁ ମୁଁ ଆପଣଙ୍କୁ ମୋ ଦ୍ୱାରା ରଚିତ ସୃଷ୍ଟିର କଥା ଶୁଣାଉଛି । ବୁଦ୍ଧିମାନ ବ୍ୟକ୍ତି ତୁରନ୍ତ ବୁଝିଯିବେ, ପରନ୍ତୁ ଯେଉଁ ବ୍ୟକ୍ତି ସମସ୍ତ ପ୍ରମାଣ ସ୍ୱଚକ୍ଷୁରେ ଦେଖି ମଧ୍ୟ ନ ମାନିବେ ତେବେ ସେହି ଅଜ୍ଞାନୀ ପ୍ରାଣୀ କାଳ ପ୍ରଭାବରେ ପ୍ରଭାବିତ ବୋଲି ବୁଝିବାକୁ ପଡିବ । ସେମାନେ ଭକ୍ତି ଯୋଗ୍ୟ ନୁହଁନ୍ତି । ଏବେ ମୁଁ କହୁଛି ଶୁଣ, ତିନି ଭଗବାନ (ବ୍ରହ୍ମା, ବିଷ୍ଣୁ, ଶିବ)ର ଉତ୍ପତ୍ତି କିପରି ହେଲା ? ଏମାନଙ୍କର ମାତା ଅଷ୍ଟାଙ୍ଗୀ(ଦୁର୍ଗା)

ତଥା ପିତା ଜ୍ୟୋତି ନିରଞ୍ଜନ(ବ୍ରହ୍ମ, କାଳ) ଅଟେ । ପ୍ରଥମେ ବ୍ରହ୍ମର ଉତ୍ପତ୍ତି ଅଣ୍ଡାରୁ ହେଲା, ତା'ପରେ ଦୁର୍ଗାର ଉତ୍ପତ୍ତି ହେଲା । ଦୁର୍ଗା ରୂପରେ ଆସକ୍ତ ହୋଇ କାଳ(ବ୍ରହ୍ମ) ଭୁଲ୍ (ଦୁର୍ବ୍ୟବହାର) କଲା, ସେତେବେଳେ ଦୁର୍ଗା(ପ୍ରକୃତି) ବ୍ରହ୍ମର ପେଟରେ ଶରଣ ନେଲା । ମୁଁ ସେଠାକୁ ଗଲି ଯେଉଁଠି ଜ୍ୟୋତି ନିରଞ୍ଜନ(କାଳ) ଥିଲା । ତା'ପରେ ଭବାନୀକୁ ବ୍ରହ୍ମର ଉଦରରୁ ବାହାର କରି ଉଭୟଙ୍କୁ ଏକୋଇଶ ବ୍ରହ୍ମାଣ୍ଡ ସହିତ ୧୬ଶଙ୍ଖ କୋଶ ଦୂରକୁ ପଠାଇଦେଲି । ଜ୍ୟୋତି ନିରଞ୍ଜନ (ଧର୍ମରାୟ) ପ୍ରକୃତି ଦେବୀ(ଦୁର୍ଗା) ସହିତ ଭୋଗ-ବିଳାସ କଲା । ଏହି ଦୁହିଁଙ୍କ ସଂଯୋଗରୁ ତିନିଗୁଣ (ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ)ଙ୍କର ଉତ୍ପତ୍ତି ହେଲା । ଏହି ତିନି ଗୁଣ (ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ତମଗୁଣ ଶିବ)ର ସାଧନା କରି ସମସ୍ତ ପ୍ରାଣୀ କାଳଜାଲରେ ଫସିଛନ୍ତି । ଯେ ପର୍ଯ୍ୟନ୍ତ ବାସ୍ତବିକ ମନ୍ତ୍ର ନ ମିଳିବ, ପୂର୍ଣ୍ଣମୋକ୍ଷ କିପରି ହେବ ?

ବିଶେଷ:- ପ୍ରିୟ ପାଠକଗଣ ବିଚାର କରନ୍ତୁ, ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ଶିବଙ୍କ ସ୍ଥିତିକୁ ଅବିନାଶୀ କୁହାଯାଉଥିଲା । ସର୍ବ ହିନ୍ଦୁ ସମାଜ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ତିନି ପରମାତ୍ମାଙ୍କୁ ଅଜର-ଅମର ଓ ଜନ୍ମ-ମୃତ୍ୟୁ ରହିତ ବୋଲି ମାନି ଆସୁଥିଲେ କିନ୍ତୁ ଏହି ତିନି ଦେବତା ନାଶବାନ ଅଟନ୍ତି । ଏମାନଙ୍କ ପିତା କାଳରୂପୀ ବ୍ରହ୍ମ ତଥା ମାତା ଦୁର୍ଗା(ପ୍ରକୃତି/ଅଷ୍ଟାଙ୍ଗୀ) ଅଟନ୍ତି ଯାହାର ପ୍ରମାଣଗୁଡିକୁ ଆପଣ ପୂର୍ବରୁ ପଢିଛନ୍ତି, ସେହି ସମସ୍ତ ଜ୍ଞାନ ଆମ୍ଭ ନିଜ ଶାସ୍ତ୍ରରେ ହିଁ ବିଦ୍ୟମାନ କିନ୍ତୁ ହିନ୍ଦୁ ସମାଜର କଳିଯୁଗୀ ଗୁରୁ, ଋଷି ଓ ସନ୍ଥମାନଙ୍କୁ ବର୍ତ୍ତମାନ ସୁଦ୍ଧା ଏହି ବହୁମୂଲ୍ୟ ଜ୍ଞାନ ବିଷୟରେ ଜଣାନାହିଁ । ଯେଉଁ ଅଧ୍ୟାପକ ପାଠ୍ୟକ୍ରମ (ସିଲାବସ) ସହିତ ଅପରିଚିତ ସେ ଉପଯୁକ୍ତ ଅଧ୍ୟାପକ (ବିଦ୍ୱାନ) ନୁହଁନ୍ତି, ସେହି ଶିକ୍ଷକ ବିଦ୍ୟାର୍ଥୀମାନଙ୍କର ଶତ୍ରୁ ଅଟନ୍ତି । ଏହି ପ୍ରକାରେ ଯେଉଁ ଗୁରୁମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାନାହିଁ ଯେ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ ତଥା ଶ୍ରୀ ଶିବଙ୍କର ମାତା-ପିତା କିଏ ? ତେଣୁ ସେହି ଗୁରୁ, ଋଷି ଓ ସନ୍ଥ ସମସ୍ତେ ଜ୍ଞାନହୀନ ଅଟନ୍ତି, ଯେଉଁ କାରଣରୁ ସର୍ବ ଭକ୍ତ ସମାଜକୁ ଶାସ୍ତ୍ରବିରୁଦ୍ଧ ଜ୍ଞାନ (ଲୋକବେଦ ଅର୍ଥାତ୍ ମନଗଢା କଥା) ଶୁଣାଇ ଅଜ୍ଞାନରେ ପରିପୂର୍ଣ୍ଣ କରିଦେଲେ । ସେମାନେ ଶାସ୍ତ୍ରବିଧି ବିରୁଦ୍ଧ ଭକ୍ତିସାଧନା ବତାଇ ପରମାତ୍ମାଙ୍କ ବାସ୍ତବିକ ଲାଭ(ପୂର୍ଣ୍ଣମୋକ୍ଷ)ରୁ ବଞ୍ଚିତ କରି ସମସ୍ତ ଅମୂଲ୍ୟ ମାନବ ଜନ୍ମକୁ ନଷ୍ଟ କରିଦେଲେ କାରଣ ଶ୍ରୀମଦ୍ଭଗବତ ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ରେ ଏହି ପ୍ରମାଣ ଅଛି ଯେ ଯେଉଁମାନେ ଶାସ୍ତ୍ରବିଧି ତ୍ୟାଗକରି ମନମୁଖୀ ଆଚରଣ ବା ପୂଜା କରିଥାନ୍ତି ସେମାନଙ୍କୁ କୌଣସି ଲାଭ ପ୍ରାପ୍ତି ହୁଏନାହିଁ । ପୂର୍ଣ୍ଣ ପରମାତ୍ମା କବୀରଜୀ ପାଞ୍ଚବର୍ଷୀୟ ଲୀଲାମୟ ଆୟୁରେ ସନ ୧୪୦୩ ରୁ ସର୍ବ ଶାସ୍ତ୍ର ଯୁକ୍ତ ଜ୍ଞାନକୁ ନିଜ ଅମୃତ ବାଣୀ (କବୀରବାଣୀ) ମାଧ୍ୟମରେ ପ୍ରକାଶ କରିବା ପ୍ରାରମ୍ଭ କରିଥିଲେ ପରନ୍ତୁ ସେହି ଅଜ୍ଞାନୀ ଗୁରୁମାନେ ଏହି ଜ୍ଞାନକୁ ଭକ୍ତ ସମାଜ ପର୍ଯ୍ୟନ୍ତ ପହଞ୍ଚିବାକୁ ଦେଲେ ନାହିଁ । ବର୍ତ୍ତମାନ ଏହା ସର୍ବ ସଦଗ୍ରନ୍ଥରୁ ସ୍ପଷ୍ଟ ହେବାରେ ଲାଗିଛି । ଏଥିରୁ ପ୍ରମାଣିତ ହେଲା ଯେ କର୍ବିଦେବ(କବୀର ପ୍ରଭୁ) ତତ୍ତ୍ୱଦର୍ଶୀ ସନ୍ଥ ରୂପରେ ସ୍ୱୟଂ ପୂର୍ଣ୍ଣ ପରମାତ୍ମା ହିଁ ଆସିଥିଲେ ।

"ଆଦରଣୀୟ ଗରୀବ ଦାସ ସାହେବଜୀଙ୍କ ଅମୃତବାଣୀରେ ସୃଷ୍ଟି ରଚନାର ପ୍ରମାଣ"

ଆଦି ରମୈଣୀ (ସଦଗ୍ରନ୍ଥ ପୃଷ୍ଠା ନଂ ୬୯୦-୬୯୨ ପର୍ଯ୍ୟନ୍ତ)

ଆଦି ରମୈଣୀ ଅଦଲୀ ସାରା । ଜା ଦିନ ହୋତେ ଧୁଁଧୁଁକାରା ॥୧॥
ସତପୁରୁଷ କୀହ୍ନା ପ୍ରକାଶା । ହମ ହୋତେ ତଖତ କବୀର ଖଓ୍ୱାସା ॥୨॥
ମନ ମୋହିନୀ ସିରଜୀ ମାୟା । ସତପୁରୁଷ ଏକ ଖ୍ୟାଲ ବନାୟା ॥୩॥
ଧର୍ମରାୟ ସିରଜେ ଦରବାନୀ । ଚୌଷଠ ଜୁଗତପ ସେବା ଠାନୀଁ ॥୪॥
ପୁରୁଷ ପୃଥିବୀ ଜାକୂଁ ଦୀହ୍ନା । ରାଜ କରୋ ଦେବା ଆଧୀନୀ ॥୫॥
ବ୍ରହ୍ମାଣ୍ଡ ଇକୀସ ରାଜ ତୁମ ଦୀହ୍ନା । ମନ କୀ ଇଚ୍ଛା ସବ ଯୁଗ ଲୀହ୍ନା ॥୬॥
ମାୟା ମୂଲ ରୁପ ଏକ ଛାଜା । ମୋହି ଲିୟେ ଜିନହୁଁ ଧର୍ମରାଜା ॥୭॥
ଧର୍ମକା ମନ ଚଞ୍ଚଲ ଚିତ ଧାରୟା । ମନ ମାୟାକା ରୂପ ବିଚାରା ॥୮॥

ଚଞ୍ଚଲ ଚେରୀ ଚପଲ ଚିରାଗା । ୟା କେ ପରସେ ସରବସ ଜାଗା ॥୯॥
ଧର୍ମରାୟ କୀୟା ମନ କା ଭାଗୀ । ବିଷୟ ବାସନା ସଙ୍ଗ ସେ ଜାଗୀ ॥୧୦॥
ଆଦି ପୁରୁଷ ଅଦଲୀ ଅନରାଗୀ । ଧର୍ମରାୟ ଦିୟା ଦିଲ ସେଁ ତ୍ୟାଗୀ ॥୧୧॥
ପୁରୁଷ ଲୋକ ସେଁ ଦୀୟା ଡହାହୀ । ଅଗମ ଦୀପ ଚଲି ଆୟେ ଭାଇ ॥୧୨॥
ସହଜ ଦାସ ଜିସ ଦୀପ ରହତାଁ । କାରଣ କୌନ କୌନ କୁଲ ପନ୍ଥା ॥୧୩॥
ଧର୍ମରାୟ ବୋଲେ ଦରବାନୀ । ସୁନୋ ସହଜ ଦାସ ବ୍ରହ୍ମଜ୍ଞାନୀ ॥୧୪॥
ଚୌସଠ ଜୁଗ ହମ ସେବା କୀହ୍ନୀ । ପୁରୁଷ ପୃଥିବୀ ହମ କୁଁ ଦୀହ୍ନୀ ॥୧୫॥
ଚଞ୍ଚଲ ରୂପ ଭୟା ମନ ବୌରା । ମନମୋହିନୀ ଠଗିୟା ଭୌରାଁ ॥୧୬॥
ସତପୁରୁଷ କେ ନା ମନ ଭାୟେ । ପୁରୁଷ ଲୋକ ସେ ହମ ଚଲି ଆୟେ ॥୧୭॥
ଅଗର ଦୀପ ସୁନତ ବଡଭାଗୀ । ସହଜ ଦାସ ମେଟୋ ମନ ପାଗୀ ॥୧୮॥
ବୋଲେ ସହଜଦାସ ଦିଲ ଦାନୀ । ହମ ତୋ ଚାକର ସତ ସହଦାନୀ ॥୧୯॥
ସତପୁରୁଷ ସେଁ ଅରଜ ଗୁଜାରୂଁ । ଜବ ତୁହ୍ମାରା ବିବାଣ ଉତାରୂଁ ॥୨୦॥
ସହଜ ଦାସ କୋ କୀୟା ପୀୟାନା । ସତ୍ୟଲୋକ ଲୀୟା ପ୍ରବାନା ॥୨୧॥
ସତପୁରୁଷ ସାହିବ ସରବଙ୍ଗୀ । ଅବିଗତ ଅଦଲୀ ଅଚଲ ଅଭଙ୍ଗୀ ॥୨୨॥
ଧର୍ମରାୟ ତୁହ୍ମରା ଦରବାନୀ । ଅଗର ଦୀପ ଚଲି ଗୟେ ପ୍ରାନୀ ॥୨୩॥
କୌନଁ ହୁକମ କରୀ ଅରଜ ଅବାଜା । କହାଁ ପଠାବୌ ଉସ ଧର୍ମରାଜା ॥୨୪॥
ଭଇ ଅବାଜ ଅଦଲୀ ଏକ ସାଚା । ବିଷୟ ଲୋକ ଜା ତୀନ୍ଯୁଁ ବାଚା ॥୨୫॥
ସହଜ ବିମାଁନ ଚଲେ ଅଧିକାଇ । ଛିନ ମେଁ ଅଗର ଦୀପ ଚଲି ଆଇ ॥୨୬॥
ହମତୋ ଅରଜ କରୀ ଅନରାଗୀ । ତୁହ୍ମ ବିଷୟ ଲୋକ ଜାବୋ ବଡଭାଗୀ ॥୨୭॥
ଧର୍ମରାୟ କେ ଚଲେ ବିମାନା । ମାନସରୋବର ଆୟେ ପ୍ରାନା ॥୨୮॥
ମାନସରୋବର ରହନ ନ ପାୟେ । ଦରୈ କବୀରା ଥାନାଁ ଲାୟେ ॥୨୯॥
ବଙ୍କନାଲ କୀ ବିଷମୀ ବାଟୀ । ତହାଁ କବୀରା ରୋକୀ ଘାଟୀ ॥୩୦॥
ଇନ ପାଞ୍ଚୋ ମିଲି ଜଗତ ବନ୍ଧାନା । ଲକ୍ଷ ଚୌରାସୀ ଜୀବ ସନ୍ତାନା ॥୩୧॥
ବ୍ରହ୍ମା ବିଷ୍ଣୁ ମହେଶ୍ୱର ମାୟା । ଧର୍ମରାୟ କା ରାଜ ପଠାୟା ॥୩୨॥
ୟୋହ ଖୋଖା ପୁର ଝୂଠୀ ବାଜୀ । ଭିସତି ବୈକୁଣ୍ଠ ଦଗାସୀ ସାଜୀ ॥୩୩॥
କୃତିମ ଜୀବ ଭୁଲାନେଁ ଭାଇ । ନିଜ ଘର କୀ ତୋ ଖବରି ନ ପାଇ ॥୩୪॥
ସବା ଲାକ୍ଷ ଉପଜେଁ ନିତ ହଂସା । ଏକ ଲାକ୍ଷ ବିନଶେଁ ନିତ ଅସାଁ ॥୩୫॥
ଉପତି ଖପତି ପ୍ରଳୟ ଫେରୀ । ହର୍ଷ ଶୋକ ଜୌରାଁ ଜମଜେରୀ ॥୩୬॥
ପାଞ୍ଚୋ ତତ୍ତ୍ୱ ହୈଁ ପ୍ରଳୟ ମାହୀଁ । ସତ୍ତଗୁଣ ରଜଗୁଣ ତମଗୁଣ ଝାଇଁ ॥୩୭॥
ଆଠୋ ଅଙ୍ଗ ମିଲୀ ହୈ ମାୟା । ପିଣ୍ଡ ବ୍ରହ୍ମାଣ୍ଡ ସକଲ ଭରମାୟା ॥୩୮॥
ୟା ମେଁ ସୁରତି ଶବ୍ଦକୀ ଡୋରୀ । ପିଣ୍ଡ ବ୍ରହ୍ମାଣ୍ଡ ଲଗୀହୈ ଖୋରୀ ॥୩୯॥
ଶ୍ୱାସାପାରସ ମନ ଗହ ରାଖୋ । ଖୋଲହି କପାଟ ଅମୀରସ ଚାଖୋ ॥୪୦॥
ସୁନାଉଁ ହଂସ ଶବ୍ଦ ସୁନ ଦାସା । ଅଗମ ଦୀପ ହୈ ଅଗ ହୈ ବାସା ॥୪୧॥
ଭବସାଗର ଜମ ଦଣ୍ଡ ଜମାନା । ଧର୍ମରାୟ କା ହୈ ତଲବାନାଁ ॥୪୨॥
ପାଞ୍ଚୋ ଉପର ପଦ କୀ ନଗରୀ । ବାଟ ବିହଙ୍ଗମ ବଙ୍କୀ ଡଗରୀ ॥୪୩॥
ହମରା ଧର୍ମରାୟ ସୋଁ ଦାବା । ଭବସାଗର ମେଁ ଜୀବ ଭରମାବା ॥୪୪॥
ହମ ତୋ କହୈଁ ଅଗମ କୀ ବାନୀ । ଜହାଁ ଅବିଗତ ଅଦଲୀ ଆପ ବିନାନୀ ॥୪୫॥
ବନ୍ଦୀଛୋଡ ହମାରା ନାମଁ । ଅଜର ଅମର ହୈ ଅସ୍ଥିର ଠାମଁ ॥୪୬॥
ଜୁଗନ ଜୁଗନ ହମ କହତେ ଆୟେ । ଜମ ଜୌରାଁ ସେଁ ହଂସ ଛୁଟାୟେ ॥୪୭॥

ଜୋ କୋଇ ମାନେ ଶବ୍ଦ ହମାରା । ଭବସାଗର ନହୀଁ ଭରମେଁ ଧାରା ॥୪୮॥
ୟା ମେଁ ସୁରତି ଶବ୍ଦ କା ଲେଖା । ତନ ଅନ୍ଦର ମନ କହୋ କୀହ୍ନୀ ଦେଖା ॥୪୯॥
ଦାସ ଗରୀବ ଅଗମ କୀ ବାଣୀ । ଖୋଜା ହଂସା ଶବ୍ଦ ସହଦାନୀ ॥୫୦॥

ଉପରୋକ୍ତ ଅମୃତବାଣୀର ଭାବାର୍ଥ ହେଲା ଆଦରଣୀୟ ଗରୀବଦାସ ସାହେବଜୀ କହୁଛନ୍ତି ଯେ ଏଠାରେ ପ୍ରଥମେ କେବଳ ଅନ୍ଧକାର ଥିଲା ଏବଂ ପୂର୍ଣ୍ଣ ପରମାତ୍ମା କବୀର ସାହେବଜୀ ସତ୍ୟଲୋକରେ ସିଂହାସନରେ ବିରାଜମାନ ଥିଲେ । ଆମ୍ଭେମାନେ ସେଠାରେ ଚାକର ହୋଇ ରହିଥିଲେ । ପରମାତ୍ମା ଜ୍ୟୋତି ନିରଞ୍ଜନକୁ ଉତ୍ପନ୍ନ କଲେ । ପୁଣି ତପସ୍ୟାର ପ୍ରତିଫଳ ସ୍ୱରୂପ ତାଙ୍କୁ ଏକୋଇଶ ବ୍ରହ୍ମାଣ୍ଡ ପ୍ରଦାନ କଲେ । ପୁଣି ମାୟା(ପ୍ରକୃତି)ଙ୍କୁ ଉତ୍ପନ୍ନ କଲେ । ଯୁବତୀ ଦୁର୍ଗାଙ୍କ ରୂପରେ ମୋହିତ ହୋଇ ଜ୍ୟୋତି ନିରଞ୍ଜନ(ବ୍ରହ୍ମ), ଦୁର୍ଗା(ପ୍ରକୃତି)ଙ୍କୁ ବଳାତ୍କାର କରିବା ପାଇଁ ଚେଷ୍ଟା କଲେ । ତେଣୁ ବ୍ରହ୍ମଙ୍କୁ ଏହି କର୍ମର ଦଣ୍ଡ ମିଳିଲା । ତାଙ୍କୁ ସତଲୋକରୁ ବହିଷ୍କାର କରି ଦିଆଗଲା ତଥା ଅଭିଶାପ ମିଳିଲା ଯେ ଏକଲକ୍ଷ ମାନବ ଶରୀରଧାରୀ ପ୍ରାଣୀମାନଙ୍କୁ ସେ ପ୍ରତିଦିନ ଆହାର କରିବେ ଏବଂ ଲକ୍ଷେ ପଚିଶ ହଜାର ଉତ୍ପନ୍ନ କରିବେ । ଏଠାରେ ସମସ୍ତ ପ୍ରାଣୀ ଜନ୍ମ-ମୃତ୍ୟୁର କଷ୍ଟ ଭୋଗୁଛନ୍ତି । ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ଶବ୍ଦ(ସତନାମ ଜପ ମନ୍ତ୍ର) ଯଦି କେହି ଆମ୍ଭଠାରୁ ପ୍ରାପ୍ତ କରିବେ, ତାଙ୍କୁ କାଳବନ୍ଧନରୁ ମୁକ୍ତ କରିଦେବୁ । ଆମ୍ଭର ନାମ ବନ୍ଦୀଛୋଡ ଅଟେ । ଆଦରଣୀୟ ଗରୀବ ଦାସଜୀ ନିଜ ଗୁରୁ ଓ ପ୍ରଭୂ କବୀର ପରମାତ୍ମାଙ୍କ ଜ୍ଞାନ ଆଧାରରେ କହୁଛନ୍ତି ଯେ ସେହି ବାସ୍ତବିକ ମନ୍ତ୍ର ଅର୍ଥାତ ସତନାମ ଓ ସାରଶବ୍ଦ ପ୍ରାପ୍ତି କଲେ ପୂର୍ଣ୍ଣମୋକ୍ଷ ନିଶ୍ଚୟ ହେବ । ନଚେତ ନକଲି ନାମମନ୍ତ୍ର ଦାତା ସନ୍ଥ-ମହନ୍ତମାନଙ୍କର ମିଠା କଥାରେ ଭ୍ରମିତ ହୋଇ ଶାସ୍ତ୍ରବିଧି ରହିତ ସାଧନା କରି କାଳଜାଲରେ ରହିଯିବ । ପୁଣି କଷ୍ଟ ପରେ କଷ୍ଟ ଭୋଗ କରିବ ।

।। ଗରୀବ ଦାସଜୀ ମହାରାଜଙ୍କ ବାଣୀ ।।

(ସତ୍‌ଗ୍ରନ୍ଥ ସାହିବ ପୃଷ୍ଠା ନଂ ୬୯୦ରୁ ଉଦ୍ଧୃତ)

ମାୟା ଆଦି ନିରଞ୍ଜନ ଭାଇ, ଅପନେ ଜାଏଁ ଆପେ ଖାଇ ।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଚେଲା, ଓଁ ସୋହଂ କା ହୈ ଖେଲା ।।
ସିଖର ସୁନ୍ନ ମେଁ ଧର୍ମ ଅନ୍ୟାୟୀ, ଜିନ ଶକ୍ତି ଡାୟନ ମହଲ ପଠାଇ ।।
ଲାଖ ଗ୍ରାସ ନିତ ଉଠ ଦୂତୀ, ମାୟା ଆଦି ତଖତ କୀ କୁତୀ ।।
ସବା ଲାଖ ଘଡିୟେ ନିତ ଭାଣ୍ଡେ, ହଂସା ଉତ୍ପତ୍ତି ପରଲୟ ଡାଣ୍ଡେ ।।
ୟେ ତିନୋଁ ଚେଲା ବଟ ପାରୀ, ସିରଜେ ପୁରୁଷା ସିରଜୀ ନାରୀ ।।
ଖୋଖାପୁର ମେଁ ଜୀବ ଭୁଲାୟେ, ସ୍ୱପନା ବହିସ୍ତ ବୈକୁଣ୍ଠ ବନାୟେ । ।
ୟୋ ହରହଟ କା କୁଆ ଲୋଇ, ୟା ଗଲ ବନ୍ଧ୍ୟା ହୈ ସବ କୋଇ ।।
କୀଡୀ କୁଞ୍ଜର ଔର ଅବତାରା, ହରହଟ ଡୋରୀ ବନ୍ଧେ କଇ ବାରା ।।
ଅରବ ଅଲୀଲ ଇନ୍ଦ୍ର ହୈଁ ଭାଇ, ହରହଟ ଡୋରୀ ବନ୍ଧେ ସବ ଆଇ ।।
ଶେଷ ମହେଶ ଗଣେଶ୍ୱର ତାହିଁ, ହରହଟ ଡୋରୀ ବନ୍ଧେ ସବ ଆଇଁ ।।
ଶୁକ୍ରାଦିକ ବ୍ରହ୍ମାଦିକ ଦେବା, ହରହଟ ଡୋରୀ ବନ୍ଧେ ସବ ଖେବା ।।
କୋଟିକ କର୍ତ୍ତା ଫିରତା ଦେଖ୍ୟା, ହରହଟ ଡୋରୀ କହୁଁ ସୁନ ଲେଖା ।।
ଚତୁର୍ଭୁଜୀ ଭଗବାନ କହାବୈଁ, ହରହଟ ଡୋରୀ ବନ୍ଧେ ସବ ଆବୈଁ ।।
ୟୋ ହୈ ଖୋଖାପୁର କା କୁଆ, ୟାମେଁ ପଡା ସୋ ନିଶ୍ଚୟ ମୁବା ।।

ଜ୍ୟୋତି ନିରଞ୍ଜନ(କାଳବଳୀ)ଙ୍କ ମାୟାରେ ବିବଶଃ ହୋଇ ଏହି ତିନି ଦେବତା (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ) ନିଜର ମହିମା ଦେଖାଇ ଜୀବମାନଙ୍କୁ ସ୍ୱର୍ଗ-ନର୍କ ଓ ଭବସାଗରରେ (ଚୌରାଶୀ ଲକ୍ଷ ଯୋନିରେ) ଭ୍ରମିତ କରିଥାନ୍ତି । ଯେପରି ନାଗୁଣୀ ନିଜ ଛୁଆମାନଙ୍କୁ ଜନ୍ମ ଦେଇ ପୁଣି ମାରି ଖାଇଥାଏ ଠିକ୍ ସେହିପରି ଜ୍ୟୋତି ନିରଞ୍ଜନ ନିଜ ମାୟା ଦ୍ୱାରା ଜୀବମାନଙ୍କୁ

ଜନ୍ମ ଦେଇ ପୁଣି ସେମାନଙ୍କୁ ମାରି ଖାଇଥାନ୍ତି । ନାଗୁଣୀ ନିଜ ଲାଞ୍ଜ ସାହାଯ୍ୟରେ ଅଣ୍ଡା ଚତୁଃପାର୍ଶ୍ୱରେ କୁଣ୍ଡଳୀ ତିଆରି କରି ସେହି ଅଣ୍ଡାକୁ ଫଣାରେ ଚୋଟ ମାରିଥାଏ । ଚୋଟ ମାରିବା ସମୟରେ କିଛି ଅଣ୍ଡା ଫୁଟି ଯାଇଥାଏ, କାରଣ ନାଗୁଣୀ ବହୁତ ଅଣ୍ଡା ଦେଇଥାଏ । ଯେଉଁ ଅଣ୍ଡାଗୁଡିକ ଫୁଟିଥାଏ ସେଥିରୁ ନାଗଛୁଆ ବାହାରିଥାନ୍ତି । ଯେଉଁ ନାଗଛୁଆ କୁଣ୍ଡଳୀରୁ ବାହାରକୁ ବାହାରିଯାଏ ସେହି ଛୁଆ ବଞ୍ଚି ଯାଇଥାଏ କିନ୍ତୁ ଯେଉଁ ଛୁଆ କୁଣ୍ଡଳୀ ଭିତରେ ରହିଯାନ୍ତି ସେମାନଙ୍କୁ ନାଗୁଣୀ ଖାଇଯାଏ ।

ମାୟା କାଳୀ ନାଗିନୀ, ଅପନେ ଜାୟେ ଖାତ । କୁଣ୍ଡଳୀ ମେଁ ଛୋଡେ ନହିଁ, ସୌ ବାତୋଁ କୀ ବାତ ॥

ଏହି ପ୍ରକାରେ ଏହା କାଳବଳୀର ମହା ଭୟଙ୍କର ଜାଲ ଅଟେ । ଯଦି ପୂର୍ଣ୍ଣସନ୍ଥଙ୍କଠାରୁ ନାମଦୀକ୍ଷା ନେଇ ନିରଞ୍ଜନ(ବ୍ରହ୍ମ) ପର୍ଯ୍ୟନ୍ତ ଭକ୍ତି କରିବେ ତଥାପି ନିରଞ୍ଜନଙ୍କ କୁଣ୍ଡଳୀ(ଏକୋଇଶ ବ୍ରହ୍ମାଣ୍ଡ)ମଧ୍ୟରୁ ବାହାରକୁ ବାହାରି ପାରିବେ ନାହିଁ । ସ୍ୱୟଂ ବ୍ରହ୍ମା, ବିଷ୍ଣୁ, ମହେଶ ଓ ଆଦିମାୟା ସିଂହବାହିନୀ ମଧ୍ୟ ନିରଞ୍ଜନଙ୍କ କୁଣ୍ଡଳୀ ମଧ୍ୟରେ ଅଛନ୍ତି । ଏମାନେ ବିଚରା ଅବତାର ଧାରଣ କରି ଆସନ୍ତି ଏବଂ ଜନ୍ମ-ମୃତ୍ୟୁ ଚକ୍ରରେ ଚକ୍କର କାଟିଥାନ୍ତି । ବିଚାର କରନ୍ତୁ, ଏହି କାରଣରୁ ଧ୍ରୁବ, ପ୍ରହଲ୍ଲାଦ ଓ ଶୁକଦେବ ଋଷି ସୋହଂ ମନ୍ତ୍ର ଜପ କରି ମଧ୍ୟ ନିରଞ୍ଜନର କୁଣ୍ଡଳୀରୁ ପାରି ହୋଇପାରି ନ ଥିଲେ । କାରଣ ଶ୍ରୀ ବିଷ୍ଣୁପୁରାଣର ପ୍ରଥମ ଅଂଶ ଅଧ୍ୟାୟ ୧୨ର ଶ୍ଳୋକ ୯୩ ପୃଷ୍ଠା ୫୧ରେ ଲେଖାଅଛି ଯେ ଧ୍ରୁବ କେବଳ ଏକ କଳ୍ପ ଅର୍ଥାତ୍ ଏକ ହଜାର ଚତୁର୍ଯୁଗ ପର୍ଯ୍ୟନ୍ତ ହିଁ ମୁକ୍ତ ହୋଇଛନ୍ତି । ଏଥିପାଇଁ ସେ କାଳଲୋକରେ ହିଁ ରହିଗଲେ ତଥା 'ଓଁ ନମଃ ଭଗବତେ ବାସୁଦେବାୟ' ମନ୍ତ୍ର ଜପ କରୁଥିବା ଭକ୍ତ ମଧ୍ୟ ଶ୍ରୀକୃଷ୍ଣ ଭଗବାନଙ୍କ ପର୍ଯ୍ୟନ୍ତ ହିଁ ଭକ୍ତି କରିଥାନ୍ତି, ସେମାନେ ମଧ୍ୟ ଚୌରାଶୀ ଲକ୍ଷ ଯୋନି ଚକ୍ରରୁ ବର୍ତ୍ତି ପାରିବେ ନାହିଁ । ଏହାର ପ୍ରତ୍ୟକ୍ଷ ପ୍ରମାଣ ଦେଇ ପରମପୂଜ୍ୟ କବୀର ସାହେବଜୀ ଓ ଆଦରଣୀୟ ଗରୀବଦାସ ସାହେବଜୀ ମହାରାଜ କୁହନ୍ତି ଯେ :-

ଅନନ୍ତ କୋଟି ଅବତାର ହୈଁ, ମାୟା କେ ଗୋବିନ୍ଦ ।
କର୍ତ୍ତା ହୋ ହୋ ଅବତରେ, ବହୁର ପଡେ ଜଗ ଫନ୍ଦ ॥୨୪॥

ସତ୍ୟପୁରୁଷ କବୀର ସାହେବଜୀଙ୍କ ଭକ୍ତି ଦ୍ୱାରା ଜୀବ ମୁକ୍ତ ହୋଇପାରିବ । ଜୀବ ଯେପର୍ଯ୍ୟନ୍ତ ସତ୍ୟଲୋକକୁ ନ ଫେରିଛି ସେପର୍ଯ୍ୟନ୍ତ କାଳଲୋକରେ ଏହି ପ୍ରକାରର କର୍ମ କରିବ, ନାମ ଓ ଦାନଧର୍ମରୁ କରିଥିବା ଉପାର୍ଜନକୁ ସ୍ୱର୍ଗ ରୂପୀ ହୋଟେଲରେ ସମାପ୍ତ କରି ପୁନର୍ବାର କର୍ମ ଆଧାରରେ ଏହି କାଳଲୋକରେ ଭ୍ରମଣ କରିବ ଯାହା ଚୌରାସୀ ଲକ୍ଷ ପ୍ରକାର ପ୍ରାଣୀଙ୍କ ଶରୀର କଷ୍ଟ ଭୋଗର ସ୍ଥାନ ଅଟେ । ମାୟା(ଦୁର୍ଗା)ଠାରୁ ଉତ୍ପନ୍ନ ଏକ କୋଟିରୁ ଉର୍ଦ୍ଧ ଗୋବିନ୍ଦ (ବ୍ରହ୍ମା-ବିଷ୍ଣୁ-ଶିବ) ମୃତ୍ୟୁବରଣ କରିସାରିଛନ୍ତି । ଭଗବାନଙ୍କ ଅବତାର ହୋଇ ଆସିଥିଲେ ।

ପୁଣି କର୍ମବନ୍ଧନରେ ବାନ୍ଧି ହୋଇ କର୍ମଦଣ୍ଡ ଭୋଗ କରି ଚୌରାଶୀ ଲକ୍ଷ ଯୋନିକୁ ଚାଲିଗଲେ । ଯେପରି ଭଗବାନ ବିଷ୍ଣୁଙ୍କୁ ଦେବର୍ଷି ନାରଦଙ୍କ ଅଭିଶାପ ଲାଗିଥିଲା, ସେ ଶ୍ରୀ ରାମଚନ୍ଦ୍ର ରୂପରେ ଅଯୋଧ୍ୟାକୁ ଆସିଲେ, ତା'ପରେ ଶ୍ରୀରାମ ରୂପରେ ବାଳିର ବଧ କରିଥିଲେ । ସେହି କର୍ମର ଦଣ୍ଡ ଭୋଗିବା ପାଇଁ ଶ୍ରୀକୃଷ୍ଣଙ୍କ ଜନ୍ମ ହେଲା । ପୁଣି ବାଳିର ଆତ୍ମା ଶିକାରୀ ହୋଇ ପ୍ରତିଶୋଧ ନେଲା, ଶ୍ରୀକୃଷ୍ଣଙ୍କ ପାଦରେ ବିଷାକ୍ତ ତୀର ମାରି ବଧ କଲା । ମହାରାଜ ଗରୀବ ଦାସଜୀ ନିଜ ବାଣୀରେ କୁହନ୍ତି ଯେ :-

ବ୍ରହ୍ମା ବିଷ୍ଣୁ ମହେଶ୍ୱର ମାୟା, ଔର ଧର୍ମରାୟ କହିୟେ ।
ଇନ୍ ପାଞ୍ଚୋଁ ମିଲ୍ ପର୍‌ପଂଚ୍ ବନାୟା, ବାଣୀ ହମ୍‌ରୀ ଲହିୟେ ॥
ଇନ ପାଞ୍ଚୋଁ ମିଲ ଜୀବ ଅଟକାୟେ, ଜୁଗନ-ଜୁଗନ ହମ ଆନ ଛୁଟାୟେ ।
ବନ୍ଦୀଛୋଡ୍ ହମାରା ନାମଂ, ଅଜର ଅମର ହୈ ଅସ୍ଥିର ଠାମଂ ॥
ପୀର ପୈଗମ୍ବର କୁତୁବ୍ ଔଲିୟା, ସୁର ନର ମୁନିଜନ ଜ୍ଞାନୀ ।
ୟେତା କୋ ତୋ ରାହ ନପାୟା, ଜମକେ ବନ୍ଧେ ପ୍ରାଣୀ ॥
ଧର୍ମରାୟ କୀ ଧୂମା-ଧାମୀ, ଜମ୍‌ପର୍ ଜଙ୍ଗ ଚଲାଉଁ ।

ଯହ୍ନ ହ୍ୱରହ୍ୱଟ୍ କା କୁଆଁ ଲୋଇ, ଯ୍ୟା ଗଲ୍ ବନ୍ଧ୍ୟା ହେ ସବ୍ ଦୋଇ ।
କୀତୀ କୁଞ୍ଜର୍ ଓର୍ ଅବ୍‌ତାରା, ହ୍ୱରହ୍ୱଟ୍ ତୋରା ବନ୍ଧେ କଇ୍ ବାରା ॥

କାଳଲୋକରେ ଜନ୍ମ-ମରଣ ରୂପୀ ହ୍ୱରହ୍ୱଟ୍ (ଚକ୍ର)

ଜୋରା କୋ ତୋ ଜାନ ନ ଦୁଙ୍ଗା, ବାନ୍ଧ ଅଦଲ ଘର ଲ୍ୟାଉଁ ॥
କାଲ ଅକାଲ ଦୋହୂଁ କୋ ମୋସୂଁ, ମହାକାଲ ସିର ମୂଣ୍ଡୂ ।
ମୈଁ ତୋ ତଖତ ହଜୂରୀ ହୁକମୀ, ଚୋର ଖୋଜ୍ କୂଁ ଢୂଁଢୂଁ ॥
ମୂଳାମାୟା ମଗ ମୈଁ ବୈଠୀ, ହଂସା ଚୁନ-ଚୁନ ଖାଇ ।
ଜ୍ୟୋତି ସ୍ୱରୂପୀ ଭୟା ନିରଞ୍ଜନ, ମୈଁ ହୀ କର୍ତ୍ତା ଭାଇ ॥
ସହଂସ ଅଠାସୀ ଦୀପ ମୁନୀଶ୍ୱର, ବନ୍ଧେ ମୁଲା ଡୋରୀ ।
ଐତ୍ୟାଂ ମୈଁ ଜମ କା ତଲବାନା, ଚଲିଏ ପୁରୁଷ କୀଶୋରୀ ॥
ମୂଳା କା ତୋ ମାଥା ଦାଙ୍ଗୂ, ସତକୀ ମୋହର କରୁଙ୍ଗା ।
ପୁରୁଷ ଦୀପ କୂଁ ହଂସ ଚଳାଉଁ, ଦରାନ ରୋକନ ଦୂଙ୍ଗା ॥
ହମ ତୋ ବନ୍ଦୀ ଛୋଡ କହାବାଁ, ଧର୍ମରାୟ ହୈ ଚକବୈ ।
ସତଲୋକ କୀ ସକଲ ସୁନାବାଂ, ବାଣୀ ହମରୀ ଅଖବୈ ॥
ନୌ ଲଖ ପଟଟ୍‌ନ ଉପର ଖେଲୂଁ, ସାହଦରେ କୂଁ ରୋକୂଁ ।
ଦ୍ୱାଦସ କୋଟି କଟକ ସବ କାଣ୍ଡୁଁ, ହଂସ ପଠାଉଁ ମୋଖୂଁ ॥
ଚୌଦହ ଭୁବନ ଗମନ ହୈ ମେରା, ଜଲ ଥଲ ମୈଁ ସରବଙ୍ଗୀ ।
ଖାଲିକ ଖଲକ ଖଲକ ମୈଁ ଖାଲିକ, ଅବିଗତ ଅଚଳ ଅଭଙ୍ଗୀ ॥
ଅଗର ଅଲୀଲ ଚକ୍ର ହୈ ମେରା, ଜିତ ସେ ହମ ଚଲ ଆଏ ।
ପାଁଞ୍ଚୋ ପର ପ୍ରବାନା ମେରା, ବନ୍ଧି ଛୁଟାବନ ଧାୟେ ॥
ଜହାଁ ଓଁକାର ନିରଞ୍ଜନ ନାହୀଁ, ବ୍ରହ୍ମା ବିଷ୍ଣୁ ବେଦ ନହୀଁ ଜାହୀଁ ।
ଜହାଁ କରତା ନହୀଁ ଜାନ ଭଗବାନା, କାୟା ମାୟା ପିଣ୍ଡ ନ ପ୍ରାଣା ।
ପାଞ୍ଚ ତତ୍ତ୍ୱ ତୀନୋଁ ଗୁଣ ନାହୀ, ଜୋରା କାଲ ଦୀପ ନହୀଁ ଜାହୀଁ ।
ଅମର କରୂଁ ସତଲୋକ ପଠାଉଁ, ତାତୈଁ ବନ୍ଦୀଛୋଡ କହାଉଁ ॥

କବୀର ପରମେଶ୍ୱର (କବିର୍ଦେବ)ଙ୍କ ମହିମା ଗାନ କରି ଆଦରଣୀୟ ଗରୀବଦାସ ସାହେବଜୀ କହୁଛନ୍ତି ଯେ ଆମ୍ଭମାନଙ୍କର ପ୍ରଭୁ କବୀର(କବିର୍ଦେବ) ବନ୍ଦୀଛୋଡ୍ ଅଟନ୍ତି । ବନ୍ଦୀଛୋଡ୍‌ର ଭାବାର୍ଥ ହେଲା, କାଳର କାରାଗାରରୁ ମୁକ୍ତି ଦେଉଥିବା ପ୍ରଭୁ । କାଳବ୍ରହ୍ମର ଏକୋଇଶ ବ୍ରହ୍ମାଣ୍ଡରେ ସମସ୍ତ ପ୍ରାଣୀ ପାପକର୍ମ କାରଣରୁ କାଳ ଦ୍ୱାରା ବନ୍ଦୀ ଅଟନ୍ତି । ପୂର୍ଣ୍ଣ ପରମାତ୍ମା (କବିର୍ଦେବ) କବୀର ସାହେବ ପାପର ବିନାଶ କରି ଦେଇଥାନ୍ତି । ପାପର ବିନାଶ ନା ବ୍ରହ୍ମ, ନା ପରବ୍ରହ୍ମ, ନା ବ୍ରହ୍ମା, ବିଷ୍ଣୁ ଓ ଶିବ କରିପାରିବେ । ସେମାନେ କେବଳ ଯେପରି କର୍ମ ସେହିପରି ଫଳ ଦେଇଥାନ୍ତି । ତେଣୁ ଯଜୁର୍ବେଦ ଅଧ୍ୟାୟ ୫ର ମନ୍ତ୍ର ନଂ ୩୨ରେ ଲେଖାଅଛି ଯେ 'କବିରଂଘାରିରସି' ଅର୍ଥାତ୍ କବିର୍ଦେବ(କବୀର ପରମେଶ୍ୱର) ପାପର ଶତ୍ରୁ ଅଟନ୍ତି, 'ବନ୍ଧାରିରସି' ଅର୍ଥାତ୍ ବନ୍ଧନର ଶତ୍ରୁ ଅର୍ଥାତ୍ ବନ୍ଦୀଛୋଡ୍ ଅଟନ୍ତି ।

ଏହି ପାଞ୍ଚ ଜଣ (ବ୍ରହ୍ମା-ବିଷ୍ଣୁ-ଶିବ-ମାୟା ଓ ଧର୍ମରାୟ)ଙ୍କ ଉର୍ଦ୍ଧରେ ସତ୍ୟପୁରୁଷ ପରମାତ୍ମା (କବିର୍ଦେବ) ଅଛନ୍ତି ଯିଏ ସତ୍ୟଲୋକର ମାଲିକ ଅଟନ୍ତି । ଅନ୍ୟ ସମସ୍ତ ପ୍ରଭୁ ପରବ୍ରହ୍ମ-ବ୍ରହ୍ମ ତଥା ବ୍ରହ୍ମା-ବିଷ୍ଣୁ-ଶିବ ଓ ଆଦିମାୟା ନାଶବାନ ପରମାତ୍ମା ଅଟନ୍ତି । ମହାପ୍ରଳୟରେ ଏମାନଙ୍କର ସମସ୍ତ ଲୋକ ତଥା ଏମାନେ ସମସ୍ତେ ସମାପ୍ତ ହୋଇଯିବେ । କିନ୍ତୁ ଏମାନଙ୍କର ଆୟୁଷ ସାଧାରଣ ଜୀବଙ୍କଠାରୁ ବହୁ ହଜାର ଗୁଣ ଅଧିକ ଅଟେ । ପରନ୍ତୁ ନିର୍ଦ୍ଧାରିତ ସମୟ ଦିନେ ଅବଶ୍ୟ ପୂର୍ଣ୍ଣ ହେବ । ଆଦରଣୀୟ ଗରୀବ ଦାସଜୀ ମହାରାଜ କୁହନ୍ତି :-

ଶିବ ବ୍ରହ୍ମା କା ରାଜ, ଇନ୍ଦ୍ର ଗିନ୍‌ତୀ କହାଁ । ଚାର ମୁକ୍ତି ବୈକୁଣ୍ଠ ସମଝ, ୟେତା ଲହ୍ୟା ॥
ଶଙ୍କ ଜୁଗନ କୀ ଜୁନୀ, ଉମ୍ର ବଡ ଘାରିୟା । ଜା ଜନନୀ କୁର୍ବାନ, ସୁ କାଗଜ ପାରିୟା ॥
ୟେତୀ ଉମ୍ର ବୁଲନ୍ଦ ମେରୈଗା ଅନ୍ତ ରେ । ସତଗୁରୁ ଲଗେ ନା କାନ, ନ ଭୈଂଟେ ସନ୍ତରେ ॥

ଏକ ଶଙ୍ଖଯୁଗର ଲମ୍ବା ଆୟୁ ହୋଇଥିଲେ ମଧ୍ୟ ଦିନେ ତାହା ନିଶ୍ଚୟ ସମାପ୍ତ ହେବ । ଯଦି ସତପୁରୁଷ ପରମାତ୍ମା (କବିର୍ଦେବ) କବୀର ସାହେବଙ୍କ ପ୍ରତିନିଧି ପୂର୍ଣ୍ଣସନ୍ତ (ଗୁରୁ) ଯିଏ ତିନିନାମର ମନ୍ତ୍ରଦୀକ୍ଷା(ଯେଉଁଥିରେ ଏକ ଓଁ + ତତ୍ + ସତ୍ ସାଙ୍କେତିକ ଅଟେ) ଦିଅନ୍ତି ତଥା ତାଙ୍କୁ ମଧ୍ୟ ପୂର୍ଣ୍ଣସନ୍ତଙ୍କ ଦ୍ୱାରା ନାମଦାନ କରିବାର ଆଦେଶ ଅଛି । ତାଙ୍କ ନିକଟରୁ ଉପଦେଶ ନେଇ ଯେତେବେଳେ ଆମ୍ଭେ ନାମର ଉପାର୍ଜନ କରିବା ସେତେବେଳେ ଯାଇ ଆମ୍ଭେ ସତ୍ୟଲୋକର ଅଧିକାରୀ ହଂସ ହୋଇପାରିବା । ସତ୍ୟସାଧନା ବିନା ଲମ୍ବା ଆୟୁ କୌଣସି କାର୍ଯ୍ୟରେ ଆସେ ନାହିଁ କାରଣ ଏହି ନିରଞ୍ଜନର ଲୋକରେ କେବଳ ଦୁଃଖ ହିଁ ଦୁଃଖ ମିଳିଥାଏ ।

କବୀର, ଜୀବନା ତୋ ଥୋଡା ହୀ ଭଲା, ଜୈ ସତ ସୁମରନ ହୋୟ ।
ଲାଖ ବର୍ଷ କା ଜୀବନା, ଲେଖୈ ଧରୈ ନା କୋୟ ॥

❑ ଯଦି ସତ୍ୟସାଧନା କରୁଛନ୍ତି ତେବେ ଅଳ୍ପ ଆୟୁ ଭଲ । ଯଦି ସତ୍ୟପୁରୁଷଙ୍କର ସତ୍ୟସାଧନା ନ କରି କାଳବ୍ରହ୍ମ ଓ ଦେବୀ-ଦେବତାଙ୍କ ପୂଜା ତଥା ପ୍ରାଣାୟାମ ଆଦି କରି ଦୀର୍ଘ ଆୟୁ ବଞ୍ଚୁଥିବା ବ୍ୟକ୍ତିର କୌଣସି ଲେଖା(Account) ମୋକ୍ଷ ମାର୍ଗରେ ଗଣତି କରାଯିବ ନାହିଁ । ଯେତେ ଲମ୍ବା ଆୟୁ(ଶଙ୍କର ଭଗବାନଙ୍କ ପରି) ମିଳିଲେ ମଧ୍ୟ ଦିନେ ନା ଦିନେ ମୃତ୍ୟୁ ଅବଶ୍ୟ ହେବ । ଭକ୍ତି ଭୁଲ୍ କାରଣରୁ ଜନ୍ମ-ମୃତ୍ୟୁ ଚକ୍ର ସଦାସର୍ବଦା ପାଇଁ ଲଗି ରହିବ । ଏହିଭଳି ଆୟୁରୁ କିଛି ଲାଭ ମିଳିବ ନାହିଁ ।

କବୀର ସାହେବ ନିଜ(ପୂର୍ଣ୍ଣବ୍ରହ୍ମ) ବିଷୟରେ ସ୍ୱୟଂ ବିବରଣୀ ଦେଇ କହୁଛନ୍ତି ଯେ ଏହି ସମସ୍ତ ପରମାତ୍ମାମାନଙ୍କ ଉର୍ଦ୍ଧରେ ଅସଙ୍ଖ୍ୟ ଭୂଜା ବିଶିଷ୍ଟ ପରମାତ୍ମା ସତ୍ୟପୁରୁଷ ଅଛନ୍ତି ଯିଏ ସତ୍ୟଲୋକ (ସଚ୍ଚଖଣ୍ଡ, ସତ୍‌ଧାମ)ରେ ରୁହନ୍ତି । ତାଙ୍କ ଅନ୍ତର୍ଗତ ଏହି ସମସ୍ତ ଲୋକ {ବ୍ରହ୍ମ(କାଳ)ଙ୍କ ୨୧ ବ୍ରହ୍ମାଣ୍ଡ, ବ୍ରହ୍ମା, ବିଷ୍ଣୁ, ଶିବ ଶକ୍ତିଙ୍କ ଲୋକ ତଥା ପରବ୍ରହ୍ମଙ୍କ ସାତଶଙ୍ଖ ବ୍ରହ୍ମାଣ୍ଡ ଓ ଅନ୍ୟ ସମସ୍ତ ବ୍ରହ୍ମାଣ୍ଡ} ଥାଏ ଏବଂ କେବଳ ସତ୍ୟନାମ-ସାରନାମର ଜପ ଦ୍ୱାରା ସେଠାରେ ପହଞ୍ଚିହେବ ଯାହା ପୂର୍ଣ୍ଣ ଗୁରୁଙ୍କଠାରୁ ହିଁ ପ୍ରାପ୍ତ ହୋଇଥାଏ । ଯେଉଁ ଆତ୍ମା ସଚ୍ଚଖଣ୍ଡ (ସତ୍ୟଲୋକ)କୁ ଚାଲିଯାଏ ତା'ର ଆଉ ପୂନର୍ଜନ୍ମ ହୋଇନଥାଏ । ସତ୍ୟପୁରୁଷ (ପୂର୍ଣ୍ଣବ୍ରହ୍ମ) କବୀର ସାହେବ(କବିର୍ଦେବ) ସ୍ୱୟଂ ଅନ୍ୟ ସମସ୍ତ ଲୋକରେ ଭିନ୍ନ-ଭିନ୍ନ ନାମ ଧାରଣକରି ବିରାଜମାନ ଅଛନ୍ତି । ଯେପରି ଅଲଖ ଲୋକରେ ଅଲଖ ପୁରୁଷ, ଅଗମ ଲୋକରେ ଅଗମ ପୁରୁଷ ତଥା ଅକହ ଲୋକରେ ଅନାମୀ ପୁରୁଷ ରୂପରେ ବିରାଜମାନ ଅଛନ୍ତି । ଏହା ତାଙ୍କ ଉପମାତ୍ମକ ନାମ ଅଟେ, ପରନ୍ତୁ ସେହି ପୂର୍ଣ୍ଣ ପୁରୁଷଙ୍କର ବାସ୍ତବିକ ନାମ କବିର୍ଦେବ(ଭାଷା ଭିନ୍ନ ହୋଇ କବୀର ସାହେବ) ହୋଇଛି ? ।

"ଆଦରଣୀୟ ନାନକ ସାହେବଜୀଙ୍କ ବାଣୀରେ ସୃଷ୍ଟି ରଚନାର ସଙ୍କେତ"

ଶ୍ରୀ ନାନକ ସାହେବଜୀଙ୍କ ଅମୃତବାଣୀ, ମହାଲା ୧, ରାଗ ବିଲାବଲୁ, ଅଂଶ ୧ (ଗୁ.ଗ୍ର.ପୃ.୮୩୯)

ଆପେ ସଚୁ କୀଆ କର ଜୋଡି । ଅଣ୍ଡଜ୍ ଫୋଡି ଯୋଡି ବିଛୋଡ୍ ॥
ଧରତୀ ଆକାଶ କୀଏ ବୈସଣ କଉ ଥାଉ । ରାତି ଦିନନ୍ତୁ କୀଏ ଭଉ-ଭାଉ ॥
ଜିନ କୀଏ କରି ବେଖଣହାରା (୩)
ତ୍ରିତୀଆ ବ୍ରହ୍ମା - ବିସନୁ - ମହେସା । ଦେବୀ ଦେବ ଉପାଏ ଓ୍ୱେସା ॥୪॥
ପଉଣ ପାଣୀ ଅଗନୀ ବିସରାଉ । ତାହୀ ନିରଞ୍ଜନ ସାଚୋ ନାଉ ॥
ତିସୁ ମହି ମନୁଆ ରହିଆ ଲିବ ଲାଇ । ପ୍ରଣବତି ନାନକୁ କାଲୁ ନଖାଇ ॥୧୦॥

ଉକ୍ତ ଅମୃତବାଣୀର ଭାବାର୍ଥ ଏହା ଯେ ସତ୍ୟ ପରମାତ୍ମା (ସତ୍ୟପୁରୁଷ) ସ୍ୱୟଂ ନିଜ ହାତରେ ସମସ୍ତ ସୃଷ୍ଟିର ରଚନା କରିଛନ୍ତି । ସେ ହିଁ ଅଣ୍ଡା ତିଆରି କଲେ, ପୁଣି ଫଟାଇଲେ ତଥା ସେଥିମଧ୍ୟରୁ ଜ୍ୟୋତି ନିରଞ୍ଜନ ବାହାରିଲା । ସେହି ପୂର୍ଣ୍ଣ ପରମାତ୍ମା ସର୍ବ ପ୍ରାଣୀଙ୍କର ରହିବା ପାଇଁ ଧରିତ୍ରୀ, ଆକାଶ, ପବନ, ପାଣି ଆଦି ପାଞ୍ଚତତ୍ତ୍ୱର ରଚନା କଲେ । ନିଜେ ରଚନା କରିଥିବା ସୃଷ୍ଟିର ସେ ସ୍ୱୟଂ ସାକ୍ଷୀ ଅଟନ୍ତି । ଅନ୍ୟ କେହି ସଠିକ୍ ବିବରଣୀ ଦେଇପାରିବ ନାହିଁ । ପୁଣି ଅଣ୍ଡା ଫୁଟି ସେଥିରୁ

ନିରଞ୍ଜନ ବାହାରିବା ପରେ ତିନି ଦେବତା ଶ୍ରୀ ବ୍ରହ୍ମା, ଶ୍ରୀବିଷ୍ଣୁ, ଶ୍ରୀ ଶିବଙ୍କର ଉତ୍ପତ୍ତି ହେଲା ତଥା ଅନ୍ୟ ଦେବୀ-ଦେବତା ଉତ୍ପନ୍ନ ହେଲେ ତଥା ଅଗଣିତ ଜୀବମାନଙ୍କର ଉତ୍ପତ୍ତି ହେଲା । ଏହାପରେ ଅନ୍ୟ ଦେବତାମାନଙ୍କର ଜୀବନ ଚରିତ୍ର ତଥା ଅନ୍ୟ ଋଷିମାନଙ୍କ ଅନୁଭବରୁ ଛଅ ଶାସ୍ତ୍ର ତଥା ଅଠର ପୁରାଣର ରଚନା ହେଲା । ଶ୍ରୀ ନାନକଜୀ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କର ବାସ୍ତବିକ ନାମ (ସତ୍ୟନାମ)ର ସାଧନା ଅନନ୍ୟ ମନରେ କରିବା ଦ୍ୱାରା ତଥା ଗୁରୁ ମର୍ଯ୍ୟାଦାରେ ରହିବା ବ୍ୟକ୍ତି(ପ୍ରଣବତୀ)କୁ କାଳ ଗ୍ରାସ କରେ ନାହିଁ ।

ରାଗ ମାରୁ(ଅଂଶ) ଅମୃତବାଣୀ ମହଲା ୧ (ଗୁ.ଗ୍ର.ପୃ. ୧୦୩୭)

ସୁନହୁ ବ୍ରହ୍ମା, ବିସନୁ, ମହେସୁ ଉପାଏ । ସୁନେ ବରତେ ଯୁଗ୍ ସବାଏ ॥
ଇସୁ ପଦ୍ ବିଚାରେ ସୋ ଜନୁ ପୁରା । ତିସ ମିଲିଏ ଭରମୁ ଚୁକାଇଦା ॥ ୩
ସାମ ବେଦୁ, ରୁଗୁ ଜୁଜରୁ ଅଥରବଣୁ । ବ୍ରହମେଁ ମୁଖ ମାଇଆ ହେ ତ୍ରୈଗୁଣ ॥
ତା କୀ କୀମତ୍ କହି ନ ସକୈ । କୋ ତିଉ ବୋଲେ ଜିଉ ବୁଲାଇଦା ॥୯॥

ଉପରୋକ୍ତ ଅମୃତ ବାଣୀର ସାରାଂଶ ଏହା ଯେ ଯେଉଁ ସନ୍ଥ ପୂର୍ଣ୍ଣ ସୃଷ୍ଟି ରଚନା ବିଷୟ ଶୁଣାଇ ପାରିବେ ତଥା କହିଦେବେ ଯେ ଅଣ୍ଡା ଦୁଇ ଭାଗ ହୋଇ କିଏ ବାହାରିଲା, ଯିଏ ପୁଣି ବ୍ରହ୍ମଲୋକର ଶୂନ୍ୟରେ ଅର୍ଥାତ୍ ଗୁପ୍ତସ୍ଥାନରେ ବ୍ରହ୍ମା-ବିଷ୍ଣୁ-ଶିବଜୀଙ୍କର ଉତ୍ପତ୍ତି କଲେ । ସେହି ପରମାତ୍ମା କିଏ ଅଟନ୍ତି ଯିଏ ବ୍ରହ୍ମ(କାଳ) ମୁଖରେ ଚାରି ବେଦ (ପବିତ୍ର ଋଗବେଦ, ଯଜୁର୍ବେଦ, ସାମ୍‌ବେଦ, ଅଥର୍ବବେଦ) ଉଚ୍ଚାରଣ କରାଇଲେ । ସେହି ପୂର୍ଣ୍ଣ ପରମାତ୍ମା ଯେପରି ଚାହିଁବେ ସେହିପରି ପ୍ରତ୍ୟେକ ପ୍ରାଣୀକୁ ଡାକିଥାନ୍ତି । ଏହି ସମସ୍ତ ଜ୍ଞାନକୁ ସଂପୂର୍ଣ୍ଣ ରୂପେ ବତାଇ ପାରୁଥିବା ସନ୍ଥ ଯଦି ମିଳିଯିବେ ତେବେ ତାଙ୍କ ପାଖକୁ ଯାଆନ୍ତୁ ଯିଏ ସମସ୍ତ ଶଙ୍କାର ପୂର୍ଣ୍ଣ ନିବାରଣ କରିଥାନ୍ତି, ସେ ହିଁ ପୂର୍ଣ୍ଣସନ୍ଥ ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଟନ୍ତି ।

ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ୯୨୯ *ଅମୃତ ବାଣୀ ଶ୍ରୀ ନାନକ ସାହେବଜୀଙ୍କ 'ରାଗ ରାମକଲୀ' ମହଲା ୧ ଦଖଣୀ ଓଅଙ୍କାର ।*

ଓଅଙ୍କାରି ବ୍ରହ୍ମା ଉତପତ୍ତୀ । ଓଅଙ୍କାରୂ କୀଆ ଜିନି ଚିତ୍ । ଓଅଙ୍କାରି ସୈଲ୍ ଜୁଗ ଭଏ । ଓଅଙ୍କାରି ବେଦ ନିରମୟେ । ଓଅଙ୍କାରି ସବଦି ଉଧରେ । ଓଅଙ୍କାରି ଗୁରୁମୁଖି ତରେ । ଓନମ ଅଖର ସୁଣହୂ ବୀଚାରୁ । ଓନମ ଅଖରୁ ତ୍ରିଭବଣ ସାରୁ ।

ଉପରୋକ୍ତ ଅମୃତବାଣୀରେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ଓଁକାର ଅର୍ଥାତ୍ ଜ୍ୟୋତି ନିରଞ୍ଜନ(କାଳ)ଠାରୁ ବ୍ରହ୍ମାଙ୍କ ଉତ୍ପତ୍ତି ହେଲା । ବହୁ ଯୁଗ ପର୍ଯ୍ୟନ୍ତ ମଉଜ କରି ଓଁକାର (ବ୍ରହ୍ମ) ବେଦର ଉତ୍ପତ୍ତି କଲେ ଯାହା ବ୍ରହ୍ମାଙ୍କୁ ପ୍ରାପ୍ତ ହେଲା । ତିନି ଲୋକର ଭକ୍ତିର କେବଳ ଗୋଟିଏ 'ଓମ୍' ମନ୍ତ୍ର ହିଁ ବାସ୍ତବରେ ଜପ କରିବା ଉଚିତ୍ । ପୂର୍ଣ୍ଣସନ୍ଥଙ୍କଠାରୁ ଉପଦେଶ ନେଇ ଅର୍ଥାତ୍ ଗୁରୁ ଧାରଣ କରି ଜପ କରିବା ଦ୍ୱାରା ଉଦ୍ଧାର ହୋଇଥାଏ ।

ବିଶେଷ:- ଶ୍ରୀ ନାନକ ସାହେବଜୀ ଅନେକ ସ୍ଥାନରେ ଏହି ତିନିମନ୍ତ୍ର (ଓମ୍ +ତତ୍ + ସତ୍)ର ରହସ୍ୟାତ୍ମକ ବିବରଣୀ ଦେଇଛନ୍ତି । ଏହାକୁ କେବଳ ପୂର୍ଣ୍ଣସନ୍ଥ (ତତ୍ତ୍ୱଦର୍ଶୀ ସନ୍ଥ) ହିଁ ବୁଝି ପାରିବେ ଏବଂ ତିନି ମନ୍ତ୍ରର ଜପ ବିଷୟରେ କେବଳ ଉପଦେଶୀଙ୍କୁ ବୁଝାଇ କୁହାଯାଇଥାଏ ।

(ପୃଷ୍ଠା-୧୦୩୮) ଉତ୍ତମ ସତିଗୁରୁ ପୁରୁଷ ନିରାଲେ, ସବଦି ରତେ ହରି ରସ ମତବାଲେ ।
ରିଧି, ବୁଧି, ସିଧି, ଗିଆନ ଗୁରୁତେ ପାଇଏ, ପୂରେ ଭାଗ ମିଲାଇଦା ॥ ୧୫॥
ସତିଗୁରୁ ତେ ପାଏ ବୀଚାରା, ଶୁନ୍ ସମାଧି ସଚେ ଘରବାରା ।
ନାନକ ନିରମଲ ନାଦୁ ସବଦ ଧୁନି, ସଚୁ ରାମୈ ନାମି ସମାଇଦା (୧୭)

ଉପରୋକ୍ତ ଅମୃତବାଣୀର ଭାବାର୍ଥ ଏହା ଯେ ବାସ୍ତବିକ ଜ୍ଞାନଦାତା ସଦଗୁରୁ ବିରଳ ଅଟନ୍ତି, ସେ କେବଳ ନାମ ମନ୍ତ୍ର ଜପିବାକୁ କହିଥାନ୍ତି, ଅନ୍ୟ ହଠଯୋଗ(କଠିନ ତପସ୍ୟା) ସାଧନା ବତାନ୍ତି ନାହିଁ । ଯଦି ଆପଣଙ୍କୁ ଧନ ଦୌଲତ, ପଦ-ପଦବୀ, ବୁଦ୍ଧି ବା ଭକ୍ତି-ଶକ୍ତି ମଧ୍ୟ ଆବଶ୍ୟକ ଅଛି

ତେବେ ସେହି ଭକ୍ତି ମାର୍ଗର ଜ୍ଞାନକୁ ପୂର୍ଣ୍ଣସନ୍ତ ହିଁ ପୂର୍ଣ୍ଣ ରୂପେ ପ୍ରଦାନ କରିବେ, ଏହିଭଳି ପୂର୍ଣ୍ଣସନ୍ତ ଭାଗ୍ୟରେ ଥିଲେ ମିଳନ୍ତି । ସେହି ପୂର୍ଣ୍ଣସନ୍ତଙ୍କ ବିବରଣୀ କହେ ଯେ ଉପରେ ଶୂନ୍ୟ (ଆକାଶ)ରେ ଆମ୍ଭ ବାସ୍ତବିକ ଘର(ସତ୍ୟଲୋକ)ର ରଚନା ପରମେଶ୍ୱର କରି ରଖିଛନ୍ତି ।

ସେଠାରେ ଏକ ବାସ୍ତବିକ ସାରନାମର ଧ୍ୱନୀ(ଶବ୍ଦ) ପ୍ରତିଧ୍ୱନିତ ହେଉଛି । ସେହି ଆନନ୍ଦରେ ଅବିନାଶୀ ପରମେଶ୍ୱରଙ୍କ ସାରଶବ୍ଦ ମିଶାଇ ଦିଆଯିବ ଅର୍ଥାତ୍ ସେହି ବାସ୍ତବିକ ସୁଖଦାୟୀ ସ୍ଥାନରେ ଆମ୍ଭର ନିବାସ ହୋଇପାରିବ, ଅନ୍ୟ ନାମ ଜପ ବା ଅଜ୍ଞାନୀ ଗୁରୁମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିବ ନାହିଁ ।

ଆଂଶିକ ଅମୃତବାଣୀ ମହଲା ପହଲା (ଶ୍ରୀ ଗୁ.ଗ୍ର.ପୃ.୩୫୯- ୩୬୦)

ସିବ ନଗରୀ ମାହୀ ଆସଣି ବୈସଉ କଲପ ତ୍ୟାଗୀ ବାଦ ॥୧॥
ସିଂଙୀ ସବଦ ସଦା ଧୁନି ସୋହୈ ଅହିନିସି ପୂରୈ ନାଦ ॥୨॥
ହରି କିରତୀ ରହ ରାସି ହମାରୀ ଗୁରୁ ମୁଖ ପନ୍ଥୁ ଅତୀତଂ ॥୩॥
ସଗଲୀ ଜୋତି ହମାରୀ ସମିଆଁ ନାନା ବରଣ ଅନେକଂ ।
କହ ନାନକ ଶୁଣି ଭରଥରୀ ଯୋଗୀ ପାରବ୍ରହ୍ମ ଲିବ ଏକଂ ॥୪॥

ଉପରୋକ୍ତ ଅମୃତବାଣୀର ଭାବାର୍ଥ ଏହା ଯେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ! ହେ ଭରଥରୀ ଯୋଗୀ ଆପଣଙ୍କ ସାଧନା ଭଗବାନ ଶିବଙ୍କ ପର୍ଯ୍ୟନ୍ତ ସୀମିତ, ଏହି ସାଧନା ଦ୍ୱାରା ଆପଣଙ୍କୁ ଶିବ ନଗରୀ(ଲୋକ)ରେ ସ୍ଥାନ ମିଳିଛି ଏବଂ ଶରୀରରେ ଯେଉଁ ସିଂଗୀ ଶବ୍ଦ ଶୁଭୁଛି ତାହା ସେହି କମଳଗୁଡିକର ଅଟେ ଏବଂ ଟେଲିଭିଜନ ଭଳି ଏହା ପ୍ରତ୍ୟେକ ଦେବତାଙ୍କ ଲୋକରୁ ଶରୀର ମଧ୍ୟରେ ଶୁଣାଯାଉଛି ।

ଆମ୍ଭେ ତ ଏକ ପରମାତ୍ମା ପାରବ୍ରହ୍ମ ଅର୍ଥାତ୍ ସବୁଠାରୁ ଉର୍ଦ୍ଧରେ ଯେଉଁ ପୂର୍ଣ୍ଣ ପରମାତ୍ମା ଅଛନ୍ତି ସେହି ଏକ ପରମାତ୍ମାଙ୍କଠାରେ ଲୟ (ଅନନ୍ୟ ମନରେ ଧ୍ୟାନ) କରିଥାଉ ।

ଆମ୍ଭେ ଉପର ଦେଖାଣିଆ (ଭସ୍ମ ଲଗାଇବା, ହାତରେ ଆଶା ବାଡି ଧରିବା) ଆଦି କର୍ମ କରି ନ ଥାଉ । ମୁଁ ସମସ୍ତ ପ୍ରାଣୀଙ୍କୁ ଏକ ପୂର୍ଣ୍ଣ ପରମାତ୍ମା(ସତ୍ୟପୁରୁଷ)ଙ୍କର ସନ୍ତାନ ବୋଲି ଭାବିଥାଏ । ସମସ୍ତେ ସେହି ଶକ୍ତିଙ୍କ ଦ୍ୱାରା କାର୍ଯ୍ୟକ୍ଷମ । ଆମ୍ଭ ମୁଦ୍ରା ତ ସତ୍ୟ ନାମ ଯାହା ଗୁରୁଙ୍କ ଠାରୁ ପ୍ରାପ୍ତ କରି ଜପ କରିବାର ଅଛି ତଥା କ୍ଷମା କରିବା ଆମର ବାଣା (ବେଶଭୂଷା) ଅଟେ । ମୁଁ ତ ପୂର୍ଣ୍ଣ ପରମାତ୍ମାଙ୍କ ଉପାସକ ଅଟେ ତଥା ପୂର୍ଣ୍ଣ ସଦଗୁରୁଙ୍କ ଭକ୍ତି ମାର୍ଗ ଏହା ଅପେକ୍ଷା ଭିନ୍ନ ଅଟେ ।

ଅମୃତ ବାଣୀ ରାଗ ଆସା ମହଲା ୧ (ଶ୍ରୀ.ଗୁ.ଗ୍ର. ପୃ. ୪୨୦)

॥ ଆସା ମହଲା ॥ ଜିନୀ ନାମୁ ବିସାରିଆ ଦୂଜୈ ଭରମି ଭୁଲାଇ । ମୂଲୁ ଛୋଡି ଡାଲୀ ଲଗେ କିଆ ପାବହି ଛାଇ ॥ ୧॥ ସାହିବୁ ମେରା ଏକୁ ହେ ଅବରୁ ନହୀଁ ଭାଇ । କିରପା ତେ ସୁଖୁ ପାଇଆ ସାଚେ ପରଥାଇ ॥୩॥ ଗୁରୁ କୀ ସେବା ସୋ କରେ ଜିସୁ ଆପି କରାଏ । ନାନକ ସିରୁ ଦେ ଛୂଟୀ ଏ ଦରଗହ ପତି ପାଏ ॥୮॥ ॥୧୮॥

ଉପରୋକ୍ତ ବାଣୀର ଭାବାର୍ଥ ଏହା ଯେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ପୂର୍ଣ୍ଣ ପରମାତ୍ମାଙ୍କ ବାସ୍ତବିକ ନାମ ଭୂଲିଯାଇ ଯେଉଁମାନେ ଅନ୍ୟ ଭଗବାନଙ୍କ ନାମ ଜପରେ ଭ୍ରମିତ ହେଉଛନ୍ତି ସେମାନେ ଏପରି କରୁଛନ୍ତି ଯେପରି ମୂଳ(ପୂର୍ଣ୍ଣ ପରମାତ୍ମା)କୁ ଛାଡି (ତିନିଗୁଣ ରୂପୀ ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ଡାଳର ସିଞ୍ଚନ(ପୂଜା)କରୁଛନ୍ତି । ସେହି ସାଧନା ଦ୍ୱାରା କୌଣସି ସୁଖ ମିଳି ନଥାଏ ଅର୍ଥାତ୍ ଗଛ ଶୁଖିଗଲେ ଆଉ ଛାଇରେ ବସି ପାରିବେ ନାହିଁ । ଭାବାର୍ଥ ଏହା ଯେ ଶାସ୍ତ୍ରବିଧି ରହିତ ସାଧନା କରିବା ବ୍ୟର୍ଥ ପ୍ରୟାସ ଅଟେ । ଏହାଦ୍ୱାରା କୌଣସି ଲାଭ ମିଳେ ନାହିଁ । ଏହାର ପ୍ରମାଣ ପବିତ୍ର ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୩-୨୪ରେ ମଧ୍ୟ ଅଛି । ସେହି ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ କରିବା ପାଇଁ ମନମୁଖୀ (ମନଇଚ୍ଛା) ସାଧନା ତ୍ୟାଗ କରି ପୂର୍ଣ୍ଣ ଗୁରୁଦେବଙ୍କୁ ସମର୍ପଣ କରିବା ଦ୍ୱାରା ତଥା ବାସ୍ତବିକ ନାମ ଜପ ଦ୍ୱାରା ହିଁ ମୋକ୍ଷ ସମ୍ଭବ ହେବ,

ନଚେତ୍ ମୃତ୍ୟୁ ଉପରାନ୍ତ ନର୍କକୁ ଯିବ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ ୮୪୩-୮୪୪)

॥ ବିଲାବଲୁ ମହଲା ୧ ॥ ମୈଁ ମନ୍‌ଚାହୁ ଘଣା ସାଚି ବିଗାସୀ ରାମ । ମୋହୀ ପ୍ରେମ ପିରେ ପ୍ରଭୁ ଅବିନାସୀ ରାମ ॥ ଅବିଗତୋ ହରି ନାଥୁ ନାଥହ ତିସୈ ଭାବୈ ସୋ ଥୀଏ । କିରପାଲୁ ସଦା ଦଇଆଲୁ ଦାତା ଜୀଆ ଅଂଦରି ତୂଁ ଜୀଏ । ମୈଂ ଆଧାରୁ ତେରା ତୂ ଖସମୁ ମେରା ମୈ ତାଣୁ ତକୀଆ ତେରଓ । ସାଚି ସୂଚା ସଦା ନାନକ ଗୁରସବଦି ଝଗରୁ ନିବେରଓ ॥୪॥୨॥

ଉପରୋକ୍ତ ଅମୃତ ବାଣୀରେ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ଅବିନାଶୀ ପୂର୍ଣ୍ଣ ପରମାତ୍ମା ନାଥମାନଙ୍କର ମଧ୍ୟ ନାଥ ଅଟନ୍ତି, ଅର୍ଥାତ୍ ଦେବଙ୍କର ଦେବ ଅଟନ୍ତି (ସର୍ବପ୍ରଭୁ ଶ୍ରୀ ବ୍ରହ୍ମା, ଶ୍ରୀ ବିଷ୍ଣୁ, ଶ୍ରୀ ଶିବ ତଥା ବ୍ରହ୍ମ ଓ ପରବ୍ରହ୍ମଙ୍କର ମଧ୍ୟ ନାଥ ଅଟନ୍ତି ଅର୍ଥାତ୍ ସ୍ୱାମୀ ଅଟନ୍ତି) ମୁଁ ତ ବାସ୍ତବିକ ନାମକୁ ହୃଦୟରେ ଧାରଣ କରିସାରିଛି । ହେ ପରମାତ୍ମା ! ସର୍ବ ପ୍ରାଣୀଙ୍କର ଜୀବନ ଆଧାର ଆପଣ ହିଁ ଅଟନ୍ତି । ମୁଁ ଆପଣଙ୍କ ଚରଣରେ ଆଶ୍ରିତ, ଆପଣ ମୋର ମାଲିକ ଅଟନ୍ତି । ଆପଣ ହିଁ ଗୁରୁ ରୂପରେ ଆସି ସତ୍ୟଭକ୍ତିର ନିର୍ଣ୍ଣାୟକ ଜ୍ଞାନ ଦେଇ ସମସ୍ତ ଝଗଡା ସମାପ୍ତ କରିଦେଲେ ଅର୍ଥାତ୍ ସମସ୍ତ ଶଙ୍କାର ସମାଧାନ କରିଦେଲେ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ ୭୨୧, ରାଗ ତିଲଙ୍ଗ ମହଲା ୧)

ୟକ ଅର୍ଜ ଗୁଫତମ ପେଶ ତୋ ଦର କୂନ କରତାର ।
ହକକା କବୀର କରୀମ ତୁ ବେଅବ ପରବରଦିଗାର ।
ନାନକ ବୁଗୋୟଦ ଜନ ତୁରା ତେରେ ଚାକରାଂ ପାଖାକ ।

ଉପରୋକ୍ତ ଆମୃତବାଣୀ ଏହା ସ୍ପଷ୍ଟ କରିଦେଲା ଯେ ହେ (ହକ୍କା କବୀର) ଆପଣ ସତ୍ କବୀର (କୂନ୍ କରତାର) ଶବ୍ଦ ଶକ୍ତିରେ ରଚନା କରିଥିବା ଶବ୍ଦ ସ୍ୱରୂପୀ ପ୍ରଭୁ ଅର୍ଥାତ୍ ସର୍ବ ସୃଷ୍ଟିର ରଚୟିତା ଅଟନ୍ତି, ଆପଣ ହିଁ ବେଏବ୍ ନିର୍ବିକାର (ପରବରଦିଗାର) ସମସ୍ତଙ୍କର ପାଳନକର୍ତ୍ତା ଦୟାଳୁ ପ୍ରଭୁ ଅଟନ୍ତି । ମୁଁ ଆପଣଙ୍କ ଦାସଙ୍କର ଦାସ ଅଟେ ।

(ଶ୍ରୀ ଗୁରୁଗ୍ରନ୍ଥ ସାହେବ ପୃଷ୍ଠା ନଂ୨୪, ରାଗ ସୀରୀ ମହଲା ୧)

ତେରା ଏକ ନାମ ତାରେ ସଂସାର, ମୈଁ ଏହା ଆସ ଏହୋ ଆଧାର ।
ନାନକ ନୀଚ କହୈ ବିଚାର, ଧାଣକ ରୂପ ରହା କର୍‌ତାର ॥

ଉପରୋକ୍ତ ଅମୃତବାଣୀରେ ଏହା ପ୍ରମାଣ କରିଛନ୍ତି ଯେ ଯିଏ କାଶୀର ଧାଣକ(ବୁଣାକାର) ସେ ହିଁ(କରତାର) ସୃଷ୍ଟିର ସ୍ରଷ୍ଟା ଅଟନ୍ତି । ଅତି ଅଧିନ ହୋଇ ଶ୍ରୀ ନାନକ ସାହେବଜୀ କହୁଛନ୍ତି ଯେ ମୁଁ ସତ୍ୟ କହୁଛି, ଏହି ଧାଣକ(ବୁଣାକାର) ଅର୍ଥାତ୍ କବୀର ତନ୍ତି ହିଁ ପୂର୍ଣ୍ଣବ୍ରହ୍ମ (ସତ୍ୟପୁରୁଷ) ଅଟନ୍ତି ।

ବିଶେଷ:- ଉପରୋକ୍ତ ପ୍ରମାଣଗୁଡିକର ସାଙ୍କେତିକ ଜ୍ଞାନରୁ ପ୍ରମାଣିତ ହେଲା ଯେ ଏହି ସୃଷ୍ଟିର ରଚନା କିପରି ହୋଇଥିଲା ? ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ କରିବା ଉଚିତ୍ ଯାହା ପୂର୍ଣ୍ଣସନ୍ଥଙ୍କଠାରୁ ନାମ ନେଲା ପରେ ହିଁ ସମ୍ଭବ ହେବ ।

"ଅନ୍ୟ ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି ରଚନାର ମନଗଢା କାହାଣୀ"

ଅନ୍ୟ ସନ୍ଥମାନଙ୍କ ଦ୍ୱାରା ସୃଷ୍ଟି ରଚନାର ଯେଉଁ ଜ୍ଞାନ କୁହାଯାଇଛି ତାହା କ'ଣ ? କୃପାକରି ନିମ୍ନରେ ପଢନ୍ତୁ :- ସୃଷ୍ଟି ରଚନା ବିଷୟରେ ରାଧାସ୍ୱାମୀ ପନ୍ଥ ଓ ଧନ-ଧନ ସତଗୁରୁ ପନ୍ଥର ସନ୍ଥମାନଙ୍କର ବିଚାର :-

ପବିତ୍ର ପୁସ୍ତକ ଜୀବନ ଚରିତ୍ର ପରମ ସନ୍ଥ ବାବା ଜୟମଲ ସିଂହଜୀ ମହାରାଜ "ପୃଷ୍ଠା ନଂ ୧୦୨-୧୦୩ ରେ "ସୃଷ୍ଟି କୀ ରଚନା" (ସାଓ୍ୱନ କୃପାଳ ପବ୍ଲିକେସନ, ଦିଲ୍ଲୀ)

"ପହଲେ ସତ୍ୟପୁରୁଷ ନିରାକାର ଥା, ଫିର ଇଜହାର(ଆକାର) ମେଁ ଆୟା ତୋ ଉପର କେ ତିନି ନିର୍ମଳ ମଣ୍ଡଳ (ସତ୍‌ଲୋକ, ଅଲଖଲୋକ, ଅଗମଲୋକ) ବନ ଗୟା ତଥା ପ୍ରକାଶ ତଥା ମଣ୍ଡଳୋଁ କା

ନାଦ (ଧ୍ୱନୀ) ବନ ଗୟା ।"

ପବିତ୍ର ପୁସ୍ତକ ସାରବଚନ (ନସର) ପ୍ରକାଶକ - ରାଧାସ୍ୱାମୀ ସତସଙ୍ଗ ସଭା, ଦୟାଲବାଗ ଆଗ୍ରା, "ସୃଷ୍ଟି କୀ ରଚନା" ପୃଷ୍ଠା ୮୧ ।

"ପ୍ରଥମ ଧୂଂଧୂଂକାର ଥା । ଉସମେଁ ପୁରୁଷ ସୁନ୍ନ ସମାଧ ମେଁ ଥେ, ଯବ କୁଛ ରଚନା ନେହିଁ ହୁଇ ଥି । ଫିର ଯବ ମୌଜ ହୁଈ ତବ ପ୍ରକଟ ହୁଆ ଔର ଉସ୍‌ସେ ସବ୍ ରଚନା ହୁଇ, ଔର ଫିର୍ ସତ୍‌ପୁରୁଷ କେ କଲା ସେ ତିନ ଲୋକ ଔର ସବ ବିସ୍ତାର ହୁଆ ।"

ଏହି ଜ୍ଞାନ ଏପରି ଯେପରି କୌଣସି ପିଲା ଏକଦା ଚାକିରି ପାଇଁ ସାକ୍ଷାତକାର (ଇଣ୍ଟରଭ୍ୟୁ) ଦେବାକୁ ଯାଇଛି । ଅଧିକାରୀ ପଚାରିଲେ ଆପଣ ମହାଭାରତ ପଢିଛନ୍ତି କି ? ପିଲା ଉତ୍ତର ଦେଲା; ପାଣି ଭଳି ସବୁ ମୁଖସ୍ଥ କରିରଖିଛି । ଅଧିକାରୀ ପ୍ରଶ୍ନ କଲେ ପଞ୍ଚୁପାଣ୍ଡବଙ୍କ ନାମ କୁହ ? ପିଲା ଉତ୍ତର ଦେଲା, ଜଣେ ଭୀମ, ଜଣେ ତାଙ୍କ ବଡ ଭାଇ ଥିଲେ, ଜଣେ ତାଙ୍କ ଛୋଟ ଭାଇ ଥିଲା, ଆଉ ଜଣେ ମଧ୍ୟ ଥିଲେ, ଜଣଙ୍କର ନାମ ମୁଁ ଭୁଲିଗଲି ଇତ୍ୟାଦି । ଉପରୋକ୍ତ ସୃଷ୍ଟି ରଚନାର ଜ୍ଞାନ ଏହି ଭଳି ଅଟେ ।

ସତ୍‌ପୁରୁଷ ଓ ସତ୍‌ଲୋକର ମହିମା ଗାନ କରୁଥିବା ସନ୍ତ, ପାଞ୍ଚନାମ (ଓଁକାର-ଜ୍ୟୋତି ନିରଞ୍ଜନ -ରରଂକାର-ସୋହଂ-ସତ୍ୟନାମ) ତଥା ତିନିନାମ (ଅକାଳମୂର୍ତ୍ତୀ-ସତ୍ୟପୁରୁଷ-ଶବ୍ଦ ସ୍ୱରୂପୀ ରାମ) ଦେଉଥିବା ସନ୍ତମାନଙ୍କ ଦ୍ୱାରା ରଚିତ କିଛି ପୁସ୍ତକର ନିଷ୍କର୍ଷ :-

ସନ୍ତମତ ପ୍ରକାଶ ଭାଗ ୩ ପୃଷ୍ଠା ୭୬ରେ ଲେଖାଅଛି ଯେ "ସଚ୍ଚଖଣ୍ଡ ବା ସତ୍‌ନାମ ଚତୁର୍ଥ ଲୋକ ଅଟେ", ଏଠାରେ "ସତନାମ"କୁ ସ୍ଥାନ ବୋଲି କୁହାଯାଇଛି । ପୁଣି ଏହି ପବିତ୍ର ପୁସ୍ତକର ପୃଷ୍ଠା ନଂ ୭୬ରେ ଲେଖାଅଛି ଯେ "ଏକ ରାମ ଦଶରଥ କା ବେଟା, ଦ୍ୱିତୀୟ ରାମ "ମନ", ତୃତୀୟ ରାମ "ବ୍ରହ୍ମ", ଚତୁର୍ଥ ରାମ "ସତ୍‌ନାମ", ଏହା ଅସଲି ରାମ ଅଟେ । ପୁଣି ପବିତ୍ର ପୁସ୍ତକ ସନ୍ତମତ ପ୍ରକାଶ ପ୍ରଥମ ଭାଗ ପୃଷ୍ଠା ନଂ ୧୭ରେ ଲେଖାଅଛି ଯେ ଏହା "ସତ୍‌ଲୋକ" ଅଟେ, ଏହାକୁ ହିଁ ସତନାମ କୁହାଯାଏ । "ପବିତ୍ର ପୁସ୍ତକ" 'ସାରବଚନ ନସର ଅର୍ଥାତ ବାର୍ତ୍ତୀକ' ପୃଷ୍ଠା ନଂ ୩ରେ ଲେଖାଅଛି ଯେ "ଏବେ ଏହା ବୁଝିବା ଉଚିତ୍ ଯେ ରାଧା ସ୍ୱାମୀ ପଦ ସବୁଠାରୁ ଉଚ୍ଚ ସ୍ଥାନ ଅଟେ ଯାହାକୁ ସନ୍ତମାନେ ସତ୍‌ଲୋକ ଏବଂ ସଚ୍ଚଖଣ୍ଡ ଏବଂ ସାରଶବ୍ଦ ଏବଂ ସତ୍‌ଶବ୍ଦ, ଏବଂ ସତ୍‌ନାମ ଏବଂ ସତ୍ୟପୁରୁଷ ରୂପେ ବର୍ଣ୍ଣନା କରିଛନ୍ତି । ପବିତ୍ର ପୁସ୍ତକ ସାର ବଚନ(ନସର) ଆଗ୍ରାରୁ ପ୍ରକାଶିତ ପୃଷ୍ଠା ନଂ ୪ରେ ମଧ୍ୟ ଏହି ବର୍ଣ୍ଣନ ଅଛି । ପବିତ୍ର ପୁସ୍ତକ "ସଚ୍ଚଖଣ୍ଡ କୀ ସଡକ'' ପୃଷ୍ଠା ନଂ ୨୨୬ ସନ୍ତମାନଙ୍କର ଦେଶ ସଚ୍ଚଖଣ୍ଡ ବା ସତ୍‌ଲୋକ ଅଟେ, ଏହାକୁ ସତ୍‌ନାମ-ସତ୍‌ଶବ୍ଦ-ସାରଶବ୍ଦ କୁହାଯାଏ ।

ବିଶେଷ:- ଉପରୋକ୍ତ ବ୍ୟାଖ୍ୟା ଏପରି ଲାଗିଲା ଯେପରି କେହି ଜୀବନରେ ନା କେବେ ସହର ଦେଖିଛି, ନା କାର୍ ଦେଖିଛି, ନା ପେଟ୍ରୋଲ ଦେଖିଛି, ନା ଡ୍ରାଇଭିଙ୍ଗ ଜ୍ଞାନ ତା'ର ଅଛି, ନା ଡ୍ରାଇଭର କାହାକୁ କୁହାଯାଏ ବୋଲି ସେ ଜାଣିଛି ? ଏବଂ ସେହି ବ୍ୟକ୍ତି ଯଦି ଅନ୍ୟ ସାଥିମାନଙ୍କୁ କହିବ ଯେ ମୁଁ କାର୍‌ରେ ବସି ସହରକୁ ଯାଏ, କାର୍‌ରେ ବସି ଆନନ୍ଦିତ ହୁଏ, ପୁଣି ସାଥିମାନେ ପଚାରିଲେ, କାର୍ ଦେଖିବାକୁ କିପରି ? ପେଟ୍ରୋଲ କ'ଣ ? ଡ୍ରାଇଭର କିପରି ଅଟନ୍ତି ? ସହର ଦେଖିବାକୁ କିପରି ? ସେହି ଗୁରୁ ଉତ୍ତର ଦେଲେ ଯେ ସହର କୁହନ୍ତୁ କି କାର୍ କୁହନ୍ତୁ ଏକା କଥା, ସହର ବି କାର୍, ପେଟ୍ରୋଲକୁ ବି କାର୍ କୁହାଯାଏ, କାର୍‌କୁ ମଧ୍ୟ ଡ୍ରାଇଭର କୁହାଯାଏ, ସଡକକୁ ମଧ୍ୟ କାର୍ କୁହାଯାଏ ।

ଆସନ୍ତୁ ବିଚାର କରିବା - ସତ୍‌ପୁରୁଷ ତ ପୂର୍ଣ୍ଣ ପରମାତ୍ମା ଅଟନ୍ତି । ସତ୍‌ନାମ ସେହି ଦୁଇ ମନ୍ତର ନାମ ଅଟେ ଯେଉଁଥିରେ ଗୋଟିଏ ଓମ୍ + ତତ୍ ଯାହା ସାଙ୍କେତିକ ଅଟେ ତଥା ଏହା ପରେ ସାଧକକୁ ପୂର୍ଣ୍ଣଗୁରୁଙ୍କ ଦ୍ୱାରା ସାରନାମ ଦିଆଯାଇଥାଏ । ସତ୍‌ନାମ ଓ ସାର୍‌ନାମ ଏହି ଦୁଇଟି "ସୁମିରଣ" କରିବାର ନାମ ଅଟେ । ସତ୍‌ଲୋକ ସେହି ସ୍ଥାନ ଯେଉଁଠି ସତ୍‌ପୁରୁଷ ରୁହନ୍ତି । ପୂଣ୍ୟାତ୍ମାଗଣ ସ୍ୱୟଂ ନିର୍ଣ୍ଣୟ କରନ୍ତୁ କେଉଁଟି ସତ୍ୟ ଓ କେଉଁଟି ଅସତ୍ୟ ।

❑❑❑

ଭକ୍ତି ମର୍ଯ୍ୟାଦା

ନାମଦୀକ୍ଷା ନେବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକୀୟ ସୂଚନା

ପୂର୍ଣ୍ଣଗୁରୁଙ୍କର ପରିଚୟ:- ଦୀକ୍ଷା ନେବାକୁ ଚାହୁଁଥିବା ବ୍ୟକ୍ତି ସର୍ବପ୍ରଥମେ ଗୁରୁଙ୍କୁ ଚିହ୍ନନ୍ତୁ ଓ ତା'ପରେ ଦୀକ୍ଷା ଗ୍ରହଣ କରନ୍ତୁ । ଆଜିର କଳିଯୁଗରେ ଭକ୍ତ ସମାଜ ସମ୍ମୁଖରେ ପୂର୍ଣ୍ଣ ଗୁରୁଙ୍କୁ ଚିହ୍ନିବା ସବୁଠାରୁ ଜଟିଳ ପ୍ରଶ୍ନ ଅଟେ । କିନ୍ତୁ ଏହାର ଉତ୍ତର ଅତି ସହଜ ଓ ସରଳ ଅଟେ । ଯେଉଁ ଗୁରୁ ଶାସ୍ତ୍ରାନୁସାରେ ନିଜେ ଭକ୍ତି କରବା ସହିତ ନିଜ ଅନୁଗାମୀ ଅର୍ଥାତ୍ ଶିଷ୍ୟମାନଙ୍କୁ ଭକ୍ତି କରାନ୍ତି, ସେ ପୂର୍ଣ୍ଣସନ୍ଥ ଅଟନ୍ତି । କାରଣ ଧାର୍ମିକ ଶାସ୍ତ୍ରଗୁଡିକ ଭକ୍ତିମାର୍ଗର ସନ୍ନିଧାନ ସଦୃଶ । ଯେପରି କବୀର ସାହେବଙ୍କ ବାଣୀ, ନାନକ ସାହେବଙ୍କ ବାଣୀ, ସନ୍ଥ ଗରୀବ ଦାସଜୀ ମହାରାଜଙ୍କ ବାଣୀ, ସନ୍ଥ ଧର୍ମଦାସଜୀ ସାହେବଙ୍କ ବାଣୀ, ବେଦ, ଗୀତା, ପୁରାଣ, କୋରାନ ଓ ପବିତ୍ର ବାଇବେଲ ଇତ୍ୟାଦି । ଯେଉଁ ସନ୍ଥ ଶାସ୍ତ୍ରାନୁସାରେ ଭକ୍ତି ସାଧନା ବତାଇବା ସହିତ ତଦନୁସାରେ ଭକ୍ତ ସମାଜକୁ ମାର୍ଗଦର୍ଶନ କରାଇଥାନ୍ତି ସେ ପୂର୍ଣ୍ଣ ସନ୍ଥ ଅଟନ୍ତି । ଅନ୍ୟଥା ଯିଏ ଶାସ୍ତ୍ରବିରୁଦ୍ଧ ସାଧନା ଦେଉଛନ୍ତି ସେ ଭକ୍ତ ସମାଜର ଘୋର ଶତ୍ରୁ ଅଟନ୍ତି । ସେମାନେ ଅମୂଲ୍ୟ ମାନବ ଜୀବନ ସହିତ ଖେଳ ଖେଳୁଛନ୍ତି । ଏଭଳି ଗୁରୁ ବା ସନ୍ଥଙ୍କୁ ଭଗବାନଙ୍କ ଦରବାରରେ ଘୋର ନର୍କରେ ଓଲଟା ଝୁଲାଯିବ ।

ଉଦାହରଣ ସ୍ୱରୂପ ଯଦି କୌଣସି ଅଧ୍ୟାପକ ସିଲାବସ୍ (ପାଠ୍ୟକ୍ରମ) ବହିର୍ଭୂତ ଶିକ୍ଷା ଦିଅନ୍ତି ତେବେ ସେହି ଅଧ୍ୟାପକ ବିଦ୍ୟାର୍ଥୀମାନଙ୍କର ଶତ୍ରୁ ଅଟନ୍ତି ।

ଗୀତା ଅଧ୍ୟାୟ ନଂ ୭ ଶ୍ଳୋକ ନଂ ୧୫

ନ, ମାମ୍, ଦୂଷ୍କୃତିନଃ, ମୁଢାଃ, ପ୍ରପଦ୍ୟନ୍ତେ, ନରାଧମାଃ,

ମାୟୟା, ଅପହୃତଜ୍ଞାନାଃ, ଆସୁରଂ, ଭାବଂ, ଆଶ୍ରିତାଃ ॥

ଅନୁବାଦ:- ତ୍ରିଗୁଣମୟୀ ମାୟା ଅର୍ଥାତ୍ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କ ଦ୍ୱାରା ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି ଅର୍ଥାତ୍ ଯେଉଁମାନେ ଏହି ତିନି ଦେବତାଙ୍କ ଉର୍ଦ୍ଧରେ ଥିବା ପ୍ରଭୁଙ୍କୁ ପୂଜା କରନ୍ତି ନାହିଁ ସେମାନେ ଏହି ତିନି ଦେବତାଙ୍କ ଉପରେ ସମ୍ପୂର୍ଣ୍ଣ ଆସକ୍ତ ଅଟନ୍ତି । ଏଭଳି ବ୍ୟକ୍ତି ଅସୁର ସ୍ୱଭାବକୁ ଧାରଣ କରି ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂଢ ମନୁଷ୍ୟ ମୋତେ ମଧ୍ୟ ଭଜନ୍ତି ନାହିଁ ଅର୍ଥାତ୍ ସେମାନେ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ର ସାଧନା କରିଥାନ୍ତି । ଯଜୁର୍ବେଦ ଅଧ୍ୟାୟ ନଂ ୪୦ ଶ୍ଳୋକ ନଂ ୧୦ (ସନ୍ଥ ରାମପାଲଜୀଙ୍କ ଦ୍ୱାରା ଅନୁବାଦିତ)

ଅନ୍ୟଦେବାହୁଃସମ୍ଭବାଦନ୍ୟଦାହୁରସମ୍ଭବାତ୍,

ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍ୱିଚଚକ୍ଷିରେ ॥ ୧୦ ॥

ଅନୁବାଦ :- ପରମାତ୍ମାଙ୍କ ବିଷୟରେ ସାଧାରଣତଃ ନିରାକାର ଅର୍ଥାତ୍ କେବେ ଜନ୍ମ ନେଉନଥିବା (ଅଜନ୍ମା) କହିଥାନ୍ତି । ଅନ୍ୟ ଆକାରରେ ଜନ୍ମ ଗ୍ରହଣକରି ଅବତାର ରୂପେ ଆସୁଥିବା କହିଥାନ୍ତି । ଯେଉଁ (ଧୀରାଣାମ୍) ପୂର୍ଣ୍ଣ ଜ୍ଞାନୀଜନ ଭଲ ଭାବରେ ଶୁଣାଇଥାନ୍ତି, ସେହି ପରମାତ୍ମା

ଜନ୍ମ ନେଇଥାନ୍ତି କି ଜନ୍ମ ନେଇ ନଥାନ୍ତି, ଏହି ବିଷୟରେ ଠିକ୍‌ରେ ଅର୍ଥାତ୍ ଯଥାର୍ଥ ରୂପରେ ଭିନ୍ନ ଭିନ୍ନ ରୂପରେ ପ୍ରତ୍ୟକ୍ଷ ଜ୍ଞାନ କରାନ୍ତି । ସେହି ଜ୍ଞାନୀ ମହାତ୍ମାଙ୍କଠାରୁ ପରମେଶ୍ୱରଙ୍କ ବିଷୟରେ ସଠିକ୍ ଜ୍ଞାନ ଶୁଣ ।(ଯଜୁର୍ବେଦ ଅଧ୍ୟାୟ ୪ଶ୍ଳୋକ ୧୦)

ଗୀତା ଅଧ୍ୟାୟ ନଂ ୪ର ଶ୍ଳୋକ ନଂ ୩୪

ତତ୍, ବିଦ୍ଧି, ପ୍ରଣିପାତେନ, ପରିପ୍ରଶ୍ନେନ, ସେବୟା,

ଉପଦେକ୍ଷ୍ୟନ୍ତି, ତେ, ଜ୍ଞାନମ୍, ଜ୍ଞାନିନଃ, ତତ୍ତ୍ୱଦର୍ଶିନଃ ॥

ଅନୁବାଦ :- ହେ ଅର୍ଜୁନ ! ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ କୁହାଯାଇଛି ଯେ(ବ୍ରହ୍ମଣଃ) ସଚ୍ଚିଦାନନ୍ଦ ଘନ ବ୍ରହ୍ମ ଅର୍ଥାତ୍ ଅକ୍ଷର ବ୍ରହ୍ମ(ମୁଖେ) ନିଜ ମୁଖ କମଳରେ ଉଚ୍ଚାରଣ କରିଥିବା ବାଣୀରେ ଯେଉଁ ଯଥାର୍ଥ ଆଧ୍ୟାତ୍ମିକ ଜ୍ଞାନ ବାତାଇଥାନ୍ତି, ତାହା ତତ୍ତ୍ୱଜ୍ଞାନ ଅଟେ । ସେହି ଜ୍ଞାନକୁ ତୁ ବୁଝିବାକୁ ଚେଷ୍ଟା କର । ସେହି ପୂର୍ଣ୍ଣ ପରମାତ୍ମାଙ୍କ ଜ୍ଞାନ ଓ ସମାଧାନକୁ ଜାଣିବା ବାଲା ସନ୍ଥଙ୍କୁ ଭଲ ଭାବେ ଦଣ୍ଡବତ ପ୍ରଣାମ କରିବା ଦ୍ୱାରା, ତାଙ୍କ ସେବା କରିବା ଦ୍ୱାରା ଏବଂ କପଟ ଭାବ ତ୍ୟାଗ କରି ସରଳତା ପୂର୍ବକ ପ୍ରଶ୍ନ କରିବା ଦ୍ୱାରା ପରମାତ୍ମା ତତ୍ତ୍ୱକୁ ଭଲ ଭାବେ ଜାଣିଥିବା ସେହି ଜ୍ଞାନୀ ମହାତ୍ମା ତୁମକୁ ତତ୍ତ୍ୱଜ୍ଞାନର ଉପଦେଶ ଦେବେ । ପୂର୍ଣ୍ଣଗୁରୁଙ୍କ ଅନ୍ୟ ପରିଚୟ :-

ସୂକ୍ଷ୍ମବେଦରେ ଗୁରୁଙ୍କ ଲକ୍ଷଣ ବିଷୟରେ ଏହି ପ୍ରକାରେ କୁହାଯାଇଛି :-

ଗରିବ, ସଦଗୁରୁ କେ ଲକ୍ଷନ କହୁଁ, ମଧୁର ବୈନ୍ ବିନୋଦ ।

ଚାର ବେଦ ଛଃ ଶାସ୍ତ୍ର କହ ଅଠାରହ ବୋଧ ॥

ସନ୍ଥ ଗରିବ ଦାସଜୀ (ଗ୍ରାମ- ଛୁଡାନୀ, ଜିଲ୍ଲା- ଝଜ୍ଜର, ହରିୟାଣା)ଙ୍କୁ ପରମେଶ୍ୱର କବିରଜୀ ମିଳିଥିଲେ । ତାଙ୍କ ଆତ୍ମାକୁ ଉପରେ ଥିବା ନିଜ ସତ୍ୟଲୋକକୁ ନେଇଗଲେ । ଉପରର ସମସ୍ତ ଲୋକ ଅବଲୋକନ କରାଇ ପୁନର୍ବାର ପୃଥିବୀ ପୃଷ୍ଠରେ ଛାଡିଲେ । ସଂମ୍ପୂର୍ଣ୍ଣ ଆଧ୍ୟତ୍ମିକ ଜ୍ଞାନ ସହିତ ତାଙ୍କୁ ପରିଚିତ କରାଇଲେ । ପରମେଶ୍ୱର କବୀରଜୀ ତାଙ୍କ ଜ୍ଞାନଯୋଗ ଖୋଲି ଦେଇଥିଲେ । ସେହି ଆଧାରରେ ସନ୍ଥ ଗରୀବ ଦାସଜୀ ଗୁରୁଙ୍କ ପରିଚୟ ବତାଇ କହିଲେ ଯେ ଯିଏ ବାସ୍ତବିକ ଗୁରୁ ଅର୍ଥାତ୍ ସଦଗୁରୁ ହୋଇଥିବେ ସେ ଏଭଳି ଜ୍ଞାନ ବତାଇବେ ଯେଉଁ ବଚନ ଆତ୍ମାକୁ ଆନନ୍ଦିତ କରିଦେବ, ବହୁତ ମଧୁର ଲାଗିବ କାରଣ ତାହା ସତ୍ୟ ଉପରେ ଆଧାରିତ ହୋଇଥାଏ । ଏହାର କାରଣ ସେ ଚାରି ବେଦ ଓ ସର୍ବ ଶାସ୍ତ୍ରର ଜ୍ଞାନ ବିସ୍ତାରର ସହିତ ବତାଇଥାନ୍ତି ।

ଏହି ପ୍ରମାଣ ପରମେଶ୍ୱର କବୀରଜୀ ସୂକ୍ଷ୍ମ ବେଦରେ କବୀର ସାଗର ଅଧ୍ୟାୟ "ଜୀବ ଧର୍ମ ବୋଧ''ର ପୃଷ୍ଠା ୧୯୬୦ରେ ଦେଇଛନ୍ତି :-

ଗୁରୁ କେ ଲକ୍ଷଣ ଚାର ବଖାନା, ପ୍ରଥମ ବେଦ କୋ ଜ୍ଞାନ (ଜ୍ଞାତା) ।
ଦୁଜେ ହରି ମନ କର୍ମ ବାନୀ, ତିସରେ ସମଦଷ୍ଟି କର ଜାନୀ ।
ଚୌଥେ ବେଦ ବିଧି ସବ କର୍ମା, ୟହ ଚାର ଗୁରୁ ଗୁଣ ଜାନୋ ମର୍ମା ।

ଭାବାର୍ଥ :- ତତ୍ତ୍ୱଦର୍ଶୀ ସନ୍ଥ (ପୂର୍ଣ୍ଣ ସତଗୁରୁ) ମୁଖ୍ୟତଃ ଚାରୋଟି ଗୁଣର ଅଧିକାରୀ ହୋଇଥିବେ ।

୧. ସେ ବେଦ ଓ ଅନ୍ୟ ସମସ୍ତ ଗ୍ରନ୍ଥର ପୂର୍ଣ୍ଣ ଜ୍ଞାନୀ ହୋଇଥିବେ ।

୨. ଦ୍ୱିତୀୟରେ ସେ ମନ-କର୍ମ-ବଚନରେ ପରମାତ୍ମାଙ୍କ ଭକ୍ତି ସ୍ୱୟଂ କରନ୍ତି, କେବଳ କଥାରେ ନୁହେଁ, ତାଙ୍କ ଉଚ୍ଚାରଣ ଓ ଆଚରଣରେ କୌଣସି ପ୍ରଭେଦ ନ ଥାଏ ।

୩. ସେ ନିଜର ସମସ୍ତ ଅନୁଯାୟୀଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ତାଙ୍କର ଉଚ୍ଚ-ନିଚ ଭେଦଭାବ ନଥାଏ ।

୪. ଚତୁର୍ଥରେ ସେ ବେଦ ଅନୁସାରେ ସମସ୍ତ ଭକ୍ତିକର୍ମ ସ୍ୱୟଂ କରିଥାନ୍ତି ଓ କରାଇଥାନ୍ତି । ଅର୍ଥାତ୍ ଶାସ୍ତ୍ରାନୁକୂଳ ଭକ୍ତି ସ୍ୱୟଂ କରନ୍ତି ଓ କରାନ୍ତି । ଉପରସ୍ଥ ସମସ୍ତ ପ୍ରମାଣ ସୂକ୍ଷ୍ମବେଦରେ ଅଛି ଯାହା ପରମେଶ୍ୱର ନିଜ ମୁଖ ମଣ୍ଡଳରେ ବଖାଣିଛନ୍ତି । ବର୍ତ୍ତମାନ ଆପଣଙ୍କୁ ଶ୍ରୀମଦ୍ଭ ଭାଗବତ ଗୀତାରେ ପ୍ରମାଣ ଦେଖାଯିବ ଯେ ତତ୍ତ୍ୱଦର୍ଶୀ ସନ୍ଥଙ୍କର ପରିଚୟ କ'ଣ ?

ଶ୍ରୀମଭଗବତ୍ ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ରେ ସ୍ପଷ୍ଟ କରାଯାଇଛି ଯେ :-

ଊର୍ଦ୍ଧ୍ୱଃ ମୂଳଂ ଅଧଃ ଶାଖାଂ ଅଶ୍ୱଥଂ ପ୍ରାହୁଃ ଅବ୍ୟୟଂ ।

ଛନ୍ଦାସି ଯସ୍ୟ ପ୍ରଣାନି ଯଃ ତଂ ବେଦ ସଃ ବେଦବିତ୍ ।।

ଅନୁବାଦ: ଉପରକୁ ମୂଳ (ଜଡ଼) ଓ ତଳକୁ ତିନି ଗୁଣ ରୂପକ ଶାଖା ବ୍ୟାପିଥିବା ଓଲଟା ଝୁଲୁଥିବା ଏହି ସଂସାରକୁ ଏକ ଅଶ୍ୱତଥ୍ ବୃକ୍ଷ ବୋଲି ଜାଣ । ଏହାକୁ ଅବିନାଶୀ କୁହାଯାଏ କାରଣ ଏହାର ଉତ୍ପତ୍ତି ଓ ପ୍ରଳୟ ଚକ୍ର ସଦାସର୍ବଦା ଲାଗି ରହିଥାଏ । ଏହି ସଂସାର ରୂପକ ବୃକ୍ଷର ମୂଳଠାରୁ ପତ୍ର ପର୍ଯ୍ୟନ୍ତ ବିଭାଗ (**Parts**) ରହିଛି । (ଯଃ ତଂ ବେଦ) ଯିଏ ଏହି ସଂସାର ରୂପୀ ବୃକ୍ଷର ସମସ୍ତ ବିଭାଗକୁ ତତ୍ତ୍ୱ ସହିତ ଜାଣିଥାଏ, (ସଃ) ସେ (ବେଦବିତ୍) ବେଦର ତାତ୍ପର୍ଯ୍ୟକୁ ଜାଣନ୍ତି ଅର୍ଥାତ୍ ସେ ତତ୍ତ୍ୱଦର୍ଶୀ ସନ୍ଥ ଅଟନ୍ତି । ଯେପରି ଗୀତା ଅଧ୍ୟାୟ ୪ ଶ୍ଳୋକ ୩୨ରେ କୁହାଯାଇଛି ଯେ ପରମ ଅକ୍ଷର ବ୍ରହ୍ମ ସ୍ୱୟଂ ପୃଥିବୀରେ ପ୍ରକଟ ହୋଇ ନିଜ ମୁଖାରବିନ୍ଦରେ ସେହି ତତ୍ତ୍ୱଜ୍ଞାନକୁ ବିସ୍ତୃତ ଭାବରେ କହିଥାନ୍ତି ।

"ଉପଦେଶୀଙ୍କ ପାଇଁ ମର୍ଯ୍ୟାଦା"

୧. ଆମିଷ ଓ ନିଶାଦ୍ରବ୍ୟ ସେବନ ନିଷେଧ:- ମାଛ, ମାଂସ, ଅଣ୍ଡା, ମଦ, ବିୟର, ହୁକ୍କା, ତମାଖୁ, ବିଡି, ସିଗାରେଟ୍, ହୁଲାସ (ଧୁଆଁପତ୍ର ଗୁଣ୍ଡ) ଶୁଙ୍ଘିବା, ଗୁଟ୍‌ଖା, ସୁଲ୍‌ଫା, ଅଫିମ ଓ ଗଞ୍ଜେଇ ଇତ୍ୟାଦି କୌଣସି ନିଶାଦ୍ରବ୍ୟର ସେବନ ତ ଦୂରର କଥା କାହାକୁ ଆଣି ଦେବା ମଧ୍ୟ ମନା । ବନ୍ଦୀଛୋଡ ଗରୀବ ଦାସଜୀ ମାହାରାଜ ଏହି ନିଶାଦ୍ରବ୍ୟକୁ ବହୁତ ଖରାପ କହି ନିଜ ବାଣୀରେ ବର୍ଣ୍ଣନା କରିଛନ୍ତି ଯେ:-

ସୁରାପାନ ମଦ୍ୟ ମାଂସାହାରୀ, ଗମନ କରେ ଭୋଗେ ପରନାରୀ ।

ସତର ଜନ୍ମ କଟତ ହୈଁ ଶୀଶଂ, ସାକ୍ଷୀ ସାହିବ ହୈ ଜଗଦୀଶଂ ॥

ପରଦ୍ୱାରା ସ୍ତ୍ରୀ କା ଖୋଲୈ, ସତର ଜନ୍ମ ଅନ୍ଧା ହୋୟ ଡୋଲୈ ।

ମଦିରା ପିବୈ କଡଓ୍ୱା ପାନୀ, ସତର ଜନ୍ମ ସ୍ୱାନକେ ଜାନୀ ॥

ଗରୀବ, ହୁକ୍କା ହରଦମ ପିବତେ, ଲାଲ ମିଲାବୈଁ ଧୂର ।

ଇସମେଁ ସଂଶୟ ହେ ନହୀଁ, ଜନ୍ମ ଫିଛଲେ ସୂର ॥ ୧ ॥

ଗରୀବ, ସୋ ନାରୀ ଜାରୀ କରୈ, ସୁରା ପାନ ସୌ ବାର ।

ଏକ ଚିଲମ ହୁକ୍କା ଭରୈ, ଡୁବୈ କାଲୀ ଧାର ॥ ୨ ॥

ଗରୀବ, ସୂର ଗଉ କୁଁ ଖାତ ହୈ, ଭକ୍ତି ବିହୁନେଁ ରାଡ ।

ଭାଙ୍ଗ ତମ୍ବାଖୁ ଖା ଗୟେ । ସୋ ଚାବତ ହୈଁ ହାଡ ॥ ୩ ॥

ଗରୀବ, ଭାଙ୍ଗ ତମ୍ବାଖୁ ପୀବ ହୀଁ, ସୁରା ପାନ ସୈଁ ହେତ ।

ଗୌସ୍ତ ମଟ୍‌ଟୀ ଖାୟ କର, ଜଙ୍ଗଲୀ ବନେଁ ପ୍ରେତ ॥ ୪ ॥

ଗରୀବ, ପାନ ତମ୍ବାଖୁ ଚାବ ହୀଁ, ନାସ ନାକ ମେଁ ଦେତ ।

ସୋ ତୋ ଇରାନୈ ଗଏ, ଜୁଁ୍ୟ ଭଡଭୂଜେ କା ରେତ ॥ ୫ ॥

ଗରିବ, ଭାଙ୍ଗ ତମ୍ବାଖୁ ପୀବହୀଁ, ଗୋସ୍ତ ଗଲା କବାବ ।

ମୋର ମଂଗ କୂଁ ଭଖତ ହୈଁ, ଦେଙ୍ଗେ କହୀଁ ଜବାବ ॥ ୬ ॥

୨. ତୀର୍ଥସ୍ଥାନକୁ ଯିବା ନିଷେଧ:- କୌଣସି ପ୍ରକାର ବ୍ରତ ଉପବାସ ଓ ତୀର୍ଥ ଗମନ କରିବା ନିଷେଧ । ଗଙ୍ଗାସ୍ନାନ ଓ କୌଣସି ଧାର୍ମିକସ୍ଥଳକୁ ସ୍ନାନାର୍ଥେ ବା ଦର୍ଶନାର୍ଥେ ଯିବା ମନା । କୌଣସି ମନ୍ଦିର ବା ଇଷ୍ଟଧାମକୁ ପୂଜା ଓ ଭକ୍ତି ଭାବ ନେଇ ଏଥିପାଇଁ ଯିବା ନାହିଁ ଯେ ଏହି ମନ୍ଦିରରେ ଭଗବାନ ଅଛନ୍ତି । ଭଗବାନ କୌଣସି ପଶୁ ନୁହଁନ୍ତି ଯେ ପୂଜାରୀ ତାଙ୍କୁ ମନ୍ଦିର ଭିତରେ ବାନ୍ଧି ରଖିଛି । ଭଗବାନ ପ୍ରତି କୋଣ ଓ ଅନୁକୋଣରେ ବ୍ୟାପ୍ତ । ତେଣୁ ଏହି ସମସ୍ତ ସାଧନା ଶାସ୍ତ୍ରବିରୁଦ୍ଧ ଅଟେ ।

ଥରେ ବିଚାର କରି ଦେଖବା ଯେ ଏହି ସମସ୍ତ ତୀର୍ଥସ୍ଥଳ (ଜଗନ୍ନାଥ ମନ୍ଦିର, ବଦ୍ରିନାଥ, ହରିଦ୍ୱାର, ମକ୍କା-ମଦୀନା, ଅମରନାଥ, ବୈଷ୍ଣୋଦେବୀ, ବୃନ୍ଦାବନ, ମଥୁରା, ବର୍‌ସାନା, ଅଯୋଧ୍ୟା ରାମ ମନ୍ଦିର, ଛୁଡାଣୀ ଧାମ, କାଶୀ ଧାମ ଇତ୍ୟାଦି) ତଥା ଅନ୍ୟ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାରା, ଚର୍ଚ୍ଚ ଓ ଇଷ୍ଟଧାମ ଇତ୍ୟାଦି ଗୋଟିଏ ଗୋଟିଏ ସ୍ମାରକୀ, ଯେଉଁଠାରେ ଏକଦା କୌଣସି ସନ୍ଥ ରହୁଥିଲେ । ସେମାନେ ସେଠାରେ ନିଜର ଭକ୍ତି ସାଧନା ସମ୍ପୂର୍ଣ୍ଣ କରି ଭକ୍ତି ଧନ ବଳରେ ଶରୀର ତ୍ୟାଗ କରି ନିଜ ଇଷ୍ଟଦେବଙ୍କ ଲୋକକୁ ଚାଲି ଯାଇଛନ୍ତି । ତା'ପରେ ସେହି ସାଧକମାନଙ୍କ ସ୍ମୃତି ଉଦ୍ଦେଷ୍ୟରେ କୌଣସି ବ୍ୟକ୍ତି ସେହି ସ୍ଥାନରେ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାରା, ଚର୍ଚ୍ଚ ବା ଧର୍ମଶାଳା ଇତ୍ୟାଦି ପ୍ରତିଷ୍ଠା କରିଛନ୍ତି ଯେପରି ସେମାନଙ୍କୁ ସମସ୍ତେ ମନେ ପକାଇବେ ଏବଂ ଆମ୍ଭଭଳି ତୁଚ୍ଛ ପ୍ରାଣୀମାନଙ୍କୁ ପ୍ରମାଣ ମିଳିବ ଯେ ଆମ୍ଭମାନଙ୍କୁ ମଧ୍ୟ ଏହିଭଳି କର୍ମ

କରିବା ଉଚିତ୍ ଯେପରି ଏହି ମହାନ ଆତ୍ମାଗଣ କରିଛନ୍ତି । ଏହି ସମସ୍ତ ଧାର୍ମିକସ୍ଥଳ ଆମ୍ଭମାନଙ୍କୁ ସନ୍ଦେଶ ଦେଉଛି ଯେ ଏହି ପ୍ରସିଦ୍ଧ ସନ୍ଥମାନେ ଯେଉଁଭଳି ଭକ୍ତି ସାଧନା କରିଛନ୍ତି, ସେହିଭଳି ସାଧନା ଅମ୍ଭେମାନେ ମଧ୍ୟ କରିବା ଉଚିତ୍ । ତେଣୁ ଆପଣ ଏହି ବିଧିରେ ସାଧନା କରୁଥିବା ଓ କରାଉଥିବା ସନ୍ଥଙ୍କର ଅନ୍ୱେଷଣ କରିବା ଉଚିତ୍ । ତା'ପରେ ସେ ଯେପରି ନିର୍ଦ୍ଦେଶ ଦେବେ ସେହିପରି ପାଳନ କରିବ । କିନ୍ତୁ ପରବର୍ତ୍ତୀ ସମୟରେ ଏହି ସ୍ଥାନଗୁଡିକରେ ପୂଜାପାଠ ଆରମ୍ଭ ହୋଇଗଲା ଯାହା ସମ୍ପୂର୍ଣ୍ଣ ବ୍ୟର୍ଥ ଓ ଶାସ୍ତ୍ରବିରୁଦ୍ଧ ଅଟେ ।

ଏହି ସ୍ଥାନଗୁଡିକ ଏପରି ଗୋଟିଏ ଗୋଟିଏ ନମୁନା ଯେଉଁଠାରେ କୌଣସି ମିଠା ଦୋକାନୀ ଏକଦା ଲଡୁ ଜିଲାପି, ରସଗୋଲା ଇତ୍ୟାଦି ତିଆରି କରି ନିଜେ ଖାଇବା ସହିତ ନିଜ ସାଙ୍ଗସାଥିଙ୍କୁ ଖୁଆଇ ଦୋକାନ ଭାଙ୍ଗି ଚାଲିଯାଇଛି । ଏବେ ସେହି ସ୍ଥାନରେ ନା ଦୋକାନୀ ଅଛି ନା ମିଷ୍ଟାନ୍ନ ଅଛି, କେବଳ ଭଙ୍ଗା ଚୁଲିଟା ରହିଛି । ବର୍ତ୍ତମାନ ସେହି ଚୁଲି ଆମ୍ଭକୁ ନା ମିଠା ତିଆରି ଶିଖାଇ ପାରିବ ନା ଆମ୍ଭ ଉଦର ପୂର୍ତ୍ତି କରିପାରିବ । ଯଦି କେହି କୁହେ ଯେ ଆସ ଭାଇ ! ଆପଣଙ୍କୁ ସେହି ଚୁଲି ଦେଖାଇ ଦେବି ଯେଉଁଠାରେ ଜଣେ ମିଠା ଦୋକାନୀ ମିଠା ତିଆରି କରୁଥିଲା । ତା'ପରେ ସେଠାକୁ ଯାଇ ସେହି ଚୁଲିକୁ ଦେଖି ଚୁଲି ଚାରିପଟେ ସାତଥର ବୁଲିଲେ ଆପଣଙ୍କୁ ମିଷ୍ଟାନ୍ନ ମିଳିବ କି ? ମିଠା ତିଆରି ଶିଖାଇବା ସେହି କାରିଗର ମିଳିବେ କି ? ଏଥିପାଇଁ ଆପଣଙ୍କୁ ଠିକ୍ ସେହିଭଳି ଜଣେ ମିଠା କାରିଗର ଖୋଜିବାକୁ ପଡିବ ଯିଏ ପ୍ରଥମେ ଆପଣଙ୍କୁ ମିଠା ଖୁଆଇବେ ଏବଂ ମିଠା ତିଆରି କରିବାର ବିଧି ମଧ୍ୟ ବତାଇବେ । ତା'ପରେ ସେ ଯେପରି କହିବେ ସେହିପରି ହିଁ କରିବେ, ଅନ୍ୟ କିଛି କରିବେ ନାହିଁ ।

ଠିକ୍ ଏହି ପ୍ରକାରେ ତୀର୍ଥ ସ୍ଥାନଗୁଡିକର ପୂଜା ନ କରି, ସେହିଭଳି ସନ୍ଥଙ୍କୁ ଖୋଜନ୍ତୁ ଯିଏ ଶାସ୍ତ୍ର ଅନୁସାରେ ପୂର୍ଣ୍ଣ ପରମାତ୍ମା କବୀର ସାହେବଙ୍କର ଭକ୍ତି କରୁଥିବେ ଏବଂ ବିଧି ବତାଉଥିବେ । ତା'ପରେ ସେ ଯେପରି କହିବେ ଆପଣ ଠିକ୍ ସେହିଭଳି ହିଁ କରିବେ । ମନମୁଖି ଆଚରଣ କରିବେ ନାହିଁ ।

ସାମବେଦ ସଂଖ୍ୟା ନଂ ୧୪୦୦ ଉତାର୍ଚିକ ଅଧ୍ୟାୟ ନଂ ୧୨ ଖଣ୍ଡ ନଂ ୩ ଶ୍ଳୋକ ନଂ ୫
(ସନ୍ଥ ରାମପାଲ ଦାସଙ୍କ ଦ୍ୱାରା ଅନୁବାଦିତ):-

ଭଦ୍ରା ବସ୍ତ୍ରା ସମନ୍ୟାବୋସାନୋ ମହାନ୍ କବିର୍ନିବଚନାନି ଶଂସନ୍ ।

ଆ ବଚ୍ୟସ୍ୱ ଚମ୍ବୋଃ ପୂୟମାନୋ ବିଚକ୍ଷଣୋ ଜାଗୃବିର୍ଦେବବୀତୌ ॥ ୫ ॥

ଅନୁବାଦ:- ଚତୁର ବ୍ୟକ୍ତିମାନେ ନିଜ ବଚନ ଦ୍ୱାରା ପୂର୍ଣ୍ଣ ପରମାତ୍ମା(ପୂର୍ଣ୍ଣବ୍ରହ୍ମ)ଙ୍କ ପୂଜାର ସତ୍ୟମାର୍ଗ ଦର୍ଶନ ନ କରାଇ, ଅମୃତ ସ୍ଥାନରେ ଅନ୍ୟ ଉପାସନା (ଯେପରି ଭୂତ ପୂଜା, ପିତୃ ପୂଜା, ଶ୍ରାଦ୍ଧ ଦେବା, ତିନିଗୁଣର ପୂଜା (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶଙ୍କର) ତଥା ବ୍ରହ୍ମ-କାଳଙ୍କ ପୂଜା, ମନ୍ଦିର-ମସ୍‌ଜିଦ-ଗୁରୁଦ୍ୱାର-ଚର୍ଚ୍ଚ ଓ ତୀର୍ଥ-ଉପବାସ ଆଦି ଉପାସନା) ରୂପକ ବଥ ଓ ଘା'ରୁ ବାହାରୁଥିବା ପୂଜ/ନଶାକୁ ଆଦରର ସହିତ ସେବନ କରାଉଛନ୍ତି । ତାହାକୁ ପରମ ସୁଖଦାୟକ ପୂର୍ଣ୍ଣବ୍ରହ୍ମ କବୀର ସଶରୀରେ ସାଧାରଣ ବେଶଭୂଷାରେ ("ବସ୍ତ୍ରର ଅର୍ଥ ବେଶଭୂଷା ଯାହାକୁ ସନ୍ଥ ଭାଷାରେ ଚୋଲା ମଧ୍ୟ କହନ୍ତି, ଯେପରି କୌଣସି ସନ୍ଥ ଶରୀର

ତ୍ୟାଗ କଲେ କୁହାଯାଏ ଯେ ମହାତ୍ମା ତ ଚୋଲା ଛାଡିଗଲେ'') ସତ୍ୟଲୋକର ଶରୀର ପରି ଭିନ୍ନ ଏକ ହାଲୁକା ତେଜମୟ ଶରୀର ଧାରଣ କରି ସାଧାରଣ ବ୍ୟକ୍ତିଙ୍କ ପରି ଜୀବନଯାପନ କରି କିଛିଦିନ ସଂସାରରେ ରହି ନିଜ ଶବ୍ଦ-ସାକ୍ଷୀ ମାଧ୍ୟମରେ କହିଥାନ୍ତି । ସେ ପୂର୍ଣ୍ଣ ପରମାତ୍ମାଙ୍କ ବିଷୟରେ ଅର୍ଥାତ୍ ନିଜ ବିଷୟରେ ଲୁକାୟିତ ହୋଇ ରହିଥିବା ବାସ୍ତବିକ ସତ୍ୟଜ୍ଞାନ ଓ ଭକ୍ତିକୁ ଜାଗ୍ରତ କରିଥାନ୍ତି ।

ଗୀତା ଅଧ୍ୟାୟ ୧୬ ଶ୍ଳୋକ ନଂ ୨୩

ଯଃ, ଶାସ୍ତ୍ରବିଧିଂ, ଉତ୍ସୃଜ୍ୟ, ବର୍ତ୍ତତେ, କାମକାରତଃ ।

ନ ସଃ ସିଦ୍ଧିମ୍, ଆବାପ୍ନୋତି, ନ ସୁଖଂ, ନ ପରାଂ ଗତିମ୍ ॥

ଅନୁବାଦ:- ଯେଉଁ ବ୍ୟକ୍ତି ଶାସ୍ତ୍ରବିଧି ତ୍ୟାଗ କରି ନିଜ ଇଚ୍ଛା ଅନୁସାରେ ମନମୁଖୀ ଆଚରଣ କରିଥାନ୍ତି ସେ ନା ସିଦ୍ଧି ପ୍ରାପ୍ତ କରିଥାନ୍ତି, ନା ପରମଗତି ନା ସୁଖ ପ୍ରାପ୍ତ କରିଥାନ୍ତି ।

ଗୀତା ଅଧ୍ୟାୟ ୬ ଶ୍ଳୋକ ନଂ ୧୬

ନ, ଅତି, ଅଶ୍ନତଃ, ତୁ, ଯୋଗଃ, ଅସ୍ତି, ନ, ଚ, ଏକାନ୍ତଂ ଅନଶ୍ନତଃ ।

ନ,ଚ, ଅତି, ସ୍ୱପ୍ନଶୀଳସ୍ୟ, ଜାଗ୍ରତଃ, ନ, ଏବ, ଚ, ଅର୍ଜୁନ ॥

ଅନୁବାଦ:- ହେ ଅର୍ଜୁନ ! ଏହି ଯୋଗ ଅର୍ଥାତ୍ ଭକ୍ତି, ନା ଅଧିକ ଖାଉଥିବା ନା ଆଦୌ ଖାଉନଥିବା ଅର୍ଥାତ୍ ବ୍ରତ-ଉପବାସ କରୁଥିବା ବ୍ୟକ୍ତି, ନା ଏକାନ୍ତ ସ୍ଥାନରେ ଧ୍ୟାନରେ ବସି ସାଧନା କରୁଥିବା ବ୍ୟକ୍ତି, ନା ଅଧିକ ଶୟନ ସ୍ୱଭାବଯୁକ୍ତ ନା ସର୍ବଦା ଜାଗ୍ରତ ରହୁଥିବା ବ୍ୟକ୍ତିର ସିଦ୍ଧ ହୋଇଥାଏ ।

ପୂଜେଁ ଦେଈ ଧାମ କୋ, ଶିଶ ହଲାବୈ ଜୋ । ଗରୀବଦାସ ସାଚୀ କହେ, ହଦ କାଫିର ହୈ ସୋ ॥

କବୀର, ଗଙ୍ଗା କାଠେ ଘର କରେ, ପୀବୈ ନିର୍ମଳ ନୀର । ମୁକ୍ତି ନହୀଁ ହରି ନାମ ବିନ, ସତଗୁରୁ କହୈଁ କବୀର ॥

କବୀର, ତୀର୍ଥ କର-କର ଜଗ ମୂବା, ଉଡେ ପାନୀ ନହାୟ । ରାମ ହୀ ନାମ ନା ଜପା, କାଲ ଘସୀଟେ ଜାୟ ॥

ଗରୀବ,ପୀତଲ ହୀ କା ଥାଲ ହୈ, ପୀତଲ କା ଲୋଟା । ଜଡ ମୂରତ କୋ ପୂଜତେଁ, ଆଓ୍ୱେଗା ଟୋଟା ॥

ଗରୀବ, ପୀତଲ ଚମଚା ପୂଜିୟେ, ଜୋ ଥାଲ ପରୋସୈ । ଜଡ ମୁରତ କିସ କାମକୀ, ମତି ରହୋ ଭରସୈ ॥
କବୀର, ପର୍ବତ ପର୍ବତ ମୈଁ ଫିରୟା, କାରଣ ଅପନେ ରାମ । ରାମ ସରୀଖେ ଜନ ମିଲେ, ଜିନ ସାରେ ସବ କାମ ॥

୩. ଦେବୀ-ଦେବତା ଓ ପିତୃପୁରୁଷ ପୂଜା ନିଷେଧ:- କୌଣସି ପ୍ରକାରର ପିତୃ ପୂଜା ଓ ଶ୍ରାଦ୍ଧ ଦେବା କିଛି ବି କରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ପିତୃପୁରୁଷ ଓ ଭୂତଙ୍କ ପୂଜା କରିବା ପାଇଁ ସମ୍ପୂର୍ଣ୍ଣ ମନା କରିଛନ୍ତି । ଗୀତା ଅଧ୍ୟାୟ ୯ ଶ୍ଳୋକ ନଂ ୨୫ରେ କୁହାଯାଇଛି ଯେ -

ଯାନ୍ତି, ଦେବବ୍ରତାଃ, ଦେବାନ୍, ପିତୃତ୍ରନ୍, ଯାନ୍ତି, ପିତୃବ୍ରତାଃ ।

ଭୂତାନି, ଯାନ୍ତି, ଭୂତେଜ୍ୟାଃ, ମଦ୍ୟାଜିନଃ, ଅପି, ମାମ୍ ॥

ଅନୁବାଦ:- ଦେବତାମାନଙ୍କର ପୂଜା କରୁଥିବା ମନୁଷ୍ୟ ଦେବତାମାନଙ୍କୁ ପ୍ରାପ୍ତ ହୁଅନ୍ତି,

ପିତୃପୁରୁଷଙ୍କର ଉପାସକ ପିତୃପୁରୁଷଙ୍କୁ ପ୍ରାପ୍ତ ହୁଅନ୍ତି, ଭୂତପ୍ରେତଙ୍କର ଉପାସକ ଭୂତପ୍ରେତଙ୍କୁ ପ୍ରାପ୍ତ ହୁଅନ୍ତି ଏବଂ ମୋତେ ପୂଜା କରୁଥିବା ଭକ୍ତ ମୋଠାରୁ ଲାଭାନ୍ୱିତ ହୁଅନ୍ତି । ବନ୍ଦୀଛୋଡ ଗରୀବ ଦାସଜୀ ମହାରାଜ ଓ କବୀର ସାହେବଜୀ ମହାରାଜ କୁହନ୍ତି ଯେ-

"ଗରୀବ, ଭୂତ ରମୈ ସୋ ଭୂତ ହୈ, ଦେବ ରମୈ ସୋ ଦେବ ।

ରାମ ରମୈ ସୋ ରାମ ହୈ, ସୁନୋ ସକଲ ସୁର ଭେବ ॥''

ଏଥିପାଇଁ ସେହି (ପୂର୍ଣ୍ଣ ପରମାତ୍ମା) ପରମେଶ୍ୱରଙ୍କର ଭକ୍ତି କରନ୍ତୁ ଯାହାଙ୍କ ଦ୍ୱାରା ପୂର୍ଣ୍ଣମୁକ୍ତି ହୋଇ ପାରିବ । ସେହି ପରମାତ୍ମା ପୂର୍ଣ୍ଣବ୍ରହ୍ମ ସତ୍ୟପୁରୁଷ (ସତ୍ୟ କବୀର) ଅଟନ୍ତି । ଏହାର ପ୍ରମାଣ ଗୀତା ଅଧ୍ୟାୟ ୧୮ ଶ୍ଳୋକ ନଂ ୪୬ରେ ଅଛି ।

ଯତଃ ପ୍ରବୃତିର୍ଭୂତାନାଂ ଯେନ ସର୍ବମିଦଂ ତତମ ।

ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ॥୪୬॥

ଅନୁବାଦ : ଯେଉଁ ପରମେଶ୍ୱରଙ୍କଠାରୁ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଛି ଏବଂ ଯାହାଙ୍କଠାରୁ ସମସ୍ତ ଜଗତ ବ୍ୟାପ୍ତ, ମନୁଷ୍ୟ ନିଜ ସ୍ୱଭାବିକ କର୍ମ ଦ୍ୱାରା ସେହି ପରମେଶ୍ୱରଙ୍କୁ ପୂଜା କରି ପରମ ସିଦ୍ଧି ପ୍ରାପ୍ତ କରିଥାଏ ॥୬୩ ॥

ଗୀତା ଅଧ୍ୟାୟ ୧୮ ଶ୍ଳୋକ ନଂ ୬୨ରେ :-

ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।

ତତ୍‌ପ୍ରସାଦାତ୍‌ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍‌ସ୍ୟସି ଶାଶ୍ୱତମ୍ ॥୬୨॥

ଅନୁବାଦ : ହେ ଭରତ ବଂଶୋଦ୍ଭବ ଅର୍ଜୁନ ! ତୁମେ ସର୍ବ ଭାବରେ ସେହି ଈଶ୍ୱରଙ୍କ ଶରଣକୁ ଚାଲିଯାଅ । ତାଙ୍କ କୃପାରୁ ତୁମେ ପରମଶାନ୍ତି ଓ ଅବିନାଶୀ ପରମପଦ ପ୍ରାପ୍ତ କରିବ ।

ସର୍ବଭାବର ତାତ୍ପର୍ଯ୍ୟ ହେଲା ଅନ୍ୟ କୌଣସି ପୂଜା ନ କରି ମନ-କର୍ମ-ବଚନରେ ଏକ ପରମେଶ୍ୱରଙ୍କ ଉପରେ ଆସ୍ଥା ରଖିବା ।

ଗୀତା ଅଧ୍ୟାୟ ୮ ଶ୍ଳୋକ ନଂ ୨୨ :-

ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।

ଯସ୍ୟାନ୍ତଃ ସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ॥୨୨ ॥

ଅନୁବାଦ : ହେ ପୃଥାନନ୍ଦନ ଅର୍ଜୁନ ! ସମସ୍ତ ପ୍ରାଣୀ ଯାହାଙ୍କ ଅନ୍ତର୍ଗତ ଏବଂ ଯାହାଙ୍କଠାରୁ ସମ୍ପୂର୍ଣ୍ଣ ସଂସାର ବ୍ୟାପ୍ତ, ସେହି ପରମପୁରୁଷ ପରମାତ୍ମା ଅନନ୍ୟ ଭକ୍ତି ଦ୍ୱାରା ପ୍ରାପ୍ତ ହେବା ଯୋଗ୍ୟ ଅଟନ୍ତି ।

ଅନନ୍ୟ ଭକ୍ତିର ତାତ୍ପର୍ଯ୍ୟ ହେଲା ସେହି ଏକ ପରମେଶ୍ୱର(ପୂର୍ଣ୍ଣବ୍ରହ୍ମ)ଙ୍କର ଭକ୍ତି କରିବା । ଅନ୍ୟ ଦେବୀ-ଦେବତା ଅର୍ଥାତ୍ ତିନିଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ-ବିଷ୍ଣୁ, ତମଗୁଣ-ଶିବ)ଙ୍କର ଭକ୍ତି କରିବା ନାହିଁ । ଗୀତା ଅଧ୍ୟାୟ ୧୫ ଶ୍ଳୋକ ୧ ରୁ ୪ :-

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୧

ଉର୍ଦ୍ଧ୍ୱମୂଳମ୍, ଅଧଃଶାଖମ୍, ଅଶତ୍ଥମ୍, ପ୍ରାହୁଃ, ଅବ୍ୟୟମ୍,

ଛନ୍ଦାଂସି, ଯସ୍ୟ, ପର୍ଣ୍ଣାନି, ଯଃ, ତମ୍, ବେଦ, ସଃ, ବେଦବିତ୍ ॥୧॥

ଅନୁବାଦ:- ଉପରକୁ ମୂଳ ଓ ତଳକୁ ଶାଖାଯୁକ୍ତ ଅବିନାଶୀ ବିସ୍ତୃତ ସସାଂର ରୂପୀ ଅଶତ୍ଥ୍ ବୃକ୍ଷ, ଯାହାର ଛୋଟ ଛୋଟ ଅଂଶକୁ ପ୍ରଶାଖା ଓ ପତ୍ର କୁହାଯାଇଛି, ସେହି ସଂସାର ରୂପୀ ବୃକ୍ଷକୁ ଯିଏ ବିସ୍ତୃତ ଭାବରେ ବର୍ଣ୍ଣନା କରିପାରେ ସେ ପୂର୍ଣ୍ଣଜ୍ଞାନୀ ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଟନ୍ତି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୨

ଅଧଃ, ଚ, ଉର୍ଦ୍ଧ୍ୱମ୍, ପ୍ରସୃତାଃ, ତସ୍ୟ, ଶାଖାଃ, ଗୁଣପ୍ରବୃଦ୍ଧାଃ, ବିଷୟ ପ୍ରବାଳାଃ ।

ଅଧଃ, ଚ, ମୂଳାନି, ଅନୁସନ୍ତତାନି, କର୍ମାନୁବନ୍ଧୀନି, ମନୁଷ୍ୟଲୋକେ ॥୨॥

ଅନୁବାଦ : ସେହି ବୃକ୍ଷର ତଳଠାରୁ ଉପର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିବା ତିନିଗୁଣ ଯଥା ବ୍ରହ୍ମା-ରଜଗୁଣ, ବିଷ୍ଣୁ-ସତଗୁଣ, ଶିବ-ତମଗୁଣ ରୂପୀ ବିକାର ଯଥା କାମ, କ୍ରୋଧ, ଲୋଭ, ମୋହ ଓ ଅହଂକାର ରୂପି କଅଁଳ ଡାଳ ବ୍ରହ୍ମା, ବିଷ୍ଣୁ ଓ ଶିବ ଜୀବକୁ କର୍ମ ବନ୍ଧନରେ ବାନ୍ଧିବାର ମୂଳ କାରଣ ଅଟନ୍ତି ତଥା ମନୁଷ୍ୟ ଲୋକ, ସ୍ୱର୍ଗ, ନର୍କ ଓ ପୃଥିବୀ ଲୋକରେ ତଳେ (ଚୌରାଶୀ ଲକ୍ଷ ଯୋନିରେ) ଉପରେ ସମସ୍ତଙ୍କୁ ବ୍ୟବସ୍ଥିତ କରି ରଖିଛନ୍ତି ।

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୩

ନ, ରୂପମ୍, ଅସ୍ୟ, ଇହ, ତଥା, ଉପଲଭ୍ୟତେ, ନ, ଅନ୍ତଃ, ନ, ଚ, ଆଦିଃ, ନ, ଚ, ।

ସମ୍ପ୍ରତିଷ୍ଠା, ଅଶତ୍ଥମ୍, ଏନମ୍, ସୁବିରୂଢମୂଳମ୍, ଅସଙ୍ଗଶସ୍ତ୍ରେଣ, ଦୃଢେନ, ଛିତ୍ତ୍ୱା ॥ ୩ ॥

ଅନୁବାଦ : ଏହି ସୃଷ୍ଟିର ନା ଆଦି ଅଛି ନା ଅନ୍ତ ଅଛି ନା ଏଭଳି ସ୍ୱରୂପ ଦୃଶ୍ୟମାନ ହୁଏ ତଥା ଏହି ବିଚାରକାଳରେ ଅର୍ଥାତ୍ ମୋ ଦ୍ୱାରା ଦିଆ ଯାଉଥିବା ଗୀତାଜ୍ଞାନର ପୂର୍ଣ୍ଣ ବିବରଣୀ ମୋତେ ମଧ୍ୟ ଜଣା ନାହିଁ କାରଣ ସର୍ବ ବ୍ରହ୍ମାଣ୍ଡର ସୃଷ୍ଟି ବିଷୟକ ସଠିକ୍ ସ୍ଥିତିର ଜ୍ଞାନ ମୋର ମଧ୍ୟ ନାହିଁ । ଏହିଭଳି ସ୍ଥାୟୀ ସ୍ଥିତିବାଲା ମଜଭୂତ ସ୍ୱରୂପବାଲା ନିର୍ଲେପ ତତ୍ତ୍ୱଜ୍ଞାନ ରୂପୀ ଦୃଢ ଶସ୍ତ୍ର ଦ୍ୱାରା ଅର୍ଥାତ୍ ନିର୍ମଳ ତତ୍ତ୍ୱଜ୍ଞାନ ଦ୍ୱାରା ଛେଦନ କରି ଅର୍ଥାତ୍ ନିରଞ୍ଜନର ଭକ୍ତିକୁ କ୍ଷଣିକ ଜାଣି ॥ ୩ ॥

ଗୀତା ଅଧ୍ୟାୟ ୧୫ ଶ୍ଳୋକ ନଂ ୪

ତତଃ ପଦଂ ତତ୍ପରିମାର୍ଗିତବ୍ୟଂ ଯସ୍ମିନଗତା ନ ନିବର୍ତ୍ତନ୍ତି ଭୂୟଃ ।

ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ ଯତଃ ପ୍ରତୃତ୍ତି ପ୍ରସୃତା ପୁରାଣୀ ॥୪॥

ଅନୁବାଦ:- ତା'ପରେ ସେହି ପରମପଦ ପରମାତ୍ମାଙ୍କୁ ଅନ୍ୱେଷଣ କରିବା ଉଚିତ୍, ଯାହାଙ୍କୁ ପ୍ରାପ୍ତ ହେବା ପରେ ମନୁଷ୍ୟ ପୁଣି ଏହି ସଂସାରକୁ ଲେଉଟି ଆସେ ନାହିଁ ଏବଂ ଅନାଦି

କାଳରୁ ଚାଲି ଆସୁଥିବା ଏହି ସୃଷ୍ଟି ତାଙ୍କଠାରୁ ବିସ୍ତାର ଲାଭ କରିଛି । ମୁଁ , ସେହି ଆଦିପୁରୁଷ ପରମାତ୍ମାଙ୍କ ଶରଣରେ ଅଛି ।

ଏହି ପ୍ରକାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ, ଦେବୀ-ଦେବତାଙ୍କ ରାଜା ଇନ୍ଦ୍ରଙ୍କର ପୂଜା ବନ୍ଦ କରାଇ ସେହି ଏକ ପରମାତ୍ମାଙ୍କର ଭକ୍ତି କରିବା ପାଇଁ ବ୍ରଜବାସୀଙ୍କୁ ପ୍ରେରଣା ଦେଇଥିଲେ । ଯେଉଁ କାରଣରୁ ସେ ଗୋବର୍ଦ୍ଧନ ପର୍ବତକୁ ଉଠାଇ ଇନ୍ଦ୍ରଙ୍କ କୋପରୁ ବ୍ରଜବାସୀଙ୍କୁ ରକ୍ଷା କରିଥିଲେ ।

ଗରୀବ, ଇନ୍ଦ୍ର ଚଢା ବ୍ରିଜ୍ ଡୁବୋଓ୍ୱନ, ଭୀଗା ଭୀତ ନ ଲେବ୍ ।

ଇନ୍ଦ୍ର କଢାଇ ହୋତ ଜଗତ ମେଁ, ପୂଜା ଖା ଗଏ ଦେବ ॥

କବୀର, ଇସ ସଂସାର କୋ, ସମଝାଉଁ କୈ ବାର ।

ପୂଁଛ ଜୋ ପକଡେ ଭେଡ କୀ, ଉତରା ଚାହେ ପାର ॥

୪. ଗୁରୁ ଆଜ୍ଞାର ପାଳନ:- ଗୁରୁଦେବଙ୍କ ବିନା ଆଜ୍ଞାରେ ଘରେ କୌଣସି ପ୍ରକାରର ଧାର୍ମିକ ଅନୁଷ୍ଠାନ କରିବେ ନାହିଁ । ବନ୍ଦୀଛୋଡ୍ ନିଜ ବାଣୀରେ କୁହନ୍ତି ଯେ :-

"ଗୁରୁ ବିନ ଯଜ୍ଞ ହବନ ଜୋ କରହିଁ, ମିଥ୍ୟା ଜାବେ କବହୂଁ ନହୀଁ ଫଳହୀଁ" ।

କବୀର, ଗୁରୁ ବିନ ମାଲା ଫେରତେ, ଗୁରୁ ବିନ ଦେତେ ଦାନ ।

ଗୁରୁବିନ ଦୋନୋ ନିଷ୍ଫଳ ହୈଁ, ପୁଛୋ ବେଦ ପୁରାଣ ॥

୫. ମାତା ମସାଣୀ ପୂଜା (ଠାକୁରାଣୀ ପୂଜା) ନିଷେଧ : ନିଜ ଜମିରେ ତିଆରି ହୋଇଥିବା ସମାଧି ପୀଠ କିମ୍ବା ମଁଢି (କୌଣସି ଗ୍ରାମ/ସହର ସ୍ମୃତିସ୍ଥଳ) କିମ୍ବା ଅନ୍ୟ ଦେବତାଙ୍କର ସମାଧି ପୂଜା କରିବା ନାହିଁ । ସମାଧି ଯାହାର ହେଉ ନା କାହିଁକି ପୂଜା କରିବା ସମ୍ପୂର୍ଣ୍ଣ ମନା ଏବଂ ଅନ୍ୟ କୌଣସି ଉପାସନା କରିବା ମଧ ମନା । ଏପରି କି ତିନିଗୁଣ (ବ୍ରହ୍ମା, ବିଷ୍ଣୁ, ଶିବ)ର ପୂଜା ମଧ କରିବେ ନାହିଁ । କେବଳ ଗୁରୁଜୀ ବତାଇଥିବା ବିଧି ଅନୁସାରେ କାର୍ଯ୍ୟ କରିବା ।

ଗୀତା ଅଧ୍ୟାୟ ୭ ଶ୍ଳୋକ ନଂ ୧୫

ନ, ମାମ୍, ଦୁଷ୍କୃତିନଃ, ମୂଢାଃ, ପ୍ରପଦ୍ୟନ୍ତେ, ନରାଧମାଃ,
ମାୟୟା, ଅପହୃତଜ୍ଞାନାଃ, ଆସୁରମ୍, ଭାବମ୍, ଆଶ୍ରିତାଃ ॥୧୫॥

ଅନୁବାଦ :- ମାୟା ଦ୍ୱାରା ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି ଅର୍ଥାତ୍ ତ୍ରିଗୁଣୀମୟୀ ମାୟା ଯଥା ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଓ ତମଗୁଣ ଶିବଙ୍କ ଭକ୍ତିରେ ଯେଉଁମାନେ ଦୃଢ ଅଟନ୍ତି ସେମାନେ ଏହି ପ୍ରଭୂମାନଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରଭୁଙ୍କର ପୂଜା କରନ୍ତି ନାହିଁ । ସେମାନଙ୍କ ବୁଦ୍ଧି ଏହି ଦେବତାଙ୍କଠାରେ ଦୃଢ ହୋଇଯାଇଛି । ଏହିଭଳି ବ୍ୟକ୍ତି ଅସୁର ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟ ନିଚ ଦୂଷିତ କର୍ମ କରୁଥିବା ମୁର୍ଖ ମୋତେ(ଗୀତା ଜ୍ଞାନଦାତା କାଳ ବ୍ରହ୍ମକୁ) ମଧ ଭଜନ୍ତି ନାହିଁ ଅର୍ଥାତ୍ ସେମାନେ କେବଳ ତିନି ଗୁଣ (ରଜଗୁଣ-ବ୍ରହ୍ମା, ସତଗୁଣ -ବିଷ୍ଣୁ, ତମଗୁଣ - ଶିବ)ଙ୍କର ସାଧନା କରିଥାନ୍ତି ।

କବୀର, ମାଈ ମସାଣୀ ଶେଢ ଶିତଳା, ଭୈରବ ଭୂତ ହନୁମଁତ ।

ପରମାତ୍ମା ଉନସେ ଦୂର ହୈ, ଜୋ ଇନକୋ ପୂଜଁତ ॥

କବୀର, ସୌ ବର୍ଷ ତୋ ଗୁରୁ କୀ ସେବା, ଏକଦିନ ଆନ ଉପାସୀ ।

ଓ୍ୱୋ ଅପରାଧୀ ଆତ୍ମା, ପରୈ କାଳ କୀ ଫାଁସୀ ॥

ଗୁରୁକୋ ତଜୈ ଭଜୈ ଜୋ ଆନା । ତା ପସୁଓ୍ୱା କୋ ଫୋକଟ ଜ୍ଞାନା ॥

୬. କବୀର ସାହେବ ସଙ୍କଟମୋଚକ ଅଟନ୍ତି :- କର୍ମକଷ୍ଟ (ସଙ୍କଟ) ସମୟରେ ଅନ୍ୟ କୌଣସି ଇଷ୍ଟ ଦେବତା କିମ୍ବା ଠାକୁରାଣୀ ଆଦିଙ୍କର ପୂଜା କଦାପି କରିବେ ନାହିଁ । ନା କୌଣସି ପ୍ରକାରର ତାନ୍ତ୍ରିକ କ୍ରିୟା କରିବେ । କେବଳ ବନ୍ଦୀଛୋଡ଼ କବୀର ସାହେବଙ୍କୁ ପୂଜା କରିବେ ଯିଏ ସର୍ବ ଦୁଃଖହର୍ତ୍ତା ସଙ୍କଟମୋଚକ ଅଟନ୍ତି ।

ସାମବେଦ ସଂଖ୍ୟା ନଂ ୮୨୨, ଉତାର୍ଚିକ ଅଧ୍ୟାୟ ୩, ଖଣ୍ଡ ନଂ ୫ ଶ୍ଳୋକ ନଂ ୮ (ସନ୍ଥ ରାମପାଲ ଦାସଙ୍କ ଦ୍ୱାରା ଅନୁବାଦିତ):-

ମନୀଷିଭିଃ ପବତେ ପୂର୍ବ୍ୟଃ କବିର୍ନୃଭିର୍ଯତଃ ପରି କୋଶାଂ ଅସିଷ୍ୟଦତ୍ ।

ତ୍ରିତସ୍ୟ ନାମ ଜନଯନ୍ମଧୁ କ୍ଷରନ୍ନିନ୍ଦ୍ରସ୍ୟ ବାୟୁଂ ସଖ୍ୟାୟ ବର୍ଧୟନ୍ ॥ ୮ ॥

ଅନୁବାଦ:- ସନାତନ ଅର୍ଥାତ୍ ଅବିନାଶୀ କବୀର ପରମେଶ୍ୱର ଅନ୍ତରାତ୍ମାରେ ଶ୍ରଦ୍ଧାର ସହିତ ଭକ୍ତି କରୁଥିବା ଭକ୍ତାତ୍ମାଙ୍କୁ ତିନିମନ୍ତ୍ରର ଉପଦେଶ ଦେଇ ପବିତ୍ର କରି ଜନ୍ମ ଓ ମୃତ୍ୟୁରୁ ମୁକ୍ତ କରି ଦିଅନ୍ତି ତଥା ତା' ପ୍ରାଣ ଅର୍ଥାତ୍ ଜୀବନ-ଶ୍ୱାସ (ସଂସ୍କାରବଶତଃ ନିଜ ମିତ୍ର ଅର୍ଥାତ୍ ଭକ୍ତକୁ ଗଣତି କରି ଦେଇଥିବା ଶ୍ୱାସ)କୁ ନିଜ ଭଣ୍ଡାରରୁ ଆୟୁ ଦେଇ ସମ୍ପୂର୍ଣ୍ଣ ରୂପେ ବଢାଇ ଦିଅନ୍ତି । ଯେଉଁ କାରଣରୁ ପରମେଶ୍ୱରଙ୍କ ବାସ୍ତବିକ ଆନନ୍ଦକୁ ନିଜ ଆଶୀର୍ବାଦ ପ୍ରସାଦ ଦ୍ୱାରା ପ୍ରାପ୍ତ କରାଇଥାନ୍ତି ।

କବୀର, ଦେବୀ ଦେବ ଠାଢେ ଭୟେ, ହମକୋ ଠୌର ବତାଓ ।

ଜୋ ମୁଝ (କବୀର)କୋ ପୂଜୈଁ ନହିଁ, ଉନ୍‌କୋ ଲୂଟୋ ଖାଓ ॥

କବୀର, କାଳ ଜୋ ପୀସୈ ପୀସନା, ଜୋରା ହୈ ପନିହାର ।

ୟେ ଦୋ ଅସଲ ମଜୂର ହୈଁ, ସତଗୁରୁ କେ ଦରବାର ॥

୭. ଅନାବଶ୍ୟକ ଦାନ ନିଷେଧ:- କୌଣସି ଅନୁଷ୍ଠାନକୁ କିମ୍ବା କୌଣସି ବ୍ୟକ୍ତିକୁ ଦାନ ରୂପେ କିଛି ଦେବେ ନାହିଁ । ଟଙ୍କା ପଇସା ଓ ବିନା ସିଲେଇ କପଡା ଆଦି କିଛି ମଧ୍ୟ ଦେବେ ନାହିଁ । ଦାନ ରୂପେ କେହି ଯଦି କିଛି ମାଗିବାକୁ ଆସନ୍ତି ତେବେ ତାଙ୍କୁ ଖାଦ୍ୟ ଖାଇବାକୁ ଦିଅନ୍ତୁ, ଚା, କ୍ଷୀର, ସରବତ, ଜଳ ଆଦି ପିଇବାକୁ ଦିଅନ୍ତୁ କିନ୍ତୁ ଅନ୍ୟ କିଛି ଦିଅନ୍ତୁ ନାହିଁ । କିଏ ଜାଣେ ଭିକାରୀ ସେହି ଟଙ୍କାର କି ଦୁରୂପଯୋଗ କରିବ । ଥରେ ଜଣେ ଭିକାରୀ ମିଥ୍ୟାର ଆଶ୍ରୟ ନେଇ ଜଣେ ବ୍ୟକ୍ତିକୁ କାହିଲା ଯେ ମୋ ପିଲା ରୋଗରେ ପଡି ଛଟପଟ ହେଉଛି,

କୃପାକରି କିଛି ଟଙ୍କା ଦିଅନ୍ତୁ । ବ୍ୟକ୍ତି ଜଣକ ଭାବପ୍ରବଣ ହୋଇ ୧୦୦ଟଙ୍କା ଦେଇଦେଲେ । ସେହି ଭିକାରୀ ପ୍ରତିଦିନ ୨୫୦ମି.ଲି. ମଦ ପିଉଥିଲା କିନ୍ତୁ ସେଦିନ ଅଧା ବୋତଲ ମଦ ପିଇ ନିଜ ସ୍ତ୍ରୀ ଓ ପିଲାଙ୍କୁ ଖୁବ୍ ପିଟିବାରୁ ତା ସ୍ତ୍ରୀ ପିଲାମାନଙ୍କ ସହିତ ଆତ୍ମହତ୍ୟା କରିଦେଲା । ଆପଣଙ୍କ ଦ୍ୱାରା କରାଯାଇଥିବା ଦାନ ସେହି ପରିବାରର ସର୍ବନାଶର କାରଣ ହେଲା । ଯଦି ଏଭଳି ଦୁଃଖି ବ୍ୟକ୍ତିଙ୍କୁ ଆପଣ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ଡାକ୍ତର ପରାମର୍ଶ କରି ସେହି ଅସୁସ୍ଥ ପିଲା ପାଇଁ ଔଷଧର ବ୍ୟବସ୍ଥା କରନ୍ତୁ କିନ୍ତୁ ଟଙ୍କା-ପଇସା ଦିଅନ୍ତୁ ନାହିଁ ।

କବୀର, ଗୁରୁ ବିନ ମାଲା ଫେରତେ, ଗୁରୁ ବିନ ଦେତେ ଦାନ ।

ଗୁରୁ ବିନ ଦୋନୋଁ ନିଷ୍ଫଳ ହୈ, ପୂଛୋ ବେଦ ପୁରାଣ ॥

୮. ଅନ୍ୟର ଅଁଇଠା ଖାଇବା ମନା :- ଏଭଳି ବ୍ୟକ୍ତିଙ୍କର ଅଇଁଠା ଖାଇବା ମନା ଯିଏ ମଦ, ମାଂସ, ତମାଖୁ, ଅଣ୍ଡା, ବିୟର, ଅଫିମ, ଗଞ୍ଜେଇ ତଥା ଅନ୍ୟ ନିଶାଦ୍ରବ୍ୟ ଆଦି ସେବନ କରନ୍ତି ।

୯. ସତ୍‌ଲୋକ ଗମନ(ଦେହାନ୍ତ) ଉପରାନ୍ତ ସମସ୍ତ କ୍ରିୟା-କର୍ମ(ଶୁଦ୍ଧିକ୍ରିୟା) ନିଷେଧ:- ପରିବାରରେ ଯଦି କାହାର ମୃତ୍ୟୁ ହୋଇଯାଏ ତେବେ ଘରଲୋକ ହୁଅନ୍ତୁ ବା ଅନ୍ୟ ଲୋକ କେହି ବି ଚିତାରେ ଅଗ୍ନି ଦେଇପାରିବେ । ଅଗ୍ନି ପ୍ରଜ୍ଜଳନ କରିବା ସମୟରେ ମଙ୍ଗଳାଚରଣ ଗାନ କରିବେ । ଅସ୍ଥି ଆଦି କିଛି ବି ସଂଗ୍ରହ କାରିବା ମନା । ଯଦି ସେହି ସ୍ଥାନକୁ ସଫା କରିବା ନିହାତି ଅନିବାର୍ଯ୍ୟ ତେବେ ସେହି ଅସ୍ଥି ଆଦିକୁ ନିଜେ ଏକତ୍ରିତ କରି କୌଣସି ପ୍ରବାହିତ ନଦୀ ଜଳରେ ଭସାଇ ଦିଅନ୍ତୁ ତଥା ସେହି ସମୟରେ ମଙ୍ଗଳାଚରଣ ଉଚ୍ଚାରଣ କରନ୍ତୁ । ତା'ପରେ ନା ଶୁଦ୍ଧିକ୍ରିୟା କରିବେ ନା ବର୍ଷକିଆ, ନା ପିଣ୍ଡଦାନ ଓ ଶ୍ରାଦ୍ଧ ଆଦି କିଛି ବି କରିବା ମନା । କୌଣସି ବ୍ୟକ୍ତିକୁ ଡକାଇ ଘରେ ହୋମ ଯଜ୍ଞ ଆଦି କରିବା ମନା । ଯେଉଁ ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନେ ଶୋକବ୍ୟକ୍ତ କରିବାକୁ ଆସିବା ପାଇଁ ଚାହିଁବେ ସେମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରନ୍ତୁ । ପ୍ରତିଦିନ ପରି ସେଦିନ ମଧ୍ୟ ନିତ୍ୟନିୟମ କରନ୍ତୁ, ଜ୍ୟୋତି ପ୍ରଜ୍ୱଳନ କରନ୍ତୁ, ତା'ପରେ ସମସ୍ତଙ୍କୁ ଖାଇବାକୁ ଦିଅନ୍ତୁ । ସେହି ମୃତ ବ୍ୟକ୍ତିଙ୍କ ନାମରେ ଯଦି ଆପଣ କିଛି ଧର୍ମ କରିବାର ଅଛି ତେବେ ନିଜ ଗୁରୁଦେବଙ୍କ ଆଜ୍ଞା ନେଇ ବନ୍ଦିଛୋଡ଼ ଗରିବ ଦାସଜୀ ମହାରାଜଙ୍କ ଅମୃତମୟୀ ବାଣୀର ଅଖଣ୍ଡ ପାଠ କରିବା ଉଚିତ୍ । ଯଦି ପାଠ କରିବା ପାଇଁ ଆଜ୍ଞା ନ ମିଳେ ତେବେ ପରିବାରର ଉପଦେଶୀ ଭକ୍ତ ଚାରିଦିନ କିମ୍ବା ସାତଦିନ ପର୍ଯ୍ୟନ୍ତ ଦେଶି ଘିଅରେ ଏକ ଅଖଣ୍ଡ ଜ୍ୟୋତି ଜଳାଇ ପ୍ରତିଦିନ ବ୍ରହ୍ମଗାୟତ୍ରୀ ମନ୍ତ୍ର ଚାରିଥର ଜପ କରନ୍ତୁ । ସେଥିରୁ ତିନି କିମ୍ବା ଏକଥର ମନ୍ତ୍ରଜପର ଦାନ ସଂକଳ୍ପ ସତ୍‌ଲୋକବାସୀଙ୍କ ଉଦ୍ଦେଶ୍ୟରେ କରନ୍ତୁ । ଯେପରି ଉଚିତ୍ ଭାବିବେ ଥରେ, ଦୁଇଥର କିମ୍ବା ତିନିଥର ମନ୍ତ୍ରଜପର ଫଳ ତାଙ୍କୁ ଦାନ କରିବେ । ପ୍ରତିଦିନ ଭଳି ଜ୍ୟୋତି ଓ ଆରତୀ, ନାମ ସୁମିରଣ ନିମ୍ନର ଏହି କଥାକୁ ସ୍ମରଣ କରି ଜାରି ରଖିବେ ଯେ :-

କବୀର, ସାଥୀ ହମାରେ ଚଲେ ଗଏ, ହମ ଭୀ ଚାଲନ ହାର ।

କୋଏ କାଗଜ ମେଁ ବାକୀ ରହ ରହୀ, ତାତେ ଲାଗ ରହୀ ବାର ॥

କବୀର, ଦେହ ପଡୀ ତୋ କ୍ୟା ହୁଆ, ଝୂଠା ସଭୀ ପଟୀଟ ।

ପକ୍ଷୀ ଉଡୟା ଆକାଶ କୂଁ, ଚଲତା କର ଗୟା ବୀଟ ॥

"କର୍ମକାଣ୍ଡ ବିଷୟରେ ଏକ ସତ୍ୟକଥା"

ମୋ (ସନ୍ଥ ରାମପାଲ ଦାସଙ୍କ) ପୂଜ୍ୟ ଗୁରୁଦେବ ସ୍ୱାମୀ ରାମ ଦେବାନନ୍ଦଜୀ ମହାରାଜଙ୍କର ଷୋହଳ ବର୍ଷ ବୟସରେ କୌଣସି ଜଣେ ମହାତ୍ମାଙ୍କ ସତସଙ୍ଗ ଶୁଣି ସଂସାର ପ୍ରତି ବୈରାଗ୍ୟ ଆସିଥିଲା । ଦିନେ ସେ କ୍ଷେତକୁ ଯାଇଥିଲେ । ପାଖରେ ଏକ ବଣ ଥିଲା । ସେ ବଣ ଭିତରକୁ ଯାଇ ସେଠାରେ ପଡିଥିବା କୌଣସି ମୃତପଶୁର ଅସ୍ଥି ନିକଟରେ ନିଜ ପିନ୍ଧା ବସ୍ତ୍ର ଚିରି ଫିଙ୍ଗିଦେଇ, ସେହି ମାହାତ୍ମାଙ୍କ ସହିତ ଚାଲିଗଲେ ।

ଯେତେବେଳେ ଘରଲୋକେ ତାଙ୍କୁ ଖୋଜିବାକୁ ଲାଗିଲେ ସେତେବେଳେ ଦେଖିବାକୁ ପାଇଲେ ଯେ ବଣରେ ଅସ୍ଥି ନିକଟରେ କିଛି ଛିଣ୍ଡା ବସ୍ତ୍ର ପଡିଛି । ସେମାନେ ଭାବିଲେ ଯେ କୌଣସି ଜଙ୍ଗଲି ହିଂସ୍ରଜନ୍ତୁ ତାଙ୍କୁ ମାରି ଖାଇଦେଇଛି । ପରିବାର ଲୋକେ ସେହି ଛିଣ୍ଡା ବସ୍ତ୍ର ଓ ଅସ୍ଥିକୁ ଘରକୁ ନେଇ ଅନ୍ତିମ ସଂସ୍କାର କରିଦେଲେ । ତା'ପରେ ଶୁଦ୍ଧିକ୍ରିୟା ଓ ବର୍ଷିକିଆ କର୍ମ ତଥା ଶ୍ରାଦ୍ଧ ଦେବା ମଧ୍ୟ ଆରମ୍ଭ କରିଦେଲେ ।

ମୋ ପୂଜ୍ୟ ଗୁରୁଦେବ ଯେତେବେଳେ ବହୁତ ବୃଦ୍ଧ ହୋଇଗଲେ, ଦିନେ ସେ ତାଙ୍କ ଘରକୁ ଗଲେ, ସେତେବେଳେ ତାଙ୍କ ପରିବାର ଲୋକେ ଜାଣିପାରିଲେ ଯେ ସେ ଜୀବିତ ଅଛନ୍ତି ଏବଂ ଘର ଛାଡି ଚାଲି ଯାଇଥିଲେ । ପରିବାର ଲୋକେ କହିଲେ, ଘରଛାଡି ଚାଲିଯିବା ପରେ ତାଙ୍କୁ ବହୁତ ଖୋଜାଗଲା । ଜଙ୍ଗଲରେ ତାଙ୍କ ବସ୍ତ୍ର ମିଳିଲା ଯାହା ପାଖରେ କିଛି ଅସ୍ଥି ମଧ୍ୟ ପଡିଥିଲା । ତେଣୁ ଆମ୍ଭେ ଭାବିଲୁ ଯେ କୌଣସି ଜଙ୍ଗଲି ଜନ୍ତୁ ତାଙ୍କୁ ମାରି ଖାଇଦେଇଛି ଏବଂ ସେହି ବସ୍ତ୍ର ଓ ଅସ୍ଥିଗୁଡିକୁ ଘରକୁ ଆଣି ଅନ୍ତିମ ସଂସ୍କାର କରିଦେଲୁ ।

ପରେ ମୁଁ (ସନ୍ଥ ରାମପାଲ ଦାସ) ମୋ ପୂଜ୍ୟ ଗୁରୁଦେବଙ୍କ ସାନଭାଇଙ୍କ ପତ୍ନୀଙ୍କୁ ପଚାରିଲି ଯେ ଆମ୍ଭ ପୂଜ୍ୟ ଗୁରୁଦେବ ଯେତେବେଳେ ଘର ଛାଡି ଚାଲିଗଲେ, ତା'ପରେ ତୁମେ କ'ଣ ସବୁ କଲ ? ସେ କହିଲେ, ମୁଁ ଯେବେଠାରୁ ବିଭାହୋଇ ଏ ଘରକୁ ଆସିଛି ସେହି ସମୟରୁ ହିଁ ତାଙ୍କର ଶ୍ରାଦ୍ଧ ଦିଆ ଯାଉଥିବାର ଦେଖି ଆସୁଛି । ମୁଁ ନିଜ ହାତରେ ତାଙ୍କର ପ୍ରାୟ ୭୦ ଥର ଶ୍ରାଦ୍ଧ ଦେଇସାରିଛି । ଆହୁରି କହିଲେ ଯେ ଘରେ ଯେତେବେଳେ କୌଣସି ଅନିଷ୍ଟ ଘଟେ ଯେପରି ଗାଈ କ୍ଷୀର ନ ଦେବା, ଗାଈ ସ୍ତନହରା ରୋଗରେ ପଡିବା ତଥା ଅନ୍ୟ କୌଣସି ଅନିଷ୍ଟ ଘଟିଲେ ଆମ୍ଭେ ଗୁଣିଆ ନିକଟକୁ ଯାଇ ପଚାରିଲେ ସେ କୁହନ୍ତି ଯେ ଆପଣଙ୍କ ଘରେ କୌଣସି ନିଃସନ୍ତାନ ବ୍ୟକ୍ତିର ମୃତ୍ୟୁ ହୋଇଛି । ସେ ତୁମ୍ଭମାନଙ୍କୁ ଦୁଃଖ, କଷ୍ଟ ଦେଉଛି । ଏହି କଥା ଶୁଣି ଆମ୍ଭେ ତାକୁ ବସ୍ତ୍ର ଆଦି ଦାନ କରିଥାଉ ।

ଏହା ଶୁଣି ମୁଁ କହିଲି, ଇଏ ତ ମାନବ ସମାଜର ଉଦ୍ଧାର ପାଇଁ କାର୍ଯ୍ୟ କରୁଛନ୍ତି । ଇଏ କାହିଁକି କାହାକୁ ବା ଦୁଃଖ ଦେବେ ? ଇଏ ତ ଏବେ ସୁଖଦାତା ଅଟନ୍ତି । ପୁଣି ମୁଁ (ସନ୍ଥ ରାମପାଲ୍‌ଜୀ ମହାରାଜ) ସେହି ବୃଦ୍ଧାଙ୍କୁ କହିଲି ଯେ ବର୍ତ୍ତମାନ ଇଏ ତ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ, ବର୍ତ୍ତମାନ ଏହି ବ୍ୟର୍ଥ ସାଧନା (ଶ୍ରାଦ୍ଧ ଦେବା) ବନ୍ଦ କରନ୍ତୁ । ଏହା ଶୁଣି ସେ

କହିଲେ ଯେ ଏହା ତ ଆମ୍ଭର ପୁରୁଣା ପ୍ରଥା-ପରମ୍ପରା, ଏସବୁକୁ ଆମ୍ଭେ ଛାଡିବା କେମିତି ? ଅର୍ଥାତ୍ ଆମ୍ଭେ ନିଜ ପୁରୁଣା ନୀତିନିୟମ ଓ ପରମ୍ପରା ସହିତ ଏତେ ଅଭ୍ୟସ୍ତ ହୋଇଯାଇଛେ ଯେ ପ୍ରତ୍ୟକ୍ଷ ପ୍ରମାଣ ମିଳିବା ସତ୍ତ୍ୱେ ଭୁଲ ପରେ ଭୁଲ କରି ଚାଲିଛେ । ଏସବୁ ଛାଡି ପାରୁନାହୁଁ । ଏଥିରୁ ପ୍ରମାଣିତ ହେଲା ଯେ ଶ୍ରାଦ୍ଧ ଦେବା, ପିତୃପୁରୁଷଙ୍କ ପୂଜା ଆଦି କରିବା ବ୍ୟର୍ଥ ଅଟେ ।

୧୦. ସନ୍ତାନ ଜନ୍ମ ଉପରାନ୍ତ ଶାସ୍ତ୍ରବିରୁଦ୍ଧ ପୂଜା ନିଷେଧ :- ସନ୍ତାନ ଜନ୍ମ ହେବା ପରେ ଷଷ୍ଠୀପୂଜା କରିବା ନିଷେଧ । ଛୁତିକିଆ କାରଣରୁ ପ୍ରତିଦିନର ପୂଜା, ଭକ୍ତି, ଆରତୀ ଓ ଜ୍ୟୋତି ପ୍ରଜ୍ୱଳନ ଆଦି ବନ୍ଦ କରିବେ ନାହିଁ ।

ଏହି ସନ୍ଦର୍ଭରେ ଏକ ସଂକ୍ଷିପ୍ତ କଥା କହୁଛି :- ବିବାହର ଦଶବର୍ଷ ପରେ ଜଣେ ବ୍ୟକ୍ତିଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା । ପୁତ୍ର ପ୍ରାପ୍ତିର ଖୁସିରେ ସେ ବହୁତ ଅର୍ଥ ଖର୍ଚ୍ଚ କରିବା ପାଇଁ ମନସ୍ଥ କଲେ । ଭୋଜି ଖାଇବା ପାଇଁ କୋଡିଏ ପଚିଶିଟି ଗ୍ରାମକୁ ନିମନ୍ତ୍ରଣ କଲେ ଏବଂ ନାଚଗୀତର ଆୟୋଜନ କରି ବହୁତ ଅର୍ଥ ଖର୍ଚ୍ଚ କଲେ । ତା'ର ଏକବର୍ଷ ପରେ ସେହି ପୁତ୍ରର ଦେହାନ୍ତ ହୋଇଗଲା । ଏହି ଘଟଣାରେ ମର୍ମାହତ ହୋଇ ସାରା ପରିବାର ମୁଣ୍ଡପିଟି କାନ୍ଦିବାକୁ ଲାଗିଲେ ଏବଂ ନିଜ ଭାଗ୍ୟକୁ ନିନ୍ଦିବାକୁ ଲାଗିଲେ । ସେଥିପାଇଁ କବୀର ସାହେବ ଆମ୍ଭଙ୍କୁ କୁହନ୍ତି ଯେ :-

କବୀର, ବେଟା ଜାୟା ଖୁଶୀ ହୁଇ, ବହୁତ ବଜାଏ ଥାଲ ।
ଆନା ଜାନା ଲଗ ରହା, ଜ୍ୟୋଁ କୀଡୀ କା ନାଲ ॥

କବୀର, ପତଝଡ ଆବତ ଦେଖ କର, ବନ ରୋବୈ ମନ ମାହିଁ ।
ଉଁଚୀ ଡାଲୀ ପାତ ଥେ, ଅବ ପିଲେ ହୋ ହୋ ଜାହିଁ ॥

କବୀର, ପାତ ଝଡତାଁ ୟୂଁ କହୈ, ସୁନ ଭାଇ ତରୁବର ରାୟ ।
ଅବକେ ବିଛୁଡେ ନହୀଁ ମିଲା, ନ ଜାନେ କହାଁ ଗିରେଙ୍ଗେ ଜାୟ ॥

କବୀର, ତରୁବର କହତା ପାତ ସେ, ସୁନୋଁ ପାତ ଏକ ବାତ ।
ୟହାଁକୀ ୟାହେ ରୀତି ହୈ, ଏକ ଆବତ ଏକ ଜାତ ॥

୧୧. ଦେବୀପୀଠରେ ବାଳ ପକାଇବା ନିଷେଧ :- ପିଲାମାନଙ୍କର ବାଳ ପକାଇବା ପାଇଁ କୌଣସି ଠାକୁରାଣୀପୀଠକୁ ଯିବା ମନା । ବାଳ ବଡ ହୋଇଗଲେ କାଟି ଫିଙ୍ଗିଦେବେ । ଥରେ ଶ୍ରଦ୍ଧାଳୁ ନିଜ ପିଲାମାନଙ୍କୁ ଲଣ୍ଡା କରିବା ପାଇଁ ଏକ ମନ୍ଦିରକୁ ଆସିଲେ । ଭଣ୍ଡାରି ବାହାର ମୂଲ୍ୟଠାରୁ ତିନିଗୁଣ ଅଧିକ ଟଙ୍କା ନେଇ ଅଳ୍ପ କିଛି ବାଳ କାଟି ପିତାମାତାଙ୍କୁ ଦେଲେ । ସେମାନେ ଶ୍ରଦ୍ଧାର ସହିତ ସେହି ବାଳକୁ ଦେବୀଙ୍କୁ ଅର୍ପଣ କରିବା ପାଇଁ ପୂଜାରୀକୁ ଦେଲେ । ପୂଜାରୀ ତାହାକୁ ଏକ ବସ୍ତାରେ ପୁରାଇ ରଖିଲେ ଓ ରାତିରେ ମନ୍ଦିର ବାହାରେ କୌଣସି ଏକ ସ୍ଥାନରେ ଫିଙ୍ଗିଦେଲେ । ଏହା କେବଳ ନାଟକବାଜି । ତେଣୁ ମନ୍ଦିରକୁ ନ ଯାଇ ସାଧାରଣ ଭାବେ ବାଳ କାଟି ଫିଙ୍ଗି ଦେବା ଉଚିତ୍ । ପରମାତ୍ମା ଭକ୍ତିରେ ପ୍ରସନ୍ନ ହୁଅନ୍ତି, ଶାସ୍ତ୍ରବିରୁଦ୍ଧ ଲୋକ ଦେଖାଣିଆ କର୍ମରେ ନୁହେଁ ।

୧୨. ଯୌତୁକ ନେବା ଓ ଦେବା ନିଷେଧ :- ଉପଦେଶ ପ୍ରାପ୍ତି ପରେ ନା ଯୌତୁକ ଦେବେ ନା ଯୌତୁକ ନେବେ ।

୧୩. ଆତ୍ମକଲ୍ୟାଣ ପାଇଁ ଦୀକ୍ଷା ନିଅନ୍ତୁ :- ନାମ (ଉପଦେଶ) କେବଳ ଦୁଃଖ ନିବାରଣ ପାଇଁ ନୁହେଁ ବରଂ ଆତ୍ମକଲ୍ୟାଣ ପାଇଁ ନେବା ଉଚିତ୍ । ପୁଣି ସୁମିରଣ ଦ୍ୱାରା ସର୍ବ ସୁଖ ମିଳିଥାଏ ।

"କବୀର,ସୁମିରଣ ସେ ସୁଖ ହୋତ ହୈ, ସୁମିରଣ ସେ ଦୁଃଖ ଜାଏ ।

କହୈଁ କବୀର ସୁମିରଣ କିଏ, ସାଈଁ ମାହିଁ ସମାୟ ॥"

୧୪. ବ୍ୟଭିଚାର ନିଷେଧ :- ପର ସ୍ତ୍ରୀକୁ ମାଆ-ଝିଅ-ଭଉଣୀ ଦୃଷ୍ଟିରେ ଦେଖିବା ଉଚିତ୍ । ବ୍ୟଭିଚାର ମହାପାପ ଅଟେ ଯେପରି :-

ଗରୀବ, ପର ଦ୍ୱାରା ସ୍ତ୍ରୀ କା ଖୋଲୈ । ସଉର ଜନ୍ମ ଅନ୍ଧା ହୋ ଡୋଲୈ ॥ ସୁରାପାନ ମଦ୍ୟ ମାଂସାହାରୀ । ଗବନ କରେଁ ଭୋଗୈଁ ପର ନାରୀ ॥ ସଉର ଜନ୍ମ କଟତ୍ ହୈଁ ଶୀଶଂ । ସାକ୍ଷୀ ସାହିବ୍ ହୈ ଜଗ୍‌ଦୀଶଂ ॥ ପର ନାରୀ ନା ପରସିୟୋଁ, ମାନୋ ବଚନ ହମାର । ଭବନ ଚର୍ତୁଦଶ ତାସ ସିର, ତ୍ରିଲୋକୀ କା ଭାର ॥ ପର ନାରୀ ନା ପରସିୟୋଁ, ସୁନୋ ଶବ୍ଦ ସଲତନ୍ତ । ଧର୍ମରାୟ କେ ଖମ୍ଭ ସେ, ଅର୍ଧମୁଖୀ ଲଟକନ୍ତ ॥

୧୫. ନିନ୍ଦା କରିବା ଓ ଶୁଣିବା ନିଷେଧ :- ନିଜ ଗୁରୁଙ୍କ ନିନ୍ଦା ଭୁଲରେ ମଧ୍ୟ କରିବେ ନାହିଁ କି ଶୁଣିବେ ନାହିଁ । ଆଲୋଚନା ପ୍ରସଙ୍ଗରେ ଯଦି କୌଣସି ବ୍ୟକ୍ତି ଆପଣଙ୍କ ଗୁରୁଜୀଙ୍କ ବିଷୟରେ ମିଥ୍ୟା କଥା କହୁଥାଏ ତେବେ ଆପଣ ତର୍କ ନ କରି ଏହା ବୁଝିନେବା ଉଚିତ୍ ଯେ ସେ ବିନା ବିଚାରରେ ଯୁକ୍ତି କରୁଛନ୍ତି ଅର୍ଥାତ୍ ମିଛ କହୁଛନ୍ତି ।

ଗୁରୁକୀ, ନିନ୍ଦା ସୁନୈ ଜୋ କାନା । ତାକୋ ନିଶ୍ଚୟ ନରକ ନିଦାନା ॥

ଅପନେ ମୁଖ ନିନ୍ଦା ଜୋ କରହିଁ । ଶୁକର ଶ୍ୱାନ ଗର୍ଭ ମେଁ ପରହୀଁ ॥

କୌଣସି ବ୍ୟକ୍ତିଙ୍କର ନିନ୍ଦା କରିବା ଏବଂ ଶୁଣିବା ମଧ୍ୟ ଅନୁଚିତ । ସେ କୌଣସି ସାଧାରଣ ବ୍ୟକ୍ତି ହୁଅନ୍ତୁ ନା କାଁହିକି ତାଙ୍କର ନିନ୍ଦା କରିବେ ନାହିଁ, କବୀର ସାହେବ କୁହନ୍ତି ଯେ :-

"ତିନକା କବହୂ ନ ନିନ୍ଦୀୟେ, ଜୋ ପାଁୱ ତଲେ ହୋ । କବହୁ ଉଠ ଆଖିନ ପଡେ, ପୀର ଘନେରୀ ହୋ ॥"

୧୬. ସତସଙ୍ଗ ଶୁଣିବା ଓ ସେବା କରିବା ଅନିର୍ବାର୍ଯ୍ୟ :- ସମୟ ମିଳିବା କ୍ଷଣୀ ସତସଙ୍ଗକୁ ଆସିବା ପାଇଁ ଚେଷ୍ଟା କରନ୍ତୁ ତଥା ନଖରାମି ଅର୍ଥାତ୍ ଆତ୍ମବଡିମା ଉଦ୍ଦେଶ୍ୟ ରଖି ସତସଙ୍ଗକୁ ଆସନ୍ତୁ ନାହିଁ ଅପିତୁ ନିଜକୁ ଜଣେ ରୋଗୀ ଭାବି ଆସିବା ଉଚିତ୍ । ଯେପରି ଜଣେ ରୋଗୀ ବ୍ୟକ୍ତି ସେ ଯେତେ ଧନୀ ହୁଅନ୍ତୁନା କାହିଁକି, ଯେତେ ଉଚ ପଦସ୍ଥ ହୁଅନ୍ତୁନା କାହିଁକି ଯେତେବେଳେ ସେ ହସ୍ପିଟାଲ୍‌କୁ ଯାଆନ୍ତି ସେତେବେଳେ ତାଙ୍କର କେବଳ ଏକମାତ୍ର ଉଦ୍ଦେଶ୍ୟ ଥାଏ ଯେ କିପରି ରୋଗମୁକ୍ତ ହେବି । ସେହି ସମୟରେ ଡାକ୍ତର ଯେଉଁଠି ଶୋଇବା ପାଇଁ କହିବେ, ଯେଉଁଠି ବସିବା ପାଇଁ କହିବେ, ସେ ତାହା ହିଁ କରିଥାନ୍ତି । ବାହାରକୁ ଯିବା ପାଇଁ ନିର୍ଦ୍ଦେଶ ମିଳିବା ମାତ୍ରେ ହିଁ ବାହାରକୁ ଚାଲି ଯାଇଥାନ୍ତି, ପୁଣି ଭିତରକୁ ଡକାଗଲେ ସୁନା ପିଲା ପରି

ଭିତରକୁ ଆସିଥାନ୍ତି । ଠିକ୍ ଏହଭଳି ଉଦ୍ଦେଶ୍ୟ ରଖି ଯଦି ଆପଣ ସତସଙ୍ଗକୁ ଆସୁଛନ୍ତି ତେବେ ସତସଙ୍ଗକୁ ଆସିବାର ଲାଭ ଆପଣଙ୍କୁ ମିଳିବ ଅନ୍ୟଥା ଆପଣଙ୍କ ଆସିବା ନିଷ୍ଫଳ ହେବ । ସତସଙ୍ଗରେ ଯେଉଁଠି ବସିବା ପାଇଁ ସ୍ଥାନ ମିଳିବ ସେହିଠାରେ ବସି ଯିବେ । ଖାଇବା ପାଇଁ ଯାହା ମିଳିବ ତାକୁ ପରମାତ୍ମା କବୀର ସାହେବଙ୍କ ଦୟାର ପ୍ରସାଦ ଭାବି ସେବନ କରିବେ ଏବଂ ଚିତ୍ତପ୍ରସନ୍ନ ରହିବେ ।

ଗୁରୁ ଦର୍ଶନ ଦ୍ୱାରା ବହୁତ ଲାଭ ମିଳିଥାଏ । କବୀର ପରମେଶ୍ୱରଜୀ କହିଛନ୍ତି ଯେ :-

କବୀର, ସନ୍ଥ ମିଲନ କୂଁ ଚାଲିଏ, ତଜ୍ ମାୟା ଅଭିମାନ ।
ଜୋ-ଜୋ କଦମ ଆଗେ ରଖେ, ଓ୍ୱେ ହି ଯଜ୍ଞ ସମାନ ॥

କବୀର, ସନ୍ଥ ମିଲନ କୂଁ ଯାଇଏ, ଦିନ୍ ମେଁ କଇ-କଇ ବାର ।
ଆସୋଜ କେ ମେହ ଜ୍ୟୋଁ, ଘନା କରେ ଉପକାର ॥

କବୀର, ଦର୍ଶନ ସାଧୁ କା, ପରମାତ୍ମା ଆଓ୍ୱେ ୟାଦ ।
ଲେଖେ ମେଁ ଓ୍ୱେହେ ଘଡୀ, ବାକୀ କେ ଦିନ ବାଦ ॥

କବୀର, ଦର୍ଶନ ସାଧୁ କା, ମୁଖ ପର ଓ୍ୱେସେ ସୁହାଗ ।
ଦର୍ଶ ଉହ୍ନୀଁ କୋ ହୋତ୍ ହୈଁ, ଜିନ୍ କେ ପୂର୍ଣ୍ଣ ଭାଗ ॥

୧୭. ଗୁରୁଜୀଙ୍କ ସମକକ୍ଷ ଅନ୍ୟ କାହାକୁ ମହତ୍ତ୍ୱ ଦେବେ ନାହିଁ :- ଯଦି କୌଣସି ସ୍ଥାନରେ ଅଖଣ୍ଡ ପାଠ କିମ୍ବା ସତସଙ୍ଗ ହେଉଛି କିମ୍ବା ଗୁରୁଜୀଙ୍କ ଦର୍ଶନ ପାଇଁ ଆପଣ ଯାଉଛନ୍ତି ତେବେ ସର୍ବ ପ୍ରଥମେ ଗୁରୁଜୀଙ୍କୁ ଦଣ୍ଡବତ(ସାଷ୍ଟାଙ୍ଗ)ପ୍ରଣାମ କରିବା ଉଚିତ୍, ତା'ପରେ ସଦଗ୍ରନ୍ଥ ସାହିବ ଓ ବିଭିନ୍ନ ଫଟୋ ଯେପରି ସାହେବ କବୀରଙ୍କ ପ୍ରତିମା, ଗରୀବ ଦାସଜୀ, ସ୍ୱାମୀ ରାମଦେବାନନ୍ଦଜୀ ଏବଂ ଗୁରୁଜୀଙ୍କ ପ୍ରତିମା ଫଟୋକୁ ପ୍ରଣାମ କରିବେ ଯଦ୍ୱାରା କେବଳ ଭାବନା ଅତୁଟ ରହିବ । ମୂର୍ତ୍ତୀପୂଜା କରିବେ ନାହିଁ, କେବଳ ପ୍ରଣାମ କରିବାକୁ ପୂଜା କୁହାଯିବ ନାହିଁ ଏହା କେବଳ ଭକ୍ତିର ଶ୍ରଦ୍ଧାକୁ ଦୃଢିଭୁତ କରିବାରେ ସହଯୋଗ କରିଥାଏ । ପୂଜା କେବଳ ବର୍ତ୍ତମାନର ଗୁରୁ ଓ ନାମ ମନ୍ତ୍ରର କରିବା ଉଚିତ୍ ଯାହା ଆପଣଙ୍କୁ ମୁକ୍ତି ଦେଇ ପାରିବ ।

କବୀର, ଗୁରୁ ଗୋବିନ୍ଦ ଦୋଉ ଖଡେ, କାକେ ଲାଗୁଁ ପାୟ ।
ବଲିହାରୀ ଗୁରୁ ଆପନେ, ଜିନ ଗୋବିନ୍ଦ ଦିୟୋ ମିଲାୟ ॥

କବୀର, ଗୁରୁ ବଡେ ହୈଁ ଗୋବିନ୍ଦ ସେ, ମନ ମେଁ ଦେଖ ବିଚାର ।
ହରି ସୁମରେ ସୋ ରହଗଏ, ଗୁରୁ ଭଜେ ହୋୟ ପାର ॥

କବୀର, ହରି କେ ରୁଠତାଂ, ଗୁରୁ କୀ ଶରଣ ମେଁ ଜାୟ ।
କବୀର ଗୁରୁ ଜୈ ରୂଠଜାଁ, ହରି ନାହିଁ ହୋତ୍ ସହାୟ ॥

କବୀର, ସାତ୍ ସମୁଦ୍ର କୀ ମସି କରୂଁ, ଲେଖନି କରୁଁ ବନିରାୟ ।
ଧରତୀ କା କାଗଜ କରୂଁ, ତୋ ଗୁରୁ ଗୁଣ ଲିଖା ନ ଜାୟ ॥

୧୮. ମାଂସ ଭକ୍ଷଣ ନିଷେଧ:- ଅଣ୍ଡା, ମାଂସ ଭକ୍ଷଣ ଏବଂ ଜୀବ ହିଂସା କରିବେ ନାହିଁ, ଏହା ମହାପାପ ଅଟେ । ଯେପରି ସାହେବ କବୀରଜୀ ମହାରାଜ ଏବଂ ଗରୀବ ଦାସଜୀ ମହାରାଜ କହିଛନ୍ତି.-

କବୀର, ଜୀବ ହନେ ହିଂସା କରେ, ପ୍ରକଟ ପାପ ସିର ହୋୟ ।
ନିଗମ ପୁନି ଔସେ ପାପ ତେଁ, ଭିସ୍ତଗୟା ନହିଁ କୋୟ ॥୧॥
କବୀର, ତିଲଭର ମଛଲୀ ଖାୟକେ, କୋଟି ଗଉ ଦେ ଦାନ ।
କାଶୀ କରୌଁତ ଲେ ମରେ, ତୋ ଭୀ ନରକ ନିଦାନ ॥୨॥
କବୀର, ବକରୀ ପାତୀ ଖାତ ହୈ, ତାକୀ କାଢୀ ଖାଲ ।
ଜୋ ବକରୀ କୋ ଖାତ ହୈ, ତିନକା କୌନ ହଓ୍ୱାଲ ॥୩॥
କବୀର, ଗଲା କାଟି କଲମା ଭରେ, କୀୟା କହୈ ହଲାଲ ।
ସାହବ ଲେଖା ମାଁଗସୀ, ତବ୍ ହୋସୀ କୌନ ହଓ୍ୱାଲ ॥୪॥
କବୀର, ଦିନ୍‌କୋ ରୋଜା ରହତ ହୈ, ରାତ ହନତ ହୈଁ ଗାୟ ।
ୟହ ଖୁନ ଓ୍ୱହ ବନ୍ଦେଗୀ, କହୁଁ କ୍ୟୋ ଖୁସୀ ଖୁଦାୟ ॥୫॥
କବୀର, କବିରା ତେଇ ପୀର ହୈଁ, ଜୋ ଜାନୈ ପର ପୀର ।
ଜୋ ପର ପୀର ନ ଜାନି ହୈ, ସୋ କାଫିର ବେପୀର ॥୬॥
କବୀର, ଖୁବ ଖାନା ହୈ ଖୀଚଡୀ, ମାଂହୀଁ ପରୀ ଟୁକ ଲୌନ ।
ମାଂସ ପରାୟା ଖାୟକେ, ଗଲା କଟାଓ୍ୱୈ କୌନ ॥୭॥
କବୀର, ମୁସଲମାନ ମାରୈଁ କରଦସୋ, ହିଁଦୂ ମାରୈଁ ତରବାର ।
କହୈ କବୀର ଦୋନୂଁ ମିଲି, ଜୈହୈଁ ଯମକେ ଦ୍ୱାର ॥୮॥
କବୀର, ମାଂସ ଆହାରୀ ମାନବ, ପ୍ରତ୍ୟକ୍ଷ ରାକ୍ଷସ ଜାନି ।
ତାକୀ ସଙ୍ଗତି ମତି କରୈ, ହୋଇ ଭକ୍ତି ମେଁ ହାନି ॥୯॥
କବୀର, ମାଂସ ଖାଁୟ ତେ ଢେଡ ସବ, ମଦ ପୀବୈଁ ସୋ ନୀଚ ।
କୁଲକୀ ଦୁରମତି ପର ହରୈ, ରାମ କହୈ ସୋ ଉଁଚ ॥୧୦॥
କବୀର, ମାଂସ ମଛଲିୟା ଖାତ ହୈ ସୁରାପାନ ସେ ହେତ ।
ତେ ନର ନରକୈ ଜାହିଁଗେ, ମାତା ପିତା ସମେତ ॥୧୧॥
ଗରୀବ, ଜୀବ ହିଂସା ଜୋ କରତେ ହୈଁ, ଯା ଆଗେ କ୍ୟା ପାପ ।
କଣ୍ଟକ ଜୁନୀ ଜିହାନ ମେଁ, ସିଂହ ଭେଡିୟା ଔର ସାଁପ ॥

ଝୋଟେ ବକରେ ମୁରଗେ ତାଇ । ଲେଖା ସବହୀ ଲେତ ଗୁସାଇ ॥

ମୃଗ ମୋର ମାରେ ମହମନ୍ତା । ଅଚରା ଚର ହୈଁ ଜୀବ ଅନନ୍ତା ॥

ଜିହ୍ୱା ସ୍ୱାଦ ହିତେ ପ୍ରାନା । ନୀମା ନାଶ ଗୟା ହମ ଜାନା ॥

ତୀତର ଲଓ୍ୱା ବୁଟେରୀ ଚିଡିୟା । ଖୂନୀ ମାରେ ବଡେ ଅଗଡିୟା ॥

ଅଦଲେ ବଦଲେ ଲେଖେ ଲେଖା । ସମଝ ଦେଖ ସୁନ ଜ୍ଞାନ ବିବେକା ॥

ଗରୀବ, ଶବ୍ଦ ହମାରା ମାନିୟୋ, ଔର ସୁନତେ ହୋ ନର ନାରୀ ।

ଜୀବ ଦୟା ବିନ କୁଫର ହୈ, ଚଲେ ଜମାନା ହାରି ॥

ଅଜାଣତରେ ହୋଇଥିବା ହିଂସାର ପାପ ଲାଗେ ନାହିଁ । ବନ୍ଦୀଛୋଡ୍ କବୀର ସାହେବ କୁହନ୍ତି ଯେ :

"ଇଚ୍ଛା କର ମାରେ ନହୀଁ, ବିନ ଇଚ୍ଛା ମର ଯାଏ ।

କହୈଁ କବୀର ତାସ କା, ପାପ ନହିଁ ଲଗାଏ ॥"

୧୯. ଗୁରୁଦ୍ରୋହୀଙ୍କ ସହିତ ସମ୍ପର୍କ ନିଷେଧ :- ଯଦି କୌଣସି ଭକ୍ତ ଗୁରୁଙ୍କ ପ୍ରତି ବିମୁଖ ହୋଇଯାଏ । ସେ ମହାପାପରେ ଭାଗୀ ହୋଇଯାଏ । ଯଦି କାହାକୁ ମାର୍ଗ ଭଲ ନ ଲାଗୁଛି ତେବେ ସେ ନିଜ ଗୁରୁ ବଦଳାଇ ପାରିବେ । ଯଦି ସେ ପ୍ରଥମ ଗୁରୁଙ୍କ ପ୍ରତି ବୈରୀ ଭାବ ରଖିବା ସହିତ ତାଙ୍କର ନିନ୍ଦା କରୁଛନ୍ତି ତେବେ ତାଙ୍କୁ ଗୁରୁଦ୍ରୋହୀ କୁହାଯିବ । ଏହିଭଳି ବ୍ୟକ୍ତିଙ୍କ ସହିତ ଭକ୍ତି ଚର୍ଚ୍ଚା କଲେ ଉପଦେଶୀ ବ୍ୟକ୍ତିଙ୍କୁ ଦୋଷ ଲାଗେ । ଉପଦେଶୀ ବ୍ୟକ୍ତିଙ୍କର ଭକ୍ତି ସମାପ୍ତ ହୋଇଯାଏ ।

ଗରୀବ, ଗୁରୁଦ୍ରୋହୀ କୀ ପୈଡ୍ ପର, ଜେ ପଗ୍ ଆଓ୍ୱୈ ବୀର । ଚୌରାସୀ ନିଶ୍ଚୟ ପଡୈ, ସତଗୁରୁ କହୈଁ କବୀର ॥

କବୀର, ଜାନ ବୁଝ୍ ସାଚୀ ତଜୈ, କରୈ ଝୂଠେ ସେ ନେହ । ଜାକୀ ସଙ୍ଗତ୍ ହେ ପ୍ରଭୁ, ସ୍ୱପନ ମେଁ ଭୀ ନା ଦେହ ॥

ଅର୍ଥାତ୍ ଗୁରୁଦ୍ରୋହୀ ସହିତ ସଂପର୍କ ରଖିଥିବା ବ୍ୟକ୍ତି ଭକ୍ତିହୀନ ହୋଇ ନର୍କ ଏବଂ ଚୌରାସୀ ଲକ୍ଷ ଯୋନିକୁ ଚାଲିଯିବ ।

୨୦.ଜୂଆ ଖେଳିବା ନିଷେଧ:-

ଜୂଆ ଏବଂ ତାସ୍ କଦାପି ଖେଳିବେ ନାହିଁ ।

କବୀର,ମାଂସ ଭଖୈ ଔର ମଦ ପିୟେ, ଧନ ବେଶ୍ୟା ସୋଁ ଖାୟ ।

ଜୁଆ ଖେଳି ଚୋରୀ କରୈ, ଅନ୍ତ ସମୂଲା ଜାୟ ॥

୨୧. ନାଚିବା-ଗାଇବା ନିଷେଧ:- କୌଣସି ପ୍ରକାରର ଖୁସି ଅବସରରେ ନାଚିବା ଓ ଅଶ୍ଳୀଳ ଗୀତ ଗାଇବା ଭକ୍ତି ଭାବର ବିରୁଦ୍ଧ ଅଟେ । ଯେପରି ଏକଦା ଜଣେ ବିଧବା ଭଉଣୀ କୌଣସି ଏକ ଖୁସି ଅବସରରେ ନିଜ ବନ୍ଧୁଙ୍କ ଘରକୁ ଯାଇଥିଲେ । ସେଠାରେ ସମସ୍ତେ ଖୁସିରେ ନାଚ-ଗୀତ କରୁଥିଲେ କିନ୍ତୁ ସେହି ଭଉଣୀ ଏକାନ୍ତ ସ୍ଥାନରେ ବସି ପ୍ରଭୁ ଚିନ୍ତନରେ ମଗ୍ନ ଥିଲେ । ପୁଣି ବନ୍ଧୁମାନେ ତାଙ୍କୁ ପଚାରିଲେ ଯେ ଆପଣ ଏଭଳି ନିରାଶ ହୋଇ କାହିଁକି ବସିଛନ୍ତି ? ଆପଣ ମଧ୍ୟ ଆମ୍ଭମାନଙ୍କ ପରି ନାଚ-ଗୀତ କରି ଖୁସି ହୁଅନ୍ତୁ । ତା'ପରେ ସେହି ଭଉଣୀ କହିଲେ,

କାହା ପାଇଁ ଖୁସି ହେବି ? ମୋ ଭଳି ବିଧବାର ଏକମାତ୍ର ପୁତ୍ର ଥିଲା ତାକୁ ଭଗବାନ ଛଡାଇ ନେଲେ । ଏବେ ମୋ ଜୀବନରେ ଆଉ କେଉଁ ଖୁସି ଅଛି ? ଏହି କାଳଲୋକରେ ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ଥିତି ଠିକ୍ ଏହିଭଳି । ଗୁରୁ ନାନକ ଦେବଜୀଙ୍କ ବାଣୀରେ ଅଛି ଯେ :-

ନା ଜାନେ କାଲ କୀ କର ଡାରୈ, କିସ ବିଧି ଜଲ ପାସା ଓ୍ୱେ ।

ଜିହ୍ନାଦେ ସିର ତେ ମୌତ ଖୁଡଗ ଦୀ, ଉହ୍ନାନୁଁ କେଡା ହାଂସାଓ୍ୱେ ॥

ସାଧ ମିଲେଁ ସାଡୀ ଶାଦୀ (ଖୁଶୀ) ହୋଂଦୀ, ବିଛଡ ଦାଂ ଦିଲ ଗିରି (ଦୁଃଖ) ଓ୍ୱେ ।

ଅଖଦେ ନାନକ ସୁନୋ ଜିହାନା, ମୁଶ୍କିଲ ହାଲ ଫକୀରୀ ଓ୍ୱେ ।

କବୀର ସାହେବଜୀ ମହାରାଜ ମଧ୍ୟ କୁହନ୍ତି ଯେ :-

କବୀର, ଝୁଠେ ସୁଖ କୋ ସୁଖ କହୈ, ମାନ ରହା ମନ ମୋଦ ।

ସକଲ ଚବୀନା କାଲକା, କୁଛ ମୁଖ ମେଁ କୁଛ ଗୋଦ ॥

କବୀର, ବେଟା ଜାୟା ଖୁଶୀ ହଇ, ବହୁତ ବଜାୟେ ଥାଲ ।

ଆଓ୍ୱଣ ଜାଣା ଲଗ ରହା, ଜ୍ୟାଁ କୀଡୀ କା ନାଲ ॥

ବିଶେଷ :- ସ୍ତ୍ରୀ ଓ ପୁରୁଷ ଉଭୟେ ପରମାତ୍ମା ପ୍ରାପ୍ତିର ଅଧିକାରୀ ଅଟନ୍ତି । ସ୍ତ୍ରୀ ଲୋକଙ୍କର ମାସିକ ଧର୍ମ (Maince) ସମୟରେ ମଧ୍ୟ ନିଜର ଦୈନିକ ପୂଜା, ଜ୍ୟୋତି ଜଳାଇବା ଆଦି ବନ୍ଦ କରିବା ଅନୁଚିତ ଏବଂ କାହାର ମୃତ୍ୟୁ କିମ୍ବା ଜନ୍ମରେ ମଧ୍ୟ ଦୈନିକ ପୂଜାକର୍ମ ବନ୍ଦ କରିବେ ନାହିଁ ।

ନୋଟ୍ :- ଯେଉଁ ଭକ୍ତ ଏହି ଏକୋଇଶ ସୂତ୍ରୀ ଆଦେଶ ପାଳନ ନ କରିବେ ତାଙ୍କ ନାମ ସମାପ୍ତ ହୋଇଯିବ । ଯଦି ଅଜାଣତରେ କୌଣସି ଭୁଲ ହୋଇଯାଏ ତେବେ ତାହା କ୍ଷମଣୀୟ, ଏବଂ ଜାଣିଶୁଣି ଯଦି କୌଣସି ଭୁଲ କରନ୍ତି ତେବେ ସେହି ଭକ୍ତ ନାମ ରହିତ ହୋଇଯାଏ । ଏହାର ସମାଧାନ ହେଉଛି ଗୁରୁଦେବଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ପୁନର୍ବାର ନାମ ଉପଦେଶ ନେବାକୁ ପଡିବ ।

ଲେଖକ

ସନ୍ଥ ରାମପାଲ ଦାସ ମହାରାଜ

ସତ୍‌ଲୋକ ଆଶ୍ରମ, ବରୱାଲା

ଜିଲ୍ଲା-ହିସାର, ହରିୟାଣା(ଭାରତ)

❑❑❑❑

"ଶାସ୍ତ୍ରାନୁକୂଳ ଭକ୍ତି ସାଧନାରୁ ଭକ୍ତମାନଙ୍କୁ ମିଳିଥିବା ଲାଭ"

"କିଡ୍‌ନୀ ଠିକ୍ କରିବା ଓ ଶୈତାନ୍‌କୁ ମାନବ କରିବ ।"

ମୁଁ ଭକ୍ତ ଜଗଦୀଶ, ପିତା- ଶ୍ରୀ ପ୍ରଭୁରାମ, ଗ୍ରାମ- ପଞ୍ଜାବ ଖୋଡ, ଦିଲ୍ଲୀ - ୮୧ । ମୁଁ ଡି.ଟି.ସି. (ଦିଲ୍ଲୀ ଟ୍ରାନସପୋର୍ଟ କର୍ପୋରେସନ)ରେ ମେକାନିକ୍ କାର୍ଯ୍ୟ କରେ । ମଦ, ମୋତେ ରାକ୍ଷସ ପ୍ରବୃତ୍ତିର ଏକ ମାନବ କରି ଦେଇଥିଲା । ମଦ ପିଇବା, କୁକୁଡା ମାଂସ ଖାଇବା, ସିଗାରେଟ୍ ଟାଣିବା, ହୁକ୍‌କା ପିଇବାରେ ମୁଁ ଅଭ୍ୟସ୍ତ ଥିଲି ।

ମୁଁ ପ୍ରାୟ ସନ୍ଧ୍ୟା ୭ଟା ରୁ ୮ଟା ଭିତରେ କାମରୁ ଘରକୁ ଫେରିଥାଏ । ଅତ୍ୟାଧିକ ମଦ୍ୟପାନ କରିବା କାରଣରୁ ଅନେକ ଥର ଘରକୁ ଫେରିବାରେ ୯ ବା ୧୦ଟା ମଧ୍ୟ ହୋଇଯାଏ । ମଦ ନିଶାରେ ପାଗଳ ହୋଇ ଗୋଡ ଏଣେ ତେଣେ ପଡୁଥିବା ଅବସ୍ଥାରେ ଢଳି ଢଳି ଘରକୁ ପ୍ରବେଶ କରୁଥିଲି । ଘରେ ପ୍ରବେଶ କରିବା ମାତ୍ରେ ପତ୍ନୀ ଓ ପିଲାଙ୍କୁ ପିଟିବା ଆରମ୍ଭ କରିଦିଏ, ଘରେ ପ୍ରତିଦିନ ପ୍ରଳୟ ସୃଷ୍ଟି ହେଉଥିଲା । ଯେଉଁ କୋମଳମତି ପିଲାମାନଙ୍କୁ ସ୍ନେହରେ କୋଳାଗ୍ରତ କରିବା ଉଚିତ ସେହି ପିଲାମାନେ ମୋତେ ଦେଖି ଖଟ ତଳେ ଲୁଚିଯାଉଥିଲେ । ପିଲାମାନେ ଏହା ଭାବି ବାପାଙ୍କ ଫେରିବା ରାସ୍ତାକୁ ଚାହିଁ ବସିଥାନ୍ତି ଯେ ବାପା ଆସିବେ, ଆମ ପାଇଁ ଖାଇବା ଜିନିଷ ଆଣିଥିବେ । କିନ୍ତୁ ମୁଁ ଖାଇବା ଜିନିଷ ଆଣିବା ପରିବର୍ତ୍ତେ ମଦରେ ନିଶାରେ ପାଗଳ ହୋଇ ନାଲି ଆଖି ଦେଖାଇ ପିଲାଙ୍କୁ ମାଡ ଦେଇଥାଏ ।

ଅନ୍ୟପଟେ ମୋ ଧର୍ମପତ୍ନୀ ସୁମିତ୍ରା ଦେବୀ ନିଜ ଦୁଃଖୀ ପରିବାରିକ ଜୀବନରେ ଭୟଙ୍କର ରୋଗ ସହିତ ସଂଘର୍ଷ କରି ସମୟ କାଟୁଥିଲା । ତା'ର କିଡ୍‌ନୀ ଦୁଇଟି ଖରାପ ହୋଇ ଯାଇଥିଲା । ଡାକ୍ତର ଏହା କହିସାରିଥିଲେ ଯେ ଯେତେ ଔଷଧ ଖାଇଲେ ମଧ୍ୟ ଛଅ ମାସରୁ ଅଧିକ ସମୟ ଜୀବିତ ରହିବା ଅସମ୍ଭବ । ଅଲ୍ ଇଣ୍ଡିଆ ମେଡ଼ିକାଲ ଏବଂ ଡଃ. ରାମ ମନୋହର ଲୋହିୟା ହସ୍ପିଟାଲ, ଦିଲ୍ଲୀରୁ ମଧ୍ୟ ଏହି ରିପୋର୍ଟ ଆସିଲା ଯେ କିଡ୍‌ନୀ ଖରାପ ହୋଇସାରିଛି ଏବଂ ଛଅ ମାସରୁ ଅଧିକ ସମୟ ବଞ୍ଚିବା ଅସମ୍ଭବ, ତା' ସହିତ ଔଷଧ ମଧ୍ୟ ଶେଷ ସମୟ ପର୍ଯ୍ୟନ୍ତ ଖାଇବାକୁ ପଡିବ । ସେହି କୋମଳମତି ପିଲାମାନଙ୍କର ଅବସ୍ଥା କ'ଣ ହେବ ଯେଉଁମାନଙ୍କର ପିତା ମଦ୍ୟପ ଓ ମାତା ମୃତ୍ୟୁଶଯ୍ୟାରେ । କୌଣସି ଭାରି କାର୍ଯ୍ୟ କରିବା କଷ୍ଟସାଧ୍ୟ ହେଉଥିଲା । ସେହି ପିଲାମାନଙ୍କୁ ଯେତେବେଳେ ଜଣାପଡିଲା ଯେ ସେମାନଙ୍କର ମାଆ ଛଅ ମାସରୁ ଅଧିକ ସମୟ ଜୀବିତ ରହିବେ ନାହିଁ ସେତେବେଳେ ପିଲାମାନଙ୍କ ଆଖିରୁ ଲୁହ ଝରିବା ବନ୍ଦ ହେଲାନାହିଁ । ବାପା ମଦ୍ୟପ, ମାଆ ଭୟଙ୍କର ରୋଗରେ ପୀଡିତ, ଆମ୍ଭମାନଙ୍କର କ'ଣ ହେବ ? ତିନି ପୁଅ ଓ ଗୋଟିଏ ଝିଅ ନିଜ ମାଆ ନିକଟରେ ବସି କାନ୍ଦିବାକୁ ଲାଗିଲେ ଏବଂ କହିଲେ, ହେ ଭଗବାନ ! ଆମ ସମସ୍ତଙ୍କୁ ମଧ୍ୟ ଆମ ମାଆଙ୍କ ସହିତ ନିଜ ପାଖକୁ ନେଇଯାଅ । କାହା ଭରଷାରେ ଆମ୍ଭେ ଏଠାରେ ବଞ୍ଚିବୁ ?

ପରମାତ୍ମା ସେହି ପିଲାମାନଙ୍କର ଡାକ ଶୁଣିଲେ ଏବଂ ଆମ୍ଭ ଶୁଭକର୍ମର ସମୟ ଉଦୟ ହେଲା । ଆମ୍ଭ ପଡ଼ୋଶୀ ଭକ୍ତମତି ନିହାଲୀ ଦେବୀ ନିଜ ଗୁରୁଦେବ ସନ୍ଥ ରାମପାଲଜୀ ମହାରାଜଙ୍କ ଆଜ୍ଞାନୁସାରେ ସଦଗୁରୁ ଗରୀବ ଦାସଜୀ ମହାରାଜଙ୍କ ଅମୃତମୟୀ ବାଣୀର ତିନି

ଦିବସୀୟ ଅଖଣ୍ଡ ପାଠ ନିଜ ଘରେ ୩୦-୩୧-୧ ଜାନୁୟାରୀ ୧୯୯୭ରେ କରାଇଲେ । ସନ୍ଥ ରାମପାଲଜୀ ମହାରାଜ ୩୧ ଡିସେମ୍ବର ୧୯୯୬ ରାତି ୯ଟାରୁ ୧୧ଟା ପର୍ଯ୍ୟନ୍ତ ସତସଙ୍ଗ କଲେ । ମୋ ଧର୍ମପତ୍ନୀ ସୁମିତ୍ରା ଦେବୀ ମଧ୍ୟ ସତସଙ୍ଗ ଶୁଣିବା ପାଇଁ ପଡୋଶୀଙ୍କ ଘରକୁ ଚାଲିଗଲେ । କିଛି ସମୟ ପରେ ମୁଁ (ଜଗଦୀଶ) ମଧ୍ୟ ନିଜ କାମରୁ ଘରକୁ ଫେରିଲି । ଘରକୁ ଫେରିବା ପରେ ପିଲାମାନଙ୍କଠାରୁ ଜାଣିପାରିଲି ଯେ ମୋ ଧର୍ମପତ୍ନୀ ସତସଙ୍ଗ ଶୁଣିବା ପାଇଁ ନିହାଲୀ ଦେବୀଙ୍କ ଘରକୁ ଯାଇଛନ୍ତି । ଏହା ଶୁଣି ମୁଁ ବହୁତ କ୍ରୋଧିତ ହେଲି ଏବଂ ମୁଁ କହିଲି ଯେ କେଉଁ ପାଖଣ୍ଡି (ଭଣ୍ଡ)ପାଖକୁ ଯାଇଛି ସେ ? ମୁଁ ବର୍ତ୍ତମାନ ତାକୁ ପିଟିପିଟି ଘରକୁ ଆଣିବି । ଏହି ବିଚାର କରି ଭକ୍ତମତୀ ନିହାଲୀ ଦେବୀଙ୍କ ଘରକୁ ମୁଁ ଗଲି । ମୁଁ ମଦ ପିଇଥିଲି । ନିହାଲୀ ଦେବୀଙ୍କ ଘରେ ଯେତେବେଳେ ମୁଁ ପହଞ୍ଚିଲି ସେତେବେଳ ସନ୍ଥ ରାମପାଲଜୀ ମହାରାଜ ସତସଙ୍ଗ କରୁଥିଲେ, ବହୁ ସଂଖ୍ୟାରେ ଭକ୍ତଗଣ ସତସଙ୍ଗ ଶୁଣୁଥିଲେ । ସମସ୍ତଙ୍କୁ ଦେଖି ମୁଁ କିଛି ନ କହି ଚୁପ୍ ଚାପ୍ ସମସ୍ତଙ୍କ ପଛରେ ବସି ସତସଙ୍ଗ ଶୁଣିଲି । ସତସଙ୍ଗରେ ମହାରାଜ ଜୀ କହିଲେ :-

ଶରାବ ପୀବୈ କଡଓ୍ୱା ପାନୀ, ସଉର ଜନ୍ମ ଶ୍ୱାନ୍ କେ ଜାନୀ ।
ଗରୀବ୍, ସୋ ନାରୀ ଜାରୀ କରୈଁ, ସୁରାପାନ ସୋ ବାର ।
ଏକ୍ ଚିଲମ ହୁକକା ବରୈଁ, ଡୁବୈଂ କାଲୀ ଧାର ॥
କବୀର, ମାନୁଷ ଜନ୍ମ ପାୟକର, ନହିଁ ଭଜେ ହରିନାମ ।
ଜୈସେ କୁଆ ଜଲ ବିନା, ଖୁଦ୍‌ବାୟା କିସ୍ କାମ ॥

ମହାରାଜ ସତସଙ୍ଗରେ କହିଲେ ଯେ ପିଲାମାନଙ୍କୁ ଯେଉଁ ପିତା କୋଳାଗ୍ରତ କରିବା କଥା ସେହି ମଦ୍ୟପ ବ୍ୟକ୍ତିକୁ ଦେଖି ପିଲାମାନେ ଖଟ ତଳେ ଲୁଚି ଯାଉଛନ୍ତି । ମଦ୍ୟପ ବ୍ୟକ୍ତି ଆପଣ ନିଜେ ମଧ୍ୟ ଦୁଃଖୀ, ଧନ ହାନୀ, ସମାଜରେ ଇଜ୍ଜତ ହାନୀ ତଥା ପରିବାର, ପଡ଼ୋଶୀ ଏପରି କି ବନ୍ଧୁ ବାନ୍ଧବଙ୍କୁ ହଇରାଣ କରି ଅଭିଶାପ ପ୍ରାପ୍ତ କରିଥାଏ । ଯେପରି ମଦ୍ୟପର ପତ୍ନୀ ଓ ପିଲାମାନେ ତ ବହୁତ କଷ୍ଟ ଭୋଗ କରିଥାନ୍ତି କିନ୍ତୁ ସେହି ପତ୍ନୀର ମାତା-ପିତା, ଭାଇ-ଭଉଣୀ ଇତ୍ୟାଦି ଦିନ-ରାତି ଚିନ୍ତିତ ରହିଥାନ୍ତି । ସମସ୍ତ ପାପର ଭାର ସେହି ଅଜ୍ଞାନୀ ମଦ୍ୟପର ମୁଣ୍ଡ ଉପରକୁ ଆସିଯାଏ । ଭକ୍ତି କରି ଆତ୍ମକଲ୍ୟାଣ କରିବା ପାଇଁ ପ୍ରଭୂ ଆମ୍ଭକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ମଦ୍ୟପାନ କରି ଅମୂଲ୍ୟ ମନୁଷ୍ୟ ଜୀବନକୁ ନଷ୍ଟ କରିବା ଅନୁଚିତ । ଯେଉଁ ପିଲା ସ୍କୁଲରେ ଶିକ୍ଷା ଗ୍ରହଣ ନ ବ୍ୟର୍ଥରେ ବୁଲି ମସ୍ତି କରିଥାଏ, ସେହି ପିଲା ଶିକ୍ଷାରୁ ବଞ୍ଚିତ ରହିଯାଇଥାଏ । ପୁଣି ଜୀବନସାରା ମୂଲ ଲାଗି ପେଟ ପୋଷିଥାଏ । ପୁଣି ପୁର୍ବର ସମସ୍ତ କଥା ତା'ର ମନେ ପଡ଼ିଯିବା ପରେ ସେ ଭାବିଥାଏ ଯେ ମୁଁ ଯଦି ଦୁଷ୍ଟାମୀ କରିନଥାନ୍ତି ତେବେ ଅନ୍ୟ ସହପାଠୀମାନଙ୍କ ପରି ଆଜି ବଡ ଅଧିକାରୀ ହୋଇଥାନ୍ତି । ପରନ୍ତୁ ଏବେ ଚିନ୍ତାକଲେ କ'ଣ ହେବ, ସେତେବେଳେ ଏହି କଥା ଚିନ୍ତା କରିବାର ଥିଲା ।

କବୀର ସାହେବ କୁହନ୍ତି ଯେ :- ଅଚ୍ଛେଦିନ୍ ପୀଛେ ଗୟେ, ଗୁରୁସେ କିୟା ନା ହେତ୍ । ଅବ୍ ପଛ୍‌ତାଓ୍ୱା କ୍ୟା କରେ, ଜବ୍ ଚିଡିୟାଁ ଚୁଗ୍ ଗଇ ଖେତ୍ ॥

ଏହି ପ୍ରକାରେ ମନୁଷ୍ୟ ଜନ୍ମରେ ଯେଉଁ ପ୍ରାଣୀ ପ୍ରଭୂ ଭକ୍ତି କରିନଥାଏ ସେ ପଶୁ-ପକ୍ଷୀ ଯୋନି ପ୍ରାପ୍ତ କରିଥାଏ । ଯେଉଁ ବ୍ୟକ୍ତି ମଦ ପିଇଥାଏ, ସେ ମଦ ନିଶାରେ ଭୋଜନ ଥାଳିକୁ ଗୋଇଠା ମାରିଥାଏ । ଭକ୍ତି ନ କରିବା କାରଣରୁ ଭିନ୍ନ ଭିନ୍ନ ପ୍ରାଣୀଙ୍କ ଯୋନିରେ ସେ ନାନା କଷ୍ଟ ଭୋଗିଥାଏ । କେବେ ସେ କୁକୁର ଯୋନି ପ୍ରାପ୍ତ ମଧ୍ୟ ପ୍ରାପ୍ତ କରିଥାଏ । କୁକୁର, ଶୀତ-କାକର ରାତିରେ ଗଳି-କନ୍ଧିରେ ପଡିରହିଥାଏ । ଉପରୁ ବର୍ଷା ତଥା ଶୀତ ରାତିର ମହାକଷ୍ଟ ଭୋଗିବାକୁ ବାଧ୍ୟ ହୋଇଥାଏ । କାହା ରୋଷେଇ ଘରେ କେବେ ପ୍ରବେଶ କରିବାକୁ ଚେଷ୍ଟା କରିବା ସମୟରେ ଘରଲୋକେ ତାକୁ ଲାଠି ବା ପଥର ଦ୍ୱାରା ମାରିଥାନ୍ତି । କୁକୁର ବହୁତ ସମୟ ପର୍ଯ୍ୟନ୍ତ ଚିତ୍କାର କରିଥାଏ । ପୁଣି ଅନ୍ୟ ଘରେ ପସିଥାଏ, ଜଣା ନାହିଁ ସେଠାରେ ରୁଟି ମିଳିବ କି ଠେଙ୍ଗାମାଡ । ଯଦି ଭାଗ୍ୟକୁ ସେଠାରେ ମଧ୍ୟ ଠେଙ୍ଗାମାଡ ମିଳିଲା ତେବେ ସେହି ମଦ୍ୟପ (ଯିଏ ବର୍ତ୍ତମାନ କୁକୁର ହୋଇଛି) ଗାଁ ବାହାରକୁ ଚାଲି ଯାଇଥାଏ । ଭୋକରେ ବ୍ୟାକୁଳ ହୋଇ ମନୁଷ୍ୟର ମଳ ଖାଇଥାଏ । ସେହି ଅଜ୍ଞାନୀ ପ୍ରାଣୀ ମନୁଷ୍ୟ ଶରୀର ଧାରଣ କରିଥିବା ସମୟରେ ଯଦି ସତସଙ୍ଗକୁ ଆସି ପ୍ରବଚନ ଶୁଣିଥାନ୍ତା, କୁକର୍ମ ତ୍ୟାଗ କରି ନିଜର କଲ୍ୟାଣ କରାଇଥାନ୍ତା ତଥା ପିଲାମାନଙ୍କୁ ଉତ୍ତମ ଶିକ୍ଷା ତଥା ପ୍ରଭୂଙ୍କ ଦୀକ୍ଷା ପ୍ରଦାନ କରାଇଥାନ୍ତା, ତେବେ ସଦା ସର୍ବଦା ପାଇଁ ସେ ସୁଖୀ ହୋଇ ରହିଥାନ୍ତା । ମଦ ନିଶା ଅଳ୍ପ ସମୟ ପାଇଁ ରହିଥାଏ । ପରମାତ୍ମାଙ୍କ ନାମ ଭଜନରୁ ପ୍ରାପ୍ତ ସୁଖ ଓ ଆନନ୍ଦ ସର୍ବଦା ସାଥିରେ ରହିଥାଏ ।

ଆଦରଣୀୟ ସନ୍ଥ ରାମପାଲଜୀ ମହାରାଜଙ୍କର ଉପରୋକ୍ତ ସତସଙ୍ଗ ଶୁଣି ମୋ ମଦ ନିଶା ଦୁର ହୋଇଗଲା । ନୟନରୁ ଅଶ୍ରୁ ବୋହିବାକୁ ଲାଗିଲା । ଘରକୁ ଚାଲି ଆସିଲି କିନ୍ତୁ ନିଦ ଆସିଲା ନାହିଁ । ୧୯୯୭ ମସିହା ଜାନୁୟାରୀ ମାସ ୧ ତାରିଖରେ, ଦ୍ୱିପ୍ରହର ଘ. ୧.୩୦ ସମୟରେ ନିଜ ପତ୍ନୀକୁ ସାଥିରେ ନେଇ ସନ୍ଥ ରାମପାଲଜୀ ମହାରାଜଙ୍କ ନିକଟକୁ ଗଲି, ଆତ୍ମକଲ୍ୟାଣ ପାଇଁ ତାଙ୍କଠାରୁ ଉପଦେଶ ପ୍ରାପ୍ତକଲି । ସେହି ଦିନଠାରୁ ଆଜି (୨୦୦୫) ପର୍ଯ୍ୟନ୍ତ ମଦ, ତମାଖୁ ଓ ମାଂସ ଇତ୍ୟାଦି କେବେ ମଧ୍ୟ ସ୍ପର୍ଶ କରି ନାହିଁ । ମୋ ପତ୍ନୀ ମଧ୍ୟ ସତଗୁରୁ ରାମପାଲ ଜୀଙ୍କଠାରୁ ଉପଦେଶ ପ୍ରାପ୍ତ କଲେ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ଡାକ୍ତରଙ୍କ ଚିକିତ୍ସା ଓ ଏକ୍ସରେ ରିପୋର୍ଟ ଆଜି ମଧ୍ୟ ଘରେ ରଖିଛୁ । ସମସ୍ତଙ୍କୁ ଦେଖାଉଛୁ । ସନ୍ଥ ରୂପରେ ଆସିଥିବା ପରମେଶ୍ୱରଙ୍କ ସନ୍ଦେଶ ବାହକ ସନ୍ଥ ରାମପାଲ ଜୀଙ୍କୁ ଚିହ୍ନନ୍ତୁ । ନିଶୁଳ୍କ ନାମ ଦୀକ୍ଷା ପ୍ରାପ୍ତ କରି ନିଜର କଲ୍ୟାଣ କରାନ୍ତୁ ।

ଭକ୍ତ ଜଗଦିଶ ଦାସ,

"ଭକ୍ତ ଦୀପକ ଦାସଙ୍କ ପରିବାର୍‌ର୍ ଆତ୍ମକଥା"

॥ ବନ୍ଦୀଛୋଡ୍ ସଦଗୁରୁ ରାମପାଲଜୀ ମହାରାଜଜୀଙ୍କ ଦୟା ॥

ଏହି ଦାସର ନାମ ଦୀପକ ଦାସ, ପିତା- ଶ୍ରୀ ବଲଜୀତ୍ ସିଂହ, ଗ୍ରାମ- ମହଲାନା, ଜିଲ୍ଲା- ସୋନୀପତ । ତିନିପିଢିରୁ ଆମ୍ଭେ ରାଧାସ୍ୱାମୀ ପନ୍ଥ ଡେରା ବାବା ଜୈମଲ୍ ସିଂହଙ୍କ ଠାରୁ ନାମ ଉପଦେଶ ନେଇଥିଲୁ । ସର୍ବପ୍ରଥମେ ମୋ ଜେଜେ ମାଆଙ୍କ ମାତାଜୀ ଅର୍ଥାତ୍ ମୋ ପିତାଙ୍କ ଆଈ ରାଧାସ୍ୱାମୀ ପନ୍ଥରୁ ନାମ ଉପଦେଶ ନେଇଥିଲେ । ତା'ପରେ ମୋ ଜେଜେ ବାପ-ଜେଜେ

ମାଆ ଏବଂ ପରେ ମୋ ମାତା-ପିତା ମଧ୍ୟ ରାଧାସ୍ୱାମୀ ପନ୍ଥର ସନ୍ଥ ଗୁରୁବିନ୍ଦ୍ର ସିଂହ ଜୀଙ୍କ ଠାରୁ ନାମ ଉପଦେଶ ନେଇଥିଲେ । ଆମ୍ଭେ ଗୁରୁବିନ୍ଦ୍ରଜୀ ମହାରାଜଙ୍କୁ ପୂର୍ଣ୍ଣ ପୁରୁଷ ବୋଲି ମାନୁଥିଲୁ ତଥା ଏହି ପନ୍ଥରେ ପୂର୍ଣ୍ଣ ଶ୍ରଦ୍ଧା ଏହି ବିଚାର କରି ରଖିଥିଲୁ ଯେ ସଂସାରରେ ପ୍ରଭୁପ୍ରାପ୍ତିର ଶ୍ରେଷ୍ଠପନ୍ଥ ଏହି ରାଧାସ୍ୱାମୀ ପନ୍ଥ ଅଟେ । ସେମାନଙ୍କର ବିଶାଳ ଶିବିର ଓ ସତସଙ୍ଗ ସମୂହ ପ୍ରତି ଆମ୍ଭେ ବିଶେଷ ଆକର୍ଷିତ ହୋଇଥିଲୁ ତଥା ସେବା କରିବା ପାଇଁ ଡେରା ବାବା ଜୈମଲ୍ ସିଂହ ବ୍ୟାସ (ପଞ୍ଜାବ) ଓ ଛତ୍ତରପୁର, ପୂସାରୋଡ ଦିଲ୍ଲୀକୁ ମଧ୍ୟ ଯାଉଥିଲୁ । କିନ୍ତୁ ଏହି ପନ୍ଥରେ ବୟସାନୁସାରେ ନାମ ଦିଆଯାଉଥିବା କାରଣରୁ ଏବେ ନାମ ନେବା ପାଇଁ ମୁଁ ଅଯୋଗ୍ୟ ଥିଲି ।

ଯେଉଁଦିନ ମୋ ମାତା-ପିତା ନାମ ନେବା ପାଇଁ ଛତ୍ତରପୁର ଯାଇଥିଲେ ସେହି ଦିନ ମୋ ସାନଭାଇ (ବୟସ-୫) ହାତରୁ ଅଜାଣତରେ କୌଣସି ଏକ ବସ୍ତୁ ପଡୋଶୀ ଘରର ଏକ ପିଲା ଆଖିରେ ବାଜିଗଲା । ମୋ ମାତା-ପିତା ନାମ ଉପଦେଶ ନେଇ ସନ୍ଧ୍ୟାରେ ଘରକୁ ଫେରିଲେ । ସେହି ଦିନଠାରୁ ପଡୋଶୀଙ୍କ ସହିତ ଆମ୍ଭର ଶତ୍ରୁତା ଆରମ୍ଭ ହେଲା । ସେମାନେ କହିଲେ ଯେ ଆପଣଙ୍କ ପୁଅ ଜାଣିଶୁଣି ଆମ ପୁଅ ଆଖିରେ ଆଘାତ କରିଛି । ସେହି ଦିନଠାରୁ ଆମ୍ଭ ଉପରେ ଦୁଃଖର ପାହାଡ ଛିଣ୍ଡବା ଆରମ୍ଭ ହେଲା ।

ଇତ୍ୟବସରରେ ଅସୁସ୍ଥତା କାରଣରୁ ମୋ ଜେଜେଙ୍କର ଦେହାନ୍ତ ହୋଇଗଲା । ଯେତେବେଳେ ମୋ ଜେଜେଙ୍କ ପାର୍ଥିବ ଶରୀର ଅନ୍ୟ କକ୍ଷରେ ରଖାଯାଇଥିଲା ସେହି ସମୟରେ ମୋ ଜେଜୀ (୧୨ବର୍ଷ ପୂର୍ବେ ଯାହାଙ୍କର ଦେହାନ୍ତ ହୋଇସାରିଥିଲା) ମୋ ପିଉସୀ ପ୍ରେମବତୀଙ୍କ ଶରୀରରେ ପ୍ରେତବତଃ ପ୍ରବେଶ କରି କଥାବାର୍ତ୍ତା କରିବାକୁ ଲାଗିଲେ । (ମୋ ଜେଜୀ ମଧ୍ୟ ରାଧାସ୍ୱାମୀ ପନ୍ଥରୁ ପ୍ରାପ୍ତ ପାଞ୍ଚନାମର କଠୋର ସାଧନା କରୁଥିଲେ । ସେ ପ୍ରତିଦିନ ପ୍ରାତଃ ତିନିଟାରେ ଓ ଦିନରେ ମଧ୍ୟ ଭଜନ ସୁମିରଣ କରିବା ପାଇଁ ବସିଯାଉଥିଲେ ଏବଂ ଘଣ୍ଟା-ଘଣ୍ଟା ଧରି ରାଧାସ୍ୱାମୀ ପନ୍ଥ ଦ୍ୱାରା ପ୍ରଦତ୍ତ ନାମର ଜପ ଓ ଅଭ୍ୟାସ କରୁଥିଲେ) ସେ କହିଲେ, ତୁମ ଜେଜେଙ୍କର ଜୀବନ ସଂସ୍କାର ଆଜି ସମାପ୍ତ ହୋଇଗଲା ତେଣୁ ତୁମ୍ଭମାନଙ୍କୁ ସମ୍ଭାଳିବା ପାଇଁ ମୁଁ ଆସିଛି । ଜୀବିତ ଅବସ୍ଥାରେ ମୋ ଜେଜୀଙ୍କୁ ଶ୍ୱାସ ରୋଗଥିବା କାରଣରୁ ସବୁବେଳେ ସେ କାଶୁଥିଲେ, ବାର ବର୍ଷ ପରେ ମଧ୍ୟ ପୂର୍ବଭଳି କାଶୁଥିଲେ । ଏହା ଦେଖି ଆମେ ପଚାରିଲୁ ଯେ "ଜେଜୀ ! ଆପଣତ ବହୁତ ଦୁଃଖୀ ଜଣା ପଡୁଛନ୍ତି, ଆପଣ ସତ୍‌ଲୋକ ଯାଇନାହାଁନ୍ତି କି ?" । ଏହାଶୁଣି ମୋ ଜେଜୀ କହିଲେ "ପୁଅ ! ମୁଁ ଭୁଲ ସାଧନା ଯୋଗୁଁ ନିଜର ବହୁମୂଲ୍ୟ ମନୁଷ୍ୟ ଜୀବନ ବ୍ୟର୍ଥ କରିଦେଲି ଏବଂ ମୃତ୍ୟୁ ପରେ ଏବେ ଭୂତ ଯୋନିରେ ବହୁତ କଷ୍ଟ-ଯାତନା ଭୋଗ କରୁଛି । ମୁଁ କେଉଁ ସତ୍‌ଲୋକକୁ ଯାଇନାହିଁ" ମୋ ମାଆ ଅତି ଆଶ୍ଚର୍ଯ୍ୟର ସହ ପଚାରିଲେ, "ମାଆ ! ଆପଣଙ୍କୁ ଆପଣଙ୍କ ଗୁରୁ ଚରଣ ସିଂହ ଜୀ ମହାରାଜ ସହାୟ ହେଲେ ନାହିଁ କି ?" ଏହାଶୁଣି ମୋ ଜେଜୀ ଅତ୍ୟନ୍ତ ଦୁଃଖର ସହିତ କହିଲେ, "ସେ ମୋର କୌଣସି ବ୍ୟବସ୍ଥା କଲେ ନାହିଁ ଏବଂ ଆଜି ମଧ୍ୟ ମୁଁ ଏହିପରି ଦୁଃଖ ପାଉଅଛି"।

ସେହି ଘଟଣାର ଦୁଇ ବର୍ଷପରେ ଦିନେ ମୋ ଦ୍ୱିତୀୟ ପିଉସୀ କମଳା ଦେବୀଙ୍କ ଶରୀରରେ ମୋ ଜେଜେ ପ୍ରେତବତଃ ପ୍ରବେଶ କରି କହିଲେ, "ମୁଁ ବହୁତ ଦୁଃଖରେ ଅଛି

ଏବଂ ମୋର କୌଣସି ଗତି (ମୋକ୍ଷ) ହୋଇନାହିଁ, ମୁଁ ଗାଧୋଇବା ପାଇଁ ଚାହୁଁଛି" । ଏହା ଶୁଣିସାରି ମୋ ମାତା ଦୁଃଖ ଓ ଆଶ୍ଚର୍ଯ୍ୟ ପ୍ରକଟ କରି କହିଲେ, "ଆପଣ ତ ସତ୍‌ଲୋକ ଯାଇଥିଲେ, ସେଠାରେ ଗାଧୋଇବା ପାଇଁ ପାଣି ନାହିଁ କି ?" କିନ୍ତୁ ଜେଜେ କୌଣସି ଉତ୍ତର ଦେଲେ ନାହିଁ । ତା'ପରେ ମୋ ମାଆ ମୋ ଦାଦାଜୀ (ଅର୍ଥାତ୍ ମୋ ପିଉସୀ କମଳା ଦେବୀଙ୍କ ଶରୀରରେ ଯିଏ ପ୍ରେତବତଃ ପ୍ରବେଶ କରିଥିଲେ)ଙ୍କୁ ଗାଧୋଇ ଦେବାରୁ ସେ କହିଲେ, "ଝିଅ ! ମୁଁ ନିଜେ ଗାଧୋଇବି" । ମୋ ମାଆ ଜେଜେଙ୍କୁ (ଯିଏ ମୋ ପିଉସୀଙ୍କ ଶରୀରରେ ପ୍ରବେଶ କରିଥିଲେ) ପିଉସୀ ପିନ୍ଧୁଥିବା ବସ୍ତ୍ର ପିନ୍ଧାଇ ଦେଲେ । ଏହା ଦେଖି ମୋ ଜେଜେ କହିଲେ, "ରହ ଝିଅ ! ମୋ ଧୋତି ଆଣ, ମୁଁ ନିଜେ ପିନ୍ଧିବି ।" ମୋ ମାଆ ଏକ ଚାଦର ଧରାଇ ଦେଲେ ଯାହାକୁ ସେ ପିନ୍ଧିଥିବା ବସ୍ତ୍ର ଉପରେ ଗୁଡାଇ ଦେଲେ । ତା'ପରେ କହିଲେ, "ମୋ ପାଇଁ ଚାହା ତିଆରି କର ଏବଂ ଖୁବ୍ ଶୀଘ୍ର ସେ ଚାହା ପିଇ ପକାଇଲେ ।" ମୁଁ ପଚାରିଲି, ଜେଜେ ! ଆପଣ ସତ୍‌ଲୋକ ଯାଇନାହାଁନ୍ତି କି ? ସେ କହିଲେ, "ପୁଅ ! ମୁଁ ତ ବହୁତ କଷ୍ଟରେ ଅଛି" । ମୋ ମାଆ ପୁଣି ପଚାରିଲେ ଆପଣ ତ ରାଧାସ୍ୱାମୀ ହଜୁର ଚରଣ ସିଂହ ଜୀ ମହାରାଜଙ୍କଠାରୁ ନାମ ଉପଦେଶ ନେଇଥିଲେ, ଭକ୍ତି ମଧ୍ୟ କରୁଥିଲେ, ସେ ଆପଣଙ୍କ ପାଇଁ କୌଣସି ବ୍ୟବସ୍ଥା କଲେନାହିଁ କି ? ସେତେବେଳେ ମୋ ଜେଜେ (ଯିଏ ମୋ ପଉସୀ କମଳା ଦେବୀଙ୍କ ଶରୀରରେ ପ୍ରେତବତଃ ପ୍ରବେଶ କରିଥିଲେ) କହିଲେ, "ସେ ମୋ ପାଇଁ କୌଣସି ବ୍ୟବସ୍ଥା କଲେ ନାହିଁ, ମୁଁ ଏହିପରି କଷ୍ଟ ସହ୍ୟକରି ଘୁରିବୁଲୁଛି ।"

ଇତ୍ୟାବସରରେ ମୋ ଆଖି ଏତେ ଦୁର୍ବଳ ହୋଇଗଲା ଯେ ମୋତେ କମ ଦେଖାଯିବାକୁ ଲାଗିଲା ଏବଂ ଚଷମା ବାରମ୍ବାର ବଦଳାଇବାକୁ ପଡିଲା । ମୁଁ ପଢିବା ପାଇଁ ମୋର ଏକ ସାଙ୍ଗ ପାଖକୁ ଯାଉଥିଲି । ସେଠାରେ ଭକ୍ତ ସନ୍ତରାମ ଜୀ ପୂର୍ଣ୍ଣବ୍ରହ୍ମଙ୍କ ଅବତାର ସଦଗୁରୁ ରାମପାଲ ଜୀ ମହାରାଜଙ୍କ ମହିମା ବିଷୟରେ ମୋତେ ଶୁଣାଇଲେ ତଥା କହିଲେ ଯେ ଆପଣ ସଦଗୁରୁ ରାମପାଲ ଜୀ ମହାରାଜଙ୍କଠାରୁ ନାମ ଉପଦେଶ ନିଅନ୍ତୁ, ଆପଣଙ୍କ ଆଖି ଭଲ ହୋଇଯିବ, ଏହିଭଳି ଦୁଃଖ-କଷ୍ଟରୁ ଆମ୍ଭ ଭଳି ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ ପରମେଶ୍ୱର କବୀର ସାହେବ ସନ୍ତ ରୂପ ଧାରଣ କରି ଆସନ୍ତି । ମୁଁ କହିଲି, "ମୋ ମାତା-ପିତା ରାଧାସ୍ୱାମୀ ପନ୍ଥରୁ ନାମ ଉପଦେଶ ନେଇ ସାରିଛନ୍ତି ।" ଭକ୍ତ ସନ୍ତରାମ ଜୀ କହିଲେ, "ସେହି ପନ୍ଥ ପୂର୍ଣ୍ଣ ନୁହେଁ, ତାଙ୍କ ଭକ୍ତି ସାଧନା ଦ୍ୱାରା ନା ସତ୍‌ଲୋକ ପ୍ରାପ୍ତି ହେବ, ନା ଜୀବନରେ କେବେ କର୍ମଦଣ୍ଡ ଟଳିବ, କେବଳ କବୀର ସାହେବଙ୍କ ପ୍ରତିନିଧି ପୂର୍ଣ୍ଣ ସନ୍ତ କର୍ମଦଣ୍ଡକୁ କାଟି ଦେଇପାରିବେ ।"

ମୋ ପିତାଙ୍କର ଶ୍ୱାସରୋଗ ଥିଲା, ଦଶ ପାହୁଣ୍ଡ ଚାଲିଲା ପରେ ସେ ଥକି ଯାଉଥିଲେ ଏବଂ ଶ୍ୱାସରୋଗ କାରଣରୁ ନିଶ୍ୱାସ ନେବାରେ କଷ୍ଟ ହେଉଥିଲା, ତାଙ୍କର ହାଇ ଓ ଲୋ ବ୍ଲଡ ପ୍ରେସର ବେମାର ମଧ୍ୟ ଥିଲା । ଇଲେକ୍ସନ ଡ୍ୟୁଟି ସମୟରେ ମୋ ପିତାଙ୍କୁ ହାର୍ଟ ଆଟାକ୍ ହେଲା, ମାତ୍ର ଉତ୍ତମ କର୍ମ ସଂସ୍କାର କାରଣରୁ ସେ ବଞ୍ଚିଗଲେ, କିନ୍ତୁ ଆମ୍ଭେ ଏହା ଭାବିଲୁ ଯେ ରାଧାସ୍ୱାମୀ ପନ୍ଥର ସନ୍ତ ଗୁରୁବିନ୍ଦ୍ର ସିଂହ ଜୀ ମହାରାଜ ତାଙ୍କୁ ହାର୍ଟ ଆଟାକ୍‌ରୁ ବଞ୍ଚାଇ ଦେଲେ, ବହୁତ ଦୟା କଲେ ।

କିନ୍ତୁ ତା'ପରେ ଶୀତ ଦିନର ପ୍ରତ୍ୟେକଟି ରାତିରେ ପିତାଜୀଙ୍କର ସେହି କଷ୍ଟ ଆମ୍ଭେ

ଦେଖିଛୁ, ଏକଦମ୍ ମୃତ ପ୍ରାୟ ହୋଇ ଯାଉଥିଲେ, ତାଙ୍କ ପାଖରେ ବସି କେବଳ କାନ୍ଦିବା ବ୍ୟତିତ ଅନ୍ୟ କୌଣସି ଉପାୟ ଆମ୍ଭକୁ ନଜର ଆସୁନଥିଲା, କାରଣ ଔଷଧ କାମ କରୁନଥିଲା, ଯଥା ସମ୍ଭବ ଔଷଧର ସର୍ବାଧିକ ଡୋଜ୍ ଡାକ୍ତର ବଢାଇ ସାରିଥିଲେ । ଅଧିକ କଡା ଔଷଧ ଦେବା ପାଇଁ ଆଉ ନଥିଲା । ମୋ ମାଆ ଡେରାବାବା ଜୈମଲ୍ ସିଂହଙ୍କଠାରୁ ଆଣିଥିବା ପ୍ରସାଦ ତାଙ୍କୁ ଖୁଆଇଲେ ଏବଂ ରାଧାସ୍ୱାମୀ ପନ୍ଥୀ ଗୁରୁବିନ୍ଦ୍ର ସିଂହ ଜୀ ମହାରାଜଙ୍କ ମୂର୍ତ୍ତୀ ସମ୍ମୁଖରେ ବସି କାନ୍ଦି କାନ୍ଦି ପ୍ରାର୍ଥନା କଲେ । ଏହି ସମୟରେ ମୋ ଛୋଟ ଭାଇକୁ ପ୍ରେତ ପ୍ରୋକୋପିତ କଲା । ରାତିରେ ସେ ଚମକିପଡି ଉଠି ପଡୁଥିଲା ଏବଂ କହୁଥିଲା ଯେ "କେହି ମୋ ଗୋଡକୁ ଧରି ଟାଣୁଛି ଏବଂ ମୋତେ ଶୋଇବାକୁ ଦେଉନାହିଁ" । ସେ ମଧ୍ୟ ବହୁତ ଅସୁସ୍ଥ ହୋଇଗଲା । ପୂର୍ଣ୍ଣ ପରମାତ୍ମା କବୀର୍ ପରମେଶ୍ୱରଜୀଙ୍କ ଦୟାରୁ ୮ ଅକ୍ଟୋବର ୧୯୯୮ ମସିହାରେ ଏହି ଦାସକୁ (ମୋତେ) ସଦଗୁରୁ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ପ୍ରାପ୍ତ ହେଲା । ସଦଗୁରୁ ରାମପାଲଜୀ ମହାରାଜଜୀଙ୍କ ଅସୀମ କୃପାରୁ ୨୦ଦିନ ଭିତରେ ମୋତେ ଚଷମା କାଢିବାକୁ ପଡିଲା ଏବଂ ମୁଁ ଔଷଧ ଖାଇବା ମଧ୍ୟ ଛାଡି ଦେଲି । ସଦଗୁରୁ ରାମପାଲଜୀ ମହାରାଜଙ୍କ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ହୋଇ ଯାଇଥିଲା । ଭକ୍ତ ସନ୍ତରାମ ଜୀ ଆମ ଘରକୁ ଆସି ମୋ ମାତା-ପିତାଙ୍କୁ ମଧ୍ୟ ବୁଝାଇ କହିଲେ ଯେ ଆପଣ ପୂର୍ଣ୍ଣ ପରମାତ୍ମା କବୀର ସାହେବଙ୍କ ପ୍ରତିନିଧି ପୂର୍ଣ୍ଣ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ନିଅନ୍ତୁ । ଆପଣଙ୍କର ସମସ୍ତ କଷ୍ଟ ନିବାରଣ ହୋଇଯିବ ।

ତା'ପରେ ମୁଁ ମଧ୍ୟ ମୋ ମାତା-ପିତାଙ୍କୁ ବୁଝାଇଲି, ସେ କହିଲେ "ଆମ୍ଭେ ପ୍ରଥମେ ରାଧାସ୍ୱାମୀ ଥିଲେ, ଏବେ ସନ୍ଥ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ନେଲେ ଦୁନିଆ କ'ଣ କହିବ ?" ଏହା ଶୁଣି ମୁଁ କହିଲି, "ପିତାଜୀ ! ଯଦି ଗୋଟିଏ ଡାକ୍ତର ପାଖରେ ଆମ୍ଭ ରୋଗ ଭଲ ହେଉନାହିଁ ତେବେ ଅନ୍ୟ ଡାକ୍ତର ବଦଳାଇବା କ'ଣ ଭୁଲ ?" ସେ ବହୁତ ଦୁଃଖି ଥିଲେ, କିଛି ଦିନ ପରେ କବୀର ପରମେଶ୍ୱରଜୀଙ୍କ ଶରଣକୁ ଆସିଗଲେ ଏବଂ ରାଧାସ୍ୱାମୀ ପନ୍ଥର ସେହି ପାଞ୍ଚନାମକୁ ତ୍ୟାଗ କରି ପୂର୍ଣ୍ଣସନ୍ଥ ସଦଗୁରୁ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ଗ୍ରହଣ କଲେ ।

ସଦଗୁରୁ କବୀର ସାହେବଜୀ କୁହନ୍ତି ଯେ "ଶରଣ ପଡେ କୋ ଗୁରୁ ସମ୍ଭାଲେ ଜାନ କେ ବାଳକ ଭୋଲା ରେ" ସାରା ପରିବାର ନାମ ଉପଦେଶ ନେବା ପରେ ଆମ୍ଭମାନଙ୍କର ଭଲ ଦିନ ପ୍ରାରମ୍ଭ ହୋଇଗଲା । ମୋ ଭାଇର ପ୍ରେତବାଧା ଦୂର ହୋଇଗଲା, ପିତାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଠିକ୍ ହୋଇଗଲା, ପ୍ରଥମେ ସେ ଦଶପାଦ ମଧ୍ୟ ଚାଲି ପାରୁନଥିଲେ, ଏବେ କିନ୍ତୁ ଜଣେ ଲୋକକୁ ସାଙ୍ଗରେ ଧରି ଚିନି ବସ୍ତା ଉଠାଇ ଦେଉଛନ୍ତି । ସପରିବାରେ ଆଜି ଆମ୍ଭେ ପୂର୍ଣ୍ଣ ପରମାତ୍ମାଙ୍କ ଅବତାର ସଦଗୁରୁ ରାମପାଲଜୀ ମହାରାଜଙ୍କ ଶରଣରେ ଆଶ୍ରିତ ତଥା ତାଙ୍କ ଦୟାରୁ ସଂପୂର୍ଣ୍ଣ ସୁଖୀ ଅଛୁ ।

କିନ୍ତୁ ଆମ୍ଭ ଜେଜେ ବାପା, ଜେଜେ ମାଆ ଏବଂ ପିତାଙ୍କ ଆଈ, ଏମାନଙ୍କୁ ମିଳିଥିବା ମନୁଷ୍ୟ ଜୀବନର ଯେଉଁ କ୍ଷତି ହେଲା ତାକୁ କୌଣସି ପ୍ରକାରେ ପୁରଣ କରାଯାଇ ପାରିବ

ନାହିଁ । ଲକ୍ଷ-ଲକ୍ଷ, କୋଟି-କୋଟି ଟଙ୍କା ଖର୍ଚ୍ଚ କରି ଯଦି କୌଣଷି ଲୋକର ଜୀବନ ବଞ୍ଚିଯାଇ ପାରୁଛି ତେବେ ଖର୍ଚ୍ଚ କରା ଯାଇଥିବା ସେହି ଅର୍ଥ ପାଇଁ ମନରେ କୌଣସି ଅବଶୋଷ ରୁହେ ନାହିଁ, ଏବଂ ମଣିଷ ଏହା ଚିନ୍ତାକରେ ଯେ ଯାହା ଖର୍ଚ୍ଚ ହେଉ ପଛେ ଜୀବନ ତ ବଞ୍ଚିଗଲା । ପରନ୍ତୁ ଆଜି ଯେତେ ମୂଲ୍ୟ ପୈଠ କଲେ ସୁଦ୍ଧା ମୋ ଜେଜେ ବାପ - ଜେଜେ ମାଆଙ୍କ ଜୀବନ ଯାହା ଶାସ୍ତ୍ରବିରୁଦ୍ଧ ସାଧନାରେ(ରାଧାସ୍ୱାମୀ ପନ୍ଥ ଦ୍ୱାରା ବତାଯାଇଥିବା ନାମର ସାଧନା) ସଂପୂର୍ଣ୍ଣ ବ୍ୟର୍ଥ ଗଲା (ସେମାନେ ଭୂତ ଓ ପିତୃ ପୁରୁଷଙ୍କ ଯୋନିରେ କଷ୍ଟ ଭୋଗ କରୁଛନ୍ତି) ତାହା ପୁର୍ନବାର ଫେରିବ ନାହିଁ । ଏହପରି ନକଲି ପନ୍ଥର ସନ୍ଥମାନେ ସର୍ବ ସମାଜ ସହିତ ଘୃଣ୍ୟ କାର୍ଯ୍ୟ କରୁଛନ୍ତି, କାରଣ ଚୌରାଶି ଲକ୍ଷ ଯୋନି ଭୋଗହେବା ପରେ ହିଁ ମନୁଷ୍ୟକୁ ଏହି ବହୁମୁଲ୍ୟ ଜୀବନ ମିଳେ ଯାହା ପୂର୍ଣ୍ଣ ପରମାତ୍ମାଙ୍କୁ ପ୍ରାପ୍ତ କରିବାର ଏକମାତ୍ର ମାଧମ ଅଟେ, ଏହି ନକଲି ସନ୍ଥମାନେ ଏହାକୁ ବରବାଦ୍ (ନଷ୍ଟ) କରି ଦେଉଛନ୍ତି । ଏହି ମହାକ୍ଷତିର ଆପୂର୍ତ୍ତି କୌଣସି ପ୍ରକାରେ କରାଯାଇ ପାରିବ ନାହିଁ ।

ସଦଗୁରୁଜୀ ! ଆପଣ ଆମ୍ଭ ଭଳି ତୁଚ୍ଛ ଜୀବମାନଙ୍କ ଉପରେ ବହୁତ ଦୟା କଲେ, ସତ୍ୟଜ୍ଞାନ ଦେଇ ନିଜ ଶରଣକୁ ନେଲେ ଅନ୍ୟଥା ବଂଶାନୁକ୍ରମେ ଆମ୍ଭେ ମଧ ଏହି ଶାସ୍ତ୍ରବିଧି ସମ୍ମତ ସତ୍ୟଭକ୍ତିରୁ ବଞ୍ଚିତ ହୋଇ ଅମୂଲ୍ୟ ମନୁଷ୍ୟ ଜନ୍ମକୁ ସମାପ୍ତ କରି କେଉଁ ଭୂତ-ପ୍ରେତ ଯୋନିକୁ ଚାଲି ଯାଇଥାନ୍ତୁ ।

ସର୍ବ ବୁଦ୍ଧିଜୀବୀ ସମାଜକୁ ଏହି ପ୍ରାର୍ଥନା ଯେ ଏବେ ମଧ ସମୟ ଅଛି, ଏହି ସତ୍ୟଜ୍ଞାନକୁ ହୃଦୟଙ୍ଗମ କରି ନିରପେକ୍ଷ ଭାବେ ବିଚାର କରନ୍ତୁ । ବନ୍ଦୀମୁକ୍ତି ଦାତା ସଦଗୁରୁ ରାମପାଲଜୀ ମହାରାଜଙ୍କ ଚରଣକୁ ଆସି ସତ୍‌ଭକ୍ତି ପ୍ରାପ୍ତ କରି ନିଜ ମନୁଷ୍ୟ ଜୀବନର କଲ୍ୟାଣ କରାନ୍ତୁ ।

ଭକ୍ତ ଦୀପକ ଦାସ

ମୋ ନଂ. +୯୧୮୫୭୧୯୭୩୦୯୩

"୧୧୦୦୦ ଭୋଲ୍ଟ ତାରରୁ ମୁକ୍ତ କରିବା"

ମୁଁ ଭକ୍ତ ସୁରେଶ ଦାସ, ପିତା- ଶ୍ରୀ ଚାନ୍ଦ ରାମ, ଗ୍ରାମ - ଧନାନା, ଜିଲ୍ଲା- ସୋନୀପତ, ବର୍ତ୍ତମାନ କିନ୍ତୁ ଶାସ୍ତ୍ରୀ ନଗର ରୋହତକ (ହରିୟାଣା)ର ନିବାସୀ । ସଦଗୁରୁଙ୍କଠାରୁ ନାମ ଉପଦେଶ ନେବା ପୂର୍ବରୁ ମୋ ଘରର ଆର୍ଥିକ ସ୍ଥିତି ବହୁତ ଦୁର୍ବଳ ଥିଲା । ମୋ ପରିବାରରେ ଏଭଳି କୌଣସି ଜଣେ ବି ସଦସ୍ୟ ନ ଥିବେ ଯିଏ କେବେ ରୋଗଗ୍ରସ୍ତ ହୋଇ ନ ଥିବେ । ମୋ ପତ୍ନୀଙ୍କୁ ଭୂତପ୍ରେତ ବହୁତ ହଇରାଣ କରୁଥିଲେ । ଏତେ କଷ୍ଟ ଭୋଗକରି ମଧ ଆମ୍ଭେ ଦେବୀ-ଦେବତାଙ୍କର ବହୁତ ପୂଜା କରୁଥିଲୁ ତଥା ହନୁମାନଜୀଙ୍କ ଉପରେ ମୋର ବହୁତ ଆସ୍ଥା ଥିଲା । ପରନ୍ତୁ ପରିବାର ଉପରକୁ ସଂକଟ ପରେ ସଂକଟ ନିରନ୍ତର ଆସୁଥିଲା । କୌଣସି କାର୍ଯ୍ୟରେ ଲାଭ ହେଉନଥିଲା । ପୂର୍ଣ୍ଣ ପରମାତ୍ମା ସଦଗୁରୁ ରାମପାଲଜୀ ମହାରାଜ ମୋ ପରିବାରର ସଦସ୍ୟ ହୋଇଥିବା କାରଣରୁ ଆମ୍ଭେ ତାଙ୍କୁ ପୂର୍ଣ୍ଣ ପରମାତ୍ମା ରୂପେ ସ୍ୱୀକାର କରିପାରୁନଥିଲୁ । ଯାହାର ପରିଣାମ କିଛି ବର୍ଷ ପର୍ଯ୍ୟନ୍ତ ଆମ୍ଭକୁ ଭୋଗୀବାକୁ ପଡିଥିଲା । ଗ୍ରାମ ସିଂହପୁରା ନିବାସୀ ଭକ୍ତ

ବିକାଶ ମୋତେ କହିଲେ ଯେ ଆପଣଙ୍କ ଘରକୁ ପୂର୍ଣ୍ଣ ପରମାତ୍ମା ଜଗତଗୁରୁ ରାମପାଲଜୀ ମହାରାଜ ଆସିଛନ୍ତି, ଆପଣ କେଉଁ ଦୁନିଆରେ ଅଛନ୍ତି । ଏହା ଶୁଣି ମୁଁ କହିଲି, କାଳ ଆମକୁ ଏତେ କଷ୍ଟରେ ରଖିଛି ଯେ ଆମ୍ଭକୁ ତାଙ୍କ ବିଷୟରେ ଜାଣିବାକୁ ସମୟ ମିଳି ନ ଥିଲା । ଅଧିକାଂଶ ସମୟ ଡାକ୍ତରଖାନାରେ କଟିବା ସହିତ ବହୁତ ଆର୍ଥିକ କଷ୍ଟ ମଧ୍ୟ ମିଳୁଛି । ସେହି ଭକ୍ତ ମୋତେ ବହୁତ ବୁଝାଇଲେ ଏବଂ ପୂର୍ଣ୍ଣ ପରମାତ୍ମାଙ୍କର ଏପରି ଦୟା ହେଲା ଯେ ମୁଁ ସନ୍ତ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ନେବା ପାଇଁ ଅକ୍ଟୋବର ୨୦୧୦ରେ ସତଲୋକ ଆଶ୍ରମ ବରୱାଲାରେ ପହଞ୍ଚିଗଲି । ନାମ ଉପଦେଶ ନେଇ ସାରିବା ପରେ ସଦଗୁରୁଜୀ ମୋ ପାଇଁ ନିଜ ଦୟାର ପେଡି ଖୋଲି ଦେଲେ ଏବଂ ମୋତେ ସେହି ସୁଖ ଅନୁଭବ ହେବାକୁ ଲାଗିଲା, ଯାହାର ବର୍ଣ୍ଣନା ଏହି ମୁଖରେ କରିବା ବହୁତ କଠିନ ।

ମୋ ପତ୍ନୀକୁ ଭୂତପ୍ରେତ କଷ୍ଟ ଦେଉଥିଲେ । ସଦଗୁରୁ ଦେବଙ୍କ ଦୟାରୁ ଏବେ ସେ ସଂପୂର୍ଣ୍ଣ ଠିକ୍ ଅଛି । ୭ ସେପ୍ଟେମ୍ବର ୨୦୧୧ ମସିହାରେ ମୋ ପୁଅ ମୋହିତ, ବୟସ- ୧୨ ବର୍ଷ ଯିଏ ମୋ କହିବା ଅନୁସାରେ ମିସ୍ତ୍ରୀକୁ ଡାକିବା ପାଇଁ ଯାଇଥିଲା, ମୋ ପୁଅ ମିସ୍ତ୍ରିର ଘର ଛାତ ଉପରକୁ ଚଢିଯାଇ ତାଜା ଉପରକୁ ଉଠିଗଲା । ତାଜା ଉପରେ ୧୧୦୦୦ (ଏଗାର ହଜାର) ଭୋଲଟେଜର ବିଦ୍ୟୁତ୍ ତାର ଥିଲା । ପୁଅ ଓ ତାର ମଝିରେ କେବଳ ଏକ ଫୁଟ୍‌ର ବ୍ୟବଧାନ ଥିଲା । ସେ ତାର ନିକଟରେ ପହଞ୍ଚିବା କ୍ଷଣୀ ତାର ତାକୁ ଟାଣିନେଲା । ପିଲା ମୁଣ୍ଡରେ ତାର ଲାଗିଯାଇ ଏକ ଇଁଚ୍ ଭିତରକୁ ପସିଗଲା । ମୁହଁ ପୋଡିଯିବା ସହିତ ସାରା ଶରୀରରେ ବିଜୁଳି ପ୍ରବେଶ କରି ଗୋଡ ଆଙ୍ଗୁଠିର ହାଡକୁ ନଷ୍ଟ କରି ବାହାରିଗଲା । ସେହି ସମୟରେ ସଦଗୁରୁ ରାମପାଲ ଜୀ ମହାରାଜ ଆକାଶ ମାର୍ଗରୁ ଅବତରଣ କଲେ ତଥା ବହୁତ ତେଜୋମୟ ଶରୀର ସହିତ ମୋ ପୁଅକୁ ଦୃଶ୍ୟମାନ ହେଲେ ଯେପରି ହଜାର ହଜାର ଟ୍ୟୁବ୍ ଲାଇଟରୁ ଆଲୋକ ବାହାରୁଛି । ସେ ବାଳକର ହାତକୁ ଧରି ବିଜୁଳି ତାର କବଳରୁ ଛଡାଇ ଦେଇ ତାଜା ଉପରେ ତାକୁ ଶୁଆଇ ଦେଲେ । ତା'ପରେ ସଦଗୁରୁଙ୍କ ସହିତ ବାଳକର ବହୁତ ବାର୍ତ୍ତାଳାପ ହେଲା ଏବଂ ସଦଗୁରୁଜୀ ଯେତେବେଳେ ଯିବାକୁ ବାହାରିଲେ ସେତେବେଳେ ବାଳକ ପଚାରିଲା, ଗୁରୁଜୀ! ଆପଣ କେଉଁଆଡେ ଯାଉଛନ୍ତି । ଗୁରୁଜୀ କହିଲେ, ପୁତ୍ର ! ମୁଁ ତୋ ସହିତ ଅଛି ତୁ ଆଦୌ ଭୟ କରନା । ସେହି ସମୟରେ ମୋ ପୁଅ ମୋହିତର ମାଆ ମଧ୍ୟ ସେଠାରେ ଥିଲେ । ସମସ୍ତ ଦୃଶ୍ୟ ସେ ନିଜ ଆଖିରେ ଦେଖି ଭୟଭୀତ ହୋଇଗଲେ । କାରଣ ବାଳକର ଶରୀରରୁ ବିଜୁଳିର ଧାସ ବାହାରୁଥିଲା ।

ତା'ପରେ ଆମେ ବାଳକକୁ ରୋହତକ ବଡ ମେଡିକାଲ (ପି.ଜି.ଆଇ)କୁ ନେଇଗଲୁ । ସେଠାରେ ମଧ୍ୟ ଗୁରୁଜୀ ବାଳକକୁ ଦୃଶ୍ୟମାନ ହେଲେ । ମୋ ପୁଅ ଏହା କହୁଥାଏ ଯେ ଗୁରୁଜୀ ମୋ ସାଥିରେ ଅଛନ୍ତି । ଆପଣ ଆଦୌ ଭୟଭୀତ ହୁଅନ୍ତୁ ନାହିଁ । ଯଦି ଆଜି ଆମେ ଗୁରୁଜୀଙ୍କ ଶରଣରେ ନଥାନ୍ତୁ ତେବେ ଆମ ପୁଅ ଆଜି ଜୀବିତ ନଥାନ୍ତା ତଥା ମୋ ପତ୍ନୀକୁ ମଧ୍ୟ ଭୁତ-ପ୍ରେତ ମାରି ଦେଇଥାନ୍ତେ, ଆମ୍ଭେ ବିନାଶ ହେବାରୁ ବଞ୍ଚିଗଲୁ । ଏହା ସଦଗୁରୁ ରାମପାଲ ଜୀ ମହାରାଜଙ୍କର ହିଁ ଦୟା ଅଟେ ।

ପାଠକମାନଙ୍କୁ ଏହି ପ୍ରାର୍ଥନା ଯେ ମୋ ସତ୍ୟକଥାଟିକୁ ପଢି ଆପଣ ମଧ୍ୟ ସଦଗୁରୁ ରାମପାଲ ଜୀ ମାହାରାଜଙ୍କ ଶରଣାପନ୍ନ ହୁଅନ୍ତୁ ଏବଂ ସମୟ ପୂର୍ବରୁ ନିଜର କଲ୍ୟାଣ କରାନ୍ତୁ ଯାହାଦ୍ୱାରା ପ୍ରାରବ୍ଧରେ ଲେଖାଥିବା କର୍ମ କାରଣରୁ ଯେଉଁ ଅଘଟଣ ଘଟିବାକୁ ଥିବ ସେହି ହାନୀରୁ ନିଜକୁ ପୂର୍ଣ୍ଣ ରୂପେ ରକ୍ଷା କରନ୍ତୁ । ସଦଗୁରୁ ରାମପାଲ ଜୀ ମହାରାଜଙ୍କ ସତସଙ୍ଗ ପ୍ରବଚନରୁ ମୁଁ ଶୁଣିଥିଲି ଯେ ପୂର୍ଣ୍ଣ ପରମାତ୍ମା ବନ୍ଦୀ ମୁକ୍ତିଦାତା କବୀର ଜୀ ଆମ୍ଭମାନଙ୍କର ସମସ୍ତ ପାପ ନାଶ କରିଦିଅନ୍ତି । ଏହାର ପ୍ରମାଣ ଋଗ୍ ବେଦ ମଣ୍ଡଳ ୧୦ ସୁକ୍ତ ୧୬୧ ମନ୍ତ୍ର ୨ରେ ତଥା ମଣ୍ଡଳ ୯ ସୁକ୍ତ ୮୦ ମନ୍ତ୍ର ୨ରେ ମଧ୍ୟ ଲେଖାଅଛି ଯେ କୌଣସି ରୋଗୀର ପ୍ରାଣଶକ୍ତି ଯଦି କ୍ଷୀଣ ହୋଇ ସାରିଥିବ ତଥା ତା'ର ଆୟୁଷ ମଧ୍ୟ ଶେଷ ହୋଇସାରିଥିବ ତେବେ ମୁଁ ତା' ପ୍ରାଣ ରକ୍ଷା କରିବି ଏବଂ ତାକୁ ଶହେବର୍ଷର ଆୟୁ ପ୍ରଦାନ କରବି ଅର୍ଥାତ୍ ଆୟୁ ବଢାଇ ସାଧକକୁ ସର୍ବସୁଖ ପ୍ରଦାନ କରିବି ।

ସଜ୍ଜନ ବୃନ୍ଦ ! ସଦଗୁରୁ ରାମପାଲଜୀ ମହାରାଜ ନିଜ ଅମୃତବାଣୀରେ ଏହା ମଧ୍ୟ କହିଛନ୍ତି ଯେ ପ୍ରତ୍ୟେକ ପ୍ରାଣୀ ନିଜ କୃତ କର୍ମାନୁସାରେ ସୁଖ ବା ଦୁଃଖ ଭୋଗ କରିଥାଏ । ପାପକର୍ମର ଫଳ ଦୁଃଖ ତଥା ପୂଣ୍ୟକର୍ମର ଫଳ ସୁଖ ଅଟେ । ବର୍ତ୍ତମାନ ସମୟର ସମସ୍ତ ସନ୍ଥ, ଆଚାର୍ଯ୍ୟ ଓ ଗୁରୁ ଏହା କହି ଆସୁଛନ୍ତି ଯେ ଆପଣଙ୍କୁ ପ୍ରାରବ୍ଧ କର୍ମ ଭୋଗକରି ହିଁ ସମାପ୍ତ କରିବାକୁ ପଡିବ । ହେ ସଭ୍ୟ ପାଠକଗଣ ! ସଦଗୁରୁ ରାମପାଲ ଜୀ ମାହାରାଜ କୁହନ୍ତି ଯେ ପାପକର୍ମ ନାଶ ହୋଇଗଲେ ଦୁଃଖର ଅନ୍ତ ସ୍ୱତଃ ହୋଇଯାଏ । ଭକ୍ତି କରୁଥିବା ଅବସ୍ଥାରେ ଯଦି ପାପ କର୍ମଫଳ ଭୋଗୀବାକୁ ପଡୁଛି ତେବେ ଭକ୍ତିର ଆବଶ୍ୟକତା ଏଠାରେ ସମାପ୍ତ ହୋଇଯାଉଛି । ଆମ୍ଭ ପ୍ରାରବ୍ଧ କର୍ମ କାରଣରୁ ୭ ସେପ୍ଟେମ୍ବର ୨୦୧୧ରେ ମୋ ପୁଅ ମୋହିତର ମୃତ୍ୟୁ ହେବାର ଥିଲା । ଆମ୍ଭ ସଦଗୁରୁ ରାମପାଲ ଜୀ ମହାରାଜଙ୍କ କୃପାରୁ ପରମପୂଜ୍ୟ କବୀର ପରମେଶ୍ୱର ଜୀ ଆମ୍ଭ ପାପ ନାଶ କଲେ ତଥା ମୋ ପୁତ୍ରର ଜୀବନ ରକ୍ଷା କରି ଆୟୁ ବଢାଇ ଦେଲେ । ପ୍ରାରବ୍ଧ କର୍ମର ଫଳସ୍ୱରୂପ ୭ ସେପ୍ଟେମ୍ବର ୨୦୧୧ରେ ଯଦି ମୋ ପୁଅ ମରି ଯାଇଥାନ୍ତା ତେବେ ପରିବାରର ସମସ୍ତ ସଦସ୍ୟ ଭକ୍ତି ତ୍ୟାଗ କରି ନିଶ୍ଚୟ ନାସ୍ତିକ ହୋଇ ଯାଇଥାନ୍ତୁ । କାରଣ ସେ ସମୟରେ ପୂର୍ଣ୍ଣ ପରମାତ୍ମାଙ୍କ ବିଷୟରେ ଆମ୍ଭର ପୂର୍ଣ୍ଣ ଜ୍ଞାନ ନଥିଲା । ଏବେ ଭଗବାନଙ୍କ ଉପରେ ଅତ୍ୟାଧିକ ବିଶ୍ୱାସ ବଢିଯାଇଛି । ଏହି ବିଶ୍ୱାସ ମଧ୍ୟ ହୋଇଗଲା ଯେ ପରମପୂଜ୍ୟ କବୀର ଜୀ ହିଁ ପରମେଶ୍ୱର ଅଟନ୍ତି । ସେ ପାପନାଶକ, ସର୍ବ ସୁଖଦାୟକ ଏବଂ ପୂର୍ଣ୍ଣମୋକ୍ଷ ଦାୟକ ଅଟନ୍ତି ତଥା ସଦଗୁରୁ ରାମପାଲଜୀ ମହାରାଜ ସେହି ପରମେଶ୍ୱରଙ୍କ ଦ୍ୱାରା ପ୍ରେରିତ ଅବତାର ଆଜି ଏହି ଧରା ପୃଷ୍ଠକୁ ଆସିଛନ୍ତି । ଅତଃ ଆପଣମାନଙ୍କୁ ପୁନଃ ପ୍ରାର୍ଥନା ଯେ ବିଳମ୍ବ ନକରି ସତ୍‌ଲୋକ ଆଶ୍ରମ ବରୱାଲାରେ ଶିଘ୍ର ପହଞ୍ଚନ୍ତୁ ଏବଂ ନାମ ଉପଦେଶ ନେଇ ନିଜର କଲ୍ୟାଣ କରାନ୍ତୁ । ଆପଣମାନଙ୍କୁ ପ୍ରାର୍ଥନା କରିବାର ମୋର ଏହି ଉଦ୍ଦେଷ୍ୟ ଯେ ମୋ ପରି ଏମିତି ଅନେକ ଦୁଃଖୀ ବ୍ୟକ୍ତି ସଂସାରରେ ଅଛନ୍ତି, ସେମାନେ ଉପରେ ବର୍ଣ୍ଣିତ ମୋ ଆତ୍ମକଥାକୁ ପଢ଼ି, ବିଚାର କରି ମୋ ପରି ନିଜ ସଂକଟର ନିବାରଣ କରାଇବା ସହିତ ସୁଖୀ ହୋଇ ପାରିବେ ।

ୟହ ସଂସାର ସମଝଦା ନାହୀଁ, କହଁଦା ଶାମ ଦୋପହରେ ନୂଁ ।

ଗରୀବ୍ ଦାସ ୟହ ୱ୍ୱକ୍ତ ଜାତ୍ ହୈ, ରୋୱ୍ୱଗେ ଇସ ପହରେ (ସମୟ) ନୂଁ ॥

ଭକ୍ତ ସୁରେଶ ଦାସ, ପିତା- ଶ୍ରୀ ଚାଁଦ ରାମ୍,

ଶାସ୍ତ୍ରୀ ନଗର, ରୋହତକ, ହରିୟାଣା

ମୋବାଇଲ ନଂ

୯୮୨୯୫୮୮୬୨୮ ।

"ପରମେଶ୍ୱରଙ୍କ ଅସୀମ କୃପା"

ବନ୍ଦୀଛୋଡ୍ ସଦଗୁରୁ ରାମପାଲଜୀ ମହାରାଜ କୀ ଜୟ

ଯଜୁର୍ବେଦ ଅଧ୍ୟାୟ ୮ ମନ୍ତ୍ର ୧୩ ରେ ପ୍ରମାଣ ଅଛି ଯେ ପୂର୍ଣ୍ଣ ପରମାତ୍ମା ମହାପାପୀମାଙ୍କର ପାପ ନାଶ କରି ଭୟଙ୍କର ରୋଗରୁ ମଧ୍ୟ ମୁକ୍ତ କରିଦିଅନ୍ତି । ମୁଁ ଏହାର ଜୀବନ୍ତ ଉଦାହରଣ ଅଟେ ।

ମୁଁ କେଶବ ମୈନାଲୀ, ପିତା- ଶ୍ରୀ ଇନ୍ଦ୍ର ପ୍ରସାଦ ମୈନାଲୀ, ଗ୍ରାମ- ବିକାଶ ସମିତି ହରିଓନ୍, ଜିଲ୍ଲା- ସର୍ଲାହୀ, ନେପାଳର ବାସିନ୍ଦା ଏବଂ ବର୍ତ୍ତମାନ ମୁଁ କାଠମାଣ୍ଡୁ ଉପତ୍ୟକା ସ୍ଥିତ ଟିମୀ ଭକ୍ତପୁରରେ ଘର ତିଆରି କରି ରହୁଅଛି । ମୁଁ ଚୁରେ ଭାବ୍ବର (ନେପାଳ) ନାମକ ରାଜନୈତିକ ପାର୍ଟିର ଅଧ୍ୟକ୍ଷ ଏବଂ ପୂର୍ବତନ ସାଂସଦ ଅଟେ । ମୋ ମୋବାଇଲ ନଂ- ୦୦୯୭୭-୯୮୪୧୮୯୨୫୮୩ ଅଟେ । ମୋ ଉପରେ ସଦଗୁରୁ ରାମପାଲ ଜୀ ମହାରାଜ ଚମତ୍କାରୀ କୃପାକରି ମୋର ଏବଂ ମୋ ପରିବାରର ସମସ୍ତ ଦୁଃଖକୁ ସମ୍ପୂର୍ଣ୍ଣ ନାଶ କରି ସୁଖୀ କରିଦେଲେ ।

ସମାଜ ଦୃଷ୍ଟିରେ ମୁଁ ଜଣେ ସୁଖୀ ଓ ସମ୍ମାନିତ ବ୍ୟକ୍ତି ରପେ ଜୀବନ ବ୍ୟତିତ କରୁଥିଲି କିନ୍ତୁ ବିଭିନ୍ନ ରୋଗ କାରଣରୁ ମୁଁ ବହୁତ ଦୁଃଖୀ ଥିଲି । ଦୀର୍ଘ ୨୦ବର୍ଷରୁ ମୁଁ ଭୟଙ୍କର ଭଗନ୍ଦର ରୋଗରେ ପୀଡ଼ିତ ଥିଲି ଯେଉଁ କାରଣରୁ ସୌଚ କରିବା ସମୟରେ ବହୁତ କଷ୍ଟ ପାଉଥିଲି, ଦୀର୍ଘ ୮ବର୍ଷ ପର୍ଯ୍ୟନ୍ତ କ୍ରୋନିକ୍ ବ୍ରୋଙ୍କାଇଟିସ୍ ରୋଗରେ ପୀଡିତ ଥିଲି । ରାଜନୈତିକ କର୍ମୀ ହୋଇଥିବା କାରଣରୁ ବହୁତ ଲୋକଙ୍କ ସହିତ ମିଳାମିଶା କରିବାକୁ ପଡୁଥିଲା । ନିଜ ଚିକିତ୍ସା ପାଇଁ ମୁଁ ସବୁଠାରୁ ଭଲ ଡାକ୍ତରଙ୍କ ସହ ପରାମର୍ଶ କଲି କିନ୍ତୁ କୌଣସି ଲାଭ ହେଲା ନାହିଁ । ଧର୍ମ ନାମରେ ଧନ୍ଦା କରୁଥିବା ଅଜ୍ଞାନୀ ସନ୍ଥମାନଙ୍କ ଠକାମିର ଶିକାର ହୋଇ ନିଜ ଜୀବନର ମୂଲ୍ୟବାନ ୬୨ବର୍ଷ ବ୍ୟର୍ଥ କରିଦେଲି ।

ସଦଗୁରୁ ରାମପାଲଜୀ ମହାରାଜଙ୍କଠାରୁ ନାମ ଉପଦେଶ ନେବା ପରେ ମୁଁ ଏହା ଅନୁଭବ କଲି । ନେପାଳ ସଂସଦର ସଦସ୍ୟ ହୋଇଥିବା କାରଣରୁ ସରକାରୀ ଖର୍ଚ୍ଚରେ ଦୁନିଆର ଯେ କୌଣସି ଡାକ୍ତରଖାନାରେ ମୁଁ ନିଜ ରୋଗର ଚିକିତ୍ସା କରାଇ ପାରିଥାନ୍ତି । କିନ୍ତୁ ନେପାଳ ମେଡିକାଲ

ବୋର୍ଡ ଏଥିପାଇଁ ସୁପାରିଶ କଲାନାହିଁ, କାରଣ ସେମାନଙ୍କ ଅନୁସାରେ ମୋ ରୋଗ ଅସାଧ୍ୟ ଥିଲା ଏବଂ କୌଣସି ଡାକ୍ତର ମୋତେ ଭଲ କରିପାରିନଥାନ୍ତେ । ମୋତେ ଏପରି ଅନୁଭବ ହେବାକୁ ଲାଗିଲା ଯେପରି ଆଜୀବନ ଦୁଃଖ ଭୋଗୀବାକୁ ପଡିବ ଏବଂ ସବୁ ଦିନ ପାଇଁ ଔଷଧ ଖାଇବାକୁ ପଡିବ ।

ଦିନେ ମୁଁ ଶୋକମଗ୍ନ ହୋଇ ବସିଥାଏ, ମୋର ଜଣେ ମିତ୍ର ଭକ୍ତ ଭୋଳା ଦାସ କିଛି ବର୍ଷରୁ ଯିଏ ସଦଗୁରୁ ରାମପାଲଜୀ ମହାରାଜଙ୍କର ଶିଷ୍ୟ ଥିଲା ସେ ମୋ ଦୁଃଖ ବିଷୟରେ ଶୁଣି କହିଲେ ଯେ ସଦଗୁରୁଜୀଙ୍କଠାରୁ ନାମ ଉପଦେଶ ନେଲେ ଆପଣଙ୍କର ସମସ୍ତ ଦୁଃଖ-କଷ୍ଟ ନିଶ୍ଚେ ଦୁର ହୋଇଯିବ । ଏହା କହି ମୋତେ ସେ ଭରଷା ଦେବାକୁ ଲାଗିଲେ । କଥାକଥିତ ବଡ଼-ବଡ଼ ସନ୍ଥମାନଙ୍କର ସତସଙ୍ଗ ଶୁଣି ମୁଁ ଥକି ସାରିଥିଲି । ଅନ୍ଧକାରରେ ଦୀପର ଆଲୋକ ସଦୃଶ୍ୟ ସେହି ମିତ୍ରର କଥା ମୋ ମନକୁ ଛୁଇଁଲା । ମୁଁ ତୃତୀୟ ଦିନରେ ହିଁ ସତ୍‌ଲୋକ ଆଶ୍ରମ, ଚଣ୍ଡିଗଡ ରୋଡ୍ ବରୱାଲା, ଜିଲ୍ଲା ହିସାର, ହରିୟାଣା (ଭାରତ)କୁ ଯାତ୍ରା ଆରମ୍ଭ କରିଦେଲି ତଥା ନିଜ ପତ୍ନୀକୁ ମଧ୍ୟ ସାଙ୍ଗରେ ଆଣିଲି । କାରଣ ଆଣ୍ଠୁ-ଗଣ୍ଠି ସମସ୍ୟା କାରଣରୁ ସେ ମଧ୍ୟ ବହୁତ କଷ୍ଟ ପାଉଥିଲା । ଜଳବିନ୍ଦୁ ନାମକ ଏକ ଅସାଧ୍ୟ ଚକ୍ଷୁରୋଗରେ ମଧ୍ୟ ସେ ପୀଡିତ ଥିଲା । ନିଜ ସାନ ପୁଅର ପତ୍ନୀ (ବୋହୂ)କୁ ମଧ୍ୟ ସାଙ୍ଗରେ ଆଣିଲୁ । ମୋତେ ରାସ୍ତାରେ ନେପାଳର କିଛି ଭକ୍ତ ମିଳିଗଲେ ଯେଉଁମାନେ ସତ୍‌ଲୋକ ଆଶ୍ରମକୁ ଯାଉଥିଲେ । ଏହି ପ୍ରକାରେ ବିନା ଅସୁବିଧାରେ ମୁଁ ସତ୍‌ଲୋକ ଆଶ୍ରମରେ ପହଞ୍ଚିଗଲି ।

ସନ୍ଥ ଓ ମହନ୍ତମାନଙ୍କର ସ୍ୱାର୍ଥପର କାର୍ଯ୍ୟ ସହିତ ମୁଁ ଭଲ ଭାବେ ପରିଚିତ ଥିଲି ତଥା ସଦଗୁରୁ ରାମପାଲଜୀ ମହାରାଜଙ୍କର କୌଣସି ପୁସ୍ତକ ଓ ପ୍ରବଚନ ପୁର୍ବରୁ କେବେ ପଢି ବା ଶୁଣିନଥିଲି, କୌଣସି ଲୋକର କଥାରେ ପ୍ରଭାବିତ ହୋଇ ଚାଲି ଆସିଥିଲି । ତେଣୁ ଆଶ୍ରମରେ ପହଞ୍ଚିବା କ୍ଷଣୀ ନାମ ଉପଦେଶ ନେବା ପାଇଁ ହଠାତ୍ ପ୍ରସ୍ତୁତ ହୋଇ ପାରିନଥିଲି । ସୌଭାଗ୍ୟର ବିଷୟ ଆଶ୍ରମରେ ମୋର ଆଗମନ ସତସଙ୍ଗ ସମାଗମର ସମୟରେ ହିଁ ହେଲା ଯାହାଦ୍ୱାର ସଦଗୁରୁ ଦେବଙ୍କର ସତସଙ୍ଗ ମୋତେ ଶୁଣିବାକୁ ମିଳିଲା ଯେଉଁଥିରୁ ମୁଁ ଜାଣିବାକୁ ପାଇଲି ଯେ ଏହି ସଂସାରର ସମସ୍ତ ଧର୍ମଗୁରୁ, ସମସ୍ତ ପଣ୍ଡିତ ଓ ସମସ୍ତ ପୁରୋହିତ ନିଜ ସ୍ୱାର୍ଥ ପାଇଁ ଧର୍ମ ନାମରେ ଧନ୍ଦା ଚଳାଇଛନ୍ତି, ଲୋକମାନଙ୍କୁ କାଳ ଜାଲରେ ଫସାଇ, ଆମ୍ଭ ଭଳି ନିରୀହ ଆତ୍ମାମାନଙ୍କୁ ନର୍କକୁ ପଠାଇବା ପାଇଁ ପ୍ରପଞ୍ଚ ରଚୁଛନ୍ତି । ନା ପରେମଶ୍ୱରଙ୍କ ସହିତ ସେମାନଙ୍କର କେବେ ସାକ୍ଷାତକାର ହୋଇଛି, ନା ପରମେଶ୍ୱରଙ୍କର ସତ୍ୟ ଭକ୍ତିର ଜ୍ଞାନ ସେମାନଙ୍କର ଅଛି । କିଛି ଅର୍ଥ ଓ ସମାଜରେ ନିଜର ବଡପଣିଆ ଦେଖାଇବା ପାଇଁ ସେମାନେ ଏଭଳି କାର୍ଯ୍ୟ କରୁଛନ୍ତି । ତଥାପି ମୁଁ ନାମ ଉପଦେଶ ନେବା ପାଇଁ ପ୍ରସ୍ତୁତ ହୋଇ ପାରିନଥିଲି । କିନ୍ତୁ ମୋ ପତ୍ନୀ ନାମ ଉପଦେଶ ନେବା ପାଇଁ ପ୍ରସ୍ତୁତ ଥିଲା । କାରଣ ନାମଦୀକ୍ଷା ବିନା ଗୁରୁଙ୍କ ଦର୍ଶନ ଓ ଆଶୀର୍ବାଦ ପ୍ରାପ୍ତି କରିବା ସମ୍ଭବ ନଥିଲା । ମୋ ଉପରେ ରାଜନୀତିର ରଙ୍ଗ ଚଢ଼ି ଯାଇଥିବାରୁ ମୁଁ କାହାକୁ ବିଶ୍ୱାସ କରି ପାରୁନଥିଲି । ପୁଣି ନିଜ ଭିତରେ ବିଚାର ବିମର୍ଷ କରି ୨ ମଈ ୨୦୧୨ ରେ ଆମ୍ଭେ ତିନି ଜଣ ନାମ ଉପଦେଶ ନେଲୁ ତଥା ଗୁରୁଜୀଙ୍କ ଦର୍ଶନ ପାଇଁ ଗଲୁ । ଆମ୍ଭ ଉପରେ

କୃପାଦୃଷ୍ଟି ପକାଇବା ପାଇଁ ଦୟାର ସାଗର ସତେ ଯେମିତି ସେଠାରେ ପ୍ରସ୍ତୁତ ହୋଇ ଛିଡ଼ା ହୋଇଥିଲେ । ନିଜ ରୋଗ ବିଷୟରେ ମୁଁ କହିବା ଆରମ୍ଭ କରିବା ମାତ୍ରେ ସଦଗୁରୁଦେବ କହିଲେ "ସବୁ ଠିକ୍ ହୋଇଯିବ"। ମୋ ମୁଣ୍ଡ ଉପରେ ହାତ ରଖି ଆର୍ଶୀବାଦ ଦେଲେ ଏବଂ ମୋ ସହିତ ଚମତ୍କାର ଘଟିଗଲା । ସକାଳେ ଶୌଚ କରିବା ସମୟରେ ପାଇଖାନାରେ କିଛି ରକ୍ତ ପଡ଼ିବା ସହିତ ଭାବନ୍ତୁ ଭଗନ୍ଦର ସମ୍ପୂର୍ଣ୍ଣ ସମାପ୍ତ ହୋଇଗଲା । ଆଶ୍ରମରେ ଦୁଇଦିନ ରହିବା ପରେ କ୍ରୋନିକ୍ ବ୍ରୋଙ୍କାଇଟିସ୍ ପ୍ରାୟ ୮୦ ପ୍ରତିଶତ ଠିକ୍ ହୋଇଗଲା ଯାହା ଏବେ ସମ୍ପୂର୍ଣ୍ଣ ଠିକ୍ ହୋଇଯାଇଛିଫା ଏକ ମାସ ଦୁଇ ମାସ ଅନ୍ତରାଳରେ କେବେ-କେବେ କାଶ ହୋଇଥାଏ । ପତ୍ନୀର ଆଣ୍ଠୁରୋଗ ମଧ୍ୟ ଠିକ୍ ହୋଇଗଲା । ଘରକୁ ଆସିବା ପରେ କାଠମାଣ୍ଡୁର ସେହି ହସ୍ପିଟାଲକୁ ଯାଇ ତାଙ୍କ ଆଖିର ପୁନଃ ପରୀକ୍ଷଣ କରାଇବା ସମୟରେ ଡାକ୍ତର ଆଶ୍ଚର୍ଯ୍ୟ ଚକିତ ହୋଇଗଲେ କାରଣ ଜଳବିନ୍ଦୁ ପରି କୌଣସି ରୋଗର ଚିହ୍ନବର୍ଣ୍ଣ ତାଙ୍କ ଆଖିରେ ନଥିଲା ଏବଂ ଆଖି ସମ୍ପୂର୍ଣ୍ଣ ଠିକ୍ ଥିଲା ।

ମୋ ରୋଗ ମୁକ୍ତି କଥା(ଚମତ୍କାର) ପରିବାର, ବନ୍ଧୁ ବାନ୍ଧବ, ପଡ଼ୋଶୀ ସମେତ ଚାରିଆଡ଼େ ବ୍ୟାପିଗଲା । ମୋ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ କୌଣସି ନା କୌଣସି ରୋଗରେ ପୀଡିତ ଥିଲେ । ଯେପରି ମୋ ବଡ଼ ଭାଇ ନିଜେ ଜଣେ ଡାକ୍ତର ଥିଲେ କିନ୍ତୁ ତାଙ୍କ ସାରା ଶରୀର ଫୁଲି (Swelling) ଯାଉଥିଲା । ମୋ ଝିଅକୁ ମାସିକ ଧର୍ମ (ଋତୁଶ୍ରାବ) ସମୟରେ ଅସାଧ ପେଟ ଯନ୍ତ୍ରଣା ହେଉଥିଲା । ମୋ ଦ୍ୱିତୀୟ ଝିଅ ଯିଏ ପେଶାରେ ଜଣେ ଓକିଲ, ସେ ସାଇଟିକା ଓ ସ୍ପାଇନାଲ କର୍ଡ ସମସ୍ୟା ଯୋଗୁଁ ଜୀବନ ପ୍ରତି ନିରାଶ ହୋଇ ସାରିଥିଲା ତଥା ମୋ ଭଉଣୀର ପତି ମଧ୍ୟ ଜଳବିନ୍ଦୁ ରୋଗରେ ପୀଡିତ ଥିଲେ । ମୋ ଉପରେ ସଦଗୁରୁ ଦେବଙ୍କର କୃପାଦୃଷ୍ଟି ଦେଖି ସେମାନେ ସମସ୍ତେ ପ୍ରଭାବିତ ହେଲେ । ସେତେବେଳକୁ ଆଶ୍ରମର ନିୟମ ଓ ଭକ୍ତି ମର୍ଯ୍ୟାଦା ସହିତ ମୁଁ ଅଳ୍ପ ବହୁତ ପରିଚିତ ହୋଇଯାଇଥିଲି । "ଜ୍ଞାନଗଙ୍ଗା" ପୁସ୍ତକ ଭଲ ଭାବେ ପଢିବା ପାଇଁ ସମସ୍ତଙ୍କୁ ମୁଁ ଅନୁରୋଧ କଲି । ଦ୍ୱିତିୟଥର ଯେତେବେଳେ ମୁଁ ଆଶ୍ରମକୁ ଆସିଲି ସେତେବେଳେ ସମସ୍ତଙ୍କୁ ସାଙ୍ଗରେ ନେଇଆସିଲି । ନାମ ଉପଦେଶ ନେବା ପାଇଁ ସେମାନଙ୍କର କୌଣସି ଦ୍ୱିଧା ନଥିଲା । ସମସ୍ତେ ନାମ ଉପଦେଶ ନେଲେ ଏବଂ ବିଶ୍ୱାସର ସହିତ ଭକ୍ତି କଲେ । ଆଜି ସମସ୍ତେ ରୋଗମୁକ୍ତ ହୋଇ ସୁଖୀ ଜୀବନ ବିତାଉଛନ୍ତି ।

ସଦଗୁରୁ ରାମପାଲ ଜୀ ମହାରାଜ, ପୂର୍ଣ୍ଣ ପରମାତ୍ମାଙ୍କର କେବଳ ପ୍ରତିରୂପ ନୁହଁନ୍ତି, ସେ ହିଁ "ପୂର୍ଣ୍ଣ ପରମାତ୍ମା" ଅଟନ୍ତି, ଯିଏ ନିଜକୁ ଲୁଚାଇ ରଖିଛନ୍ତି ଏବଂ ନିଜକୁ "ପୂର୍ଣ୍ଣ ପରମାତ୍ମାଙ୍କର ଦାସ"ବୋଲି କହୁଛନ୍ତି ଏବଂ ଏହି ଧରିତ୍ରୀରେ ଫସି ରହିଥିବା ଜୀବମାନଙ୍କୁ ବନ୍ଧନ ମୁକ୍ତ କରି ସତ୍‌ଲୋକ ନେଇଯିବା ପାଇଁ ଆସିଛନ୍ତି । ଆମ୍ଭ ସଦଗ୍ରନ୍ଥରେ ମଧ୍ୟ ପ୍ରମାଣ ଅଛି ଯେ କଳିଯୁଗ ପାଞ୍ଚ ହଜାର ପାଞ୍ଚଶହ ପାଞ୍ଚବର୍ଷ ବିତିଯିବା ପରେ ତ୍ରାଣକର୍ତ୍ତା ସନ୍ଥ ଜଗତ ତାରଣ ପାଇଁ ଏହି ଧରିତ୍ରି ପୃଷ୍ଠରେ ପ୍ରକଟ ହେବେ ।

"କବୀର, ପାଞ୍ଚ ହଜାର ଅରୂ ପାଞ୍ଚ ସୌ ପାଞ୍ଚ ଜବ କଲିଯୁଗ ବୀତ ଯାଏ

ମହାପୁରୁଷ ଫରମାନ ତବ୍ ଜଗ ତାରଣ କୋ ଆଏ ॥"

ପ୍ରଭୁପ୍ରେମୀ ଭକ୍ତଗଣ! ସମୟ ଆସିଯାଇଛି, ପୂର୍ଣ୍ଣସନ୍ଥ ମଧ୍ୟ ଆସି ଯାଇଛନ୍ତି ଏବଂ ଜ୍ଞାନର ଅମୃତ ବର୍ଷା କରୁଛନ୍ତି । ବର୍ତ୍ତମାନର ସମସ୍ତ ନକଲୀ ସନ୍ଥ ମହନ୍ତ ରୂପୀ ଠକଙ୍କଠାରୁ ନିଜକୁ ବଞ୍ଚାନ୍ତୁ ଏବଂ ଶୀଘ୍ର ସଦଗୁରୁଙ୍କ ଚରଣକୁ ଆସି ନିଃଶୁଳ୍କ ନାମ ଉପଦେଶ ନେଇ ନିଜର କଲ୍ୟାଣ କରାନ୍ତୁ ଏବଂ ପୂର୍ଣ୍ଣମୋକ୍ଷ ପ୍ରାପ୍ତ କରନ୍ତୁ । ॥ ସତ୍ ସାହେବ୍ ॥

କେଶବ ପ୍ରସାଦ ମୈନାଲୀ (ଦାସ)

କାଠମାଣ୍ଡୁ (ନେପାଳ)

ଫୋନ ନଂ + ୦୦୯୭୭-୯୮୪୧୮୯୨୫୮୩

◆◆◆

➢ ସତ୍‌ଲୋକ ଆଶ୍ରମ ତରଫରୁ ପ୍ରକାଶିତ ଅନ୍ୟ ପୁସ୍ତକ (ଆଧ୍ୟାତ୍ମିକ ଜ୍ଞାନ ଗଙ୍ଗା, ଜ୍ଞାନ ଗଙ୍ଗା, ଗହରୀ ନଜର ଗୀତା ମେଁ, ଗୀତା ତେରା ଜ୍ଞାନ ଅମୃତ, ସୃଷ୍ଟି ରଚନା ସମ୍ପୂର୍ଣ୍ଣ, ମାନବିକତାକା ହ୍ରାସ ତଥା ବିକାଶ ଇତ୍ୟାଦି ଆମ୍ଭ ୱେବସାଇଟ୍ (www.jagatgururampalji.org.)ରୁ ଡାଉନ୍‌ଲୋଡ କରିପାରିବେ ।